
# ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟଂ

## ପ୍ରଥମ ଖଣ୍ଡ ( କର୍ମ ତତ୍ତ୍ୱ)







## ୰ନାରାୟଣ ମିଶ୍ର(୧୯୧୨-୨୦୦୪)ଧର୍ମପତ୍ନୀଶ୍ରୀମତୀ ପଙ୍କଜ ଦେବୀ(୧୯୩୫ ଆଶ୍ୱିନ ଶୁକ୍ଳ ଦଶମୀ)

## ସମର୍ପଣ

ସ୍ୱର୍ଗନିବାସୀ ନିତ୍ୟ ନମସ୍ୟ ପିତୃଦେବ ୰ନାରାୟଣ ମିଶ୍ରଙ୍କ ଆଶୀର୍ବାଦ ଏବଂ ସ୍ନେହମୟୀ  ଜନ୍ମଦାତ୍ରୀ ଶ୍ରୀମତୀ ପଙ୍କଜ ଦେବୀଙ୍କ ଠାରୁ ଆଶିଷ ଭିକ୍ଷା କରି ଅବତାରୀ ପୁରୁଷ ଭଗବାନ ଶ୍ରୀକୃଷ୍ଣଙ୍କ ଜ୍ଞାନ ପ୍ରସାଦ ରୂପରେ ଏହି ପୁସ୍ତକଟିକୁ ସଂସାର ହିତରେ  ଉପଯୋଗ ନିମିତ୍ତ ଅର୍ପଣ କରୁଛି । ଈଶ୍ୱର ବିଶ୍ୱାସ ଓ ଶ୍ରଦ୍ଧା ସର୍ବୋପରି ଭାବରେ ପୂଜ୍ୟ ଗୁରୁଦେବ ସ୍ୱାମୀ ଚିଦାନନ୍ଦ ମହାରାଜଙ୍କ ଉପଦେଶ ଦ୍ୱାରା ଅନୁପ୍ରାଣିତ ହୋଇ, ଅମୃତମୟ ଗୀତାବାକ୍ୟକୁ ଦୀର୍ଘ ତିରିଶି ବର୍ଷ  ଜୀବନ ପର୍ଯ୍ୟାୟରେ ପ୍ରୟୋଗ ଦ୍ୱାରା ଯେଉଁ ଅନୁଭବ, ତାହାକୁ ନିଜର ସୀମିତ ଜ୍ଞାନରେ ଅର୍ଥବୋଧ କରି ଏବଂ ଅନେକ ଗୀତା ଟୀକାକାରଙ୍କ ମାର୍ମିକ ବ୍ୟାଖ୍ୟାକୁ ଉପସ୍ଥାପନ କରାଯାଇଅଛି ।  ବାସ୍ତବ କର୍ମମୟ ଜୀବନରେ କର୍ମ କିପରି ଆତ୍ମା ଉଦ୍ଧାର କରିବାରେ କାରଣ ହୋଇପାରେ ଏବଂ କର୍ମ କିପରି ବନ୍ଧନ କାରକ ନ'ହୋଇ  ସଂସାରର ଦୁଃଖ ଯନ୍ତ୍ରଣାରୁ ମୁକ୍ତିଦିଏ, ଭଗବାନ କହିଥିବା କଥାକୁ ସାଧକ, ଭଗବତ୍ ପ୍ରେମୀଙ୍କ ସହଜ ବୋଧଗମ୍ୟ ହେଲାଭଳି କେବଳ ସରଳୀକରଣ କରିବାର ପ୍ରଚେଷ୍ଟା ହୋଇଅଛି  ।  ଜ୍ଞାନ ଯଜ୍ଞ ପ୍ରସାଦ ରୂପରେ ଏହା ସଂସାର କଲ୍ୟାଣରେ ଲାଗିବା ପାଇଁ ଭଗବାନଙ୍କ ନିକଟରେ  ଏ ଅକିଞ୍ଚନ ସେବକର  ବିନମ୍ର  ପ୍ରାର୍ଥନା । କାଳର  ଗର୍ଭରେ କୌଣସି  ବସ୍ତୁର ନିଶ୍ଚିତତା ନାହିଁ  ।  ଏହି ପୁସ୍ତକ ଟି " ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟମ୍ "  ପ୍ରଥମ ଖଣ୍ଡ   ( କର୍ମ ତତ୍ତ୍ୱ ) ନାମରେ ପ୍ରକାଶିତ  ହେଉଛି । କାଳ ପ୍ରଭାବର ଅନିଶ୍ଚିତତା  କାରଣରୁ" ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟମ୍ " ର   ଦ୍ୱିତୀୟ ଖଣ୍ଡ ( ଭକ୍ତି ତତ୍ତ୍ୱ   ) ଏବଂ  ତୃତୀୟ ଖଣ୍ଡ (  ଆତ୍ମ-ପରମାତ୍ମା ଜ୍ଞାନ ତତ୍ତ୍ୱ ) ର  ସମ୍ପୂର୍ଣ୍ଣକୁ ଅପେକ୍ଷା ନ'କରି  ପ୍ରଥମ ଖଣ୍ଡ ( କର୍ମ ତତ୍ତ୍ୱ) ପ୍ରକାଶ ପାଉଛି  ।  ପ୍ରସ୍ତୁତି ଚାଲିଥିବା ଦ୍ୱିତୀୟ ଖଣ୍ଡ (ଭକ୍ତି ତତ୍ତ୍ୱ) ଏବଂ ତୃତୀୟ ଖଣ୍ଡ (ଆତ୍ମା-ପରମାତ୍ମା ତତ୍ତ୍ୱ)ର  ପୂର୍ଣ୍ଣ ରୂପରେଖ କେବେ , "ସେ" ପରମେଶ୍ୱର  ହିଁ ଜାଣିଛନ୍ତି ।  ସଂସାର ସକଳ ପ୍ରାଣୀଙ୍କ ମଙ୍ଗଳ ହେଉ  ।   ଭଗବାନଙ୍କର ଇଚ୍ଛା ପୂର୍ଣ୍ଣ ହେଉ । ଓଁ ତତ୍ ସତ୍ ।






କଟକ   ତା ୦୭-୦୬-୨୦୧୯

ସୁଦର୍ଶନ ମିଶ୍ର          ଅରୁନ୍ଧତି ମିଶ୍ର

# ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟଂ -- ପ୍ରଥମ ଖଣ୍ଡ ( କର୍ମ ତତ୍ତ୍ୱ)






## ପ୍ରଥମ ଖଣ୍ଡ (କର୍ମ ତତ୍ତ୍ୱ)

ଶ୍ରୀ ଶ୍ରୀ ଶ୍ରୀ ଦଣ୍ଡେଶ୍ୱର ମହାପ୍ରଭୁଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ (୧୯୯୩ ଅପ୍ରିଲ ମାସ ) ଏକ କର୍ମ ନିଷ୍ଠାପର ସହୃଦୟ ସମ୍ପନ୍ନ ଆତ୍ମନ୍ ସ୍ୱର୍ଗତ ହରିବନ୍ଧୁ ନାୟକଙ୍କ ଏହି ୧୦୦ ଶ୍ଳୋକ ବିଶିଷ୍ଟ ତତ୍ତ୍ୱବୋଧଶୀଳ ଭଗବଦ୍ ଗୀତାର ପାଣ୍ଡୁଲିପି ତାଙ୍କ ସୁପୁତ୍ର ଶ୍ରୀ ପ୍ରକାଶ ଚନ୍ଦ୍ର ନାୟକ ଯେ'କି କୋଦଳା ସ୍ୱର୍ଣ୍ଣମୟୀ ହାଇସ୍କୁଲର ଅବସର ପ୍ରାପ୍ତ ଶିକ୍ଷକ ଥିଲେ, ତାହାଙ୍କ ନିକଟରୁ ପ୍ରାପ୍ତ ହୋଇଥିଲା । ଦୀର୍ଘ ୨୪ ବର୍ଷର ଅନୁଭୂତି ଓ ସାଧନାକୁ ଆଧାର କରି ଏହି "**ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟଂ**" ର କଳେବରକୁ ସଜାଡି ଓ ନିଜର ସୀମିତ ଜ୍ଞାନର ସହାୟତାରେ ପରିବର୍ଦ୍ଧିତ କରିବାର ପ୍ରଚେଷ୍ଟାର ଏଇ ମାତ୍ର ଅୟାରମ୍ଭ ।

ସର୍ବ ପ୍ରଥମେ ପରମପୂଜ୍ୟ ଗୁରୁଦେବ ଶ୍ରୀ ଶ୍ରୀ ଶିବାନନ୍ଦ ମହାରାଜ, ପୁଜ୍ୟ ଗୁରୁଦେବ ଶ୍ରୀ ଶ୍ରୀ ଚିଦାନନ୍ଦ ମହାରାଜ ଏବଂ ସର୍ବୋପରିଭାବେ ସଚ୍ଚିଦାନନ୍ଦଘନ ପରମ ପୁରୁଷ,ପରମାର୍ଥ, ସର୍ବବ୍ୟାପୀ, ସର୍ବଦ୍ରଷ୍ଟା , ସର୍ବଜ୍ଞ, ପରମବ୍ରହ୍ମ. ପୁରୁଷୋତ୍ତମ , ପତିତପାବନ, ଶଙ୍ଖ,ଚକ୍ର , ଗଦା , ପଦ୍ମଧାରୀ, ଅନ୍ତର୍ଯାମି, ଅନ୍ତଃଶକ୍ତି ପ୍ରଦାୟକ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ କୋଟି କୋଟି ବିନମ୍ର ପ୍ରଣାମ ଜଣାଇ ଏହି ଆତ୍ମନ୍ ଅପାର କୃପା ଭିକ୍ଷା କରୁଛି । ତା'ପରେ ଏହି ପ୍ରୟାସର ରୂପାୟନ ନିମନ୍ତେ ସମସ୍ତ ଗୁରୁଜନ, ସମସ୍ତ ମାନବ ସମାଜ, ନାରାୟଣ ସ୍ୱରୂପ ସମସ୍ତ ଇତର ପ୍ରାଣୀ, ଜଡ, ସ୍ଥାବର, ଜଙ୍ଗମ , ସତ୍, ଅସତ୍ ଓ ସମଗ୍ର ବିଶ୍ୱର ଅଣୁ ପରମାଣୁ ସ୍ଥିତ ଶକ୍ତିର ଅପାର କରୁଣା ନିମନ୍ତେ କୃପା ଭିକ୍ଷା ଜଣାଉଛି ।

ଏହି ପାଣ୍ଡୁଲିପି ର ହସ୍ତାନ୍ତର ପରେ ମୋର ଶିକ୍ଷକ ଥିବା ସେହି ପୁଜ୍ୟ ପ୍ରକାଶ ଚନ୍ଦ୍ର ନାୟକଙ୍କ ଠାରୁ ପାଇଥିବା ୯ ଗୋଟି ପତ୍ର ଗୀତା ସାଧନା ରତ ନିମନ୍ତେ ମୋ ପାଇଁ ଅନେକ ପ୍ରେରଣାର ଉତ୍ସ ହୋଇ ଆସିଅଛି । ପରଲୋକଗତ ସେହି ମହାନ୍ ଆତ୍ମାଙ୍କୁ ମୋର ବିନମ୍ର ପ୍ରଣାମ ।

ବିଗତ ୨୪ ବର୍ଷର ବୃତ୍ତିଗତ ଓ ପାରିବାରିକ କର୍ମମୟ ଜୀବନ ଧାରାରେ , ଶ୍ରୀମଦ୍ ଭଗବତ୍ ଗୀତା ଉପଦେଶ ପ୍ରୟୋଗର ଅଭିଜ୍ଞତା ହିଁ ଏହି ରୂପ ରେଖର ମୂଳ ଆଧାର । ଏଥି ନିମନ୍ତେ ଅଭିଜ୍ଞତାର ସମସ୍ତ ଅଂଶୀଦାରଙ୍କୁ ମୋର ବିନମ୍ର ପ୍ରଣାମ ।

ଏହି ପ୍ରଚେଷ୍ଟାର ସଫଳତା ପାଇଁ ମୋର ପୁଜ୍ୟ ପିତା ସ୍ୱର୍ଗତ ନାରାୟଣ ମିଶ୍ର , ଯେକି ଏକ ସଙ୍ଗରେ ଏହି ଭୌତିକ ଶରୀରର ସୃଷ୍ଟିକର୍ତ୍ତା ଏବଂ ଇଷ୍ଟ ନାମଧାରୀ , ପୁଜ୍ୟା ମାତା ଶ୍ରୀମତୀ ପଙ୍କଜ ଦେବୀଙ୍କ ଆଶିର୍ବାଦ ଭିକ୍ଷା କରୁଅଛି । ପରିଶେଷରେ ପରିବାରର ସମସ୍ତ ସଦସ୍ୟ ଓ ବିଶେଷ କରି ମୋର ସହଧର୍ମିଣୀ ଅରୁନ୍ଧତିଙ୍କ ସହଯୋଗ ଏକାନ୍ତ କାମ୍ୟ ।

ଓଁ ତତ୍ ସତ୍

ଶରୀରଧାରୀ ଆତ୍ମନ୍ (ନାମ: ସୁଦର୍ଶନ ମିଶ୍ର)
କନିସି ତା ୦୧.୦୧. ୨୦୧୭

## ମୁଖବନ୍ଧ

ଶୂନ୍ୟମୟ ଅଭୂତପୂର୍ଣ୍ଣ ବିଶାଳ ସୁନ୍ଦର ପୃଥିବୀଟି କେଉଁ ଅନନ୍ତ କାଳରୁ ତୃଟିହୀନ ମନ୍ତ୍ରର ନିରନ୍ତନତା ଗତିରେ ଗତିଶୀଳ । ବାସ୍ତବରେ ଏହା ଏକ ଆଶ୍ଚର୍ଯ୍ୟର କଥା ନୁହେଁ କି ? ମାନବର ଦିବ୍ୟତା ପୂର୍ଣ୍ଣ ବିଚାର ଶକ୍ତି ଭଣ୍ଡାରରୁ ମଧ୍ୟ ଏହା ଉର୍ଦ୍ଧ୍ୱରେ । ପ୍ରତ୍ୟେକ ଗତିଶୀଳ ବସ୍ତୁର ଅନ୍ତରାଳରେ ଏକ ଐଶ୍ୱରୀକ ଶକ୍ତିର ଇଚ୍ଛା ହିଁ ତାହାକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇଥାଏ । ସଦା କ୍ରିୟମାଣଶୀଳ ସଂସାରର ମୂଳ ଉଦ୍ଦେଶ୍ୟ କଣ ହୋଇପାରେ ? ସଂପୂର୍ଣ୍ଣ ଜଗତର ମଙ୍ଗଳମୟ ହିଁ ଏହି ଐଶ୍ୱରୀକ ଶକ୍ତିର ଉଦ୍ଦେଶ୍ୟ । ଦୁଇ ହାତର ତାଳିରେ ହିଁ ଶବ୍ଦ ଉତ୍ପନ୍ନ ହେଲାଭଳି, ମଙ୍ଗଳମୟ ମଧ୍ୟ ଦୁଇ ଶକ୍ତିର ସଂଯୋଗରେ ହୋଇଥାଏ । ତାହା : ଗୋଟିଏ ଦୈବି ଶକ୍ତିର ଆଶୀର୍ବାଦ ଓ ଅନ୍ୟଟି ପୁରୁଷାର୍ଥ ଭାବରେ ମାନବୀୟ ଧର୍ମର ଆନୁଗତ୍ୟତା ଓ ନିଷ୍ଠାପରତା । ସଂସାରରେ କିଛି ମନୁଷ୍ୟ ଜନ୍ମ ନେଇଥାନ୍ତି, ସେହିମାନେ ଈଶ୍ୱରଭିମୁଖୀ ହୋଇ ସଂସାର ହିତ କର୍ମକୁ ଜୀବନ ସ୍ରୋତର ପରମ ଧର୍ମ ମାନିନେଇଥାନ୍ତି । ସୃଷ୍ଟି ପରିଚାଳନରେ ମାନବୀୟ ଧର୍ମକୁ ରକ୍ଷା କରିବାକୁ ଯାଇ ଅନାସକ୍ତଭାବରେ ଶ୍ରଦ୍ଧା ଓ ନିଷ୍ଠାର ସହିତ କର୍ତ୍ତବ୍ୟ ପରାୟଣା ହୋଇଥାନ୍ତି । ସେଥିପାଇଁ ହିଁ ଏହି ଐଶ୍ୱର୍ଯ୍ୟମୟ ପୃଥିବୀ ଟି ଶୂନ୍ୟତାରେ ଅନାଦିକାଳରୁ ଅବିରାମ ଗତିରେ ଘୂରିବୁଲିବାକୁ ସକ୍ଷମ ହୋଇଆସିଛି ।

ସେହିଭଳି ଜଣେ ଭଗବଦ୍ ଦର୍ଶନାଭିଳାଷି ପ୍ରଯତ୍ନଶୀଳ ବ୍ୟକ୍ତି ସୁଦର୍ଶନ ମିଶ୍ର , ନିଜ ପିତା-ମାତା ଦେଇଥିବା ନାମକୁ ସାର୍ଥକ କରିବା ଲକ୍ଷ୍ୟରେ ଜୀବନ ପର୍ଯ୍ୟାୟର ଆରମ୍ଭ କାଳରୁ ଶ୍ରୀମଦ୍ ଭଗବଦ୍ ଗୀତାକୁ ପାଥେୟ କରି ଜୀବନ ଶୈଳୀ ନିର୍ମାଣର ପ୍ରଚେଷ୍ଟା ଜାରି ରଖିଛନ୍ତି । ପରିବାର ପ୍ରତି କର୍ତ୍ତବ୍ୟ ନିଷ୍ଠା, ମାନବ ସେବାକୁ ମାଧବ ସେବାର ମନୋବୃତ୍ତି ରଖି ପରପୋକାର, ଯଜ୍ଞାନୁଷ୍ଠାନ, ମନ୍ଦିର ନିର୍ମାଣ ,ସାଧୁ ସନ୍ଥ ସେବା ଆଦି କାର୍ଯ୍ୟରେ ସଂଶ୍ଳିଷ୍ଟ ରହି ଅନାସକ୍ତ ଭାବରେ ସରଳ ଜୀବନ ଅତିବାହିତ କରିବାର ପ୍ରୟାସ, ନିଶ୍ଚିତ ଦିନେ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବ । ମନୁଷ୍ୟ ଜନ୍ମରେ ଭଗବତ୍ କୃପା ହେଲେ ହିଁ ଜୀବନରେ ସଦ୍- ଗୁରୁ ପ୍ରାପ୍ତ ହୋଇ ଆଧାତ୍ମିକ ମାର୍ଗ ଉନ୍ମୁକ୍ତ ହୋଇଥାଏ । ଦିବ୍ୟଜୀବନ ସଙ୍ଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଦର୍ଶନ ତତ୍ତ୍ୱରେ ଅନୁପ୍ରାଣିତ ହୋଇ ଓ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କଠାରୁ ୧୯୮୯ ରେ ମନ୍ତ୍ରଦୀକ୍ଷା ନେଇ, ଦୀର୍ଘ ୩୦ ବର୍ଷ ଗୀତା ସାଧନର ଫଳ ସ୍ୱରୂପ ସଂସାର କଲ୍ୟାଣାର୍ଥେ ଏହି " ସର୍ବ ଧର୍ମ ସମନ୍ୱୟ ଗୀତା ହୃଦୟମ୍" ସଂକଳନ ତାଙ୍କରି ପ୍ରଚେଷ୍ଟାରେ ସାକାର ହୋଇପାରିଛି । ଭାରତୀୟ ଷ୍ଟେଟ ବ୍ୟାଙ୍କର ଜଣେ ମୁଖ୍ୟ ପରିଚାଳକ କାର୍ଯ୍ୟକର୍ତ୍ତା ରୂପରେ ବ୍ୟସ୍ତବହୁଳ ବୃତ୍ତିଗତ ଜୀବନରେ ହେଉ, କିମ୍ବା ପ୍ରାରବ୍ଧ କାରଣରୁ ସାଂସାରିକ ଜୀବନରେ ବହୁ ବାଧାବିଘ୍ନ ସତ୍ତ୍ୱେ , ସେ' ଗୀତା ସାଧନ ମାର୍ଗରୁ ବ୍ୟୁତ୍ଥାନ ହୋଇନାହାନ୍ତି , ବରଂ ଭଗବାନ ଶ୍ରୀକୃଷ୍ଣଙ୍କ ଗୀତାପୋଦେଶକୁ ଆଧାୟ କରି ବ୍ୟକ୍ତିଗତ ଜୀବନଠାରୁ ଆରମ୍ଭକରି, ସାମାଜିକ ଓ ବୃତ୍ତିଗତ କ୍ଷେତ୍ରରେ ଅନେକ ଅନୁଭୂତି ପ୍ରାପ୍ତ ହୋଇଛନ୍ତି । ଭଗବାନଙ୍କର ବରଦାନ ସ୍ୱରୂପ, ସମସ୍ତ ପରିସ୍ଥିତିରେ ପ୍ରେରଣାର ଉତ୍ସ ହୋଇ, ଲକ୍ଷ୍ୟକୁ ସାକାର କରିବାରେ ପତ୍ନୀ ଅରୁନ୍ଧତିଙ୍କ ଅବଦାନ ନିଷ୍ଠାପର ଭାବରେ ପତ୍ନୀଧର୍ମ ପାଳନର ଉଦାହରଣ । ଏକ ସେବାପରାୟଣ ଅନୁଷ୍ଠାନ ପ୍ରତିଷ୍ଠା ପରିପ୍ରେକ୍ଷୀରେ ତାଙ୍କରି ସହିତ ମୋର ପୂର୍ବର ସମ୍ୟକ ସାକ୍ଷାତ ମିତ୍ରରୂପରେ ଦୃଢୀଭୂତ ହୋଇଛି । ତାହା ମଧ୍ୟ ଭଗବାନଙ୍କ ଏକ ଅଦ୍ଭୁତ ସଂଯୋଗ ଥିଲା । ତାଙ୍କରି ଶିକ୍ଷାଗୁରୁଙ୍କ ଠାରୁ ପ୍ରାପ୍ତ ହୋଇଥିବା ଏହି ମହାନ୍ ଗୀତା ଗ୍ରନ୍ଥର ପାଣ୍ଡୁଲିପିର କଳେବରକୁ ବର୍ଦ୍ଧିତ କରି, ଅତି ସରଳ ଭାବରେ ଅର୍ଥକୁ ବ୍ୟାଖ୍ୟାକରି ବ୍ୟବହାରିକ ଜୀବନରେ ପ୍ରୟୋଗ କରିବାର ଶୈଳୀକୁ ଦୃଷ୍ଟିରେ ରଖି ଉପସ୍ଥାପନା କରାଯାଇଛି । ଅବଶିଷ୍ଟ "ସର୍ବଧର୍ମ ସମନ୍ୱୟ ଗୀତା ହୃଦୟମ୍" ର ଦ୍ୱିତୀୟ ଖଣ୍ଡ(ଭକ୍ତି ତତ୍ତ୍ୱ) ଓ ତୃତୀୟ ଖଣ୍ଡ ( ଆତ୍ମା-ପରମାତ୍ମା ତତ୍ତ୍ୱର)ର ଅତି ଶୀଘ୍ର ପୂର୍ଣାଙ୍ଗ ରୂପ ରେଖ ନିମନ୍ତେ ଭଗବାନଙ୍କ ଠାରେ ପ୍ରାର୍ଥନା ଜଣାଉଛି । " ଲୋକାଃ ସମସ୍ତା ସୁଖିନୋ ଭବନ୍ତୁ । "

**କନିସି ତା ୧୮-୧୦-୨୦୧୯ ପ୍ରତାପ ଚନ୍ଦ୍ର ପାତ୍ର (ଆର୍ଟ ଆଫ ଲିଭିଂ ସ୍ୱୀକୃତୀ ପ୍ରାପ୍ତ ପ୍ରଶିକ୍ଷକ)**

**ଓଁ**

**ପୂର୍ଣ୍ଣମଦଃ ପୂର୍ଣ୍ଣମିଦମ୍ ପୂର୍ଣ୍ଣାତ୍ ପୂର୍ଣ୍ଣମଦୋଚ୍ୟତେ ।**
**ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବା ବଶିସ୍ୟତେ ।।**

ଏହି ଜୀବାତ୍ମା ,ଯାହାକି ଜୀବର ସ୍ୱଭାବ ବା ସୀମିତ ସ୍ୱରୁପ ଏହା ସମ୍ପୂର୍ଣ୍ଣ ଅଟେ । କାରଣ ଆତ୍ମାର ସ୍ଥିତି ନିରାକାର ଓ ଅବିନାଶୀ ଯୋଗୁଁ ଏହା ବିକାର ବା ଅଂଶ ନୁହେଁ । ଏହି ସୀମିତ ସ୍ୱରୂପରେ ସ୍ଥିତ ରହି ଯେଉଁ ଅସୀମ ସ୍ୱରୂପର ବିଶ୍ୱାସ ବା ପରାନୁଭୂତି ସୃଷ୍ଟି କରାଏ ତାହା ଆଧ୍ୟାତ୍ମ ଏବଂ ସେହି ଆଧ୍ୟାତ୍ମ ମଧ୍ୟ ସମ୍ପୂର୍ଣ୍ଣ ଅଟେ । ଏହି ସ୍ୱଭାବ ବା ଆଧ୍ୟାତ୍ମ ଅପରୋକ୍ଷ ଅନୁଭୂତି ପରମାତ୍ମାଙ୍କ ପରିପ୍ରକାଶ । ଅର୍ଥାତ୍ ଇଏ ପୂର୍ଣ୍ଣ , ସିଏ ପୂର୍ଣ୍ଣ ଏବଂ ପୂର୍ଣ୍ଣରୁ ପୂର୍ଣ୍ଣ ପ୍ରକାଶ ପାଇଛି । ପୂର୍ଣ୍ଣରୁ ପୂର୍ଣ୍ଣ ଯାଇ ପୁଣି ପୂର୍ଣ୍ଣ ରହିଛି । ବେଦର ଏହି ପ୍ରତିଷ୍ଠିତ ବ୍ରହ୍ମ ଓ ଆତ୍ମା ଧାରଣା ଗୀତାର ତତ୍ତ୍ୱବସ୍ତୁ ଅଟେ । ଜୀବାତ୍ମାର ପରମାତ୍ମାଙ୍କଠାରେ ଲୀନ ହେବା ଓ ପୁନର୍ଜନ୍ମ ପ୍ରାପ୍ତ ନ'ହେବା ଜୀବର ମୂଳଲକ୍ଷ୍ୟ । ଶରୀରଧାରୀ ଜୀବାତ୍ମା ଠାରେ ପ୍ରକୃତିର ତାଡନାରେ ଉପଜାତ ହେଉଥିବା କର୍ମ ମଧ୍ୟ ଛାଡିବାର ବିଷୟ ନୁହେଁ । ଶରୀରରେ ଅଧିଯଜ୍ଞ ରୂପେ ପ୍ରତିଷ୍ଠିତ ପରମାତ୍ମାଙ୍କ ଧ୍ୟାନ ମଧ୍ୟ ଛାଡିବା ବିଷୟ ନୁହେଁ । ଏହି ପରମାତ୍ମାଙ୍କ ଧ୍ୟାନ ଓ ପ୍ରକୃତିରୁ ସୃଷ୍ଟି ହେଉଥିବା କର୍ମ ମଧ୍ୟରେ ସମନ୍ୱୟ ରଖିପାରିଲେ ଜ୍ଞାନର ଉଦ୍ଭବ ହୋଇଥାଏ । ସେହି ଆତ୍ମଜ୍ଞାନ, ଆତ୍ମାର ପରମାତ୍ମା ସହିତ ଲୀନ ହେବାରେ ସହାୟକ ହୋଇଥାଏ । ତେଣୁ ଆତ୍ମା ସାକ୍ଷାତ୍କାର ନିମନ୍ତେ ଧ୍ୟାନ ଓ କର୍ମ ଯୋଗର ସାଧନା ଉଦ୍ଦିଷ୍ଟ । ମାୟା ଦ୍ୱାରା ଜ୍ଞାନର ଅପହୃତ ଘଟିଥାଏ । ଫଳରେ କର୍ମ ଓ ଧ୍ୟାନ ମଧ୍ୟରେ ସମନ୍ୱୟ ରହିନ'ଥାଏ ଏବଂ ଏହା ଜୀବକୁ ଅଜ୍ଞାନ ମଧ୍ୟକୁ ଠେଲି ଦେଇଥାଏ । ଅର୍ଜୁନଙ୍କର ଭ୍ରମର କାରଣ ଓ ବିଷାଦଗ୍ରସ୍ତ ଏଥିରୁ ହିଁ ଜାତ ହୋଇଥିଲା । ଦୁର୍ଯ୍ୟୋଧନଙ୍କ ପକ୍ଷେ ଯଦିଓ ବିଷାଦ ସୃଷ୍ଟି ହୋଇଥିଲା, ସେ ଭଗବାନଙ୍କ ବିମୁଖ ହୋଇଥିବା ଯୋଗୁଁ ସେହି ବିଷାଦ ଯୋଗରୂପ ହୋଇପାରିଲା ନାହିଁ । କେବଳ ଅର୍ଜୁନଙ୍କର ବିଷାଦ ହିଁ ଭଗବାନଙ୍କର ସମ୍ମୁଖ ହେବା କାରଣରୁ "ଯୋଗ" ହୋଇପାରିଲା , ଯାହାକି ଭଗବାନଙ୍କ ସହିତ ନିତ୍ୟ ସମ୍ବନ୍ଧର ଅନୁଭବ କରାଇ ପାରିଲା ।

ଏହି ଆତ୍ମତତ୍ତ୍ୱର ଧାରଣା ଓ ପ୍ରକୃତିର ତାଡନାରେ ଅପରୋକ୍ଷ ଅନୁଭୂତି ହେଉଛି ଯୁକ୍ତ ପୁରୁଷଙ୍କ ସାଧନା । ତେଣୁ କୌଣସି ଯୁକ୍ତ ପୁରୁଷଙ୍କର ସାଧନା ଉପେକ୍ଷା କରିବାର ବସ୍ତୁ ନୁହେଁ । ସେଥିପାଇଁ ଭଗବାନଙ୍କ ଗୀତା ଉପଦେଶାନୁଯାୟୀ, ବୌଦ୍ଧ ଧର୍ମାଲମ୍ବୀ ମାନଙ୍କର ନିର୍ବାଣ ତଥା କପିଳ ମାନଙ୍କର ସାଙ୍ଖ୍ୟସାଧନା , ବୈଦିକ କର୍ମ ସାଧନର ସହାୟକ ଏବଂ ସେସବୁ ବୈଦିକ ସାଧନା ଠାରୁ କୌଣସି ମତେ ଭିନ୍ନ ନୁହନ୍ତି । ସେସବୁର ଯଥାର୍ଥ ଧାରଣା ଓ ପ୍ରୟୋଗ ଆମ ବୈଦିକ ସଂସ୍କୃତିର ଦୈନନ୍ଦିନ ଜୀବନ ପ୍ରଣାଳୀରେ ଅଙ୍ଗାଙ୍ଗୀ ଭାବେ ଜଡିତ ହୋଇ ରହିଛି । ସେଥିପାଇଁ ଭଗବାନ୍ ଶ୍ରୀକୃଷ୍ଣ ଗୀତାରେ ନିର୍ବାଣ ଶବ୍ଦକୁ ସ୍ପଷ୍ଟଭାବେ ମୁକ୍ତି ଅର୍ଥରେ ପ୍ରୟୋଗ କରି କହିଛନ୍ତି " ଶାନ୍ତିମ୍ ନିର୍ବାଣପରମାଂ ମତ୍ସଂସ୍ଥାମଧିଗଚ୍ଛତି" (୬ ଅ ୧୫ ଶ୍ଲୋକ)। ଗୀତା ଏହିପରି ତତ୍ତ୍ୱ ଓ ସାଧନାର ଏକ ମହାଗ୍ରନ୍ଥ । ଗୀତାର ପ୍ରତ୍ୟେକ ଅଧ୍ୟାୟକୁ ଗୋଟିଏ ଗୋଟିଏ ଯୋଗ ସାଧନାର ମାର୍ଗ ପ୍ରଦର୍ଶକ ରୂପେ ଗ୍ରହଣ କରି ନିଆଯାଇଛି । ଧର୍ମ ଓ ଶାସ୍ତ୍ର ଅଙ୍ଗାଙ୍ଗୀ । ଶାସ୍ତ୍ର ଅଭାବରେ ଧର୍ମର ବିଲୁପ୍ତ ଘଟିଥାଏ । ଯେଉଁ ବିଶ୍ୱାସକୁ ଆଧାର କରି ଧର୍ମ ମାର୍ଗ ଦର୍ଶାଯାଇଥାଏ, ତାହା ଲିଖିତ ଶାସ୍ତ୍ରବିନା କାଳକ୍ଷେପି ହୋଇନ'ଥାଏ ।

କାଳର ଗତିରେ ତାହାର ବିଲୁପ୍ତ ଘଟିଥାଏ । ଖ୍ରୀଷ୍ଟ ଧର୍ମର ବାଇବେଲ , ଇସଲାମ ଧର୍ମର କୋରାନ , ବୌଦ୍ଧ ମାନଙ୍କର ଦମପାଦ ଭଳି ହିନ୍ଦୁ ଧର୍ମର କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମ ଗ୍ରନ୍ଥ ନାହିଁ । ହିନ୍ଦୁ ଧର୍ମରେ ଅନେକ ନାମରେ : ଯଥା ଭଗବାନ, ରାମ, କୃଷ୍ଣ, ଜଗନ୍ନାଥ, ନାରାୟଣ ପ୍ରଭୃତି ଆମ୍ଭେମାନେ ଈଶ୍ୱରଙ୍କୁ ମାନିଥାଉ ବା ପୂଜା କରିଥାଉ । ସେପରି ଅନେକ ଦେବା ଦେବୀଙ୍କୁ ବିଭିନ୍ନ ନାମରେ ଯଥା : ଶିବ, ବ୍ରହ୍ମା,ବିଷ୍ଣୁ, ହନୁମାନ,ଗଣେଶ, ପାର୍ବତୀ,ଦୁର୍ଗା ପ୍ରଭୃତି ମୂର୍ତ୍ତି ରୂପରେ ପୂଜା କରିଥାଉ । ସେପରି ମଧ୍ୟ ଅନେକ ଧର୍ମ ଶାସ୍ତ୍ରର ଲେଖା ହିନ୍ଦୁ ଧର୍ମରେ ଦେଖିବାକୁ ମିଳେ । ବେଦ, ପୁରାଣ, ଗୀତା, ଶ୍ରୁତି, ଉପନିଷଦ ପ୍ରଭୃତି ହିନ୍ଦୁ ଧର୍ମର ଶାସ୍ତ୍ର ରୂପରେ ବିଦିତ । ଜଣେ ହିନ୍ଦୁର ମନରେ ପ୍ରଶ୍ନ ଆସେ , କାହାକୁ ସେ' ଈଶ୍ୱର ରୂପରେ ଓ କେଉଁ ଶାସ୍ତ୍ରକୁ ଈଶ୍ୱର ପ୍ରାପ୍ତି ପାଇଁ ଅନୁସରଣ କରିବ ? ବେଦ, ଯାହାକୁ କେହି କେବେ ସାଧାରଣରେ ପ୍ରାପ୍ତ ହେବାର କିମ୍ବା ବୁଝିବାର ସୁଯୋଗ ମିଳିନ'ଥାଏ । ଉପନିଷଦ ହେଲା, ଯେଉଁଥିରେ ବେଦର ସାରାଂଶକୁ ନେଇ ସନାତନ ଧର୍ମର ଦର୍ଶନ ତତ୍ତ୍ୱକୁ ବିଭିନ୍ନ ମାର୍ଗରେ ସୂଚୀତ କରାଯାଇଛି । ଉପନିଷଦକୁ ବ୍ୟାଖ୍ୟାକରି ସେଥିରୁ ନିର୍ଣ୍ଣିତ ମାର୍ଗକୁ ବ୍ରହ୍ମସୂତ୍ର ଓ ବେଦାନ୍ତ କୁହାଯାଇଛି, ଯାହାକି ମୂନି ଋଷିଙ୍କ ସ୍ତରରେ ସୀମିତ । ତାହା ମଧ୍ୟ ଏତେ ଜଟିଳ ଏବଂ ସରଳୀକରଣ ନୁହେଁ , ଯାହାକୁ ସାଧାରଣ ଦୈନନ୍ଦିନ ଜୀବନରେ ଅବଲମ୍ବନ କରିହେବ । ସାଧାରଣ ଜୀବନରେ ଏହାକୁ ଅନୁସରଣ କରିବା ପାଇଁ ଏହା ଅର୍ଥବୋଧ ନୁହେଁ । ଉପନିଷଦ ,ବ୍ରହ୍ମସୂତ୍ର , ଓ ଭଗବଦ୍ ଗୀତା ଏହି ତିନି ଶାସ୍ତ୍ରକୁ " ପ୍ରସ୍ଥାନତ୍ରୟମ" ନାମିତ କରାଯାଇଛି , ଯାହାକି ହିନ୍ଦୁ ଧର୍ମର ଆଧ୍ୟାତ୍ମିକ ତତ୍ତ୍ୱର ସ୍ୱୀକୃତ ଶାସ୍ତ୍ର । ଭଗବଦ୍ ଗୀତାକୁ ମହାଭାରତରେ ଭୀଷ୍ମ ପର୍ବରେ ପଚିଶ ଅଧ୍ୟାୟରୁ ତେୟାଳିସି ଅଧ୍ୟାୟ, ମୋଟ ୧୮ ଟି ଅଧ୍ୟାୟରେ ୭୦୦ ଶ୍ଳୋକରେ ବର୍ଣ୍ଣିତ କରାଯାଇଛି । ଭଗବାନ ବ୍ୟାସଦେବଙ୍କ ରଚିତ ମହାଭାରତ ହେଉଛି ପଞ୍ଚମ ବେଦ, ଯାହାକି ସମଗ୍ର ସଂସାରର କଲ୍ୟାଣକର ରୂପେ ବିଦିତ । ଗୀତା କୌଣସି ବାଦ ଉପରେ ଆଧାରିତ ନୁହେଁ । ମନୁଷ୍ୟ ଯେକୌଣସି ସାଂପ୍ରଦାୟିକ, ବାଦ, ମତ ସିଦ୍ଧାନ୍ତକୁ ମାନୁଥାଉ ପଛେ , ତାର ପ୍ରତ୍ୟେକ ପରିସ୍ଥିତିରେ କଲ୍ୟାଣ ହେଉ ଏବଂ ସେ' କୌଣସି ପରିସ୍ଥିତିରେ ପରମାତ୍ମା ପ୍ରାପ୍ତିରୁ ବଞ୍ଚିତ ନ'ହେଉ , ଏହାହିଁ ଶ୍ରୀମଦ୍ ଭଗବଦ୍ ଗୀତାର ମୂଳ ଉଦ୍ଦେଶ୍ୟ । କେବଳ ସଂସାରର କଲ୍ୟାଣ ପାଇଁ ହିଁ ମନୁଷ୍ୟ ଜନ୍ମ ପ୍ରାପ୍ତ ହୋଇଅଛି। ବକ୍ତା ଭଗବାନ ଶ୍ରୀକୃଷ୍ଣ ନିଜେ ଜଣେ ସନ୍ୟାସୀ ନ'ଥିଲେ କିମ୍ବା ଶ୍ରୋତା ଅର୍ଜ୍ଜୁନ ମଧ୍ୟ ଜଣେ ସନ୍ୟାସୀ ନ'ଥିଲେ । ତେଣୁ ଭଗବଦ୍ ଗୀତା ସବୁ ବର୍ଣ୍ଣ ଏବଂ ସର୍ବ ସାଧାରଣ ପାଇଁ ଉଦ୍ଦିଷ୍ଟ ।

" ତତ୍ ତ୍ୱଂ ଅସି" କୁ ମହାକାବ୍ୟ କୁହାଯାଏ । ଏହି ମହାକାବ୍ୟ ଦ୍ୱାରା ଜୀବାତ୍ମା ଓ ପରମାତ୍ମାର ସମ୍ବନ୍ଧ ବୁଝାଯାଏ । ଏହି ମହାକାବ୍ୟର ଅର୍ଥ ହେଉଛି - ତତ୍ ( ତାହା). ତ୍ୱଂ ( ତୁମ୍ଭେ ) ଅସି (ଅଛ ବା ଅଟ) । ତେବେ ପ୍ରଶ୍ନ ହେଉଛି - ତାହା କିଏ ? ତୁମ୍ଭେ କିଏ ? ଅଛ ବା ଅଟ କଣ ? ଏହି ମହାକାବ୍ୟକୁ ବୁଝାଇବାରେ ବିଭିନ୍ନ ମତବାଦ ଦେଖାଯାଏ । କିନ୍ତୁ ସେସବୁକୁ ତିନୋଟି ମତବାଦରେ ବ୍ୟାଖ୍ୟା କରାଯାଇଛି । ଯଥା :- ଦ୍ୱୈତ, ବିଶିଷ୍ଟ ଦ୍ୱୈତ ଓ ଅଦ୍ୱୈତ । ଦ୍ୱୈତ ମତବାଦର ପ୍ରବର୍ତ୍ତକ ମାଧବ , ବିଶିଷ୍ଟଦ୍ୱୈତର ଶ୍ରେଷ୍ଠ ବ୍ୟାଖାକାର ହେଉଛନ୍ତି ରାମାନୁଜ । କିନ୍ତୁ ଅଦ୍ୱୈତ ମତବାଦର ଅଦ୍ୱିତୀୟ ସ୍ରଷ୍ଟା ଭଗବାନ ଶ୍ରୀ ଶଙ୍କରାଚାର୍ଯ୍ୟ । ଯଦିଓ ତିନୋଟି ମତବାଦର ଶ୍ରେଣୀବିଭାଗ କରାଗଲା , ତଥାପି ପ୍ରତ୍ୟେକ ଶ୍ରେଣୀରେ ମଧ୍ୟ

ବହୁ ସଂଖ୍ୟକ ଭିନ୍ନ ଭିନ୍ନ ମତବାଦ ଦେଖାଯାଏ । ଆଚାର୍ଯ୍ୟମାନେ ନିଜ ନିଜର ଦୃଷ୍ଟିକୋଣରୁ ବ୍ୟାଖ୍ୟା କରିଥିଲେ ସୁଧା ସେମାନେ ଗୀତା ତତ୍ତ୍ୱକୁ ମୂଳଭିତ୍ତି ରୂପେ ଗ୍ରହଣ କରିଛନ୍ତି ।

ମହାକାବ୍ୟକୁ ପ୍ରାଞ୍ଜଳ ବିସ୍ତୃତ କରିବା ଉଦ୍ଦେଶ୍ୟରେ ଗୀତା ତ୍ରିଷଟ୍କ ଭାବେ ବିଭାଗ କରାଯାଇଛି । ଗୀତାର ପ୍ରଥମ ଛ ଅଧ୍ୟାୟରେ "ତ୍ୱଂ" ପଦକୁ ଜୀବାତ୍ମା ଭାବେ ବର୍ଣ୍ଣନା କରାଯାଇଛି । ଗୀତାର ସପ୍ତମ ଅଧ୍ୟାୟରୁ ଦ୍ୱାଦଶ ସମେତ ଛ ଅଧ୍ୟାୟରେ "ତତ୍" ପଦକୁ ପରାମାତ୍ମା ରୂପେ ବର୍ଣ୍ଣନା କରାଯାଇଛି । ତ୍ରୟୋଦଶ ଅଧ୍ୟାୟରୁ ଅଷ୍ଟାଦଶ ମଧ୍ୟରେ "ଅସି" ର ଅର୍ଥ ଦିଆଯାଇଛି । ଏଥିରେ ଜୀବାତ୍ମା ଓ ପରାମାତ୍ମାର ନିର୍ବିକାର ସମ୍ବନ୍ଧ ବୁଝାଇ ଦିଆଯାଇଛି ।

Every science has its twin aspects i.e theory and practice. Intellectual grasp of a subject is theory . It's application is practice. Many a student of Vedanta or any other system of philosophy runs the risk of being entangled in mere theorizing . He may draw some intellectual pleasure in such wrangles. But life remains untouched . On the otherhand Brahma Vidya is what teaches and transforms life. It is intensively practical when applied to life. It is called Yoga Sastra . This is one of the applications by which the Bhagavad Gita is known. Let us illustrate the matter by examples . If a wage –earner applies the practical aspect or rather the principles of the Bhagvad Gita to his life, he will be a better wage earner. A farmer will equip himself better, if only he harvests the Gita principles into action. A merchant is bound to thrive better in his business by putting these tenets into practice . An officer will execute his duty more efficiently when he makes an effort to practice the Gita advices while discharging his duty . A teacher will throw bright light on his student by putting into practice of Yoga. To sum up, men become well equipped for life by practising yoga . An efficient man is otherwise called a Yogi *" jogah karmasu kausalm" .* Besides this, Yoga Sastra's feature what Lord Shri Krishna has assured that from practicable point of view, it is top secret and king of all Vidyas . It is directly result oriented, doable,i.e. very very easy to practice , supreme purifier, pleasurable , highest benevolent and imperishable . As this yoga sastra is

common to all religions so it is told of “Raja Yoga”. The contents of this Yoga Sastra is the Brahma-Jnana that so it called “Raja Vidya” ( Gita Ch.IX Verse.2: “*rajavidya rajaguhyam pavitram idam uttamam - Pratyaksha vagamma dharmyam susukham kartum avyayam ”* ) A little attempt to practice this yoga in the daily way of life keeps faraway from the great fearness of even death . The fear of death is the greatest of all . As atman is being understood through this Yoga Sastra , this fear ceases . there is no bit of adverse effect on the attitude or nature of human quality who attempts to practice this Yoga Sastra in his daily life. The partial practice of yoga does not suffer from any disadvantages and not fraught with any danger .
*( Gita- Ch.II- Verse 40- ne ha bhikramanaso sti pratyavayah na vidyate – swalpam apy asya dharmasya trayate mahoto bhayat* ”) Thy all the eighteen chapters in the Gita are designated, each as a type of yoga .

The function of the yoga is to train the body and mind. Patanjali, the father of the school of thinking and Yoga Sastra makes it plain that yoga is not for him who is given to dejection or worry. Poise and blessful attitude are indispensable for the practice of yoga . But these – poise & blessfull attitude – were not found in Arjuna on the eve of the war. A sense of frustration had overtaken him. In the place of an indomitable calibre of mind, dejection and despondency had marked him for their own.This is just the opposite of the mental make-up required of a man of yoga . Still the first chapter in the Gita is designated as a system of Yoga. It is called Arjuna’s Vishad Yoga. This is no more apt than calling darkness-light. Why then this chapter recognised as a system of Yoga ? To answer this , this may be reason that , Arjuna was not able to see what exactly was his duty- to wage the war or to go into the wilderness . It is the conflict that perturbed him. Life becomes an unberable burden . A sort of spiritual anguish had overtaken him. The messengers of light advocate that kind of duty is a prelude to spiritual enlightenment. Here

it prepares Arjuna for Yoga. They who are distressed at heart shall be comparted in enlightenment. This is the law of life. Hence this distress of Arjuna is also called a system of yoga . All the eighteen yogas contained in the eighteen chapters may be reduced to four – the Karma Yoga, the Raja Yoga, the Bhakti Yoga and the Gyana Yoga . Tradition hold that spiritual life begins with karma yoga and goes on evolving into other three yogas respectively. All through the discourses, the Lord equates Karma with Gnana . Elsewhere Raja Yoga gets a footing parallel to Bhakti. While playing the part of the charioteer, Lord Sri Krishna reigned four white horses yoked to the chariot. They symbolise the four yogas yoked to the human carrier. These snow-white steeds suggest purity as the basis of yoga . Their combined effort is necessary to draw the chariot forward. All the four yogas together stimulate life with spirituality. Since Shri Krishna handles all the four yogas with equal importance, he is called Yogeshwar. The Gita being a practical yoga, what should an individual do when life is beset with crises. His duty is to surrender himself to Him whose function is creation, preservation and destruction – surrender in all entirely as indicated. " *Gita Ch.IXVerse 27* - *Yat karosi yat asnoshi yad aharsi dadsi yat/ : Yat tapashyasi Kounteya tat kurushya mat arpanam //* "

The Gita is a perfect guide to those who aspire to build a perfect personality. Every student of the Gita is a potential Arjuna. May he receive light in his own way from the scriptural universal. Those who work without any consciousness of their lower ego are not effected with evil, for they work for the good of the world. To work without motive, to work unattached, brings the highest bliss and freedom . This secret of karma yoga taught by the Lord SriKrishna in the Gita and that analysed by Swami Vivekananda in one verse of the Gita *(" Cha.II-Verse 3- Klaibyam ma sma gamah paartha' naitat twayyu upapadyate - Kshudram hrudaya daurbalyam tyaktwo ttistha*

*paramtapa .")* The man who fails to face a crisis , speaking and acting irrelevantly, is denounce as a dolt . He who is soft and weak minded is good for nothing. He can not achieve any thing great in life. " Yield not to unmanliness, O' son of Prutha ! It is the death that leads thee least . Off this mean faint-heartedness and arise, O' Scorcher of these enemies !". One gets all the merits of reading the entire Gita as this one sloka is embedded the whole Message of the Gita . Hence the Gita is known as the Scripture Universal.

Pujya Swami Sivananda Moharaj has written :- ( Taken from D.L.1945 -The Divine Life Dec./2016)

It is on this day more than six thousand years ago that Lord Krishna gave Arjuna the sublime lesson of wisdom and philosophy on the battlefield of Kurukshetra . Gita is the voice of God. It is the song of an ancient wisdom . It is a great textbook of spiritual culture. Gita's message is the message of action, love. service and sacrifice. It contains the essence of Hinduism. Gita is a synthesis of religion and ethics. Gita is a synthesis of all Yogas. Gita is an Upanishad, a Brahma Vidya, a Yoga Shastra, a Samvada, the science of Self. It is the crest jewel of Mahabharata . Gita is the best balm to heal the wounds of the world. Gita is a universal gospel, which appeals to all, irrespective of age, race or religion. It has a universality which embraces every aspect of human action , which suits and elevates every stage of human development. That is the reason why tributes to the Gita have been paid by eminent scholars of Asia, Europe, and America. Emerson, the great sage of America, had a copy of Gita always on his table. Gita does not want you to flee from worldly career to the solitude of forests. It does not bid you hide in a cave of the Himalayas for attaining the Supreme Peace of the Eternal . Gita tells you to resist Adharma , to develop the divine virtues, which will help you to attain Self-realisation in and through the world.

Gita gives you practical lessons to regulate your daily life and conduct. Duty for duty's sake , action without attachment and expectation of fruits, a life of discipline, regular meditation, self-surrender and sacrifice, practice of non-injury, truthfullness and purity, cultivation of Daivi-sampat and universal love, enquiry into the nature of the Supreme Self, the Reality behind these names and forms and constant endeavour to identify yourself with the all-pervading Consciousness or the Immortal Soul - these are the lessons of the Gita for individuals and the nations alike . O Man ! You have been spoiled by wrong education ! God can neither be examined in a glass retort in the laboratory of a scientist nor cut open by the surgeon's knife. No one can prove God by logic. You can not meet God without Bhakti. You take pride through your boasted intellect that you have proved that God does not exist. You take pride that you are Godless. What a vain Godless man you are ! You have lived in vain; you have wasted your life. Open your eyes ! Wake up from your long slumber of ignorance now . Take refuge in Gita and Gita's Lord Sri Krishna. Still there is hope for you. He is all- merciful . He will bless you. Study Gita daily and live in the spirit of Gita. You will soon attain eternal bliss and immortality.

May Lord Krishna, the Joy of Devaki, the flute bearer of Vrindavan, the Supreme Guru of the world, bless you all.

Om Tat Sat.

<u>ପୁଜ୍ୟ ସ୍ୱାମୀଜୀ ଶ୍ରୀ ଶିବାନନ୍ଦ ମହାରାଜ ଲେଖିଥିବା ଉପରୋକ୍ତ କଥନର ଓଡିଆ ଅନୁବାଦ</u> -

ଛ ହଜାର ବର୍ଷରୁ ଅଧିକ ପୂର୍ବେ ଏପରି ଏକ ଦିନରେ ଭଗବାନ୍ ଶ୍ରୀକୃଷ୍ଣ କୁରକ୍ଷେତ୍ରର ରଣାଙ୍ଗନରେ ଅର୍ଜୁନଙ୍କୁ ଏହି ମହାନ ଜ୍ଞାନ ଓ ଦର୍ଶନ ତତ୍ତ୍ୱକୁ କହିଥିଲେ । ଗୀତା ହେଉଛି ଭଗବାନ ସ୍ୱୟଂ ଗାଇଥିବା ଗାଥା । ଏହା ସର୍ବ ପୁରାତନ ଆଧାତ୍ମଜ୍ଞାନର ଗଙ୍ଗା । ଏହା ଆଧାତ୍ମିକ ସଂସ୍କୃତିର ଏକ ମହାନ୍ ଗ୍ରନ୍ଥ । ଗୀତା ହେଉଛି କର୍ମ, ପ୍ରେମ, ସେବା ଓ ତ୍ୟାଗର ପ୍ରତୀକ । ଏହା ହିନ୍ଦୁଧର୍ମର ମୁଳତତ୍ତ୍ୱକୁ ଧାରଣ କରିଛି । ଗୀତା ହେଉଛି ନୈତିକତା ଓ ଧର୍ମର ଏକ ଅମୃତ ଧାରା । ଗୀତା ହେଉଛି ସମସ୍ତ ଯୋଗର ସଂହିତା । ଗୀତା ଏକ ଉପନିଷଦ, ଏକ ବ୍ରହ୍ମ ବିଦ୍ୟା , ଏକ ଯୋଗ ଶାସ୍ତ୍ର , ଏକ ଶାମବେଦ, ଏହା ଆତ୍ମଜ୍ଞାନ ଅଟେ । ଏହା ମହାଭାରତ ଗ୍ରନ୍ଥ ମଧରେ ଜାଜ୍ୱଲ୍ୟମାନ ହିରା । ଗୀତା ହେଉଛି ସଂସାର ପିଡା ଲାଘବର

ମହୌଷଧୀ । ଗୀତା ଏକ ସାର୍ବଜନୀନ ନୀତିଶାସ୍ତ୍ର ଯେଉଁଥିରେ ବୟସ, ଜାତି , ଧର୍ମ ଓ ନିର୍ବିଶେଷରେ ସମସ୍ତ ମାନବ ସମାଜକୁ ଆଧ୍ୟାତ୍ମିକ ଜାଗ୍ରତର ପ୍ରେରଣା ଦିଆଯାଇଛି । ତାହା ହିଁ କାରଣ ଯେଉଁଥିପାଇଁ ଏସିଆ, ଇଉରୋପ ଓ ଆମେରିକାର ମହାନ ବିଦ୍ୟାବିତ୍ ମାନଙ୍କ ଦ୍ୱାରା ଗୀତା ମୂଲ୍ୟବୋଧ ହୋଇପାରିଛି । ଏମେରସନ୍, ଆମେରିକାର ଜଣେ ମହାନ ସନ୍ଥ ଗୀତା ପୁସ୍ତକକୁ ନିଜ ଟେବୁଲ ଉପରେ ସବୁବେଳେ ରଖୁଥିଲେ । ଗୀତାର ନୀତିବାଣୀ ସଂସାର ଜୀବନ ପର୍ଯ୍ୟାୟରୁ ପଳାୟନ କରି ବଣରେ ଏକାନ୍ତ ନିବାସ କରିବାକୁ ପ୍ରବର୍ତ୍ତାଉ ନାହିଁ । ସର୍ବଶେଷ ଚିରନ୍ତନ ଶାନ୍ତି ପ୍ରାପ୍ତି ସକାଶେ ହିମାଳୟର ଗୁମ୍ଫା ଭିତରେ ଲୁଚି ରହିବାର ଆବଶ୍ୟକତାକୁ ପ୍ରଦର୍ଶନ କରୁନାହିଁ । ଗୀତା ଅଧର୍ମର ପ୍ରତିରୋଧ, ଦିବ୍ୟଗୁଣ ବିବୃଦ୍ଧିର ମାର୍ଗ ପ୍ରଦର୍ଶନ କରାଏ, ଯାହାକି ଏହି ସଂସାର ଭିତରେ ରହି ନିଜ ଆତ୍ମ ବିଶ୍ଳେଷଣର ସହାୟକ ହୁଏ । ଗୀତା ଦୈନନ୍ଦିନ ଜୀବନ ଓ ଚରିତ୍ରକୁ ଶୃଙ୍ଖଳିତ କରିବାର ବାସ୍ତବିକ ଶିକ୍ଷା ପ୍ରଦାନ କରିଥାଏ , ଯାହାକି ମନୁଷ୍ୟ ଜୀବନରେ କରଣୀୟ । କର୍ତ୍ତବ୍ୟନିଷ୍ଠା , ଅନାସକ୍ତ ଭାବେ ଫଳଉପରେ ଆଶା ନ'ରଖି କର୍ମ କରିଚାଲିବା, ଶୃଙ୍ଖଳିତ ଜୀବନ ପ୍ରଣାଳୀ. ନିତ୍ୟ ଧ୍ୟାନ , ଆତ୍ମ ସମର୍ପଣ ଓ ତ୍ୟାଗ, ଅହିଂସା ଆଚରଣ. ସତ୍ୟ ଓ ପବିତ୍ରତା . ଦୈବି ସମ୍ପଦର ବିବୃଦ୍ଧି ,ବିଶ୍ୱପ୍ରେମ ,ପରାମାତ୍ମାଙ୍କ ବିଷୟରେ ଅନୁସନ୍ଧାନ, ସମସ୍ତ ନାମ ଓ ଆକାରର ଅନ୍ତରାଳରେ ରହିଥିବା ମୂଳତତ୍ତ୍ୱ ଓ ସେହି ଅମରଆତ୍ମା ବା ସର୍ବବ୍ୟାପକ ଚେତନା ଭିତରେ ଜୀବାତ୍ମାର ସ୍ଥିତିକୁ ଅନୁଭବ କରିବାର ନିରନ୍ତର ପ୍ରଚେଷ୍ଟା – ଏ ସମସ୍ତ ହେଉଛି ବ୍ୟକ୍ତି , ଜାତି ଓ ଦେଶ ପାଇଁ ଗୀତାର ମହାନ୍ ଶିକ୍ଷା । ମନୁଷ୍ୟ ! ତୁମ୍ଭେ ଭୁଲ୍ ଶିକ୍ଷା ଦ୍ୱାରା ନଷ୍ଟ ହୋଇଯାଇଛ । ଈଶ୍ୱର ନା' ବୈଜ୍ଞାନିକଙ୍କ ପରୀକ୍ଷାଗାରରେ କାଚ ନଳୀରେ ପରିକ୍ଷୀଣ ହୋଇପାରନ୍ତି ନା' ସର୍ଜନର ଛୁରୀରେ କଟା ଯାଇପାରନ୍ତି । କେହି ଯୁକ୍ତି ତର୍କରେ ଈଶ୍ୱରଙ୍କ ସତ୍ତାକୁ ପ୍ରମାଣିତ କରିପାରନ୍ତି ନାହିଁ । ଭକ୍ତି ବ୍ୟତିରେକ ଈଶ୍ୱର ସାକ୍ଷାତ୍କାର ହୋଇ ପାରିନ'ଥାଏ । ତୁମ୍ଭର ବିମୋହିତ ବୁଦ୍ଧିରେ "ଈଶ୍ୱର ନାହାନ୍ତି" ଏହା ପ୍ରମାଣିତ କରିପାରିଛ ବୋଲି ଗର୍ବ ଅନୁଭବ କରୁଛ । ତୁମ୍ଭେ ଗର୍ବ କରୁଛ ଯେ' "ତୁମ୍ଭେ ଈଶ୍ୱର ବିହୀନ" । କି ପ୍ରକାରର ବୃଥା " ଈଶ୍ୱର ବିହୀନ" ମନୁଷ୍ୟ ତୁମ୍ଭେ । ତୁମ୍ଭେ ବୃଥାରେ ବଞ୍ଚିଛ , ତୁମ୍ଭେ ତୁମ୍ଭର ଜୀବନ ନଷ୍ଟ କରିଦେଇଛ । ତୁମ୍ଭର ଚକ୍ଷୁକୁ ଉନ୍ମୁକ୍ତ କର । ବର୍ତ୍ତମାନ ତୁମ୍ଭର ଦୀର୍ଘ ଅଜ୍ଞାନର ଗହ୍ବରରୁ ବାହାରି ପଦାକୁ ଉଠିଆସିବାର ସମୟ । ଗୀତା ଏବଂ ଗୀତାର ସ୍ରଷ୍ଟା ଶ୍ରୀକୃଷ୍ଣଙ୍କ ଶରଣାପନ୍ନ ହୁଅ । ଏବେ ମଧ୍ୟ ତୁମ୍ଭ ପାଇଁ ଆଶାର ଆଲୋକ ରହିଛି । ସେ ଦୟାର ସାଗର । ସେ ତୁମ୍ଭଙ୍କୁ ଆଶିର୍ବାଦ କରିବେ । ପ୍ରତିଦିନ ଗୀତା ପଢ ଓ ଗୀତାର ମୂଲ୍ୟବୋଧକୁ ଆପଣେଇ ବଞ୍ଚିବାର ପ୍ରଯତ୍ନ କର । ତୁମ୍ଭେ ଶୀଘ୍ର ଅମରତ୍ୱ ଓ ଚିରନ୍ତନ ଶାନ୍ତିର ସନ୍ଧାନ ପ୍ରାପ୍ତି ହୋଇପାରିବ । ଭଗବାନ ପ୍ରଭୁ ଶ୍ରୀକୃଷ୍ଣ – ଦେବକୀଙ୍କ ଆହ୍ଲାଦ, ବୃନ୍ଦାବନର ବଂଶିଧାରୀ, ସମଗ୍ର ବିଶ୍ୱର ପରମଗୁରୁ ତୁମ୍ଭ ସମସ୍ତଙ୍କୁ ଆଶିର୍ବାଦ କରନ୍ତୁ ।

ଓମ୍ ତତ୍ ସତ୍

# ଗୀତା ଧ୍ୟାନମ୍

ଓଁ  ପାର୍ଥାୟ ପ୍ରତିବୋଧିତାଂ ଭଗବତା  ନାରାୟଣେନ ସ୍ୱୟଂ
ବ୍ୟାସେନ ଗ୍ରଥିତାଂ ପୁରାଣମୁନିନା   ମଧ୍ୟେ ମହାଭାରତମ୍
ଅଦ୍ୱୈତାମୃତବର୍ଷିଣୀଂ  ଭଗବତୀମଷ୍ଟାଦଶାଧ୍ୟାୟିନୀମ୍
ଅମ୍ବ ,ତ୍ୱାମନୁସନ୍ଦଧାମି ଭଗବଦ୍  ଗୀତେ ଭବଦ୍ୱେଷିଣୀମ୍     |୧|
ନମସ୍ତୁତେ ବ୍ୟାସବିଶାଳବୁଦ୍ଧେ ଫୁଲ୍ଲାରବିନ୍ଦାୟତପତ୍ରନେତ୍ର
ଯେନ ତ୍ୱୟା ଭାରତତୈଳପୂର୍ଣ୍ଣଃ  ପ୍ରଜ୍ୱାଳିତୋ ଜ୍ଞାନମୟଃ ପ୍ରଦୀପଃ |୨ |
ପ୍ରପନ୍ନ   ପାରିଜାତାୟ ତୋତ୍ରବେତ୍ରୈକ  ପାଣୟେ
ଜ୍ଞାନ ମୁଦ୍ରାୟ  କୃଷ୍ଣାୟ  ଗୀତାମୃତଦୁହେ  ନମଃ   |୩ |
ସର୍ବୋପନିଷଦୋ  ଗାବୋ  ଦୋଗ୍ଧା   ଗୋପାଳନନ୍ଦନଃ
ପାର୍ଥୋ ବତ୍ସଃ ସୁଧୀର୍ଭୋକ୍ତା ଦୁଗ୍ଧମ୍  ଗୀତାମୃତଂ ମହତ୍  |୪|
ବସୁଦେବସୁତଂ ଦେବଂ କଂସ-ଚାଣୁର-ମର୍ଦନମ୍
ଦେବକୀ-ପରମାନନ୍ଦଂ  କୃଷ୍ଣଂ ବନ୍ଦେ ଜଗଦ୍ ଗୁରୁମ୍   | ୫ |

ହେ ଜନନୀ ରୂପୀ ଭଗବଦ୍ ଗୀତେ  :   ସ୍ୱୟଂ  ପରମ ବ୍ରହ୍ମ  ନାରାୟଣଙ୍କ ମୁଖପଦ୍ମରୁ ନିସୃତ ଏହି ଗୀତାବାଣୀରେ  ଅର୍ଜୁନଙ୍କର ଜ୍ଞାନ ଉଦୟ ହୋଇଛି ।    ଅଦ୍ୱୈତବାଦର ( ସର୍ବ ବାସୁଦେବମୟ) ଅମୃତଧାରାରେ  ପ୍ଳାବିତ ଏହି ଅଠର ଅଧ୍ୟାୟ ବିଶିଷ୍ଟ ଭଗବଦ୍ ଗୀତାର  ଯୋଗ ସାଧନା ଯାହାକି  ସଂସାରର ପୁନର୍ଜନ୍ମର ବିନାଶକାରୀ ସେହି  ଭଗବଦ୍ ଗୀତେଙ୍କୁ  ଧ୍ୟାନ କରୁଛି  । ବିକଶିତ ପଦ୍ମପତ୍ର ସଦୃଶ ଚକ୍ଷୁ ସହିତ ମହାନ୍ ବୁଦ୍ଧି ସମ୍ପନ୍ନ ହେ  ବ୍ୟାସଦେବ !  ଆପଣଙ୍କୁ  ପ୍ରଣିପାତ ।  ଆପଣଙ୍କ  ରଚିତ ମହାଭାରତ   , ତୈଳ ସଦୃଶ  ପ୍ରଦୀପରେ ପରିପୂର୍ଣ୍ଣ ହୋଇ  ଜ୍ଞାନର ଆଲୋକ  ବିତରଣ  କରୁଅଛି ।  ପାରିଜାତ ବୃକ୍ଷ ଠାରୁ ସମସ୍ତ କାମ୍ୟ  ଭୋଗ୍ୟ ବସ୍ତୁକୁ ପ୍ରାପ୍ତ ହୋଇଥାଏ ।  ଶରଣାପନ୍ନ  ପକ୍ଷରେ ପାରିଜାତ  ତୁଲ୍ୟ ,ଧାବମାନ  ଅଶ୍ୱ ତାଡନା ନିମିତ୍ତ ବେତ୍ର ଦଣ୍ଡ ହସ୍ତ, ସଦା ଜ୍ଞାନ  ମୁଦ୍ରାରେ ସ୍ଥିତ , ଗିତାମୃତ ଦୋହନକାରୀ ଭଗବାନ ଶ୍ରୀକୃଷ୍ଣଙ୍କୁ  ମୋର ସାଷ୍ଟାଙ୍ଗ ପ୍ରଣିପାତ । *(ଏଠାରେ ପରୋକ୍ଷ ଭାବେ  ଭୋଗାସକ୍ତ ଇନ୍ଦ୍ରିୟ ମାନଙ୍କୁ  ଧାବମାନ ଅଶ୍ୱର ଉପମା ଦିଆଯାଇଛି  ଓ ଶରୀର ରଥରେ ବିରାଜମାନ   ପରାମାତ୍ମା  ବିବେକ ରୂପକ ବେତ୍ର ଦଣ୍ଡରେ   ଏହି ଉନ୍ମତ  ଇନ୍ଦ୍ରିୟଗଣଙ୍କୁ   ଆୟତ କରୁଛନ୍ତି* ) ସମସ୍ତ

ଉପନିଷଦ ଗାଭି  ସଦୃଶ ଓ  ଗୋପାଳ ନନ୍ଦନ ଶ୍ରୀକୃଷ୍ଣ ଦୋହନକର୍ତ୍ତା ।   ଅର୍ଜୁନ ବାଛୁରୀ ସଦୃଶ ଓ ଗୀତାର ଅମୃତ ବାଣୀ ଉତ୍କୃଷ୍ଟ ଦୁଗ୍ଧ ସଦୃଶ  ଯାହାକୁ  ସୁଧୀ ଜନହିଁ କେବଳ ପାନ କରିବାକୁ ସକ୍ଷମ ହୁଅନ୍ତି  ।  ସେହି ବସୁଦେବ ପୁତ୍ର , କଂସ, ଚାଣୁର ଆଦି  ଦୈତ୍ୟଙ୍କ  ବିନାଶକାରୀ, ମାତା ଦେବକୀଙ୍କ ପରମ ଆନନ୍ଦଦାୟୀ , ଜଗତର ସର୍ବଶେଷ ପରମଗୁରୁ ଶ୍ରୀକୃଷ୍ଣଙ୍କୁ  ମୁଁ  ସ୍ତୁତି କରୁଅଛି  ।

ଭୀଷ୍ମ-ଦ୍ରୋଣ ତଟା ଜୟଦ୍ରଥ ଜଳା  ଗାନ୍ଧାର ନୀଳୋତ୍ପଳା
ଶଲ୍ୟଗ୍ରାହବତୀ  କୃପେଣ ବହନୀ  କର୍ଣ୍ଣେନ ବେଳାକୁଳା
ଅଶ୍ୱତ୍ଥାମ-ବିକର୍ଣ୍ଣ -ଘୋରମକରା ଦୁର୍ଯ୍ୟୋଧନାବର୍ତ୍ତିନୀ
ସୋତ୍ତୀର୍ଣ୍ଣା  ଖଳୁ ପାଣ୍ଡବୈ  ରଣନଦୀ  କୈବର୍ତ୍ତକଃ କେଶବଃ  |୬ |
ପାରାଶର୍ଯ୍ୟବଚଃ  ସରୋଜମମଳଂ ଗୀତାର୍ଥ  ଗନ୍ଧୋତ୍କଟମ୍
ନାନାଖ୍ୟାନକ-କେଶରଂ  ହରିକଥା  ସମ୍ବୋଧନା ବୋଧିତମ୍
ଲୋକେ ସଜ୍ଜନଷଟ୍ ପଦୈରହରହଃପେପୀୟମାନଂ ମୁଦା
ଭୁୟାଦ୍ ଭାରତ ପଙ୍କଜଂ  କଲିମଳ- ପ୍ରଧ୍ୱଂସି ନଃ ଶ୍ରେୟସେ   | ୭ |
ମୁକଂ କରୋତି ବାଚାଳମ୍  ପଙ୍ଗୁ ଲଂଘୟତେ ଗିରିମ୍
ଯତ୍ କୃପା  ତମହଂ ବନ୍ଦେ  ପରମାନନ୍ଦ  ମାଧବମ୍    | ୮  |

ଆସନ୍ନ ରଣ କ୍ଷେତ୍ର ଏକ ପ୍ରଳୟଙ୍କରୀ ନଦୀ ଏବଂ ଏହାର  ଦୁଇ  ତଟ  ଭୀଷ୍ମ ଓ ଦ୍ରୋଣ  ଯେଉଁ ଦୁହେଁ ଅପରାଜେୟ । ଜୟଦ୍ରଥଙ୍କ  ପରାକ୍ରମ ସେହି  ନଦୀରେ  ଉଛୁଳି ଉଠୁଥିବା ଜଳରାଶି  ।  ଗାନ୍ଧାର ନରେଶ ଶକୁନୀ ପ୍ରବାହମାନ ନଦୀରେ  ନୀଳ କଇଁ ସଦୃଶ  ଯାହାକି ପ୍ରତି  ମୁହୂର୍ତ୍ତରେ ଛଳନାର ରୂପନେଇ   ଭ୍ରମ ସୃଷ୍ଟି କରିଥାଏ ।  ଯୁଦ୍ଧରେ ଅବତୀର୍ଣ୍ଣ ଅନ୍ୟ ମହାରଥୀଙ୍କ ଭିତରେ  ଶଲ୍ୟ  ଦେଉଛନ୍ତି କୁମ୍ଭୀର , କୃପାଚାର୍ଯ୍ୟ  ହେଉଛନ୍ତି ପ୍ରବାହମାନ ନଦୀର ସ୍ରୋତ, କର୍ଣ୍ଣ ହେଉଛନ୍ତି ସେହି ସ୍ରୋତର ଭୟଙ୍କର  ଗର୍ଜ୍ଜନ  ।   ଅଶ୍ୱତ୍ଥାମ-ବିକର୍ଣ୍ଣ ଉଭୟେ ଯୁଦ୍ଧ ରୂପକ ରଣନଦୀରେ ହିଂସ୍ରକ ମଗର ମାଛ ସଦୃଶ  ।   ମାନୀ ଦୁର୍ଯ୍ୟୋଧନର ଅଂହକାର ଖର ସ୍ରୋତରେ ଭଉଁରୀ , ଯାହାକି ଜଳର ଅତଳ ଗର୍ଭକୁ ଠେଲି ମୃତ୍ୟୁର ଦ୍ୱାରକୁ ଟାଣି ନେଇଥାଏ । ବିପଦ ସଂକୁଳ ଏହି ରଣନଦୀକୁ ଭଗବାନ ଶ୍ରୀକୃଷ୍ଣ ପାଣ୍ଡବ ପକ୍ଷରେ ନାଉରିଆ ସାଜି ପାର କରାଇଛନ୍ତି  ।  ଅନ୍ୟ ଅର୍ଥରେ କେବଳ ଭଗବାନ ଶ୍ରୀକୃଷ୍ଣଙ୍କୁ   ହିଁ ଭରସା କଲେ ମନୁଷ୍ୟ ରଣନଦୀ ସଦୃଶ ଦୁଃଖପୂର୍ଣ୍ଣ ସଂସାରକୁ ପାରିହେବାକୁ  ସମର୍ଥ ହୋଇପାରିବ ।  ପରାଶରଙ୍କ ପୁତ୍ର ଭଗବନ୍ ବ୍ୟାସଦେବଙ୍କ ଶବ୍ଦକୋଷ ରୂପକ ହ୍ରଦରେ ମହାଭାରତ ପୁରାଣ  ଏକଦାଗ ବିହିନ ପ୍ରସ୍ଫୁଟିତ ପଦ୍ମ   ପୁଷ୍ପ  ।  ସେହି ପଦ୍ମପୁଷ୍ପର କେଶରରୁ ଅନେକ  ରାଜା ମହାରାଜଙ୍କ  ବିରତ୍ୱର କାହାଣୀ ଓ ଗୀତାରେ କୁହାଯାଇଥିବା ହରିତତ୍ତ୍ୱର ମଧୁର ସୁଗନ୍ଧ ନିର୍ଗତ  ହେଉଅଛି ।   ସେହି  ମଧୁର ସୁଗନ୍ଧକୁ ସଜ୍ଜନ ମାନେ ମହୁମାଛି ସଦୃଶ ଦିନ

ଦିନ ଧରି ଜ୍ଞାନ ରୂପକ ମଧୂକୁ ପାନ କରିବାରେ ଲାଗିଛନ୍ତି । ଗିତାମୃତର ସୁଗନ୍ଧ ପାନରେ କଳିଯୁଗର ପାପର ଅବସାନ ହୋଇ ବିଶ୍ୱର କଲ୍ୟାଣ ହେଉଅଛି । ଯେଉଁ ଭଗବଦ୍ ଗୀତାର ସାଧନରେ ମୂକ କଥା କହିବାକୁ ସକ୍ଷମ ହୁଏ ଏବଂ ପଙ୍ଗୁ ହିମାଳୟ ଅରୋହଣ କରିବାର ପ୍ରୟାସ କରେ , ସେହି କୃପାମୟ ଗୀତାଙ୍କ ସ୍ରଷ୍ଟା ପରମାନନ୍ଦ ମାଧବଙ୍କୁ ମୁଁ ବନ୍ଦନା କରୁଅଛି ।

ଯମ୍ ବ୍ରହ୍ମା-ବରୁଣେନ୍ଦ୍ର-ରୁଦ୍ର-ମରୁତଃ
ସ୍ତୁନ୍ୱନ୍ତି ଦିବ୍ୟୈଃ ସ୍ତବୈଃ
ର୍ବେଦୈଃ ସାଙ୍ଗ-ପଦ-କ୍ରମୋପନିଷଦୈ
ର୍ଗାୟନ୍ତି ଯମ୍ ସାମଗାଃ ।
ଧ୍ୟାନାବସ୍ଥିତ-ତଦ୍ ଗତେନମନସା
ପଶ୍ୟନ୍ତି ଯମ୍ ଯୋଗିନୋ
ଯସ୍ୟାନ୍ତଂ ନ ବିଦୁଃ ସୁରାସୁରଗଣା
ଦେବାୟ ତସ୍ମୈ ନମଃ । ୯ ।

॥ ଇତି ଶ୍ରୀମଭଗବଦ୍ଗୀତାଧ୍ୟାନଂ ସାମାପ୍ତମ୍ ॥

ବ୍ରହ୍ମା, ବରୁଣ, ଇନ୍ଦ୍ର , ରୁଦ୍ର , ମରୁତଗଣ ଦିବ୍ୟ ସ୍ତବ ଦ୍ୱାରା ଯାହାଙ୍କୁ ସ୍ତୁତି କରନ୍ତି , ଶାମ ଗାୟକ ( ଶାମ ବେଦରେ ଥିବା ନାରାୟଣଙ୍କ ବନ୍ଦନା ) ବେଦଦ୍ୱାରା ଅଙ୍ଗ ,ପଦକ୍ରମ ଓ ଉପନିଷଦ ସହିତ ଯାହାଙ୍କର ମହିମା ଗାନ କରିଛନ୍ତି, ଯୋଗୀମାନେ ଧ୍ୟାନରେ ତଦ୍- ଗତ ଚିତ୍ତହୋଇ ଯାହାଙ୍କୁ ଦର୍ଶନ କରିଥାନ୍ତି , ଏବଂ ଦେବ ସୁରଗଣ ଯାହାର ଅନ୍ତ ଓ ଆଦି ଜାଣିବାକୁ ସମର୍ଥ ହୁଅନ୍ତି ନାହିଁ , ସେହି ପରମ ଦେବଙ୍କୁ ପ୍ରଣାମ କରୁଛି ।

॥ ଶ୍ରୀମଭଗବଦ୍ ଗୀତାର ଧ୍ୟାନ ସାମାପ୍ତ ॥

## ॥ ଓଁ ଶ୍ରୀ ପରମାତ୍ମନେ ନମଃ ॥

### ଶ୍ରୀମଦ୍ଭଗବଦ୍ ଗୀତା

### ପ୍ରଥମ ଅଧ୍ୟାୟ (ଅର୍ଜୁନ ବିଷାଦ ଯୋଗ)

**ଧୃତରାଷ୍ଟ୍ର ଉବାଚ**

**ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ**
**ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଂଜୟ ॥ ୧ ॥**

*ଅନ୍ୱୟ : ଧୃତରାଷ୍ଟ୍ର ଉବାଚ ( ଧୃତରାଷ୍ଟ୍ର କହିଲେ ) ହେ ସଞ୍ଜୟ ! ଧର୍ମ କ୍ଷେତ୍ରେ କୁରୁକ୍ଷେତ୍ରେ ( ଧର୍ମଭୂମି କୁରୁକ୍ଷେତ୍ରରେ) ଯୁଯୁତ୍ସବଃ (ଯୁଦ୍ଧାଭିଳାଷୀ ) ମାମକାଃ (ମୋର ପୁତ୍ରମାନେ) ପାଣ୍ଡବାଃ ଚ ଏବ ( ଏବଂ ପାଣ୍ଡବମାନେ ମଧ୍ୟ ) ସମବେତାଃ ( ଏକତ୍ରିତ ହୋଇ ) କିଂ ଅକୁର୍ବତ୍ (କ'ଣ କଲେ ) ।*

**ଭାବାର୍ଥ** : ଧୃତରଷ୍ଟ୍ର ପଚାରିଲେ – ହେ ସଞ୍ଜୟ ! ଦେବତାମାନଙ୍କ ଯଜ୍ଞସ୍ଥଳ ପୁଣ୍ୟଭୂମି କୁରୁକ୍ଷେତ୍ରରେ ମୋର ପୁତ୍ରମାନେ ଏବଂ ପାଣ୍ଡବମାନେ ଯୁଦ୍ଧ ଲକ୍ଷରେ ଏକତ୍ରିତ ହୋଇ କ'ଣ କଲେ ?

ଧୃତରାଷ୍ଟ୍ର ତତ୍କାଳୀନ ହସ୍ତିନାର ରାଜା, ପାଣ୍ଡୁଙ୍କର ଜ୍ୟେଷ୍ଠ ଭ୍ରାତା ଓ ଆଜନ୍ମ ଅନ୍ଧ ଥିଲେ। ସଞ୍ଜୟ ଗବଲଗଣ ନାମଙ୍କ ସୁତଙ୍କ ଠାରୁ ଜନ୍ମ ନେଇଥିଲେ । ସେ ଧୃତରାଷ୍ଟ୍ରଙ୍କର ମନ୍ତ୍ରୀ ଥିଲେ । ଆମ ବୈଦିକ ସନାତନ ସଂସ୍କୃତିର ଏକ ମହାନ୍ ବିଲକ୍ଷଣ ଯେ କୌଣସି କାର୍ଯ୍ୟ କରିବାକୁ ହେଲେ ଧର୍ମକୁ ସାମ୍ନାରେ ରଖି କରାଯାଇଥାଏ । ଗୀତାର ପ୍ରଥମ ଅକ୍ଷର "ଧ" ଶେଷ ଅକ୍ଷର "ର୍ମ" । ଅତଏବ ସମ୍ପୂର୍ଣ୍ଣ ଗୀତା ଧର୍ମର ଅନ୍ତର୍ଗତ । ଅର୍ଥାତ୍ ନିଜର ଧର୍ମକୁ ନିଷ୍ଠାର ସହିତ ପାଳନ କଲେ, ଗୀତାର ସମସ୍ତ ସିଦ୍ଧାନ୍ତ ପାଳିତ ହୋଇଯାଏ। ପାଣ୍ଡବ ମାନେ ଧର୍ମକୁ ଗୁରୁତ୍ୱ ଦେଉଥିଲେ । ଅନ୍ୟପକ୍ଷରେ ଦୁର୍ଯ୍ୟୋଧନର କେବଳ ରାଜ୍ୟ ପ୍ରାପ୍ତି ହିଁ ଆକାଂକ୍ଷା ଥିଲା । ଯଦିଓ ଉଭୟେ କୁରୁବଂଶୀ, ଧୃତରାଷ୍ଟ୍ରଙ୍କ ମନରେ ଦ୍ୱୈତଭାବ ରହିଥିଲା ଯେ' କୌରବ ମାନେ ହେଉଛନ୍ତି ମୋର ପୁତ୍ରଗଣ ଓ ପାଣ୍ଡବ ମାନେ ମୋର ନୁହନ୍ତି । ଧୃତରାଷ୍ଟ୍ରଙ୍କର ମନରେ ନିଜ ପୁତ୍ର ଓ ପାଣ୍ଡବମାନଙ୍କ ପ୍ରତି ସମଭାବ ନଥିଲା । ତାଙ୍କ ମନରେ ପକ୍ଷପାତିତା ଓ ନିଜ ପୁତ୍ରମାନଙ୍କ ପ୍ରତି ମୋହ ଥିଲା । ଏହି ଦ୍ୱୈତଭାବ ଯୋଗୁଁ ପରସ୍ପର ମଧ୍ୟରେ ପ୍ରେମ ଓ ସ୍ନେହ ରହେ ନାହିଁ ବରଂ କଳହ ସୃଷ୍ଟିହୁଏ । ଯୁଦ୍ଧର ନିର୍ଣ୍ଣୟ ନେଇ ମଧ୍ୟ ଧୃତରାଷ୍ଟ୍ରଙ୍କର ଦ୍ୱନ୍ଦ୍ୱ ରହିଥିଲା । ଯେହେତୁ ଯୁଦ୍ଧ ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଅନୁଷ୍ଠିତ ହେଉଅଛି , ତାଙ୍କର ପୁତ୍ରମାନେ ଅଧର୍ମ ଆଚରଣରେ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଛନ୍ତି, ତେଣୁ ଯୁଦ୍ଧର ଫଳାଫଳ ଧର୍ମକ୍ଷେତ୍ର ପ୍ରଭାବରେ ଧର୍ମର ସପକ୍ଷରେ ଯିବାର ଧୃତରାଷ୍ଟ୍ର ଆଶଙ୍କା କରୁଥିଲେ । କୁରୁକ୍ଷେତ୍ର ଥିଲା କୁରୁ ରାଜାଙ୍କର ତପୋ ଭୂମି । ଏଠାରେ ଦେବତାମାନେ ଯଜ୍ଞ ଅନୁଷ୍ଠାନ କରିଥିଲେ । ତେଣୁ ଏହା ଧର୍ମ କ୍ଷେତ୍ରନାମରେ ବିଦିତ ।

ଭଗବାନ୍ ବ୍ୟାସଦେବ ମହାଭାରତ ଯୁଦ୍ଧର ପ୍ରାରମ୍ଭରେ ରାଜା ଧୃତରାଷ୍ଟ୍ରଙ୍କୁ ଦିବ୍ୟଚକ୍ଷୁର ଯାଚନା କରିଥିଲେ, ଯାହାଦ୍ୱାରା ସେ ହସ୍ତିନାପୁରରେ ରହି ମଧ୍ୟ ଯୁଦ୍ଧର କ୍ରିୟା ଓ ଭାବ ଜନିତ ସମସ୍ତ ଘଟଣା ଅବଗତ ହୋଇପାରି ଥାନ୍ତେ । ପରନ୍ତୁ, ଜନ୍ମରୁ ଅନ୍ଧ ଥିବା ଧୃତରାଷ୍ଟ୍ର ଜୀବନର ଅନ୍ତିମ କାଳରେ, ନିଜର ପୁତ୍ରମାନଙ୍କ ନିଧନ ବିଶେଷକରି ଦୁର୍ଯ୍ୟୋଧନର ବିନାଶ ଦେଖିପାରିବି ନାହିଁ ବୋଧକରି ବ୍ୟାସଦେବଙ୍କ ଯାଚନାକୁ ପ୍ରତ୍ୟାଖାନ କରିଥିଲେ । ଏହାଥିଲା ଧୃତରାଷ୍ଟ୍ରଙ୍କ ମୋହଜନିତ ଅଜ୍ଞାନର ପରିଣାମ । ଭଗବନ୍ ବ୍ୟାସ ସଞ୍ଜୟଙ୍କୁ ଯୁଦ୍ଧର ଦୃଶ୍ୟ, ବାଣୀ ଓ ଭାବ, ଚିନ୍ତା ସମେତ କୁରୁକ୍ଷେତ୍ରର ସମସ୍ତ ଘଟଣା ଧୃତରାଷ୍ଟ୍ରଙ୍କୁ ଅବଗତ କରାଇବା ପାଇଁ ଦିବ୍ୟ ଦୃଷ୍ଟି ପ୍ରଦାନ କଲେ । ଯୁଦ୍ଧର ପ୍ରଥମ ଦିନରେ ସଞ୍ଜୟ ହସ୍ତିନାପୁରରେ ରହି ଯୁଦ୍ଧର ସମସ୍ତ ଘଟଣା ଶୁଣାଇବା ପାଇଁ ଉଦ୍ୟତ ହୁଅନ୍ତେ, ଧୃତରାଷ୍ଟ୍ର ତାହା ଶୁଣିବାକୁ ଇଚ୍ଛା ପ୍ରକାଶ କରିନ'ଥିଲେ । ବରଂ ସେ କହିଥିଲେ, ହେ ସଞ୍ଜୟ ! ପିତାମହ ଭୀଷ୍ମ , ଗୁରୁ ଦ୍ରୋଣାଚାର୍ଯ୍ୟ ଅସ୍ତ୍ରଧରି ରଣାଙ୍ଗନରେ ଥିବାପର୍ଯ୍ୟନ୍ତ କୌରବ ପକ୍ଷ ସୁରକ୍ଷିତ । ଯୁଦ୍ଧର ପ୍ରଥମ ଦିନରୁ ପିତାମହ ଭୀଷ୍ମଙ୍କ ସେନାପତିତ୍ୱ ଧୃତରାଷ୍ଟ୍ରଙ୍କ ବିଶ୍ୱାସକୁ ଆହୁରି ଦୃଢ଼ିଭୂତ କରିଥିଲା ।

ମହାଭାରତ ଯୁଦ୍ଧର ମହାନ୍ ଲକ୍ଷ୍ୟ ଥିଲା, ଅଧର୍ମର ବିନାଶ ଘଟାଇ ଧର୍ମର ପ୍ରତିଷ୍ଠା କରାଇବା । ଏହି ଲକ୍ଷକୁ ଆଧାୟ କରି ଯୁଦ୍ଧର ଦଶମ ଦିନରେ ମହାରଥୀ ଅପରାଜୟୀ ପିତାମହ ଭୀଷ୍ମଙ୍କ ରଥର ପତନ ଘଟିଲା । ଅର୍ଜୁନଙ୍କ ବାଣରେ ପିତାମହ ଭୀଷ୍ମ ଶରଶଯ୍ୟାରେ ଧରାଶାୟୀହେଲେ । କୌରବ ମାନଙ୍କ ମଧ୍ୟରେ ଆଶଙ୍କା ଓ ଆତୁରତାର ଛାୟା ଖେଳିଗଲା । ସଞ୍ଜୟ କୁରୁକ୍ଷେତ୍ରରୁ ହସ୍ତିନାପୁର ଯାଇ ରାଜା ଧୃତରାଷ୍ଟ୍ରଙ୍କୁ ଭୀଷ୍ମଙ୍କ ଶରଶଯ୍ୟା ସମ୍ବାଦ ଶୁଣାଇଥିଲେ । ରାଜା ଧୃତରାଷ୍ଟ୍ର ଏହାଶୁଣି ଚକିତ ହୋଇ ଉଠିଲେ । କାହାର ଅସ୍ତ୍ରରେ , କେଉଁ ଶକ୍ତିଦ୍ୱାରା ଓ କିପରି ଭାବରେ ଭୀଷ୍ମ ପରାଜିତ ହେଲେ , ଏହା ସଞ୍ଜୟଙ୍କ ଠାରୁ ଜାଣିବାକୁ ଇଚ୍ଛାକଲେ । ତା' ସଙ୍ଗେ ମଧ୍ୟ ଏହା ଜାଣିବାକୁ ଇଚ୍ଛା କରୁଛନ୍ତି ଯେ' ଭୀଷ୍ମଙ୍କ ଶରଶଯ୍ୟା ପରେ ପାଣ୍ଡବ ଓ କୌରବ ପକ୍ଷ ଆଉ ଯୁଦ୍ଧ କରିବାକୁ ଚାହୁଁଛନ୍ତି ନା' ବିକଳ୍ପ ସ୍ୱରୂପ ଯୁଦ୍ଧକୁ ବନ୍ଦ ରଖି ସନ୍ଧି ପ୍ରସ୍ତାବ ବିଚାର କରୁଛନ୍ତି । ଧୃତରାଷ୍ଟ୍ରଙ୍କ ମନରେ ଏହା ଜାଗ୍ରତ ହୋଇଥିଲା କି' ପିତାମହ ଭୀଷ୍ମ ଶରଶଯ୍ୟାରେ ଧରାଶାୟୀ ହେବା, ଉଭୟ ପାଣ୍ଡବ ଓ କୌରବଙ୍କ ପକ୍ଷେ ଅସହ୍ୟ ଓ ମହାନ୍ କ୍ଷତି । ତେଣୁ ନିଶ୍ଚିତ ଭାବରେ ଧର୍ମ ଓ ନ୍ୟାୟର ପ୍ରତୀକ ପାଣ୍ଡବ ମାନେ ଆଉ ଯୁଦ୍ଧ କରିବେ ନାହିଁ । ଯୁଦ୍ଧରେ ଉପସ୍ଥିତ ଥିବା ଉଭୟପକ୍ଷର ଯୋଦ୍ଧାଗଣ , ଧର୍ମାନୁପ୍ରାଣିତ ମହାରଥୀ ମାନେ , ଶାସ୍ତ୍ର ବିଷାରଦ ଉପଦେଷ୍ଟା ମାନେ ଓ ସର୍ବୋପରି ଭାବେ ଦେବକୀ ନନ୍ଦନ ଶ୍ରୀକୃଷ୍ଣ ଯୁଦ୍ଧର ପରବର୍ତ୍ତି ପର୍ଯ୍ୟାୟ ନେଇ କଣ ସବୁ ଚିନ୍ତା କରୁଛନ୍ତି ତାହା ବିସ୍ତୃତ ଭାବେ ଜଣାଇବାକୁ ରାଜା ଧୃତରାଷ୍ଟ୍ର ସଂଯୟଙ୍କୁ ପଚାରୁଛନ୍ତି ।

ଏହି ଅବସରରେ ବୁଦ୍ଧିମାନ ସଞ୍ଜୟ ଯୁଦ୍ଧର ବିଗତ ଦଶଦିନର ସବିସ୍ତୃତ ଘଟଣା କହିବା ସଙ୍ଗେ ସଙ୍ଗେ ଯୁଦ୍ଧର ଅୟାରମ୍ଭରେ ଅର୍ଜୁନଙ୍କର କିପରି ଦୁର୍ବଳ ମାନସିକତା ଥିଲା ଓ ଶ୍ରୀକୃଷ୍ଣ ଆତ୍ମା ଓ ପରମାତ୍ମା ତତ୍ତ୍ୱର ଜ୍ଞାନ ଉପଦେଶ ଦେଇ କିପରି କାର୍ପଣ୍ୟ ଦୋଷରୁ ନିବୃତ୍ତ କରାଇ, ସୁନିଶ୍ଚିତ ବିଜୟର ମାର୍ଗ ଦେଖାଇଛନ୍ତି, ତାହା ମଧ୍ୟ ରାଜା ଧୃତରାଷ୍ଟ୍ରଙ୍କୁ କହିବାକୁ ଶ୍ରେୟ ମଣିଥିଲେ । ଏହିପରି ଭାବରେ ଶ୍ରୀମଦ୍ ଭଗବଦ୍ ଗୀତା ହେଉଛି ଯୁଦ୍ଧ କ୍ଷେତ୍ରରେ କୃଷ୍ଣ ଓ ଅର୍ଜୁନଙ୍କ ମଧ୍ୟରେ ହୋଇଥିବା କଥୋପକଥନର ଅମୃତବାଣୀ, ଯାହାକି ସଞ୍ଜୟ ଧୃତରାଷ୍ଟ୍ରଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ । ଅର୍ଜୁନ ଭଗବାନ

ଶ୍ରୀକୃଷ୍ଣଙ୍କୁ ଯୁଦ୍ଧ କ୍ଷେତ୍ରରେ ନିଜ ରଥର ସାରଥୀ ରୂପରେ ବାଛିନେବା ମଧ୍ୟ ବିଧିର ଏକ ସଂଯୋଗତା ଥିଲା । ଅର୍ଜୁନ ଆଗରୁ, ଭଗବାନ ଶ୍ରୀକୃଷ୍ଣଙ୍କ ବନ୍ଦୀଶାଳାରେ ଜନ୍ମନେଇ ବସୁଦେବଙ୍କ ଦ୍ୱାରା ଗୋପପୁରରେ ମାତା ଯଶୋଦାଙ୍କ କୋଳରେ ଅବସ୍ଥାପିତ ହେବା, ପୁତନା, ଚାଣୁର, କଂସ ପ୍ରଭୃତି ରାକ୍ଷସଙ୍କୁ ନିଧନ କରିବା ଘଟଣାରୁ ତାଙ୍କଠାରେ କିଛି ଅଲୌକିକତାର ସନ୍ଧାନ ପାଇଥିଲେ । ଏହି କଥା ମଧ୍ୟ ଅର୍ଜୁନ ଶୁଣିଛନ୍ତି କି' ଶ୍ରୀକୃଷ୍ଣ ଗୋଟିଏ ଆଙ୍ଗୁଠିରେ ଗୋବର୍ଦ୍ଧନ ପର୍ବତକୁ ଟେକିଧରି ଗୋପବାସୀଙ୍କୁ ଇନ୍ଦ୍ରଙ୍କ କୋପରୁ ରକ୍ଷା କରିଥିଲେ । ତେଣୁ ସଖା ଦୃଷ୍ଟିରେ ଦେଖୁଥିବା ଶ୍ରୀକୃଷ୍ଣଙ୍କ ଠାରେ ସବୁ ପ୍ରକାର ଅସମ୍ଭବକୁ ସମ୍ଭବ କରିବାର ସାମର୍ଥ୍ୟକୁ ଅର୍ଜୁନ ଗ୍ରହଣ କରି ନେଇଥିଲେ । ଏହି ବିଶ୍ୱାସ ଅର୍ଜୁନଙ୍କଠାରେ ଦୃଢିଭୂତ ହୋଇଥିଲା କି' ଶ୍ରୀକୃଷ୍ଣଙ୍କ ଉପସ୍ଥିତି ଯେ କୌଣସି ବିପଦ ସଙ୍କଟକୁ ଟାଳିବାକୁ ସହାୟକ ହୋଇପାରିବ । ଦୁର୍ଯ୍ୟୋଧନ ଓ ଅର୍ଜୁନ ଉଭୟେ ଯୁଦ୍ଧରେ ସହାୟତା ପାଇଁ ଶ୍ରୀକୃଷ୍ଣଙ୍କ ଦ୍ୱାରସ୍ଥ ହୋଇଥିଲେ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୋଟିଏ ପକ୍ଷରେ ସମସ୍ତ ନାରାୟଣୀ ସେନା ଓ ଅନ୍ୟ ପକ୍ଷରେ ନିରସ୍ତ୍ର ହୋଇ ସେ ଏକାକୀ, ଏହି ଦୁଇଟି ମଧ୍ୟରୁ ଗୋଟିଏ କାହାକୁ ଚୟନ କରିନେବାକୁ ପ୍ରଥମେ ସୁଯୋଗ ଦେଇଥିଲେ । ଆଉ ଅର୍ଜୁନ ଏକାକୀ ଶ୍ରୀକୃଷ୍ଣଙ୍କୁ ତାଙ୍କ ପକ୍ଷରେ ନେବା ପାଇଁ ସମ୍ମତି ଜଣାଇ ଥିଲେ । ଅର୍ଜୁନଙ୍କ ଏହି ନିଷ୍ପତ୍ତିରେ ଦୁର୍ଯ୍ୟୋଧନ ବହୁତ ଉଲ୍ଲାସ ହୋଇଥିଲେ , ଏଥିପାଇଁ ଯେ' ସେ ଶ୍ରୀକୃଷ୍ଣଙ୍କ ଠାରେ କୌଣସି ଅଲୌକିକତା ଥିବାର ବିଶ୍ୱାସକୁ ଗ୍ରହଣ କରିନ'ଥିଲେ । ବରଂ ନିରସ୍ତ୍ର ହୋଇରହି ଯୁଦ୍ଧ ନକରିବାକୁ ପ୍ରତିଜ୍ଞା କରିଥିବା ଶ୍ରୀକୃଷ୍ଣ ରଣ କ୍ଷେତ୍ରରେ କି' କାର୍ଯ୍ୟରେ ଲାଗିବେ ? ଏହାଭାବି ବିକଳ୍ପ ଭାବେ ବିରାଟ ନାରାୟଣୀ ସେନାଙ୍କୁ ପାଇଥିବା ଯୋଗୁ ଦୁର୍ଯ୍ୟୋଧନ ହର୍ଷିତ ହୋଇଥିଲେ । ଏହାହିଁ ଥିଲା ଦୁର୍ଯୋଧନଙ୍କ ପକ୍ଷେ ଅହଂକାର ଜନିତ ଅଜ୍ଞାନ । ଦୁର୍ଯ୍ୟୋଧନ ଚାଲିଯିବାପରେ, ଶ୍ରୀକୃଷ୍ଣ ଅର୍ଜୁନଙ୍କ ଠାରୁ ଏହା ଜାଣିବାକୁ ଚାହିଁଲେ ଯେ' କେଉଁ କାରଣରୁ ଅର୍ଜୁନ ତାହାଙ୍କୁ ତାଙ୍କ ପକ୍ଷରେ ନେବା ପାଇଁ ଇଚ୍ଛା କଲେ । ଉତ୍ତରରେ ଅର୍ଜୁନ କହିଥିଲେ, ହେ ସଖେ ! ମୋର ଏହି ବିଶ୍ୱାସ ଯେ' ଆପଣ ଏକାକୀ ହିଁ ଯେ କୌଣସି ପରିସ୍ଥିତିକୁ ସମ୍ଭାଳି ନେବାକୁ ସମର୍ଥ । ନାରାୟଣୀ ସେନାବାହିନୀ ଯୁଦ୍ଧରେ ଉପକରଣ ମାତ୍ର । କିନ୍ତୁ ଆପଣ ଜଣେ ବିଚକ୍ଷଣ ପରିଚାଳକ ରୂପରେ ମୋ ପାଖେ ପାଖେ ରହି , ବିଷମ ସ୍ଥିତିରେ ଆବଶ୍ୟକୀୟ ବୁଦ୍ଧି ବତାଇ, ସମସ୍ତ ବିପତ୍ତିକୁ ସମ୍ଭାଳି ନେବେ । ଏହା ବ୍ୟତୀତ, ବହୁ ଦିନରୁ ମୋର ମନରେ ଇଚ୍ଛା ଥିଲା କି' ଯୁଦ୍ଧରେ ଆପଣ ମୋର ରଥରେ ସାରଥୀ ହେବେ । ଆଉ ଏବେ ସେହି ଇଚ୍ଛା ପୂରଣ ହେବାକୁ ଯାଉଛି । ଏହି ଉତ୍ତରରୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କଠାରେ ଜିଜ୍ଞାସୁର ସନ୍ଧାନ ପାଇଥିଲେ । ଏହାର ଅନ୍ତରାଳରେ ଅର୍ଜୁନଙ୍କ ଏହି ଭାବ ମଧ୍ୟ ଥିଲା ଯେ' ସେ ଶ୍ରୀକୃଷ୍ଣଙ୍କ ଅଲୌକିକତା ବିଷୟରେ କେବଳ ଶୁଣିଛନ୍ତି । ଏବେ ତାହର ସାକ୍ଷ୍ୟ ହେବାପାଇଁ ମନରେ ଯେଉଁ ପ୍ରବଳ ଇଚ୍ଛାଥିଲା, ତାହାର ସେ ସଦ୍ ଉପଯୋଗ କରିନେବାକୁ ମନସ୍ଥ କରିଥିଲେ । ଏହି ସଂଯୋଗତାରେ ଭଗବାନ ଶ୍ରୀକୃଷ୍ଣ କେବଳ ଅର୍ଜୁନଙ୍କ ରଥର ସାରଥୀ ନ' ହୋଇ ତାଙ୍କର ଶରୀରରୂପି ରଥରେ ବୁଦ୍ଧି ରୂପକ ସାରଥୀ ହୋଇ ଜ୍ଞାନ ଉପଦେଶ ଦ୍ୱାରା ଅର୍ଜୁନଙ୍କ ମୋହରୁପ ଅଜ୍ଞାନକୁ ଭଙ୍ଗ କରିଥିଲେ । ସେହି ଜ୍ଞାନମୃତ ଦିବ୍ୟ ବାଣୀ ବିଶ୍ୱକଲ୍ୟାଣକର ଭଗବଦ୍ ଗୀତା ରୂପେ ସମଗ୍ର ମାନବ ଜାତି ପାଇଁ ମାର୍ଗ ପ୍ରଦର୍ଶକ ହୋଇପାରିଛି ।

ପରମାର୍ଥିକ ଦୃଷ୍ଟିକୋଣରୁ ଧୃତରାଷ୍ଟ୍ର ପ୍ରଶ୍ନ କରିଥିବା ଶ୍ଳୋକର ଭାବାର୍ଥ ନିମ୍ନ ପ୍ରକାରେ ଅର୍ଥ ବୋଧ ହୋଇପାରେ । ମନୁଷ୍ୟ ଶରୀର ହେଉଛି ଧର୍ମକ୍ଷେତ୍ର ଏବଂ କୁରୁକ୍ଷେତ୍ର । ପରମାତ୍ମାଙ୍କ ଅଂଶ ଆତ୍ମା ଓ ତ୍ରିଗୁଣଧାରୀ ପ୍ରକୃତିର ସଂଯୋଗରେ ଏହି ଶରୀର ନିର୍ମିତ । ତେଣୁ ଶରୀର ହେଉଛି , ଧର୍ମର ପ୍ରତୀକ ଆତ୍ମା ଏବଂ ଅପରା ଶକ୍ତିର ପ୍ରତୀକ ପ୍ରକୃତିର ମିଳନ ସ୍ଥଳ । ପ୍ରକୃତି ହେଉଛି ଅହରହ କ୍ରିୟମାଣ , ତେଣୁ ଏହା ମଧ୍ୟ କୁରୁକ୍ଷେତ୍ର । ଏହି ଶରୀର ରୂପି ଧର୍ମକ୍ଷେତ୍ର ଓ କୁରୁ କ୍ଷେତ୍ରରେ ଦୈବିଗୁଣ ସମ୍ପନ୍ନ ପାଣ୍ଡବ ମାନେ , ଆସୁରୀଗୁଣ ସମ୍ପନ୍ନ କୌରବ ମାନେ ନିଜ ନିଜର କାୟା ବିସ୍ତାର ସକାଶେ ଅହରହ ଯୁଦ୍ଧରତ । ଧୃତରାଷ୍ଟ୍ର ହେଉଛନ୍ତି ଯେ' ରାଷ୍ଟ୍ରକୁ ଧାରଣ କରିଛନ୍ତି । ଧୃତରାଷ୍ଟ୍ର ସାଦୃଶ ବୁଦ୍ଧି ଶରୀରକୁ ଧାରଣ କରିଅଛି । ବୁଦ୍ଧି ମୋହଗ୍ରସ୍ତ ହେଲେ ନିଜର ଜ୍ଞାନ ସ୍ୱରୂପ ଆଚ୍ଛାଦିତ ହୋଇ ଅଜ୍ଞାନ ରୂପ ଧାରଣ କରେ । ବୁଦ୍ଧିର ଏହି ଅଜ୍ଞାନ ସ୍ଥିତି ହେଉଛି ଅନ୍ଧ ଧୃତରାଷ୍ଟ୍ରଙ୍କ ଭଳି । ଶରୀରର ମନ ହେଉଛି ଗାନ୍ଧାରୀ, ଯେକି' ନିଜର ଦୃଷ୍ଟି ଶକ୍ତି ଥାଇ ମଧ୍ୟ ସ୍ୱଇଚ୍ଛାରେ ଅନ୍ଧ ପୁତୁଳି ବାନ୍ଧି ଅନ୍ଧତ୍ୱକୁ ଗ୍ରହଣ କରିନିଏ । ମନର ଯଦିଓ ସ୍ୱଚ୍ଛସ୍ୱରୂପ ଅଛି, ମାତ୍ର ମୋହଗ୍ରସ୍ତ ବୁଦ୍ଧିର ସଂସ୍ପର୍ଶରେ ଆସି ଅନ୍ଧ ହୋଇଯାଏ । ଅର୍ଥାତ ମନର ଦୁଇଟି ରୂପ ଅଛି : ସ୍ୱଚ୍ଛ ସ୍ୱରୂପରେ ଦୈବୀ ସମ୍ପଦର ସହାୟକ ହୋଇଥାଏ ଓ ଅନ୍ଧ ଭାବରେ ଆସୁରୀ ସମ୍ପଦର ସହାୟକ ହୋଇଥାଏ । ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ଭଳି ଅଜ୍ଞାନ ଆଉ ସାମୟିକ ଅନ୍ଧ ମନର ସଂଯୋଗରୁ ଦୁର୍ଯ୍ୟୋଧନ ପରି ଅହଙ୍କାରୀ ପୁତ୍ରର ଜନ୍ମ ନିଏ । ଅନ୍ୟାନ୍ୟ ଆସୁରୀକ ଗୁଣ ଗୁଡିକ ମଧ୍ୟ ଦୁର୍ଯ୍ୟୋଧନର ଭ୍ରାତା ସଦୃଶ । ସମଗ୍ର ଗୀତାରେ ଏହି ଗୋଟିଏ ଶ୍ଳୋକ ଧୃତରାଷ୍ଟ୍ର ସଞ୍ଜୟଙ୍କୁ ପଚାରିଛନ୍ତି । ପାଣ୍ଡବ ରୂପି ଦୈବସମ୍ପଦ ଓ କୌରବ ରୂପି ଆସୁରୀ ସମ୍ପଦ ମଧ୍ୟରେ କୁରୁକ୍ଷେତ୍ର ରୂପି ଶରୀରରେ ଯେଉଁ ଅହରହ ଯୁଦ୍ଧ ଚାଲିଛି , ତାହାର ପ୍ରଭାବରେ ମନୁଷ୍ୟର ସ୍ଥିତି ଓ ଅନ୍ତିମ ପରିଣାମ କଣ ? ଏହାର ଉତ୍ତର ହେଉଛି ସମସ୍ତ ଭଗବଦ୍ ଗୀତା ଯାହାକି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ଓ ତାହା ସଞ୍ଜୟ ଆଜ୍ଞାନୀ ଧୃତରାଷ୍ଟ୍ରଙ୍କୁ ଶୁଣାଉଛନ୍ତି ।

**ସଞ୍ଜୟ ଉବାଚ**

**ଦୃଷ୍ଟ୍ୱା ତୁ ପାଣ୍ଡବାନୀକଂ ବ୍ୟୂଢ଼ଂ ଦୁର୍ଯ୍ୟୋଧନସ୍ତଦା ।**

**ଆଚାର୍ଯ୍ୟମୁପସଙ୍ଗମ୍ୟ ରାଜା ବଚନମବ୍ରବୀତ୍ ॥ ୨ ॥**

*ଅନ୍ୱୟ : ସଞ୍ଜୟ ଉବାଚ ( ସଞ୍ଜୟ କହିଲେ ) ତଦା ( ସେତେବେଳେ) ପାଣ୍ଡବ-ଅନୀକଂ ( ପାଣ୍ଡବ ସେନାଙ୍କୁ ) ବ୍ୟୂଢ଼ଂ (ବ୍ୟୂହାକାରରେ ସଜ୍ଜିତ ହୋଇଥିବା) ଦୃଷ୍ଟ୍ୱା ତୁ ( ଦେଖିକରି) ରାଜା ଦୁର୍ଯ୍ୟୋଧନଃ ( ରାଜା ଦୁର୍ଯ୍ୟୋଧନ ) ଆଚାର୍ଯ୍ୟମ୍ ଉପସଙ୍ଗମ୍ୟ (ଆଚାର୍ଯ୍ୟଙ୍କ ନିକଟକୁ ଯାଇ ) ବଚନମ୍ ଅବ୍ରବୀତ୍ ( ଏହି କଥା କହିଲେ ) ।*

**ଭାବାର୍ଥ** : ରାଜା ଦୁର୍ଯ୍ୟୋଧନ , ପାଣ୍ଡବ ମାନଙ୍କର ସୈନ୍ୟ ସଜାଇବା ଦେଖି ଦ୍ରୋଣାଚାର୍ଯ୍ୟଙ୍କୁ କହିଲେ : ହେ ଗୁରୁଦେବ ! ଆପଣଙ୍କର ବୁଦ୍ଧିମାନ ଶିଷ୍ୟ ଧୃଷ୍ଟଦ୍ୟୁମ୍ନ ପାଣ୍ଡବ ମାନଙ୍କୁ କିପରି ସଜାଇ ରଖିଛନ୍ତି ତାହା ଦେଖନ୍ତୁ । ଏମାନଙ୍କ ମଧ୍ୟରେ ସାତ୍ୟକି, ବିରାଟ , ଦ୍ରୁପଦ , ଧୃଷ୍ଟକେତୁ, ଚେକିତାନ, କାଶିରାଜ, ପୁରୁଜିତ,କୁନ୍ତିଭୋଜ , ଶୈବ୍ୟ , ଯୁଧାମନ୍ୟୁ, ଉତ୍ତମୌଜା , ଅଭିମନ୍ୟୁ , ଏବଂ ଦ୍ରୌପଦୀଙ୍କ ପଞ୍ଚପତି ଅଛନ୍ତି । ଏମାନେ ସମସ୍ତେ ବଡ ବୀର ଏବଂ ଯୁଦ୍ଧରେ ନିପୁଣ । ଆଉ ଆମ ସୈନ୍ୟମାନଙ୍କ ମଧ୍ୟରେ ଆପଣ , ଭୀଷ୍ମ, କର୍ଣ୍ଣ , କୃପାଚାର୍ଯ୍ୟ , ଅଶ୍ୱତ୍ଥାମା , ମୋ ଭାଇ ବିକର୍ଣ୍ଣ , ଭୂରିଶ୍ରବା ଏବଂ ଜୟଦ୍ରଥ

ଅଛନ୍ତି । ପୁଣି ମହା ମହା ବୀରମାନେ ମୋ ପାଇଁ ଯୁଦ୍ଧକରି ପ୍ରାଣ ଦେବାକୁ ପ୍ରସ୍ତୁତ ଅଛନ୍ତି । ଭୀଷ୍ମ ଏମାନଙ୍କର ସେନାପତି ହେଲେ ସୁଦ୍ଧା ପାଣ୍ଡବମାନଙ୍କ ସଙ୍ଗେ ଆମ୍ଭେ ସମକକ୍ଷ ହେଲାପରି ବୋଧ ହେଉନାହିଁ । ଭୀମଙ୍କ ଦ୍ୱାରା ରକ୍ଷିତ ସେନାଗଣ ଆମ୍ଭ ସେନାଗଣଙ୍କ ଠାରୁ ଅଧିକ ସମର୍ଥ ହେଲାପରି ଦୃଶ୍ୟବାନ୍ ହେଉଛନ୍ତି । ଅତଏବ ଆପଣମାନେ ନିଜ ନିଜର ସୈନ୍ୟଙ୍କୁ ନେଇ ଭୀଷ୍ମଦେବଙ୍କୁ ରକ୍ଷା କରନ୍ତୁ ।

ଦୁର୍ଯ୍ୟୋଧନଙ୍କ କଥାଶୁଣି ଭୀଷ୍ମ ଅତ୍ୟନ୍ତ ଆନନ୍ଦିତ ହେଲେ । ସିଙ୍ଘନାଦରେ ଶଙ୍ଖ ବଜାଇଲେ । ସେହି ଶଙ୍ଖଶବ୍ଦ ଶୁଣି ଅନ୍ୟମାନେ ମଧ୍ୟ ନିଜ ନିଜର ଶଙ୍ଖ ଧ୍ୱନି ଦେଲେ । ଶଙ୍ଖ, ଭେରୀ , ମୃଦଙ୍ଗ , ମଗର , ଓ ସିଙ୍ଘ ନିନାଦରେ ଯୁଦ୍ଧ କ୍ଷେତ୍ର କମ୍ପି ଉଠିଲା । ଯୁଦ୍ଧ କରିବାକୁ ଆସିଥିବା କୁରୁସେନାଙ୍କ ମଧ୍ୟରେ ଅର୍ଜୁନ ଗୁରୁ, ମାତୁଳ, ଶ୍ୱଶୁର , ନାତି , ସଖା, ଏବଂ ବନ୍ଧୁମାନଙ୍କୁ ଦେଖିଲେ । ସେମାନଙ୍କୁ ଦେଖି ଅର୍ଜୁନଙ୍କଦେହ କମ୍ପିତ ହେବାକୁ ଲାଗିଲା । ଲୋମ ଟାଙ୍କୁରି ଉଠିଲା । ଗାଣ୍ଡିବ ଧନୁ ହାତରୁ ଖସିପଡିଲା । ସେ କହିଲେ – ହେ କୃଷ୍ଣ ! ଏମାନଙ୍କୁ ମାରି ଜୟ, ରାଜ୍ୟ, ସୁଖ ମୁଁ କିଛି ଚାହୁଁନାହିଁ । ସେମାନେ ମଲେ କାହାକୁ ନେଇ ମୁଁ ରାଜ୍ୟସୁଖ ଭୋଗ କରିବି ? ମୁଁ ନିଜେ ପଛେ ମରିବି , ଏମାନଙ୍କୁ ମାରି ଆତ୍ମିୟ ବଧ ଓ ପାପ କିପରି କରିବି ? ଜାତି ଓ ବଂଶ ନାଶହେଲେ କୁଳଧର୍ମ ଲୋପ ହେବ । ପୁଣି ଧର୍ମ ଲୋପହେଲେ ନର୍କଗତି ହେବ । ସ୍ତ୍ରୀ ମାନେ ବିଧବା ହେଲେ ବର୍ଣ୍ଣ ଶଙ୍କର ଜାତ ହେବେ । ଏଣୁ ଅର୍ଜୁନ ଦୁଃଖରେ ଅଭିଭୂତ ହୋଇ ଧନୁଶର ଫିଙ୍ଗି କଦାପି ଯୁଦ୍ଧ କରିବି ନାହିଁ କହି ଦୁଃଖରେ ବସିରହିଲେ । ତାଙ୍କୁ ବିଷାଦ ଅଥୟ କରିଦେଲା ।

XXX XXX XXX

ନିମିତ୍ତାନି ଚ ପଶ୍ୟାମି ବିପରୀତାନି କେଶବ |
ନ ଚ ଶ୍ରେୟୋଅନୁପଶ୍ୟାମି ହତ୍ୱା ସ୍ୱଜନମାହବେ || ୩୧ ||
ନ କାଙ୍କ୍ଷେ ବିଜୟଂ କୃଷ୍ଣ ନ ଚ ରାଜ୍ୟଂ ସୁଖାନି ଚ |
କିଂ ନୋ ରାଜ୍ୟେନ ଗୋବିନ୍ଦ କିଂ ଭୋଗୈର୍ଜୀବିତେନ ବା || ୩୨ ||

*ଅନ୍ୱୟ : ହେ କେଶବ ! ନିମିତ୍ତାନି ( ଲକ୍ଷଣ ଗୁଡିକୁ) ଚ ବିପରିତାନି ପଶ୍ୟାମି ( ବିପରୀତ ବା ଅଶୁଭ ଭଳି ଦେଖା ଯାଉଛି ) ଆହବେ (ଯୁଦ୍ଧରେ ) ସ୍ୱଜନମ୍ ହତ୍ୱା (କୁଟୁମ୍ବ ଲୋକଙ୍କୁ ମାରି ) ଶ୍ରେୟଃ (ମଙ୍ଗଳ) ଚ ( ମଧ୍ୟ) ନ ଅନୁପଶ୍ୟାମି ( ଦେଖୁନାହିଁ ) ବିଜୟମ୍ ନ କାଙ୍କ୍ଷେ (ହେ କୃଷ୍ଣ ! ମୁଁ ବିଜୟ ଚାହୁଁ ନାହିଁ ) ନ ଚ ରାଜ୍ୟମ୍ ( ରାଜ୍ୟ ଚାହୁଁ ନାହିଁ )ନ ସୁଖାନି ଚ ( ଓ ସୁଖ ମଧ୍ୟ ଚାହୁଁ ନାହିଁ ) ହେ ଗୋବିନ୍ଦ ! ନଃ ( ହେ ଗୋବିନ୍ଦ ! ଆମ୍ଭମାନଙ୍କର) ରାଜ୍ୟେନ କିଂ ? ( ରାଜ୍ୟରେ କି' ଲାଭ ?)ଭୋଗୈଃ- ବା ( ଅଥବା ଭୋଗରେ ) ଜୀବିତେନ କିମ୍ ? ( ବଞ୍ଚିବାର କି' ଲାଭ ? )*

**ଭାବାର୍ଥ** :- ହେ କୃଷ୍ଣ ! ଯୁଦ୍ଧରେ ଆପଣା ଲୋକଙ୍କୁ ମାରି ମୁଁ କିଛି ମଙ୍ଗଳ ଦେଖୁନାହିଁ । ମୋର ବିଜୟ ଲୋଡା ନାହିଁ । ମୋର ରାଜ୍ୟ ମଧ୍ୟ ଲୋଡାନାହିଁ । ଏମିତି ସୁଖ ମୋର ଆବଶ୍ୟକ ନାହିଁ । ହେ ଗୋବିନ୍ଦ ! ଆମ୍ଭର ରାଜ୍ୟରେ କି କାର୍ଯ୍ୟ ? ଏ ଭୋଗ ବିଳାସ କଣ ହେବ ? ବଞ୍ଚିବାରେ ବା ଲାଭ କଣ ମିଳିବ ? ଅର୍ଜୁନ ବିଜୟର ପ୍ରତିବଦଳରେ କଣ କରିବାକୁ ପଡିବ ତାର ଅନୁମାନ ଲଗାଇ ଦେଖୁଛନ୍ତି ଯେ' ଯୁଦ୍ଧରେ ଗୁରୁଦ୍ରୋହ , ବନ୍ଧୁ ବାନ୍ଧବ, ଗୁରୁଜନ ଓ ସ୍ୱକୁଟୁମ୍ବଙ୍କ ପ୍ରାଣନାଶ ଭଳି

ପାପ କର୍ମ ଜଡିତ, ଯାହାକି କରିବାକୁ କଦାପି ସେ' ପ୍ରସ୍ତୁତ ନୁହଁନ୍ତି । ସାଂସାରିକ ଜୀବନ ପର୍ଯ୍ୟାୟରେ ମଧ ଆମ୍ଭମାନଙ୍କୁ ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଥାଏ । କର୍ମର ଫଳ ଯଦି ଭୟଙ୍କର ଓ ଅସହ୍ୟ ଜଣାପଡେ ଏବଂ ପରିଣାମରେ ପ୍ରାପ୍ୟ ବସ୍ତୁ ତୁଚ୍ଛ ମନେହୁଏ , ତତ୍ କ୍ଷଣାତ୍ କର୍ମ କରିବାର ସ୍ପୃହାରୁ ନିଜକୁ ନିବୃତ୍ତି କରିବା ଇଚ୍ଛା ଜାତ ହୋଇଥାଏ । ସେତେବେଳେ କର୍ତ୍ତବ୍ୟବୋଧ ପ୍ରଶ୍ନବାଚୀ ହୋଇଉଠେ । ଏ ସମସ୍ତ ପ୍ରତିକ୍ରିୟା ଏକ ସାଧାରଣ ମନୁଷ୍ୟର ବ୍ୟକ୍ତିଗତ ସ୍ତରରେ ପରିଲକ୍ଷିତ ହୋଇଥାଏ । କିନ୍ତୁ ଏକ ବୁଦ୍ଧିମାନ ମନୁଷ୍ୟ କର୍ମକୁ କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ ଦୃଷ୍ଟିରୁ ବିଚାରକୁ ନେଇଥାଏ । କର୍ମର ଉଦ୍ଦେଶ୍ୟ ସ୍ୱଧର୍ମ ପାଳନ ପକ୍ଷରେ କି' ନାହିଁ, କର୍ମରେ ସଂସାର ହିତ ନା' ବ୍ୟକ୍ତିଗତ ସ୍ୱାର୍ଥ ନିହିତ , କର୍ମ ଇନ୍ଦ୍ରିୟ ଭୋଗ ନିମନ୍ତେ ଉଦ୍ଦିଷ୍ଟ କି' ତାହା ଶାସ୍ତ୍ର ସମ୍ମତ ନିୟତ କର୍ମ ,ଏ ସବୁ ବିଚାରକୁ ନେଲେ କର୍ମର ଫଳ ଉପରୁ ଦୃଷ୍ଟି ହଟି ଯାଇଥାଏ । କର୍ମଫଳର ଆଶଙ୍କା କର୍ମରେ ପ୍ରବୃତ୍ତ କିମ୍ବା କର୍ମରୁ ନିବୃତ୍ତ ହେବାର କାରଣ ହୁଏନାହିଁ । ଭୋଗ ବୁଦ୍ଧିରେ କର୍ମ ଓ କର୍ମ ଫଳପ୍ରତି ଆଶା ରଖି କରୁଥିବା ସକାମ କର୍ମ କେବେହେଲେ ନିଷ୍ଠାର ସହିତ ସମ୍ପାଦନ ହୋଇନ'ଥାଏ । କାରଣ, ସେଥିରେ ଭୋଗ ଇଚ୍ଛା ଜଡିତ ହୋଇ ରହିଥିବାରୁ , ଦୃଷ୍ଟି ସବୁବେଳେ କର୍ମର ପରିଣାମ ଉପରେ କେନ୍ଦ୍ରୀଭୂତ ହୋଇଥାଏ । ପରିଣାମ ଅନୁକୂଳ ହେଲେ, ସେଥିରେ କର୍ତ୍ତାପନ ଯୋଡି ହୋଇଯାଏ ଓ ପ୍ରତିକୂଳ ହେଲେ ଦୁଃଖ ଯନ୍ତ୍ରଣା ଅନୁଭବ ହୁଏ । ମନୁଷ୍ୟର ଅନ୍ତର ଭିତରେ କର୍ତ୍ତାପନ " ମୁଁ କରୁଛି " ଏହି ଭାବ ଯୋଡି ହୋଇଗଲେ ,ତାହା ମାନସିକ ସ୍ତରରେ ଦମ୍ଭ, ଦର୍ପ, ଅହଂକାର ଭଳି ବିକାର ସୃଷ୍ଟି କରାଏ । କର୍ମଫଳ ପ୍ରତି ଆସକ୍ତି କର୍ମକୁ ଛାଡି ଚାଲିଯିବାର ପରିସ୍ଥିତି ସୃଷ୍ଟି କରାଏ । ଏହି ପ୍ରକାରର କର୍ମ ବୈରାଗ୍ୟ ପ୍ରବୃତ୍ତି ହେଉଛି ବିଷାଦ । ଅର୍ଜୁନଙ୍କ ବିଚାରରେ ଆସନ୍ନ ଯୁଦ୍ଧରେ ନିଜ କୁଟୁମ୍ବ ଲୋକ, ଭାଇ ବନ୍ଧୁଙ୍କ ପ୍ରାଣ ନାଶ କାର୍ଯ୍ୟ ନିଶ୍ଚୟ ଘୋର ପାପ ଜନିତ ଓ ପୀଡାଦାୟକ । ସେହି ତୁଳନାରେ ରାଜ୍ୟ, ଧନ, ପ୍ରତିଷ୍ଠା, ବିଜୟ ଗୌରବ ଆଦି ଅର୍ଜୁନଙ୍କୁ ତୁଚ୍ଛ ମନେ ହେଉଥିଲା । ସେତେବେଳେ ଅର୍ଜୁନଙ୍କ ମନରେ "ଏହି ଯୁଦ୍ଧ ମୋତେ କରିବାକୁ ହେବ" ଏହି କର୍ତ୍ତାପନ ଭାବ ଯୋଡି ହୋଇଯିବାରେ ତାହା ବିଷାଦରେ ପରିଣତ ହେଲା ।

XXX XXX XXX

**ଯଦି ମାମପ୍ରତୀକାରମଶସ୍ତ୍ରଂ ଶସ୍ତ୍ରପାଣୟଃ ।**

**ଧାର୍ତ୍ତରାଷ୍ଟ୍ରା ରଣେ ହନ୍ୟୁସ୍ତନ୍ମେ କ୍ଷେମତରଂ ଭବେତ୍ ॥ ୪୬ ॥**

*ଅନ୍ୱୟ : ଯଦି ଶସ୍ତ୍ରପାଣୟଃ ଧାର୍ତ୍ତରାଷ୍ଟ୍ରା ( ହାତରେ ଅସ୍ତ୍ରଶସ୍ତ୍ର ଧରିଥିବା ଧୃତରାଷ୍ଟ୍ରଙ୍କ ପକ୍ଷର ଲୋକେ) ରଣେ ( ଯୁଦ୍ଧ ଭୂମିରେ ) ଅପ୍ରତୀକାରମ୍ (ବିନା ପ୍ରତିରୋଧରେ ) ଅଶସ୍ତ୍ରମ୍ ( ଶସ୍ତ୍ର ବିହୀନ ଅବସ୍ଥାରେ ) ମାମ୍ ହନ୍ୟୁ ( ମୋତେ ମାରିଦିଅନ୍ତି) ତତ୍ ମେ ( ତାହା ମୋ ପାଇଁ) କ୍ଷେମତରମ୍ ଭବେତ୍ (ଅତ୍ୟନ୍ତ କଲ୍ୟାଣକର ହେବ) ।*

**ଭାବାର୍ଥ** :- ବିଷାଦଗ୍ରସ୍ତ ଅର୍ଜୁନଙ୍କ ମାନସିକ ସ୍ଥିତି କ୍ରମଶଃ ଦୁର୍ବଳ ସ୍ତରକୁ ଯାଇ ଶେଷରେ ସେ ଶୋକାବିଷ୍ଟ ହୋଇ ପଡ଼ିଛନ୍ତି । ଶତ୍ରୁ ହସ୍ତରେ ବିନା ପ୍ରତିରୋଧ ନ'କରି ନିଜର ପ୍ରାଣ ବିସର୍ଜନକୁ ମଧ ଶ୍ରେୟସ୍କର ମଣୁଛନ୍ତି । " ସେନୟୋରୁଭୟୋର୍ମଧ୍ୟେ ରଥଂ ସ୍ଥାପୟ ମେ ଅଚ୍ୟୁତ । ଯାବଦେତାନ୍ନିରୀକ୍ଷେଅହଂ ଯୋଦ୍ଧୁକାମାନବସ୍ଥିତାନ୍ ॥" ଯେଉଁ

ଅର୍ଜୁନ କୁରୁବଂଶୀମାନଙ୍କୁ ଦେଖିବାକୁ ସୁରବୀରତାର ସହିତ ଦୁଇ ସେନାଙ୍କ ମଧ୍ୟଭାଗରେ ରଥ ଠିଆକରିବାକୁ ଭଗବାନଙ୍କୁ ଆଜ୍ଞା ଦେଉଛନ୍ତି , ସେହି ଅର୍ଜୁନଙ୍କ ଏହିପରି ମାନସିକ ଦୁର୍ବଳ ସ୍ଥିତି କିପରି ହେଲା, ଯାହାଦ୍ୱାରା ଶତ୍ରୁ ହସ୍ତରେ ନିରସ୍ତ୍ର ଭାବେ ନିଜ ପ୍ରାଣ ବିସର୍ଜନକୁ ମଧ୍ୟ ସେ ଶ୍ରେୟ ମଣୁଛନ୍ତି ? ଅର୍ଜୁନଙ୍କର ପଥ ବିଚ୍ୟୁତ ଘଟିଛି । ସେ ଯୁଦ୍ଧ କ୍ଷେତ୍ରରେ ଯୋଦ୍ଧା ରୂପରେ ରଥାରୂଢ ହୋଇଥିଲେ । ସେ ଉଭୟ ପକ୍ଷର ଯୁଦ୍ଧ କରିବାର ଅଭିପ୍ରାୟ ନେଇ ସମବେତ ହୋଇଥିବା ଯୁଯୁତ୍ସୁ ମାନଙ୍କୁ ଶତ୍ରୁ ପକ୍ଷର ଯୋଦ୍ଧା ରୂପରେ ନ ଦେଖି ନିଜର ପିତାମହ,ଗୁରୁ, ଭାଇ କୁଟୁମ୍ବ ଦୃଷ୍ଟିରେ ଦେଖିବାକୁ ଆରମ୍ଭ କଲେ । ଶତ୍ରୁ ପକ୍ଷରେ ଭୀଷ୍ମ , ଦ୍ରୋଣ, କୃପାଚାର୍ଯ୍ୟ ପ୍ରଭୃତି ଗୁରୁଜନଙ୍କ ସହିତ ସ୍ୱକୁଟୁମ୍ବଙ୍କୁ ଦେଖି ଅର୍ଜୁନଙ୍କ ମନରେ ଏ ସମସ୍ତଙ୍କ ପ୍ରାଣ ପ୍ରତି ମୋହୋ ସୃଷ୍ଟି ହୋଇଛି । ତା' ସଙ୍ଗେ ସଙ୍ଗେ ମଧ୍ୟ ଯୁଦ୍ଧରେ ନିଜର ବିଜୟ ପ୍ରତି ସନ୍ଦେହ ଜାଗ୍ରତ ହୋଇଛି । ପାଣ୍ଡବମାନେ ନିଜର ରାଜ୍ୟ ଅଧିକାର ପାଇଁ ଯୁଦ୍ଧ କରିବେ ନା' ଦୁର୍ଯ୍ୟୋଧନର ସର୍ତ୍ତ ଅନୁଯାଇ ପୁଣି ବାର ବର୍ଷ ବନବାସ ଯିବେ, ଏହାର ବିଚାର କରିବାର ମୂହୁର୍ତ୍ତ ଅର୍ଜୁନଙ୍କ ପାଇଁ ଗୋଟିଏ ସମୟରେ ଆସିଥିଲା । ସେତେବେଳେ ସେ କଣ ଏହା ଚିନ୍ତା କରିନଥିଲେ କି' ଯେ ତାହାଙ୍କୁ ଭୀଷ୍ମ, ଦ୍ରୋଣ, କର୍ଣ୍ଣ ପରି ମହାରଥୀମାନଙ୍କ ସହିତ ଯୁଦ୍ଧ କରିବାକୁ ହେବ ଏବଂ ସେଥିରେ ନିଜ କୁଟୁମ୍ବ ଲୋକଙ୍କ ପ୍ରାଣହାନି ଘଟିବ ? ସେହି ବିଚାର କରିବାର ପର୍ଯ୍ୟାୟକୁ ସେ ଅତିକ୍ରମ କରି ଯୁଦ୍ଧ କରିବାର ସିଦ୍ଧାନ୍ତ ନେଇ ସାରିଛନ୍ତି । ଯେଉଁ ସମୟରେ ଅସ୍ତ୍ର ଉତ୍ତୋଳନ କରି ଶତ୍ରୁ ଉପରେ ଅସ୍ତ୍ର ପ୍ରହାର କରିବାର ମୁହୁର୍ତ୍ତ ଉପନିତ ହେଲା, ସେତେବେଳେ ସେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଶତୃପକ୍ଷର ଯୋଦ୍ଧା ମାନଙ୍କୁ ଦେଖିବା ପାଇଁ ରଥକୁ ଉଭୟ ସେନାର ମଧ୍ୟରେ ସ୍ଥାପିତ କରିବାକୁ ଆଜ୍ଞା ଦେଉଛନ୍ତି । ଏହା ହିଁ ଥିଲା ଅର୍ଜୁନଙ୍କର କର୍ତ୍ତବ୍ୟ ମାର୍ଗରୁ ବ୍ୟୁଥାନ । ଏହି ସମୟରେ ମୋହ ରୂପକ ଦୁର୍ବଳତା ଅନ୍ତଃକରଣରେ ଇଚ୍ଛାଶକ୍ତିର ପତନ ଘଟାଇଲା । ଅର୍ଜୁନଙ୍କ ପାଖରେ ଭୀରୁତା, କାପୁରୁଷତାର ଲକ୍ଷଣ ଦେଖାଗଲା । ଶୋକାକୁଳମନା ଅର୍ଜୁନ ଶର ସହିତ ଧନୁ ତ୍ୟାଗ କରି ଯୁଦ୍ଧଭୂମିରେ ରଥର ମଧ୍ୟଭାଗରେ ବସି ପଡିଲେ ।

---

**ସଞ୍ଜୟ ଉବାଚ**

**ଏବମୁକ୍ତ୍ୱାର୍ଜୁନଃ ସଙ୍ଖ୍ୟେ ରଥୋପସ୍ଥ ଉପାବିଶତ୍ ।**

**ବିସୃଜ୍ୟ ସଶରଂ ଚାପଂ ଶୋକସଂବିଗ୍ନମାନସଃ ॥୪୭ ॥**

*ଅନ୍ୱୟ : ଏବଂ ଉକ୍ତ୍ୱା (ଏପରି କହି ) ଶୋକସଂବିଗ୍ନମାନସଃ ( ଶୋକାକୁଳ ମନା) ଅର୍ଜୁନଃ (ଅର୍ଜୁନ) ସଶରମ୍ ଚାପମ୍ (ଶର ସହିତ ଧନୁ ) ବିସୃଜ୍ୟ (ତ୍ୟାଗକରି ) ସଙ୍ଖ୍ୟେ ( ଯୁଦ୍ଧଭୂମିରେ) ରଥୋପସ୍ଥ ( ରଥର ମଧ୍ୟଭାଗରେ) ଉପାବିଶତ୍ ( ବସିପଡିଲେ ) ।*

**ଭାବାର୍ଥ** : କୌଣସି ପରିସ୍ଥିତିରେ ପ୍ରତିପକ୍ଷ ସହିତ ମୁଁ ଯୁଦ୍ଧକରିବାକୁ ପ୍ରସ୍ତୁତ ନୁହେଁ – ଅର୍ଜୁନ ଏହା କହି ଗାଣ୍ଡୀବ ଧନୁ ଓ ଅସ୍ତ୍ର ତ୍ୟଜ୍ୟ କରି ଶୋକାକୁଳ ମନରେ ରଥ ଉପରେ ବସିପଡିଲେ । ଆମ୍ଭମାନଙ୍କର ସାଧାରଣ ଜୀବନରେ ଏହି ପ୍ରକାର ପରିସ୍ଥିତି ଆସିଥାଏ । କର୍ମ ବହୁଳ ବ୍ୟକ୍ତିଗତ କିମ୍ବା ପାରିବାରିକ ଜୀବନ ହେଉ, କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟରେ ସମସ୍ତ

ଦୃଷ୍ଟିରୁ ବିଚାର କରି କର୍ମ କରିବା ଓ ନ'କରିବା ଉପରେ ପ୍ରଥମେ ସିଦ୍ଧାନ୍ତ ନେବାକୁ ପଡିଥାଏ । କର୍ମ କରିବାର ଥରେ ସିଦ୍ଧାନ୍ତ ନେଇ ସାରିଲାପରେ, ଯେତେବେଳେ ତାହାକୁ କାର୍ଯ୍ୟକାରି କରିବାକୁ ଅଗ୍ରସର ହେଉ , କର୍ମଫଳର ଅନିଶ୍ଚିତତା ଯଦି ବିଚଳିତ କରେ , ତାହେଲେ ଆମକୁ ଧରିନେବାକୁ ହେବ ଯେ' କୌଣସି ଏକ ମାନସ୍ତାତ୍ତ୍ୱିକ ଦୋଷ ଦୁର୍ବଳତା ଅନ୍ତଃକରଣକୁ ଘେରି ରହିଛି । ଥରେ ନିଶୟାତ୍ମିକ ବୁଦ୍ଧିରେ ସିଦ୍ଧାନ୍ତ ନେଇସାରିଲା ପରେ, ସେହି କର୍ମକୁ କରିବାକୁ ହିଁ ପଡିବ । ଭୋଗ ବୁଦ୍ଧି ନ'ରଖି ଅନାସକ୍ତ ଭାବରେ ସ୍ୱଧର୍ମ ପାଳନ ନିମନ୍ତେ କରୁଥିବା କର୍ମ ଯଜ୍ଞ କର୍ମ ହୋଇଥାଏ । ଯଜ୍ଞକର୍ମ ଯୋଗ ସାଧନାର ଏକ ଅଙ୍ଗ । ଅର୍ଜୁନଙ୍କ ପାଇଁ ଏହି ଯୁଦ୍ଧ ଯଜ୍ଞ କର୍ମ ସାଦୃଶ । ଯଜ୍ଞ କର୍ମ ସମ୍ପାଦନ ନିମିତ୍ତ ମନର ନିଶ୍ଚଳ ଅବସ୍ଥା ଓ ଚିତ୍ତର ଏକାଗ୍ରତା ସ୍ଥିତି ଅନିବାର୍ଯ୍ୟ । ଯୁଦ୍ଧର ପ୍ରାକ୍ କାଳରେ ଅର୍ଜୁନଙ୍କ ମନ ଓ ଚିତ୍ତକୁ ଯୁଦ୍ଧର ଭୟାବହ ପରିଣାମର କଳ୍ପନା ଜନିତ ଆଶଙ୍କା ଘେରି ରହିଥିଲା । ରଣକ୍ଷେତ୍ରରୁ ପଳାୟନ କରିବା ଭଳି କ୍ଷତ୍ରିୟ ଧର୍ମର ବିରୁଦ୍ଧାଚରଣ ଅର୍ଜୁନଙ୍କ ପକ୍ଷରେ ଦେଖିବାକୁ ମିଳିଥିଲା । କର୍ମଫଳ ପ୍ରତି ଅନାସକ୍ତ ରହିଥିବା ଯୋଗ ସାଧକର ମାନସିକ ସ୍ଥିତି କର୍ତ୍ତବ୍ୟ ସମ୍ପାଦନ କାଳରେ ଦୃଢ ହୋଇ ରହିଥାଏ । ସାସଂରିକ ଜୀବନରେ ଭୋଗକାଳରେ ବସ୍ତୁ କିମ୍ବା ବ୍ୟକ୍ତିର ବିନଷ୍ଟ ଘଟିଲେ , ମନରେ ପୀଡା ଓ ଯନ୍ତ୍ରଣା ଅନୁଭବ ହୁଏ । ସେତେବେଳେ ସଂସାର ପ୍ରତି ବୈରାଗ୍ୟ ଭାବ ସମ୍ୟକ ଭାବରେ ଜାଗ୍ରତ ହୁଏ । ସେହି ଅବସରରେ କୌଣସି ତତ୍ତ୍ୱଦର୍ଶୀ ମହାପୁରୁଷଙ୍କ ସାକ୍ଷାତ ଘଟି ଯଦି ଜ୍ଞାନ ପ୍ରାପ୍ତିର ସୁଯୋଗ ପ୍ରାପ୍ତ ହୁଏ, ତାହେଲେ ମନ, ଚିତ୍ତ, ବୁଦ୍ଧି ସ୍ତରରେ ଅବିନାଶୀ ନିତ୍ୟ ସୁଖ ଓ ପରମାନନ୍ଦ ପ୍ରାପ୍ତିର ଜିଜ୍ଞାସା ଜାଗ୍ରତ ହୁଏ । ତେଣୁ ଅର୍ଜୁନଙ୍କ ଭଳି ସମସ୍ତ ମନୁଷ୍ୟଙ୍କର ଜୀବନ କାଳରେ ଆତ୍ମାଭିମୁଖୀ ହେବାପାଇଁ , ଏହିଭଳି ବିଷାଦ ସ୍ଥିତିର ଆବଶ୍ୟକତା ରହିଛି । ଇନ୍ଦ୍ରିୟଭୋଗରୁ ବିତସ୍ପୃହ ହୋଇ ସଂସାରରେ ନିତ୍ୟ-ଅନିତ୍ୟ, ହର୍ଷ-ଶୋକ, ଜନ୍ମ-ମୃତ୍ୟୁ, ଦୁଃଖ-ସୁଖ ଆଦି ଯେତେ ସବୁ ଦ୍ୱନ୍ଦ୍ୱଭାବ ରହିଛି, ଏ ସମସ୍ତର କାରଣ ଖୋଜିବାର ପ୍ରଚେଷ୍ଟା ମନୁଷ୍ୟକୁ କୌଣସି ଏକ ଜନ୍ମରେ ଈଶ୍ୱରାଭିମୁଖୀ କରାଇଥାଏ ।

**ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ ଗୀତାସୂପନିଷସ୍ତୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ**

**ଶ୍ରୀକୃଷ୍ଣାର୍ଜୁନସଂବାଦେ ଅର୍ଜୁନବିଷାଦଯୋଗ ନାମ ପ୍ରଥମ ଅଧ୍ୟାୟ ॥୧ ॥**

ଏହି ପ୍ରକାରେ "ଓଁ,ତତ୍ ,ସତ୍" – ଏହି ଭଗବାନ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗୋଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍ ଗୀତୋପନିଷଦ୍ ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ "ଅର୍ଜୁନ ବିଷାଦ ଯୋଗ " ନାମକ ପ୍ରଥମ ଅଧ୍ୟାୟ ପୂର୍ଣ୍ଣ ହେଲା ।

**॥ ଓଁ ଶ୍ରୀ ପରମାତ୍ମନେ ନମଃ ॥**

## ଶ୍ରୀମଦ୍‌ଭଗବଦ୍ ଗୀତା
## ଦ୍ୱିତୀୟ ଅଧ୍ୟାୟ (ସାଙ୍ଖ୍ୟଯୋଗ)

### ସଞ୍ଜୟ ଉବାଚ

**ତଂ ତଥା କୃପୟାବିଷ୍ଟମଶ୍ରୁପୂର୍ଣ୍ଣାକୁଲେକ୍ଷଣମ୍ ।**
**ବିଷାଦନ୍ତମିଦଂ ବାକ୍ୟମୁବାଚ ମଧୁସୂଦନଃ ॥ ୧ ॥**

*ଅନ୍ୱୟ : ତଥା (ସେହିପରି ) କୃପୟାବିଷ୍ଟମ (କାତରତାରେ ସ୍ନେହାବିଷ୍ଟ ) ଅଶ୍ରୁପୂର୍ଣ୍ଣକୁଲେକ୍ଷଣମ୍ (ଅଶ୍ରୁପୂର୍ଣ୍ଣ କାରଣରୁ ନେତ୍ରର ଦୃଷ୍ଟିଶକ୍ତି ଅବରୁଦ୍ଧ ହୋଇଯାଇଥିବା ) ବିଷାଦନ୍ତାମ(ବିଷାଦଗ୍ରସ୍ତ) ତମ୍ (ସେହି ଅର୍ଜୁନଙ୍କ ପ୍ରତି ) ମଧୁସୂଦନଃ ( ଭଗବାନ ମଧୁସୂଦନ)ଇଦମ୍ ବାକ୍ୟମ୍ ଉବାଚ (ଏହି ବଚନ କହିଲେ ) ।*

**ଭାବାର୍ଥ :** ଯେତେବେଳେ ରଣନାଦରେ ହୃଦୟ କମ୍ପିତହୋଇ ଉଠି , ଶତ୍ରୁ ପକ୍ଷର ଯୁଦ୍ଧାଭିଳାଷି ରଥୀ ମହାରଥୀଙ୍କୁ ଦେଖିବା ପାଇଁ ଅର୍ଜୁନ ରଥକୁ ଉଭୟ ସେନା ମଧ୍ୟରେ ସ୍ଥାପିତ କରିବା ପାଇଁ ଶ୍ରୀକୃଷ୍ଣଙ୍କୁ ଆଦେଶ ଦେଲେ, ସେହି ସମୟରୁ ହିଁ ଅର୍ଜୁନଙ୍କୁ କାୟରତା ଭାବ ଘେରିନେଲାଣି । ଅତ୍ୟନ୍ତ କାୟାରତା , ଅଜ୍ଞାନ ,ଦୈନ୍ୟ ମାନସିକ ସ୍ଥିତିର ପ୍ରଭାବରୁ ଚକ୍ଷୁ ଲୋତକପୂର୍ଣ୍ଣ ହୋଇ ଅର୍ଜୁନଙ୍କ ସମସ୍ତ ଜ୍ଞାନେନ୍ଦ୍ରିୟ ମାନେ ସ୍ତବ୍ଧ ହୋଇଉଠିଲେ । ଆଖିକୁ ଚତୁର୍ପାର୍ଶ୍ୱର କୌଣସି ଦୃଶ୍ୟ ପ୍ରତୀୟମାନ ହେଲା ନାହିଁ । ଅର୍ଜୁନଙ୍କର ଏହି ଅବସ୍ଥା ଦେଖି, ଭଗବାନ ଶ୍ରୀକୃଷ୍ଣ ପ୍ରଥମଥର ପାଇଁ ତାଙ୍କର ମୁଖ ଖୋଲି ଯେଉଁ ବାକ୍ୟ କହିବାକୁ ଆରମ୍ଭ କଲେ, ତାହା ସାଧାରଣ ବାକ୍ୟ ନ'ଥିଲା, ତାହା ଥିଲା ଏହି ଶ୍ରୀମଦ୍ ଭଗବଦ୍ ଗୀତାର ମନ୍ତ୍ରମାଳା । ବିଷାଦ ଯୋଗରେ ଦେଖାଯାଇଛି , ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ସ୍ୱଜନଙ୍କ ଯୁଦ୍ଧରେ ମୃତ୍ୟୁ ବରଣରେ କି' ପରିଣାମ ହେବ ଓ କୁଟୁମ୍ବ ଜନଙ୍କୁ , ଗୁରୁ ଦ୍ରୋଣଚାର୍ଯ୍ୟ , ପିତାମହ ଭୀଷ୍ମ ଆଦିଙ୍କୁ ଯୁଦ୍ଧରେ ମାରି ମହାପାପ ଅର୍ଜନକରି ନର୍କଗାମୀ ହେବାକୁ ପଡିବ , ଏସବୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କହିଛନ୍ତି । ଭଗବାନ ଶ୍ରୀକୃଷ୍ଣ ସେସବୁ ସମ୍ପୂର୍ଣ୍ଣ ନିରୁତ୍ତର ରହି ଶୁଣି ଚାଲିଛନ୍ତି । ସେ ମଧ୍ୟ ଅର୍ଜୁନଙ୍କ ଆଜ୍ଞା ପ୍ରକାରେ ରଥକୁ ନେଇ ଯୁଦ୍ଧକ୍ଷେତ୍ରର ମଧ୍ୟ ସ୍ଥଳିରେ ଅବସ୍ଥାପିତ କରି ସାରଥୀର କାର୍ଯ୍ୟ ତୁଲାଇ ଛନ୍ତି । ହୁଏତ

ଭଗବାନ ଶ୍ରୀକୃଷ୍ଣ ଉତ୍ତର ଦେବା ସକାଶେ ଯେଉଁ ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି, ତାହା ଅର୍ଜୁନଙ୍କ ଠାରେ ସେତେବେଳେ ଯାଏ ପରିଲକ୍ଷିତ ହୋଇନଥିଲା । ଧର୍ମ ସଙ୍କଟ କାରଣରୁ ଦୌର୍ବଲ୍ୟତାର ଶୀର୍ଷରେ ଅର୍ଜୁନ ପହଞ୍ଚିଛନ୍ତି । ସ୍ୱୟଂ ସେହି ପରିସ୍ଥିତିରୁ ମୁକୁଳିବା ପାଇଁ ମାର୍ଗ ଅନ୍ୱେଷଣ କରି ଅର୍ଜୁନଙ୍କର ଶରଣାପନ୍ନ ହେବା ମୁହୂର୍ତ୍ତକୁ ଭଗବାନ ଅପେକ୍ଷା କରି ରହିଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କ ଉପରେ ଅର୍ଜୁନଙ୍କର ପ୍ରଥମରୁ ଏହି ବିଶ୍ୱାସ ଥିଲାଯେ' ସଂକଟାପନ୍ନ ମୁହୂର୍ତ୍ତରେ ସେ ହିଁ ତାଙ୍କୁ ବୁଦ୍ଧି ବତାଇବେ । କିନ୍ତୁ ଯେଉଁ ପର୍ଯ୍ୟନ୍ତ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କେବଳ ସାରଥୀ ରୂପରେ ଦେଖିଛନ୍ତି, ଆଉ ଗୁରୁ କିମ୍ବା ସଙ୍କଟ ମୋଚନ ଉପଦେଷ୍ଟା ଦୃଷ୍ଟିରେ ଦେଖି ମାର୍ଗ ବତାଇବା ପାଇଁ ଆବଶ୍ୟକ କରି ନାହାନ୍ତି, ଭଗବାନ ଶ୍ରୀକୃଷ୍ଣ ସେହି ପର୍ଯ୍ୟନ୍ତ ପଦଟିଏ ମଧ୍ୟ ଉପଦେଶ ଛଳରେ ଅର୍ଜୁନଙ୍କୁ କହି ନାହାନ୍ତି । ଏଥିରୁ ଏହି ଶିକ୍ଷା ମିଳେଯେ' ଦୁଃଖ ସଙ୍କଟରୁ ମୁକ୍ତି ନିମନ୍ତେ ତତ୍ତ୍ୱଦର୍ଶୀଙ୍କ ପାଖରେ ନିଜକୁ ଶରଣାପନ୍ନ କରାଇ ନିଜର ମାର୍ଗ ଅନ୍ୱେଷଣ କରିବାର ବ୍ୟାକୁଳତା ଭାବ ପ୍ରକଟ କଲାପରେ ହିଁ ତତ୍ତ୍ୱଦର୍ଶୀଙ୍କ ଠାରୁ ଜ୍ଞାନ ପ୍ରାପ୍ତ ହୋଇଥାଏ । ଜ୍ଞାନ ଉପଦେଶ ପ୍ରାପ୍ତି ନିମନ୍ତେ ନିଜକୁ ହିଁ ପାଦ ଉଠାଇବାକୁ ହେବ ।

**ଶ୍ରୀ ଭଗବାନ ଉବାଚ**

**କୁତସ୍ତ୍ୱା କଶ୍ମଳମିଦଂ ବିଷମେ ସମୁପସ୍ଥିତମ୍ ।**
**ଅନାର୍ଯ୍ୟ ଜୁଷ୍ଟମସ୍ୱର୍ଗ୍ୟମକୀର୍ତ୍ତିକରମର୍ଜୁନ ॥ ୨॥**
**କ୍ଳୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ ।**
**କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ ॥ ୩॥**

*ଅନ୍ୱୟ : ଶ୍ରୀ ଭଗବାନ ଉବାଚ ( ଶ୍ରୀ ଭଗବାନ କହିଲେ ) ଅର୍ଜୁନ (ହେ ଅର୍ଜୁନ !) ଅନାର୍ଯ୍ୟଜୁଷ୍ଟମ୍ (ଅନାର୍ଯ୍ୟର ଆଚରଣ - ଯାହା ଶ୍ରେଷ୍ଠ ପୁରୁଷ ଆଚରଣ କରନ୍ତି ନାହିଁ) ଅସ୍ୱର୍ଗ୍ୟମ୍ (ସ୍ୱର୍ଗ ପ୍ରାପ୍ତିର ପ୍ରତିରୋଧକ ) ଅକୀର୍ତ୍ତିକରଂ (ଶ୍ରେୟସ୍କର ମଧ୍ୟ ନୁହେଁ) ଇଦଂ କଶ୍ମଳମ୍ (ଏଭଳି ମୋହ ବା ଚିତ୍ତ ମାଳିନ୍ୟ )ତ୍ୱା କୁତଃ ( ତୁମ ପାଖରେ କେଉଁଠାରୁ) ବିଷମେ (ଯେଉଁ ମୁହୂର୍ତ୍ତରେ କର୍ତ୍ତବ୍ୟାରୁଢ ହେବା ଅନିର୍ବାର୍ଯ୍ୟ) ସମୁପସ୍ଥିତମ୍ (ସେହି ସମୟରେ ମନକୁ ଆସିଲା ) ? ପାର୍ଥ ! ( ହେ ପୃଥା ନନ୍ଦନ ଅର୍ଜୁନ) କ୍ଳୈବ୍ୟଂ (ପୁରୁଷତ୍ୱ ହୀନ ଭାବ - କାପୁରୁଷତା) ମା ସ୍ମ ଗମଃ (ଆଶ୍ରୟ କରନାହିଁ) । ଏତତ୍ ତ୍ୱୟି ( ଏହା ତୁମ୍ଭ ଠାରେ ) ନ ଉପପଦ୍ୟତେ (ଶୋଭା ଦେଖାଯାଉ ନାହିଁ)। ପରଂତପ ( ହେ ପରନ୍ତପ ! - ଶତୃନାଶକାରୀ ) କ୍ଷୁଦ୍ରମ୍ (ନୀଚ ଜନୋଚିତ ) ହୃଦୟ ଦୌର୍ବଲ୍ୟମ୍ (ଚିତ୍ତ ଦୁର୍ବଳତାକୁ ) ତ୍ୟକ୍ତ୍ୱା (ତ୍ୟାଗକରି ) ଯୁଦ୍ଧାୟ ( ଯୁଦ୍ଧ କରିବା ନିମନ୍ତେ) ଉତ୍ତିଷ୍ଠ (ଉଠ ) ।*

**ଭାବାର୍ଥ** :ଶ୍ରୀ ଭଗବାନ କହିଲେ –ହେ ଅର୍ଜୁନ ! ଶତ୍ରୁପକ୍ଷ ଶଙ୍ଖଧ୍ୱନି ଦେଇ ଯୁଦ୍ଧ ଆରମ୍ଭର ସଙ୍କେତ ଦେଇସାରିଲା ପରେ , ଶତ୍ରୁକୁ ପ୍ରହାର ପାଇଁ ଅସ୍ତ୍ର ଉତ୍ତୋଳନ ପରିବର୍ତ୍ତେ ତୁମ୍ଭେ କିପରି କହୁଛ କି' ବରଂ ସେମାନେ ମୋତେ ମାରିଦିଅନ୍ତୁ ମୁଁ ଅସ୍ତ୍ର ଉଠାଇବି ନାହିଁ । ସଙ୍କଟ ମୁହୂର୍ତ୍ତରେ ଏହି ପ୍ରକାର ଦୁର୍ଗତି ତୁମକୁ କେଉଁଠାରୁ ପ୍ରାପ୍ତ ହେଲା । ତୁମ୍ଭେ ପ୍ରତିଯୁଦ୍ଧ ନକରି ହିଂସା ଜନିତ ପାପ କର୍ମରୁ ବଞ୍ଚିଯାଇ ସ୍ୱର୍ଗପ୍ରାପ୍ତ ହୋଇଯିବ , ନହେଲେ ଆତ୍ମୀୟ ସ୍ୱଜନଙ୍କ ସଂହାର କୁ ଆଡେଇ ଦେଇ ଲୋକଙ୍କ ମଧ୍ୟରେ ପ୍ରଶଂସା ଭାଜନ ହୋଇଯିବ ଓ ତୁମ୍ଭର ପ୍ରତିଷ୍ଠା ବଢିଯିବ , ଯଦି ଏପରି ଭାବୁଛ ତାହେଲେ ଏ ସମସ୍ତ ତୁମ୍ଭର ଭ୍ରାନ୍ତ ଧାରଣା । ଲୋକେ ସମସ୍ତେ ନଂପୁଷକତା କହି ତୁମ୍ଭ ପ୍ରତି ଅଙ୍ଗୁଳି ଦେଖାଇବେ । ପୃଥାପୁତ୍ର ଭାବେ ତୁମ୍ଭର ଯେଉଁ ବୀରତ୍ୱର ଗାରିମା ରହିଛି, ସେଥିରେ କଳଙ୍କ ଲାଗିବ । ଏହା ଅତିଶୟ ଭୀରୁତାର ପରିଚାୟକ । ଏପରି ହୃଦୟ

ଦୁର୍ବଳତା ନୀଚ ଲୋକର ଆଚରଣ । ହେ ଅର୍ଜୁନ ! ଏଥି ପୂର୍ବରୁ ତୁମ୍ଭେ ଶତ୍ରୁ ବିନାଶକାରି ଭାବେ ଖ୍ୟାତି ଅର୍ଜନ କରିଅଛ । ତୁମ୍ଭର ନାମ ଶୁଣି ଶତ୍ରୁ ମୃତ୍ୟୁ ଭୟରେ କମ୍ପିଉଠେ । କର୍ମରେପ୍ରବୃତ୍ତ ନିମିତ୍ତ ମନୁଷ୍ୟ ନିକଟରେ ତିନି ପ୍ରକାରର ଚିନ୍ତାଧାରା ଦେଖାଯାଇଥାଏ। ପ୍ରଥମଟି ହେଲା, ବିଚାରଶୀଳ ହୋଇ ନିଜର କଲ୍ୟାଣ ଚାହିଁବା, ଦ୍ୱିତୀୟଟି ହେଲା ପୁଣ୍ୟାତ୍ମା ଭାବେ ଶୁଭକର୍ମ କରି ଧର୍ମ ଅର୍ଜନ କରି ସ୍ୱର୍ଗଲାଭ କରିବା ଓ ଶେଷଟି ହେଲା, ସଂସାରକୁ ଆଦରିନେଇ ସଂସାରରେ ନିଜର କୀର୍ତ୍ତି ପ୍ରତିଷ୍ଠା କରିବା । ଅର୍ଜୁନଙ୍କର ଯୁଦ୍ଧ ନ'କରିବାର ନିଷ୍ପତ୍ତି ଏହି ତିନୋଟିଯାକ ଚିନ୍ତାଧାରାର ବାହାରେ ଥିଲା । ତେଣୁ ଭାଗବାନ ଏହାକୁ କାପୁରୁଷତାର ଲକ୍ଷଣ ବୋଲି କହି ଅର୍ଜୁନଙ୍କୁ ତିରସ୍କାର କରିଛନ୍ତି । ଆର୍ଯ୍ୟପୁରୁଷ ବା ଶ୍ରେଷ୍ଠ ପୁରୁଷ ସବୁବେଳେ ନିଜର କଲ୍ୟାଣକୁ ହିଁ ଦୃଷ୍ଟିରେ ରଖି କର୍ତ୍ତବ୍ୟ କର୍ମରୁ ନିବୃତ୍ତ ହୋଇନ'ଥାନ୍ତି । ଏପରି କହି ଅର୍ଜୁନଙ୍କୁ କାୟରତା ପରିତ୍ୟାଗ କରି ଅସ୍ତ୍ର ଉଠାଇ ଯୁଦ୍ଧ କରିବାକୁ ଭଗବାନ ଶ୍ରୀକୃଷ୍ଣ ଉତ୍ସାହିତ କରିଛନ୍ତି ।

**ଅର୍ଜୁନ ଉବାଚ :**

**କଥଂ ଭୀଷ୍ମମହଂ ସଙ୍ଖ୍ୟେ ଦ୍ରୋଣଂ ଚ ମଧୁସୂଦନ ।**

**ଇଷୁଭିଃ ପ୍ରତି ଯୋସ୍ୟାମି ପୂଜାର୍ହାବରିସୂଦନ ॥ ୪ ॥**

*ଅନ୍ୱୟ :ଅର୍ଜୁନ ଉବାଚ ( ଅର୍ଜୁନ କହିଲେ) ମଧୁସୂଦନ ! ( ହେ ଶତ୍ରୁମର୍ଦ୍ଦନ ମଧୁସୂଦନ!) କଥଂ(କିପରି ଭାବରେ )ଅହଂ (ମୁଁ) ସଙ୍ଖ୍ୟେ (ଯୁଦ୍ଧରେ) ପୂଜାର୍ହୌ ଭୀଷ୍ମମ୍ , ଦ୍ରୋଣଂ ଚ (ପୂଜନୀୟ ଭୀଷ୍ମ ଏବଂ ଦ୍ରୋଣଙ୍କ ସହିତ ) ଇଷୁଭିଃ ( ବାଣ ଦ୍ୱାରା )ପ୍ରତି ଯୋସ୍ୟାମି (ପ୍ରତିଯୁଦ୍ଧ କରିବି )*

**ଭାବାର୍ଥ** : ଅର୍ଜୁନ କହିଲେ – ମୁଁ ଡରିଯାଉନି, କିନ୍ତୁ ହେ ମଧୁସୂଦନ ! ଯୁଦ୍ଧରେ ମୁଁ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣଙ୍କ ପ୍ରତି ବାଣ ନିକ୍ଷେପ କରି ଏହି ମାନଙ୍କୁ କିପରି ବଧ କରିବି ? ହେ ଅରିସୂଦନ ! ସମ୍ବନ୍ଧ ଦୃଷ୍ଟିରୁ ଏ ଦୁହେଁ ଯେ ମୋର ପରମ ପୂଜନୀୟ ଏବଂ ଆଦରଣୀୟ ମଧ । କାପୁରୁଷତା କାରଣରୁ ମୁଁ ଯୁଦ୍ଧରୁ ବିମୁଖ ହେଉନାହିଁ । ବରଂ ଧର୍ମକୁ ରକ୍ଷା କରିବାକୁଯାଇ ଯୁଦ୍ଧ ନ'କରିବାର ନିଷ୍ପତ୍ତି ନେଉଛି । ଭୀଷ୍ମ ଦ୍ରୋଣଙ୍କ ପ୍ରତି ଅସ୍ତ୍ର ପ୍ରହାର ନ'କରିବାର ନିଷ୍ପତ୍ତି, ମୋଠାରେ ନପୁଂଷକତାର ଲକ୍ଷଣ ନୁହଁ । ଯେହେତୁ ମୁଁ ମରିବା ପାଇଁ ଡ଼ରୁନାହିଁ ବରଂ ମାରିବାକୁ ଡରୁଛି । ଅର୍ଜୁନ ମାନସିକ ସ୍ତରରେ ନିଜର ଦୁର୍ବଳତାକୁ ଆଦୌ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି । ବରଂ ସେ ଭଗବାନ ଶ୍ରୀକୃଷ୍ଣଙ୍କ ଆଗରେ ଯୁକ୍ତି ବାଢୁଛନ୍ତି ଯେ' ଯେଉଁମାନେ ପିତୃ ଓ ଗୁରୁ ତୁଲ୍ୟ ପୂଜନୀୟ, ଅସ୍ତ୍ର ପ୍ରହାରକରି ସେମାନଙ୍କ ପ୍ରାଣ ନେବା ଅଧର୍ମ ଏବଂ ପାପ । ଅର୍ଜୁନଙ୍କ ମନରେ ଭୀଷ୍ମ ଦ୍ରୋଣ ଭଳି ମହାନୁଭବ ଗୁରୁଜନଙ୍କୁ ଦେଖି ଅନୁରାଗ ବଶତଃ ମୋହ ସୃଷ୍ଟି ହୋଇଥିଲା । କର୍ତ୍ତବ୍ୟ-ଅକର୍ତ୍ତବ୍ୟ ସମ୍ବନ୍ଧରେ ମନରେ ସଂଶୟ ଜାତ ହୋଇଥିଲା । ବିନାଶଶୀଳ ଶରୀର ,ପଦାର୍ଥ ପ୍ରତି ମୋହ ଜାଗ୍ରତ ହେବା ଆନାତ୍ମାର କଥା । ଏହା ଅଜ୍ଞାନ । ଅଶ୍ୱାରୋହୀ ବସିଥିବା ଘୋଡାର ଲଗାମକୁ ହାତରୁ ଛାଡିଦେଇ , ନିଜ ମୁଣ୍ଡରେ ସ୍ୱର୍ଣ୍ଣମୁଦ୍ରା ପୂର୍ଣ୍ଣ ଥଳୀକୁ ପଡିଯିବା ଭୟରେ ହାତରେ ଜାବୁଡି ଧରିବାର ପ୍ରଚେଷ୍ଟା, ଅଜ୍ଞାନ ଛଡା ଆଉ କଣ ହୋଇପାରେ ? ରଣକ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଶତ୍ରୁପକ୍ଷର ଯୁଦ୍ଧାଭିଳାଷି ମାନଙ୍କୁ ଆତ୍ମୀୟ ଓ ଗୁରୁଜନ ଦୃଷ୍ଟିରେ ଦେଖି, ଅସ୍ତ୍ର ପ୍ରହାର ପରିବର୍ତ୍ତେ ତାଙ୍କର ପ୍ରାଣରକ୍ଷା ପାଇଁ ଚିନ୍ତା ପ୍ରକଟ କରିବା ସନ୍ତାପିତ ହୃଦୟର ଦୟାଭାବ ନୁହେଁ । ତାହା ଅର୍ଜୁନଙ୍କର ମୋହଗ୍ରସ୍ତ ବୁଦ୍ଧି ବା ଅଜ୍ଞାନ ।

**ଗୁରୁନହତ୍ୱା ହି ମହାନୁଭାବାନ୍ ଶ୍ରେୟୋ ଭୋକ୍ତୁମ୍ ଭୈକ୍ଷ୍ୟମପୀହ ଲୋକେ ।**
**ହତ୍ୱାର୍ଥକାମାଂସ୍ତୁ ଗୁରୁନିହୈବ ଭୁଞ୍ଜୀୟ ଭୋଗାନ୍ ରୁଧିରପ୍ରଦିଗ୍ଧାନ୍ ॥ ୫॥**

*ଅନ୍ୱୟ : ମହାନୁଭବାନ୍ ଗୁରୁନ୍( ମହାନୁଭବ ଗୁରୁଜନଙ୍କୁ )ଅହତ୍ୱା ( ନମାରି )ଇହ ଲୋକେ ( ଏହି ସଂସାରରେ ) ଭୈକ୍ଷ୍ୟମ୍ ଭୋକ୍ତୁମ୍ (ଭିକ୍ଷାନ୍ନ ଭକ୍ଷଣ କରିବାକୁ) ଅପି ( ମଧ୍ୟ) ଶ୍ରେୟଃ ( ଶ୍ରେଷ୍ଠ ମନେ କରୁଛି) ହି ( କାରଣ) ଗୁରୁନ୍ ହତ୍ୱା ( ଗୁରୁଜନମାନଙ୍କୁ ମାରି ) ରୁଧିର ପ୍ରଦିଗ୍ ଧାନ୍ (ରକ୍ତ ରଞ୍ଜିତ) ଅର୍ଥକାମାନ୍ ଭୋଗାନ୍ ( ଅର୍ଥକାମ ରୂପକ ଭୋଗ ସମୂହକୁ ) ଇହ ଏବ (ଏହି ସଂସାରରେ ହିଁ)ତୁ (କିନ୍ତୁ )ଭୁଞ୍ଜୀୟ (ଭୋଗ କରିବାକୁ ହେବ) ।*

ଭାବାର୍ଥ : ମହାନୁଭବ ଗୁରୁଜନଙ୍କୁ ନମାରି ଭିକ୍ଷାନ୍ନ ଦ୍ୱାରା ଜୀବନ ବିତାଇବା ବହୁଗୁଣରେ ଶ୍ରେୟସ୍କର। ଏହି ମହାନୁଭବ ଗୁରୁଜନ ମାନେ ସମସ୍ତେ ଯୋଗ,ଜ୍ଞାନ,ଧର୍ମ,ବିବେକ, ବୈରାଗ୍ୟ ଯୁକ୍ତ ଅଟନ୍ତି । ହେ ଗୋବିନ୍ଦ ! ଏମାନଙ୍କୁ ମାରି ମୋତେ କଣ ପ୍ରାପ୍ତ ହେବ ? ଏମାନଙ୍କର ରକ୍ତରେ ସିକ୍ତ ହୋଇଥିବା ରାଜ୍ୟ, ଧନ , ଭୋଗ ପ୍ରାପ୍ତ ହୋଇ, ନା' ମୋତେ ସ୍ୱର୍ଗ , ନା' ଶାନ୍ତି, ନା' ମୋକ୍ଷ ମିଳିବ । ଏଠାରେ ବିଚାରଯୋଗ୍ୟ ଯେ ଭୀଷ୍ମ ଓ ଦ୍ରୋଣ ଯଦିଓ ଧର୍ମାନୁମାର୍ଗୀ ଥିଲେ, ଦୁର୍ଯ୍ୟୋଧନର ଅନ୍ନରେ ପ୍ରତିପୋଷିତ ହେଉଥିବାରୁ , ଅଧର୍ମର ପକ୍ଷରେ ଯୁଦ୍ଧ ଲଢିବାକୁ ଦୁର୍ଯ୍ୟୋଧନର ଆଜ୍ଞାରେ ବାଧ୍ୟ ହୋଇଥିଲେ । ଧର୍ମୋଚିତ ମାର୍ଗରେ ସ୍ୱଅର୍ଜିତ ଅନ୍ନ ଭକ୍ଷଣ କରି ଜୀବନ ଅତିବାହିତରେ ଆତ୍ମ ଶାନ୍ତି ମିଳିଥାଏ । ଅର୍ଜୁନଙ୍କର ଯୁକ୍ତି ହେଉଛି ଯେ ଗୁରୁଜନମାନଙ୍କୁ ବଧ କରିବା ଅଧର୍ମ ଏବଂ ଯୁଦ୍ଧରେ ସେମାନଙ୍କୁ ମାରି ରାଜ୍ୟ, ଧନ ଲାଭକରି ତାହା ଭୋଗ କରିବା ଭିକ୍ଷା ଅନ୍ନରେ ବଞ୍ଚିବା ସଦୃଶ । ଏହା ମଧ୍ୟ ତାଙ୍କ ପକ୍ଷେ କଲ୍ୟାଣକର ନୁହେଁ । ବର୍ତ୍ତମାନ ସମାଜରେ ଏବେ ଦେଖିବାକୁ ମିଳୁଛି , ଅର୍ଥ ଉପାର୍ଜନ କରିବା ପାଇଁ ମିଥ୍ୟା, କପଟ,ଲାଞ୍ଚ, ଠକାମି, ବିଶ୍ୱାସଘାତକତା ଇତ୍ୟାଦିର ଆଶ୍ରୟ ନେବା ଦୋଷ ବା ପାପ ତଳେ ଧରାଯାଉ ନାହିଁ । କିନ୍ତୁ ଏହି ମାର୍ଗରେ ଧନ ଅର୍ଜିବା ଓ ସେଥିରେ ବଞ୍ଚିବା ଭିକ୍ଷାଠାରୁ ମଧ୍ୟ ଘୃଣ୍ୟ କର୍ମ ଅଟେ ।

**ନ ଚୈତଦ୍ ବିଦ୍ମଃ କତରନ୍ନୋ ଗରୀୟୋ ଯଦ୍ ବା ଜୟେମ ଯଦି ବା ନୋ ଜୟେୟୁଃ ।**
**ଯାନେବ ହତ୍ୱା ନ ଜିଜୀବିଷାମସ୍ତେଽବସ୍ଥିତାଃ ପ୍ରମୁଖେ ଧାର୍ତ୍ତରାଷ୍ଟ୍ରାଃ ॥ ୬॥**

*ଅନ୍ୱୟ : ଯଦ୍ ବା ( ଯଦି ବା ) ଜୟେମ(ଆମ୍ଭେ ଜୟ ଲାଭ କରୁ ) ଯଦି ବା ( ଅଥବା) ନଃ (ଆମ୍ଭ ମାନଙ୍କୁ) ଜୟେୟୁଃ ( ଏମାନେ ଜୟ କରନ୍ତି ){ ଏହି ଦୁଇଟି ମଧ୍ୟରୁ} କତରତ୍ ( କେଉଁଟି ) ନଃ ( ଆମ୍ଭମାନଙ୍କ ପକ୍ଷେ) ଗରୀୟଃ (ଶ୍ରେଷ୍ଠ) ଏତତ୍ ଚ (ଏ କଥା ମଧ୍ୟ ) ନ ବିଦ୍ମଃ (ଜଣା ନାହିଁ ) ଯାନ୍ ହତ୍ୱା( ଯେଉଁ ମାନଙ୍କୁ ବଧକରି ) ନ ଜୀବିବିଷାମଃ (ବଞ୍ଚିବାପାଇଁ ମଧ୍ୟ ଚାହୁଁ ନାହୁଁ ), ତେ ଧାର୍ତ୍ତରାଷ୍ଟ୍ରାଃଏବ(ସେହି ଧୃତରାଷ୍ଟ୍ରଙ୍କ ସ୍ୱଜନ ମାନେ ) ପ୍ରମୁଖେ ଅବସ୍ଥିତାଃ (ସମ୍ମୁଖରେ ଠିଆ ହୋଇଛନ୍ତି ) ।*

**ଭାବାର୍ଥ** : ଅର୍ଜୁନ କହୁଛନ୍ତି , କ୍ଷତ୍ରିୟ ଧର୍ମ ପାଳନ କରିବାକୁ ଯାଇ ଯୁଦ୍ଧ କରିବାକୁ ନିଷ୍ପତ୍ତି ନେଲେ ମଧ୍ୟ ଏହା ଜଣା ନାହିଁ ଯେ' ତାହା ଆମ ପକ୍ଷେ କଲ୍ୟାଣକର ହେବ କି' ନାହିଁ । ଯୁଦ୍ଧରେ କୌରବ ପକ୍ଷ ଆମ୍ଭମାନଙ୍କ ଉପରେ ବିଜୟ ପ୍ରାପ୍ତ କରିବେ ନା' ଆମ୍ଭରି ବିଜୟ ହେବ, ଏହା ମଧ୍ୟ ନିଶ୍ଚିତ ଭାବରେ ଜଣା ନାହିଁ । ଯାହାଙ୍କୁ ବଧ କରିଲେ ଅବଶିଷ୍ଟ ଜୀବନ ବଞ୍ଚି ରହିବାକୁ ଇଚ୍ଛାହେବ ନାହିଁ , ସେହିମାନେ ହିଁ ଯୁଦ୍ଧ କରିବାକୁ ଆମ ସମ୍ମୁଖରେ ଠିଆ ହୋଇଛନ୍ତି । ଅର୍ଜୁନ ଗୋଟିଏପଟରେ ଯୁଦ୍ଧ ନ'କରିବା ନିଷ୍ପତ୍ତିରେ ନିଜର ଭିରୁତା ପ୍ରଦର୍ଶନରୁ ତିରସ୍କାର ପାଉଛନ୍ତି, ଅନ୍ୟପଟରେ ଆତ୍ମୀୟ ମାନଙ୍କୁ ବଧ କରିବାଭଳି

କାର୍ଯ୍ୟକୁ ପାପ ବୋଲି ବିଚାର କରି ଅନ୍ତଃକରଣରେ ଶାନ୍ତି ପାଇପାରୁ ନାହାନ୍ତି। ଯୁଦ୍ଧରେ ଜୟ ପରାଜୟର ଆଶଙ୍କା ତାଙ୍କର ମନସ୍ତାତ୍ତ୍ୱିକ ଅସ୍ତବ୍ୟସ୍ତତାର କାରଣ ନ'ଥିଲା । ଯୁଦ୍ଧ କରିବା ପାଇଁ ସମ୍ମୁଖରେ ଠିଆ ହୋଇଥିବା ସ୍ୱଜନ,ଗୁରୁଜନ ମାନଙ୍କୁ ବଧକରି ପାପ ଅର୍ଜିବା ଏବଂ ସେମାନଙ୍କ ପ୍ରାଣ ପ୍ରତି ଅର୍ଜୁନଙ୍କ ମୋହ ତାଙ୍କରି ଶୋକ-ସନ୍ତାପର କାରଣ ଥିଲା । ସଂସାରରେ ଦୈନନ୍ଦିନ ଜୀବନ ବିଚାର ଧାରାରେ ଭୁଲ୍ ଯେତେବେଳେ ଭୁଲ୍ ବୋଲି ଜ୍ଞାନ ହୋଇ ଯାଇଥାଏ ,ତାହା ସୁଧାରିବା ସହଜ ହୁଏ । କିନ୍ତୁ ଭୋଗ ବାସନା ପ୍ରତି ଆସକ୍ତ ରହି କିମ୍ବା ମୋହ ଜନିତ କାରଣରୁ ଭୁଲ ବିଚାର ଠିକ୍ ବୋଲି ପ୍ରତୀତହେଲେ , ସେଥିରୁ ମୁକୁଳିବା କଷ୍ଟ ସାପେକ୍ଷ ହୋଇଥାଏ। କାରଣ ବିଷୟାସକ୍ତ, ମୋହଗ୍ରସ୍ତ ବୁଦ୍ଧିର ବିଚାର କେବେହେଲେ ଠିକ୍ ହୋଇ ନ'ଥାଏ । ତମସାଚ୍ଛନ ବୁଦ୍ଧିରେ ବିବେକର ଉଦ୍ରେକ ହୋଇ ନ'ଥାଏ । ଯୁଦ୍ଧକ୍ଷେତ୍ରରେ ଠିଆହୋଇ ଶତ୍ରୁପକ୍ଷର ପ୍ରାଣନାଶନକୁ କାରଣ କରି ଯୁଦ୍ଧ ନ'କରିବାର ନିଷ୍ପତ୍ତି ଅର୍ଜୁନଙ୍କ ଭୁଲ ବିଚାର ଥିଲା । ତାହାକୁ ଠିକ୍ ବିଚାର ବୋଲି ସାବ୍ୟସ୍ତ ନିମନ୍ତେ ଅନେକ ପ୍ରକାର ଯୁକ୍ତି ଭଗବାନଙ୍କ ସମ୍ମୁଖରେ ସେ ଉପସ୍ଥାପନ କରୁଛନ୍ତି ।

**କାର୍ପଣ୍ୟଦୋଷୋପହତ ସ୍ୱଭାବଃ ପୃଚ୍ଛାମି ତ୍ୱାଂ ଧର୍ମସମ୍ମୂଢଚେତାଃ ।**

**ଯଚ୍ଛ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୂହି ତନ୍ମେ ଶିଷ୍ୟସ୍ତେଽହଂ ଶାଧି ମାଂତ୍ୱାଂ ପ୍ରପନ୍ନମ୍ ॥ ୭॥**

**ନ ହି ପ୍ରପଶ୍ୟାମି ମମାପନୁଦ୍ୟାଦ୍ ଯଚ୍ଛୋକମୁଚ୍ଛୋଷଣମିନ୍ଦ୍ରିୟାଣାମ୍ ।**

**ଅବାପ୍ୟ ଭୂମାବସପତ୍ନମୃଦ୍ଧଂ ରାଜ୍ୟଂ ସୁରାଣାମପି ଚାଧିପତ୍ୟମ୍ ॥ ୮॥**

*ଅନ୍ୱୟ : କାର୍ପଣ୍ୟଦୋଷ-ଉପହତ-ସ୍ୱଭାବଃ (ଭୀରୁତାରୂପକ ଦୋଷ ଦ୍ୱାରା ମୋର ତିରସ୍କୃତ ସ୍ୱଭାବ ) ଧର୍ମସମ୍ମୂଢଚେତାଃ(ଧର୍ମ ବିଷୟରେ ବିମୁଢଚିତ୍ତ) ତ୍ୱାଂ ପୃଚ୍ଛାମି ( ଆପଣଙ୍କୁ ପଚାରୁଛି ଯେ' ) ଯତ୍ ନିଶ୍ଚିତମ୍ ଶ୍ରେୟଃ ସ୍ୟାତ୍ ( ଯାହା ନିଶ୍ଚିତ କଲ୍ୟାଣକାରକ ହେବ ) ତତ୍ ମେ ବ୍ରୂହି ( ତାହା ମୋତେ କହନ୍ତୁ )ଅହଂ ତେ ଶିଷ୍ୟଃ ( ମୁଁ ଆପଣଙ୍କର ଶିଷ୍ୟ )ତ୍ୱାଂ ପ୍ରପନ୍ନମ୍ (ଆପଣଙ୍କଠାରେ ଶରଣ ଯାଇଥିବାରୁ )ମାମ୍ (ମୋତେ)ଶାଧି (ଉପଦେଶ ଦିଅନ୍ତୁ ) ।*
*ଅନ୍ୱୟ : ହି (କାରଣ) ଭୂମୌ (ପୃଥିବୀରେ ) ଅସପତ୍ନମ୍ (ଶତ୍ରୁବିହିନ, ନିଷ୍କଣ୍ଟକ ) ଋଦ୍ଧମ୍ ରାଜ୍ୟଂ (ଧନଧାନ୍ୟ ସମୃଦ୍ଧ ରାଜ୍ୟ ) ଚ ( ତଥା) ସୁରାଣାମ୍ ଆଧିପତ୍ୟମ୍ (ସ୍ୱର୍ଗରେ ଦେବଗଣଙ୍କ ଆଧିପତ୍ୟ ବା ଇନ୍ଦ୍ରପଦ ) ଅବାପ୍ୟ ଅପି ( ମିଳିଗଲେ ମଧ୍ୟ ) ଇନ୍ଦ୍ରିୟାଣାମ୍ ( ଇନ୍ଦ୍ରିୟମାନଙ୍କୁ ) ଉଚ୍ଛୋଷଣମ୍ ( ଶୁଷ୍କ କରାଉଥିବା ) ମମ ଯତ୍ ଶୋକମ୍ ( ମୋର ଯେଉଁ ଶୋକ ) ଆପନୁଦ୍ୟା।ତ୍ (ଦୂର ହୋଇଯିବ – ଏହା ମୁଁ )ନ ପ୍ରପଶ୍ୟାମି (ଦେଖିପାରୁ ନାହିଁ) ।*

**ଭାବାର୍ଥ** :ଅର୍ଜୁନ କହୁଛନ୍ତି :- କୃପଣତା ଦୋଷ ଯୋଗୁଁ ମୋର ସ୍ୱଭାବ ବେପଥ ହୋଇ ମୋର କର୍ତ୍ତବ୍ୟ ଜନିତ ବିବେକରୁ ବିଚ୍ୟୁତ ଘଟୁଛି । ମୋ ପକ୍ଷେ ଯୁଦ୍ଧ କରିବା ଶ୍ରେୟ ଅଥବା ଯୁଦ୍ଧ ନ' କରିବା ଶ୍ରେୟ, ଏ ବିଷୟ ନେଇ ସଙ୍କଟ ସ୍ଥିତି ଉତ୍ପନ୍ନ ହେଉଛି। ଯୁଦ୍ଧରେ ଆମ୍ଭେମାନେ ବିଜୟପ୍ରାପ୍ତ ହୋଇପାରୁ ନତୁବା କୌରବ ପକ୍ଷ ଆମ୍ଭଉପରେ ବିଜୟ ପ୍ରାପ୍ତ ହେବେ, ତାହା ନିଶ୍ଚିତ ନୁହେଁ । ଏହା ମାତ୍ର ନିଶ୍ଚିତ ଯେ, ଆସନ୍ନ ଯୁଦ୍ଧରେ ସମସ୍ତଙ୍କ ପ୍ରାଣ ନାଶ ହେବ । ଏଥିରେ ମୋର ବିଜୟ ମୋତେ ଶାନ୍ତି ଦେବକି ? ମୁଁ କଣ କରିବା କଥା, କଣ ନ' କରିବା କଥା ଏବଂ କେଉଁ ସିଦ୍ଧାନ୍ତ ଧର୍ମଗତ ହେବ, ତାହା ମୁଁ ନିର୍ଣ୍ଣୟ କରିପାରୁ ନାହିଁ । ଏ ସମସ୍ୟାର ସମାଧାନ ପାଇଁ ଅର୍ଜୁନଙ୍କର ତଥା କଥିତ ଜ୍ଞାନ ବୃଥା ଅଟେ । ନିଜକୁ ଶିଷ୍ୟ ବୋଧକରି ଭଗବାନ ଶ୍ରୀକୃଷ୍ଣଙ୍କ ଚରଣରେ ସମର୍ପିତ ହୋଇ କହୁଛନ୍ତି , ହେ ଗୋବିନ୍ଦ! ମୁଁ ଆପଣଙ୍କ ଶିଷ୍ୟ ଭାବେ ଶରଣାପନ୍ନ ହେଉଛି । ମୁଁ କଣକଲେ ତାହା ମୋ ପାଇଁ କଲ୍ୟାଣକର ହେବ ତାହା ଉପଦେଶ ଦିଅନ୍ତୁ । ଏଠାରେ ବିଚାର କରାଯାଇପାରେ ଯେ'

ବର୍ତ୍ତମାନ ପରିସ୍ଥିତିରେ ଅର୍ଜୁନଙ୍କ ପକ୍ଷରେ ଯୁଦ୍ଧର ଫଳାଫଳ ର ପ୍ରାଧାନ୍ୟତା ନଥିଲା । ଶେଷରେ ସେ ଯେଉଁ ଧର୍ମ ସଙ୍କଟର ସମ୍ମୁଖୀନ ହୋଇଛନ୍ତି, ସେଥିରେ ତାଙ୍କର କେଉଁ ନିଷ୍ପତ୍ତି ଧର୍ମଗତ ହେବ ଏବଂ ତାଙ୍କ ପକ୍ଷେ କଲ୍ୟାଣ କର ଅର୍ଥାତ ତାଙ୍କୁ ଶାନ୍ତି ମିଳିବ, ସେଥିପାଇଁ ମାର୍ଗ ଖୋଜୁଛନ୍ତି। ଉପଯୁକ୍ତ ମାର୍ଗ ପ୍ରଦର୍ଶକ ରୂପେ ଭଗବାନ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହୋଇ ଜ୍ଞାନପ୍ରାପ୍ତି ପାଇଁ କୃପାଭିକ୍ଷା କରୁଛନ୍ତି। ଆଉ ଭଗବାନ ଶ୍ରୀକୃଷ୍ଣ ଏହି ମୁହୁର୍ତ୍ତକୁ ଅପେକ୍ଷା କରି ରହିଥିଲେ।

ଅର୍ଜୁନ କହିବାକୁ ଲାଗିଲେ : ପୃଥିବୀରେ ଧନଧାନ୍ୟ ପୂର୍ଣ୍ଣ ନିଷ୍କଣ୍ଟକ ରାଜ୍ୟ ସହିତ ସ୍ୱର୍ଗର ଇନ୍ଦ୍ରପଦ, ଦୁଇଟିଯାକ ସମ୍ଭୋଗ ଏକ ସଙ୍ଗରେ ମିଳିଗଲେ ମଧ , ଇନ୍ଦ୍ରିୟ ମାନଙ୍କୁ ଶୁଷ୍କ କରାଉଥିବା ମୋର ଏହି ଶୋକାଗତ ଯନ୍ତ୍ରଣା ଦୂର ହୋଇଯିବ, ତାହା ମୁଁ ଉପଲବ୍ଧ କରିପାରୁ ନାହିଁ । ଅର୍ଜୁନ ବର୍ତ୍ତମାନ ରାଜ୍ୟ, ଧନ, ବିଜୟର ଗାରିମା ପ୍ରଭୃତିକୁ ଆଡେଇଦେଇ, କେଉଁ ଉପାୟରେ ମନର ଅସନ୍ତୁଳିତ ସ୍ଥିତିରୁ ପ୍ରାପ୍ତ ହେଉଥିବା ଯନ୍ତ୍ରଣାରୁ ମୁକ୍ତି ମିଳିବ, ତାହାର ମାର୍ଗ ଖୋଜୁଛନ୍ତି । ଅର୍ଜୁନଙ୍କ ବିଷାଦ ସ୍ଥିତି ଶେଷରେ ପରମ ଶାନ୍ତି ନିମନ୍ତେ ମୁମୁକ୍ଷୁ ଏବଂ ବୈରାଗ୍ୟ ପୂର୍ଣ୍ଣ ଚିତ୍ତ ସହିତ ଯୁକ୍ତହୋଇ ଜିଜ୍ଞାସୁ ରୂପରେ ଭଗବାନଙ୍କର ଶରଣାପନ୍ନ କରାଇଲା । ସାଧାରଣତଃ ଦେଖିବାକୁ ମିଳେ ,ସାଂସାରିକ ଅଶାନ୍ତିର ପ୍ରଭାବରେ କୌଣସି ସ୍ୱୟଂ ଘୋଷିତ ଗୁରୁ ,ମହାଜନଙ୍କ ସଂସ୍ପର୍ଶରେ ଆସି ଭୌତିକ ସୁଖ, ଭୋଗ ପ୍ରାପ୍ତିର ଉଦ୍ଦେଶ୍ୟରେ ଶିଷ୍ୟତ୍ୱ ଗ୍ରହଣ କରି ନିଅନ୍ତି । ଶିଷ୍ୟତ୍ୱ ଲାଗି ଅର୍ଜୁନଙ୍କ ଭଳି ଇନ୍ଦ୍ରିୟଭୋଗର ବୈରାଗ୍ୟତା, ନିଜର କଲ୍ୟାଣ ଅର୍ଥାତ ଆତ୍ମା ଉଦ୍ଧାର କରିବାର ଇଚ୍ଛାକୁ ଜାଗ୍ରତକରାଇ, ଜ୍ଞାନ ପ୍ରାପ୍ତ ସକାଶେ ସମ୍ପୂର୍ଣ୍ଣ ଆସ୍ଥା ପ୍ରକଟକରି ମାର୍ଗ ଦର୍ଶକଙ୍କ ନିକଟରେ ଶରଣାପନ୍ନ ହେବା, ସନାତନ ଧର୍ମର ଗୁରୁ-ଶିଷ୍ୟ ପରମ୍ପରାର ଉତ୍କୃଷ୍ଟ ବିଧି । ଅର୍ଜୁନଙ୍କ ଭଳି ଜିଜ୍ଞାସାର ତୀବ୍ରତା ଅନୁଭବ ହେଲାପରେ ହିଁ ଗୁରୁଙ୍କ ପାଖକୁ ଯିବାକୁ ହୋଇଥାଏ। କେବଳ ଅନୁକରଣ କରି କିମ୍ବା ଭାବପ୍ରବଣ ହୋଇ କ୍ଷଣିକ ବୈରାଗ୍ୟ କାରଣରୁ ଗୁରୁଙ୍କ ପାଖରୁ ଦୀକ୍ଷା ନେଇଗଲେ ତାହା ପରମଶାନ୍ତି ପ୍ରାପ୍ତ ସାଧନାର ସହାୟକ ହୁଏନାହିଁ । ଯେ' ପର୍ଯ୍ୟନ୍ତ ଅନ୍ତଃକରଣରେ ନିଜର କଲ୍ୟାଣ ପାଇଁ ବ୍ୟାକୁଳତା ଅନୁଭବ ହୋଇନାହିଁ ଏବଂ ଜିଜ୍ଞାସାର ତୀବ୍ରତା ମନରେ ସୃଷ୍ଟି ହୋଇନାହିଁ, ସେ' ପର୍ଯ୍ୟନ୍ତ ଶିଷ୍ୟ ଗୁରୁଙ୍କଠାରୁ ଉପଦେଶ ଶୁଣିବା ପାଇଁ ଯୋଗ୍ୟ ହୋଇନାହିଁ ବୋଲି ଧରି ନେବାକୁ ହେବ । ବର୍ତ୍ତମାନ ସ୍ଥିତିରେ ଆତ୍ମ ସନ୍ତୋଷ ନ'ମିଳିଲେ , ଅନ୍ତରରେ ଆତ୍ମକଲ୍ୟାଣ ଇଚ୍ଛା ଜାଗ୍ରତ ହୁଏ । ବ୍ୟାକୁଳତା ହେଲା , କର୍ମ କରିବା ସମୟରେ କର୍ମର ଅନିଶ୍ଚିତ ଫଳ ମନରେ ଭୟ, ଓ ଆଶଙ୍କା ଜାଗ୍ରତ କରାଇ ମନକୁ ଆନ୍ଦୋଳିତ କରି ରଖିବା । ବ୍ୟଗ୍ରତା ହେଲା, ଅନେକ କାମନାର ବଶବର୍ତ୍ତୀ ହୋଇ ବାସନା ପୂର୍ତ୍ତିର ଆତୁରତାରେ ମାନସିକ ବ୍ୟତିବ୍ୟସ୍ତତା । ଏହି ବ୍ୟାକୁଳତା ଓ ବ୍ୟଗ୍ରତା ମନୁଷ୍ୟର ଅନ୍ତଃକରଣରେ ପୀଡାର କାରଣ ହୋଇଥାଏ। ଏହି ସ୍ଥିତିରେ ବୁଦ୍ଧି ଓ ବିବେକ ସମୁଚିତ ଭାବେ କାର୍ଯ୍ୟ କରିବାକୁ ସକ୍ଷମ ହୋଇନ'ଥାନ୍ତି। । ଉପସ୍ଥିତ ପରିସ୍ଥିତିରୁ ମୁକୁଳିବା ପାଇଁ ଗୁରୁଜନ କିମ୍ବା ତତ୍ତ୍ୱଜ୍ଞାନୀଙ୍କ ଠାରୁ ଜ୍ଞାନ ପ୍ରାପ୍ତି ପାଇଁ ମନରେ ତୀବ୍ର ଇଚ୍ଛା ଆସେ , ତାହା ହେଲା ଜିଜ୍ଞାସୁ ସ୍ଥିତି। ଅର୍ଜୁନଙ୍କଠାରେ ଗୁରୁଜନ ଓ ଆତ୍ମୀୟ ଙ୍କ ପ୍ରାଣ ହାନି ପାଇଁ ବ୍ୟାକୁଳତା ଏବଂ କ୍ଷତ୍ରିୟ ଧର୍ମ ପାଳନ କରିବାକୁ ଯାଇ ଯୁଦ୍ଧରେ ପାପ ଅର୍ଜନ କରିବାର ପରିଣାମ ତାଙ୍କର ମାନସିକ ସ୍ଥିତିକୁ ଆନ୍ଦୋଳିତ କରି ରଖିଥିଲା । ତେଣୁ ଏହି ଧର୍ମ ସଙ୍କଟ ସ୍ଥିତିରେ ସେ ଭଗବାନ ଶ୍ରୀକୃଷ୍ଣଙ୍କ ପାଖରେ ଶିଷ୍ୟ ରୂପରେ ସମର୍ପିତ ହୋଇ ମାର୍ଗ ଦେଖାଇବାକୁ କହିଲେ ।

ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ସଖା ରୂପରେ ଦେଖୁଥିଲେ । ବର୍ତ୍ତମାନ ଗୁରୁ ରୂପରେ ଗ୍ରହଣ କରୁଛନ୍ତି । ତେଣୁ ଭଗବାନ ମନୁଷ୍ୟର ସବୁ ପ୍ରକାର ସମ୍ବନ୍ଧକୁ ଗ୍ରହଣ କରିବାକୁ ପ୍ରସ୍ତୁତ ଯଦି ସେ ବ୍ୟାକୁଳତା ସହ ଶରଣାପନ୍ନ ହୁଏ ।

**ସଞ୍ଜୟ ଉବାଚ**

**ଏବମୁକ୍ତ୍ୱା ହୃଷୀକେଶଂ ଗୁଡାକେଶଃ ପରନ୍ତପ ।**
**ନ ଯୋତ୍ସ୍ୟ ଇତି ଗୋବିନ୍ଦମୁକ୍ତ୍ୱା ତୂଷ୍ଣୀଂ ବଭୂବ ହ ॥ ୯ ॥**
**ତମୁବାଚ ହୃଷୀକେଶଃ ପ୍ରହସନ୍ନିବ ଭାରତ ।**
**ସେନୟୋରୁଭୟୋର୍ମଧ୍ୟେ ବିଷୀଦନ୍ତମିଦଂ ବଚଃ ॥ ୧୦ ॥**

*ଅନ୍ୱୟ :ସଞ୍ଜୟ କହିଲେ- ହେପରନ୍ତପ(ହେ ଶତ୍ରୁତାପନ ଧୃତରାଷ୍ଟ୍ର !)ଏବମ୍ ଉକ୍ତ୍ୱା ଗୁଡାକେଶଃ (ଏପରି କହିସାରି ନିଦ୍ରାଜୟୀ ଅର୍ଜୁନ ) ହୃଷୀକେଶମ୍ ଗୋବିନ୍ଦମ୍ (ଅନ୍ତର୍ଯାମୀ ପୁରୁଷ ଭଗବାନ ଗୋବିନ୍ଦଙ୍କୁ )ନ ଯୋତ୍ସ୍ୟ ଇତି ( ମୁଁ ଯୁଦ୍ଧ କରିବି ନାହିଁ "–ଏହି କଥା କହି ) ତୂଷ୍ଣୀଂ ବଭୂବ ହ ( ଚୁପ୍ ହୋଇଗଲେ ) ହେ ଭାରତ ( ହେ ଧୃତରାଷ୍ଟ୍ର !) ଉଭୟୋଃ ସେନୟୋଃ ମଧ୍ୟେ( ଉଭୟ ସେନାଙ୍କ ମଧ୍ୟଭାଗରେ )ବିଷୀଦନ୍ତମ୍ (ବିଷାଦମଗ୍ନ ) ତମ୍ (ଅର୍ଜୁନଙ୍କୁ) ପ୍ରହସନ୍ ଇବ (ଯେପରି ହସି ହସି )ଇଦମ୍ ବଚଃ ଉବାଚ (ଏହି ବଚନ କହିଲେ ।)*

**ଭାବାର୍ଥ** : ସଞ୍ଜୟ କହିଲେ, ହେ ଶତ୍ରୁନାଶକାରୀ ଧୃତରାଷ୍ଟ୍ର ! ନିଦ୍ରା ବିଜୟୀ ଅର୍ଜୁନ ନିଜକୁ ଶିଷ୍ୟ ଭାବରେ ସମର୍ପିତ ହୋଇ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରୁ ଉପଦେଶ ପ୍ରାପ୍ତ କରିବାକୁ ବିନୀତ ପ୍ରାର୍ଥନା କରିଲେ । ତା'ପରେ "ମୁଁ ଯୁଦ୍ଧ କରିବି ନାହିଁ " ବୋଲି ସ୍ପଷ୍ଟରୂପେ କହି ଚୁପ୍ ହୋଇ ରହିଗଲେ । ଧର୍ମ ଭୂମି କୁରୁକ୍ଷେତ୍ରରେ ଏକ ପକ୍ଷରେ କୌରବସେନା ଅନ୍ୟ ପକ୍ଷରେ ପାଣ୍ଡବ ସେନା ଯୁଦ୍ଧ ଅଭିଳାଷରେ ଦଣ୍ଡାୟମାନ । ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କ ରଥରେ ଯେତେବେଳେ ସାରଥୀ ରୂପେ ରଥାରୂଢ ହୋଇଥିଲେ, ପ୍ରଥମରୁ ଥିବା ସଖା ସମ୍ବନ୍ଧ ସାରଥୀ ସମ୍ବନ୍ଧରେ ବଦଳି ଯାଇଥିଲା । ବର୍ତ୍ତମାନ ସମୟରେ ଅର୍ଜୁନ ଶିଷ୍ୟ ରୂପରେ ସମର୍ପିତ ହୋଇ ସାରଥୀ ଭୂମିକା ଗୁରୁଶିଷ୍ୟ ସମ୍ବନ୍ଧର ରୂପ ନେଇଛି । ଅର୍ଜୁନଙ୍କ ସମ୍ପ୍ରତି ମାନସିକ ଦୌର୍ବଲ୍ୟତାର ଦୂରିକରଣ ନିମନ୍ତେ ସଖା କିମ୍ବା କେଉଁ ବନ୍ଧୁର ସାନ୍ତ୍ୱନା କାମରେ ଆସିବ ନାହିଁ । ଅର୍ଜୁନଙ୍କୁ ବଳପୂର୍ବକ ଅନୁଶାସନ ଆବଶ୍ୟକ ଯାହା ଶ୍ରେଷ୍ଠ ମାର୍ଗରେ ବୁଦ୍ଧିକୁ ପରିଚାଳିତ କରାଇ ଶୋକ ମୋହ ପୀଡାରୁ ମୁକ୍ତକରାଇ କଲ୍ୟାଣ ପ୍ରାପ୍ତ କରାଇବ । ଅର୍ଜୁନଙ୍କ ବିଚାରରେ ଶ୍ରୀକୃଷ୍ଣଙ୍କ ଠାରୁ ଆଉ କିଏ ବଡ ଗୁରୁ ହୋଇପାରିବ । ଶିଷ୍ୟ ରୂପେ ସମର୍ପିତ ହେଲେ ମଧ୍ୟ , ଯୁଦ୍ଧ କରିବି ନାହିଁ ବୋଲି ନେଇଥିବା ନିଷ୍ପତ୍ତିକୁ ସେ ଭୁଲ୍ ରୂପେ ମାନି ନେଇ ନାହାନ୍ତି । ବରଂ ତାଙ୍କର ଏହି ନିଷ୍ପତ୍ତି କେଉଁ କାରଣରୁ ଗ୍ରହଣୀୟ ନୁହେଁ, ସେ ଗୁରୁ ରୂପରେ ଭଗବାନ ଶ୍ରୀକୃଷ୍ଣଙ୍କ ଠାରୁ ଜ୍ଞାନ ପ୍ରାପ୍ତ କରିବାକୁ ଚାହିଁ ଛନ୍ତି । ଭଗବାନ ଶ୍ରୀକୃଷ୍ଣଙ୍କ ଠାରୁ ସମସ୍ତ ଗୀତା ବାଣୀ ଓ ବିଶ୍ୱରୂପ ଦର୍ଶନ ପ୍ରାପ୍ତ ହୋଇ ଅର୍ଜୁନ ଶେଷରେ କହି ଛନ୍ତି "***ସ୍ଥିତୋସ୍ମି ଗତ ସନ୍ଦେହଃ କରିଷ୍ୟେ ବଚନଂ ତବ*** "- ହେ ଅଚ୍ୟୁତ ! ସମସ୍ତ କର୍ତ୍ତବ୍ୟ ସମ୍ବନ୍ଧୀୟ ମୋର ମୋହ ଆଉ ସନ୍ଦେହ ନଷ୍ଟ ହୋଇଯାଇଛି। ଏବେ ମୁଁ ତୁମ କଥା ଅନୁଯାୟୀ ସବୁ କର୍ମ କରିବି । ଅର୍ଥାତ୍ ସେ ଧର୍ମ ସଙ୍କଟ ଯୋଗୁଁ ଯେଉଁ ପୀଡା ଗ୍ରସ୍ତ ହୋଇଥିଲେ ସେଥିରୁ ମୁକ୍ତି

ପାଇଛନ୍ତି । ତେଣୁ ଅର୍ଜୁନଙ୍କୁ ଶିଷ୍ୟ ରୂପରେ କେବଳ ନିମିତ୍ତ କରି ଭଗବାନ ସମଗ୍ର ମାନବ ସମାଜର କଲ୍ୟାଣ ପାଇଁ ଏହି ଭଗବଦ୍ ଗୀତା ରୂପୀ ମହାବାକ୍ୟକୁ ନିମ୍ନ ପ୍ରକାରରେ ଶୁଣାଇବାକୁ ପ୍ରସନ୍ନ ବଦନରେ ଆରମ୍ଭ କଲେ। ଏହାହିଁ ଭଗବଦ୍ ଗୀତାର ପରାକାଷ୍ଠା ।

**ଶ୍ରୀ ଭଗବାନ ଉବାଚ**

**ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ ।**

**ଗତାସୂନଗତାସୂଂଶ୍ଚ ନାନୁଶୋଚନ୍ତି ପଣ୍ଡିତାଃ ॥ ୧୧ ॥**

*ଅନ୍ୱୟ : ତ୍ୱମ୍ ( ତୁମେ ) ଅଶୋଚ୍ୟାନ୍ ( ଯାହା ପାଇଁ ଶୋକ କରିବା ଅନୁଚିତ) ଅନୁଶୋଚଃ ( ତାହାପାଇଁ –ଶୋକ କରୁଛ) ଚ (ଏବଂ) ପ୍ରଜ୍ଞାବାଦାନ୍ ଚ ଭାଷସେ ( ପଣ୍ଡିତଙ୍କ ଭଳି ଯୁକ୍ତି କରୁଛ ) ପଣ୍ଡିତାଃ ( ପଣ୍ଡିତଗଣ ) ଗତ-ଅସୂନ୍ ( ବିଗତ ପ୍ରାଣ ଅର୍ଥାତ୍ ମୃତକଙ୍କ ପାଇଁ ) ଅଗତ- ଅସୂନ୍ ( ଯାହାଙ୍କ ପ୍ରାଣ ଯାଇ ନାହିଁ ଅର୍ଥାତ୍ ଜୀବିତ ମାନଙ୍କ ପାଇଁ ) ନ ଅନୁଶୋଚନ୍ତି ( ଶୋକ କରନ୍ତି ନାହିଁ ) ।*

**ଭାବାର୍ଥ** : ଏହି ଶ୍ଲୋକ ହେଉଛି ଶ୍ରୀମଦ୍ ଭଗବଦ୍ ଗୀତାର ବୀଜ ମନ୍ତ୍ର । ଗୀତାର ଦର୍ଶନ ତତ୍ତ୍ୱ ଏହି ଶ୍ଲୋକରୁ ଆରମ୍ଭ । ଶ୍ରୀଶଙ୍କରାଚାର୍ଯ୍ୟଙ୍କ ରଚିତ ଗୀତା ଭାଷ୍ୟର ଏହା ହେଉଛି ପ୍ରଥମ ଶ୍ଲୋକ । ଭଗବାନ ଶ୍ରୀକୃଷ୍ଣ ତାଙ୍କର ଉପଦେଶ ଆରମ୍ଭରେ ମୃତ ଓ ଜୀବିତ ବିଷୟକୁ ଉପସ୍ଥାପନ କରିଛନ୍ତି । ପ୍ରକାରାନ୍ତରେ ତାହା ଜନ୍ମ ମୃତ୍ୟୁର ରହସ୍ୟ । ଦେହର ମୃତ୍ୟୁ ହୁଏ, କିନ୍ତୁ ଏହି ଦେହ ଯାହାର କାରଣ, ସେହି ଦେହୀର ମୃତ୍ୟୁ ହୁଏ ନାହିଁ । ଏହା ଚେତାଇ ଦେଇ ଶ୍ରୀ ଭଗବାନ କହୁଛନ୍ତି, ହେ ଅର୍ଜୁନ ! ତୁମେ ଯାହାଙ୍କ ପାଇଁ ଶୋକ କରିବାର ନୁହେଁ , ତାଙ୍କ ପାଇଁ ଶୋକ କରୁଛ । ଏଣେ ବଡ ପଣ୍ଡିତପରି ଶବ୍ଦ କହୁଅଛ । ପଣ୍ଡିତଜନ ଜନ୍ମ ଓ ମୃତ୍ୟୁ ବିଷୟରେ କେବେହେଲେ ଶୋଚନା କରନ୍ତି ନାହିଁ । ପଣ୍ଡିତ ହେଉଛନ୍ତି ସିଏ , ଯିଏ କି' ବିନାଶଶୀଳ ଜଗତ, ଜୀବାତ୍ମା , ଏବଂ ଏହି ଉଭୟର ନିୟନ୍ତ୍ରକ ପରମେଶ୍ୱରଙ୍କ ସମ୍ବନ୍ଧରେ ତତ୍ତ୍ୱଜ୍ଞାନ ପ୍ରାପ୍ତ କରିଥାନ୍ତି । ଆତ୍ମା ପରମାତ୍ମାଙ୍କ ଅଂଶ । ପଞ୍ଚ ମହାଭୂତରେ ତିଆରି ହୋଇଥିବା ଏହି ଶରୀର ଭିତରେ ଆତ୍ମା ସ୍ୱୟଂ ନିତ୍ୟ ଶୁଦ୍ଧ ହୋଇଥିଲେ ମଧ୍ୟ ଅଜ୍ଞାନର କାରଣରୁ ଦେହାଭିମାନ ଦ୍ୱାରା ଯୁକ୍ତ ହୋଇରହେ । ଆତ୍ମାର ଏହି ଦେହାଭିମାନ ବୁଦ୍ଧି ସହ ଯୁକ୍ତ ହୋଇରହିବା ସ୍ଥିତି ହେଉଛି ଜୀବାତ୍ମା । ଶରୀରର ଅନ୍ୟ ପଦାର୍ଥ ଭଳି ସୃଷ୍ଟି, ସ୍ଥିତି, ବୃଦ୍ଧି, ଅବକ୍ଷୟ ଓ ବିନାଶ ଘଟିଥାଏ । କିନ୍ତୁ ଆତ୍ମା ଯେପରି ସେପରି ଭାବରେ ହିଁ ଅବସ୍ଥାନ କରିଥାଏ । ପ୍ରଥମ ଅଧ୍ୟାୟ ବିଷାଦ ଯୋଗରେ ୩୫ ଶ୍ଲୋକ ଠାରୁ ୪୪ ଶ୍ଲୋକ ପର୍ଯ୍ୟନ୍ତ ଯାହା ଅର୍ଜୁନ କହିଛନ୍ତି : "ତ୍ରିଲୋକର ରାଜ୍ୟ ମିଳିଗଲେ ମଧ୍ୟ ଆତ୍ମୀୟ ମାନଙ୍କୁ ମାରିବାକୁ ଚାହୁଁ ନାହିଁ - ଏମାନଙ୍କୁ ମାରିଲେ କି ପ୍ରସନ୍ନତା ମିଳିବ, ବରଂ ପାପ ହିଁ କେବଳ ଅର୍ଜିବୁ- କୁଳନାଶ ଜନିତ ଦୋଷ ଓ ମିତ୍ରଦ୍ରୋହ ଜନିତ ପାପରୁ ନିବୃତ୍ତ ପାଇଁ ବିଚାର କାହିଁକି ନ'କରିବୁ - ବର୍ଣ୍ଣସଙ୍କର ଉତ୍ପତି କାରକ ଦୋଷରୁ ମହା ପାପ ଅର୍ଜନ ହେବ"- ଏହି ସବୁ କଥାରୁ ସେ ଜଣେ ଜ୍ଞାନୀଙ୍କ ଭଳି ଯୁକ୍ତି ଭଗବାନ ଶ୍ରୀକୃଷ୍ଣଙ୍କ ଆଗରେ ଉପସ୍ଥାପନ କରିବାର ଜଣାପଡୁଛି । ଅନ୍ୟ ପକ୍ଷରେ ଆତ୍ମୀୟ ସ୍ୱଜନଙ୍କ ଯୁଦ୍ଧରେ ପ୍ରାଣ ନାଶ ଆଶଙ୍କାରେ ଶୋକ ପ୍ରକଟ କରୁଛନ୍ତି । ଆତ୍ମତତ୍ତ୍ୱ ଜ୍ଞାନୀ ପୁରୁଷ ନା' ମରିଯାଇ ଥିବା

ବ୍ୟକ୍ତିଙ୍କ ନିମନ୍ତ ଶୋକ କରନ୍ତି , ନା' ଜୀବିତ ରହିଥିବା ବ୍ୟକ୍ତି ମରିଯିବାର ଆଶଙ୍କାରେ ଶୋକ କରନ୍ତି । କାରଣ ବିଜ୍ଞଜନ ମୃତ୍ୟୁ ର ଅର୍ଥକୁ ଜୀବାତ୍ମା ଗୋଟିଏ ଶରୀରକୁ ତ୍ୟାଗକରି ପୁନଃ ଅନ୍ୟ ଏକ ଶରୀର ଧାରଣର ଚିରାଚରିତ ପ୍ରକ୍ରିୟା ବୋଲି ବିଚାର କରିଥାନ୍ତି । ମୃତ୍ୟୁ ଏକ ଘଟ ପରିବର୍ତ୍ତନ ପ୍ରକ୍ରିୟା ମାତ୍ର । ସଂସାରରେ ମୃତ୍ୟୁ ଏକ ଦୁଃଖଦ ଘଟଣା ନୁହେଁ । ବରଂ ସୃଷ୍ଟି ସଂରଚନାରେ ଏହା ପରମେଶ୍ୱରଙ୍କ ଏକ ମହାନ୍ ବରଦାନ । ଆତ୍ମାର ପରାମାତ୍ମା ସହିତ ବିଲୀନ ହେବା ପାଇଁ ଲମ୍ବା ମହାଯାତ୍ରାରେ ଆତ୍ମା ନିବାସ କରୁଥିବା ଶରୀରର ପରିବର୍ତ୍ତନ ନିତାନ୍ତ ଆବଶ୍ୟକ । ଶରୀର ଦୁଇଟି କାରଣ ନିମନ୍ତେ ଉଦ୍ଦିଷ୍ଟ । ଗୋଟିଏ ହେଲା ପୂର୍ବ ଜନ୍ମର କର୍ମଫଳ ପ୍ରାରବ୍ଧ ରୂପରେ ଭୋଗ କରିବା ଓ ଅନ୍ୟଟି ହେଲା, ପୁରୁଷାର୍ଥ ଦ୍ୱାରା ଶୁଭ କର୍ମ କରି ଆତ୍ମାର ପରମାତ୍ମା ସହିତ ଯୁକ୍ତ କରାଇବା ନିମନ୍ତେ ଯୋଗସାଧନ କରିବା । ଏହି ଦୁଇଟି ଯାକ ଦୃଷ୍ଟି କୋଣରୁ ବିବେଚନା କଲେ ,ଶରୀରର ଅନ୍ତ କଦାପି ଶୋକର କାରଣ ନୁହେଁ । ଶରୀର ସହିତ ଜିବାତ୍ମାର ତଦାତ୍ମ୍ୟ ସମ୍ବନ୍ଧ କାରଣରୁ ଶରୀର "ମୁଁ" ବୋଲି ପ୍ରତୀତ ହୁଏ ଏବଂ ଏହି ଶରୀର ନିତ୍ୟ ବୋଲି ଭ୍ରମ ସୃଷ୍ଟି ହୁଏ । ଏହି ଭ୍ରମ ଭୌତିକ ସୁଖର କାମନା ଜାତ କରାଏ । ସେହି ଭୌତିକଭୋଗ,ବାସନାର ଆସକ୍ତିରେ ବୁଦ୍ଧି ମୋହଗ୍ରସ୍ତ ହେଲେ,ପ୍ରତିକୂଳ ପରିସ୍ଥିତିରେ ଅନ୍ତଃକରଣରେ ଦୁଃଖ,ଯନ୍ତ୍ରଣା ଅନୁଭବ ହୁଏ ।

*ଅନ୍ୱୟ : ଜାତୁ ( କୌଣସି କାଳରେ ଯେ' ) ଅହଂ (ମୁଁ) ନ ଆସମ୍ ( ନ ଥିଲି) ତ୍ୱଂ ନ (ତୁମେ ନଥିଲ) ନ- ଇମେ- ଜାନାଧିପା ( ଏହି ରାଜାମାନେ ନ'ଥିଲେ) ନ ତୁ ଏବ ( ଏ କଥା ମଧ ନୁହଁ) ଅତଃ ପରମ୍ ( ଏହା ପରେ ଯେ ଅର୍ଥାତ୍ ଭବିଷ୍ୟତରେ ) ବୟମ୍ ସର୍ବେ ( ଆମ୍ଭେମାନେ ସମସ୍ତେ ) ନ ଭବିଷ୍ୟାମଃ (ରହିବା ନାହିଁ ) ଏବ ନ ( ଏ କଥା ବି ନୁହେଁ )।*

**ଭାବାର୍ଥ** :ଏହି ଶ୍ଲୋକରେ ଭଗବାନ ଶ୍ରୀକୃଷ୍ଣ ଶରୀରର ଅନିତ୍ୟତା ଓ ଆତ୍ମାର ନିତ୍ୟତାକୁ ସିଦ୍ଧ କରିଛନ୍ତି । ମନୁଷ୍ୟର ଶରୀର ବିନଷ୍ଟ ହେଲାପରେ, ଜୀବାତ୍ମା ଭୁତ କାରଣ ଶରୀର ହୋଇ ସୂକ୍ଷ୍ମ ରୂପ ଧାରଣ କରିଥାଏ । ଆତ୍ମା ତିନି କାଳରେ ବିଦ୍ୟମାନ । କୁଳ, ଗୋତ୍ର, ନାମ, ରୂପ ଏବଂ ଆଶ୍ରମ ଏସବୁ ଶରୀର ସହିତ ସମ୍ବନ୍ଧିତ । ଆତ୍ମା ଏସବୁର ଊର୍ଦ୍ଧ୍ୱରେ । ଜନ୍ମ ଜନ୍ମ ଧରି ପ୍ରାପ୍ତ ହେଉଥିବା ଅନେକ ଶରୀରର ବିନଷ୍ଟ ଘଟିଲାପରେ, ଜୀବାତ୍ମାଠାରୁ ଯେତେବେଳେ ଜୀବ ଭାବ ଦୂରହୁଏ, ସେତେବେଳେ କେବଳ ନିତ୍ୟ ଶାଶ୍ୱତ ଆତ୍ମା ହିଁ ଶେଷ ରହେ । ସେହି ଶୁଦ୍ଧ ଚୈତନ୍ୟ, ଶାଶ୍ୱତ ଆତ୍ମାର ପରମାତ୍ମା ସହିତ ବିଲୀନ ଘଟିଲେ ତାହାକୁ ଜୀବାତ୍ମାର ମୁକ୍ତି କୁହାଯାଇଛି । ପ୍ରତ୍ୟେକ ଜୀବତ୍ମାକୁ , ମୁକ୍ତିପ୍ରାପ୍ତ ପର୍ଯ୍ୟନ୍ତ ପ୍ରାରବ୍ଧ ଅନୁସାରେ ଶରୀର ଧାରଣ କରି ବ୍ୟକ୍ତ ରୂପରେ ରହିବାକୁ ପଡିଥାଏ । ଗୋଟିଏ ଶରୀର ବିନଷ୍ଟ ଘଟିଲେ , ଜୀବାତ୍ମା ପୁଣି ଜନ୍ମ ନ'ନେଇ ଅନ୍ୟ ଗୋଟେ ଶରୀର ପ୍ରାପ୍ତ ଅପେକ୍ଷାରେ ଅବ୍ୟକ୍ତ ରୂପରେ ମଧ ରହିଥାଏ । ତେଣୁ ହେ ଅର୍ଜୁନ ! କୌଣସି କାଳରେ ମୁଁ, ତୁମ୍ଭେ, ଓ ଏହି ରାଜାମାନେ ନ'ଥିଲେ , ଏପରି ନୁହେଁ । ଏହାପରେ , ଅର୍ଥାତ ଭବିଷ୍ୟତରେ କୌଣସି ସମୟରେ ଆମ୍ଭେ ସମସ୍ତେ ନ'ଥିବା, ଏକଥା ବି ନୁହେଁ । ଜୀବାତ୍ମା ସବୁ ସମୟରେ ଥିଲା, ଅଛି ଓ ରହିବ । କେବଳ ଶରୀର ବଦଳୁଥିବ ।

ଦେହିନୋଽସ୍ମିନ୍ ଯଥା ଦେହେ କୌମାରଂ ଯୌବନଂ ଜରା ।
ତଥା ଦେହାନ୍ତରପ୍ରାପ୍ତି ର୍ଧୀରସ୍ତତ୍ର ନ ମୁହ୍ୟତି ॥ ୧୩ ॥

*ଅନ୍ୱୟ : ଯଥା(ଯେପରି) ଅସ୍ମିନ୍ ଦେହେ (ଏହି ଶରୀରରେ ) ଦେହିନଃ (ଦେହଧାରୀର) କୌମାରଂ ଯୌବନଂ ଜରା (ବାଲ୍ୟ,ଯୌବନ ଓ ବୃଦ୍ଧାବସ୍ଥା ଆସିଥାଏ ) ତଥା (ସେହି ସଦୃଶ ) ଦେହାନ୍ତର ପ୍ରାପ୍ତି(ଅନ୍ୟ ଶରୀରର ମଧ୍ୟ ପ୍ରାପ୍ତ ହୋଇଥାଏ) ତତ୍ର(ସେଥିରେ ) ଧୀରଃ (ଜ୍ଞାନୀ ଜନ) ନ ମୁହ୍ୟତେ ( ମୋହିତ ବା ବିଚଳିତ ହୁଏନାହିଁ)।*

**ଭାବାର୍ଥ** : ଏହି ଦେହର ଜୀବିତ କାଳରେ ବାଲ୍ୟ ,ଯୌବନ ,ବାର୍ଦ୍ଧକ୍ୟ ପ୍ରଭୃତି ଅବସ୍ଥା ସମୟାନ୍ତରରେ ଗୋଟିକ ପରେ ଗୋଟିଏ ଆସି ଭୋଗ ହୋଇଥାଏ। ପ୍ରତି ଅବସ୍ଥାରେ ଶରୀରରେ ଭିନ୍ନ ଭିନ୍ନ ଲକ୍ଷଣ ଦେଖାଦିଏ । ଯେପରି, ବାଲ୍ୟାବସ୍ଥାରେ କୋମଳମତି ବୁଦ୍ଧିର ଉତ୍ପତି ଘଟେ । ଯୌବନକାଳରେ ଶରୀରରେ ବଳର ସଞ୍ଚାର ହୋଇଥାଏ ଓ ତାହା ଆଶ୍ରମ ଜୀବନକୁ ବଢାଇ ନିଏ। ସେହିପରି ବୃଦ୍ଧାବସ୍ଥାରେ ବିଚାର, ବିବେକର ପରିପକ୍ୱତା ହୋଇଥାଏ ଓ ତାହା ସନ୍ୟାସ ଆଶ୍ରମ ଜୀବନ ପାଇଁ ପ୍ରେରଣା ଯୋଗାଇଥାଏ। ସେହି କ୍ରମାନୁସାରେ , କାଳର ଗତିରେ ବୃଦ୍ଧାବସ୍ଥା ପରେ , ଦେହୀ ଅର୍ଥାତ୍ ଜୀବାତ୍ମା ଗୋଟିଏ ଶରୀରରକୁ ଛାଡି ଅନ୍ୟ ଏକ ଶରୀର ପ୍ରାପ୍ତ ହେବା, ଅବସ୍ଥା ପରିବର୍ତ୍ତନ ସଦୃଶ । ବର୍ତ୍ତମାନ ଲବ୍ଧ ଶରୀର ଅନ୍ୟ ଏକ ରୂପ ଓ ନାମରେ ପୁର୍ବରେ ଥିଲା । ପୂର୍ବ ଶରୀର ବିନଷ୍ଟ ହେଲାପରେ ନୂତନ ଶରୀର ପ୍ରାପ୍ତହୋଇ, ତାର କ୍ରିୟା ପୁଣି ସେହି ଶୈଶବ ଅବସ୍ଥାରୁ ହିଁ ପ୍ରାରମ୍ଭ ହୋଇଛି । ଜୀବାତ୍ମାର ମୁକ୍ତି ଅର୍ଥାତ୍ ପରମାତ୍ମା ସହିତ ଲୀନ ହେବା ପର୍ଯ୍ୟନ୍ତ ଅବଶ୍ୟ ଶରୀରର ଏହି ଘଟ ପରିବର୍ତ୍ତନ ପ୍ରକ୍ରିୟା ଚାଲିଥିବ । ବିବେକୀ ଜନ ଏହାକୁ ସଂସାରର ସାଧାରଣ କଥା ବୋଧକରି ହତଜ୍ଞାନ ହୁଅନ୍ତି ନାହିଁ । ଅଜ୍ଞାନୀ ଜନ ହିଁ କେବଳ ବିନଷ୍ଟ ଶରୀର ପ୍ରତି ମୋହ ଯୋଗୁଁ ଶୋକ ପ୍ରକଟ କରିଥାନ୍ତି ।

**ମାତ୍ରାସ୍ପର୍ଶାସ୍ତୁ କୌନ୍ତେୟ ଶୀତୋଷ୍ଣସୁଖଦୁଃଖଦାଃ ।**

**ଆଗମାପାୟିନୋ ଅନିତ୍ୟାସ୍ତାଂସ୍ତିତିକ୍ଷସ୍ୱ ଭାରତ ॥ ୧୪ ॥**

*ଅନ୍ୱୟ : କୌନ୍ତେୟ ( ହେ କୁନ୍ତୀପୁତ୍ର !) ମାତ୍ରାସ୍ପର୍ଶାଃ ( ଜଡ ପଦାର୍ଥ ସହିତ ଇନ୍ଦ୍ରିୟ ମାନଙ୍କର ସଂସ୍ପର୍ଶ ) ଶୀତୋଷ୍ଣ ( ଶୀତ –ଅନୁକୂଳତା ଓ ଉଷ୍ଣ-ପ୍ରତିକୂଳତା ) ତୁ (ନିଶ୍ଚିତଭାବେ) ସୁଖଦୁଃଖଦାଃ (ସୁଖ ଓ ଦୁଃଖର ପ୍ରଦାନକାରୀ ହୋଇଥାନ୍ତି ) । ଭାରତ (ହେ ଭରତ ବଂଶୋଦ୍ଭବ ଅର୍ଜୁନ!) ଆଗମାପାୟିନଃ (ଆଗମନ-ପ୍ରତ୍ୟାଗମନ ଶୀଳ ଅର୍ଥାତ୍ ଆସନ୍ତି ଓ ଯାନ୍ତି ) ଅନିତ୍ୟାଃ (ଅସ୍ଥାୟୀ) ତାନ୍ ( ଅତଏବ ସେଗୁଡିକୁ ) ତିତିକ୍ଷସ୍ୱ (ସହ୍ୟକର ) ।*

**ଭାବାର୍ଥ**: ଆପଣା ଲୋକମଲେ ଦୁଃଖ କରିବା ସ୍ୱାଭାବିକ । ପୃଥିବୀର ସମସ୍ତ ଦୃଶ୍ୟମାନ ବସ୍ତୁ,ବ୍ୟକ୍ତି, ପରିସ୍ଥିତି ସହିତ ଶରୀରର ଇନ୍ଦ୍ରିମାନଙ୍କର ସତ୍ତ୍ୱ,ରଜ, ଓ ତମ ଗୁଣର ପ୍ରଭାବରୁ ସମ୍ବନ୍ଧ ହୋଇଥାଏ । ଶରୀରର ଇନ୍ଦ୍ରିୟମାନେ ଓ ସଂସାରର ବିଷୟ ପରସ୍ପର ନିଜ ନିଜ ଗୁଣ ଦ୍ୱାରାହିଁ ସମ୍ବନ୍ଧିତ । ଏହି ସମ୍ବନ୍ଧରେ ବୁଦ୍ଧି ସ୍ତରରେ ଅନୁକୂଳତା କିମ୍ବା ପ୍ରତିକୂଳତା ଅନୁଭବ ହୁଏ। ତାହା ମନରେ ରହିଥିବା କାମନାର ଅନୁକୂଳ ହୋଇଥିଲେ ସୁଖ ବୋଧ ହୁଏ । ଲବ୍ଧ ବସ୍ତୁ,ବ୍ୟକ୍ତି,ପରିସ୍ଥିତି ଫଳ ଇଛାର ବିପରୀତ ହୋଇଥିଲେ, ମନରେ ପୀଡା ଅନୁଭବ ହୁଏ। କିନ୍ତୁ ସେହି ସୁଖ କିମ୍ବା ଦୁଃଖ ଅନୁଭବତା ସ୍ଥାୟୀ ହୋଇ ରହିନଥାଏ । କାରଣ , ଶରୀର ଓ ବାହ୍ୟ ବିଷୟ ଜଗତ ପ୍ରତିମୂହୂର୍ତ୍ତରେ ପରିବର୍ତ୍ତନଶୀଳ । ତେଣୁ ସେମାନଙ୍କର ସମ୍ବନ୍ଧରୁ ସୃଷ୍ଟି ହେଉଥିବା ଅନୁବଭବତା ମଧ୍ୟ ସ୍ଥାୟୀ ନୁହଁ । ସେସବୁ ଆସନ୍ତି ଓ ଯାଆନ୍ତି । କିଛି ରହନ୍ତି ନାହିଁ । ହେ ଅର୍ଜୁନ! ଏହା ତୁମ୍ଭେ ଅସ୍ଥାୟୀ ବୋଲି ବିଚାର କରି କ୍ଷଣିକ ସୁଖ ଦୁଃଖକୁ ତ୍ୟାଗକର ଅର୍ଥାତ୍ ତାହାକୁ ସହନ କର । ସେ ସବୁକୁ ଧରିବସିଲେ

ହେବନାହିଁ । ଯେହେତୁ , ସହ୍ୟ କରିନେବା ବ୍ୟତିତ ଅନ୍ୟ କୌଣସି ପନ୍ଥା ନାହିଁ । ବିଷୟଗତ ଜଗତରେ ଶରୀର ଧାରଣ କରିଥିବା ପର୍ଯ୍ୟନ୍ତ ଏହା ହିଁ ଘଟିବ । କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁଯାଇ ଯେ କୌଣସି ପରିସ୍ଥିତିକୁ ନିର୍ବିକାର ଭାବେ ସହ୍ୟ କରିନେବାକୁ ଦ୍ୱିଧାବୋଧ କରି ନଥାଏ। ସୁଖଦ ପରିସ୍ଥିତି ଚିରସ୍ଥାୟୀ ନୁହଁ କି ଦୁଃଖଦ ପରିସ୍ଥିତିର ନିର୍ମୂଳକ ବିଲୁପ୍ତ କେବେହେଲେ ଘଟିବ ନାହିଁ । ଏହା ପ୍ରକୃତିର ନିୟମ । ଏହା ଭଗବାନଙ୍କର ସୃଷ୍ଟି ନିମନ୍ତେ ମଙ୍ଗଳମୟ ବିଧାନ ।

**ଯଂ ହି ନ ବ୍ୟଥୟନ୍ତ୍ୟେତେ ପୁରୁଷଂ ପୁରୁଷର୍ଷଭ ।**
**ସମଦୁଃଖସୁଖଂ ଧୀରଂ ସୋମୃତତ୍ୱାୟ କଳ୍ପତେ ॥ ୧୫ ॥**

*ଅନ୍ୱୟ : ହି (କାରଣ) ପୁରୁଷର୍ଷଭ (ହେ ପୁରୁଷ ଶ୍ରେଷ୍ଠ ଅର୍ଜୁନ ! ) ଯଂ ଧୀରଂ ପୁରୁଷଂ (ଯେଉଁ ବୁଦ୍ଧିମାନ ମନୁଷ୍ୟକୁ ) ଏତେ ( ଏହି ବିଷୟ ଜଗତର ) ସମଦୁଃଖସୁଖଂ( ପଦାର୍ଥ ସଂସ୍ପର୍ଶରୁ ଅନୁଭୂତ ହେଉଥିବା ସୁଖ ଓ ଦୁଃଖ ସମାନ ଅର୍ଥାତ୍ ବିକାର ଶୂନ୍ୟ ବୋଧହେବା ) ନ ବ୍ୟଥୟନ୍ତି ( ବ୍ୟଥିତ ଅର୍ଥାତ ବ୍ୟତିବସ୍ତ କରିନ'ଥାଏ) ସଃ (ସେ ) ଅମୃତତ୍ୱାୟ (ଅମରତ୍ୱ ପ୍ରାପ୍ତି –ଜନ୍ମ ମୃତ୍ୟୁ ଚକ୍ରରୁ ନିବୃତ୍ତି ପାଇବାର ) କଳ୍ପତେ (ଅଧିକାରୀ ହୋଇଥାଏ ) ।*

**ଭାବାର୍ଥ** : ଉପସ୍ଥିତ ପରିସ୍ଥିତି ଯାହା ହେଉନା କାହିଁକି, ଜ୍ଞାନବାନ ବିବେକୀ ମନୁଷ୍ୟ ସେଥିରେ ବିଚଳିତ ହୁଏନାହିଁ। ନିଜ କର୍ତ୍ତବ୍ୟ ନିଷ୍ଠାରୁ ହଟେ ନାହିଁ । ଯେ କୌଣସି ପ୍ରକାର ଲକ୍ଷ ନେଇ ଜୀବନ ବଢି ଚାଲିଲେ ,ସେଥିରେ ଅନୁକୂଳ ପ୍ରତିକୂଳ ପରିସ୍ଥିତି ଆସିବ ହିଁ ଆସିବ । ତାକୁ କ୍ଷଣସ୍ଥାୟୀ ବୋଲି ଭାବି ଆଡେଇ ଯିବାକୁ ହେବ । ମନୁଷ୍ୟ ଜୀବନର ଅମରତ୍ୱ ପ୍ରାପ୍ତି ହେଉଛି ସର୍ବଶେଷ ଲକ୍ଷ । ଜନ୍ମ ମୃତ୍ୟୁ ଚକ୍ରରୁ ନିବୃତ୍ତି ପାଇଲେ ହିଁ ଅନିତ୍ୟ , ଅସୁଖ ସଂସାରରେ ଆଉ ଶରୀର ଧାରଣ କରିବାକୁ ପଡିନ'ଥାଏ। ବିଷୟ ଜଗତରୁ ମନ, ଇନ୍ଦ୍ରିୟ ମାନଙ୍କ ଦ୍ୱାରା ଯେଉଁ ସୁଖ ବୋଧ ହୋଇଥାଏ , ତାହା କାମନାପୂର୍ତ୍ତିରେ କ୍ଷଣିକ ପାଇଁ କାମନା ଶୂନ୍ୟହୋଇଥିବା ମନ ଓ ଚିତ୍ତର ଅବସ୍ଥା । ପୁଣି ଅନ୍ୟ ଏକ କାମନା ମନ,ଚିତ୍ତ,ଓ ବୁଦ୍ଧି ସ୍ତରରେ ସ୍ଥାନ ନେଇ ସାରିଲାପରେ ପ୍ରାପ୍ତ ହୋଇଥିବା ସୁଖ ଚାଲି ଯାଇଥାଏ । ସେହିପରି ମନ ଚାହୁଁ ନ'ଥିବା କିମ୍ବା କାମନାର ପ୍ରତିକୂଳ ପରିସ୍ଥିତିରେ ଯେଉଁ ଦୁର୍ବଳ ମାନସିକତା ସୃଷ୍ଟି ହୋଇଥାଏ, ତାହାକୁ ଆମ୍ଭେ ଦୁଃଖ ହେଲାବୋଲି କହୁ । ଏହି ସୁଖ ଓ ଦୁଃଖ କେବଳ ମନର କାଳ୍ପନିକ ସ୍ଥିତି । ଏହାର କୌଣସି ବାସ୍ତବତା ନଥାଏ। ବିଚାରମନ୍ତ ପୁରୁଷ ଦେହାଭିମାନକୁ ତ୍ୟାଗକରି ମନକୁ ଆତ୍ମଭାବରେ ସ୍ଥିତ କରି ରଖିଲେ ନା' ସୁଖ ନା' ଦୁଃଖ ବୋଧ ହୋଇଥାଏ । ଦେହାଭୀମାନି ମନୁଷ୍ୟ ପାଇଁ ମୃତ୍ୟୁ ହେଉଛି ସବୁଠାରୁ ଭୟାନକ ଏବଂ ମସ୍ତବଡ ଦୁଃଖ । ଏହି ଶରୀର ଈଶ୍ୱର ପ୍ରାପ୍ତି ନିମନ୍ତେ ଉଦ୍ଦିଷ୍ଟ । ସେହି ଲକ୍ଷ ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସାଧନ ନିମନ୍ତେ ଶରୀର ହେଉଛି ଜୀବାତ୍ମାର ମଧ୍ୟବର୍ତ୍ତୀ ନିବାସ ସ୍ଥଳ । ବିବେକୀ ପୁରୁଷ ଶରୀରର ବିନଷ୍ଟକୁ ମୃତ୍ୟୁ ବୋଲି ନ'ଭାବି ତାହାକୁ ଭଗବାନଙ୍କର ବରଦାନ ବୋଲି ଗ୍ରହଣ କରେ। ଏହି ବିଚାରଧାରରେ ଆତ୍ମଜ୍ଞାନ ଲାଭକରି, ମନୁଷ୍ୟ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତହୋଇ ଅମରତ୍ୱର ଅଧିକାରୀ ହୋଇଥାଏ।

**ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ ।**
**ଉଭୟୋରପି ଦୃଷ୍ଟୋଅନ୍ତସ୍ତ୍ୱନୟୋସ୍ତତ୍ତ୍ୱ ଦର୍ଶିଭିଃ ॥ ୧୬ ॥**

*ଅନ୍ୱୟ : ଅସତଃ ( ଯାହା ଅନିତ୍ୟ ) ଭାବଃ ନ ବିଦ୍ୟତେ (ସେହି ସତ୍ତାର ଅର୍ଥାତ ସ୍ଥିତିର ବିଦ୍ୟମାନ ନଥାଏ ) ତୁ (ଏବଂ) ସତଃ (ଯାହା ନିତ୍ୟ ,ଯାହା ସତ୍) ଅଭାବଃ (ତାହାର ଅଭାବ ଅର୍ଥାତ୍ ତାହା ନ'ଥିବା ) ନ ବିଦ୍ୟତେ (ବିଦ୍ୟମାନ ନାହିଁ ଅର୍ଥାତ୍ କେବେ ହୋଇ ନ'ଥାଏ ) ତତ୍ତ୍ୱଦର୍ଶିଭିଃ (ତତ୍ତ୍ୱଦର୍ଶୀ ମହାପୁରୁଷଗଣ) ଅନୟୋଃ ଉଭୟୋଃ (ଏହି ଦୁଇଟିଯାକର ) ଅପି ( ହିଁ ) ଅନ୍ତଃ (ତତ୍ତ୍ୱ ) ଦୃଷ୍ଟଃ (ଦେଖିଛନ୍ତି ବା ଅନୁଭବ କରିଛନ୍ତି )।*

**ଭାବାର୍ଥ** :ଯାହାର ବିବେକ ଜାଗ୍ରତ ହୋଇଛି , ଯିଏ ସତ୍ ଓ ଅସତ୍ ବସ୍ତୁର ଭେଦକୁ ଜାଣିପାରିଛି, ଯିଏ ଶ୍ରୁତି ପ୍ରମାଣର ଆଧାର ଉପରେ ଜାଣିପାରେ ଯେ' ସତ୍ ପଦାର୍ଥ ହିଁ ଗ୍ରହଣ କରିବା ଯୋଗ୍ୟ,ଏବଂ ଅସତ୍ ବସ୍ତୁକୁ ପରିତ୍ୟାଗ କରିବା ଉତ୍ତମ , ତଥା ଯାହାକୁ ପରମାତ୍ମା ତତ୍ତ୍ୱର ଜ୍ଞାନ ହୋଇସାରିଛି, ଆଉ ସେ ମୁକ୍ତିର ମଧ ଇଚ୍ଛା ରଖିଛି, ତାହାକୁ ସତ୍ ର ଅଭାବ କେଉଁଠାରେ ହେଲେ ଉପଲବ୍ଧି ହୋଇ ନଥାଏ କି' ଅସତ୍ ର ସତ୍ତା ଥିବାର ଅନୁଭବ ହୁଏ ନାହିଁ । ଏ ସମସ୍ତ ଶାସ୍ତ୍ରଗତ ଜ୍ଞାନର ଅଧିକାରୀ ହେବା ସତ୍ତ୍ୱେ, ଯିଏ ଅସତ୍ ଅର୍ଥାତ୍ ବିନାଶଶୀଳ ବସ୍ତୁକୁ ସୁଖର କାରଣ ବୋଲି ମନେକରେ ଏବଂ ଏହାର ଆଶ୍ରିତ ହୋଇଥାଏ, ସେ ବାସ୍ତବରେ ଅଜ୍ଞାନୀ ଅଟେ । ଏତାଦୃଶ ଜ୍ଞାନୀ ବୋଲାଉଥିବା ପୁରୁଷଙ୍କର ଶୀଘ୍ର ପତନ ଘଟିଥାଏ । ସତ୍ ଆଉ ଅସତ୍ ର ଅର୍ଥ ନିତ୍ୟ ଆଉ ଅନିତ୍ୟ ବୁଝିବାକୁ ହେବ । ଯାହା ଅସତ୍ ତାହାର ତିନି କାଳରେ ଅସ୍ତିତ୍ୱ ନାହିଁ । ଯେଉଁମାନେ ଆତ୍ମା-ତତ୍ତ୍ୱଦର୍ଶୀ, ଏହି ନିତ୍ୟ-ଅନିତ୍ୟ ଉପରେ ସେମାନଙ୍କର ସିଦ୍ଧାନ୍ତ ହେଲାଯେ' ଯାହା ଦୃଶ୍ୟମାନ ତାହା ବିନାଶଶୀଳ ଓ ଏହାର ଅସ୍ତିତ୍ୱ ଏହା ପୂର୍ବେ ନ'ଥିଲା ଓ ଆଗକୁ ମଧ ରହିବ ନାହିଁ । ବର୍ତ୍ତମାନ ଯଦିଓ ପ୍ରତୀୟମାନ, ପ୍ରତିମୁହୂର୍ତ୍ତରେ ଏହାର କ୍ଷୟ ଘଟି ବିନାଶ ଦିଗକୁ ଗତି କରୁଅଛି। ଶରୀର, ସଂସାର, ଦୃଶ୍ୟମାନ ଜଗତ ପ୍ରପଞ୍ଚ ପ୍ରଭୃ ହେଉଛି ଅସତ୍ । ଅସତ୍ ବସ୍ତୁ ସ୍ୱୟଂ ପ୍ରକାଶିତ ହୋଇପାରେ ନାହିଁ । ଜୀବାତ୍ମାର ଚିଦାଭାସ ଦ୍ୱାରାହିଁ ବୁଦ୍ଧି ଶରୀରର ସ୍ଥିତିକୁ ଜାଣିବାକୁ ସମର୍ଥ ହୋଇଥାଏ । କେବଳ ପରମାତ୍ମା-ତତ୍ତ୍ୱ ହେଉଛି ସତ୍ । ପରମାତ୍ମା-ତତ୍ତ୍ୱର ଶ୍ରେଷ୍ଠ ସ୍ୱରୂପ ହେଲା ଜୀବାତ୍ମା ବା ବ୍ରହ୍ମ ଯାହାର ତିନିକାଳରେ ସ୍ଥିତି ଅର୍ଥାତ ସତ୍ତା ରହିଆସିଛି । ପରମାତ୍ମା ତତ୍ତ୍ୱ ହେଲା ସତ୍ ଏବଂ ପ୍ରକୃତିତତ୍ତ୍ୱ ହେଲା ଅସତ୍ । ଏହା ପରମେଶ୍ୱରଙ୍କ ପରା ଓ ଅପରା ଶକ୍ତି ଅଟେ । ଅପରା ଶକ୍ତି ହେଉଛି ପ୍ରକୃତି ଓ ଜୀବଭୂତ ଚେତନ ହେଉଛି ପରା ଶକ୍ତି । ଏହି ପରା ଓ ଅପରା ଉଭୟ ଶକ୍ତିର ସଂଯୋଗରେ ହିଁ ଏ ସମସ୍ତ ଜଗତ ନିର୍ମିତ ହୋଇଛି । ଅଦ୍ୱୈତବାଦ ଅନୁଯାୟୀ "ଏକ ବ୍ରହ୍ମ ଦ୍ୱିତୀୟ ନାସ୍ତି " , ସର୍ବ ଖଳିଦଂ ବ୍ରହ୍ମ ଅର୍ଥାତ୍ ସର୍ବ ବ୍ରହ୍ମମୟ ଅଟେ । ପରମବ୍ରହ୍ମ ତତ୍ତ୍ୱ , ସତ୍ ଓ ଅସତ୍ ଉଭୟର ଉର୍ଦ୍ଧ୍ୱରେ । ପରମବ୍ରହ୍ମ ସର୍ବତ୍ର ପରିବ୍ୟାପ୍ତ । ତାଙ୍କରି ସତ୍ତା ହିଁ ସର୍ବତ୍ର ବିଦ୍ୟମାନ । ଯାହା ସର୍ବ ବ୍ୟାପକ ତାହା ସବୁବେଳେ ପୂର୍ଣ୍ଣ । ଜୀବ ହେଉ କିମ୍ବା ଜଡ ହେଉ , ସମସ୍ତଙ୍କ ଭିତରେ ସେହି ସତ୍ତା ବିଦ୍ୟମାନ । ଯାହାର ରୂପାନ୍ତର ବା ପରିବର୍ତ୍ତନ ଘଟିଥାଏ , ସେଗୁଡିକ ହେଲା ଅପରା ଶକ୍ତିରୁ ଉଦ୍ଭବ । ଚେତନ ହେଉଛି ପରାଶକ୍ତି ଏବଂ ତାହା ଦ୍ୱାରା ହିଁ ଅସତ୍ ବସ୍ତୁ ପ୍ରକାଶିତ ହୋଇଥାଏ । ପରମବ୍ରହ୍ମ ତତ୍ତ୍ୱର ଆଧାରରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ସେହି ସତ୍ ଓ ଅସତ୍ , ପରା ଓ ଅପରା ଶକ୍ତିର ସମାହାର । ଏହି ସତ୍ୟ-ମିଥ୍ୟା ମିଶ୍ରିତ ସଂସାରରେ ଯିଏ ଅସତ୍ ତ୍ୟାଗକରି ସତ୍ କୁ ଗ୍ରହଣ କରିଥାଏ , ସେ ହିଁ ବିବେକୀ ବା ପଣ୍ଡିତ ଜନ । ଯାହାର ବିବେକ ଜାଗ୍ରତ ହୋଇଛି, ଏବଂ ଆତ୍ମା-ପରମାତ୍ମାର ଅଭେଦ ତତ୍ତ୍ୱକୁ ବୁଝିପାରିଛନ୍ତି, ସେ ହିଁ ଭଗବାନଙ୍କର ସଗୁଣ ସାକାର-ନିରାକାର ସ୍ୱରୂପର ସତ୍ ଏବଂ ଅସତ୍ ତତ୍ତ୍ୱକୁ ଉତ୍ତମ ରୂପରେ ବୁଝିବାକୁ ସମର୍ଥ ହୁଅନ୍ତି ।

**ଅବିନାଶୀ ତୁ ତଦ୍ ବିଦ୍ଧି ଯେନ ସର୍ବମିଦଂ ତତମ୍ ।**

**ବିନାଶମବ୍ୟୟସ୍ୟାସ୍ୟ ନ କଶ୍ଚିତ୍ କର୍ତୁମର୍ହତି ॥ ୧୭ ॥**

*ଅନ୍ୱୟ : ଯେନ (ଯାହାଦ୍ୱାରା ) ସର୍ବମିଦଂ ( ସମଗ୍ର ପରିଦୃଶ୍ୟମାନ ଜଗତ କିମ୍ବା ସମଗ୍ର ଶରୀର ଏହି ଉଭୟ ଅର୍ଥ ନିଆଯାଇପାରେ) ତତମ୍ (ପରିବ୍ୟାପ୍ତ ) ତଦ୍ (ତାହାକୁ ) ତୁ (ହିଁ ) ଅବିନାଶୀ ବିନାଶ ରହିତ)ବିଦ୍ଧି(ଜାଣିରଖ )ଅସ୍ୟ (ଏହି ) ଅବୟସ୍ୟ(ଅବ୍ୟୟ ଅବିନାଶୀ ଆତ୍ମାର ଶରୀର ଅର୍ଥରେ ଓ ବ୍ରହ୍ମ ସମଗ୍ର ଦୃଶ୍ୟମାନ ଜଗତ ଅର୍ଥରେ ) କଃ-ଚିତ୍(କେହି ମଧ ) ବିନାଶମ୍ କର୍ତୁମ୍ (ବିନାଶ କରିବାକୁ ) ନ ଅର୍ହତି (ସମର୍ଥ ହୁଏ ନାହିଁ)।*

**ଭାବାର୍ଥ:** ଏହି ଶ୍ଲୋକର ଭାବାର୍ଥ ଶରୀର ତତ୍ତ୍ୱ ଓ ସଂସାର ତତ୍ତ୍ୱ ଉଭୟକୁ ନେଇ ବିଚାର କରାଯାଇପାରେ । ଶରୀର ତତ୍ତ୍ୱ ଦୃଷ୍ଟିରୁ, ଆତ୍ମା ଶରୀର ଭିତରେ ପରିବ୍ୟାପ୍ତ ହୋଇ ରହିଅଛି । ଏହାର ପ୍ରଭାବରେ ସମଗ୍ର ଶରୀରରେ ଚେତନା ଶକ୍ତିର ଅନୁଭବ ହୁଏ । ଶରୀର ଭିତରେ ଆତ୍ମାର ସ୍ଥିତି ହେଉଛି ଶରୀରର ଜୀବନ ଶକ୍ତି । ଆତ୍ମା ସୂକ୍ଷ୍ମାତି ସୂକ୍ଷ୍ମ ହୋଇଥିବା ଯୋଗୁଁ ଏହାକୁ ଶରୀର ଭିତରେ ଦେଖି ହୁଏନାହିଁ । ଭୌତିକ ଚିକିତ୍ସା ବିଜ୍ଞାନ ଆଜି ପର୍ଯ୍ୟନ୍ତ ଶରୀର ଭିତରେ ଆତ୍ମାକୁ ନିରୂପଣ କରିବାରେ ସମର୍ଥ ହୋଇନାହିଁ । ମାତ୍ର ଆତ୍ମାର ସ୍ଥିତି, ଏହାର ପ୍ରଭାବ ଏବଂ ଅନ୍ତରେ ଏହାର ଶରୀର ତ୍ୟାଗକୁ ମୃତ୍ୟୁ ରୂପରେ ଅନୁଭୂତ ହୋଇଥାଏ । ଆତ୍ମା ଶରୀର ଭିତରେ ପଞ୍ଚ- କୋଷ ଭିତରେ ଆବଦ୍ଧ ହୋଇ ରହିଥାଏ । ତାହା ହେଉଛି ଅନ୍ନ କୋଷ, ପ୍ରାଣ କୋଷ, ବାୟୁ କୋଷ, ଜ୍ଞାନ କୋଷ, ଓ ଆନନ୍ଦ କୋଷ । ଶରୀରରେ ନିର୍ମିତ ହୋଇଥିବା ଏହି ପଞ୍ଚ-କୋଷ ଆତ୍ମାର ପ୍ରଭାବରେ କ୍ରିୟାଶୀଳ ହୋଇ ମନ, ବୁଦ୍ଧି, ଚିତ୍ତର ଉଦ୍ଭବ ଘଟେ। ଆତ୍ମାର ଚେତନ ଶକ୍ତି ସହିତ ବୁଦ୍ଧିର ସଂଯୋଗରେ ଶରୀରର କ୍ରିୟମାଣକୁ ନେଇ ଏକ ସ୍ୱତନ୍ତ୍ର ସତ୍ତା ଅନୁଭବ ହୋଇଥାଏ । ତାହା ହେଉଛି ଅହଂକାର । ଅହଂକାର ହେଉଛି ଶରୀର ଭିତରେ ଆବଦ୍ଧ ହୋଇଥିବା ଜୀବାତ୍ମାର ଦେହାଭିମାନ ଜ୍ଞାନକୁ "ମୁଁ" ଭାବରେ ଅନୁଭବ କରିବା । ଆତ୍ମାର ଶୁଦ୍ଧ ଚୈତନ୍ୟ ସ୍ୱରୂପ ପ୍ରକୃତି ଦ୍ୱାରା ନିର୍ମିତ ଶରୀରର ତ୍ରିଗୁଣଭାବରେ ପ୍ରଭାବିତ ହେଲେ, ତାହା ଜୀବାତ୍ମାରା ସ୍ୱରୂପ ନେଇ ସୁଖ,ଦୁଃଖ,ଶୀତ,ଉଷ୍ଣ, ପ୍ରଭୃତିର ଭୋକ୍ତା ହୋଇଥାଏ । ଆତ୍ମା ଜୀବାତ୍ମା ବାସ୍ତବରେ ଅଭିନ୍ନ । ଆତ୍ମାର ଦେହାଭିମାନ ସହିତ ତଦାତ୍ମ୍ୟ କାରଣରୁ କର୍ତ୍ତାପନ ଓ ଭୋକ୍ତାପନ ବୁଦ୍ଧି ହେଉଛି ଅହଂକାର । ତେଣୁ ଆତ୍ମା ଶରୀର ଭିତରେ ନିର୍ବିକାର ରୂପରେ ବିସ୍ତାରିତ ହୋଇ ଶରୀରକୁ କ୍ରିୟମାଣ କରିଥାଏ । ଏହି ଆତ୍ମସ୍ୱରୂପକୁ କେହି କେବେହେଲେ ଶରୀର ଭିତରେ ବିନାଶ କରିବାକୁ ସମର୍ଥ ହୋଇନ'ଥାଏ, କାରଣ ଏହା ପରମାତ୍ମା ଶକ୍ତିର ଏକ ଉତ୍ସ ଯାହାର ସୃଷ୍ଟି ନାହିଁ କି ବିନାଶ ନାହିଁ। ସଂସାର ତତ୍ତ୍ୱ ଦୃଷ୍ଟିରୁ ଦେଖିଲେ, ଏହି ସମଗ୍ର ବ୍ରହ୍ମାଣ୍ଡ ପରମାତ୍ମାଙ୍କ ଦ୍ୱାରା ପରିବ୍ୟାପ୍ତ । ପରମାତ୍ମା ପୂର୍ଣ୍ଣ ଆଉ ଅଖଣ୍ଡ । ବ୍ୟକ୍ତ ଓ ଅବ୍ୟକ୍ତ, ସବୁଥିରେ ସେହି ପରମାତ୍ମାଙ୍କ ସତ୍ତା ସବୁ ସମୟରେ ବିଦ୍ୟମାନ । ଏହା ହେଉଛି ଅଦ୍ୱୈତବାଦ ମତ । ଯାହା ଦୃଶ୍ୟମାନ ତାହାର ମଧ ବିନାଶ ହୁଏ ନାହିଁ , କେବଳ ତାର ରୂପାନ୍ତର ହୋଇଥାଏ । ଜୀବ, ବ୍ରହ୍ମ, ପ୍ରକୃତି ଏ ସମସ୍ତ ସେହି ପରମାତ୍ମାଙ୍କ ଠାରୁ ନିସୃତ । ପରମାତ୍ମା ଅତିରିକ୍ତ ଅନ୍ୟ କାହାର ସତ୍ତା ହିଁ ନାହିଁ । ସ୍ୱୟଂ ପରମେଶ୍ୱର ମଧ ବ୍ରହ୍ମଶୂନ୍ୟ ସ୍ଥିତି ସୃଷ୍ଟି କରିବାକୁ ଅସମର୍ଥ, କାରଣ ପରମେଶ୍ୱରଙ୍କ ସ୍ୱରୂପ ହେଉଛି ପରିପୂର୍ଣ୍ଣ ବ୍ରହ୍ମ ।

**ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକ୍ତାଃ ଶରୀରିଣଃ ।**

**ଅନାଶିନୋଅପ୍ରମେୟସ୍ୟ ତସ୍ମାଦ୍ ଯୁଧ୍ୟସ୍ୱ ଭାରତ ॥ ୧୮ ॥**

*ଅନ୍ୱୟ : ଅନାଶିନଃ (ଅବିନାଶୀ ) ଅପ୍ରମେୟସ୍ୟ(ଅପ୍ରମାଣିତ-ପ୍ରମାଣ ଯାହାକୁ କରାଯାଇ ପାରି ନାହିଁ ) ନିତ୍ୟସ୍ୟ ( ନିତ୍ୟସ୍ଥିତ ) ଶରୀରିଣଃ ( ଏହି ଶରୀରୀ ର – ଏହି ଆତ୍ମାର ) ଇମେ ଦେହା(ଏହି ଦେହ ଗୁଡିକ) ଅନ୍ତବନ୍ତଃ ( ବିନାଶଶୀଳ) ଉକ୍ତାଃ (କୁହାଯାଇଛି ) ତସ୍ମାତ୍ (ତେଣୁ )ଯୁଧ୍ୟସ୍ୱ ଭାରତ (ହେ ଅର୍ଜୁନ ! ତୁମେ ଯୁଦ୍ଧ କର।) ।*

**ଭାବାର୍ଥ:** ଆତ୍ମାର ପରମାତ୍ମା ସହିତ ଲୀନ ହେବା ପର୍ଯ୍ୟନ୍ତ ଦେହାବଚ୍ଛିନ୍ନ ଜୀବାତ୍ମାକୁ ଅନେକ ଗୁଡିଏ ଶରୀରକୁ ଧାରଣ କରିବାକୁ ପଡିଥାଏ । ଜୀବାତ୍ମାକୁ ପ୍ରାପ୍ତ ହେଉଥିବା ଏହି ସମସ୍ତ ଶରୀର ବିନାଶଶୀଳ । କୌଣସି ଗୋଟିଏ ଶରୀର ଜୀବାତ୍ମାର ମୁକ୍ତି ପର୍ଯ୍ୟନ୍ତ ପ୍ରଯତ୍ନ କଲେ ମଧ୍ୟ ବିନଷ୍ଟ ନହୋଇ କାଳର ଗ୍ରାସରୁ ରକ୍ଷା ପାଇନ'ଥାଏ । କିନ୍ତୁ ଜୀବାତ୍ମା ଅନାଶିନ । ଯେହେତୁ କାଳ ଏହାକୁ ଗ୍ରାସତ ଦୂରର କଥା, ସ୍ପର୍ଶ ମଧ୍ୟ କରିପାରିନ'ଥାଏ । ଆତ୍ମା ଏଥିପାଇଁ ନିତ୍ୟ , କାରଣ ତାହାର ସ୍ୱରୂପରେ କେବେ ପରିବର୍ତ୍ତନ ହୋଇନଥାଏ । ଏହା ସବୁବେଳେ ପରିପୂର୍ଣ୍ଣ ଓ ଅଖଣ୍ଡ । ଆତ୍ମା ମଧ୍ୟ ଅପ୍ରମେୟ ଅର୍ଥାତ ଏହାର ଅସ୍ତିତ୍ୱକୁ ଶରୀରର ଇନ୍ଦ୍ରିୟ,ମନ,ବୁଦ୍ଧି ଦ୍ୱାରା କେବେ ଜାଣିବାର ବସ୍ତୁ ହୋଇପାରି ନାହିଁ । ଯାହାର ଉତ୍ପନ୍ନ ହୁଏ, ତାହାର ବିନାଶ ସୁନିଶ୍ଚିତ । ଶରୀରର ଅନ୍ତ କେବେବି ହୋଇପାରେ, ତାହାର ନିଶ୍ଚିତତା ନ'ଥାଏ। ପୂର୍ବ ଜନ୍ମର କର୍ମଫଳ ଭୋଗ ହେବାପାଇଁ ଜୀବାତ୍ମାକୁ ଶରୀର ପ୍ରାପ୍ତ ହୋଇଛି । ଏହି ପ୍ରାରବ୍ଧ କର୍ମ ଭୋଗକୁ ଆଧାର କରି ଜୀବାତ୍ମାର ଶରୀର ସହିତ ସମ୍ବନ୍ଧ କାଳ ନିର୍ଦ୍ଧାରିତ ହୋଇଥାଏ । କୌଣସି ଏକ ଶରୀରରେ ପ୍ରାରବ୍ଧ ଭୋଗ ସହିତ ପୁରୁଷାର୍ଥ ଦ୍ୱାରା ତ୍ରିଗୁଣ ରହିତ ବିଶୁଦ୍ଧ ଚୈତନ୍ୟରେ ଆତ୍ମ ଅନୁଭୂତି ହୋଇସାରିଲାପରେ, ଜୀବାତ୍ମାକୁ ପୁନଃ ଶରୀର ପ୍ରାପ୍ତ ହୁଏନାହିଁ । ତାହା ଜୀବାତ୍ମାର ମୋକ୍ଷ ପ୍ରାପ୍ତି । ଅନ୍ୟ ଏକ ଦିଗରେ, ପ୍ରାରବ୍ଧ ଭୋଗ ହେବା ସମୟରେ ଅଜ୍ଞାନ ଯୋଗୁଁ ମୋହଗ୍ରସ୍ତ ବୁଦ୍ଧି, ବିଷୟ ଜଗତ ପ୍ରତି ଆସକ୍ତ ହୋଇଥାଏ । ବିଷୟ ଜଗତର ଭୋଗ କରିବାର ସେହି ବାସନା, ଗୋଟିଏ ଶରୀରର ଅନ୍ତ ପରେ ଜୀବାତ୍ମା ପାଇଁ ପୁଣି ଅନ୍ୟ ଏକ ଶରୀର ପ୍ରାପ୍ତିର କାରଣ ହୋଇଥାଏ । ଜୀବାତ୍ମାର ଶରୀର ସହିତ ସମ୍ବନ୍ଧ ତୁଟାଇ ଶୁଦ୍ଧ ଚୈତନ୍ୟ ସ୍ଥିତି ହେଉଛି ଆତ୍ମ ସ୍ୱରୂପ । ଏହି ଆତ୍ମା ସ୍ୱରୂପ ପରମାତ୍ମା ତତ୍ତ୍ୱ ଠାରୁ ଭିନ୍ନ ହୋଇନ'ଥାଏ। ଏଥିପାଇଁ ଏହା ନିତ୍ୟ ଓ ଅବିନାଶୀ । ଶରୀରରେ ଥିବା ଇନ୍ଦ୍ରିୟମାନେ ଶବ୍ଦ,ସ୍ପର୍ଶ,ରୂପ,ରସ,ଗନ୍ଧ ତନ୍ମାତ୍ରାଙ୍କ ଦ୍ୱାରା ଆତ୍ମା ସ୍ୱରୂପରେ ବିକାର ସୃଷ୍ଟି କରିପାରିନ'ଥାନ୍ତି । ତେଣୁ ଆତ୍ମା ହେଉଛି ନିର୍ବିକାର । ସୂକ୍ଷ୍ମାତି ସୂକ୍ଷ୍ମ ହୋଇଥିବା ଯୋଗୁଁ ଆତ୍ମା ମଧ୍ୟ ନିରାକାର । ଯାହା ନିର୍ବିକାର ଆଉ ନିରାକାର , ତାହା କେବେହେଲେ ପ୍ରମାଣ ସାପେକ୍ଷ ନୁହଁ । ଆତ୍ମାର ପ୍ରତ୍ୟକ୍ଷ ପ୍ରମାଣ ପର୍ଯ୍ୟନ୍ତ ବେଦର ବାକ୍ୟ ମଧ୍ୟ ପହଞ୍ଚିପାରି ନାହିଁ । ବେଦ କେବଳ ନେତି ନେତି ( ଏହା ନୁହେଁ , ଏହାନୁହେଁ ) କହି ଆତ୍ମାକୁ ନିରୂପଣ କରିବାପାଇଁ ଚେଷ୍ଟା କରିବାର ଦେଖାଯାଇଛି । ଏପରି ସ୍ଥଳେ ,ଆତ୍ମା ଏକାଧାରରେ ହେଉଛି ନିତ୍ୟ,ଶାଶ୍ୱତ , ଅବିନାଶୀ ଓ ଅପ୍ରମେୟ । ଏହାକହି, ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି, ହେ ଅର୍ଜୁନ ! ଯୁଦ୍ଧରେ ସ୍ୱଜନ ଓ ଗୁରୁଜନ ମାନଙ୍କ ଆସନ୍ନ ମୃତ୍ୟୁର ଆଶଙ୍କା ଯଦି ତୁମ୍ଭର ଶୋକର କାରଣ , ଏହି ଆତ୍ମା ତତ୍ତ୍ୱ ଓ ଶରୀର ତତ୍ତ୍ୱଜ୍ଞାନ ବୁଝିପାରି , ଶୋକ ତ୍ୟାଗକର । ସ୍ୱଧର୍ମ ପାଳନକରି, ଯୁଦ୍ଧ କର। ପରୋକ୍ଷ ଭାବେ ଭଗବାନ ସମଗ୍ର ମନୁଷ୍ୟ ସମାଜକୁ ନିର୍ଦ୍ଦେଶ ଦେଉଛନ୍ତି ଯେ , ସଂସାରରେ ନିଷ୍ଠାର ସହିତ କର୍ତ୍ତବ୍ୟ କର୍ମ କରିବା ଯୁଦ୍ଧ ସଦୃଶ। ଏହି କର୍ତ୍ତବ୍ୟ କର୍ମ ଦୃଢଭାବେ ସମ୍ପାଦନ କରିବାକୁ ଗଲାବେଳେ, ନିଜର କିମ୍ବା ଅନ୍ୟର ପ୍ରାଣହାନି

ଭଳି ଅନେକ ଧର୍ମ ସଙ୍କଟର ସମ୍ମୁଖୀନ ହେବାକୁ ପଡିଥାଏ । ଦେହାଦିର ନଶ୍ୱରତ୍ୱ ଓ ଆତ୍ମାର ଅବିନଶ୍ୱରତ୍ୱ କୁ ସ୍ମରଣ କରି , ଏହି ତତ୍ତ୍ୱଜ୍ଞାନ ରେ ମୃତ୍ୟୁ ଜନିତ ସଙ୍କଟକୁ ଆଡେଇଦେଇ କର୍ତ୍ତବ୍ୟ କର୍ମ କରିବାକୁ ହେବ ।

**ଯ ଏନଂ ବେତ୍ତି ହନ୍ତାରଂ ଯଶ୍ଚୈନଂ ମନ୍ୟତେ ହତମ୍ ।**

**ଉଭୌ ତୌ ନ ବିଜାନୀତୋ ନାୟଂ ହନ୍ତି ନ ହନ୍ୟତେ ॥ ୧୯ ॥**

*ଅନ୍ୱୟ : ଯ ଏନଂ ( ଯେଉଁ ମନୁଷ୍ୟ ଏହାକୁ- ଜୀବାତ୍ମାକୁ ) ହନ୍ତାରଂ (ହତ୍ୟାକାରୀ ବୋଲି ) ବେତ୍ତି(ବୁଝିଥାଏ ) ଯଃ ଚ (ଏବଂ ଯେଉଁମାନେ ) ଏନମ୍ (ଏହାକୁ) ହତମ୍ (ମରଣଶୀଳ ) ମନ୍ୟତେ (ମନେକରନ୍ତି) ତୌ ଉଭୌ (ସେ ଉଭୟେ) ନ ବିଜାନୀତଃ (ଜାଣନ୍ତି ନାହିଁ ) ଅୟମ୍(ଏହି ଜୀବାତ୍ମା ) ନ ହନ୍ତି ( ମାରେ ନାହିଁ କି ) ନ ହନ୍ୟତେ (ମରେ ନାହିଁ) ।*

**ଭାବାର୍ଥ** : ପ୍ରଥମତଃ- ମୃତ୍ୟୁ ହେଉଛି ଆତ୍ମାର ବିନାଶ , ଦ୍ୱିତୀୟତଃ – ଜଣେ ଅନ୍ୟଜଣକୁ ବଦ୍ଧ କରିବାର ଅର୍ଥ ଆତ୍ମା ଅନ୍ୟ ଏକ ଆତ୍ମାର ହତ୍ୟାକାରୀ । ଏହି ଦୁଇଟି ବିଚାରଧାରା ରଖିଥିବା ମନୁଷ୍ୟ ଅଜ୍ଞାନୀ ଅଟେ , କାରଣ ଆତ୍ମା ନା' ନିଜେ ମରେ ନା' ଅନ୍ୟ କାହାକୁ ମାରିପାରେ । ଏହି ଶ୍ଲୋକରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦୁଇଟି ବେଦ ମନ୍ତ୍ର ଶୁଣାଇଛନ୍ତି । ସୃଷ୍ଟିରେ ଜୀବ ହେଉଛି ଆତ୍ମସ୍ୱରୂପର ପ୍ରତିମୂର୍ତ୍ତି । ଜୀବର ଏହି ଆତ୍ମା ସ୍ୱରୂପ କେବେ ନିଜେ ମରିପାରେ ନାହିଁ କି' କାହାର ମୃତ୍ୟୁର କାରଣ ଅର୍ଥାତ୍ କାହାର ହତ୍ୟାକାରୀ ହୋଇପାରେ ନାହିଁ । ଯାହାକୁ ଏହି ସିଦ୍ଧାନ୍ତ ଉପରେ ବିଶ୍ୱାସ ହୋଇଯାଏ , ତାହାକୁ କେତେ ସୁଖନିଦ୍ରା ମିଳିବ । ମୃତ୍ୟୁ ହେଉଛି ନିଦ ହଜାଇବାର ସବୁଠାରୁ ବଡଭୟ । ଶରୀର ଚର୍ମ ଚକ୍ଷୁକୁ ପ୍ରଥମେ ଭୂତ ଶରୀର ଦୃଶ୍ୟମାନ ହୁଏ। ତାପରେ ଆତ୍ମାର ବିଚାର ଆସେ । ପ୍ରଥମେ ଆକୃତିକୁ ଦେଖି ପରେ ବୁଦ୍ଧିରେ ଭାବକୁ ଦେଖୁଛେ। ସାଧକ ବିଚାର କରିବା ଉଚିତ କି' ଆତ୍ମା ଆଗେ ନା ଶରୀର ଆଗେ । ବିଚାରରେ ଏହି ସିଦ୍ଧାନ୍ତ ହେବ , ଆତ୍ମା ପ୍ରଥମେ, ଏବଂ ଶରୀର ପରେ ଅର୍ଥାତ୍ ଭାବ ଆଗେ, ଆକୃତି ତାପରେ । ତେଣୁ ମରିଯିବା , ଓ ମାରିଦେବା କେବେହେଲେ ଆତ୍ମାର ବିନଷ୍ଟ ଓ ଆତ୍ମାର ହତ୍ୟାକାରୀ ଭୂମିକାକୁ ନିର୍ଦ୍ଦେଶ କରେନାହିଁ । ମରିବା ଦ୍ୱାରା ଶରୀରର ଯେଉଁ ଅଭାବ ହୁଏ ଓ ମାରିବା ଦ୍ୱାରା ଶରୀର ଯେଉଁ ସଂଚାଳନ ହୋଇଥାଏ ,ଏହି ଦୁଇଟି ଯାକ ଘଟଣାରେ ସମସ୍ତ କ୍ରିୟା କେବଳ ଶରୀର ମଧ୍ୟରେ ହିଁ ସିମିତ । ଶରୀରରେ ସମସ୍ତ କ୍ରିୟା ପ୍ରକୃତିରୁ ଉଦ୍ଭବ ଗୁଣରୁ ହିଁ ସମ୍ପାଦିତ ହୋଇଥାଏ। ମରିବା, ମାରିବା ଦୁଇଟି ଯାକ କ୍ରିୟାର ଆତ୍ମା ସ୍ୱରୂପ ସହିତ ସମ୍ବନ୍ଧ ନ'ଥାଏ । ଆତ୍ମା କୌଣସି କ୍ରିୟାରେ କର୍ତ୍ତା ନୁହେଁ କି କର୍ମ ମଧ୍ୟ ନୁହେଁ । କିନ୍ତୁ ଶରୀର ସହିତ ତଦାତ୍ମା ହୋଇ (ସମ୍ବନ୍ଧ ଯୋଡି ହୋଇ ) ଆତ୍ମା ନିଜକୁ ଶରୀରରେ ଘଟୁଥିବା କ୍ରିୟାର କର୍ତ୍ତା ମନେକରେ ଓ ଉତ୍ପନ୍ନ ହେଉଥିବା ବିକାରର ଭୋକ୍ତା ମନେ କରିଥାଏ । ଏହି କର୍ତ୍ତାପନ ଓ ଭୋକ୍ତାପନ ଆତ୍ମାର ଶରୀର ସମ୍ବନ୍ଧିତ ଭାବ ଯୋଗୁଁ ବୁଦ୍ଧିରେ ପ୍ରତିଫଳିତ ହୋଇଥାଏ । ଆତ୍ମା ଦେହାଭିମାନ ସହିତ ସମ୍ବନ୍ଧିତ ନହେଲେ, ଆତ୍ମା ନିଜେ ମରିବାର ଓ ଅନ୍ୟକୁ ମାରିବାର ବୋଧ ବୁଦ୍ଧି ସ୍ତରରେ ଆସିବ ନାହିଁ। ଏହି ତତ୍ତ୍ୱଜ୍ଞାନ ବୁଝିଗଲାପରେ , ଶରୀର କେବଳ ଆତ୍ମା ସ୍ୱରୂପର ଏକ ଘୋଡଣି ମାତ୍ର ବୋଲି ବୋଧହେବ । ଏହି ଆବରଣର ବିନଷ୍ଟରେ ଆତ୍ମା ସ୍ୱରୂପର ଅଭାବ ଘଟିନଥାଏ । ଅନ୍ତରେ, ମରିବା ଓ ମାରିବା କେବେହେଲେ ଶୋକର କାରଣ ନୁହେଁ ।

**ନ ଜାୟତେ ମ୍ରିୟତେ ବା କଦାଚିନ୍ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ ।**

**ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ ନ ହନ୍ୟତେ ହନ୍ୟମାନେ ଶରୀରେ ॥ ୨୦ ॥**

*ଅନ୍ୱୟ : ଅୟଂ (ଏହି ଶରୀରୀ –ଜୀବାତ୍ମା) କଦାଚିତ୍ ( କୌଣସି ସମୟରେ-ତିନି କାଳରେ )ନ ଜାୟତେ ( ଜନ୍ମ ନିଏ ନାହିଁ ) ନ ମ୍ରିୟତେ ( ମରେ ନାହିଁ ) ବା (ତଥା ) ଅୟଂ (ଏହା) ଭୂତ୍ୱା (ଉତ୍ପନ ହୋଇ) ଭୂୟଃ (ପୁନର୍ବାର ) ଅଭବିତା ( ରହେ ନାହିଁ ) ନ ( ତାହା ମଧ ନୁହେଁ ) ଅୟଂ (ଏହା) ଅଜଃ ( ଜନ୍ମ ରହିତ ) ନିତ୍ୟଃ (ମୃତ୍ୟୁ ହୀନ ) ଶାଶ୍ୱତଃ (ନିତ୍ୟ ଏକରୂପ ) ପୁରାଣଃ(ଅନାଦି) ଶରୀରେ ( ଶରୀରକୁ ) ହନ୍ୟମାନେ (ମାରିଦେଲେ ମଧ ) ନ ହନ୍ୟତେ (ମରେ ନାହିଁ ) ।*

**ଭାବାର୍ଥ** : ଏ ଶରୀରୀ (ଦେହୀ ) କେବେ ଜନ୍ମ ହୁଏ ନାହିଁ କି' ମରେ ନାହିଁ । ଆତ୍ମା ଅଜନ୍ମା , ନିତ୍ୟ , ଶାଶ୍ୱତ , ପୁରାଣ ଏବଂ ଶରୀର ନଷ୍ଟ ହେଉଥିଲେ ମଧ ଏହା ନଷ୍ଟ ହୁଏନାହିଁ । ଆତ୍ମା ଓ ଶରୀର ସ୍ୱଭାବ ସମ୍ପୂର୍ଣ୍ଣ ଭିନ୍ନ । ଆତ୍ମା ଶରୀର ସହିତ ଲିପ୍ତ ନୁହଁ କି' ଶରୀର ଆତ୍ମା ସହିତ ଲିପ୍ତ ନୁହଁ । ଆତ୍ମା କେବଳ ଏକ ଶକ୍ତିର ଉସ୍ବରୂପେ ଶରୀରକୁ ପ୍ରକାଶିତ କରେ ଓ ସମସ୍ତ ଇନ୍ଦ୍ରିୟମାନଙ୍କୁ ଗୁଣାଭାସ କରାଇଥାଏ । ଇନ୍ଦ୍ରିୟମାନେ ଆତ୍ମାର ଶକ୍ତିରେ ହିଁ କ୍ରିୟାଶୀଳ ହୁଅନ୍ତି ଏବଂ ତାହା ବୁଦ୍ଧି ସ୍ତରରେ ଅନୁଭୂତ ହୁଏ । ଆତ୍ମାର ଚିଦାଭାସରେ ବୁଦ୍ଧି ସ୍ତରରେ ଇନ୍ଦ୍ରିୟ ମାନଙ୍କ ସମସ୍ତ ଅନୁଭୂତି ଜ୍ଞାନ ରୂପରେ ପ୍ରତିଫଳିତ ହୁଏ । ଜ୍ଞାନୀ ଏହି ପ୍ରତିଫଳିତ ଅନୁଭୂତିକୁ ଅନିତ୍ୟ,ମାୟା ଭାବି ତ୍ୟାଗ କରେ । ଅଜ୍ଞାନୀ ଏହାକୁ ବାସ୍ତବ ବୋଲି ମାନିନେଇ ସୁଖ, ଦୁଃଖ, ଶୀତ,ଉଷ୍ଣ, ପ୍ରିୟ, ଅପ୍ରିୟ ଅନୁଭବ କରେ । ଏହି ଅସ୍ୱଚ୍ଛ ବୁଦ୍ଧି ଜୀବାତ୍ମାର ପ୍ରତିବିମ୍ବ, ଯାହାକି ଅହଂକାର । ଏ ଶରୀର ନ ରହିଲେ, ଆତ୍ମର କିଛି କ୍ଷତି ହେବ ନାହିଁ । ଆଜି ପର୍ଯ୍ୟନ୍ତ ଆମ୍ଭେ ଏପରି ବହୁତ ଶରୀର ଛାଡି ଆସିଲେଣି ।ସେଗୁଡିକ ଆତ୍ମାର ଅଙ୍ଗ ହୋଇ ରହିନାହାନ୍ତି । କାରଣ, ଶରୀର ପ୍ରବାହମାନ ଓ ପରିବର୍ତ୍ତନଶୀଳ, ଯାହାର ଉତ୍ପନ୍ନ ଅଛି ଓ ବିନାଶ ମଧ ଅଛି । ସେହି ଶରୀର ମାନଙ୍କର ପ୍ରଭାବ ଆତ୍ମା ଉପରେ କିଛି ପଡିନ'ଥାଏ । ଆତ୍ମା ସମସ୍ତ ଶରୀରରେ ସେହି ପରମାତ୍ମାଙ୍କ ଶକ୍ତିର ଅଂଶ ଭାବରେ ଯଥାବତ୍ ରହି ଆସିଅଛି। ଆତ୍ମା ସ୍ୱରୂପରେ କୌଣସି ଭିନ୍ନତା ଆସେନାହିଁ । ଆତ୍ମା ଶାଶ୍ୱତ ଆଉ ଅବ୍ୟକ୍ତ କାରଣରୁ କୌଣସି ବସ୍ତୁ ଆତ୍ମା ସହିତ ଯୋଡି ହୋଇ ରହିପାରିବ ନାହିଁ । ଆତ୍ମା ସୃଷ୍ଟିହୁଏ ପୁନର୍ବାର ରହେ ନାହିଁ , ଏପରି ମଧ ନୁହେଁ । ଆତ୍ମା ସବୁବେଳେ ରହି ଆସିଅଛି । ଆତ୍ମା ଉତ୍ପନ୍ନ ହୋଇ ପୁଣି ଅଭାବ ଅର୍ଥାତ୍ ନ'ରହିବା ସ୍ଥିତି ଏହାର ଧର୍ମ ନୁହେଁ । ପ୍ରତ୍ୟେକ ଦୃଶ୍ୟମାନ ପଦାର୍ଥର ଉତ୍ପନ୍ନ ହୁଏ , ଆକାର ବା ସ୍ଥିତି ରହେ , ବୃଦ୍ଧି ଘଟେ, ଅପରିଣାମ ବା ପରିବର୍ତ୍ତନ ଦେଖାଯାଏ ,ତାପରେ ଅପକ୍ଷୟ ଘଟେ, ପରିଶେଷରେ ବିନାଶ ହୁଏ । ଆତ୍ମାର ପ୍ରଥମ ଓ ଶେଷ ଦୁଇଟି ବିକାର ଯଥା: ଉତ୍ପନ୍ନ ଓ ବିନାଶ ଯେହେତୁ ନାହିଁ, ମଧ ଭାଗର ଅନ୍ୟ ଚାରିଗୋଟି ବିକାର ମଧ ଏହାଠାରେ ପରିଲକ୍ଷିତ ହୁଏନାହିଁ । ଶାଶ୍ୱତ ଶବ୍ଦରେ ଆତ୍ମାର ଅପକ୍ଷୟ ଓ ନାଶ ବିକାର ରହିତକୁ ସୂଚାଯାଇଛି । ଶରୀରରେ ପିଣ୍ଡ ପ୍ରାଣର ବିୟୋଗ ଘଟେ, ତେଣୁ ଶରୀର ମରେ । ଆତ୍ମା ସର୍ବ ବ୍ୟାପକ ହୋଇଥିବାରୁ, ଏଥିରେ କୌଣସି ସଂଯୋଗ କିମ୍ବା ବିୟୋଗ କ୍ରିୟା ସମ୍ପାଦିତ ହୋଇନଥାଏ । ତେଣୁ ଆତ୍ମାର କେବେ ମୃତ୍ୟୁ ହୁଏନାହିଁ ।

**ବେଦାବିନାଶିନଂ ନିତ୍ୟଂ ଯ ଏନମଜମବ୍ୟୟମ୍ ।**
**କଥଂ ସ ପୁରୁଷଃ ପାର୍ଥ କଂ ଘାତୟତି ହନ୍ତି କମ୍ ॥ ୨୧॥**

*ଅନ୍ୱୟ : ପାର୍ଥ ! ( ହେ ଅର୍ଜୁନ ! ) ଯ ପୁରୁଷଃ ( ଯେଉଁ ମନୁଷ୍ୟ ) ଏନମ୍ (ଶରୀରୀକୁ- ଜୀବାତ୍ମାକୁ) ଅବିନାଶିନଂ (ନାଶ ରହିତ ) ନିତ୍ୟଂ ( ସର୍ବକାଳିନ – ଚିରନ୍ତନ ) ଅଜମ୍ (ଜନ୍ମ ରହିତ) ଅବ୍ୟୟମ୍ ( କ୍ଷୟ ରହିତ ) ବେଦ ( ଜାଣେ ) ସ କଥଂ ( ସେ କିପରି ) କଂ (କାହାକୁ ) ଘାତୟତି (ମରାଇବ ) ହନ୍ତି କମ୍ ( ଅଥବା କାହାକୁ କିପରି ମାରିବ)?*

**ଭାବାର୍ଥ** :ହେ ଅର୍ଜୁନ ! ଯେଉଁ ତତ୍ତ୍ୱବିତ୍ ପୁରୁଷକୁ ଆତ୍ମଜ୍ଞାନ ପ୍ରାପ୍ତ ହୋଇସାରିଛି , ଜୀବକୁ ସେ ଆକାର , ବିକାର ଓ ଉପଯୋଗିତା ଦୃଷ୍ଟିରେ ଦେଖେନାହିଁ । ଜୀବ ମାତ୍ରେ ଜୀବାତ୍ମା ଯାହା ତୃଣଠାରୁ ବ୍ରହ୍ମ ପର୍ଯ୍ୟନ୍ତ ଏକାକାର , ଏହି ଦୃଷ୍ଟିରେ ଦେଖିଥାଏ । ତତ୍ତ୍ୱଦର୍ଶୀ ଜୀବର ନିଧନକୁ ତାହାର ଅବୟବର ପରିସମାପ୍ତି ବୋଲି ଧରି ନେଇଥାଏ । କାହିଁକି ଓ କିପରି ନିଧନ ହେଲା , କାହାଦ୍ୱାରା ନିଧନ ହେଲା ଏସବୁ ତର୍ଜମା କରି ଜାଣିବାକୁ କେବଳ ଅଜ୍ଞାନୀ ହିଁ ଇଚ୍ଛାକରେ । ଏହା ଭୌତିକ ଜ୍ଞାନ ପ୍ରକ୍ରିୟା । ଭୌତିକ ଜ୍ଞାନ ବିଚାରରେ , ଜୀବର ନିଧନକୁ ହିଂସା ଆଚରଣ ଦୃଷ୍ଟିରେ ଦେଖି ମଧ ଶାସ୍ତ୍ର ନିଷିଦ୍ଧ କରାଯାଇଛି । ଆତ୍ମଜ୍ଞାନୀକୁ ଏହା ବୋଧ ହୋଇଥାଏ ଯେ' ନିଧନ ହେଉଛି ଜୀବଦ୍ୱାରା ଧାରଣ କରିଥିବା ପାର୍ଥିବ ଅଙ୍ଗର ବିନଷ୍ଟ ପ୍ରକ୍ରିୟା ମାତ୍ର , ଯାହା ନିଶ୍ଚିତ । ଜୀବାତ୍ମାର କେବେ ନିଧନ ଘଟେ ନାହିଁ । ଏହା ଅବିନାଶୀ, ନିତ୍ୟ ,ଜନ୍ମ ରହିତ । ଯାହାର ସୃଷ୍ଟି ନାହିଁ ତାହାର ଅନ୍ତ ମଧ ହୁଏନାହିଁ । ଯେହେତୁ ଜୀବାତ୍ମା ବିନଷ୍ଟ ହୁଏନାହିଁ , ତେଣୁ ଏହା ଅପକ୍ଷୟ ବିକାର ରହିତ । ପୂର୍ବ ଜନ୍ମର କର୍ମଫଳ କେବଳ ଭୋଗ ହେବା ନିମନ୍ତେ ଜୀବାତ୍ମାକୁ ଶରୀର ପ୍ରାପ୍ତ ହୋଇଥାଏ । ତା ସଙ୍ଗେ ମଧ ଶୁଭ କର୍ମଦ୍ୱାରା ଜୀବାତ୍ମାର ମୁକ୍ତି ସାଧନ ନିମନ୍ତେ ଶରୀର ମାଧମ ହୋଇଥାଏ। ଅର୍ଜୁନଙ୍କ ମନରେ ମୃତ୍ୟୁକୁ ନେଇ ଶୋକ ପ୍ରକଟ ହେବାର ଦୁଇଟି କାରଣ ଥିଲା ଯେ' ତାଙ୍କୁ ଭୀଷ୍ମ, ଦ୍ରୋଣ ପ୍ରଭୃତି ଗୁରୁଜନଙ୍କୁ ମାରିବାକୁ ହେବ । ଦ୍ୱିତୀୟରେ ଯୁଦ୍ଧର ମୁଖ୍ୟ ପରିଚାଳକ ଭାବେ ଅନେକ ପ୍ରାଣ କୁ ହତ୍ୟା କରିବା ପାଇଁ ପ୍ରେରଣା ଦେବାର କାରଣ ହୋଇ ସେ ଅନେକ ପାପ ଅର୍ଜନ କରିବେ । ଭଗବାନ ଶ୍ରୀକୃଷ୍ଣ ଏଠାରେ ଅର୍ଜୁନଙ୍କୁ ସୁଚାଇ ଦେଉଛନ୍ତି ଯେ , ଆତ୍ମତତ୍ତ୍ୱ ଓ ଶରୀର ତତ୍ତ୍ୱ ବୁଝିସାରିଲାପରେ , ମରିବା ,ମାରିବା ଓ ମରାଇବାର କ୍ରିୟା କର୍ତ୍ତବ୍ୟନିଷ୍ଠା ପୁରୁଷ ପକ୍ଷେ ଶୋକର କାରଣ ହୋଇନଥାଏ କି' ଜ୍ଞାନୀ କର୍ତ୍ତବ୍ୟ ପଥରୁ ହଟି ନଥାଏ ।

**ବାସାଂସି ଜିର୍ଣ୍ଣାନି ଯଥା ବିହାୟ ନବାନି ଗୃହ୍ ଣାତି ନରୋଅପରାଣି ।**
**ତଥା ଶରୀରାଣି ବିହାୟ ଜିର୍ଣ୍ଣାନ୍ୟନ୍ୟାନି ସଂଯାତି ନବାନି ଦେହୀ ॥ ୨୨ ॥**

*ଅନ୍ୱୟ : ନରଃ ଯଥା ( ମନୁଷ୍ୟ ଯେପରି ) ଜିର୍ଣ୍ଣାନି ( ଚିରି ଯାଇଥିବା –ଅନୁପଯୋଗୀ ହୋଇଯାଇଥିବା ) ବାସାଂସି ( ବସ୍ତ୍ରକୁ ) ବିହାୟ (ପରିତ୍ୟାଗ କରି ) ଅପରାଣି ( ଅନ୍ୟ ) ନବାନି ଗୃହ୍ ଣାତି ( ନୂଆ ନୂଆ ବସ୍ତ୍ର ପରିଧାନ କରେ ) ତଥା (ସେହିପରି ) ଦେହୀ ( ଜୀବାତ୍ମା ) ଜିର୍ଣ୍ଣାନି( ଜୀର୍ଣ୍ଣ- ଅକ୍ଷମଶୀଳ ) ଶରୀରାଣି ବିହାୟ (ଶରୀର ମାନଙ୍କୁ ପରିତ୍ୟାଗକରି ) ଅନ୍ୟାନି (ଅନ୍ୟ ) ନବାନି (ନୂଆ ନୂଆ ଶରୀରକୁ ) ସଂଯାତି (ଚାଲିଯାଏ ) ।*

**ଭାବାର୍ଥ** :ଶରୀର ନାଶକୁ ଦେଖି ଶୋକ କରିବାର କାରଣ ନାହିଁ । କାରଣ ଯେମିତି ମଣିଷ ପୁରୁଣା ଲୁଗା ଗୁଡିକୁ ଛାଡି ଅନ୍ୟ ନୂଆ ଲୁଗା ସବୁ ପିନ୍ଧେ , ସେମିତି ଦେହୀ ପୁରୁଣା ଶରୀରକୁ ଛାଡି ଅନ୍ୟ ନୂଆ ଶରୀରକୁ ଚାଲି ଯାଇଥାଏ। ଶରୀର ପୋଷଣ ପାଇଁ ମନୁଷ୍ୟକୁ ଖାଦ୍ୟ ଆଉ ବସ୍ତ୍ର ଆବଶ୍ୟକ ହୋଇଥାଏ । ବସ୍ତ୍ର ପୁରୁଣା ହୋଇଗଲେ , ତାହା ଶରୀର ଆବରଣ

ପାଇଁ ଉପୋଯୋଗୀ ହୁଏନାହିଁ । ତାହାକୁ ବଦଳାଇବାକୁ ପଡିଥାଏ । ସେହିପରି ଜୀବାତ୍ମା ଶରୀର ଭିତରେ ରହେ । ଶରୀର ହେଉଛି ଜୀବାତ୍ମାର ଆବରଣ ସଦୃଶ । ଶରୀର ଯେତେବେଳେ ଜୀର୍ଣ୍ଣ କିମ୍ବା ଅନୁପୋଯୋଗୀ ହୋଇଯାଇଥାଏ, ଜୀବାତ୍ମା ସେହି ଶରୀରକୁ ତ୍ୟାଗକରିଥାଏ । ଜନ୍ମ- ମୃତ୍ୟୁ ଚକ୍ର ରୁ ମୁକ୍ତି ପ୍ରାପ୍ତ ପର୍ଯ୍ୟନ୍ତ ଜୀବାତ୍ମାକୁ ଏହିପରି ଗୋଟିଏ ପରେ ଗୋଟିଏ ଶରୀର ବଦଳାଇବାକୁ ପଡିଥାଏ । ମନୁଷ୍ୟର ବର୍ତ୍ତମାନ ଶରୀର ପ୍ରାରବ୍ଧବଶ ମିଳିଅଛି ଯାହାର ଏକ ନିଶ୍ଚିତ ଅବଧି ଅଛି । ଶରୀର ଉତ୍ପନ୍ନ ହେଲାପରେ ଏହି ଅବଧିର ଯେ କୌଣସି ସମୟରେ ଅନ୍ତ ହୋଇଥାଏ । ପ୍ରାରବ୍ଧ କର୍ମର ଭୋଗ ସରିଗଲାପରେ ଶରୀର ଜୀର୍ଣ୍ଣ ଆଉ ଅବଧିର ଅନ୍ତ ହେଲାବୋଲି ଧରିନେବାକୁ ହେବ । ଜୀବାତ୍ମାକୁ ବର୍ତ୍ତମାନର ଶରୀର ଛାଡିବାକୁ ପଡେ । ଯେପରି ଶରୀରପାଇଁ ବସ୍ତ୍ର ଶୋଭାକାରକ ଆଉ ଶୀତ ଉଷ୍ଣ ଆଦିର ନିବାରକ ହୋଇଥାଏ , ସେହିପରି ଜୀବାତ୍ମା ପାଇଁ କର୍ମ ସାଧନ ବସ୍ତ୍ର ରୂପେ ଏହି ଶରୀର ସୂଚାଇଥାଏ । ନିଜ ରୁଚି ଅନୁଯାଇ ଯେପରି ମନୁଷ୍ୟ ନୂତନ ବସ୍ତ୍ର ଗ୍ରହଣ କରିଥାଏ, ସେହିପରି ମଧ, ଜୀବନର ଅନ୍ତ ସମୟରେ ସୂକ୍ଷ୍ମ ଶରୀରର ସଂସ୍କାରକୁ ନେଇ ଜୀବାତ୍ମାକୁ ନୂତନ ଶରୀର ପ୍ରାପ୍ତ ହୋଇଥାଏ । ବସ୍ତ୍ର ବଦଳାଇଲେ ଶରୀରର ସ୍ୱରୂପରେ ଯେପରି କୌଣସି ପରିବର୍ତ୍ତନ ହୋଇନ'ଥାଏ, ସେହିପରି ଭିନ୍ନ ଭିନ୍ନ ଅନେକ ସ୍ଥୂଳ ଶରୀରକୁ ବଦଳାଇଲେ ମଧ ଆତ୍ମା ସ୍ୱରୂପର କୌଣସି ପରିବର୍ତ୍ତନ ହୁଏନାହିଁ । ପ୍ରକାରାନ୍ତରେ ଶରୀରପାଇଁ ବସ୍ତ୍ର ବଦଳାଇବା ଯେପରି ଦୈନନ୍ଦିନ ଜୀବନରେ ଏକ ସାଧାରଣ କ୍ରିୟା, ସେହିପରି ଗୋଟିଏ ଶରୀରକୁ ଛାଡି ଆଉ ଅନ୍ୟ ଏକ ଶରୀରକୁ ଚାଲିଯିବା ଜୀବାତ୍ମା ପାଇଁ ମୁକ୍ତି ମହାଯାତ୍ରାର ଗୋଟିଏ ଗୋଟିଏ ପର୍ଯ୍ୟାୟ । ଆତ୍ମଜ୍ଞାନୀ ଏହି ଶରୀରକୁ ଉପଯୋଗକରି ଜୀବନ ମୁକ୍ତ ଅବସ୍ଥା ପ୍ରାପ୍ତ କରିଥାଏ । ଏହି ଅନ୍ତିମ ଲକ୍ଷ ପ୍ରାପ୍ତି ପରେ ତାହାପାଇଁ ଶରୀରର କୌଣସି ଉପଯୋଗୀତା ରହିନ'ଥାଏ । ଶରୀର ପ୍ରତି ମମତ୍ୱ ଭାବ ନଷ୍ଟ ହୋଇଗଲେ, ଶୁଦ୍ଧ ଚୈତନ୍ୟରେ କେବଳ ଆତ୍ମସ୍ୱରୂପ ହିଁ ପ୍ରତିଭାସିତ ହୋଇଥାଏ। ଏହି ସ୍ଥିତିରେ କାରଣ ଶରୀରର ବିନଷ୍ଟ ହୋଇଥାଏ , ଆତ୍ମାର ପରମାତ୍ମା ସହିତ ବିଲୀନ ହୁଏ ।

**ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।**
**ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥ ୨୩ ॥**
**ଅଛେଦ୍ୟୋଽୟମଦାହ୍ୟୋଽୟମକ୍ଳେଦ୍ୟୋଽଶୋଷ୍ୟ ଏବ ଚ ।**
**ନିତ୍ୟଃ ସର୍ବଗତଃ ସ୍ଥାଣୁରଚଳୋଽୟଂ ସନାତନଃ ॥ ୨୪ ॥**
**ଅବ୍ୟକ୍ତୋଽୟମଚିନ୍ତ୍ୟୋଽୟମବିକାର୍ଯ୍ୟୋଽୟମୁଚ୍ୟତେ ।**
**ତସ୍ମାଦେବଂ ବିଦିତ୍ୱୈନଂ ନାନୁଶୋଚିତୁମର୍ହସି ॥ ୨୫ ॥**

*ଅନ୍ୱୟ : ଶସ୍ତ୍ରାଣି ଏନଂ ( ଶସ୍ତ୍ରମାନେ ଏହାକୁ ) ନ ଛିନ୍ଦନ୍ତି (ଛେଦନ କରି ପାରନ୍ତି ନାହିଁ) ପାବକଃ (ଅଗ୍ନି ) ନ, ଦହତି (ଦହନ କରିପାରେ ନାହିଁ ) ଆପଃ ଏନମ୍ (ଜଳ ଏହାକୁ ) ନ କ୍ଳେଦୟନ୍ତି (ଆର୍ଦ୍ର କରିପାରେ ନାହିଁ ) ଚ ( ଏବଂ ) ମାରୁତଃ (ବାୟୁ ) ନ , ଶୋଷୟତି (ଶୁଖାଇ ପାରେନାହିଁ ) ଅନ୍ୱୟ :ଅୟମ୍ ଅଚ୍ଛେଦ୍ୟଃ [ ଏହାକୁ ( ଆତ୍ମାକୁ)ଛେଦନ କରାଯାଇପାରେ ନାହିଁ ] ଅୟମ୍ ଅଦାହ୍ୟଃ (ଏହାକୁ ପୋଡା ଯାଇପାରେ ନାହିଁ ) ଅକ୍ଳେଦ୍ୟଃ (ଆର୍ଦ୍ର କରାଯାଇପାରେ ନାହିଁ ) ଚ (ଏବଂ ଅଶୋଷ୍ୟଃ ଏବ (ଶୁଷ୍କ କରାଯାଇପାରିବ ନାହିଁ ) ଅୟମ୍ ( କାରଣ ଆତ୍ମା ) ନିତ୍ୟଃ (ନିତ୍ୟ)*

*ସର୍ବଗତଃ(ସର୍ବବ୍ୟାପୀ) ଅଚଳଃ (ଅବିଚଳ ) ସ୍ଥାଣୁ (ସ୍ଥିର ) ସନାତନଃ ( ଓ ଅନାଦି )। ଅୟମ୍ ଅବ୍ୟକ୍ତଃ ( ଏହା ପ୍ରତ୍ୟକ୍ଷ ଭାବେ ଦୃଶ୍ୟବାନ୍ ନୁହେଁ ) ଅୟମ୍ ଅଚିନ୍ତ୍ୟଃ (ଏହା ଚିନ୍ତନର ବିଷୟ ନୁହେଁ )ଅୟମ୍ ଅବିକାର୍ଯ୍ୟଃ (ଏହାକୁ ନିର୍ବିକାର ) ଉଚ୍ୟତେ(କୁହାଯାଇଛି) ତସ୍ମାତ୍(ତେଣୁ ) ଏନମ୍ ଏବଂ ବିଦିତ୍ୱା ( ଆତ୍ମାକୁ ଏପରି ଜାଣି ) ଅନୁଶୋଚିତୁମ୍ (ଶୋକ) ନା , ଅର୍ହସି (କରିବା ଅନୁଚିତ ) ।*

**ଭାବାର୍ଥ** : ସାଙ୍ଖ୍ୟଯୋଗର ସିଦ୍ଧତାକୁ ଦୋହରାଇ ଉପର ତିନୋଟି ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଆତ୍ମା ନିତ୍ୟସ୍ୱରୂପର ବିଲକ୍ଷଣମାନ ବର୍ଣ୍ଣନା କରିଛନ୍ତି । ପଞ୍ଚ ମହାଭୂତ ଆକାଶ,ବାୟୁ ,ଅଗ୍ନି,ଜଳ, ଓ ପୃଥିବୀ କୌଣସି ଭାବରେ ଆତ୍ମାର ବିନାଶ ସାଧନ କରିପାରିବେ ନାହିଁ । ଆତ୍ମା ,ପଞ୍ଚ ମହାଭୂତର ଉର୍ଦ୍ଧ୍ୱରେ । ଆତ୍ମା ପରମାତ୍ମାଙ୍କର ପରାଶକ୍ତିରୁ ନିସୃତ । ଆତ୍ମାର ଚିଦାଭାସ ଦ୍ୱାରା ଅପରା ଶକ୍ତିରୁ ସୃଷ୍ଟି ହୋଇଥିବା ପ୍ରକୃତି ପ୍ରକାଶିତ ହୋଇଥାଏ । ତେଣୁ ପ୍ରକାଶିତ ବସ୍ତୁଦ୍ୱାରା ପ୍ରକାଶକର କଦାପି ବିନାଶ ଘଟା ଯାଇପାରିବ ନାହିଁ । ଅବୟବକୁ ବିଭାଗ କରିଦେବା ଅର୍ଥ ଛେଦନ । କୌଣସି ଅସ୍ତ୍ରରେ ଯାହାକି ପୃଥିବୀ ତତ୍ତ୍ୱ ଶରୀରକୁ ଛେଦନ କଲେ ମଧ୍ୟ , ଆତ୍ମା ଖଣ୍ଡ ହୁଏନାହିଁ । ଆତ୍ମାର ଆକାର ନାହିଁ । ଯାହା ଅବୟବ ଶୂନ୍ୟ, ତାରି ଉପରେ ଛେଦନର କୌଣସି ପ୍ରଭାବ ପଡ଼େନି । ପଦାର୍ଥ ଭିତରେ ଜଳର ଅଣୁ ସ୍ଥାନ ପାଇଲେ ହିଁ ପଦାର୍ଥ ଓଦା ହୁଏ । ମାତ୍ର ଆତ୍ମା ପରିପୂର୍ଣ୍ଣ । ତେଣୁ ଜଳ ଏହାକୁ ଆର୍ଦ୍ର କରିପାରେ ନାହିଁ । ସେପରି ବାୟୁ ଏହାକୁ ଶୁଷ୍କ କରିପାରେ ନାହିଁ କି' ଅଗ୍ନି ଏହାକୁ ଦହନ କରିପାରେ ନାହିଁ । ଆତ୍ମା ସର୍ବ ବ୍ୟାପକ, ତେଣୁ ବାୟୁ ଶୋଷଣ କରି ଏହାକୁ ବହନ କରିବାର ସାମର୍ଥ୍ୟ ନାହିଁ । ଆତ୍ମା ସ୍ଥାଣୁ ଓ ସ୍ଥିର ହୋଇଥିବାରୁ ଅଗ୍ନିର ଦହନ କ୍ରିୟା ଏହାକୁ ନାଶ କରିପାରିବ ନାହିଁ । ଆକାଶ ମଧ୍ୟ ଆତ୍ମାର ବିନାଶକ ନୁହେଁ । ଆକାଶ ହେଉଛି ମୂଳ ତତ୍ତ୍ୱ ଯେଉଁଥିରୁ ଅନ୍ୟ ଚାରି ମହାଭୂତ ବାୟୁ , ଜଳ, ଅଗ୍ନି,ପୃଥିବୀର ସୃଷ୍ଟି । ଆକାଶ ସର୍ବ ବ୍ୟାପକ, ନିର୍ଲିପ୍ତ ହେଲେମଧ୍ୟ ଆତ୍ମାର ଚିଦ୍ ସ୍ୱରୂପ ଏଥିରେ ନାହିଁ । ଆକାଶ ସର୍ବ ପ୍ରାପ୍ତ ନୁହେଁ କି ସନାତନ ନୁହେଁ । ତେଣୁ ଆକାଶ ଏହାକୁ ପ୍ରଭାବିତ କରିପାରେ ନାହିଁ । ସୃଷ୍ଟିର ସର୍ଜନା ପୂର୍ବରୁ ଆତ୍ମା ପରମାତ୍ମାର ଅଂଶ ରୂପରେ ବିଦ୍ୟମାନ, ତେଣୁ ଏହା ସନାତନ । ଆତ୍ମା ଇହଲୋକ ପରଲୋକ ଗମନ କରେନାହିଁ । ସ୍ଥୂଳଶରୀର ବିନଷ୍ଟ ପରେ କାରଣ ଶରୀର ଅବ୍ୟକ୍ତ ରୂପରେ ଇହଲୋକ ପରଲୋକରେ ରହି ପୁନର୍ଜନ୍ମ ପ୍ରାପ୍ତହୁଏ । ତେଣୁ ଆତ୍ମା ହେଉଛି ସ୍ଥିର ଆଉ ଅଚଳ । ଆତ୍ମା ମଧ୍ୟ ଅବ୍ୟକ୍ତ ଆଉ ଅଚିନ୍ତ୍ୟ । ଏହା ଇନ୍ଦ୍ରିୟ ମାନଙ୍କର ଗୋଚରର ବିଷୟ ନୁହେଁ । ମନର ବିଚାରରେ ମଧ୍ୟ ଆତ୍ମାକୁ ଧାରଣ କରି ହୁଏନାହିଁ । ମନୁଷ୍ୟର ମନ ବୁଦ୍ଧି ଗୁଣଯୁକ୍ତ । ଯାହା ଗୁଣଯୁକ୍ତ, ତାହା କେବେହେଲେ ଗୁଣାତୀତ ପାଖରେ ପହଞ୍ଚି ପାରିବନାହିଁ । ଆତ୍ମା ସ୍ୱପ୍ରକାଶ ଓ ସର୍ବଦା ବିକାର ରହିତ , ତେଣୁ ଏହା ଅବିକାର୍ଯ୍ୟ । ଏକାଧାରରେ ଆତ୍ମାର ସ୍ୱରୂପ ହେଲା ଏହା ନିତ୍ୟ ,ସର୍ବଗତ,ସ୍ଥାଣୁ,ଅଚଳ,ସନାତନ,ଅବ୍ୟକ୍ତ,ଅଚିନ୍ତ୍ୟ ଆଉ ଅବିକାର୍ଯ୍ୟ । ଏହି ପ୍ରକାର ଆତ୍ମାର ସ୍ୱରୂପକୁ ବୁଝି ଶରୀର ତ୍ୟାଗରେ ଶୋକ ପ୍ରକଟ କରିବା ଉଚିତ ନାହିଁ । ଆତ୍ମସ୍ୱରୂପର ଏ ସମସ୍ତ ତତ୍ତ୍ୱ କହିବାର ବେଶେଷତା ହେଲା, ଶରୀର ଓ ସଂସାର ସଙ୍ଗେ ତାଦାତ୍ମା ଥିଲେ ବି ଏବଂ ଶରୀର ଓ ଆତ୍ମା ଉଭୟ ଭିନ୍ନ ବୋଲି ଅନୁଭବ ବୁଦ୍ଧି ସ୍ତରରେ ରହି ନ'ଥିଲେ ମଧ୍ୟ ,ଆତ୍ମା ନିତ୍ୟ-ନିରନ୍ତର ଏକରୂପ ଓ ଏକ ରସ ରହେ । ବାସ୍ତବରେ ଆତ୍ମା ପାଇଁ ଶରୀରର ବାଧ୍ୟବାଧକତା ଭାବେ ଆବଶ୍ୟକତା ନାହିଁ । କେବଳ ଯେ' ଆତ୍ମା ଶରୀର ମଧ୍ୟରେ ଆବଦ୍ଧ ହୋଇ ରହିବ ତାହା ନୁହେଁ । ଆତ୍ମା ସ୍ୱଛନ୍ଦରେ ମୁକ୍ତ ଭାବରେ ତ୍ରିଗୁଣାତୀତ ହୋଇ ଅବ୍ୟକ୍ତ ରୂପରେ ରହିପାରେ। ବ୍ୟକ୍ତି ବ୍ୟକ୍ତିର ଆତ୍ମାରେ ଭିନ୍ନତା ନ'ଥାଏ

। ଅହଂକାର କାରଣରୁ ପ୍ରତ୍ୟେକ ଜୀବଠାରେ ଅଲଗା ଅଲଗା ଆତ୍ମା ବୋଧ ହୁଏ । ଅହଂକାର ହିଁ ଅଜ୍ଞାନ, ଯାହା ଦୂର ହେଲେ ସର୍ବତ୍ର ଏକ ଆତ୍ମା ସ୍ୱରୂପ ହିଁ ଉପଲବ୍ଧ ହେବ । ବ୍ରହ୍ମାଙ୍କଠାରୁ ଆରମ୍ଭକରି ତୃଣ ପର୍ଯ୍ୟନ୍ତ ସବୁ ବ୍ରହ୍ମ ସ୍ୱରୂପ । କେବଳ ଆକାର, ବିକାର, ଓ ଉପଯୋଗୀତାକୁ ନେଇ ଭିନ୍ନ ଭିନ୍ନ ନାମ ଦିଆଯାଇଛି । ମୂଳ ରୂପରେ ସର୍ବତ୍ର ବ୍ରହ୍ମ ତତ୍ତ୍ୱ ହିଁ ବିଦ୍ୟମାନ । ଶରୀରର ଯେ କୌଣସି ଅଙ୍ଗ ଶରୀର ଠାରୁ ଯେପରି ଅଲଗା ନୁହନ୍ତି, ସେପରି ସୃଷ୍ଟିରେ କୌଣସି ବସ୍ତୁ ହେଉ କିମ୍ବା ଜୀବ ହେଉ ବ୍ରହ୍ମ ସ୍ୱରୂପ ଠାରୁ ତାହା ଅଲଗା ନୁହେଁ । ଏଠାରେ ପ୍ରଶ୍ନ ଉଠେ ଯେ' ଭଗବାନ ଶ୍ରୀକୃଷ୍ଣ ଆତ୍ମାର ସ୍ୱରୂପକୁ ବାରମ୍ବାର କାହିଁକି ସେହି ସେହି କଥା କହି ଅର୍ଜୁନଙ୍କ ସାମନାରେ ଦୋହରାଇଛନ୍ତି । ଏହାର ସମାଧାନ ହେଲା, ଆତ୍ମା ସୂକ୍ଷ୍ମାତିସୂକ୍ଷ୍ମ ଭାବେ ଶରୀର ଭିତରେ ରହି ଚେତନା ରୂପେ ବ୍ୟକ୍ତ ହୋଇଥାଏ। ଏହି ଚେତନା ମଧ୍ୟ ଦେହାଭିମନା ହୋଇ ଅହଂକାର ବୁଦ୍ଧି ଜାତ କରାଇଥାଏ । ଏହି ଅହଙ୍କାରରେ ଶରୀର ଓ ସଂସାରର ସତ୍ତା ଅନୁଭବ ହୁଏ । ସାଧାରଣ ବୁଦ୍ଧି ସ୍ତରରେ ଶରୀରରେ ଆତ୍ମାର ସ୍ଥିତି ଅନୁଭବ ହୋଇନ'ଥାଏ । ବାରମ୍ବାର ଆତ୍ମାର ସ୍ୱରୂପକୁ ବୁଝାଇ କହିବାର ତାତ୍ପର୍ଯ୍ୟ ହେଲା, ପ୍ରଥମେ ଆତ୍ମା ଶରୀରର ଠାରୁ ଭିନ୍ନ ବୋଲି ସ୍ୱୀକାର କରି , ଏହି ସତ୍ୟତାକୁ ବୁଦ୍ଧିରେ ଦୃଢ ଭାବରେ ସ୍ଥାପନ କରିବାକୁ ହେବ । ଏହି ଧାରଣାକୁ ମନରୁ ମୁହୂର୍ତ୍ତକ ପାଇଁ ମଧ୍ୟ ଖାଲି କରିବାକୁ ହେବନାହିଁ। ତେବେଯାଇ , ସେହି ବିଚାର ଅଭ୍ୟାସଗତ ଭାବେ ଶରୀରରେ ମନ, ଓ ଚିତ୍ତରେ ପ୍ରତିଫଳିତ ହୋଇ ରହିଲେ, ବୁଦ୍ଧି ଆତ୍ମାର ଏ ସମସ୍ତ ସ୍ୱରୂପକୁ ଜାଣିବା ପାଇଁ ଅନ୍ୱେଷଣ କରେ। ସେହି ସ୍ଥିତିରେ ସାଧକ ଜିଜ୍ଞାସୁ ହୋଇ ଉଠେ । ମନ ଓ ଚିତ୍ତ ସଂସାରର ଭୌତିକ ଦିଗରୁ ବିମୁଖ ହୋଇ ଆତ୍ମାଭିମୁଖୀ ହୁଅନ୍ତି । ସ୍ୱଚ୍ଛ ବୁଦ୍ଧିରେ ଥରେ ଆତ୍ମା ସ୍ୱରୂପ ବୋଧ ହୋଇଗଲାପରେ, ତାହା ଆତ୍ମଜ୍ଞାନରେ ପରିଣତ ହୋଇଯାଏ ।

ଅଥ ଚୈନଂ ନିତ୍ୟ ଜାତଂ ନିତ୍ୟଂ ବା ମନ୍ୟସେ ମୃତମ୍ ।
ତଥାପି ତ୍ୱମ୍ ମହାବାହୋ ନୈବଂ ଶୋଚିତୁମର୍ହସି ॥ ୨୬ ॥

**ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।**
**ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥ ୨୭ ॥**

*ଅନ୍ୱୟ : ଅଥ ( ଯଦି ) ଏନଂ ( ଏହାକୁ –ଆତ୍ମାକୁ ) ନିତ୍ୟ ଜାତଂ( ଜନ୍ମ ହେବା ସତ୍ୟ)ବା (କିମ୍ବା ) ନିତ୍ୟଂ ମୃତମ୍ ( ମୃତ ହେବା ସତ୍ୟ ) ଚ ( ମଧ୍ୟ ) ମନ୍ୟସେ (ମାନୁଥାଅ) ତଥାପି (ତାହେଲେ ମଧ୍ୟ ) ମହାବାହୁ ( ହେ ଅର୍ଜୁନ ! ) ତ୍ୱମ୍ ଏବଂ( ତୁମେ ଏଥିପାଇଁ ) ଶୋଚିତୁମ୍ (ଶୋକ କରିବା ) ନ ଅର୍ହସି (ଉଚିତ ନୁହେଁ) । : ହି (କାରଣ) ଜାତସ୍ୟ ( ଯେ ଜନ୍ମ ହୋଇଛି ତା'ର ) ମୃତ୍ୟୁଃ ଧ୍ରୁବଃ ( ମୃତ୍ୟୁ ସୁନିଶ୍ଚିତ ) ଚ (ଏବଂ ) ମୃତସ୍ୟ ( ମୃତ୍ୟୁର )ଜନ୍ମ ( ଜନ୍ମ ନେବାର ) ଧ୍ରୁବଂ ( ସୁନିଶ୍ଚିତ ) ତସ୍ମାତ୍ ( ତାହା ) ଅପରିହାର୍ଯ୍ୟ ଅର୍ଥେ ( ଅନିର୍ବାର୍ଯ୍ୟ ଯୋଗୁଁ ) ତ୍ୱଂ (ତୁମ୍ଭେ ) ଶୋଚିତୁମ୍ (ଶୋକ କରିବା ) ନ ଅର୍ହସି (ଉଚିତ ନୁହେଁ) ।*

**ଭାବାର୍ଥ:** ଯୁଦ୍ଧରେ ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁର କାରଣକୁ ନେଇ ଅର୍ଜୁନ ଧର୍ମ ସଙ୍କଟରେ ପଡି ଶୋକ ପ୍ରକଟ କରୁଥିବା ବେଳେ , ଯୁଦ୍ଧ ନ'କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଭଗବାନ ଶ୍ରୀକୃଷ୍ଣ ଆତ୍ମା ତତ୍ତ୍ୱ ଓ ଶରୀର ତତ୍ତ୍ୱ ପ୍ରସଙ୍ଗ ଅର୍ଜୁନଙ୍କ ସମ୍ମୁଖରେ

ଉପସ୍ଥାପନ କରି ବୁଝାଇବାକୁ ଚେଷ୍ଟା କରିଛନ୍ତି ଯେ' ଶରୀରର ବିନଷ୍ଟରେ ଆତ୍ମାର ମୃତ୍ୟୁ ହୁଏନାହିଁ । ଆତ୍ମା ଅଜନ୍ମା ,ଆତ୍ମା ଅବିନାଶୀ ଆଉ ଆତ୍ମା ଚିରନ୍ତନ ଏବଂ ଶାଶ୍ୱତ । ଆତ୍ମାର ଏ ସମସ୍ତ ସ୍ୱରୂପ ଉପରେ ବୋଧ ହେଲାପରେ ପଣ୍ଡିତ ଜନ ନିଜର ହେଉ କିମ୍ବା ଅନ୍ୟ କାହାର ହେଉ, ଶରୀରର ବିନାଶରେ ଚିନ୍ତା କିମ୍ବା ଶୋକ ପ୍ରକଟ କରନ୍ତି ନାହିଁ । କିନ୍ତୁ ଏ ସମସ୍ତ ଆତ୍ମ ଜ୍ଞାନ ବୋଧ ହେବା ମନୁଷ୍ୟ ପକ୍ଷେ ଅତି–ବୁଦ୍ଧି ସ୍ତରର ବିଷୟ । ସାଧାରଣ ବୁଦ୍ଧି ସ୍ତରରେ ଏହା ବୋଧ ହୁଏ ଯେ' ଶରୀରର ମୃତ୍ୟୁରେ ଚେତନା ଶକ୍ତି ମଧ୍ୟ ଚାଲିଯାଏ ଓ ଜୀବାତ୍ମାର ମଧ୍ୟ ମୃତ୍ୟୁ ଘଟେ । ସେହିପରି ବୀଜରୁ ଅଙ୍କୁରଣ୍ମମ ହୋଇ ବୃକ୍ଷ ସୃଷ୍ଟି ହେଲାଭଳି , ପୁରୁଷ ଓ ପ୍ରକୃତିର ସଂଯୋଗରୁ ଚେତନଶୀଳ ଶରୀରର ଉତ୍ପନ ଘଟେ ଅର୍ଥାତ ଶରୀର ସହିତ ଜୀବାତ୍ମା ମଧ୍ୟ ଜନ୍ମ ହୋଇଥାଏ। ତେଣୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବର୍ତ୍ତମାନ ସାଧାରଣ ବୁଦ୍ଧି ସ୍ତରରେ ବୁଝାଇ ମୃତ୍ୟୁ ଜନିତ ଶୋକ ଦୂର କରିବା ପାଇଁ ପ୍ରୟାସ କରିଛନ୍ତି । ଯଦି ମାନିନେବା ଯେ' ଶରୀରର ଜନ୍ମରେ ଜୀବାତ୍ମା ଜନ୍ମ ନିଏ ଓ ଶରୀରର ବିନାଶରେ ଜୀବାତ୍ମାର ମୃତ୍ୟୁ ହୁଏ, ତାହେଲେ ମଧ୍ୟ ଏଥିପାଇଁ ଶୋକ କରିବା ଅନୁଚିତ । କାରଣ , ଯାହା ପୂର୍ବରେ ନଥିଲା , ଆଉ ଉତ୍ପନ୍ନ ହେଲା , ତାହାର ବିନାଶ ସୁନିଶ୍ଚିତ । ଯାହା ଉତ୍ପନ୍ନ ହେଲା, ତାହା ପୁଣି ସେହି ପୂର୍ବ ନ'ଥିବା ସ୍ଥିତି କୁ ପ୍ରବାହମାନ ହେବ । ସେହି ନ'ଥିବା ସ୍ଥିତିରୁ ପୁଣି ଜନ୍ମ ନେଇ ଥିବା ସ୍ଥିତିକୁ ପ୍ରାପ୍ତ ହେବ । ସଂସାରରେ ଶୁକ୍ଳ ପକ୍ଷ ପରେ କୃଷ୍ଣ ପକ୍ଷ , ଦିନ ପରେ ରାତି ଯେପରି ନିତ୍ୟ-ସତ୍ୟ , ଜନ୍ମ ପରେ ମୃତ୍ୟୁ, ଆଉ ମୃତ୍ୟୁ ପରେ ଜନ୍ମ , ସେହିପର ନିତ୍ୟ-ସତ୍ୟ । ଏହାକୁ କେହି ବ୍ୟତିକ୍ରମ କରିବାକୁ ସମର୍ଥ ନୁହନ୍ତି । ବିଶେଷତଃ ପ୍ରତ୍ୟେକ ମନୁଷ୍ୟର ଏହା ଜ୍ଞାତସାରରେ ଥାଏ ଯେ' ବର୍ତ୍ତମାନ ସେ ଜୀବିତ , ଆଉ ପ୍ରତ୍ୟେକ ମୁହୂର୍ତ୍ତରେ ସେ ମୃତ୍ୟୁର ଦିଗକୁ ଅଗ୍ରସର ହେଉଛି। ଆଉ ଆଗରେ ମୃତ୍ୟୁ ହିଁ ଅନିବାର୍ଯ୍ୟ । ଆତ୍ମୀୟ କାହାରି ମୃତ୍ୟୁ ହେଲେ ଅବଶ୍ୟ ମନରେ ପୀଡା ଆସେ । ତାହାର କାରଣ ହେଲା, ସେହି ଶରୀର ସହିତ ମମତ୍ୱ ଭାବ ଥିଲା । ଯେତେବେଳେ ମୃତ୍ୟୁର ସତ୍ୟତାକୁ ଗ୍ରହଣ କରିନେଇ ଆମ୍ଭେ ବିଚାର କରୁ କି' ମୃତ ବ୍ୟକ୍ତି ପୁଣି ସେହି ସଦୃଶ ସ୍ଥୂଳ ଶରୀରକୁ ପ୍ରାପ୍ତ ହୋଇ ପୂର୍ବ ସମ୍ବନ୍ଧକୁ ସ୍ୱୀକାର କରିବା ଅସମ୍ଭବ, ସେତେବେଳେ ଆମ୍ଭର ସେହି ମମତ୍ୱ ଭାବ ଦୂର ହୋଇଯାଏ। ସମସ୍ତ ଚିନ୍ତା ଓ ଶୋକର ଅବସାନ ହୋଇଥାଏ। ଅନ୍ୟ ଏକ ଦୃଷ୍ଟିକୋଣରୁ ବିଚାର କଲେ , ମୃତ୍ୟୁ ଏକ ଜରା-ଜୀର୍ଣ୍ଣ ଅକ୍ଷମଣୀୟ ଶରୀରକୁ ଉଦ୍ଧାର କରିନେଇ ପୁଣି ଏକ ସୁନ୍ଦର, ସୁକୋମଳ ଓ ଶୁଦ୍ଧ ଚୈତନ୍ୟ ଥିବା ନୂତନ କ୍ଷମବାନ୍ ଶରୀରର ପ୍ରାପ୍ତ କରାଇଥାଏ । ଏହାଠାରୁ ଆଉ ଅଧିକ ସଂସାରରେ ବରଦାନ କଣ ଥାଇପାରେ ? ଗୋଟିଏ ସ୍ଥାନରେ ଶରୀରର ମୃତ୍ୟୁ ପାଇଁ ଆତ୍ମୀୟ ମାନେ ଶୋକ ପ୍ରକଟ କରୁଥିବା ବେଳେ ,ଅନ୍ୟ ଏକ ସ୍ଥାନରେ ଆତ୍ମୀୟମାନେ ନୂଆ ଏକ ଶରୀରର ଜନ୍ମକୁ ଅପେକ୍ଷାରେ ରହି ଆନନ୍ଦ ଉଲ୍ଲାସ ପାଳନ କରୁଥାନ୍ତି। ଏହି ବିସମତା ହିଁ ସଂସାର । ତେଣୁ ଆତ୍ମାର ଅସଲ ସ୍ୱରୂପକୁ ବୋଧ ନ'ହେଲେ ମଧ୍ୟ, ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ ବୋଲି ସ୍ୱୀକାର କରି ଶୋକ କରିବା ବିଧେୟ ନୁହେଁ ।

ଅବ୍ୟକ୍ତାଦୀନି ଭୂତାନି ବ୍ୟକ୍ତମଧ୍ୟାନି ଭାରତ ।
ଅବ୍ୟକ୍ତନିଧନାନ୍ୟେବ ତତ୍ର କା ପରିଦେବନା ॥ ୨୮ ॥

*ଅନ୍ୱୟ : ଭାରତ ( ହେ ଭାରତ ! ) ଭୂତାନି ( ସକଳ ପ୍ରାଣୀ ଯାହା ଜନ୍ମ ହୋଇଛନ୍ତି ) ଅବ୍ୟକ୍ତ-ଆଦିନୀ (ଆରମ୍ଭରୁ ଅଦୃଶ୍ୟ ଥିଲେ ) ବ୍ୟକ୍ତମ୍ ଏବ ମଧ୍ୟାନି ( ମଝିରେ ଅର୍ଥାତ୍ ବର୍ତ୍ତମାନ ବ୍ୟକ୍ତ ଭଳି ଦେଖାଯାଉଛନ୍ତି) ଅବ୍ୟକ୍ତ ନିଧନାନି ( ମୃତ୍ୟୁ ପରେ ଅବ୍ୟକ୍ତ ହୋଇଯିବେ ) ତତ୍ର ( ଏଥିରେ ) ପରିଦେବନା (ଶୋକ କରିବାର ) କା ( କ'ଣ ଅଛି) ?*

**ଭାବାର୍ଥ :** ଅଦୃଶ୍ୟରୁ ଶରୀରର ଉତ୍ପନ୍ନ ହେବା , ବଞ୍ଚି ରହିବା , ପରେ ମୃତ୍ୟୁକୁ ସାମନା କରି ପୁଣି ଅଦୃଶ୍ୟ ହୋଇଯିବାର ଏ ଯେଉଁ ଶରୀରର କ୍ରମାନ୍ୱୟ ଅବ୍ୟକ୍ତ-ବ୍ୟକ୍ତ ତତ୍ତ୍ୱ,ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇ କହୁଛନ୍ତି , ଏହି ତତ୍ତ୍ୱ ଜ୍ଞାନ ସାଧାରଣ ମନୁଷ୍ୟ ନିଜ ଜୀବନର ଅନୁଭୂତିରୁ ମଧ୍ୟ ଉପଲବ୍ଧ କରିଥାଏ । ଜନ୍ମ ନେବା ପୂର୍ବରୁ , ଏହି ଶରୀର କେଉଁଠାରେ ଓ କିପରି ଅବସ୍ଥାରେ ଥିଲା ତାହା କାହାକୁ ଜଣା ନାହିଁ । କେବଳ ମଧ୍ୟକାଳରେ ଅର୍ଥାତ ଜନ୍ମଠାରୁ ମରଣ ପର୍ଯନ୍ତ ଶରୀର ଦୃଶ୍ୟମାନ ହୋଇଥାଏ । ମୃତ୍ୟୁପରେ ଶରୀରର ଗତି କଣ ହୁଏ ତାହାମଧ୍ୟ କାହାକୁ ଜଣାନାହିଁ । ଋଷି, ମୁନିଙ୍କ ବାକ୍ୟ ଓ ଶାସ୍ତ୍ର କୁ ଆଧାର କରି ଯଦି ଆମ୍ଭେ ଶରୀରର ପୂର୍ବ ଜନ୍ମ ସ୍ଥିତିକୁ ଗ୍ରହଣ କରିବା, ତାହେଲେ ମଧ୍ୟ ଏହା ସତ୍ୟ ଯେ' ପୂର୍ବ ଜନ୍ମର ଶରୀରର ମୃତ୍ୟୁହୋଇ ଅବ୍ୟକ୍ତ ହେଲାପରେ ହିଁ ପୁଣି ଜନ୍ମନେଇ ନୂତନ ଶରୀର ପ୍ରାପ୍ତ ହୁଏ । ବର୍ତ୍ତମାନର ଶରୀର ସହିତ ପୂର୍ବ ଜନ୍ମର ଶରୀରର ଆକାର , ଗୁଣ,ବିକାରର କୌଣସି ସମତା ନଥାଏ। ଯେପରି ଏକ ବୀଜରେ ବିରାଟ ବୃକ୍ଷ ଅବ୍ୟକ୍ତ ଭାବରେ ରହିଥାଏ , ସେହିପରି ପୂର୍ବ ଜନ୍ମର ସ୍ଥୂଳ ଶରୀର ବିନଷ୍ଟ ହେଲାପରେ କାରଣ ଶରୀର ସଂସ୍କାର ଭାବେ ଅବ୍ୟକ୍ତ ରୂପ ଧାରଣ କରି ରହେ । ଅଙ୍କୁରତ୍ପମ ପରେ ବୀଜ ନଷ୍ଟ ହୋଇଯାଇ ଯେପରି ନୂତନ ବୃକ୍ଷର ବୀଜପତ୍ର ଦୃଶ୍ୟମାନ ହୁଏ, ସେହିପରି ଜୀବର ମୃତ୍ୟୁ ପରେ ସୂକ୍ଷ୍ମ ରୂପରେ ଥିବା ସଂସ୍କାର ହିଁ ନୂତନ ଶରୀରକୁ ଜନ୍ମ ଦେଇଥାଏ । ଉତ୍ପନ୍ନ ହୋଇଥିବା ଶରୀର ସ୍ଥିରଭଳି ପ୍ରତୀୟମାନ ହେଉଥିଲେ ମଧ୍ୟ, ଏହା ପ୍ରତି ମୁହୁର୍ତ୍ତରେ ବିନାଶ ଦିଗକୁ ପ୍ରବାହମାନ । କେବଳ ଚେତନ କୁ ଛାଡିଦେଲେ, ଜଗତରେ ଯାହାସବୁ ଦୃଶ୍ୟମାନ ତାହା ସମସ୍ତ ଷଡ ବିକାର ଯଥା : ଜନ୍ମ,ସ୍ଥିତି ,ବୃଦ୍ଧି, ଅପରିଣାମ ,ଅପକ୍ଷୟ ଓ ବିନାଶର ଅଧୀନ । ଯେଉଁ ଶରୀରର ନିଜର ସତ୍ତା ନଥାଏ, ଆଉ ଯାହାର ସ୍ଥିତି ସ୍ଥିର ନ'ଥାଇ ପ୍ରତି କ୍ଷଣରେ ବିନାଶ ଆଡକୁ ଗତି କରୁଥାଏ, ତାହା ସହିତ ଚେତନର ସମ୍ବନ୍ଧ କେବଳ କଳ୍ପନା ମୂଳକ । ଶରୀରର ଅନ୍ତ ଘଟିଲାପରେ, କଳ୍ପିତ ସମ୍ବନ୍ଧ ସମୂହର ମଧ୍ୟ ଅନ୍ତ ହୋଇଥାଏ । ଜୀବ ଜନ୍ମ ଜନ୍ମ ଧରି ଏପରି କେତେ ଯେ' ଶରୀର ସହିତ ସମ୍ବନ୍ଧକୁ ପଛରେ ଛାଡି ଆସିଛି । ସଂସାର ସହିତ ଜୀବର ବିଶେଷକରି ମନୁଷ୍ୟର ସମ୍ବନ୍ଧ ଏହି ପ୍ରକାର , ଯେପରି ଚାଲୁ ଚାଲୁ ବାଟରେ କେତେଜଣ ବାଟୋଇ ସାଥି ମିଳିଥାନ୍ତି । ବାଟୋଇ ସାଥିଙ୍କ ସହିତ ଏକାଠି କିଛି ସମୟ ପାଇଁ ଗଛତଳେ ବିଶ୍ରାମ ଓ ବିଶ୍ରାମଗାରରେ ରାତ୍ରି ଯାପନ କରିବାକୁ ପଡିଥାଏ । ରାତି ପାହିଲାପରେ, ଅଲଗା ଅଲଗା ହୋଇ ଯିଏ ଯାହାର ଗନ୍ତବ୍ୟ ସ୍ଥଳକୁ ପୁଣି ଯାତ୍ରା ଆରମ୍ଭ କରିଥାନ୍ତି । ସଂସାରର ସହିତ ଜୀବର ସମ୍ବନ୍ଧ ବାଟୋଇର ରାତ୍ରି ଟିକକର ସମ୍ବନ୍ଧ ଭଳି । ତେଣୁ ମନର କଳ୍ପନା ଉପରେ ଆଧାରିତ କେତେ ମୁହୂର୍ତ୍ତର ସମ୍ବନ୍ଧକୁ ନେଇ ହର୍ଷ , ଶୋକ ପ୍ରାପ୍ତହେବା ବୁଦ୍ଧିମତ୍ତାର ଲକ୍ଷଣ ନୁହେଁ । ହେ ଅର୍ଜୁନ ! ବର୍ତ୍ତମାନ ଯେଉଁ ସମ୍ବନ୍ଧୀୟ ମାନଙ୍କୁ ତୁମ୍ଭେ ଦେଖୁଛ , ସେମାନଙ୍କ ମଧ୍ୟରୁ କେତେକ ଆଗରୁ ଥିଲେ, କିନ୍ତୁ ତୁମ୍ଭେ ନ'ଥିଲ । ତୁମ୍ଭେ ଜନ୍ମ ନେଇ ବ୍ୟକ୍ତ ହେଲାପରେ ଆଉ କେତେକଙ୍କ ସହିତ ସମ୍ବନ୍ଧିତ ହେଲ । ଏହା ସତ୍ୟ ଯେ , ଏ ସମସ୍ତ ସମ୍ବନ୍ଧୀୟ ଥିବେ ତୁମ୍ଭେ ଚାଲିଯିବ , ନତୁବା ତୁମ୍ଭର ଥିବାବସ୍ଥାରେ ଏହି ସମ୍ବନ୍ଧୀୟଙ୍କ ମଧ୍ୟରୁ କେତେକଙ୍କ ମୃତ୍ୟୁ ଘଟି

ସେମାନେ ରହିବେ ନାହିଁ । ତେଣୁ ବର୍ତ୍ତମାନର ଏ ସମସ୍ତ ସମ୍ବନ୍ଧ ସବୁ ମିଥ୍ୟା । ଏହି ମିଛ ସମ୍ବନ୍ଧ ଥିବା ଶରୀରର ଅବ୍ୟକ୍ତ ରୁ ବ୍ୟକ୍ତ , ପୁଣି ବ୍ୟକ୍ତରୁ ଅବ୍ୟକ୍ତ ହେବା ଘଟଣାରେ ହର୍ଷ, ଶୋକ ଆଦି ପ୍ରକଟ କରିବା ତୁମ୍ଭ ପକ୍ଷେ ଉଚିତ ନୁହେଁ । ସଂସାରର ସାମଗ୍ରିକ ଅସ୍ତିତ୍ୱକୁ ନେଇ ବିଚାର କଲେ ମଧ, ବେଦର ସିଦ୍ଧାନ୍ତ ଅନୁସାରେ ସଂପୂର୍ଣ୍ଣ ସୃଷ୍ଟି କି' ଜଡ କି' ଜୀବ ପ୍ରଳୟ କାଳରେ ଅବ୍ୟକ୍ତ ରୂପରେ ପ୍ରକୃତି ସହିତ ଲୀନ ହୋଇଥାନ୍ତି। ପୁଣି ସର୍ଜନା କାଳରେ ଅବ୍ୟକ୍ତ ରୂପରୁ ବ୍ୟକ୍ତ ହୋଇଥାନ୍ତି । ଏହି ତତ୍ତ୍ୱକୁ ଆଗକୁ ଅଷ୍ଟମ ଅଧ୍ୟାୟରେ ଭଗବାନ ଅର୍ଜୁନଙ୍କୁ ବୁଝାଇଛନ୍ତି । ତେଣୁ ଏହି ଅବ୍ୟକ୍ତରୁ ବ୍ୟକ୍ତ ହୋଇ ପୁଣି ଅବ୍ୟକ୍ତ ହେବା, ଜଗତର ସୃଷ୍ଟି ଆଉ ପ୍ରଳୟ ନିୟମର ଅନ୍ତର୍ଗତ । ସୃଷ୍ଟି ସର୍ଜନାର ଆରମ୍ଭରେ ଯିଏଥିଲେ , ସୃଷ୍ଟିର ପ୍ରଳୟ କାଳରେ ଯିଏରହିବ , ଆଉ ସର୍ଜନା-ପ୍ରଳୟ ର ଯିଏ ମୂଳ କାରଣ ଓ ଚେତନାର ମୂଳ ଆଧାର , ସେହି ପରମାତ୍ମା ମଧ ସର୍ଜନା ଓ ପ୍ରଳୟର ମଝିରେ ବିଦ୍ୟମାନ । ସେହିପରି ଯାହା ସୃଷ୍ଟିର ସର୍ଜନା ପୂର୍ବରୁ ନଥିଲା , ପ୍ରଳୟପରେ ମଧ ରହିବନାହିଁ , ତାହାର ଅସ୍ତିତ୍ୱ ମଝିରେ ପ୍ରତୀୟମାନ ହେଉଥିଲେ ମଧ ତାହା ବାସ୍ତବ ନୁହେଁ । ମରୁଭୂମିର ମରୀଚିକା ସଦୃଶ ତାହା କେବଳ କଳ୍ପନା ମାତ୍ର । ତାହାକୁ ମାୟା ଜନିତ ଜଳାଧାର ବୋଲି ବୁଝିବାକୁ ହେବ ।

**ଆଶ୍ଚର୍ଯ୍ୟବତ୍ ପଶ୍ୟତି କଶ୍ଚିଦେନମାଶ୍ଚର୍ଯ୍ୟବଦ୍ ବଦତି ତଥୈବ ଚାନ୍ୟଃ ।**
**ଆଶ୍ଚର୍ଯ୍ୟବଚ୍ଚୈନମନ୍ୟଃ ଶୃଣୋତି ଶ୍ରୁତ୍ୱାପ୍ୟେନଂ ବେଦ ନ ଚୈବ କଶ୍ଚିତ୍ ॥ ୨୯॥**

*ଅନ୍ୱୟ : କଶ୍ଚିତ୍ (କେହି ) ଏନମ୍ ( ଏହି ଆତ୍ମାକୁ ) ଆଶ୍ଚର୍ଯ୍ୟବତ୍ (ଆଶ୍ଚର୍ଯ୍ୟଭାବେ ) ପଶ୍ୟତି ( ଦେଖେ –ଅନୁଭବ କରେ ) ଚ ( ଏବଂ ) ତଥା ଏବ ( ସେହି ଭଳି ) ଅନ୍ୟଃ (ଅନ୍ୟକେହି ) ଆଶ୍ଚର୍ଯ୍ୟବତ୍ (ଆଶ୍ଚର୍ଯ୍ୟଭାବେ) ବଦତି ( ବର୍ଣ୍ଣନା କରେ ) । ଚ ( ତଥା ) ଅନ୍ୟଃ (ଅନ୍ୟକେହି ) ଏନମ୍ (ଏହାକୁ )ଆଶ୍ଚର୍ଯ୍ୟବତ୍ (ଆଶ୍ଚର୍ଯ୍ୟଭାବେ) ଶୃଣୋତି (ଶୁଣେ ) ଚ (ଏବଂ) କଶ୍ଚିତ୍ ଏବ (କେହି ) ଶ୍ରୁତ୍ୱାଅପି (ଶୁଣିକରି ମଧ ) ନ ବେଦ (ଜାଣେନାହିଁ ) ।*

**ଭାବାର୍ଥ** : କେହି ଆତ୍ମାକୁ ଆଶ୍ଚର୍ଯ୍ୟଭାବେ ଦେଖନ୍ତି , ଅନ୍ୟକେହି ସେହିଭଳି ଏହାକୁ ଆଶ୍ଚର୍ଯ୍ୟଭାବେ ବର୍ଣ୍ଣନା କରନ୍ତି , ଅନ୍ୟକେହି କେହି ଏହାକୁ ଆଶ୍ଚର୍ଯ୍ୟଭାବେ ଶୁଣନ୍ତି । ଶୁଣିକରି ମଧ ଏହାକୁ କେହି ଜାଣିପାରନ୍ତି ନାହିଁ । ଆତ୍ମାର ସ୍ୱରୂପ ଅଲୌକିକ । ଏହାର ସଂସାରର କୌଣସି ବ୍ୟକ୍ତ, ଅବ୍ୟକ୍ତ ବସ୍ତୁ ସହିତ ସମତା ନାହିଁ । ରୂପ, ରସ, ସ୍ପର୍ଶ ,ଶବ୍ଦ ଓ ଗନ୍ଧ ମାଧମରେ ଏହା ଇନ୍ଦ୍ରିୟ ମାନଙ୍କର ଜାଣିବାର ବିଷୟ ନୁହେଁ । ଆତ୍ମାକୁ ଦେଖିବା ଅର୍ଥ ଆତ୍ମା ସ୍ୱରୂପ ବିଷୟରେ ଜ୍ଞାନ ପ୍ରାପ୍ତ ହେବ । ଶାସ୍ତ୍ର ଅଧୟନ କରି ଆତ୍ମ ଜ୍ଞାନ ପ୍ରାପ୍ତ ହୋଇନଥାଏ । ଆତ୍ମା ସାକ୍ଷାତ୍କାର ଦ୍ୱାରା ହିଁ ଆତ୍ମଜ୍ଞାନ ପ୍ରାପ୍ତ ହୋଇଥାଏ। ଜଗତ ପ୍ରପଞ୍ଚକୁ ସମ୍ପୂର୍ଣ୍ଣ ଭାବେ ହଟାଇ ,ମନ ଓ ଚିତ୍ତକୁ ଶୂନ୍ୟ କରିଲେ, ଆତ୍ମାର ଚିଦ୍ ସ୍ୱରୂପ, ଶୁଦ୍ଧ ଚୈତନ୍ୟ ଭାବରେ ବୁଦ୍ଧିରେ ପ୍ରତିଫଳିତ ହୁଏ । ଭାସମାନ ସଂସାରର ସମ୍ପୂର୍ଣ୍ଣ ଅଭାବ ଘଟାଇ , ଶୁଦ୍ଧ ଚୈତନ୍ୟ ଦ୍ୱାରା ଆତ୍ମାର ସତ୍ତାକୁ ଉପଲବ୍ଧି କରିବା ହେଉଛି ଆତ୍ମସାକ୍ଷାତ୍କାର । ଏହାପରେ ଆତ୍ମା ସ୍ୱରୂପ ସମ୍ବନ୍ଧରେ ଯାହା ବୋଧ ହୋଇଥାଏ , ତାହା ଲୌକିକ ଜ୍ଞାନଠାରୁ ଅତ୍ୟନ୍ତ ବିଲକ୍ଷଣ । ଆତ୍ମାର ସ୍ଥିତି ଆତ୍ମଦ୍ୱାରା ସାବ୍ୟସ୍ତ ହୋଇଥାଏ। ଯେପରି 'ମୁଁ ଅଛି " ଏହା ନିଜକୁ ଆପେ ଆପେ ବୋଧ ହୁଏ। ନିଜ ସ୍ୱରୂପକୁ ଜାଣିବା ପାଇଁ ଅନ୍ୟ କୌଣସି ପ୍ରକାଶ ବା ଆଲୋକର ଆବଶ୍ୟକତା ନାହିଁ । ଆତ୍ମା ସ୍ୱୟଂ ପ୍ରକାଶମୟ । ଆତ୍ମଜ୍ଞାନ ତତ୍ତ୍ୱ କଠିନ କିମ୍ବା ଦୁର୍ଲଭ ନୁହେଁ । ଜିଜ୍ଞାସୁ ବା ଆତ୍ମଜ୍ଞାନ ଅଭିଳାଷିଙ୍କ ସଂଖ୍ୟା କମ୍ । ଯାହାର

ଆତ୍ମଜ୍ଞାନ ହୋଇଛି, ସେ ହିଁ କେବଳ ଏହି ତତ୍ତ୍ୱକୁ ଅନ୍ୟମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସମର୍ଥ ହେବେ । ବାଣୀ ଦ୍ୱାରା ଏହାର ସ୍ୱରୂପକୁ ବର୍ଣ୍ଣନା କରାଯାଇପାରିବ ନାହିଁ । ତତ୍ତ୍ୱଦର୍ଶୀ ଏହାକୁ ନିତ୍ୟ,ଶାଶ୍ୱତ,ପୁରାଣ,ସର୍ବଗତ,ଅଚଳ,ସ୍ଥାଣୁ ,ସନାତନ ପ୍ରଭୃତି ଶବ୍ଦ ଦ୍ୱାରା ସଙ୍କେତ ମାତ୍ର କରିଥାନ୍ତି । ସୁତରାଂ ଏହାର ବର୍ଣ୍ଣନା ମଧ୍ୟ ଆଶ୍ଚର୍ଯ୍ୟ ବୋଧ ହୋଇଥାଏ । ସନ୍ଥ , ମହାପୁରୁଷଙ୍କଠାରୁ ଶାସ୍ତ୍ର ଉପରେ ଆଧାରିତ ଯେଉଁ ଉପଦେଶ ଶୁଣୁ, ତାହା ଲୌକିକ ଜ୍ଞାନ ହୋଇଥିବାରୁ, ବୁଦ୍ଧି ଦ୍ୱାରା ସହଜରେ ଗ୍ରହଣୀୟ ହୁଏ। ମାତ୍ର ଆତ୍ମଜ୍ଞାନ ତତ୍ତ୍ୱ, ଦେହାଭିମାନ ବୁଦ୍ଧି ଦ୍ୱାରା ଗ୍ରହଣୀୟ ହୋଇନ'ଥାଏ । ଆତ୍ମତତ୍ତ୍ୱ, ମନ ଓ ବୁଦ୍ଧିର ପରିସରର ବିଷୟ ହୋଇନ'ଥିବା ଯୋଗୁଁ , ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଥାଏ। ତାପରେ, ତତ୍ତ୍ୱଦର୍ଶୀଙ୍କ ଠାରୁ ଆତ୍ମସ୍ୱରୂପ ବିଷୟରେ ଶୁଣି ମଧ୍ୟ କେହି ଏହାର ତତ୍ତ୍ୱକୁ ବୁଝିପାରନ୍ତି ନାହିଁ । ଏହାର ଅର୍ଥ ନୁହେଁ ଯେ' ଆତ୍ମଜ୍ଞାନ ପ୍ରାପ୍ତି ଅସମ୍ଭବ ବା ଦୁର୍ବିଜ୍ଞେୟ । ଏହି ଆତ୍ମଜ୍ଞାନ ତତ୍ତ୍ୱକୁ ପ୍ରାପ୍ତ କରିବାପାଇଁ ନିରନ୍ତର ସାଧନାର ଆବଶ୍ୟକତା ରହିଛି । "ମୁଁ" ନାଶବାନ ଶରୀର ନୁହେଁ , "ମୁଁ" ସେହି ଆତ୍ମା ସ୍ୱରୂପ , ଏହି ସତ୍ୟତାକୁ ଦୃଢତାର ସହିତ ସ୍ୱୀକାର କରିନେଇ , ଅହରହ ଚିତ୍ତରୁ ଦେହାଭିମାନ ତ୍ୟାଗକରି ଆତ୍ମଭାବରେ ସ୍ଥିତ ହୋଇ ରହିଲେ , ଏହା ସ୍ୱତଃ ଅନୁଭବ ହେବାକୁ ଲାଗେ ।

**ଦେହୀ ନିତ୍ୟମବଧ୍ୟୋଽୟଂ ଦେହେ ସର୍ବସ୍ୟ ଭାରତ ।**
**ତସ୍ମାତ୍ସର୍ବାଣି ଭୂତାନି ନ ତ୍ୱଂ ଶୋଚିତୁମର୍ହସି ॥ ୩୦॥**

*ଅନ୍ୱୟ : ଭାରତ ( ହେ ଭରତବଂଶଜ ଅର୍ଜୁନ !) ସର୍ବସ୍ୟ ଦେହେ ( ସମସ୍ତଙ୍କ ଦେହରେ ) ଅୟଂ ଦେହୀ (ଏହି ଆତ୍ମା ) ନିତ୍ୟମ୍ (ନିତ୍ୟ ) ଅବଧ୍ୟଃ ( ଅବଧ୍ୟ ) ତସ୍ମାତ୍ ( ତେଣୁ ) ସର୍ବାଣି ଭୂତାନି (ସମସ୍ତ ପ୍ରାଣୀଙ୍କ ପାଇଁ ଅର୍ଥାତ୍- କୌଣସି ପ୍ରଣୀର ନିଧନରେ ) ତ୍ୱଂ ଶୋଚିତୁମ୍ ( ତୁମେ ଶୋକ ) ନ ଅର୍ହସି ( କରିବା ଉଚିତ ନାହିଁ) ।*

**ଭାବାର୍ଥ :** ସୂକ୍ଷ୍ମାତିସୂକ୍ଷ୍ମ କୀଟ- ପତଙ୍ଗଠାରୁ ଆରମ୍ଭ କରି ବ୍ରହ୍ମା ପର୍ଯ୍ୟନ୍ତ , ସମସ୍ତଙ୍କ ଶରୀର ଭିତରେ ଆତ୍ମା ନିବାସ କରେ। ଏହି ଆତ୍ମା ନିତ୍ୟ ଆଉ ଅବଧ୍ୟ । ତେଣୁ ହେ ଅର୍ଜୁନ ! ଭୀଷ୍ମ , ଦ୍ରୋଣଙ୍କ ପାଇଁ ଖାଲି ନୁହେଁ ,ସଂସାରର କୌଣସି ପ୍ରାଣୀ ର ନିଧନରେ ତୁମେ ଶୋକ କରିବା ଉଚିତ ନୁହେଁ । ଏହି ଶ୍ଳୋକରେ ସାଙ୍ଖ୍ୟ ସାଧନାର ତତ୍ତ୍ୱକୁ ବୁଝାଇ ଭଗବାନ ସାଙ୍ଖ୍ୟ ଯୋଗର ବର୍ଣ୍ଣନକୁ ଉପସଂହାର କରିଛନ୍ତି । ଭଗବାନ ଶ୍ରୀକୃଷ୍ଣ ଶୋକାକୁଳ ଅର୍ଜୁନଙ୍କୁ ଶୋକ ନିବୃତ୍ତିର ସର୍ବଶ୍ରେଷ୍ଠ ଉପାୟ ଆତ୍ମଜ୍ଞାନ ବା ଆତ୍ମସାକ୍ଷାତ୍କାର ବୋଲି ବାରମ୍ବାର ଦୋହରାଇଛନ୍ତି । ଏହି ଆତ୍ମଜ୍ଞାନ ପ୍ରାପ୍ତ ପାଇଁ ଯେଉଁ ସାଧନ ତାହାକୁ ସାଙ୍ଖ୍ୟ ସାଧନ କୁହାଯାଇଛି । ଦ୍ୱିତୀୟ ଅଧ୍ୟାୟର ୧୧ ଶ୍ଳୋକ ଠାରୁ ୩୦ ଶ୍ଳୋକ ପର୍ଯ୍ୟନ୍ତ ସାଙ୍ଖ୍ୟ ସାଧନାର ତତ୍ତ୍ୱ ବର୍ଣ୍ଣନା ହୋଇଛି । ଯେଉଁ ସାଧନର ମୂଳତତ୍ତ୍ୱକୁ ସଂଖ୍ୟା ଦ୍ୱାରା ସୂଚିତ କରାଯାଇଛି , ସେହି ସାଧନା ସାଙ୍ଖ୍ୟସାଧନ ବା ସାଙ୍ଖ୍ୟଯୋଗ ରୂପେ ଶାସ୍ତ୍ରରେ କୁହାଯାଇଛି । ଏହି ସାଧନାର ମୂଳତତ୍ତ୍ୱ ହେଉଛି ଏକ , ଆଉ ସେ ହେଉଛନ୍ତି ସଚ୍ଚିଦାନନ୍ଦଘନ ପରମାତ୍ମା । ପରମାତ୍ମା ବ୍ୟତିରେକ କୌଣସି ପଦାର୍ଥର ଅସ୍ତିତ୍ୱ ହିଁ ନାହିଁ । ଅସ୍ତିତ୍ୱତ କେବଳ ଅଧିଷ୍ଠାନ ଆତ୍ମାର ହିଁ ଅଛି । କଳ୍ପନାରେ ମନର ସ୍ପନ୍ଦନ ହେଲେ ସଂସାର ପ୍ରତିଭାସିତ ହୁଏ । ସ୍ୱପ୍ନରେ ଦେଖିବା ଦୃଶ୍ୟଭଳି ଏହି ଭାସମାନ ସଂସାର କେବଳ କଳ୍ପନା ଉପରେ ଆଧାରିତ । ତେଣୁ ଏହା ଅନାତ୍ମାର ବିଷୟ । ମନର ସ୍ପନ୍ଦନ କ୍ରିୟାକୁ ଶୂନ୍ୟ କରିଦେଲେ ଭାସମାନ ସଂସାରର

ପରିସମାପ୍ତି ଘଟିଥାଏ । ସାଙ୍ଖ୍ୟ ଶାସ୍ତ୍ରରେ ଆତ୍ମା, ଅନାତ୍ମା ର ନିରୂପଣ ହିଁ ପ୍ରଧାନ । କ୍ଷୁଦ୍ରାତିକ୍ଷୁଦ୍ର କୀଟ , ବୃହତ୍ତାକାର ଜୀବ , ଆଉ ସବୁଠାରୁ ବୁଦ୍ଧିମାନ ପ୍ରାଣୀ ମନୁଷ୍ୟ ଦେହରେ ସେହି ଏକ ପରମାତ୍ମା ତତ୍ତ୍ୱ ହିଁ ବିଦ୍ୟମାନ । ଶରୀରର ସ୍ୱଭାବ ନାଶବାନ୍ ଯାହା ପ୍ରତିକ୍ଷଣ ନଷ୍ଟ ହୁଏ । ଆତ୍ମା ଅବିନାଶୀ ଓ ଏହାର କୌଣସି କାଳରେ ଏବଂ କାହାଦ୍ୱାରା ବିନାଶ ଘଟା ଯାଇପାରିବ ନାହିଁ । ଯେଉଁ ମନୁଷ୍ୟ ନିଜ ଅନ୍ତଃକରଣରେ ଆତ୍ମତତ୍ତ୍ୱ ଓ ଶରୀର ତତ୍ତ୍ୱକୁ ଗୂଢତାର ସହିତ ବିଚାର କରେ , ଆଉ ଏହାର ଭିନ୍ନତାକୁ ଉପଲବ୍ଧି କରିବାକୁ ପ୍ରୟାସ କରେ, ସେହିଁ ଜିଜ୍ଞାସୁ ବା ଆତ୍ମଜ୍ଞାନ ପ୍ରାପ୍ତ ପାଇଁ ଯୋଗ୍ୟ । ଶରୀର କେବଳ ଏକ ସାଧନ କ୍ଷେତ୍ର ରୂପେ ପ୍ରାପ୍ତ ହୋଇଛି । ଶରୀରରେ ଯେଉଁ କର୍ମ ହୋଇଥାଏ ତାହା ସଂସାର ପାଇଁ ଉଦ୍ଦିଷ୍ଟ ଥାଏ । ଆତ୍ମାର ନା' ଶରୀର ସହିତ , ନା' ଶରୀରରେ ଯେଉଁ କର୍ମ ନିର୍ବାହ ହୁଏ, ତାହା ସହିତ ସମ୍ବନ୍ଧ ରହିଥାଏ । ଆତ୍ମାର ଶରୀର ସହିତ ସମ୍ବନ୍ଧ ମାନିବା ବନ୍ଧନର କାରଣ ଓ ଏହାହିଁ ମୂଳ ଦୋଷ । ଶରୀର ଓ କର୍ମର ଆତ୍ମା ସହିତ ସମ୍ବନ୍ଧକୁ ବୁଦ୍ଧିର ବିଚାରଦ୍ୱାରା ପରିତ୍ୟାଗ କଲେ , ଚିତ୍ତଶୁଦ୍ଧି ହୁଏ, ବୁଦ୍ଧି ବିକାର ଶୂନ୍ୟ ହୁଏ । ବୁଦ୍ଧି ନିର୍ବିକାର ହୋଇଗଲେ, ଶୁଦ୍ଧ ଚୈତନ୍ୟର ଉଦୟ ଘଟେ । ସେତେବେଳେ ଆତ୍ମସ୍ୱରୂପର ସତ୍ତା ଅନୁଭବ ହୁଏ । ଥରେମାତ୍ର ଏହି ସତ୍ତାର ଅନୁଭବ ହେଲେ, ସାଧକ ଶରୀର ଓ କର୍ମ ସହିତ ଅସଙ୍ଗ ହୁଏ । ଏହାଦ୍ୱାରା ନିଷିଦ୍ଧ କର୍ମ କେବେ ହେବନାହିଁ, ଏପରିକି' ଶୁଭ କର୍ମର ଫଳ ପ୍ରତି ଆସକ୍ତି ରହିବ ନାହିଁ । ଏ ସମସ୍ତ ହେଉଛି ସାଙ୍ଖ୍ୟଯୋଗ ସାଧନର ବିଷୟ ଓ ପରିଣାମ ।

**ସ୍ୱଧର୍ମମପି ଚାବେକ୍ଷ୍ୟ ନ ବିକମ୍ପିତୁମର୍ହସି ।**
**ଧର୍ମ୍ୟାଦ୍ଧି ଯୁଦ୍ଧାଚ୍ଛ୍ରେୟୋଽନ୍ୟତ୍ କ୍ଷତ୍ରିୟସ୍ୟ ନ ବିଦ୍ୟତେ ॥ ୩୧ ॥**

*ଅନ୍ୱୟ: ଚ (ଏବଂ) ସ୍ୱଧର୍ମମ୍ ( ନିଜ କୁଳ ଧର୍ମକୁ ) ଅବେକ୍ଷ୍ୟ(ଲକ୍ଷ କରି ଦେଖିଲେ )ଅପି (ମଧ୍ୟ ) ବିକମ୍ପିତୁମ୍ (କର୍ତ୍ତବ୍ୟ କର୍ମରୁ ବିଚଳିତ ) ନ ଅର୍ହସି ( ଉଚିତ ନୁହେଁ ) ହି (କାରଣ ) ଧର୍ମ୍ୟାତ୍ ଯୁଦ୍ଧାତ୍ ( ଧର୍ମମୟ ଯୁଦ୍ଧଠାରୁ ) କ୍ଷତ୍ରିୟସ୍ୟ (କ୍ଷତ୍ରିୟର ) ଅନ୍ୟତ୍ (ଅନ୍ୟକିଛି) ଶ୍ରେୟଃ (କଲ୍ୟାଣକର ) ନ ବିଦ୍ୟତେ ( ହେବାର ନାହିଁ)।*

**ଭାବାର୍ଥ** : ଶୋକ ନିବାରଣ ପାଇଁ ଆତ୍ମାତତ୍ତ୍ୱର ଉପଦେଶ ଦେଇ ସାରିବାପରେ , ଭଗବାନ ଶ୍ରୀକୃଷ୍ଣ ଏଥର ଶରୀର ତତ୍ତ୍ୱ ଉପରେ କର୍ତ୍ତବ୍ୟ କର୍ମକୁ ଆଧାରକରି ଅର୍ଜୁନଙ୍କୁ ଯୁଦ୍ଧରେ ପ୍ରବୃତ୍ତ ହେବାପାଇଁ ପ୍ରବର୍ତ୍ତାଇଛନ୍ତି । ବର୍ଣ୍ଣାଶ୍ରମ ଦୃଷ୍ଟିରୁ ବିଚାରକଲେ ଯୁଦ୍ଧ ହେଉଛି କ୍ଷତ୍ରିୟର ବିହିତ କର୍ମ । ଆତ୍ମୀୟ ସ୍ୱଜନଙ୍କ ନିଧନରେ କୁଳକ୍ଷୟ ହେବ, କୁଳରେ ବର୍ଣ୍ଣସଙ୍କର ଜାତ ହେବେ , ଏସବୁ ନିମନ୍ତେ ତାଙ୍କୁ ପାପ ଲାଗିବ ବୋଲି ଅର୍ଜୁନ ଆଗରୁ ଯୁକ୍ତି ରଖିଛନ୍ତି । ସେହି କୁଳଧର୍ମକୁ ବର୍ତ୍ତମାନ ଦ୍ୱାହି ଦେଇ ଭଗବାନ କହିବାକୁ ଯାଉଛନ୍ତି ଯେ' ହେ ଅର୍ଜୁନ ! କ୍ଷତ୍ରିୟ କୁଳ ଧର୍ମ ରକ୍ଷା କରିବାକୁ ଯାଇ ଯଦି ତୁମ୍ଭେ ଯୁଦ୍ଧ କରିବ ନାହିଁ , ତାହେଲେ ମଧ୍ୟ ତାହା ତୁମ୍ଭପାଇଁ ପାପ ହେବ । କାରଣ ଧର୍ମ ଯୁଦ୍ଧକୁ ଛାଡି ଅନ୍ୟ କୌଣସି କର୍ମ କ୍ଷତ୍ରିୟ ପାଇଁ କଲ୍ୟାଣର ମାର୍ଗ ନୁହେଁ । ରାଷ୍ଟ୍ରର ଭୌଗଳିକ ସୀମା ,ପ୍ରଜାଙ୍କର ଧନ,ଜୀବନ,ଧର୍ମର ସୁରକ୍ଷା ନିମନ୍ତେ ଶତ୍ରୁର ପ୍ରତିରୋଧ ହେଉଛି ଧର୍ମଯୁଦ୍ଧ । ଯେଉଁ ଯୁଦ୍ଧ ବଳ, ଦର୍ପ ଅହଙ୍କାରର ପ୍ରତିଷ୍ଠା ପାଇଁ, ଅନ୍ୟର ଧନ ସମ୍ପତ୍ତି ଲୁଣ୍ଠନ ଅଭିପ୍ରାୟ ରଖି କରାଯାଏ , ସେହି ଯୁଦ୍ଧ ଅଧର୍ମର ଯୁଦ୍ଧ । ଆସନ୍ନ ଯୁଦ୍ଧ ପାଣ୍ଡବ ମାନଙ୍କ ପାଇଁ ଧର୍ମର ଯୁଦ୍ଧ ଥିଲା । ବାର ବର୍ଷ ବନବାସ ପରେ, ଦୁର୍ଯ୍ୟୋଧନ ବିନା

ଯୁଦ୍ଧରେ ଶୁଚ୍ୟାଗ୍ର ପରିମିତ ଜମିରେ ପାଣ୍ଡବମାନଙ୍କ ଅଧିକାର ସାବ୍ୟସ୍ତ ହୋଇପାରିବ ନାହିଁ କହି , ଯୁଦ୍ଧର ଆହ୍ୱାନ ଦେଇଥିଲା। ତେଣୁ ଅର୍ଜୁନ ନିଜର ନ୍ୟାର୍ଯ୍ୟ ଅଧିକାରର ପ୍ରତିଷ୍ଠା ପାଇଁ ଯୁଦ୍ଧରେ ଅବତୀର୍ଣ୍ଣ ହେବା ନିଜ କ୍ଷତ୍ରିୟ କୂଳଧର୍ମ ରକ୍ଷାର ପ୍ରଶ୍ନ । ପାପର ଦ୍ୱାହିଦେଇ ଯୁଦ୍ଧରୁ ବିରତ ହେବା ଅର୍ଜୁନଙ୍କ ପାଇଁ କୌଣସି ମତେ ଶ୍ରେୟସ୍କର ହେବନାହିଁ । ଧର୍ମ ଯୁଦ୍ଧରେ ଶତ୍ରୁର ନିଧନକୁ ହିଂସା ଆଚରଣ ଭାବେ ଧରାଯାଏ ନାହିଁ । କାରଣ ତାହା ଧର୍ମର ପ୍ରତିଷ୍ଠା ଓ ସମୂହ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ । ଧର୍ମ ଯୁଦ୍ଧରେ କ୍ଷତ୍ରିୟ ନିଜର ନିଧନକୁ ବୀରଗତି ପ୍ରାପ୍ତି ମନେକରେ । ରାଷ୍ଟ୍ର ର ରକ୍ଷାପାଇଁ ସୈନିକର ପ୍ରାଣବଳିକୁ ରାଷ୍ଟ୍ର ପକ୍ଷରୁ ଅମର ଶହୀଦ ଭାବେ ବିଶେଷ ସମ୍ମାନ ଦିଆଯାଇଥାଏ । ଅଧର୍ମର ନାଶ ପାଇଁ , ଧର୍ମର ପ୍ରତିଷ୍ଠା ପାଇଁ ଯୁଦ୍ଧରେ ଅବତୀର୍ଣ୍ଣ ହେବା ଭଳି କଲ୍ୟାଣକର ମାର୍ଗ ଠାରୁ କ୍ଷତ୍ରିୟ ପକ୍ଷେ ଆଉ ଅଧିକ କିଛି ଶ୍ରେୟନାହିଁ ।

**ଯଦୃଚ୍ଛୟା ଚୋପପନ୍ନଂ ସ୍ୱର୍ଗଦ୍ୱାରମପାବୃତମ୍ ।**
**ସୁଖିନଃ କ୍ଷତ୍ରିୟାଃ ପାର୍ଥ ଲଭନ୍ତେ ଯୁଦ୍ଧମୀଦୃଶମ୍ ॥ ୩୨ ॥**

*ଅନ୍ୱୟ : ଯଦୃଚ୍ଛୟା (ସ୍ୱତଃ-ଆପେ,ଆପେ ) ଉପପନ୍ନଂ (ଆସି ପହଞ୍ଚିଥିବା -ଯୁଦ୍ଧ ) ଅପାବୃତମ୍(ଖୋଲାହୋଇ ରହିଥିବା )ସ୍ୱର୍ଗଦ୍ୱାରମ୍ (ସ୍ୱର୍ଗଦ୍ୱାର ଭଳି ଅଟେ ) ପାର୍ଥ (ହେ ପୃଥାନନ୍ଦନ !) ଇଦୃଶମ୍ ଯୁଦ୍ଧମ୍ (ଏହି ପ୍ରକାର ଯୁଦ୍ଧ )ଲଭନ୍ତେ (ପ୍ରାପ୍ତ ହୋଇ ) କ୍ଷତ୍ରିୟାଃ ( କ୍ଷତ୍ରିୟମାନେ ) ସୁଖିନଃ ( ପ୍ରୀତ ହୋଇଥାନ୍ତି )* ।

**ଭାବାର୍ଥ :** ଦମ୍ଭ , ଅହଙ୍କାରର ପ୍ରତିଷ୍ଠା ପାଇଁ ଶତ୍ରୁ ପକ୍ଷରୁ ଘୋଷଣା କରାଯାଇଥିବା ଯୁଦ୍ଧର ପ୍ରତିରୋଧ କରିବା ହେଉଛି କ୍ଷତ୍ରିୟ ପାଇଁ ଆପେ ଆପେ ପ୍ରାପ୍ତ ହୋଇଥିବା ଯୁଦ୍ଧ । ପ୍ରଜାଙ୍କର ସର୍ବ ସୁରକ୍ଷା, ଦୁର୍ବଳ ଉପରେ ବଳବାନ୍ ର ଅତ୍ୟାଚାରକୁ ପ୍ରତିରୋଧ କରିବା, ନ୍ୟାୟ ଓ ଧର୍ମର ପ୍ରତିଷ୍ଠା ପାଇଁ ଶତ୍ରୁ ପକ୍ଷର ଯୁଦ୍ଧର ଆହ୍ୱାନକୁ କର୍ତ୍ତବ୍ୟ କର୍ମଭାବେ ଗ୍ରହଣ କରିନେଇ ଯୁଦ୍ଧରେ ଅବତୀର୍ଣ୍ଣ ହେବା, ମହା ଗୌରବର ବିଷୟ । ଏହି ପ୍ରକାର ଯୁଦ୍ଧର ମୁକାବିଲା କରିବା, କ୍ଷତ୍ରିୟ ପାଇଁ ସ୍ୱର୍ଗସୁଖ ପ୍ରାପ୍ତି ନିମନ୍ତେ ଖୋଲା ହୋଇ ରହିଥିବା ଦ୍ୱାରଭଳି । ସ୍ୱର୍ଗୀୟ ସୁଖ ଇହଲୋକ ଓ ପରଲୋକରେ ପ୍ରାପ୍ତ ହୋଇଥାଏ। ଇନ୍ଦ୍ରିୟ ସୁଖ ସମ୍ଭୋଗ ସହିତ ଧରାପୃଷ୍ଠରେ ସମସ୍ତ ଐଶ୍ୱର୍ଯ୍ୟର ଅଧିକାରୀ ହେବା ଇହଲୋକର ସ୍ୱର୍ଗସୁଖ । ଶରୀର ତ୍ୟାଗପରେ ଉଚ୍ଚସ୍ତର ଜନ୍ମ ନିମିତ୍ତ କାରଣ ଶରୀର ସୂକ୍ଷ୍ମ ଭାବରେ ପରଲୋକରେ ଦେବତା ମାନଙ୍କ ସଙ୍ଗପ୍ରାପ୍ତ ହୋଇରହିବା ମଧ ସ୍ୱର୍ଗ ସୁଖ । ଅର୍ଜୁନଙ୍କ ପକ୍ଷେ ଯୁଦ୍ଧରେ ଅବତୀର୍ଣ୍ଣ ଅନିବାର୍ଯ୍ୟ ଥିଲା । କାରଣ ଯୁଦ୍ଧକୁ ଆଡେଇବା ପାଇଁ ପାଣ୍ଡବ ମାନଙ୍କ ସମସ୍ତ ପ୍ରୟାସ ଦୁର୍ଯ୍ୟୋଧନର ଯୁଦ୍ଧଖୋର ଅହଂକାର ମନୋଭାବ ଯୋଗୁଁ ବିଫଳ ହୋଇଥିଲା । ଏପରିକି, ଶ୍ରୀକୃଷ୍ଣଙ୍କ ମଧ୍ୟସ୍ଥାରେ ରାଜ୍ୟ ବଦଳରେ ପାଣ୍ଡବମାନଙ୍କୁ କେବଳ ପାଞ୍ଚଖଣ୍ଡ ପଡାଦେବାର ମିମାଂସାକୁ ଦୁର୍ଯ୍ୟୋଧନ ପ୍ରତ୍ୟାଖାନ କରିଥିଲା । ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି , ହେ ପୃଥା ନନ୍ଦନ ! ଯେହେତୁ ଏହି ଯୁଦ୍ଧ ତୁମ୍ଭେ ଚାହୁଁ ନ'ଥିଲ, ଏବଂ ଏହା ତୁମ୍ଭର ବିନା ଇଚ୍ଛାରେ ପ୍ରାପ୍ତ ହୋଇଛି , ତେଣୁ ଏହାକୁ ସ୍ୱର୍ଗପ୍ରାପ୍ତିର ଦ୍ୱାର ଉନ୍ମୁକ୍ତ ସାଦୃଶ ଗ୍ରହଣ କରି ଯୁଦ୍ଧରେ ଅବତୀର୍ଣ୍ଣ ହୁଅ । ଏହା ତୁମ୍ଭ ପାଇଁ କଲ୍ୟାଣର ମାର୍ଗ ହେବ ।

**ଅଥ ଚେତ୍ତ୍ୱମିମଂ ଧର୍ମ୍ୟଂ ସଙ୍ଗ୍ରାମଂ ନ କରିଷ୍ୟସି ।**

**ତତଃ ସ୍ୱଧର୍ମଂ କୀର୍ତ୍ତିଂ ଚ ହିତ୍ୱା ପାପମବାପ୍ ସ୍ୟସି ॥ ୩୩ ॥**

*ଅନ୍ୱୟ : ଅଥ ( ବର୍ତ୍ତମାନ )ଚେତ୍ (ଯଦି ) ତ୍ୱମ୍ ଇମଂ (ତୁମେ ଏହି ) ଧର୍ମ୍ୟଂ ସଙ୍ଗ୍ରାମଂ (ଧର୍ମମୟ ଯୁଦ୍ଧ ) ନ କରିଷ୍ୟସି ( କରିବ ନାହିଁ ) ତତଃ (ତା' ହେଲେ ) ସ୍ୱଧର୍ମଂ କିର୍ତ୍ତୀଂ ଚ (ନିଜର ଧର୍ମ ଆଉ କୀର୍ତ୍ତିକୁ ) ହିତ୍ୱା (ହରାଇ ) ପାପମ୍ (ପାପର )ଅବାପ୍ ସ୍ୟସି(ଭାଗିହେବ )।*

ଭାବାର୍ଥ : ଏହି ଯେଉଁ ଧର୍ମ ଯୁଦ୍ଧ ଅର୍ଜୁନ ନିକଟରେ ଉପନୀତ ହୋଇଛି, ଏହାକୁ କର୍ତ୍ତବ୍ୟ ବିଚାରରେ ଗ୍ରହଣ କରିନେବା ହେଉଛି ନିଜ କ୍ଷତ୍ରିୟ ଧର୍ମର ପାଳନ ଏବଂ ବୀର ଯୋଦ୍ଧା ରୂପରେ ନିଜର ଖ୍ୟାତି କୁ ଅକ୍ଷୁର୍ଣ୍ଣ ରଖିବାର ଏକମାତ୍ର ମାର୍ଗ । ଯଦି ସେ କୌଣସି କାରଣରୁ ଯୁଦ୍ଧରୁ ବିରତ ହୁଅନ୍ତି, ତା'ହେଲେ ନିଜର କୁଳଧର୍ମର ଅବମାନନା କରିବେ , ତାସଙ୍ଗେ ମଧ ଯୋଦ୍ଧାଭାବରେ ନିଜର ଯେଉଁ ଖ୍ୟାତି ରହିଛି ତାହାକୁ ହରାଇ ପାପର ଭାଗି ହେବେ । ଭଗବାନ କହୁଛନ୍ତି, ହେ ଅର୍ଜୁନ ! ଯଦି ତୁମ୍ଭେ ଏହି ଧର୍ମ ଯୁଦ୍ଧ ନ'କରିବା ନିଷ୍ପତ୍ତିରେ ଅଟଳ ରୁହ , ତାହେଲେ ସ୍ୱଧର୍ମ ଅର୍ଥାତ୍ ନିଜର ସ୍ୱଭାବ ଜନିତ ସଂଘର୍ଷ କରିବାର କ୍ଷମତାକୁ ହରାଇ ବସିବ ।

**ଅକୀର୍ତ୍ତିଂ ଚାପି ଭୂତାନି କଥୟିଷ୍ୟନ୍ତି ତେଅବ୍ୟୟାମ୍।**

**ସମ୍ଭାବିତସ୍ୟ ଚାକୀର୍ତ୍ତିର୍ମରଣାଦତିରିଚ୍ୟତେ ॥ ୩୪ ॥**

*ଅନ୍ୱୟ : ଚ (ଏବଂ ) ଭୂତାନି ( ସମସ୍ତ ଲୋକ )ଅବ୍ୟୟାମ୍ (କାଳ କାଳ ଧରି ) ତେ (ତୁମ୍ଭର ) ଅକୀର୍ତ୍ତିଂ (ଅପକୀର୍ତ୍ତିକୁ) କଥୟିଷ୍ୟନ୍ତି (ଗାଉଥିବେ ) ସମ୍ଭାବିତସ୍ୟ(ମର୍ଯ୍ୟଦା ସମ୍ପର୍ଣ୍ଣ ମନୁଷ୍ୟ ପାଇଁ ) ଅକୀର୍ତ୍ତିଃ (ଅପକୀର୍ତ୍ତୀ ) ମରଣାତ୍ ଚ (ମୃତ୍ୟୁଠାରୁ ମଧ ) ଅତିରିଚ୍ୟତେ (ଅଧିକ ହୋଇଥାଏ ) ।*

**ଭାବାର୍ଥ:** ଯୁଦ୍ଧ ନ'କରିଲେ , ପରିଣାମରେ କେଉଁ ସବୁ ଭୌତିକ ପରିସ୍ଥିତିକୁ ସାମନା କରିବାକୁ ହେବ ,ସେହି ପ୍ରସଙ୍ଗରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଚେତାଇଦେଇ ଯୁଦ୍ଧ କରିବାକୁ ପ୍ରବର୍ତ୍ତାଉଛନ୍ତି । ପ୍ରଥମରେ ନିଜ କୁଳ ଧର୍ମକୁ ଲଙ୍ଘି ପାପରେ ଭାଗି ହେବ । ଦ୍ୱିତୀୟରେ ଯୁଦ୍ଧନ'କଲେ, ତୁମ୍ଭର ଯେଉଁ ଅପଯଶ ହେବ, ତାହା କାଳ କାଳ ଲାଗି ଲୋକେ ଉଦାହରଣ କରି ଗାଉଥିବେ । କୌଣସି ସମୟରେ ଯୁଦ୍ଧରୁ ପଳାୟନ କରିଥିବା କ୍ଷତ୍ରିୟ ଚରିତ୍ରକୁ ସୂଚାଇବା ପାଇଁ ତୁମ୍ଭର ଉଦାହରଣ ଦିଆଯିବ। ବିଶ୍ୱାମିତ୍ର ,ପରାଶର ,ନିମି ,ଶୃଙ୍ଗି ଭଳି ମହାତ୍ମାମାନଙ୍କ ପଦଚ୍ୟୁତ ଘଟି ସେମାନେ ଏବ ପର୍ଯ୍ୟନ୍ତ ପୁରାଣ ଶାସ୍ତ୍ରରେ ଉଦାହରଣ ହୋଇ ରହିଛନ୍ତି । ବହୁ ଅସୁରଙ୍କୁ ବଦ୍ଧକରି, ଗନ୍ଧର୍ବ ,ଦେବତା ମାନଙ୍କୁ ଯୁଦ୍ଧରେ ପରାଜୟ କରି ବିଶ୍ୱର ଶ୍ରେଷ୍ଠ ଧନୁର୍ଦ୍ଧର ଭାବେ ତୁମ୍ଭେ ଯଶ ଅର୍ଜନ କରିଅଛ । ଏହି ଧର୍ମ ଯୁଦ୍ଧରୁ ପଳାୟନ କଲେ ତୁମ୍ଭର ସେହି କୀର୍ତ୍ତିରେ କଳଙ୍କ ଲାଗିବ ଓ ତୁମ୍ଭର ଏହି ଅପକୀର୍ତ୍ତୀର ପଦଚ୍ୟୁତକୁ ଇତିହାସ ଯୁଗ ଯୁଗ ପାଇଁ ଲିପିବଦ୍ଧ କରି ରଖିବ । ମର୍ଯ୍ୟଦା ସମ୍ପନ୍ନ ବ୍ୟକ୍ତି ପକ୍ଷରେ ଶ୍ରେଷ୍ଠତ୍ୱ ଯେପରି ଗୌରବ ଓ ସମ୍ମାନ ଆଣିଥାଏ ,ସେହି ପରି ଅପଯଶ ତାହାପାଇଁ ମୃତ୍ୟୁଠାରୁ ଅଧିକ ପୀଡା ଦାୟକ ହୋଇଥାଏ। ଏଠାରେ ଅକୀର୍ତ୍ତି କୁ ମରଣ ସହିତ ତୁଳନା କରିବାର ଅର୍ଥ ହେଲା, ସମ୍ମାନୀୟ ବ୍ୟକ୍ତି ନିଜର କର୍ମ ଦ୍ୱାରା ଅପଯଶ ଅର୍ଜନ କରିବା ଅପେକ୍ଷା ବରଂ ମୃତ୍ୟୁ ବରଣ କରିବା ଶ୍ରେୟସ୍କର। କହିବାର ତାତ୍ପର୍ଯ୍ୟ ହେଲା , ଅର୍ଜୁନ କ୍ଷତ୍ରିୟଭାବେ ଧର୍ମଯୁଦ୍ଧ ନ'କରିବାର ନିଷ୍ପତ୍ତି ଯୋଗୁଁ ଯେଉଁ ଅପଯଶ ଅର୍ଜନ କରିବେ ,ତା'ଠାରୁ ବରଂ ଯୁଦ୍ଧ କରି ନିଜର ପ୍ରାଣତ୍ୟାଗ କରିବା ଶ୍ରେୟସ୍କର।

**ଭୟାଦ୍ରଣାଦୁପରତଂ ମଂସ୍ୟନ୍ତେ ତ୍ୱାଂ ମହରଥାଃ ।**

**ଯେଷାଂ ଚ ତ୍ୱଂ ବହୁମତୋ ଭୂତ୍ୱା ଯାସ୍ୟସି ଲାଘବମ୍ ॥ ୩୫ ॥**

*ଅନ୍ୱୟ : ମହରଥାଃ ( ଅନ୍ୟାନ୍ୟ କ୍ଷତ୍ରିୟ ମହାରଥୀ ଗଣ ) ତ୍ୱାମ୍ (ତୁମେ ) ଭୟାତ୍ (ଭୟଯୋଗୁଁ )ରଣାତ୍ (ଯୁଦ୍ଧରୁ ) ଉପରତଂ (ପଳାୟନ କଲ) ମଂସ୍ୟନ୍ତେ ( ବୋଲି ଗ୍ରହଣ କରିବେ ) ଯେଷାଂ(ଯେଉଁ ମାନଙ୍କ ପାଖରେ ) ତ୍ୱ ମ୍ (ତୁମେ) ବହୁମତଃ ( ମାନ୍ୟଗଣ୍ୟ ) ଭୂତ୍ୱା (ହୋଇ ରହିଅଛ ) ଲାଘବମ୍ (ନଗଣ୍ୟ) ଯାସ୍ୟସି ( ହୋଇଯିବ )।*

**ଭାବାର୍ଥ :** ଅର୍ଜୁନ ଗୁରୁଜନ ମାନଙ୍କ ନିଧନ ନିମନ୍ତେ ଅସ୍ତ୍ର ଉଠାଇବା ଓ ଆତ୍ମୀୟ ସ୍ୱଜନଙ୍କ ରାଜ୍ୟ ଲାଭ ପାଇଁ ପ୍ରାଣ ନାଶ କରିବା ଠାରୁ ଆଉ ମହାପାପ କିଛି ହୋଇନ'ପାରେ , ମନେକରି ଯୁଦ୍ଧରୁ ନିବୃତ୍ତ ହେବାର ନିଷ୍ପତ୍ତି ନେଇଥିଲେ । ଏପରିକି ଶତ୍ରୁପକ୍ଷର ଅସ୍ତ୍ର ପ୍ରହାରକୁ ମଧ ସେ ପ୍ରତିରୋଧ କରିବେ ନାହିଁ ବୋଲି ମଧ କହିଛନ୍ତି । ଅର୍ଜୁନଙ୍କ ଏହି ମନ ଭାବକୁ ଉଭୟ ପକ୍ଷରେ ଥିବା ମହାରଥୀ ମାନେ ସହଜରେ ଗ୍ରହଣ କରିବେନାହିଁ । ବରଂ ଏହି ମତ ପୋଷଣ କରିବେ ଯେ' ଅର୍ଜୁନ ଶତ୍ରୁ ପକ୍ଷରେ ଭୀଷ୍ମ ,ଦ୍ରୋଣ, ଜୟଦ୍ରଥ, କର୍ଣ୍ଣ ,କୃପାଚାର୍ଯ୍ୟ ପ୍ରଭୃତି ମହାରଥୀ ମାନଙ୍କୁ ଦେଖି ପ୍ରାଣଭୟରେ ଯୁଦ୍ଧରୁ ପଳାୟନ କଲ। । ନିଜର କର୍ତ୍ତବ୍ୟ କର୍ମକୁ ଆଡେଇଦେବା ପାଇଁ ଯେତେ ସବୁ କାରଣ ଉପସ୍ଥାପନ କଲେ ମଧ ତାହା , ସମାଜରେ ଲୋକଙ୍କ ଦ୍ୱାରା ଯଥାର୍ଥ ବୋଲି ଗ୍ରହଣୀୟ ହେବନାହିଁ । ଲୋକେ ଏହିପରି ବ୍ୟକ୍ତିଙ୍କର ଦୁର୍ବଳତାକୁ ଅଙ୍ଗୁଳି ଦେଖାଇବେ । ବର୍ତ୍ତମାନର ସମାଜର ବହୁଳ ଭାବେ ଦେଖାଯାଉଥିବା ଏକ ସମସ୍ୟାର ଉଦାହରଣ ନିଆଯାଉ। ଆଜିର ଯୁବ ସମାଜ ବିଭିନ୍ନ କାରଣ ଦର୍ଶାଇ ନିଜର ବୃଦ୍ଧ ପିତା ମାତାଙ୍କର ସେବା କରିବାତ ଦୂରର କଥା, ମୃତ୍ୟୁକୁ ଅପେକ୍ଷା କରି ରହି ରୋଗ ଯନ୍ତ୍ରଣାରେ ପୀଡିତ ଥିବା ବାପା-ମାଆଙ୍କୁ ଥରେ ଦେଖିବାକୁ ମଧ ମନ କରି ନ'ଥାନ୍ତି । ଉଚ୍ଚ ଭୌତିକ ଜ୍ଞାନଲାଭକରି , ଦେଶ ବିଦେଶରେ ରହି,ବଡ ବଡ ଉପାଧି ପାଇ , ପ୍ରଚୁର ଧନ ଅର୍ଜନ କରି ,ସମାଜ ସେବା, ଦେଶ ସେବା କରିବା ନାମରେ ନିଜ ସୁନାମର ଡିଣ୍ଡିମ ପିଟିଲେ ମଧ , ଯିଏ ବୃଦ୍ଧ ଅକର୍ମଣ୍ୟ ପିତା ମାତାଙ୍କ ସେବା ଭଳି କର୍ତ୍ତବ୍ୟ କର୍ମକୁ ଆଡେଇଯାଏ , ସେ କେବେହେଲେ ସମାଜରେ ଉଚ୍ଚ ସ୍ଥାନର ଅଧିକାରୀ ବା ପ୍ରସଂଶାର ପାତ୍ର ହୋଇପାରିବ ନାହିଁ । ଲୋକେ ତାହାର ସମସ୍ତ ସୁନାମ , ସମ୍ମାନକୁ ପଛରେ ପକାଇ କର୍ତ୍ତବ୍ୟ କର୍ମ ନ'କରିବାକୁ ଅଙ୍ଗୁଳି ଦେଖାଇ ନିନ୍ଦା କରିବେ । ତେଣୁ କର୍ତ୍ତବ୍ୟ କର୍ମକୁ ପଛରେ ପକାଇ କେହି କେବେ ସୁଫଳ ପ୍ରାପ୍ତି କରିପାରନ୍ତି ନାହିଁ । ଯଦିଓ ଅନ୍ୟ କୌଣସି କାରଣରୁ ସମ୍ମାନ ପ୍ରାପ୍ତି ହୋଇଥାନ୍ତି, ତାହା ମଧ ଏହି କର୍ତ୍ତବ୍ୟ କର୍ମ ନ କରିବାର ନିନ୍ଦା ଯୋଗୁଁ ଲୁପ୍ତ ହୋଇଯାଇଥାଏ ।

**ଅବାଚ୍ୟବାଦାଂଶ୍ଚ ବହୂନ୍ ବଦିଷ୍ୟନ୍ତି ତବାହିତାଃ ।**

**ନିନ୍ଦନ୍ତସ୍ତବ ସାମର୍ଥ୍ୟଂ ତତୋ ଦୁଃଖତରଂ ନୁ କିମ୍ ॥ ୩୬ ॥**

*ଅନ୍ୱୟ : ତବ ଅହିତାଃ ( ତୁମ୍ଭର ଅହିତକାରୀ ମାନେ ) ବହୂନ୍ (ବହୁତ ଗୁଡିଏ ) ଅବାଚ୍ୟବାଦାନ୍ ( ନ କହିବା କଥା ଅର୍ଥାତ୍ କଟୁ ସମାଲୋଚନା ) ବଦିଷ୍ୟନ୍ତି ( କହି ବୁଲିବେ ) ତବ (ତୁମ୍ଭର ) ସାମର୍ଥ୍ୟଂ ( ସାମର୍ଥ୍ୟକୁ ) ନିନ୍ଦନ୍ତଃ ( ନିନ୍ଦା କରିବେ ) ତତଃ (ତାହାଠାରୁ ) ଦୁଃଖତରଂ (ବଳି ଆଉ ଦୁଃଖର କଥା ) ନୁ , କିମ୍ ( କ'ଣ ହେବ ) ।*

**ଭାବାର୍ଥ** : ଅର୍ଜୁନ ! ତୁମ୍ଭର ଅହିତକାରୀ ମାନେ ଅନେକ ନ' କହିବା କଥା କହି ବୁଲିବେ । ତୁମ୍ଭର ସାମର୍ଥ୍ୟ କୁ କଟୁବଚନ କହି ନିନ୍ଦା କରିବାଠାରୁ ଆଉ ଅଧିକ କଣ ଦୁଃଖ ଅଛି । ଶତ୍ରୁ ପକ୍ଷର ଯୋଦ୍ଧାମାନେ ମଧ୍ୟ ଏପରି କହିବେ ଯେ, ଅର୍ଜୁନ ଅଜ୍ଞାତବାସରେ ବୃହନଳା ଭାବେ ଆତ୍ମଗୋପନ କରିରହିଥିବା ଯୋଗୁଁ ତା' ପାଖରେ ନଂପୁଷକତାର ଲକ୍ଷଣ ଦେଖାଦେଲା ଏବଂ ସେଥିପାଇଁ ରଣଭୂମି ଛାଡି ପ୍ରାଣଭୟରେ ପଳାୟନ କଲା । ଏହିପରି ତୁମ୍ଭେ, କଳ୍ପନା କରି ନପାରିବା ଭଳି ଶବ୍ଦ ମାନ ଉଚ୍ଚାରଣ କରି ନିନ୍ଦାଗାନ କରିବେ । ଯେଉଁ ଗାଣ୍ଡୀବର ଟଙ୍କାର ଶବ୍ଦରେ ତିନିପୁର ପ୍ରକମ୍ପିତ ହୋଇଉଠେ , ସମ୍ମୁଖରେ ଥିବା ଯୋଦ୍ଧା ଭୟରେ ଜଡ ପାଲଟିଯାନ୍ତି , ଶତ୍ରୁପକ୍ଷ ପ୍ରାଣନାଶ ଭୟରେ ତ୍ରାହି ତ୍ରାହି ଡାକ ଦେଇ ରଣଭୂମିରୁ ପଳାୟନ କରନ୍ତି , ତୁମ୍ଭର ଏହି ସମସ୍ତ ସାମର୍ଥ୍ୟ ନିନ୍ଦୁକ ମାନଙ୍କଦ୍ୱାରା ଉପହାସର ବିଷୟ ବସ୍ତୁ ହୋଇଯିବ । ଆତ୍ମୀୟ, ଗୁରୁଜନମାନଙ୍କ ବଧରେ ପାପଲାଗିବ ଭାବି ଯୁଦ୍ଧ କରୁନାହଁ ବୋଲି ଶତ୍ରୁପକ୍ଷ ତୁମ୍ଭର ପ୍ରସଂଶା କରିବେ ନାହିଁ । ବରଂ ତୁମ୍ଭକୁ ନଂପୁଷକ ଆଖ୍ୟା ଦେବେ । ତୁମ୍ଭ ସାମର୍ଥ୍ୟର ଏହି ପ୍ରକାର କଟୁନିନ୍ଦା ତୁମ୍ଭପକ୍ଷେ ଅସହ୍ୟ ହେବ । ଭଗବାନ ଅର୍ଜୁନଙ୍କୁ ଏଠାରେ ନିଜର ସ୍ୱାଭିମାନକୁ ବଜାୟ ରଖିବାକୁ ହେଲେ ଯୁଦ୍ଧ ଭଳି କର୍ତ୍ତବ୍ୟ କର୍ମ କରିବା ବ୍ୟତିତ ଅନ୍ୟ କୌଣସି ପନ୍ଥା ନାହିଁ ବୋଲି ପ୍ରବର୍ତ୍ତାଇଛନ୍ତି ।

**ହତୋ ବା ପ୍ରାପ୍ ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍ ।**

**ତସ୍ମାଦୁତ୍ତିଷ୍ଠ କୌନ୍ତେୟ ଯୁଦ୍ଧାୟ କୃତନିଶ୍ଚୟଃ ॥ ୩୭॥**

*ଅନ୍ୱୟ : କୌନ୍ତେୟ ( ହେ କୌନ୍ତେୟ !) ହତଃ ବା (ହତ ହେଲେ ) ସ୍ୱର୍ଗଂ ( ସ୍ୱର୍ଗ କୁ ) ପ୍ରାପ୍ ସ୍ୟସି (ପାଇବ ) ଜିତ୍ୱା ବା ( ଜୟୀହେଲେ ) ମହୀମ୍ (ପୃଥିବୀ ) ଭୋକ୍ଷ୍ୟସେ ( ଭୋଗ କରିବ ) ତସ୍ମାତ୍ (ଅତଏବ) ଯୁଦ୍ଧାୟ (ଯୁଦ୍ଧପାଇଁ ) କୃତନିଶ୍ଚୟଃ ( ଦୃଢ ସଂକଳ୍ପ ସହିତ )ଉତ୍ତିଷ୍ଠ ( ଉଠ) ।*

**ଭାବାର୍ଥ** : ବର୍ତ୍ତମାନ ପର୍ଯ୍ୟନ୍ତ ଭଗବାନ ପରମାର୍ଥ ଏବଂ ଲୌକିକ ବିଚାର ଉପରେ ଅର୍ଜୁନଙ୍କୁ ବୁଝାଉଛନ୍ତି ଯେ' ଆତ୍ମା ଦୃଷ୍ଟିରୁ , କୁଳ ଧର୍ମ ଦୃଷ୍ଟିରୁ, କର୍ତ୍ତବ୍ୟକର୍ମ ଦୃଷ୍ଟିରୁ ,କିମ୍ବା ନିଜର କୀର୍ତ୍ତି ଆଉ ସ୍ୱାଭିମାନକୁ ନେଇ ଯୁଦ୍ଧ କରିବା କୌଣସିମତେ ପାପ ହେବନାହିଁ । ଏହି ଶ୍ଳୋକରେ ଭଗବାନ ଅନ୍ୟ ଏକ ଭିନ୍ନ ଦିଗରେ ଉପଦେଶ ଦେବାର ଉଦ୍ୟମ କରିଛନ୍ତି । ତାହା ହେଉଛି କର୍ମଯୋଗ । ଯୁଦ୍ଧରେ ଜୟ ପରାଜୟ ଅର୍ଜୁନଙ୍କ ପାଇଁ ଚିନ୍ତାର ବିଷୟ ନ'ଥିଲା , ବରଂ ଯୁଦ୍ଧରେ ତାଙ୍କଦ୍ୱାରା ଆତ୍ମୀୟ ମାନଙ୍କ ନିଧନର ଆଶଙ୍କା ଅର୍ଜୁନଙ୍କର ଶୋକର କାରଣ ଥିଲା । ଯୁଦ୍ଧରେ କାହାର ଜୟ ଓ କାହାର ପରାଜୟ ହେବ ତାହା ନିଶ୍ଚିତ ନାହିଁ । ମାତ୍ର ଯୁଦ୍ଧର ପରିଣାମ ଉପରେ ଦୃଷ୍ଟିଦେଇ ଅର୍ଜୁନ ଯୁଦ୍ଧରୁ ନିବୃତ୍ତି ହେବା ପାଇଁ ନିଷ୍ପତ୍ତି ନେଇଛନ୍ତି । କର୍ମଫଳରୁ ଦୃଷ୍ଟି ଫେରାଇନେଇ, ବିହିତ କର୍ମ ଉପରେ ଆରୂଢ ହେବା କର୍ମ ଯୋଗର ମୂଳ ତତ୍ତ୍ୱ । ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି ହେ କୁନ୍ତିପୁତ୍ର ! ତୁମ୍ଭେ ଉଠ ଏବଂ ଯୁଦ୍ଧ କରିବାନେଇ ଦୃଢ ସଂକଳ୍ପ କର । କାରଣ ଯୁଦ୍ଧରେ ଜିତିବା କିମ୍ବା ହାରିବା ଉଭୟ ତୁମ୍ଭପାଇଁ ସମାନ । ଯୁଦ୍ଧରେ ହାରି ପ୍ରାଣତ୍ୟାଗ କଲେ ସ୍ୱର୍ଗପୁର ଯାଇ ଦେବତ୍ୱ ପ୍ରାପ୍ତ ହେବ । ସ୍ୱର୍ଗଭୋଗ କାମନାକରି ରାଜା ମହାରାଜମାନେ ଜୀବିତ କାଳରେ ବିଶେଷ ଯଜ୍ଞ ମାନ ଅନୁଷ୍ଠାନ କରିଥାନ୍ତି । କିନ୍ତୁ ବୀରଗତି ପ୍ରାପ୍ତ ହୋଇ ତୁମ୍ଭକୁ ଏହା ଲବ୍ଧ ହେବ । ସେହିପରି ଯୁଦ୍ଧରେ ଜିତିଲେ ସର୍ବସ୍ୱ ମହାମହିତ୍ୱ ପ୍ରାପ୍ତହୋଇ ତୁମ୍ଭେ ନିଷ୍କଣ୍ଟକ ରାଜ୍ୟସୁଖ ଭୋଗ କରିବ । ତେଣୁ , ଏହି ଧର୍ମଯୁଦ୍ଧର ଯେ' କୌଣସି ନିର୍ଣ୍ଣୟ ତୁମ୍ଭପାଇଁ ସ୍ୱାଗତ ଯୋଗ୍ୟ । ଏହି ବିଚାରରେ ଯୁଦ୍ଧ କରିବାକୁ ଦୃଢପଣ ହୋଇ ଅମ୍ଳିକମ୍ଭେ ଜାଗ୍ରତ ହୋଇଉଠ ।

**ସୁଖଦୁଃଖେ ସମେ କୃତ୍ୱା ଲାଭାଲାଭୌ ଜୟାଜୟୌ ।**

**ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ ନୈବଂ ପାପମବାପ୍ ସ୍ୟସି ॥ ୩୮ ॥**

*ଅନ୍ୱୟ : ଜୟାଜୟୌ (ଜୟ ପରାଜୟକୁ) ଲାଭଲାଭୌ (ପ୍ରାପ୍ତ ହେବା ଆଉ ହରାଇବାକୁ ) ସୁଖଦୁଃଖେ (ସୁଖ ଆଉ ଦୁଃଖକୁ ) ସମେ କୃତ୍ୱା ( ସମାନ ଭାବରେ ବୋଧକରି )ତତଃ (ତା'ପରେ ) ଯୁଦ୍ଧାୟ (ଯୁଦ୍ଧ ନିମିତ୍ତ ) ଯୁଜ୍ୟସ୍ୱ ( ଯୁଦ୍ଧରେ ପ୍ରବୃତ୍ତ ହୋଇ ) ଏବମ୍ (ଏହିପରି ଭାବରେଯୁଦ୍ଧ କଲେ )ପାପମ୍ ( ପାପକୁ) ନ ଅବାପ୍ ସ୍ୟସି( ଅର୍ଜନ କରିବ ନାହିଁ )।*

ଭାବାର୍ଥ : ଯୁଦ୍ଧରେ ଗୋଟିଏ ପକ୍ଷର ଜିତା ହେଲେ ଅନ୍ୟ ପକ୍ଷର ହାର ହୋଇଥାଏ। ଜିତିଥିବା ପକ୍ଷକୁ ଧନ, ମାନ ପ୍ରାପ୍ତ ହୋଇଥାଏ ଓ ପରାଜିତ ପକ୍ଷକୁ ଧନ , ସମ୍ମାନ ସଙ୍ଗେ ସଙ୍ଗେ ବହୁ ମୂଲ୍ୟବାନ ଜୀବନ ହରାଇବାକୁ ପଡିଥାଏ । ବିଜୟ ଉଲ୍ଲାସରେ ଗୋଟିଏ ପକ୍ଷ ଉତ୍ ଫୁଲିତ ଥିଲାବେଳେ ଅନ୍ୟ ପକ୍ଷ ଦୁଃଖରେ ଭାଙ୍ଗି ପଡିଥାନ୍ତି । ଯୁଦ୍ଧରେ ଜିତ୍ ଆଉ ହାର୍ ମଧ୍ୟରୁ କୌଣସି ଏକ ନିର୍ଣ୍ଣୟ ଉଭୟ ପକ୍ଷକୁ ପ୍ରାପ୍ତହେବ ହିଁ ହେବ । ଯୁଦ୍ଧକର୍ମରେ ହିଂସା ଆଚରଣ ଥିଲେ ମଧ୍ୟ ଏହା ପାପକର୍ମ ନୁହେଁ । କିନ୍ତୁ ଯୁଦ୍ଧର ଆଭିମୁଖ୍ୟକୁ ନେଇ ଯୁଦ୍ଧକୁ ଧର୍ମ ଯୁଦ୍ଧ କିମ୍ବା ଅଧର୍ମ ଯୁଦ୍ଧ ରୂପେ ବିଚାର କରାଯାଇଥାଏ । ଧର୍ମ, ନ୍ୟାୟର ପ୍ରତିଷ୍ଠା ପାଇଁ, ରାଷ୍ଟ୍ରର ହିତ ଓ ସୁରକ୍ଷା ପାଇଁ ହେଉଥିବା ଯୁଦ୍ଧ ଧର୍ମ ଯୁଦ୍ଧ । ଦମ୍ଭ, ଅହଂକାରର ବଶୀଭୂତ ହୋଇ , ପରସ୍ୱ ଅପହରଣ ,ଦୁର୍ବଳ ଉପରେ ଅତ୍ୟାଚାର ଲକ୍ଷନେଇ ହେଉଥିବା ଯୁଦ୍ଧ ଅଧର୍ମ ଯୁଦ୍ଧ । ଧର୍ମ ଯୁଦ୍ଧକୁ ସାମନା କରିବା କ୍ଷତ୍ରିୟ ପାଇଁ ବିହିତ କର୍ମ । ତେଣୁ କ୍ଷତ୍ରିୟ କେବେହେଲେ ଯୁଦ୍ଧରେ ଜିତିବା କିମ୍ବା ହାରିବାର ପରିଣାମକୁ ଦୃଷ୍ଟିରେ ରଖି ଯୁଦ୍ଧରେ ପ୍ରବୃତ୍ତ ହେବାର କିମ୍ବା ନିବୃତ୍ତ ହେବାର ନିଷ୍ପତ୍ତି ନେଇ ନ'ଥାଏ । ଧର୍ମଯୁଦ୍ଧରେ ହେଉଥିବା ହିଂସା ଆଚରଣରେ ପାପ ଅର୍ଜନ ହୁଏନାହିଁ । ଏହି ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କର୍ମଯୋଗ ତତ୍ତ୍ୱର ଉପଦେଶ ଦେବାର ଆରମ୍ଭ କରିଛନ୍ତି । କର୍ମ କେବେ ପାପ ନୁହଁ, ମାତ୍ର କର୍ମର ଅନ୍ତରାଳରେ ବାସନା ଓ କର୍ମଫଳ ପ୍ରତି ତୀବ୍ର ଆସକ୍ତି ପାପର କାରଣ ହୋଇଥାଏ । ପରିଣାମକୁ ଭୟକରି କର୍ତ୍ତବ୍ୟ କର୍ମକୁ ଛାଡି ପଳାୟନ କରିବା ଖାଲି ଅଧର୍ମ ନୁହେଁ, ଏହା ଘୋର ପାପ ମଧ୍ୟ ।

**ଏଷା ତେଅଭିହିତା ସାଙ୍ଖ୍ୟେ ବୁଦ୍ଧିର୍ଯୋଗେ ତ୍ୱିମାଂ ଶ୍ରୁଣୁ ।**

**ବୁଦ୍ଧ୍ୟା ଯୁକ୍ତୋ ଯୟା ପାର୍ଥ କର୍ମବନ୍ଧଂ ପ୍ରହାସ୍ୟସି ॥ ୩୯ ॥**

*ଅନ୍ୱୟ :ପାର୍ଥ ( ହେ ପାର୍ଥ !) ଏଷା (ଏହି ) ବୁଦ୍ଧିଃ (ସମତା ବୁଦ୍ଧି ) ତେ (ତୁମ୍ଭପାଇଁ ପ୍ରଥମେ ) ସାଙ୍ଖ୍ୟେ (ସାଙ୍ଖ୍ୟ ଯୋଗରେ ) ଅଭିହିତା (କୁହାଗଲା ) ତୁ (ଏବଂ ) ଇମାମ୍ ( ଏବେ ଏହାକୁ ) ଯୋଗେ ( କର୍ମଯୋଗ ପ୍ରସଙ୍ଗରେ ) ଶୃଣୁ (ଶୁଣ ) ଯୟା (ଯେଉଁ ) ବୁଦ୍ଧ୍ୟା (ସମ ବୁଦ୍ଧିରେ ) ଯୁକ୍ତ (ଯୁକ୍ତ ହୋଇ ) କର୍ମବନ୍ଧ ( କର୍ମ ବନ୍ଧନ) ପ୍ରହାସ୍ୟସି ( ତ୍ୟାଗ କରିହେବ ) ।*

**ଭାବାର୍ଥ** :ଏହି ଅଧ୍ୟାୟର ୧୧ ଶ୍ଳୋକଠାରୁ ୩୦ ଶ୍ଳୋକ ପର୍ଯ୍ୟନ୍ତ ସାଙ୍ଖ୍ୟ ସାଧନ ବିଷୟ ବୁଝାଇ ସାରିବାପରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଦ୍ଧିଯୋଗ ବା କର୍ମଯୋଗ ପ୍ରସଙ୍ଗ ଉପରେ ଉପଦେଶ ଦେବାର ଆରମ୍ଭ କରିଛନ୍ତି । ଏକ ପରମାତ୍ମା ହିଁ ସର୍ବତ୍ର ବିଦ୍ୟମାନ । ଏହି "ଏକ" ସଂଖ୍ୟା ଦ୍ୱାରା ଯେଉଁ ପରମାର୍ଥ ତତ୍ତ୍ୱକୁ ସୂଚିତ କରାଯାଇଛି ତାହା ହେଉଛି ସାଙ୍ଖ୍ୟ ଦର୍ଶନ । ଏହାର ପ୍ରକୃତ ସ୍ୱରୂପକୁ ଅନୁଭବ କରିବା ହେଉଛି ସାଙ୍ଖ୍ୟ ସାଧନା । ଆତ୍ମା ଅନାତ୍ମାର ଭେଦକୁ ବିଚାର କରିବା ହେଉଛି

**ସାଙ୍ଖ୍ୟ ବୁଦ୍ଧି । ଶରୀର –ଶରୀରୀ ତତ୍ତ୍ୱକୁ ଜାଣି ବୁଦ୍ଧି ସ୍ତରରେ ଶରୀର ସହିତ ସମ୍ବନ୍ଧ ବିଚ୍ଛେଦକରି ସମତାରେ ସ୍ଥିତ ହେବା ହେଉଛି ସାଙ୍ଖ୍ୟ ଯୋଗ । ଆତ୍ମା ଆଉ ଶରୀର ସମ୍ବନ୍ଧରେ ଯଥାଯଥ ବିବେକ ହୋଇଗଲେ ସମତାର ସ୍ଥିତି ଅନ୍ତଃକରଣରେ ସ୍ୱତଃ ଅନୁଭୂତ ହୁଏ । ବୁଦ୍ଧି ଆତ୍ମାରୁ ହଟି ଦେହାଭିମାନର ଆଶ୍ରିତ ହେଲେ ବିସମତା ଆସେ । ସାଙ୍ଖ୍ୟ ଯୋଗରେ ଏହି ପ୍ରକାର ସମ ବୁଦ୍ଧିର ବର୍ଣ୍ଣନା ହୋଇଛି । ଅର୍ଜୁନ ପାପ-ପୂଣ୍ୟ, କର୍ତ୍ତବ୍ୟ-ଅକର୍ତ୍ତବ୍ୟର ଦ୍ୱନ୍ଦ୍ୱରେ ପଡି ଏବଂ ଭାଇ,ବନ୍ଧୁ,କୁଟୁମ୍ବ ପ୍ରତି ମମତ୍ୱ କାରଣରୁ ଯେଉଁ ମୋହଭାବ ରହିଛି, ସେଥି ନିମନ୍ତେ ଯୁଦ୍ଧ କରିବେ ନାହିଁ ବୋଲି ନିଷ୍ପତ୍ତି କରିଛନ୍ତି । ଭୀଷ୍ମ, ଦ୍ରୋଣ ଭଳି ଗୁରୁଜନ ଏବଂ ଆତ୍ମୀୟସ୍ୱଜନଙ୍କୁ ନିଧନ କରି ରାଜ୍ୟଭୋଗ କରିବା କେବଳ ପୀଡାଦାୟକ ନୁହେଁ, ଏହା ଘୋର ପାପ ମଧ୍ୟ ବିଚାର କରୁଛନ୍ତି । ସାଙ୍ଖ୍ୟ ବୁଦ୍ଧି ରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ଯେ' ଯେଉଁ ଆତ୍ମୀୟ ମାନଙ୍କ ପ୍ରାଣନାଶ ପାଇଁ ତୁମେ ଶୋକ କରୁଛ, ସେମାନଙ୍କର ଆତ୍ମାର କେବେ ମୃତ୍ୟୁ ହେବନାହିଁ । ଆତ୍ମ ନିତ୍ୟ, ଶାଶ୍ୱତ ଆଉ ସନାତନ । ଶରୀର କେବେ ଅବିନାଶୀ ହୋଇ ରହିବ ନାହିଁ । ନିଶ୍ଚିତଭାବେ ଶରୀରର ଅନ୍ତ ହେବ । ସେଥିପାଇଁ ଶୋକ କରିବାର କଣ ଅଛି ? ଯୋଗବୁଦ୍ଧି ସବୁ ପରିସ୍ଥିତିରେ ସମତା ସ୍ଥିତିକୁ ବୁଝାଏ। ଏହି ବୁଦ୍ଧିଯୋଗର ବ୍ୟକ୍ତି କର୍ମବନ୍ଧନରୁ ମୁକ୍ତି ପାଇଥାଏ । ଭଗବାନ କର୍ମଯୋଗରେ ଏହି ସମବୁଦ୍ଧି କିପରି ପ୍ରାପ୍ତହୁଏ, ଏହାର ସ୍ୱରୂପ କଣ ,ଏହାର ସାଧନ କି ପ୍ରକାରର , ଏହାକୁ ଅର୍ଜୁନଙ୍କୁ ଶୁଣିବାକୁ କହୁଛନ୍ତି। ୩୧ ଶ୍ଲୋକଠାରୁ ୩୮ ଶ୍ଲୋକ ପର୍ଯ୍ୟନ୍ତ, ଏହି ସମବୁଦ୍ଧି ଯୁକ୍ତ କର୍ମଯୋଗ ବିଷୟ କହିବା ପୂର୍ବରୁ ନିୟତ କର୍ମ କଣ, ବିହିତ କର୍ମ କଣ , ଯୁଦ୍ଧ କରିବା କର୍ତ୍ତବ୍ୟ ନା ଯୁଦ୍ଧ ନ'କରିବା କର୍ତ୍ତବ୍ୟ, ଏସବୁ ପ୍ରସଙ୍ଗ ବୁଝାଇଛନ୍ତି । ପ୍ରାରବ୍ଧର ଭୋଗ ଓ ପୁରୁଷାର୍ଥ ଦ୍ୱାରା ସାଧନ କରି ଜୀବାତ୍ମାର ମୋକ୍ଷ ପାଇଁ ମନୁଷ୍ୟ ଶରୀର ପ୍ରାପ୍ତ ହୋଇଛି । ମନୁଷ୍ୟ ବ୍ୟତୀତ ଅନ୍ୟ ସମସ୍ତ ଜୀବର ଶରୀର କେବଳ ଅଦୃଷ୍ଟର ଭୋଗ ନିମିତ୍ତ ପ୍ରାପ୍ତ ହୋଇଥାଏ। ତେଣୁ ମନୁଷ୍ୟ ଶରୀରରେ ହିଁ କେବଳ କର୍ମ ପ୍ରବୃତ୍ତି ଥାଏ। ଏହି କର୍ମ ପ୍ରବୃତ୍ତିରେ କର୍ତ୍ତବ୍ୟ-ଅକର୍ତ୍ତବ୍ୟ କର୍ମ ଜାଣି , ନିଷିଦ୍ଧ କର୍ମକୁ ତ୍ୟାଗକରି, କର୍ତ୍ତବ୍ୟ କର୍ମକୁ ନିଷ୍ଠାର ସହିତ ପାଳନ କରି, ଫଳ ଉପରେ ଆଶା ନ'ରଖି ,ସବୁ ପରିସ୍ଥିତିରେ ସମତାରେ ସ୍ଥିତ ରହିବା ହେଉଛି କର୍ମଯୋଗ । କର୍ତ୍ତବ୍ୟ କର୍ମ ନ'କରିବା ମଧ୍ୟ ନିଷିଦ୍ଧ କର୍ମର ଅନ୍ତର୍ଗତ । କର୍ମ ଓ କର୍ମଫଳରେ ଆସକ୍ତି ଥିଲେ ସମତା ପ୍ରାପ୍ତ ହୁଏନାହିଁ । ନିଜର ଇନ୍ଦ୍ରିୟ ତୃପ୍ତିକୁ ପରିତ୍ୟାଗ କରି ,ଅନ୍ୟର ହିତ ,ରାଷ୍ଟ୍ରର ହିତ ନିମିତ୍ତ ସେବା ବୁଦ୍ଧିରେ ସମସ୍ତ କର୍ମ କର୍ତ୍ତବ୍ୟ କର୍ମ । କର୍ତ୍ତବ୍ୟ କର୍ମ ପାଳନ କଲେ ସ୍ୱତଃଯୋଗ ପ୍ରାପ୍ତି ହୋଇଥାଏ ।**

**ନେହାଭିକ୍ରମନାଶୋଽସ୍ତି ପ୍ରତ୍ୟବାୟୋ ନ ବିଦ୍ୟତେ ।**
**ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ ॥ ୪୦ ॥**

*ଅନ୍ୱୟ : ଇହ (ଏହି ମନୁଷ୍ୟ ଲୋକରେ) ଅସ୍ୟ ଧର୍ମସ୍ୟ (ଏହି ସମବୁଦ୍ଧି ରୂପକ ଧର୍ମର)ଅଭିକ୍ରମ (ପ୍ରଚେଷ୍ଟାର ) ନାଶଃ ( ନଷ୍ଟ ହେବାର ) ନ ଅସ୍ତି ( ନାହିଁ ) ପ୍ରତ୍ୟବାୟୋ ( ବିପରୀତ ଫଳ ) ନ ବିଦ୍ୟତେ (ନ ଥାଏ)। ସ୍ୱଳ୍ପମ୍ ଅପି ( ଅଳ୍ପ ମାତ୍ରାର ପ୍ରଚେଷ୍ଟା ମଧ୍ୟ ) ମହତୋ ଭୟାତ୍ (ମହାନ୍ ଭୟରୁ ଅର୍ଥାତ୍ ଜନ୍ମ- ମୃତ୍ୟୁ ଭୟରୁ ) ତ୍ରାୟତେ (ମୁକ୍ତ କରିଦିଏ।)*

**ଭାବାର୍ଥ** :କର୍ମଯୋଗର ମୂଳତତ୍ତ୍ୱ ହେଲା ସମବୁଦ୍ଧି ବା ସମତାରେ ସ୍ଥିତ । ଏହି ସମତା ଦୁଇ ପ୍ରକାରର : ଗୋଟିଏ ଅନ୍ତଃକରଣର ସମତା,ଅନ୍ୟଟି ହେଲା ବାହ୍ୟ ସ୍ୱରୂପର ସମତା । ବାହ୍ୟ ସମତା ହେଲା ସର୍ବ ବ୍ରହ୍ମମୟ ସ୍ୱରୂପର ଅନୁଭବତା । ଅନ୍ତଃକରଣରେ ସମତା ହେଲା , କାର୍ଯ୍ୟର ସିଦ୍ଧି ଅସିଦ୍ଧିରେ ଅସ୍ଥିରତା ଅନୁଭୂତ ହୁଏନାହିଁ କି' କାର୍ଯ୍ୟର ପରିଣାମରେ ରାଗ-ଦ୍ୱେଷର ବିସମତା ରହେନାହିଁ । ବାହ୍ୟ ସ୍ୱରୂପରେ ସମତା ପ୍ରାପ୍ତି ହେଉଛି ସମତାର ସର୍ବଶେଷ ସ୍ଥିତି । ପରମାତ୍ମାଙ୍କ ସେହି ସମତା ସ୍ୱରୂପରେ ଯିଏ ସ୍ଥିତ ହୋଇଗଲା , ସେ ଜୀବନମୁକ୍ତ ହୋଇଗଲା । ଅନ୍ତଃକରଣର ସମତା ପ୍ରାପ୍ତ ପରେ ହିଁ ଏହା ପ୍ରାପ୍ତ ହୋଇଥାଏ । ଏହି ମନୁଷ୍ୟଲୋକରେ ସମତା ପ୍ରାପ୍ତିର ସାଧନା ନିମନ୍ତେ ଥରେ ଉତ୍କଣ୍ଠା ଜାଗ୍ରତ ହେଲେ ତାହା ନାଶ ହୁଏନାହିଁ । ଏହି ସାଧନା କୌଣସି ଜନ୍ମରେ ଅସମ୍ପୂର୍ଣ୍ଣହୋଇ ରହିଲେ ମଧ୍ୟ, ଏହାର ବିପରୀତ ଅକଲ୍ୟାଣକର ଫଳ ପ୍ରାପ୍ତ ହୁଏନାହିଁ । ବରଂ ପରବର୍ତ୍ତୀ ଜନ୍ମରେ ସାଧନ ସଂପୂର୍ଣ୍ଣ ନିମିତ୍ତ ଅନୁକୂଳ ବାତାବରଣ ଲବ୍ଧ ହେବାରେ ସହାୟକ ହୋଇଥାଏ । ଏହି ସମବୁଦ୍ଧି ଅନୁଷ୍ଠାନ କରିବାକୁ ପ୍ରୟାସକରି, ସ୍ୱଳ୍ପମାତ୍ରାରେ ବି ଅନ୍ତଃକରଣରେ ସମଭାବ ଜାଗ୍ରତ ହେଲେ, ଜନ୍ମ ମରଣ ଭଳି ମହାଭୟରୁ ସାମୟିକ ଭାବେ ମୁକ୍ତି ମିଳିଥାଏ। ଅନ୍ତଃକରଣରେ ସମତା ଆସିଗଲେ , ପ୍ରକୃତିର ତ୍ରିଗୁଣ ସହିତ କାର୍ଯ୍ୟଧାରାର ସମ୍ବନ୍ଧ ରହେନାହିଁ । ଫଳରେ କର୍ମ ବନ୍ଧନର କାରଣ ହୁଏନାହିଁ । ଫଳ ଇଚ୍ଛାକରି ଯଜ୍ଞ,ଦାନ, ତପ, ବ୍ରତ ଆଦି ଶୁଭକର୍ମ ଅନୁଷ୍ଠାନ କଲେ , ସେ ସବୁ କର୍ମ ଈପ୍ସିତ ଫଳଦେଇ ନଷ୍ଟ ହୋଇଯାନ୍ତି । କିନ୍ତୁ ସାଧନ କରି ଅନ୍ତଃକରଣରେ ସାମାନ୍ୟ ସମତା ବା ନିର୍ବିକାରତା ଭାବ ଆସିଗଲେ, ତାହା ଜନ୍ମ ଜନ୍ମ ଧରି ନଷ୍ଟ ହୁଏନାହିଁ । ସମତା ପ୍ରାପ୍ତ ସାଧନର ସାମାନ୍ୟ ମାତ୍ର ପ୍ରଚେଷ୍ଟା ନିଷ୍ଫଳ ହୁଏନାହିଁ । ସକାମ କର୍ମ ଅନୁଷ୍ଠାନରେ ସମତା ପ୍ରାପ୍ତ ହୁଏନାହିଁ । କାରଣ ଫଳ ଇଚ୍ଛା ଥିବା ପର୍ଯ୍ୟନ୍ତ ସମତା ଆସେନାହିଁ , ସମତା ଆସିଲେ ଫଳାଇଚ୍ଛା ରହେନାହିଁ । ନିଜ ବର୍ଣ୍ଣାଶ୍ରମ ଅନୁଯାଇ ନିଷ୍ଠାର ସହିତ କର୍ତ୍ତବ୍ୟକର୍ମ ଓ ସଂସାରର ସକଳ ପ୍ରଣୀର ହିତକୁ ଦୃଷ୍ଟିରେ ରଖି ନିଷ୍କାମ କର୍ମ ଅନୁଷ୍ଠାନ କଲେ, ସମତା ରୂପକ ଧର୍ମ ସ୍ୱତଃ ପ୍ରାପ୍ତ ହୋଇଥାଏ, କାରଣ ସମତା ହେଉଛି ଆତ୍ମାର ସ୍ୱରୂପ ।

**ବ୍ୟବସାୟାତ୍ମିକା ବୁଦ୍ଧିରେକେହ କୁରୁନନ୍ଦନ ।**

**ବହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋଅବ୍ୟବସାୟିନାମ୍ ॥ ୪୧ ॥**

*ଅନ୍ୱୟ :କୁରୁନନ୍ଦନ (ହେ କୁରୁନନ୍ଦନ !) ଇହ (ସମବୁଦ୍ଧି ପ୍ରାପ୍ତି ବିଷୟରେ ) ବ୍ୟବସାୟାତ୍ମିକା(ନିଶ୍ଚୟାତ୍ମିକା ) ବୁଦ୍ଧିଃ (ବୁଦ୍ଧି ) ଏକା (ଏକନିଷ୍ଠ ) ହୋଇଥାଏ । ଅବ୍ୟବସାୟିନାମ୍ ( ଅନିଶ୍ଚିତ ବିଚାରଯୁକ୍ତ ସକାମ ମନୁଷ୍ୟଙ୍କର ) ବୁଦ୍ଧୟଃ (ବୁଦ୍ଧିବିଚାର ) ଅନନ୍ତାଃ (ଅନନ୍ତ) ଚ (ଓ) ବହୁଶାଖା (ବହୁଶାଖା ବିଶିଷ୍ଟ ) ହି ( ହିଁ ହୋଇଥାଏ)।*

**ଭାବାର୍ଥ** : ଯୋଗବୁଦ୍ଧିର ମାର୍ଗରେ ଏକ ନିଶ୍ଚୟାତ୍ମିକା ବୁଦ୍ଧିର ଆବଶ୍ୟକତା ରହିଛି । ଅଲଗା ଅଲଗା ବୁଦ୍ଧିର ଆବଶ୍ୟକତା ନାହିଁ । ବୁଦ୍ଧି ଏକହେବା ସର୍ବୋତ୍ତମ ଏବଂ କର୍ମଯୋଗ ଅନୁଷ୍ଠାନ ନିମନ୍ତେ ପ୍ରୟୋଜନୀୟ । ଅନେକ ବୁଦ୍ଧି ସଂଶୟ ସୃଷ୍ଟି କରିବାର କାରଣ ହୋଇଥାଏ । "ନିଷ୍ଠାର ସହିତ ନିଷ୍କାମ କର୍ତ୍ତବ୍ୟ କର୍ମ ଅନୁଷ୍ଠାନରେ ସମତା ପ୍ରାପ୍ତିହେବ" ଏହି ସିଦ୍ଧାନ୍ତକୁ ବୁଦ୍ଧି ସ୍ତରରେ ଦୃଢଭାବରେ ସ୍ଥିରକରି ରଖିବା ହେଉଛି ବ୍ୟବସାୟାତ୍ମିକା ବୁଦ୍ଧି । ଏହି ପ୍ରକାର ନିଶ୍ଚୟାତ୍ମିକା

ବୁଦ୍ଧି ଏକନିଷ୍ଠ ଭାବେ ବର୍ତ୍ତମାନ ହେଲେ ,ବୁଦ୍ଧିରେ ଚଞ୍ଚଳତା ରହେନାହିଁ । ଏହି ନିଶ୍ଚୟାତ୍ମିକା ବୁଦ୍ଧିର ସମତାପ୍ରାପ୍ତି ହିଁ ଏକମାତ୍ର ଲକ୍ଷ ହୋଇଥାଏ। ଏହା ମନ ଦ୍ୱାରା ଟାଣି ନହୋଇ ସ୍ୱତନ୍ତ୍ରଭାବେ ଆତ୍ମାଭିମୁଖୀ ହୋଇ ରହେ । ବ୍ୟବସାୟାତ୍ମିକା ବୁଦ୍ଧି ଆତ୍ମାର କୌଣସି ନା' କୌଣସି ସ୍ୱରୂପର ପ୍ରତିବିମ୍ବକୁ ଧାରଣ କରିବାରେ ସମର୍ଥ ହୋଇଥାଏ । ଫଳ ଇଛାରଖି ସକାମ କର୍ମରେ ପ୍ରବୃତ୍ତ ହେବା , କାମନା ଓ ବାସନା ଯୁକ୍ତ ମନର ଅନୁଗମନ କରିବା ହେଉଛି ଅନିଶ୍ଚିତାତ୍ମିକ ବୁଦ୍ଧି । ଯାହାଙ୍କ ଅନ୍ତଃକରଣରେ ସକାମ ଭାବ ରହିଥାଏ ,ଆଉ ଯିଏ ଇନ୍ଦ୍ରିୟ ତୃପ୍ତି ଓ ସଂଗ୍ରହରେ ଆସକ୍ତ , ସେମାନେ ଅବ୍ୟବସାୟୀ । ଅନେକ ବାସନାକୁ ଚରିତାର୍ଥ କରିବାକୁ ଯାଇ ,ଏହି ମନୁଷ୍ୟ ମାନଙ୍କର ବୁଦ୍ଧି ଅନନ୍ତ ହୁଏ ଏବଂ ସେହି ବୁଦ୍ଧି ଗୁଡିକ ମଧ ଅନନ୍ତ ଶାଖା ବିଶିଷ୍ଟ ହୋଇଥାନ୍ତି । ଯେପରି ପ୍ରଥମେ ଇନ୍ଦ୍ରିୟ ତୃପ୍ତି, ଇନ୍ଦ୍ରିୟ ତୃପ୍ତିରୁ ଧନ ଅର୍ଜନ , ଧନ ଉପାର୍ଜନରୁ ଇନ୍ଦ୍ରିୟ ଭୋଗ , ତା'ପରେ ମାନ, ଯଶ, ପ୍ରତିଷ୍ଠା , ରାଜ୍ୟ ଏହିପରି ଅନେକ ବାସନାର ଚରିତାର୍ଥରେ ବହୁ ଶାଖା ବିଶିଷ୍ଟ ବୁଦ୍ଧିମାନେ ଲାଗି ପଡିଥାନ୍ତି ।

ଯାମିମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତ୍ୟବିପଶ୍ଚିତଃ ।
ବେଦବାଦରତାଃ ପାର୍ଥ ନାନ୍ୟଦସ୍ତୀତି ବାଦିନଃ ॥ ୪୨ ॥
କାମାତ୍ମାନଃ ସ୍ୱର୍ଗପରା ଜନ୍ମକର୍ମଫଳପ୍ରଦାମ୍ ।
କ୍ରିୟାବିଶେଷବହୁଳାଂ ଭୋଗୈଶ୍ୱର୍ଯ୍ୟଗତିଂ ପ୍ରତି ॥ ୪୩ ॥
ଭୋଗୈଶ୍ୱର୍ଯ୍ୟପ୍ରସକ୍ତାନାଂ ତୟାପହୃତ ଚେତସାମ୍ ।
ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ ॥ ୪୪ ॥

*ଅନ୍ୱୟ: ପାର୍ଥ ( ହେ ଅର୍ଜୁନ !) ବେଦବାଦରତାଃ (ବେଦ ବର୍ଣ୍ଣିତ ସକାମ କର୍ମରେ ପ୍ରୀତି ରଖିଥିବା ) କାମାତ୍ମାନଃ (ଯାହାର ଅନ୍ତଃକରଣ କାମନାରେ ତନ୍ମୟ ହୋଇଛି- ଯିଏ କାମନାକୁ ନିଜ ସ୍ୱରୂପ ବୋଲି ମାନିଅଛି ) ସ୍ୱର୍ଗପରା (ସ୍ୱର୍ଗ ହିଁ ସର୍ବଶ୍ରେଷ୍ଠ ଆଉ ପରମ ପ୍ରାପ୍ୟ ବସ୍ତୁ) ଜନ୍ମକର୍ମଫଳପ୍ରଦାମ୍ ( ସକାମ କର୍ମ , ଉଚ୍ଚଜନ୍ମ ଆଦି ଫଳ ପ୍ରଦାନକାରୀ ) ଭୋଗୈଶ୍ୱର୍ଯ୍ୟଗତିଂ ପ୍ରତି (ଭୋଗ ଓ ଐଶ୍ୱର୍ଯ୍ୟ ପ୍ରାପ୍ତି ପାଇଁ ) କ୍ରିୟାବିଶେଷବହୁଳାଂ( ବିଭିନ୍ନପ୍ରକାର ଆଡମ୍ବରପୂର୍ଣ୍ଣ କ୍ରିୟାର ଅନୁଷ୍ଠାନ ) ଅନ୍ୟତ୍ ( ଅନ୍ୟକିଛି-ଭୋଗ ବ୍ୟତୀତ ) ନ, ଅସ୍ତି ଇତି ( ନାହିଁ ବୋଲି )ବାଦିନଃ (କହୁଥିବା ) ଅ ବିପଶ୍ଚିତଃ (ସେହି ଅବିବେକୀ ମନୁଷ୍ୟମାନେ ) ଇମାମ୍ (ଏହି ପ୍ରକାରର) ଯାମ୍ (ଯେଉଁ) ପୁଷ୍ପିତାମ୍ (ପୁଷ୍ପିତ ଅର୍ଥାତ୍ ଯାହା ଦେଖିବାକୁ ଖାଲି ଶୋଭାଯୁକ୍ତ କିନ୍ତୁ କାର୍ଯ୍ୟରେ ଲାଗେନାହିଁ ) ବାଚମ୍ (ବାଣୀ -ଏଠାରେ ଅର୍ଥ ହେଉଛି :ଯାହା ଶୁଣିବାକୁ ଚିତ୍ତାକର୍ଷକ ମାତ୍ର କଲ୍ୟାଣକର ନୁହେଁ ) ପ୍ରବଦନ୍ତି (କହନ୍ତି ) ତୟା (ସେହି ପୁଷ୍ପିତ ବାଣୀଦ୍ୱାରା )ଅପହୃତ ଚେତସାମ୍ ( ଯାହାର ଅନ୍ତଃକରଣ ଭ୍ରମିତ ହୋଇଅଛି ) ଭୋଗୈଶ୍ୱର୍ଯ୍ୟପ୍ରସକ୍ତାନାମ୍ ( ଭୋଗ ଏବଂ ଐଶ୍ୱର୍ଯ୍ୟରେ ଅତ୍ୟନ୍ତ ଆସକ୍ତ ) ସମାଧୌ ( ପରମାତ୍ମା ତତ୍ତ୍ୱରେ ଐକ୍ୟ ଭାବ ) ବ୍ୟବସାୟାତ୍ମିକା ବୁଦ୍ଧିଃ (ଏକ ନିଶ୍ଚୟାତ୍ମିକା ବୁଦ୍ଧି ) ନ ବିଧୀୟତେ ( ପ୍ରାପ୍ତ ହୁଏନାହିଁ )*

**ଭାବାର୍ଥ:** ଶ୍ରୀ ଭଗବାନ ଉପର ତିନିଗୋଟି ଶ୍ଳୋକରେ ବେଦର କର୍ମକାଣ୍ଡରେ ବର୍ଣ୍ଣିତ ହୋଇଥିବା ସକାମ ଯଜ୍ଞାଦି ଶୁଭକର୍ମର ଅନୁଷ୍ଠାନ କିପରି ଅଜ୍ଞାନୀଙ୍କ ଅନ୍ତଃକରଣରେ ଅନୁରାଗ ସୃଷ୍ଟିକରେ ଏବଂ ଏହା ନିଶ୍ଚୟାତ୍ମିକ ବୁଦ୍ଧି ପ୍ରାପ୍ତିରେ ପ୍ରତିବନ୍ଧକ ହୋଇଥାଏ, ତାହା ଉପସ୍ଥାପନ କରିଛନ୍ତି । ବେଦରେ ଦୁଇଗୋଟି କାଣ୍ଡ ,ଜ୍ଞାନ କାଣ୍ଡ ଏବଂ କର୍ମକାଣ୍ଡ । ଜ୍ଞାନ କାଣ୍ଡର ଆରଣ୍ୟକ ଓ ଉପନିଷଦ୍ ଦୁଇଟି ଭାଗ, ସେହିପରି କର୍ମକାଣ୍ଡର ସଂହିତା ଓ ବ୍ରାହ୍ମଣ ଦୁଇଟି ଭାଗ । କର୍ମକାଣ୍ଡରେ ବିବିଧ ଯାଗ

ଯଜ୍ଞାଦି ଅନୁଷ୍ଠାନର ବିଧି ଓ ଏହାର ଫଳଶ୍ରୁତି ମଧ୍ୟ ରହିଛି। ଷଡଦର୍ଶନ ଶାସ୍ତ୍ରର ମିଂମାସା ଦର୍ଶନରେ ବର୍ଣ୍ଣିତ ଦୁଇ ମିଂମାସା ହେଉଛି, ପୂର୍ବ ମିଂମାସା ଯାହା କର୍ମମତାବଲମ୍ବୀ ଏବଂ ଉତ୍ତର ମିଂମାସା ଯାହା ଜ୍ଞାନ ମାର୍ଗୀ । ପୂର୍ବ ମିଂମାସା ମତରେ ଯଜ୍ଞାଦି ହିଁ ଏକମାତ୍ର ଧର୍ମ ଓ ସ୍ୱର୍ଗାଦି ଲାଭ ହିଁ ଏକମାତ୍ର ପୁରୁଷାର୍ଥ । ସାଧାରଣ ଲୋକ ଧର୍ମ କାମ କହିଲେ ଈପ୍ସିତ ଫଳପ୍ରାପ୍ତି ପାଇଁ ଯଜ୍ଞ, ଦାନ ,ତପ ବ୍ରତ ଉପବାସ ଆଦିର ଅନୁଷ୍ଠାନକୁ ବୁଝିଥାନ୍ତି। ଭଗବାନ କହିଛନ୍ତି – ଏହିସବୁ କାମ୍ୟ କର୍ମର ଅନୁଷ୍ଠାନରେ ଇନ୍ଦ୍ରିୟ ତୃପ୍ତିର ଆସକ୍ତି ବିଦୂରିତ ହୁଏ ନାହିଁ , ବରଂ ଆହୁରି ବର୍ଦ୍ଧିତ ହୁଏ। ଯାହାର ଅନ୍ତଃକରଣ କାମନାରେ ବୁଡି ରହିଥାଏ, ତାହାର ଚିତ୍ତ ସର୍ବଦା ବିକ୍ଷିପ୍ତ ସ୍ଥିତିରେ ରହେ । ସେହି ଅସ୍ଥିର ବୁଦ୍ଧି କେବେହେଲେ ପରମାତ୍ମତତ୍ତ୍ୱରେ ଏକନିଷ୍ଠ ହୋଇପାରେ ନାହିଁ । ଏକମାତ୍ର ନିଷ୍କାମ କର୍ତ୍ତବ୍ୟ କର୍ମକୁ ନିଷ୍ଠାର ସହିତ ଅନୁଷ୍ଠାନ କଲେ ବୁଦ୍ଧି ଈଶ୍ୱରାଭିମୁଖୀ ହୁଏ ।

ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି , ହେ ଅର୍ଜୁନ! କେତେକ ସକାମୀ ମନୁଷ୍ୟ ଇନ୍ଦ୍ରିୟ ତୃପ୍ତି ହିଁ ଜୀବନର ଲକ୍ଷ ବୋଲି ଧରିନେଇ କାମନାରେ ବୁଡିରହିଥାନ୍ତି ଓ ସକାମ କର୍ମର ଅନୁଷ୍ଠାନରେ ପ୍ରୀତି ରଖି ବେଦରେ ବର୍ଣ୍ଣିତ ବେଦ ବାକ୍ୟକୁ ପ୍ରମାଣ ରୂପେ ଦର୍ଶାଇଥାନ୍ତି । ସେମାନଙ୍କ ବୁଦ୍ଧିରେ ସ୍ୱର୍ଗ ଭୋଗ ହିଁ ପରମ ପ୍ରାପ୍ୟ ବସ୍ତୁ -"ସ୍ୱର୍ଗ ଠାରୁ ବଳି ଅଧିକ ଲଭ୍ୟ ଯୋଗ୍ୟ ବସ୍ତୁ ନାହିଁ" –ଏହି ସବୁ ମତକୁ ଦୃଢଭାବେ ପୋଷଣ କରିଥାନ୍ତି । ସେହି ଅଜ୍ଞାନୀ ଅବିବେକୀ ପୁରୁଷମାନେ ପୁଷ୍ପିତ ବେଦ ବାଣୀକହି ଅର୍ଥାତ୍ ଯାହା ଶୁଣିବାକୁ ଚିତ୍ତାକର୍ଷକ ମାତ୍ର ଅକଲ୍ୟାଣକର, ସେ ସବୁର ପ୍ରସଂଶା କରିଥାନ୍ତି । ଅଜ୍ଞାନୀ ପୁରୁଷ ବାରମ୍ବାର ଜନ୍ମ ନେବାକୁ ,କର୍ମଫଳ ରୂପେ ଭୌତିକ ଭୋଗପ୍ରାପ୍ତ ହେବାକୁ ମହତ୍ତ୍ୱ ଦେଇଥାନ୍ତି । ଅବେବେକୀ ମନୁଷ୍ୟଙ୍କ ବୁଦ୍ଧି ଅନନ୍ତ ଭେଦ ବିଶିଷ୍ଟ ହୋଇଥାଏ। ତେଣୁ ଭୋଗ ଓ ଐଶ୍ୱର୍ଯ୍ୟପ୍ରାପ୍ତି ନିମିତ୍ତ ଏହିମାନଙ୍କ ଦ୍ୱାରା ଅନନ୍ତ କ୍ରିୟା ବିସ୍ତାର ହୋଇଥାଏ। କାମନା ଓ ବାସନାର ଚରିତାର୍ଥ ଉଦ୍ଦେଶ୍ୟରେ ବୁଦ୍ଧି ସବୁବେଳ ଅସ୍ଥିର ହୋଇ ରହେ । ଏହି ଅବିବେକୀ ପୁରୁଷଙ୍କ ବାଣୀରେ ଯେଉଁ ବ୍ୟକ୍ତିର ବୁଦ୍ଧି ପ୍ରଭାବିତ ହୁଏ,ସେ ମଧ୍ୟ କାମନା ବାସନାରେ ମୋହିତ ହୋଇ ତୀବ୍ର ଭାବରେ ଭୋଗ ଐଶ୍ୱର୍ଯ୍ୟ ପ୍ରତି ଆସକ୍ତି ହୋଇଥାନ୍ତି । ଇନ୍ଦ୍ରିୟ ଭୋଗ ଲାଳସାରେ ଚିତ୍ତ ଦୋଷଯୁକ୍ତ ହେଲେ , ମନ ତାର ଏକାଗ୍ରତା ହରାଇବସେ । ଭୋଗ ଓ ସଂଗ୍ରହପ୍ରତି ତଥା ଦମ୍ଭ , ଅହଂକାରରେ ରୁଚି ଥିବା ପର୍ଯ୍ୟନ୍ତ କେହିକେବେ ଏକ ନିଶ୍ଚୟାତ୍ମିକ ବୁଦ୍ଧିରେ ପରମାତ୍ମା ଉପରେ ମନ ଦେଇ ପାରିବ ନାହିଁ। କାରଣ , ଏହି ସକାମ କର୍ମ ପ୍ରବୃତ୍ତିରେ ରୁଚି ରଖୁଥିବା ମନୁଷ୍ୟର ନିଶ୍ଚୟାତ୍ମିକ ବୁଦ୍ଧିର ଅଭାବ ଥାଏ । ସେ କେବେହେଲେ ସମବୁଦ୍ଧି ପ୍ରାପ୍ତି ଯୋଗରେ ତିଷ୍ଠି ରହିପାରେ ନାହିଁ କି ' ସମାଧିସ୍ଥ ସ୍ଥିତିରେ ପହଞ୍ଚି ପାରେ ନାହିଁ।

ତ୍ରୈଗୁଣ୍ୟବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ ।
ନିର୍ଦ୍ୱନ୍ଦ୍ୱୋ ନିତ୍ୟସତ୍ତ୍ୱସ୍ଥୋ ନିର୍ଯୋଗକ୍ଷେମ ଆତ୍ମବାନ୍ ॥ ୪୫ ॥

*ଅନ୍ୱୟ : ବେଦାଃ ( ବେଦସମୂହ ) ତ୍ରୈଗୁଣ୍ୟବିଷୟାଃ ( ତିନିଗୁଣର ବିଷୟକୁ ହିଁ ବର୍ଣ୍ଣନା କରନ୍ତି ) ଅର୍ଜୁନ ( ହେ ଅର୍ଜୁନ !) ନିସ୍ତ୍ରୈଗୁଣ୍ୟଃ (ତ୍ରିଗୁଣାତୀତ ) ଭବ (ହୁଅ ) ନିର୍ଦ୍ୱନ୍ଦ୍ୱଃ (ରାଗ –ଦ୍ୱେଷାଦି ଦ୍ୱନ୍ଦ୍ୱରୁ ରହିତ ହୋଇଯାଅ ) ନିତ୍ୟ –ସତ୍ତ୍ୱସ୍ଥ (ନିତ୍ୟ ସତ୍ତ୍ୱ ପରମାତ୍ମାଙ୍କ ଠାରେ ସ୍ଥିତ ହୋଇଯାଅ ) ନିର୍ଯୋଗକ୍ଷେମ (ସଂଗ୍ରହ ଓ ସୁରକ୍ଷାର ଚିନ୍ତା ତ୍ୟାଗକର )ଆତ୍ମବାନ୍ (ପରମାତ୍ମା ପରାୟଣ ହୋଇଯାଅ )।*

**ଭାବାର୍ଥ :** ବେଦ ତିନିଗୁଣର କାର୍ଯ୍ୟ ରୂପ ସମସ୍ତ ଭୋଗ ଏବଂ ତାହାର ମାର୍ଗକୁ ପ୍ରତିପାଦନ କରେ। ତ୍ରିଗୁଣ ଯୁକ୍ତ ଅଧିକାରୀଙ୍କ ନିମନ୍ତେ ବେଦଶାସ୍ତ୍ର ପ୍ରଣିତ ହୋଇଛି । ତମଗୁଣରୁ ରଜ ଗୁଣକୁ ,ରଜ ଗୁଣରୁ ସତ୍ତ୍ୱ ଗୁଣ ସ୍ତରକୁ ନେଇଯିବା ନିମିତ୍ତ ମାର୍ଗ ଦର୍ଶନ ହେଉଛି ବେଦର କର୍ମକାଣ୍ଡର ବିଷୟ ବସ୍ତୁ। ହେ ଅର୍ଜୁନ ! ତୁମ୍ଭେ ଶାଶ୍ୱତ ସୁଖ ପ୍ରାପ୍ତି ପାଇଁ ,ଆଉ କର୍ମ ବନ୍ଧନରୁ ମୁକ୍ତି ପାଇବା ପାଇଁ , ଏହି ତିନିଗୁଣ ପ୍ରପଞ୍ଚ ସମୁଦାୟକୁ ପାର ହୋଇ ଉପରକୁ ଉଠିଆସ । ତୁମ୍ଭର ଅନ୍ତଃକରଣରୁ ସକାମ କର୍ମ ପ୍ରବୃତ୍ତି ବିଦୂରିତ ହେଲେ , ଚିତ୍ତ ଶୁଦ୍ଧ ହେବ ଏବଂ ତୁମ୍ଭେ ନିଷ୍କାମ କର୍ମଯୋଗ ଅନୁଷ୍ଠାନ କରିବାରେ ସମର୍ଥ ହେବ । ଅନ୍ତଃକରଣ କାମନା ବାସନା ଶୂନ୍ୟ ହେଲାପରେ ତୁମ୍ଭେ ନିର୍ଦ୍ୱନ୍ଦ୍ୱ ହୋଇଯିବ । ପ୍ରକୃତିର ନିୟନ୍ତ୍ରଣରୁ ଉପରକୁ ଉଠିଲେ ,ଅନ୍ତଃକରଣ ସଂସାରର ପରସ୍ପର ବିରୋଧୀ ବିକାର ଯଥା: ସୁଖ-ଦୁଃଖ, ଶୀତ-ଉଷ୍ଣ ,ପ୍ରିୟ-ଅପ୍ରିୟ,ମାନ-ଅପମାନ ଆଦି ଦୋଷରୁ ମୁକ୍ତ ହୋଇଯିବ । ଏହି ସମସ୍ତ ଦ୍ୱନ୍ଦ୍ୱ , ପ୍ରକୃତିରୁ ଜାତ ତିନିଗୁଣର ପ୍ରପଞ୍ଚ । ଅନ୍ତଃକରଣର ଗୁଣାତୀତ ସ୍ଥିତି ହେଉଛି ନିତ୍ୟ ସତ୍ତ୍ୱସ୍ଥ । ତୁମ୍ଭେ ପରିଣାମି ସତ୍ତ୍ୱରେ ସ୍ଥିତ ନ'ରହି ନିତ୍ୟ ସତ୍ତ୍ୱରେ ସ୍ଥିତ ରୁହ । ଅର୍ଥାତ୍ ଅନ୍ତଃକରଣ, ଉଚ୍ଚ ଶୁଦ୍ଧ ସତ୍ତ୍ୱ ସ୍ଥିତିରେ ଆତ୍ମା ପରାୟଣ ହୋଇ ,ସତ୍ତ୍ୱ, ରଜ, ତମ ଗୁଣର କାର୍ଯ୍ୟ ଧାରାରେ ପ୍ରଭାବିତ ହୁଅନାହିଁ । ଶରୀର ନିର୍ବାହ ରେ ଗୁଣାତୀତ ସ୍ଥିତି ଯଦିଓ ସମ୍ଭବ ନୁହଁ ,ଭଗବାନ ଗୁଣାତୀତ ,ନିର୍ଦ୍ୱନ୍ଦ୍ୱ,ନିତ୍ୟସତ୍ତ୍ୱୋସ୍ଥ ହେବାପାଇଁ କହିବାର ତାତ୍ପର୍ଯ୍ୟ ହେଲା, ସାଧକ ଅନ୍ତଃକରଣକୁ ସଂସାର ପ୍ରପଞ୍ଚରୁ ହଟାଇ ଆତ୍ମାଭିମୁଖୀ ହୋଇ ନିଷ୍କାମ କର୍ମଯୋଗ ସାଧନ ଅଭ୍ୟାସ କରିବାକୁ ହେବ । ଭଗବାନ ପୁଣି କହୁଛନ୍ତି, ହେ ଅର୍ଜୁନ ! ତୁମ୍ଭେ ନିର୍ଯୋଗକ୍ଷେମ, ଆଉ ଆତ୍ମବାନ୍ ହୁଅ । ଯୋଗ କ୍ଷେମର ଚିନ୍ତା ପରିତ୍ୟାଗ କର । ଅପ୍ରାପ୍ୟ ବସ୍ତୁ ପ୍ରାପ୍ତ ପାଇଁ ଇଚ୍ଛା କରିବା ହେଲା ଯୋଗ ଏବଂ ପ୍ରାପ୍ୟ ବସ୍ତୁର ସୁରକ୍ଷା ହେଉଛି କ୍ଷେମ । ନିଷ୍ଠାର ସହିତ କର୍ତ୍ତବ୍ୟାରୂଢ ବ୍ୟକ୍ତିର ସମସ୍ତ ଯୋଗ କ୍ଷେମ ଦାୟିତ୍ୱ ସ୍ୱୟଂ ଭଗବାନ ନିଜ କାନ୍ଧ ଉପରକୁ ନେଇଥାନ୍ତି । ସୃଷ୍ଟି ରଚନା କାଳରେ ସମସ୍ତ ପ୍ରାଣୀଙ୍କ ଜୀବନ ନିର୍ବାହ ପାଇଁ ଆହାର ଠାରୁ ଆରମ୍ଭ କରି ସମସ୍ତ ଆବଶ୍ୟକୀୟ ଭୌତିକ ବସ୍ତୁ ପ୍ରକୃତି ଦ୍ୱାରା ସୁବ୍ୟବସ୍ଥା ଢଙ୍ଗରେ ରଖାଯାଇଛି । ଯେପରି ଶିଶୁଟିଏ ଜନ୍ମ ନେବା ପୂର୍ବରୁ, ତାର ଶରୀର ନିର୍ବାହ ପାଇଁ "ମା" ନିକଟରେ ଆହାରର ବ୍ୟବସ୍ଥା ହୋଇଥାଏ । ଏହାତ ସମସ୍ତ ପ୍ରାଣୀଙ୍କ ପାଇଁ ଇଶ୍ୱରଙ୍କର ବରଦାନ । ଭୌତିକ ସୁଖର ଇଚ୍ଛାକୁ ପରିତ୍ୟାଗ କରି, ଶାଶ୍ୱତ ସୁଖ ପାଇଁ ଆତ୍ମସାକ୍ଷାତ୍କାର ସାଧନାରେ ରତ ହେବା ହେଉଛି ଆତ୍ମବାନ । ଆତ୍ମସାକ୍ଷାତ୍କାର ହେଲାପରେ ପରମାତତ୍ତ୍ୱ ସ୍ୱତଃ ବୋଧ ହୋଇଥାଏ ।

**ଯାବାନର୍ଥ ଉଦପାନେ ସର୍ବତଃ ସଂପ୍ଲୁତୋଦକେ ।**

**ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ ॥ ୪୬॥**

*ଅନ୍ୱୟ : ସର୍ବତଃ (ସବୁଦିଗରୁ ) ସଂପ୍ଲୁତ ଉଦକେ ( ପରିପୂର୍ଣ୍ଣ ବିରାଟ ଜଳାଶୟ) ଉଦପାନେ( କୂପ ,ଛୋଟ ଜଳାଶୟ) ଯାବାନ୍ ( ଯେତିକି ) ଅର୍ଥଃ ( ପ୍ରୟୋଜନ ଅର୍ଥାତ୍ କୌଣସି ପ୍ରୟୋଜନ ରହେନାହିଁ ) ବିଜାନତଃ (ଶାସ୍ତ୍ର ଓ ବେଦକୁ ତତ୍ତ୍ୱତଃ ଜାଣୁ ଥିବା ) ବ୍ରାହ୍ମଣସ୍ୟ (ବ୍ରହ୍ମଜ୍ଞାନୀଙ୍କର ) ସର୍ବେଷୁ ବେଦେଷୁ (ସମସ୍ତ ବେଦରେ ) ତାବାନ୍(ସେତିକି ପ୍ରୟୋଜନ ଅର୍ଥାତ୍ କୌଣସି ପ୍ରୟୋଜନ ନଥାଏ। )*

**ଭାବାର୍ଥ** :ସବୁଦିଗରେ ପରିପୂର୍ଣ୍ଣ ନିର୍ମଳ ମଧୁର ଜଳ ଥିବା ବୃହତ ଜଳାଶୟ ପ୍ରାପ୍ତ ହେଲାପରେ , ଅଳ୍ପଜଳ ଥିବା କୂପ, ବାମ୍ପୀ କିମ୍ବା ଗାଡିଆ ପ୍ରଭୃତି ଜଳାଶୟର , ଯେପରି ବ୍ୟବହାର ନିମନ୍ତେ ଆଉ ପ୍ରୟୋଜନ ରହିନଥାଏ , ସେହି ସଦୃଶ ଆତ୍ମା ତତ୍ତ୍ୱ

ପ୍ରାପ୍ତ ହୋଇଥିବା ବ୍ରହ୍ମଜ୍ଞାନୀ ପାଇଁ ବେଦ ସମୂହ ଉପରେ ଅବଲୋକନ କରିବାର ଆଉ ପ୍ରୟୋଜନ ରହିନ'ଥାଏ । ତାତ୍ପର୍ଯ୍ୟ ହେଲା ,ଯାହାର ବେଦରେ ବର୍ଣ୍ଣିତ ହୋଇଥିବା ତ୍ରିଗୁଣାତ୍ମିକ ବିଷୟର ଊର୍ଦ୍ଧ୍ୱକୁ ଉଠି ,ନିର୍ଦ୍ୱନ୍ଦ୍ୱ ନିତ୍ୟ ସତ୍ତ୍ୱସ୍ଥ ହୋଇ ବ୍ରହ୍ମ ସ୍ୱରୂପର ବୋଧ ହୋଇଯାଇଥାଏ, ସେ ହିଁ ବ୍ରାହ୍ମଣ ବା ବ୍ରହ୍ମଜ୍ଞାନୀ । ସେହି ବ୍ରହ୍ମବେତ୍ତା ନିମନ୍ତେ ବେଦର କର୍ମକାଣ୍ଡ ଓ ଅନ୍ୟାନ୍ୟ ଶାସ୍ତ୍ର ତତ୍ତ୍ୱର ଆଉ ବିଶେଷ ଉପଯୋଗିତା ନ'ଥାଏ । ବ୍ରହ୍ମ ଜ୍ଞାନୀ ପୁରୁଷ ପରମାତ୍ମା ତତ୍ତ୍ୱରେ ସ୍ଥିତ ହୋଇ ସର୍ବୋଚ୍ଚ ସ୍ଥାନ ପ୍ରାପ୍ତ ହୁଏ । ଯାହାକୁ ପାଖରେ ଗଙ୍ଗାର ସୁଶୀତଳ ଜଳ ଧାରା ପ୍ରାପ୍ତ ହୋଇଛି , ସେ ଗାଡିଆର ଜଳକୁ କାହିଁକି ସେବନ କରିବ ? ବ୍ରହ୍ମ ସାକ୍ଷାତ୍କାର ହୋଇଥିବା ମହାତ୍ମାଙ୍କ ପାଇଁ ବେଦ ଅଧ୍ୟୟନର ଆଉ କି' ପ୍ରୟୋଜନ ଅଛି ? ବେଦରେ ବର୍ଣ୍ଣିତ ବିଧି ଅନୁଯାୟୀ ଯଜ୍ଞାନୁଷ୍ଠାନ କଲେ , ସେହି ଯଜ୍ଞର ଫଳଭାବରେ କୌଣସି ଗୋଟିଏ ହିଁ ଲୋକ (ଭୋଗ ଭୂମି) ପ୍ରାପ୍ତ ହୋଇଥାଏ । ସେହିପରି ଅଲଗା ଅଲଗା ଲୋକ ପ୍ରାପ୍ତି ପାଇଁ ଅଲଗା ଅଲଗା ଯଜ୍ଞ ଅନୁଷ୍ଠାନ କରିବାକୁ ହୁଏ । ଏହା ଛୋଟ ଛୋଟ ଜଳାଶୟର ଉପଯୋଗୀତା ସାଦୃଶ। ନିଷ୍କାମ କର୍ତ୍ତବ୍ୟକର୍ମ ଅନୁଷ୍ଠାନରେ ନିତ୍ୟ ସତ୍ତ୍ୱ ସ୍ଥିତ କର୍ମଯୋଗୀ ସୂର୍ଯ୍ୟ ମଣ୍ଡଳ ଠାରୁ ଆରମ୍ଭକରି ପିତୃଲୋକ, ଦେବଲୋକ, ଗନ୍ଧର୍ବ ଲୋକ, ଇନ୍ଦ୍ରଲୋକ ଏକ ସାଙ୍ଗରେ ପ୍ରାପ୍ତ ହୁଏ । ସମସ୍ତ ଲୋକରେ ବିଚରଣ କରି ସୁଖଭୋଗ କରିବାର ସାମର୍ଥ୍ୟ ପ୍ରାପ୍ତ ହୁଏ । ପ୍ରଳୟ କାଳରେ ବ୍ରହ୍ମାଙ୍କ ସହିତ ପରମାତ୍ମା ତତ୍ତ୍ୱରେ ଲୀନ ହୋଇଥାଏ। ଏହାକୁ ଉପନିଷଦରେ କ୍ରମ ଉନ୍ନତି ମୋକ୍ଷ କୁହାଯାଏ । ନିଷ୍କାପର କର୍ମଯୋଗୀର ଏହି ପ୍ରାପ୍ତି ବୃହତ୍ ଜଳାଶୟ ସାଦୃଶ। ବେଦରେ କୁହାଯାଇଥିବା ସକାମ କର୍ମଜନିତ ସ୍ୱର୍ଗ ଆଦି ଭୋଗରେ ଯେଉଁ ଆନନ୍ଦ, ନିଷ୍କାମ କର୍ମଯୋଗୀ ସେହି ଆନନ୍ଦରୁ ବଞ୍ଚିତ ହୁଏନାହିଁ , ବରଂ ସେ ଅସୀମ ଭୂମା ଆନନ୍ଦର ଅଧିକାରୀ ହୋଇଥାନ୍ତି। ଫଳ ଇଚ୍ଛା ନ' ଥାଇ କର୍ତ୍ତବ୍ୟ କର୍ମ କରିବାରେ ଯେଉଁ ପରମ ଶାନ୍ତାନନ୍ଦ ପ୍ରାପ୍ତ ହୁଏ , କ୍ଷୁଦ୍ର, ବୃହତ ସମସ୍ତ ଭୋଗ ଆନନ୍ଦ ତାହା ତୁଳନାରେ ତୁଚ୍ଛ ହୋଇଥାଏ ।

**କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ ।**
**ମା କର୍ମଫଳହେତୁର୍ଭୂର୍ମା ତେ ସଙ୍ଗୋଽସ୍ତ୍ୱକର୍ମଣି ॥ ୪୭ ॥**

*ଅନ୍ୱୟ : କର୍ମଣି ( କର୍ତ୍ତବ୍ୟ କର୍ମ କରିବାରେ ) ଏବ ( ହିଁ ) ତେ ( ତୁମର ) ଅଧିକାରଃ (ଅଧିକାର ଅଛି ) ଫଳେଷୁ (ଫଳରେ ) କଦାଚନ ( କେବେହେଲେ ) ମା (ନୁହେଁ) କର୍ମଫଳ ( ତୁମ୍ଭେ କର୍ମଫଳର ) ହେତୁଃ(କାରଣ ) ମା ଭୂଃ (ହୁଅ ନାହିଁ ) ତେ (ତୁମର ) ଅକର୍ମଣି ( କର୍ମ ନକରିବା ପ୍ରତି ) ସଙ୍ଗଃ (ଆସକ୍ତି ) ମା ଅସ୍ତୁ ( ନ' ହେଉ ) ।*

**ଭାବାର୍ଥ :** ଭଗବାନ କହୁଛନ୍ତି, କର୍ମଫଳକୁ ତ୍ୟାଗ କରିବାକୁ ହେବ କିନ୍ତୁ କର୍ମକୁ ନୁହେଁ । କର୍ମରେ ଏକା ତୁମ୍ଭର ବଳ ବା ଅଧିକାରରହିଛି , କିନ୍ତୁ କର୍ମର ଫଳ ପାଇବା ତୁମ୍ଭ ହାତରେ ନାହିଁ। କର୍ମର ଫଳରେ ଯଦି ଆଶା ନ'ରଖାଯାଏ, ତେବେ କର୍ମ କରିବାର କଣ ଆବଶ୍ୟକତା ଅଛି ? ଏପରି ଭାବି ନିକମା ହୋଇ କର୍ମତ୍ୟାଗକରି ବସି ରହିବାରେ ତୁମର ଆଦୌ ଇଚ୍ଛା ନରହୁ । ଏହି ଶ୍ଳୋକ କର୍ମଯୋଗ ସିଦ୍ଧାନ୍ତର ମୁଖ୍ୟ ପ୍ରତିପାଦକ ଯେଉଁଥିରେ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗ ଅନୁଷ୍ଠାନର ଚାରିଗୋଟି ସାଧନ ସୂତ୍ର ବତାଇଛନ୍ତି । (୧) : ନୂତନ କର୍ତ୍ତବ୍ୟ କର୍ମ କରିବାର ଅଧିକାର କେବଳ ମନୁଷ୍ୟ ଜନ୍ମରେ ହିଁ ପ୍ରାପ୍ତ ହୋଇଥାଏ। ( ୨) : କର୍ମର ଫଳ ପ୍ରାପ୍ତିରେ ମନୁଷ୍ୟର କୌଣସି ନିୟନ୍ତ୍ରଣ ନାହିଁ , ଏହା ପରତନ୍ତ୍ର । (୩) : ମନୁଷ୍ୟ ନିଜେ

କର୍ମଫଳର କାରଣ ନହେଉ , ଅର୍ଥାତ୍ କର୍ମଫଳ ପ୍ରତି ଆସକ୍ତି କର୍ମରେ ପ୍ରବୃତ୍ତ କରାଇବାର କାରଣ ନହେଉ । ( ୪) : କର୍ମ ନ'କରିବା ପ୍ରତି ମଧ ଆସକ୍ତି ନରହୁ , ଅର୍ଥାତ୍ କର୍ମ ଫଳର ଆସକ୍ତି କର୍ମରୁ ନିବୃତ୍ତ କରାଇବାର କାରଣ ନହେଉ । ନୂତନ କର୍ତ୍ତବ୍ୟ କର୍ମ କରିବା ପୁରୁଷାର୍ଥ ହୋଇଥିବା ଯୋଗୁଁ ଏହା ମନୁଷ୍ୟର ଅଧୀନ । କିନ୍ତୁ କର୍ମଫଳ ପୂର୍ବ ଜନ୍ମର ଭୋଗ ହୋଇଥିବା ଯୋଗୁଁ ଏହା ପ୍ରାରବ୍ଧର ଅଧୀନ । ଇତର ଯୋନିରେ ଜନ୍ମନେଇ ପ୍ରାପ୍ତ ହୋଇଥିବା ଶରୀରରେ ପ୍ରଥମରୁ ହିଁ ଭୋଗ ନିମନ୍ତେ ନିର୍ଦ୍ଦିଷ୍ଟ କର୍ମର ବିଧାନ ହୋଇଥାଏ । ସେମାନଙ୍କ ପାଖରେ ନୂତନ କର୍ମ କରିବାର ପୁରୁଷାର୍ଥ ନ'ଥାଏ । ସେମାନେ ପ୍ରକୃତିର ପରବଶ ହୋଇ କେବଳ ଭୋଗ ହିଁ ପ୍ରାପ୍ତ ହୋଇଥାନ୍ତି । ମନୁଷ୍ୟ ଜନ୍ମରେ ପୁରୁଷାର୍ଥ ପ୍ରାପ୍ତ ହୋଇଛି , ଯାହାଦ୍ୱାରା ସେ ଜୀବାତ୍ମାର ଉଦ୍ଧାର କରିପାରିବ । ମନୁଷ୍ୟ ଠାରେ ନୂତନ କର୍ମ କରିବାର ସ୍ୱତନ୍ତ୍ରତା ରହିଛି । କର୍ମର ପରିଣାମ ଅନୁକୂଳ କିମ୍ବା ପ୍ରତିକୂଳ ହେଉ, ଏହାକୁ ବଦଳାଇବାର କ୍ଷମତା ମନୁଷ୍ୟଠାରେ ନାହିଁ । ତେଣୁ ଯେଉଁ ଅଧିକାର ଭଗବାନ ମନୁଷ୍ୟକୁ ଦେଇନାହାନ୍ତି, ତା' ବିଷୟରେ କାହିଁକି ଚିନ୍ତା କରିବ ? କର୍ମଫଳକୁ ଈଶ୍ୱରଙ୍କ ଉପରେ ଛାଡିଦେବାକୁ ହେବ । କର୍ମ ଅନୁଷ୍ଠାନରେ ଉତ୍ପନ୍ନ ପରିସ୍ଥିତିର ସଦ୍ ଉପଯୋଗ କରି ତାହାକୁ ଜୀବାତ୍ମାର ଉଦ୍ଧାର ସାଧନ ସାମଗ୍ରୀଭାବେ ସ୍ୱୀକାର କରିନେଲେ ଚିତ୍ତ ପ୍ରବୃତ୍ତି ଶୁଦ୍ଧ ହୋଇଥାଏ । ତେଣୁ ମନୁଷ୍ୟପାଇଁ ପ୍ରାରବ୍ଧର ଭୋଗ ଓ ନୂତନ କର୍ତ୍ତବ୍ୟ କର୍ମ କରିବା , ଏହି ଦୁଇଟି ଯାକ ହେଉଛି ଜୀବାତ୍ମା ଉଦ୍ଧାରର ସାଧନ । ଫଳ ଇଚ୍ଛା ନ'ରଖି କର୍ତ୍ତବ୍ୟ କର୍ମ କରିବାରେ ମନୁଷ୍ୟ ପୂର୍ଣ୍ଣ ସ୍ୱତନ୍ତ୍ର । ଅନ୍ତଃକରଣରେ କାମନା ଉତ୍ପନ୍ନ ହୋଇ, ସେହି କାମନାର ଶାନ୍ତି ପାଇଁ କର୍ମ ଅନୁଷ୍ଠାନ ହେଲେ ତାହା ସକାମ କର୍ମ ହୁଏ । ନିଷ୍କାମ କର୍ତ୍ତବ୍ୟକର୍ମ ସ୍ୱତଃ ପ୍ରାପ୍ତ ହୁଏ। ଅନାସକ୍ତ ହୋଇ ଶାସ୍ତ୍ର ସମ୍ମତ ବିଦିତ କର୍ମ ଅନୁଷ୍ଠାନରେ ଭୋକ୍ତାପନ ରହିନ'ଥିବା କାରଣରୁ କର୍ତ୍ତାପନ ମଧ ରହେନାହିଁ । କର୍ତ୍ତୃତ୍ୱ ନରହିଲେ , ମନୁଷ୍ୟ କର୍ମକରି ମଧ କର୍ମରେ ବାନ୍ଧି ହୁଏନାହିଁ । ଅନ୍ୟ ଏକ ଦୃଷ୍ଟିରୁ ବିଚାର କଲେ , କର୍ମ କୌଣସି ଜଣେ ବ୍ୟକ୍ତିର କେବଳ କର୍ତ୍ତାପନ ଦ୍ୱାରା ସଂପୂର୍ଣ୍ଣ ହୋଇନ'ଥାଏ । ପ୍ରତ୍ୟେକ କର୍ମ ସାଙ୍ଗଠନିକ ଭାବରେ କର୍ମ ସାମଗ୍ରୀ ,ଏକାଧିକ ବ୍ୟକ୍ତିଙ୍କର ସମୂହ ପ୍ରଚେଷ୍ଟା ଏବଂ ଅଦୃଷ୍ଟଦ୍ୱାରା ଅଧିଷ୍ଠାନ ହୋଇଥାଏ । ତେଣୁ କର୍ମର ପରିଣାମିକୁ ନିଜର କର୍ତ୍ତୃତ୍ୱ ସହିତ ସମ୍ବନ୍ଧିତ କରିବା ଅସାଧୁତା । କର୍ମକୁ ନୈଷ୍କର୍ମ୍ୟ କରିବାର ଉପାୟ ହେଲା ( ୧ ) ମନରେ ଏହି ଧାରଣା ଦୃଢ଼ କରିବାକୁ ହେବ ଯେ' କାମନାର ଅନ୍ତ ନାହିଁ । ଗୋଟିଏ କାମନା ପୂର୍ତ୍ତିହେଲେ ତା'ସ୍ଥାନରେ ଆଉ ଏକ କାମନା ଉତ୍ପନ୍ନ ହୁଏ । କର୍ମଫଳକୁ ଆଶ୍ରିତ ହୋଇ କର୍ମକଲେ ପରିଣାମ ଦୁଃଖ ହିଁ ଦୁଃଖ । ଏହା ବୁଝି ସେବାବୁଦ୍ଧିରେ ସଂସାର ହିତ ଉଦ୍ଦେଶ୍ୟରେ ଅନାସକ୍ତ ଭାବରେ କର୍ମର ପ୍ରଚେଷ୍ଟା ନିଷ୍କାମ କର୍ମ ହୁଏ । (୨ ) କର୍ମ ନିତ୍ୟ ନୁହେଁ କି' କର୍ମଫଳ ନିତ୍ୟ ନୁହେଁ । କର୍ମର ଆରମ୍ଭ ଆଉ ଶେଷ ଅଛି, ସେହିପରି କର୍ମଫଳର ସଂଯୋଗ ଏବଂ ବିୟୋଗ ରହିଛି । କିନ୍ତୁ ଆତ୍ମା ନିତ୍ୟ ଓ ଶାଶ୍ୱତ । ତେଣୁ କର୍ମ ଏବଂ କର୍ମଫଳ ସହିତ ଆତ୍ମାର କେବେହେଲେ ସମ୍ବନ୍ଧ ନାହିଁ ।ଏହା ବୁଝିଗଲେ , କର୍ମଫଳର ଆଶ୍ରିତ ହେବାକୁ ବୁଦ୍ଧି ଆସକ୍ତ ହୋଇ ନ'ଥାଏ । ସଂସାର ସହିତ ଭୋଗ ବୁଦ୍ଧିର ସମ୍ବନ୍ଧ ତୁଟିଯାଏ ।

ନିଜେ କର୍ମଫଳର କାରଣ ହୁଅନାହିଁ ଅର୍ଥାତ୍ କର୍ମଫଳପ୍ରତି ଆସକ୍ତି ,କର୍ମ କରିବାର କାରଣ ନ'ହେଉ । "ଅମୁକ ଫଳ ପାଇବାପାଇଁ ମୁଁ ଏହି କର୍ମ କରୁଛି" ଏହା ବୁଝି କର୍ମ ଅନୁଷ୍ଠାନ କରିବା ଭୁଲ ବିଚାର। ସେହିପରି " ମୋରତ ହେବନାହିଁ ,ମୁଁ

କର୍ମ କରିବି ନାହିଁ "ଏହା ବୁଝି କର୍ମରୁ ନିବୃତ୍ତ ହେବା ମଧ୍ୟ ଭୁଲ ବିଚାର। ଅର୍ଥାତ କର୍ମଫଳପ୍ରତି ଆସକ୍ତ କର୍ମ ତ୍ୟାଗର କାରଣ ନ'ହେଉ । ଶରୀର , ଇନ୍ଦ୍ରିୟ, ମନ, ବୁଦ୍ଧି ପ୍ରଭୃତି କର୍ମ ସାମଗ୍ରୀ ସହିତ ମମତ୍ୱ ଭାବ ରଖି କର୍ମକଲେ, ମନୁଷ୍ୟ କର୍ମର କାରଣ ହୋଇଯାଏ । "ମୁଁ କର୍ମ କରିବାଦ୍ୱାରା ଅନ୍ୟକୁ ସୁଖ ପ୍ରାପ୍ତ ହେଲା", "ମୋ ଦ୍ୱାରା ତାର ଉପକାର ହେଲା", ଏପ୍ରକାର ମନୋବୃତ୍ତି ଅନ୍ତଃକରଣରେ ରହିଲେ , କର୍ତ୍ତାପନ ଭାବ ଆସେ । ଯଦି ନିଜକୁ କୌଣସି କର୍ମର ନିମିତ୍ତ ବା ହେତୁ ବୋଲି ମାନିବା ନାହିଁ , ତାହେଲେ ନିଜେ , କର୍ମଫଳର ମଧ୍ୟ କାରଣ ହେବ ନାହିଁ । କର୍ମ ତ୍ୟାଗରେ ସାଂସାରିକ , ପାରମାର୍ଥିକ ଉନ୍ନତି ହେବ , ଏହା ମଧ୍ୟ କର୍ମ ନ'କରିବାର ଆସକ୍ତି । ରୋଗରେ ପୀଡିତ ହୋଇ ଶଯ୍ୟା ଶାୟୀ ହୋଇଥିବା ବୃଦ୍ଧ ପିତାଙ୍କର, ଚିକିତ୍ସାକଲେ ସେତ ଆରୋଗ୍ୟ ହେବେ ନାହିଁ, ତେଣୁ କାହିଁକି ଡାକ୍ତରଙ୍କୁ ଦେଖାଇବି ? ଏହି ବିଚାର ହେଉଛି ଫଳ ପ୍ରତି ଆସକ୍ତି କାରଣରୁ କର୍ତ୍ତବ୍ୟକର୍ମ ପରିତ୍ୟାଗ କରିବାର ଉଦାହରଣ । ତେଣୁ ନିଜର କର୍ତ୍ତବ୍ୟ କର୍ମ ଦ୍ୱାରା ସଂସାରର କଲ୍ୟାଣ ସାଧନ କରିବା ଓ କର୍ମଫଳ ଉପରୁ ନିଜ ଅଧିକାରକୁ ପରିତ୍ୟାଗ କରିବା ହେଉଛି କର୍ମ ଯୋଗର ମୂଳ ମନ୍ତ୍ର ।

**ଯୋଗସ୍ଥଃ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଞ୍ଜୟ ।**
**ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ ॥ ୪୮॥**

*ଅନ୍ୱୟ: ଧନଞ୍ଜୟ ( ହେ ଧନଞ୍ଜୟ !) ସଙ୍ଗଂ ତ୍ୟକ୍ତ୍ୱା (ଆସକ୍ତକୁ ପରିତ୍ୟାଗ କରି ) ସିଦ୍ଧ୍ୟସିଦ୍ଧ୍ୟୋଃ (ସିଦ୍ଧି-ଅସିଦ୍ଧିରେ ) ସମଃ ଭୂତ୍ୱା (ସମ ହୋଇ ) ଯୋଗସ୍ଥଃ (ଯୋଗସ୍ଥ ଭାବରେ ) କର୍ମାଣି କୁରୁ ( କର୍ମ କର) ସମତ୍ୱମ୍ (ସମତାକୁ ହିଁ )ଯୋଗଃ ଉଚ୍ୟତେ (ଯୋଗ କୁହାଯାଏ ) ।*

**ଭାବାର୍ଥ** : ହେ ଧନଞ୍ଜୟ ! ତୁମ୍ଭେ ଯୋଗରେ ସ୍ଥିତ ହୋଇ କର୍ତ୍ତବ୍ୟ କର୍ମ କରିଚାଲ । କର୍ମ ଓ କର୍ମଫଳରେ ଆସକ୍ତି କୁ ତ୍ୟାଗ କର। ଆଉ କର୍ମ ସଂପୂର୍ଣ୍ଣ ହୋଇ ସିଦ୍ଧ ହେଉ କିମ୍ବା ଅସମ୍ପୂର୍ଣ୍ଣ ରହି ଅସିଦ୍ଧ ହେଉ , ଉଭୟ ପରିସ୍ଥିତିରେ ଚିତ୍ତ ବୃତ୍ତିକୁ ସମାନ ରଖ । ସିଦ୍ଧ ହେବାରେ ହର୍ଷିତ ହୁଅନାହିଁ କି' ଅସିଦ୍ଧରେ ଚିତ୍ତରେ ବିଷାଦ ଆଣନାହିଁ । ସିଦ୍ଧ ଓ ଅସିଦ୍ଧରେ ସମ ଚିତ୍ତବୃତ୍ତି ସ୍ଥିତିକୁ ଯୋଗ କୁହାଯାଇଛି। କେହି କେହି ବ୍ୟାଖ୍ୟାକାର ,ଯୋଗସ୍ଥ ଅର୍ଥ ପରମାତ୍ମା ସମ୍ବନ୍ଧକୁ ବ୍ୟକ୍ତ କରିଛନ୍ତି । ବ୍ରହ୍ମ ଭାବାପନ୍ନରେ ଅର୍ଥାତ୍ କର୍ମକୁ ଭଗବାନଙ୍କ ଉପାସନା ବୋଲି ଭାବି କର୍ମ ଅନୁଷ୍ଠାନ କଲେ, କର୍ମରେ ଆସକ୍ତ ସ୍ୱତଃ ଅଭାବ ହୁଏ । ଯାହା କିଛି କର୍ମ କରୁଛ ତାହା ପରମାତ୍ମାଙ୍କ ପ୍ରସନ୍ନ ଉଦ୍ଦେଶ୍ୟରେ କରୁଛି ବୋଲି ଭାବ ରଖିଲେ, କର୍ମ ଓ କର୍ମଫଳ ଉଭୟ ପରମାତ୍ମାଙ୍କୁ ସମର୍ପିତ ହୋଇ ଯାଇଥାଏ । କର୍ମଫଳ ବନ୍ଧନର କାରଣ ହୁଏନାହିଁ । ଏହି ଜ୍ଞାନପୂର୍ବକ ଭକ୍ତି ପ୍ରଧାନ କର୍ମ ମଧ୍ୟ, କର୍ମଯୋଗ ଅନ୍ତର୍ଗତ । ଯୋଗସ୍ଥ କର୍ମ କରିବା ଅର୍ଥ ଚିତ୍ତ ବୃତ୍ତିର କର୍ମ ସାମଗ୍ରୀ ସହିତ ସମ୍ବନ୍ଧ ନ'ରଖି ନିର୍ଲିପ୍ତ ଭାବରେ ଏକାଗ୍ର ଚିତ୍ତରେ ତଲ୍ଲିନ ହୋଇ କର୍ମ କରିବା । କ୍ରମାଗତଭାବରେ ସମସ୍ତ କର୍ମକୁ ଯୋଗସ୍ଥ ହୋଇ କରିଚାଲିଲେ, ଏକ ନିଷ୍କାମ କର୍ମଧାରା ସୃଷ୍ଟିହୁଏ ,ଯେଉଁଥିରେ ଚିତ୍ତ ବୃତ୍ତିରେ ରାଗ ଦ୍ୱେଷର ସ୍ୱତଃ ଅଭାବ ହୋଇଯାଏ । ଏଥିରେ ଅନ୍ତଃକରଣରେ ଅପାର ଶାନ୍ତି ଆସେ ,ଯାହା କର୍ମଫଳପ୍ରାପ୍ତି ଠାରୁ ସର୍ବୋତ୍କୃଷ୍ଟ । ଚିତ୍ତବୃତ୍ତି ମାନଙ୍କରୁ ଦେହାଭିମାନର ସମ୍ବନ୍ଧକୁ ବିଚ୍ଛେଦ କରି

ଅନ୍ତଃକରଣର ସମତା ସ୍ୱରୂପରେ ସ୍ୱାଭାବିକ ସ୍ଥିତିକୁ ଯୋଗ ବୋଲି କୁହାଯାଏ । ଏହି ଯୋଗ ଅର୍ଥାତ୍ ସମତାରେ ଥରେ ସ୍ଥିତ ହୋଇଗଲେ ଏଥିରୁ କେବେ ବିୟୋଗ ଅର୍ଥାତ ବ୍ୟୁତ୍ ଥାନ ହୁଏନାହିଁ ।

**ଦୂରେଣ ହ୍ୟବରଂ କର୍ମ ବୁଦ୍ଧିଯୋଗାଦ୍ଧନଞ୍ଜୟ ।**

**ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଳହେତବଃ ॥ ୪୯॥**

*ଭାବାର୍ଥ : ବୁଦ୍ଧିଯୋଗାଦ୍ (ବୁଦ୍ଧି ଯୋଗ ଅର୍ଥାତ ନିଷ୍କାମ କର୍ମରେ ସମତା ପ୍ରାପ୍ତି ଅପେକ୍ଷା)କର୍ମ (ସକାମ କର୍ମ ) ଦୂରେଣ (ଅତ୍ୟନ୍ତ) ଅବର (ନିକୃଷ୍ଟ ) ଧନଞ୍ଜୟ (ହେ ଧନଞ୍ଜୟ ! ତୁମେ ) ବୁଦ୍ଧୌ ( ବୁଦ୍ଧି ଯୋଗ-କର୍ମଯୋଗର )ଶରଣଂ (ଆଶ୍ରୟ ) ଅନ୍ୱିଛ(ନିଅ ) ହି (କାରଣ) ଫଳ (କର୍ମ ଫଳର ) ହେତବ (କାରଣ ହେବା ମନୁଷ୍ୟ ) କୃପଣାଃ(ଅତ୍ୟନ୍ତ ଦୀନ )।*

**ଭାବାର୍ଥ** : ହେ ଧନଞ୍ଜୟ ! ସକାମ କର୍ମ ନିଷ୍କାମ କର୍ମଠାରୁ ଅତ୍ୟନ୍ତ ନିକୃଷ୍ଟ । ସକାମ କର୍ମରେ ଚିତ୍ତବୃତ୍ତିରେ ବିସମତା ଯୋଗୁଁ ଶରୀରର ଅହଂକାର ଓ ମମତ୍ୱ ଆସେ । ନିଷ୍କାମ କର୍ମରେ ଚିତ୍ତବୃତ୍ତିରେ ସମତା ଆସେ । ତେଣୁ ତୁମ୍ଭେ ସମତାର ପ୍ରାପ୍ତିପାଇଁ କର୍ମଯୋଗର ଆଶ୍ରୟ ନିଅ । ଯିଏ କାମନା ର ପୂର୍ତ୍ତି ପାଇଁ, କର୍ମଫଳ ପ୍ରତି ଆସକ୍ତ ହୋଇ କର୍ମକରେ ସେ ଅତି ଦୀନ । ଜନ୍ମ ଜନ୍ମ ଧରି ଇନ୍ଦ୍ରିୟ ଭୋଗ ଓ ଅହଂକାର ତୃପ୍ତି ପାଇଁ କର୍ମ ପ୍ରବୃତ୍ତିରେ ବୁଡି ରହେ । ଗୋଟିଏ ପର୍ବତ ପାଖରେ ଧୂଳି ଅଣୁକୁ ରଖି ତୁଳନା କଲେ ଯାହା , ସକାମ ଓ ନିଷ୍କର୍ମ ମଧ୍ୟରେ ବ୍ୟବଧାନ ସେହି ସାଦୃଶ । ନିଷ୍କାମ କର୍ମଯୋଗ ପରମାତ୍ମା ତତ୍ତ୍ୱକୁ ପ୍ରାପ୍ତ କରାଏ , ସକାମ କର୍ମ ଜନ୍ମ ମରଣ ପ୍ରଦାନ କରେ । ବୁଦ୍ଧିଯୋଗରେ କର୍ତ୍ତବ୍ୟକର୍ମ କରିବାରେ ସାଧକକୁ କର୍ମର ଫଳ ପ୍ରାପ୍ତହେବାର ବୋଧ ହୁଏନାହିଁ । କାରଣ କର୍ମ କରୁଥିବା କାଳରେ ଶାନ୍ତି ଆନନ୍ଦର ପ୍ରାପ୍ତ ହୋଇଥାଏ । ନିଷ୍କାମ କର୍ମ ସେବା ଓ ତ୍ୟାଗ ଉପରେ ଆଧାରିତ ହୋଇଥିବା ଯୋଗୁଁ କର୍ମଯୋଗ ବିବେକ ପ୍ରଧାନ ସାଧନ । କୃପଣ ମନୁଷ୍ୟ ଧନର ଏକାଠି ପାଇଁ ଯେପରି ଦିନରାତି ଦୟନୀୟ ଅବସ୍ଥାରେ ରହିଥାଏ, ସେହିପରି କାମାତ୍ମାନ ପୁରୁଷ ଦୀନ ଦରିଦ୍ରଙ୍କ ପରି କର୍ମଫଳର ପ୍ରତିକ୍ଷାରେ ରହେ । କର୍ମଯୋଗ କୁ ବୁଦ୍ଧିଯୋଗ ମଧ୍ୟ କୁହାଯାଇଛି । ନିଶ୍ଚୟାତ୍ମିକ ବୁଦ୍ଧିର ପ୍ରଧାନ ଥିବାରୁ ଏହା ବୁଦ୍ଧି ଏବଂ ବିବେକ ପୂର୍ବର ତ୍ୟାଗର ପ୍ରାଧାନ୍ୟ ଥିବାରୁ ତାହା ଯୋଗ । ତେଣୁ ନିଶ୍ଚୟାତ୍ମିକ ବୁଦ୍ଧିରେ କର୍ମଫଳ ପ୍ରତି ଆସକ୍ତିର ତ୍ୟାଗ ହେଲା ବୁଦ୍ଧିଯୋଗ । ସମତାରେ ସଦା ସ୍ଥିତ ରହିବା ହିଁ ବୁଦ୍ଧିର ଶରଣ ଯିବା ।

**ବୁଦ୍ଧିଯୁକ୍ତୋ ଜହାତୀହ ଉଭେ ସୁକୃତଦୁଷ୍କୃତେ ।**

**ତସ୍ମାଦ୍ ଯୋଗାୟ ଯୁଜ୍ୟସ୍ୱ ଯୋଗଃ କର୍ମସୁ କୌଶଳମ୍ ॥ ୫୦॥**

*ଅନ୍ୱୟ : ବୁଦ୍ଧିଯୁକ୍ତଃ ( ସମତାରେ ସ୍ଥିତ କର୍ମଯୋଗୀ ) ଇହ ( ଏହି ଲୋକରେ ଅର୍ଥାତ୍ ଜୀବିତ ଅବସ୍ଥାରେ ) ସୁକୃତଦୁଷ୍କୃତେ ( ପୂଣ୍ୟ ଓ ପାପ ) ଉଭେ ( ଉଭୟକୁ ) ଜହାତି (ତ୍ୟାଗ କରିଦିଏ ) । ତସ୍ମାଦ୍ (ତେଣୁ ତୁମେ ) ଯୋଗାୟ (ଯୋଗ ଅର୍ଥାତ୍ ସମତା ପ୍ରାପ୍ତି ପାଇଁ ) ଯୁଜ୍ୟସ୍ୱ ( ଯତ୍ନଶୀଳ ହୁଅ ) କାରଣ ଯୋଗଃ ( ଯୋଗ ହିଁ କର୍ମସୁ (କର୍ମରେ ) କୌଶଳମ୍ (କୁଶଳତା ) ।*

**ଭାବାର୍ଥ** :ଯାହାର ବୁଦ୍ଧି ଯୋଗ ପ୍ରାପ୍ତ ହୋଇଛି ଅର୍ଥାତ୍ ଯାହାର ଅନ୍ତଃକରଣ ସମତା ରେ ସ୍ଥିତ ହୋଇସାରିଛି , ସେହି ଜ୍ଞାନୀ ପୁରୁଷ ଜୀବିତ ଅବସ୍ଥାରେ ହିଁ ଉଭୟ ଦୁଷ୍କୃତ ଓ ସୁକୃତ କର୍ମର ଫଳ ସ୍ୱରୂପ ପ୍ରାପ୍ତ ହେବାକୁ ଥିବା ପାପ ଆଉ ପୁଣ୍ୟକୁ ପରିତ୍ୟାଗ କରିଥାଏ । ଅତଏବ ହେ ଅର୍ଜୁନ ! ତୁମ୍ଭେ ଏହି ବୁଦ୍ଧି ଯୋଗ ପ୍ରାପ୍ତ ନିମନ୍ତେ ପ୍ରଯତ୍ନଶୀଳ ହୁଅ । କାରଣ କେବଳ କର୍ତ୍ତବ୍ୟାମୁଖୀ ହୋଇ ନିଶ୍ଚୟାତ୍ମିକ ବୁଦ୍ଧିରେ କର୍ମ ଅନୁଷ୍ଠାନ କରିବା ହେଉଛି କର୍ମର ସିଦ୍ଧତା ବା କର୍ମରେ କୁଶଳତା । ପାପ ଓ ପୂଣ୍ୟ କର୍ମରେ ନ'ଥାଏ। କର୍ମର ସହିତ କର୍ତ୍ତାପନ ସମ୍ବନ୍ଧ ,କର୍ମର ଆଭିମୁଖ୍ୟ ଏବଂ କାର୍ଯ୍ୟଧାରା, କର୍ମର ଫଳପ୍ରତି ଆସକ୍ତି ପ୍ରଭୃତିକୁ ନେଇ କର୍ମ ସୁକୃତ କିମ୍ବା ଦୁଷ୍କୃତ ହୋଇଥାଏ । ସାଧାରଣ ମନୁଷ୍ୟଙ୍କ ନିମନ୍ତେ ଯଜ୍ଞାଦି କର୍ମ ଅନୁଷ୍ଠାନ କରିବା ସୁକୃତ କର୍ମ । ସେହିପରି ପରଧନ ଅପହରଣ, ହିଂସା ଆଚରଣ ଓ ଇର୍ଷାନ୍ୱିତ ହୋଇ ଅନ୍ୟର ଅହିତ ସାଧନ କରିବା ପ୍ରଭୃତି ଦୁଷ୍କୃତ କର୍ମ ରୂପେ ବିବେଚିତ ହୋଇଥାଏ । ସାଧାରଣତଃ ନିଷିଦ୍ଧ କର୍ମକୁ ତ୍ୟଜ୍ୟ କରି ସକାମ ପୁରୁଷ ଶାସ୍ତ୍ର ବିଧିରେ ନିଜର କାମନା ପୂର୍ତ୍ତି ନିମନ୍ତେ ମଧ ଭୋଗ ବୁଦ୍ଧିରେକର୍ମ କରିଥାନ୍ତି । କର୍ମଫଳପ୍ରତି ଆସକ୍ତ କାରଣରୁ ସକାମ ପୁରୁଷର ବୁଦ୍ଧି ସ୍ଥିର ରହି ନ'ଥାଏ କି' କର୍ମର ପରିଣାମିରେ ସମ ଭାବ ସମ୍ପନ୍ନ ହୋଇ ନଥାନ୍ତି । କିନ୍ତୁ ସମବୁଦ୍ଧି ଯୁକ୍ତ ପୁରୁଷ ସ୍ୱର୍ଗାଦି କାମନାରେ କର୍ମ କରନ୍ତି ନାହିଁ କି' ନରକାଦି ପ୍ରାପ୍ତିର ଭୟରେ ବିହିତ କର୍ମକୁ ଛାଡି ପଳାନ୍ତି ନାହିଁ । କର୍ମଯୋଗୀ କର୍ମକୁ ସୁକୃତ, ଦୁଷ୍କୃତ ଦୃଷ୍ଟିରେ ନଦେଖି, ପାପ ପୂଣ୍ୟ, ସୁଖ ଦୁଃଖ ପ୍ରଭୃତି ଦ୍ୱନ୍ଦ ଭାବରୁ ମୁକ୍ତରହି ନିଶ୍ଚୟାତ୍ମିକା ବୁଦ୍ଧିରେ କର୍ତ୍ତବ୍ୟ କର୍ମରେ ଅଧିଷ୍ଠାନ ହୁଏ। ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏହି ଶ୍ଲୋକରେ କର୍ମ କରିବାର କଳା ବତାଇଛନ୍ତି । ଯୁଦ୍ଧରେ ଯଦି ଗୁରୁଜନ ଓ ସ୍ୱକୁଟୁମ୍ବଙ୍କର ପ୍ରାଣ ନାଶ ତୁମ୍ଭ ବିଚାରରେ ପାପ,ତା' ହେଲେ ଏହି ବିଚାରକୁ ତ୍ୟାଗକର । ସେହିପରି ଯୁଦ୍ଧ ନ'କରି ସ୍ୱଜନ ମାନଙ୍କୁ ହତ୍ୟାକରିବା କର୍ମରୁ ନିବୃତ୍ତରେ ପୂଣ୍ୟ ଅର୍ଜନ କଲ ବୋଲି ଯଦି ଭାବୁଥାଅ ,ତା' ହେଲେ ମଧ ସେହି ବିଚାରକୁ ତ୍ୟାଗ କର। ଏହି ଧର୍ମ ଯୁଦ୍ଧକୁ ଯୋଗ ଦୃଷ୍ଟିରେ ଦେଖ । ତୁମ୍ଭେ ଯୁଦ୍ଧରେ ଜଣେ ଯୁଦ୍ଧାଭିଳଷି ବୀର ହେବାର କାରଣ ହୁଅ , ମାତ୍ର ପରିଣାମର କାରଣ ହୁଅନାହିଁ । ଧର୍ମ ଓ ନ୍ୟାୟର ପ୍ରତିଷ୍ଠା କରିବା ପୃଥିବୀରେ କେବଳ କ୍ଷତ୍ରିୟ ର ହିଁ କର୍ତ୍ତବ୍ୟ । ସୁତରାଂ , ଉପସ୍ଥିତ ପରିସ୍ଥିତିର ସମ୍ମୁଖୀନ ପାଇଁ କର୍ମଯୋଗର ଆଶ୍ରୟ ନିଅ । ଏହି ବିଚାରରେ ଯୁଦ୍ଧକୁ ତୁମ୍ଭେ ନିଷ୍କାମ କର୍ତ୍ତବ୍ୟ କର୍ମ ରୂପେ ସ୍ୱୀକାର କଲେ , ତାହାହିଁ ତୁମ୍ଭପାଇଁ କର୍ମଯୋଗ ହେବ । ସେବା, ତ୍ୟାଗ କୁ ମୂଳ ଆଧାର କରି , ନିଜର ସ୍ୱାର୍ଥ ସହିତ କର୍ମଫଳର ଲେଶ ମାତ୍ର ସମ୍ବନ୍ଧ ନ'ରଖି କର୍ମରେ ଅଧିଷ୍ଠାନ ହେବା ହେଉଛି କର୍ମଯୋଗ । ଯୋଗ କର୍ମର କୌଶଳ ଅର୍ଥାତ୍ ସମତ୍ୱ ବୁଦ୍ଧି ରୂପକ କୌଶଳ ଅବଲମ୍ବନ କରି କର୍ମଯୋଗ ଅନୁଷ୍ଠାନରେ କର୍ମ ବନ୍ଧନର କାରଣ ହୁଏନାହିଁ ।

କର୍ମଜଂ ବୁଦ୍ଧିଯୁକ୍ତା ହି ଫଳଂ ତ୍ୟକ୍ତ୍ୱା ମନୀଷିଣଃ ।
ଜନ୍ମବନ୍ଧବିନିର୍ମୁକ୍ତାଃ ପଦଂ ଗଚ୍ଛନ୍ତ୍ୟନାମୟମ୍ ॥ ୫୧॥

*ଅନ୍ୱୟ : ବୁଦ୍ଧିଯୁକ୍ତାଃ ( ସମତା ବୁଦ୍ଧି ଯୁକ୍ତ ) ମନୀଷିଣ ( ଜ୍ଞାନୀଗଣ ) କର୍ମଜଂ (କର୍ମରୁ ଜାତ ) ଫଳଂ ତ୍ୟକ୍ତ୍ୱା (ଫଳକୁ ତ୍ୟାଗକରି ) ଜନ୍ମବନ୍ଧବିନିର୍ମୁକ୍ତା (ଜନ୍ମ ମୃତ୍ୟୁ ବନ୍ଧନରୁ ମୁକ୍ତ ହୋଇ ) ଅନାମୟମ୍ (ନିର୍ବିକାର )ପଦଂ (ପରମ ପାଦକୁ ଅର୍ଥାତ୍ ମୋକ୍ଷ ) ହି (ନିଶ୍ଚୟ ) ଗଚ୍ଛନ୍ତି (ପ୍ରାପ୍ତ ହୁଅନ୍ତି, ) ।*

**ଭାବାର୍ଥ** : ଯାହାର ବୁଦ୍ଧି ଯୋଗ ପ୍ରାପ୍ତ ହୋଇଛି, ସେହି ଜ୍ଞାନୀ ପୁରୁଷ କର୍ମଫଳ ପ୍ରତି ଆସକ୍ତି ତ୍ୟାଗକରି ଜନ୍ମ ମୃତ୍ୟୁ ରୂପ ବନ୍ଧନରୁ ମୁକ୍ତ ହୋଇ ନିର୍ବିକାର ପରଂ ପାଦକୁ ନିଶ୍ଚୟ ପ୍ରାପ୍ତ ହୋଇଥାନ୍ତି । ପରମେଶ୍ୱରଙ୍କ ସଙ୍କଳ୍ପରୁ ସଂସାରର ଉତ୍ପତ୍ତି । ତେଣୁ ସଂସାରରେ ସମସ୍ତ ନାଶବାନ ବସ୍ତୁର ଉତ୍ପତ୍ତି କର୍ମଫଳ ବ୍ୟତୀତ ଆଉ କିଛି ନୁହଁ । ତେଣୁ ନିଜେ କରୁଥିବା କର୍ମରୁ କର୍ମଫଳକୁ ତ୍ୟାଗ କରିଦେଲେ, ଚିତ୍ତ ବୃତ୍ତିର ଆବଦ୍ଧ ସ୍ଥିତି ରହେ ନାହିଁ। କର୍ମ ସକାମ ହେଉ କିମ୍ବା ନିଷ୍କାମ ହେଉ, ଅବଶ୍ୟ କର୍ମରୁ ଫଳ ପ୍ରାପ୍ତ ହେବହିଁ ହେବ । ତା' ହେଲେ ସେହି କର୍ମଫଳକୁ କିପରି ତ୍ୟାଗ କରିବ ? ଏହାର ସମାଧାନ ହେଉଛି : କର୍ମଫଳ ତ୍ୟାଗ କରିବାର ଦୁଇଟି ଉପାୟ ରହିଛି । ପ୍ରଥମଟି ହେଲା, କାମନାର ବଶବର୍ତ୍ତୀ ନ'ହୋଇ ,ଫଳପ୍ରତି ଆସକ୍ତ ନ'ହୋଇ କର୍ତ୍ତବ୍ୟବୋଧରେ କର୍ମ ଅନୁଷ୍ଠାନ କରିବା ହେଉଛି ଫଳତ୍ୟାଗ । କର୍ମ ଅନୁଷ୍ଠାନ ପରେ କର୍ମଫଳ ସ୍ୱରୂପ ଅନୁକୂଳ, ପ୍ରତିକୂଳ ପ୍ରାପ୍ତ ପରିସ୍ଥିତିକୁ ସାଧନାର ସାମଗ୍ରୀ ଭାବି ଗ୍ରହଣ କରିନେଇ ଚିତ୍ତବୃତ୍ତିରେ ସମତା ସ୍ଥିତିରେ ରହିବା କର୍ମଫଳତ୍ୟାଗ ସାଧନର ଦ୍ୱିତୀୟ ଉପାୟ । ଏହିପରି ଭାବେ କର୍ମଫଳପ୍ରତି ଆସକ୍ତି ତ୍ୟାଗକରି କର୍ତ୍ତବ୍ୟ କର୍ମ କରିବାର ଅଭ୍ୟାସ ଦ୍ୱାରା ଅନ୍ତଃକରଣରେ ଶରୀର ଓ ସାଂସାରିକ ଅନିତ୍ୟ ନାଶଶୀଳ ବସ୍ତୁ ସହିତ ଥିବା ନିବିଡ ସମ୍ବନ୍ଧ ଆସ୍ତେ ଆସ୍ତେ କ୍ଷୀଣ ହେବାରେ ଲାଗେ । ସମତା ହେଉଛି ଆତ୍ମାର ନିଜ ସ୍ୱରୂପ । ସଂସାର ସମ୍ବନ୍ଧରେ ନିର୍ଲିପ୍ତ ରହି ନିଷ୍କାମ କର୍ମ ଦ୍ୱାରା ବୁଦ୍ଧି ଆତ୍ମାର ସମତା ସ୍ୱରୂପକୁ ପ୍ରାପ୍ତ ହୋଇଥାଏ । ବୁଦ୍ଧିର ଏହି ସ୍ଥିତି ହିଁ ନିର୍ବିକାର ପାଦକୁ ପ୍ରାପ୍ତହେବା । ଚିତ୍ତ ବୃତ୍ତି ନିର୍ବିକାର ହୋଇ ଆତ୍ମାର ସମତା ସ୍ୱରୂପରେ ସ୍ଥିତ ହେଲେ ,ପରମାତ୍ମା ତତ୍ତ୍ୱର ସ୍ୱତଃ ଅନୁଭୂତ ହୁଏ । ଏହି ପରମାତ୍ମା ତତ୍ତ୍ୱକୁ ଶୁଦ୍ଧ ବୁଦ୍ଧିରେ ଅନୁଭବ ହେଲେ , ତାହାହିଁ ମୋକ୍ଷ ଅର୍ଥାତ୍ ଜୀବନମୁକ୍ତି । ସେହି ଜ୍ଞାନର ଅନୁଭବତା ହିଁ ଜୀବାତ୍ମାକୁ ସଂସାରର ଜନ୍ମ ମୃତ୍ୟୁ ବନ୍ଧନରୁ ମୁକ୍ତ କରିଥାଏ। ପୂର୍ଣ୍ଣ ସମସ୍ଥିତି ବୁଦ୍ଧି ପ୍ରାପ୍ତ ହେବା ହେଉଛି ଅନାମୟ ପରମପଦ ପ୍ରାପ୍ତ । ଏହା ହିଁ କର୍ମଯୋଗର ପରାକାଷ୍ଠା ।

**ଯଦା ତେ ମୋହକଲିଳଂ ବୁଦ୍ଧିର୍ବ୍ୟତିତରିଷ୍ୟତି ।**
**ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟସ୍ୟଶ୍ରୁତସ୍ୟ ଚ ॥ ୫୨ ॥**

*ଅନ୍ୱୟ: ଯଦା ( ଯେତେବେଳେ ) ତେ (ତୁମ୍ଭର ) ବୁଦ୍ଧିଃ ( ବୁଦ୍ଧି ) ମୋହ କଲିଳମ୍ (ମୋହ ରୂପକ ପଙ୍କକୁ ) ବ୍ୟତିତରିଷ୍ୟତି (ପୂର୍ଣ୍ଣ ଭାବରେ ଅତିକ୍ରମ କରିଯିବ ) ତଦା (ସେତେବେଳେ ) ଶ୍ରୁତସ୍ୟ( ସଂସାରର ଭୋଗ୍ୟ ବିଷୟରେ ଶୁଣିଥିବା ) ଶ୍ରୋତବ୍ୟସ୍ୟ (ଶୁଣିବାକୁ ବାକି ରହିଥିବା ବିଷୟ ସମ୍ବନ୍ଧରୁ ) ନିର୍ବେଦଂ ( ବୈରାଗ୍ୟ ) ଗନ୍ତାସି (ପ୍ରାପ୍ତ ହେବ )।*

**ଭାବାର୍ଥ** : ତୁମ୍ଭର ସମତାସ୍ଥିତ ବୁଦ୍ଧି ଯେତେବେଳେ ଇନ୍ଦ୍ରିୟ ତୃପ୍ତି ପ୍ରାପ୍ତ କରାଉଥିବା ନାଶବାନ୍ ଭୌତିକ ବସ୍ତୁ ଓ ଅହଂକାରରେ ସୁଖବୋଧ କରାଉଥିବା ସଂସାରର ଅନିତ୍ୟ ସମ୍ବନ୍ଧର ମୋହରୁପକ ପଙ୍କକୁ ସଂପୂର୍ଣ୍ଣ ଭାବରେ ଅତିକ୍ରମ କରିଯିବ , ସେତେବେଳେ ଶୁଣିଥିବା ଇହ ଲୋକର ଭୋଗ ଐଶ୍ୱର୍ଯ୍ୟ ଓ ଜାଣିବା ପାଇଁ ବାକି ରହିଥିବା ପରଲୋକର

ସ୍ୱର୍ଗାଦି ସୁଖ ପ୍ରାପ୍ତି ପ୍ରତି ଅନ୍ତଃକରଣରେ ବୈରାଗ୍ୟ ଆସିଯିବ । ସ୍ୱୟଂ ନିତ୍ୟ ଚୈତନ୍ୟ ସ୍ୱରୂପ ହୋଇ ମଧ୍ୟ, ଶରୀର ଆଦି ନାଶବାନ ଜଡ ପଦାର୍ଥଠାରେ ଅହଂଭାବ ମମତ୍ୱ କରି ତା' ସହିତ ନିଜର ସମ୍ବନ୍ଧ ମାନିନିଏ । ଏହି ଅନିତ୍ୟ ବସ୍ତୁ ତଥା ସମ୍ବନ୍ଧ ଯଥା ପୁତ୍ର, ସ୍ତ୍ରୀ,ଧନ,ମାନ ପ୍ରଭୃତିରେ ମମତା କରି ସେଥିରୁ ସୁଖବୋଧ କରିବାରେ ଲାଗିରହିବା ହେଉଛି ବୁଦ୍ଧିର ମୋହରୁପକ ପଙ୍କରେ ବୁଡି ରହିବା । ସମବୁଦ୍ଧି ସ୍ଥିତିରେ ଏହି ଅନିତ୍ୟ ସମ୍ବନ୍ଧକୁ ତୁଚ୍ଛ ମନେକରି ପରିତ୍ୟାଗ କରିବା ହେଉଛି ମୋହ ରୂପକ ପଙ୍କରୁ ବୁଦ୍ଧିର ଉତ୍ଥାନ । ସମବୁଦ୍ଧିଯୁକ୍ତ ଜ୍ଞାନୀ ଭୋଗ୍ୟ ବସ୍ତୁ ପ୍ରାପ୍ତିହେଲେ ତା'ହାକୁ ଅନ୍ୟର ସୁଖରେ ଲଗାଇଦେଇ ଶାନ୍ତି ଆନନ୍ଦ ପ୍ରାପ୍ତ ହୋଇଥାଏ । ଅନ୍ୟମାନଙ୍କୁ ସୁଖ ପ୍ରାପ୍ତି କରାଇବାର ଉତ୍କଣ୍ଠା ଜାଗ୍ରତ ହେଲେ , ନିଜର ସୁଖ ତ୍ୟାଗ ପାଇଁ ଶକ୍ତି ଆସିଯାଏ । ବିବେକ ଓ ବିଚାର ଦ୍ୱାରା ଅନ୍ତଃକରଣରେ ଭୋଗ ଇଚ୍ଛା ନଷ୍ଟ ହୋଇଯାଏ । ବୁଦ୍ଧି ଯେତେବେଳେ ପଙ୍କ ରୂପକ ମୋହକୁ ଅତିକ୍ରମ କରିଯାଏ , ସେତେବେଳେ ଇହଲୋକ ଓ ସ୍ୱର୍ଗ ଲୋକର ଭୋଗ ବିଳାସ ପ୍ରତି ବୈରାଗ୍ୟ ଭାବ ଜାତ ହୁଏ।

**ଶ୍ରୁତିବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଳା ।**
**ସମାଧାବଚଳା ବୁଦ୍ଧିସ୍ତଦା ଯୋଗମବାପ୍ ସ୍ୟସି ॥ ୫୩ ॥**

*ଅନ୍ୱୟ : ଯଦା (ଯେତେବେଳେ) ଶ୍ରୁତିବିପ୍ରତିପନ୍ନା ( ନାନା ଫଳଶ୍ରୁତି ଦ୍ୱାରା ବିକ୍ଷିପ୍ତ ) ତେ ବୁଦ୍ଧିଃ (ତୁମ୍ଭର ବୁଦ୍ଧି ) ସମାଧୌ (ସମାଧିରେ ଅର୍ଥାତ୍ ପରମାତ୍ମାଙ୍କ ଲୟରେ ) ନିଶ୍ଚଳା (ନିଶ୍ଚଳ ହୋଇ ) ଅଚଳ (ସ୍ଥିର )ସ୍ଥାସ୍ୟତି( ରହିବ ଅର୍ଥାତ୍ ସ୍ଥିରତ୍ୱ ପ୍ରାପ୍ତ ହେବ )ତଦା (ସେତେବେଳେ) ଯୋଗମ୍ ( ତତ୍ତ୍ୱଜ୍ଞାନ ବା ଆତ୍ମଜ୍ଞାନ ) ଅବାପ୍ ସ୍ୟସି(ପ୍ରାପ୍ତହେବ)*

**ଭାବାର୍ଥ** : ବେଦର ବର୍ଣ୍ଣିତ ସକାମ କର୍ମ ଓ ସ୍ୱର୍ଗାଦି ଫଳାଦି ନାନା ବିଷୟ ଶ୍ରବଣରେ ଚିତ୍ତ ବିକ୍ଷିପ୍ତ ହୁଏ । ବୁଦ୍ଧି ଯେତେବେଳେ ବିକ୍ଷିପ୍ତ ଚିତ୍ତ ବୃତ୍ତିରେ ନାନା ଦିଗରେ ଧାବିତ ନ'ହୋଇ ନିଶ୍ଚଳ ହୁଏ ଏବଂ ପରମାତ୍ମାଙ୍କ ଲୟରେ ସ୍ଥିର ହୁଏ, ସେତେବେଳେ ସେହି ଅବସ୍ଥାକୁ ନିଶ୍ଚଳ –ଅଚଳ ସ୍ଥିତି କୁହାଯାଏ । ଏହି ସ୍ଥିତିରେ ହେ ଅର୍ଜୁନ ! ତୁମ୍ଭେ ସାମ୍ୟବୁଦ୍ଧିରୁପକ ଯୋଗାବସ୍ଥା ପ୍ରାପ୍ତ ହେବ ଅର୍ଥାତ୍ ଆତ୍ମଜ୍ଞାନରେ ପ୍ରତିଷ୍ଠିତ ହେବ । ଅର୍ଜୁନଙ୍କର ବୁଦ୍ଧିରେ ମଧ୍ୟ "ଶ୍ରୁତିବିପ୍ରତିପତ୍ତି" ଅର୍ଥାତ ଶାସ୍ତ୍ରୀୟ ମତଭେଦ ଦ୍ୱନ୍ଦ୍ୱ ରହିଛି । ତାହା ହେଉଛି ଗୁରୁଜନ ଓ ସ୍ୱକୁଟୁମ୍ବଙ୍କୁ ନିଧନ କରିବା ପାପ ଓ କ୍ଷତ୍ରିୟ ଧର୍ମ ଅନୁଯାଇ ଯୁଦ୍ଧ ନ'କରିବା ମଧ୍ୟ ପାପ । କୁଟୁମ୍ବଙ୍କ ପ୍ରାଣ ରକ୍ଷା କରିବାକୁ ହେଲେ ଯୁଦ୍ଧ କରିବାକୁ ହେବନାହିଁ, ଯୁଦ୍ଧ କରିଲେ କୁଟୁମ୍ବଙ୍କ ପ୍ରାଣ ରକ୍ଷା କରିହେବ ନାହିଁ । ଏହି ଦ୍ୱାନ୍ଦ୍ୱାତ୍ମିକ ସ୍ଥିତିରେ ଅର୍ଜୁନଙ୍କ ବୁଦ୍ଧି ବିଚଳିତ ହୋଇଅଛି । ଦୈନିଦିନ ଜୀବନରେ ସାଧକ ଏହିପରି ଦ୍ୱାନ୍ଦ୍ୱାତ୍ମିକ ସ୍ଥିତି ପ୍ରାପ୍ତ ହୋଇଥାଏ । ଯେପରି ବର୍ତ୍ତମାନ ସାଂସାରିକ କର୍ତ୍ତବ୍ୟକର୍ମକୁ ଆଗେ କରିବ ନା' ପରମାତ୍ମା ପ୍ରାପ୍ତି ଯୋଗସାଧନ ଆଗେ କରିବ । ଏହାର ନିର୍ଣ୍ଣୟାତ୍ମିକ ସମାଧାନ ହେଲା, ସାଂସାରିକ କର୍ମ ଆଗେ । ସେଥିରେ ବିଚାରକୁ ନେବାକୁ ହେବ ଯେ' ସାଂସାରିକ କର୍ତ୍ତବ୍ୟ କରିବାବେଳେ ସଂସାରରୁ ନିଜକୁ କିଛି ପ୍ରାପ୍ତ ନହୋଇ, ସେଥିରେ ନିଜର ତ୍ୟାଗ ରହିବା ଆବଶ୍ୟକ ଓ କର୍ମ ସଂସାରର ସେବା ନିମିତ୍ତ ହେବା ଉଚିତ । ସର୍ବଦା ତ୍ୟାଗ ଓ ସେବା କର୍ମ ଅନୁଷ୍ଠାନରେ ପରମାତ୍ମତତ୍ତ୍ୱ ସ୍ୱତଃ ଉପଲବ୍ଧ ହୁଏ । ଏପରିଭାବରେ କର୍ମ ଯୋଗ, ପରମାତ୍ମାତତ୍ତ୍ୱ ପ୍ରାପ୍ତ ସାଧନର ପ୍ରକୃଷ୍ଟ ମାର୍ଗ ଅଟେ । କର୍ମଯୋଗ ସାଧନାରେ , ବୁଦ୍ଧିରେ ଏହି ଜ୍ଞାନ ଆସେ ଯେ' (୧ )" ମୁଁ ଜୀବାତ୍ମା " (୨) "ମୋତେ ସଂସାର ଛାଡିବାକୁ ହେବ"

(୩) "ମୋତେ ପରମାତ୍ମା ତତ୍ତ୍ୱକୁ ପ୍ରାପ୍ତ କରିବାକୁ ହେବ" । କର୍ମ ଯୋଗୀ ଯେତେବେଳେ ଏହି ତିନୋଟି ଲକ୍ଷକୁ ନିଶ୍ଚିତ କରିନିଏ, ଆଉ ସଂସାରର ସମସ୍ତ ସମ୍ବନ୍ଧକୁ ଚିତ୍ତ ବୃତ୍ତିରୁ ଅନିତ୍ୟ ମନେକରି ଛିନ୍ନ କରେ ଓ ରଜ, ତମ ଗୁଣକୁ ଦବାଇ ସତ୍ତ୍ୱଗୁଣକୁ ମୁଖ୍ୟକରି ନିତ୍ୟ ସତ୍ତ୍ୱସ୍ଥରେ ଅବସ୍ଥାନ କରେ , ସେତେବେଳେ ବୁଦ୍ଧି ନିଶ୍ଚଳ ହୋଇଯାଏ । ବୁଦ୍ଧିରେ ସାଂସାରିକ, ଧାର୍ମିକ ଦ୍ୱନ୍ଦ୍ୱର ଚଞ୍ଚଳତା ରହେନାହିଁ । ଅନ୍ତଃକରଣ ରାଗ ଦ୍ୱେଷ ଆଦି ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ , ଚିତ୍ତ ବୃତ୍ତି ଦୀପ ଶିଖା ସାଦୃଶ ସ୍ଥିର ହୋଇ ରହିବା, ବୁଦ୍ଧିର ନିଶ୍ଚଳ ଅବସ୍ଥା । ସେହି ନିଶ୍ଚଳ ବୁଦ୍ଧିରେ , ଏକାଗ୍ର ଚିତ୍ତରେ ପରମାତ୍ମା ତତ୍ତ୍ୱରେ ଲୟ ରଖିବା ଦ୍ୱାରା ବୁଦ୍ଧିର ଅଚଳ ସ୍ଥିତି ପ୍ରାପ୍ତ ହୁଏ ଅର୍ଥାତ ବୁଦ୍ଧି ସମାଧିସ୍ଥ ହୋଇଯାଏ । ବୁଦ୍ଧି ସଂସାରରୁ ବିମୁଖ ହୋଇ ,ଆତ୍ମାଭିମୁଖୀ ହୋଇ ରହେ । ସେତେବେଳେ ସାମ୍ୟ ବୁଦ୍ଧି ରୂପକ ଯୋଗବସ୍ଥା ପ୍ରାପ୍ତି ହେବ । ଶ୍ରୀଶଙ୍କରାଚାର୍ଯ୍ୟଙ୍କ ସିଦ୍ଧାନ୍ତ ଅନୁଯାଇ , ଜୀବନାମୁକ୍ତ ଅବସ୍ଥା ପ୍ରାପ୍ତ କରିବା ଏହି ସାମ୍ୟ ବୁଦ୍ଧି ରୂପ କର୍ମଯୋଗର ମୁଖ୍ୟଫଳ।

**ଅର୍ଜୁନ ଉବାଚ**

**ସ୍ଥିତପ୍ରଜ୍ଞସ୍ୟ କା ଭାଷା ସମାଧିସ୍ଥସ୍ୟ କେଶବ ।**

**ସ୍ଥିତଧୀଃ କିଂ ପ୍ରଭାଷେତ କିମାସୀତ ବ୍ରଜେତ କିମ୍ ॥ ୫୪॥**

*ଅନ୍ୱୟ : ଅର୍ଜୁନ ଉବାଚ ( ଅର୍ଜୁନ ପଚାରୁଛନ୍ତି ) କେଶବ ( ହେ କେଶବ ! କେଶବ=କ (ବ୍ରହ୍ମା)+ଅ(ବିଷ୍ଣୁ) +ଈଶ(ଶିବ) +ବ(ସ୍ୱରୂପ) ) ବ୍ରହ୍ମା , ବିଷ୍ଣୁ , ଶିବ ଯାହାର ସ୍ୱରୂପ) ସ୍ଥିତପ୍ରଜ୍ଞସ୍ୟ (ପ୍ରଜ୍ଞା ବା ବୁଦ୍ଧି ଯାହାର ସ୍ଥିର) ସମାଧିସ୍ଥସ୍ୟ( ପରମାତ୍ମତତ୍ତ୍ୱରେ ଯାହାର ଚିତ୍ତ ସମାହିତ ) କା ଭାଷା (ସେହି ସିଦ୍ଧ ପୁରୁଷଙ୍କ କଣ ଲକ୍ଷଣ ) ସ୍ଥିତଧୀଃ ( ସ୍ଥିର ବୁଦ୍ଧିଯୁକ୍ତ ପୁରୁଷ ) କିମ୍ ପ୍ରଭାଷେତ (କି ପ୍ରକାର ବାର୍ତ୍ତାଳାପ କରେ) କିମ୍ ଆସୀତ (କି ପ୍ରକାର ବସେ )କିମ୍ ବ୍ରଜେତ ( କି ପ୍ରକାର ବିଚରଣ କରେ ଅର୍ଥାତ୍ ବ୍ୟବହାର କି ପ୍ରକାରର କରିଥାଏ )*

**ଭାବାର୍ଥ** : କର୍ମଯୋଗ ସାଧନାରେ ଯାହାର ବୁଦ୍ଧି ବା ପ୍ରଜ୍ଞା ସମତାରେ ସ୍ଥିର ରହିଥାଏ , ଚିତ୍ତବୃତ୍ତି ଅହରହ ପ୍ରଶାନ୍ତ ହୋଇ ରହିଥାଏ, ସେ ହେଉଛନ୍ତି ସ୍ଥିତପ୍ରଜ୍ଞ । ଯୋଗଯୁକ୍ତ ପୁରୁଷଙ୍କ ଚିତ୍ତବୃତ୍ତି ଯେତେବେଳେ ସର୍ବ ବ୍ରହ୍ମମୟ ଜ୍ଞାନରେ ଉଦ୍ବୁଦ୍ଧ ହୋଇ ପରମାତ୍ମାଙ୍କ ଠାରେ ନିରନ୍ତର ସମାହିତ ହୋଇ ରହେ , ସେହି ପ୍ରକାର ସ୍ଥିତି ହେଉଛି ସମାଧିସ୍ଥ । ଭଗବାନ ଶ୍ରୀକୃଷ୍ଣଙ୍କ ଠାରୁ ସାଙ୍ଖ୍ୟ ଯୋଗରେ ଆତ୍ମା ସମ୍ବନ୍ଧରେ ଓ ବୁଦ୍ଧିଯୋଗରେ ଚିତ୍ତ ବୃତ୍ତିର ସମତା ବିଷୟରେ ଶୁଣିବାପରେ ଅର୍ଜୁନଙ୍କ ମନରେ ସେହି ସ୍ଥିତପ୍ରଜ୍ଞ ଆଉ ପରମାତ୍ମା ତତ୍ତ୍ୱ ପ୍ରାପ୍ତ ସିଦ୍ଧି ପୁରୁଷ, ସାଧାରଣ ମନୁଷ୍ୟ ମାନଙ୍କ ଦ୍ୱାରା କିପରି ପରିଦୃଷ୍ଟ ହୋଇଥାନ୍ତି ତାହା ଜାଣିବାର ଜିଜ୍ଞାସା ଜାଗ୍ରତ ହୋଇଛି । ବର୍ତ୍ତମାନ ଅର୍ଜୁନ ଯୁଦ୍ଧ କରିବା ନ'କରିବା ସମାସ୍ୟା ଉପରୁ ଦୃଷ୍ଟି ଫେରାଇ ନେଇସାରିଲେଣି । ସଂସାର ପୀଡାରୁ ମୁକ୍ତି ଲାଭପାଇଁ ସମତ୍ୱ ବୁଦ୍ଧି ଯୋଗର ସାଧନ ଓ ପରାକାଷ୍ଠା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଜାଣିବାର ଉତ୍କଣ୍ଠା, ଅର୍ଜୁନ ଭଗବାନଙ୍କୁ ପଚାରୁଥିବା ପ୍ରଶ୍ନ ସମୂହରୁ ପରିଲକ୍ଷିତ ହେଉଛି । ବୁଦ୍ଧିଯୋଗ ଯୁକ୍ତ ସିଦ୍ଧ ପୁରୁଷଙ୍କ, କଥାବାର୍ତ୍ତା, ବସିବା ଉଠିବା, ଚାଲି ଚଳନ ପ୍ରଭୃତି ଶାରୀରିକ କ୍ରିୟାରେ କି ପ୍ରକାରର ବିଶେଷତା ଥାଏ ଓ ପରମାତ୍ମା ତତ୍ତ୍ୱରେ ସମାହିତ ହୋଇ ରହିଥିବା ତତ୍ତ୍ୱବିତ୍ ଙ୍କ ଚିତ୍ତବୃତ୍ତି ,କର୍ମ ସନ୍ୟାସ, ଓ ବ୍ୟବହାର ସାଧାରଣ ମନୁଷ୍ୟଙ୍କ ଭିତରେ କି ପ୍ରକାର ଭାବ ସୃଷ୍ଟିକରେ, ତାହା ଭଗବାନଙ୍କଠାରୁ ଜାଣିବାକୁ ଚାହୁଁଛନ୍ତି । ସାମଗ୍ରିକ ଭାବେ ଅର୍ଜୁନ ଜାଣିବାକୁ ଚାହୁଁଛନ୍ତି ଯେ' କେଉଁ କେଉଁ ଲକ୍ଷଣ ସବୁ ଦେଖି ଜାଣିହେବ କି' "ସେ ଜଣେ ତତ୍ତ୍ୱବିତ୍" । ଯାହାକୁ ସାଧକ ଅନୁକରଣ କରି ସାଧନାର

ମାର୍ଗରେ ଅଗ୍ରଗତି କରିପାରିବ । ସାଂସାରିକ ବିଷୟ ଜଗତରେ ବୁଡିରହିଥିବା ବ୍ୟକ୍ତିର ଇନ୍ଦ୍ରିୟ ଭୋଗପ୍ରତି ଆସକ୍ତି ଯୋଗୁଁ ମନ ବିକ୍ଷିପ୍ତ ଓ ଚଞ୍ଚଳ ରହେ । ଚିତ୍ତବୃତ୍ତିରେ ରାଗ-ଦ୍ୱେଷର ବିସମତା କାରଣରୁ ବୁଦ୍ଧି ଅସ୍ଥିର ରହେ । ଏହି ଅସ୍ଥିର ବୁଦ୍ଧିର ସ୍ଥିତିରୁ କାର୍ଯ୍ୟଧାରାରେ ସମନ୍ୱୟ ରହେନାହିଁ ଓ ଲକ୍ଷ ଭ୍ରଷ୍ଟ ହୁଏ। ଅନ୍ୟପକ୍ଷରେ ସ୍ଥିତପ୍ରଜ୍ଞ ପୁରୁଷ ସଂସାର ବିଷୟରୁ ନିବୃତ୍ତ ରହି ନିରନ୍ତର ପରମାତ୍ମା ଲୟରେ ନିବିଷ୍ଟ ହୋଇ ରହନ୍ତି। ଯାହାର ପରମାତ୍ମତତ୍ତ୍ୱ ଜ୍ଞାନ ପ୍ରାପ୍ତ ହୋଇଛି , ସେ ସତ୍ତ୍ୱ, ରଜ, ତମ ଗୁଣରୁ ଅତୀତ । ତାହାଙ୍କ ପାଖରେ ଗୁଣ ମାନଙ୍କ କ୍ରିୟା ନାମକୁ ମାତ୍ର । ଗୁଣାତୀତ ପୁରୁଷଙ୍କ ଅନ୍ତଃକରଣ ରାଗ-ଦ୍ୱେଷ ଆଦି ଦ୍ୱନ୍ଦ୍ୱରୁ ମୁକ୍ତ । ସମସ୍ତ ଗୁଣରୁ ମୁକ୍ତଥିବା ଛୋଟ ବାଳକସଦୃଶ, ସ୍ଥିତପ୍ରଜ୍ଞ ପୁରୁଷର ବାର୍ତ୍ତାଳାପ ଅତି ସରଳ ବୋଧ ହୋଇଥାଏ । ଯାହାର ପରମାତ୍ମା ତତ୍ତ୍ୱଜ୍ଞାନ ପ୍ରାପ୍ତ ହୋଇସାରିଛି, ସେହି ମହାତ୍ମାଙ୍କ ଅନ୍ତଃକରଣରେ ଅହଙ୍କାରର ମୃତ୍ୟୁ ହୋଇସାରିଛି । ମନ, ବୁଦ୍ଧି, ଚିତ୍ତ ଶୁଦ୍ଧ ଚୈତନ୍ୟ ରୂପନେଇ ସବୁସମୟରେ ପରମାତ୍ମା ସହିତ ଯୁକ୍ତ ହୋଇ ରହେ । ସେହି ଯୁକ୍ତ ପୁରୁଷର ସମସ୍ତ ଶାରୀରିକ ଓ ମାନସିକ କ୍ରିୟା ତ୍ରିଗୁଣାତୀତ ଯୋଗେଶ୍ୱର ପରମେଶ୍ୱରଙ୍କ ସହ ସମ୍ବନ୍ଧିତ ହେବାର ବୋଧ ହୋଇଥାଏ । ଏହା ହେଉଛି ବ୍ରହ୍ମ ସାକ୍ଷାତ୍କାର । ସେହି ପୁରୁଷଙ୍କ ପାଇଁ ସମସ୍ତ ବ୍ରହ୍ମାଣ୍ଡ ବ୍ରହ୍ମମୟ ଏବଂ ବ୍ରହ୍ମ ହିଁ ସତ୍ୟ, ବ୍ରହ୍ମ ହିଁ ଇଶ୍ୱର । ଏହି ପ୍ରକାରରେ ସ୍ଥିତପ୍ରଜ୍ଞ ଓ ସମାଧିସ୍ଥ ପୁରୁଷ ନିତ୍ୟ ସତ୍ତ୍ୱସ୍ଥିତ ରହି ସଂସାରରେ ନିର୍ଲିପ୍ତ ଭାବରେ ବିଚରଣ କରିଥାନ୍ତି । ଭଗବାନ ଶ୍ରୀକୃଷ୍ଣ ଏହି ଅଧ୍ୟାୟରେ ୫୫ତମ ଶ୍ଳୋକଠାରୁ ୭୨ଶ୍ଳୋକ ପର୍ଯ୍ୟନ୍ତ ଅର୍ଜୁନ ପଚାରିଥିବା ପ୍ରଶ୍ନର ସମସ୍ତ ଉତ୍ତର ଦେବା ସହିତ , ବୁଦ୍ଧିଯୋଗର ସାଧନ ପ୍ରଣାଳୀ ଓ ଏହାର ମନୁଷ୍ୟ ଜୀବନରେ ଉପଯୋଗୀତା ବିଷୟରେ ଅତି ପ୍ରାଞ୍ଜଳଭାବେ ବୁଝାଇଛନ୍ତି ।

ପ୍ରଜହାତି ଯଦା କାମାନ୍ ସର୍ବାନ୍ ପାର୍ଥ ମନୋଗତାନ୍ ।
ଆତ୍ମନ୍ୟେବାତ୍ମନା ତୁଷ୍ଟଃ ସ୍ଥିତପ୍ରଜ୍ଞସ୍ତଦୋଚ୍ୟତେ ॥ ୫୫॥

*ଅନ୍ୱୟ : ପାର୍ଥ ( ହେ ପୃଥା ନନ୍ଦନ !)ଯଦା (ଯେତେବେଳେ –ସାଧକ ) ମନୋଗତାନ୍(ମନରେ ଆସି ରହିଥିବା ) ସର୍ବାନ୍ (ସମସ୍ତ ପ୍ରକାର ) କାମାନ୍ (ଇଚ୍ଛାକୁ ) ପ୍ରଜହାତି (ପୂର୍ଣ୍ଣ ରୂପରେ ତ୍ୟାଗ କରିଦେଇଥାଏ ) ଆତ୍ମନା (ନିଜ ଦ୍ୱାରା ) ଆତ୍ମନି (ନିଜଠାରେ) ଏବ (ହିଁ ) ତୁଷ୍ଟଃ (ସନ୍ତୁଷ୍ଟ ରହେ ) ତଦା (ସେତେବେଳେ ତାହାକୁ) ସ୍ଥିତପ୍ରଜ୍ଞ (ସ୍ଥିତପ୍ରଜ୍ଞ ) ଉଚ୍ୟତେ (କୁହାଯାଏ)।*

**ଭାବାର୍ଥ** :ଭଗବାନ କହିଲେ : ହେ ପାର୍ଥ ! ଯେଉଁ ସମୟରେ ବୁଦ୍ଧିଯୁକ୍ତ ପୁରୁଷ, ମନରେ ଜାଗ୍ରତ ହୋଇ ରହିଥିବା ସମସ୍ତ ପ୍ରକାର କାମନାକୁ ତ୍ୟାଗକରି ନିଜେ ନିଜର ଅନ୍ତରାତ୍ମାରେ ସନ୍ତୁଷ୍ଟ ବା ପ୍ରସନ୍ନ ରହିଥାଏ ,ସେହି ସମୟରେ ତାହାଙ୍କୁ ସ୍ଥିତପ୍ରଜ୍ଞ ବୋଲି କୁହାଯାଏ । ତାହାଙ୍କ ମନ ଓ ବୁଦ୍ଧି ସର୍ବଦା ନିଶ୍ଚଳ ଓ ସ୍ଥିର ରହିଥାଏ । ଏହା ତୁମେ ଜାଣିରଖ । ଇହଲୋକ, ପରଲୋକରେ ଇନ୍ଦ୍ରିୟସୁଖ, ସ୍ୱର୍ଗାଦି ଦେବଭୋଗ, ଓ ଅଜ୍ଞାନ କାରଣରୁ ନିଜ ଭିତରେ ଅହଂକାରର ପ୍ରଶମିତ ନିମିତ୍ତ ମନରେ ଜାଗ୍ରତ ହେଉଥିବା ଲାଳସା କୁ କାମନା ବା ଇଚ୍ଛା ବୋଲି ବୋଧ କରାଯାଇପାରେ । କାମନା ବିଷୟ ଠାରୁ ପୃଥକ ଓ କାମନା ମଧ୍ୟ ମନ ନୁହେଁ । ବିଷୟ ଜଗତର ଅନେକ ଭୋଗ୍ୟ ବସ୍ତୁ ଇନ୍ଦ୍ରିୟ ମାନଙ୍କ ଦ୍ୱାରା ସୁଚିତ ହୋଇ, ପ୍ରାପ୍ତି ଓ ଭୋଗର ଅପେକ୍ଷାରେ ମନରେ ସୂକ୍ଷ୍ମଭାବେ ସ୍ଥାନ ପାଇ ରହିବା ହେଉଛି ମନୋଗତ କାମନା । କାମନା ମନରୁ ସୃଷ୍ଟି ହୋଇନ'ଥାଏ ।

ମନ ଏକ କରଣ । ମନରେ କାମନା ଆସେ ଓ ଏହା ମନରୁ ଚାଲିଯିବାର ହୁଏ । ମନରେ କାମନାର ସ୍ୱତନ୍ତ୍ର ସ୍ଥିତିକୁ ନ' ମାନିବା ହେଉଛି କାମନାର ପରିତ୍ୟାଗ । କାମ ଶବ୍ଦର ଅର୍ଥ ହେଉଛି ଇଛା । "ସର୍ବାନ୍ କାମାନ୍" ର ଅର୍ଥ ହେଲା ସମସ୍ତ ପ୍ରକାରର ଇଛା । ଏହି ଇଚ୍ଛା ମନରେ ନିବାସ କରି ରହେ ଅର୍ଥାତ୍ ମନର ସ୍ୱଭାବ ହେଉଛି ଇଛା । ଭୋଗ୍ୟ ବସ୍ତୁ ବାହାର ପୃଥିବୀରେ ଥାଏ। କିନ୍ତୁ ଭୋଗ୍ୟ ବସ୍ତୁର ଭୋଗ କରିବାର ଲାଳସା ବା ଇଛା ମନରେ ରହିଥାଏ। ଏହିଇଛା , ଅନେକ ପ୍ରକାର ଅବସ୍ଥା ବା ରୂପରେ ରହି ଥାଏ। ବାସନା ହେଉଛି ଇଛା ର ଅବିକଶିତ ରୂପ । ପୂର୍ବ ଜନ୍ମର କେତେକ ଅପୂର୍ଣ୍ଣ ଇଛା ସଂସ୍କାର ରୂପରେ ଏହି ଶରୀରର ପ୍ରାପ୍ତ ହୋଇଥାଏ ଓ ତାହା ସୂକ୍ଷ୍ମରୂପରେ ବାସନା ଭାବରେ ଅନ୍ତଃକରଣରେ ରହି ପ୍ରାରବ୍ଧ ଭୋଗର କାରଣ ହୁଏ । ଶରୀରର ଅବସ୍ଥା କ୍ରମାନ୍ୱୟରେ ଏହି ବାସନା ବିକଶିତ ହୋଇ ଭୋଗ ନିମିତ୍ତ କାମନାର ରୂପ ନେଇ ମନରେ ଅବସ୍ଥାନ କରିଥାଏ। ଯେତେବେଳେ ଭୋଗ୍ୟ ବସ୍ତୁର ଅଭାବ ଅନୁଭୂତ ହୁଏ ଏବଂ ସେହି ବସ୍ତୁର ଆବଶ୍ୟକତା ଅନ୍ତଃକରଣରେ ଉପଲବ୍ଧି ହୁଏ, ତାହା ହେଉଛି ସ୍ପୃହା । ଅର୍ଥାତ ସ୍ପୃହା ହେଉଛି ଇଛାର ଅର୍ଦ୍ଧବିକଶିତ ରୂପ । ସ୍ପୃହା ଅବସ୍ଥାରେ ଇଛା ମନ ସହିତ ବୁଦ୍ଧିକୁ ମଧ୍ୟ ଅକ୍ତିଆର କରିନେଇଥାଏ। ଯେଉଁ ଅବସ୍ଥାରେ ସ୍ପୃହା ଭୋଗ୍ୟ ବସ୍ତୁର ପ୍ରାପ୍ତି ପ୍ରତି ପ୍ରଯତ୍ନ ବା ପ୍ରଚେଷ୍ଟାରେ ଲାଗିରହେ , ତାହା ହେଉଛି ଇଛାର ପୂର୍ଣ୍ଣ ବିକଶିତ ରୂପ, କାମନା । କାମନା ମନ, ବୁଦ୍ଧି, ଚିତ୍ତ, ଓ ଅହଂକାର ଉପରେ ସଂପୂର୍ଣ୍ଣ କାୟା ବିସ୍ତାର କରି ରହିଥାଏ । ଇଛାର ବିକୃତ ରୂପ ହେଲା ତୃଷ୍ଣା । ଯେପରି ଘିଅ ,ତେଲ ଆଦି ଇନ୍ଧନରେ ଅଗ୍ନି ଅଧିକ ପ୍ରଜ୍ୱଳିତ ହୋଇଥାଏ , ସେହି ପ୍ରକାରେ ଭୋଗର ସେବନରେ ଇଛା ଆହୁରି ବଢିଯାଏ, ତାହାହେଲା ତୃଷ୍ଣା । ଅନନ୍ତ ଭୋଗ ପଦାର୍ଥରେ ମଧ୍ୟ ତୃଷ୍ଣା ଶାନ୍ତ ହୋଇନଥାଏ। ଗୋସ୍ୱାମି ତୁଳସୀଦାସଙ୍କ ଲେଖାରେ , ବିଷୟର ସେବନରେ ଇଛା ପ୍ରତିଦିନ ବଢି ବଢି ଚାଲେ, ଶାନ୍ତ ହୁଏନାହିଁ । ଇଛାକୁ ଶାନ୍ତ କରିବାର ଉପାୟ ବିଷୟଭୋଗ ନୁହଁ । ଇନ୍ଦ୍ରିୟ ସଂଯମତା ଦ୍ୱାରା କାମନାର ଉଦ୍ବେଗକୁ ସାମୟିକ ଭାବେ ପ୍ରଶମିତ କରି ରଖିହୁଏ, କିନ୍ତୁ ତାହା କାମନା ର ସଂପୂର୍ଣ୍ଣ ତ୍ୟାଗ ନୁହଁ । କାମନାକୁ ଜୀବିତ ରଖି କେହି କେବେ ସନ୍ତୋଷ ପ୍ରାପ୍ତ ହୋଇନ'ଥାଏ । କାମନାର ସଂପୂର୍ଣ୍ଣ ତ୍ୟାଗର ଶ୍ରେଷ୍ଠ ଉପାୟ ହେଲା, "ତତ୍ତ୍ୱଜ୍ଞାନ ପୂର୍ବକ ଶରଣାଗତି "। ଭଗବଦ୍ ଶରଣାଗତି ବିନା କାମନା ନିବୃତ୍ତି ଅସମ୍ଭବ । ପରମାତ୍ମା ହେଉଛନ୍ତି ଆନନ୍ଦ ଭଣ୍ଡାରର ସ୍ୱରୂପ । ଦୃଶ୍ୟ ଜଗତରୁ ସର୍ବଥା ଅତୀତ ନିତ୍ୟ ଶୁଦ୍ଧ, ବୁଦ୍ଧ ପରମାତ୍ମା ଙ୍କ ଯଥାର୍ଥ ସ୍ୱରୂପକୁ ପ୍ରତ୍ୟକ୍ଷ କରି ଅନ୍ତଃକରଣରେ ଯେଉଁ ନିତ୍ୟ ତୃପ୍ତ ବୋଧ ହୋଇଥାଏ, ତାହା ହେଉଛି ଆତ୍ମା ଦ୍ୱାରା ଆତ୍ମା ରେ ସନ୍ତୁଷ୍ଟ ପ୍ରାପ୍ତ ହେବା । ସାଧନାରତ କର୍ମଯୋଗୀ ପରମାତ୍ମା ତତ୍ତ୍ୱରେ ସ୍ଥିତ ରହି ସଂସାରରେ ନିଷ୍କର୍ମ କଲ୍ୟାଣ କର୍ମରେ ସେବାରତ ରହିବାରେ ମଧ୍ୟ ପରମାନନ୍ଦ ପ୍ରାପ୍ତି ହୋଇଥାଏ । ଏଥିରେ ଭୋଗ ଲାଳସାର ସ୍ୱତଃ ଅଭାବ ହୋଇଯାଏ । ତୁଷ୍ଟି ବା ସନ୍ତୋଷ ହେଉଛି ଇଛାର ନିବର୍ତ୍ତକ । ଏହି ଆନନ୍ଦ ପ୍ରାପ୍ତିରେ କାମନାର ଅନ୍ତଃକରଣରେ ସ୍ଥାନ ଆଉ ରହେ ନାହିଁ । ଯେତେବେଳେ ଯାଏ ମନ ଏବଂ ବୁଦ୍ଧି କାମନାରୁ ମୁକ୍ତ ହୋଇନ'ଥାନ୍ତି, ଅନ୍ତଃକରଣ ଆତ୍ମାଭିମୁଖୀ ହୋଇନ'ଥାଏ । ଚିତ୍ତବୃତ୍ତିର ସମତା ହେଉଛି ନିତ୍ୟ ସୁଖ ଓ ନିତ୍ୟ ସନ୍ତୋଷ । ଯେତେବେଳେ ସାଧକ କାମନାରୁ ସମ୍ପୂର୍ଣ୍ଣ ରହିତ ହୋଇ ନିଜ ଆତ୍ମସ୍ୱରୂପରେ ସ୍ଥିତ ରହି ପରମାନନ୍ଦ ସୁଖ ପ୍ରାପ୍ତ ହୁଏ, ତାହାକୁ ସ୍ଥିତପ୍ରଜ୍ଞ କୁହାଯିବ । ଇନ୍ଦ୍ରଲୋକ, ଦେବ ଲୋକ, ବ୍ରହ୍ମଲୋକ ରେ ଯେଉଁ ସ୍ୱର୍ଗୀୟ ସୁଖଭୋଗ କଳ୍ପନା କରାଯାଇଛି, ତାହାଠାରୁ

ଅତ୍ୟନ୍ତିକ ଅଧିକ ନିତ୍ୟ ଆନନ୍ଦ ସୁଖ , ଯାହା କାମନା ରହିତ କର୍ମଯୋଗୀକୁ ପ୍ରାପ୍ତ ହୋଇଥାଏ । ସ୍ୱୟଂ ନିତ୍ୟ ଶାଶ୍ୱତ କାରଣରୁ ଏହି ଆନନ୍ଦର ଶେଷ ହୋଇନ'ଥାଏ । ଅଗ୍ନିରତେଜରେ ଉଷ୍ଣତା ଥାଏ। କିନ୍ତୁ ଉଷ୍ଣତା ପ୍ରାପ୍ତି ପାଇଁ ଅଗ୍ନିକୁ ଛାଡି ଅନ୍ୟତ୍ର ଯିବା ଅଜ୍ଞାନ । ସେହିପରି ଆନନ୍ଦ ହେଉଛି ନିଜର ଆତ୍ମସ୍ୱରୂପ । ଆତ୍ମଭାବରୁ ମନ, ବୁଦ୍ଧିକୁ ହଟାଇ ବାହାରର ବିଷୟ ଜଗତ ଭିତରେ ଆନନ୍ଦ ଖୋଜିବା ହେଉଛି ଅଜ୍ଞାନ । ମନ ବୁଦ୍ଧିରେ ଅପରୋକ୍ଷ ଜ୍ଞାନର ଉଦୟ ହେଲେ ,କାମନା ,ବାସନା ରୂପକ ଅନ୍ଧାରର ବିଲୟ ଘଟେ ।

**ଦୁଃଖେଷ୍ୱନୁଦ୍ ବିଗ୍ନମନାଃ ସୁଖେଷୁ ବିଗତ ସ୍ପୃହଃ ।**
**ବୀତରାଗ ଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ ॥ ୫୬॥**

*ଅନ୍ୱୟ: ଦୁଃଖେଷୁ ( ଯାବତିୟ ପ୍ରତିକୂଳ ପରିସ୍ଥିତି ପ୍ରାପ୍ତରେ )ଅନୁଦ୍ ବିଗ୍ନମନା ( ଉଦ୍ ବେଗ ଶୂନ୍ୟ ଚିତ୍ତ ) ସୁଖେଷୁ (ସର୍ବବିଧ ସୁଖରେ) ବିଗତ ସ୍ପୃହଃ (ଆସକ୍ତିଶୁନ୍ୟ ) ବୀତରାଗ ଭୟକ୍ରୋଧଃ ( ଅନୁରାଗ,ଭୟ, କ୍ରୋଧ ମୁକ୍ତ )ମୁନିଃ (ମନନଶୀଳ ମନୁଷ୍ୟକୁ ) ସ୍ଥିତଧୀଃ (ସ୍ଥିତପ୍ରଜ୍ଞ ) ଉଚ୍ୟତେ(କୁହାଯାଏ)।*

**ଭାବାର୍ଥ:** ଏହି ଶ୍ଳୋକରେ ଭଗବାନ ସ୍ଥିତପ୍ରଜ୍ଞ ପୁରୁଷଙ୍କର ଲକ୍ଷଣ ବାହାରକୁ କିପରି ଭାବରେ ପ୍ରକଟ ହୋଇଥାଏ ତାହା ଅର୍ଜୁନଙ୍କର ପ୍ରଶ୍ନର ଉତ୍ତର ରଖିଛନ୍ତି । ଦୈହିକ ,ଭୌତିକ, ତଥା ଦୈବିକ ଦୁଃଖରେ ଯାହାର ମନ ବ୍ୟାକୁଳ ହୋଇନଥାଏ , ସୁଖପ୍ରାପ୍ତିରେ ଯାହାର ସ୍ପୃହା ଦୂର ହୋଇଯାଇଛି , ତଥା ଅନ୍ତଃକରଣ ଯାହାର ରାଗ, ଭୟ, କ୍ରୋଧରୁ ମୁକ୍ତ ହୋଇଯାଇଛି, ଏବଂ ମନନଶୀଳତାର ଶୀର୍ଷରେ ପହଞ୍ଚିଥିବା ମୁନିକୁ ସ୍ଥିତପ୍ରଜ୍ଞ କୁହାଯାଇଥାଏ । ପ୍ରାରବ୍ଧ ଜନିତ ପ୍ରତିକୂଳ ପରିସ୍ଥିତି, କିମ୍ବା କର୍ତ୍ତବ୍ୟ କର୍ମ କରୁଥିବା ସମୟରେ ସେଥିରେ ବାଧା କିମ୍ବା ବିପରୀତ ଫଳ ପ୍ରାପ୍ତିରେ ଓ ନିନ୍ଦା ଅପମାନରେ ବୁଦ୍ଧିଯୁକ୍ତ ପୁରୁଷ ମନରେ ଉଦ୍ବେଗ ଜାତ ହୁଏନାହିଁ । ଦୁଃଖକୁ ପୂର୍ବଜନ୍ମ କୃତପାପର ପ୍ରାରବ୍ଧ ମନେକରି ନିର୍ବିକାର ଭାବରେ ତାହାକୁ ସହ୍ୟ କରନ୍ତି ଓ ସମସ୍ତ କଷ୍ଟକୁ ପାପକ୍ଷୟ ନିମନ୍ତେ ଭଗବାନଙ୍କ କୃପା ବୋଲି ଗ୍ରହଣ କରିଥାନ୍ତି । ସ୍ଥିତଧୀ ମୁନି ସର୍ବଦା ପରମାତ୍ମା ଲୟରେ ଥାନ୍ତି । ତାହାଙ୍କ ଚିତ୍ତବୃତ୍ତି ସମସ୍ତ ପ୍ରକାର ମାନସିକ କଳ୍ପନା ବାସନା ସ୍ତରକୁ ଅତିକ୍ରମ କରିଯାଇଥାଏ । ସ୍ଥିତଧୀ ମନନଶୀଳ ପୁରୁଷ ସର୍ବବିଧ ସୁଖ ପ୍ରାପ୍ତିରେ ସ୍ପୃହା ରହିତ ହୋଇଥାଏ । ଅର୍ଥାତ୍ ଇନ୍ଦ୍ରିୟ ଭୋଗ୍ୟ ବସ୍ତୁ , ଅନୁକୂଳ କର୍ମ ଫଳ, ପ୍ରଶଂସା , ସମ୍ମାନ ପ୍ରାପ୍ତ ହେଲେ , ଏହା ସବୁବେଳେ ପ୍ରାପ୍ତହୋଇ ରହିଥାଉ ବୋଲି ମନରେ ସ୍ପୃହା ରଖିନ'ଥାଏ । ଦେହାଭୀମାନ ସମ୍ବନ୍ଧୀୟ ଅନିତ୍ୟ ସୁଖ ଓ ଦୁଃଖରେ ଲେଶମାତ୍ରାରେ ଭାବ ପ୍ରବଣତା ରହି ନ'ଥାଏ । ସାଂସାରିକ ଦୁଃଖରେ ଅନ୍ତଃକରଣର ପୀଡା ଲାଘବର ଉପାୟ ହେଲା (୧) ମନରେ ଦୃଢମତ ପୋଷଣ କରି ରଖିବାକୁ ହେବ ଯେ' ସଂସାରରେ ଦେହ ଧରି ରହିଲା ପର୍ଯ୍ୟନ୍ତ, ପ୍ରତିକୂଳ ପରିସ୍ଥିତି, ଭୌତିକ, ଦୈହିକ, ପ୍ରାରବ୍ଧ, ଅଥବା ଅଦୃଷ୍ଟ କାରଣରୁ ହେଉ, ଦୁଃଖ ଆସିବା ଅନିବାର୍ଯ୍ୟ । ଦୁଃଖ ଆସିଲେ , ଧୌର୍ଯ୍ୟର ସହ ସ୍ଥିର ବୁଦ୍ଧିରେ ବିଚାରକରି ଆଗକୁ ଉଚିତ ପଦକ୍ଷେପ କର୍ତ୍ତବ୍ୟ ମାନି ଗ୍ରହଣ କରିବା ବିଧେୟ (୨) ଦୁଃଖର ଭୌତିକ କାରଣ ଖୋଜିବା ଉଚିତ ନୁହଁ । ନିଜର ଏହି ପରିସ୍ଥିତି ପାଇଁ ଅନ୍ୟ କାହାକୁ ଦାୟୀ କରିବାକୁ ହେବନାହିଁ । (୩) ଏହା ଦୃଢ ଭାବରେ ମାନିନେବାକୁ ହେବଯେ' ଏହି ପରିସ୍ଥିତି ରହିବ ନାହିଁ । ଏହା ସାମୟିକ ଏବଂ ଏହାମଧ ଚାଲିଯିବ । ସୁଖ ହେଉ କିମ୍ବା ଦୁଃଖ ହେଉ, ଏହାର ନିଶ୍ଚୟ ଅନ୍ତ ଘଟିବ । ମନର ପୀଡା ସମୟରେ ବହୁତ ସମୟ ଆତ୍ମଭାବ, କିମ୍ବା

ସମୂହ ସେବା କାର୍ଯ୍ୟରେ ଲିପ୍ତ ରହିବା ବିଧେୟ । ଏହି ଅଭ୍ୟାସରେ ପ୍ରତିକୂଳ ପରିସ୍ଥିତିରେ ମାନସିକ ଯନ୍ତ୍ରଣା ଶୀଘ୍ର ଉପଶମ ହୋଇଥାଏ। ରାଗ, ଭୟ, କ୍ରୋଧ ହେଉଛି ତାପତ୍ରୟ । ରାଗ ହେଲା, ଯେଉଁ ଭୋଗ୍ୟ ପଦାର୍ଥ ଠାରୁ ସୁଖ ପ୍ରାପ୍ତ ହୁଏ ସେହି ବସ୍ତୁ ପ୍ରତି ମନରେ ଆକର୍ଷଣ ରହିବା । ସେହି ବିଶେଷ ଆକର୍ଷଣ ହେଉଛି ମନର ଅନୁରାଗ । ସଂସାରପ୍ରତି ଅନୁରାଗ ରହିଲେ , ତାହା ତୃଷ୍ଣା ରୂପନେଇ ଚିତ୍ତବୃତ୍ତିକୁ ବିଚଳିତ କରେ । ପ୍ରାପ୍ତ ହୋଇଥିବା ବିନାଶଶୀଳ ଭୋଗ୍ୟ ବସ୍ତୁର ହରାଇବାର ଆଶଙ୍କା ହେଉଛି ଭୟ । ଭୟ ପରିଣାମୀ ଜନିତ ମାନସିକ କଳ୍ପନାରୁ ସୃଷ୍ଟ । ବାସ୍ତବ ସ୍ୱରୂପର ଅଜ୍ଞାନ ଯୋଗୁଁ ଭୟ ଜାତ ହୁଏ। ନିତ୍ୟ, ଅନିତ୍ୟ ଜ୍ଞାନ ହେଲେ, ଭୟ ସ୍ୱତଃ ନଷ୍ଟ ହୋଇଯାଏ। ପ୍ରତିକୂଳତାର ସମ୍ଭାବନାରେ ଚିତ୍ତବୃତ୍ତିରେ ଯେଉଁ ଜ୍ୱଳନ ବା ଉତ୍ତେଜନା ଉତ୍ପନ୍ନ ହୁଏ ତାହା ହେଉଛି କ୍ରୋଧ । ବିଶେଷ ଭାବେ କ୍ରୋଧ ଅହଂକାର ସମ୍ବନ୍ଧିୟ ହୋଇଥାଏ । "ମୁଁ ଚାହିଁବା ପ୍ରକାରେ ସମସ୍ତ କାର୍ଯ୍ୟ ହେଉ" ଏହି ଚିନ୍ତାଧାରା ମଧ୍ୟ ଗୋଟିଏ ପ୍ରକାର କାମନା । ଏହା ଅତି ସୂକ୍ଷ୍ମଭାବରେ ଅହଂକାରରେ ନିବାସ କରି ରହିଥାଏ । କାର୍ଯ୍ୟ ଧାରା ଆଶାନୁରୂପରୁ ବ୍ୟତିକ୍ରମ ହେଲେ, କିମ୍ବା କାହାଦ୍ୱାରା ବାଧାପ୍ରାପ୍ତ ହେଲେ କ୍ରୋଧ ଉତ୍ପନ୍ନ ହୁଏ । କ୍ରୋଧ ଚିତ୍ତବୃତ୍ତିକୁ ଅସ୍ତ ବ୍ୟସ୍ତ କରିପକାଏ ଓ ବୁଦ୍ଧିକୁ ନିକମା କରିଦିଏ । ସୁଖ ଦୁଃଖ,ଅନୁରାଗ, ଭୟ, କ୍ରୋଧ ପ୍ରଭୃତି ମନର ବୃତ୍ତି ବିଶେଷ । ମନରେ ଏହି ସବୁ ପ୍ରବୃତ୍ତି ରହିବା , କିମ୍ବା ଏସବୁର ନିବୃତ୍ତି ର ଲକ୍ଷଣ ମନୁଷ୍ୟଠାରେ ତାହାର କଥାବାର୍ତ୍ତା, ଅନ୍ୟମାନଙ୍କ ସହ ମିଳାମିଶା, ଚାଲି ଚଳନରେ ପ୍ରକଟିତ ହୋଇଥାଏ । ସ୍ଥିତପ୍ରଜ୍ଞ ପୁରୁଷ ଏ ସମସ୍ତ ବୃତ୍ତିରୁ ନିବୃତ୍ତରହି ପରମାତ୍ମା ତତ୍ତ୍ୱରେ ଲୟରହି ସଂସାରରେ ନିର୍ଲିପ୍ତ ଭାବେ ବିଚରଣ କରୁଥାଏ।

**ଯଃ ସର୍ବତ୍ରାନଭିସ୍ନେହସ୍ତତ୍ତତ୍ ପ୍ରାପ୍ୟ ଶୁଭାଶୁଭମ୍ ।**

**ନାଭିନନ୍ଦତି ନ ଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥ ୫୭ ॥**

*ଅନ୍ୱୟ : ସର୍ବତ୍ର(ସଂସାରର ସମସ୍ତ ଜୀବ ଓ ଜଡ ସମ୍ବନ୍ଧରେ ) ଯଃ ( ଯେଉଁ ମନୁଷ୍ୟ ) ଅନଭିସ୍ନେହଃ(ଅନାସକ୍ତ ରହେ ) ତତ୍ ତତ୍ ( ସେହି ସେହି ଜୀବ ଓ ଜଡର ସମ୍ବନ୍ଧରୁ )ପ୍ରାପ୍ୟ ( ପ୍ରାପ୍ତ ହେଉଥିବା ) ଶୁଭାଶୁଭମ୍ ( ଶୁଭ ଅଶୁଭ ପରିଣାମରେ ) ନ ଅଭିନନ୍ଦତି (ପ୍ରସନ୍ନ ହୁଏନାହିଁ କି' ) ନ ଦ୍ୱେଷ୍ଟି ( ବିଷାଦ ହୁଏନାହିଁ ) ତସ୍ୟ ( ତାହାର ) ପ୍ରଜ୍ଞା ( ବୁଦ୍ଧି ) ପ୍ରତିଷ୍ଠିତା ( ସ୍ଥିର )*

**ଭାବାର୍ଥ :** କର୍ମଯୋଗୀ ସଂସାରରେ ସମସ୍ତ ପ୍ରାଣୀ ଓ ବସ୍ତୁ ସହିତ ସମ୍ବନ୍ଧିତ ହୋଇଥିଲେ ମଧ୍ୟ ଅଭିସ୍ନେହ ରହିତ ହୋଇଥାଏ। ଅର୍ଥାତ୍ ଜୀବ ଓ ଜଡ ବସ୍ତୁ ପ୍ରତି ଆକର୍ଷିତ ବା ଆସକ୍ତ ହୋଇ ସମ୍ବନ୍ଧ ରଖିନ'ଥାଏ । ହଂସ ପାଣିରେ ବୁଡି ରହିଥିଲେ ପାଣି ଯେପରି ତାରି ଦେହରେ ଲାଗି ନ'ଥାଏ , କର୍ମଯୋଗୀ ସେହିପରି ବ୍ୟବହାରିକ ଦୃଷ୍ଟିରୁ ବାହ୍ୟରେ ବ୍ୟକ୍ତି, ଓ ପଦାର୍ଥ ସହିତ ସମ୍ବନ୍ଧିତ ଥିଲେ ମଧ୍ୟ , ଅନ୍ତରରେ ପୂର୍ଣ୍ଣ ମାତ୍ରାରେ ନିର୍ଲିପ୍ତ ରହିଥାଏ। ସ୍ଥିର ବୁଦ୍ଧି ସମ୍ପନ୍ନ ପୁରୁଷ କୌଣସି ବସ୍ତୁ କିମ୍ବା ବ୍ୟକ୍ତି , ଏପରିକି ନିଜ ଶରୀର, ସନ୍ତାନ ସନ୍ତତି ଉପରେ ମଧ୍ୟ ଆଦୌ ଅଭିସ୍ନେହ ରଖିନ'ଥାଏ । ବସ୍ତୁ ଓ ବ୍ୟକ୍ତି ସହିତ ଆସକ୍ତି ରହିଲେ, ସେହିମାନଙ୍କ ସହିତ ସମ୍ବନ୍ଧିତ କର୍ମ ଆଉ କର୍ମଫଳରୁ ଗୁଣଦୋଷ କାରଣରୁ ଚିତ୍ତ ବୃତ୍ତିରେ ଶୁଭ ଅଶୁଭ, ଭଲ ମନ୍ଦ ପ୍ରଭୃତି ଦ୍ୱନ୍ଦ୍ୱ ଜାତ ହୁଏ। ଆସକ୍ତି ହିଁ ହେଉଛି ଅଭିସ୍ନେହ, କାମ, କ୍ରୋଧ,ଭୟ, ଓ ସମସ୍ତ ଦ୍ୱନ୍ଦ୍ୱ ଭାବର ମୂଳ କାରଣ। ସଂସାରି ଲୋକ ଅନୁକୂଳ ଫଳ ପ୍ରାପ୍ତିରେ ହର୍ଷିତ ହୋଇ ସ୍ୱାଗତ ଭାଷଣ କରେ , ନିଜର ପ୍ରଶଂସା ଚାରିଆଡେ କହି ବୁଲେ । ନତୁବା ,ପରିଣାମ ପ୍ରତିକୂଳ ହେଲେ ବିଷାଦ ହୋଇ କର୍ମଫଳକୁ ଘୃଣା କରିବାରେ ଲାଗେ । କର୍ମଫଳକୁ ଅଶୁଭ ମନେକରି ଅନ୍ୟକୁ ଦାୟୀ ରଖେ

ଓ ସେମାନଙ୍କର କର୍ମକୁ ଅନାଦର ଓ ଅସମ୍ମାନ କରେ । କର୍ମଯୋଗୀର ଚିତ୍ତବୃତ୍ତିରେ ରାଗ ଦ୍ୱେଷର ଅଭାବ କାରଣରୁ ବୁଦ୍ଧି ବ୍ୟବସ୍ଥିତ ଭାବରେ ପ୍ରତିଷ୍ଠିତ ହୋଇଥାଏ। ଯାହାର ମନ ଆସକ୍ତି ଓ ମମତା ଶୂନ୍ୟ, ତାହାର ଚିତ୍ତବୃତ୍ତି ବିକାର ଶୂନ୍ୟ, ଆଉ ବୁଦ୍ଧି ନିଶ୍ଚୟାତ୍ମିକ ଭାବରେ ପ୍ରତିଷ୍ଠିତ । କର୍ମ, କର୍ମ ସାମଗ୍ରୀ ଆଉ କର୍ମଫଳ ପ୍ରତି ଅନାସକ୍ତ କାରଣରୁ କର୍ତ୍ତବ୍ୟ କର୍ମ ସମ୍ପାଦନରେ ଶୁଭ, ଅଶୁଭ, ଅନୁକୂଳ ପ୍ରତିକୂଳ ବୋଧ ହୋଇ ନ'ଥାଏ । କେବଳ କର୍ମ କରିବାରେ ହିଁ ସେ ଆନନ୍ଦ ପ୍ରାପ୍ତ ହୋଇଥାଏ । ପର୍ବତ ଶିଖରରେ ଠିଆ ହୋଇ ପର୍ବତର ପାଦ ଦେଶକୁ ଦେଖିଲେ, ଭୂମି ଉପରେ ଥିବା ଛୋଟ ଛୋଟ ତୃଣ ଓ ବୃହତ ବୃକ୍ଷ, ଖାଲ ଢିପ ଯେପରି ବିଶେଷ ଭାବେ ପୃଥକ ଜଣାପଡେ ନାହିଁ, ସ୍ଥିତପ୍ରଜ୍ଞ ପୁରୁଷକୁ ସେହିପରି ସଂସାରର ଘଟଣାରେ, ଶୁଭ , ଅଶୁଭ , ଭଲ ମନ୍ଦ ବୋଧ ହୋଇନ'ଥାଏ । ସବୁଠାରୁ ଦୁର୍ଲ୍ଲଭ ଅପ୍ରାପ୍ୟ ବସ୍ତୁ ପରମାନନ୍ଦ ଶାନ୍ତିକୁ ଯୋଗୀ ବିଷୟ ସମ୍ବନ୍ଧରୁ ଖୋଜି ନ'ଥାଏ । ତେଣୁ ସଂସାରରେ ପ୍ରତିମୁହୂର୍ତ୍ତରେ ଘଟୁଥିବା ଘଟଣାକୁ ସେ ଶୁଭ ମନେକରି ପ୍ରସନ୍ନ ରହେନି କି' ଅଶୁଭ ମନେକରି ବିଷାଦ ହୁଏନି । ଭଲ ମନ୍ଦ, ଶୁଭ ଅଶୁଭ ଆଦି ବିଚାର କରିବା ଏସବୁ ଈଶ୍ୱରଙ୍କ କାମ ବୋଲି କର୍ମଯୋଗୀ ବିଶ୍ୱାସ ରଖି ସମସ୍ତ କର୍ମ ଈଶ୍ୱରଙ୍କୁ ସମର୍ପିତ କରିଦେଇଥାଏ। ଅର୍ଜୁନଙ୍କ "ସ୍ଥିତପ୍ରଜ୍ଞ କିପରି ଭାଷଣ କରେ" ପ୍ରଶ୍ନର ଉତ୍ତରରେ ଭଗବାନ ଏହି ପ୍ରସଙ୍ଗ ରଖିଛନ୍ତି। ପରବର୍ତ୍ତୀ ଶ୍ଲୋକରେ ସ୍ଥିତପ୍ରଜ୍ଞ କିପରି ଆସିନ ଅର୍ଥାତ କେଉଁ ଭାବରେ ବସି ରହେ ତାହା ଉପସ୍ଥାପନ କରିଛନ୍ତି ।

**ଯଦା ସଂହରତେ ଚାୟଂ କୂର୍ମୋଅଙ୍ଗାନୀବ ସର୍ବଶଃ ।**

**ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥ ୫୮ ॥**

*ଅନ୍ୱୟ: କୂର୍ମଃ (କଚ୍ଛପ) ଇବ ଚ ( ଯେପରି) ଅଙ୍ଗାନୀ (ଅଙ୍ଗ ଗୁଡିକୁ) ସର୍ବଶଃ(ସବୁ ଦିଗରୁ) ସଂହରତେ (ସଂକୁଚିତ କରିନିଏ ) ଯଦା (ଯେତେବେଳେ) ଅୟମ୍ (ଏହି ବୁଦ୍ଧିଯୁକ୍ତ ପୁରୁଷ ) ଇନ୍ଦ୍ରିୟାର୍ଥେଭ୍ୟଃ(ଇନ୍ଦ୍ରିୟ ଭୋଗ୍ୟ ବିଷୟ ସମୂହରୁ ) ଇନ୍ଦ୍ରୟାଣି (ଇନ୍ଦ୍ରିୟ ମାନଙ୍କୁ ସର୍ବଥା ନିବୃତ୍ତ କରିନିଏ ) ତସ୍ୟ ( ତାହାର ) ପ୍ରଜ୍ଞା ( ବୁଦ୍ଧି ) ପ୍ରତିଷ୍ଠିତା ( ସ୍ଥିର ରହେ ) ।*

**ଭାବାର୍ଥ :** ବହୁତ ଦୂରରୁ ବିପଦର ଆଭାସ ପାଇଲେ , କଚ୍ଛପ ନିଜର ମୁଣ୍ଡ, ଲାଞ୍ଜ, ଓ ହସ୍ତ , ପାଦ ଭିତରକୁ ସଂକୁଚିତ କରିନେଇ ନିର୍ଜୀବ ଭାବେ ସ୍ଥିରହୋଇ ରହିଯାଏ। ଶକ୍ତ ପିଠି ତଳେ ନିଜ ପ୍ରାଣକୁ ବାହ୍ୟ ଶତ୍ରୁ କବଳରୁ ସୁରକ୍ଷା ଦିଏ । ଠିକ୍ ସେହି ସଦୃଶ, ବିଷୟ ଜଗତରେ ବିଚରଣ କରୁଥିବା ଇନ୍ଦ୍ରିୟ ମାନଙ୍କୁ ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶ ଜନିତ ବାସନା ଭୋଗରୁ ପ୍ରତ୍ୟାହାର କରିନେଇ , ଯେଉଁ ପୁରୁଷ ହୃଦୟ ଭିତରେ ଚିତ୍ତକୁ ନିରୁଦ୍ଧ ଅବସ୍ଥାରେ ରଖିବାକୁ ସକ୍ଷମ ହୋଇଥାନ୍ତି, ତାହାଙ୍କ ବୁଦ୍ଧି ସ୍ଥିର ହୋଇଥାଏ । ଆଧାତ୍ମିକ ସାଧନାର ମୂଳ ଦୁଆ ହେଲା ଇନ୍ଦ୍ରିୟ ସଂଯମ । ଜ୍ଞାନ, କର୍ମ,ଭକ୍ତି ,ଯେଉଁ ଯୋଗ ମାର୍ଗ ହେଉନା କାହିଁକି, ଆଧାତ୍ମିକ ମାର୍ଗରେ ଆଗକୁ ଯିବାପାଇଁ ସାଧକ ଇନ୍ଦ୍ରିୟ ସଂଯମତାରୁ ସାଧନା ଆରମ୍ଭ କରିଥାଏ । ଇନ୍ଦ୍ରିୟମାନଙ୍କୁ ଭୋଗ୍ୟ ପଦାର୍ଥ ଠାରୁ ବାହ୍ୟଭାବରେ ଦୂରେଇ ରଖିବା ସଂଯମ ନୁହେଁ । ଇନ୍ଦ୍ରିୟ ମାନଙ୍କୁ ମନ ଓ ବୁଦ୍ଧିର ନିୟନ୍ତ୍ରଣରେ ରଖି,ସାଧକ ନିଜ ଇଚ୍ଛା ଶକ୍ତି ଦ୍ୱାରା ଇନ୍ଦ୍ରିୟମାନଙ୍କର ଗତି ବିଧିକୁ ପରିଚାଳନା କରିବା ହେଉଛି ଆତ୍ମ ସଂଯମ । ଇନ୍ଦ୍ରିୟ ମାନେ ସବୁବେଳେ ବିନା ବାଧାରେ କୌଣସି କଟକଣା ନ'ଥାଇ ସ୍ୱାଚ୍ଛନ୍ଦରେ ବିଷୟ ଭୋଗରେ ଲିପ୍ତ ରହିଥାନ୍ତି । ମୁହୁର୍ତ୍ତେ ପାଇଁ ବିଷୟଭୋଗରୁ ଅନ୍ତର ଘଟିଲେ, ଇନ୍ଦ୍ରିୟ ମାନଙ୍କ ତାଡନାରେ ମନ ଚଞ୍ଚଳ ହୁଏ ଓ ବୁଦ୍ଧି ଅସ୍ଥିର ହୁଏ । ଯେ ପର୍ଯ୍ୟନ୍ତ

ସାଧକ ଇନ୍ଦ୍ରିୟ ସୁଖଭୋଗରୁ ନିଜକୁ ଦୂରେଇ ନ ନେଇଛି , ସେ ପର୍ଯ୍ୟନ୍ତ ପରମାତ୍ମା ତତ୍ତ୍ୱରେ ବୁଦ୍ଧି ସ୍ଥିର ହେବା ସମ୍ଭବ ନୁହେଁ । ଇନ୍ଦ୍ରିୟମାନଙ୍କୁ ସଂଯମ କରି ହୃଦୟ ଭିତରେ ନିରୋଧ କରି ରଖିବା ହେଉଛି ସାଧନାର ଉଚ୍ଚତମ ସ୍ତର । ପତଞ୍ଜଳି ଅଷ୍ଟାଙ୍ଗ ଯୋଗମାର୍ଗରେ ଏହାକୁ "ପ୍ରତ୍ୟାହାର" ନାମରେ ପ୍ରମୁଖ ସାଧନ ଭାବରେ ବର୍ଣ୍ଣନା କରାଯାଇଛି । ଦୃଢ ଇଚ୍ଛାଶକ୍ତି ଦ୍ୱାରା ମନ ସହିତ ଇନ୍ଦ୍ରିୟ ମାନଙ୍କୁ ଭୋଗ୍ୟବସ୍ତୁରୁ ହଟାଇନେବା ହେଉଛି ପ୍ରତ୍ୟାହାର । ଧ୍ୟାନ ଓ ସମାଧି ସ୍ତରକୁ ପହଞ୍ଚିବାକୁ ହେଲେ ବିଷୟ ଜଗତରୁ ଉପରମତି ହେବା ଆବଶ୍ୟକ । ସ୍ୱାମୀ ଶିବାନନ୍ଦ ଗୀତା ଟିକା ରେ :" ଯେ ପ୍ରତ୍ୟାହାର ସାଧନାରେ ସିଦ୍ଧି ପ୍ରାପ୍ତ, ସେ ବିଷୟ ଜଗତ ପାଇଁ ମୃତ । ସଂସାରର କୌଣସି ଅନିତ୍ୟ ବସ୍ତୁ ଦ୍ୱାରା ସଂଯମୀ ପୁରୁଷ ପ୍ରଭାବିତ ହୋଇନଥାଏ । ଯୋଗୀ ଯେ କୌଣସି ସମୟରେ, ଯେ କୌଣସି ସ୍ଥାନରେ ନିଜର କଲ୍ୟାଣରେ ଇନ୍ଦ୍ରିୟ ମାନଙ୍କୁ ଉପଯୋଗ କରିପାରେ।

**ବିଷୟା ବିନିବର୍ତ୍ତନ୍ତେ ନିରାହାରସ୍ୟ ଦେହିନଃ ।**
**ରସବର୍ଜଂ ରସୋଽପ୍ୟସ୍ୟ ପରଂ ଦୃଷ୍ଟ୍ୱା ନିବର୍ତ୍ତତେ ॥ ୫୯॥**

*ଅନ୍ୱୟ : ନିରାହାରସ୍ୟ (ଇନ୍ଦ୍ରିୟ ଦ୍ୱାରା ବିଷୟଭୋଗ ପ୍ରବୃତ୍ତିର ନିଷେଧ) ଦେହିନଃ (ବ୍ୟକ୍ତିର) ବିଷୟାଃ (ରୂପ ,ରସ ,ଶବ୍ଦ ଆଦି ସମସ୍ତ ବିଷୟ ) ରସବର୍ଜଂ ( ବିଷୟରସ ବ୍ୟତୀତ- ବିଷୟ ଅନୁରାଗ ବ୍ୟତୀତ ) ବିନିବର୍ତ୍ତନ୍ତେ ( ନିବୃତ୍ତ ହୁଅନ୍ତି ) ପରଂ ଦୃଷ୍ଟ୍ୱା( କିନ୍ତୁ ପରମାତ୍ମା ତତ୍ତ୍ୱର ଅନୁଭବ ହୋଇଥିବାରୁ ) ଅସ୍ୟ ( ଏହି ସ୍ଥିତପ୍ରଜ୍ଞ ବ୍ୟକ୍ତିର )ରସଃ(ରସ) ଅପି(ମଧ୍ୟ) ନିବର୍ତ୍ତତେ ( ନିବୃତ୍ତ ହୋଇଯାଏ ଅର୍ଥାତ୍ ବିଷୟ ଜଗତ ପ୍ରତି ଭୋଗବୁଦ୍ଧି ରହେନାହିଁ )।*

**ଭାବାର୍ଥ** :ଇନ୍ଦ୍ରିୟମାନଙ୍କ ଠାରୁ ଭୋଗ୍ୟ ବସ୍ତୁର ସେବନକୁ ନିଷିଦ୍ଧ କରି ରଖିବା ଦ୍ୱାରା କେବଳ ଭୋଗ୍ୟ ବିଷୟର ବାହ୍ୟ ଭାବରେ ନିବୃତ୍ତ ହୁଏ , ମାତ୍ର ଅନ୍ତରରେ ବିଷୟ ପ୍ରତି ଥିବା ଆସକ୍ତିର ନିବୃତ୍ତି ହୋଇନ'ଥାଏ । କିନ୍ତୁ ସ୍ଥିତପ୍ରଜ୍ଞ ପୁରୁଷର, ବିଷୟ ଜଗତରୁ ଓ ଇନ୍ଦ୍ରିୟସୁଖ ପ୍ରତି ମନରେ ଆସକ୍ତି, ଉଭୟରୁ ନିବୃତ୍ତି ହୋଇଥାଏ । ଶରୀରର ସମସ୍ତ ଇନ୍ଦ୍ରିୟମାନଙ୍କ ନିରାହାରର ଅର୍ଥ ହେଲା , ଇନ୍ଦ୍ରିୟମାନଙ୍କୁ ରୂପ, ରସ,ଶବ୍ଦ, ଗନ୍ଧ, ସ୍ପର୍ଶ ଜନିତ ସୁଖବୋଧରୁ ନିବୃତ୍ତ କରି ରଖିବା । ଏହାଦ୍ୱାରା ବାହ୍ୟ ଭାବରେ ଇନ୍ଦ୍ରିୟମାନେ ବିଷୟ ଭୋଗ ସେବନରୁ ବିରତ ହୋଇଥିଲେ ମଧ୍ୟ, ବିଷୟ ଉପଭୋଗ ପ୍ରତି ଆସକ୍ତି ଅନ୍ତଃକରଣରେ ସୂକ୍ଷ୍ମଭାବରେ ରହିଥାଏ। ମନରୁ ବିଷୟ ତୃଷ୍ଣାର ତ୍ୟାଗ ହୋଇନ'ଥାଏ। ରୋଗାଗ୍ରସ୍ତ , ଶୋକାକୁଳ ପରିବେଶ, ଅତ୍ୟଧିକ ଭୟଭୀତ, ମିଥ୍ୟା ପ୍ରତିଷ୍ଠା କିମ୍ବା ଶରୀରର ଭିନ୍ନକ୍ଷମତା କାରଣରୁ ମଧ୍ୟ ଇନ୍ଦ୍ରିୟଗୁଡିକ ବିଷୟ ସୁଖଭୋଗ ସେବନରୁ ସାମୟିକ ନିବୃତ୍ତ ହୋଇଥାନ୍ତି । ଏ ପ୍ରକାର ଇନ୍ଦ୍ରିୟମାନଙ୍କର ବିଷୟ ସହିତ ସଂଯୋଗ ନ'ରହିବା ,ବାଧ୍ୟ ବାଧକତା ବା ଲୋକ ଦେଖାଣିଆ ହୋଇଥାଏ। ଯେପରି ଏକାଦଶୀ ବ୍ରତଧାରୀ ମୌନବ୍ରତ ଧାରଣ କରନ୍ତି, ମାତ୍ର ନିଜର ଭାବକୁ ହାତ ଠାରି, ନହେଲେ କାଗଜ କଲମ ଧରି ଲେଖନ୍ତି, ଆଉ ଦ୍ୱାଦଶୀ ତିଥିର ଫଳାହାରର ତାଲିକା ଏକାଦଶୀ ଦିନଠାରୁ ପ୍ରସ୍ତୁତ କରନ୍ତି । ସମ୍ପ୍ରତି ସମାଜରେ ଦେଖାଯାଉଥିବା ସମସ୍ତ ଭଣ୍ଡବାବା, ଅସାଧୁ ଯୋଗଗୁରୁ ଏହି ଶ୍ରେଣୀର। ଯେ ପର୍ଯ୍ୟନ୍ତ ଅନ୍ତଃକରଣରୁ ଭୋଗ ଲାଳସା ପ୍ରତି ଆସକ୍ତି ତୁଟି ନାହିଁ, ତାହା ସଂଯମତା ନୁହେଁ । ଇନ୍ଦ୍ରିୟମାନଙ୍କର ଭୋଗ ପ୍ରତି ଅନୁରାଗ ବା ଲାଳସା ହେଉଛି " ରସ" । କୌଣସି ଲୋଭୀ ବ୍ୟକ୍ତିକୁ ଟଙ୍କା ଆଉ କାମୁକ ବ୍ୟକ୍ତିକୁ ସ୍ତ୍ରୀ ମିଳିଗଲେ, ତାର ମନରେ ଯେଉଁ ଆବେଗତା ଦେଖାଦିଏ , ତାହା ହେଉଛି "ବିଷୟ ରସ "। ଇନ୍ଦ୍ରିୟ ମାନଙ୍କ ସମ୍ମୁଖରୁ ଭୋଗ୍ୟ ବସ୍ତୁ, ପଦାର୍ଥକୁ ଦୂରେଇଦେଲେ, ବିଷୟର ନିବୃତ୍ତି ହୁଏ, ମାତ୍ର ବିଷୟ ରସ ଯେପରି ସେପରି ଅନ୍ତଃକରଣରେ ରହିଥାଏ । ଯେ ପର୍ଯ୍ୟନ୍ତ ,ମନ ଓ ବୁଦ୍ଧିରେ ବିଷୟ

ଭୋଗରସ ରହିଥାଏ, ସେ ପର୍ଯ୍ୟନ୍ତ ପରମାତ୍ମା ତତ୍ତ୍ୱରେ ଲୟ ରହେନାହିଁ କି' ପରମାନନ୍ଦ ତତ୍ତ୍ୱର ଅଲୌକିକ ରସ ଅନୁଭବ ହୁଏନାହିଁ । କର୍ମଯୋଗରେ ସେବା କରିବାର ରସ,ଜ୍ଞାନଯୋଗରେ ତତ୍ତ୍ୱ ଅନୁଭବର ରସ,ଭକ୍ତିଯୋଗରେ ପ୍ରେମ ରସ ପ୍ରାପ୍ତହୋଇ ସାଧକ ବିଷୟ ରସ ଓ ତୃଷ୍ଣା ରସରୁ ନିବୃତ୍ତ ରହେ । ନାଶବାନ୍ ବସ୍ତୁରୁ ପ୍ରାପ୍ତ ସୁଖ କ୍ଷଣସ୍ଥାୟୀ, ଏବଂ ଏହାର ପ୍ରାପ୍ତ ହେବାପରେ ଅଭାବ, ଭୟ,ଶୋକ, ଉଦ୍ବେଗ ଭଳି ଅନେକ ବିକାର ଜାତ ହୋଇଥାଏ । ପରମାତ୍ମାତତ୍ତ୍ୱରେ ଲୟ ରହିଲେ , ବୁଦ୍ଧି ସଂସାରରୁ ଭିନ୍ନ ଓ ଆତ୍ମାରୁ ଅଭିନ୍ନ ସ୍ଥିତିରେ ରହେ । ମନ ନିଶ୍ଚଳ ଓ ବୁଦ୍ଧି ସ୍ଥିର ହେଲେ, ନିତ୍ୟ ସତ୍ତ୍ୱସ୍ଥିତି ପ୍ରାପ୍ତ ହୁଏ। ଅନ୍ତଃକରଣରେ ଏକ ଅଦ୍ଭୁତ ଅଲୌକିକ ଦିବ୍ୟ ଆନନ୍ଦଧାରା ପ୍ରବାହ ହୋଇ ଚିତ୍ତବୃତ୍ତିରେ ତଲ୍ଲିନତା, ମୁଗ୍ଧତା, ତନ୍ମୟତା ଆସିଯାଏ । ଏହି ଆନନ୍ଦପ୍ରାପ୍ତ ହେଲେ ସାଧକ ଇନ୍ଦ୍ରିୟ ସୁଖଭୋଗରୁ ସ୍ୱତଃ କ୍ଷାନ୍ତ ହୁଏ । ଏହି ଭୂମାନନ୍ଦ ଇନ୍ଦ୍ରିୟାତୀତ ଅର୍ଥାତ୍ ଇନ୍ଦ୍ରିୟ ମାନେ ସେ ପ୍ରକାର ଆନନ୍ଦ ଆହରଣ ବା ସେବନ କରିବାକୁ ଅସମର୍ଥ ହୋଇଥାନ୍ତି । ଏହା କେବଳ ଶୁଦ୍ଧ ଚୈତନ୍ୟରେ ପ୍ରତିଫଳିତ ହୁଏ । ଅନ୍ତଃକରଣରେ ଯେଉଁ ଆତ୍ମତୃପ୍ତତା ଆସେ ତାହା ହେଉଛି ଅପୋରକ୍ଷ ଅନୁଭୂତି । ପରିପୂର୍ଣ୍ଣ ,ଅଖଣ୍ଡ, ନିତ୍ୟ ଆନନ୍ଦ ପ୍ରାପ୍ତହେଲେ, ଇନ୍ଦ୍ରିୟ ମାନେ କ୍ଷଣିକ ଭୋଗ ଲାଳସାରୁ ନିବୃତ୍ତ ରହନ୍ତି । ଅନ୍ତଃକରଣରୁ ସମସ୍ତ ବିସମତା, କାମନା ,ବାସନା ବିନଷ୍ଟ ହେଲେ , ବୁଦ୍ଧି ଦିବ୍ୟ ଚେତନାରେ ସ୍ଥିର ରହେ ।

**ଯତତୋ ହ୍ୟପି କୌନ୍ତେୟ ପୁରୁଷସ୍ୟ ବିପଶ୍ଚିତଃ ।**

**ଇନ୍ଦ୍ରୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ ॥୬୦॥**

*ଅନ୍ୱୟ : ହି (କାରଣ) କୌନ୍ତେୟ(ହେ କୁନ୍ତିପୁତ୍ର ଅର୍ଜୁନ !) ଯତତଃ (ପ୍ରଯତ୍ନଶୀଳ ) ବିପଶ୍ଚିତଃ (ବିଦ୍ୱାନ୍ ) ପୁରୁଷସ୍ୟ (ପୁରୁଷଙ୍କର) ଅପି( ମଧ ) ମନଃ (ମନକୁ) ପ୍ରମାଥୀନୀ (ମନ୍ଥନଶୀଳ-ଚିତ୍ତ ବିକ୍ଷେପକାରୀ ) ଇନ୍ଦ୍ରୟାଣୀ (ଇନ୍ଦ୍ରିୟଗଣ ) ପ୍ରସଭଂ (ବଳପୂର୍ବକ ) ହରନ୍ତି (ହରଣକରି ନେଇଥାନ୍ତି )*

**ଭାବାର୍ଥ** : କାମନା ,ଭୋଗ ବାସନା ଆଦିର ତ୍ୟାଗ ଇନ୍ଦ୍ରିୟ ସଂଯମ ସାଧନରୁ ଆରମ୍ଭ ହୋଇଥାଏ। ଇନ୍ଦ୍ରିୟ ସଂଯମ ବିନା ବୁଦ୍ଧିର ସ୍ଥିରତା ଅସମ୍ଭବ । ଇନ୍ଦ୍ରିୟଗଣକୁ ବିଷୟ ଜଗତରୁ ହଟାଇ ଆସକ୍ତି ଶୂନ୍ୟ କରିବା କେବଳ ବୁଦ୍ଧିର ବିଚାର ଦ୍ୱାରା ସମ୍ଭବ ନୁହେଁ । ସଦା ଯତ୍ନଶୀଳ , ସତ୍ ଅସତ୍ ବିଚାରମନ୍ତ ପୁରୁଷର ମନକୁ ଇନ୍ଦ୍ରିୟମାନେ କୌଣସି ସମୟରେ ଭୋଗପ୍ରତି ପ୍ରଲୋଭିତ କରାଇ ବିଷୟ ଜଗତକୁ ଟାଣି ନେଇଥାନ୍ତି । ଇନ୍ଦ୍ରିୟମାନଙ୍କର ତାଡନାରୁ ମୁକ୍ତିପାଇଁ ଏକମାତ୍ର ଭଗବାନଙ୍କ ଅନନ୍ୟ ଶରଣାଗତି ହେଉଛି ଶ୍ରେଷ୍ଠ ସାଧନ । ଦେହାଭୀମାନ ଥାଇ, କର୍ତ୍ତାପନ ଓ ଭୋକ୍ତାପନ ରହିଲେ ,ବୁଦ୍ଧିମାନ୍ ବିବେକଶୀଳ ବ୍ୟକ୍ତିର ମଧ ଇନ୍ଦ୍ରିୟଗଣ ପୂର୍ଣ୍ଣ ମାତ୍ରାରେ ବଶୀଭୂତ ହୋଇନ'ଥାନ୍ତି । ଭୋକ୍ତାପନ ଥିବାରୁ , ଭୋଗ୍ୟବସ୍ତୁ ପ୍ରତି ଇନ୍ଦ୍ରିୟମାନଙ୍କ ଆସକ୍ତି ତୁଟି ନଥାଏ । ଶତ୍ରୁ କିଏ ? ଏହି ପ୍ରଶ୍ନର ଭଗବାନ ଶ୍ରୀଶଙ୍କାରାଚାର୍ଯ୍ୟଙ୍କର ଉତ୍ତର ହେଉଛି "ତୁମ୍ଭର ଇନ୍ଦ୍ରିୟ ଗଣ" । "ମିତ୍ର କିଏ" ପ୍ରଶ୍ନର ଉତ୍ତର ହେଉଛି "ଇନ୍ଦ୍ରିୟମାନେ ବଶୀଭୂତ ହୋଇ ରହିଥିବା ପର୍ଯ୍ୟନ୍ତ ମିତ୍ରହୋଇ ରହିଥାନ୍ତି" । ବିଷୟାସକ୍ତି ନାଶ ନ'ହେବା ପର୍ଯ୍ୟନ୍ତ ପ୍ରମଥନ ସ୍ୱଭାବର ଇନ୍ଦ୍ରିୟଗଣ ବିବେକମାନ ପୁରୁଷର ମନକୁ ବାରମ୍ବାର ବିଷୟଭୋଗର ପ୍ରଲୋଭନ ଦେଖାଇ ମନ୍ଥନ କରି ଚାଲିଥାନ୍ତି । ଧାବମାନ ଅଶ୍ୱକୁ ଲଗାମ ଦ୍ୱାରା ନିୟନ୍ତ୍ରଣକରି ଲକ୍ଷ ସ୍ଥାନରେ ପହଞ୍ଚିବାକୁ ହୋଇଥାଏ । ଲଗାମ ହାତରୁ ଖସିଗଲେ ଅଶ୍ୱଠାରୁ ଧକ୍କା ପାଇ ଯନ୍ତ୍ରଣା ଭୋଗିବାକୁ ହୁଏ। ଇନ୍ଦ୍ରିୟମାନେ ଧାବମାନ ଅଶ୍ୱ ଭଳି ନିୟନ୍ତ୍ରଣରୁ

ଖସିଲେ ସାଧକକୁ କାମାସକ୍ତ କରାଇ ବହୁତ ତଳ ସ୍ତରକୁ ନେଇ ଯାଇଥାନ୍ତି । ଇନ୍ଦ୍ରିମାନଙ୍କୁ ଆୟତ୍ତକୁ ଆଣିବା, ସାଧକ ପକ୍ଷେ ଇନ୍ଦ୍ରିୟ ମାନଙ୍କ ବିରୁଦ୍ଧରେ ବିଧିମତ ଏକ ଯୁଦ୍ଧ ଘୋଷଣା । ସାଧକକୁ ଏଥିରେ ବହୁବାର ପରାସ୍ତ ହୋଇ ସେଥିରୁ ଶିକ୍ଷା ପାଇ ପୁଣି ପ୍ରୟାସ ଜାରି ରଖିବାକୁ ହୁଏ । ସାଧକ କେବେହେଲେ "ମୁଁ ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରିପାରିଛି" ଏହି ବିଶ୍ୱାସ ରଖିବା ଉଚିତ ନୁହେଁ । ପରମାତ୍ମତତ୍ତ୍ୱର ସଂପୂର୍ଣ୍ଣ ଜ୍ଞାନ ପ୍ରାପ୍ତ ପର୍ଯ୍ୟନ୍ତ ଇନ୍ଦ୍ରିୟମାନଙ୍କ ଗତିବିଧି ପ୍ରତି ସଜାଗ ପ୍ରହରୀ ରୂପେ ସାଧକ ଜଗିରହିବା ଉଚିତ । ସାଧକର ଅନ୍ତଃକରଣର ସମତା ସ୍ଥିତି ଇନ୍ଦ୍ରିୟ ସଂଯମତାରୁ ଜଣା ପଡିଥାଏ । ବିଷୟାସକ୍ତି ତ୍ରିଗୁଣ ମାୟାର ଧାରୁଆ ଅସ୍ତ୍ର ସାଦୃଶ । ଜଗୁଣର ସକ୍ରିୟତାରେ ଇନ୍ଦ୍ରିୟମାନେ ଭୋଗ ବାସନା ପ୍ରତି ଆକର୍ଷିତ ହୋଇଥାନ୍ତି । ମନ ପ୍ରଶାନ୍ତ ହେଲେ , ରଜ ଗୁଣ ପ୍ରଶମିତ ହୋଇ ସତ୍ତ୍ୱ ଗୁଣ ସକ୍ରିୟ ହୁଏ ଓ ମନ ଆତ୍ମାଭିମୁଖୀ ହୁଏ । ବୁଦ୍ଧି ପ୍ରତିଷ୍ଠିତ ହେଲେ , ଇନ୍ଦ୍ରିୟଗଣ ସେତେ ବେଳେ ବଶୀଭୂତ ହୋଇଥାନ୍ତି ।

**ତାନି ସର୍ବାଣି ସଂଯମ୍ୟ ଯୁକ୍ତ ଆସୀତ ମତ୍ପରଃ ।**

**ବଶେ ହି ଯସ୍ୟେନ୍ଦ୍ରିୟାଣି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥ ୬୧ ॥**

*ଅନ୍ୱୟ : ଯୁକ୍ତ ( ଯୋଗଯୁକ୍ତ ପୁରୁଷ ) ତାନି ସର୍ବାଣି ( ସେହି ସମସ୍ତ ଇନ୍ଦ୍ରିୟ ଗଣଙ୍କୁ ) ସଂଯମ୍ୟ ( ବଶୀଭୂତ କରି ) ମତ୍ପରଃ ("ମୁଁ" ସର୍ବଶ୍ରେଷ୍ଠ ଭାବି ମୋଠାରେ ଅର୍ଥାତ୍ ପରମାତ୍ମାଙ୍କଠାରେ ଶରଣାପନ୍ନ ହୋଇ ) ଆସୀତ (ବସିରହେ –ଧ୍ୟାନଗତ ହୋଇରହେ ) ହି (କାରଣ) ଯସ୍ୟ (ଯାହାର ) ଇନ୍ଦ୍ରିୟାଣି ବଶେ ( ଇନ୍ଦ୍ରିୟମାନେ ବଶୀଭୂତ ) ତସ୍ୟ ପ୍ରଜ୍ଞା (ତାହାର ବୁଦ୍ଧି ) ପ୍ରତିଷ୍ଠିତା (ସ୍ଥିର )*

**ଭାବାର୍ଥ** : ଆତ୍ମଜ୍ଞାନ ପ୍ରାପ୍ତହୋଇ ଭଗବାନଙ୍କର ଏକାନ୍ତ ଭକ୍ତହୋଇ ରହିବା ହେଉଛି ମତ୍ପର ବା ମତ୍ପରାୟଣ । ଭଗବାନଙ୍କର ଅନନ୍ୟ ଶରଣାଗତ ହୋଇଗଲେ ଇନ୍ଦ୍ରିୟ ସଂଯମତା ଆପେ ଆପେ ହୋଇଯାଏ । ଜପ, ତପ,ଉପାସନା , ବ୍ରତ ,ଦାନ, ତୀର୍ଥଗମନରେ ତାହା ସମ୍ଭବ ନୁହେଁ । ଇନ୍ଦ୍ରିୟମାନଙ୍କୁ ସମସ୍ତ ବିଷୟଭୋଗରୁ ଅର୍ଥାତ ରୂପ, ରସ, ସ୍ପର୍ଶ,ଶବ୍ଦ ଓ ଗନ୍ଧ ଜନିତ ସୁଖପ୍ରତି ନିରୋଧ କରି ରଖିବାକୁ ହେଲେ ,ପରମାତ୍ମା ତତ୍ତ୍ୱରେ ନିରନ୍ତର ଲୟ ରଖିବାକୁ ହେବ । ପରମାତ୍ମା ତତ୍ତ୍ୱରେ ନିରନ୍ତର ଲୟ ରହିବାର ଅଭ୍ୟାସରେ କାମନା, ବାସନା ଓ ଅନ୍ୟ ବିକାର ଚିତ୍ତବୃତ୍ତିରୁ କ୍ଷୀଣ ହୋଇଯାନ୍ତି ଓ ଚିତ୍ତବୃତ୍ତି ଆସ୍ତେ ଆସ୍ତେ ଶୁଦ୍ଧ ହୁଏ । ଅନ୍ତଃକରଣରେ ରାଗ ଦ୍ୱେଷ ରହେନାହିଁ । ଅର୍ଥାତ ମାନ -ଅପମାନ , ପ୍ରିୟ-ଅପ୍ରିୟ , ସୁଖ-ଦୁଃଖ, ନିନ୍ଦା-ପ୍ରଶଂସା ଭଳି ସମସ୍ତ ବିପରୀତ ଦ୍ୱନ୍ଦ୍ୱ ଭାବ ସୃଷ୍ଟିହୋଇ ବୁଦ୍ଧି ଅସ୍ତବ୍ୟସ୍ତ ହୁଏନାହିଁ । ବୁଦ୍ଧିରେ ଶୁଦ୍ଧ ଚୈତନ୍ୟର ଜାଗ୍ରତ ହୁଏ। ମନ ଓ ଇନ୍ଦ୍ରିୟ ମାନଙ୍କ ଦ୍ୱାରା ହେଉଥିବା ସମସ୍ତ କର୍ମ ଭଗବାନଙ୍କ ନିମିତ୍ତ ବୋଧ ହୋଇଯାଏ। ବୁଦ୍ଧି ପରମାତ୍ମତତ୍ତ୍ୱରେ ତଲ୍ଲିନ ହୋଇଗଲେ , ପରମାନନ୍ଦ ପ୍ରାପ୍ତରେ ସମସ୍ତ ଇନ୍ଦ୍ରିୟ ବିଷୟାସୁଖ ପ୍ରତି ବିମୁଖ ହୋଇଯାନ୍ତି । କେବଳ ମତ୍ପର ଅର୍ଥାତ ପରମାତ୍ମା ତତ୍ତ୍ୱର ଧ୍ୟାନ ବଳରେ ହିଁ ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରିହେବ । ନିଜ ପୁରୁଷାର୍ଥ ବଳରେ ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରିବା କଷ୍ଟସାଧ୍ୟ । ଇନ୍ଦ୍ରିୟମାନେ ସଂପୂର୍ଣ୍ଣ ବଶୀଭୂତ ହେଲେଯାଇ ବୁଦ୍ଧି ସ୍ଥିରତ୍ୱ ଲାଭକରେ। କର୍ମଯୋଗୀର ଅନ୍ତିମ ଲକ୍ଷ ହେଲା ପରମ ପୁରୁଷ ପରମାତ୍ମାଙ୍କର ମତ୍ପରାୟଣ ହୋଇ ଜୀବନ ମୁକ୍ତ ପ୍ରାପ୍ତି । ଶ୍ରୀ ଶଙ୍କାରାଚାର୍ଯ୍ୟ କୃତ ଶଙ୍କର ଭାଷ୍ୟରେ ମତ୍ପରାୟଣର ଅର୍ଥ ହେଲା "ସର୍ବଭୂତ ଅନ୍ତର ଆତ୍ମା ହିଁ ପରମାତ୍ମା , ଆଉ ସେ ହିଁ ବାସୁଦେବ , ନିଜର ଅନ୍ତର ଆତ୍ମା

ବସୁଦେବଙ୍କ ଠାରୁ ଅଭିନ୍ନ ।"  ଏହି ତତ୍ତ୍ୱରେ ବୁଦ୍ଧି ଧ୍ୟାନଗତ ହେଲେ  ସମସ୍ତ ଇନ୍ଦ୍ରିୟ ବଶୀଭୂତ ହୋଇ ରହନ୍ତି  । ଇନ୍ଦ୍ରିୟମାନେ ସଂଯମିତ ନ'ହେଲେ ଏବଂ  ବୁଦ୍ଧି ସ୍ଥିର ରହି ପରମାତ୍ମା ତତ୍ତ୍ୱରେ ସମାହିତ ନ'ହେଲେ, ବିଷୟ ଚିନ୍ତାର ନିବୃତ୍ତି ଅସମ୍ଭବ । ମନୁଷ୍ୟର  ଇନ୍ଦ୍ରିୟ, ମନ  ବୁଦ୍ଧି ଏପରି ଭାବରେ ନିର୍ମିତ, ତାହା  ତ୍ରିଗୁଣମୟୀ ପ୍ରକୃତି ଦିଗକୁ  ସବୁ ସମୟରେ  ଆକର୍ଷିତ ହୋଇ ରହିଥାନ୍ତି। କେବଳ ସଂଯମ ଓ ନିଷେଧରେ ଇନ୍ଦ୍ରିୟମାନେ ବଶ ହୋଇନ'ଥାନ୍ତି ।  ସମର୍ପଣ  ସହିତ ଇଷ୍ଟ-ଚିନ୍ତନର ଅଭ୍ୟାସ ଦ୍ୱାରା ମନକୁ ବିଷୟ ଚିନ୍ତନରୁ ହଟାଇ ଆତ୍ମାଭିମୁଖ କରାଇବାକୁ ହେବ ।   ଆତ୍ମ ଚିନ୍ତନରେ  ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରିବା ସହଜ ସାପେକ୍ଷ ।  କାରଣ ,ଆତ୍ମ ଚିନ୍ତନରେ ପ୍ରଥମେ  ଦେହାଭୀମାନ "ମୁଁ"ର ମୃତ୍ୟୁ ହୁଏ । "ମୁଁ"ର ମୃତ୍ୟୁ ହୋଇଗଲେ , କର୍ତ୍ତାପନ  ଏବଂ ଭୋକ୍ତାପନ ଉଭୟର ସତ୍ତା  ରହେନାହିଁ ।  ଭୋଗ ସେବନ ପ୍ରତି ଆସକ୍ତି ନ'ରହିଲେ , ଇନ୍ଦ୍ରିୟଗୁଡ଼ିକ ବିଷୟ-ରସ ଶୂନ୍ୟ ହୋଇଯାନ୍ତି ।   ଚିତ୍ତବୃତ୍ତିରେ ସମତା ଆସିଯାଏ  ।  ଏହାପରେ ଆଉ କାମନାରୁ କାମନାର ଉତ୍ପନ୍ନ ହୁଏନାହିଁ । ଇନ୍ଦ୍ରିୟଗୁଡ଼ିକ ସାଧକର ନିୟନ୍ତ୍ରଣରେ ରୁହନ୍ତି।  ଇନ୍ଦ୍ରିୟମାନେ ଯାହାର ନିୟନ୍ତ୍ରଣରେ ରହନ୍ତି, ସେ ଜିତେନ୍ଦ୍ରିୟ ।  ଯିଏ ଜିତେନ୍ଦ୍ରିୟ, ସେ ସ୍ଥିତପ୍ରଜ୍ଞ ।

ଧ୍ୟାୟତୋ   ବିଷୟାନ୍  ପୁଂସଃ    ସଙ୍ଗସ୍ତେଷୂପଜାୟତେ  ।
ସଙ୍ଗାତ୍ସଞ୍ଜାୟତେ କାମଃ କାମାତ୍  କ୍ରୋଧୋଽଭିଜାୟତେ  ॥ ୬୨ ॥
କ୍ରୋଧାତ୍  ଭବତି ସମ୍ମୋହଃ  ସମ୍ମୋହାତ୍ ସ୍ମୃତିବିଭ୍ରମଃ   ।
ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ   ବୁଦ୍ଧିନାଶାତ୍     ପ୍ରଣଶ୍ୟତି   ॥ ୬୩ ॥

*ଅନ୍ୱୟ :    ବିଷୟାନ୍ (ଭୋଗ୍ୟ ବସ୍ତୁ ଗୁଡିକୁ ) ଧ୍ୟାୟତଃ ( ଚିନ୍ତନ କରୁ କରୁ  ) ପୁଂସଃ (ମନୁଷ୍ୟର ) ତେଷୁ ( ସେହି ବସ୍ତୁପ୍ରତି ) ସଙ୍ଗଃ (ଆସକ୍ତି ) ଉପଜାୟତେ (ଜାତ ହୁଏ) ସଙ୍ଗାତ୍ (ଆସକ୍ତିରୁ ) କାମଃ (କାମନା ) ସଞ୍ଜାୟତେ (ବିଶେଷ ରୂପେ ଜନ୍ମ ନିଏ ) କାମାତ୍ ( କାମନା ଅପୂର୍ଣ୍ଣ ରହିଲେ କିମ୍ବା ପ୍ରତିବନ୍ଧକ ଆସିଲେ, କାମନାରୁ ) କ୍ରୋଧଃ (କ୍ରୋଧ) ଅଭିଜାୟତେ (ଉତ୍ପନ୍ନ ହୁଏ ) କ୍ରୋଧାତ୍(କ୍ରୋଧରୁ ) ସମ୍ମୋହଃ(ମୋହରୁପକ ଅନ୍ଧତ୍ୱ -ମୂଢଭାବ ) ଭବତି (ହୁଏ ) ସମ୍ମୋହାତ୍ (ମୋହାନ୍ଧରୁ ) ସ୍ମୃତିବିଭ୍ରମଃ (ସ୍ମୃତିଶକ୍ତିର ଲୋପ ପାଏ ) ସ୍ମୃତିଭ୍ରଂଶାତ୍ ( ସ୍ମୃତି ଭ୍ରଷ୍ଟହେଲେ  ) ବୁଦ୍ଧିନାଶଃ ( ବିବେକଶୂନ୍ୟ ଘଟେ –ବିଚାରଶକ୍ତି ଶୂନ୍ୟହୁଏ  ) ବୁଦ୍ଧିନାଶାତ୍ (ବୁଦ୍ଧିନାଶରୁ) ପ୍ରଣଶ୍ୟତି (ମନୁଷ୍ୟର ପତନହୁଏ ) ।*

**ଭାବାର୍ଥ** : ଏହି ଦୁଇଟି ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ସଂସାରି ମନୁଷ୍ୟ,  ବିଷୟ ଚିନ୍ତାରେ ବୁଡିରହି  ଅନ୍ତିମ ପରିଣାମ ସ୍ୱରୂପ କିପରି ବିଚାରଶକ୍ତି ହରାଇବା ସ୍ତରକୁ ଯାଇ ସଂସାରରେ ବିବେକ ଓ ମନୁଷ୍ୟତ୍ୱ  ହରାଇ ନୀଚଯୋନିରେ ଜନ୍ମ ନିଏ ,ତାହା ବୁଝାଇଛନ୍ତି  ।  ବିଷୟ ଚିନ୍ତନ ଅନ୍ତଃକରଣକୁ ବିକାର ଗ୍ରସ୍ତ କରାଏ। ସାଧକ ମାନସିକ ରୋଗରୁ ମୁକ୍ତିପାଇ  ଆତ୍ମଭାବରେ ସ୍ଥିତ ହେବାନିମିତ୍ତ   ଭଗବାନ ଏହି ଦୁଇଟି ଶ୍ଳୋକରେ କହିଥିବା ଜ୍ଞାନ ପ୍ରତିଷେଧକ ଟୀକାରୂପେ କାର୍ଯ୍ୟ କରିଥାଏ।  ସୁଖ ଏବଂ ରମଣୀୟ ବୁଦ୍ଧିରେ କୌଣସି ଭୋଗ୍ୟ ବିଷୟ ଚିନ୍ତା କରୁକରୁ ସାଧାରଣ ମନୁଷ୍ୟର ସେହି ବସ୍ତୁ ପ୍ରତି ଆସକ୍ତି  ଆସିଯାଏ  । ଆସକ୍ତି ହେଲେ , ସେଥିରୁ ସେହି ବସ୍ତୁ ପାଇବାର ଇଚ୍ଛା ଜନ୍ମେ ।  ସେହି ମୂଳ ଇଚ୍ଛା ପୂରଣ କରିବାକୁ ଗଲାବେଳେ, ଅନେକ ସମ୍ବନ୍ଧିତ ଇଚ୍ଛାଗୁଡିକୁ  ପୂର୍ତ୍ତି କରିବାକୁ ପଡେ। ଏଥିରେ ବହୁ ପ୍ରତିବନ୍ଧକ  ସାମନା କରିବାକୁ  ହୁଏ। ସେହି ସବୁ କାମନା ପ୍ରତିହିତ ହେଲେ ଅନ୍ତଃକରଣରେ ଦ୍ୱେଷ ବୁଦ୍ଧି କାରଣରୁ  କ୍ରୋଧ ଉତ୍ପନ୍ନ ହୁଏ ।   ଦେହ ଅଭିମାନ ଯୋଗୁଁ  ପଦବୀ, କ୍ଷମତା, ନିଜ

ଆଦର-ସମ୍ମାନ ଆଦିର କାମନା ରହେ, ଓ ସେହି କାମନାରେ ବାଧା ସୃଷ୍ଟି ହେଲେ ମଧ୍ୟ କ୍ରୋଧ ଜାତ ହୁଏ । କ୍ରୋଧରେ ଉତ୍ତେଜିତ ଅବସ୍ଥାରେ ଅନ୍ତଃକରଣରେ ବିବେକ ଶକ୍ତିର ଅତ୍ୟନ୍ତ ଅଭାବ ହୁଏ ଓ ସମସ୍ତ ମାନସିକ ପ୍ରକ୍ରିୟା ଅଚଳ ହୋଇଯାଏ। ଏହା କ୍ରୋଧରୁ ଉତ୍ପନ୍ନ ସମ୍ମୋହ ଅତ୍ୟନ୍ତ ମୂଢଭାବର ହୋଇଥାଏ । କାମ , କ୍ରୋଧ, ଲୋଭ, ଓ ମମତା ଏହି ଚାରୋଟି ମାନସିକ ପ୍ରକ୍ରିୟାରୁ ସମ୍ମୋହ ଜାତ ହୋଇଥାଏ । କାମନାର କାରଣରୁ ସମ୍ମୋହ ହେଲେ ସେଥିରେ ବିବେକ ଶକ୍ତି ଢାଙ୍କି ହୋଇଯାଏ । ଲୋଭାଗ୍ରସ୍ତ ହୋଇ ସମ୍ମୋହ ହେଲେ , ଧର୍ମ-ଅଧର୍ମ, ସତ୍-ଅସତ୍ ବିଚାର ନଷ୍ଟ ହୁଏ । ମମତାରୁ ସମ୍ମୋହ ହେଲେ ସମତା ନଷ୍ଟ ହୋଇ ପକ୍ଷପାତିତା ଦେଖାଯାଏ । କ୍ରୋଧ କାରଣରୁ ଅନ୍ତଃକରଣ ମୋହଗ୍ରସ୍ତ ହେଲେ ସ୍ମରଣ ଶକ୍ତିର ବିଲୁପ୍ତ ଘଟେ ଓ ସ୍ଥାନ, କାଳ ,ପାତ୍ର ସମ୍ବନ୍ଧରେ ଜ୍ଞାନ ରହି ନ'ଥାଏ । ସ୍ମରଣଶକ୍ତି ଲୋପ ହେବାଦ୍ୱାରା ବୁଦ୍ଧି ବିଚାର ଶକ୍ତି ହରାଏ । କଣ କରିବା କଥା, କଣ ନ' କରିବା ନେଇ ବୁଦ୍ଧିରେ ଭ୍ରମ ସୃଷ୍ଟିହୁଏ । ବୁଦ୍ଧି ବିଚାର ଶକ୍ତି ହରାଇଲେ, ମନୁଷ୍ୟ ହିତାହିତ ଜ୍ଞାନଶୂନ୍ୟ ହୋଇଯାଏ । ମନୁଷ୍ୟ ପଶୁତ୍ୱ ପର୍ଯ୍ୟାୟରେ ପହଞ୍ଚିଯାଏ । ମନୁଷ୍ୟତ୍ୱ ନାଶ ହିଁ ମନୁଷ୍ୟପକ୍ଷରେ ପ୍ରକୃତ ବିନାଶ। ବିଷୟ ଚିନ୍ତନ କରୁଥିବା ଅନ୍ତଃକରଣ ହେଉଛି ଇନ୍ଦ୍ରିୟ ବିଷୟ ଭୋଗର କ୍ଷେତ୍ର । ବିଷୟ ପ୍ରତି ଆସକ୍ତି ହେଉଛି ଇନ୍ଦ୍ରିୟ ସୁଖଭୋଗ ବୃକ୍ଷର ମଞ୍ଜି । ଏହି ମଞ୍ଜି ବିଷୟାସକ୍ତ ଅନ୍ତଃକରଣରେ ରୋପିତ ହେଲେ ସେଥିରୁ ବିଷୟ ଭୋଗ ବୃକ୍ଷ ଜାତ ହୁଏ । ବିଷୟଭୋଗ ବୃକ୍ଷର ଶାଖା, ପ୍ରଶାଖା ପ୍ରସାରିତ ହେଲାମାତ୍ରେ , କାମ, କ୍ରୋଧ ମୋହ ରୂପକ ଝଡ,ବାତ୍ୟା ସେହି ଇନ୍ଦ୍ରିୟ ଭୋଗ ବୃକ୍ଷକୁ ଚାରିପଟୁ ଘେରିନିଅନ୍ତି । ଇନ୍ଦ୍ରିୟ ଭୋଗ ବୃକ୍ଷ କ୍ଷତ ବିକ୍ଷତ ହେଲେ ଅନ୍ତଃକରଣରେ କମ୍ପନସୃଷ୍ଟି ହୋଇଥାଏ । ପରିଣାମ ସ୍ୱରୂପ ବୁଦ୍ଧି ବିବେକ ନଷ୍ଟ ହୁଏ ଓ ହିତାହିତ ଜ୍ଞାନ ଲୋପ ହୁଏ । ମନ,ବୁଦ୍ଧି ଅଶାନ୍ତ ହୋଇ ଉଠେ । ବୁଦ୍ଧି ନଷ୍ଟ ହୋଇଗଲେ ,ଅନ୍ତଃକରଣରେ କର୍ତ୍ତବ୍ୟ- ଅକର୍ତ୍ତବ୍ୟ, ଉଚିତ-ଅନୁଚିତ ନିର୍ଣ୍ଣୟ କରିବାର ଶକ୍ତି ନ'ରହିବା ହେଉଛି ମନୁଷ୍ୟର ମନୁଷ୍ୟତ୍ୱରୁ ପତନ । ବୁଦ୍ଧିର ନାଶ ଘଟିଲେ, ମନୁଷ୍ୟ ନିଜର କର୍ତ୍ତବ୍ୟକୁ ତ୍ୟାଗ କରି ନିଷିଦ୍ଧ କର୍ମରେ ପ୍ରବୃତ୍ତ ହୁଏ । ସେଥିରେ ତାର ବ୍ୟବହାରରେ କଠୋରତା, ହିଂସା, ପ୍ରତିହିଂସା,କାୟରତା ଆଦି ଦୋଷଗୁଣ ଜାତ ହୁଏ । ମୃତ୍ୟୁପରେ ବର୍ତ୍ତମାନ ସ୍ଥିତିରୁ ନୀଚଯୋନି ପ୍ରାପ୍ତ ହୁଏ । ତେଣୁ ଅନ୍ତଃକରଣକୁ ବିଷୟ ଚିନ୍ତନ ପରିବର୍ତ୍ତେ ଆତ୍ମା ଚିନ୍ତନର ପୃଷ୍ଠଭୂମି କରାଇ , ସେଥିରେ ପରମାନନ୍ଦ ସୁଖ ପ୍ରାପ୍ତିର ବୀଜ ରୋପଣ କରିବା ବିଧେୟ । ଅନ୍ତଃକରଣରେ ଏହି ପରମାନନ୍ଦ ପ୍ରାପ୍ତିର ବୃକ୍ଷ ଉଦ୍ଗମ ହେଲେ ମନୁଷ୍ୟ ଜନ୍ମ-ମୃତ୍ୟୁ ବନ୍ଧନରୁ ମୁକ୍ତି ପାଇ ଯାଇଥାଏ ।

ରାଗଦ୍ୱେଷବିୟୁକ୍ତୈସ୍ତୁ ବିଷୟାନିନ୍ଦ୍ରିୟୈଶ୍ଚରନ୍ ।
ଆତ୍ମବଶ୍ୟୈର୍ବିଧେୟାତ୍ମା ପ୍ରସାଦମଧିଗଚ୍ଛତି ॥ ୬୪ ॥
ପ୍ରସାଦେ ସର୍ବଦୁଃଖାନାଂ ହାନିରସ୍ୟୋପଜାୟତେ ।
ପ୍ରସନ୍ନଚେତସୋ ହ୍ୟାଶୁ ବୁଦ୍ଧିଃ ପର୍ଯ୍ୟବତିଷ୍ଠତେ ॥ ୬୫ ॥

*ଅନ୍ୱୟ : ତୁ ( କିନ୍ତୁ) ବିଧେୟାତ୍ମା ( ବଶୀଭୂତ ଅନ୍ତଃକରଣ ଯୁକ୍ତ କର୍ମଯୋଗୀ ସାଧକ ) ଆତ୍ମବଶ୍ୟୈଃ ( ନିଜ ଆୟତ୍ତରେ ଥିବା ) ରାଗଦ୍ୱେଷବିୟୁକ୍ତୈଃ ( ରାଗ ଦ୍ୱେଷ ରହିତ ) ଇନ୍ଦ୍ରିୟୈଃ (ଇନ୍ଦ୍ରିୟମାନଙ୍କ ଦ୍ୱାରା ) ବିଷୟାନ୍ ଚରନ୍ (ବିଷୟ ସେବନ କରି ମଧ୍ୟ)ପ୍ରସାଦମ୍ ( ଅନ୍ତଃକରଣର ପ୍ରସନ୍ନତା )*

*ଅଧିଗଚ୍ଛତି ( ପ୍ରାପ୍ତ ହୁଅନ୍ତି) । ପ୍ରସାଦେ (ପ୍ରସନ୍ନତା ପ୍ରାପ୍ତିରେ ) ଅସ୍ୟ (ଏହି ସାଧକର )ସର୍ବଦୁଃଖାନାମ୍ ( ସମସ୍ତ ଦୁଃଖ ) ହାନିଃ (ନାଶ ) ଉପଜାୟତେ( ହୋଇଯାଇଥାଏ )। ପ୍ରସନ୍ନଚେତସଃ (ଶୁଦ୍ଧଚିତ୍ତ ସାଧକର )ବୁଦ୍ଧିଃ ( ବୁଦ୍ଧି) ହି ( ନିଶ୍ଚିତ ଭାବରେ ) ଆଶୁ (ଅତି ଶୀଘ୍ର ) ପର୍ଯ୍ୟବତିଷ୍ଠତେ(ପରମାତ୍ମାଙ୍କ ଠାରେ ସ୍ଥିର ହୋଇଯାଏ। )*

**ଭାବାର୍ଥ** : ଯେଉଁ କର୍ମଯୋଗୀ ସାଧକର ଅନ୍ତଃକରଣ ବଶୀଭୂତ , ଇନ୍ଦ୍ରିୟମାନେ ନିଜର ଆଯତ୍ତାଧୀନ ଓ ରାଗ ଦ୍ୱେଷ ମୁକ୍ତ , କର୍ତ୍ତବ୍ୟ କର୍ମ ସମ୍ପାଦନ କଲାବେଳେ ସେ ଭୋଗ୍ୟବସ୍ତୁର ସେବନ କରୁଥିଲେ ମଧ ,ତାହାଙ୍କର ଅନ୍ତଃକରଣ ନିର୍ମଳ ରହିଥାଏ । ଅନ୍ତଃକରଣର ଶୁଦ୍ଧତାରେ ଚିତ୍ତ ପ୍ରସନ୍ନ ରହେ । ଚିତ୍ତରେ ପ୍ରସନ୍ନତା ଆସିଲେ ସଂସାରର ସମସ୍ତ କ୍ଷୋଭ ବା ପୀଡା ନାଶହୁଏ । ଏପରି ଶୁଦ୍ଧ ଚିତ୍ତ ଅତିଶୀଘ୍ର ପରମାତ୍ମାଙ୍କ ଠାରେ ସ୍ଥିର ହୁଏ । ପୂର୍ବ ଶ୍ଳୋକରେ ଭଗବାନ ଆସକ୍ତି ଥାଇ ଇନ୍ଦ୍ରିୟମାନଙ୍କ ଦ୍ୱାରା ବିଷୟ ସେବନରେ କିପରି ସଂସାରି ମନୁଷ୍ୟଙ୍କର ପତନ ହୁଏ ତାହା କହିଥିଲେ ।ଏହି ଦୁଇଟି ଶ୍ଳୋକରେ ଆସକ୍ତି ନ'ଥାଇ, ରାଗ- ଦ୍ୱେଷ ରହିତ ଇନ୍ଦ୍ରିୟ ମାନଙ୍କ ଦ୍ୱାରା ବିଷୟ ଭୋଗ ସେବନ କଲେମଧ କିପରି ପ୍ରସନ୍ନତା ପ୍ରାପ୍ତ ହୋଇଥାଏ ତାହା ବର୍ଣ୍ଣନା କରିଛନ୍ତି । ଇନ୍ଦ୍ରିୟ ଶବ୍ଦର ଅର୍ଥ ହେଲା : ଇନ୍ଦ୍ର ସୃଷ୍ଟ ,ଇନ୍ଦ୍ର ଦତ୍ତ, ଇନ୍ଦ୍ର ଜୁଷ୍ଟ , ଅର୍ଥାତ ଇନ୍ଦ୍ର ହେଉଛନ୍ତି କର୍ମର ଦେବତା । ତାହାଙ୍କ ଦ୍ୱାରା ନିର୍ମିତ, ତାହାଙ୍କ ଦ୍ୱାରା ଯାହା ପ୍ରଦତ୍ତ, ତାହାଙ୍କ ନିମିତ୍ତ ଯାହା ଉଦ୍ଦିଷ୍ଟ , ସେଗୁଡିକ ହେଲା ଇନ୍ଦ୍ରିୟ । ଯେପରି କର୍ମ ଅନୁସାରେ ଭୋଗ ପ୍ରାପ୍ତ ହୋଇଥାଏ ,ସେହି ପ୍ରକାରେ ଭାବ ଅନୁଯାଇ କର୍ମ କରିବାଲାଗି ଶରୀର ଓ ଇନ୍ଦ୍ରିୟ ପ୍ରାପ୍ତ ହୋଇଥାଏ । ମନୁଷ୍ୟକୁ ହାତ , ପଶୁଙ୍କୁ ଚତୁର୍ପଦ, ପକ୍ଷୀଙ୍କୁ ଆକାଶରେ ଉଡିବା ପାଇଁ ଡେଣା ମିଳିଥାଏ। ଏହିପରି ଯାହାକୁ ଯାହା କର୍ମ ଅନୁଯାଇ ଇନ୍ଦ୍ରିୟ ପ୍ରାପ୍ତ ହୋଇଥାଏ । ମନ ଓ ବୁଦ୍ଧିରେ ବିଷୟ ଭୋଗପ୍ରତି ଆସକ୍ତି ଓ ତତ୍ ଜନିତ ଚିନ୍ତନ ମନୁଷ୍ୟ ପକ୍ଷେ ପତନର କାରଣ । ସେହି ଆସକ୍ତି ହିଁ ଅନୁରାଗରେ ପରିଣତ ହୁଏ । କାମ-କ୍ରୋଧ, ଏବଂ ରାଗ-ଦ୍ୱେଷ ଦୁଇଟିଯାକ ଏକାକଥା । କାମନା ସ୍ଥିର ରୂପନେଲେ ତାହା "ରାଗ" ହୁଏ ଆଉ କ୍ରୋଧ ସ୍ଥିର ରୂପ ଧାରଣକଲେ ତାହା "ଦ୍ୱେଷ" ରୂପ ନିଏ । ମନ ଓ ବୁଦ୍ଧିର ସ୍ଥିର ଅସ୍ଥିର ଭେଦ କାରଣରୁ କାମ-କ୍ରୋଧକୁ ମନର ବୃତ୍ତି କୁହାଯାଏ । ରାଗ-ଦ୍ୱେଷ ହେଉଛି ବୁଦ୍ଧିର ତମଗୁଣ ରୂପ । ରାଗ ଦ୍ୱେଷ ହିଁ ମନୁଷ୍ୟକୁ ବନ୍ଧନରେ ପକାଇଥାନ୍ତି । ଏହାକୁ ତ୍ୟାଗ କରିଦେଲେ କର୍ମ ବନ୍ଧନର କାରଣ ହୁଏନାହିଁ । ରାଗ-ଦ୍ୱେଷ ରହିତ ବୁଦ୍ଧିର ପ୍ରେରଣାରେ ଇନ୍ଦ୍ରିୟମାଙ୍କ ଦ୍ୱାରା ଯେଉଁ କର୍ମ ହେବ, ତାହା ବନ୍ଧକ ହେବନାହିଁ । ଇନ୍ଦ୍ରିୟମାନେ କେବଳ ନିଜ ନିଜ ବିଷୟରେ ହିଁ ପ୍ରବୃତ୍ତ ହୋଇଥାନ୍ତି । ଯେପରି ଜ୍ଞାନେନ୍ଦ୍ରିୟ ଦ୍ୱାରା ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ପ୍ରଭୃତିର ଜ୍ଞାନ ପ୍ରାପ୍ତ ହୋଇଥାଏ, ଏବଂ କର୍ମେନ୍ଦ୍ରିୟ ଦ୍ୱାରା କହିବା ,ଉଠିବା ,ଚାଲିବା , ବସିବା ପ୍ରଭୃତି କାର୍ଯ୍ୟ ହୋଇଥାଏ । କିନ୍ତୁ ଏହି ସମସ୍ତ ଇନ୍ଦ୍ରିୟର ପ୍ରେରକ ମନ ଓ ବୁଦ୍ଧି ରାଗ-ଦ୍ୱେଷ ଶୂନ୍ୟ ହୋଇଗଲେ ,ଇନ୍ଦ୍ରିୟମାନେ ଆତ୍ମବଶ ଅର୍ଥାତ ନିୟନ୍ତ୍ରଣରେ ରହିଥାନ୍ତି । ଇନ୍ଦ୍ରିୟମାନଙ୍କୁ ସାଧକ ନିଜ ଇଚ୍ଛାରେ ଉପୋଯୋଗ ଓ ପ୍ରତ୍ୟାହାର କରିବାରେ ସକ୍ଷମ ହୁଏ । ଏଠାରେ ପ୍ରଶ୍ନ ଆସେ, ଯଦି ମନ ବୁଦ୍ଧିରେ ରାଗ ଦ୍ୱେଷର ଅଭାବ ରହେ , ତାହାହେଲ ମନ, ବୁଦ୍ଧି କାହିଁକି ଇନ୍ଦ୍ରିୟମାନଙ୍କୁ ବିଷୟରେ ପ୍ରବୃତ୍ତ ହେବାପାଇଁ ପ୍ରେରଣା କରିବେ ? କର୍ମଯୋଗ ମାର୍ଗୀଙ୍କ ପାଇଁ ଏହାର ସମାଧାନ ହେଲା, ରାଗ-ଦ୍ୱେଷ ବା ଆସକ୍ତି-ଅନାସକ୍ତି ନ'ଥାଇମଧ ଇନ୍ଦ୍ରିୟମାନେ ସଂସାର କଲ୍ୟାଣ କିମ୍ବା ଅନ୍ୟର ହିତ କାର୍ଯ୍ୟରେ ପ୍ରବୃତ୍ତ ହୋଇଥାନ୍ତି । ଏହାର ତାତ୍ପର୍ଯ୍ୟହେଲା, ଇନ୍ଦ୍ରିୟମାନେ ବିଷୟ ସେବନରେ ପ୍ରବୃତ୍ତ ଥିଲେ ମଧ ରାଗ-ଦ୍ୱେଷ ଅଭାବରେ କର୍ମ ବନ୍ଧକ ହୋଇନ'ଥାଏ । ଏହି ସମ୍ବନ୍ଧରେ

"ମପୃରଃ " ଶବ୍ଦର ବ୍ୟାଖ୍ୟାରେ ପୂର୍ବ ଶ୍ଳୋକରେ ଆଲୋଚନା କରାଯାଇଛି ଯେ' ବିଷୟର ସେବନ ଯଦି ଭଗବାନଙ୍କ ପ୍ରୀତି ଅର୍ଥରେ କରାଯାଇଥାଏ, ତାହା ବନ୍ଧନ କାରକ ହୋଇନ'ଥାଏ । ଏହି ଭାବରେ ଇନ୍ଦ୍ରିୟ ପ୍ରବୃତ୍ତିରେ ଯେଉଁ କାର୍ଯ୍ୟ ହୁଏ ,ଏଥିରେ ପ୍ରସାଦ ପ୍ରାପ୍ତ ହୋଇଥାଏ । ପ୍ରସାଦ ହେଉଛି ଅନ୍ତଃକରଣର ଏକ ସ୍ଥିତିଯାହା ମନରେ କ୍ଷୋଭ ନ'ରହିଲେ ଉତ୍ପନ୍ନ ହୋଇଥାଏ । ରାଗ-ଦ୍ୱେଷ ଯୁକ୍ତ ଇନ୍ଦ୍ରିୟମାନଙ୍କ ଭୋଗ ବୁଦ୍ଧି ପୂର୍ବକ ପ୍ରବୃତ୍ତିରେ ଯେଉଁ ତତ୍ କ୍ଷଣାତ୍ ଆନନ୍ଦ ମିଳେ , ତାହା ହେଉଛି ସମୃଦ୍ଧ୍ୟାନନ୍ଦ । ଯାହା ପ୍ରାପ୍ତି ହେବାପରେ ପରେ କ୍ଷୀଣ ହେବାରେ ଲାଗେ। କେତେଦିନପରେ ସେହି ସୁଖ ସଂପୂର୍ଣ୍ଣ ବିଲୁପ୍ତ ହୋଇଯାଏ । ରାଗ-ଦ୍ୱେଷ ରହିତ ହୋଇ ଇନ୍ଦ୍ରିୟମାନେ ନିଷ୍କାମ କର୍ମରେ ପ୍ରବୃତ୍ତ ରହିଲେ , ଯେଉଁ ଆନନ୍ଦ ପ୍ରାପ୍ତ ହୁଏ ତାହା ହେଉଛି ଶାନ୍ତ୍ୟାନନ୍ଦ ,ଯାହା ଆତ୍ମାର ସ୍ୱରୂପ । ତାହା ଇନ୍ଦ୍ରିୟମାନଙ୍କ ଦ୍ୱାରା ଅନୁଭବ ହୋଇନ'ଥାଏ । ସେହି ଆନନ୍ଦ, ଆତ୍ମସ୍ୱରୂପରେ ସ୍ଥିତ ରହି ଆତ୍ମାଦ୍ୱାରା ହିଁ ଅନୁଭବ ହୋଇଥାଏ । ଏହି ଆନନ୍ଦ ଦୃଷ୍ଟିରୁ ବେଦାନ୍ତ ଦର୍ଶନରେ ଆତ୍ମାକୁ ଆନନ୍ଦମୟ କୁହାଯାଇଛି । କ୍ଷୋଭ ବା ମନର ବିଷର୍ଣ୍ଣତା ହେଉଛି ଏହି ଆନନ୍ଦର ବିନାଶକ । ମନରେ ଲେଶମାତ୍ର କ୍ଷୋଭର ତରଙ୍ଗ ଜାଗ୍ରତ ହେଲେ , ଏହି ଆନନ୍ଦ ଲୁଚିଯାଏ । ମନ ବୁଦ୍ଧିରେ କୌଣସି ବିଷର୍ଣ୍ଣତା ନ'ରହିଲେ ହିଁ ଏହି ଆନନ୍ଦ ଆତ୍ମଦ୍ୱାରା ଅନୁଭବ ହୋଇଥାଏ । ପ୍ରଚଣ୍ଡ ରୌଦ୍ର ତାପରେ କ୍ଲାନ୍ତ ହୋଇ ପଡିଥିବା ବାଟୋଇ ନିଜ ମୁଣ୍ଡରୁ ଭାରକୁ ଉତାରି ବୃକ୍ଷର ଛାଇରେ ବସିପଡିବା ମାତ୍ରେ, ମୁହୂର୍ତ୍ତକ ପାଇଁ ଅନ୍ତଃକରଣରୁ କ୍ଷୋଭ ବା ବିଷର୍ଣ୍ଣତା ଚାଲିଯାଇଥାଏ । ସେତେବେଳେ ଏହି ଶାନ୍ତ୍ୟାନନ୍ଦର ଟିକିଏ ଝଲକ ଅନୁଭବ ହୋଇଥାଏ । ଯେଉଁ ମୁହୂର୍ତ୍ତରେ ଅନ୍ତଃକରଣ କାମନା,ବାସନା,କ୍ଷୋଭ, ରାଗ-ଦ୍ୱେଷ ରହିତ ହୋଇଯାଏ , ସେହି ସମୟରେ ଏହି ଶାନ୍ତ୍ୟାନନ୍ଦର ଅନୁଭବ ହୋଇଥାଏ । ଏହି ଶାନ୍ତ୍ୟାନନ୍ଦକୁ ପ୍ରସାଦ ଶବ୍ଦରେ କୁହାଯାଇଛି । "ପ୍ରସାଦସ୍ତୁ ପ୍ରସନ୍ନତା" : ଆତ୍ମାର ନିତ୍ୟ ପ୍ରସନ୍ନତା ହେଉଛି ପ୍ରସାଦର ରୂପ ଯାହା ରାଗ-ଦ୍ୱେଷ ବିମୁକ୍ତହୋଇ କେବଳ ଇନ୍ଦ୍ରିୟ ମାନଙ୍କଦ୍ୱାରା ନିଷ୍କାମ କର୍ମରେ ପ୍ରବୃତ୍ତ ରହିଥିବା ସାଧକକୁ ପ୍ରାପ୍ତ ହୋଇଥାଏ । ଯିଏ ଯୋଗମାର୍ଗରେ ଆରୋହଣ କରିଥାନ୍ତି , ଏବଂ ପୂର୍ଣ୍ଣ ଯୋଗସିଦ୍ଧିପ୍ରାପ୍ତ ନ'ହୋଇ ଆତ୍ମବଶ ପ୍ରଯତ୍ନଶୀଳ ପୁରୁଷଙ୍କୁ ଏଠାରେ ବିଧେୟତ୍ମା କୁହାଯାଇଛି । ଏହି ପ୍ରସାଦ ପ୍ରାପ୍ତିରେ ସମସ୍ତ ଦୁଃଖର ନାଶ ହୋଇଯାଏ । ଚିତ୍ତରେ କ୍ଷୋଭ ରହି ଆତ୍ମାର ପ୍ରସନ୍ନତା ସ୍ୱରୂପକୁ ଅନୁଭବ ନ'କରିବା ହେଉଛି ଦୁଃଖ । ଚିତ୍ତରୁ ଏହି କ୍ଷୋଭ କୁ ହଟାଇଦେଲେ ଦୁଃଖ ଆଉ କିପରି ରହିବ ? ଆତ୍ମାର ଆନନ୍ଦ ସ୍ୱରୂପରେ ଆଲୋକର ସତ୍ତାରେ ଅନ୍ଧାରର ଯେପରି ବିଲୁପ୍ତ ଘଟେ, ସେହିପରି ଭାବରେ ଦୁଃଖର ନାଶ ହୋଇଥାଏ । ପ୍ରସନ୍ନ ଚିତ୍ତ ପୁରୁଷର ଅତି ଶୀଘ୍ର ବୁଦ୍ଧି ମଧ୍ୟ ସ୍ଥିର ହୋଇଯାଏ । ମନ ବୁଦ୍ଧି, ଅହଂକାର ପରେ ଚିତ୍ତ ହେଉଛି ଅନ୍ତଃକରଣର ଚତୁର୍ଥ ଅଙ୍ଗ । ଏହା ମନ ବୁଦ୍ଧି ଓ ଅହଙ୍କାରର ଉଚ୍ଚରେ ସ୍ଥିତ ହୋଇଥାଏ । ଶାସ୍ତ୍ରରେ ଚିତ୍ତକୁ ଚିତ୍ ଅର୍ଥାତ୍ ଆତ୍ମାର ଜ୍ଞାନ ସ୍ୱରୂପର ଅତି ନିକଟବର୍ତ୍ତୀ କୁହାଯାଇଛି । ଚିତ୍ତ ଯେତେବେଳେ କ୍ଷୋଭ ଶୂନ୍ୟ ହୋଇଯାଏ, ଏହା ଶୁଦ୍ଧ ଚୈତନ୍ୟ ରୂପନେଇ , ଆତ୍ମାର ଆନନ୍ଦ ସ୍ୱରୂପକୁ ଅନୁଭବ କରିବାରେ ସମର୍ଥ ହୋଇଥାଏ ।

**ନାସ୍ତି ବୁଦ୍ଧିରଯୁକ୍ତସ୍ୟ ନ ଚାଯୁକ୍ତସ୍ୟ ଭାବନା ।**

**ନ ଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖମ୍ ॥ ୬୬॥**

*ଅନ୍ୱୟ : ଅଯୁକ୍ତସ୍ୟ (ଯାହାର ଇନ୍ଦ୍ରିୟଗଣ ଅସଂଯତ ,ପରମାତ୍ମତତ୍ତ୍ୱ ପ୍ରାପ୍ତି ଯାହାର ଲକ୍ଷ ନୁହେଁ ) ବୁଦ୍ଧିଃ ( ସେହି ମନୁଷ୍ୟର ନିଶ୍ଚୟାତ୍ମିକ ବୁଦ୍ଧି ) ନ ଅସ୍ତି (ନାହିଁ ) ଅଯୁକ୍ତସ୍ୟ (ବିଷୟାସକ୍ତ ବ୍ୟକ୍ତିର ) ଭାବନା ( ନିଷ୍କାମ ଭାବ ଅଥବା ଆତ୍ମା ଚିନ୍ତନ ଭାବ )ନ (ରହେ ନାହିଁ ) ଅଭାବୟତଃ (କର୍ତ୍ତବ୍ୟ ପରାୟଣ ଭାବ ଅଥବା ଆତ୍ମା ଚିନ୍ତନ ଭାବ ନ' ରହିବା ବ୍ୟକ୍ତିର )ଶାନ୍ତି (ଅନ୍ତଃକରଣରେ ଶାନ୍ତି ) ନ ( ନ ଥାଏ ) ଅଶାନ୍ତସ୍ୟ (ଅଶାନ୍ତ ଚିତ୍ତ ବ୍ୟକ୍ତିର ) ସୁଖମ୍ (ସୁଖ ବା ପ୍ରକୃତ ଆନନ୍ଦ ) କୁତଃ (କିପରି ମିଳିବ ) ।*

**ଭାବାର୍ଥ** : ଯୋଗ ସାଧନ ରହିତ ପୁରୁଷର ଇନ୍ଦ୍ରିୟଗଣଙ୍କ ଅସଂଯମତା ଓ ବିଷୟ ଭୋଗପ୍ରତି ଆସକ୍ତି କାରଣରୁ ଅନ୍ତଃକରଣରେ ନିଶ୍ଚୟାତ୍ମିକ ବୁଦ୍ଧି ହୋଇ ନଥାଏ । ନାନା ପ୍ରକାର କାମନା ଓ ଭୋଗପ୍ରତି ଆସକ୍ତିର କାରଣରୁ ସେହି ଅଯୁକ୍ତ ପୁରୁଷର ମନ ବିକ୍ଷିପ୍ତ ହୁଏ। ଫଳପ୍ରତି ଆଶାରଖି କାମନାର ଆବେଗତା କାରଣରୁ ବୁଦ୍ଧିସ୍ଥିର ରହେନାହିଁ । ବୁଦ୍ଧିର ଅସ୍ଥିରତା କାରଣରୁ ନିଷ୍କାମ କର୍ମଯୁକ୍ତ ଭାବନା ଅଥବା କର୍ମ କଲାବେଳେ କର୍ତ୍ତବ୍ୟ ପରାୟଣତା ବୋଧ ନ'ରହି ଭୋଗ ବୁଦ୍ଧି ରହିଥାଏ । ବିଷୟ ଜଗତରେ ବୁଡିରହିଲେ ପରମାତ୍ମତତ୍ତ୍ୱ ପ୍ରାପ୍ତି ଓ ଜୀବନ ମୁକ୍ତ ଚିନ୍ତାଧାରାର ବିମୁଖ ଘଟେ । ମନୁଷ୍ୟର ଅନ୍ତଃକରଣରେ ସମତା ଭାବ ଆସେ ନାହିଁ । ମନ, ବୁଦ୍ଧି ଆତ୍ମଭାବରେ ସ୍ଥିତ ନ' ରହି ବିଷୟ ଭୋଗ ରେ ବିଚରଣ କରୁଥାନ୍ତି । କାମ, କ୍ରୋଧ, ରାଗ ଦ୍ୱେଷ, ଲୋଭ ଈର୍ଷା ଆଦି କାରଣରୁ ଅନ୍ତଃକରଣରେ ବ୍ୟାକୁଳତା ନିରନ୍ତର ରହିଥାଏ । ସେହି ଯୋଗ ସାଧନା ରହିତ ପୁରୁଷକୁ ଆତ୍ମଜ୍ଞାନ ନ'ହେଲେ ଶାନ୍ତି ଆନନ୍ଦ ମିଳିନ'ଥାଏ । ଚିତ୍ତବୃତ୍ତିର ପ୍ରସନ୍ନତା ହୁଏନାହିଁ କି' ନିତ୍ୟ ପରମାନନ୍ଦ ପ୍ରାପ୍ତି ହୁଏ ନାହିଁ । ସେହି ଅଯୁକ୍ତ ପୁରୁଷର ସୁଖ କେଉଁଠାରୁ ପ୍ରାପ୍ତ ହେବ ? କେବଳ ବିଷୟଭୋଗରେ ରହି ଜନ୍ମ ମୃତ୍ୟୁଚକ୍ରରେ ଘୁରି ବୁଲୁଥାଏ । ତେଣୁ ପରମାତ୍ମା ତତ୍ତ୍ୱ ପ୍ରାପ୍ତି କେବଳ ମନୁଷ୍ୟ ଜନ୍ମର ସର୍ବଶେଷ ଲକ୍ଷ । ନିଶ୍ଚୟାତ୍ମିକ ବୁଦ୍ଧିକୁ ମୁଖ୍ୟ କରି ସାଧନାରତ ହେଲେ ଶାନ୍ତି ଆନନ୍ଦ ମିଳିଥାଏ । ଯେତେବେଳେ କାମନା, ତୃଷ୍ଣାର ମୃତ୍ୟୁ ହୁଏ , ସେତେବେଳେ ବାସ୍ତବ ସୁଖ ପ୍ରାପ୍ତ ହୁଏ। ସାଧକ ମନ ବୁଦ୍ଧିକୁ ପରମାତ୍ମା ତତ୍ତ୍ୱ ଲୟରେ ସ୍ଥିର ରଖିବାରେ ସମର୍ଥ ହେଲେ , ନିତ୍ୟସୁଖ ଅର୍ଥାତ ଶାଶ୍ୱତ ଆନନ୍ଦ ପ୍ରାପ୍ତି ହୋଇଥାଏ।

**ଇନ୍ଦ୍ରିୟାଣାଂ ହି ଚରତାଂ ଯନ୍ମନୋଽନୁବିଧୀୟତେ ।**

**ତଦସ୍ୟ ହରତି ପ୍ରଜ୍ଞାଂ ବାୟୁର୍ନାବମିବାମ୍ଭସି ॥ ୬୭ ॥**

*ଅନ୍ୱୟ : ହି (କାରଣ ) ଚରତାଂ ( ବିଷୟ ପଛରେ ଧାବମାନ ) ଇନ୍ଦ୍ରିୟାଣାଂ ( ଇନ୍ଦ୍ରିୟ ମାନଙ୍କ ମଧ୍ୟରୁ ) ଯତ୍ (ଯେଉଁ ଗୋଟିଏ ଇନ୍ଦ୍ରିୟ ) ମନଃ (ମନକୁ ) ଅନୁବିଧୀୟତେ (ନିଜର ଅନୁଗାମୀ କରିନିଏ )ତତ୍ (ସେହି ଇନ୍ଦ୍ରିୟ ) ଅମ୍ଭସି (ଜଳ ଉପରେ ) ନାବମ୍ (ନୌକାକୁ )ବାୟୁଃ ଇବ (ବାୟୁ ଇତସ୍ତତ ଚାଳନ କଲାପରି ) ଅସ୍ୟ (ଅସଂଯତ ବ୍ୟକ୍ତିର) ପ୍ରଜ୍ଞାମ୍ (ବୁଦ୍ଧିକୁ ) ହରତି (ହରଣ କରିନିଏ ) ।*

**ଭାବାର୍ଥ** : ଇନ୍ଦ୍ରିୟମାନେ ନିଜ ନିଜର ଭୋଗ୍ୟବସ୍ତୁ ପ୍ରତି ଆକୃଷ୍ଟ ହୋଇ ବିଷୟ ଜଗତରେ ବିଚରଣ କରୁଥିବା ବେଳେ, କୌଣସି ଏକ ଇନ୍ଦ୍ରିୟ ନିଜର ଭୋଗ୍ୟ ପଦାର୍ଥପ୍ରତି ତୀବ୍ର ଭାବରେ ଆସକ୍ତହୋଇ ଭୋଗରେ ଲିପ୍ତ ହେବାପାଇଁ ମନକୁ ଅନୁଗାମୀ କରିଥାଏ । ଅର୍ଥାତ୍ ମନ ସେହି ବିଷୟର ସୁଖଭୋଗରେ ଲାଗିଯାଏ । ମନକୁ ଇନ୍ଦ୍ରିୟ ନିଜର ଅନୁଗାମୀ କରିବାକ୍ଷଣି ସାଧକ ଠାରେ କର୍ତ୍ତବ୍ୟ ପରାୟଣତା ନ'ରହି ଭୋଗବୁଦ୍ଧି ଜାତହୁଏ । ଭୋଗବୁଦ୍ଧି ଜାତ ହେଲେ ନିଶ୍ଚୟାତ୍ମିକା ବୁଦ୍ଧି

ନଷ୍ଟ ହୋଇଯାଏ । ମନର ସହଯୋଗରେ ହିଁ ଇନ୍ଦ୍ରିୟମାନେ ବିଷୟ ସୁଖକୁ ଆହରଣ କରିଥାନ୍ତି । ଇନ୍ଦ୍ରିୟ ଦ୍ୱାରା ମନ ଟାଣିହୋଇ ଭୋଗ ଲାଳସାରେ ବ୍ୟାକୁଳିତ ହୋଇରହେ । ମନ ଇନ୍ଦ୍ରିୟ ସହିତ ସମ୍ମିଳିତ ହୋଇ ନ' ରହିଲେ , ଇନ୍ଦ୍ରିୟକୁ ଭୋଗ ବିଷୟର ସମ୍ବନ୍ଧରେ ଜ୍ଞାନ ମଧ ହୁଏନାହିଁ । ତେବେ ସେହି ଇନ୍ଦ୍ରିୟ ବୁଦ୍ଧିକୁ ହରଣ କରିବା ବା କିପରି ? ଜଳ ଉପରେ ନୌକାର ମଙ୍ଗ ନାଉରିଆର ନିୟନ୍ତ୍ରଣରୁ ଖସିଗଲେ , ଗତିଶୀଳ ପବନ ତାହାକୁ ଦିଗହରା କରାଇ ଇତସ୍ତତ ଘୂରାଏ । ସେହିପରି ଅସଂଯତ ବ୍ୟକ୍ତିର ଭୋଗପ୍ରତି ଆସକ୍ତ ହୋଇଥିବା ଇନ୍ଦ୍ରିୟ ବୁଦ୍ଧିକୁ ହରଣ କରିନେଇ ବିଚାର ଶକ୍ତିକୁ ନଷ୍ଟ କରିଦିଏ । କିନ୍ତୁ ଚତୁର ନାବିକ ବାୟୁର ଗତିକୁ ଅନୁକୂଳ କରାଇ ପାରିଲେ , ବାୟୁ ନୌକାକୁ ମାର୍ଗରୁ ହଟାଇ ପାରେନାହିଁ ବରଂ ତାହା ନୌକାର ଗତିକୁ ବଢାଇ ଲକ୍ଷସ୍ଥଳରେ ପହଞ୍ଚିବାରେ ସହାୟକ ହୋଇଥାଏ । ସେହିପରି କର୍ମଯୋଗୀର ଇନ୍ଦ୍ରିୟମାନେ ବଶୀଭୂତ ହୋଇ ରହିଲେ, ତାହା ମନ ବୁଦ୍ଧିକୁ ସ୍ଥିର କରାଇ ଆତ୍ମଭାବ ପ୍ରାପ୍ତିରେ ସହାୟକ ହୋଇଥାନ୍ତି । ରୂପ, ରସ, ସ୍ପର୍ଶ,ଶବ୍ଦ, ଗନ୍ଧ ଏହି ପାଞ୍ଚ ତନ୍ମାତ୍ରା ଯଥାକ୍ରମେ ଚକ୍ଷୁ,ଜିହ୍ୱା,ତ୍ୱକ୍,କର୍ଣ୍ଣ , ଓ ନାସିକା ଜ୍ଞାନେନ୍ଦ୍ରିୟର ବିଷୟ ଅଟନ୍ତି । ଏହି ପାଞ୍ଚ ତନ୍ମାତ୍ରା ମଧ୍ୟରୁ ଗୋଟିଏ ଗୋଟିଏ ତନ୍ମାତ୍ରା ଜୀବକୁ ଆକର୍ଷିତ କରାଇ ସେମାନଙ୍କର ମୃତ୍ୟୁର କାରଣ ହୋଇଥାନ୍ତି । ଯେପରି ପତଙ୍ଗ ପ୍ରଦୀପର ଉଜ୍ଜଳ ଆଲୋକରେ ,ଭ୍ରମର ପୁଷ୍ପର ଗନ୍ଧରେ , ମତ୍ତ ହସ୍ତୀ ହସ୍ତିନୀର ସ୍ପର୍ଶ ସୁଖରେ , ମୃଗ ବଂଶୀଧ୍ୱନିରେ , ଓ ମୀନ ରସରେ ଆକୃଷ୍ଟହୋଇ ଶେଷରେ ପ୍ରାଣ ହରାଇଥାନ୍ତି । ସେହିପରି , କୌଣସି ବାହ୍ୟ ଇନ୍ଦ୍ରିୟଭୋଗ୍ୟ ବସ୍ତୁରେ ଆକୃଷ୍ଟ ହୋଇ ମନ ଯଦି ସେ ବିଷୟରେ ଲିପ୍ତ ହୁଏ, ତାହାହେଲେ ସେହି ବ୍ୟକ୍ତିର ବିବେକ ବୁଦ୍ଧି ଲୋପ ପାଏ । ଯେଉଁ ଅଯୁକ୍ତ ପୁରୁଷର ପାଞ୍ଚଟି ଇନ୍ଦ୍ରିୟ ସଦା ସର୍ବଦା ବିଷୟ ଦିଗକୁ ଧାବିତ ହୋଇରହେ , ତା'ର ମନ ଓ ବୁଦ୍ଧି କେତେ ଯେ' ବିପର୍ଯ୍ୟୟ ସ୍ଥିତିରେ ରହେ ତାହା ଅନୁମେୟ । ନାବିକ ବିହୀନ ଦିଗହରା ଜାହାଜ ଯେପରି ଘୂର୍ଣ୍ଣି ବାତ୍ୟାର କବଳରେ ପଡିଲେ ଲକ୍ଷସ୍ଥଳରେ ନ'ପହଞ୍ଚି ସମୁଦ୍ରରେ ବୁଡି ଯାଇଥାଏ, ସେହିପରି ବିଶୃଙ୍ଖଳିତ ଇନ୍ଦ୍ରିୟମାନେ ବିଷୟଭୋଗରେ ବୁଡିରହି ଅସଂଯତ ବ୍ୟକ୍ତିର ବୁଦ୍ଧିକୁ ନଷ୍ଟ ଭ୍ରଷ୍ଟ କରି ତାହାର ପତନ କରିଥାନ୍ତି । ଇନ୍ଦ୍ରିୟମାନଙ୍କ ଦ୍ୱାରା ବିଷୟ ଭୋଗ ଚର୍ମରେ ହୋଇଥିବା ଯାଦୁରୋଗ ଭଳି । ଦେହରେ ହୋଇଥିବା ଯାଦୁ ଜାଗାକୁ ନଖରେ କୁଣ୍ଡାଇଲେ ସୁଖଲାଗେ, ମାତ୍ର କ୍ଷତ ଅଧିକ କ୍ଷତହୋଇ ଶରୀରର ହାନିକାରକ ହୁଏ । ଇନ୍ଦ୍ରିୟମାନଙ୍କ ଦ୍ୱାରା ବୁଦ୍ଧି ହରଣ ହେବା ସାଧକ ପକ୍ଷରେ ବହୁବାର ଘଟିଥାଏ । ମାତ୍ର କର୍ମଯୋଗ ସାଧକ ପ୍ରତ୍ୟେକ ଘଟଣାରୁ ଶିକ୍ଷାପାଇ ପୁନର୍ବାର ସେହି ଭୁଲ୍ କୁ ନ'ଦୋହରାଇ ନିଜର ପରମାତ୍ମାପ୍ରାପ୍ତି ଲକ୍ଷରେ ଦୃଢରହି ପୂର୍ବସ୍ଥିତିକୁ ଫେରିଆସିଥାଏ ।

**ତସ୍ମାତ୍ ଯସ୍ୟ ମହାବାହୋ ନିଗୃହୀତାନି ସର୍ବଶଃ ।**

**ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥ ୬୮ ॥**

*ଅନ୍ୱୟ : ତସ୍ମାତ୍ (ତେଣୁ ) ମହାବାହୋ (ହେ ମହାବାହୁ !) ଯସ୍ୟ (ଯେଉଁ ମନୁଷ୍ୟର ) ଇନ୍ଦ୍ରିୟାଣୀ (ଇନ୍ଦ୍ରିୟଗଣ ) ଇନ୍ଦ୍ରିୟାର୍ଥେଭ୍ୟ (ଇନ୍ଦ୍ରିୟ ଭୋଗ୍ୟ ବସ୍ତୁରୁ) ସର୍ବଶଃ (ସର୍ବଥା ) ନିଗୃହୀତାନି (ନିଗୃହୀତ ) ତସ୍ୟ (ତାହାର ) ପ୍ରଜ୍ଞା(ବୁଦ୍ଧି) ପ୍ରତିଷ୍ଠିତା (ସ୍ଥିର ଅଟେ ) ।*

**ଭାବାର୍ଥ** : ଭଗବାନ କହୁଛନ୍ତି : ହେ ମହାବାହୁ ! ଯେଉଁ ଯୁକ୍ତ ପୁରୁଷ ମନ ସହିତ ସମସ୍ତ ଇନ୍ଦ୍ରିୟମାନଙ୍କୁ ସେମାନଙ୍କର ଭୋଗ୍ୟବସ୍ତୁରୁ ସବୁ ସମୟରେ ନିଗୃହୀତ କରି ରଖିଥାଏ, ତାହାର ବୁଦ୍ଧି ସ୍ଥିର ହୋଇ ରହେ। ଇନ୍ଦ୍ରିୟମାନେ ବିନା ବାଧାରେ ନିଜ

ନିଜର ବିଷୟ ଭୋଗରେ ପ୍ରବୃତ୍ତ ହେବା ଇନ୍ଦ୍ରିୟ ମାନଙ୍କର ସ୍ୱଭାବ । କାରଣ କେଉଁ ଅନାଦିକାଳରୁ ଜୀବ ଏହି ଇନ୍ଦ୍ରିୟମାନଙ୍କ ଦ୍ୱାରା ବିଷୟ ଭୋଗ କରି ଆସୁଛି । ଇନ୍ଦ୍ରିୟମାନଙ୍କର ଏହି ସ୍ୱାଭାବିକ ପ୍ରବୃତ୍ତିକୁ ନିରୋଧକରି ରଖିବା, ଇନ୍ଦ୍ରିୟମାନଙ୍କ ଠାରେ ବିଷୟାସକ୍ତିର ଅଭାବ କରାଇବା ହେଉଛି ଇନ୍ଦ୍ରିୟଙ୍କୁ ବିଷୟରୁ ସର୍ବଦା ନିଗୃହୀତ କରିନେବା । ଏହା ବ୍ୟତୀତ , ପ୍ରତ୍ୟେକ ଇନ୍ଦ୍ରିୟର ଭୋଗ୍ୟବସ୍ତୁ ପ୍ରତି ରାଗ ଦ୍ୱେଷ ଅର୍ଥାତ ଆକର୍ଷଣ-ବିକର୍ଷଣ ରହିଥାଏ । କର୍ମଯୋଗ ସାଧକ ଏହି ରାଗ-ଦ୍ୱେଷର ଅଧୀନ ନ'ହୋଇ , ନିଜର କେବଳ କଲ୍ୟାଣ ପାଇଁ ଭୋଗ୍ୟବସ୍ତୁକୁ ଇନ୍ଦ୍ରିୟମାନଙ୍କ ଦ୍ୱାରା ବ୍ୟବହାରିକ କାର୍ଯ୍ୟରେ ଲଗାଇଥାଏ । ସେଥିରେ ତିଳେମାତ୍ର ଭୋଗ ବୁଦ୍ଧି ନ'ଥାଏ । 'ନିଗୃହୀତାନି' ର ତାତ୍ପର୍ଯ୍ୟ ହେଲା , ବିଷୟଭୋଗରେ ଇନ୍ଦ୍ରିୟଗଣ ପୂର୍ଣ୍ଣଭାବେ ସଂଯତ ହୋଇଛନ୍ତି ଅର୍ଥାତ୍ ଭୋଗ୍ୟ ବସ୍ତୁପ୍ରତି ସାଧକର ଲେଶମାତ୍ର ରାଗ,ଆସକ୍ତି ବା ଆକର୍ଷଣ ନାହିଁ । ଦେହାଭୀମାନକୁ ତ୍ୟାଗକଲେ "ଅହଂ ଭାବ"ର ମୃତ୍ୟୁ ହୁଏ । ଅହଂ ଭାବ ନ' ରହିଲେ ଭୋଗ ବୁଦ୍ଧି ଜାତ ହୁଏନାହିଁ । ଭୋଗବୁଦ୍ଧିର ଅଭାବରେ ଇନ୍ଦ୍ରିୟ ମାନେ ସ୍ୱତଃ ବଶ ହୋଇଥାନ୍ତି । ସେମାନଙ୍କୁ ବଶୀଭୂତ କରିବାକୁ ପଡି ନ'ଥାଏ । ଯାହାର ମନ ଆଉ ଇନ୍ଦ୍ରିୟ ବଶ ହୋଇଥାନ୍ତି , ତାହାର ବୁଦ୍ଧି ନିଶ୍ଚିତ ଭାବେ ସ୍ଥିର ହୋଇ ରହି ଏବଂ ସେ ସ୍ଥିତ ପ୍ରଜ୍ଞ ବୋଲି ଜାଣିବାକୁ ହେବ । ଆତ୍ମ ସଂଯମଶୀଳ ଜୀବନ ହେଉଛି ବଞ୍ଚି ରହିବାର ଯୋଗ୍ୟ ଯାହାର ପରମାତ୍ମାତତ୍ତ୍ୱ ପ୍ରାପ୍ତି ଏକ ମାତ୍ର ଲକ୍ଷ୍ୟ।

**ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ ।**
**ଯସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେଃ ॥ ୬୯ ॥**

*ଅନ୍ୱୟ : ସର୍ବଭୂତାନାମ୍ ( ସମସ୍ତ ପ୍ରାଣୀଙ୍କର ) ଯା ( ଯାହା ) ନିଶା ( ରାତ୍ରି ଅର୍ଥାତ୍ ଅଚେତନ ) ତସ୍ୟାମ୍ ( ସେଥିରେ ) ସଂଯମୀ (ଯୁକ୍ତ ପୁରୁଷ ) ଜାଗର୍ତ୍ତି (ଜାଗ୍ରତ ଅର୍ଥାତ୍ ସଚେତନ ରହନ୍ତି ) ଯସ୍ୟାମ୍ (ଯେଉଁଥିରେ ) ଭୂତାନି (ସମସ୍ତ ପ୍ରାଣୀ ) ଜାଗ୍ରତି ( ଜାଗ୍ରତ ଅର୍ଥାତ୍ ପ୍ରଯତ୍ନଶୀଳ ତଥା ଚେଷ୍ଟିତ ରହନ୍ତି ) ସା (ତାହା ) ମୁନେଃ ମନନଶୀଳ ମୁନି ତଥା ତତ୍ତ୍ୱଜ୍ଞାନୀ ) ନିଶା (ରାତ୍ରି ଭାବରେ ) ପଶ୍ୟତଃ (ଦେଖିଥାଏ ) ।*

**ଭାବାର୍ଥ** : ଏଠାରେ ଭଗବାନ ଶ୍ରୀକୃଷ୍ଣ ସଂଯମୀ ସ୍ଥିତପ୍ରଜ୍ଞ ପୁରୁଷ ଓ ବିଷୟାଭୋଗାସକ୍ତି ବ୍ୟକ୍ତି ଉଭୟେ ସଂସାର ଭିତରେ ରହି ସଂସାରର ସ୍ୱରୂପକୁ କିଏ, କିପରି ଦୃଷ୍ଟିରେ ଦେଖିଥାନ୍ତି ଏବଂ ସଂସାର ତାହାଙ୍କୁ କିପରି ବୋଧ ହୋଇଥାଏ, ତାହା ବ୍ୟାଖ୍ୟା କରିଛନ୍ତି । ଯୋଗଯୁକ୍ତ ସଂଯମୀ ପରମାତ୍ମା ତତ୍ତ୍ୱ ଲାଭ ଓ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି ଲକ୍ଷନେଇ ସଂସାରରେ ଆତ୍ମାନୁଭୂତି ପ୍ରାପ୍ତ ପାଇଁ ସାଧନ ରତ ଥିବାବେଳେ, ବିଷୟାସକ୍ତ ଅସଂଯମୀ ବ୍ୟକ୍ତି "ମନୁଷ୍ୟ ଶରୀର କେବଳ ଇନ୍ଦ୍ରିୟ ଜନିତ କାମନା ଓ ବାସନାର ଭୋଗ ନିମନ୍ତେ ପ୍ରାପ୍ତ ହୋଇଛି" , ଏହି ଲକ୍ଷନେଇ ବିଷୟ ସଂଗ୍ରହରେ ଲାଗିପଡିଥାଏ। ପରମାର୍ଥ ସାଧନ ଏବଂ ପରମେଶ୍ୱରଙ୍କ ଦର୍ଶନ ବିଷୟାସକ୍ତ ବ୍ୟକ୍ତି ପାଇଁ ରାତ୍ରି ସଦୃଶ ଅନ୍ଧକାର । ପରମାତ୍ମା ତତ୍ତ୍ୱ ସମ୍ବନ୍ଧରେ ବିଷୟୀ ପୁରୁଷ ସମ୍ପୂର୍ଣ୍ଣ ଅଜ୍ଞ । ଅଧ୍ୟାତ୍ମ ତତ୍ତ୍ୱ ସ୍ୱଷ୍ଟ ଦିବାଲୋକ ସାଦୃଶ ଏବଂ ବିଷୟ ଭୋଗ ରାତ୍ର ସାଦୃଶ ଅନ୍ଧକାରାଚ୍ଛନ । ସାଧାରଣ ମନୁଷ୍ୟର ନିଜ ସ୍ୱଭାବ ଅନୁସାରେ ଅଧ୍ୟାତ୍ମମାର୍ଗରେ ପ୍ରବେଶ ନ'ଥାଏ, ତେଣୁ ସେମାନେ ପରମାତ୍ମା ତତ୍ତ୍ୱଜ୍ଞାନ ପ୍ରାପ୍ତ ନେଇ ସୁପ୍ତ । ଯୋଗଯୁକ୍ତ ପୁରୁଷ ପରମାତ୍ମା ତତ୍ତ୍ୱଭାବରେ ନିରନ୍ତର ଜାଗ୍ରତ ସ୍ଥିତିରେ ରହିଥାଏ । ତେଣୁ ଯାହା ବିଷୟଭୋଗୀ ପାଇଁ ରାତ୍ରି ଅନ୍ଧକାର , ତାହା ଯୋଗୀ ପାଇଁ ସ୍ୱଷ୍ଟ ଦିବାଲୋକ । ସଂସାରି ଲୋକ ଇନ୍ଦ୍ରିୟସୁଖ ପାଇଁ ବିଷୟ ଜଗତରେ ସବୁବେଳେ

ଜାଗରିତ ହୋଇ ରହେ । ସ୍ତ୍ରୀ, ପୁତ୍ର, ଧନ ସମ୍ପତି , ମାନ, ସମ୍ମାନ ସଂଗ୍ରହ ଦୌଡରେ ଲାଗିପଡିଥାଏ । ଏହି ବିଷୟ ଭୋଗ , ଯୋଗୀ ପୁରୁଷ ପାଇଁ ସଂପୂର୍ଣ୍ଣ ଅନ୍ଧକାର ଭଳି । ଜଡବାଦୀ ଯାହାକୁ ବାସ୍ତବ ବୋଲି ଧରି ନେଇଥାଏ, ଆତ୍ମତତ୍ତ୍ୱବିତ୍ ତାହାକୁ ମାୟା ବୋଲି ଗ୍ରହଣ କରିଥାଏ । ଯୋଗୀ ପୁରୁଷ ଭୋଗ୍ୟବସ୍ତୁ ପ୍ରତି ଇନ୍ଦ୍ରିୟ ସୁଖର ଆସକ୍ତିରେ ଆକୃଷ୍ଟ ହୁଏନାହିଁ କି' କାମୀ ପୁରୁଷ ଇନ୍ଦ୍ରିୟଭୋଗରୁ ବିରତ ହୋଇ ଆତ୍ମତତ୍ତ୍ୱ ଲାଭର ପ୍ରୟାସ କରେନାହିଁ । ଆତ୍ମଭାବ ସ୍ଥିତି ସାଧାରଣ ମନୁଷ୍ୟ ପାଇଁ ରାତ୍ରି ସଦୃଶ । କିନ୍ତୁ ସଂଯମୀ ଆତ୍ମଭାବ ସ୍ଥିତିରେ ସବୁବେଳେ ଜାଗ୍ରତ ଥାନ୍ତି ଅର୍ଥାତ ଏଥିପ୍ରତି ସେ ସଚେତନ । ପୁଣି ଯେଉଁ ବିଷୟ ଭୋଗରେ ସାଧାରଣ ମନୁଷ୍ୟ ଜାଗରିତ ଅର୍ଥାତ କ୍ଷଣିକ ପାଇଁ ହର୍ଷିତ ଓ ଉତ୍ଫୁଲିତ ଥାନ୍ତି ,ଆତ୍ମଦର୍ଶୀ ମୁନିଗଣଙ୍କ ପାଇଁ ଏହି ବିଷୟଭୋଗ ରାତ୍ରି ସ୍ୱରୂପ ଅର୍ଥାତ ସଂଯମୀ ବିଷୟ ଭୋଗରେ ଉଦାସୀନ ଥାନ୍ତି । " ନିଶା" ଶବ୍ଦର ଅର୍ଥ ମଧ୍ୟ "ଶାନ୍ତି " । ସଂଯମୀ ଜଗତ କଲ୍ୟାଣ କିମ୍ବା କର୍ତ୍ତବ୍ୟ କର୍ମ କଲାବେଳେ ବିଷୟଭୋଗ ପ୍ରବୃତ୍ତିରେ ରହିଥିଲେ ମଧ୍ୟ, ଆସକ୍ତ ଶୂନ୍ୟ ଓ ରାଗ ଦ୍ୱେଷ ରହିତ ହୋଇ ଶାନ୍ତି ଆନନ୍ଦ ଲାଭ କରିଥାନ୍ତି । ସଂସାରି ଲୋକ ଇନ୍ଦ୍ରିୟଭୋଗ ସୁଖରେ ଲିପ୍ତରହି ବିଷୟ ସଂଗ୍ରହକୁ ସର୍ବସ୍ୱ ମନେକରିଥାନ୍ତି । ପରମାର୍ଥ ତତ୍ତ୍ୱ ଦିଗକୁ ସେମାନଙ୍କର ବୁଦ୍ଧି ଯାଇନ'ଥାଏ । କର୍ମଯୋଗୀ ପରମାର୍ଥିକ ତତ୍ତ୍ୱ ଜାଣିବା ସଙ୍ଗେ ସଙ୍ଗେ ସଂସାରକୁ ମଧ୍ୟ ଜାଣିଥାନ୍ତି । ଏହି ମର୍ମରେ ସଂସାରି ଲୋକ କେବଳ ରାତ୍ରିକୁ ଦେଖିଥାନ୍ତି, ମାତ୍ର ଯୋଗଯୁକ୍ତ ପୁରୁଷ ଦିନକୁ ଦେଖିବା ସଙ୍ଗେ ସଙ୍ଗେ ରାତ୍ରିକୁ ମଧ୍ୟ ଦେଖିଥାନ୍ତି । ଧନଲୋଭୀ ବ୍ୟକ୍ତି କେବଳ ଧନ ସଂଗ୍ରହ କରିବାର ଜାଣିଥାଏ , କିନ୍ତୁ ଧନ ତ୍ୟାଗ କରିବା ବ୍ୟକ୍ତି ଉଭୟ ଧନ ସଂଗ୍ରହ ଓ ଧନ ତ୍ୟାଗର ଅନୁଭବ କରିଥାଏ । ସଂସାର ଠାରୁ ପୃଥକ ହେଲେ ହିଁ ସଂସାରକୁ ଜାଣିହେବ । କାରଣ ସଂସାର ନିଜର ସ୍ୱରୂପ ନୁହେଁ । ସେହିପରି ପରମାତ୍ମାଙ୍କ ଠାରୁଅଭିନ୍ନ ହେଲେ ହିଁ ପରମାତ୍ମାକୁ ଜାଣିହେବ, କାରଣ ନିଜର ସ୍ୱରୂପ ପରମାତ୍ମାଙ୍କଠାରୁ ଭିନ୍ନ ନୁହେଁ । ବ୍ୟବହାରିକ ଜୀବନରେ ଏହି ଶ୍ଳୋକରେ ଦିଆଯାଇଥିବା ଦିନ ଓ ରାତ୍ରିର ଉପମାକୁ ଉପଲବ୍ଧି କରାଯାଇପାରେ । ସାଧାରଣ ଜୀବନରେ ଏପରି ଏକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଥାଏ, ଯେତେବେଳେ ମନୁଷ୍ୟ ନିଜର କର୍ତ୍ତବ୍ୟ କର୍ମ ସମ୍ପାଦନ କଲାବେଳେ ଚତୁର୍ଦ୍ଦିଗରୁ ନିରାଶର ଛାୟା ଦେଖିବାକୁ ମିଳିଥାଏ । ଉଦ୍ୟୋକ୍ତା ହତୋତ୍ସାହ ହୋଇପଡିଥାଏ । ସେହି ପରିସ୍ଥିତିକୁ କିନ୍ତୁ ସ୍ଥିତପ୍ରଜ୍ଞ ପୁରୁଷ ଭିନ୍ନ ଭାବରେ ସାମନା କରେ । ପରମାତ୍ମା ନିକଟରେ ଶରଣାପନ୍ନ ହୋଇ କର୍ମକୁ ଭଗବାନଙ୍କୁ ସମର୍ପଣ କରି କର୍ତ୍ତବ୍ୟ କର୍ମରେ ପ୍ରବୃତ୍ତ ରହିବା ତାହା ତା' ପାଇଁ ଦିବାଲୋକ ସାଦୃଶ ।

**ଆପୂର୍ଯ୍ୟମାଣମଚଳପ୍ରତିଷ୍ଠଂ ସମୁଦ୍ରମାପଃ ପ୍ରବିଶନ୍ତି ଯଦ୍ ବତ୍ ।**
**ତଦ୍ ବତ୍ କାମା ଯଂ ପ୍ରବିଶନ୍ତି ସର୍ବେ ସ ଶାନ୍ତିମାପ୍ନୋତି ନ କାମକାମୀ ॥ ୭୦॥**

*ଅନ୍ୱୟ : ଯଦ୍ ବତ୍ (ଯେପରି ) ଆପଃ ( ଜଳ ରାଶି ) ଆପୂର୍ଯ୍ୟମାଣମ୍ ( ସର୍ବତୋଭାବେ ପରିପୂର୍ଣ୍ଣ ) ଅଚଳ ପ୍ରତିଷ୍ଠମ୍ ( ସ୍ଥିର ଭାବରେ ଅବସ୍ଥିତ ) ସମୁଦ୍ରମ୍ (ସମୁଦ୍ରରେ ) ପ୍ରବିଶନ୍ତି(ଆସି ମିଶନ୍ତି ) ତଦ୍ ବତ୍ (ସେହିପରି) ସର୍ବେ ( ସମସ୍ତ ) କାମାଃ (ବାସନା ସମୂହ ) ଯମ୍ ( ଯେଉଁ ପୁରୁଷଙ୍କ ଠାରେ ) ପ୍ରବିଶନ୍ତି ( ପ୍ରାପ୍ତ ହୋଇଥାଏ ) ସଃ (ସେହି ଯୋଗଯୁକ୍ତ ପୁରୁଷ ) ଶାନ୍ତିମ୍ (ପରମ ଶାନ୍ତି ) ଆପ୍ନୋତି (ପ୍ରାପ୍ତ ହୁଅନ୍ତି ) କାମ-କାମୀ( ଭୋଗକାମୀ ମନୁଷ୍ୟ ) ନ (ନୁହେଁ ) ।*

**ଭାବାର୍ଥ** : ସହସ୍ର ନଦୀ ବୃହତ ଜଳରାଶି ଆଣି ସମୁଦ୍ରରେ ବିଲୀନ ହେଲେମଧ ସମୁଦ୍ର ଅଚଳ ପ୍ରତିଷ୍ଠିତ ଭାବେ ରହିଥାଏ । କିଞ୍ଚିତ୍ ମାତ୍ର ସମୁଦ୍ର ଅଭିବୃଦ୍ଧି ହୋଇନଥାଏ କି' ସମୁଦ୍ରର ଚଳନଶୀଳରେ ପରିବର୍ତ୍ତନ ହୁଏନାହିଁ । ସମୁଦ୍ରର ଦୁଇଟି ମୁଦ୍ରା ବା ସ୍ଥିତି ରହିଥାଏ, ତାହା ହେଲା ଶାନ୍ତ ଓ ବିକ୍ଷିପ୍ତ ରୂପ । ସର୍ବୋତ ଭାବରେ ପରିପୂର୍ଣ୍ଣ ହୋଇଥିବା ସମୁଦ୍ରର ଆକାର ଓ ସ୍ଥିତି ନଦୀ ମାନଙ୍କ ଦ୍ୱାରା ପ୍ରବେଶ ହୋଇଥିବା ବୃହତ ଜଳରାଶି ଦ୍ୱାରା କିମ୍ବା ସୂର୍ଯ୍ୟ ଦ୍ୱାରା ଶୋଷିତ ଜଳରେ ପରିବର୍ତ୍ତିତ ହୁଏନାହିଁ । ସେହିପରି ଇହଲୋକ, ପରଲୋକର ଯେତେବଡ ଭୋଗପ୍ରାପ୍ତି, ସ୍ଥିତପ୍ରଜ୍ଞ ପୁରୁଷର ଅନ୍ତଃକରଣରେ କୌଣସି ବିକାର ସୃଷ୍ଟି ନକରି ବିଲୀନ ହୋଇଯାଇଥାଏ । ସ୍ଥିତପ୍ରଜ୍ଞ ପୁରୁଷର ଅନ୍ତଃକରଣ ଅନନ୍ତ ଆନନ୍ଦରେ ପରିପୂର୍ଣ୍ଣ ହୋଇ ରହିଥାଏ । ବ୍ରହ୍ମାନନ୍ଦରେ ଯେ ପରିପୂର୍ଣ୍ଣ , ସେ ସବୁ ଅବସ୍ଥାରେ ଧୀର,ସ୍ଥିର, ପ୍ରଶାନ୍ତ ଓ ଆନନ୍ଦମୟ। ସମୁଦ୍ର ଯେପରି ନିଜର ପ୍ରତିଷ୍ଠା ପାଇଁ ଅନ୍ୟ ନିକଟରୁ ଜଳର ଆବଶ୍ୟକତା କରିନ'ଥାଏ, ସେହିପରି ସ୍ଥିତପ୍ରଜ୍ଞ ପୁରୁଷକୁ କୌଣସି ସାଂସାରିକ ସୁଖ ଭୋଗର କିଞ୍ଚିତ ମାତ୍ର ଆବଶ୍ୟକତା ନ'ଥାଏ । ସମୁଦ୍ର ଯେପରି ନିଜର ପ୍ରତିଷ୍ଠା ବା ମର୍ଯ୍ୟଦାକୁ ଲଘି ନଥାଏ, ବ୍ରହ୍ମାନନ୍ଦ ପ୍ରାପ୍ତ ପୁରୁଷ ନିଜର ଯୋଗ୍ୟତା, ପରିସ୍ଥିତି ଅନୁଯାଇ ପ୍ରାପ୍ୟ ହୋଇଥିବା ଭୋଗ୍ୟ ବସ୍ତୁର ସେବନରେ ନିର୍ବିକାର ରହିଥାଏ । ସମଗ୍ର ସୃଷ୍ଟି ଆନନ୍ଦମୟ । ପର୍ବତ,ନଦୀ, ଆକାଶ ଏ ସବୁକୁ ଭୌତିକ ଦୃଷ୍ଟିରେ ଦେଖିଲେ ଏହା ଆଖିକୁ ପଥର ମାଟି ଓ ଗ୍ରହ ନକ୍ଷତ୍ର ଭାବେ ଦେଖାଯିବ । କିନ୍ତୁ ଏସବୁ ଇଶ୍ୱରଙ୍କର ସୃଷ୍ଟି ବୋଲି ଜ୍ଞାନ ଚକ୍ଷୁରେ ଭାବିଲେ ଏଥିରୁ ଆନନ୍ଦ ମିଳିବ । ଇଶ୍ୱରଙ୍କର ସୃଷ୍ଟିକୁ ଆତ୍ମଦୃଷ୍ଟିରେ ଦେଖିଲେ, ବାହାର ଆନନ୍ଦ ଓ ଅନ୍ତରର ଆନନ୍ଦର ମିଳନ ହୋଇଥାଏ। ଆତ୍ମାର ଆନନ୍ଦ ସ୍ୱରୂପ ହେଉଛି ମହାସମୁଦ୍ର । ସଂସାରର ବିଷୟ ସମୂହକୁ ଭୋଗଦୃଷ୍ଟିରେ ନ'ଦେଖି ଦିବ୍ୟଦୃଷ୍ଟିରେ ଦେଖିଲେ ସେଥିରୁ ଆନନ୍ଦରୁପକ ଜଳ ସ୍ଥିତପ୍ରଜ୍ଞ ପୁରୁଷର ଅନ୍ତଃକରଣରେ ଥିବା ପରମାନନ୍ଦ ମହାସମୁଦ୍ରରେ ଲୀନ ହୋଇଥାନ୍ତି। ସ୍ଥିତପ୍ରଜ୍ଞ ପୁରୁଷର ଚିତ୍ତବୃତ୍ତି ପରମାନନ୍ଦରେ ଅଚଳ ପରିପୂର୍ଣ୍ଣ ସମୁଦ୍ର ପରି ପ୍ରତିଷ୍ଠିତ ହୋଇ ରହିଥାଏ । ଅନ୍ତଃକରଣରେ ଥିବା ସମତା ଚିତ୍ତ ବୃତ୍ତିରୁ ବିଚ୍ୟୁତ ହୋଇନ'ଥାଏ । ପରମାର୍ଥ ତତ୍ତ୍ୱରେ ସ୍ଥିତ ରହି ପରମାନନ୍ଦ ଶାନ୍ତି ଲାଭ କରିଥାଏ । ବିଷୟାସକ୍ତ ବ୍ୟକ୍ତି କାମନା, ବାସନା ପ୍ରତି ଆସକ୍ତ ହୋଇ ଭୋଗ୍ୟ ବସ୍ତୁ ପ୍ରାପ୍ତିରେ ହର୍ଷିତ, ଉଲ୍ଲସିତ ହୁଏ । ଇନ୍ଦ୍ରିୟ ସୁଖ ଭୋଗରେ ବାରମ୍ବାର ଲିପ୍ତ ରହେ । ଭୋଗ କାମନା ମନୁଷ୍ୟ କେବେହେଲେ ଶାନ୍ତି ପ୍ରାପ୍ତ କରି ପାରିବ ନାହିଁ । ଭୋଗ କାମନାରେ ଚିତ୍ତ ବିକ୍ଷିପ୍ତ ରହେ , ଅନ୍ତଃକରଣରେ ବିଷୟ ଚିନ୍ତା,ଜ୍ୱଳନ , ଶୋକ ନିବାସ କରି ରହିଥାନ୍ତି । ଚିର ଶାନ୍ତିର ଅଧିକାରୀ ସେ କେବେ ହୋଇପାରନ୍ତି ନାହିଁ ।

ବିହାୟ କାମାନ୍ ଯଃ ସର୍ବାନ୍ ପୁମାଂଶ୍ଚରତି ନିସ୍ପୃହଃ ।
ନିର୍ମମୋ ନିରହଙ୍କାରଃ ସ ଶାନ୍ତିମଧିଗଚ୍ଛତି ॥ ୭୧ ॥

*ଅନ୍ୱୟ :ଯଃ (ଯେଉଁ ) ପୁମାନ୍ ( ପୁରୁଷ )ସର୍ବାନ୍ (ସମସ୍ତ ) କାମାନ୍ (ଇନ୍ଦ୍ରିୟ ତୃପ୍ତିଜନିତ ଭୌତିକ କାମନା ) ବିହାୟ (ତ୍ୟାଗକରି ) ନିସ୍ପୃହଃ (ବାସନା ଶୂନ୍ୟ ) ନିର୍ମମଃ (ମମତ୍ୱ ହୀନ ) ନିରହଂକାରଃ (ଅହଂକାର ଶୂନ୍ୟ) ଚରତି ( ଆଚରଣ କରେ ) ସଃ ( ସେ ) ଶାନ୍ତିମ୍ (ପୂର୍ଣ୍ଣ ଶାନ୍ତି ) ଅଧିଗଚ୍ଛତି (ପ୍ରାପ୍ତ କରେ ) ।*

**ଭାବାର୍ଥ** : ଯେଉଁ ମହାନ୍ ପୁରୁଷ ସମସ୍ତ ପ୍ରକାର ଇନ୍ଦ୍ରିୟଭୋଗ କାମନାକୁ ପରିତ୍ୟାଗ କରି ,ପ୍ରାପ୍ତ-ଅପ୍ରାପ୍ତ ବସ୍ତୁପ୍ରତି ଆସକ୍ତି ନ'ରଖି ମମତା ଅହଂକାର ଶୂନ୍ୟ ହୋଇ ସଂସାରରେ ଅବସ୍ଥାନ କରିଥାନ୍ତି, ସେ ପରମାନନ୍ଦ ନିତ୍ୟଶାନ୍ତି ପ୍ରାପ୍ତ ହୋଇଥାନ୍ତି । ଯାହା ପ୍ରାପ୍ତ କଲାପରେ ଆଉ କିଛି ଅପ୍ରାପ୍ତ ହୋଇ ରହିନ'ଥାଏ ।

ଏହିଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗ ସାଧକ ନିମନ୍ତେ ସନ୍ୟାସ ଧର୍ମ ଆଚରଣର ମାର୍ଗ ଦର୍ଶାଇଛନ୍ତି । କର୍ମଯୋଗୀର ଅନ୍ତିମ ଲକ୍ଷ ହେଲା ପରମ ଶାନ୍ତି ଆନନ୍ଦ ପ୍ରାପ୍ତି । ଏହି ଲକ୍ଷରେ ପହଞ୍ଚିବାକୁ ହେଲେ ଯୋଗୀ ଇନ୍ଦ୍ରିୟଜନିତ କାମନା ବାସନାକୁ ତ୍ୟାଗକରି ମମତ୍ୱହିନ ଏବଂ ଅହଂକାର ଶୂନ୍ୟ ହେବା ଆବଶ୍ୟକ । ଅପ୍ରାପ୍ତ ବସ୍ତୁର ପ୍ରାପ୍ତ କରିବାର ଇଚ୍ଛାକୁ କାମନା କୁହାଯାଏ । ଶରୀର ଓ ଇନ୍ଦ୍ରିୟ ଜନିତ ଭୋଗ୍ୟ ବିଷୟ ପ୍ରତି ଯେ ଆସକ୍ତି ଶୂନ୍ୟ ତାହାକୁ ନିସ୍ପୃହ କୁହାଯାଏ । କୌଣସି ବସ୍ତୁର ତୀବ୍ର ଭାବରେ ଅଭାବ ଅନୁଭୂତ ହେବା କିମ୍ବା ବସ୍ତୁର ଆବଶ୍ୟକତା ନିତାନ୍ତ ଜରୁରୀ ବୋଧ ହେବା ହେଉଛି ସେହି ବିଷୟପ୍ରତି ସ୍ପୃହା । ସ୍ପୃହା ହେଉଛି କାମନାର ସୂକ୍ଷ୍ମ ରୂପ । କର୍ମଯୋଗ ସାଧକ ପ୍ରାରମ୍ଭରେ କାମନା, ବାସନାକୁ ତ୍ୟାଗ କରି ଇନ୍ଦ୍ରିୟମାନଙ୍କୁ ବଶରେ ରଖିବାର ପ୍ରୟାସରେ ସାଧନା ଆରମ୍ଭ କରିଥାନ୍ତି । ସାଧନାର ଅନ୍ତିମ ପର୍ଯ୍ୟାୟରେ ଏହି ସ୍ଥିତି ଆସିଥାଏ, ଯେତେବେଳେ ସାଧକ ଶରୀର ନିର୍ବାହ ନିମନ୍ତେ ମଧ ଆବଶ୍ୟକ ବସ୍ତୁର ପ୍ରାପ୍ତି ଓ ଅପ୍ରାପ୍ତିରେ ଉଦାସୀନ ରହିଥାନ୍ତି । ଶରୀର ରହୁ କିମ୍ବା ନରହୁ, ଜୀବନ ନିର୍ବାହ ବସ୍ତୁ ମିଳୁ ବା ନ'ମିଳୁ ,ସେଥିରେ ଗୁରୁତ୍ୱ ନ'ଥାଏ । କାରଣ ସେ ପରମାନନ୍ଦ ପ୍ରାପ୍ତ ଦ୍ୱାରଦେଶରେ ଉପନୀତ ହୋଇଯାଇଥାନ୍ତି । ନିର୍ମମ ହେଲା, ସଂସାରର ସମସ୍ତ ଅନାତ୍ମ ବସ୍ତୁରେ ମମତ୍ୱ ଭାବ ନ'ରଖିବା । ମୋର ସ୍ତ୍ରୀ , ମୋର ପୁତ୍ର, ମୋର ଘର, ମୋର ସମ୍ପତ୍ତି, ମୋର ମାନ , ପ୍ରଭୃତି ସଂସାର ବିଷୟ ଗୁଡିକର କଳ୍ପିତ ରୂପକୁ ବୁଦ୍ଧିରେ ସଂଯୋଗ କରି ରଖିବା ହେଉଛି ମମତ୍ୱ । ଶରୀର ସହିତ ମମତ୍ୱ ଭାବରଖି ଅନ୍ତଃକରଣ ସହିତ ସମ୍ବନ୍ଧିତ ହେଲେ , ଅନ୍ତଃକରଣରେ ଏକ ସ୍ୱତନ୍ତ୍ର ସତ୍ତା ଅନୁଭବ ହୁଏ। ସେହି ସ୍ୱତନ୍ତ୍ର ସତ୍ତା ହେଉଛି "ମୁଁ" ରୂପକ ଅହଂକାର । ଯେପରି ମୁଁ ବିଦ୍ୱାନ୍, ମୁଁ ପଣ୍ଡିତ,ମୁଁ ଧନୀ, ମୁଁ ବୁଦ୍ଧିମାନ । 'ମୁଁ' କର୍ତ୍ତା ହୋଇ, ସଂସାରର ପ୍ରାପ୍ତ ବିଷୟ ଉପକରଣ ସହିତ ସମ୍ବନ୍ଧକୁ "ମୋର" ବୋଲି ବୁଦ୍ଧିରେ ଧାରଣା ସୃଷ୍ଟି କରାଏ । ଏହି "ମୁଁ" ଓ "ମୋର" ସଂପୂର୍ଣ୍ଣ ଭାବରେ କଳ୍ପିତ ଓ ଭାସମାନ । କାରଣ ସଂସାରର ସମସ୍ତ ବିଷୟ ବାହାରେ ରହିଥାଏ, ଆଉ ଅନ୍ତଃକରଣରେ ଆତ୍ମା ବ୍ୟତିରେକ "ମୁଁ" ବୋଲି କିଛି ନ'ଥାଏ । ଦେହ ସହିତ ତଦାତ୍ମ୍ୟହୋଇ ସଂସାରକୁ ଦେଖିଲେ , ସଂସାରର ବିଷୟ ବସ୍ତୁ ବୁଦ୍ଧିରେ ବିକୃତଭାବ ସୃଷ୍ଟି କରି ଯାହା ସହିତ ସମ୍ବନ୍ଧିତ ହୋଇଥାନ୍ତି ତାହା ହେଉଛି ଅହଂକାର । ଅହଂକାର ହେଲା "ମୁଁ" ।ଏହାସହିତ ବିଷୟର ସମ୍ବନ୍ଧ ହେଲା "ମୋର" । "ମୁଁ" ଓ "ମୋର" ଉଭୟ ପରିପୂରକ । "ମୁଁ" ରହିଲେ "ମୋର" ରହିବ । " ମୁଁ –ମୋର" ଭାବ ମନୁଷ୍ୟକୁ କର୍ମ ବନ୍ଧନରେ ପକାଇଥାଏ । ସ୍ପୃହା , ମମତା, ଅହଂଭାବ ମଧ୍ରୁ ଅହଂଭାବ ହେଉଛି ମୁଖ୍ୟ । ଯଦି "ମୁଁ" ଭାବ ନ'ରହିବ , "ମୋର" ଭାବ ରହିବ କିପରି ? ଆଉ କାମନା କିଏ କରିବ ? ପ୍ରାପ୍ତ ବସ୍ତୁରେ ମମତା ହୁଏ , ଅପ୍ରାପ୍ତ ବସ୍ତୁପାଇଁ କାମନା ହୁଏ । ମମତା ତ୍ୟାଗକଲେ ନିଷ୍କାମ ଭାବ ଜାଗ୍ରତ ହୁଏ । କାମନାକୁ ତ୍ୟାଗକଲେ ନିସ୍ପୃହ ହେବାର ସାମର୍ଥ୍ୟ ଆସେ । ଶରୀରର ଆବଶ୍ୟକତା ମନୁଷ୍ୟକୁ ପରାଧୀନ କରେ । ଶରୀରକୁ "ମୁଁ" ବୋଲି ଭାବିଲେ ଆବଶ୍ୟକତା ଜାତ ହୁଏ । "ମୁଁ" ଆତ୍ମସ୍ୱରୂପ, "ମୁଁ" ଦ୍ରଷ୍ଟା ବୋଲି ଧାରଣା

ରଖିଲେ ବିଷୟ ପ୍ରତି ସମ୍ବନ୍ଧ ରହିବ ନାହିଁ । ଶରୀର ସମେତ ସମସ୍ତ ସଂସାର ଦୃଶ୍ୟ । ଦୃଶ୍ୟ ଠାରୁ ଦ୍ରଷ୍ଟା ନିଶ୍ଚିତଭାବେ ଅଲଗା ହୋଇଥାଏ । ଏହିପରି ଅନୁଭବ ଆସିଲେ ସ୍ଥିରବୁଦ୍ଧି ପୁରୁଷ ନିରହଂକାରୀ ହୋଇଯାଏ । ଶରୀର ସଂସାରରୁ ନିର୍ମିତ, ତେଣୁ ଶରୀରର ଯାହାକିଛି କରିବାର ଅଛି, ତାହା କେବଳ ସଂସାରର ହିତ ପାଇଁ କରିବା ଉଚିତ । ଶରୀର ସଂସାରର ଓ ସଂସାର ପାଇଁ ମନେକଲେ କୌଣସି ବସ୍ତୁର ପ୍ରୟୋଜନ ରହେନାହିଁ ।ଏହିଭାବ ଆସିଲେ କର୍ମଯୋଗୀ ମମତାରୁ ମୁକ୍ତ ହୋଇଯାଏ । ଅନ୍ତଃକରଣରୁ କାମନା,ସ୍ପୃହା,ମମତା, ଅହଂଭାବ ପୂର୍ଣ୍ଣରୂପେ ଲୋପ ପାଇଗଲେ , ସ୍ୱତଃସିଦ୍ଧ ଶାନ୍ତିର ଅନୁଭବ ହୁଏ ।

**ଏଷା ବ୍ରାହ୍ମୀ ସ୍ଥିତିଃ ପାର୍ଥ ନୈନାଂ ପ୍ରାପ୍ୟ ବିମୁହ୍ୟତି ।**
**ସ୍ଥିତ୍ୱାସ୍ୟାମନ୍ତକାଳେଅପି ବ୍ରହ୍ମନିର୍ବାଣମୃଚ୍ଛତି ॥ ୭୨ ॥**

*ଅନ୍ୱୟ : ପାର୍ଥ ( ହେ ପୃଥା ନନ୍ଦନ !) ଏଷା ( ଏହା ହେଉଛି ) ବ୍ରାହ୍ମୀ ସ୍ଥିତିଃ (ବ୍ରହ୍ମନିଷ୍ଠା )ଏନାମ୍ (ଏହି ଅବସ୍ଥାକୁ ) ପ୍ରାପ୍ୟ ( ପ୍ରାପ୍ତହୋଇ ) ବିମୁହ୍ୟତି( କେହି କେବେ ମୋହିତ ) ନ ( ହୁଏ ନାହିଁ) ଅନ୍ତକାଳେ ଅପି( ମୃତ୍ୟୁ ସମୟରେ ମଧ ) ଅସ୍ୟା (ଏହି ଅବସ୍ଥାରେ ଅର୍ଥାତ୍ ବ୍ରହ୍ମ ସ୍ୱରୂପରେ ) ସ୍ଥିତ୍ୱା ( ପ୍ରତିଷ୍ଠିତ ହୋଇ ) ବ୍ରହ୍ମନିର୍ବାଣମ୍ (ନିର୍ବାଣ ବ୍ରହ୍ମକୁ )ଋଚ୍ଛନ୍ତି (ଲାଭ କରନ୍ତି ) ।*

**ଭାବାର୍ଥ** : ଅର୍ଜୁନଙ୍କ ମୋହଭଙ୍ଗ ପାଇଁ ଭଗବାନ ଶ୍ରୀକୃଷ୍ଣ ଯେଉଁ କର୍ମଯୋଗ ଉପଦେଶ ଉପସ୍ଥାପନ କରିଛନ୍ତି ଏହି ଶ୍ଲୋକରେ ମନୁଷ୍ୟ ଜନ୍ମର ଅନ୍ତିମ ଲକ୍ଷ କଣ, ଏବଂ ତାହା କିପରି ଭାବରେ ପ୍ରାପ୍ତହୋଇଥାଏ, ତାହା ବୁଝାଇ କର୍ମଯୋଗ ସାଧନାର ଉପସଂହାର କରିଛନ୍ତି । କର୍ମଯୋଗୀ ଇନ୍ଦ୍ରିୟ ଜନିତ କାମନା, ବାସନା ସବୁ ତ୍ୟାଗକରି ମମତ୍ୱହିନ ଓ ପରିଶେଷରେ ଅହଂକାର ଶୂନ୍ୟ ହୋଇଗଲେ ବ୍ରାହ୍ମିସ୍ଥିତି ପ୍ରାପ୍ତ ହୋଇଥାଏ । ବ୍ରାହ୍ମିସ୍ଥିତି ହେଉଛି ବ୍ରହ୍ମନିଷ୍ଠ, ଅର୍ଥାତ୍ ଅନନ୍ତସହିତ ଅଭିନ୍ନ ସର୍ବୋଚ୍ଚ ସ୍ଥିତି । ସେହି ସ୍ଥିତିରେ ସଂସାର ସ୍ୱପ୍ନବତ୍ ପ୍ରତୀୟମାନ ହୋଇଥାଏ । ବ୍ରହ୍ମତତ୍ତ୍ୱ ପ୍ରାପ୍ତ ମହାପୁରୁଷ ପୁନର୍ବାର ମୋହଗ୍ରସ୍ତ ହୋଇନ'ଥାଏ । ଆତ୍ମା ସ୍ୱୟଂ ନିତ୍ୟ ହୋଇମଧ ଶରୀର ସହିତ ନିଜର ଏକତ୍ୱ ମାନିବା ହେଉଛି ମୋହ । ନିଜର ଆତ୍ମସ୍ୱରୂପ , ସତ୍-ଅସତ୍,ନିତ୍ୟ-ଅନିତ୍ୟ,ଜନ୍ମ-ମୃତ୍ୟୁ,କର୍ତ୍ତବ୍ୟ-ଅକର୍ତ୍ତବ୍ୟ ସମ୍ବନ୍ଧରେ ଜ୍ଞାନ ନ'ହେବା ହେଉଛି ମୋହଗ୍ରସ୍ତ । ବ୍ରାହ୍ମୀସ୍ଥିତିରେ ଦେହାଭିମାନର ମୃତ୍ୟୁ ହୋଇଥାଏ । ଇନ୍ଦ୍ରିୟ ସମେତ ମନ,ଚିତ୍ତ , ବୁଦ୍ଧି ଆତ୍ମଭାବରେ ଲୀନ ହୋଇଯାନ୍ତି । ମୋହ ସମୂଳେ ନଷ୍ଟ ହୋଇଯାଏ, ଅତଏବ ପୁଣି ତାହା ଉତ୍ପନ୍ନ ହୁଏନାହିଁ । ବ୍ରହ୍ମ ହିଁ ଦ୍ରଷ୍ଟା, ବ୍ରହ୍ମ ହିଁ ଦୃଶ୍ୟ, ବ୍ରହ୍ମ ହିଁ ଦର୍ଶନ । ଏହି ଭାବରେ କର୍ତ୍ତା, କରଣ, କ୍ରିୟା ଏକାକାର ହୋଇଯାନ୍ତି । ଏହାକୁ ନିର୍ବିକଳ୍ପ ସମାଧି ବୋଲି ମଧ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି । ସମାଧି କାଳରେ ଆତ୍ମାର ବ୍ରହ୍ମ ସହିତ ସାକ୍ଷାତ୍କାର ହୋଇଥାଏ । ଆତ୍ମା ବ୍ରହ୍ମ ସହିତ ଅଭିନ୍ନ ବୋଧ ହେଲେ ତାକୁ ହିଁ ଶାସ୍ତ୍ରରେ ବ୍ରହ୍ମ ଜ୍ଞାନ କୁହାଯାଇଛି। ସ୍ଥିତପ୍ରଜ୍ଞ ବ୍ରହ୍ମନିଷ୍ଠ ହେଲେ ପୁନଃ ବିଷୟ ଜଗତ ପାଇଁ ଜୀବିତ ହୋଇ ରହିନ'ଥାଏ । ସଂସାରର ସମସ୍ତ ଅନିତ୍ୟ ବସ୍ତୁ ସହିତ ସମ୍ବନ୍ଧ ଛିନ୍ନ ହୋଇ ବ୍ୟକ୍ତିଗତ ସ୍ଥିତିର ଅନ୍ତ ହୋଇଥାଏ । ଶରୀରକୁ "ମୁଁ –ମୋର" କହିବା ପାଇଁ କିଏ ରହେ ନାହିଁ । ମିଥ୍ୟା ବ୍ୟକ୍ତିତ୍ୱ ବିଲୁପ୍ତ ହୁଏ । ଏହି ଅହଂକାର"ମୁଁ" ର ମୃତ୍ୟୁ ହୋଇଗଲେ , ବ୍ରହ୍ମ ନିର୍ବାଣ ଲାଭ ହୁଏ । ଅର୍ଥାତ ଭୌତିକ ଜୀବନର ଅବସାନ ହୋଇ ଜଡତାରୁ ସମ୍ବନ୍ଧ ଛିନ୍ନ ହୁଏ । ଏହି ବ୍ରହ୍ମ ଅଭିନ୍ନ ଆତ୍ମାର ଜ୍ଞାନ ହୋଇ , ମନୁଷ୍ୟ ମୃତ୍ୟୁକୁ ଅତିକ୍ରମ କରି ଅମରତ୍ୱ ଲାଭକରେ । ଜୀବିତ କାଳରେ ଏହି ସ୍ଥିତିପ୍ରାପ୍ତ ହେଲେ କର୍ମଯୋଗୀ ଜୀବନମୁକ୍ତ

ହୋଇଯାଏ । ପୁନର୍ବାର ଦେହାଭିମାନ ସ୍ଥିତିକୁ ପ୍ରତ୍ୟାବର୍ତ୍ତନ କରିନ'ଥାଏ । ଏକୋଇଶ ଦିନ ମଧ୍ୟରେ ହିଁ ଦେହତ୍ୟାଗକରି ବ୍ରହ୍ମ ସ୍ୱରୂପତା ପ୍ରାପ୍ତ ହୁଅନ୍ତି । ଜନ୍ମ ଜନ୍ମ ଧରି ,ଅନେକ ଜନ୍ମର ସାଧନପରେ ଯୋଗୀ, ମୁନି ଋଷୀ ଙ୍କୁ ଏହି ସ୍ଥିତି ପ୍ରାପ୍ତ ହୋଇଥାଏ । ଶରୀର ତ୍ୟାଗର ଅନ୍ତିମ ମୁହୂର୍ତ୍ତରେ ମଧ ଏହି ବ୍ରହ୍ମସ୍ଥିତି ହେଲେ, ଯୋଗୀ ବୈକୁଣ୍ଠ ଧାମ ପ୍ରାପ୍ତ ହୋଇଥାଏ । ମୃତ୍ୟୁ ସମୟରେ ପ୍ରାଣ ଗଲାବେଳେ ମନ,ବୁଦ୍ଧି,ଚିତ୍ତର ଶରୀର ସହିତ ସମ୍ବନ୍ଧ ଛିନ୍ନ ହୋଇଯାଏ । ସେତେବେଳେ ଯଦି ପୂର୍ବ ଅଭ୍ୟାସରୁ ହେଉ, କୌଣସି ଶୁଭ ସଂସ୍କାରରୁ ହେଉ , ଭଗବାନ କିମ୍ବା କୌଣସି ସନ୍ଥ ସାଧୁଙ୍କ ଅହୈତୁକ କୃପା ଯୋଗୁ ସେହି ସ୍ୱତଃସିଦ୍ଧ ତତ୍ତ୍ୱ ଆଡକୁ ଲକ୍ଷ ହୋଇଯାଏ, ତାହା ତେବେ ସେହି ମୁହୂର୍ତ୍ତକ ପାଇଁ ମଧ ବ୍ରାହ୍ମୀ ସ୍ଥିତିର ଅନୁଭବ ହୁଏ । ଏହା ବ୍ରହ୍ମନିର୍ବାଣ ପ୍ରାପ୍ତି । ଶାସ୍ତ୍ରରେ ବ୍ରହ୍ମନିର୍ବାଣକୁ ଅପରୋକ୍ଷ ଅନୁଭୂତି ବୋଲି ମଧ କୁହାଯାଇଛି। ଜୀବିତ ଅବସ୍ଥାରେ ବ୍ରହ୍ମନିଷ୍ଠ ଅପରୋକ୍ଷ ଅନୁଭୂତି ପ୍ରାପ୍ତ ମହାପୁରୁଷ ଜୀବନମୁକ୍ତ ଅଟନ୍ତି । ବ୍ରହ୍ମନିଷ୍ଠ ସ୍ଥିତିରେ ଦେହତ୍ୟାଗକରି, କର୍ମଯୋଗୀ ଭୌତିକ ଜୀବନରୁ ମୁକ୍ତି ପାଇଥାଏ । ଜଡର ବିପରୀତ ହେଉଛି ବ୍ରହ୍ମ । ଜୀବାତ୍ମା ଜଡ ଜଗତରୁ ପ୍ରତ୍ୟାବର୍ତ୍ତନ କରି ବ୍ରହ୍ମନିର୍ବାଣ ପ୍ରାପ୍ତ ହୋଇ ସ୍ୱସ୍ଥାନକୁ ପ୍ରତ୍ୟାଗମନ କରେ । ତାହାହିଁ ସକଳ ଜୀବର ଆଦ୍ୟ ଆଉ ଅନ୍ତିମ ନିବାସ ।

ଏହି ଦ୍ୱିତୀୟ ଅଧ୍ୟାୟରେ ସାଙ୍ଖ୍ୟଯୋଗ,କର୍ମଯୋଗର ଉପଦେଶ ଦେଇ ଭଗବାନ ଗୀତାର ମୂଳ ଉଦ୍ଦେଶ୍ୟକୁ ଯଥାର୍ଥ କରିଛନ୍ତି । ଭଗବାନ କର୍ମଯୋଗର ପ୍ରୟୋଗାତ୍ମକ ମାର୍ଗ ଦର୍ଶାଇଛନ୍ତି । ସାଧକ ନିଷ୍ଠାପର ଭାବରେ ସାଧନାରତ ହେଲେ ସେହି ପରମାନନ୍ଦକୁ ପ୍ରାପ୍ତ କରିଥାଏ । ସଧାରଣ ପୁରୁଷ ପ୍ରଥମେ ନିଶ୍ଚୟାତ୍ମିକ ବୁଦ୍ଧିରେ ଯୋଗ ସାଧନ ଆରମ୍ଭ କରିବାକୁ ହେବ । ଯେଉଁ ବିଷୟଗତ ଜୀବନ ଆଜିପର୍ଯ୍ୟନ୍ତ କରିଆସିଛେ, ପ୍ରଥମେ ତାହାକୁ ପରିତ୍ୟାଗ କରି ଆଜିଠାରୁ ଶୃଙ୍ଖଳିତ ଜୀବନ ଆରମ୍ଭ କରିବି ବୋଲି ଦୃଢ ସଂକଳ୍ପ ହୋଇ ସାଧନାରୂଢ ହେବାର ଆବଶ୍ୟକତା ରହିଛି । ଏହା କରଣୀୟ ଓ ସାଧନାରେ ପୂର୍ଣ୍ଣତା ନିଶ୍ଚିତ । ଯୋଗ ମାର୍ଗରେ ପାଦ ଥାପିଲେ , ମନ ବୁଦ୍ଧିରେ ଯେଉଁ ଶିହରଣ ଆସେ , ତାହାର ଅନୁଭବ ଅଲଗା ହୋଇଥାଏ । ମନରେ ଏକ ଅଦ୍ଭୁତ ନିଶ୍ଚଳତା ଅନୁଭବ ହୁଏ । ତାହାହିଁ ଶାନ୍ତି ଆନନ୍ଦ । ଥରେ ସେହି ଶାନ୍ତି ଆନନ୍ଦ ଅନୁଭବ ହେଲେ, ମୃତ୍ୟୁ ପର୍ଯ୍ୟନ୍ତ ତାହା ସ୍ମରଣୀୟ ହୋଇ ରହିଥାଏ । ଥରେ ଯିଏ ଭଗବଦ୍ ଗୀତାର ଏହି କର୍ମଯୋଗ ଜ୍ଞାନ କୁ ବୁଝିପାରିବ , ନିଶ୍ଚିତ ଭାବରେ ସେ କର୍ମଯୋଗ ସାଧନାରେ ଅଧିଷ୍ଠାନ ପାଇଁ ପ୍ରେରଣା ପାଇବ । କାରଣ ଭଗବାନ କହିଥିବା ବାଣୀରେ ସେତିକି ଶକ୍ତି ଭରି ରହିଛି, ଯାହା ମନୁଷ୍ୟର ଭୋଗବୁଦ୍ଧିକୁ ଆତ୍ମ ଚିନ୍ତନ ବୁଦ୍ଧିରେ ବଦଳାଇ ପାରିବ । ସଂସାରରେ କିଏ ଆଶ୍ଚର୍ଯ୍ୟ ବସ୍ତୁକୁ ଖୋଜୁଛି , ସବୁଠାରୁ ଶ୍ରେଷ୍ଠ ହେବାକୁ କିଏ ଦିନରାତି ପରିଶ୍ରମ କରୁଛି , କିନ୍ତୁ ଏ ସବୁର ମୂଳ ଉଦ୍ଦେଶ୍ୟ ହେଉଛି ଅନ୍ତରରେ ଟିକିଏ ଆନନ୍ଦ ମିଳିବା ପାଇଁ । ଭଗବାନ ଯଦି ସବୁଠାରୁ ସେହି ଶ୍ରେଷ୍ଠ ଆନନ୍ଦ ଓ ଅନୁଭୂତି ମିଳିବାର ପ୍ରତିଶ୍ରୁତି ଦେଉଛନ୍ତି, ତାହାହେଲେ ତାହାକୁ କାହିଁକି ଉପେକ୍ଷା କରିବା ? ନିଜର କଲ୍ୟାଣକର ମାର୍ଗକୁ ଗ୍ରହଣ କରିନେବାକୁ କାହିଁକି ପଶ୍ଚାତପଦ ହେବା ? ତେଣୁ ଜୀବନରେ ଯାହାର ଥରେ ଭଗବଦ୍ ଗୀତା ପଢିବାର ସୁଯୋଗ ପ୍ରାପ୍ତ ହୋଇଗଲା , ତାକୁ ସବୁକିଛି ମିଳିଗଲା । ଭଗବାନଙ୍କର କୃପା ହେଉ , ପ୍ରତ୍ୟେକ ମନୁଷ୍ୟକୁ ଭଗବାନଙ୍କର ଏହି ଗୀତା ବାଣୀ ବୁଝିବାର ସୁଯୋଗ ଅତି ଶୀଘ୍ର ପ୍ରାପ୍ତ ହେଉ ।

**ଓଁ ତତ୍ସଦିତି ଶ୍ରୀମଦ୍‌ଭଗବଦ୍ ଗୀତାସୁପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ**
**ଶ୍ରୀକୃଷ୍ଣାର୍ଜୁନସଂବାଦେ ସାଙ୍ଖ୍ୟଯୋଗୋ ନାମ ଦ୍ୱିତୀୟ ଅଧ୍ୟାୟ ।।୨ ।।**

ଏହି ପ୍ରକାରେ "ଓଁ,ତତ୍ ,ସତ୍" – ଏହି ଭଗବାନ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗୋଶାସ୍ତ୍ରମୟ ଶ୍ରୀମଦ୍‌ଭଗବଦ୍ ଗୀତୋପନିଷଦ୍ ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ "ସାଙ୍ଖ୍ୟଯୋଗ" ନାମକ ଦ୍ୱିତୀୟ ଅଧ୍ୟାୟ ପୂର୍ଣ୍ଣ ହେଲା ।

ଓଁ ଓଁ

**॥ ଓଁ ଶ୍ରୀ ପରମାତ୍ମନେ ନମଃ ॥**

## ଶ୍ରୀମଦ୍ଭଗବଦ୍ ଗୀତା

## ତୃତୀୟ ଅଧ୍ୟାୟ (କର୍ମ ଯୋଗ)

### ଅର୍ଜୁନ ଉବାଚ

**ଜ୍ୟାୟସୀ ଚେତ୍ କର୍ମଣସ୍ତେ ମତା ବୁଦ୍ଧିର୍ଜନାର୍ଦନ ।**

**ତତ୍ କିଂ କର୍ମଣି ଘୋରେ ମାଂ ନିୟୋଜୟସି କେଶବ ॥ ୧ ॥**

**ବ୍ୟାମିଶ୍ରେଣେବ ବାକ୍ୟେନ ବୁଦ୍ଧିଂ ମୋହୟସୀବ ମେ ।**

**ତଦେକଂ ବଦ ନିଶ୍ଚିତ୍ୟ ଯେନ ଶ୍ରେୟୋ ଅହମ୍ ଆପ୍ନୁୟାମ୍ ॥ ୨ ॥**

*ଅନ୍ୱୟ : ଅର୍ଜୁନ ଉବାଚ ( ଅର୍ଜୁନ କହୁଛନ୍ତି ) ଜନାର୍ଦନ { ହେ ଜନାର୍ଦନ !(ମାୟା, ଅବିଦ୍ୟା,ଅଜ୍ଞାନକୁ ଯେ ନାଶ କରିଥାନ୍ତି ସେ ଜନାର୍ଦନ ) } ଚେତ୍ (ଯଦି) କର୍ମଣଃ (କର୍ମଠାରୁ) ବୁଦ୍ଧି { ଜ୍ଞାନ (ଅର୍ଜୁନଙ୍କର ମାନ୍ୟତାରେ ବୁଦ୍ଧି ଶବ୍ଦର ଅର୍ଥ ହେଉଛି ଜ୍ଞାନ} ଜ୍ୟାୟସୀ (ଶ୍ରେଷ୍ଠତର ) ତେ ( ଆପଣଙ୍କର ) ମତା ( ଅଭିମତ ) ତତ୍ (ତା'ହେଲେ ) କେଶବ { ହେ କେଶବ! (ବ୍ରହ୍ମା,ବିଷ୍ଣୁ,ଶିବ ଯାହାର ସ୍ୱରୂପ )} ମାମ୍ (ମୋତେ) କିମ୍ (କାହିଁକି ) ଘୋରେ(ହିଂସାତ୍ମକ ) କର୍ମଣି (ଯୁଦ୍ଧ ରୂପକ କର୍ମରେ ) ନିୟୋଜୟସି ( ନିଯୋଜିତ କରୁଛନ୍ତି)। ବ୍ୟାମିଶ୍ରେଣେ (ମିଶ୍ରିତ –ମିଶା ଗୋଳିଆ ) ଇବ (ଭଳି ) ବାକ୍ୟେନ (ବଚନରେ ) ମେ ବୁଦ୍ଧିମ୍ ( ମୋର ବିଚାର ବୁଦ୍ଧିକୁ ) ମୋହୟସି ଇବ ( ମୋହିତ ପ୍ରାୟ କରୁଅଛ ) ଯେନ(ଯେପରି ଭାବରେ) ଅହମ୍ (ମୁଁ) ଶ୍ରେୟଃ ( ପ୍ରକୃତ କଲ୍ୟାଣ ) ଆପ୍ନୁୟାମ୍ (ପ୍ରାପ୍ତ ହେବି ) ତତ୍ ( ସେହି ) ଏକଂ ( ଗୋଟିଏ କଥା ) ନିଶ୍ଚିତ୍ୟ (ସ୍ଥିର କରି ) ବଦ (ଅନୁଗ୍ରହକରି କୁହନ୍ତୁ ) ।*

**ଭାବାର୍ଥ** :ଭଗବାନ ଶ୍ରୀକୃଷ୍ଣଙ୍କ ଠାରୁ ଅର୍ଜୁନ ମୋହ ଭଙ୍ଗ ନିମନ୍ତେ ସାଙ୍ଖ୍ୟଯୋଗ ଏବଂ କର୍ମଯୋଗର ଉପଦେଶ ପ୍ରାପ୍ତ ପରେ କର୍ମ ଓ ଜ୍ଞାନର ପ୍ରାଧାନ୍ୟତାକୁ ନେଇ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଅଛି । ଅର୍ଜୁନ ଭଗବାନଙ୍କୁ ପ୍ରଶ୍ନ କରି ସେହି ଦ୍ୱନ୍ଦ୍ୱଭାବର ସମାଧାନ କରି ଯାହା ତାଙ୍କପାଇଁ କଲ୍ୟାଣ ହେବ, ତାହା କହିବା ପାଇଁ ପ୍ରାର୍ଥନା କରୁଛନ୍ତି । ଅର୍ଜୁନ କହୁଛନ୍ତି : ହେ ଅବିଦ୍ୟା ବିନାଶକ ଜନାର୍ଦନ ! ଯଦି ପରମାତ୍ମାତତ୍ତ୍ୱ ଜ୍ଞାନ ପ୍ରାପ୍ତି ,କର୍ମରେ ପ୍ରବୃତ୍ତ ହେବାଠାରୁ ଶ୍ରେୟସ୍କର ଏବଂ ଏହା ମଧ୍ୟ ଆପଣଙ୍କର ଅଭିମତ, ତା'ହେଲେ ଯୁଦ୍ଧ ଭଳି ହିଂସାତ୍ମକ ଭୟଙ୍କର କର୍ମରେ ନିଯୁକ୍ତ ହେବା ପାଇଁ ଆପଣ ମୋତେ କାହିଁକି ବାରମ୍ବାର ପ୍ରବର୍ତ୍ତାଉଛନ୍ତି ? ଆପଣଙ୍କର ଏହି ମିଶ୍ରିତ ଦ୍ୱିଅର୍ଥବୋଧ କଥାରେ ମୋର ବିଚାର ବୁଦ୍ଧି ସନ୍ଦେହ ଘେରରେ ରହି ଅଧିକ ମୋହଗ୍ରସ୍ତ ହେଉଛି। ହେ କେଶବ ! ଆପଣ ହିଁ ହେଉଛନ୍ତି ସୃଷ୍ଟିକାରୀ, ପାଳନକାରୀ,ବିଲୟକାରୀ । ଆପଣ ମୋର ପରମ ପ୍ରିୟ ,ଆପଣ ମୋର ହିତୈଷୀ । ମୋର ଅଜ୍ଞାନ କାରଣରୁ, ଆପଣଙ୍କଦ୍ୱାରା କୁହାଯାଇଥିବା ବଚନର ତତ୍ତ୍ୱକୁ ମୁଁ ବୁଝିପାରୁ ନାହିଁ

। ତେଣୁ ଅନୁଗ୍ରହ କରି ଯେପରି ମୁଁ କଲ୍ୟାଣ ପ୍ରାପ୍ତି ହେବି, ତାହା ସ୍ଥିର କରି ନିର୍ଦ୍ଦିଷ୍ଟ ଗୋଟିଏ ମାର୍ଗ ବିଷୟରେ କୁହନ୍ତୁ । ଅର୍ଜୁନଙ୍କ ଏହି ପ୍ରଶ୍ନର ଉତ୍ତର ଦେବାକୁଯାଇ ଏବଂ ପରେ ପରେ ଅର୍ଜୁନଙ୍କର ମନରେ ଜାଗ୍ରତ ହୋଇଥିବା ଅନେକ ସନ୍ଦେହର ସମାଧାନରେ ଭଗବାନଙ୍କ ଦ୍ୱାରା କୁହାଯାଇଥିବା ବିସ୍ତୃତ ବାଣୀ ଓ ବିଶ୍ୱରୂପ ଦର୍ଶନ ହେଉଛି, ଭଗବଦ୍ ଗୀତାର ପରବର୍ତ୍ତୀ ଅଧ୍ୟାୟ ସମୂହ । ଅର୍ଜୁନଙ୍କର ପ୍ରଶ୍ନର ଉତ୍ତରରେ ,ଭଗବାନ ବିହିତ କର୍ମ କଣ, ତାହା ନ'କଲେ କଣ କ୍ଷତି ହେବ, କେଉଁ କର୍ମ ବନ୍ଧନ କାରକ, କେଉଁ କର୍ମ ମୁକ୍ତିର ସହାୟକ , ତାହା ବିସ୍ତାର ରୂପେ ଏହି ଅଧ୍ୟାୟରେ ଉପଦେଶ ଦେଇଥିବା ଯୋଗୁଁ ଏହି ଅଧ୍ୟାୟର ନାମ କର୍ମଯୋଗ ରଖା ଯାଇଅଛି । ଥରେ ଜଣେ ଶିଷ୍ୟ ଜ୍ଞାନପ୍ରାପ୍ତ ସାଧନ ନିମନ୍ତେ ଆଶ୍ରମରେ ଗୁରୁଙ୍କର ଶରଣାପନ୍ନ ହେଲେ । ପ୍ରଥମ ଦିନରେ ଗୁରୁଦେବ ଆଶ୍ରମର ନିୟମାବଳି ସହ ସାଧନ ନିମନ୍ତେ କେତେକ ଉପଦେଶ ଦେଲେ । ସେଥିରେ ଗୋଟିଏ ଉପଦେଶ ଏପରି ଥିଲା: " ଶରୀର ପାଇଁ ଖାଦ୍ୟ ଗ୍ରହଣ କରିବ କିନ୍ତୁ ତୁମ୍ଭେ ଖାଦ୍ୟ ଖାଇବାକୁ ହେବନାହିଁ । ଶିଷ୍ୟଜଣକ ଗୁରୁଙ୍କର ବାକ୍ୟକୁ ବୁଝିନପାରି ପ୍ରଶ୍ନ କଲେ : ଗୁରୁଦେବ ! ଆପଣଙ୍କର ଏହି ଦ୍ୱିଅର୍ଥ ଥିବା ଉପଦେଶରେ "ମୁଁ" କଣ କରିବି, ଆଶ୍ରମରେ ଭୋଜନ କରିବି, ନା' କରିବିନାହିଁ ତାହା ବୁଝିପାରୁନାହିଁ । ଉତ୍ତରରେ ଗୁରୁଦେବ କହିଲେ, "ମୋର ଉପଦେଶ ଅତି ସ୍ୱଷ୍ଟ ଏବଂ ଉଦ୍ଦେଶ୍ୟପୂର୍ଣ୍ଣ " । ସମାଧାନ ହେଉଛି : ଶରୀର ନିର୍ବାହ ପାଇଁ ଶରୀରକୁ ପ୍ରତ୍ୟହ ଖାଦ୍ୟ ଯୋଗାଇବା ନିତାନ୍ତ ଆବଶ୍ୟକ , କିନ୍ତୁ " ମୁଁ ଖାଦ୍ୟ ସାମଗ୍ରୀ ଭୋଜନ କରୁଛି" ଏହି ମନୋଭାବ ରଖି ଖାଦ୍ୟ ଖାଇଲେ ,ଜିହ୍ୱାର ରସ ବୃଦ୍ଧି ଜାଗ୍ରତ ହେବ । ତେଣୁ "ମୁଁ" ମୋର ହୃଦୟରେ ନିବାସ କରୁଥିବା ଅନ୍ତର୍ଯାମୀ ପୁରୁଷଙ୍କୁ ଭୋଗ ଅର୍ଚ୍ଚନା କରୁଅଛି" । ଏହି ମନୋଭାବରେ ଶରୀର ଭିତରକୁ ଖାଦ୍ୟକୁ ନିକ୍ଷେପ କରିଲେ , ସେଥିରେ ସମର୍ପଣ ଭାବ ରହିଲା । ଖାଦ୍ୟକୁ ଭିତରକୁ ନିକ୍ଷେପ କରିବା ହେଉଛି କର୍ମ । ଯେଉଁ ବୁଦ୍ଧିରେ ଅର୍ଥାତ୍ ଯେଉଁ ମନୋଭାବରେ ଏହି କର୍ମ ହୁଏ, ତାହା ହେଉଛି ଜ୍ଞାନ । କର୍ମ ଓ ଜ୍ଞାନ ମଧ୍ୟରେ ଏହି ସମନ୍ୱୟ ରହିଲେ , କରୁଥିବା କର୍ମ ନିଷ୍କର୍ମ୍ୟ ହୋଇଯାଏ ଏବଂ ସେଥିରେ ସମର୍ପଣ ଭାବ ଆସି ଯାଇଥାଏ । ଭଗବାନ ଶ୍ରୀକୃଷ୍ଣ ସାଙ୍ଖ୍ୟଯୋଗ କହିଲାବେଳେ : "ନିଜେ ଶରୀର ନୁହେଁ- ନିଜର ଆତ୍ମସ୍ୱରୂପ ଶରୀର ଠାରୁ ଭିନ୍ନ - ଅନେକ ଶରୀର, ଆତ୍ମା ସହିତ ସଂଯୋଗ ହୋଇ ତାହା ବିନଷ୍ଟ ହୋଇଛି - ଆତ୍ମଜ୍ଞାନ ପ୍ରାପ୍ତି ହିଁ ମନୁଷ୍ୟ ଜନ୍ମର ଅନ୍ତିମ ଲକ୍ଷ- ଶରୀର ବିନାଶଶୀଳ - ଶରୀରର ବିନାଶରେ ଆତ୍ମାର ବିନାଶ ହୁଏନାହିଁ - ଆତ୍ମା ଅବିନାଶୀ - ଶରୀରର ବିନାଶରେ ଦୁଃଖ, ଶୋକ ହେବା ଉଚିତ ନାହିଁ " ଏହିପରି ଆତ୍ମତତ୍ତ୍ୱ ଜ୍ଞାନ କହିଛନ୍ତି । କର୍ମଯୋଗ କହିଲାବେଳେ : "ବୁଦ୍ଧି ଯୋଗର ଶରଣାପନ୍ନ ହୁଅ - ବୁଦ୍ଧିଯୁକ୍ତ ପୁରୁଷ ଉଭୟ ସୁକୃତ,ଦୁଷ୍କୃତ କୁ ତ୍ୟାଗ କରିଥାଏ- ମୋହ ରୂପକୁ ଦଳକୁ ବୁଦ୍ଧି ଅତିକ୍ରମ କଲେ ନିର୍ଭୟ ପରମପାଦ ପ୍ରାପ୍ତ ହେବ- ବୁଦ୍ଧିଯୋଗ ଠାରୁ ସକାମ କର୍ମ ନିକୃଷ୍ଟ - ଏସବୁ କହିଛନ୍ତି । ଅର୍ଜୁନଙ୍କର ମାନ୍ୟତାରେ "ବୁଦ୍ଧି" ଶବ୍ଦର ଅର୍ଥ ହେଉଛି "ଜ୍ଞାନ" । ତେଣୁ କର୍ମଯୋଗରେ ଭଗବାନ ଜ୍ଞାନର ମହିମାକୁ ମହତ୍ତ୍ୱ ଦେଇ କର୍ମକୁ ନିମ୍ନ ଦୃଷ୍ଟିରେ ରଖିଛନ୍ତି ବୋଲି ଅର୍ଜୁନଙ୍କର ଧାରଣ ହୋଇଛି । ସେହିପରି : "କର୍ମଣ୍ୟେବାଧିକାରସ୍ତେ"- " କୁରୁ କର୍ମାଣି"- " ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ" ଏହି ପରି ଭଗବାନଙ୍କର ଯୁଦ୍ଧ କରିବାକୁ କହିବା ଉପଦେଶରୁ , କର୍ମ ତ୍ୟାଗ କରିବାର ବସ୍ତୁ ନୁହେଁ ବୋଲି ମଧ୍ୟ ଅର୍ଜୁନ ବୁଝିଛନ୍ତି । କିନ୍ତୁ ଶରୀର,ଶରୀରୀ ,ସମତା,ବୁଦ୍ଧି , ଜ୍ଞାନ, କର୍ମ ବିଷୟନେଇ ଭଗବାନ ଯାହା ସବୁ କହିଲେ ,ତାହା ଅର୍ଜୁନଙ୍କୁ ମିଶା-ଗୋଳିଆ କଥାଭଳି ବୋଧ ହେଲା । ସେଥିରେ ତାଙ୍କର ମୂଳ ସମାସ୍ୟା "ଯୁଦ୍ଧ କରିବେ, ନା' କରିବେ

ନାହିଁ "ଏହି ଧର୍ମ ସଙ୍କଟ ସ୍ଥିତିର ସମାଧାନର ସୂତ୍ର ପାଇଲେ ନାହିଁ । ତାଙ୍କର ଅନ୍ତଃକରଣରେ ଦେଖାଦେଇଥିବା ପୀଡା ଓ ଯନ୍ତ୍ରଣା ଉପଶମ ନ'ହୋଇ ବରଂ ସେ ଅଧିକ ମୋହଗ୍ରସ୍ତ ଅର୍ଥାତ୍ ଅନ୍ଧକାରରେ ରହିଲାଭଳି ଅନୁଭବ କଲେ । ଭଗବାନଙ୍କଠାରୁ ସେ ଯାହା ଚାହୁଁଥିଲେ , ତାଙ୍କୁ ତାହା ମିଳିଲା ଭଳି ବୋଧହେଲା ନାହିଁ । ଜ୍ଞାନରେ ପ୍ରତିଷ୍ଠିତ ହେଲେ, ଯଦି ମନୁଷ୍ୟକୁ ଜୀବନର ସର୍ବୋଚ୍ଚ ଶାନ୍ତି ଆନନ୍ଦ ମିଳିଯାଏ, ତା'ହେଲେ ସେ କାହିଁକି ଯୁଦ୍ଧ କରିବେ ? ବରଂ ଯୁଦ୍ଧ କ୍ଷେତ୍ର ଛାଡି , ଏକାନ୍ତରେ ରହି ଆତ୍ମଚିନ୍ତନରେ ଲାଗି ରହିବା ତାଙ୍କ ପକ୍ଷରେ ଶ୍ରେୟସ୍କର ବୋଲି ବୁଝିନେଲେ । ଗୋଟିଏ ଲକ୍ଷସ୍ଥଳରେ ପହଞ୍ଚିବା ନିମନ୍ତେ ଜଣକୁ ଯଦି ଏକାଧିକ ମାର୍ଗ ବତାଯାଏ, ବ୍ୟକ୍ତି ଜଣକ, କେଉଁ ମାର୍ଗଟି ସୁଗମ ପ୍ରଶ୍ନ କରିବା ସ୍ୱାଭାବିକ। ସେହିପରି ଭଗବାନଙ୍କ ଠାରୁ ଆତ୍ମଜ୍ଞାନ, କର୍ମଯୋଗ ଉପରେ ଉପଦେଶ ଶୁଣିଲାପରେ ଅର୍ଜୁନଙ୍କର ମନରେ ଅନେକ ଭ୍ରମ ସୃଷ୍ଟି ହୋଇଛି । ତେଣୁ ସେ ଭଗବାନଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରଖି,ଯେପରି ସେ ଏହି ଶୋକ, ଦୁଃଖରୁ ମୁକ୍ତି ପାଇ ନିଜର କଲ୍ୟାଣପ୍ରପ୍ତ ହେବେ ସେଥିପାଇଁ ଏକ ନିଶ୍ଚିତ ମାର୍ଗ ବତାଇବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରୁଛନ୍ତି ।

**ଶ୍ରୀ ଭଗବାନ ଉବାଚ**

**ଲୋକେ ଅସ୍ମିନ୍ ଦ୍ୱିବିଧା ନିଷ୍ଠା ପୁରା ପ୍ରୋକ୍ତା ମୟାନଘ ।**

**ଜ୍ଞାନଯୋଗେନ ସାଙ୍ଖ୍ୟାନାଂ କର୍ମଯୋଗେନ ଯୋଗିନାମ୍ ॥ ୩॥**

*ଅନ୍ୱୟ : ଭଗବାନ ଉବାଚ ( ଭଗବାନ କହିଲେ ) ଅନଘ ( ହେ ନିଷ୍ପାପ ଅର୍ଜୁନ ! )ଅସ୍ମିନ୍ ଲୋକେ (ଏହି ମନୁଷ୍ୟ ଲୋକରେ ) ଦ୍ୱିବିଧା (ଦୁଇପ୍ରକାରର ) ନିଷ୍ଠା (ସାଧନ-ମାର୍ଗ ଗ୍ରହଣ କରି ସେଥିର ତିଷ୍ଠି ରହିବା ) ମୟା (ମୋ ଦ୍ୱାରା ) ପୁରା ( ପୂର୍ବରୁ ) ପ୍ରୋକ୍ତା (କୁହାଯାଇଛି ) । ଜ୍ଞାନଯୋଗେନ (ଜ୍ଞାନ ଯୋଗଦ୍ୱାରା ) ସାଙ୍ଖ୍ୟାନାମ୍ ( ମନନଶୀଳ- ବିଚାରମନ୍ତ ବିବେକୀ ମାନଙ୍କ ପାଇଁ ) କର୍ମଯୋଗେନ (କର୍ମ ଯୋଗ ଦ୍ୱାରା ) ଯୋଗିନାମ୍(କର୍ତ୍ତବ୍ୟ ପରାୟଣା କର୍ମଯୋଗୀଙ୍କ ପାଇଁ ) { ଉପୋଯୋଗୀ ସାଧନ ତତ୍ତ୍ୱ କଥା କୁହାଯାଇଅଛି }*

**ଭାବାର୍ଥ:** ଶ୍ରୀ ଭଗବାନ କହୁଛନ୍ତି : ହେ ନିଷ୍ପାପ ଅର୍ଜୁନ ! ଏହି ସଂସାରରରେ ମନୁଷ୍ୟମାନଙ୍କ ମଧ୍ୟରେ ପରମାତ୍ମା ତତ୍ତ୍ୱ ଲାଭକରି ଶାନ୍ତି ଆନନ୍ଦ ପାଇବା ମାର୍ଗର ନିଷ୍ଠା ଅର୍ଥାତ୍ ସାଧନା ରତ ସ୍ଥିତି ଦୁଇ ପ୍ରକାରର ହୋଇଥାଏ । ଗୋଟିଏ ମାର୍ଗର ସ୍ଥିତିରେ ରହିଥିବା ସାଧକ ହେଲେ , ସାଙ୍ଖ୍ୟ ଯୋଗୀ, ଅନ୍ୟ ମାର୍ଗର ନିଷ୍ଠାରେ ରହିଥିବା ସାଧକ ହେଲେ ଯୋଗୀ ବା କର୍ମଯୋଗୀ । ସାଙ୍ଖ୍ୟ ଯୋଗୀଙ୍କ ପାଇଁ ଜ୍ଞାନ ନିଷ୍ଠା, ଏବଂ କର୍ମଯୋଗୀଙ୍କ ପାଇଁ କର୍ମଯୋଗ ନିଷ୍ଠା ମୋ ଦ୍ୱାରା ପୂର୍ବରୁ କୁହାଯାଇଛି । "ପୂର୍ବରୁ କହିଆସିଛି" କହିବାର ତାତ୍ପର୍ଯ୍ୟ ହେଲା, କେଉଁ ଅନାଦି କାଳରୁ ଅର୍ଥାତ୍ ସୃଷ୍ଟିର ପ୍ରାରମ୍ଭରୁ ଏହି ଯୋଗନିଷ୍ଠା ଚଳିଆସିଛି । ଭଗବାନ ବିଭିନ୍ନ ଅବତାର ବେଳେ ତାହାକୁ ମନୁଷ୍ୟଲୋକରେ ସଂସାରର କଲ୍ୟାଣ ପାଇଁ କହିଛନ୍ତି । ଏବେ ମଧ ଅର୍ଜୁନଙ୍କୁ ଜ୍ଞାନଉପଦେଶ ଦେବାର ଆରମ୍ଭରେ ଏହି ଜ୍ଞାନ ନିଷ୍ଠା (ଦ୍ୱିତୀୟ ଅଧ୍ୟାୟ ୧୧-୩୪ ଶ୍ଳୋକ) ଓ କର୍ମଯୋଗ ନିଷ୍ଠାର (ଦ୍ୱିତୀୟ ଅଧ୍ୟାୟ ୪୦-୫୩ ଶ୍ଳୋକ)ତତ୍ତ୍ୱ ଜ୍ଞାନ ଆବୃତି କରିଛନ୍ତି । ସବୁ ମନୁଷ୍ୟଙ୍କର ଆଗ୍ରହ ଏକ ପ୍ରକାରର ହୋଇନ'ଥାଏ । କାହାର, ସଂସାରରେ ଶକ୍ତିର ରୂପାନ୍ତର ନିର୍ମାଣରେ , ଜୀବନ ପ୍ରଣାଳୀର ଅଭିବୃଦ୍ଧି ନିମିତ୍ତ , ଜୀବ ମାନକର କଲ୍ୟାଣ ଜନିତ କର୍ମ ପ୍ରବୃତ୍ତିରେ ଲିପ୍ତ ରହିବାରେ ସ୍ପୃହା ରହିଥାଏ । ଅନ୍ୟ କାହାର , ଶରୀରଜନିତ କର୍ମରୁ ନିବୃତ୍ତ ରହି , ସୃଷ୍ଟିର ସର୍ଜନା, ସ୍ଥିତି ଓ ପ୍ରଳୟ , ଉପରେ ଅନୁଧ୍ୟାନ କରି , ସୃଷ୍ଟି କର୍ତ୍ତାଙ୍କ ଆଦି ଓ ଅନ୍ତ ବିଷୟରେ ମନନଶୀଳ

ହୋଇ ନିଜର ଓ ସଂସାରର  ବାସ୍ତବ ସ୍ୱରୂପ ଜାଣିବାରେ ଆଗ୍ରହ ରହିଥାଏ । "ଲୋକେ ଅସ୍ମିନ୍" ଶବ୍ଦର ଅର୍ଥକୁ  "ଏହି ସଂସାର" ନ'ମାନି "ଏହି ମନୁଷ୍ୟ ଶରୀର" ବୋଲି ଧରିନେଲେ,ଭଗବାନ କହିବା  ପ୍ରକାରେ  ସକଳ ଜୀବ ମଧ୍ୟରୁ ଶରୀରଧାରୀ ମନୁଷ୍ୟ ହିଁ କେବଳ  କର୍ମ ଯୋଗ ନିଷ୍ଠା ଓ ଜ୍ଞାନ ନିଷ୍ଠା  ରେ ରହି  ବ୍ରହ୍ମ ନିର୍ବାଣ ପ୍ରାପ୍ତିର ଅଧିକାରୀ  ହୋଇଥାଏ । ଯିଏ, ନିବୃତ୍ତି ପରାୟଣ ସିଏ ଜ୍ଞାନ ଯୋଗୀ, ଯିଏ ପ୍ରବୃତ୍ତି ପରାୟଣ, ସିଏ କର୍ମଯୋଗୀ । କର୍ମଯୋଗ ନିଷ୍ଠା, ଓ  ଜ୍ଞାନଯୋଗ ନିଷ୍ଠା ପରସ୍ପର ପରିପୂରକ  । ଉଭୟ ମାର୍ଗର ଉଦ୍ଦେଶ୍ୟ ହେଲା, ପରମାତ୍ମାଙ୍କ ସମ୍ବନ୍ଧରେ ଆତ୍ମାକୁ ଜାଣି ସଂସାର ସମ୍ବନ୍ଧକୁ ଛିନ୍ନ କରି ବ୍ରାହ୍ମୀ ସ୍ଥିତି  ବା ମୋକ୍ଷ ପ୍ରାପ୍ତ ହେବା  । ସାଙ୍ଖ୍ୟଯୋଗୀ ସତ୍-ଅସତ୍ ,ଆତ୍ମା-ଅନାତ୍ମା,ପୁରୁଷ-ପ୍ରକୃତି  ଉପରେ ଅନୁଚିନ୍ତନ କରି ବିବେକର ଉଦ୍ରେକରେ ପ୍ରଥମେ ଦେହ ଅଭିମାନକୁ  ଅନ୍ତଃକରଣରୁ ତ୍ୟାଗ କରିଥାଏ । ବାହ୍ୟ କର୍ମକୁ ତ୍ୟାଗ କରୁ ବା ନ'କରୁ , ସାଙ୍ଖ୍ୟ ଯୋଗରେ ଦେହାଭୀମାନ  ତ୍ୟାଗର  ପରମ ଆବଶ୍ୟକତା ରହିଛି । ଅହଙ୍କାରର ଅନ୍ତ ହେଲେ ହିଁ , ସାଧକ ଆତ୍ମବଶୀ ହୋଇ ସଂସାର ସମ୍ବନ୍ଧକୁ ଛିନ୍ନ କରି ଆତ୍ମଭାବରେ ସ୍ଥିତ ରହେ । ସାଙ୍ଖ୍ୟ ଯୋଗୀ ଯେଉଁ ତତ୍ତ୍ୱକୁ ଗଭୀର ଭାବରେ ବୁଝିନେଇଥାଏ,ସେହି ବିଚାରକୁ  ନିଜଠାରେ  ପ୍ରୟୋଗ କରି ,ସେହି  ଅଭିଜ୍ଞତାରେ ଜ୍ଞାନର ଅଧିକାରୀ ହୋଇଥାଏ  । ଏହି ଜ୍ଞାନ ପ୍ରାପ୍ତ ହେଲେ  ସାଧକ ଆତ୍ମା, ପରମାତ୍ମାକୁ ଅଭିନ୍ନ ମାନି ନିଜକୁ ବ୍ରହ୍ମଠାରୁ ଅଭିନ୍ନ ମାନିଥାଏ  । ଦୃଶ୍ୟମାନ ଜଗତ ସ୍ୱପ୍ନବତ୍  ଭାସମାନ ପ୍ରତୀୟମାନ ହୁଏ ।  ସର୍ବତ୍ର ଏକାକାର  ବ୍ରହ୍ମମୟ ଅନୁଭୂତ ହୋଇଥାଏ । ସାଙ୍ଖ୍ୟଯୋଗୀ ଏକନିଷ୍ଠ ଭାବରେ କ୍ଷର-ଅକ୍ଷରରୁ ଅତୀତ ପରମାତ୍ମତତ୍ତ୍ୱରେ ଲୟ  ରଖି ସର୍ବଭାବରେ ଶରଣାପନ୍ନ ହେଲେ, ଭକ୍ତିଯୋଗ ମାର୍ଗ  ସ୍ୱତଃ ପ୍ରାପ୍ତ ହୋଇଥାଏ । ବର୍ଣ୍ଣାଶ୍ରମ,ସ୍ୱଭାବ,ଯୋଗ୍ୟତା  ଆଉ ପରିସ୍ଥିତି ଅନୁସାରେ  ଶାସ୍ତ୍ର ବିହିତ  ସ୍ୱାଭାବିକ କର୍ମକୁ ନ୍ୟାୟ ପୂର୍ବକ ନିଜର କର୍ତ୍ତବ୍ୟ ମନେକରି, ଇନ୍ଦ୍ରିୟଭୋଗରୁ ବିରତରହି , କର୍ମଫଳପ୍ରତି ଅନାସକ୍ତ ରହି , ସିଦ୍ଧ-ଅସିଦ୍ଧରେ ସମଚିତ୍ତରେ ରହି , ସମସ୍ତ ସଙ୍କଳ୍ପକୁ ପରିତ୍ୟାଗକରି  ଯୋଗାରୂଢ଼ ହୋଇ କର୍ମ କରିବା  ହେଉଛି " କର୍ମଯୋଗ" ନିଷ୍ଠା । କର୍ମଯୋଗ ନିଷ୍ଠାରେ ଦେହ ଅଭିମାନ ର ତ୍ୟାଗ ହେଉ ବା ନ'ହେଉ ,କର୍ମ ଓ କର୍ମଫଳପ୍ରତି ଆସକ୍ତ ତ୍ୟାଗର ପରମ ଆବଶ୍ୟକତା ରହିଛି ।  ସ୍ୱାମୀ ଶିବାନନ୍ଦ ଏହିପଦର ବ୍ୟାଖ୍ୟାରେ କହିଛନ୍ତି, ଜ୍ଞାନ ଯୋଗରେ ଚାରିଗୋଟି ଅନ୍ତଃସାଧନର ବିଶେଷ  ଆବଶ୍ୟକତା ରହିଛି । ତାହାହେଲା : (୧)ବଳିଷ୍ଠ ବିଚାରଶକ୍ତି ,(୨)ଆବେଗଶୂନ୍ୟତା,(୩) ଷଡ ସଦାଚାର (ମନର ଏକଗ୍ରତା,ଇନ୍ଦ୍ରିୟ ବଶ,ଧୈର୍ଯ୍ୟ,ବିଷୟ ବିମୁଖ,ବିଶ୍ୱାସ ଓ ଶାନ୍ତି ) ଓ (୪)ମୋକ୍ଷ ଆକାଂକ୍ଷା । କର୍ମଯୋଗ  ଓ ଜ୍ଞାନ ଯୋଗ ନିଷ୍ଠାରେ ,  ଏକ ସମୟରେ ସାଧନାରତ ରହିବା ସମ୍ଭବ ହୋଇନ'ଥାଏ ।  କର୍ମଯୋଗ ସାଧନାରେ ଅନ୍ତଃକରଣ ଶୁଦ୍ଧ ହେଲାପରେ କର୍ମଯୋଗୀକୁ  ଆତ୍ମା -ଅନାତ୍ମା ସମ୍ବନ୍ଧରେ ସ୍ୱତଃ ଜ୍ଞାନ ପ୍ରାପ୍ତ ହୋଇଥାଏ ।  ଭୋଗ ବୁଦ୍ଧି ନରଖି,  ନିଜର ଓ ସଂସାରର କଲ୍ୟାଣ ପାଇଁ ଶାସ୍ତ୍ର ବିହିତ  କର୍ମରେ ପ୍ରବୃତ୍ତ ରହିଲେ, କର୍ତ୍ତବ୍ୟ, ଅକର୍ତ୍ତବ୍ୟ କର୍ମ ଉପରେ ଧାରଣା ହୁଏ ।   କର୍ମ ଓ କର୍ମଫଳପ୍ରତି ଆସକ୍ତି ନ'ରହିଲେ ତାହା ନିଷ୍କର୍ମ୍ୟ ହୁଏ  । ନିଷ୍କାମ କର୍ମ ଅନୁଷ୍ଠାନରେ ଅନ୍ତଃକରଣ ରାଗ-ଦ୍ୱେଷ ରହିତ ହୋଇ ଚିତ୍ତ ବୃତ୍ତି ସମତାରେ ରହେ ।  ଏହି ସମତା କାରଣରୁ ମନ ପ୍ରସନ୍ନ ରହି ବୁଦ୍ଧି ସ୍ଥିର  ହୁଏ । କର୍ମଯୋଗୀ  ବ୍ରାହ୍ମୀ ସ୍ଥିତି  ପ୍ରାପ୍ତ ହୋଇ ଜୀବନମୁକ୍ତ ହୋଇଯାଏ ।  କର୍ମଯୋଗୀ ଭଗବାନଙ୍କୁ  ସମଗ୍ର ସୃଷ୍ଟିର କର୍ତ୍ତା,ହର୍ତ୍ତା, ବିଧାତା ଏବଂ ନିଜକୁ  ତାହାଙ୍କ ସେବକ ମନେକରି  ସଂସାରର କଲ୍ୟାଣ ପାଇଁ ଶରୀରକୁ ଉତ୍ସର୍ଗ କରିଥାଏ ।  ଯୋଗୀ କର୍ମଯୋଗ ନିଷ୍ଠା ରେ ରହି ପରବର୍ତ୍ତୀ

ପର୍ଯ୍ୟାୟରେ ଜ୍ଞାନ ଯୋଗ କିମ୍ବା ଭକ୍ତିଯୋଗ ପ୍ରାପ୍ତ ହୋଇ ମୋକ୍ଷ ଲାଭକରିଥାଏ। କର୍ମଯୋଗ ସାଧନାରେ ସମସ୍ତ କର୍ମକୁ ଭଗବାନଙ୍କୁ ସମର୍ପଣ କରିବାର ଅଭ୍ୟାସରେ , "ପରମେଶ୍ୱର ବିନା ଅନ୍ୟ କେହିନାହିଁ " ଏହି ବିଶ୍ୱାସ ଦୃଢକରି ନିଜକୁ ସମର୍ପିତ କରିଦେଲେ ,ତାହା ଭକ୍ତିମାର୍ଗ ହୋଇଯାଏ । କର୍ମଯୋଗୀ ନିଷ୍କାମ କର୍ମ କଲାବେଳେ ଆତ୍ମାରେ ତୃପ୍ତ ଅନୁଭବକରେ । ଯେଉଁ କର୍ମରେ ଆତ୍ମତୃପ୍ତି ପ୍ରାପ୍ତ ହୁଏ, ସେହି କର୍ମରେ ଇନ୍ଦ୍ରିୟମାନଙ୍କର ଭୋଗ ଆସକ୍ତି ରହିନଥାଏ । ଫଳରେ ଅନ୍ତଃକରଣରେ ରାଗ–ଦ୍ୱେଷର ଅଭାବ ହୁଏ , ଯାହା ଦେହ ଅଭିମାନକୁ କ୍ରମଶଃ କ୍ଷୀଣ କରିବାରେ ସହାୟକ ହୁଏ । ଏହି ସ୍ଥିତିରେ ସାଧକ କର୍ମଯୋଗ ନିଷ୍ଠାରୁ ଜ୍ଞାନଯୋଗ ନିଷ୍ଠାକୁ ଉନ୍ନୀତ ହୁଏ । ତେଣୁ ଏହି ମର୍ମରେ ବିଚାରକଲେ , କର୍ମଯୋଗ ଅନ୍ୟ ସମସ୍ତ ଯୋଗ ମାର୍ଗର ପ୍ରସ୍ତୁତି କ୍ଷେତ୍ର । ଭଗବାନଙ୍କ ଦ୍ୱାରା କୁହାଯାଇଥିବା ଏହି କର୍ମଯୋଗ ନିଷ୍ଠା , ହିମାଳୟର ଗୁମ୍ଫାରେ ଧ୍ୟାନମଗ୍ନ ଥିବା ମୁନି ଋଷିଙ୍କ ପାଇଁ ନୁହେଁ , ବରଂ ,ବିଷୟ ଜଗତରେ ବୁଡିରହିଥିବା ସଂସାରି ମନୁଷ୍ୟଙ୍କ ନିମନ୍ତେ ଉଦ୍ଦିଷ୍ଟ ।

**ନ କର୍ମଣାମନାରମ୍ଭାନ୍ନୈଷ୍କର୍ମ୍ୟଂ ପୁରୁଷୋଽଶ୍ନୁତେ ।**

**ନ ଚ ସନ୍ନ୍ୟସନାଦେବ ସିଦ୍ଧିଂ ସମଧିଗଚ୍ଛତି ॥ ୪ ॥**

*ଅନ୍ୱୟ : ପୁରୁଷଃ ( ମନୁଷ୍ୟ ) କର୍ମଣାମ୍ (କର୍ମର ) ଅନାରମ୍ଭାତ୍ (ଆରମ୍ଭ ନ'କଲେ ) ନୈଷ୍କର୍ମ୍ୟମ୍ (ନିଷ୍କର୍ମତା- କାମନା ଶୂନ୍ୟତାରେ ସମତା ପ୍ରାପ୍ତ ) ନ , ଅଶ୍ନୁତେ (ଅନୁଭବ କରେନାହିଁ) ଏବ ଚ ( ସେହିପରି ପୁଣି ) ସନ୍ନ୍ୟସନାତ୍ ( କେବଳ କର୍ମ ତ୍ୟାଗ କରିଦେଲେ ) ସିଦ୍ଧିଂ ( ସିଦ୍ଧି ଅର୍ଥାତ୍ ଆତ୍ମଜ୍ଞାନରେ ପ୍ରତିଷ୍ଠା ) ନ ସମଧିଗଚ୍ଛତି ( ଲାଭ କରିନ'ଥାଏ ) ।*

**ଭାବାର୍ଥ :** କର୍ମ ଅନୁଷ୍ଠାନ ନ'କରି କୌଣସି ବ୍ୟକ୍ତି କେବେହେଲେ ରାଗ ଦ୍ୱେଷରୁ ବିମୁକ୍ତ ହୋଇ ସମତା ପ୍ରାପ୍ତ କରିବାକୁ ସକ୍ଷମ ହୁଏନାହିଁ । ସେହିପରି କର୍ମର ଫଳପ୍ରତି ଆସକ୍ତିକୁ ମନ,ବୁଦ୍ଧିରୁ ତ୍ୟାଗ ନ'କରି ବାହ୍ୟଭାବରେ କେବଳ କର୍ମ କରିବାରୁ ନିବୃତ୍ତହୋଇଗଲେ , ତାହା ଦ୍ୱାରା ସିଦ୍ଧି ପ୍ରାପ୍ତ ହୋଇ ଆତ୍ମଭାବରେ ସ୍ଥିତ ହୁଏନାହିଁ । ଯେଉଁ କର୍ମରେ ଇନ୍ଦ୍ରିୟଭୋଗର ବାସନା ନ'ଥାଏ , ସିଦ୍ଧ-ଅସିଦ୍ଧରେ ଅନ୍ତଃକରଣରେ ରାଗ-ଦ୍ୱେଷ ରହେନାହିଁ , ତାହା ନିଷ୍କର୍ମ୍ୟ । କାମନାଶୂନ୍ୟ କର୍ମରେ ଫଳ ନ'ଦେବାର ଶକ୍ତି ରହିବା ହେଉଛି "ନିଷ୍କର୍ମତା" । ନିଷ୍କାମ ଭାବରେ ଶାସ୍ତ୍ରବିହିତ କର୍ମ ଅନୁଷ୍ଠାନରେ କର୍ମ ବନ୍ଧନର କାରଣ ହୁଏନାହିଁ । ତେଣୁ କର୍ମ ଆରମ୍ଭ ନ'କରି ନିଷ୍କର୍ମତା ପ୍ରାପ୍ତ ହୋଇପାରିବ ନାହିଁ । କେତେକ ଦର୍ଶନ ଶାସ୍ତ୍ର ମତାନୁଯାୟୀ , ସାଙ୍ଖ୍ୟଯୋଗୀଙ୍କ ପାଇଁ ସମସ୍ତ କର୍ମକୁ ସ୍ୱରୂପତଃ ତ୍ୟାଗ କରିଦେଲେ ବ୍ରାହ୍ମିସ୍ଥିତି ପ୍ରାପ୍ତ ହୁଏ । କିନ୍ତୁ ଭଗବଦ୍ ଗୀତା ଏହାକୁ ଅନୁମୋଦନ କରୁନାହିଁ । ଶରୀର ରହିବା ପର୍ଯ୍ୟନ୍ତ କର୍ମ କରିବା ଅନିବାର୍ଯ୍ୟ । ଅତଏବ କର୍ମକୁ ତ୍ୟାଗ କରିବାର ତାତ୍ପର୍ଯ୍ୟ ହେଲା , କର୍ମରୁ ଫଳପ୍ରତି ଆସକ୍ତିକୁ ପରିତ୍ୟାଗ କରି କର୍ମଫଳକୁ ଭଗବାନଙ୍କୁ ସମର୍ପିତ ବୁଦ୍ଧିରେ କର୍ମ ଅନୁଷ୍ଠାନ କଲେ ନୈଷ୍କର୍ମ୍ୟସିଦ୍ଧି ବା ମୋକ୍ଷ ପ୍ରାପ୍ତ ହୁଏ । ଭୌତିକ ଜଗତରେ କର୍ତ୍ତବ୍ୟକର୍ମ ଅନୁଷ୍ଠାନରେ ହୃଦୟ ନିର୍ମଳ ହୋଇଥାଏ। ଅନ୍ତଃକରଣ ଶୁଦ୍ଧ ହେଲାପରେ, ସନ୍ୟାସ ଧର୍ମ ଗ୍ରହଣକରି , ବ୍ରହ୍ମଜ୍ଞାନ ପ୍ରାପ୍ତ ମାର୍ଗକୁ ସୁଗମ କରାଇଥାଏ । ଉଭୟ କର୍ମଯୋଗ ନିଷ୍ଠା ଏବଂ ଜ୍ଞାନଯୋଗ ନିଷ୍ଠାରେ ଭଗବାନ କର୍ମକୁ ନ ଛାଡି, କର୍ମ ସହିତ ସମ୍ବନ୍ଧକୁ ମନ ଓ ବୁଦ୍ଧିରୁ ପରିତ୍ୟାଗ କରିବାକୁ କହିଛନ୍ତି । କର୍ମଯୋଗୀ ଶରୀରକୁ ସଂସାରର ବୋଲି ମନେକରି ଅନ୍ୟର ହିତରେ ନିଜକୁ ଉତ୍ସର୍ଗ କରି ଶାସ୍ତ୍ରବିଦିତ କର୍ମ କଲାବେଳେ, ସଂସାର ସହିତ କାମନା ଶୂନ୍ୟ ସମ୍ବନ୍ଧ ରହିଥାଏ । ସେହିପରି ସାଙ୍ଖ୍ୟଯୋଗ ନିଷ୍ଠାରେ ସାଧକ ଦେହାଭିମାନକୁ ତ୍ୟାଗ କରି

ଶରୀରରେ ଯେଉଁ ସବୁ କ୍ରିୟା ହୁଏ, ତାହା ପ୍ରକୃତିରୁ ଜାତ ଗୁଣ ହିଁ ଗୁଣରେ କାର୍ଯ୍ୟ କରୁଛନ୍ତି ଭାବି , ନିଜର ଆତ୍ମ ସ୍ୱରୂପରେ ଦ୍ରଷ୍ଟା ବା ସାକ୍ଷ୍ୟଭାବରେ ସ୍ଥିତ ରହେ । ଏହି ଧ୍ୟାନ ଅଭ୍ୟାସରେ, ବୈରାଗ୍ୟ ଆସିଲେ ସଂସାର ସହିତ ସମସ୍ତ ସମ୍ବନ୍ଧକୁ ଛିନ୍ନ କରି ନୈଷ୍କର୍ମ୍ୟସିଦ୍ଧି ବା ମୋକ୍ଷପ୍ରାପ୍ତ ହୁଏ । ତୀବ୍ର ବୈରାଗ୍ୟ ବିନା ସାଙ୍ଖ୍ୟଯୋଗରେ କର୍ମରୁ ଆସକ୍ତି ତ୍ୟାଗ କରିବା କଷ୍ଟସାଧ୍ୟ। କିନ୍ତୁ କର୍ମଯୋଗନିଷ୍ଠାରେ ଅନ୍ୟ ପାଇଁ ସେବା ମନୋଭାବରେ ଫଳକୁ ଭଗବାନଙ୍କୁ ସମର୍ପଣ କରି କର୍ମ କରିବାଦ୍ୱାରା ଆସକ୍ତି ଦୂର ହୋଇଥାଏ । ବିହିତ କର୍ମ ଅନୁଷ୍ଠାନରେ ହୃଦୟ ପବିତ୍ରହେଲେ, ବୈରାଗ୍ୟଭାବ ସ୍ୱତଃ ଆସିଥାଏ । ଏହି ଉଭୟ ନିଷ୍ଠାରେ ସିଦ୍ଧି ତାହାଙ୍କୁ ପ୍ରାପ୍ତ ହୁଏ , ଯାହାର ବିଷୟ ଜଗତପ୍ରତି ମୋହ ରହେନାହିଁ ।

**ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ ।**
**କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ ॥ ୫॥**

*ଅନ୍ୱୟ: କଶ୍ଚିତ୍ ହି ( କୌଣସି ବି ମନୁଷ୍ୟ) ଯାତୁ ( କୌଣସି ଅବସ୍ଥାରେ ) କ୍ଷଣମ୍ ଅପି ( ମୁହୂର୍ତ୍ତକ ପାଇଁ ମଧ୍ୟ ) ଅକର୍ମକୃତ୍ ( କର୍ମ ନ କରି ) ନ ତିଷ୍ଠତି (ରହିପାରେ ନାହିଁ ) ହି (କାରଣ) ପ୍ରକୃତିଜୈଃ (ପ୍ରକୃତି ଜାତ ) ଗୁଣୈଃ (ଗୁଣ ସମସ୍ତ ଦ୍ୱାରା ) ଅବଶଃ ( ଅଧୀନ ହୋଇ) ସର୍ବଃ ( ସକଳ ଜୀବ ) କର୍ମ (କର୍ମ ) କାର୍ଯ୍ୟତେ (କରିବାକୁ ବାଧ୍ୟ ହୁଅନ୍ତି )।*

**ଭାବାର୍ଥ** : ନିଃସନ୍ଦେହ ଭାବରେ ମନୁଷ୍ୟ କୌଣସି ଅବସ୍ଥାରେ କ୍ଷଣେ ମାତ୍ର କର୍ମ ବିନା ରହିପାରିବ ନାହିଁ । କାରଣ ସାରା ମନୁଷ୍ୟ ସମୁଦାୟ ପ୍ରକୃତିଜନିତ ଗୁଣଦ୍ୱାରା ପରବଶ ହୋଇ କର୍ମ କରିବାକୁ ବାଧ୍ୟ ହୋଇଥାନ୍ତି । ଶରୀର ସହିତ ସମ୍ବନ୍ଧ ହିଁ କର୍ମ । ବସିବା, ଉଠିବା , ଶୋଇବା, ଏପରିକି ଶ୍ୱାସକ୍ରିୟା ମଧ୍ୟ କର୍ମ । ମାନସିକ ସ୍ତରରେ ମନ, ବୁଦ୍ଧି, ଇନ୍ଦ୍ରିୟ ମାନଙ୍କର ପ୍ରଚେଷ୍ଟା, ଓ ପ୍ରତିକ୍ରିୟା ମଧ୍ୟ କର୍ମ । ସଂସାର ସହିତ ବାହ୍ୟ ଓ ମାନସିକ ସ୍ତରରେ ସମ୍ବନ୍ଧ ହେଉଛି କର୍ମ । ପ୍ରକୃତିର ସାମ୍ରାଜ୍ୟରେ ଉତ୍ପନ୍ନ ହୋଇଥିବା ଅଣୁ ଠାରୁ ମେରୁ ପର୍ଯ୍ୟନ୍ତ କୌଣସି ବସ୍ତୁ ନିଷ୍କ୍ରିୟ ନୁହେଁ । ସଂସାରର ସବୁ ପଦାର୍ଥ ପ୍ରତିକ୍ଷଣ ପରିଣାମୀ । "ପରିଣାମୀ " ର ଅର୍ଥ ହେଉଛି , ପରିବର୍ତ୍ତନର କ୍ରମରେ ଅନ୍ତର୍ଭୁକ୍ତ ଅର୍ଥାତ୍ ବଦଳିବାର ପ୍ରବାହରେ ପ୍ରଭାବିତ । ପ୍ରକୃତି କାହାକୁ ସ୍ଥିର ରହିବାକୁ ଦିଏନାହିଁ । ପ୍ରକୃତିରୁ ଉତ୍ପନ୍ନ ପ୍ରତ୍ୟେକ ବସ୍ତୁ ପ୍ରତିକ୍ଷଣ ବିନାଶ ଦିଗକୁ ଗତି କରିଥାନ୍ତି । ପଞ୍ଚଭୂତରେ ନିର୍ମିତ ଏହି ଶରୀର ପ୍ରତି ମୁହୂର୍ତ୍ତରେ ବିନାଶ ଆଡକୁ ଗତି କରିବା କ୍ରିୟା ହେଉଛି "କର୍ମ " । ମନୁଷ୍ୟ ଶରୀରର ପୂର୍ବ ଜନ୍ମଗୁଡିକର କର୍ମ ସଂସ୍କାର ଏହି ଜନ୍ମରେ ସଂସ୍କାର ରୂପରେ ରହି ମନୁଷ୍ୟକୁ କର୍ମ କରିବାକୁ ବାଧ୍ୟ କରାଏ । ସ୍ୱଭାବ ଅନୁଯାଇ ସତ୍ତ୍ୱ, ରଜ, ତମ ଏହି ତିନିଗୁଣ ମଧ୍ୟରୁ ପ୍ରତ୍ୟେକ ଗୁଣର ପ୍ରାଧାନ୍ୟତାରେ ମନୁଷ୍ୟର କର୍ମ ସହିତ ସମ୍ବନ୍ଧ ଅଲଗା ଅଲଗା ପ୍ରକାର ହୋଇଥାଏ । ଏହାକୁ ମନୁଷ୍ୟ ଗୁଣ ପରବଶ ହୋଇ କର୍ମ କରିବାକୁ ବାଧ୍ୟହୁଏ ବୋଲି କୁହାଯାଇଛି। ସାଙ୍ଖ୍ୟ ଯୋଗରେ ଗୁଣ ମାନଙ୍କର ସାମ୍ୟଭାବ ହେଉଛି ପ୍ରକୃତି ଏବଂ ଗୁଣ ମାନଙ୍କର ବିସମତା ହେଉଛି କାର୍ଯ୍ୟ । ତେଣୁ ପ୍ରକୃତି ହେଉଛି କାରଣ ଏବଂ ଗୁଣ ହେଉଛି କାର୍ଯ୍ୟ । ଗୁଣାତୀତ ପୁରୁଷ ନିମନ୍ତେ ଦେହାଭିମାନର ଅଭାବ ହେତୁ, କର୍ତ୍ତାପନର ଅଭାବ ଥାଏ । ତେଣୁ ଗୁଣାତୀତ ପୁରୁଷର ଶରୀରରେ ଯେଉଁ କ୍ରିୟାହୁଏ, ତାହା କାହାସହିତ ସମ୍ବନ୍ଧିତ ହୋଇନ'ଥିବାରୁ ବନ୍ଧନକାରକ ହୋଇନ'ଥାଏ ।

**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥୬॥**
**ଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେ ଅର୍ଜୁନ ।**
**କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ ॥ ୭॥**

*ଅନ୍ୱୟ : ଯଃ ( ଯେଉଁ ) ବିମୂଢାତ୍ମା ( ମୂର୍ଖ ଲୋକ ) କର୍ମେନ୍ଦ୍ରିୟାଣି (କର୍ମ ଇନ୍ଦ୍ରିୟ ସମେତ ସମସ୍ତ ଇନ୍ଦ୍ରିୟ ମାନଙ୍କୁ ) ସଂଯମ୍ୟ ( ହଠ ପୂର୍ବକ ଇନ୍ଦ୍ରିୟ ଭୋଗରୁ ରହିତ ହୋଇ ) ମନସା ( ମନରେ ) ଇନ୍ଦ୍ରିୟାର୍ଥାନ୍ ( ଇନ୍ଦ୍ରିୟ ଭୋଗ ବସ୍ତୁକୁ ) ସ୍ମରନ୍ (ଚିନ୍ତନ କରି) ସ୍ମରନ୍ (ଭୋଗ ସେବନ ଅବସ୍ଥାରେ ରହେ) ସ ( ସେ ) ମିଥ୍ୟାଚାରଃ ( ଛଳନାକାରୀ ) ଉଚ୍ୟତେ (ଅଟେ)ତୁ (କିନ୍ତୁ ) ହେ ଅର୍ଜୁନ ! : ଯଃ (ଯେଉଁ ସାଧକ ) ଇନ୍ଦ୍ରିୟାଣି ( ସମସ୍ତ ଇନ୍ଦ୍ରିୟକୁ ) ମନସା (ମନଦ୍ୱାରା ) ନିୟମ୍ୟ (ନିୟନ୍ତ୍ରଣ କରି ) ଅସକ୍ତଃ (ଅନାସକ୍ତ ରହି ) କର୍ମେନ୍ଦ୍ରିୟୈଃ (କର୍ମ ଇନ୍ଦ୍ରିୟ ସମେତ ସମସ୍ତ ଇନ୍ଦ୍ରିୟଗଣଙ୍କ ଦ୍ୱାରା ) କର୍ମଯୋଗଃ (କର୍ମଯୋଗ ସାଧନା )ଆରଭତେ (ଆରମ୍ଭ କରେ ) ସ (ସେହି ଯୁକ୍ତ ପୁରୁଷ ) ବିଶିଷ୍ୟତେ (ଶ୍ରେଷ୍ଠ ଅଟନ୍ତି )।*

**ଭାବାର୍ଥ :** ସମସ୍ତ କର୍ମେନ୍ଦ୍ରିୟ, ଜ୍ଞାନ ଇନ୍ଦ୍ରିୟ ମାନଙ୍କୁ ଯେଉଁ ମୁଢ ମନୁଷ୍ୟ ହଠ ପୂର୍ବକ ବାହ୍ୟରେ ଭୋଗ ସେବନରୁ ବିରତ କରାଇ, ମନରେ ଇନ୍ଦ୍ରିୟ ଭୋଗବସ୍ତୁ ସମୂହକୁ ଚିନ୍ତନ କରି ଭୋଗ ସେବନ କରୁଥାଏ, ସେହି ମନୁଷ୍ୟ ଛଳନାକାରୀ ଅଟେ । କିନ୍ତୁ, ହେ ଅର୍ଜୁନ ! ଯେଉଁ ବୁଦ୍ଧିମାନ୍ ପୁରୁଷ ସମସ୍ତ ଜ୍ଞାନ ଇନ୍ଦ୍ରିୟ ଓ କର୍ମେନ୍ଦ୍ରିୟ ମାନଙ୍କୁ ମନଦ୍ୱାରା ନିୟନ୍ତ୍ରଣ କରି ରଖିଥାଏ, କର୍ମ ଓ କର୍ମଫଳପ୍ରତି ଅନାସକ୍ତ ରହି ଇନ୍ଦ୍ରିୟ ମାନଙ୍କ ଦ୍ୱାରା କର୍ମଯୋଗ ସାଧନ ଆରମ୍ଭ କରେ, ସେହି ପୁରୁଷ ଶ୍ରେଷ୍ଠ ଅଟନ୍ତି । କର୍ମ ମନୁଷ୍ୟ ପାଇଁ ଅନିବାର୍ଯ୍ୟ, ଏହି ଉକ୍ତିକୁ ଭଗବାନ ଶ୍ରୀକୃଷ୍ଣ ପୂର୍ବ ଶ୍ଳୋକରେ ପୃଷ୍ଟ କରିଥିଲାବେଳେ, ଏହି ଦୁଇଟି ଶ୍ଳୋକରେ, କର୍ମ ସହିତ ଇନ୍ଦ୍ରିୟମାନଙ୍କର ସମ୍ବନ୍ଧକୁ ନେଇ କେଉଁ ପୁରୁଷକୁ ଶ୍ରେଷ୍ଠ ବୋଲି କୁହାଯାଏ, ଆଉ କାହାକୁ ମୂର୍ଖ ବା ଅଜ୍ଞାନ ଗଣନା କରାଯାଏ, ତାହା କହିଛନ୍ତି । କେଉଁ କର୍ମ ବନ୍ଧନ କାରକ , କେଉଁ କର୍ମ ବନ୍ଧନ ମୁକ୍ତ, ତାହା କର୍ମ ସହିତ ମନ, ବୁଦ୍ଧି, ଇନ୍ଦ୍ରିୟମାନଙ୍କର ସମ୍ବନ୍ଧ ଉପରେ ନିର୍ଭର କରେ । କର୍ମ ସହିତ ସଂସାରର ଭୋଗ୍ୟ ପଦାର୍ଥ ଜଡିତ ଥାଆନ୍ତି । ବସ୍ତୁ,ବ୍ୟକ୍ତି ପରିସ୍ଥିତିରୁ ଭୋଗ ସେବନ କରିବା ଲାଗି ପ୍ରଥମେ ମନରେ କାମନା ଜାତ ହୋଇଥାଏ । ଭୋଗ୍ୟବସ୍ତୁ ସମ୍ମୁଖକୁ ଆସିଲେ, ଜ୍ଞାନଇନ୍ଦ୍ରିୟ ସାହାଯ୍ୟରେ ମନ ତାହାକୁ ଆହରଣ କରିଥାଏ । ଏହି ଜନ୍ମର ପୁରୁଷାର୍ଥ କିମ୍ବା ସଂସ୍କାରଜନିତ ସ୍ୱଭାବ ଦ୍ୱାରା ଅନ୍ତଃକରଣରେ ସତ୍ତ୍ୱ, ରଜ, ତମ ଗୁଣର ପ୍ରଭାବରେ ରାଗ-ଦ୍ୱେଷ ଅର୍ଥାତ୍ ବସ୍ତୁ ପ୍ରତି ମନରେ ଆକର୍ଷଣ କିମ୍ବା ଦୂରେଇ ରଖିବା ଭାବ ଜାତ ହୋଇଥାଏ । ଭୋଗବୁଦ୍ଧିରେ ଇନ୍ଦ୍ରିୟମାନଙ୍କ ସହିତ ବିଷୟର ସଂଯୋଗ କିମ୍ବା ବିୟୋଗରେ କାମନାର ପୂର୍ତ୍ତି ହୋଇଥାଏ ଏବଂ ମନକୁ ତତ୍କାଳିନ ସୁଖବୋଧ ହୁଏ । ଅତଏବ ସଂସାର ବିଷୟରୁ ଭୋଗ ସେବନ କରିବାରେ ମନର କାମନା ଜାତ ଠାରୁ ତୃପ୍ତ ପର୍ଯ୍ୟନ୍ତ ମନର ପ୍ରଧାନ ଭୂମିକା ରହିଛି । ଜନ୍ମ ଜନ୍ମ ଧରି ଶରୀରଧାରୀ ଜୀବାତ୍ମା ବିଷୟଭୋଗରେ ଲିପ୍ତ ରହିଆସିଥିବା କାରଣରୁ ଇନ୍ଦ୍ରିୟମାନେ ବିଷୟସୁଖପ୍ରତି ସବୁ ସମୟରେ ଧାବମାନ ହୋଇ ରହିଥାନ୍ତି । ପ୍ରାରବ୍ଧ କିମ୍ବା ତୀବ୍ର ପୁରୁଷାର୍ଥ କାରଣରୁ ମନୁଷ୍ୟ କୌଣସି ଏକ ଜନ୍ମରେ ବିଷୟ ସୁଖପ୍ରତି ବିମୁଖ ହୋଇ ଆତ୍ମା ଉଦ୍ଧାର କାର୍ଯ୍ୟରେ ମନ ବଳାଏ । ଯୋଗ ସାଧକ, ପ୍ରାରମ୍ଭରେ ମନଦ୍ୱାରା ଇନ୍ଦ୍ରିୟମାନଙ୍କୁ ଅନୁଶାସନ କରି ଜଗତ ହିତ କ୍ରିୟାରେ ନିଯୁକ୍ତ କରାଇଥାଏ

। ଇନ୍ଦ୍ରିୟମାନେ ବିଷୟ ସହିତ ସଂଯୁକ୍ତ ହୋଇ ରହିଥିଲେ ମଧ , କର୍ମ ଏବଂ କର୍ମଫଳପ୍ରତି ଅନାସକ୍ତ କାରଣରୁ ମନ ବିକ୍ଷିପ୍ତ ହୋଇ ନ'ଥାଏ । ବୁଦ୍ଧିର ସ୍ଥିରତା ହେତୁ ଅନ୍ତଃକରଣରେ ଚିତ୍ତବୃତ୍ତିର ସମତା ରହେ । ସେହି ସ୍ଥିତିରେ ଇନ୍ଦ୍ରିୟ ସୁଖ ଠାରୁ ଅତ୍ୟନ୍ତିକ ଆନନ୍ଦ, ଶୁଦ୍ଧ ଚୈତନ୍ୟରେ ଉପଲବ୍ଧ ହୁଏ । କର୍ମ-ଯୋଗ ହେଲା "କର୍ମ" ଆଉ "ଯୋଗ" ଦୁଇଟି ଶବ୍ଦର ମିଶ୍ରଣ । "କର୍ମ"ର ଅର୍ଥ କର୍ତ୍ତବ୍ୟ କର୍ମ ଏବଂ "ଯୋଗ" ହେଲା ,କର୍ମ ଅନୁଷ୍ଠାନ ପୂର୍ବରୁ କର୍ମଫଳ ଭଗବାନଙ୍କ ଠାରେ ସମର୍ପଣ କରିଦେବା । ଏହିପରି ଭାବରେ ମନଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶ କରି ଯେଉଁ ପୁରୁଷ କର୍ମଯୋଗ ଅଭିପ୍ରାୟରେ କର୍ମ ଅନୁଷ୍ଠାନ କରେ, ସେ ଶ୍ରେଷ୍ଠ ମନୁଷ୍ୟ ଭାବରେ ସମାଜରେ ପରିଗଣିତ ହୋଇଥାଏ । ଅନ୍ୟ ପ୍ରକାର ମନୁଷ୍ୟଅଛନ୍ତି , ଯେଉଁମାନଙ୍କର ମନରେ ସଂସାର ବିଷୟ ଭୋଗପାଇଁ ତୀବ୍ର ଲାଳସା ରହିଥାଏ । ସେମାନଙ୍କ ଅନ୍ତରରେ ନିରନ୍ତର ବିଷୟଭୋଗ ଚିନ୍ତନ , ନୂଆ ନୂଆ ଭୋଗ କାମନାକୁ ଜାତ କରାଇଥାଏ । କିନ୍ତୁ ଲୋକ ଲଜ୍ଜା କାରଣରୁ ହେଉ, ଶରୀରର ଭିନ୍ନ କ୍ଷମ କାରଣରୁ ହେଉ, କିମ୍ବା ସାଧୁ, ମହାତ୍ମା ହେବାର ଛଳନା କରି, ଧନ ,ଖ୍ୟାତି ଆଦି ପ୍ରତିଷ୍ଠା ଲକ୍ଷରେ ବାହାରକୁ ଇନ୍ଦ୍ରିୟମାନଙ୍କୁ ସଂଯମ କରିବାର ଆଚରଣ ଦେଖାଇଥାନ୍ତି । ଲୋକଙ୍କ ଆଗରେ ନିଜକୁ ଜଣେ ମହାନ ତ୍ୟାଗୀ ରୂପରେ ଛଳନା କରି ଇନ୍ଦ୍ରିୟମାନଙ୍କୁ ବାହ୍ୟ ଭାବରେ ବିଷୟ ଭୋଗରୁ ଦୂରେଇ ରଖିଥାନ୍ତି । କିନ୍ତୁ ମାନସିକ ସ୍ତରରେ ଇନ୍ଦ୍ରିୟ ସୁଖ ଉପଭୋଗ କରିବାରେ ସେମାନଙ୍କ ପକ୍ଷରେ କୌଣସି ବାଧକ ନ'ଥାଏ । ଏହି ପ୍ରକାର ମନୁଷ୍ୟ ସମାଜରେ ଛଳନାକାରୀ, ପାଖଣ୍ଡି, ବୋଲି ଭଗବାନ କହିଛନ୍ତି । ଏହି ପ୍ରକାର ଅମାନୁଷିକ ବ୍ୟକ୍ତି ନିଜର ଭୋଗ ଲାଳସା ଓ ସ୍ୱାର୍ଥ ଚରିତାର୍ଥ ନିମନ୍ତେ ଯେ କୌଣସି ମିଥ୍ୟା ଆଚରଣ କରି ସମାଜକୁ ଧୋକ୍କା ଦେଇଥାନ୍ତି ।

**ନିୟତଂ କୁରୁ କର୍ମ ତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ ।**

**ଶରୀର ଯାତ୍ରାପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ ॥ ୮ ॥**

*ଅନ୍ୱୟ : ତ୍ୱଂ ( ତୁମ୍ଭେ ) ନିୟତମ୍ ( ଶାସ୍ତ୍ର ବିଧି ସମ୍ମତ ) କର୍ମ (କର୍ମ) କୁରୁ (କର ) ହି (କାରଣ) ଅକର୍ମଣଃ (କର୍ମ ନକରି ରହିବା ଅପେକ୍ଷା ) କର୍ମ (କର୍ମ କରିବା )ଜ୍ୟାୟଃ (ଶ୍ରେଷ୍ଠ )ଚ (ଏବଂ ) ଅକର୍ମଣଃ (କର୍ମ ନକଲେ ) ତେ (ତୁମ୍ଭର ) ଶରୀର ଯାତ୍ରା (ବଞ୍ଚି ରହିବା) ଅପି (ମଧ ) ନ ପ୍ରସିଦ୍ଧ୍ୟେତ୍ (ସିଦ୍ଧ ହେବନାହିଁ )।*

**ଭାବାର୍ଥ :** ଶାସ୍ତ୍ରବିଧି ଅନୁସାରେ ତପ, ବ୍ରତ, ଉପବାସ, ଉପାସନା ପ୍ରଭୃତି କର୍ମକୁ ବିହିତ କର୍ମ କୁହାଯାଇଛି । ନିୟତ କର୍ମ ଶବ୍ଦର ଅର୍ଥ ହେଲା ଶାସ୍ତ୍ରସମ୍ମତ କର୍ତ୍ତବ୍ୟ କର୍ମ ଓ ବର୍ଣ୍ଣାଶ୍ରମ ଉଚିତ ଧର୍ମପାଳନ । ଯେଉଁ କର୍ମ ଦ୍ୱାରା ନିଜର ଶାରୀରିକ, ମାନସିକ କ୍ଷତି ହେବ, ସଂସାରର ଅହିତ ହେବା ସଙ୍ଗେ ସଙ୍ଗେ ସମାଜରେ ଘୃଣିତ ହେବାକୁ ପଡିଥାଏ, ସେହି କର୍ମ ନିଷିଦ୍ଧ କର୍ମ । ମିଛ କହିବା, ହିଂସା ଆଚରଣ କରିବା , ଚୋରୀ ପ୍ରଭୃତି ନିଷିଦ୍ଧ କର୍ମ । ନିଷିଦ୍ଧ କର୍ମ କରିବା ଦୋଷାବହ । ସକାମ କର୍ମ କଲେ , କର୍ମ ବନ୍ଧନର କାରଣ ହୋଇ ବାରମ୍ବାର ଜନ୍ମ ମୃତ୍ୟୁ ଚକ୍ରରେ ପଡିବାକୁ ହୁଏ । ତେଣୁ ସାସ୍ତ୍ର ଅନୁମୋଦିତ, ଲୋକାଚାରକୁ ଦୃଷ୍ଟିରେ ରଖି ନିଷ୍କାର୍ମ୍ୟ କର୍ମ କରିବା ବିଧେୟ । ସାଧନ କରି ଆତ୍ମାର ଉଦ୍ଧାର ପାଇଁ ମନୁଷ୍ୟ ଶରୀର ପ୍ରାପ୍ତ ହୋଇଛି । ତେଣୁ ଶରୀର ନିର୍ବାହ ପାଇଁ ଆହାର, ବସ୍ତ୍ର, ବାସ ଭଳି କେତେକ ନିତାନ୍ତ ବିଷୟ ପଦାର୍ଥର ଆବଶ୍ୟକତା ରହିଛି। ଅର୍ଥ, ଦ୍ରବ୍ୟର ପ୍ରାପ୍ତ ପାଇଁ କିଛିନା କିଛି ବୃତ୍ତିରୂପରେ କର୍ମ କରିବାକୁ ପଡେ । ନିଜର କୁଳଧର୍ମ,ବର୍ଣ୍ଣାଶ୍ରମ ଅନୁସାରେ ଶାସ୍ତ୍ର

ଦ୍ୱାରା ଯେଉଁ କର୍ମ ବିଧାନ କରାଯାଇଛି ,ତାହା ନିୟତ କର୍ମ । କର୍ମ ଯୋଗ୍ୟତା, ସାମର୍ଥ୍ୟତା ଓ ପରିସ୍ଥିତି ବିଚାରକୁ ନେଇ ସମାଜ ସେବା, ରାଷ୍ଟ୍ର ସେବାରେ ନିୟୋଜିତ ହୋଇ ଯେଉଁ କର୍ମ କରାଯାଏ , ତାହା ମଧ୍ୟ ନିୟତ କର୍ମ । ନିଜର ଓ ପରିବାରର ଭରଣ ପୋଷୋଣ ନିମନ୍ତେ ସ୍ୱଧର୍ମ ପାଳନ କର୍ମ ଏବଂ ପ୍ରାରବ୍ଧ ଭୋଗରେ ପ୍ରାୟଶ୍ଚିତ କର୍ମକୁ ଶରୀରରେ ସ୍ୱୀକାର କରିନେବା ମଧ୍ୟ କର୍ତ୍ତବ୍ୟ କର୍ମ ଅନ୍ତର୍ଭୁକ୍ତ ।ନିୟତ କର୍ମ ସେଇ କର୍ମ ହୋଇଥାଏ, ଯେଉଁସବୁ କର୍ମ କରିବା ନିମିତ୍ତ ବୁଦ୍ଧିଠାରୁ ସ୍ୱତଃ ପ୍ରେରଣା ହୋଇଥାଏ । ବର୍ଣ୍ଣାଶ୍ରମୋଚିତ ବିହିତ କର୍ମରେ ବୁଦ୍ଧିର ସ୍ୱୟଂ ପ୍ରବୃତ୍ତି ହୋଇଥାଏ । ନିୟତ କର୍ମ କୌଣସି ଫଳ ଆଶା ରଖି ମନର ପ୍ରେରଣାରେ ହୋଇନ'ଥାଏ । ଭୋଗ୍ୟ ବିଷୟ କାମନାକରି , ଫଳ ଆଶାରେ କର୍ମ କରିବା ପ୍ରବୃତ୍ତିକୁ ନିୟତ କର୍ମ କୁହାଯିବ ନାହିଁ । ଯେପରି ଭୋଜନ କରିବାର ପ୍ରବୃତ୍ତି ବୁଦ୍ଧିର ପ୍ରେରଣାରେ ହୁଏ, ତେଣୁ ଭୋଜନ କ୍ରିୟା ନିୟତ କର୍ମ । କିନ୍ତୁ ଭୋଜନରେ ଖାଦ୍ୟର ସ୍ୱାଦିଷ୍ଟ ଇଚ୍ଛା ଜାତହେବା , ମନର ପ୍ରେରଣାରେ ହୋଇଥାଏ । ଏଠାରେ ଜିହ୍ୱାର ଆସକ୍ତି ଯୋଗୁ ଭୋଜନ ପ୍ରବୃତ୍ତି କାମ୍ୟ କର୍ମରେ ପରିଣତ ହେଲା । ଅର୍ଜୁନ ନିଶ୍ଚିତ ଭାବରେ କେଉଁ କର୍ମ କରିବାକୁ ହେବ, ଯାହା ପଚାରିଥିଲେ, ତାହାର ଉତ୍ତରରେ ଭଗବାନ କହୁଛନ୍ତି: କ୍ଷତ୍ରିୟ ଧର୍ମ ଅନୁସାରେ ଯୁଦ୍ଧ ରୂପକ ହିଂସାତ୍ମକ କର୍ମ, ଘୋର ଦେଖାଯାଉଥିଲେ ମଧ୍ୟ, ତାହା ହେଉଛି ତୁମ୍ଭ ପାଇଁ ନିୟତ କର୍ମ । ଏଣୁ କର୍ମ ତ୍ୟାଗ ଅପେକ୍ଷା ନିୟତ କର୍ମ କରିବା ଶ୍ରେଷ୍ଠ ଏବଂ ଅନାସକ୍ତ ହୋଇ କର୍ମ କରିବା ଆହୁରି ଶ୍ରେଷ୍ଠ । କର୍ମକୁ ତ୍ୟାଗ କରିବା ନିଜପାଇଁ, ରାଷ୍ଟ୍ର ପାଇଁ ଶୁଭଙ୍କର ନୁହେଁ । "ଶରୀର ଯାତ୍ରା" ଶବ୍ଦକୁ ଶରୀର ନିର୍ବାହ ପରିବର୍ତ୍ତେ ଏହିପରି ଅର୍ଥକଲେ ମଧ୍ୟ ହେବ କି' ଜୀବାତ୍ମା ଜନ୍ମ ଜନ୍ମ ଧରି ଗୋଟିଏ ପରେ ଗୋଟିଏ ଶରୀରକୁ ଗ୍ରହଣ କରି କେଉଁ ଅନନ୍ତ କାଳରୁ କୀଟ ପତଙ୍ଗ ଯୋନି ଠାରୁ ଆରମ୍ଭ କରି ମନୁଷ୍ୟ ଯୋନି ପ୍ରାପ୍ତ ପର୍ଯ୍ୟନ୍ତ ଯାତ୍ରା କରି ଆସୁଛି । ଯେତେବେଳେ ଜୀବାତ୍ମା ତାର ଅନ୍ତିମ ଗନ୍ତବ୍ୟ ସ୍ଥଳ ପରମାତ୍ମା କୁ ପ୍ରାପ୍ତ ହୋଇ ଶରୀର ତ୍ୟାଗ- ପ୍ରାପ୍ତ ଚକ୍ରରୁ ମୁକ୍ତହେବ , ସେତେବେଳେ ଏହି ଯାତ୍ରା ସିଦ୍ଧ ହେବ । କର୍ମଯୋଗ ସିଦ୍ଧତା ପ୍ରାପ୍ତରେ ଜୀବାତ୍ମାର ଏହି ଶରୀର ଯାତ୍ରା ଅନ୍ତ ହୋଇ ଆତ୍ମା ପରମାତ୍ମାରେ ଲୀନ ହେବ ।

**ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ ।**
**ତଦର୍ଥଂ କର୍ମ କୌନ୍ତେୟ ମୁକ୍ତ ସଙ୍ଗଃ ସମାଚର ॥ ୯॥**

*ଅନ୍ୱୟ : ଯଜ୍ଞାର୍ଥାତ୍ (ଯଜ୍ଞ ବା ବିଷ୍ଣୁ ପ୍ରୀତ୍ୟର୍ଥେ ଅନୁଷ୍ଠିତ) କର୍ମଣଃ (କର୍ତ୍ତବ୍ୟ କର୍ମ ବ୍ୟତୀତ) ଅନ୍ୟତ୍ର (ଅନ୍ୟ କର୍ମାନୁଷ୍ଠାନ ଦ୍ୱାରା ) ଅୟମ୍ ଲୋକଃ (ଏହି ମନୁଷ୍ୟ ସମୁଦାୟ )କର୍ମବନ୍ଧନଃ ( କର୍ମରେ ବାନ୍ଧି ହୁଅନ୍ତି ) କୌନ୍ତେୟ ( ତେଣୁ ହେ ଅର୍ଜୁନ !) ମୁକ୍ତ ସଙ୍ଗଃ ( ତୁମ୍ଭେ ଅନାସକ୍ତ ହୋଇ )ତଦ୍-ଅର୍ଥଂ ( ସେହି ଯଜ୍ଞ ନିମନ୍ତେ ଅର୍ଥାତ୍ ବିଷ୍ଣୁଙ୍କ ପ୍ରୀତି ନିମନ୍ତେ ) କର୍ମ (କର୍ତ୍ତବ୍ୟ କର୍ମ ) ସମାଚାର (କର ) ।*

**ଭାବାର୍ଥ** :ଯଜ୍ଞାର୍ଥ କର୍ମକୁ ଛାଡି, ଅନ୍ୟ ଯେତେକର୍ମ ସବୁ ମନୁଷ୍ୟକୁ କର୍ମ ବନ୍ଧନରେ ପକାଏ। ଅର୍ଥାତ୍ ଯଜ୍ଞ ନିମିତ୍ତ ଯେଉଁ କର୍ମ କରାଯାଏ , ତାହା ବନ୍ଧକ ହୁଏନାହିଁ । ତେଣୁ ହେ କୁନ୍ତିପୁତ୍ର ଅର୍ଜୁନ! କର୍ମ ଓ କର୍ମଫଳ ପ୍ରତି ଆସକ୍ତିକୁ ତ୍ୟାଗ କରି ଯଜ୍ଞନିମିତ୍ତ ଅର୍ଥାତ୍ ପରମାତ୍ମାଙ୍କ ପ୍ରୀତ ନିମନ୍ତେ ତୁମ୍ଭେ ସବୁବେଳେ କର୍ତ୍ତବ୍ୟ କର୍ମକର। ପୂର୍ବ ଶ୍ଳୋକରେ ଭଗବାନ ନିୟତ କର୍ମ କର ବୋଲି କହିଥିଲେ । ଏବେ ଯଜ୍ଞ ନିମିତ୍ତ କର୍ମ କର ବୋଲି କହୁଛନ୍ତି । ଏହାର ତାତ୍ପର୍ଯ୍ୟହେଲା, କର୍ତ୍ତବ୍ୟ କର୍ମ କାହାପାଇଁ ଉଦ୍ଦିଷ୍ଟ,

ତାହା ଉପରେ ନିଶ୍ଚିତ ମତ ଦେଇ, କର୍ମ କେବଳ ଯଜ୍ଞ ନିମିତ୍ତ ହେବା ଉଚିତ ବୋଲି ଦୃଢ ଭାବରେ ଭଗବାନ କହିଛନ୍ତି । ତାହେଲେ ଯଜ୍ଞ କଣ ? ଯଜ୍ଞ କାହାଦ୍ୱାରା ସୃଷ୍ଟି ଓ ଏହାର ଉଦ୍ଦେଶ୍ୟ ଆଗ ଶ୍ଳୋକରେ କୁହାଯାଇଛି । ଯଜ୍ଞର ପ୍ରକାର ଭେଦ ଚତୁର୍ଥ ଅଧ୍ୟାୟରେ ଭଗବାନ ବିସ୍ତୃତ ଭାବରେ ମଧ୍ୟ କହିଛନ୍ତି । ଗୀତଭାଷ୍ୟରେ ଶ୍ରୀଶଙ୍କରଚାର୍ଯ୍ୟଙ୍କ ଉକ୍ତି ଅଛି " ଯଜ୍ଞୋ ବୈ ବିଷ୍ଣୁ ଇତି ଶ୍ରୁତେର୍ଯଜ୍ଞ ଇଶ୍ୱରଃ" । ବିଶ୍ୱନୀୟନ୍ତା , ସର୍ବବ୍ୟାପୀ ପରମାତ୍ମା ହିଁ ଯଜ୍ଞ ସ୍ୱରୂପ । ଯଜ୍ଞରୁ ହିଁ ସୃଷ୍ଟି ନିର୍ମିତ, ଯଜ୍ଞରେ ହିଁ ସୃଷ୍ଟି ତିଷ୍ଠି ରହିଛି ଏବଂ ଯଜ୍ଞରେ ହିଁ ସୃଷ୍ଟିର ବିଲୟ । ପ୍ରକୃତିର ସମସ୍ତ ପ୍ରକ୍ରିୟା ହେଉଛି ଯଜ୍ଞ କାର୍ଯ୍ୟ ଏବଂ ତାହା ଯଜ୍ଞାଧିପତି ଭଗବାନ ବିଷ୍ଣୁଙ୍କ ନିମିତ୍ତ ଉଦ୍ଦିଷ୍ଟ । ସଂସାର ତିଷ୍ଠିରହିବା ପାଇଁ, ପରମାତ୍ମାଙ୍କ ଯଜ୍ଞ ସ୍ୱରୂପରେ ପ୍ରତିମୁହୂର୍ତ୍ତରେ ପ୍ରକୃତି ଦ୍ୱାରା ନିର୍ମିତ ଜଡ, ଜୀବ, ସ୍ଥାବର ଜଙ୍ଗମ ଦ୍ୱାରା ଆହୁତି ପ୍ରଦାନ କରାଯାଇ ଯଜ୍ଞ ପ୍ରକ୍ରିୟାକୁ ଜୀବନ୍ତ ରଖାଯାଇଛି । ପ୍ରକୃତି ଦ୍ୱାରା ନିର୍ମିତ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ମନୁଷ୍ୟ ହେଉଛି ଶ୍ରେଷ୍ଠ ଜୀବ । ତେଣୁ ଭଗବାନ ବିଷ୍ଣୁ ,ମନୁଷ୍ୟଲୋକରେ ସଂସାରର ସମସ୍ତଙ୍କ ହିତ ପାଇଁ ମନୁଷ୍ୟକୁ ଏହି ଯଜ୍ଞକୁ ଚଳାଇ ରଖିବା ଦାୟିତ୍ୱ ଦେଇଛନ୍ତି । ତେଣୁ ସୃଷ୍ଟିର କଲ୍ୟାଣ ପାଇଁ, ପରମାତ୍ମାଙ୍କ ପ୍ରୀତ ପାଇଁ ମନୁଷ୍ୟ କର୍ତ୍ତବ୍ୟ କର୍ମ କରିବା ହେଉଛି ଯଜ୍ଞାର୍ଥ କର୍ମ। ଏହି ମର୍ମରେ କୃଷକ ଜମିରୁ ସଶ୍ୟ ଅମଳ କରିବା, ସମସ୍ତଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଧର୍ମ, ଶିକ୍ଷା ,ସ୍ୱାସ୍ଥ୍ୟ, ଅନୁଷ୍ଠାନ ସ୍ଥାପନ ଓ ପରିଚାଳନା, ରାଷ୍ଟ୍ର ର ଅଭିବୃଦ୍ଧି ଏବଂ ସୁରକ୍ଷାପାଇଁ ନିଷ୍କାମ ଭାବରେ ସେବା ପ୍ରଦାନ କରିବା ,କର୍ତ୍ତବ୍ୟ ମନେକରି ସମାଜକୁ ଅତ୍ୟାବଶ୍ୟକ ବସ୍ତୁ ଆଦି ଯୋଗାଇଦେବା, ବାଣିଜ୍ୟ ବ୍ୟବସାୟ, ଅଧ୍ୟୟନ ,ପ୍ରଭୃତି ଶାସ୍ତ୍ର ବିଦିତ କର୍ମର ନାମ ଯଜ୍ଞ ନିମିତ୍ତ କାର୍ଯ୍ୟ । ଅନ୍ୟ ମନୁଷ୍ୟ ଓ ଇତର ପ୍ରାଣୀଙ୍କୁ ସୁଖ ପ୍ରାପ୍ତ କରାଇବା ଉଦ୍ଦେଶ୍ୟରେ ନିଜର ସ୍ୱାର୍ଥ ତ୍ୟାଗ କରି ଯେଉଁ କର୍ମ କରାଯାଏ ସେସବୁ ଯଜ୍ଞାର୍ଥ କର୍ମ । ଯଜ୍ଞାର୍ଥ କର୍ମ ପ୍ରବୃତ୍ତିରେ ଆସକ୍ତି ନ'ଥାଏ । ପରମାତ୍ମା ପ୍ରୀତ୍ୟାର୍ଥେ କର୍ମରେ ପୂର୍ବ ସଞ୍ଚିତ କର୍ମର ଫଳଦେବା ଶକ୍ତି ମଧ୍ୟ ବିନଷ୍ଟ ହୋଇଥାଏ। ତେଣୁ ପରମାତ୍ମାଙ୍କୁ ସମର୍ପଣ କରି ଯଜ୍ଞାର୍ଥେ ଯେଉଁ କର୍ମ କରାଯାଏ, ସେହି କର୍ମ ବନ୍ଧକ ହୁଏ ନାହିଁ । ପରମାତ୍ମାଙ୍କ ନିମିତ୍ତ ଯଜ୍ଞ କର୍ମ ଅନୁଷ୍ଠାନରେ ପରମାତ୍ମାଙ୍କର କୃପା ପ୍ରାପ୍ତ ହୋଇ ହୃଦୟ ପବିତ୍ର ହୁଏ । ଆତ୍ମଜ୍ଞାନ ପ୍ରାପ୍ତିରେ କର୍ମଯୋଗୀ ଜୀବନ ମୁକ୍ତ ହୁଏ। ପରିଶେଷରେ ଭଗବାନ ନିଶ୍ଚିତ କରି କହୁଛନ୍ତି : ହେ କୌନ୍ତେୟ ! ତୁମ୍ଭେ ଯଜ୍ଞାର୍ଥେ ଏହି ଯୁଦ୍ଧ କର । ଏହି ଯୁଦ୍ଧରେ ଅଧର୍ମର ବିନାଶ ହୋଇ ଧର୍ମର ପ୍ରତିଷ୍ଠା ହେବ । ତୁମ୍ଭେ ଯୁଦ୍ଧ ନ'କଲେ ଅଧର୍ମର ବିଜୟରେ ସଂସାରର ପରିଚାଳନା ଚକ୍ରରେ ବହୁତ ବାଧା ଉପୁଜିବ । ଧର୍ମ ଉପରୁ ଲୋକଙ୍କର ଆସ୍ଥା ତୁଟିଯିବ । ତେଣୁ ସଂସାର କଲ୍ୟାଣକୁ ଦୃଷ୍ଟିରଖି ଏହି ଯୁଦ୍ଧ ରୂପକ ଯଜ୍ଞ କର୍ମରେ ତୁମ୍ଭେ ପ୍ରବୃତ୍ତ ହୁଅ ।

ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ ।
ଅନେନ ପ୍ରସବିଷ୍ୟଧ୍ୱମେଷ ବୋଽସ୍ତ୍ୱିଷ୍ଟକାମଧୁକ୍ ॥ ୧୦॥
ଦେବାନ୍ ଭାବୟତାନେନ ତେ ଦେବା ଭାବୟନ୍ତୁ ବଃ ।
ପରସ୍ପରଂ ଭାବୟନ୍ତଃ ଶ୍ରେୟଃ ପରମବାପ୍ ସ୍ୟଥ ॥ ୧୧ ॥

*ଅନ୍ୱୟ : ପ୍ରଜାପତିଃ ( ପ୍ରଜାପତି ବ୍ରହ୍ମା ) ପୁରା ( ସୃଷ୍ଟିର ପ୍ରାରମ୍ଭରେ ) ସହଯଜ୍ଞାଃ (କର୍ତ୍ତବ୍ୟ କର୍ମ ରୂପକ ଯଜ୍ଞର ବିଧାନ ସହ ) ପ୍ରଜାଃ ( ଦେବ, ପିତୃ,ଋଷି, ଗନ୍ଧର୍ବ,ମାନବ, ପଶୁ, ପକ୍ଷୀ ବୃକ୍ଷ ଆଦି ) ସୃଷ୍ଟ୍ୱା (ସର୍ଜନା କରି ) ଉବାଚ (ଶ୍ରେଷ୍ଠ ଜୀବ ମନୁଷ୍ୟକୁ ଉପଦେଶ ଦେଲେ ) ଅନେନ ( ଏହି ଯଜ୍ଞ କର୍ମ ଦ୍ୱାରା ) ପ୍ରସବିଷ୍ୟଧ୍ୱମ୍ ( ସମସ୍ତଙ୍କର ଉତ୍ତରୋତ୍ତର ବୃଦ୍ଧି କର ) ଏଷଃ ( କର୍ତ୍ତବ୍ୟ କର୍ମ ରୂପକ ଯଜ୍ଞ ) ବଃ (ତୁମ୍ଭ ମାନଙ୍କ ପାଇଁ ) ଇଷ୍ଟ-କାମଧୁକ୍ (କାମଧେନୁ ସଦୃଶ ସର୍ବ- ଅଭୀଷ୍ଟପ୍ରଦ ) ଅସ୍ତୁ ( ହେଉ ) । ଅନେନ ( ଏହି କର୍ତ୍ତବ୍ୟ ରୂପକ ଯଜ୍ଞ କର୍ମ ଦ୍ୱାରା ) ଦେବାନ୍ (ଦେବତା ମାନଙ୍କୁ ) ଭାବୟତ ( ସମ୍ବର୍ଦ୍ଧନା ଆର୍ଥାତ୍ ସନ୍ତୁଷ୍ଟ କର ) ତେ ଦେବାଃ ( ସେହି ଦେବତା ମାନେ ନିଜ କର୍ତ୍ତବ୍ୟ ଦ୍ୱାରା) ବଃ (ତୁମ୍ଭ ମାନଙ୍କୁ ) ଭାବୟନ୍ତୁ ( ଉନ୍ନତ କରନ୍ତୁ ) ପରସ୍ପରଂ ( ଏହିଭଳି ପରସ୍ପରଙ୍କୁ ) ଭାବୟନ୍ତଃ ( ଉନ୍ନତକରି- ସମୃଦ୍ଧ କରି ତୁମ୍ଭେମାନେ ) ପରମ୍ ଶ୍ରେୟଃ ( ପରମ କଲ୍ୟାଣ) ଅବାପ୍ ସ୍ୟଥ (ପ୍ରାପ୍ତ ହେବ ) ।*

**ଭାବାର୍ଥ :** ପ୍ରଜାପତି ବ୍ରହ୍ମା ସୃଷ୍ଟିର ପ୍ରାରମ୍ଭରେ କର୍ତ୍ତବ୍ୟ କର୍ମ ରୂପକ ଯଜ୍ଞର ବିଧାନ ସହ ସ୍ଥୂଳ ଜଗତରେ ମନୁଷ୍ୟ, ପଶୁ, ପକ୍ଷୀ, ସ୍ଥାବର, ଜଙ୍ଗମ ଆଦି ଏବଂ ସୂକ୍ଷ୍ମ ଜଗତରେ ଦେବ, ଭୁତ, ପ୍ରେତ, ପିତୃ, ଗନ୍ଧର୍ବ, ଆଦି ସମସ୍ତ ପ୍ରଜାକୂଳ ସୃଷ୍ଟି କରି ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ ଜୀବ ମନୁଷ୍ୟକୁ ସମସ୍ତଙ୍କ ହିତ ପାଇଁ ଯଜ୍ଞ ନିମିତ୍ତ କର୍ମ କରିବାକୁ ଉପଦେଶ ଦେଇଛନ୍ତି । ଏହି ଯଜ୍ଞାର୍ଥେ କର୍ମ କରି ତୁମ୍ଭେମାନେ ଉତ୍ତୋରତ୍ତର ବର୍ଦ୍ଧିତ ହୁଅ । ଏହି ଯଜ୍ଞ ତୁମ୍ଭ ମାନଙ୍କ ନିମନ୍ତେ କାମଧେନୁ ସଦୃଶ ସମସ୍ତ ଅଭୀଷ୍ଟ ବସ୍ତୁ ପ୍ରଦାନକାରୀ ହେଉ । ଏହି କର୍ତ୍ତବ୍ୟ ରୂପକ ଯଜ୍ଞକର୍ମ କରି ଦେବତାମାନଙ୍କୁ ସନ୍ତୁଷ୍ଟ କର , ଏବଂ ସେହି ଦେବତାମାନେ ନିଜ ନିଜର କର୍ତ୍ତବ୍ୟ କରି ବୃଷ୍ଟି, ତେଜ, ବାୟୁ ,ଶସ୍ୟ ଆଦି ପ୍ରଦାନ କରି ତୁମ୍ଭମାନଙ୍କର ସମୃଦ୍ଧ କରନ୍ତୁ । ଏହିପରି ଭାବରେ ପରସ୍ପରର ସମୃଦ୍ଧ ଦ୍ୱାରା ପରମ କଲ୍ୟାଣ ଲାଭ କରିବ । ପରମାତ୍ମାଙ୍କର ବ୍ରହ୍ମ ସ୍ୱରୂପରେ ସୃଷ୍ଟିର ସର୍ଜନା, ବିଷ୍ଣୁ ସ୍ୱରୂପରେ ପ୍ରଜା ପାଳନ, ଶିବ ସ୍ୱରୂପରେ ସୃଷ୍ଟିର ବିଲୟ ହୋଇଥାଏ । ସୃଷ୍ଟିର ଏହି ସମସ୍ତ ପ୍ରକ୍ରିୟା ହେଉଛି ମହାନ୍ ଯଜ୍ଞର ଅଧିଷ୍ଠାନ ଯାହା ପ୍ରକୃତି ଦ୍ୱାରା କାର୍ଯ୍ୟକାରୀ ହେଉଅଛି । ପରମାତ୍ମା ପରମବ୍ରହ୍ମ ହେଉଛନ୍ତି ଏହି ମହାନ୍ ଯଜ୍ଞର ଯଜ୍ଞାଧିପତି । ଅଧିଯଜ୍ଞ ରୂପରେ ସମସ୍ତ ଜୀବ,ଜଡ ମଧ୍ୟରେ ସେ ବିରାଜମାନ । ଏହି ଯଜ୍ଞର ଫଳ ରୂପରେ ସମସ୍ତ ଜୀବ, ସ୍ଥାବର, ଜଙ୍ଗମ ପ୍ରଭୃତିର ଉତ୍ପତ୍ତି । ମନୁଷ୍ୟ ମାତୃ ଗର୍ଭରେ ଭ୍ରୁଣ ରୂପରେ ସଂଚାର ହେବାଠାରୁ ଭୂମିଷ୍ଠ ପର୍ଯ୍ୟନ୍ତ ସମସ୍ତ କ୍ରିୟା ଯଜ୍ଞ ପ୍ରକ୍ରିୟାର ଅନ୍ତର୍ଗତ । ପ୍ରକୃତି ଏହି ଯଜ୍ଞ ପ୍ରକ୍ରିୟାର ନିର୍ବାହିକାରୀ । ଦୃଶ୍ୟମାନ ହେଉଥିବା ଜୀବ, ଜଡ ମାନବ,ପଶୁ,ପକ୍ଷୀ , ସ୍ଥାବର ,ଜଙ୍ଗମ, ବାୟୁ, ଜଳ, ଆକାଶ,ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ନକ୍ଷତ୍ର ଓ ଅଦୃଶ୍ୟ ଭୁତ, ପ୍ରେତ, ଦେବ, ଯକ୍ଷ, ଗନ୍ଧର୍ବ,କିନ୍ନର, ପିତୃ,ଋଷି ସବୁ ଯଜ୍ଞରୁ ସମ୍ଭୁତ । ପ୍ରକୃତି ଓ ଗୁଣର କ୍ରିୟମାଣରେ ସମସ୍ତ ଜୀବ ଓ ଜଡ କ୍ରିୟାଶୀଳ ହୋଇ ଯଜ୍ଞରେ ପ୍ରବୃତ୍ତ ହୋଇଥାନ୍ତି । ପରମାତ୍ମାଙ୍କ ଅଧିଷ୍ଠାନ ବଶତଃ ଯଜ୍ଞରେ ନିରନ୍ତର ପ୍ରକୃତି ଦ୍ୱାରା ହବନ କ୍ରିୟାରୁ ସଂସାର ପରିଚାଳନା ପାଇଁ ଅନେକ ଶକ୍ତିର ସଂଚାର ହୋଇଥାଏ ଏବଂ ସଂସାରର ରୂପ ସବୁ କ୍ଷଣରେ ବଦଳୁଥାଏ । ପରମାତ୍ମାଙ୍କର ସୃଷ୍ଟି କରିବାର ଶକ୍ତିର ଉତ୍ସକୁ "ପ୍ରଜାପତି ବ୍ରହ୍ମା" ବୋଲି ବେଦରେ କୁହାଯାଇଛି । ସର୍ଜନା କାଳରେ ପ୍ରଜାପତି ବ୍ରହ୍ମା, ମାନବ ଓ ଦେବତା ମାନଙ୍କୁ ସୃଷ୍ଟିକରି ସମସ୍ତଙ୍କ ନିମନ୍ତେ କର୍ତ୍ତବ୍ୟ କର୍ମର ବିଧାନ କରିଛନ୍ତି । ମନୁଷ୍ୟ ଭଗବାନଙ୍କ ସୃଷ୍ଟିରେ ଇତର ପ୍ରାଣୀଙ୍କଠାରୁ ସ୍ୱତନ୍ତ୍ର ଏବଂ ଶ୍ରେଷ୍ଠ । ବ୍ରହ୍ମାଙ୍କ ଦ୍ୱାରା ମନୁଷ୍ୟ ପାଇଁ ନିର୍ଦ୍ଧାରିତ ହୋଇଥିବା କର୍ମବିଧାନ ହେଉଛି ଯଜ୍ଞ । ପ୍ରଜାପତି ବ୍ରହ୍ମା ମାନବ ଜାତିକୁ କର୍ତ୍ତବ୍ୟକର୍ମ ରୂପକ ଯଜ୍ଞ ଅନୁଷ୍ଠାନ କରି ପରସ୍ପର ମଙ୍ଗଳ ସାଧନ କରିବାର ନିର୍ଦ୍ଦେଶ ଦେଇ ମାନବ ଜାତିର ମହାନ୍ ହିତ ସାଧନ କରିଛନ୍ତି । ବ୍ରହ୍ମା କହିଛନ୍ତି , ସଂସାରକୁ ଦେଖ,ଆଉ ପ୍ରକୃତି ଦ୍ୱାରା ଯେଉଁ ଯଜ୍ଞ କାର୍ଯ୍ୟ ହେଉଛି, ତାଠାରୁ

ପ୍ରେରଣା ପାଇ ଆଗକୁ ବଢ । କୌଣସି ମନୁଷ୍ୟ ଏକାକୀ କର୍ମାନୁଷ୍ଠାନରେ ସଂସାରର ସମସ୍ତ ଆବଶ୍ୟକତାକୁ ପ୍ରାପ୍ତ କରିପାରିବ ନାହିଁ । କୃଷକ ନିଜ ପାଇଁ ଖାଦ୍ୟ ଅମଳ କଲେ ,ବସ୍ତ୍ର ଆଉ ଗୃହ ଉପକରଣ ପାଇଁ ଅନ୍ୟର କର୍ତ୍ତବ୍ୟ କର୍ମ ଉପରେ ନିର୍ଭର କରିବାକୁ ହେବ । ବର୍ଣ୍ଣାଶ୍ରମ ଅନୁଯାଇ ନିଜ ନିଜର କର୍ମ ବିଧାନରେ ପ୍ରବୃତ୍ତ ରହି ପ୍ରାପ୍ତ ବସ୍ତୁକୁ ପରସ୍ପର ମଧ୍ୟରେ ଆବଶ୍ୟକତା ଅନୁଯାଇ ବିନିମୟ କରି ସମାଜ, ରାଷ୍ଟ୍ର, ଓ ବିଶ୍ୱ ସ୍ତରରେ ମାନବ ଜାତିର ଉତ୍ତୋରତ୍ତର ସମୃଦ୍ଧି ପାଇଁ ବ୍ରହ୍ମା ନିର୍ଦ୍ଦେଶ ଦେଇଛନ୍ତି । କୀଟ ପତଙ୍ଗ ଠାରୁ ଆରମ୍ଭକରି ମନୁଷ୍ୟ , ବୃକ୍ଷ, ଲତା, ଜଡ ସମସ୍ତ ପଦାର୍ଥ ,ପ୍ରକୃତିଦ୍ୱାରା ଏହିପରି ଭାବରେ ନିର୍ମିତ, ସଂସାରର ହିତ ଏବଂ ସମୃଦ୍ଧି ନିମନ୍ତେ ଯେପରି ସମସ୍ତେ ଉପଯୋଗୀ ହୋଇଛନ୍ତି । ବ୍ରହ୍ମା ସକଳପ୍ରାଣୀଙ୍କ ଉନ୍ନତି ପାଇଁ ଏବଂ ପରିବେଶକୁ ଅନୁକୂଳ ରଖିବା ପାଇଁ ମନୁଷ୍ୟକୁ ନିଜ କର୍ତ୍ତବ୍ୟ କର୍ମ ରୂପକ ଯଜ୍ଞ ପାଳନର ଉପଦେଶ ଦେଇଛନ୍ତି । ଶରୀରର ଇନ୍ଦ୍ରିୟମାନଙ୍କୁ ଦେବ କୁହାଯାଏ । ମନୁଷ୍ୟର ପ୍ରତ୍ୟେକ ଇନ୍ଦ୍ରିୟର, ଜଣେ ଜଣେ ଅଧିପତି ଦେବତା ଅଛନ୍ତି । ସେହି ଇନ୍ଦ୍ରିୟମାନଙ୍କୁ ଶୃଙ୍ଖଳିତ କରି ଯଜ୍ଞ କର୍ମରେ ପ୍ରବୃତ୍ତ କରାଇଲେ, ଦେବତାମାନେ ସନ୍ତୁଷ୍ଟ ହୁଅନ୍ତି । ଫଳରେ ମନ ଆଉ ଇନ୍ଦ୍ରିୟଗଣ ଭୋଗ ବାସନାରୁ ବିରତ ହୋଇ, ଆତ୍ମ ଚିନ୍ତନ କରି ମୁକ୍ତିର ମାର୍ଗକୁ ପ୍ରାପ୍ତ ହୁଅନ୍ତି । ଜଗତ କଲ୍ୟାଣ ପାଇଁ ବ୍ରହ୍ମାଙ୍କ ଦ୍ୱାରା କୁହାଯାଇଥିବା ଯଜ୍ଞର ଅର୍ଥ "ସ୍ୱଧର୍ମ" ବୁଝି ମନୁଷ୍ୟଗଣ ନିଜ ନିଜର ବର୍ଣ୍ଣାଶ୍ରମ ଅନୁଯାଇ କର୍ତ୍ତବ୍ୟ ପାଳନ କରିବା ବିଧେୟ । ଏଥିରେ ସୂକ୍ଷ୍ମ ସ୍ୱରୂପରେ ଥିବା ଦେବତା ମାନେ ଯଥା : ଅଗ୍ନି ବାୟୁ, ଜଳ,ପୃଥିବୀ ଓ ମହାକାଶ - ଏହି ପଞ୍ଚ ମହାଭୁତ , ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର, ଦେବତା, ପିତର ,ଋଷିଗଣ ସନ୍ତୁଷ୍ଟ ହୋଇଥାନ୍ତି । ଦେବତାମାନେ ସନ୍ତୁଷ୍ଟହେଲେ ସଂସାରର ହିତକୁ ନିଜ କର୍ତ୍ତବ୍ୟ ମାନି ସମସ୍ତ ଯଜ୍ଞ ଉପଯୋଗୀ ସାମଗ୍ରୀ ମନୁଷ୍ୟଙ୍କୁ ପ୍ରଦାନ କରିଥାନ୍ତି । ନିଜର ସ୍ୱାର୍ଥକୁ ତ୍ୟାଗ କରି ଜଣେ ଅନ୍ୟଜଣର ଉପକାରରେ ଲାଗିଲେ, ସଂସାରର ହିତ ସଙ୍ଗେ ସଙ୍ଗେ ମନୁଷ୍ୟକୁ ପରମାତ୍ମାଙ୍କର କୃପା ପ୍ରାପ୍ତ ହୋଇଥାଏ । ବେଦ ହେଉଛି ମନୁଷ୍ୟ ଜାତି ପାଇଁ ବ୍ରହ୍ମାଙ୍କ ଦ୍ୱାରା ଦିଆଯାଇଥିବା ଉପଦେଶ ଗ୍ରନ୍ଥ ଯାହା ସମଗ୍ର ମାନବ ସମାଜର ସର୍ବବିଧ ସମୃଦ୍ଧ ଏବଂ କଲ୍ୟାଣର ନୀତି ଓ ନିୟମକୁ ଧାରଣ କରିଛି । ଗାର୍ହସ୍ଥ୍ୟ ଆଶ୍ରମରେ ସନ୍ତାନ ଉତ୍ପନ୍ନ କରି ସେମାନଙ୍କୁ ଉଚିତ ଶିକ୍ଷା ଦେଇ ସଂସାର ହିତ ଏବଂ ଈଶ୍ୱର ଉପାସନାରେ ନିଯୁକ୍ତ କରାଇବା ମଧ୍ୟ ପିତା ମାତାଙ୍କ ପାଇଁ ଯଜ୍ଞ କର୍ମ । ସେହିପରି ସନ୍ୟାସ ଧର୍ମରେ ଆତ୍ମଜ୍ଞାନ ପ୍ରାପ୍ତ ହୋଇ ସଂସାରର ବିଷୟାଭିମୁଖୀ ଲୋକଙ୍କୁ ଜ୍ଞାନପ୍ରଦାନ କରି ସେମାନଙ୍କୁ ଈଶ୍ୱରାଭିମୁଖୀ କରାଇବା ଯଜ୍ଞ କର୍ମ ଅଟେ । ଭଗବାନ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ମାଧ୍ୟମରେ ମନୁଷ୍ୟକୁ ଦୁଇଟି ମୁଖ୍ୟ ଉପଦେଶ କହିଛନ୍ତି । ଗୋଟିଏ ହେଲା : କର୍ତ୍ତବ୍ୟ କର୍ମ କରି ସଂସାରର ହିତ ସାଧନାରେ ଲାଗି ରହିବା । ଦ୍ୱିତୀୟଟି ହେଲା, ପରମାତ୍ମତତ୍ତ୍ୱ ପ୍ରାପ୍ତ କରି ଜୀବନ ମୁକ୍ତ ହେବା । ଏହି ଦୁଇଟି କର୍ମ ବିଧାନରେ ମନୁଷ୍ୟ ଜନ୍ମ ସାର୍ଥକ ହୁଏ ।

**ଇଷ୍ଟାନ୍ ଭୋଗାନ୍ ହି ବୋ ଦେବା ଦାସ୍ୟନ୍ତେ ଯଜ୍ଞଭାବିତାଃ ।**

**ତୈର୍ଦତ୍ତାନପ୍ରଦାୟୈଭ୍ୟୋ ଯୋ ଭୁଙ୍କ୍ତେ ସ୍ତେନ ଏବ ସଃ ॥ ୧୨ ॥**

*ଅନ୍ୱୟ : ହି (ଯେହେତୁ ) ଦେବାଃ (ଦେବତାଗଣ ) ଯଜ୍ଞଭାବିତାଃ (ଯଜ୍ଞାନୁଷ୍ଠାନ ଦ୍ୱାରା ସନ୍ତୁଷ୍ଟ ହୋଇ ) ଇଷ୍ଟାନ୍ ଭୋଗାନ୍ (ଇପ୍ସିତ ଭୋଗ୍ୟବସ୍ତୁ ଅର୍ଥାତ୍ କର୍ତ୍ତବ୍ୟ କର୍ମ କରିବା ପାଇଁ ଆବଶ୍ୟକୀୟ ସାମଗ୍ରୀ ) ଦାସ୍ୟନ୍ତେ (ଦେଇଥାନ୍ତି )ତୈଃ (ସେହି ଦେବଗଣ ଦ୍ୱାରା ) ଦତ୍ତାନ୍ ( ପ୍ରଦତ୍ତ ଭୋଗ୍ୟ ସାମଗ୍ରୀ )*

*ଏଭ୍ୟଃ ( ଅନ୍ୟମାନଙ୍କୁ ) ଅପ୍ରଦାୟ (ସେବାରେ ନ'ଲଗାଇ )ଯଃ (ଯେଉଁ ମନୁଷ୍ୟ ) ଭୁଙ୍କ୍ତେ (ଉପଭୋଗ କରେ ) ସଃ (ସେ ) ସ୍ତେନଃଏବ (ନିଶ୍ଚିତ ହିଁ ଚୋର ) ।*

**ଭାବାର୍ଥ :** ଭଗବାନଙ୍କର ଏହି ଉପଦେଶ ମନୁଷ୍ୟ ନିମନ୍ତେ ଏକ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ପରାୟଣାତାକୁ ସୂଚାଉଅଛି ଯେ : " ଅର୍ଜିତ ସାମଗ୍ରୀରେ ନିଜର ଅଧିକାର ନାହିଁ ଏବଂ ଯାହା ସଂସାରରୁ ପ୍ରାପ୍ତ ହୋଇଛି, ତାହା ସଂସାର ପାଇଁ ଉଦ୍ଦିଷ୍ଟ " । ମନୁଷ୍ୟ ଜାତି ପାଇଁ ଏହି ମହାନ ଉପଦେଶ ବିଶ୍ୱସ୍ତରରେ ଏକ ସୁସ୍ଥ ମାନବ ସମାଜ ଗଠନ ପାଇଁ ଏକ ସୁଚିନ୍ତିତ ବିଚାରଧାରା । ସଂସାରରେ ଜୀବନ ଧାରଣ ପାଇଁ ଯେଉଁ ସବୁ ମୌଳିକ ଆବଶ୍ୟକତା ରହିଛି ଯଥା : ଜଳ, ବାୟୁ, ସୂର୍ଯ୍ୟାଲୋକ, ଚନ୍ଦ୍ରାଲୋକ,ବର୍ଷା, ଧାତବ ପଦାର୍ଥ ଓ ବୃକ୍ଷ,ସଶ୍ୟ ଆଦି ଏହାର ଅଭାବରେ ଜୀବ ଜଗତ ପୃଥିବୀରେ ତିଷ୍ଠି ରହିବା ଅସମ୍ଭବ । ଏ ସମସ୍ତ ମନୁଷ୍ୟକୁ ଭଗବାନଙ୍କଠାରୁ ଦେବତା ମାନଙ୍କ ମାଧ୍ୟମରେ ପ୍ରାପ୍ତ ହୋଇଅଛି । ସେହି ପ୍ରାପ୍ତ ପଦାର୍ଥକୁ ସଂସାର କଲ୍ୟାଣରେ ବିନିଯୋଗ କରି ସମସ୍ତଙ୍କୁ ସୁଖ ପ୍ରଦାନ କରିବାର ଦାୟିତ୍ୱ ମନୁଷ୍ୟର। ଦେବତାଙ୍କଠାରୁ ପ୍ରାପ୍ତ ହୋଇଥିବା ଭୋଗ୍ୟବସ୍ତୁ ଯେଉଁ ମନୁଷ୍ୟ ନିଜର ଇନ୍ଦ୍ରିୟ ସମ୍ଭୋଗରେ ବିନିଯୋଗ କରେ, ତାହା ହେଉଛି ତା'ପାଇଁ ଚୋର ବୃତ୍ତି । ସେହି ମୂର୍ଖଲୋକଗଣ ଭାବନ୍ତି "ମୁଁ" କର୍ମ କରି ଏହା ଅର୍ଜନ କଲି , ଏଥିର କେବଳ " ମୋର" ଅଧିକାର ଅଛି । ଏହାକୁ "ମୋର" ସୁଖଲାଭରେ ହିଁ ବିନିଯୋଗ କରିବି । ସେହିମାନଙ୍କର ଏହି ଜ୍ଞାନ ନ'ଥାଏ ଯେ, ସଂସାରର ସମସ୍ତ ଭୋଗ୍ୟ ପଦାର୍ଥ ଦେବତାମାନଙ୍କ ଠାରୁ ସମୂହ ଭାବରେ ସମସ୍ତଙ୍କୁ ପ୍ରାପ୍ତ ହୋଇଛି । ତେଣୁ ଏଥିରେ ଦେବତା ଓ ଅନ୍ୟ ସମସ୍ତଙ୍କର ଯଥା ଯୋଗ୍ୟ ପ୍ରାପ୍ୟ ଭାଗ ରହିଅଛି । ଦେବତାଙ୍କୁ ପ୍ରତ୍ୟାର୍ପଣ ନିବେଦନ ନ'କରି ଯେଉଁମାନେ ଭୋଗ୍ୟବସ୍ତୁ ସମୂହକୁ ନିଜେ କେବଳ ଭୋଗ କରିଥାନ୍ତି , ସେହିମାନେ ଦେବସ୍ୱ ଅପହରଣକାରୀ । ଏହି ଅଜ୍ଞାନ ମନୁଷ୍ୟ ଜନ୍ମ ଜନ୍ମ ଧରି ଭୌତିକ ବନ୍ଧନରେ ବାନ୍ଧିହୋଇ ଦୁଃଖ ଯନ୍ତ୍ରଣା ଭୋଗ କରନ୍ତି । ପିତା ମାତାଙ୍କଠାରୁ ଶରୀର ମିଳିଛି , ଏହାର ପାଳନ ପୋଷଣ ମଧ୍ୟ ପିତାମାତାଙ୍କ ଦ୍ୱାରା ହୋଇଛି । ଗୁରୁଙ୍କଠାରୁ ବିଦ୍ୟା ମିଳିଛି । ,ପିତୃଗଣ ଇହଲୋକରେ ପରଲୋକରେ ଥାଇ ସଦା ସର୍ବଦା ମଙ୍ଗଳ କାମନା କରୁଛନ୍ତି । ମନୁଷ୍ୟ ବୁଦ୍ଧିମାନ ଜୀବ ହୋଇଥିବାରୁ ଅନ୍ୟ ସମସ୍ତଙ୍କୁ ସୁରକ୍ଷା ଦେଇ, ସହାୟତାର ହାତ ବଢାଇ ଅନ୍ୟର ଦୁଃଖ,ଯନ୍ତ୍ରଣାକୁ ଲାଘବ ପାଇଁ ଚେଷ୍ଟା କରୁଛି । ପଶୁ, ପକ୍ଷୀ, ବୃକ୍ଷ, ଲତା ପ୍ରଭୃତି ସଂସାରର ହିତ ପାଇଁ ନିଜକୁ ସମର୍ପିତ କରି ସମସ୍ତଙ୍କର ଜୀବନ ନିର୍ବାହପାଇଁ ସୁସ୍ଥ ପରିବେଶ ତିଆରି କରିଛନ୍ତି । ଦେବତା ମାନଙ୍କସନ୍ତୁଷ୍ଟ ପାଇଁ ଘୃତ ଆଦି ହୋମ ଯଜ୍ଞ, - ଶାସ୍ତ୍ର ବିଧି ପାଳନ କରି ,ଋଷି,ମୁନୀଙ୍କ ଠାରୁ ଜ୍ଞାନ ପ୍ରାପ୍ତକରି ଜ୍ଞାନ ଯଜ୍ଞ, - ମାନବ ଜାତିର କଲ୍ୟାଣ ପାଇଁ ନିଜର ସର୍ବସ୍ୱ ତ୍ୟାଗକରି ନୃ ଯଜ୍ଞ , ପିତୃପୁରୁଷଙ୍କ ପାଇଁ ସେବା ଓ ଶ୍ରାଦ୍ଧ-ତର୍ପଣ କରି ପିତୃ ଯଜ୍ଞ, ଅନ୍ୟ ସମସ୍ତ ଇତରପ୍ରାଣୀ ଓ ବୃକ୍ଷ ଜଗତର ସୁରକ୍ଷା ପାଇଁ ଭୂତ ଯଜ୍ଞ , ଏହି ପଞ୍ଚ ମହାଯଜ୍ଞ ଅନୁଷ୍ଠାନ କରି ଦେବତା ମାନଙ୍କଠାରୁ ପ୍ରାପ୍ତ ସାମଗ୍ରୀକୁ ସଂସାର ହିତରେ ଲଗାଇବା ମନୁଷ୍ୟର ପରମ କର୍ତ୍ତବ୍ୟ । ଆମ୍ଭ ପାଖରେ ରହିଥିବା ଶାରୀରିକ ବଳ,ଯୋଗ୍ୟତା,ଧନ,ସମ୍ପଦ, ଅଧିକାର, ମାନ, ପ୍ରତିଷ୍ଠା ସବୁ କିଛି ଏହି ପାଞ୍ଚ ଶ୍ରେଣୀୟ ଦେବତାମାନେ ନିଜ ନିଜର ସ୍ୱଧର୍ମ ପାଳନ କରିବା କାରଣରୁ ଆମ୍ଭଙ୍କୁ ପ୍ରାପ୍ତ ହୋଇଛି । ତେଣୁ ପ୍ରାପ୍ତ ସାମଗ୍ରୀକୁ ଅନ୍ୟର ବୋଲି ବିଚାର କରି, ନିଷ୍କାମ ଭାବ ପୂର୍ବକ ସଂସାର ସେବାରେ ଲଗାଇ ଦେବା ହିଁ ବନ୍ଧନରୁ ମୁକ୍ତ ହେବାର ସରଳ ଉପାୟ । ଆବଶ୍ୟକତା ଠାରୁ କିଞ୍ଚିତ୍ ମାତ୍ରାରେ ଅଧିକ ଭୋଗ୍ୟ ସାମଗ୍ରୀ କାମନା କରିବା

କର୍ମଯୋଗ ସିଦ୍ଧାନ୍ତର ବିରୁଦ୍ଧ । ପରିବାରର କର୍ତ୍ତା କର୍ମଯୋଗରେ ରହି ନିଜକୁ ସମସ୍ତଙ୍କର ଭରଣ ପୋଷଣକାରୀ ମନେ ନ' କରି କୁଟୁମ୍ବ ପୋଷଣକୁ ଯଜ୍ଞ କର୍ମ ମନେକରି ପରିବାରର ଦାୟିତ୍ୱକୁ ସାଧନା ରୂପେ ଗ୍ରହଣକରିବା ଉଚିତ । ମନୁଷ୍ୟ ଯଦି କର୍ତ୍ତବ୍ୟ କର୍ମ ନ'କରି ନିଜ ସ୍ୱାର୍ଥ, ଇନ୍ଦ୍ରିୟଭୋଗରେ ଆସକ୍ତ ହୋଇ କର୍ମ କରେ, ତାର ପରିଣାମରେ ରାଷ୍ଟ୍ରରେ ବିଦ୍ରୋହ, ସଂଘର୍ଷ, ଅରାଜକତା ଉପୁଜେ । ସୃଷ୍ଟି ପରିଚାଳନାରେ ବିଶୃଙ୍ଖଳା ଦେଖାଦିଏ। ଅତିବୃଷ୍ଟି, ଅନାବୃଷ୍ଟି ଭୂକମ୍ପ, ଦୁର୍ଭିକ୍ଷ, ମରୁଡି ପ୍ରଭୃତି ଦୈବ ଦୁର୍ବିପାକ ଆସେ । ଅତଏବ ସ୍ୱଧର୍ମ ପାଳନକରି, କର୍ତ୍ତବ୍ୟ କର୍ମକୁ ନିଷ୍ଠାର ସହିତ ଅନୁଷ୍ଠାନ କରି, ଦେବତାଙ୍କୁ ଯଜ୍ଞାଦି କର୍ମ ଦ୍ୱାରା ପୁଷ୍ଟକରି, ଜୀବନକୁ ସଂସାର ହିତରେ ଉତ୍ସର୍ଗ କରିଦେବା ହେଉଛି ଯୋଗ ସାଧନା ।

**ଯଜ୍ଞଶିଷ୍ଟାଶିନଃ ସନ୍ତୋ ମୁଚ୍ୟନ୍ତେ ସର୍ବକିଲ୍ବିଷୈଃ ।**
**ଭୁଞ୍ଜତେ ତେ ତ୍ୱଘଂ ପାପା ଯେ ପଚନ୍ତ୍ୟାତ୍ମକାରଣାତ୍ ॥ ୧୩ ॥**

*ଅନ୍ୱୟ: ଯଜ୍ଞଶିଷ୍ଟ (ଯଜ୍ଞ ଅନୁଷ୍ଠାନ ସମ୍ପନ୍ନ ପରେ ବଳକା ରହିଥିବା ଭୋଗ ସାମଗ୍ରୀ ବା ଅନ୍ନ ଖାଦ୍ୟପ୍ରଭୃତି ) ଅଶିନଃ (ବ୍ୟବହାରକାରୀ ଅଥବା ଭୋଜନକାରୀ ) ସନ୍ତଃ (ସଜ୍ଜନ ଗଣ ) ସର୍ବ କିଲ୍ବିଷୈଃ (ସମସ୍ତ ପାପରୁ ) ମୁଚ୍ୟନ୍ତେ (ମୁକ୍ତ ହୁଅନ୍ତି ) ଯେ ତୁ (କିନ୍ତୁ ଯେଉଁମାନେ ) ଆତ୍ମ କାରଣାତ୍ ( କେବଳ ନିଜ ଉଦର ପୂରଣ ପାଇଁ ଅଥବା ନିଜ ଭୋଗ ଉଦ୍ଦେଶ୍ୟରେ )ପଚନ୍ତି (ପାକକ୍ରିୟା ଅଥବା କର୍ମ କରନ୍ତି ) ତେ (ସେହି ) ପାପାଃ(ପାପିଗଣ) ଅଘଂ(ପାପ)ଭୁଞ୍ଜତେ (ଭୋଜନ କରନ୍ତି )।*

**ଭାବାର୍ଥ :** ଦେବତା ମାନେ ସଂସାରକୁ ଅଭିଳାଷ ବସ୍ତୁ ଦିଅନ୍ତି । ଋଷି ,ମହର୍ଷି ଜ୍ଞାନ ପ୍ରଦାନ କରନ୍ତି ,ପିତର ଲୋକେ ସନ୍ତାନର ଭରଣ,ପୋଷଣ କରନ୍ତି ଓ ମଙ୍ଗଳ କାମନା କରନ୍ତି । ମନୁଷ୍ୟଦ୍ୱାରା ସମସ୍ତ ପ୍ରାଣୀଙ୍କୁ ସେବା ପ୍ରାପ୍ତ ହୋଇଥାଏ । ,ପଶୁ,ପକ୍ଷୀ, ବୃକ୍ଷ ଆଦି ଇତର ଜୀବ ଓ ଜଡ ଜଗତ ସୃଷ୍ଟିର ହିତରେ ସମର୍ପିତ ହୋଇଥାନ୍ତି । ତେଣୁ ଏହି ସମସ୍ତ ସୂକ୍ଷ୍ମ ଓ ସ୍ଥୂଳ ଦେବତାମାନଙ୍କ ତୁଷ୍ଟ ନିମନ୍ତେ ଦେବ ଯଜ୍ଞ, ଋଷି ଯଜ୍ଞ, ପିତୃ ଯଜ୍ଞ, ନୃ ଯଜ୍ଞ ଓ ଭୁତ ଯଜ୍ଞର ବିଧାନ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି । ଏହି ପଞ୍ଚ ମହାଯଜ୍ଞକୁ ଗୃହାସ୍ଥାଶ୍ରମରେ ରହିଥିବା ବ୍ୟକ୍ତି ନିତ୍ୟ ଅନୁଷ୍ଠାନ କରିସାରିବାପରେ ଯେଉଁ ବଳକା ଅନ୍ନ ବା ସାମଗ୍ରୀ ରହେ ସେଥିରେ ସେ ନିଜର ଉଦର ପୋଷଣ କରେ ବା ବଳକା ସାମଗ୍ରୀକୁ ନିଜ କର୍ତ୍ତବ୍ୟ କର୍ମରେ ଲଗାଏ । ସଜ୍ଜନ ବ୍ୟକ୍ତି , ଅନ୍ନ ଦାନ, ବସ୍ତ୍ର ଦାନ, ଦ୍ରବ୍ୟଦାନ, ଶିକ୍ଷା ଦାନ, ଦେବତା ମନ୍ଦିର ନିର୍ମାଣ,ବୃକ୍ଷ ରୋପଣ ପ୍ରଭୃତି ପର ଉପକାର କାର୍ଯ୍ୟରେ ନିଜ ଦ୍ୱାରା ନ୍ୟାୟୋଚିତ ଉପାର୍ଜିତ ବସ୍ତୁକୁ ଲଗାଇ ପରମାତ୍ମାଙ୍କ ଠାରୁ କୃପା ଲାଭ କରିଥାଏ । ନିଜଦ୍ୱାରା ପାକ କରାଯାଇଥିବା ଅନ୍ନକୁ ଅନ୍ୟର ଭରଣ ପୋଷଣରେ ଲଗାଇବା ପରେ କିମ୍ବା ନିଜ ପରିଶ୍ରମରେ ଉପାର୍ଜିତ ଧନକୁ ସଂସାରର କଲ୍ୟାଣରେ ଲଗାଇଲା ପରେ ,ବଳକା ଅନ୍ନକୁ ଭକ୍ଷଣ କରିବା କିମ୍ବା ବଳକା ଦ୍ରବ୍ୟରେ ନିଜର ଜୀବନ ଧାରଣ କରିବାକୁ ,ଶାସ୍ତ୍ରକାର ଅମୃତ ପାନ ବୋଲି କହିଥାନ୍ତି । ଏଥିରେ ଜନ୍ମ ଜନ୍ମ ଧରି ଥିବା ସମସ୍ତ ପାପ ଅର୍ଥାତ୍ ବନ୍ଧନ କାରକ କର୍ମ ବିନଷ୍ଟ ହୋଇଥାଏ । ସଂସାରରେ ଯେଉଁ ଅଯୁକ୍ତ ପୁରୁଷ ଅନ୍ୟ ସମସ୍ତଙ୍କର ସହୋଯୋଗିତାରେ ଧନ ଉପାର୍ଜ୍ଜନ କରି ,ତାହାକୁ ସଂସାର ହିତରେ ବିନିଯୋଗ ନ'କରି ନିଜର ଇନ୍ଦ୍ରିୟ ଭୋଗ ଓ ସ୍ୱାର୍ଥ ସାଧନରେ ଲଗାଇଥାଏ, ସେ କେବଳ ପାପ କରିନଥାଏ, ସେ ପାପକୁ ମଧ୍ୟ ଭକ୍ଷଣ କରିଥାଏ ବୋଲି ଭଗବାନ କହିଛନ୍ତି । ସକାମ ବ୍ୟକ୍ତି, ଫଳ ଆଶା ରଖି କର୍ମକରି ଉପାର୍ଜିତ ଧନକୁ ନିଜେ ଉପୋଭୋଗ

କରିବା ସଙ୍ଗେ ସଙ୍ଗେ ଅନ୍ୟର ଉପକାରରେ ଯଦି ଲଗାଏ, ସେ ଯୋଗ ପ୍ରାପ୍ତ କରିବାରେ ସିନା ଡେରି ହୁଏ, ସେହି ବ୍ୟକ୍ତି ପାପ ଅର୍ଜନ କରେନାହିଁ କି' ପାପକୁ ଭକ୍ଷଣ କରେନାହିଁ । ସ୍ୱାମୀ ରାମ ସୁଖଦାସ ଙ୍କ ବ୍ୟାଖ୍ୟା ଅନୁଯାୟୀ କର୍ମଯୋଗର ସାଧନାରେ, "କର୍ମ" ସଂସାର ପାଇଁ ଉଦ୍ଦିଷ୍ଟ ହୋଇଥିବା ବେଳେ, ଯଜ୍ଞ ଅବଶିଷ୍ଟ ହେଉଛି "ଯୋଗ" ବା "ସମତା" , ତାହା ସାଧକ ଅନୁଭକରି ସମସ୍ତ କର୍ମ ବନ୍ଧନରୁ ମୁକ୍ତ ହୋଇଥାଏ ।

**ଅନ୍ନାଭବନ୍ତି ଭୂତାନି ପର୍ଜନ୍ୟାଦନ୍ନସମ୍ଭବଃ ।**
**ଯଜ୍ଞାଭବତି ପର୍ଜନ୍ୟୋ ଯଜ୍ଞ କର୍ମସମୂଭବଃ ॥ ୧୪ ॥**
**କର୍ମ ବ୍ରହ୍ମୋଭବଂ ବିଦ୍ଧି ବ୍ରହ୍ମାକ୍ଷରସମୁଭବମ୍ ।**
**ତସ୍ମାତ୍ସର୍ବଗତଂ ବ୍ରହ୍ମ ନିତ୍ୟ ଯଜ୍ଞେ ପ୍ରତିଷ୍ଠିତମ୍ ॥ ୧୫ ॥**

*ଅନ୍ୱୟ : ଭୂତାନି ( ପ୍ରାଣୀ ସମୂହ ) ଅନ୍ନାତ୍ (ଅନ୍ନରୁ ଅର୍ଥାତ୍ ଖାଦ୍ୟ ଶସ୍ୟରୁ) ଭବନ୍ତି (ଉତ୍ପନ ହୁଅନ୍ତି ) ପର୍ଜନ୍ୟାତ୍ (ବୃଷ୍ଟିରୁ ) ଅନ୍ନ (ଖାଦ୍ୟ ଶସ୍ୟ ) ସମ୍ଭବଃ ( ସମ୍ଭବପର ହୁଏ )ଯଜ୍ଞାତ୍ ( ଯଜ୍ଞ କର୍ମରୁ ) ପର୍ଜନ୍ୟଃ ( ମେଘ ) ଭବତି (ହୁଏ ) ଯଜ୍ଞଃ (ଯଜ୍ଞ-କର୍ମ) କର୍ମସମୂଭବଃ (ଶାସ୍ତ୍ର ସମ୍ମତ କର୍ତ୍ତବ୍ୟ କର୍ମରୁ ଜାତହୁଏ ) । କର୍ମ ( ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ କର୍ମ ) ବ୍ରହ୍ମ-ଉଦ୍ଭବଂ (ବେଦରୁ ଜାତ ) ବ୍ରହ୍ମ (ବେଦ) ଅକ୍ଷର-ସମୁଭବମ୍ (ଅକ୍ଷର ବ୍ରହ୍ମ ଅର୍ଥାତ୍ ପରଂବ୍ରହ୍ମ ପରମାତ୍ମାଙ୍କ ଠାରୁ ପ୍ରକଟ ହୋଇଛନ୍ତି ) ବିଦ୍ଧି ( ବୋଲି ଜାଣ ) ତସ୍ମାତ୍ (ଅତଏବ ) ସର୍ବଗତଂ ବ୍ରହ୍ମ ( ସର୍ବବ୍ୟାପୀ ପରଂବ୍ରହ୍ମ ପରମାତ୍ମା ) ଯଜ୍ଞେ ( କର୍ତ୍ତବ୍ୟ କର୍ମ ଅନୁଷ୍ଠାନ ସ୍ଥଳରେ ) ନିତ୍ୟଂ ( ଶାଶ୍ୱତ ଭାବରେ ) ପ୍ରତିଷ୍ଠିତମ୍(ଅବସ୍ଥାନ କରିଥାନ୍ତି )।*

**ଭାବାର୍ଥ** :ସମସ୍ତ ପ୍ରାଣୀ ଅନ୍ନରୁ ଉତ୍ପନ୍ନ । ଅନ୍ନ ହିଁ ପରମାତ୍ମା ଅଟନ୍ତି । ପ୍ରାଣୀମାନଙ୍କ ଶରୀରରେ ଖାଦ୍ୟ,ଜଳ,ବାୟୁ,ତେଜ ଓ ଆକାଶ ସ୍ଥିତିରୁ ଶରୀରରେ ରସ,ରୁଧିର,ମେଦ,ମାଂସ,ମଜ୍ଜା,ଅସ୍ଥି, ରଜ ଓ ବୀର୍ଯ୍ୟ ତିଆରି ହୋଇଥାଏ। ଏହି ରଜ ଓ ବୀର୍ଯ୍ୟ ର ସଂଯୋଗରୁ ଶରୀର ଉତ୍ପନ୍ନ ହୁଏ। ତେଣୁ ବାୟୁ,ତେଜ,ଜଳ,ଖାଦ୍ୟ ଏ ସବୁ ହେଉଛି ଅନ୍ନ ଏବଂ ଏହି ଅନ୍ନରେ ସମସ୍ତ ପ୍ରାଣୀଙ୍କର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଶରୀର ପୋଷଣ ହୁଏ । ଅନ୍ନ ମାନଙ୍କ ଭିତରେ ଜଳର ପ୍ରାଧାନ୍ୟତା ଅଧିକ ଏବଂ ଏହି ଜଳର ଆଧାର ହେଉଛି ବୃଷ୍ଟି । ସୂର୍ଯ୍ୟ,ଚନ୍ଦ୍ର,ବରୁଣ, ଇନ୍ଦ୍ର, ପବନ ଆଦି ଦେବତାମାନେ ବୃଷ୍ଟିକୁ ନିୟନ୍ତ୍ରଣ କରିଥାନ୍ତି । ଏହି ଦେବତା ମାନଙ୍କର ତୁଷ୍ଟ ପାଇଁ ବେଦରେ ବିଭିନ୍ନ ଯଜ୍ଞର ବ୍ୟବସ୍ଥା ରହିଛି । ମନୁ ସଂହିତାରେ ଲେଖା ରହିଛି : ଯଜ୍ଞାଗ୍ନିରେ ଘୃତ,ଅନ୍ନ ଆଦି ସମ୍ୟକ ଆହୁତି ରୂପେ ପ୍ରଦତ୍ତ ହେଲେ ,ତାହା ଆଦିତ୍ୟକୁ ଗମନ କରି ବୃଷ୍ଟି କରାଏ । କର୍ମଯୋଗ ପ୍ରସଙ୍ଗରେ ଅଗ୍ନିରେ ଘୃତ ଆଦି ଦ୍ରବ୍ୟର ଆହୁତି କ୍ରିୟାକୁ କେବଳ ଯଜ୍ଞ ବୋଲି ଧରି ନିଆଯିବ ନାହିଁ । ବିଷ୍ଣୁଙ୍କ ପ୍ରିତ୍ୟାର୍ଥେ ମନୁଷ୍ୟ ଦ୍ୱାରା ଯେଉଁ କର୍ମ ଅନୁଷ୍ଠାନ କରାଯାଇଥାଏ ତାହା ମଧ୍ୟ ଯଜ୍ଞ ହୋଇଥାଏ । ଲୋକ ଉପକାର ନିମିତ୍ତ ଯେଉଁ କ୍ରିୟା ସମ୍ପାଦିତ ହୋଇଥାଏ ,ସେହି ସତ୍ କର୍ମକୁ ଯଜ୍ଞ ବୋଲି ବୁଝିବାକୁ ହେବ । ସଂସାରରେ ଜନ୍ମ ହେଲେ ମନୁଷ୍ୟକୁ କର୍ତ୍ତବ୍ୟ ପାଳନ ରୂପ ଯଜ୍ଞ କରିବାକୁ ପଡିବ । ଛାତ୍ର ଅଧୟନ କରିବା ଯଜ୍ଞ ,ସ୍ତ୍ରୀ ରୋଷେଇଶାଳରେ ଖାଦ୍ୟ ରୋଷେଇକରିବା ଯଜ୍ଞ, ଡାକ୍ତର ରୋଗୀକୁ ଚିକିତ୍ସା କରିବା ହେଉଛି ଯଜ୍ଞ, ଶିକ୍ଷକ ବିଦ୍ୟାଳୟରେ ଶିକ୍ଷାଦାନ କରିବା ଯଜ୍ଞ, କର୍ମଚାରୀ ଭାବରେ ସଚ୍ଚୋଟ ଭାବରେ ରାଷ୍ଟ୍ର ସେବା କରିବା ଯଜ୍ଞ, ଚାଷୀ ଜମିରୁ ଫସଲ ଅମଳ କରିବା ଯଜ୍ଞ, ଓ ଅନ୍ୟର ଆବଶ୍ୟକତା ଯୋଗାଇ ଦେବା ଉଦ୍ଦେଶ୍ୟରେ ବ୍ୟବସାୟ କରିବା ମଧ ଯଜ୍ଞ । କର୍ମରୁ କାମନା,ମମତା,ଆସକ୍ତି, ପକ୍ଷପାତ,ବିଷମତା ପ୍ରଭୃତି ବିଷାକ୍ତ

ଅଂଶକୁ ବାହାର କରିଦେଲେ, କର୍ମ ଅମୃତମୟ ହୋଇ ଜନ୍ମ-ମରଣ ରୂପକ ପୀଡାକୁ ଦୂର କରିଥାଏ। ଏହି ଅମୃତମୟ କର୍ମକୁ ଯଜ୍ଞ କୁହାଯାଇଛି । ଘୃତ ଅନ୍ନ ଆଦିର ଆହୁତିରେ ପଦାର୍ଥର ତ୍ୟାଗ ହୁଏ । ଦ୍ରବ୍ୟ ଆଦି ଦାନକରିବାରେ ମମତା ଆଉ ସଂଗ୍ରହ ପ୍ରବୃତ୍ତିର ତ୍ୟାଗ ହୁଏ । ବ୍ରତ,ଉପବାସ ,ତପ ଆଦି କ୍ରିୟାରେ ଇନ୍ଦ୍ରିୟ ସୁଖ ଭୋଗର ତ୍ୟାଗ ହୁଏ । କର୍ତ୍ତବ୍ୟକର୍ମ ପାଳନରେ ସ୍ୱାର୍ଥ ଓ କାମନାର ତ୍ୟାଗ ହୋଇଥାଏ । ଏହିପରି ଭାବରେ ତ୍ୟାଗ ହେଉଛି ସମସ୍ତ ଯଜ୍ଞ କର୍ମର ମୁଖ୍ୟ । ଯଜ୍ଞ ସଂସାର ହିତ ଜନିତ କର୍ମରୁ ସୃଷ୍ଟି ବୋଲି ଭଗବାନ କହୁଛନ୍ତି । ମନୁଷ୍ୟ ନିଜ ନିଜର କର୍ତ୍ତବ୍ୟ ପାଳନ କଲେ , ତାହାର ପ୍ରଭାବରେ ଦେବତାମାନେ ମଧ୍ୟ ନିଜ ନିଜର ଧର୍ମ ପାଳନ କରିବାକୁଯାଇ ବୃଷ୍ଟି,ତେଜ,ବାୟୁ ଶୀତଳତା ଆଦି ଅତ୍ୟାବଶ୍ୟକୀୟ ସାମଗ୍ରୀ ସଂସାରକୁ ପ୍ରଦାନ କରିଥାନ୍ତି । କର୍ମ ବେଦରୁ ଉଦ୍ଭବ ବୋଲି କୁହାଯାଇଛି । ବେଦରୁ କର୍ତ୍ତବ୍ୟ କର୍ମର ଜ୍ଞାନ ହୋଇଥାଏ । ରାଷ୍ଟ୍ରରେ ନାଗରିକ ମାନଙ୍କ ପାଇଁ ନିୟମ,କର୍ତ୍ତବ୍ୟ ଓ ଅଧିକାରକୁ ନେଇ ଯେପରି ସମ୍ବିଧାନ ପ୍ରଣୟନ କରାଯାଇଥାଏ, ସେହିପରି ମନୁଷ୍ୟଙ୍କ ପାଇଁ କର୍ମର ସମସ୍ତ ବିଧି ବିଧାନର ନିର୍ଦ୍ଦେଶକୁ ବହନ କରୁଥିବା “ବେଦ”, ଅକ୍ଷର ବ୍ରହ୍ମ ପରମେଶ୍ୱରଙ୍କ ଠାରୁ ପ୍ରକଟିତ ହୋଇଛନ୍ତି । ଶାସ୍ତ୍ରରେ କୁହାଯାଇଛି ଯେ ,ଋକ୍,ସାମ,ଯଜୁଃ ଓ ଅଥର୍ବ ଏହି ଚାରି ବେଦ ଭଗବାନଙ୍କର ନିଶ୍ୱାସରୁ ନିସୃତ । ପରମବ୍ରହ୍ମ ପରମେଶ୍ୱର ନିତ୍ୟ ଅଟନ୍ତି । ତେଣୁ ସୃଷ୍ଟିର ପ୍ରାରମ୍ଭରେ ପରମେଶ୍ୱରଙ୍କ ଠାରୁ ପ୍ରକଟ ହୋଇଥିବା ବେଦ ମଧ୍ୟ ନିତ୍ୟ । ମନୁଷ୍ୟ, ସଂସାରର ବିଷୟ ଭୋଗ ସହିତ ଅନାସକ୍ତ ରହି ବେଦରେ କୁହାଯାଇଥିବା ନିର୍ଦ୍ଦେଶ ପ୍ରକାରେ ଯଜ୍ଞ କର୍ମ ଅନୁଷ୍ଠାନ କରି ପରମାତ୍ମାଙ୍କୁ ପ୍ରାପ୍ତ କରିଥାଏ । ବେଦ ସମ୍ମତ ବିଧିରେ ଯେଉଁ ଯଜ୍ଞ କର୍ମ ଅନୁଷ୍ଠାନ ହୋଇଥାଏ, ସେହି କର୍ମ ସ୍ଥଳରେ ସର୍ବବ୍ୟାପୀ ପରମାତ୍ମା ସଦା ସ୍ୱୟଂ ବିରାଜମାନ ହୋଇଥାନ୍ତି । ଅର୍ଥାତ୍ ଯଜ୍ଞ ପୁରୁଷ ସାକ୍ଷାତ୍ ପରମେଶ୍ୱରଙ୍କ “ମୂର୍ତ୍ତି” ଅଟନ୍ତି। ନିଷ୍କାମ ଭାବରେ କେବଳ ସଂସାର ହିତଲାଗି କର୍ତ୍ତବ୍ୟ ପାଳନ କଲେ ନିତ୍ୟ ପ୍ରାପ୍ତ ପରମାତ୍ମା ସ୍ୱତଃ ଅନୁଭୂତ ହୁଅନ୍ତି । ମାଟିତଳେ ଜଳ ସତ୍ତ୍ୱ ବିସ୍ତାରିତ ଭାବେ ରହିଥିଲେ ମଧ୍ୟ କେବଳ କୂପ ଆଦିରେ ଜଳ ଉପଲବ୍ଧ ହୁଏ । ସେହିପରି ପରମାତ୍ମା ସର୍ବଗତ ହୋଇଥିଲେ ମଧ୍ୟ, ଭକ୍ତ,ଜ୍ଞାନୀ ,ଯୋଗୀ , ସାଧକ ପାଇଁ ପରମେଶ୍ୱର ପ୍ରତ୍ୟକ୍ଷ ଭାବରେ ଯଜ୍ଞ କର୍ମରେ ଉପଲବ୍ଧ ହୋଇଥାନ୍ତି । ପାରମାତ୍ମା ସର୍ବ ବ୍ୟାପକ ଭାବରେ ସମସ୍ତ କର୍ମର ସାକ୍ଷୀ ହୋଇଥାନ୍ତି । ନିଷ୍କାମ କଲ୍ୟାଣକର କର୍ମ ଅନୁଷ୍ଠାନରେ କର୍ମଯୋଗୀ ଭଗବାନଙ୍କର ଉପସ୍ଥିତିକୁ ଅନୁଭବ କରି ଶାନ୍ତି ଆନନ୍ଦ ପ୍ରାପ୍ତ କରିଥାଏ । ସକାମ କର୍ମ ଅନୁଷ୍ଠାନରେ ଦେହାଭୀମାନ ଓ କର୍ମ ଫଳ ପ୍ରତି ଦୃଷ୍ଟି କାରଣରୁ ପରମାତ୍ମାଙ୍କ ଉପସ୍ଥିତି ଅନୁଭବ ହୋଇନଥାଏ। ତମ ଗୁଣର ପ୍ରଭାବରେ ମୂଢ ମନୁଷ୍ୟ ନିଷିଦ୍ଧ କର୍ମ କଲାବେଳେ ଭଗବାନଙ୍କ ସତ୍ତାକୁ ଅନୁଭବ କରିବାତ’ ଦୂରର କଥା, ଭଗବାନ ବୋଲି କେହିଜଣେ ସେ କରୁଥିବା କର୍ମକୁ ଦେଖୁଛନ୍ତି ବୋଲି ମଧ୍ୟ ବିଶ୍ୱାସ କରିନ’ଥାଏ । କିନ୍ତୁ ଏହା ନିରାଟ ସତ୍ୟ ଯେ , ଭଗବାନ ସମସ୍ତ କର୍ମାନୁଷ୍ଠାନରେ ବିରାଜମାନ ହୋଇ ଦେଖିଥାନ୍ତି, ଓ ଉଚିତ ସମୟରେ ତାର ଫଳ ପ୍ରଦାନ କରିଥାନ୍ତି ।

**ଏବଂ ପ୍ରବର୍ତ୍ତିତଂ ଚକ୍ରଂ ନାନୁବର୍ତ୍ତୟତୀହ ଯଃ ।**
**ଅଘାୟୁରିନ୍ଦ୍ରିୟାରାମୋ ମୋଘଂ ପାର୍ଥ ସ ଜୀବତି ॥ ୧୬॥**

*ଅନ୍ୱୟ : ପାର୍ଥ ( ହେ ଅର୍ଜୁନ ) ଯଃ(ଯେଉଁ ମନୁଷ୍ୟ ) ଇହ (ଏହି ସଂସାରରେ )ଏବମ୍ (ଏହିପରି) ପ୍ରବର୍ତ୍ତିତମ୍ (ପ୍ରଚଳିତ ହୋଇ ଆସୁଥିବା )ଚକ୍ରମ୍ (ସୃଷ୍ଟି ଚକ୍ର ) ନ ଅନୁବର୍ତ୍ତୟତି (ଅନୁସାରେ ଆଚରଣ କରେନାହିଁ) ସଃ (ସେ) ଇନ୍ଦ୍ରିୟ-ଆରାମଃ ( ଇନ୍ଦ୍ରିୟ ସୁଖାସକ୍ତ )ଅଘାୟୁଃ (ପାପପୂର୍ଣ୍ଣ ଜୀବନ ) ମୋଘଂ (ଅକାରଣରେ) ଜିବତି (ବଞ୍ଚିରହେ )*

**ଭାବାର୍ଥ:** ଅନ୍ନରୁ ପ୍ରାଣୀ, ବୃଷ୍ଟିରୁ ଅନ୍ନ ,ଯଜ୍ଞରୁ ବୃଷ୍ଟି , କର୍ମରୁ ଯଜ୍ଞ , ବେଦରୁ କର୍ମ , ଏବଂ ପରମାତ୍ମାଙ୍କ ଠାରୁ ବେଦ,ପୁଣି ବେଦରୁ -> କର୍ମ ->, ଯଜ୍ଞ ->ବୃଷ୍ଟି ଆଦିର ଉଦ୍ଭବ : ଏହା ହେଉଛି ସୃଷ୍ଟିର ପରିଚାଳନା ଚକ୍ର । ସୃଷ୍ଟିର ସର୍ଜନା କାଳରୁ ସଂସାରର ଶ୍ରେଷ୍ଠ ପ୍ରାଣୀ ଭାବରେ ଏହି ଚକ୍ରକୁ ଚଲାଇ ରଖିବାର ଦାୟିତ୍ୱ ମନୁଷ୍ୟକୁ ଦିଆଯାଇଛି । ଏହି ଦାୟିତ୍ୱକୁ ନିଷ୍ଠାର ସହିତ ସମ୍ପାଦନ କରି ମନୁଷ୍ୟକୁ ସୃଷ୍ଟି କର୍ତ୍ତାଙ୍କ ସମ୍ବନ୍ଧରେ ତତ୍ତ୍ୱ ଜ୍ଞାନ ପ୍ରାପ୍ତ ହୋଇଥାଏ । ସଂସାର ହେଉଛି କର୍ମ ଭୂମି । ସଂସାର ଓ ମନୁଷ୍ୟ ଦୁହେଁ ଅଲଗା ନୁହନ୍ତି । ମନୁଷ୍ୟ କର୍ମ ରଜ୍ଜୁରେ ଏହି ସଂସାର ଚକ୍ର ସହିତ ଯୋଡି ହୋଇଛି । ବର୍ଣ୍ଣ, ଆଶ୍ରମ,ସ୍ୱଭାବ ଓ ପରିସ୍ଥିତି କୁ ନେଇ ନିଜ ନିଜର ସ୍ୱଧର୍ମ ପାଳନ ସ୍ୱରୂପ କର୍ତ୍ତବ୍ୟକର୍ମ ଅନୁଷ୍ଠାନ କରିବା ହେଉଛି , ସୃଷ୍ଟି ଚକ୍ର ଅନୁସାରେ ପରିଚାଳିତ ହେବା । ସୃଷ୍ଟି ଚକ୍ରର ଅନୁକୂଳତାରେ ନିଷ୍କାମ କର୍ତ୍ତବ୍ୟ କର୍ମକରି କର୍ମଯୋଗୀ ସ୍ୱଧର୍ମ ରୂପକ ଯଜ୍ଞରେ ପ୍ରତିଷ୍ଠିତ ପରମାତ୍ମାଙ୍କୁ ପ୍ରାପ୍ତ କରିଥାଏ । ଯେଉଁ ମନୁଷ୍ୟ ନିଜର କର୍ତ୍ତବ୍ୟ ଓ ସଂସାର ହିତକୁ ଉପେକ୍ଷା କରି ଭୋଗ-ବାସନାରେ ଲିପ୍ତ ରହେ , ନିଜର ସ୍ୱାର୍ଥ ହାସଲ ପାଇଁ ଅନ୍ୟକୁ ପୀଡା ଦେଇଥାଏ , ତାହାର ଆୟୁ ଓ ଜୀବନ ପାପମୟ ହୋଇଥାଏ । ସୃଷ୍ଟି ଚକ୍ରରେ ବାଧା ଉପୁଯାଇ ଦୁର୍ଲ୍ଲଭ ମନୁଷ୍ୟ ଜନ୍ମକୁ ନିରର୍ଥକ କରିଥାଏ । ମନୁଷ୍ୟ ଜନ୍ମର ଅନ୍ତିମ ଲକ୍ଷ ପରମାତ୍ମା ପ୍ରାପ୍ତ କରିବାର ପ୍ରଯତ୍ନ ନ'କରି ସେ ବ୍ୟର୍ଥ ଜୀବନ ଅତିବାହିତ କରିଥାଏ । ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି, ହେ ଅର୍ଜୁନ , ତୁମ୍ଭେ ଯୁଦ୍ଧରୂପକ କର୍ତ୍ତବ୍ୟ କର୍ମରେ ଅବତୀର୍ଣ୍ଣ ହୋଇ ସୃଷ୍ଟି ଚକ୍ର ଚଳନରେ ସହାୟତା କର ।

**ଯସ୍ତ୍ୱାତ୍ମରତିରେବ ସ୍ୟାଦାତ୍ମତୃପ୍ତଶ୍ଚ ମାନବଃ ।**
**ଆତ୍ମନ୍ୟେବ ଚ ସନ୍ତୁଷ୍ଟସ୍ତସ୍ୟ କାର୍ଯ୍ୟଂ ନ ବିଦ୍ୟତେ ॥ ୧୭॥**

*ଅନ୍ୱୟ: ଯଃ ମାନବଃ {ଯେଉଁ ମନୁଷ୍ୟ (ଏହିଠାରେ ସିଦ୍ଧ କର୍ମଯୋଗୀକୁ ଉପଲକ୍ଷ କରାଯାଇଛି)} ଆତ୍ମରତିଃ ଏବ (ନିଜଠାରେ ହିଁ ରମଣ କରେ ) ଚ (ଏବଂ ) ଆତ୍ମତୃପ୍ତଃ (ନିଜଠାରେ ହିଁ ତୃପ୍ତ ) ଚ (ଓ) ଆତ୍ମନି (ନିଜଠାରେ ) ଏବ (ହିଁ) ସନ୍ତୁଷ୍ଟଃ (ସନ୍ତୁଷ୍ଟ ) ସ୍ୟାତ୍ (ରହେ) ତସ୍ୟ (ତା'ପାଇଁ ) କାର୍ଯ୍ୟମ୍ (କୌଣସି କର୍ତ୍ତବ୍ୟ) ନ , ବିଦ୍ୟତେ ( ରହି ନଥାଏ )।*

**ଭାବାର୍ଥ :** ଏହି ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ପୂର୍ଣ୍ଣବ୍ରହ୍ମ ପରମାତ୍ମା ତତ୍ତ୍ୱ ପ୍ରାପ୍ତ ଜ୍ଞାନୀ ମହାତ୍ମାଙ୍କ ବିଶେଷ ଲକ୍ଷଣ ବିଷୟରେ କହିଛନ୍ତି । ଯେଉଁ କର୍ମଯୋଗ-ସିଦ୍ଧ ପୁରୁଷ ନିରନ୍ତର ପରମାତ୍ମତତ୍ତ୍ୱ ଲୟରେ ବୁଡି ରହିଥାନ୍ତି , ଇନ୍ଦ୍ରିୟ-ସୁଖାତୀତ ପରମ ଶାନ୍ତି ଆନନ୍ଦ ପାଇ ଅନ୍ତଃକରଣରେ ତୃପ୍ତିଲାଭ କରନ୍ତି ଓ ଜୀବନମୁକ୍ତ ବ୍ରାହ୍ମୀସ୍ଥିତିକୁ ପ୍ରାପ୍ତକରି ସନ୍ତୁଷ୍ଟ ହୋଇଥାନ୍ତି ,ସେହି ମହାନ ପୁରୁଷଙ୍କ ପାଇଁ କର୍ତ୍ତବ୍ୟ ବୋଲି କୌଣସି ଅବଶେଷ ରହିନ◦ଥାଏ । ମନୁଷ୍ୟ ଇନ୍ଦ୍ରିୟମାନଙ୍କ ଭୋଗରେ ଓ ସ୍ତ୍ରୀ,ପୁତ୍ର,ପରିବାର ଆଦିରେ "ରତି"ଅର୍ଥାତ୍ ପ୍ରୀତି କରେ , ଅନ୍ନ ଓ ଜଳରେ ତୃପ୍ତ ହୁଏ, ଏବଂ ଧନ ପ୍ରାପ୍ତିରେ ସନ୍ତୁଷ୍ଟ ଲାଭକରେ। କିନ୍ତୁ ସଂସାରର ଏହି ପ୍ରୀତି,ତୃପ୍ତି ଓ ସନ୍ତୁଷ୍ଟ,ସ୍ଥାୟୀ ହୋଇ ରହେନାହିଁ । ମନୁଷ୍ୟର ସଂସାର ସହିତ ମମତ୍ୱ ସମ୍ବନ୍ଧ ରହୁଥିବାରୁ ପୁନଃ ନୂଆ ନୂଆ

କାମନା କରେ । ତେଣୁ ଭୋଗ ବୁଦ୍ଧିରେ ସଂସାର ସହିତ ସମ୍ବନ୍ଧ ରଖିଲେ ହିଁ ମନୁଷ୍ୟକୁ ଦୈହିକ ସୁଖ , ତୃପ୍ତି, ଓ ସନ୍ତୁଷ୍ଟ ମିଳିବ । ଯୋଗସିଦ୍ଧ ପୁରୁଷର ସଂସାର ସହିତ ଲେଶ ମାତ୍ର ଆସକ୍ତି ନ'ଥିବା କାରଣରୁ , ଏହି ଆନନ୍ଦ, ତୃପ୍ତି ଓ ତୁଷ୍ଟି ପ୍ରକ୍ରିୟା ଆତ୍ମା ଓ ପରମାତ୍ମାର ଅଭେଦ ଭାବରୁ ଜାତ ହୋଇଥାଏ । ପରମାତ୍ମା ପ୍ରାପ୍ତ ପୁରୁଷ ପୂର୍ଣ୍ଣକାମ ହୋଇଥାନ୍ତି । ପରମାତ୍ମାଙ୍କ ଲକ୍ଷ୍ୟରେ ଅଭିନ୍ନ ଭାବରେ ସ୍ଥିତରହି, ଆତ୍ମ ସ୍ୱରୂପରେ ପ୍ରୀତି,ତୃପ୍ତି,ଓ ସନ୍ତୁଷ୍ଟ ଅନୁଭବ କରିଥାନ୍ତି । ଯାହାର ସଂସାର ସହିତ ସମ୍ବନ୍ଧ ଥାଏ , ତାହାପାଇଁ କର୍ତ୍ତବ୍ୟ ରହିଛି। କର୍ମଯୋଗ ସାଧକଙ୍କ ପାଇଁ ,କେବଳ ପରମାତ୍ମା ପ୍ରାପ୍ତ ଲକ୍ଷରେ କର୍ତ୍ତବ୍ୟ କର୍ମର ବିଧାନ ଥାଏ । ପରମାତ୍ମାପ୍ରାପ୍ତ ଜ୍ଞାନ ସିଦ୍ଧ ପୁରୁଷଙ୍କ ପୂର୍ଣ୍ଣକାମ ସ୍ଥିତିରେ କର୍ତ୍ତବ୍ୟ-ଅକର୍ତ୍ତବ୍ୟ, କର୍ମ କରିବା-ନକରିବାର କୌଣସି ପ୍ରୟୋଜନ ନ'ଥାଏ । ତାହାର କର୍ତ୍ତବ୍ୟର ପରିସମାପ୍ତି ହୋଇଥାଏ । ଏହା ହେଉଛି କର୍ମଯୋଗ ସିଦ୍ଧି ପ୍ରାପ୍ତ ପୁରୁଷଙ୍କ ଜୀବନ-ମୁକ୍ତ ସ୍ଥିତି ।

**ନୈବ ତସ୍ୟ କୃତେନାର୍ଥୋ ନାକୃତେନେହ କଶ୍ଚନ ।**

**ନ ଚାସ୍ୟ ସର୍ବଭୂତେଷୁ କଶ୍ଚିଦର୍ଥବ୍ୟପାଶ୍ରୟଃ ॥ ୧୮ ॥**

*ଅନ୍ୱୟ : ତସ୍ୟ ( ସେହି କର୍ମଯୋଗ ସିଦ୍ଧିପ୍ରାପ୍ତ ପୁରୁଷଙ୍କର ) ଇହ (ଏହି ସଂସାରରେ )କୃତେନ ( କର୍ମ କରିବାରେ) କଶ୍ଚନ (କୌଣସି) ଅର୍ଥଃ, ନ ( ପ୍ରୟୋଜନ ନ ଥାଏ )ଅକୃତେନ (କର୍ମ ନକରିବାରେ )ଏବ (ମଧ୍ୟ ) ନ (କୌଣସି ପ୍ରୟୋଜନ ନଥାଏ ) । ଚ (ଏବଂ) ସର୍ବ ଭୂତେଷୁ (ସଂସାରର ସମସ୍ତ ସହିତ ) ଅସ୍ୟ ( ଏହାଙ୍କର ) କଶ୍ଚିତ୍ (କିଞ୍ଚିତ୍ ମାତ୍ର ବି ) ଅର୍ଥ ବ୍ୟପାଶ୍ରୟଃ ( ସ୍ୱାର୍ଥାଗତ ସମ୍ବନ୍ଧ ) ନ ( ନ'ଥାଏ ) ।*

**ଭାବାର୍ଥ** ; ଏହି କର୍ମଯୋଗ ସିଦ୍ଧି ପ୍ରାପ୍ତ ପୁରୁଷଙ୍କର ସଂସାରରେ ସମସ୍ତ ପ୍ରକାର ପ୍ରୟୋଜନତାର ପରିସମାପ୍ତି ହୋଇଥାଏ । ସଂସାରରୁ କିଛି ବି ପ୍ରାପ୍ତ କରିବାର ଶେଷ ରହି ନ'ଥାଏ । ତେଣୁ କର୍ମ କରିବାରେ ତାଙ୍କର କୌଣସି ପ୍ରୟୋଜନ ରହେନାହିଁ , କି' କର୍ମ ନ' କରିବାର ମଧ୍ୟ କୌଣସି ପ୍ରୟୋଜନ ରହେନାହିଁ । କୌଣସି ବ୍ୟକ୍ତି ଓ ପଦାର୍ଥ ସହିତ କିଞ୍ଚିତ୍ ମାତ୍ର ବି ସ୍ୱାର୍ଥଗତ ସମ୍ବନ୍ଧ ରହେ ନାହିଁ ଅର୍ଥାତ୍ କିଛି ପାଇବାର ଆବଶ୍ୟକତା ରହିନ'ଥାଏ । ଏହି ଯୋଗ ସିଦ୍ଧ ପୁରୁଷ ଶାସ୍ତ୍ର ବିଧିର ଉର୍ଦ୍ଧ୍ୱରେ ରହିଥାନ୍ତି । ଯାହାଙ୍କର ପ୍ରକୃତି ଏବଂ ପ୍ରକୃତିର କାର୍ଯ୍ୟରେ ଭୌତିକ ଓ ଆଧ୍ୟାତ୍ମିକ ତଥା ଲୌକିକ ଓ ପରଲୌକିକ କୌଣସି ପ୍ରୟୋଜନ ରହେନାହିଁ, ସେହି ମହାପୁରୁଷଙ୍କର "କରିବା ଓ ନ' କରିବାରେ"କୌଣସି ସ୍ୱାର୍ଥ ନ'ଥାଏ । ସଚ୍ଚିଦାନନ୍ଦ ପରମାତ୍ମାଙ୍କ ପ୍ରାପ୍ତ ଜ୍ଞାନୀଙ୍କ ଠାରେ ଦେହାଭିମାନ ଅଭାବରୁ ଶରୀର ନିର୍ବାହ ପ୍ରାରବ୍ଧ ଅନୁସାରେ ଆପେଆପେ ହୋଇଥାଏ । ତଥା କଥିତ ଶରୀର ଦ୍ୱାରା ସଂସାରର ହିତ ସାଧନ ହେଲେ , ସେହି ମହାପୁରୁଷଙ୍କ ଅନ୍ତରରେ ସ୍ୱାର୍ଥ,ପ୍ରତି- ଉପକାର, ବା ଅଭିମାନ ଭାବନା ଆସେନାହିଁ ।

**ତସ୍ମାଦସକ୍ତଃ ସତତଂ କାର୍ଯ୍ୟଂ କର୍ମ ସମାଚର ।**

**ଅସକ୍ତୋ ହ୍ୟାଚରନ୍ କର୍ମ ପରମାପ୍ନୋତି ପୁରୁଷଃ ॥ ୧୯ ॥**

*ଅନ୍ୱୟ : ତସ୍ମାତ୍ ( ସେଥିପାଇଁ ତୁମ୍ଭେ ) ସତତଂ (ନିରନ୍ତର ଭାବେ ) ଅସକ୍ତଃ (ଅନାସକ୍ତ ରହି ) କାର୍ଯ୍ୟମ୍ କର୍ମ ( ଯେଉଁ କର୍ମ କରିବା ଯୋଗ୍ୟ ତାହା ) ସମାଚର (ସୂଚାରୁ ରୂପରେ ନିର୍ବାହ କର ) ହି ( ଯେହେତୁ) ଅସକ୍ତଃ (ନିଷ୍କାମ ଭାବରେ )କର୍ମ (କର୍ମ ) ଆଚରନ୍(ଅନୁଷ୍ଠାନ କରି )ପୁରୁଷଃ(ମନୁଷ୍ୟ) ପରଂ (ମୋକ୍ଷ ପଦ )ଆପ୍ନୋତି(ପ୍ରାପ୍ତ ହୁଏ )*

**ଭାବାର୍ଥ** : କର୍ମଯୋଗ ପ୍ରକରଣରେ ଭଗବାନ ଯାହାସବୁ ଆଗରୁ କହିଛନ୍ତି ତାହାର ସାରତତ୍ତ୍ୱକୁ ଏହି ଶ୍ଳୋକରେ କହିଛନ୍ତି । ଯେଉଁ ପର୍ଯ୍ୟନ୍ତ କର୍ମଯୋଗ ସାଧକକୁ ପରମାତ୍ମା ପ୍ରାପ୍ତ ହୋଇନାହିଁ , ସେ ପର୍ଯ୍ୟନ୍ତ ସ୍ୱଧର୍ମ ପାଳନ କରିବା ଅର୍ଥାତ୍ ବର୍ଣ୍ଣାଶ୍ରମ ଅନୁସାରେ ବିହିତ କର୍ମର ଅନୁଷ୍ଠାନ କରିବାକୁ ହେବ । ପରମାତ୍ମାପ୍ରାପ୍ତ ପୁରୁଷଙ୍କ ପାଇଁ କୌଣସି ପ୍ରକାର କର୍ତ୍ତବ୍ୟ ନ'ରହିବାର କାରଣରୁ ତାହାଙ୍କ ମନ, ଇନ୍ଦ୍ରିୟ ଦ୍ୱାରା ଲୋକ ସଂଗ୍ରହ ଲାଗି ପ୍ରାରବ୍ଧ ଅନୁସାରେ କର୍ମ ହୋଇଥାଏ । କର୍ମଯୋଗର ଏହି ସିଦ୍ଧାନ୍ତ ଅନୁଯାୟୀ ଭଗବାନ ଅର୍ଜୁନଙ୍କୁ ନିରନ୍ତର ଅନାସକ୍ତ ଭାବରେ କର୍ତ୍ତବ୍ୟ କର୍ମ କରିବାଲାଗି ଆଜ୍ଞା ଦେଉଛନ୍ତି । "ମୁଁ" ଏହି କର୍ମ କରିବି ,ଏହି କର୍ମ କରିବି ନାହିଁ, ଏହି କର୍ମ ଫଳପ୍ରଦ, ଏହି କର୍ମ ବୃଥା , ଏସବୁ କର୍ମ ପ୍ରତି ଆସକ୍ତ କାରଣରୁ ମନରେ ଆସିଥାଏ । କର୍ତ୍ତାପନରେ ଆଗ୍ରହ, ଅକର୍ତ୍ତାପନରେ ଆଗ୍ରହ, କର୍ମରେ ଆଗ୍ରହ,ଓ କର୍ମଫଳରେ ଆଗ୍ରହ, ଏହି ଚାରୋଟି ପ୍ରତି ଆସକ୍ତି ମନୁଷ୍ୟକୁ ବନ୍ଧନରେ ପକାଇଥାଏ । ଅନାସକ୍ତ ହୋଇ କର୍ମକରିବା ହେଉଛି ସର୍ବୋତ୍କୃଷ୍ଟ କର୍ମ । ଆସକ୍ତକୁ ତ୍ୟାଗ କରି କର୍ତ୍ତବ୍ୟ କର୍ମକୁ ଅତି ସାବଧାନତାର ସହିତ ଆଚରଣ କରିବାରେ ମନୁଷ୍ୟ କର୍ମ ବନ୍ଧନରୁ ମୁକ୍ତହୋଇ ମୋକ୍ଷପଦକୁ ପ୍ରାପ୍ତ ହୋଇଥାଏ । ସାବଧାନତା ଏୟା ଯେ' କର୍ତ୍ତବ୍ୟ କର୍ମ କରିବାବେଳେ , ନିଜର ମାନ,ବଡିମା,ପ୍ରତିଷ୍ଠା ପ୍ରତି ଯେପରି ତିଳେମାତ୍ର ଦୃଷ୍ଟି ନ'ରହେ । ଆସକ୍ତ ପୁରୁଷର କର୍ମ ପ୍ରବାହ ସଂସାର ଦିଗରୁ ନିଜ ଆଡକୁ ହୋଇଥାଏ, କର୍ମଯୋଗ ସାଧକର କର୍ମ ନିଜଠାରୁ ସଂସାର ଦିଗକୁ ହୁଏ । ତେଣୁ ସକାମ ପୁରୁଷ କର୍ମ ବନ୍ଧନରେ ପଡନ୍ତି, ଆଉ କର୍ମଯୋଗୀ ଜନ୍ମ ବନ୍ଧନରୁ ମୁକ୍ତ ହୋଇଥାନ୍ତି। କର୍ମରେ ଆସକ୍ତ ଭାବ ହେଉଛି ବନ୍ଧନର କାରଣ, ଅନାସକ୍ତ ଭାବ ହେଉଛି ମୋକ୍ଷଲାଭର ସୁଗମ ମାର୍ଗ । ପ୍ରକୃତି ଦ୍ୱାରା ସଂସାରରେ ଯେଉଁ ସବୁ ଭୋଗ୍ୟ ବସ୍ତୁର ସୁବ୍ୟବସ୍ଥା ରହିଛି , ତାହା ଇନ୍ଦ୍ରିୟଭୋଗ ନିମନ୍ତେ ଉଦ୍ଦିଷ୍ଟ ନୁହେଁ । ତାହାକୁ ସାଧନ ସାମଗ୍ରୀ ରୂପରେ ସାଧକକୁ ଉପଯୋଗ କରିବାକୁ ହେବ । ଏହି ବିଚାରରେ ବିଷୟ ଜଗତ ସହିତ ସମ୍ବନ୍ଧ ହେଉଛି ଅନାସକ୍ତ ଭାବ । କର୍ମ କରିବାର କ୍ରିୟା ସମାପ୍ତି ହେଲେମଧ୍ୟ, ଅନାସକ୍ତ ଭାବକୁ ସାଧକ ନିରନ୍ତର ଅନ୍ତଃକରଣରେ ଜାଗ୍ରତ କରି ରଖିବାକୁ ହେବ ।

**କର୍ମଣୈବ ହି ସଂସିଦ୍ଧିମାସ୍ଥିତା ଜନକାଦୟଃ ।**
**ଲୋକସଙ୍ଗ୍ରହମେବାପି ସମ୍ପଶ୍ୟନ୍ କର୍ତ୍ତୁମର୍ହସି ॥ ୨୦॥**

*ଅନ୍ୱୟ : ଜନକ-ଆଦୟଃ (ଜନକ ଆଦି ରାଜାମାନେ ) କର୍ମଣା ଏବ ହି ( କର୍ମଯୋଗ ଦ୍ୱାରାହିଁ ) ସଂସିଦ୍ଧିମ୍ (ସମ୍ୟକ ରୂପେ ସିଦ୍ଧି ) ଆସ୍ଥିତାଃ (ପ୍ରାପ୍ତ ହୋଇଥିଲେ ) ଲୋକ –ସଂଗ୍ରହମ୍ ଅପି ଏବ (ଲୋକ ଶିକ୍ଷା ଦୃଷ୍ଟିରୁ ମଧ୍ୟ ) କର୍ତ୍ତୁମ୍ ଅର୍ହସି ( ଅନାସକ୍ତ ଭାବରେ କର୍ମ କରିବା ଉଚିତ )*

**ଭାବାର୍ଥ :** "ଅନାସକ୍ତ ଭାବରେ କର୍ତ୍ତବ୍ୟ କର୍ମ କରି ପରମାତ୍ମା ପ୍ରାପ୍ତି ହୋଇ ପାରିବ" ପୂର୍ବ ଶ୍ଳୋକରେ କହିଥିବା ସିଦ୍ଧାନ୍ତର ପ୍ରମାଣ ସ୍ୱରୂପ ଭଗବାନ ଏହି ଶ୍ଳୋକରେ ଜନକ ଆଦି ମହାପୁରୁଷଙ୍କ ଦୃଷ୍ଟାନ୍ତକୁ ଉପସ୍ଥାପନ କରିଛନ୍ତି । ପୂର୍ବ କାଳରେ ଜନକ, ଅଶ୍ୱପତି ଆଦି ରାଜା ମହାରାଜା ମାନେ ମଧ୍ୟ ଗୃହସ୍ଥ ଆଶ୍ରମରେ ରହି ଅନାସକ୍ତ ଭାବରେ ପ୍ରଜାପାଳନ,ଅନୁଶାସନ ଓ ଧର୍ମଯୁଦ୍ଧ ଭଳି କର୍ତ୍ତବ୍ୟ କର୍ମ ଅନୁଷ୍ଠାନ କରି ପରମ ସିଦ୍ଧ ପ୍ରାପ୍ତ ହୋଇଛନ୍ତି । ନିଜର ଜୀବନ ଶୈଳୀ, ଦର୍ଶନତତ୍ତ୍ୱ ,ଉଚ୍ଚ ବିଚାର ଧାରା ଓ ନିଷ୍ଠାପର ବଳିଷ୍ଠ ବ୍ୟକ୍ତିତ୍ୱର ଦୃଷ୍ଟାନ୍ତକୁ ନେଇ ଏକ ଆଦର୍ଶବାନ୍ ପୁରୁଷ ନିଷ୍କାମ କର୍ମକରି ସମାଜରେ ଅନ୍ୟ ମାନଙ୍କୁ

ଅସତ୍ ପଥରୁ ନିବୃତ୍ତ କରି ସତ୍ ମାର୍ଗରେ ଚାଳିତ କରିବା ହେଉଛି ଲୋକସଂଗ୍ରହ । ତତ୍ତ୍ୱଜ୍ଞାନ ପ୍ରାପ୍ତ ସିଦ୍ଧ ପୁରୁଷଙ୍କ ନିମନ୍ତେ ସଂସାରରେ କିଛି କରିବାର ନ'ଥାଏ। ତଥାପି ଲୋକ ସଙ୍ଗ୍ରହାର୍ଥେ ଅର୍ଥାତ୍ ଲୋକଶିକ୍ଷା ନିମିତ୍ତ ସଂସାର ହିତ ଜନିତ କର୍ମରେ ପ୍ରବୃତ୍ତରହି ଅନ୍ୟଙ୍କୁ କର୍ତ୍ତବ୍ୟ କର୍ମ କରିବାର ପ୍ରେରଣା ଦେଇଥାନ୍ତି । ଲୋକ ସଂଗ୍ରହାର୍ଥେ କର୍ମ କରିବାର ଦୃଷ୍ଟାନ୍ତରେ ଆମର ଏହି ପିଢୀର ଏକ ବଳିଷ୍ଠ ବ୍ୟକ୍ତିତ୍ୱ ଅବଦୁଲ୍ କାଲାମଙ୍କ ଜୀବନୀକୁ ଏକ କର୍ମଯୋଗ ସାଧକ ରୂପେ ଗ୍ରହଣ କରିପାରିବା । ଜଣେ ବିଶିଷ୍ଟ ବୈଜ୍ଞାନିକ ଭାବରେ ପରମାଣୁ ତତ୍ତ୍ୱ ଉପରେ ବିଶ୍ୱକୁ ଅତୁଳନୀୟ ଅବଦାନ, ଏକଦା ଭାରତ ଭୂମିର ସର୍ବୋଚ୍ଚ ରାଷ୍ଟ୍ରନାୟକ ଭାବରେ ନିରପକ୍ଷ ଅନୁଶାସନ , ନୀତିମୟ ଶୃଙ୍ଖଳିତ ଜୀବନ ଓ ଲୋକ ସଂଗ୍ରହ ନିମିତ୍ତ ସ୍ୱାର୍ଥ ତ୍ୟାଗ, ଏହିପରି ଜଣେ ମହାନ୍ ବ୍ୟକ୍ତିତ୍ୱ ଆଜି ସମସ୍ତ ଯୁବ ପିଢୀ ପାଇଁ ରାଷ୍ଟ୍ରସେବା ରୂପକ କର୍ତ୍ତବ୍ୟ କର୍ମ ପ୍ରେରଣାର ଆଦର୍ଶ ହୋଇପାରିଛନ୍ତି । ଲୋକ ସଂଗ୍ରହ ନିମିତ୍ତ ଜୀବନ ଉତ୍ସର୍ଗ କରିଥିବା ସେହି ମହାନ୍ ଆତ୍ମାକୁ ଏ ଯୁଗର ଜନକ କହିଲେ ଅତ୍ୟୁକ୍ତି ହେବନାହିଁ । ଭଗବାନ ଏହି ଶ୍ଳୋକରେ ଦୁଇଟି କଥା କହିଛନ୍ତି । ପ୍ରଥମଟି ହେଲା, ଯଦି ତୁମ୍ଭର ପରମାତ୍ମାପ୍ରାପ୍ତି ରୂପ ମୋକ୍ଷ ଅଭିଷ୍ଟ ଅଛି, ତା'ହେଲେ ଅନାସକ୍ତ ଭାବରେ କର୍ତ୍ତବ୍ୟ କର୍ମ ଅନୁଷ୍ଠାନ କର । ଯଦି ସିଦ୍ଧିପ୍ରାପ୍ତ ହୋଇସାରିଛି ଓ ତୁମ୍ଭେ ଜୀବନମୁକ୍ତ, ତା'ହେଲେ ମଧ ଲୋକ ସଂଗ୍ରହ ରୂପ ଆବଶ୍ୟକତାକୁ ବିଚାରକରି ସଂସାରହିତ ଜନିତ କର୍ମକୁ ତ୍ୟାଗ କରିବାକୁ ହେବନାହିଁ । ଜନୈକ ବ୍ୟାଖ୍ୟାକାର 'ଜନକ' ଶବ୍ଦର ଅର୍ଥ 'ଜନ୍ମଦାତା' ମାନି "ଯୋଗ" ଅର୍ଥାତ୍ ଅନାସକ୍ତ ନିଷ୍କାମ କର୍ମ ଅନ୍ତଃକରଣରେ ଆତ୍ମସ୍ୱରୂପର ଜନ୍ମଦାତା ବା ପ୍ରକଟକାରୀ ବୋଲି ବ୍ୟାଖ୍ୟା କରିଛନ୍ତି । ଯୋଗ ସହିତ ସଂଯୁକ୍ତ ପ୍ରତ୍ୟେକ ମହାପୁରୁଷ ଜଣେ ଜଣେ ଜନକ ଅଟନ୍ତି ।

ଯଦ୍ ଯଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।
ସ ଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ॥ ୨୧॥

*ଅନ୍ୱୟ : ଶ୍ରେଷ୍ଠ ଜନଃ (ବିଶିଷ୍ଟ ଜନ-ଜ୍ଞାନୀ ଜନ ) ଯଦ୍ ଯଦ୍ (ଯାହା ଯାହା ) ଆଚରତି (ଆଚରଣ କରନ୍ତି ) ଇତରଃ (ଅନ୍ୟ ସାଧାରଣ ଲୋକ ) ତଦ୍ ତଦ୍ (ସେହି ସେହି ) ଏବ (ଭଳି ଆଚରଣ କରନ୍ତି ) ସଃ (ସେ ) ଯଦ୍ (ଯାହା) ପ୍ରମାଣଂ କୁରୁତେ ( ପ୍ରମାଣ କରିଦିଅନ୍ତି) ଲୋକଃ (ଅନ୍ୟଲୋକ ) ତଦ୍ ( ତାହାକୁ ) ଅନୁବର୍ତ୍ତତେ ( ଅନୁସରଣ କରନ୍ତି )*

**ଭାବାର୍ଥ :** ଦେଶ, ଜାତି ,ସମ୍ପ୍ରଦାୟ ଓ ନିଜ ନିଜ ,ବର୍ଣ୍ଣ, ଆଶ୍ରମରେ ଯୋଗସିଦ୍ଧି ପ୍ରାପ୍ତ ହୋଇ ଯେଉଁମାନେ ଶ୍ରେଷ୍ଠ ଜନ ରୂପେ ପରିଗଣିତ ହୋଇଥାନ୍ତି, ସେହିମାନଙ୍କର ଆଚରଣକୁ ଶ୍ରଦ୍ଧା ଓ ବିଶ୍ୱାସର ସହିତ ଅନ୍ୟମାନେ ଅନୁକରଣ କରିଥାନ୍ତି । ଶ୍ରେଷ୍ଠ ମହାପୁରୁଷ ଯେଉଁ ଯେଉଁ ବୈଦିକ ଏବଂ ଲୌକିକ କର୍ମବିଧିକୁ ବଚନ ଦ୍ୱାରା ପ୍ରମାଣିତ କରିଥାନ୍ତି ,ତାହା ଶ୍ରଦ୍ଧା ଓ ବିଶ୍ୱାସର ସହିତ ସାଧାରଣ ଲୋକମାନେ ଶାସ୍ତ୍ର ସମ୍ମତ ବୋଲି ଗ୍ରହଣକରି ସେମାନଙ୍କ ପଦାଙ୍କ ଅନୁସରଣ କରିଥାନ୍ତି । ଆମର ସାଧାରଣ ଜୀବନରେ ଏହା ଦେଖୁଯେ' ପରିବାରରେ ଛୋଟ ଛୋଟ ପିଲାମାନଙ୍କର ଅନ୍ୟମାନଙ୍କ ଠାରୁ ଅନୁକରଣ ଦ୍ୱାରା ସେମାନଙ୍କର ଚରିତ୍ର ଗଠନ ହୋଇଥାଏ । ପରିବାରର ମୁଖ୍ୟ କିମ୍ବା ଗୁରୁଜନ ବ୍ୟକ୍ତି ହିଂସା,ଚୋରି, ନିଶା କିମ୍ବା ଧୂମ୍ରପାନ ଭଳି ବଦ୍ ଅଭ୍ୟାସରେ ଲିପ୍ତ ଥିଲେ, ତାହା ପରିବାରର ଅନ୍ୟ ସଦସ୍ୟଙ୍କୁ ବିଶେଷକରି ପିଲାମାନଙ୍କୁ ପ୍ରଭାବିତ କରିଥାଏ । ସେହିପରି ଆଧାତ୍ମିକ ପରିବେଶ ଥିବା ପରିବାରରେ ଅନୁକରଣରୁ ଶିକ୍ଷାପାଇ ବିବେକାନନ୍ଦ,ଚିଦାନନ୍ଦ ସରସ୍ୱତୀ ଭଳି ମହାନ

ଯୋଗୀ ପୁରୁଷ ତିଆରି ହୋଇପାରିଛନ୍ତି । ଅତଏବ ,ପରିବାରରେ ପିତା,ମାତା, ଓ ଅନ୍ୟାନ୍ୟ ଗୁରୁଜନ ମାନେ ଏଥିପ୍ରତି ସଚେତନ ରହିବା ଆବଶ୍ୟକ। ଯେ ନିଜ ଆଚରଣ ଦ୍ୱାରା ଶିଷ୍ୟ କିମ୍ବା ଛାତ୍ରଙ୍କୁ ଶିକ୍ଷା ଦିଅନ୍ତି, ତାହାଙ୍କୁ ଆଚାର୍ଯ୍ୟ ବା ଆଦର୍ଶ ଶିକ୍ଷକ କୁହାଯାଏ। ମହାଜନଙ୍କ ପଦାନୁସରଣ ଆବହମାନ କାଳରୁ ସନାତନ ଧର୍ମର ରୀତିରୂପେ ଚାଲି ଆସିଛି । ମୁନି , ଋଷି, ଜ୍ଞାନୀ ଜନମାନେ ନିଜର ଦର୍ଶନ ତତ୍ତ୍ୱ ,ସାଧନାର ଅନୁଭୂତିକୁ ଯେଉଁଥିରେ ଉଲ୍ଲେଖ କରିଥାନ୍ତି , ତାହାକୁ ପ୍ରାମାଣିକ ଶାସ୍ତ୍ର ବା ଗ୍ରନ୍ଥ ଭାବରେ ସ୍ୱୀକାର କରାଯାଇଛି । ତାହା ମାନବ ସମାଜର କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ବିଶିଷ୍ଟ ଜ୍ଞାନିଜନ ଏଥିପ୍ରତି ଧ୍ୟାନଦେବା ଉଚିତ , ଯେପରି ତାଙ୍କରି ଉପଦେଶ ଦ୍ୱାରା ସଂସାରର ବ୍ୟବସ୍ଥା ସୁରକ୍ଷିତ ରହିବ ଏବଂ ତାହା କୌଣସି ବର୍ଣ୍ଣ, ଆଶ୍ରମ ଜାତି , ଧର୍ମ, ଓ ସମ୍ପ୍ରଦାୟର ପରମ୍ପରାରେ କିଞ୍ଚିତ୍ ମାତ୍ର ବାଧା ବା ଆଘାତ ଆସିବ ନାହିଁ । ଅନ୍ୟ ଏକ ଦୃଷ୍ଟିରେ ସାଧାରଣ ଲୋକ ମଧ ସଚେତନ ରହିବା ଆବଶ୍ୟକ ,ଯେପରି ଆତ୍ମ ଘୋଷିତ "ବାବା" ବା "ଯୋଗୀ" ବୋଲାଉଥିବା ମିଥ୍ୟାଚାରୀଙ୍କ ମଧୂର ବଚନରେ ବଶୀଭୂତହୋଇ ଠକାମିର ଶିକାର ହେବେ ନାହିଁ । ଏହି ଶ୍ଳୋକରେ ଭଗବାନ ଅର୍ଜ୍ଜୁନଙ୍କୁ ଉପଦେଶ ଦେଉଅଛନ୍ତି କି': ଯଦି ତୁମ୍ଭେ ତୁମ୍ଭର ସ୍ୱଧର୍ମପାଳନ କର୍ତ୍ତବ୍ୟ କର୍ମ ଯୁଦ୍ଧକୁ ତ୍ୟାଗ କରୁଛ, ତାହା ହେଲେ ଏହା ଭବିଷ୍ୟତକୁ ଏକ ପ୍ରାମାଣିକ ବିଧିହୋଇ ରହିଯିବ । ଯେହେତୁ କୁଳ, ବଂଶ ଓ ତୁମ୍ଭର କ୍ଷତ୍ରିୟ ସାମର୍ଥ୍ୟତା ଦୃଷ୍ଟିରୁ ତୁମ୍ଭେ ଜଣେ ଶ୍ରେଷ୍ଠ ଜନରୂପେ ପରିଗଣିତ । ଅତଏବ ଏହାକୁ ଦୃଷ୍ଟିରେ ରଖି ତୁମ୍ଭେ ଯୁଦ୍ଧ କର ।

**ନ ମେ ପାର୍ଥାସ୍ତି କର୍ତ୍ତବ୍ୟଂ ତ୍ରିଷୁ ଲୋକେଷୁ କିଞ୍ଚନ ।**

**ନାନବାପ୍ତମବାପ୍ତବ୍ୟଂ ବର୍ତ୍ତ ଏବ ଚ କର୍ମଣି ॥ ୨୨ ॥**

*ଅନ୍ୱୟ: ପାର୍ଥ ( ହେ ପୃଥା ପୁତ୍ର ଅର୍ଜୁନ !) ମେ ( ମୋର ପାଇଁ ) ତ୍ରିଷୁ ଲୋକେଷୁ (ଭୂଲୋକ ବା ମୃତ୍ୟୁ ଲୋକ , ଭୁବଲୋକ ବା ଦେବ ଲୋକ ,ବ୍ରହ୍ମ ଲୋକ ବା ସ୍ୱଲୋକ ଏହି ତିନି ଲୋକ ରେ )କିଞ୍ଚନ (କିଞ୍ଚିତ୍ ମାତ୍ର ) କର୍ତ୍ତବ୍ୟମ୍ (କର୍ତ୍ତବ୍ୟ ବୋଲି) ନ ଅସ୍ତି (କରିବାର କିଛି ନାହିଁ)। ଚ (ଏବଂ ) ଅବାପ୍ତବ୍ୟଂ (ପ୍ରାପ୍ତ ଯୋଗ୍ୟବସ୍ତୁ ) ନ ଅନବାପ୍ତମ୍ (ଅପ୍ରାପ୍ତ ହୋଇ ରହିନାହିଁ ) ତଥାପି "ମୁଁ" କର୍ମଣି (କର୍ତ୍ତବ୍ୟ କର୍ମରେ ) ବର୍ତ୍ତ (ଲାଗି ରହେ) ।*

**ଭାବାର୍ଥ :** ହେ ଅର୍ଜୁନ! "ମୋ" ପାଇଁ ମନୁଷ୍ୟଲୋକ,ଦେବଲୋକ, ଆଉ ମୋର ନିବାସ ସ୍ଥଳ ବ୍ରହ୍ମ ଲୋକ ଏହି ତିନି ଲୋକରେ, କିଞ୍ଚିତ୍ ମାତ୍ର କର୍ତ୍ତବ୍ୟ କର୍ମ ବୋଲି କରିବାର ନାହିଁ । କୌଣସି ପ୍ରାପ୍ତ ଯୋଗ୍ୟ ବସ୍ତୁ ମୋର ଅପ୍ରାପ୍ତ ହୋଇ ରହିନାହିଁ । ତଥାପି ମୁଁ ଲୋକଶିକ୍ଷା ନିମିତ୍ତ ଅବତାର ସମୟରେ ସଂସାର ଲୋକଙ୍କ ମଧରେ ଲୀଳା ଜନିତ କର୍ମକୁ, କର୍ତ୍ତବ୍ୟ ବୋଧକରି ଅନୁଷ୍ଠାନ କରିଥାଏ । ଅବତାର କାଳରେ ଯଦିଓ ସାଧାରଣ ମନୁଷ୍ୟଭଳି କର୍ମରେ ପ୍ରବୃତ୍ତ ରହି ରୋଗ-ଶୋକ, ବିରହ-ବିଚ୍ଛେଦ, ହସ-କାନ୍ଦ ଭଳି ସାଂସାରିକ ଦ୍ୱନ୍ଦରେ ଜଡିତ ହେଲାଭଳି ପ୍ରତୀୟମାନ ହୁଏ ,ତଥାପି ସର୍ବ ଅବସ୍ଥାରେ ଐଶ୍ୱରୀକ ଭାବ ଅବ୍ୟାହତ ଥାଏ । ଅବତାର ଅତିରିକ୍ତ ଅବ୍ୟକ୍ତ ରୂପରେ ସୃଷ୍ଟିର ସର୍ଜନା,ତାହାର ପାଳନ ଏବଂ ସମୟାନ୍ତରେ ଏହାର ସଂହାର କାର୍ଯ୍ୟ ମୋତେ ହିଁ କରିବାକୁ ହୋଇଥାଏ । ଭଗବାନ ଧରା ପୃଷ୍ଠରେ ବିଭିନ୍ନ ଲୌକିକ ଶରୀର ରୂପ ଧାରଣକରି ଲୀଳା କରିଯାଇଛନ୍ତି । ମନୁଷ୍ୟ ରୂପରେ ଶ୍ରେଷ୍ଠ ପୁରୁଷ ଭାବେ ଲୀଳାକରି ମାନବ ସମାଜକୁ ଏହି ଉପଦେଶ ଦେଇଛନ୍ତି ଯେ' "ମୁଁ " ସ୍ୱୟଂ କର୍ମର ଅବତାର । ସଂସାର ପାଇଁ ଯେଉଁ କର୍ମ ପରମ ଶ୍ରେୟସ୍କର ତାହାର "ମୁଁ" ଦୃଷ୍ଟାନ୍ତ । ସୃଷ୍ଟିର ଆରମ୍ଭରୁ ହିଁ ଜଗତ ପରିଚାଳନାର ସମସ୍ତ ସୁବ୍ୟବସ୍ଥା ଭଗବାନ ପ୍ରକୃତି ଦ୍ୱାରା କର୍ମ ମାଧ୍ୟମରେ ପ୍ରବର୍ତ୍ତିତ ହେବାର ବିଧି କରି ଆସିଛନ୍ତି ।

ଯୋଗସିଦ୍ଧି ଜ୍ଞାନୀ ପୁରୁଷଙ୍କ ପାଇଁ ସଂସାରରେ ଯେପରି କୌଣସି କର୍ତ୍ତବ୍ୟ କର୍ମର ପ୍ରୟୋଜନ ନ'ଥାଏ , ସେହିପରି ଅବତାର ପୁରୁଷ ଭଗବାନଙ୍କ ପାଇଁ ମଧ୍ୟ ଲୀଳା କାଳରେ କର୍ତ୍ତବ୍ୟ ବୋଲି କିଛି ଶେଷ ରହିନଥାଏ । ଭଗବାନ ସ୍ୱୟଂ ପୂର୍ଣ୍ଣ , ସିଏ ସର୍ବେଶ୍ୱର, ସିଏ ପୂର୍ଣ୍ଣ କାମ ,ସିଏ ସମସ୍ତ କାରଣର କାରଣ ଅର୍ଥାତ୍ ସର୍ବଶେଷ କାରଣ । ତଥାପି ନରଲୀଳା ଅବତାର ସମୟରେ ସଂସାରରେ ଜଗତ କଲ୍ୟାଣ ପାଇଁ ପ୍ରକୃତି ଅଧୀନ ମନୁଷ୍ୟ ଭଳି କର୍ମରେ ପ୍ରବୃତ୍ତ ରହିଥାନ୍ତି । ଭଗବାନ ଶ୍ରୀକୃଷ୍ଣ ଚାହିଁଥିଲେ ଧର୍ମ ପକ୍ଷରେ ଥିବା ପାଣ୍ଡବ ମାନଙ୍କର ସମସ୍ତ ସମସ୍ୟାକୁ ମୁହୂର୍ତ୍ତକ ମଧ୍ୟରେ ପରିସମାପ୍ତି କରିପାରିଥାନ୍ତେ । କିନ୍ତୁ ଭଗବାନ ତାଙ୍କରି ଅଲୌକିକ ଶକ୍ତିର ଆଶ୍ରୟ ନନେଇ ,ଲୋକଶିକ୍ଷା ନିମିତ୍ତ କର୍ତ୍ତବ୍ୟ କର୍ମ ଭାବି ସାରଥି ରୂପରେ ଅର୍ଜୁନଙ୍କ ରଥରେ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ।ଏହାଦ୍ୱାରା ସେ ସଂସାରର ମନୁଷ୍ୟମାନଙ୍କୁ ଏହି ଆଦର୍ଶ ଦେଖାଇଛନ୍ତି ଯେ ,ବିଷୟ ଚିନ୍ତନରେ ରହିଥିବା ସଂସାରି ଠାରୁ ଆରମ୍ଭକରି ଜୀବନାମୁକ୍ତ ପୁରୁଷଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କ ନିମନ୍ତେ ସଂସାର କଲ୍ୟାଣ ପାଇଁ କର୍ମ କରିବାକୁ ହିଁ ପଡିବ ।

**ଯଦି ହ୍ୟହଂ ନ ବର୍ତ୍ତେୟଂ ଜାତୁ କର୍ମଣ୍ୟତନ୍ଦ୍ରିତଃ ।**
**ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ॥ ୨୩ ॥**

*ଅନ୍ୱୟ : ହି (କାରଣ) ପାର୍ଥ (ହେ ପାର୍ଥ !) ଯଦି (ଯଦି ) ଅହମ୍ (ମୁଁ) ଜାତୁ (କୌଣସି କାଳରେ )ଅତନ୍ଦ୍ରିତଃ (ସାବଧାନତାର ସହ-ଆଳସ୍ୟ,ପ୍ରମାଦ ରହିତ ) କର୍ମଣି (କର୍ମରେ ) ନ ବର୍ତ୍ତେୟମ୍ (ପ୍ରବୃତ୍ତ ନ' ରହେ ) ମନୁଷ୍ୟାଃ (ସମସ୍ତ ମନୁଷ୍ୟ ସମାଜ) ସର୍ବଶଃ(ସବୁ ପ୍ରକାରେ ) ମମ(ମୋର) ବର୍ତ୍ମ(ପଥ ) ଅନୁବର୍ତ୍ତନ୍ତେ (ଅନୁସରଣ କରିବେ ) ।*

ଭାବାର୍ଥ :ଭଗବାନ କହୁଛନ୍ତି, ଯଦି ମୋର ଅବତାର ଅବସ୍ଥାନରେ ମୁଁ ଲୋକ ସଂଗ୍ରହ କୁ ଦୃଷ୍ଟିରେ ରଖି ଜଗତ କଲ୍ୟାଣ ଉଦ୍ଦେଶ୍ୟରେ କର୍ମରେ ପ୍ରବୃତ୍ତ ନ'ହୁଏ ,ତାହେଲେ ମୋର ଦୃଷ୍ଟାନ୍ତ ଅନୁସରଣକରି ମନୁଷ୍ୟମାନେ ନିଜ ନିଜ ଦାୟିତ୍ୱର ଅବହେଳା କରିବେ । କର୍ତ୍ତବ୍ୟକର୍ମକୁ ବିଚାରକୁ ନ'ନେଇ ଆଳସ୍ୟ-ପ୍ରମାଦ ପରାୟଣ ହୋଇ ଜୀବନ ଅତିବାହିତ କରିବେ । ଫଳରେ ସମାଜରେ ନାନା ବିଶୃଙ୍ଖଳା,ବିଭ୍ରାଟ ଦେଖାଦେବ । ସମାଜ ବିନାଶ ଆଡକୁ ଗତି କରିବ । ସେଥିପାଇଁ ଲୋକଶିକ୍ଷାର୍ଥେ, ମୁଁ କର୍ମ ଅନୁଷ୍ଠାନ କରି ସମସ୍ତଙ୍କର ଆଦର୍ଶର ଉଦାହରଣ ହୋଇଥାଏ । ମୋର ସମସ୍ତ ଲୌକିକ-ଅଲୌକିକ କର୍ମଦ୍ୱାରା ହିଁ ଲୋକ କଲ୍ୟାଣ ସାଧିତ ହୋଇଥାଏ । ଶ୍ରୀମଦ୍ ଭାଗବତରୁ ଏହି କଥା ସ୍ପଷ୍ଟ ଯେ' :ଭଗବାନ ଶ୍ରୀକୃଷ୍ଣ ଶୈଶବ କାଳରେ ବାଲ୍ୟସଖା ଭାବରେ ,ମଥୁରାରେ କଂସାସୁରର ନିଧନକାରୀ ଭାବରେ , ଦ୍ୱାରିକାରେ ଗୃହସ୍ଥ ଭାବରେ, ରଣାଙ୍ଗନରେ ଶକ୍ତିଶାଳୀ କ୍ଷତ୍ରିୟ ଭାବରେ ଲୀଳାକରି ଏବଂ ସର୍ବୋପରି ସଚ୍ଚିଦାନନ୍ଦ ପୁରୁଷୋତ୍ତମ ଅବତାର କାଳରେ ଯେଉଁ ଆଚରଣ ପ୍ରଦର୍ଶନ କରିଛନ୍ତି ,ତାହା ଯୁଗ ଯୁଗ ପାଇଁ ମାନବ ସମାଜ ପାଇଁ କର୍ମର ମହାନ୍ ଦୃଷ୍ଟାନ୍ତ ହୋଇ ରହିଛି । ଗୋପାଙ୍ଗ ମାନଙ୍କ ସହିତ ଭଗବାନ ଶ୍ରୀକୃଷ୍ଣଙ୍କ ରାସକ୍ରୀଡା,ବୃନ୍ଦାବନରେ ଶ୍ରୀରାଧାଙ୍କ ସହ ଦିବ୍ୟ ପ୍ରେମଲିଳା ମଧ୍ୟ ସଂସାରରେ ପ୍ରେମଭାବର ସ୍ରୋତ ପ୍ରବାହ ପାଇଁ ଉଦ୍ଦିଷ୍ଟ । ପ୍ରେମଭାବରେ ହିଁ ଜଗତ ପରିଚାଳିତ । ପ୍ରେମରୁ ହିଁ ସ୍ତ୍ରୀ ପୁରୁଷର ସଂଯୋଗ ସମ୍ଭବ। ପ୍ରେମଭାବରୁ ହିଁ ଚନ୍ଦ୍ରଙ୍କ ଶୀତଳତାରୁ ବୃକ୍ଷ ମାନଙ୍କରେ ରସ ପୁଷ୍ଟହୁଏ । ପ୍ରେମଭାବରୁ ହିଁ ବୃକ୍ଷରାଶି ପତ୍ର,ପୁଷ୍ପ,ଫଳରେ ପରିପୂର୍ଣ୍ଣ । ପ୍ରେମ ଭାବରୁ ହିଁ ପଶୁ,ପକ୍ଷୀ, ଇତର ଜୀବ ଦଳ ବାନ୍ଧି ରହନ୍ତି । ପ୍ରେମ ଭାବରୁ ହିଁ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ଏକ

ସୂତ୍ରରେ ବନ୍ଧା ହୋଇ ରହିଛି । ଅବତାର କାଳରେ ଈଶ୍ୱରଙ୍କ ଦ୍ୱାରା ହେଉଥିବା କର୍ମଧାରାକୁ କୁ ଲୀଳା କୁହାଯାଇଛି। ଏହି ଲୀଳା ସ୍ୱୟଂ ଭଗବାନଙ୍କର ନିଜ ପ୍ରେରଣାରେ ଲୋକଶିକ୍ଷା ନିମନ୍ତେ ହୋଇଥାଏ । ଯଦି ଭଗବାନ ସ୍ୱୟଂ କର୍ମରେ ପ୍ରବୃତ୍ତ ନ'ହେବେ, ତାହେଲେ ତାଙ୍କୁ ଅନୁକରଣ କରି ସମସ୍ତେ କର୍ମ ଛଡା ହୋଇଯିବେ । ଏହି ଉପଦେଶର ଆଧାରରେ, ରାଷ୍ଟ୍ରନାୟକ,ନେତା,ସମାଜର ଜ୍ଞାନୀ ଭାବରେ ପରିଚିତ ବ୍ୟକ୍ତି, ଗୋଷ୍ଠୀ-ସଂପ୍ରଦାୟ ଆଦିର ମୁଖିଆ, ପରିବାରର କର୍ତ୍ତା,ଏହି ସମସ୍ତ ବ୍ୟକ୍ତି, ଅତି ସାବଧାନତାର ସହିତ ଅନ୍ୟ ମାନଙ୍କର ଅନୁସରଣକୁ ଦୃଷ୍ଟିରେ ରଖି କର୍ମରେ ନିଯୁକ୍ତ ରହିବା ଉଚିତ । " ସଂସାରରେ ନିଜପାଇଁ ବଞ୍ଚିବା ଅନୁଚିତ"- ଏହା ହେଉଛି ସଂସାରରେ ରହିବାର ମହାନ୍ ଶିକ୍ଷା । ଆମ୍ଭର ଜୀବନ କାଳରେ ଯେଉଁ ମାନଙ୍କ ସହିତ ସମ୍ପର୍କ ହୋଇଥାଏ, ତାହା ଭଗବାନଙ୍କ ଦ୍ୱାରା ଜଣେ ଅନ୍ୟର ହିତ ସାଧନ ନିମନ୍ତେ ନିର୍ଦ୍ଧାରିତ ହୋଇଥାଏ । ତେଣୁ ପିତା-ପୁତ୍ର,ପତି-ପତ୍ନୀ,ଭାଇ-ଭଉଣୀ ପ୍ରଭୃତି ସମସ୍ତେ ଜଣେ ଅନ୍ୟର ଅଧିକାର ରକ୍ଷା କରିବା ସଙ୍ଗେ ସଙ୍ଗେ ନିଜ ନିଜର କର୍ତ୍ତବ୍ୟ ପାଳନ କରନ୍ତୁ ଏବଂ ପରମେଶ୍ୱରଙ୍କ କଲ୍ୟାଣ ମାର୍ଗରେ ସହଯୋଗୀ ହୁଅନ୍ତୁ । ଭଗବାନ ସୂଚାଇ ଦେଉଛନ୍ତି ଯେ' : ହେ ଅର୍ଜୁନ! ତୁମ୍ଭେ ଦେଖ, କ୍ଷତ୍ରିୟ ହୋଇ ମଧ , ପ୍ରତିଶ୍ରୁତି ରକ୍ଷା କରିବା ପାଇଁ ଏବଂ ଲୋକ ସଂଗ୍ରହ ଲକ୍ଷ୍ୟରେ ମୁଁ ତୁମ୍ଭରି ରଥର ସାରଥୀ ହୋଇ ତତ୍ପରତାର ସହିତ ମୋର କର୍ତ୍ତବ୍ୟ କର୍ମକୁ ପାଳନ କରୁଛି । ଏହାର ପ୍ରଭାବ ତିନି ଭୁବନରେ ପରିଲକ୍ଷିତ ହେବ , କାରଣ ମୋର କର୍ମକୁ ଆଦର୍ଶ ଭାବରେ ସମସ୍ତେ ଅନୁସରଣ କରନ୍ତି। ଅତଏବ, ତୁମ୍ଭେ ମଧ ନିଜର କର୍ତ୍ତବ୍ୟ କର୍ମକୁ ଉପେକ୍ଷା ନ'କରି ଯୁଦ୍ଧରେ ପ୍ରବୃତ୍ତ ହୁଅ ।

ଉତ୍ସୀଦେୟୁରିମେ ଲୋକା ନ କୁର୍ଯ୍ୟାଂ କର୍ମ ଚେଦହମ୍ ।
ସଙ୍କରସ୍ୟ ଚ କର୍ତ୍ତା ସ୍ୟାମୁପହନ୍ୟାମିମାଃ ପ୍ରଜାଃ ॥ ୨୪॥

*ଅନ୍ୱୟ : ଚେତ ( ଯଦି) ଅହମ୍ (ମୁଁ) କର୍ମ (କର୍ମ) ନ କୁର୍ଯ୍ୟାମ୍( ନ କରେ, ତା' ହେଲେ )ଇମେ ଲୋକାଃ ( ଏହି ଲୋକମାନେ ) ଉତ୍ସୀଦେୟୁଃ (ନଷ୍ଟ ଭ୍ରଷ୍ଟ ହୋଇଯିବେ ) ଚ (ଏବମ୍) ସଙ୍କରସ୍ୟ (ବର୍ଣ୍ଣ ସଙ୍କରତାର ) କର୍ତ୍ତା (ଉତ୍ପନ୍ନକାରୀ ) ତଥା ଇମାଃ ପ୍ରଜାଃ ( ଏହି ପ୍ରଜାଗଣଙ୍କର ) ସ୍ୟାମ୍ (ହୋଇଯିବି ) ।*

**ଭାବାର୍ଥ :** ହେ ଅର୍ଜ୍ଜୁନ ! ଯଦି ମୁଁ ଲୋକସଂଗ୍ରହକୁ ଦୃଷ୍ଟିରେ ରଖି କର୍ମ ନ'କରେ, ତାହେଲେ ଲୋକମାନେ ମୋତେ ଅନୁକରଣ କରି ଆଳସ୍ୟ ଓ ପ୍ରମାଦଗତ ହୋଇ କର୍ମଛଡା ହୋଇଯିବେ । ଫଳରେ ଜଗତ ସଞ୍ଚାଳନରେ ବାଧା ଉପୁଜି ସୃଷ୍ଟିଚକ୍ର ନଷ୍ଟ ଭ୍ରଷ୍ଟ ହୋଇଯିବ । ସମାଜରେ ନୈତିକ ମୂଲ୍ୟବୋଧର ପତନ ହେବ । ବେପଥଗାମୀ, ଦୁଶ୍ଚରିତ୍ର, ଅନାବଶ୍ୟକ ବ୍ୟକ୍ତିମାନଙ୍କର ଦୌରାତ୍ମ୍ୟରେ ସମାଜରେ ନାନା ବିଭ୍ରାଟ , ବିଶୃଙ୍ଖଳା ଦେଖାଦେବ । ପାପ ପର୍ଯ୍ୟାପ୍ତ ଭାବରେ ବ୍ୟାପି ସମଗ୍ର ମାନବ ସମାଜକୁ ଧ୍ୱଂସ ମୁଖକୁ ଠେଲିଦେବ । ମନୁଷ୍ୟମାନେ ଆଳସ୍ୟ ପରାୟଣ ହୋଇ କୁଳ, ଜାତି, ବର୍ଣ୍ଣ, ଧର୍ମ ଅନୁଯାୟୀ ନିଜ ନିଜ କର୍ତ୍ତବ୍ୟକର୍ମକୁ ତ୍ୟାଗ କରିବେ । ସମାଜରେ ସ୍ତ୍ରୀ ,ପୁରୁଷ ଆଦିଙ୍କର ନୈତିକ ମୂଲ୍ୟବୋଧର ପତନ ହେବ । ଜାତି ,ବର୍ଣ୍ଣ,ଧର୍ମ ଆଦିର ନୀତି ନିୟମ ବିଲୁପ୍ତ ହେବ । ଫଳରେ ସ୍ତ୍ରୀ ମାନେ କୁଳଧର୍ମ ପରିତ୍ୟାଗ କରି ଦେହ ଭୋଗ୍ୟ ଭାବରେ ବେପଥଗାମୀ ପୁରୁଷଙ୍କ ଦ୍ୱାରା ବ୍ୟବହୃତ ହେବାରେ ସମାଜରେ ବର୍ଣ୍ଣସଙ୍କର ମାନେ ଜନ୍ମନେବେ । ସେହିମାନଙ୍କ ଦୌରାତ୍ମ୍ୟରେ

ସମାଜର ସୁଖ ଶାନ୍ତି ନଷ୍ଟ ହେବ । ଧରା ପୃଷ୍ଠରେ ଅବତାର ନେବାର ଆଉ ଏକ ବିଶେଷ ଉଦ୍ଦେଶ୍ୟ ହେଲା, ଅବତାର କାଳରେ ଭଗବାନଙ୍କ ଜନ୍ମ ଓ କର୍ମର ଦିବ୍ୟ ତତ୍ତ୍ୱକୁ ବୁଝି, ଲୋକେ ତାହାକୁ ଅନୁସରଣ କରି ଧର୍ମ ପରାୟଣ ହେବେ । ଶାସ୍ତ୍ର ବିହିତ ନୀତି ନିୟମକୁ ମାନି ଶୃଙ୍ଖଳିତ ଜୀବନ ବିତାଇବାରେ ସମାଜର ଆଧ୍ୟାତ୍ମିକ ଉନ୍ନତି ହେବ ଓ ସ୍ୱତଃ ସୁଖ ଶାନ୍ତି ପ୍ରାପ୍ତ ହେବ । ଭଗବାନଙ୍କ କର୍ମକୁ ଅନୁସରଣ କରିବା ଅର୍ଥ ଏହା ନୁହେଁ ଯେ' , ଭଗବାଙ୍କ ପରି ଗୋବର୍ଦ୍ଧନ ପର୍ବତକୁ ଟେକିଧରିବା, ବାଳକୃଷ୍ଣଙ୍କ ପରି ମାଖନ ଚୋରୀ କରିବା, ଗୋପାଙ୍ଗିନୀ ମାନଙ୍କ ସହିତ ରାସକ୍ରୀଡା ଭଳି କର୍ମରେ ପ୍ରବୃତ୍ତ ହେବା । ଭଗବାନଙ୍କ ଦ୍ୱାରା ହୋଇଥିବା ଲୋକଶିକ୍ଷା ନିମିତ୍ତ କର୍ମର ତତ୍ତ୍ୱକୁ ନ ବୁଝି , ଭୋଗ ବୁଦ୍ଧିରେ ଅନୁକରଣ କରି କାର୍ଯ୍ୟ କଲେ ନିଜର ବିନାଶ ଅବଶ୍ୟମ୍ଭାବି । ତେଣୁ ଭଗବାନ ସେହି କଥାକୁ ବାରମ୍ବାର ସୁଚାଇଛନ୍ତି ଯେ' ଯୋଗନିଷ୍ଠ ଜ୍ଞାନୀ ପୁରୁଷ ଯେପରି ଅତି ଯତ୍ନ ସହକାରେ ଲୋକ ସଂଗ୍ରହ ନିମିତ୍ତ ଅନାସକ୍ତ ଭାବେ ନିଷ୍କର୍ମ୍ୟ କର୍ମରେ ପ୍ରବୃତ୍ତ ରହନ୍ତି , ସେହି ମହାଜନଙ୍କ ପଦାଙ୍କ ଅନୁସରଣ କରୁଥିବା ଲୋକମାନେ ମଧ୍ୟ ମହାଜନଙ୍କର ଆଚରଣକୁ ଆତ୍ମତତ୍ତ୍ୱ ବୁଦ୍ଧିରେ ବିଚାର କରି ଗ୍ରହଣ କରିବା ଉଚିତ । ତେଣୁ ଅବତାରୀ ରୂପରେ "ମୁଁ" ଅତି ସାବଧାନତାର ସହିତ କର୍ମରେ ପ୍ରବୃତ୍ତ ରହେ ,ଯାହାକୁ ଯୁଗ ଯୁଗ ଧରି ମନୁଷ୍ୟମାନେ ଏହାକୁ ଦୃଷ୍ଟାନ୍ତ ବୋଲି ମାନି ନେଇଥାନ୍ତି । ବିଷାଦ ଯୋଗରେ ଅର୍ଜ୍ଜୁନ ଭଗବାନଙ୍କ ଆଗରେ ଏହି ଯୁକ୍ତି ରଖିଥିଲେ ଯେ , ଯୁଦ୍ଧ କରିଲେ କୁଳ କ୍ଷୟ ହେବ, ଏଥିରେ ସ୍ତ୍ରୀ ମାନେ ସୁରକ୍ଷା ନପାଇ ବିପଟୀ ହେବେ । ଯେଉଁଥିରେ ସମାଜରେ ବର୍ଣ୍ଣସଙ୍କର ଦେଖାଦେବେ । କିନ୍ତୁ ଭଗବାନ ଏଠାରେ କହୁଛନ୍ତି ଯେ' ଅର୍ଜ୍ଜୁନ ! ତୁମ୍ଭେ ଯୁଦ୍ଧ ନ'କଲେ, କର୍ତ୍ତବ୍ୟ କର୍ମକୁ ଛାଡି ସ୍ତ୍ରୀ, ପୁରୁଷ ସମସ୍ତେ କୁଳ ,ଜାତି, ସ୍ୱଧର୍ମର ନୀତି ନିୟମକୁ ତ୍ୟାଗ କରିବେ । ଫଳରେ ସମାଜରେ ବର୍ଣ୍ଣ ସଙ୍କରତା ଦେଖାଦେବ । ଏଥିରୁ ଏହି ସିଦ୍ଧାନ୍ତ ମିଳୁଛି ଯେ' ଅନାସକ୍ତ ଭାବେ କର୍ତ୍ତବ୍ୟ କର୍ମ ଅନୁଷ୍ଠାନ ହିଁ ସମାଜ ପାଇଁ କଲ୍ୟାଣକର ।

**ସକ୍ତାଃ କର୍ମଣ୍ୟବିଦ୍ୱାଂସୋ ଯଥା କୁର୍ବନ୍ତି ଭାରତ ।**

**କୁର୍ଯ୍ୟାଦ୍ ବିଦ୍ୱାଂସ୍ତଥାସକ୍ତଶ୍ଚିକୀର୍ଷୁର୍ଲୋକସଂଗ୍ରହମ୍ ॥ ୨୫॥**

*ଅନ୍ୱୟ : ଭାରତ (ହେ ଭରତ ବଂଶଜ ଅର୍ଜ୍ଜୁନ !) କର୍ମଣି ( ସକାମ କର୍ମରେ ) ସକ୍ତାଃ( ଆସକ୍ତ ହୋଇ ) ଅବିଦ୍ୱାଂସଃ (ଅଜ୍ଞାନୀଗଣ ) ଯଥା ( ଯେଉଁ ଭାବରେ ) କୁର୍ବନ୍ତି (କର୍ମ କରନ୍ତି ) ବିଦ୍ୱାନ୍ (ତତ୍ତ୍ୱଜ୍ଞ ମହାପୁରୁଷ ) ଆସକ୍ତ (ଅନାସକ୍ତହୋଇ) ଲୋକସଂଗ୍ରହମ୍ (ଲୋକ କଲ୍ୟାଣ )ଚିକୀର୍ଷୁ (ସାଧନ ରୂପରେ- ଉଦ୍ଦେଶ୍ୟରେ) ତଥା (ସେହିପରି ) କୁର୍ଯ୍ୟାତ୍(କର୍ମ କରିବେ ) ।*

**ଭାବାର୍ଥ :** ସାଧାରଣ ଲୋକ କର୍ମର ଫଳକୁ ଭୋଗ କରିବାର ଇଚ୍ଛା ପ୍ରକଟ କରି କର୍ମରେ ପ୍ରବୃତ୍ତ ହୁଅନ୍ତି ।ଏହି ଶ୍ଳୋକରେ ଭଗବାନ କହୁଛନ୍ତି ହେ ଅର୍ଜ୍ଜୁନ ! ସକାମୀ ପୁରୁଷ ଯେଉଁ ଭଳି ଶ୍ରଦ୍ଧା ଓ ବିଶ୍ୱାସର ସହିତ ଫଳ ଭୋଗ ଇଚ୍ଛାରେ ନିଜର ଧର୍ମ , ବର୍ଣ୍ଣ ,ଆଶ୍ରମ ବିହିତ କର୍ମକୁ ଶାସ୍ତ୍ର ବିଧି ଅନୁଯାୟୀ ଅନୁଷ୍ଠାନ କରନ୍ତି , ତତ୍ତ୍ୱଜ୍ଞ ମହାପୁରୁଷ ମଧ୍ୟ ଲୋକସଙ୍ଗ୍ରହାର୍ଥେ ଅର୍ଥାତ୍ ସମସ୍ତ ପ୍ରାଣୀଙ୍କ ହିତକୁ ଦୃଷ୍ଟିରେ ରଖି ଲୌକିକ, ବୈଦିକ କର୍ତ୍ତବ୍ୟ କର୍ମ କରିବା ଉଚିତ । ଏଠାରେ ଭଗବାନ ସଂସାରର ଉଭୟ ବିଷୟ ଭୋଗ ଚିନ୍ତାରେ ଥିବା ସକାମୀ ପୁରୁଷ ଏବଂ ଜୀବନ ମୁକ୍ତ ସ୍ଥିତିରେ ଥିବା ସିଦ୍ଧି ପ୍ରାପ୍ତ ପୁରୁଷଙ୍କ ନିମନ୍ତେ କର୍ତ୍ତବ୍ୟ କର୍ମ କରିବାର ପ୍ରେରଣା ଦେଉଛନ୍ତି । ଜ୍ଞାନୀ ପୁରୁଷଙ୍କର ଅନ୍ତରରେ ଥିବା ଅନାସକ୍ତ ଭାବ ବାହାରକୁ ଦେଖାଯାଉ ବା ନ' ଯାଉ, ତାଙ୍କ ଦ୍ୱାରା ହେଉଥିବା ନିଷ୍କର୍ମ୍ୟ କର୍ମର ପ୍ରଭାବ ଅନ୍ୟମାନଙ୍କ ଉପରେ ସ୍ୱଭାବିକ ଭାବରେ ପଡିଥାଏ । ଜୀବନମୁକ୍ତ ପୁରୁଷଙ୍କ

ନିମନ୍ତେ କୌଣସି କର୍ତ୍ତବ୍ୟ କର୍ମର ଶେଷ ରହିନ'ଥାଏ । କାମନା , ମମତା ରହିତ କାରଣରୁ ସେମାନଙ୍କ ଦ୍ୱାରା କର୍ମର ଉପେକ୍ଷା ହେବାର ସମ୍ଭାବନା ରହିଥିବାରୁ , ଭଗବାନ ଏଠାରେ ଅନାସକ୍ତ ରହି ଲୋକ ଶିକ୍ଷା ପାଇଁ କର୍ମରେ ପ୍ରବୃତ୍ତ ହେବାର ନିର୍ଦ୍ଦେଶ ଦେଇଛନ୍ତି ।

**ନ ବୁଦ୍ଧିଭେଦଂ ଜନୟେଦଜ୍ଞାନାଂ କର୍ମସଙ୍ଗିନାମ୍ ।**

**ଜୋଷୟେତ୍ସର୍ବ କର୍ମାଣି ବିଦ୍ୱାନ୍ ଯୁକ୍ତଃ ସମାଚରନ୍ ॥ ୨୬ ॥**

*ଅନ୍ୱୟ : ଯୁକ୍ତଃ (ଆସକ୍ତ ରହିତ – ପରମାତ୍ମା ସ୍ୱରୂପରେ ଅଟଳ ସ୍ଥିତ ) ବିଦ୍ୱାନ୍ (ତତ୍ତ୍ୱଜ୍ଞାନୀ ପୁରୁଷ) କର୍ମ-ସଙ୍ଗିନାମ୍ (ସକାମ କର୍ମରେ ଆସକ୍ତ ) ଅଜ୍ଞାନାଂ( ଅଜ୍ଞବ୍ୟକ୍ତି ମାନଙ୍କର ) ବୁଦ୍ଧି ଭେଦଂ ( ବୁଦ୍ଧିରେ ଭ୍ରମ ) ନ ଜନୟେତ୍ ( ଜନ୍ମାଇବେ ନାହିଁ ) ସର୍ବ କର୍ମାଣି (ବରଂ ସମସ୍ତ କର୍ମ ) ସମାଚରନ୍ ( ସାବଧାନତାର ସହ ଅନୁଷ୍ଠାନ କରି ) ଜୋଷୟେତ୍ ( ଅନ୍ୟ ସମସ୍ତଙ୍କୁ କର୍ମରେ ନିଯୁକ୍ତ କରାଇ ରଖିବେ )।*

**ଭାବାର୍ଥ :** ଭଗବାନ ଜ୍ଞାନୀ ପୁରୁଷ କିପରି ଭାବରେ ସଚେତନ ହୋଇ ସମାଜର ମଙ୍ଗଳ ନିମନ୍ତେ କର୍ମ କରିବା ଉଚିତ ତାହା କହିଛନ୍ତି । କର୍ମଫଳପ୍ରତି ଆଶା ରଖି, ନିଜ କୁଳ, ବର୍ଣ୍ଣ ଓ ଆଶ୍ରମର ଧର୍ମକୁ ଉପେକ୍ଷା ନ'କରି, ଶାସ୍ତ୍ର ବିଧି ଅନୁସାରେ ସକାମ କର୍ମରେ ପ୍ରବୃତ୍ତ ହୋଇ ରହିଥିବା ଅଜ୍ଞାନ ବ୍ୟକ୍ତିଙ୍କ ବୁଦ୍ଧିରେ, ତତ୍ତ୍ୱଜ୍ଞାନୀ ମହାପୁରୁଷ ନିଷ୍କାମ କର୍ମତତ୍ତ୍ୱ କିମ୍ବା ଆତ୍ମା ତତ୍ତ୍ୱର ଉପଦେଶ ଦେଇ , ଭ୍ରମ ସୃଷ୍ଟି କରାନ୍ତୁ ନାହିଁ । ଜ୍ଞାନୀଜନ, ଲୋକଶିକ୍ଷାର୍ଥେ ଜଗତ କଲ୍ୟାଣ ଜନିତ ସମସ୍ତ କର୍ମକୁ ସମତ୍ୱ ଚିତ୍ତରେ ଅନୁଷ୍ଠାନ କରି, ସାଧାରଣ ଲୋକଙ୍କ ପାଇଁ କର୍ମରେ ନିଯୁକ୍ତ ହୋଇ ରହିବାର ଦୃଷ୍ଟାନ୍ତ ହୁଅନ୍ତୁ । ସାଧାରଣ ଅଜ୍ଞଲୋକ, ସଂସାରରେ ବଞ୍ଚିବା ପାଇଁ ହେଉ, କିମ୍ବା ଭୌତିକ ସୁଖ ପ୍ରାପ୍ତ କରିବାକୁ ହେଉ , ନ୍ୟାୟୋଚିତ ଭାବରେ ଧନ ଅର୍ଜ୍ଜନ କରିବା ପାଇଁ କର୍ମକୁ ଆଦରି ନେଇଥାନ୍ତି । ମୋତେ କର୍ମ କରିବାକୁ ହେବ - କର୍ମ ନ'କଲେ ପରିବାର ପ୍ରତିପୋଷଣ ହୋଇପାରିବ ନାହିଁ - ଏହି ମନୋଭାବରେ ଫଳପ୍ରତି ଆଶା ରଖି କର୍ମରେ ନିଯୁକ୍ତ ହୋଇଥାନ୍ତି । ମୋକ୍ଷ କଣ ଏବଂ ମନୁଷ୍ୟ ଜନ୍ମର ଅନ୍ତିମ ଲକ୍ଷ୍ୟ ମୁକ୍ତି ପ୍ରାପ୍ତ ହେବା ସମ୍ବନ୍ଧରେ ଏହିମାନେ ଅଜ୍ଞ ରହିଥାନ୍ତି । କେହିତ କେବଳ ବଞ୍ଚି ରହିବା ନିମନ୍ତେ କର୍ମ କରିଥାଏ, ଅନ୍ୟ କେହି ଇନ୍ଦ୍ରିୟ ଭୋଗ ଇଚ୍ଛାରେ ଆସକ୍ତ ହୋଇ କର୍ମରେ ଜଡିତ ରହେ । ଏହି କାରଣରୁ ଯଦିଓ ଏଠାରେ ସେମାନଙ୍କୁ ଅଜ୍ଞାନୀ ବୋଲି କୁହାଯାଇଛି, କିନ୍ତୁ ସେହି ମନୁଷ୍ୟମାନେ କର୍ତ୍ତବ୍ୟ କର୍ମକୁ ଉପେକ୍ଷା କରିନଥାନ୍ତି କି' ସମାଜର ନୀତି ନିୟମକୁ ଉଲ୍ଲଂଘନ କରିନ'ଥାନ୍ତି । ସେମାନଙ୍କ କର୍ମଦ୍ୱାରା, ଅନ୍ୟ ସମସ୍ତଙ୍କର ଆବଶ୍ୟକତା ପୂରଣ ହୁଏ ଏବଂ ସଂସାରର ଭୌତିକ ଅଭିବୃଦ୍ଧି ଘଟିଥାଏ । ସଂସାର ପରିଚାଳନା ଚକ୍ରରେ ବାଧା ନ' ଉପୁଜିବା ଲକ୍ଷ୍ୟରେ ଭଗବାନ ଏଠାରେ ଉପଦେଶ ଦେଉଛନ୍ତି ଯେ' : ତତ୍ତ୍ୱବିତ୍ ମହାପୁରୁଷ ସାଧାରଣ ଲୋକଙ୍କୁ କର୍ମର ଅନାସକ୍ତ ତତ୍ତ୍ୱ କିମ୍ବା ଆତ୍ମ ତତ୍ତ୍ୱ ଉପଦେଶ ଦେଇ, ସେମାନଙ୍କର ଅନ୍ତଃକରଣରେ କର୍ତ୍ତବ୍ୟ କର୍ମ ପ୍ରତି କୌଣସି ପ୍ରକାର ଅଶ୍ରଦ୍ଧା କିମ୍ବା ସଂଶୟ ଉତ୍ପନ୍ନ କରାନ୍ତୁ ନାହିଁ । ଏପରି ନ ହେଉ କି' : ଯେଉଁମାନେ ଶ୍ରଦ୍ଧା ପୂର୍ବକ କର୍ମରେ ନିଯୁକ୍ତ ଅଛନ୍ତି, ଜ୍ଞାନୀ ଜନଙ୍କ ଉପଦେଶ ପାଇ କର୍ମତ୍ୟାଗ କରିଦେବେ । ଏପରି ହେଲେ, ସେମାନଙ୍କର ଆଧ୍ୟାତ୍ମିକ ମାର୍ଗରେ ଅଭିବୃଦ୍ଧି ପରିବର୍ତ୍ତେ ବର୍ତ୍ତମାନ ସ୍ଥିତିରୁ ସେମାନଙ୍କର ପତନ ହୋଇଯିବ । ସମାଜ ଓ ପରିବାରର ମୁଖ୍ୟ ବ୍ୟକ୍ତିଙ୍କ ପାଇଁ ମଧ୍ୟ ଏକଥା ପ୍ରଯୁଜ୍ୟ । କର୍ମଯୋଗ ସିଦ୍ଧ ପୁରୁଷଙ୍କ ଅନାସକ୍ତ ଓ ନିଷ୍କର୍ମ୍ୟ ଜନିତ ଆଚରଣକୁ ଅନୁସରଣ କରି ଓ ସେମାନଙ୍କଠାରୁ ପ୍ରେରଣା ପାଇ ସକାମ ବ୍ୟକ୍ତିଙ୍କର ଯଥା ସମୟରେ ପରିବର୍ତ୍ତନ ଅବଶ୍ୟ ହେବ ।

**ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ ।**

**ଅହଂକାରବିମୂଢ଼ାତ୍ମା କର୍ତ୍ତାହମିତି ମନ୍ୟତେ ॥ ୨୭॥**

*ଅନ୍ୱୟ : ପ୍ରକୃତେଃ (ପ୍ରକୃତିର) ଗୁଣୈଃ (ତ୍ରିଗୁଣ ଦ୍ୱାରା ) ସର୍ବଶଃ (ସବୁ ପ୍ରକାରର ) କର୍ମାଣି (କର୍ମ ସମୂହ ) କ୍ରିୟମାଣାନି (ସମ୍ପନ୍ନ ହୁଏ ) । ଅହଂକାରବିମୂଢ଼ାତ୍ମା (ଅହଂକାରରେ ମୋହିତ ବୁଦ୍ଧିଯୁକ୍ତ ମନୁଷ୍ୟ ) ଅହମ୍ (ମୁଁ) କର୍ତ୍ତା (କର୍ତ୍ତା ) ଇତି (ଏହିପରି ) ମନ୍ୟତେ ( ମାନିଥାଏ ) ।*

**ଭାବାର୍ଥ :** ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ମନୁଷ୍ୟର ଶରୀର ଓ ଇନ୍ଦ୍ରିୟରେ ସମସ୍ତ ପ୍ରକାର ଲୌକିକ ଏବଂ ଆଧାତ୍ମିକ କର୍ମ ପ୍ରକୃତିର ତ୍ରିଗୁଣ ଦ୍ୱାରା ହିଁ ସମ୍ପନ୍ନ ହୋଇଥାଏ । ମାତ୍ର ଅହଙ୍କାରରେ ମୋହିତ ଅନ୍ତଃକରଣଯୁକ୍ତ ଅଜ୍ଞାନୀ ମନୁଷ୍ୟ ମନେକରେ ଯେ ,"ମୁଁ ହିଁ କର୍ତ୍ତା "- ଅର୍ଥାତ୍ ମୁଁ ସବୁକିଛି କରୁଛି । ଭଗବାନ କହୁଛନ୍ତି, ପ୍ରକୃତି ସତ୍ତ୍ୱ, ରଜ, ତମ ଏହି ତିନି ଗୁଣକୁ ନେଇ ଗୁଣମୟୀ । ଗୁଣ ମାନଙ୍କର ସାମ୍ୟ ଅବସ୍ଥା ପ୍ରକୃତି । ପ୍ରକୃତି ଗୁଣଠାରୁ ଅଲଗା ନୁହେଁ । ପ୍ରକୃତି ଆଉ ଗୁଣ ଏକ । ସଂସାରର ମନୁଷ୍ୟ, ପଶୁ, ପକ୍ଷୀ, କୀଟ ପତଙ୍ଗ ଯେତେ ସବୁ ଜୀବ ଅଛନ୍ତି, ସମସ୍ତେ ପ୍ରକୃତିର ଏହି ସତ୍ତ୍ୱ, ରଜ, ତମ ତିନି ଗୁଣଦ୍ୱାରା ପ୍ରଭାବିତ । ସଂସାରରେ ଜଣେ ଅନ୍ୟଜଣଙ୍କ ସହିତ ଏହି ଗୁଣରେ ହିଁ ସମ୍ବନ୍ଧିତ । ପ୍ରକୃତି ହେଉଛି ଈଶ୍ୱରଙ୍କର ଅପରା ଶକ୍ତି ଓ ଚେତନ ହେଉଛି ପରା ଶକ୍ତି । ଚେତନ (ପୁରୁଷ) ଓ ପ୍ରକୃତିର ସଂଯୋଗରେ ଜଗତ ନିର୍ମିତ । ଚେତନ ଅଂଶ ଯେପରି ସେପରି ଭାବରେ ଅପରିବର୍ତ୍ତିତ ହୋଇ ରହିଥାଏ, ମାତ୍ର ପ୍ରକୃତି ରୂପାନ୍ତର ହୋଇ ଜଗତକୁ ଏହି ତିନିଗୁଣରେ କ୍ରିୟାଶୀଳ କରି ରଖିଥାଏ। ପ୍ରକୃତିରୁ ଉତ୍ପନ୍ନ ସତ୍ତ୍ୱ,ରଜ,ତମ- ତିନି ଗୁଣ , ବୁଦ୍ଧି,ଅହଂକାର,ମନ ଆକାଶ ଆଦି ପାଞ୍ଚ ସୂକ୍ଷ୍ମମହାଭୂତ ,ଶ୍ରୋତାଦି ଦଶ ଇନ୍ଦ୍ରିୟ, ଶବ୍ଦାଦି ପାଞ୍ଚ ବିଷୟ , ଏହିପରି ତେଇଶି ତତ୍ତ୍ୱରେ ମନୁଷ୍ୟର ସ୍ଥୂଳ ଓ ସୂକ୍ଷ୍ମ ଶରୀର ତିଆରି ହୋଇଛି । ଅନ୍ତଃକରଣ ଓ ଇନ୍ଦ୍ରିୟମାନଙ୍କୁ ବିଷୟ ସମୂହ ସହିତ ସମ୍ବନ୍ଧ କରାଇବାର କାରଣଭୂତ ହେଉଛି ଗୁଣ ଏବଂ ଏହି ଗୁଣରୁ କର୍ମ ଉତ୍ପନ୍ନ ହୁଏ । ବୁଦ୍ଧିର କୌଣସି ବିଷୟରେ ନିଶ୍ଚୟ କରିବା, ମନର କୌଣସି ବିଷୟ ମନନ କରିବା, କାନରେ ଶବ୍ଦାଦିଶୁଣିନେବା, ତ୍ୱଚାରେ ବସ୍ତୁକୁ ସ୍ପର୍ଶ କରିନେବା, ଚକ୍ଷୁରେ ରୂପକୁ ଦେଖିନେବା, ଜିହ୍ୱାରେ ରସକୁ ଅସ୍ୱାଦନ କରିନେବା,ବାଣୀ ରେ ଶବ୍ଦାଦି ଉଚ୍ଚାରଣ କରିବା, ହାତରେ ବସ୍ତୁକୁ ଗ୍ରହଣ କରିବା, ପାଦରେ ଗମନ କରିବା, ଗୁଦା ଓ ଉପସ୍ଥରେ ମଳ ମୁତ୍ର ତ୍ୟାଗ, ଏ ସମସ୍ତ ଶାରୀରିକ କ୍ରିୟା ଗୁଣରେ ସମ୍ପନ୍ନ ହୁଏ । ସଂସାରରେ ଯାହା ସବୁ ଏବଂ ଯେଉଁ ପ୍ରକାରରେ ଘଟେ, ସେ ସମସ୍ତ ପ୍ରକୃତିର ଗୁଣମାନଙ୍କ ପ୍ରଭାବରେ ହିଁ ହୋଇଥାଏ । ନିର୍ଗୁଣ,ନିରାକାର ଚେତନର କର୍ମ ସମ୍ପାଦନରେ ବସ୍ତୁତଃ କଛି ବି ସମ୍ବନ୍ଧ ନ'ଥାଏ । ଶରୀର, ଇନ୍ଦ୍ରିୟ,ମନ ଆଦିରେ "ମୁଁ" ଏହା କଲି, "ମୁଁ" ତାହା କଲି, ଏହିପରି ଯେଉଁ କର୍ତ୍ତାଭାବ, ତାହା ମନୁଷ୍ୟର ଅନ୍ତଃକରଣରେ ଏକ ବୃତ୍ତି ଉତ୍ପନ୍ନ କରାଏ । ସେହି "ମୁଁ" କର୍ତ୍ତାପନ ବୃତ୍ତିରେ ମନ, ବୁଦ୍ଧି ବାନ୍ଧି ହୋଇଯାନ୍ତି । ଏହି "ମୁଁ" ଭାବ ଗୁଣମାନଙ୍କ ଦ୍ୱାରା ସଂଗଠିତ କ୍ରିୟା ଗୁଡିକ ସହିତ ନିଜର ସମ୍ବନ୍ଧ କରିନିଏ । ଦେହ ହେଉଛି ଅପରା ପ୍ରକୃତିର ଅଂଶ । ଜଡ ଶରୀର ସହିତ ନିଜର ସମ୍ବନ୍ଧ ସ୍ୱୀକାର କରି ,ଶରୀରକୁ ନିଜର ସ୍ୱରୂପ ମନେକରି "ମୁଁ" ବୋଲି ମାନିନେବା କୁ ତଦାତ୍ମ୍ୟ କହନ୍ତି । ଏହି ତଦାତ୍ମ୍ୟ ହେଉଛି ଅହଂକାର । ସ୍ୱୟଂ" କେବେ କର୍ତ୍ତା ହୁଏନାହିଁ । "ସ୍ୱୟଂ

"ରେ କର୍ତ୍ତୃତ୍ୱ ଆସିବା ଆଦୌ ସମ୍ଭବ ନୁହେଁ । "ସ୍ୱୟଂ" କେବେ ଶରୀର ସହିତ ତଦାତ୍ମ୍ୟ ହୋଇପାରିବ ନାହିଁ । କିନ୍ତୁ ମନୁଷ୍ୟ ବିବେକର ଅଭାବ ହେତୁ ସ୍ୱରୂପ ସହିତ ମିଶିଯିବାର ମାନିନେଇ ,ନିଜଠାରେ କର୍ତ୍ତୃତ୍ୱ ସ୍ୱୀକାର କରେ । ଆଜି ପର୍ଯ୍ୟନ୍ତ ଦେବତା,ମନୁଷ୍ୟ,ପଶୁ ,ପକ୍ଷୀ, ଯକ୍ଷ, ରାକ୍ଷାସ ଆଦି ଅନେକ ଯୋନିରେ ଯେତେ କର୍ମ କରାଯାଇଛି,କୌଣସି କର୍ମ ସ୍ୱରୂପ ପର୍ଯ୍ୟନ୍ତ ପହଞ୍ଚି ନାହିଁ କିମ୍ବା କୌଣସି ଶରୀର ମଧ ସ୍ୱରୂପ ପର୍ଯ୍ୟନ୍ତ ପହଞ୍ଚି ନାହିଁ । ଅହଙ୍କାରରେ ଯାହାର ଆତ୍ମା ବିମୁଢ ହୋଇଯାଏ ,ଅର୍ଥାତ୍ ଅବିବେକ କାରଣରୁ ଅନ୍ତଃକରଣରେ ଅହନ୍ତାର ଅଭିନିବେଶ(ଦୃଢ ଭାବର ସ୍ଥାୟୀ ହୋଇ ରହିବା) ହେଲେ , ସିଏ ନିଜକୁ କର୍ତ୍ତା ମାନିବସେ । ଆମ୍ଭେ କେବେ ଚିନ୍ତା କରିଛେ କି' ଯେ ଶରୀରରେ ଯେଉଁ ରକ୍ତ ପ୍ରବାହ ହେଉଛି, ତାହାକୁ କିଏ ଚଳାଉଛି ? ଶରୀର ଭିତରର ପାଚନ କ୍ରିୟା କାହାଦ୍ୱାରା ହେଉଛି ? ଶରୀରର ହୃଦଯନ୍ତ୍ର, ମସ୍ତିଷ୍କକୁ କୁ କିଏ ଚଳାଉଛି ? ଏ ସବୁର ଉତ୍ତର କେବେ "ମୁଁ" ହେବନାହିଁ । "ମୁଁ" ଯଦି ଏହିସବୁ କାମ କରିବାକୁ ଅକ୍ଷମ, ତାହେଲେ, ସେହି "ମୁଁ" କିପରି ଅନ୍ୟ ସମସ୍ତ କର୍ମ କରୁଛି ? ଅତଏବ , ଅହଂକାର ଭିତରେ ଥିବା "ମୁଁ" ହେଉଛି ଅବାସ୍ତବ । ଅଜ୍ଞାନ, ଅବିବେକ ହେଉଛି ଏହାର କାରଣ । ପ୍ରକୃତିରୁ ମହତତ୍ତ୍ୱ, ମହାତତ୍ତ୍ୱରୁ ଅହଂକାରର ସୃଷ୍ଟି । ଯେଉଁ ଆତ୍ମାସ୍ୱରୂପ ପ୍ରକୃତି ଓ ଗୁଣ କାର୍ଯ୍ୟର ସାକ୍ଷୀ ତାହା ବିମୁଢ ହୋଇ, ପ୍ରକୃତିଠାରୁ ଅସଙ୍ଗ ରହି , ଗୁଣ ଓ ପ୍ରକୃତିର କାର୍ଯ୍ୟକୁ ନିଜରବୋଲି ସ୍ୱୀକାର କରିବା ହେଉଛି ଅହଂକାର । ଏହି କର୍ତ୍ତୃତ୍ୱ ଜନିତ ଅହଙ୍କାରର ବିବେକ ସହିତ ସମ୍ବନ୍ଧ ନ'ଥାଏ । ବିବେକର ଜାଗ୍ରତରେ ବୃତ୍ତି ରୂପକ ଅହଙ୍କାରର ବିଲୟ ହୁଏ ।

**ତତ୍ତ୍ୱବିତ୍ତୁ ମହାବାହୋ ଗୁଣକର୍ମବିଭାଗୟୋଃ ।**

**ଗୁଣା ଗୁଣେଷୁ ବର୍ତ୍ତନ୍ତ ଇତି ମତ୍ୱା ନ ସଜ୍ଜତେ ॥ ୨୮ ॥**

*ଅନ୍ୱୟ: ତୁ (କିନ୍ତୁ) ମହାବାହୋ (ହେ ମହାବାହୁ !) ଗୁଣ-କର୍ମ-ବିଭାଗୟୋଃ ( ଗୁଣ ବିଭାଗ ଓ କର୍ମବିଭାଗର )ତତ୍ତ୍ୱବିତ୍ ( ତତ୍ତ୍ୱଜ୍ଞ ମହାପୁରୁଷ ) ଗୁଣାଃ (ଗୁଣ ସମୂହ :ସତ୍ତ୍ୱ,ରଜ,ତମ ଗୁଣ ଓ ଏଗୁଡ଼ିକର ପରିଣାମ ଇନ୍ଦ୍ରିୟାଦି )ଗୁଣେଷୁ (ଗୁଣ ଅର୍ଥାତ୍ ରୂପ, ରସାଦି ବିଷୟରେ ) ବର୍ତ୍ତନ୍ତେ (ସବୁ କାର୍ଯ୍ୟ କରିଥାନ୍ତି ) ଇତି ମତ୍ୱା (ଏହା ଜାଣି) ନ ସଜ୍ଜତେ ( ଆସକ୍ତି ହୁଅନ୍ତି ନାହିଁ ଅର୍ଥାତ୍ "ମୁଁ" କର୍ତ୍ତା ଏ ଅଭିମାନ କରନ୍ତି ନାହିଁ) ।*

**ଭାବାର୍ଥ :** ସତ୍ତ୍ୱ, ରଜ, ତମ – ଏହି ତିନୋଟି ପ୍ରକୃତି ଜନିତ ଗୁଣ ଅଟେ । ସାରା ସୃଷ୍ଟି ତିନିଗୁଣର କାର୍ଯ୍ୟ ହୋଇଥିବାରୁ ସମଗ୍ର ଜଗତ ତ୍ରିଗୁଣାତ୍ମିକ । ମନୁଷ୍ୟ ଶରୀରରେ ଯେଉଁ ଚବିଶି ତତ୍ତ୍ୱ : ଦଶ ଇନ୍ଦ୍ରିୟ, ପଞ୍ଚ ମହାଭୁତ, ରୂପ, ରସାଦି ପାଞ୍ଚ ତନ୍ମାତ୍ରା, ମନ, ବୁଦ୍ଧି ,ଚିତ୍ତ ଓ ଅହଂକାର – ଏ ସମସ୍ତ ସତ୍ତ୍ୱ,ରଜ ,ତମ ଗୁଣର କାର୍ଯ୍ୟ ରୂପ । ଶରୀରରେ ସମସ୍ତ କ୍ରିୟା ଗୁଣରେ ହୋଇଥାଏ । ଶରୀରର ହାଡ,ମାଂସ,ଚର୍ମ ସମସ୍ତ ଜଡ ବସ୍ତୁ । ପ୍ରକୃତିରେ ବୁଦ୍ଧି ଓ ବିବେକ କାରଣ ଭୂତକୁ "ସଦ୍" କୁହାଯାଇଛି । ଶରୀର ହଲିବା, ବୋଲିବା ,ବସିବା,ଉଠିବା ତଥା କ୍ରିୟାହେବାର କାରଣଭୂତ ହେଲା "ରଜସ୍" ଏବଂ ବୁଝିବା,ଚିନ୍ତାକରିବା, ଜାଣିବା ଏସବୁର ପ୍ରକୃତିର ଥିବା କାରଣଭୂତ ହେଲା "ସତ୍ତ୍ୱ" । ଏହା ହେଲା ଗୁଣ ବିଭାଗର ତତ୍ତ୍ୱ ଜ୍ଞାନ । ସଂସାରର ଗୁଣ ଜନିତ ବିଷୟ (ପଦାର୍ଥ) ସହିତ ଶରୀର, ଇନ୍ଦ୍ରିୟ,ମନ,ବୁଦ୍ଧିର ସଂଯୋଗରେ ଚିତ୍ତ ପ୍ରବୃତ୍ତି କ୍ରିୟାଶୀଳ ହୋଇ ଉଠିବା ହେଉଛି କର୍ମ ବିଭାଗ । ଗୁଣ ଓ କର୍ମ ଅର୍ଥାତ୍ ପଦାର୍ଥ ଓ କ୍ରିୟା ନିରନ୍ତର ପରିବର୍ତ୍ତନଶୀଳ ଓ ଏମାନଙ୍କର ଆରମ୍ଭ ଓ ଶେଷ ଥାଏ । ଚେତନ (ପୁରୁଷ)ରେ କେବେ କୌଣସି କ୍ରିୟା ହୁଏନାହିଁ । ଚେତନର ଗୁଣ ଓ କର୍ମ ସହିତ ସମ୍ବନ୍ଧ ନ'ଥାଏ । କିନ୍ତୁ

ଚେତନର ସର୍ବ ବ୍ୟାପକ ସତ୍ତା ଓ ସ୍ଫୁର୍ତ୍ତିରେ ,ଶରୀରର ଚବିଶି ତତ୍ତ୍ୱ ଏବଂ ବାହାରର ପଦାର୍ଥ ପ୍ରକାଶିତ ହୋଇଥାନ୍ତି । ଅଜ୍ଞାନୀ ମନୁଷ୍ୟ ଆତ୍ମସ୍ୱରୁପର ସତ୍ତାରେ ପ୍ରକାଶିତ ହୋଇଥିବା ଚବିଶି ତତ୍ତ୍ୱ ଗୁଣବିଶିଷ୍ଟ ଶରୀରକୁ "ମୁଁ" ବୋଲି ମାନିନେବାରେ ଅନ୍ତଃକରଣରେ କର୍ତ୍ତାପନ ଆସିଯାଏ । ଶରୀରରେ ଗୁଣବିଭାଗ –କର୍ମବିଭାଗ ସହିତ ସମ୍ବନ୍ଧ ରଖି ଅନୁକୂଳତା ଓ ପ୍ରତିକୁଳତାର ଭୋକ୍ତା ହୋଇଯାଏ। ପରିଣାମରେ କର୍ମ ଓ କର୍ମଫଳପ୍ରତି ଆସକ୍ତି ରହି କର୍ମ ବନ୍ଧନରେ ପଡେ । ଅପର ପକ୍ଷରେ ଯେଉଁ ଜ୍ଞାନୀ ପୁରୁଷ , ଗୁଣ ବିଭାଗ ଓ କର୍ମ ବିଭାଗର ତତ୍ତ୍ୱକୁ ବୁଝିପାରିଛି, ସେ ଗୁଣଜନିତ ପଦାର୍ଥ ଓ ଗୁଣଜନିତ କ୍ରିୟାକୁ , ପ୍ରକୃତିରେ ଥିବା ଗୁଣର ଗୁଣ ସହିତ ଅନ୍ତଃ ସମ୍ବନ୍ଧୀୟ କ୍ରିୟା ବୋଲି ମାନିନେଇ ନିଜ ଆତ୍ମା ସ୍ୱରୂପରେ କେବଳ ସାକ୍ଷୀ ରୂପରେ ନିର୍ବିକାର ହୋଇ ରହେ । ଜ୍ଞାନୀ ନିଜକୁ ଗୁଣ –କର୍ମ ବା ପଦାର୍ଥ-କ୍ରିୟା ଠାରୁ ଭିନ୍ନ ମାନି ସେ ଅହଂକାରରେ ମୋହିତ ହୁଏ ନାହିଁ କି' ବନ୍ଧନରେ ପଡେନାହିଁ । ଦେଖିବା,ଶୁଣିବା,ଖାଇବା,ପିଇବା ଏସବୁ କ୍ରିୟା । ଦେଖିବା ବସ୍ତୁ,ଶୁଣିବା ଶବ୍ଦ, ଖାଇବା-ପିଇବା ସାମଗ୍ରୀ ହେଲା ସବୁ ପଦାର୍ଥ । ପଦାର୍ଥ ଓ କ୍ରିୟା ଉଭୟ ଗୁଣବିଶିଷ୍ଟ ଏବଂ ସେମାନଙ୍କର ସ୍ୱୟଂ ପ୍ରକାଶ ହେବାର ସାମର୍ଥ୍ୟ ନାହିଁ । କେବଳ ଆତ୍ମସ୍ୱରୂପର ସତ୍ତାରେ ହିଁ ଏହିମାନେ ପ୍ରକାଶିତ । କିନ୍ତୁ ଆତ୍ମସ୍ୱରୂପର ଏହିମାନଙ୍କ ସହିତ ଲେଶମାତ୍ର ସମ୍ବନ୍ଧ ନାହିଁ । ପରମାତ୍ମା ତତ୍ତ୍ୱ ସହିତ ଚେତନ ସ୍ୱରୂପର ସ୍ୱତଃସିଦ୍ଧ ନିତ୍ୟ ସମ୍ବନ୍ଧ ରହିଛି । ପରିବର୍ତ୍ତନଶୀଳ ପ୍ରକୃତି ସହିତ ବାସ୍ତବରେ ସମ୍ବନ୍ଧ ନାହିଁ । କେବଳ ମାନି ନିଆଯିବାରେ ଆତ୍ମାର ବିମୂଢତା ଆସେ ଓ ଅହଂକାର ବୃତ୍ତି ଉତ୍ପନ୍ନ ହୁଏ । ବେଦାନ୍ତିଙ୍କ ଦୃଷ୍ଟିରେ ପୁରୁଷ ଓ ପ୍ରକୃତିର ଯେଉଁ ବିଭାଜନ, ତାହା ଆତ୍ମା-ଅନାତ୍ମାର ବିଭାଜନ । ଆତ୍ମା ବ୍ରହ୍ମ ଅଟେ ଏବଂ ବ୍ରହ୍ମରେ ପ୍ରକୃତିର ସ୍ୱତନ୍ତ୍ର ସତ୍ତା ନାହିଁ ।

**ପ୍ରକୃତେର୍ଗୁଣସମ୍ମୂଢା ସଜ୍ଜନ୍ତେ ଗୁଣକର୍ମସୁ ।**
**ତାନକୃତ୍ସ୍ନବିଦୋ ମନ୍ଦାନ୍ କୃତ୍ସ୍ନବିନ୍ନ ବିଚାଳୟେତ୍ ॥ ୨୯ ॥**

*ଅନ୍ୱୟ : ପ୍ରକୃତେଃ( ପ୍ରକୃତି ଜନିତ) ଗୁଣସମ୍ମୂଢାଃ ( ଗୁଣର ତାଡନାରେ ଅତ୍ୟନ୍ତ ମୋହିତ ଅଜ୍ଞାନୀ ପୁରୁଷ ) ଗୁଣ-କର୍ମସୁ ( ଭୌତିକ ଗୁଣ ଓ କର୍ମରେ ) ସଜ୍ଜନ୍ତେ ( ଆସକ୍ତ ରହନ୍ତି ) । କୃତ୍ସ୍ନବିଦ୍ ( ପୂର୍ଣ୍ଣତୟା ଜ୍ଞାନ ହୋଇଥିବା ସର୍ବଜ୍ଞ ) ତାନ୍ (ସେହି ସମସ୍ତ ) ଅକୃତ୍ସ୍ନ-ବିଦଃ (ପୂର୍ଣ୍ଣତୟା ଜ୍ଞାନ ହୋଇନଥିବା ଅର୍ଥାତ୍ ଅଳ୍ପଜ୍ଞାନ ପ୍ରାପ୍ତ ପୁରୁଷ ) ମନ୍ଦାନ୍ ( ଇନ୍ଦ୍ରିୟ ଭୋଗ ଓ ସଂଗ୍ରହରେ ରୁଚି ବୁଦ୍ଧି ଯୁକ୍ତ ମନୁଷ୍ୟଙ୍କୁ ) ନ ବିଚାଳୟେତ୍ ( ବିଚଳିତ କରନ୍ତୁ ନାହିଁ) ।*

**ଭାବାର୍ଥ :** ପ୍ରକୃତି ଜନିତ ଗୁଣର ତାଡ଼ନାରେ ଅତ୍ୟନ୍ତ ମୋହିତ ଅଜ୍ଞାନୀ ପୁରୁଷ, ଭୌତିକ ଗୁଣ ଓ କର୍ମରେ ଆସକ୍ତହୋଇ ନିଜକୁ ସମସ୍ତ କର୍ମର କର୍ତ୍ତା ବୋଲି ମନେ କରିଥାଏ । ଭୋକ୍ତା ରୂପରେ ଫଳଭୋଗର ଇଚ୍ଛାରଖି କର୍ମରେ ପ୍ରବୃତ୍ତ ରହେ । ସେହି ଅଳ୍ପଜ୍ଞାନ ଥିବା ଓ ଭୋଗ ସଂଗ୍ରହରେ ରୁଚି ରଖିଥିବା ସକାମୀ ପୁରୁଷଙ୍କୁ, ଗୁଣ-କର୍ମରେ ପୂର୍ଣ୍ଣତୟା ଜ୍ଞାନପ୍ରାପ୍ତ ମହାପୁରୁଷ , ନିଷ୍କର୍ମ୍ୟ କର୍ମର ଉପଦେଶ ଦେଇ, କର୍ମ ବିଷୟରେ ଭ୍ରମ ବ ସଂଶୟ ଜାତ କରାନ୍ତୁ ନାହିଁ । ଏହିମାନଙ୍କୁ ମନ୍ଦ ବୁଦ୍ଧି ଯୁକ୍ତ ଅଳ୍ପଜ୍ଞାନୀ କହିବାର ତାତ୍ପର୍ଯ୍ୟ ହେଲା ଯେ' : ଲୌକିକ, ପରଲୌକିକ ଭୋଗ କାମନା ହେତୁ ସେମାନେ ପଦାର୍ଥ ଓ କର୍ମପ୍ରତି ଆସକ୍ତ ରହନ୍ତି । ଇନ୍ଦ୍ରିୟ ଭୋଗ ଓ ବିଷୟ ସଂଗ୍ରହ ବୁଦ୍ଧିରେ କର୍ମରେ ଲିପ୍ତ ରହି କର୍ମଫଳକୁ ଭୋଗ କରନ୍ତି । ମନୁଷ୍ୟ ଜନ୍ମର ଅନ୍ତିମ ଲକ୍ଷ୍ୟ ମୋକ୍ଷ ପ୍ରାପ୍ତି ବିଷୟରେ ସଂପୂର୍ଣ୍ଣ ଅଜ୍ଞ ଥାନ୍ତି । ସଂସାର କେବଳ କର୍ମ ଏବଂ ଭୋଗର ପୀଠ

ବୋଲି ବିବେଚନା କରିଥାନ୍ତି । ଭୋଗ ଓ ଅହଙ୍କାରର ପୁଷ୍ଟି ନିମିତ୍ତ କର୍ତ୍ତବ୍ୟ କର୍ମକୁ ଶ୍ରଦ୍ଧା ଓ ବିଶ୍ୱାସର ସହିତ ବିଧି ପ୍ରକାରେ ଅନୁଷ୍ଠାନ କରନ୍ତି । ବିନାଶଶୀଳ କର୍ମଫଳକୁ ଆଶ୍ରିତ କରି କର୍ମ କରୁଥିବା ଏହି ପ୍ରକାର ମନୁଷ୍ୟକୁ ଭଗବାନ "ଅଳ୍ପ ମେଧସାମ୍" ବୋଲି ମଧ୍ୟ ସପ୍ତମ ଅଧ୍ୟାୟ( ଶ୍ଳୋକ ୨୩) ରେ କହିଛନ୍ତି । ଗୁଣ ଓ କର୍ମ ତତ୍ତ୍ୱର ପୂର୍ଣ୍ଣତୟା ଭାବରେ ଜ୍ଞାନପ୍ରାପ୍ତ ପୁରୁଷ , "କର୍ମ ବନ୍ଧନର କାରଣ - ସଂସାର ମିଥ୍ୟା" ଏହିପରି ଉପଦେଶ ଦେଇ ସେମାନଙ୍କରେ ମନରେ ସନ୍ଦେହ ବା ଭ୍ରମ ଜାତ କରାଇବା ଉଚିତ ନାହିଁ । ସେହି ଧରଣର ମନୁଷ୍ୟ ବିଚଳିତ ହୋଇ ଯେପରି କର୍ତ୍ତବ୍ୟ କର୍ମକୁ ତ୍ୟାଗ କରି ନ'ଦେବେ, ସେଥିପ୍ରତି ସାବଧାନ ରହିବା ଉଚିତ। ସେହି ଅଳ୍ପଜ୍ଞାନୀ ପରୁଷ, ଅନ୍ତତଃ କର୍ତ୍ତବ୍ୟ କର୍ମରେ ପ୍ରବୃତ୍ତ ରହିଲେ , ଅନ୍ତଃକରଣ ଆସ୍ତେ ଆସ୍ତେ ଶୁଦ୍ଧ ହୋଇ ଭବିଷ୍ୟତରେ ଯୋଗ ପ୍ରାପ୍ତ ପାଇଁ ପ୍ରଯତ୍ନ କରିବେ ।

**ମୟି ସର୍ବାଣି କର୍ମାଣି ସନ୍ନ୍ୟସ୍ୟାଧ୍ୟାତ୍ମଚେତସା ।**
**ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ ॥ ୩୦॥**

*ଭାବାର୍ଥ : ମୟି (ମୋଠାରେ ଅର୍ଥାତ୍ ପରମେଶ୍ୱରଙ୍କ ପାଖରେ ) ସର୍ବାଣି କର୍ମାଣି (ସମସ୍ତ ପ୍ରକାର କର୍ମ ) ଆଧ୍ୟାତ୍ମ ଚେତସା (ଆତ୍ମଜ୍ଞାନ ଚିତ୍ତରେ- ବିବେକ ଓ ବୁଦ୍ଧିର ବିଚାରରେ ) ସନ୍ନ୍ୟସ୍ୟ( ପୂର୍ଣ୍ଣରୂପରେ ସମର୍ପଣ କରି )ନିରାଶୀଃ( ଫଳରେ ଆଶା ନ' ରଖି ) ନିର୍ମମଃ ( ମମତା ଶୂନ୍ୟ ହୋଇ )ବିଗତ ଜ୍ୱର (ସଂତାପ ରହିତ- ଶୋକ ଶୂନ୍ୟ ହୋଇ ) ଯୁଧ୍ୟସ୍ୱ ( ଯୁଦ୍ଧ ରୂପକ କର୍ତ୍ତବ୍ୟ କର୍ମକର) ।*

ଭାବାର୍ଥ : ଭଗବାନ ଦେଇଥିବା ଏହି ଉପଦେଶରେ ଭଗବଦ୍ ଗୀତାର ମହାନ୍ ଉଦ୍ଦେଶ୍ୟ ପ୍ରତିପାଦିତ ହୋଇଛି ଏବଂ ଏହା କର୍ମଯୋଗର ସାରତତ୍ତ୍ୱ । ଭଗବାନ ଏହି ଶ୍ଳୋକରେ ଦେଇଥିବା ଉପଦେଶରେ ଜ୍ଞାନ,କର୍ମ ଓ ଭକ୍ତିର ସମନ୍ୱୟ ରହିଛି । "ମୟି ସର୍ବାଣି କର୍ମାଣି ସନ୍ନ୍ୟସ୍ୟ" ଉକ୍ତିରେ ଭକ୍ତି ମାର୍ଗ - "ଆଧ୍ୟାତ୍ମଚେତସା" ପଦରେ ଜ୍ଞାନ ମାର୍ଗ ଏବଂ "ନିରାଶୀଃ ନିର୍ମମୋ ଭୂତ୍ୱା ଯୁଦ୍ଧସ୍ୱ ବିଗତ ଜ୍ୱର"ଏହି ବାକ୍ୟରେ କର୍ମଯୋଗର ମାର୍ଗ ବର୍ଣ୍ଣିତ ହୋଇଛି । ବିବେକଶୀଳ ବୁଦ୍ଧିରେ ବିଚାରକରି ଅହଂକାର ଶୂନ୍ୟ ହୋଇ ପରମେଶ୍ୱରଙ୍କ ଆଜ୍ଞାକୁ ପାଳନ କରୁଛି ବୋଲି ଭାବି , କର୍ମ କରିବା ହେଉଛି ଆଧ୍ୟାତ୍ମ ଚିତ୍ତରେ କର୍ମର ସମର୍ପଣ । ଭଗବାନ ହେଉଛନ୍ତି ସୃଷ୍ଟିର ନିର୍ମାତା, ନିର୍ବାହକ ଓ ସର୍ବଶେଷ କର୍ତ୍ତା । ଏହି ଦୃଷ୍ଟିରେ ଦେଖିଲେ ଏପରି କୌଣସି ଜିନିଷ ନାହିଁ, ଯାହା ଭଗବାନଙ୍କର ନିୟନ୍ତ୍ରଣରେ ବା ଶରଣରେ ରହିନାହିଁ । ପୃଥିବୀ,ଜଳ,ବାୟୁ,ଅଗ୍ନି,ଆକାଶ,ମହାତତ୍ତ୍ୱ,ଅହଂକାର, ସବୁକିଛି ଇଶ୍ୱରଙ୍କର ଶରଣରେ ଅଛନ୍ତି । ଗ୍ରହମାନଙ୍କର ଚଳନ,ସମୁଦ୍ରରୁ ଜଳ ଶୋଷଣ,ଅଗ୍ନିର ଦହନ,ବାୟୁର ସଂଚାଳନ,ପୃଥିବୀର ଆକର୍ଷଣ,ଆକାଶର ମହାକର୍ଷଣ,ସଂସାରର ଉତ୍ପତି,ପରିଚାଳନା ଓ ବିନାଶ ଏ ସମସ୍ତ କ୍ରିୟା ଭଗବାନଙ୍କ ଇଚ୍ଛା ଓ ଶକ୍ତିରେ ହିଁ ହେଉଛି । ଏଥିରେ ମନୁଷ୍ୟର କୌଣସି କର୍ତ୍ତୃତ୍ୱ ନ'ଥାଏ। ସେହି ପଞ୍ଚଭୂତ, ପଞ୍ଚ ତତ୍ତ୍ୱ ଓ ଅହଙ୍କାରରେ ତିଆରି ଶରୀର ଓ ଏଥିରେ ହେଉଥିବା କ୍ରିୟା କିପରି ଇଶ୍ୱରଙ୍କର ନିୟନ୍ତ୍ରଣରେ ରହିବନାହିଁ ? ସୃଷ୍ଟିର ଆରମ୍ଭରୁ ହିଁ ସର୍ବବ୍ୟାପି ପରମବ୍ରହ୍ମଙ୍କ ନିକଟରେ ସମସ୍ତ ଜୀବ, ଜଡ, ସ୍ଥାବର, ଜଙ୍ଗମ ସମର୍ପିତ ହୋଇ ରହିଛନ୍ତି । ସମର୍ପଣ ଭଳି କୌଣସି ନବୀନ କ୍ରିୟାର ଆବଶ୍ୟକତା ନାହିଁ । କେବଳ ନିଜକୁ ଓ ନିଜର ପ୍ରାପ୍ତବସ୍ତୁକୁ ଭଗବାନଙ୍କର ବୋଲି ମାନିନେବା ହେଉଛି ବାସ୍ତବିକ ଅର୍ପଣ । କର୍ମ ଓ ପଦାର୍ଥକୁ ସ୍ୱରୂପତଃ ତ୍ୟାଗ କରିଦେବା ଅର୍ପଣ ନୁହେଁ । ବସ୍ତୁକୁ ନିଜରମାନି ଭଗବାନଙ୍କୁ ଅର୍ପଣ କଲେ, ପ୍ରତିଦାନରେ ତାହାର ମୂଲ୍ୟ ବସ୍ତୁରୂପରେ ମିଳିଥାଏ କିନ୍ତୁ "ମୁଁ" ଭଗବାନଙ୍କର ମାନି ଅହଂକାରକୁ ସମର୍ପଣ କରିଦେଲେ , ଭଗବାନ ମିଳିଯାନ୍ତି

। ଏହି ସତ୍ୟକୁ ସ୍ୱୀକାର କରି ଭଗବାନଙ୍କର ଶରଣାଧୀନ ହୋଇରହିବା ହେଉଛି "ଆଧାତ୍ମ-ଚେତସା"ରେ ସମର୍ପଣ । ଏହି ସତ୍ୟକୁ ମାନି ନ'ନେବା ହେଉଛି ଅବିବେକ ବା ଅଜ୍ଞାନ । ଭଗବାନ ଅର୍ଜୁନଙ୍କୁ କହୁଛନ୍ତି , ବିବେକ ଓ ବିଚାର ମୁକ୍ତ ଚିତ୍ତରେ ସମସ୍ତ କର୍ମ ମୋତେ ଅର୍ପଣ କରିଦିଅ । ଅର୍ଥାତ୍ କର୍ମ ସହିତ କୌଣସି ସମ୍ବନ୍ଧକୁ ସ୍ୱୀକାର କରନାହିଁ । ତତ୍ତ୍ୱଜ୍ଞ ମହାପୁରୁଷଙ୍କ ଦ୍ୱାରା କେବଳ କ୍ରିୟା ବା ପ୍ରଚେଷ୍ଟା ହୁଏ । କର୍ତ୍ତାପନ ଅଭାବରୁ ସେହି କ୍ରିୟା କର୍ମ ହୁଏନାହିଁ କି' ତାହା ଫଳଦାୟକ ହୁଏନାହିଁ । ପରମାତ୍ମାଙ୍କଠାରୁ ବିମୁଖହୋଇ ସଂସାର ସହିତ ନିଜ ସମ୍ବନ୍ଧକୁ ଦୃଢ଼ କରିବାରେ, କାମନା ଓ ଆବଶ୍ୟକତାର ଉତ୍ପତ୍ତି ଘଟେ। ନିଜର ସମ୍ବନ୍ଧ କେବଳ ପରମାତ୍ମା ସହିତ ମାନି ନେଲେ, ସଂସାରର ନୂତନ ବସ୍ତୁର କାମନା ରହେନାହିଁ ,ପ୍ରାପ୍ୟ ବସ୍ତୁ ପ୍ରତି ମମତା ରହେନାହିଁ କି' ନଷ୍ଟ ବସ୍ତୁ ପାଇଁ ସନ୍ତାପ ହୁଏନାହିଁ । ଏହି କାମନା,ମମତା,ସନ୍ତାପର କିଞ୍ଚିତ ମାତ୍ର ଅସ୍ତିତ୍ୱ ଅନ୍ତଃକରଣରେ ନ' ରହିବା ହେଉଛି ସଂପୂର୍ଣ୍ଣ ଭାବରେ ସମର୍ପଣ । ରାଗ-ଦ୍ୱେଷ, ହର୍ଷ-ଶୋକ, ଚିନ୍ତା,ଉଦ୍ବେଗ ପ୍ରଭୃତି ଯେତେସବୁ ମାନସିକ ବିକାର ରହିଛି ,ସେହିଗୁଡିକ ହେଲା ଜ୍ୱର ଆକ୍ରାନ୍ତ ମନୋବୃତ୍ତି । ଏହି ଜ୍ୱରରେ ଆକ୍ରାନ୍ତ ହେଲେ ଆଳସ୍ୟ, ନିକର୍ମା, ପ୍ରମାଦ, ଶୋକ ଭଳି ମାନସିକତା ଜାତହୋଇ ବିନାଶ ଦିଗକୁ ଟାଣି ନିଏ । ଭଗବାନ ଅର୍ଜ୍ଜନଙ୍କୁ ଯୁଦ୍ଧ କରିବାକୁ କହିବା ଉପଲକ୍ଷ୍ୟରେ ଜ୍ଞାନୀ,ଭକ୍ତ,ଯୋଗୀ କୁ ଏହି ଅଭୟବାଣୀ ଶୁଣାଉଛନ୍ତି ଯେ : ସମସ୍ତ କର୍ମର ଭାର ମୋ ଉପରେ ଛାଡିଦେଇ ଆଶା,ମମତା ,ରାଗ-ଦ୍ୱେଷ,ହର୍ଷ-ଶୋକ ଆଦି ବିକାରରୁ ମୁକ୍ତ ହୋଇଯାଅ । ଅତୀତ, ଭବିଷ୍ୟତର ବୃଥା କଳ୍ପନା କରି ଶୋକ ସନ୍ତପ୍ତ ବା ହର୍ଷରେ ଉଲ୍ଲସିତ ହୋଇ ବର୍ତ୍ତମାନଙ୍କୁ ନଷ୍ଟ କରିଦିଅ ନାହିଁ । ବର୍ତ୍ତମାନ ପରିସ୍ଥିତିକୁ କର୍ତ୍ତବ୍ୟ ମାନି ଆଶା ଆଉ ମମତାକୁ ତ୍ୟାଗକରି ତାହାର ସମ୍ମୁଖୀନ ହୁଅ । ତୁମେ କେବଳ ଯୁଦ୍ଧରେ କାରଣ ରୂପେ ଅବତୀର୍ଣ୍ଣ ହୁଅ , ଯୁଦ୍ଧର ପରିଣାମ ଯାହା "ମୁଁ" (ସ୍ୱୟଂ ପରମେଶ୍ୱର ) ନିର୍ଣ୍ଣୟ କରି ସାରିଛି । ଯିଏ କର୍ମକୁ ଭଗବାନଙ୍କର ବୋଲି ମାନି ନେଇଥାଏ , ସେ ଭଗବାନଙ୍କର ଦାସାନୁଦାସ ,ସେବକ ,ଭୃତ୍ୟ ଭାବରେ ଅଜ୍ଞାକୁ ଚାହିଁ ରହିଥାଏ । ପ୍ରଭୁ ଶ୍ରୀରାମଙ୍କ ଆଜ୍ଞାକୁ ଭକ୍ତ ହନୁମାନ ଯେପରି ଶୀରୋଧାର୍ଯ୍ୟ ମାନି ଗନ୍ଧମାର୍ଦ୍ଦନକୁ ଟେକି ଆଣିଥିଲେ ,ସମୁଦ୍ରକୁ ଲମ୍ଫଦେଇ ଲଙ୍କାଗଡରେ ପହଞ୍ଚିଥିଲେ, ସେସବୁ ଭକ୍ତର ପ୍ରଭୁଙ୍କ ଆଜ୍ଞାପାଳନର ପରାକାଷ୍ଠା । କର୍ମକୁ ମୋର ବୋଲି ଭାବିବା ପର୍ଯ୍ୟନ୍ତ ତାହା ପ୍ରଭୁଙ୍କର କର୍ମ ହୋଇନ'ଥାଏ କି' ପ୍ରଭୁଙ୍କର ଅଲୌକିକ ଶକ୍ତି ସେଥିରେ ନିହିତ ନ'ଥାଏ। ଭଗବାନଙ୍କୁ କର୍ମ ଅର୍ପଣ କରିବାର ତାତ୍ପର୍ଯ୍ୟ ହେଲା, ପ୍ରଭୁଙ୍କ ଆଦେଶ ବୋଲି ଗ୍ରହଣକରି ନିତ୍ୟ ନୈମିତ୍ତିକ ,ଲୌକିକ ଓ ବୈଦିକ କର୍ମରେ ଅନାସକ୍ତ ଭାବରେ ନିଯୁକ୍ତ ହୋଇ ରହିବା । ସୈନିକ ଶତ୍ରୁ ସହିତ ଲଢିଲା ବେଳେ ପରିଣାମ କଣ ସେ ଜାଣିନି କି' ନିଜର ଜୀବନ ତାହା ପାଇଁ ପ୍ରଶ୍ନ ହୋଇନ'ଥାଏ । ଏତିକି ମାତ୍ର ତାର ଭାବନାରେ ଥାଏ ଯେ' ସେ ତାର ଦାୟିତ୍ୱ ତୁଲାଉଛି, ଆଉଦେଶ ପାଇଁ ଲଢୁଛି । ଏହା ହେଉଛି କର୍ତ୍ତବ୍ୟ କର୍ମର ସଂପୂର୍ଣ୍ଣ ସମର୍ପଣ । ଜ୍ଞାନୀର ବିଚାରରେ ଭଗବାନ ସର୍ବ ଶକ୍ତିମାନ୍ , ସର୍ବାଧାର,ସର୍ବବ୍ୟାପୀ ,ସର୍ବଜ୍ଞ ,ସର୍ବେଶ୍ୱର ତଥା ପରମ ପ୍ରାପ୍ୟ,ପରମଗତି,ପରମ ହିତୈଷି,ପରମପ୍ରିୟ ଓ ପରମ ଦୟାଳୁ । ଜୀବ ଜନ୍ମ ଜନ୍ମ ଧରି ସଂସାରର ବିନାଶଶୀଳ ବସ୍ତୁକୁ ଆଶ୍ରୟ କରି ଜନ୍ମ-କର୍ମ-ମୃତ୍ୟୁ ଚକ୍ରରେ ପଡି ଦୁଃଖ କଷ୍ଟରେ ସଢି ଆସୁଛି । ଭଗବାନ ମନୁଷ୍ୟ ଜନ୍ମ ଏଥିପାଇଁ ଦେଇଥାନ୍ତି , ଜୀବ ମାନଙ୍କ ମଧ୍ୟରେ ମନୁଷ୍ୟ ହିଁ କେବଳ ପରମତ୍ମା ପ୍ରାପ୍ତି ପାଇଁ ସାଧନାରତ ହୋଇପାରିବ।

ଯେତେବେଳେ ସାଧକର ଉଦ୍ଦେଶ୍ୟ ସଂସାର ନ'ହୋଇ, ଏକମାତ୍ର ପରମାତ୍ମା ହୋଇଯାଏ,ସେତେବେଳେ କର୍ତ୍ତବ୍ୟ କର୍ମ ପାଳନ ସମ୍ଭବ ହୁଏ , ଏବଂ କାମନା,ମମତା,ଆସକ୍ତି ପ୍ରଭୃତି ଦୋଷ ସେତିକି ଦୂରେଇଯାଏ । ଅନ୍ତଃକରଣର ସମତା ପ୍ରାପ୍ତିରେ ନିଜ ଆତ୍ମା ସ୍ୱରୂପକୁ ବୋଧ ହୋଇଥାଏ । ଆତ୍ମସ୍ୱରୂପରେ ସ୍ଥିତି ପୂର୍ଣ୍ଣ ରୂପେ ଅନୁଭୂତ ହେବାମାତ୍ରେ, କର୍ତ୍ତୃତ୍ୱ ସଂପୂର୍ଣ୍ଣ ଦୂରୀଭୂତ ହୋଇଯାଏ ଓ ଉଦ୍ଦେଶ୍ୟ ସହିତ ଏକତ୍ୱ ହୋଇଯାଏ ।

ଯେ ମେ ମତମିଦଂ ନିତ୍ୟମନୁତିଷ୍ଠନ୍ତି ମାନବାଃ ।
ଶ୍ରଦ୍ଧାବନ୍ତୋଽନସୂୟନ୍ତୋ ମୁଚ୍ୟନ୍ତେ ତେଽପି କର୍ମଭିଃ ॥ ୩୧ ॥
ଯେ ତ୍ୱେତଦଭ୍ୟସୂୟୋନ୍ତୋ ନାନୁତିଷ୍ଠନ୍ତି ମେ ମତମ୍ ।
ସର୍ବଜ୍ଞାନବିମୂଢାଂସ୍ତାନ୍ ବିଦ୍ଧି ନଷ୍ଟାନଚେତସଃ ॥ ୩୨ ॥

*ଅନ୍ୱୟ : ଯେ ( ଯେଉଁ ) ମାନବାଃ (ମନୁଷ୍ୟ ମାନେ ) ମେ (ମୋର) ଇଦମ୍ ମତମ୍ (ଏହି ମତକୁ ) ନିତ୍ୟମ୍ (ସର୍ବଦା ) ଅନସୂୟନ୍ତଃ (ଦୋଷ ଦୃଷ୍ଟି ରହିତ-ଅସୂୟାଶୂନ୍ୟ ) ଶ୍ରଦ୍ଧାବନ୍ତଃ (ଶ୍ରଦ୍ଧା ପୂର୍ବକ )ଅନୁତିଷ୍ଠତି (ଆଚରଣ କରନ୍ତି ) ତେ ( ସେମାନେ ମଧ ) କର୍ମଭିଃ ( କର୍ମ ବନ୍ଧନରୁ ) ମୁଚ୍ୟନ୍ତେ ( ମୁକ୍ତ ହୋଇଯାନ୍ତି)। ତୁ (କିନ୍ତୁ )ଯେ ( ଯେଉଁ ମନୁଷ୍ୟ) ମେ ( ମୋର ) ଏତଦ୍ ମତମ୍ ( ଏହି ମତକୁ ) ଅଭ୍ୟସୂୟନ୍ତଃ (ଦୋଷଦୃଷ୍ଟି କରି-ଅସୂୟାପରବଶ ହୋଇ ) ନ ଅନୁତିଷ୍ଠନ୍ତି ( ଏହାକୁ ପାଳନ କରନ୍ତି ନାହିଁ ) ତାନ୍ (ସେହି ) ସର୍ବଜ୍ଞାନ୍ ବିମୂଢାନ୍ ( ସର୍ବଜ୍ଞାନ ବିମୂଢ- ସମସ୍ତ ଜ୍ଞାନ ରହିତ-ମହା-ଅଜ୍ଞାନ ) ଅଚେତସଃ (ଅବିବେକୀ ମନୁଷ୍ୟ )ନଷ୍ଟାନ୍ ( ନଷ୍ଟ ହୋଇଛନ୍ତି) ବିଦ୍ଧି (ବୋଲି ଜାଣ )।*

**ଭାବାର୍ଥ :** ଭଗବାନ ଶ୍ରୀକୃଷ୍ଣ ପୂର୍ବ ଶ୍ଳୋକରେ ଯେଉଁ ମତ ରଖିଛନ୍ତି ତାହା କର୍ମଯୋଗ ତତ୍ତ୍ୱର ସର୍ବଶେଷ ସିଦ୍ଧାନ୍ତ ଏବଂ ଜଗତ ପାଇଁ କଲ୍ୟାଣକର । ତାହା ହେଲା " (କ) ସମସ୍ତ କର୍ମକୁ ବିବେକ ଓ ବିଚାରଶୀଳ ହୋଇ, କର୍ତ୍ତାପନ ତ୍ୟାଗକରି ମୋଠାରେ ଅର୍ପଣ କରିଦିଅ । କର୍ମରେ "ମୁଁ" (ପରମେଶ୍ୱର) ହେଉଛି "ଉଦ୍ଦେଶ୍ୟ" , ଆଉ ମନୁଷ୍ୟ ହେଉଛି "କାରଣ" (ଖ) କର୍ମର ଫଳକୁ ଆଶା ନ'କରି ,ମମତା ରହିତ ହୋଇ ,ଚିନ୍ତାମୁକ୍ତ ହୋଇ କର୍ତ୍ତବ୍ୟ କର୍ମରେ ଆରୁଢ ହୁଅ । (ଗ ) ରାଗ-ଦ୍ୱେଷ,ହର୍ଷ-ଶୋକ,ଚିନ୍ତା ଓ ଉଦ୍ବେଗ ଭଳି ବିକୃତ ମାନସିକତାରୁ ମୁକ୍ତରହି, ଈଶ୍ୱରଙ୍କ ନିମନ୍ତେ କର୍ମ କରୁଛି ବୋଲି ବିଚାର କରି , କର୍ମରେ ନିଯୁକ୍ତ ରୁହ ।" ଭଗବାନଙ୍କର ଏହି ସିଦ୍ଧାନ୍ତ ତ୍ରିକାଳରେ ଶାଶ୍ୱତ ଓ ଅପରିବର୍ତ୍ତିତ ହୋଇ ରହିଛି । ଜାତି, ଧର୍ମ,ବର୍ଣ୍ଣ,ଆଶ୍ରମ, ନିର୍ବିଶେଷରେ ସମାଜର ସାଧାରଣ ମନୁଷ୍ୟ , ଯେତେବେଳେ ମୋର ଏହି ସିଦ୍ଧାନ୍ତକୁ ସାଧନ ରୂପେ ଗ୍ରହଣ କରି ଶ୍ରଦ୍ଧାର ସହିତ ଆଚରଣ ପାଇଁ ପ୍ରଯତ୍ନ କରନ୍ତି , କର୍ମ ବନ୍ଧନରୁ ମୁକ୍ତ ହେବାର ମାର୍ଗ ସେମାନଙ୍କ ପାଇଁ ଉନ୍ମୁକ୍ତ ହୋଇଯାଏ । ସାଧନ କାଳରେ ସଂସାରର ଦୈନନ୍ଦିନ ଜୀବନରେ ଯେଉଁ ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି, ସେଥିପାଇଁ ଅନ୍ୟକାହାକୁ ଦୋଷାରୋପ କରନ୍ତି ନାହିଁ, ବରଂ ତାହା ନିଜ ପ୍ରାରବ୍ଧ କର୍ମର ପ୍ରାୟଶ୍ଚିତ ବୋଲି ମାନିନେଇ, ନିଜକୁ ଅନାସକ୍ତ ଭାବରେ କର୍ତ୍ତବ୍ୟ କର୍ମରେ ନିୟୋଜିତ କରି ରଖନ୍ତି । ସେହି ବୁଦ୍ଧିମାନ ପୁରୁଷଙ୍କର ମୋରି ଉପରେ (ପରମେଶ୍ୱରଙ୍କ ଉପରେ )ଅଗାଧ ଭକ୍ତି, ବିଶ୍ୱାସ ଓ ଅତୁଟ ଭରସା ରହିଥାଏ । ଭଗବାନ ଏଠାରେ ଅର୍ଜୁନଙ୍କୁ ପ୍ରେରଣା ଦେଉଛନ୍ତି ଯେ' ଯଦି ସାଧାରଣ ମନୁଷ୍ୟ ମୋର ଏହି ସିଦ୍ଧାନ୍ତକୁ ଅନୁସରଣ କରି ମୁକ୍ତିର ମାର୍ଗକୁ ପାଇପାରନ୍ତି, ତା'ହେଲେ ତୁମ୍ଭ ଭଳି ବୁଦ୍ଧିମାନ୍ ପୁରୁଷଙ୍କ ପାଇଁ କଣ କହିବା ? ଅନ୍ୟ ପକ୍ଷରେ ଯେଉଁ ମନ,ବୁଦ୍ଧି ବିଶୃଙ୍ଖଳ ମନୁଷ୍ୟ ,ମୋର ଏହି ସିଦ୍ଧାନ୍ତକୁ ଦୋଷ ଦୃଷ୍ଟିରେ ଦେଖି ଏହାକୁ

ଅକଲ୍ୟାଣକର ମନେକରନ୍ତି, ନିଜର ଦୁଃଖ ଓ କଷ୍ଟ ପାଇଁ ଅନ୍ୟକୁ ଦାୟୀ କରନ୍ତି, ଏପରି କି' ଭଗବାନ ଦଣ୍ଡ ଦେଉଛନ୍ତି ବୋଲି ମଧ ଦୋଷାରୋପ କରନ୍ତି, ଓ ସୁଖ ସମ୍ଭୋଗ ପ୍ରାପ୍ତିରେ ନିଜର କର୍ତ୍ତାପନକୁ ଭୂୟସୀ ପ୍ରସଂଶା କରନ୍ତି, ସେମାନଙ୍କୁ ସର୍ବଜ୍ଞାନହୃତ ,ମହାମୂର୍ଖ ବୋଲି ଜାଣିରଖ । ସେହି ଅବିବେକୀ ମୁଢ ମାନଙ୍କର ଅନ୍ତଃକରଣରେ ରହିଥିବା ଅହଂକାର ବୃତ୍ତି , ସେମାନଙ୍କର ସବୁ ଦିଗରୁ ପତନର କାରଣ ହୋଇଥାଏ । ଏହି ଅଜ୍ଞାନୀ ମନୁଷ୍ୟ ରାଗ-ଦ୍ୱେଷ ପୂର୍ବକ କର୍ମ କରୁଥିବାରୁ ,ଅହନ୍ତା,ମମତା,କାମନା ଦ୍ୱାରା ଆବଦ୍ଧ ହୋଇ ବାରମ୍ବାର ନୀଚଯୋନି ପ୍ରାପ୍ତ ହୋଇ ଜନ୍ମ-ମୃତ୍ୟୁ ଚକ୍ରରେ ଘୁରି ବୁଲୁଥାନ୍ତି । ଭଗବାନଙ୍କ ମତକୁ ଅନୁସରଣ ନ' କରୁଥିବା ମନୁଷ୍ୟକୁ ସତ୍-ଅସତ୍ , ପାପ-ପୂଣ୍ୟ,ଧର୍ମ-ଅଧର୍ମ,ବନ୍ଧନ-ମୋକ୍ଷ ଇତ୍ୟାଦି ପରମାର୍ଥିକ ଜ୍ଞାନ ମଧ ହୁଏନାହିଁ । ସେମାନଙ୍କର ହିତା ହିତ ଜ୍ଞାନ ମଧ ନଷ୍ଟ ହୋଇଯାଇଛି ବୋଲି ବୁଝିନେବାକୁ ହେବ ।

**ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେର୍ଜ୍ଞାନବାନପି ।**
**ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି ॥ ୩୩ ॥**

*ଅନ୍ୱୟ : ଜ୍ଞାନବାନ୍ (ଜ୍ଞାନୀ –ଏଠାରେ ପ୍ରଯତ୍ନଶୀଳ ସାଧକ ପ୍ରତି ଉପଲକ୍ଷ୍ୟ କରାଯାଇଛି ) ଅପି(ମଧ) ସ୍ୱସ୍ୟାଃ (ନିଜର) ପ୍ରକୃତେଃ ( ତ୍ରିଗୁଣ ଜନିତ ସ୍ୱଭାବ ) ସଦୃଶଂ (ଅନୁସାରେ )ଚେଷ୍ଟତେ (କାର୍ଯ୍ୟ କରନ୍ତି ) ଭୂତାନି ( ପ୍ରାଣିଗଣ ) ପ୍ରକୃତିମ୍ (ପ୍ରକୃତିକୁ ) ଯାନ୍ତି (ପ୍ରାପ୍ତ ହୁଅନ୍ତି )ନିଗ୍ରହ (ହଠ, ବିଧିନିଷେଧ ଶାସ୍ତ୍ର ବାକ୍ୟ ) କିମ୍ (କଣ ) କରିଷ୍ୟତି (କରିବ ) ?*

**ଭାବାର୍ଥ :** ଏହି ଶ୍ଳୋକରେ ଭଗବାନ କର୍ମଯୋଗ ସାଧକଙ୍କ ପ୍ରତି ପୁରୁଷାର୍ଥ ଦ୍ୱାରା ତ୍ରିଗୁଣଜନିତ ସ୍ୱଭାବକୁ ପ୍ରତିହତ କରି ଜୀବନାମୁକ୍ତ ସିଦ୍ଧି ପ୍ରାପ୍ତ ପର୍ଯ୍ୟନ୍ତ ସାଧନାରତ ହେବାକୁ ପ୍ରେରଣା ଦେଉଛନ୍ତି । ସମସ୍ତ ପ୍ରାଣୀ ନିଜ ପୂର୍ବଜନ୍ମ ସଂସ୍କାରକୁ ନେଇ ଶରୀର ପ୍ରାପ୍ତ ହୋଇଥାନ୍ତି । ମନୁଷ୍ୟ ବ୍ୟତୀତ, ଇତର ପ୍ରାଣୀଙ୍କର ପ୍ରାପ୍ତ ଶରୀରରେ ପ୍ରକୃତି ଅନୁସାରେ ଅଦୃଷ୍ଟ ଭୋଗ ହୋଇଥାଏ । ମନୁଷ୍ୟ ପୂର୍ବ ଜନ୍ମର ସଂସ୍କାର ଜନିତ ସ୍ୱଭାବର ପରବଶ ହୋଇ କର୍ମରେ ପ୍ରବୃତ୍ତ ରହେ । ଆତ୍ମା-ଅନାତ୍ମା ସମ୍ବନ୍ଧରେ ଜ୍ଞାନ ଥିବା ପୁରୁଷ ମଧ ନିଜ ସ୍ୱଭାବର ଅଧିନସ୍ଥ ହୋଇ କ୍ରିୟା କରିଥାନ୍ତି । ସେହି ସ୍ଥଳରେ ଶାସ୍ତ୍ର ବିଦିତ ବିଧି କିମ୍ବା ମହାଜନଙ୍କ ଉପଦେଶ ଜନିତ ନିରାକରଣ କଣ କରିବ ? ଏହି କାରଣରୁ ଭଗବାନ, ପୂର୍ବ ଶ୍ଳୋକରେ କହିଥିବା ସିଦ୍ଧାନ୍ତ ଅନୁସାରେ, ଜ୍ଞାନବାନ୍ ପୁରୁଷ ମଧ ନିଷ୍କର୍ମ୍ୟ କର୍ମରେ ପ୍ରବୃତ୍ତ ହେବାପାଇଁ ସମର୍ଥ ହୋଇନ'ଥାଏ । ପ୍ରକୃତିର ପରବଶହୋଇ ଆଶା,ମମତା,ସନ୍ତାପକୁ ଅନ୍ତଃକରଣରୁ ସଂପୂର୍ଣ୍ଣ ଭାବରେ ତ୍ୟାଗ କରିପାରି ନ'ଥାଏ । ପ୍ରାରବ୍ଧ ଭୋଗ କାରଣରୁ ଚିତ୍ତବୃତ୍ତିରେ ରାଗ-ଦ୍ୱେଷ ଅବଶ୍ୟ ରହିଥାଏ । ତେଣୁ ବିହିତ କର୍ମର ସମ୍ୟକ ଆଚରଣ ହୋଇପାରେ ନାହିଁ । ଏହା ସତ୍ତ୍ୱେ ମନୁଷ୍ୟ ଜନ୍ମର ଏକ ବିଶେଷତା ହେଲା , କେବଳ ମନୁଷ୍ୟର ହିଁ କର୍ମ ପ୍ରବୃତ୍ତି ଉପରେ ତା'ର ବିବେକ ବୁଦ୍ଧି ଜନିତ ପୁରୁଷାର୍ଥର ପ୍ରାଧାନ୍ୟତା ରହିଛି । ନିଶ୍ଚୟାତ୍ମିକ ବୁଦ୍ଧିରେ ଦିବ୍ୟସ୍ତରରେ ପରମାତ୍ମା ତତ୍ତ୍ୱରେ ଲୟ ନ'ରହିବା ପର୍ଯ୍ୟନ୍ତ ,ଭୂତ ପ୍ରକୃତିର ତ୍ରିଗୁଣରୁ ମୁକ୍ତହୋଇ କ୍ରିୟା କରିବା ସମ୍ଭବ ନୁହେଁ । ଶାସ୍ତ୍ର ବିଧି ବିଧାନକୁ ପଢି,ଆତ୍ମା-ଅନାତ୍ମା ଉପରେ ପାଣ୍ଡିତ୍ୟ ଅର୍ଜନ କରି ପ୍ରବଚନ ଦେଇପାରିବ ସହଜ । କିନ୍ତୁ ବାସ୍ତବିକ କର୍ମ କ୍ଷେତ୍ରରେ "ଶରୀର ଆତ୍ମା ଠାରୁ ଭିନ୍ନ" ଜ୍ଞାନରେ ନିଜସଂସ୍କାର ଜନିତ ସ୍ୱଭାବକୁ ପରିବର୍ତ୍ତନ କରି ଆଚରଣ କରିବା କଷ୍ଟ ସାଧ । ବର୍ତ୍ତମାନ ଅର୍ଜୁନଙ୍କ ନିକଟରେ ଯୁଦ୍ଧ ନ'କରିବାର ନିଷ୍ପତ୍ତି ନେବାରେ ତାହା

ଦେଖାଯାଇଛି । ତୀବ୍ର ପୁରୁଷାର୍ଥର ସହାୟତାରେ ସାଧନାରତ ହୋଇ ସଂସ୍କାରକୁ ଶୁଦ୍ଧ କରିନେବାର ପ୍ରାଥମିକ ଆବଶ୍ୟକତା ରହିଛି । ବହୁ ଜନ୍ମର ସାଧନ ପରେ, ସଂସ୍କାର ପରିମାର୍ଜିତ ହୋଇ କୌଣସି ଏକଜନ୍ମରେ ସ୍ୱଭାବରେ ଶିଥିଳତା ଆସିଲେ , ସାଧକ ତ୍ରିଗୁଣମୟୀ ପ୍ରକୃତିକୁ ପ୍ରତିହତ କରିବାକୁ ସାମର୍ଥ୍ୟ ପ୍ରାପ୍ତ କରିଥାଏ । ମନୁଷ୍ୟ ସାଧନା ପରିବର୍ତ୍ତେ , ନିଜର ଅସଲ ସ୍ୱଭାବକୁ ଘୋଡାଇ, ବାହାରକୁ ଭଗବାନଙ୍କ କହିବା ମତକୁ ଅନୁସରଣ କରୁଛି ବୋଲି ପ୍ରଦର୍ଶନ କରିବା , ମିଥ୍ୟାଚାର ଛଡା ଆଉ କିଛି ନୁହେଁ । ବରଂ ସାଧକ ନିଜର ସ୍ୱଭାବ ଅନୁଯାୟୀ ଆଚରଣ କରିବାରେ,ସେଥିରେ ପରିଲକ୍ଷିତ ତ୍ରୁଟି,ଶାସ୍ତ୍ର ବିଧି କିମ୍ବା ଗୁରୁଙ୍କ ଉପଦେଶରେ ନିଜକୁ ସୁଚିତ ହୋଇଥାଏ । ଫଳରେ ବିବେକ ଓ ବୁଦ୍ଧିର ବିଚାରରେ ସ୍ୱଭାବକୁ ପରିବର୍ତ୍ତନ କରିବାର ପୁରୁଷାର୍ଥ, ଅନ୍ତଃକରଣରେ ଜାଗ୍ରତ ହୁଏ । ଲୋକମାନ୍ୟ ତିଳକଙ୍କ "କର୍ମ ରହସ୍ୟ"ର ବ୍ୟାଖ୍ୟାନୁଯାୟୀ: ପ୍ରକୃତି ଯେତେ ପ୍ରବଳ ହେଲେମଧ , ଆତ୍ମା ସ୍ୱରୂପର ସ୍ୱତନ୍ତ୍ରତା କାରଣରୁ ପୁରୁଷାର୍ଥର ଜାଗ୍ରତ ହୋଇଥାଏ । ପୁରୁଷାର୍ଥର ଦୃଢତାରେ ଶାସ୍ତ୍ରବିଧି, ଗୁରୁବାକ୍ୟ କାର୍ଯ୍ୟକ୍ଷମ ହୋଇ ମନୁଷ୍ୟ ସ୍ୱଭାବ ବଦଳାଇ କର୍ମରେ ପ୍ରବୃତ୍ତ ହେବାକୁ ସକ୍ଷମ ହୁଏ । ତେଣୁ ଶାସ୍ତ୍ର ଓ ଗୁରୁବାକ୍ୟ କେବେ ବ୍ୟର୍ଥ ଯାଏନାହିଁ । ସ୍ୱଭାବସିଦ୍ଧ ଇନ୍ଦ୍ରିୟଗଣଙ୍କ ବିଷୟ ପ୍ରବୃତ୍ତିକୁ ବାହ୍ୟ ଓ ମାନସିକ ସ୍ତରରେ ନିଶ୍ଚୟାତ୍ମିକ ବୁଦ୍ଧିରେ ଅଟକାଇ ରଖିବା ହେଉଛି ତୀବ୍ର ପୁରୁଷାର୍ଥ । ସାଧକ ପ୍ରତି ଭଗବାନ ଏହି ସତର୍କ ବାଣୀ ଶୁଣାଉଛନ୍ତି କି' ପୂର୍ଣ୍ଣରୂପେ ତତ୍ତ୍ୱଜ୍ଞାନ ପ୍ରାପ୍ତହୋଇ ପରମାତ୍ମାଙ୍କ ଉପରେ ନିରନ୍ତର ଲୟ ପ୍ରତିଷ୍ଠିତ ହେବା ପର୍ଯ୍ୟନ୍ତ ,ସାଧକ ହଠାତ୍ କର୍ତ୍ତବ୍ୟ କର୍ମକୁ ତ୍ୟାଗକରି ,କୃତ୍ରିମ ଢଙ୍ଗରେ ତଥାକଥିତ ସାନ୍ୟାସୀ ବୋଲାଇବାରେ ନିଜର ପତନ ସୁନିଶ୍ଚିତ । ପ୍ରତିବଦଳରେ, ନିଜ ସ୍ୱଭାବରେ ରହି , ଶାସ୍ତ୍ର ଓ ଗୁରୁବାକ୍ୟକୁ ପାଳନ କରି , ଅଭ୍ୟାସ ଯୋଗ ଦ୍ୱାରା ଧୀରେ ଧୀରେ ରାଗ-ଦ୍ୱେଷ ପ୍ରବୃତ୍ତିକୁ ଶାନ୍ତ କରିବାକୁ ହେବ । ତେବେଯାଇ ଇନ୍ଦ୍ରିୟମାନେ ସ୍ୱତଃ ସ୍ୱଭାବର କବଳରୁ ମୁକ୍ତହେବେ । ଏହା ହେଉଛି ଗୀତାରେ ଭଗବାନ ଉପଦେଶ ଦେଇଥିବା କର୍ମ ଯୋଗାଡ଼ ସୂତ୍ର ।

**ଇନ୍ଦ୍ରିୟସ୍ୟେନ୍ଦ୍ରିୟସ୍ୟାର୍ଥେ ରାଗଦ୍ୱେଷୌ ବ୍ୟବସ୍ଥିତୌ ।**
**ତୟୋର୍ନ ବଶମାଗଚ୍ଛେତ୍ତୌ ହ୍ୟସ୍ୟ ପରିପନ୍ଥିନୌ ॥ ୩୪ ॥**

*ଅନ୍ୱୟ : ଇନ୍ଦ୍ରିୟସ୍ୟ(ଇନ୍ଦ୍ରିୟ ଗଣଙ୍କର) ଇନ୍ଦ୍ରିୟସ୍ୟ-ଅର୍ଥେ (ପ୍ରତ୍ୟେକ ଇନ୍ଦ୍ରିୟର ନିଜ ନିଜ ଭୋଗ୍ୟ ବସ୍ତୁରେ )ରାଗ-ଦ୍ୱେଷ ( ଆସକ୍ତି ଓ ବିଦ୍ୱେଷ ଭାବ ) ବ୍ୟବସ୍ଥିତୌ (ଅନୁକୂଳ ଓ ପ୍ରତିକୂଳତାକୁ ନେଇ ଅବସ୍ଥିତ )ତୟୋଃ ( ମନୁଷ୍ୟ ଏହି ଦୁଇଟିର) ବଶମ୍ (ବଶରେ) ନ ଆଗଚ୍ଛେତ୍( ନ ଆସିବା ହୁଅନ୍ତୁ ଅର୍ଥାତ୍ ସେମାନଙ୍କର ବଶୀଭୂତ ହୁଅନ୍ତୁ ନାହିଁ) ହି (କାରଣ ) ତୌ ( ସେ ଦୁଇଟି) ଅସ୍ୟ (ପାରମାର୍ଥିକ ମାର୍ଗରେ) ପରିପନ୍ଥିନୌ (ପ୍ରତିବନ୍ଧକ ବା ଶତ୍ରୁ ଅଟନ୍ତି ) ।*

**ଭାବାର୍ଥ :** ଇନ୍ଦ୍ରିୟ ମାନଙ୍କର ନିଜ ନିଜର ଭୋଗ୍ୟ ବସ୍ତୁପ୍ରତି ଅନୁକୂଳତା ଓ ପ୍ରତିକୂଳତାକୁ ନେଇ ରାଗ ଓ ଦ୍ୱେଷ ଅର୍ଥାତ୍ ଆସକ୍ତି ଓ ବିଦ୍ୱେଷ ଭାବ ରହିଥାଏ । ସାଧାରଣ ଲୋକ ପାଇଁ ଏହାର ଅର୍ଥ ହେଲା: ଏଇଟା ଭଲ ଲାଗୁଛି, ଏଇଟା ଭଲ ଲାଗୁନି ବୋଲି ଧାରଣା ରଖିବା । ଏହା ଯଦି ସକରାତ୍ମକ ହେଲା, ତା'ହେଲେ ଚରିତ୍ର ତିଆରି ହେଲା, ଯଦି ନକରାତ୍ମକ ହେଲା, ତା'ହେଲେ ଜୀବନ ବୃଥା ହୋଇଗଲା । ମନୁଷ୍ୟର ଜନ୍ମ ଜନ୍ମ ଧରି ଭୂତ ପ୍ରକୃତିର ସଂସ୍ପର୍ଶରେ ଆସୁଥିବାରୁ ଇନ୍ଦ୍ରିୟ-ସୁଖ ଭୋଗ ଲାଳସା ଖୁବ୍ ବଳବତୀ ହୋଇ ରହିଅଛି । ଯେ ପର୍ଯ୍ୟନ୍ତ ଭୌତିକ ଶରୀର ଅଛି , ଇନ୍ଦ୍ରିୟମାନଙ୍କର ବିଷୟପ୍ରତି ଏହି ରାଗ-ଦ୍ୱେଷ ଭାବ ଅବଶ୍ୟ ରହିବ । ଅନ୍ତଃକରଣରେ ଯେ ପର୍ଯ୍ୟନ୍ତ ରାଗ-ଦ୍ୱେଷ ରହିଛି, ସମତା ପ୍ରାପ୍ତ ହୋଇନ'ଥାଏ । ତେଣୁ

ଏହା ସାଧକ ପାଇଁ ବିଘ୍ନକାରକ । ଏହି ରାଗ ଦ୍ୱେଷ କଣ ? ଆଉ ଜଣେ କର୍ମଯୋଗୀ ସାଧକ କିପରି ଭାବରେ ଏହି ରାଗ-ଦ୍ୱେଷ ରହିତ ହେବ, ତାହା ବିଚାର୍ଯ୍ୟ ବିଷୟ। ଇନ୍ଦ୍ରିୟମାନଙ୍କର ଇନ୍ଦ୍ରିୟ ଭୋଗ୍ୟବସ୍ତୁ ପ୍ରତି ଆକର୍ଷଣ ,ଆସକ୍ତି ବା ଅନୁରାଗ ହେଉଛି "ରାଗ" । ସେହିପରି ଯେଉଁ ବ୍ୟକ୍ତି, ବସ୍ତୁ,ଘଟଣା ଓ ପରିସ୍ଥିତି ପ୍ରତିକୂଳ ବୋଧହୁଏ, ଏବଂ ତାହାଠାରୁ ଦୂରେଇ ରହିବାକୁ ଇଛାହୁଏ ,ତାହା ହେଉଛି "ଦ୍ୱେଷ" ଭାବ । ବିଷୟ ସହିତ ଇନ୍ଦ୍ରିୟ ଓ ମନର ସଂଯୋଗ –ବିୟୋଗରେ ରାଗ-ଦ୍ୱେଷ ଭାବ ମନରେ ଉତ୍ପନ୍ନ ହୁଏ। ବସ୍ତୁରେ ଥିବା ଗୁଣ ଓ ମନର ଅନୁକୂଳତା କିମ୍ବା ପ୍ରତିକୁଳତା ଭାବର ସମ୍ବନ୍ଧକୁ ନେଇ ତାହା ରାଗ ହୁଏ, ନ'ତୁବା ଦ୍ୱେଷ ହୁଏ । ପ୍ରକୃତରେ ବସ୍ତୁରେ ଅନୁକୂଳତା, ପ୍ରତିକୁଳତା ନ'ଥାଏ । ମନୁଷ୍ୟର ଗୁଣ ଜନିତ ଭାବ ଅନୁଯାଇ, ସେହି ଏକାବସ୍ତୁ କାହାକୁ ସୁଖଦାୟକ ହୁଏ, କାହାକୁ ଦୁଃଖ ଦାୟକ ହୁଏ । ଏପରିକି ସେହି ଗୋଟିଏ ବସ୍ତୁ ଜଣକୁ ସମୟ ବିଶେଷରେ ସୁଖ ଲାଗିଥାଏ , ଅନ୍ୟ ସମୟରେ ଦୁଃଖ ଦାୟକ ମନେ ହୁଏ। ଅତଏବ, ପ୍ରତ୍ୟେକ ଭୋଗ୍ୟବସ୍ତୁରେ ରାଗ ଓ ଦ୍ୱେଷ ଦୁଇଟିଯାକ ଅଲଗା ଅଲଗା ହୋଇ ରହିଥାଏ । ବସ୍ତୁର ଏହି ରାଗ-ଦ୍ୱେଷ ଗୁଣରେ ବଶୀଭୂତ ହେବାରେ ବୁଦ୍ଧିରେ ବିସମତା ଆସେ ଓ ଅନ୍ତଃକରଣରେ ହର୍ଷ ଶୋକାଦି ବିକାର ଉତ୍ପନ୍ନ ହୁଏ । ରାଗ ଦ୍ୱେଷ ଭାବ ଉପରେ ନିୟନ୍ତ୍ରଣ ରହିଲେ ହିଁ , ଭଗବାନ କହିଥିବା କର୍ମଯୋଗର ସିଦ୍ଧାନ୍ତକୁ ପାଳନ କରିବା ସମ୍ଭବ । ରାଗ -ଦ୍ୱେଷର ଅତିରିକ୍ତ ମାତ୍ରା, ସାଧକର ବିବେକ ଶକ୍ତିକୁ ନଷ୍ଟ କରି ତଥା ସାଂସାରିକ ବିଷୟଭୋଗରେ ଇନ୍ଦ୍ରିୟ ସୁଖରେ ପ୍ରଲୋଭନ କରାଇ ପାପାଚାରରେ ପ୍ରବୃତ୍ତ କରାଇଥାଏ । ସାଧକର ସମତା ପ୍ରାପ୍ତ ଲକ୍ଷ୍ୟରୁ ବିଚ୍ୟୁତ ଘଟେ । ତେଣୁ ଅନ୍ତଃକରଣରେ ରାଗ-ଦ୍ୱେଷର ପ୍ରାଦୁର୍ଭାବ ସାଧକ ପାଇଁ ବିଘ୍ନକାରକ । ଏହାର ନିରାକରଣ ଲାଗି ସ୍ୱାମୀ ରାମସୁଖଦାସଙ୍କ ସାଧକ ସଞ୍ଜିବନୀ ଟୀକାରେ ଅତି ମହତ୍ୱପୂର୍ଣ୍ଣ ଉପାୟମାନ ଦର୍ଶାଯାଇଛି । ନିଶାସେବନ,ଯୁଆ ,ନାରୀ ଆସକ୍ତ ପ୍ରଭୃତି ନିଷିଦ୍ଧ କର୍ମରେ ପ୍ରବୃତ୍ତି , ଜପ, ତପ,ଧ୍ୟାନ,ସତସଙ୍ଗ ,ଯୋଗ ସାଧନ ପ୍ରଭୃତି ଦୈବୀ ସମ୍ପଦ ଜନିତ କର୍ମରୁ ନିବୃତ୍ତି, ଏହି ରାଗ-ଦ୍ୱେଷ ଭାବର ବଶୀଭୂତ କାରଣରୁ ସାଧାରଣ ମନୁଷ୍ୟଠାରେ ପରିଲକ୍ଷିତ ହୁଏ। ସାଧକ ପାଖରେ ଏହି ରାଗ ଦ୍ୱେଷ କାରଣରୁ "ମୁଁ" ସାଧନ କରୁଛି "ମୁଁ" ସେବା କାର୍ଯ୍ୟରେ ଲିପ୍ତ ରହିଛି,"ମୋ" ଦ୍ୱାରା ଅନ୍ୟର ଉପକାର ହେଲା, ଇତ୍ୟାଦି କର୍ତ୍ତାପନ ସୂକ୍ଷ୍ମ ଭାବରେ ଅନ୍ତଃକରଣରେ ରହେ ଏବଂ ନିଜକୁ ସ୍ୱତନ୍ତ୍ର ଭାବି ଅନ୍ୟ ମାନଙ୍କ ପ୍ରତି ଦ୍ୱେଷ ଭାବ ଆସିଥାଏ । ସାଧକ ରାଗ-ଦ୍ୱେଷ ରହିତ ହେଲେ ଅହମ୍ ଭାବ ରହେନାହିଁ କି' ସକାମୀ ବିଷୟାସକ୍ତ ମନୁଷ୍ୟପ୍ରତି ଘୃଣାଭାବ ଆସେନାହିଁ । କର୍ମପ୍ରବାହକୁ ଆମେ ସଂପୂର୍ଣ୍ଣ ନାଶ କରିପାରିବା ନାହିଁ , କିନ୍ତୁ କର୍ମକୁ ରାଗ –ଦ୍ୱେଷ ରହିତ କରିପାରିବା । ଯଦି ସାଧକ ରାଗ-ଦ୍ୱେଷ ଭାବକୁ ଦୂର କରିବାପାଇଁ ନିଜର ପୁରୁଷାର୍ଥକୁ ଦୁର୍ବଳ ମନେକରେ , ତେବେ, ସେ ସର୍ବ ପ୍ରଥମେ , ପରମ ସୁହୃଦ ଭଗବାନଙ୍କର ଶରଣାପନ୍ନ ହେବା ଉଚିତ । ନିଷ୍କାମ ଭାବ ପୂର୍ବକ ସଂସାରର ସେବା କରିବା ହିଁ ରାଗ-ଦ୍ୱେଷ ନାଶ କରିବାର ଅବ୍ୟର୍ଥ ଉପାୟ । ବିଷୟ ,ସାମଗ୍ରୀ,ସ୍ତ୍ରୀ,ପୁତ୍ର,ଧନ, ପ୍ରଭୃତି ନିଜର ଓ ନିଜ ପାଇଁ ନ'ଭାବି, ସେବାଲାଗି ପ୍ରାପ୍ତ ମନେକରିବା ସଙ୍ଗେ ସଙ୍ଗେ ସେବାରେ ବିନିଯୋଗ କଲେ ରାଗ-ଦ୍ୱେଷ ସହଜରେ ଦୂର ହୁଏ । ଅନ୍ୟକୁ ନିଜର ସୁଖ ଓ ଦୁଃଖ ପ୍ରାପ୍ତିର କାରଣ ବୋଲି ମନରେ ରଖିଲେ ମଧ୍ୟ ,ରାଗ-ଦ୍ୱେଷ ଜାଗ୍ରତ ହୁଏ । କିନ୍ତୁ ସୁଖ ପ୍ରାପ୍ତ ହେଲେ, ତାହା ଭଗବାନଙ୍କର ଆଶୀର୍ବାଦ ଭାବି ନିଜର ସୁଖକୁ ସେବା ମାଧମରେ ଅନ୍ୟକୁ ବାଣ୍ଟିବାକୁ ହେବ ।

ଦୁଃଖ ପ୍ରାପ୍ତିରେ ତାହା ଭଗବାନଙ୍କର ଇଚ୍ଛା ଓ ପ୍ରାରବ୍ଧର ଭୋଗ ବୋଲି ଧରିନେଇ, ସୁଖର କାମନାକୁ ତ୍ୟାଗ କରିବାକୁ ହେବ । ଏହା ହେଉଛି ଗୀତାର ଭଗବାନଙ୍କ ଦ୍ୱାରା କୁହାଯାଇଥିବା ମାର୍ମିକ ସିଦ୍ଧାନ୍ତ ।

**ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।**
**ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ॥ ୩୫ ॥**

*ଅନ୍ୱୟ : ସ୍ୱନୁଷ୍ଠିତାତ୍ (ଉତ୍ତମ ରୂପେ ପ୍ରତିଷ୍ଠିତ ) ପରଧର୍ମାତ୍ (ଅନ୍ୟର ଧର୍ମ ବା ସ୍ୱଭାବ ଜନିତ କର୍ମ ଅପେକ୍ଷା)ବିଗୁଣଃ( ନିକୃଷ୍ଟ ଗୁଣ ସମ୍ପନ୍ନ ) ସ୍ୱଧର୍ମଃ ( ନିଜ ସ୍ୱଭାବ ଜନିତ କର୍ମ ) ଶ୍ରେୟାନ୍ ( ଶ୍ରେୟ ଅଟେ) ସ୍ୱଧର୍ମେ (ନିଜର ସ୍ୱଧର୍ମ ପାଳନ କର୍ମରେ) ନିଧନଂଶ୍ରେୟଃ (ମୃତ୍ୟୁବରଂଶ୍ରେୟ )ପରଧର୍ମଃ (ପର ସ୍ୱଭାବ ଅନୁକରଣ କରି କର୍ମ କରିବା ) ଭୟାବହଃ (ଭୟାନକ ଓ ବିପଦ ଶଙ୍କୁଳ)।*

**ଭାବାର୍ଥ :** ତ୍ରିଗୁଣ ଜନିତ ସ୍ୱଭାବ ଅନୁସାରେ ନିଜ ବର୍ଣ୍ଣ ,ଧର୍ମ,ଆଶ୍ରମ,ଯୋଗ୍ୟତା ଓ ପରିସ୍ଥିତି ବିଚାରକୁ ନେଇ ନିସ୍ୱାର୍ଥ ଭାବରେ କର୍ତ୍ତବ୍ୟ କର୍ମ କରିବା ହେଉଛି ସ୍ୱଧର୍ମ । ସ୍ୱଧର୍ମ ପାଳନ ସ୍ୱଭାବିକ ଏବଂ ସହଜ । ନିଜର କର୍ତ୍ତବ୍ୟ କର୍ମ ଅନୁଷ୍ଠାନରେ ଅନ୍ତଃକରଣ ଶୁଦ୍ଧହେଲେ ଉଚ୍ଚ ସଂସ୍କାର ପ୍ରାପ୍ତ ହୁଏ । ସଂସ୍କାର ଅନୁଯାଇ ମନୁଷ୍ୟର ଜନ୍ମ ହୋଇଥାଏ ଓ ଜନ୍ମ ଅନୁସାରେ ଭଗବାନ ସ୍ୱଭାବ ଏବଂ କର୍ମ ବିଧାନ କରିଥାନ୍ତି । ବର୍ଣ୍ଣ, ଆଶ୍ରମ ଅନୁଯାଇ କର୍ମର ଗୁଣ ଭିନ୍ନ ଭିନ୍ନ ହୋଇଥାଏ । ଗୁଣ ଓ କର୍ମ ବିଭାଗର ବିଚାରରେ ଶୂଦ୍ର, ବୈଶ୍ୟ, କ୍ଷତ୍ରିୟ, ବ୍ରାହ୍ମଣ ଏହି ଚାରି ବର୍ଣ୍ଣ ଶାସ୍ତ୍ରରେ କୁହାଯାଇଛି । ଶୂଦ୍ର ବର୍ଣ୍ଣର କର୍ମ ଅପେକ୍ଷା ବୈଶ୍ୟବର୍ଣ୍ଣର କର୍ମର ଗୁଣ ଉନ୍ନତ । ସେହିପରି ବୈଶ୍ୟବର୍ଣ୍ଣଠାରୁ କ୍ଷତ୍ରିୟ, କ୍ଷତ୍ରିୟ ଠାରୁ ବ୍ରାହ୍ମଣ ବର୍ଣ୍ଣର କର୍ମ ବିଧାନ ଉନ୍ନତ । ବର୍ଣ୍ଣଜନିତ କର୍ମ ମାନଙ୍କର ଗୁଣ କ୍ରମଶଃ ଉନ୍ନତ ବିଧାନର କାରଣ ହେଲା, ମନୁଷ୍ୟ ପ୍ରତି ବର୍ଣ୍ଣର ଶାସ୍ତ୍ର ସମ୍ମତ ସ୍ୱଧର୍ମକୁ ପାଳନ କରି, ଜନ୍ମ ପରେ ଜନ୍ମ ନିଜ ସଂସ୍କାରକୁ ତଳ ସ୍ତରରୁ ଦିବ୍ୟ ସ୍ତରରେ ବିକଶିତ କରାଇ , ଅନ୍ତରେ ପରମାତ୍ମା ପ୍ରାପ୍ତିର ଇଚ୍ଛାକୁ ପ୍ରାପ୍ତକରିଥାଏ । ଆମର ଆର୍ଯ୍ୟ ସମାଜରେ , କେବଳ କର୍ମଯୋଗର ସ୍ୱତଃ ସାଧନ ନିମନ୍ତେ ଏହି ଚତୁର୍ବର୍ଣ୍ଣର ବିଧାନ କରାଯାଇଛି। ଯେଉଁ ଦେଶ ବା ଧର୍ମରେ ଏହି ବର୍ଣ୍ଣ ପ୍ରସଙ୍ଗ ନାହିଁ , ମନୁଷ୍ୟ ନିଜ ରୁଚି ଓ ସ୍ୱାଭାବ ଓ ଯୋଗ୍ୟତା ଅନୁଯାଇ କର୍ମ ପ୍ରବୃତ୍ତିକୁ ସ୍ୱଧର୍ମ ରୂପରେ ବିବେଚନା କରିବାକୁ ହେବ । ସର୍ବୋପରି ଭାବରେ ବର୍ଣ୍ଣଗତ କର୍ମ ନିର୍ଦ୍ଧାରଣ ଦ୍ୱାରା ସମାଜରେ କର୍ମ ଶୃଙ୍ଖଳା ଓ ଜନ୍ମଗତ ବୃତ୍ତି ପ୍ରାପ୍ତ ହୋଇ କର୍ମ ସଂସ୍ଥାନ ସୃଷ୍ଟି ହୋଇପାରୁଛି। ଯିଏ ନିଜର ସ୍ୱଧର୍ମକୁ ତ୍ୟାଗ କରି, ଅନ୍ୟର ନିର୍ଦ୍ଧାରିତ କର୍ମକୁ ଅନୁଷ୍ଠାନ କରେ , ତାହା ପରଧର୍ମ ହୋଇଥାଏ । ସେଥିରେ ଅନ୍ୟର ଜୀବିକା ଅପହରଣର ପାପ ଲାଗେ। ଉଦାହରଣ ନିଆଯାଉ , ସାତ୍ତ୍ୱିକ ସ୍ୱଭାବରୁ, ଅହିଂସା ଏକ ଉତ୍ତମ ଆଚରଣ ଏବଂ ବ୍ରାହ୍ମଣ ପାଇଁ ପରମ ଧର୍ମ । କିନ୍ତୁ କ୍ଷତ୍ରିୟ ଯଦି ତାହାକୁ ଅନୁକରଣ କରେ , ହିଂସାରେ ପ୍ରବୃତ୍ତ କାରଣରୁ ଯୁଦ୍ଧ କ୍ଷେତ୍ର ଛାଡି, ଭିକ୍ଷାକରି ଜୀବନ ବିତାଇବାକୁ ମନ କରେ, ତା'ହେଲେ ଏହାଦ୍ୱାରା ବ୍ୟବସ୍ଥାରେ ଚରମ ବିଶୃଙ୍ଖଳା ଦେଖାଯିବ । କ୍ଷତ୍ରିୟ ପାଇଁ ଯୁଦ୍ଧରେ ନିଜର ପ୍ରାଣ ବିସର୍ଜନ କଲେ ମଧ୍ୟ , ତାହା ତା'ପାଇଁ ଇହଲୋକ ପରଲୋକରେ କଲ୍ୟାଣକର ହୋଇଥାଏ । ସ୍ୱାମୀ ବିବେକାନନ୍ଦଙ୍କ ମତ ଅନୁଯାଇ ,ଅନ୍ୟର ଆଦର୍ଶକୁ ଗ୍ରହଣ କରି, ତଦନୁସାରେ ଚରିତ୍ର ଗଠନର ଚେଷ୍ଟା ଦ୍ୱାରା ଉନ୍ନତି ଲାଭରେ କୃତକାର୍ଯ୍ୟ ହେବା ଅପେକ୍ଷା , ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ୱାଭାବ ଓ ରୁଚି ଅନୁଯାଇ ଆଦର୍ଶକୁ ଗ୍ରହଣ କରି ତାହାକୁ ଜୀବନରେ ପରିଣତ କରିବାର ପ୍ରୟାସ ବହୁତ ଶ୍ରେୟସ୍କର । ନିଜ ଆଦର୍ଶରେ ପହଞ୍ଚିବା ନିମନ୍ତେ ଯେତିକି ପ୍ରଚେଷ୍ଟା କଲେ ମଧ୍ୟ, ତାହାର ମୂଲ୍ୟ ଥାଏ । କାରଣ ସଂସାରରେ କୌଣସି

ସାଧନ ବ୍ୟର୍ଥ ଯାଇନ'ଥାଏ । ତାହା ପରବର୍ତ୍ତୀ ଜନ୍ମରେ ଫଳପ୍ରଦ ହୋଇଥାଏ । ସାଧାରଣ ସଂସାରି ବ୍ୟକ୍ତି, ଜଣେ ସନ୍ୟାସୀକୁ ଅନୁକରଣ କରି ସନ୍ୟାସୀ ହେବାପାଇଁ ଇଚ୍ଛା କରିବା ପରିବର୍ତ୍ତେ, ଶ୍ରେଷ୍ଠ ଗୃହସ୍ଥ ହେବାପାଇଁ ପ୍ରୟାସ କରିବା ଶ୍ରେୟସ୍କର। ଏହା ହେଉଛି ପରଧର୍ମକୁ ମନ ନ'ବଳାଇବା । ସନ୍ୟାସୀ ଧର୍ମାଚାର୍ଯ୍ୟ ହେଲେ, ଗୃହସ୍ଥ ଶ୍ରେଷ୍ଠ ଆଦର୍ଶପୁରୁଷ ଭାବରେ ବ୍ରହ୍ମନିଷ୍ଠ ହୋଇପାରିବ । ସ୍ୱ-ସ୍ୱ କାର୍ଯ୍ୟ କ୍ଷେତ୍ରରେ କେହି ନ୍ୟୁନ ନୁହନ୍ତି । ଅତଏବ ପରଧର୍ମ ବାହାରକୁ ଦେଖିବା ପାଇଁ ଯେତେ ଗୁଣ ସମ୍ପନ୍ନ ହୋଇଥାଉ, ତାହା ଯାହାର ଧର୍ମ ତାହାପାଇଁ କଲ୍ୟାଣକର , ଅନ୍ୟପାଇଁ ତାହା ଭୟ ପ୍ରଦାନକାରୀ ଓ ଅକଲ୍ୟାଣକର। ବର୍ଣ୍ଣ ଆଶ୍ରମ ଅନୁଯାଇ କର୍ମ ଆଚରଣରେ ଭିନ୍ନତା ଥିଲେ ମଧ୍ୟ, ସ୍ୱଧର୍ମ ପାଳନରେ ସମତା ପ୍ରାପ୍ତି ଓ ରାଗ ଦ୍ୱେଷ ରହିତ ହେବା ଗୋଟିଏ ହିଁ ଉଦ୍ଦେଶ୍ୟ ଥାଏ । ସ୍ୱଧର୍ମ ଓ ପରଧର୍ମର ଅର୍ଥକୁ ପୁରୁଷ ଓ ପ୍ରକୃତି ସହିତ ସମ୍ବନ୍ଧିତ କରି କିଏ କିଏ ବ୍ୟାଖ୍ୟା କରିଛନ୍ତି । ନିଜର ଆତ୍ମା ସ୍ୱରୂପର ଧର୍ମକୁ ସ୍ୱଧର୍ମ, ଏବଂ ପ୍ରକୃତି ଓ ତାର କାର୍ଯ୍ୟ ତଥା ଶରୀର ଓ ସଂସାର ପରଧର୍ମ । ନିର୍ବିକାରତା, ନିତ୍ୟତା, ନିଷ୍କାମତା, ନିର୍ମମତା ଇତ୍ୟାଦି "ସ୍ୱୟଂ"ର ଯେତେ ସ୍ୱରୂପ ଅଛି, ସେସବୁ ସ୍ୱଧର୍ମ । ଉତ୍ପନ୍ନ-ବିନାଶ ,ଜନ୍ମ-ମୃତ୍ୟୁ , କ୍ଷୟ-ବୃଦ୍ଧି, ଭୋଗ ସଂଗ୍ରହ, ଧନ , ମାନ ଇତ୍ୟାଦି ସମସ୍ତ ବିଷୟ ପ୍ରବୃତ୍ତି ହେଉଛି ପରଧର୍ମ । ଅତଏବ ପ୍ରକୃତିର ସମ୍ବନ୍ଧ ବିନା ଯାହାହୁଏ, ତାହା ସ୍ୱଧର୍ମ ଓ ପ୍ରକୃତିର ସହଯୋଗରେ ଯାହାକିଛି ହୁଏ ତାହା ପରଧର୍ମ । ସ୍ୱଧର୍ମ ପାଳନରେ ମନୁଷ୍ୟ ସ୍ୱତନ୍ତ୍ର ଓ ଏହା ମନୁଷ୍ୟକୁ ନିତ୍ୟପ୍ରାପ୍ତ ପରମାତ୍ମା ଅନୁଭବ କରାଏ । ପରଧର୍ମରେ ସଂଶ୍ଲିଷ୍ଟତା ବନ୍ଧନର କାରଣ ହୁଏ । ଗୀତାର ମୂଳ ଉଦ୍ଦେଶ୍ୟ ସ୍ୱଧର୍ମ ପାଳନ। ଭଗବାନଙ୍କର ଏହି ଉପଦେଶକୁ ଯୁଦ୍ଧପିଢ଼ି ପାଳନ କରିବାର ପ୍ରୟାସ କରିଲେ , ସମ୍ପ୍ରତି ସମାଜରେ ଦେଖାଯାଉଥିବା କର୍ମ ବିଶୃଙ୍ଖଳା, ଓ ନୈତିକ ଅଧଃପତନର ସୁଧାର ଆସିପାରନ୍ତା ।

**ଅର୍ଜ୍ଜୁନ ଉବାଚ**

**ଅଥ କେନ ପ୍ରଯୁକ୍ତୋଽୟଂ ପାପଂ ଚରତି ପୂରୁଷଃ ।**
**ଅନିଚ୍ଛନ୍ନପି ବାର୍ଷ୍ଣେୟ ବଳାଦିବ ନିୟୋଜିତଃ ॥ ୩୬ ॥**

*ଅନ୍ୱୟ : ଅର୍ଜ୍ଜୁନ ପଚାରିଲେ : ହେ ବୃଷ୍ଣି ବଂଶଜ (ଶ୍ରୀ କୃଷ୍ଣ ) ! ଅଥ (ତା'ହେଲେ) କେନ (କାହାଦ୍ୱାରା)ପ୍ରଯୁକ୍ତଃ (ଚାଳିତ ହୋଇ )ଅୟମ୍ (ଏହି ) ପୁରୁଷଃ (ମନୁଷ୍ୟ) ଅନିଚ୍ଛନ୍ ଅପି (ଅନିଚ୍ଛା ସତ୍ତ୍ୱେ ) ବଳାତ୍ (ବଳ ପୂର୍ବକ )ନିୟୋଜିତଃ ଇବ ( ଯେପରି ନିୟୋଜିତ ହୋଇ )ପାପମ୍ ( ପାପ କର୍ମ ) ଚରତି ( ଆଚରଣ କରୁଛି ) ?*

**ଭାବାର୍ଥ :** କର୍ମଯୋଗର ସମସ୍ତ ସିଦ୍ଧାନ୍ତ ଶୁଣିସାରିଲାପରେ, ଅର୍ଜ୍ଜୁନଙ୍କ ମନରେ ପ୍ରଶ୍ନ ଜାଗ୍ରତ ହୋଇଛି ଯେ' ମନୁଷ୍ୟ କାହିଁକି ଏହି କର୍ମଯୋଗ ସାଧନ କରିବାରେ ଅସମର୍ଥ ହେଉଛି। ନିଜ ଅନୁଭୂତିରୁ ମଧ୍ୟ ସେ ଏକ ସାଧାରଣ ମନୁଷ୍ୟଭଳି ଜାଣିବାକୁ ଚାହିଁଛନ୍ତି ଯେ' : କାହାର ଅଧିନସ୍ଥ ହୋଇ, ମନୁଷ୍ୟ ନିଜର ବିବେକର ବାଧା ସତ୍ତ୍ୱେ ନିଶ୍ଚିତ ପାପ ଭଳି ଜଣାପଡୁଥିବା କର୍ମ ନ'କରି ରହି ପାରୁନାହିଁ । ଏପରି ନୁହେଁ କି' ମନୁଷ୍ୟକୁ ପରମାତ୍ମାଙ୍କ ଇଚ୍ଛାରେ ପାପ କର୍ମରେ ଲିପ୍ତ ହେବାକୁ ପଡୁଛି ? ନା' ପ୍ରବଳ ପ୍ରାରବ୍ଧର ଅବଶ ହୋଇ ପାପ କର୍ମରେ ପ୍ରବୃତ୍ତ ହେଉଛି । ଏପରି ଅର୍ଜ୍ଜୁନଙ୍କ ମନରେ ଅନେକ ସଂଶୟ ଦେଖାଦେଇଛି । ପାଣ୍ଡବ ମାନଙ୍କୁ ରାଜ୍ୟ ଫେରାଇଦେବାରେ ସମସ୍ତଙ୍କର ହିତସାଧନ ହେବ ବୋଲି କହି ଦୂର୍ଯ୍ୟୋଧନକୁ ହିତୈଷି ମାନେ ଶାସ୍ତ୍ର

ପ୍ରମାଣ ଦେଖାଇ ପ୍ରବର୍ତ୍ତାଇଥିଲେ । କିନ୍ତୁ ଦୁର୍ଯ୍ୟୋଧନ ନିଜର ପକ୍ଷ ରଖି କହିଥିଲା : "ଜାନାମି ଧର୍ମଂ ନ ଚ ତେ ପ୍ରବୃତ୍ତିଃ, ଜାନାମ୍ୟଧର୍ମ ନ ଚ ମେ ନିବୃତ୍ତିଃ । କେନାପି ଦେବେନ ହୃଦି ସ୍ଥିତେନ ଯଥା ନିଯୁକ୍ତୋଅସ୍ମି ତଥା କାରୋମି ॥ "ମୁଁ ଧର୍ମକୁ ଜାଣୁଛି, ତଥାପି ଧର୍ମରେ ମୋର ପ୍ରବୃତ୍ତି ହୋଇ ପାରୁନାହିଁ । ଅଧର୍ମକୁ ଜାଣୁଛି, ତଥାପି ଅଧର୍ମରୁ ମୋର ନିବୃତ୍ତି ନାହିଁ । ଜାଣିନାହିଁ ,କେଉଁ ଦେବ ହୃଦୟରେ ବସିଛନ୍ତି , ସେ ଯେପରି ପ୍ରେରଣା କରୁଛନ୍ତି , ସେପରି ମୁଁ କରୁଛି । ଏଥିରୁ ପ୍ରତୀତ ହେଉଛି ଯେ: ଦୁର୍ଯ୍ୟୋଧନ ଭଳି ଅହଙ୍କାରୀକୁ ମଧ୍ୟ ପାପରେ ପ୍ରବୃତ୍ତ ହେବାର ଜଣାପଡୁଥିଲା, କିନ୍ତୁ ସେ ନାଚାର ଥିଲା ଓ ଇଚ୍ଛାକଲେ ମଧ୍ୟ ପାପରୁ ନିବୃତ୍ତ ହୋଇ ପାରୁନ'ଥିଲା । ଏହା ଆମ୍ଭ ସମସ୍ତ ଗୃହସ୍ଥ ସାଧାରଣ ମନୁଷ୍ୟର ମଧ୍ୟ ଅନୁଭୂତି ଯେ' ଆମେ ଭଲ କଣ ଜାଣିପାରୁଛେ, କିନ୍ତୁ ମନ୍ଦ କର୍ମରେ ଲିପ୍ତ ରହିବାକୁ ଅଟକାଇ ପାରୁନେ । ସତେ ଯେପରି କେଉଁ ଅଜଣା ଚାପର ବଶୀଭୂତ ହୋଇ, ବିବେକ ବିରୁଦ୍ଧରେ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛେ । ଆମର ଆତ୍ମା ସ୍ୱରୂପ ନିତ୍ୟ, ଶୁଦ୍ଧ, ଶାଶ୍ୱତ, ନିର୍ବିକାର ଆନନ୍ଦମୟ । ତାହା କସ୍ମିନ୍ କାଳେ ପାପ ପ୍ରବୃତ୍ତିର କାରଣ ହୋଇନ'ପାରେ । ଅର୍ଜ୍ଜୁନଙ୍କର ଏହା ଏକ ଗୁରୁତ୍ତ୍ୱପୂର୍ଣ୍ଣ ପ୍ରଶ୍ନ । ଭଗବାନ ଆଗରୁ ଏହାର କାରଣର କର୍ମଯୋଗ ପ୍ରସଙ୍ଗରେ ସଙ୍କେତ ଦେଇଛନ୍ତି କି' ପ୍ରଯତ୍ନଶୀଳ ପୁରୁଷର ମଧ୍ୟ ଇନ୍ଦ୍ରିୟମାନେ ମନକୁ ହରଣ କରିନେଇଥାନ୍ତି । ଜ୍ଞାନବାନ ବ୍ୟକ୍ତି ମଧ୍ୟ ପ୍ରକୃତିର ପରବଶ ହୋଇ କାର୍ଯ୍ୟ କରିବାକୁ ବାଧ୍ୟ ହୋଇଥାଏ । ଆଗ ଶ୍ଳୋକ ମାନଙ୍କରେ ଭଗବାନ ଏହାର କାରଣ ଓ ସମାଧାନର ମାର୍ଗ ବତାଇଛନ୍ତି ।

### ଶ୍ରୀ ଭଗବାନ ଉବାଚ

**କାମ ଏଷ କ୍ରୋଧ ଏଷ ରଜୋଗୁଣସମୁଦ୍ଭବଃ ।**
**ମହାଶନୋ ମହାପାପ୍ମା ବିଦ୍ଧ୍ୟେନମିହ ବୈରିଣମ୍ ॥ ୩୭ ॥**

*ଅନ୍ୱୟ: ଶ୍ରୀଭଗବାନ କହିଲେ : ହେ ଅର୍ଜ୍ଜୁନ! ରଜୋଗୁଣସମୁଦ୍ଭବଃ(ରଜୋଗୁଣରୁ ଜାତ) ମହାଶନଃ(ସର୍ବଗ୍ରାସୀ-ଦୁଷ୍ପୂରଣୀୟ) ମହାପାପ୍ମା (ମହାବଡ଼ ପାପୀ ) ଏଷଃ କାମଃ (ଏହି କାମନା) ଏଷଃ କ୍ରୋଧଃ (ଏହି କ୍ରୋଧ –କାମନା ଅପୂର୍ଣ୍ଣରେ ଉତ୍ତେଜନାତ୍ମକ ଚିତ୍ତବୃତ୍ତି) ଇହ (ଏହି ଭୌତିକ ଜଗତରେ )ଏନମ୍ (ଏହାକୁ ) ବୈରିଣମ୍ (ଶତ୍ରୁ ବୋଲି ) ବିଦ୍ଧି (ଜାଣିବ )।*

ଭାବାର୍ଥ : ଭଗବାନ କହିଲେ : ହେ ଅର୍ଜ୍ଜୁନ ! ରଜୋଗୁଣରୁ ଉତ୍ପନ୍ନ ଏହି କାମ , ଆଉ ଏହି କ୍ରୋଧ ଅଗ୍ନି ସମାନ ଭୋଗସେବନରେ କେବେ ତୃପ୍ତ ହେଉନଥିବା ମହା ବଡ ପାପୀ । କାମ,କ୍ରୋଧ ହେଉଛି ରାଗ-ଦ୍ୱେଷର ପୂରକ , ଅର୍ଥାତ୍ ସ୍ଥୂଳ ରୂପ । ଏହା କଲ୍ୟାଣ ମାର୍ଗର ବାଧକ ହେତୁ , ତୁମ୍ଭର ଶତ୍ରୁ ଅଟନ୍ତି । ମନୁଷ୍ୟର ଅନିଚ୍ଛା ସତ୍ତ୍ୱେ, ନା' ପ୍ରାରବ୍ଧ , ନା' ଈଶ୍ୱର, ଏହି କାମନା ହିଁ ମନୁଷ୍ୟକୁ ନାନା ପ୍ରକାର ଭୋଗର ପ୍ରଲୋଭନ ଦେଖାଇ , ପାପରେ ନିୟୋଜିତ କରାଇଥାଏ । ରୂପ ରସ ଆଦି ବିଷୟପ୍ରତି ଇନ୍ଦ୍ରିୟମାନଙ୍କର ରାଗ-ଦ୍ୱେଷ ଫଳରେ କାମ, କ୍ରୋଧ, ଲୋଭ, ମୋହ ,ମଦ, ମାତ୍ସର୍ଯ୍ୟଏହି ଷଡ ରିପୁ ଅନ୍ତଃକରଣରେ ବିକାର ରୂପରେ କାର୍ଯ୍ୟ କରିଥାନ୍ତି । ଷଡ ରିପୁଙ୍କ ଭିତରୁ କାମ, କ୍ରୋଧ ସବୁଠାରୁ ବଳବାନ ଓ ଦୋଷଯୁକ୍ତ । କାମ କ୍ରୋଧ ପରସ୍ପର ଅଲଗା ନୁହନ୍ତି । ଯେଉଁଠାରେ କାମନା ଥାଏ, ତା ସହିତ କ୍ରୋଧ ଯୋଡି ହୋଇ ରହିଥାଏ । କାମନା

ପୂର୍ତ୍ତିରେ ବାଧା ସୃଷ୍ଟିହେଲେ , ବାଧା ପ୍ରଦାନକାରୀ ପ୍ରତି କ୍ରୋଧ ଜାତ ହୁଏ । ଏହି କାମ-କ୍ରୋଧ ରଜୋଗୁଣରୁ ଉଦ୍ଭବ ବୋଲି କୁହାଯାଇଛି । ଶରୀରରେ ଯେଉଁ କ୍ରିୟା ହୋଇଥାଏ , ତାହାର ମୂଳ ରଜୋଗୁଣ । ବସ୍ତୁତଃ ଜୀବାତ୍ମାର ଅବିବେକ କାରଣରୁ ଜଡ ଶରୀର ସହିତ ତଦାତ୍ମ୍ୟ ହେଲେ , ଗୁଣର ପ୍ରଭାବରେ କାମନାର ଉତ୍ପତ୍ତି ହୁଏ । ଇଚ୍ଛାରେ ରଜୋଗୁଣ ହୁଏ ଏବଂ ରଜୋ ଗୁଣରେ ଇଚ୍ଛା ପୁଷ୍ଟ ହୋଇଥାଏ । ବୀଜ ଓ ବୃକ୍ଷର ସମ୍ବନ୍ଧ ଭଳି କାମନା ଓ ରଜୋ ଗୁଣର ଅନ୍ୟୋନ୍ୟ କାର୍ଯ୍ୟ-କାରଣ ସମ୍ବନ୍ଧ । କାମନା ଭୋଗସେବନରେ କେବେ ବି ଶାନ୍ତ ହୋଇନ'ଥାଏ । ବିଷୟରୂପକ ଘୃତ ଢାଳିବାରେ କାମ ରୂପକ ଅଗ୍ନି ନିର୍ବାପିତ ହୁଏନାହିଁ । ଯେତେଯେତେ ବିଷୟଭୋଗ ବଢିଥାଏ ,ସେତେ ସେତେ କାମନାର ପରିବୃଦ୍ଧି ହୋଇଥାଏ । ଜଣେ ମନୁଷ୍ୟକୁ ଯଦି ସଂସାରର ସମସ୍ତ ସମ୍ପଦ, ସାରା ଭୋଗ ଦେଇ ଦିଆଯାଏ, କାମ ତୃପ୍ତ ପାଇଁ ତାହା ପର୍ଯ୍ୟାପ୍ତ ହେବନାହିଁ । ସେଥିପାଇଁ , କାମନା ହେଉଛି "ମହାଶନ " ଅର୍ଥାତ୍ ସର୍ବଗ୍ରାସୀ । କାମନା ଯେତେବେଳେ କ୍ରୋଧ ରୂପ ନିଏ, ତାହା ଅନେକ ଜଘନ୍ୟ ପାପର କାରଣ ହୁଏ । କ୍ରୋଧାନ୍ୱିତ ମନୁଷ୍ୟର ହିତାହିତ ଜ୍ଞାନ ରହେନାହିଁ, ଗୁରୁଜନ, ପ୍ରିୟଜନ ପ୍ରତି ଧ୍ୟାନ ରହେନାହିଁ , ସମସ୍ତ ଆଚରଣ ଅମର୍ଯ୍ୟାଦିତ ହୋଇଥାଏ । ତେଣୁ କ୍ରୋଧକୁ ମହାପାପ୍ମା ବୋଲି କୁହାଯାଇଛି । ମନୁଷ୍ୟର କଲ୍ୟାଣ ମାର୍ଗରେ ଏହି କାମ ଓ କ୍ରୋଧ ସମସ୍ତ ଅନର୍ଥର କାରଣ । ତେଣୁ ମନୁଷ୍ୟପାଇଁ ଏହା ପରମ ଶତ୍ରୁ । ଏହି କାମନା ଯଦି ବିଷୟଭୋଗ କ୍ଷେତ୍ରରୁ ବିମୁଖ ହୋଇ ମନୁଷ୍ୟର ଅନ୍ତଃକରଣରେ ଆତ୍ମା, ପରମାତ୍ମା ତତ୍ତ୍ୱ ଭିତ୍ତିକ ହୋଇଯାଏ, ତାହାହେଲେ କାମନାର ସଂଜ୍ଞା ବଦଳିଯାଇ, ତାହା ବ୍ରହ୍ମଜିଜ୍ଞାସା ହୋଇଯାଏ । ସାଧାରଣ ଲୋକର ମନରେ ଏହି ପ୍ରଶ୍ନ ଆସେ ଯେ , କାମନା ନ'କଲେ ସଂସାର କିପରି ଚାଲିବ ?ଏହାର ସମାଧାନ ହେଲା, ସଂସାର କାମନାର ପୂର୍ତ୍ତିରେ ଚାଲିନାହିଁ । ପ୍ରକୃତିର ତ୍ରିଗୁଣ ଦ୍ୱାରା କର୍ତ୍ତବ୍ୟ ବୋଧରେ ବସ୍ତୁ ଓ କର୍ମ ପ୍ରବାହରେ ସଂସାର ଚାଲିଅଛି । ଏଥିପାଇଁ କାମନାର ଆବଶ୍ୟକତା ନାହିଁ । ପ୍ରତିକୂଳତା ଯେପରି କାମନା ନ'କଲେ ମଧ୍ୟ ସ୍ୱତଃ ଆସିଥାଏ , ଅନୁକୂଳତା ମଧ୍ୟ ସେହିପରି ସ୍ୱତଃ ଆସିବା ଈଶ୍ୱରଙ୍କର ବିଧାନ । ରୋଗ, ଯନ୍ତ୍ରଣା, ଦୁଃଖ, କଷ୍ଟ , ବିଫଳତା ଆଦି କେହିକେବେ କାମନା କରିନଥାଏ । ତଥାପି ସେଗୁଡିକ ମନୁଷ୍ୟକୁ ପ୍ରାପ୍ତ ହୁଏ । ସେହିପରି ସର୍ବସୁଖ ଓ ସଫଳତା ପାଇଁ କାମନା ନ'କରି କର୍ତ୍ତବ୍ୟ କର୍ମ ଅନୁଷ୍ଠାନରେ ତାହା ସ୍ୱତଃ ପ୍ରାପ୍ତ ହୁଏ । କର୍ତ୍ତବ୍ୟ କର୍ମକୁ କେବେ ଛାଡିବାକୁ ହେବନାହିଁ । ଆଜି ଯାଏଁ ସଂସାରରେ ଏପରି କେହି ବ୍ୟକ୍ତି ନାହାନ୍ତି, ଯାହାର ଜୀବନ କାଳ ଭିତରେ ସମସ୍ତ ଭୌତିକ କାମନା ପୂର୍ଣ୍ଣ ହୋଇଯାଇଛି । ସମସ୍ତ କାମନା କେବେହେଲେ ପୂର୍ଣ୍ଣ ହୋଇ ପାରିବ ନାହିଁ । ମାତ୍ର କାମନାକୁ ଛାଡି ହୋଇପାରିବ । କାମନାକୁ ନିଜର ହିତୈଷୀ ମନେ ନ'କରି ଶତ୍ରୁ ମନେକଲେ କାମନାକୁ ତ୍ୟାଗ କରିବା ସମ୍ଭବ । କାମନା ତ୍ୟାଗକଲେ ମମତା ନଷ୍ଟ ହୁଏ, ମମତା ନଷ୍ଟ ହେଲେ " ମୁଁ-ମୋର" ବୃତ୍ତି ନଷ୍ଟ ହୁଏ । ଅତଏବ କାମନା ତ୍ୟାଗରେ ନିତ୍ୟ ସୁଖପ୍ରାପ୍ତ ହୁଏ । ବୌଦ୍ଧ ଧର୍ମର ମୂଳ ମନ୍ତ୍ର ହେଲା : "ମନୁଷ୍ୟ ଜୀବନ ଦୁଃଖପୂର୍ଣ୍ଣ –ଦୁଃଖର କାରଣ କାମନା –କାମନାର ବିନାଶରେ ଦୁଃଖର ବିନାଶ –ଦୁଃଖର ବିନାଶରେ ନିର୍ବାଣ ପ୍ରାପ୍ତି "।

**ଧୂମେନାବ୍ରିୟତେ ବହ୍ନିର୍ଯଥାଦର୍ଶୋ ମଳେନ ଚ ।**
**ଯଥୋଲ୍ ବେନାବୃତୋ ଗର୍ଭସ୍ତଥା ତେନେଦମାବୃତମ୍ ॥ ୩୮ ॥**
**ଆବୃତଂ ଜ୍ଞାନମେତେନ ଜ୍ଞାନିନୋ ନିତ୍ୟବୈରିଣା ।**
**କାମରୂପେଣ କୌନ୍ତେୟ ଦୁଷ୍ପୂରେଣାନଳେନ ଚ ॥ ୩୯ ॥**

*ଅନ୍ୱୟ : ଯଥା ( ଯେପରି ଭାବରେ ) ଧୂମେନ (ଧୂଆଁ ଦ୍ୱାରା ) ବହ୍ନି ( ଅଗ୍ନି ) ଚ (ଓ) ମଳେନ ( ଧୂଳି ଦ୍ୱାରା )ଆଦର୍ଶଃ (ଦର୍ପଣ ) ଆବ୍ରିୟତେ (ଆବୃତ ହୋଇଯାଏ ),ଯଥା (ଯେପରି ) ଉଲ୍ ବେନ (ଜରାୟୁ ଦ୍ୱାରା ) ଗର୍ଭଃ ( ଉଦରସ୍ଥ ଗର୍ଭ ) ଆବୃତଃ (ଆବୃତ ହୋଇଥାଏ ) ତଥା ( ସେହିପରି ) ତେନ (ସେ କାମନା ଦ୍ୱାରା )ଇଦମ୍ (ଏହି ଜ୍ଞାନ ଅର୍ଥାତ୍ ବିବେକ) ଆବୃତମ୍ (ଆବୃତ ହୋଇଛି ) ।*

**ଭାବାର୍ଥ :** ହେ କୌନ୍ତେୟ ( ହେ ଅର୍ଜ୍ଜୁନ !)ଯେଉଁପରି ଧୂମଦ୍ୱାରା ଅଗ୍ନି, ଧୂଳି ଦ୍ୱାରା ଦର୍ପଣ, ଓ ଜରାୟୁ ଦ୍ୱାରା ଉଦରସ୍ଥ ଗର୍ଭ ଆବୃତ ହୋଇ ରହିଥାଏ,ଠିକ୍ ସେହିପରି କାମ ଓ କ୍ରୋଧ ଆଦି ବିକାରଦ୍ୱାରା ମନୁଷ୍ୟର ବିବେକରୂପ ଜ୍ଞାନ ଆବୃତ ହୋଇ ରହିଥାଏ । କାମନା କେବେହେଲେ ତୃପ୍ତ ହୋଇ ଶାନ୍ତ ହୋଇ ନ'ଥାଏ । ଉପଭୋଗରେ କାମନାର ନିବୃତ୍ତି ନ'ହୋଇ ବରଂ ଇନ୍ଧନପ୍ରାପ୍ତ ଅଗ୍ନିଭଳି ଏହାର ଦହନ କ୍ରିୟା ବୃଦ୍ଧିପ୍ରାପ୍ତ ହୁଏ । ବିବେକଶୀଳ ସାଧକ ନିମନ୍ତେ ଏହା ଚିର ଶତ୍ରୁ । ଆକାଶରେ ଭାସୁଥିବା ମେଘ ସୂର୍ଯ୍ୟଙ୍କୁ ଢାଙ୍କୁଣୀ ପରି ଘୋଡାଇ ରଖିବାରେ, ପୃଥିବୀ ପୃଷ୍ଠରେ ଛାୟା ସୃଷ୍ଟିହୁଏ । ଏହି ମେଘ ସୂର୍ଯ୍ୟ ଦ୍ୱାରାହିଁ ତିଆରି ହୋଇଥାଏ । ସେହିପରି ମନୁଷ୍ୟର ଅନ୍ତଃକରଣରେ କାମନା,ବାସନା ଆଦି ବିକାର ଆତ୍ମାର ଶୁଦ୍ଧ ଚୈତନ୍ୟ ସ୍ୱରୂପକୁ ଢାଙ୍କୁଣୀ ସଦୃଶ ଘୋଡାଇ ରଖିଥାନ୍ତି । ଏହି କାମ-କ୍ରୋଧ ଆଦି ବିକାର, ମନୁଷ୍ୟର ଇନ୍ଦ୍ରିୟ, ମନ ଆଦିର ଭୋଗ ଲାଳସାରୁ ଜାଗ୍ରତ ହୋଇଥାଏ । ଘୋଡେଇ ରଖିଥିବା ମେଘର ଘନତା ଅନୁସାରେ ପୃଥିବୀ ପୃଷ୍ଠର ଛାୟା ଯେପରି ଗାଢ଼ କିମ୍ବା ଲଘୁ ହୋଇଥାଏ, ସେହିପରି କାମନାର ତୀବ୍ରତା ଓ ବେଗକୁ ନେଇ ଜ୍ଞାନ ଆଚ୍ଛାଦିତ ହେବାରେ ବିବେକର ବିଚାର ଶକ୍ତିରେ ଅସ୍ଥିରତା ଦେଖାଯାଏ । ଏଠାରେ ଭଗବାନ, କାମନା ଦ୍ୱାରା ବିବେକ ଆବୃତ ରହିବା ସମ୍ବନ୍ଧରେ ତିନିଗୋଟି ଦୃଷ୍ଟାନ୍ତ ଦେଇଛନ୍ତି । ଏହି ମର୍ମରେ କାମନା ତିନି ଶ୍ରେଣୀୟ କୁହାଯିବ । ସୂକ୍ଷ୍ମ କାମନା, ସ୍ଥୂଳ କାମନା, ଓ ଅତି ସ୍ଥୂଳ କାମନା ବା ତୃଷ୍ଣା । ବଞ୍ଚିବା ପାଇଁ ଆବଶ୍ୟକ ଥିବା ଅପ୍ରାପ୍ୟ ବସ୍ତୁକୁ ଦେଖି, ଶୁଣି ଇଚ୍ଛା ଜାଗ୍ରତ ହେବା, ସୂକ୍ଷ୍ମ କାମନା । ଭୋଗ୍ୟବସ୍ତୁକୁ ପ୍ରାପ୍ତକରି ଥରେ ଉପଭୋଗ କଲାପରେ,ପୁନର୍ବାର ଉପଭୋଗପାଇଁ ଯାହା ଇଚ୍ଛା ହୋଇଥାଏ, ତାହା କାମନାର ସ୍ଥୂଳ ଅବସ୍ଥା । ବାରମ୍ବାର ଭୋଗ୍ୟବସ୍ତୁକୁ ଉପଭୋଗ କରିସାରିଲାପରେ, ଯାହାର ଭୋଗସେବନ ଇଚ୍ଛା ନିରନ୍ତର ରହେ , ଅର୍ଥାତ୍ ଯେଉଁ ଇଚ୍ଛା ତୃଷ୍ଣା ରୂପରେ ପରିଣତ ହୋଇଯାଏ, ତାହା ହେଉଛି ଅତି ସ୍ଥୂଳ କାମନା । ଧୂଆଁ ଦ୍ୱାରା ଆଚ୍ଛାଦିତ ହୋଇ ଅଗ୍ନି ଦୃଶ୍ୟମାନ ନ'ହେଲେ ମଧ୍ୟ , ଅଗ୍ନିର ଦହନ କ୍ରିୟା ଯେପରି କ୍ଷୁର୍ଣ୍ଣ ହୋଇନ'ଥାଏ , ସେହିପରି ଏହି ସତ୍ତ୍ୱଗୁଣ ଜନିତ ସୂକ୍ଷ୍ମ କାମନାରେ ଚିଦ୍ ସ୍ୱରୂପର ପ୍ରକାଶ କରିବାର ଶକ୍ତି ହୃତ ହୋଇନ'ଥାଏ । ଏହା ହେଉଛି ଅନ୍ତଃକରଣର ବିକ୍ଷେପ ଦୋଷ, ଯେଉଁଥିରେ ମନରେ ଚଞ୍ଚଳତା ଓ ଆବେଗତା ରହେ । ଏହି ପ୍ରକାର ଆବୃତରେ, ବିବେକ ଦ୍ୱାରା ସମସ୍ତ ବିଷୟ ପ୍ରକାଶିତ ହେବାରେ ବାଧା ଉପୁଜେ ନାହିଁ । ଅର୍ଥାତ୍ ବିଚାର ଶକ୍ତି ନଷ୍ଟ ହୁଏନାହିଁ । ନିତ୍ୟ-ନିୟତ କର୍ମ ସମ୍ପାଦନ କରିବାରେ ସୂକ୍ଷ୍ମ କାମନାଗୁଡିକ ସ୍ୱତଃ ଅପସରିଯାଏ ।

ରଜୋଗୁଣ ଜନିତ କାମନାର ଉଦାହରଣ ଦେଇ ଭଗବାନ କହୁଛନ୍ତି ଯେ, ଦର୍ପଣରେ ଧୂଳି ଲାଗିରହିବାରେ ରୂପର ପ୍ରତିବିମ୍ବ ଯେପରି ସ୍ୱଚ୍ଛ ଭାବରେ ପ୍ରତିଫଳିତ ହୋଇନ'ଥାଏ, ଅନ୍ତଃକରଣ ବିଷୟଭୋଗ ଜନିତ ସ୍ଥୂଳ କାମନା ଦ୍ୱାରା ଆବୃତ ହୋଇ, ବିବେକ ସମସ୍ତ ବିଷୟକୁ ସ୍ପଷ୍ଟ ଭାବରେ ପ୍ରକାଶ କରିବାକୁ ଅସମର୍ଥ ହୁଏ। କେବଳ ଇପ୍ସିତ ଭୋଗ୍ୟବସ୍ତୁ ହିଁ ଧ୍ୟାନ ହୋଇଥାଏ। ଏହା ହେଉଛି ଅନ୍ତଃକରଣରେ ମଳ ଦୋଷ । ଏଥିରେ କାମନା ପୂର୍ତ୍ତି ନ'ହେବା ପର୍ଯ୍ୟନ୍ତ ଚିତ୍ତ ବୃତ୍ତିର ଏକାଗ୍ରତା ଆସେନାହିଁ । ଦର୍ପଣର ଧୂଳିକୁ ଥରେ ପୋଛିବାରେ ସ୍ୱଚ୍ଛ ହୁଏ, ପୁଣି ଧୂଳିର ଆବରଣରେ ଯେପରି ଆବୃତ ହୁଏ, ସେହିପରି ଗୋଟିଏ କାମନା ପୂର୍ତ୍ତି ହୋଇ ଅନ୍ୟ ଏକ କାମନା ବିବେକକୁ ଆବୃତ କରି ବିବେକର ବିଚାର ଶକ୍ତିକୁ ହ୍ରାସ କରିଥାଏ । ଏହିପରି , ଅନ୍ତଃକରଣରେ ବିଷୟଭୋଗ କାମନାର ଗତାଗତ ପ୍ରକ୍ରିୟା ଚାଲୁ ରହିଥାଏ । ଶେଷ ଦୃଷ୍ଟାନ୍ତ ହେଲା,ଗର୍ଭ ଭିତରେ ଜରାୟୁ ଦ୍ୱାରା ବେଷ୍ଟିତ ହୋଇ ରହିଥିବା ଶିଶୁର ଆକାର ଯେପରି ବାହାରକୁ ଦେଖାଯାଏ ନାହିଁ , ସେହିପରି ଅତି ସୂକ୍ଷ୍ମ କାମନା ବା ତୃଷ୍ଣା ଅନ୍ତଃକରଣରେ ବିବେକ ଜନିତ ଜ୍ଞାନ ସ୍ୱରୂପକୁ ସଂପୂର୍ଣ୍ଣ ଆବରଣ କରି ରଖିଥାଏ । ମନ ବୁଦ୍ଧିରେ ତତ୍ତ୍ୱଜ୍ଞାନ ବୋଧ ନ'ହେବା ହେଉଛି ଆବରଣ ଦୋଷ ଯାହା ଅବିଦ୍ୟା, ଅଜ୍ଞାନ । ତମଗୁଣ ଜନିତ କାମନା ଅନ୍ତଃକରଣରେ ଅହଙ୍କାର ବୃତ୍ତିର ରୂପ ନେଇ ବିବେକର ବିଚାର ଶକ୍ତିକୁ ନଷ୍ଟ କରିଦେଇଥାଏ । ମନୁଷ୍ୟ ଆଳସ୍ୟ, ନିଦ୍ରା, ପ୍ରମାଦ ଓ ମୋହରେ ପ୍ରବୃତ୍ତ ରହି କର୍ମକୁ ତ୍ୟାଗ କରେ । ଝିଲ୍ଲୀର ଆବରଣକୁ ଚିରି ଶିଶୁଟି ଯେଉଁ ଭାବରେ ପଦାକୁ ବାହାରି ଆସି ଆତ୍ମ ପ୍ରକାଶ କରିଥାଏ,ସେହିଭଳି ବହୁ ଜନ୍ମର ଅନ୍ତରେ, ମନୁଷ୍ୟ ସଦ୍ ଗୁରୁ, ସନ୍ଥ ମହାପୁରୁଷ କିମ୍ବା ଶାସ୍ତ୍ର ଜ୍ଞାନର ସଂସ୍ପର୍ଶରେ ଆସିବାରେ , ଅନ୍ତଃକରଣରେ ପରମାତ୍ମା ତତ୍ତ୍ୱ ଜ୍ଞାନର ଜିଜ୍ଞାସା ଜାଗ୍ରତ ହୁଏ । ଅବିଦ୍ୟା , ଅଜ୍ଞାନର ନାଶ ଘଟିଲେ "ସ୍ୱୟଂ" ର ଅନୁଭୂତି ହୁଏ । ଇଶ୍ୱର ବିଶ୍ୱାସ ଓ ଉପାସନା ଦ୍ୱାରା ଅନ୍ତଃକରଣରେ ବିକ୍ଷେପଦୋଷ,କର୍ତ୍ତବ୍ୟ କର୍ମ ଅନୁଷ୍ଠାନ ଓ କର୍ମଯୋଗ ସାଧନରେ ମଳଦୋଷ, ଏବଂ ଗୁରୁ ଉପଦେଶ,ଶାସ୍ତ୍ର ଅଧ୍ୟୟନରେ ଆବରଣ ଦୋଷ ନଷ୍ଟ ହେବାରଶାସ୍ତ୍ର ବିଧି ରହିଛି । ତେଣୁ କାମନା ଜ୍ଞାନକୁ ଆବୃତ କରି ରଖିଲେ ମଧ୍ୟ ବସ୍ତୁତଃ ଏହା "ସ୍ୱୟଂ" ଅପେକ୍ଷା ସର୍ବଦା ବଳହୀନ । ଭୋଗ ସେବନରେ କାମନାର ଅନ୍ତ ହୋଇନ'ଥାଏ । ବରଂ ଘୃତ ଢାଳିବାରେ ଅଗ୍ନିର ଅଭିବୃଦ୍ଧି ହେଲାଭଳି , କାମନା ଅନେକ ରୂପ ଧାରଣ କରିଥାଏ । ତେଣୁ କାମନାକୁ ଦୁଷ୍ପୂରଣୀୟ ବୋଲି କୁହାଯାଇଛି । ମହାଭାରତର ଆଦ୍ୟ ପର୍ବରେ ବର୍ଣ୍ଣିତ ରାଜା ଯଯାତୀ, କନିଷ୍ଠ ପୁତ୍ର ପୁରୁଙ୍କ ଠାରୁ ଯୌବନ ପ୍ରାପ୍ତ ହୋଇ, ହଜାରେ ବର୍ଷ ଭୋଗ କରି ମଧ୍ୟ ତୃପ୍ତ ହୋଇ ପାରିନ'ଥିଲେ । ଶେଷରେ ଅତୃପ୍ତ ମନରେ, ପୁତ୍ର ପୁରୁଙ୍କୁ ରାଜ୍ୟ ଓ ଯୌବନ ଫେରାଇ ବନବାସୀ ହେଲେ । ଅତଏବ, କାମନାକୁ ପୂର୍ଣ୍ଣ କରି, କାମନାରୁ ନିବୃତ୍ତ ହେବା ଅସମ୍ଭବ । କାମନାର ତ୍ୟାଗରେ ହିଁ କାମନାକୁ ଶାନ୍ତ କରିବାକୁ ପଡିଥାଏ। କାମନା ଜ୍ଞାନୀର ଚିର ଶତ୍ରୁ କହିବାର ତାତ୍ପର୍ଯ୍ୟ ହେଲା, ଅଜ୍ଞାନୀ ଜନ କାମନା ଚରିତାର୍ଥରେ ଦୈହିକ ସୁଖ ଭୋଗ କରି କ୍ଷଣିକ ଆନନ୍ଦପାଏ । କିନ୍ତୁ ଜ୍ଞାନୀ ବା ପ୍ରଯତ୍ନଶୀଳ ସାଧକ, କାମନା ଜାଗ୍ରତରେ ହିଁ ଅସ୍ୱଚ୍ଛ ଅନୁଭବକରେ । ଭୋଗସେବନ କାଳରେ ତାହା ବିବେକ ଦ୍ୱାରା ପାପାଚାରଣ ବୋଧହୋଇ ଯନ୍ତ୍ରଣାଦାୟକ ହୁଏ । ଭୋଗ ସେବନ ପରେ ଅନୁତାପରେ ଅନ୍ତଃକରଣ ଅଶାନ୍ତ ରହେ । ଏହିପରି "କାମନା" ଜ୍ଞାନୀ ପାଇଁ କେବେହେଲେ ସୁଖପ୍ରଦ ହୋଇନ'ଥାଏ । ବିବେକଶୀଳ ପୁରୁଷ କାମନାକୁ ସବୁ ସମୟରେ ଶତ୍ରୁ ସଦୃଶ

ବିଚାର କରିଥାଏ । ଏହି କାମ ରୂପ ଶତ୍ରୁ ସାଧକର ଅନ୍ତଃକରଣରେ ବିବେକ, ବୈରାଗ୍ୟ ଓ ନିଷ୍କାମ ଭାବକୁ ସ୍ଥିର ହେବାକୁ ଦିଏନାହିଁ ।

**ଇନ୍ଦ୍ରିୟାଣି ମନୋ ବୁଦ୍ଧିରସ୍ୟାଧିଷ୍ଠାନମୁଚ୍ୟତେ ।**
**ଏତୈର୍ବିମୋହୟତ୍ୟେଷ ଜ୍ଞାନମାବୃତ୍ୟ ଦେହିନମ୍ ॥ ୪୦॥**
**ତସ୍ମାତ୍ତ୍ୱମିନ୍ଦ୍ରିୟାଣ୍ୟାଦୌ ନିୟମ୍ୟ ଭରତର୍ଷଭ ।**
**ପାପ୍ମାନଂ ପ୍ରଜହି ହ୍ୟେନଂ ଜ୍ଞାନବିଜ୍ଞାନନାଶନମ୍ ॥ ୪୧ ॥**

*ଅନ୍ୱୟ : ଇନ୍ଦ୍ରିୟଣୀ (ଇନ୍ଦ୍ରିୟ ସମୂହ ) ମନଃ ବୁଦ୍ଧିଃ (ମନ ଓ ବୁଦ୍ଧି ) ଅସ୍ୟ (ଏହି କାମନାର )ଅଧିଷ୍ଠାନ (ବସତି ସ୍ଥାନ ) ଉଚ୍ୟତେ (କୁହାଯାଇଛି ) ଏଷଃ (ଏହି କାମନା )ଏତୈଃ (ଏହି ଇନ୍ଦ୍ରିୟ,ମନ,ବୁଦ୍ଧି ର ସହଯୋଗରେ )ଜ୍ଞାନମ୍ (ବିଚାର ବୁଦ୍ଧିକୁ ) ଆବୃତ୍ୟ (ଆଚ୍ଛାଦିତ କରି) ଦେହିନମ୍(ଦେହାଭିମାନୀ ମନୁଷ୍ୟକୁ )ବିମୋହୟତି (ମୋହିତ କରିଦିଏ) । ତସ୍ମାତ୍ (ତେଣୁ )ଭରତର୍ଷଭ (ହେ ଭାରତ ଶ୍ରେଷ୍ଠ ଅର୍ଜୁନ ) ତ୍ୱମ୍ (ତୁମେ) ଆଦୌ(ପ୍ରାରମ୍ଭରୁ) ଇନ୍ଦ୍ରିୟାଣି (ଇନ୍ଦ୍ରିୟ ମାନଙ୍କୁ) ନିୟମ୍ୟ (ସଂଯତକରି) ଜ୍ଞାନ-ବିଜ୍ଞାନ-ନାଶନମ୍ (ଜ୍ଞାନ-ବିଜ୍ଞାନ-ବିନାଶକାରୀ)ପାପ୍ମାନାମ୍(ମହାପାପୀ ) ଏନମ୍ (ଏହି କାମନାକୁ)ପ୍ରଜହି (ପରିତ୍ୟାଗ କର )।*

**ଭାବାର୍ଥ** :ଇନ୍ଦ୍ରିୟ,ମନ,ବୁଦ୍ଧି କାମନାର ନିବାସ ସ୍ଥଳି । ବସ୍ତୁତଃ "କାମ" ଜଡ ଓ ଚେତନର ତାଦାତ୍ମ୍ୟ "ମୁଁ" ରେ ହିଁ ଅବସ୍ଥାନ କରି ଇନ୍ଦ୍ରିୟ,ମନ,ବୁଦ୍ଧି ଉପରେ ନିଜର କାୟା ବିସ୍ତାର କରିଥାଏ । ତ୍ରିଗୁଣାତ୍ମକ ପ୍ରକୃତିର କାରଣରୁ ଜୀବାତ୍ମାର ଦେହାଭିମାନ ଅର୍ଥାତ୍ ଶରୀରକୁ "ମୁଁ" ବୋଲି ମାନିନେବାରେ ଅନ୍ତଃକରଣରେ କର୍ତ୍ତାପନ ଉତ୍ପନ୍ନ ହୁଏ । ଭୋଗବୁଦ୍ଧିରେ ଭୋଗ୍ୟ ବସ୍ତୁ ସହିତ ଶରୀର ଓ ଇନ୍ଦ୍ରିୟମାନଙ୍କର ସଂଯୋଗରେ ଅପ୍ରାପ୍ୟ ବସ୍ତୁ ପ୍ରାପ୍ତକରିବାର ଇଚ୍ଛା ଜାଗ୍ରତ ହୁଏ ।ଏହାର କ୍ରମଗତି ହେଲା : କାମନା ପ୍ରଥମେ ଇନ୍ଦ୍ରିୟକୁ ମାଧ୍ୟମ କରି ଅନ୍ତଃକରଣରେ ପ୍ରବେଶକରେ । ସଂକଳ୍ପ-ବିକଳ୍ପାତ୍ମକ ଅନ୍ତଃକରଣ ବୃତ୍ତି ହେଉଛି ମନ । ଭୋଗ୍ୟ ବସ୍ତୁଇନ୍ଦ୍ରିୟ ସୁଖର ଅନୁକୂଳତା ଓ ପ୍ରତିକୁଳତାକୁ ନେଇ ଅନ୍ତଃକରଣରେ କାମନାକୁ ସ୍ଥାନ ଦେବା ନ'ଦେବା ମନ ଚୟନ କରିଥାଏ । ଅନ୍ତଃକରଣର ନିଶ୍ଚୟାତ୍ମିକ ବୃତ୍ତିକୁ ବୁଦ୍ଧି କୁହାଯାଏ । ବୁଦ୍ଧି ନିଜର ବିବେକ ଓ ସଂସ୍କାର କୁ ଭିତ୍ତିକରି କାମନାକୁ ବୁଝିଥାଏ ଓ କାମନାକୁ ଗ୍ରହଣକରେ କିମ୍ବା ପ୍ରତ୍ୟାଖ୍ୟାନ କରିଥାଏ। ବୁଦ୍ଧି ଯଦି ବିବେକଯୁକ୍ତ ନହୋଇ, "ମୁଁ"ବୃତ୍ତିର ଭୋକ୍ତାପନ କାରଣରୁ ଆସକ୍ତ ହେଲେ, କାମଶକ୍ତିରେ ମୋହିତ ହେଲା ବୋଲି ଧରିନେବାକୁ ହେବ । କାମନା ଇନ୍ଦ୍ରିୟ,ମନ, ଓ ବୁଦ୍ଧିକୁ ମୋହିତ କରି "ଅହମ୍" ରେ ଅବସ୍ଥାନ କରି ବିବେକର ବିଚାର ଶକ୍ତିକୁ ନଷ୍ଟ କରିଥାଏ । ଭୋଗରେ ସୁଖର ପ୍ରଲୋଭନ ଦେଖାଇ ମନୁଷ୍ୟକୁ ପାପରେ ପ୍ରବୃତ୍ତ କରାଏ । ଇନ୍ଦ୍ରିୟ, ମନ ,ବୁଦ୍ଧି ମନୁଷ୍ୟର ବଶରେ ନ'ରହିବାର କାରଣରୁ କାମନା ଏହିମାନଙ୍କ ଉପରେ ଅଧୀକାର ଜମାଇ ରହିଥାଏ । ମନୁଷ୍ୟ ଶରୀର ପ୍ରାପ୍ତ ହୋଇଛି କେବଳ ପରମାତ୍ମା ତତ୍ତ୍ୱ ପ୍ରାପ୍ତ ନିମନ୍ତେ । ସେଥିଲାଗି ଏହି ଶରୀର ରଥରେ ଜୀବାତ୍ମା ଭବସାଗରରୁ ଉଦ୍ଧାର ହେବାପାଇଁ ଯାତ୍ରା କରିଥାଏ । ଇନ୍ଦ୍ରିୟମାନେ ଅଶ୍ୱ ରୂପରେ ଏହି ରଥକୁ ମୁକ୍ତିର ସାଧନ ମାର୍ଗରେ ଟାଣିନେବାପାଇଁ ଉଦ୍ଦିଷ୍ଟ । ବୁଦ୍ଧି ହେଉଛି ସାରଥୀ, ଯେକି' ରଥକୁ ପରମାତ୍ମା ପ୍ରାପ୍ତି ମାର୍ଗରେ ଚଳାଇନେଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବ। ଅଶ୍ୱମାନଙ୍କ ସହିତ ସଂଯୁକ୍ତ ଲଗାମ ଡୋରହେଉଛି ମନ । ଏହି

ଲଗାମ ଡୋର ସାରଥୀ ହାତରେ ଅଶ୍ୱ ମାନଙ୍କୁ ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ । ଏ ସମସ୍ତ ସୁବ୍ୟବସ୍ଥାରେ, "କାମ" ବିଷୟ ସୁଖର ପ୍ରଲୋଭନ ଦେଖାଇ ଇନ୍ଦ୍ରିୟ,ମନ ,ବୁଦ୍ଧିକୁ ମୋହିତ କରିନେଇ ଜୀବାତ୍ମାର ମୁକ୍ତିର ଯାତ୍ରାକୁ ବେପଥଗାମୀ କରିଦିଏ । ଅଶ୍ୱଗଣ , ସାରଥୀ,ଲଗାମ ଡୋର , ଏସବୁ କାମନାର ନିୟନ୍ତ୍ରଣରେ ରହି ପଥ ଭ୍ରଷ୍ଟ ହୋଇଯାନ୍ତି । ଅଶ୍ୱମାନଙ୍କ ଲଗାମ କୋହଳ ହେଲାପରି, ମନ ଦୁର୍ବଳ ହୋଇଯାଏ । ଜୀବାତ୍ମା ଲକ୍ଷ ସ୍ଥଳରେ ପହଞ୍ଚି ନ'ପାରି ସଂସାରରେ ପଥ ଭ୍ରଷ୍ଟ ହୋଇ ଜନ୍ମ-ମୃତ୍ୟୁ ଚକ୍ରରେ ପଡି ଘୂରି ବୁଲିବାକୁ ବାଧ ହୁଏ । ଯଦି , ଶରୀର ରଥର ଅଶ୍ୱ ସଦୃଶ ଇନ୍ଦ୍ରିୟମାନେ ବଶୀଭୂତ ହୋଇ ରହନ୍ତି ,ସାରଥୀ ରୂପକ ବୁଦ୍ଧି ବିବେକର ବିଶ୍ୱସ୍ତହୋଇ ରହେ ,ଆଉ ଲଗାମ ଡୋର ରୂପକ ମନ ବହୁତ ଦୃଢହୁଏ , ତାହେଲେ ଜୀବାତ୍ମା ପରମାତ୍ମା ପ୍ରାପ୍ତିରେ ସଫଳତା ପାଇବ । କାମନା, କେବଳ ଦେହାଭିମାନୀ ପୁରୁଷକୁ ହିଁ ମୋହିତ କରିରଖେ । ଶରୀରକୁ "ମୁଁ-ମୋର" ମନେକରୁଥିବା ବ୍ୟକ୍ତିଦେହାଭିମାନୀ । କାମନା, ଜ୍ଞାନକୁ ଆଚ୍ଛାଦିତ କରି ଦେହାଭିମାନୀକୁ ବନ୍ଧନରେ ପକାଏ । କାମନା ଶୁଦ୍ଧ ସ୍ୱରୂପକୁ ସ୍ପର୍ଶ ମଧ କରିପାରି ନଥାଏ । ତେଣୁ ଭଗବାନ କହୁଛନ୍ତି , ହେ ଭରତ ବଂଶଜ ଶ୍ରେଷ୍ଠ ଅର୍ଜୁନ ! ତୁମ୍ଭେ ପ୍ରାରମ୍ଭରୁ ଇନ୍ଦ୍ରିୟ ମାନଙ୍କୁ ସଂଯମ ଆଚରଣ କରି ବଶରେ ରଖିପାରିଲେ, "କାମ" ଅନ୍ତଃକରଣରେ ପ୍ରବେଶ କରିବା ସହଜ ସାଧ ହେବନାହିଁ । ଇନ୍ଦ୍ରିୟମାନେ ସଂଯମିତ ହେବାରେ, ମନକୁ ମଧ ଧୀରେ ଧୀରେ ସଂଯମ କରାଯାଇ ପାରିବ । ଇନ୍ଦ୍ରିୟ ,ମନ, ବୁଦ୍ଧି କୁ ଅଧୀନସ୍ଥ କରି ରଖିଥିବା କାମନାକୁ, ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ଅନ୍ତଃକରଣରୁ ହଟାଇବାକୁ ସାଧକ ସମର୍ଥ ହୋଇପାରିବ । ପରମାତ୍ମାଙ୍କ ନାମ, ଗୁଣ, କୀର୍ତ୍ତନ, ଜପ,ଧ୍ୟାନ, ସହ ନିସ୍ୱାର୍ଥ ଭାବରେ ସଂସାରର ସେବା କାର୍ଯ୍ୟରେ ଇନ୍ଦ୍ରିୟମାନଙ୍କୁ ଲଗାଇ ରଖି ,କର୍ତ୍ତବ୍ୟ କର୍ମର ପ୍ରଚେଷ୍ଟା ହେଉଛି ଅଭ୍ୟାସ । ସଂସାରର ବିଷୟଜନିତ ସୁଖ ଅନିତ୍ୟ-ମନୁଷ୍ୟ ଶରୀର କେବଳ ପରମାତ୍ମା ତତ୍ତ୍ୱ ପ୍ରାପ୍ତି ନିମିତ୍ତ" –ଏହିସବୁ ବିଚାରରେ ଇହଲୋକ, ପରଲୋକ ଭୋଗ କାମନାରୁ ବିରତ ରହିବା ହେଉଛି ବୈରାଗ୍ୟ । ନିର୍ଗୁଣ ନିରାକାର-ବ୍ରହ୍ମ ତତ୍ତ୍ୱର ମହାତ୍ମ୍ୟ, ଗୁରୁ ବାକ୍ୟ, ସନ୍ଥ ବାଣୀ ଓ ଶାସ୍ତ୍ର ଉପଦେଶ - ଏସବୁର ଯଥାର୍ଥ ଧାରଣା ହେଉଛି ଜ୍ଞାନ । ବିଷୟ ଜଗତରେ ରହି ,ଏହି ଜ୍ଞାନକୁ ଆଧାର କରି ପରମାତ୍ମାଙ୍କ ସଗୁଣ ସାକାର-ବ୍ରହ୍ମ,ଦିବ୍ୟ ଅବତାର ଲୀଳା, ଓ ଏହାର ରହସ୍ୟ ଓ ମହତ୍ତ୍ୱର ଅପୋରକ୍ଷ ଅନୁଭୂତି ହେଉଛି ବିଜ୍ଞାନ । କାମନା, ମୋହିନୀ ଶକ୍ତି ଦ୍ୱାରା ଅନ୍ତଃକରଣରେ ଏହି ଜ୍ଞାନ-ବିଜ୍ଞାନ ପ୍ରାପ୍ତି ସାଧନାର ଇଚ୍ଛାକୁ ପ୍ରକଟିତ କରିବାକୁ ଦେଇନ'ଥାଏ । ତେଣୁ "କାମ" ଜ୍ଞାନ-ବିଜ୍ଞାନ ର ବିନାଶକାରୀ ବୋଲି କୁହାଯାଇଛି । ବାସ୍ତବରେ କାମନା ବିବେକକୁ ଆଚ୍ଛାଦିତ କରି ପରମାତ୍ମାତତ୍ତ୍ୱ ପ୍ରାପ୍ତି ପ୍ରବୃତ୍ତିକୁ ଅନ୍ତଃକରଣରେ ପ୍ରକଟ କରିବାକୁ ଦେଇନ'ଥାଏ । ଜ୍ଞାନ-ବିଜ୍ଞାନକୁ ସମୂଳେ ନଷ୍ଟ କରିବା ପାଇଁ କାମନା କେବେହେଲେ ସମର୍ଥ ହେବନାହିଁ । କାରଣ, ଅଜ୍ଞାନରୁ କାମନାର ଉତ୍ପନ୍ନ ହୋଇଥାଏ । ଅଭ୍ୟାସ ଓ ବୈରାଗ୍ୟର ତୀବ୍ର ସାଧନା ସହାୟତାରେ ଏହି "କାମ"କୁ ଅନ୍ତଃକରଣରୁ ସମୂଳେ ବିନାଶ କରିବା ସମ୍ଭବପର । ଅନ୍ତଃକରଣରେ "କାମ" ର ପ୍ରବାହ ,ବନ୍ଧନ'ଥିବା ନଦୀ ଭଳି ନ'ହୋଇ ନିର୍ଦ୍ଦିଷ୍ଟ ମାର୍ଗ ଓ ନିୟନ୍ତ୍ରିତ ହୋଇପାରୁଥିବା ଜଳଧାରା ସାଦୃଶ ହେବା ଉଚିତ । ଫଳରେ "କାମ" ବିନାଶର କାରଣ ନହୋଇ ମୁକ୍ତିର ସହାୟକ ହେବ ।

**ଇନ୍ଦ୍ରିୟାଣି ପରାଣ୍ୟାହୁରିନ୍ଦ୍ରିୟେଭ୍ୟଃ ପରଂ ମନଃ ।**

**ମନସସ୍ତୁ ପରା ବୁଦ୍ଧିର୍ଯୋ ବୁଦ୍ଧେଃ ପରତସ୍ତୁ ସଃ ॥ ୪୨ ॥**

**ଏବଂ ବୁଦ୍ଧେଃ ପରଂ ବୁଦ୍ଧ୍ୱା ସଂସ୍ତଭ୍ୟାତ୍ମାନମାତ୍ମନା ।**

**ଜହି ଶତ୍ରୁଂ ମହାବାହୋ କାମରୂପଂ ଦୁରାସଦମ୍ ॥ ୪୩ ॥**

*ଅନ୍ୱୟ : ଇନ୍ଦ୍ରିୟାଣି (ଇନ୍ଦ୍ରିୟମାନଙ୍କୁ ) ପରାଣି ( {ବିଷୟ-ସ୍ଥୂଳ ଶରୀର ଅପେକ୍ଷା} ଶ୍ରେଷ୍ଠ –ସବଳ-ସୂକ୍ଷ୍ମ ) ଆହୁଃ( କହିଛନ୍ତି ) ଇନ୍ଦ୍ରିୟେଭ୍ୟଃ (ଇନ୍ଦ୍ରିୟ ମାନଙ୍କ ଅପେକ୍ଷା ) ମନଃ (ମନ )ପରମ୍ (ଶ୍ରେଷ୍ଠ) ମନସଃ (ମନ ଅପେକ୍ଷା) ତୁ (ମଧ୍ୟ) ବୁଦ୍ଧିଃ (ବୁଦ୍ଧି ) ପରା (ପ୍ରକୃଷ୍ଟ ରୂପେ ଶ୍ରେଷ୍ଠ )ଯଃ (ଯେ ) ବୁଦ୍ଧେଃ (ବୁଦ୍ଧି ଅପେକ୍ଷା ଅଧିକ ) ପରତଃ (ଉନ୍ନତତର ) ସଃ (ସେ ହେଉଛି ଆତ୍ମା )ମହାବାହୋ (ହେ ବୀରଶ୍ରେଷ୍ଠ ଅର୍ଜ୍ଜୁନ !)ଏବଂ (ଏହିପରି ଭାବରେ ) ବୁଦ୍ଧେଃ (ବୁଦ୍ଧିର )ପରମ୍ (ଶ୍ରେଷ୍ଠ ଆତ୍ମାକୁ ) ବୁଦ୍ଧ୍ୱା (ଜାଣି) ଆତ୍ମନା (ନିଶ୍ଚିତ ବୁଦ୍ଧି ଦ୍ୱାରା )ଆତ୍ମାନମ୍ (ମନକୁ ) ସଂସ୍ତଭ୍ୟ (ସଂଯତ-ସ୍ଥିର କରି ) କାମରୂପମ୍ (କାମରୂପକ ) ଦୁରାସଦମ୍ (ଦୁର୍ଜୟ) ଶତ୍ରୁମ୍ (ଶତ୍ରୁକୁ) ଜହି (ଜୟକର )।*

**ଭାବାର୍ଥ :** ଜୀବତ୍ମାର ଶରୀର ସହିତ ତଦାତ୍ମ୍ୟ କାରଣରୁ, ଇନ୍ଦ୍ରିୟମାନେ ସତ୍ତ୍ୱ,ରଜୋ,ତମୋ ଗୁଣମାନଙ୍କର ପ୍ରଭାବରେରହି , ଶବ୍ଦ ,ରୂପ,ରସ ଆଦି ନିଜ ନିଜର ଭୋଗ୍ୟବିଷୟ ଜାଣିପାରିବାକୁ ସକ୍ଷମ ହୋଇଥାନ୍ତି । ତେଣୁ ଇନ୍ଦ୍ରିୟମାନେ ବିଷୟ ଓ ସ୍ଥୂଳ ଶରୀର ଠାରୁ ଉନ୍ନତତର ଏବଂ ସୂକ୍ଷ୍ମ । ଅନ୍ତଃକରଣରେ ରହିଥିବା ସୂକ୍ଷ୍ମ କାମନା, ଇନ୍ଦ୍ରିୟମାନଙ୍କ ମାଧ୍ୟମରେ ବୁଦ୍ଧିର ଗୋଚରକୁ ଆସିଥାଏ । ଇନ୍ଦ୍ରିୟମାନଙ୍କ ମଧ୍ୟରେ , ପ୍ରତ୍ୟେକ ଇନ୍ଦ୍ରିୟ କେବଳ ନିଜ ନିଜ ବିଷୟକୁ ହିଁ ଜାଣନ୍ତି । ଯେପରି ଶବ୍ଦ କାନକୁ ହିଁ ଜଣାପଡେ, ସ୍ପର୍ଶ ଚର୍ମକୁ, ରୂପ ଚକ୍ଷୁକୁ ହିଁ ଜଣାପଡେ । ରସ ନାକକୁ କି' ଗନ୍ଧ ଜିହ୍ୱାକୁ ଜଣାପଡେ ନହିଁ । କିନ୍ତୁ ମନ ପାଞ୍ଚଟିଯାକ ଇନ୍ଦ୍ରିୟଙ୍କୁ ତଥା ସେମାନଙ୍କର ବିଷୟଗୁଡ଼ିକୁ ମଧ୍ୟ ଜାଣିପାରେ । ମନ ହେଉଛି ଅନ୍ତଃଇନ୍ଦ୍ରିୟ ଏବଂ ଏହା ବହିଃଇନ୍ଦ୍ରିୟ ଓ ବିଷୟ ଗୁଡିକଠାରୁ ଶ୍ରେଷ୍ଠ । ମନ ସବୁ ମୁହୂର୍ତ୍ତରେ ସକ୍ରିୟ ରହିଥାଏ । ମନ ଅତିଶୟ ସୂକ୍ଷ୍ମ ଏବଂ ଗତିଶୀଳ । ବୁଦ୍ଧି ମନର ପରିଚାଳକ । ମନର ଅବସ୍ଥା କଣ ,ତାହା ଶାନ୍ତ ଅଛି ନା' ବ୍ୟସ୍ତ ଅଛି , ବୁଦ୍ଧି ତାହା ବୁଝିପାରେ । ବୁଦ୍ଧିର ବୁଝିବା ବିଷୟପ୍ରତି ଅର୍ଥାତ୍ ବିବେକ ଓ ବିଚାର ପ୍ରତି ଆକର୍ଷଣ ହୁଏ । ବୁଦ୍ଧି ସ୍ଥିର ରହି ବିଷୟ,ଇନ୍ଦ୍ରିୟ,ମନର ସ୍ଥିତି ଓ ଗୁଣକୁ ଜାଣିପାରେ । ତେଣୁ ବୁଦ୍ଧି ହେଉଛି ଏମାନଙ୍କଠାରୁ ସବଳ , ସୂକ୍ଷ୍ମ ଏବଂ ଉତ୍କୃଷ୍ଟ । ବୁଦ୍ଧିଠାରୁ ଉର୍ଦ୍ଧ୍ୱରେ ରହିଛି ପରମାତ୍ମାଙ୍କ ଅଂଶ "ସ୍ୱୟଂ" ଆତ୍ମସ୍ୱରୂପ । "ସ୍ୱୟଂ" ହେଉଛି , ଶରୀର,ଇନ୍ଦ୍ରିୟ,ମନ,ବୁଦ୍ଧି,ଓ ଅହମ୍ ର ଆଶ୍ରୟ, ଆଧାର, କାରଣ, ଓ ପ୍ରେରକ । କଠୋପନିଷଦ ବାକ୍ୟରେ କୁହାଯାଇଛି : "ସୂକ୍ଷ୍ମଠାରୁ ସୂକ୍ଷ୍ମତର , ବିଶାଳଠାରୁ ବିଶାଳତର , ଏହି ଆତ୍ମା ମହାନ୍ । ଏହି ଆତ୍ମା ଶ୍ରବଣର ଶ୍ରବଣ, ମନର ମନ , ବାକ୍ୟର ବାକ୍ୟ, ପ୍ରାଣର ପ୍ରାଣ, ଚକ୍ଷୁର ଚକ୍ଷୁ ସ୍ୱରୂପ । ଯେ ସାକ୍ଷୀ ସ୍ୱରୂପ, ସମସ୍ତଙ୍କର ଅନ୍ତରବ୍ୟାପୀ, ସେ ହିଁ "ଆତ୍ମା" । "ଆତ୍ମା" ସୂକ୍ଷ୍ମାତି ସୂକ୍ଷ୍ମ , ବ୍ୟାପକ, ଜ୍ଞାନ ସ୍ୱରୂପ, ନିତ୍ୟ କାରଣରୁ ଏହାକୁ ସର୍ବଦା ଶ୍ରେଷ୍ଠ ଓ ବଳବାନ୍ କୁହାଯାଇଛି । ଭଗବାନ ଶ୍ରୀକୃଷ୍ଣ "କାମ"କୁ "ଦୁର୍ଜୟ" କହି ତାହାକୁ ମାରିବାକୁ ଅଜ୍ଞାଦେଇ ଅର୍ଜ୍ଜୁନଙ୍କୁ "ମହାବାହୁ" ନାମରେ ସମ୍ବୋଧନ କରି " ଆତ୍ମା" ଅନନ୍ତ ବଳମାନ୍ ବୋଲି ଅର୍ଜୁନଙ୍କୁ ମନେ ପକାଇ ଦେଉଛନ୍ତି । ସର୍ବଶକ୍ତିମାନ "ସ୍ୱୟଂ" ଅନ୍ତର ଭିତରେ ବିଦ୍ୟମାନ । ଆତ୍ମା ସ୍ୱରୂପର ଶକ୍ତି ସାହାଯ୍ୟରେ , ମନ ବୁଦ୍ଧି ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରି ଦୁର୍ଦ୍ଧଷ ଶତ୍ରୁ

"କାମ"କୁ ଦମନକରି ତାରି ଉପରେ ବିଜୟ ପ୍ରାପ୍ତ ହୋଇପାରିବ । ଚେତନ ଜଡ ସହିତ ନିଜର ସମ୍ବନ୍ଧ ମାନିନେଲେ ତାହାଠାରେ ସାଂସାରିକ ଓ ପାରମାର୍ଥିକ ଉଭୟ ପ୍ରକାରର ଇଚ୍ଛା ଦେଖାଯାଏ । "ସ୍ୱୟଂ" ସ୍ୱରୂପରେ ଅନନ୍ତ ବଳ ନିହିତ । ତାହାଠାରୁ ସତ୍ତା ଓ ଶକ୍ତି ପାଇ, ବୁଦ୍ଧି ,ମନ, ଓ ଇନ୍ଦ୍ରିୟ ସତ୍ତାବାନ୍ ଓ ବଳବାନ୍ ହୁଅନ୍ତି । ମାତ୍ର ଜଡ ସହିତ ସମ୍ବନ୍ଧ ରଖିବାରୁ ସେ ନିଜ ବଳକୁ ଭୁଲି ଯାଉଛି ଏବଂ ନିଜକୁ ମନ, ବୁଦ୍ଧି, ଇନ୍ଦ୍ରିୟର ଅଧୀନ ମନେ କରୁଛି । "କାମ" ରୂପକ ଶତ୍ରୁକୁ ଅନ୍ତଃକରଣରୁ ହଟାଇବା ପାଇଁ ନିଜର ଆତ୍ମସ୍ୱରୂପର ଶକ୍ତିକୁ ଜାଣିବା ଆବଶ୍ୟକ । କାମନାର ନିବାସ ପ୍ରକୃତରେ ଜଡ ଅଂଶରେ ହେଲେହେଁ , ତାହା କେବଳ ଚେତନ ଅଂଶର ସହାୟତାରେ ହିଁ ବୁଦ୍ଧିକୁ ଜ୍ଞାତ ହୋଇଥାଏ । ଚେତନ ଜଡ ଅଂଶକୁ ତ୍ୟାଗକରି , ବୁଦ୍ଧି ସହିତ ସମ୍ବନ୍ଧ ହୋଇଗଲେ "କାମ" ସ୍ୱତଃ ନଷ୍ଟ ହୋଇଯାଏ । ଆତ୍ମା ସ୍ୱରୂପର ଜ୍ଞାନ ହେବା ହେଉଛି କାମନାକୁ ମାରିବାର ପ୍ରଧାନ ଉପାୟ । ଆତ୍ମ ଶକ୍ତି ,ସାହାଯ୍ୟରେ ବିବେକଶୀଳହୋଇ, ନିଶ୍ଚୟାତ୍ମିକ ବୁଦ୍ଧିରେ, ଚଞ୍ଚଳ ମନକୁ ସ୍ଥିରକରି , ଜୀବାତ୍ମାର ଦେହାଭୀମାନକୁ ଭାଙ୍ଗି ଅନ୍ତଃକରଣକୁ ବାସନାମୁକ୍ତ କରିବାକୁ ହେବ। ମନରେ , ବୁଦ୍ଧିରେ ଏତିକି ଟିକିଏ ଆସକ୍ତି ରହିଲେ , ବିବେକ ଜାଗ୍ରତ ହେବନାହିଁ କି' ବୈରାଗ୍ୟ ଆସିବ ନାହିଁ । ଶୁଦ୍ଧ ମନ ଯାହା, ଶୁଦ୍ଧ ବୁଦ୍ଧି ତାହା , ଶୁଦ୍ଧ ଆତ୍ମା ମଧ ତାହା । କାରଣ ଆତ୍ମା ବ୍ୟତିରେକ ଆଉ କେହି ଶୁଦ୍ଧ ନୁହେଁ । ଶୁଦ୍ଧ ବୁଦ୍ଧି ହିଁ ମନକୁ ପରମାତ୍ମା ଲୟରେ ନିଯୁକ୍ତ କରିପାରିବ । ଶରୀର ରଥରେ ଆତ୍ମା ରଥୀ , ବୁଦ୍ଧି ତାହାର ସାରଥୀ , ମନ ଲଗାମ, ଇନ୍ଦ୍ରିୟ ସବୁ ଘୋଡା ଏବଂ ଶବ୍ଦ ଆଦି ବିଷୟ ମାର୍ଗ ଅଟେ । ବାସ୍ତବରେ ରଥିର ଅଧୀନ ସାରଥୀ, ସାରଥୀର ଅଧୀନ ଲଗାମ, ଲଗାମର ଅଧୀନ ଘୋଡା ହେବା ଠିକ୍ । ତଥାପି ଯାହାର ବୁଦ୍ଧିରୂପ ସାରଥୀ ବିବେକ ଜ୍ଞାନଶୂନ୍ୟ, ମନରୂପକ ଲଗାମ ଇନ୍ଦ୍ରିୟ ରୂପି ଘୋଡାମାନଙ୍କୁ ନିୟନ୍ତ୍ରଣ କରିବାରେ ଅସମର୍ଥ, ଏହି ଜୀବାତ୍ମା ରଥୀ ଘୋଡାରୂପି ଇନ୍ଦ୍ରିୟ ମାନଙ୍କର ଉଚ୍ଛୃଙ୍ଖଳତାରେ ବେପଥଗାମୀ ହୋଇ ଲକ୍ଷସ୍ଥଳରେ ପହଞ୍ଚି ପାରିନ'ଥାଏ । ବିଷୟ ଜଗତ ଉପରେ ଆଧିପତ୍ୟ ବିସ୍ତାର କରି, ଇନ୍ଦ୍ରିୟସୁଖର ପ୍ରଲୋଭନ କରାଇ "କାମ" ହେଉଛି ବଦ୍ଧ ଜୀବର ପ୍ରଧାନ ଶତ୍ରୁ । ପରମାତ୍ମାଙ୍କୁ ପାଇବା ପାଇଁ ପରମାତ୍ମା ମାନବ ଶରୀର ଦେଇଛନ୍ତି । ତେଣୁ କାମନା ତ୍ୟାଗ କଠିନ ନୁହେଁ । ବିଷୟ ଭୋଗକୁ ମହତ୍ତ୍ୱ ଦେବାରୁ କାମନା ତ୍ୟାଗ କଠିନ ମନେ ହୁଏ ।

ଏହି ଅଧ୍ୟାୟରେ ବତାଯାଇଥିବା କର୍ମଯୋଗର ସିଦ୍ଧାନ୍ତ ହେଲା : କର୍ମଯୋଗୀ ନିଜ ପାଇଁ କିଛି କରେନାହିଁ ,କିଛି ଚାହେଁ ନାହିଁ , ନିଜର ବୋଲି କିଛି ଭାବେ ନାହିଁ । କର୍ମଯୋଗ ସାଧକ ପାଇଁ ତିନୋଟି ମୂଳମନ୍ତ୍ର । (୧) "ମୋର କିଛି ନୁହେଁ" :-ଶରୀର ,ବସ୍ତୁ,ପଦାର୍ଥ ଏସବୁ ଅନିତ୍ୟ, " ସ୍ୱୟଂ" ନିତ୍ୟ । ଅନିତ୍ୟ କେବେ ନିତ୍ୟର ହୋଇ ରହିପାରିବ ନାହିଁ (୨) "ମୋର କିଛି ଆବଶ୍ୟକ ନାହିଁ ":-ସ୍ୱୟଂ ର କେବେ କୌଣସି ଅଭାବ ନଥାଏ , ସେ ପୂର୍ଣ୍ଣ । ତେଣୁ କେଉଁ ବସ୍ତୁର କାମନା ହେବ ? ଅନୁତ୍ପନ,ଅବିନାଶୀ ତତ୍ତ୍ୱ ପାଇଁ ଉତ୍ପନଶୀଳ ନାଶବାନ୍ ବସ୍ତୁର କି' ପ୍ରୟୋଜନ ରହିବ ? (୩ ) "ନିଜ ପାଇଁ କିଛି କରିବାର ନାହିଁ ":- ସ୍ୱୟଂ ହେଉଛି "ଚେତନ" । ଏହା ପରମାତ୍ମାଙ୍କ ଅଂଶ। କର୍ମ ହେଉଛି ଜଡ । "ସ୍ୱୟଂ"ର ଅବିବେକ ବୁଦ୍ଧିରେ ଦେହ ସହିତ ତାଦାତ୍ମ୍ ହେଲେ ଅନ୍ତଃକରଣରେ ଅହନ୍ତା ଆସେ । ସେହି ଅହନ୍ତା "ମୁଁ"ବୃତ୍ତି ସହିତ କର୍ମର ସମ୍ବନ୍ଧ ହୋଇ , କର୍ମଫଳପ୍ରତି ଆସକ୍ତି ରହେ । ତେଣୁ ଏହା ସ୍ୱୀକାର୍ଯ୍ୟ ଯେ' ସ୍ୱରୂପକୁ ନିଜପାଇଁ କିଛି କରିବାର ନାହିଁ । ଏହି ବିଚାରରେ ,

କାମନା ସହଜରେ ଅନ୍ତଃକରଣରେ ଜାଗ୍ରତ ହୋଇନ'ଥାଏ । କାମନା ସଂପୂର୍ଣ୍ଣ ରୂପରେ ନଷ୍ଟ ହୋଇଗଲେ, ସାଧକର ପରମାତ୍ମା ପ୍ରାପ୍ତି ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇ ଯାଏ । ଧନବତ୍ତା- ନିର୍ଦ୍ଧନତା,ନିନ୍ଦା-ସ୍ତୁତି,ଆଦର-ନିରାଦର ,ଯଶ-ଅପଯଶ ,ଲାଭ-ହାନି ,ଜନ୍ମ-ମରଣ ,ସୁସ୍ଥତା- ରୁଗ୍ଣତା, ପ୍ରଭୃତି ସମସ୍ତ ପରିସ୍ଥିତି ପ୍ରାପ୍ତ ହେବା କୃତ କର୍ମର ଫଳ । ଏହି ପରିସ୍ଥିତିରେ ସୁଖୀ, ଦୁଃଖୀ ହେବା, ନିଜ ଅଜ୍ଞତା ବା ମୂର୍ଖତାର କାରଣ । ଯେଉଁ ବ୍ୟକ୍ତି ଅନୁକୂଳ ପରିସ୍ଥିତିରେ ଅନ୍ୟମାନଙ୍କର ସେବା କରେ ,ପ୍ରତିକୂଳ ପରିସ୍ଥିତିରେ ଦୁଃଖୀ ନ'ହୋଇ ସୁଖକୁ ଇଚ୍ଛା କରେନାହିଁ , ସେ ସଂସାର ବନ୍ଧନରୁ ସହଜରେ ମୁକ୍ତ ହୋଇଯାଏ। କର୍ମଯୋଗର ଏକ ନିଶ୍ଚୟାତ୍ମିକ ବୁଦ୍ଧି ରହିବା ଆବଶ୍ୟକ ଯେ' ଯାହା ନିଜର ନୁହେଁ ,ତାହାଠାରୁ ସମ୍ବନ୍ଧ ବିଚ୍ଛେଦ କରିବା ସଙ୍ଗେ ସଙ୍ଗେ ସଂସାରରେ କର୍ମ ଭୋଗ ବୁଦ୍ଧିରେ ନ'କରି ସେବା ବୁଦ୍ଧିରେ କରିବାକୁ ହେବ । ଉପୋରୋକ୍ତ ସିଦ୍ଧାନ୍ତକୁ ନିଶ୍ଚୟାତ୍ମିକ ବୁଦ୍ଧିରେ ଆଚରଣ କରିବାର ପ୍ରଚେଷ୍ଟାରେ ସାଧକର କଲ୍ୟାଣ ହୋଇଥାଏ । ଏହି ନିଶ୍ଚୟ କରିବାରେ ମନୁଷ୍ୟ ସ୍ୱାଧୀନ ,କେହି ପରାଧୀନ ହୋଇ ନ'ଥାନ୍ତି ।

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ
ଶ୍ରୀକୃଷ୍ଣାର୍ଜୁନସଂବାଦେ କର୍ମଯୋଗୋ ନାମ ତୃତୀୟ ଅଧ୍ୟାୟଃ ॥୩ ॥

ଏହି ପ୍ରକାରେ "ଓଁ,ତତ୍ ,ସତ୍" – ଏହି ଭଗବାନ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗୋଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍ ଗୀତୋପନିଷଦ୍ ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ "କର୍ମଯୋଗ" ନାମକ ତୃତୀୟ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୩ ॥

ଓଁ ଓଁ ଓଁ

\- ॥ ଓଁ ଶ୍ରୀ ପରମାତ୍ମନେ ନମଃ ॥

## ଶ୍ରୀମଦ୍ଭଗବଦ୍ ଗୀତା

## ଚତୁର୍ଥ ଅଧ୍ୟାୟ ( ଜ୍ଞାନକର୍ମସନ୍ୟାସ ଯୋଗ )

### ଶ୍ରୀ ଭଗବାନ ଉବାଚ

**ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତ ବାନହମବ୍ୟୟମ୍ ।**
**ବିବସ୍ୱାନ୍ ମନବେ ପ୍ରାହ ମନୁରିକ୍ଷ୍ୱାକବେଽବ୍ରବୀତ୍ ॥ ୧ ॥**

*ଅନ୍ୱୟ : ଅହମ୍ (ମୁଁ ) ଇମମ୍ ଅବ୍ୟୟମ୍ ଯୋଗମ୍ {ଏହି ଅବିନାଶୀ ଯୋଗ (କର୍ମ ଯୋଗ ) } ବିବସ୍ୱତେ ( ସୂର୍ଯ୍ୟଙ୍କୁ ) ପ୍ରୋକ୍ତବାନ୍ (କହିଥିଲି ) ବିବସ୍ୱାନ୍ (ସୂର୍ଯ୍ୟ ) ମନବେ( ତାଙ୍କ ପୁତ୍ର ମନୁଙ୍କୁ ) ପ୍ରାହ (କହିଲେ) (ଏବମ୍) ମନୁଃ (ମନୁ )ଇକ୍ଷ୍ୱାକବେ ( ଇକ୍ଷ୍ୱାକୁଙ୍କୁ )ଅବ୍ରବୀତ୍ (କହିଲେ ) ।*

**ଭାବାର୍ଥ :** ଭଗବାନ ଶ୍ରୀକୃଷ୍ଣ ଏହି କର୍ମଯୋଗର ଇତିହାସ ଓ ପରମ୍ପରା ନିଜ ପକ୍ଷରୁ ଅର୍ଜୁନଙ୍କୁ କହି ଏହା ସୂଚାଇ ଦେଉଛନ୍ତି ଯେ : ଏହି ଯେଉଁ ଯୋଗ ମୁଁ କହୁଛି, ତାହା ନୂଆ ନୁହେଁ । ଏହି ଯୋଗ ସୃଷ୍ଟିର ଆରମ୍ଭରୁ ଗୁରୁ- ଶିଷ୍ୟ ପରମ୍ପରାରେ ଯୁଗ ଯୁଗ ଧରି ପ୍ରଚଳିତ ହୋଇ ଆସିଛି । ବସ୍ତୁତଃ ବ୍ରହ୍ମାଣ୍ଡ ରଚନାରେ, ପଞ୍ଚ ମହାଭୂତ ସର୍ଜନା ପରେ ,ପ୍ରଥମ ସ୍ଥୂଳବସ୍ତୁ ରୂପେ ସୂର୍ଯ୍ୟଙ୍କ ଉତ୍ପତ୍ତି ହୋଇଥିଲା । ଭୌତିକ ଦୃଷ୍ଟିରେ ସୂର୍ଯ୍ୟ ତାପ ଓ ପ୍ରକାଶର ଉତ୍ସ । କିନ୍ତୁ ସେ ଚେତନ, ଦିବ୍ୟଗୁଣ ସମ୍ପନ୍ନ ଦେବତା । ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି , ମହାସର୍ଗର ପ୍ରାରମ୍ଭରେ ମୁଁ ଏହି ଅବିନାଶୀ ନିଷ୍କାମ କର୍ମଯୋଗ ସୂର୍ଯ୍ୟ ଦେବଙ୍କୁ ମୋର ପ୍ରଥମ ଶିଷ୍ୟ ରୂପେ ଉପଦେଶ ଦେଇଥିଲି । ସୂର୍ଯ୍ୟ ଦେବତା ହେଉଛନ୍ତି କର୍ମନିଷ୍ଠ ଓ କର୍ତ୍ତବ୍ୟ ପରାୟଣତାର ପ୍ରତୀକ । ସୂର୍ଯ୍ୟଙ୍କ ନିଜ ନିମନ୍ତେ କୌଣସି ପ୍ରାୟୋଜନ ନାହିଁ । ସେ ସଂସାରର ପ୍ରାଣ । ଜଗତର ସମସ୍ତ ଚେତନର କେନ୍ଦ୍ର ବିବସ୍ୱାନ ଙ୍କୁ ସବିତା କୁହାଯାଇଛି । ସବିତା ଅର୍ଥ ମାୟା ବିଶିଷ୍ଟ ବ୍ରହ୍ମ । ଏହି ମାୟା ବିଶିଷ୍ଟ ବ୍ରହ୍ମ ହେଉଛନ୍ତି ଜଡ ଆଉ ଜୀବର ଆଦି । ଜୀବର ଚେତନ ଏହି ମହାଚେତନରୁ ସୃଷ୍ଟି । ଅତଏବ ସୂର୍ଯ୍ୟ ଙ୍କୁ ଯେଉଁ ଉପଦେଶ ପ୍ରାପ୍ତ ହେବ , ତାହା ସ୍ୱତଃ ସମସ୍ତ ପ୍ରାଣୀଙ୍କୁ ପ୍ରାପ୍ତ ହେବ । ତେଣୁ ଭଗବାନ ସୂର୍ଯ୍ୟ ଦେବଙ୍କୁ ସର୍ବ ପ୍ରଥମେ ଏହି ଯୋଗ କହିବାର ଉଦ୍ଦେଶ୍ୟ ହେଲା, ସମଗ୍ର ଜଗତ ଏହି ଯୋଗର ପ୍ରେରଣା ପାଇ ସଂସାର କଲ୍ୟାଣରେ ଲାଗିପଡିବେ । ମହାଭାରତରେ ବର୍ଣ୍ଣନା ଅଛି : " ହେ ସୂର୍ଯ୍ୟ ଦେବ ! ଆପଣ ସମଗ୍ର ଜଗତର ନେତ୍ର, ସମସ୍ତ ପ୍ରାଣୀଙ୍କର ଆତ୍ମା, ସମସ୍ତ ଜୀବଙ୍କର ଉତ୍ପତ୍ତି ସ୍ଥାନ ଓ କର୍ମାନୁଷ୍ଠାନ ରତ ବ୍ୟକ୍ତିଙ୍କର ପ୍ରେରକ "। ପରବର୍ତ୍ତୀ କାଳରେ , ମନୁ ପିତା ସୂର୍ଯ୍ୟ ଦେବଙ୍କ ଠାରୁ ଏହି କର୍ମଯୋଗର ଉପଦେଶ ଆଚରଣ ମାଧ୍ୟମରେ ଗ୍ରହଣ କରିନେଇଥିଲେ । ସୂର୍ଯ୍ୟ ଦେବ ବ୍ୟାଖ୍ୟା ଦ୍ୱାରା ମନୁଙ୍କୁ ଉପଦେଶ ଦେଇନ'ଥିଲେ । ନିଜର କର୍ତ୍ତବ୍ୟ କର୍ମ ଚରିତ୍ର ଦ୍ୱାରା ମନୁଙ୍କୁ ଉପଦେଶ ପ୍ରେରଣ କରିଥିଲେ । ମନୁଷ୍ୟର ଭୋଗ ଓ ମୋକ୍ଷ ପ୍ରାପ୍ତ ପାଇଁ ମନୁ ଯେଉଁ ଶାସ୍ତ୍ର ବିଜ୍ଞାନ ରଚନା

କଲେ ତାହା ହେଉଛି ମନୁ ସ୍ମୃତି । ମନୁ, ପ୍ରଥମେ ତାଙ୍କର ଜ୍ୟେଷ୍ଠ ପୁତ୍ର ଇକ୍ଷ୍ୱାକୁଙ୍କୁ ଏହି ଯୋଗ ଶାସ୍ତ୍ର ଶିକ୍ଷା ଦେଇଥିଲେ । ବିବସ୍ୱାନଙ୍କ ଠାରୁ ଯେଉଁ ବଂଶ ଉତ୍ପତି, ତାହା ହେଉଛି ସୂର୍ଯ୍ୟ ବଂଶ । ଅବତାର ପୁରୁଷ ଶ୍ରୀ ରାମଚନ୍ଦ୍ର ହେଉଛନ୍ତି ବିବସ୍ୱାନଙ୍କର ୫୮ ତମ ଅଧସ୍ତନ ପୁରୁଷ । ଏହି ଶ୍ଳୋକରେ ଭଗବାନ "ଇମଂ ଯୋଗ"ବୋଲି ଯାହା କହିଛନ୍ତି, ତାହା ହେଉଛି ଦ୍ୱିତୀୟ,ତୃତୀୟ ଅଧ୍ୟାୟରେ ବର୍ଣ୍ଣିତ ହୋଇଥିବା ନିଷ୍କାମ କର୍ମଯୋଗ, ଯେଉଁଥିରେ, କର୍ମ,ଜ୍ଞାନ,ଓ ଭକ୍ତିର ସମନ୍ୱୟ ରହିଛି । ଭଗବାନ ଏହି ଯୋଗ ଶାସ୍ତ୍ରକୁ ପ୍ରଥମେ କ୍ଷତ୍ରିୟ ଧର୍ମର ମହାନ ନିଷ୍ଠାବାନ ପୁରୁଷମାନଙ୍କୁ କହିବାର ଉଦ୍ଦେଶ୍ୟ ହେଲା, ରାଷ୍ଟ୍ରର ମୁଖ୍ୟ ନିଷ୍ଠାର ସହିତ ଏହି ଯୋଗ ଆଚରଣ କରିନେଲେ, ପ୍ରଜାମାନେ ତାହାକୁ ଅନୁକରଣ କରିନେବେ । ଏହାଦ୍ୱାରା ସମଗ୍ର ମାନବ ଜାତିର କଲ୍ୟାଣ ହେବ । ଭଗବାନ ଯେଉଁ ସୂର୍ଯ୍ୟ,ମନୁ, ଇକ୍ଷ୍ୱାକୁ, ପ୍ରଭୃତି କ୍ଷତ୍ରିୟ ନୃପ ମାନଙ୍କ ନାମ ଉଲ୍ଲେଖ କରିଛନ୍ତି, ସେ ସମସ୍ତେ ଗୃହସ୍ଥ ଓ କର୍ମଯୋଗ ନିଷ୍ଠାରେ ପରମବ୍ରହ୍ମ ପରମାତ୍ମା ତତ୍ତ୍ୱ ପ୍ରାପ୍ତହୋଇ ଶରଣାପନ୍ନ ହୋଇଛନ୍ତି ।

**ଏବଂ ପରମ୍ପରାପ୍ରାପ୍ତମିମଂ ରାଜର୍ଷୟୋ ବିଦୁଃ ।**
**ସ କାଳେନେହ ମହତା ଯୋଗୋ ନଷ୍ଟଃ ପରନ୍ତପ ॥ ୨॥**

*ଅନ୍ୱୟ: ପରନ୍ତପ ( ହେ ଶତ୍ରୁ ମର୍ଦ୍ଦନ ଅର୍ଜୁନ ! ) ଏବଂ (ଏହିପରି ଭାବରେ ) ପରମ୍ପରାପ୍ରାପ୍ତମ୍ (ପରମ୍ପରା କ୍ରମେ ପ୍ରାପ୍ତ ହୋଇ ) ଇମମ୍ ( ଏହି ଅବିନାଶୀ କର୍ମଯୋଗକୁ )ରାଜର୍ଷୟଃ (ରାଜର୍ଷି ମାନେ ) ବିଦୁଃ (ଜାଣିଲେ) ।( କିନ୍ତୁ ) ମହତା କାଳେନ (ବହୁତ ସମୟ ଅତିବାହିତ ପରେ ) ସଃ ଯୋଗଃ(ସେହି ଯୋଗ ) ଇହ ( ଏହି ମନୁଷ୍ୟ ଲୋକରେ ) ନଷ୍ଟଃ(ଲୁପ୍ତ ପ୍ରାୟ ହୋଇଗଲା ) ।*

**ଭାବାର୍ଥ :** ହେ ଶତ୍ରୁ ମର୍ଦ୍ଦନ ଅର୍ଜ୍ଜୁନ ! ଏହିପରି ଭାବରେ ଏହି ଅବିନାଶୀ ନିଷ୍କାମ କର୍ମ ଯୋଗ ଗୁରୁ-ଶିଷ୍ୟ ପରମ୍ପରା କ୍ରମରେ ରାଜର୍ଷି ମାନଙ୍କୁ ପ୍ରାପ୍ତ ହୋଇଆସୁଅଛି। କ୍ଷତ୍ରିୟ କୂଳରେ ଜନ୍ମ ଲାଭକରି ଋଷିତୁଲ୍ୟ ପରମାର୍ଥିକ ଚେତନା ଶୀଳ ରାଜା, ମହାରାଜା ମାନଙ୍କୁ ରାଜର୍ଷି ପଦରେ ଅଭିଷିକ୍ତ କରାଯାଏ। ଜନକ,ନିମି ଆଦି ରାଜା, ପ୍ରଜାପାଳକ ଭାବରେ ନିଷ୍କାମ କର୍ମଯୋଗରେ ପରମାତ୍ମା ତତ୍ତ୍ୱ ସିଦ୍ଧି ପ୍ରାପ୍ତ ହୋଇଛନ୍ତି । କର୍ମଯୋଗ ଯେତେବେଳେ ରାଜଧର୍ମ ହୋଇଯାଏ, ରାଜ୍ୟର ସାଧାରଣ ପ୍ରଜା ସେହି ଯୋଗ ଆଧାରିତ ଜୀବନ ପ୍ରଣାଳୀକୁ ସହଜରେ ଗ୍ରହଣ କରି ନେଇଥାନ୍ତି । ତେଣୁ ପରିବାର ,ସମାଜ, ଗ୍ରାମର ମୁଖ୍ୟ,ତଥା ରାଷ୍ଟ୍ରର ଶାସନ ମୁଖ୍ୟ ବ୍ୟକ୍ତି ମାନେ ଏହି ଯୋଗ ସମ୍ବନ୍ଧରେ ଜାଣିବାର ଆବଶ୍ୟକତା ରହିଛି ବୋଲି ଭଗବାନ ଏଠାରେ ସୂଚାଇଦେଉଛନ୍ତି । ଦୀର୍ଘ କାଳ ଅତିବାହିତ ପରେ କର୍ମଯୋଗର ଏହି କଲ୍ୟାଣମୟ ପରମ୍ପରା ମନୁଷ୍ୟଲୋକରେ ଲୁପ୍ତ ହେବାକୁ ବସିଛି । ଯେଉଁଥିଲାଗି ମନୁଷ୍ୟ ଶରୀର ପ୍ରାପ୍ତ ହୋଇଛି , ସେହି ଉଦ୍ଦେଶ୍ୟକୁ ଭୁଲିଯିବା ହିଁ କର୍ମଯୋଗ ଲୁପ୍ତ ହେବା । ଯେବେ ପରମାତ୍ମା ନିତ୍ୟ ଅଟନ୍ତି, ପରମାତ୍ମା ପ୍ରାପ୍ତି ପାଇଁ ଯେତେସବୁ ସାଧନ ଯଥା :କର୍ମ ଯୋଗ,ଜ୍ଞାନ ଯୋଗ, କିମ୍ବା ଭକ୍ତି ଯୋଗ ହେଉ, ସେହି ସବୁ ସାଧନ ମଧ୍ୟ ନିତ୍ୟ । ତାହା କେବେ ନଷ୍ଟ ହୁଏନାହିଁ। ମାତ୍ର ଏହି ପୃଥିବୀ ଲୋକରେ ଦୀର୍ଘ କାଳଧରିଏହି ସାଧନ ତତ୍ତ୍ୱକୁ ଜ୍ଞାତହେବା ଶ୍ରେଷ୍ଠ ପୁରୁଷଙ୍କର ଅଭାବ କାରଣରୁ ଏହି ସାଧନ ଅପ୍ରକାଶିତ ହୋଇ ରହିଛି । ବହୁକାଳ ଧରି ସିଦ୍ଧିପ୍ରାପ୍ତ ଗୁରୁଙ୍କ ଅଭାବ ଘଟିଛି ଏବଂ ଏହି ଯୋଗର ଉପଦେଶ ଗ୍ରହଣ କରିବା ପାଇଁ ଉପଯୁକ୍ତ ଶିଷ୍ୟଙ୍କ ମଧ୍ୟ ଅଭାବ ଦେଖାଦେଇଛି । ସେହି ଗୁରୁ-ଶିଷ୍ୟ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବାକୁ ଯାଇ , ଭଗବାନ ଶ୍ରୀକୃଷ୍ଣ ଆଜକୁ ପାଞ୍ଚ ହଜାରରୁ ଅଧିକ ବର୍ଷପୁର୍ବେ କ୍ଷତ୍ରିୟ ବଂଶଜ ମହାନ ପୁରୁଷ ଶ୍ରେଷ୍ଠ ଅର୍ଜୁନଙ୍କୁ ଏହି କର୍ମଯୋଗର ମାର୍ଗ

ପ୍ରଦର୍ଶନ କରୁଛନ୍ତି । ବର୍ତ୍ତମାନ, ସଭ୍ୟତା ନାମରେ ମାନବ ଜାତି ଅତ୍ୟଧିକ ବିଷୟ ଭୋଗର ଆସକ୍ତିରେ ମୋକ୍ଷର ମାର୍ଗକୁ ଭୁଲି , ବାରମ୍ବାର ମର୍ତ୍ତ୍ୟଲୋକରେ ଜନ୍ମ –ମୃତ୍ୟୁ ଚକ୍ରରେ ଘୁରି ବୁଲୁଛି । ପୃଥିବୀ ପୃଷ୍ଠରୁ ରାଜା, ମହାରାଜା ମାନଙ୍କର ଶାସନ ପ୍ରାୟ ଲୁପ୍ତ ହେବାକୁ ବସିଲାଣି । ସମ୍ପ୍ରତି ,ଦେଖିବାକୁ ମିଳୁଛି , ଆମ ଭାରତ ଭୂମିରେ ସନ୍ୟାସୀ,ସନ୍ଥ,ସଦ୍ଗୁରୁଙ୍କ ଆଚରଣ, ଉପଦେଶଦ୍ୱାରା ଶ୍ରଦ୍ଧା ଓ ବିଶ୍ୱାସରସହିତ ଗୃହସ୍ଥ ବର୍ଣ୍ଣାଶ୍ରମରେ ରହି ଅନେକ ବ୍ୟକ୍ତି ଗୁରୁ-ଶିଷ୍ୟ ପରମ୍ପରା ଅନୁଯାଇ କର୍ମଯୋଗ ସାଧନାର ପ୍ରଯତ୍ନ କରୁଛନ୍ତି । ବର୍ତ୍ତମାନ ସମୟରେ ରାଜର୍ଷିଙ୍କ ସ୍ଥାନରେ ସିଦ୍ଧିପ୍ରାପ୍ତ ସଦ୍ ଗୁରୁଙ୍କ ମାଧ୍ୟମରେ ଏହି ଯୋଗ ସାଧନ ସର୍ବ ଜାନୀନ ହୋଇପାରିଛି । ରାମକୃଷ୍ଣ ପରମହଂସ, ରମଣ ମହର୍ଷି , ସ୍ୱାମୀ ଶିବାନନ୍ଦ ସରସ୍ୱତୀ, ସ୍ୱାମୀ ରାମସୁଖ ଦାସ , ସ୍ୱାମୀ ଚିଦାନନ୍ଦ ସରସ୍ୱତୀ , ପ୍ରଭୃତି ମହାନ ସାଧୁ ସନ୍ଥ ବିଶ୍ୱର ମାନବ ଜାତିକୁ ଯେଉଁ ଯୋଗ ସାଧନର ମାର୍ଗ ବତାଇ ଯାଇଛନ୍ତି, ତାହା ଉଦାହରଣ ରୂପେ ଗ୍ରହଣ କରାଯାଇପାରେ ।

**ସ ଏବାୟଂ ମୟା ତେଽଦ୍ୟ ଯୋଗଃ ପ୍ରୋକ୍ତଃ ପୁରାତନଃ ।**

**ଭକ୍ତୋଽସି ମେ ସଖା ଚେତି ରହସ୍ୟଂ ହ୍ୟେତଦୁତ୍ତମମ୍ ॥ ୩॥**

*ଅନ୍ୱୟ :{ତୁମେ} ମେ (ମୋର) ଭକ୍ତଃ (ଭକ୍ତ) ସଖା ଚ ( ଏବଂ ସଖା)ଅସି (ଅଟ)ଇତି (ସେଥିପାଇଁ)ଅୟଂ(ଏହି) ସଃ(ସେହି)ପୁରାତନଃ (ପୁରାତନ) ଯୋଗଃ(ଯୋଗ) ଏବ(ହିଁ) ଅଦ୍ୟ(ଆଜି) ମୟା(ମୋ ଦ୍ୱାରା ) ତେ (ତୁମକୁ) ପ୍ରୋକ୍ତଃ (କୁହାଗଲା) ହି (ଯେହେତୁ) ଏତତ୍(ଏହା) ଉତ୍ତମମ୍ (ଉତ୍ତମ)ରହସ୍ୟମ୍(ଗୁହ୍ୟ ତତ୍ତ୍ୱ ) ।*

**ଭାବାର୍ଥ:** ହେ ଅର୍ଜ୍ଜୁନ ! ତୁମ୍ଭେ ମୋର ଭକ୍ତ ଏବଂ ପ୍ରିୟ ସଖା । ତେଣୁ ସେହି ପୁରାତନ ଯୋଗର ଉପଦେଶ ମୋ ଦ୍ୱାରା ଆଜି ତୁମ୍ଭଙ୍କୁ କୁହାଯାଉଛି । କାରଣ ଏହି ଯୋଗ ବିଜ୍ଞାନ ଅତି ଉତ୍ତମ ଏବଂ ଏହାର ତତ୍ତ୍ୱ ବହୁତ ଗୂଢ । ଏହି ଯୋଗକୁ ମୁଁ ପ୍ରଥମେ ସୂର୍ଯ୍ୟଙ୍କୁ କହିଥିଲି , ଯାହାର ପରମ୍ପରା କେଉଁ ଆଦିମ କାଳରୁ ଚାଲି ଆସିଛି । ତୁମ୍ଭେ ମୋର ଶରଣାଗତ ହୋଇଥିବାରୁ ଏବଂ ତୁମ୍ଭର ବ୍ୟାକୁଳତାକୁ ବୁଝିପାରି ,ସେହି ପୁରାତନ ଯୋଗକୁ ଆଜି ଏହି ଯୁଦ୍ଧ କ୍ଷେତ୍ରରେ ମୁଁ ତୁମ୍ଭଙ୍କୁ କହୁଛି । ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କର ସଖା ଥିଲେ, ଏହା ସମସ୍ତେ ଜାଣିଛନ୍ତି । ସିଏ ହେଉଛନ୍ତି ସଖା, ଯିଏ କି' ବସିବା, ଶୋଇବା, ଖାଇବା, ବୁଲିବା ,ସୁଖ, ଦୁଃଖ ରେ ସବୁବେଳେ ପାଖେ ପାଖେ ଥାଆନ୍ତି ଏବଂ ଭାଗିଦାର ମଧ୍ୟ ହୋଇଥାନ୍ତି । ପାରିବାରିକ ସମ୍ପର୍କରୁ ହେଉ, କିମ୍ବା ଆଦର୍ଶଗତ କାରଣରୁ ହେଉ କୃଷ୍ଣ ଏବଂ ଅର୍ଜ୍ଜୁନଙ୍କ ମଧ୍ୟରେ ସମ୍ପର୍କ ଅତି ନିବିଡ ଥିଲା ଏବଂ ଉଭୟେ ଉଭୟଙ୍କର ଅତି ପ୍ରିୟ ଥିଲେ । ଏହା ଥିଲା କୃଷ୍ଣ ଅର୍ଜ୍ଜୁନଙ୍କର ସଖା ଭାବ । ଅର୍ଜ୍ଜୁନ ବର୍ତ୍ତମାନ ଭଗବାନ ଶ୍ରୀକୃଷ୍ଣଙ୍କର ଶିଷ୍ୟ ରୂପରେ ଶରଣାପନ୍ନ ହୋଇଛନ୍ତି । ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ ଏକ ଅକ୍ଷୌହିଣୀ ନାରାୟଣୀ ସେନାକୁ ପ୍ରତ୍ୟାଖ୍ୟାନ କରି , ଅସ୍ତ୍ର ନ'ଧରିବାକୁ ପ୍ରତିଜ୍ଞା ବଦ୍ଧ ହୋଇଥିବା ଶ୍ରୀକୃଷ୍ଣଙ୍କୁ ନିଜ ରଥରେ ସାରଥୀ ରୂପରେ ସ୍ୱୀକାର କରିନେବା ହିଁ ଅର୍ଜ୍ଜୁନଙ୍କର ଭଗବାନଙ୍କ ଉପରେ ଅଗାଢ ବିଶ୍ୱାସ ଆଉ ଆସ୍ଥା ପ୍ରକଟର ନିଦର୍ଶନ । ଗୋଟିଏ ପଟେ ଯୁଦ୍ଧକରିବାର କର୍ତ୍ତବ୍ୟ କର୍ମ , ଅନ୍ୟ ପଟେ ଯୁଦ୍ଧରେ ସ୍ୱକୁଟୁମ୍ବ ଓ ଗୁଜନଙ୍କ ନିଧନର ଆଶଙ୍କା,ଏହି ଧର୍ମ ସଙ୍କଟରେ ଅର୍ଜ୍ଜୁନ ପଡିଛନ୍ତି । ଏହି ପ୍ରକାର ଯୁଦ୍ଧରେ ପ୍ରବୃତ୍ତ ହେବା ପାପଚାର ଭାବି ଯେଉଁ ମାନସିକ ପୀଡା,ସେଥିରୁ ମୁକ୍ତ ହେବାପାଇଁ ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କୁ ଗୁରୁକରି ଉପଦେଶ

ପ୍ରାପ୍ତ ନିମନ୍ତେ ସମର୍ପିତ ହୋଇଯାଇଛନ୍ତି । ଅର୍ଜୁନ ଭଗବାନଙ୍କୁ କହିଛନ୍ତି କି' ମୁଁ ଆପଣଙ୍କର ଶିଷ୍ୟ ହୋଇ ଶରଣରେ ଆସୁଛି । ମୋତେ ଏହି ଶୋକ, ଯନ୍ତ୍ରଣାରୁ ନିବୃତ୍ତିର ମାର୍ଗ ବତାନ୍ତୁ । ଜଣେ ଅନ୍ୟ ଜଣଙ୍କ ଉପରେ ଯେତେବେଳେ ବିଶ୍ୱାସ ଓ ଭରସା ରଖି ନିଜକୁ ସଂପୂର୍ଣ୍ଣ ସମର୍ପଣ କରିଦିଏ , ସେତେବେଳେ ତାହା ଭକ୍ତ ଓ ପ୍ରଭୁର ସମ୍ପର୍କ ହୋଇଯାଏ। ଶରଣାଗତ ସାଥିରେ ଅର୍ଜୁନଙ୍କ ନିକଟରେ ବ୍ୟାକୁଳତାଭରା ଜିଜ୍ଞାସା ଜାଗ୍ରତ ହୋଇଛି । ଜିଜ୍ଞାସା ଏପରି ଏକ ସାଧନା, ଯାହା ମନୁଷ୍ୟକୁ ଯୋଗ ବିଜ୍ଞାନ ପ୍ରାପ୍ତ ପାଇଁ ଅଧିକାରୀ କରିଦେଇଥାଏ । ଭଗବାନ ଏହି ପଦରେ କହିଥିବା କର୍ମଯୋଗର ସିଦ୍ଧାନ୍ତ ହେଲା, ପରମାତ୍ମାତତ୍ତ୍ୱ ଜ୍ଞାନ ପ୍ରାପ୍ତ କରିବାକୁ ହେଲେ ପ୍ରଥମରେ ଭଗବାନଙ୍କର ପ୍ରିୟ ହେବାକୁ ହେବ, ଦ୍ୱିତୀୟରେ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରି ଭଗବାନଙ୍କର ଅନନ୍ୟ ଭକ୍ତ ହେବାକୁ ହେବ, ତୃତୀୟରେ ଯୋଗ ବିଜ୍ଞାନ ପାଇଁ ଅନ୍ତଃକରଣରେ ତୀବ୍ର ଜିଜ୍ଞାସାର ଅନୁଭବତା ରହିବାକୁ ହେବ । ଏହି ଯୋଗ ବିଜ୍ଞାନ ହେଉଛି ଭକ୍ତି,ଜ୍ଞାନ ଓ ,କର୍ମ ତତ୍ତ୍ୱର ସମନ୍ୱୟ । ତେଣୁ ଭଗବାନ କହୁଛନ୍ତି ,ଏହି ଯୋଗ ପଦ୍ଧତି ଅତି ଉତ୍ତମ ଏବଂ ରହସ୍ୟମୟ । ଭକ୍ତିତତ୍ତ୍ୱକୁ ବିଚାରକଲେ ଭଗବାନଙ୍କର ନର ରୂପରେ ଅବତାର ଲୀଳା ବଡ ରହସ୍ୟମୟ । ନିରାକାର ପରମବ୍ରହ୍ମ ନାରାୟଣ ଯେତେବେଳେ ମାନବ ଅବତାରରେ ଲୀଳା କରିଥାନ୍ତି, ତାହାକୁ ଦେବତା, ଅସୁର, ମନୁଷ୍ୟ , କେହିହେଲେ ସହଜରେ ଜାଣି ପାରିନ'ଥାନ୍ତି । ଭକ୍ତ, ଜନ୍ମ ଜନ୍ମ ଧରି ପ୍ରଭୁଙ୍କ ଏହି ଅବତାର ଲୀଳାକୁ ଦେଖି ବାକୁ ଅପେକ୍ଷାକରି ବସିଥାଏ । ମନୁଷ୍ୟବତାର ଧାରଣ କରିଥିଲେ ମଧ୍ୟ , ଭଗବାନ ଅର୍ଜୁନଙ୍କ ସମ୍ମୁଖରେ ନିଜର ଈଶ୍ୱରତ୍ୱକୁ ପ୍ରକଟ କରିଦେଇଛନ୍ତି ଅର୍ଥାତ ଗୋପନୀୟ କଥାକୁ ବ୍ୟକ୍ତ କରିଦେଇଛନ୍ତି । ଏହାହିଁ ଉତ୍ତମ ରହସ୍ୟ । ସାଙ୍ଖ୍ୟ ତତ୍ତ୍ୱକୁ ବିଚାର କଲେ, ନିତ୍ୟ ନିର୍ବିକାର ଜୀବାତ୍ମାର ବିନାଶ ଶୀଳ ଶରୀର, ପଦାର୍ଥ ସହିତ ଅବିବେକ ବୁଦ୍ଧିରେ ତାଦାତ୍ମ୍ୟ ହୋଇ ଅସତ୍ କୁ ସତ୍ ଓ ସତ୍ କୁ ଅସତ୍ ମାନିନେବା ହେଉଛି ସବୁଠାରୁ ବଡ ରହସ୍ୟ । ଆତ୍ମା-ପରମାତ୍ମା, ପୁରୁଷ-ପ୍ରକୃତି, ବ୍ରହ୍ମ-ପରମବ୍ରହ୍ମ ତତ୍ତ୍ୱକୁ ଆଧାର କରି ସାକାର ସଗୁଣ ବ୍ରହ୍ମ ଓ ନିରାକାର ନିର୍ଗୁଣ ବ୍ରହ୍ମର ରହସ୍ୟକୁ ଭେଦ କରିବା ଅତୀବ ଦୁଷ୍କର ସାଧନା । କର୍ମ ତତ୍ତ୍ୱରେ , ଶରୀର ସମେତ ପ୍ରାପ୍ତ ହୋଇଥିବା ବସ୍ତୁ ,ସଂସାରକୁ ଅର୍ପଣ କରିଦେଇ , ନିରନ୍ତର ନିସ୍ୱାର୍ଥଭାବରେ ସେବାକରି ସଂସାରରୁ ସମ୍ବନ୍ଧ ଛିନ୍ନ କରିବା ହେଉଛି କର୍ମଯୋଗର ମୂଳ ମନ୍ତ୍ର । କର୍ମ ସହିତ ସମ୍ବନ୍ଧ ରଖିବା କାରଣରୁ ଜୀବ କର୍ମ ବନ୍ଧନରେ ବାନ୍ଧି ହୋଇଥାଏ , ଏବଂ ଯୋଗାଭ୍ୟାସରେ କର୍ମର ସମ୍ବନ୍ଧକୁ ଛିନ୍ନ କରି ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତ ହୋଇଯାଏ । ସ୍ୱୟଂ (ଚେତନ)ର ପ୍ରକାଶରେ ଶରୀରରେ ଅନେକ କର୍ମ ହେଉଥିଲେମଧ୍ୟ ,ସ୍ୱୟଂ ର ସେଗୁଡିକ ସହିତ କୌଣସି ସମ୍ବନ୍ଧ ନ'ଥାଏ । ମାତ୍ର ସ୍ୱୟଂ ଭ୍ରମ ବଶତଃ ପଦାର୍ଥ, କର୍ମ ସହିତ ସମ୍ବନ୍ଧ ସ୍ୱୀକାର କଲେ କର୍ମ ତାହାକୁ ଅବଶ୍ୟ ବାନ୍ଧିଥାଏ । ଏହା ହେଉଛି କର୍ମଯୋଗର ଉତ୍ତମ ରହସ୍ୟ । ଭଗବାନ ଶ୍ରୀକୃଷ୍ଣ, ଏହି ରହସ୍ୟମୟ ଯୋଗଶାସ୍ତ୍ରକୁ କହିବାପାଇଁ ଯୁଦ୍ଧ କ୍ଷେତ୍ରକୁ ପ୍ରକୃଷ୍ଟ କ୍ଷେତ୍ର ଓ ଅର୍ଜୁନଙ୍କ ମାନସିକ ସ୍ଥିତିକୁ ଉପଯୁକ୍ତ ସମୟ ବୋଲି ବିଚାର କରିଛନ୍ତି । ପରିଶେଷରେ, ଭଗବାନ ଏହି ଯୋଗ ଶାସ୍ତ୍ରକୁ ଉତ୍ତମ ବୋଲି କହିଛନ୍ତି । ଏହି ଯୋଗ ବିଜ୍ଞାନ, ଜୀବକୁ ସବୁ ପ୍ରକାର ଦୁଃଖ ଏବଂ ସଂସାର ବନ୍ଧନରୁ ମୁକ୍ତକରି ନିତ୍ୟସୁଖ,ପରମାନନ୍ଦ ସ୍ୱରୂପ ପରମେଶ୍ୱରଙ୍କୁ ପ୍ରାପ୍ତ ହେବାରେ ସକ୍ଷମ କରାଇଥାଏ । ମନୁଷ୍ୟ ଜନ୍ମ ପାଇଁ ଏହା ପରମ କଲ୍ୟାଣକର ।

## ଅର୍ଜ୍ଜୁନ ଉବାଚ

**ଅପରଂ ଭାବତୋ ଜନ୍ମ ପରଂ ଜନ୍ମ ବିବସ୍ୱତଃ ।**

**କଥମେତଦ୍ ବିଜାନୀୟାଂ ତ୍ୱମାଦୌ ପ୍ରୋକ୍ତବାନିତି॥ ୪ ॥**

*ଅନ୍ୱୟ: ଅର୍ଜୁନ ଭଗବାନଙ୍କୁ ପଚାରୁଛନ୍ତି : ଭବତଃ(ଆପଣଙ୍କ) ଜନ୍ମ (ଜନ୍ମ)ଅପରଂ ( ପରବର୍ତ୍ତୀ କାଳରେ ହୋଇଥିଲାବେଳେ )ବିବସ୍ୱତଃ( ସୂର୍ଯ୍ୟଙ୍କର ) ଜନ୍ମ (ଜନ୍ମ) ପରମ୍ (ବହୁତ ପୂର୍ବରୁ ହୋଇଛି )ତେଣୁ ତ୍ୱମ୍ (ଆପଣ ହିଁ) ଆଦୌ (ସୃଷ୍ଟିର ଆରମ୍ଭରେ ) ଏତତ୍ (ଏହି ଯୋଗ ବିଷୟରେ ) ପ୍ରୋକ୍ତବାନ୍ (ସୂର୍ଯ୍ୟଙ୍କୁ କହିଥିଲେ) ଇତି (ବୋଲି ) କଥମ୍ ( କିପରି ଭାବରେ ମୁଁ ) ବିଜାନୀୟାମ୍ ( ବୁଝିନେବି) ?*

**ଭାବାର୍ଥ :** ଅର୍ଜ୍ଜୁନ ପଚାରୁଛନ୍ତି : ହେ ଭଗବାନ ! ଆପଣଙ୍କୁ ବର୍ତ୍ତମାନ ସମୟରେ ଦେବକୀ ନନ୍ଦନ ରୂପରେ ସମଗ୍ର ସଂସାର ଜାଣିଛି । ମୁଁ ଆପଣଙ୍କୁ ମୋର ସଖା ରୂପରେ ମଧ ବାଲ୍ୟକାଳରୁ ଜାଣିଆସୁଛି । ଏହିକଥା ସତ୍ୟ ଯେ' ସୁର୍ଯ୍ୟଙ୍କର ଉତ୍ପତ୍ତି ସୃଷ୍ଟିର ଆରମ୍ଭରେ ଅଦିତିଙ୍କ ଗର୍ଭରୁ ହୋଇଥିଲା । ଏହା ବ୍ୟତୀତ ମନୁ,ଇକ୍ଷ୍ୱାକୁ ଆଦି ଯେଉଁ ରାଜା ମହାରାଜା ମାନଙ୍କ ନାମ ଆପଣ ନେଉଛନ୍ତି, ସେମାନେ ମଧ ଆପଣଙ୍କର ପୂର୍ବବର୍ତ୍ତୀ କାଳର । ଏହି ସ୍ଥିତିରେ ଆପଣ ହିଁ ସୂର୍ଯ୍ୟ ଦେବଙ୍କୁ ପ୍ରଥମ କରି ଏହି ଯୋଗ ରହସ୍ୟକୁ ଉପଦେଶ ଦେଇଥିଲେ , ତାହା ମୁଁ ଗ୍ରହଣ କରିପାରୁ ନାହିଁ । କିପରି ମୋତେ ଅନୁଭବ ହେବ ଯେ' ଆପଣ ହିଁ ଏହି ପୁରାତନ ଯୋଗର ଆଦିଗୁରୁ ? ଅର୍ଜ୍ଜୁନ ତର୍କ ଉଦ୍ଦେଶ୍ୟରେ ଭଗବାନଙ୍କୁ ଏହି ପ୍ରଶ୍ନ ପଚାରିନ'ଥିଲେ । ଯଦିଓ ଅର୍ଜ୍ଜୁନ , ରାଜସୂୟ ଯଜ୍ଞ ଅନୁଷ୍ଠାନରେ , ପିତାମହ ଭୀଷ୍ମ ଓ ଅନ୍ୟ ଋଷି, ମୁନୀଙ୍କ ଠାରୁ ଶ୍ରୀକୃଷ୍ଣଙ୍କର ବାସୁଦେବ ସ୍ୱରୂପ ବିଷୟରେ ହୋଇଥିବା ଚର୍ଚ୍ଚାରୁ ସମ୍ୟକ ଆଭାସ ପାଇଥିଲେ, ତଥାପି ଶ୍ରୀକୃଷ୍ଣ ଯେ' ତ୍ରିକାଳବର୍ତ୍ତୀ ସ୍ୱୟଂ ଭଗବାନ ତାହା ସ୍ପଷ୍ଟ ଭାବରେ ବୁଝିପାରିନାହାନ୍ତି । ଯଦି ଶ୍ରୀକୃଷ୍ଣ ଅବତାର ପୁରୁଷ, ତାହେଲେ ତାଙ୍କର ଜନ୍ମ ରହସ୍ୟ ,ଶରୀର ଧାରଣ,କର୍ମ ପ୍ରବୃତ୍ତି , ସାଧାରଣ ମନୁଷ୍ୟ ପରି ଆଚରଣ ଓ ଅଲୌକିକତା ଏସବୁକୁ ନେଇ ଅର୍ଜ୍ଜୁନଙ୍କ ମନରେ ଅନେକ ସଶଂୟ ଦେଖାଦେଇଛି । ଭଗବାନଙ୍କର ଅବତାର ସମ୍ବନ୍ଧୀୟ ରହସ୍ୟକୁ ସହଜରେ ବୁଝିନେବାପାଇଁ ଅର୍ଜ୍ଜୁନ ଏହି ପ୍ରଶ୍ନ ରଖିଛନ୍ତି । କାରଣ ଭଗବାନଙ୍କର ପ୍ରକଟ ସମ୍ବନ୍ଧୀୟ ରହସ୍ୟ ବ୍ୟକ୍ତ କରିବାକୁ କେବଳ ନିଜେ ଭଗବାନ ହିଁ ସମର୍ଥ । ତେଣୁ ଭଗବାନଙ୍କ ମୁଖରୁ ତାଙ୍କର ଜନ୍ମ ଓ କର୍ମର ରହସ୍ୟକୁ ନିଜେ ଜାଣିବା ସଙ୍ଗେ ସଙ୍ଗେ ସର୍ବ ସାଧାରଣଙ୍କ ଶଙ୍କାକୁ ଦୂର କରିବା ପାଇଁ ଅର୍ଜ୍ଜୁନ ଏହି ପ୍ରସଙ୍ଗ ଉତ୍ଥାପନ କରିଛନ୍ତି । ଯାହା ଭଗବାନ ପରବର୍ତ୍ତି ଶ୍ଳୋକ ମାନଙ୍କରେ ଏହି ପ୍ରଶ୍ନର ସମାଧାନ କହିଛନ୍ତି ।

## ଶ୍ରୀ ଭଗବାନ ଉବାଚ

**ବହୂନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜ୍ଜୁନ ।**

**ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରନ୍ତପ ॥ ୫॥**

*ଅନ୍ୱୟ : ଶ୍ରୀ ଭଗବାନ କହିଲେ : ହେ ଅର୍ଜୁନ ! ମେ (ମୋର) ଚ (ଏବଂ) ତବ (ତୁମ୍ଭର) ବହୂନି (ଅନେକ) ଜନ୍ମାନି (ଜନ୍ମ ) ବ୍ୟତୀତାନି (ବିତି ଯାଇଅଛି ) ଅହମ୍ (ମୁଁ) ତାନି ସର୍ବାଣି (ସେ ସମସ୍ତ) ବେଦ (ଜାଣେ ) ପରନ୍ତପ ( ହେ ପରନ୍ତପ !) ତ୍ୱମ୍ (ତୁମ୍ଭେ ) ନ ବେତ୍ଥ (ଜାଣ ନାହିଁ)।*

**ଭାବାର୍ଥ** :ଆଗରୁ ଭଗବାନ ଦ୍ୱିତୀୟ ଅଧ୍ୟାୟରେ କହିଛନ୍ତି,ଆତ୍ମା ନିତ୍ୟ,ଶାଶ୍ୱତ ଯାହା ବାରମ୍ବାର ଶରୀର ଧାରଣ କରେ ଆଉ ଶରୀର ଛାଡେ । ଏହାମଧ କହିଛନ୍ତି ଯେ : ଅର୍ଜୁନ ! ଏପରି କୌଣସି ସମୟ ନାହିଁ , ଯେତେବେଳେ ତୁମ୍ଭେ ନାହଁ, ମୁଁ ନାହିଁ , ଆଉ ଏହି ରାଜାଗଣ ନାହାନ୍ତି, ଅର୍ଥାତ୍ ଭିନ୍ନ ଭିନ୍ନ ଶରୀର ଓ ନାମଧାରଣ କରି ତୁମ୍ଭେ ସବୁ ସମୟରେ ରହିଆସିଛ , ମୁଁ ମଧ ଅନେକ ଅବତାରରେ ଏହି ମର୍ତ୍ତ୍ୟଲୋକରେ ପ୍ରକଟିତ ହୋଇ ଆସିଛି । ମୋର ଅବତାର ବୃତ୍ତାନ୍ତ ସହିତ ସମସ୍ତ ଜୀବର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ମୋତେ ଅବଗତ । କାରଣ ମୁଁ ମୋର ସ୍ୱରୂପକୁ ନେଇ ଅବତାର ଗ୍ରହଣ କରିଥାଏ । ମାତ୍ର ଜୀବ କାରଣ ଶରୀରକୁ ପ୍ରାପ୍ତ ହୋଇ ଜନ୍ମ ନେଇଥାଏ । ନିଜ ଇଚ୍ଛାରେ ସ୍ୱରୂପକୁ ପ୍ରାପ୍ତହୋଇ ଅବତାର ନେବା , ପ୍ରକୃତିର ତାଡନାରେ କାରଣ ଶରୀର ପ୍ରାପ୍ତ ହୋଇ ଜନ୍ମନେବା ଭିନ୍ନ ଅଟେ । ସତ୍-ଚିତ୍-ଆନନ୍ଦ ସ୍ୱରୂପ ତ୍ରିକାଳ ବର୍ତ୍ତୀ , ଯାହାଙ୍କ ଠାରେ ଅତୀତ,ବର୍ତ୍ତମାନ, ଓ ଭବିଷ୍ୟତ ସବୁ ଏକାକାର । କୌଣସି ଜୀବର ମର୍ତ୍ତ୍ୟଲୋକରେ ଜନ୍ମ ଆକସ୍ମିକ ନୁହେଁ । ଜୀବାତ୍ମାର ଦେହାଭୀମାନ କାରଣରୁ ପ୍ରକୃତି,ଗୁଣ,ଓ କର୍ମର ପରବଶ ହୋଇ ପୁନଃ ଶରୀର ଧାରଣ କରିଥାଏ । ଶରୀର ତ୍ୟାଗ ସମୟରେ ନିତ୍ୟ ଆତ୍ମା, ସୂକ୍ଷ୍ମ କାରଣ ଶରୀର ଦ୍ୱାରା ଆବୃତ୍ତ ରହିଥିବା କାରଣରୁ ପୂର୍ବ ଜନ୍ମର ଜ୍ଞାନ ଅପ୍ରକାଶିତ ହୋଇ ରହିଥାଏ। ତେଣୁ ଜୀବକୁ ତାର ପୂର୍ବ ଜନ୍ମର କୌଣସି କଥା ସ୍ମରଣ ହୋଇନ'ଥାଏ । ମୋର ଅବତାର ଲୀଳା ଅତି ଗହନ । ମୁନିରଷି ମାନେ ମୋର ଅବତାର କାଳରେ ଉଗ୍ର ତପସ୍ୟା କରି ମଧ , ମୋର ଅବତାର ତତ୍ତ୍ୱର ଜ୍ଞାନ ଲାଭ କରିପାରି ନାହାନ୍ତି । ରାମାୟଣରେ ଲେଖାଅଛି, ଦଣ୍ଡକାରଣ୍ୟରେ , ହଜାର ହଜାର ମୁନିରଷିଙ୍କ ମଧ୍ୟରୁ କେବେଳ ଭରଦ୍ୱାଜଙ୍କ ଭଳି ଅଳ୍ପ କେତେଜଣ ରଷି ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କୁ ଅବତାର ପୁରୁଷ ବୋଲି ଜାଣିପାରିଥିଲେ । ଅନ୍ୟ ସମସ୍ତେ ଦଶରଥ ନନ୍ଦନ ବୋଲି ସମ୍ବୋଧନ କରିଥିଲେ । ତୁଳସୀଦାସଙ୍କ ରାମଚରିତ ମାନସରେ , ପ୍ରଭୁ ଶ୍ରୀରାମ ସୀତାଙ୍କ ପାଇଁ ଶୋକ କରୁଥିବାବେଳେ ,ଭଗବାନ ଶଙ୍କର ଏହାକୁ ଲୀଳା ବୋଲି କହିବାରୁ , ମା'ଭବାନୀ ତାହା ଅବିଶ୍ୱାସ କରି ପରୀକ୍ଷା ନେଇଥିଲେ । ଏବେ ଅର୍ଜୁନ ଶ୍ରୀକୃଷ୍ଣଙ୍କ ପାଖେ ପାଖେ ଥାଇ ମଧ ଭଗବାନ ବୋଲି ଜାଣି ପାରିନାହାନ୍ତି । ଅବତାରଙ୍କୁ ଚିହ୍ନିବାକୁ ହେଲେ ଇଶ୍ୱରଙ୍କର ବିଶେଷ କୃପା ଛଡା ସମ୍ଭବ ନୁହେଁ । ତାଙ୍କରି କୃପାରେ ଜ୍ଞାନୀ, ଯୋଗୀଙ୍କ ଠାରେ ଭକ୍ତି ଓ ସମର୍ପଣ ଭାବ ଜାଗ୍ରତ ହେଲେ ହିଁ ଭଗବାନ ଚିହ୍ନା ଦିଅନ୍ତି ।

**ଅଜୋଅପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଅପି ସନ୍ ।**

**ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା ॥ ୬ ॥**

*ଅନ୍ୱୟ: (ମୁଁ) ଅଜଃ (ଅଜନ୍ମା) ଅବ୍ୟୟାତ୍ମା (ଅବିନାଶୀସ୍ୱରୂପ ) ସନ୍ ଅପି (ହୋଇଥିଲେ ମଧ ) ଭୂତାନାମ୍ (ପ୍ରାଣିମାନଙ୍କର ) ଇଶ୍ୱରଃ (ପ୍ରଭୁ,ସୃଷ୍ଟିକର୍ତ୍ତା ) ସନ୍ ଅପି (ହୋଇଥିଲେ ମଧ ) ସ୍ୱାମ୍(ନିଜ) ପ୍ରକୃତିମ୍ ( ପ୍ରକୃତିକୁ ) ଅଧିଷ୍ଠାୟ (ଅଧିନ କରି ) ଆତ୍ମାମାୟୟା ( ନିଜର ଯୋଗ ମାୟା ବଳରେ ) ସମ୍ଭବାମି ( ପ୍ରକଟ ହୁଏ )*

**ଭାବାର୍ଥ** : ଭଗବାନ କହୁଛନ୍ତି "ମୁଁ" ଜନ୍ମ ରହିତ, ଅବ୍ୟୟାତ୍ମା ଅର୍ଥାତ୍ କୌଣସି ପ୍ରକାରର ବୃଦ୍ଧି, ଅପକ୍ଷୟ,ବିନାଶ ମୋ ଠାରେ ନାହିଁ , ତେଣୁ ମୋର ସତ୍ତା ଅବିନାଶୀ । ମୁଁ ସମସ୍ତ ପ୍ରାଣୀଙ୍କର ଇଶ୍ୱର ଅର୍ଥାତ୍ ଆକାଶାଦି ପଞ୍ଚ ଭୂତ ଏବଂ ଗୁଣ କର୍ମ ଅଧିନସ୍ଥ ହୋଇ ଜନ୍ମ ନେଇଥିବା ଜୀବଙ୍କର ମୁଁ ଅନୁଶାସକ । ମୁଁ ଅଜନ୍ମା ହୋଇଥିଲେ ମଧ ନିଜର ଶୁଦ୍ଧ ସତ୍ତ୍ୱାତ୍ମିକା ପ୍ରକୃତିକୁ

ଆଶ୍ରୟକରି ନିଜ ଯୋଗ ମାୟାଶକ୍ତିର ଅବଲମ୍ବନରେ ଧରା ପୃଷ୍ଠରେ ପ୍ରକଟ ହୁଏ । ମୋର ଏହି ଯୋଗମାୟାଶକ୍ତି ବ୍ରହ୍ମ ଠାରୁ ସ୍ତମ୍ଭ ପର୍ଯ୍ୟନ୍ତ ସମସ୍ତ ଜୀବକୁ ମୋହିତ କରି ରଖିଥିବାରୁ, ମୋର ସଚ୍ଚିଦାନନ୍ଦ ସ୍ୱରୂପକୁ କେହି ଜାଣିପାରନ୍ତି ନାହିଁ । ଅବତାର ରୂପରେ ମୋର ଈଶ୍ୱରତ୍ୱ ,ଆନନ୍ଦରୂପତା ଆଦିରେ ଏହି ମାୟାଶକ୍ତିର କୌଣସି ପ୍ରଭାବ ରହେନାହିଁ , କାରଣ ଏହା ମୋର ଶକ୍ତିଅଟେ । "ମୁଁ" ଅବିନାଶୀ ହୋଇଥିଲେ ମଧ୍ୟ ଅନ୍ତର୍ଦ୍ଧାନ ହୁଏ । ପ୍ରକଟ ହେବା, ଅନ୍ତର୍ଦ୍ଧାନ ହେବା ମୋର ଅଲୌକିକ ଲୀଳା । ବାସ୍ତବ ଦୃଷ୍ଟିରୁ ଭଗବାନ ସୂର୍ଯ୍ୟଙ୍କ ଭଳି ସର୍ବଦା ପ୍ରକଟ ହୋଇ ରହିଥାନ୍ତି । କେବଳ ଜୀବର ଦୃଷ୍ଟିରେ ହିଁ ଭଗବାନ ପ୍ରକଟ ଓ ଅପ୍ରକଟ ହୁଅନ୍ତି । ଭଗବାନଙ୍କର ପ୍ରକଟ ଓ ଅନ୍ତର୍ଦ୍ଧାନ ଅତ୍ୟନ୍ତ ବିଲକ୍ଷଣ । ଏହା ଭଗବାନଙ୍କର ଇଚ୍ଛା ଉପରେ ନିର୍ଭର କରିଥାଏ। ଅବତାର ଲୀଳାରେ ଏକ କ୍ଷଣରେ ଛୋଟରୁ ବଡ ରୂପ ଧାରଣ କରିନିଅନ୍ତି, ପରକ୍ଷଣରେ ବଡରୁ ଛୋଟ ହୋଇଯାନ୍ତି । ଯେଉଁ ରୂପରେ ବର୍ତ୍ତମାନ ଅର୍ଜ୍ଜୁନଙ୍କୁ ରଥ ଉପରେ ବସି ଉପଦେଶ ଦେଉଛନ୍ତି, ତାହା ମଧ୍ୟ ବାସ୍ତବ ରୂପ ନୁହେଁ । ନିଜର ମାୟା ଶକ୍ତି ଦ୍ୱାରା ଆବଶ୍ୟକତାନୁଯାଇ ରୂପକୁ ପରିବର୍ତ୍ତନ କରି ନେଇଥାନ୍ତି । ଅବତାର ରୂପରେ ସେ ତ୍ରିଗୁଣାତ୍ମକ ଜଡ ପ୍ରକୃତି ଦ୍ୱାରା ବାନ୍ଧି ହୋଇ ନ'ଥାନ୍ତି । ପ୍ରକୃତି ବରଂ ତାଙ୍କର ଇଚ୍ଛାର ଅନୁଗମନ କରିଥାଏ । ଭଗବଦ୍ ଗୀତାରେ ଆମେ ଦେଖୁଛେ, ଭଗବାନ ଶ୍ରୀକୃଷ୍ଣ ସାରଥୀ ରୂପରେ ରଣ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ । ଏବେ ଅର୍ଜୁନଙ୍କ ଶୋକ ନିବୃତ୍ତି ପାଇଁ ଗୁରୁ ରୂପରେ ରହି ଉପଦେଶ ଦେଉଛନ୍ତି । ଏହାପରେ ସେ ବିଶ୍ୱରୂପ ଧରି, ତା'ପରେ ଚତୁର୍ଭୁଜ ରୂପ ହୋଇ ପୁଣି ମନୁଷ୍ୟ ରୂପ ଧାରଣ କରିଛନ୍ତି । ଭଗବାନଙ୍କର ଅବତାର ରୂପରେ ଜନ୍ମ ବୃତ୍ତାନ୍ତ ମଧ୍ୟ ଅତି ରହସ୍ୟମୟ । ସାଧାରଣ ମନୁଷ୍ୟ ପାଇଁ ସେ ଦେବକୀ ଗର୍ଭରୁ ଜନ୍ମ ହୋଇଛନ୍ତି । ବାସ୍ତବରେ ସେ ଦେବକୀ ଗର୍ଭରୁ ଜନ୍ମ ନେଇ ନାହାନ୍ତି । ବନ୍ଦିଶାଳାରେ ଭଗବାନ ଚତୁର୍ଭୁଜ ରୂପ ଧରି ଦେବକୀଙ୍କ ଆଗରେ ପ୍ରକଟିତ ହୋଇଥିଲେ । ଦେବକୀଙ୍କ ପ୍ରାର୍ଥନା ପରେ ସେ ଶିଶୁରୂପ ନେଇ ଦେବକୀଙ୍କ କୋଳରେ ଦେଖାଯାଇଥିଲେ । ସାଧାରଣ ମନୁଷ୍ୟ ପ୍ରକୃତି ଓ ଗୁଣ ର ଅଧିନସ୍ଥ ହୋଇ କର୍ମ ବନ୍ଧନର ଭୂତ କାରଣରୁ ଜନ୍ମ ନେଇଥାଏ । ଭଗବାନଙ୍କର ଜନ୍ମ ପାଇଁ କୌଣସି ପ୍ରାରବ୍ଧ କାରଣ ହୋଇ ନଥାଏ । କେବଳ ତାଙ୍କରି ଇଚ୍ଛା ହିଁ ତାଙ୍କରି ଆବିର୍ଭାବର କାରଣ । ଭଗବାନ ତାଙ୍କର ସତ୍-ଚିତ୍-ଆନନ୍ଦ ସ୍ୱରୂପକୁ ପ୍ରାପ୍ତ ହୋଇ ମାନବ ରୂପ ଧାରଣ କରିଥାନ୍ତି । ମନୁଷ୍ୟ ଶରୀର ପ୍ରକୃତିର କାରଣରୁ ଶୈଶବ,କିଶୋର,ଯୁବ,ଓ ବୃଦ୍ଧ ଏହି କ୍ରମରେ ବୃଦ୍ଧି ଓ ଅପକ୍ଷୟ ହୁଏ । କିନ୍ତୁ ଭଗବାନଙ୍କର ଅବତାର ଦିବ୍ୟ ଶରୀରରେ ଏପରି କୌଣସି ଭୌତିକ ପରିବର୍ତ୍ତନ ହୋଇନ'ଥାଏ । ନିଜର ଲୀଳା ରଚନା ପାଇଁ ଯେତେବେଳେ ଯେଉଁ ରୂପର ଆବଶ୍ୟକତା ଥାଏ, ସେହିରୂପ ନେଇଥାନ୍ତି । ସେହିପରି ଭଗବାନ କହୁଛନ୍ତି କି' କର୍ମ ମଧ୍ୟ ମୋର ଗୁଣର ଅଧୀନ ନୁହେଁ । ମୁଁ ଚାହିଁବା ଅନୁଯାଇ ଯେଉଁ କର୍ମ ପ୍ରବନ୍ଧ ଘଟିଥାଏ, ତାହା ମୋର ଦିବ୍ୟ ଲୀଳା । ମୋର ଅତି ମାନବ ଲୀଳା ଯୁଗ ଯୁଗ ଧରି ମନୁଷ୍ୟ ସମାଜ ପାଇଁ କଲ୍ୟାଣ ସାଧନାର ମାର୍ଗ ରୂପେ ବିବେଚିତ ହୋଇଅଛି । ସର୍ବଶକ୍ତିମାନ ଭଗବାନ ଜୀବ ଜଗତର କଲ୍ୟାଣ ନିମିତ୍ତ ନରଦେହ ଧାରଣ କରି ଆବିର୍ଭୂତ ହେବା ଜଗତର ଆଧ୍ୟାତ୍ମିକ କ୍ଷେତ୍ରରେ ଏକ ମହାନ ଅବସର। ଭଗବାନ ଏହି ଧରା ଧାମରେ ପ୍ରକଟିତ ହୋଇଥିବା କାଳରେ ସେ ସେହି ସତ୍-ଚିତ୍-ଆନନ୍ଦ ବିଗ୍ରହ ଏବଂ ଅପରିବର୍ତ୍ତନୀୟ ଦିବ୍ୟ ଶରୀର ଓ ବୁଦ୍ଧ ଜ୍ଞାନେଶ୍ୱର ସ୍ୱରୂପ । ଏହି ଅବତାର କାଳରେ ଜନ୍ମ ଜନ୍ମ ଧରି

ଅପେକ୍ଷାରତ ହୋଇ ରହିଥିବା ଭକ୍ତକୁ ଭଗବାନ ଭବ ସାଗରରୁ ଉଦ୍ଧାର କରିଥାନ୍ତି । ଭଗବାନ ଯେତେସବୁ ଲୀଳା କରନ୍ତି, ସେ ସବୁ ଯୋଗ ମାୟାର ଆଶ୍ରୟରେ ହିଁ ହୋଇଥାଏ। ଭଗବାନଙ୍କର ସେହି ମାୟା ଶକ୍ତି ଅବର୍ଣ୍ଣନୀୟ । ଭଗବାନ ଶ୍ରୀକୃଷ୍ଣଙ୍କ ଉପାସକ ବୃନ୍ଦ ସେହି ଶକ୍ତିକୁ ଶ୍ରୀରାଧା ବୋଲି କହନ୍ତି । ଯୋଗମାୟା ଶକ୍ତିକୁ ଭଗବାନଙ୍କ ଠାରୁ ଭିନ୍ନ ବା ଅଭିନ୍ନ କହି ପାରିବା ନାହିଁ । ଏକ ଅଦ୍ୱୈତ ତତ୍ତ୍ୱ ହିଁ ପ୍ରେମଲୀଳା କରିବା ପାଇଁ , ପ୍ରେମ ଅସ୍ୱାଦନ କରିବା ପାଇଁ ଓ ସମସ୍ତ ଜୀବକୁ ପ୍ରେମାନନ୍ଦ ଦେବାପାଇଁ ଶ୍ରୀକୃଷ୍ଣ ଓ ଶ୍ରୀରାଧା ଉଭୟ ରୂପ ଧାରଣ କରି ପ୍ରକଟ ହୁଏ । ଭଗବାନ ତାଙ୍କର ଲୀଳାରେ ଯେଉଁ ମାଧୁର୍ଯ୍ୟ ଶକ୍ତି,ଐଶ୍ୱର୍ଯ୍ୟ ଶକ୍ତି ପ୍ରଭୃତି ଦେଖାଇଛନ୍ତି, ସେସବୁ ଏହି ଯୋଗ ଶକ୍ତିର ରୂପାନ୍ତର । ଭଗବାନଙ୍କର ଏହି ଯୋଗ ଶକ୍ତିର ଅନ୍ୟ ଏକ ରୂପ ସୌନ୍ଦର୍ଯ୍ୟ ଶକ୍ତି ଯାହା ଦ୍ୱାରା ସମସ୍ତେ ତାଙ୍କ ପ୍ରତି ଆକୃଷ୍ଟ ହୋଇଥାନ୍ତି ।

**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।**
**ଅଭ୍ୟୁତ୍ ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥ ୭ ॥**

*ଅନ୍ୱୟ : ଭାରତ ( ହେ ଭରତ ବଂଶଜ ଅର୍ଜୁନ ) ଯଦା ଯଦା ( ଯେବେ ଯେବେ )ଧର୍ମସ୍ୟ (ଧର୍ମର ) ଗ୍ଲାନିଃ ( ହାନି ) (ଓ) ଅଧର୍ମସ୍ୟ (ଅଧର୍ମର ) ଅଭ୍ୟୁତ୍ ଥାନମ୍ (ବୃଦ୍ଧି ) ଭବତି (ହୁଏ) ତଦା (ସେତେବେଳେ) ଅହମ୍ (ମୁଁ ) ଆତ୍ମାନମ୍ (ନିଜକୁ) ସୃଜାମି (ଅବତାର ରୂପରେ ପ୍ରକଟ କରେ ) ।*

**ଭାବାର୍ଥ :**ଭଗବାନ ନିଜ ଇଚ୍ଛାରେ ଅବତାର ଲୀଳା ରଚନା କରନ୍ତି । କିନ୍ତୁ ପ୍ରଶ୍ନ ଉଠେ କି' ଭଗବାନଙ୍କର ସେହି ଇଚ୍ଛା କେତେବେଳେ ହୁଏ ? ସେହି ପ୍ରସଙ୍ଗରେ ଭଗବାନ କହୁଛନ୍ତି : ଯେଉଁ ସମୟରେ ଧର୍ମର ଗ୍ଲାନିହୁଏ , ଧର୍ମ ଉପରୁ ଲୋକଙ୍କର ଆସ୍ଥା ତୁଟି ଯାଏ ,ପାପାଚାରରେ ଧରା ଆକ୍ରାନ୍ତହୁଏ , ଜଗତର କଲ୍ୟାଣ ପାଇଁ ନିଜର କର୍ତ୍ତବ୍ୟ ବୋଧରେ "ମୁଁ" ନିଜ ଇଚ୍ଛାନୁରୂପରେ ଧରା ପୃଷ୍ଠରେ ଅବତରଣ କରେ । କେଉଁ ସମୟରେ ଧର୍ମର ହାନି ହୁଏ ଓ ଅଧର୍ମର ପରିବୃଦ୍ଧିହୁଏ, ନିଜ ଯୋଗମାୟା ଶକ୍ତି ଦ୍ୱାରା ଭଗବାନ ତାହାଜାଣିପାରି ଅବତାର ନେବାର ନିର୍ଣ୍ଣୟ ନେଇଥାନ୍ତି । ଧର୍ମ ହାନି ଓ ଅଧର୍ମ ବୃଦ୍ଧିର ପ୍ରାଦୁର୍ଭାବ ,ସମାଜରେ ସର୍ବତ୍ର ଦେଖିବାକୁ ମିଳେ । ମନୁଷ୍ୟମାନେ କର୍ତ୍ତବ୍ୟ କର୍ମକୁ ଛାଡି ବିଷୟ ଭୋଗ ଓ ସଂଗ୍ରହରେ ପ୍ରବୃତ୍ତ ହୁଅନ୍ତି । ତମଗୁଣରେ ଲୋକମାନେ ମୋହିତ ହୋଇ ନିଦ୍ରା, ଆଳସ୍ୟ ପରାୟଣ ହୁଅନ୍ତି । ହିଂସା, ଚୋରୀ, ଲୁଟ, ଅପହରଣ ଆଦି ନିଷିଦ୍ଧ କର୍ମ ସମାଜରେ ବ୍ୟାପେ । ବେଦ, ପୁରାଣ ,ଶାସ୍ତ୍ର ଗ୍ରନ୍ଥ ଆଦିକୁ ଲୋକମାନେ ଉପେକ୍ଷା କରନ୍ତି ଏବଂ ମହାପୁରୁଷ ମାନଙ୍କର ବାକ୍ୟକୁ କଦାର୍ଥ କରି ଅପମାନିତ କରନ୍ତି ସ୍ୱାର୍ଥ ସାଧନ ପାଇଁ ମଣିଷ ମଣିଷପ୍ରତି ହିଂସା ଆଚରଣ କରେ । ପାପ-ପୂଣ୍ୟ ,ଧର୍ମ-ଅଧର୍ମ, ନ୍ୟାୟ-ଅନ୍ୟାୟ ଏସବୁର ବିଚାର ଏକ ପାକ୍ଷିକ ହୋଇଥାଏ । ସତ୍ୟ ଧର୍ମ ନ୍ୟାୟକୁ ଆଶ୍ରୟକରି ଯେଉଁମାନେ ବଞ୍ଚିବାକୁ ଚାହାନ୍ତି, ଆସୁରିକ ଶକ୍ତି ମାନଙ୍କ ଦ୍ୱାରା ସେମାନଙ୍କୁ ନିର୍ଯ୍ୟାତିତ ହେବାକୁ ପଡେ। ସାମାଜିକ ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚିଥାଏ । ଜାତି,ବର୍ଣ୍ଣ ଆଶ୍ରମ ଅନୁକ୍ରମରେ କର୍ମାନୁଷ୍ଠାନ ହୁଏନାହିଁ । ଦେବାଦେବୀ ଅନୁଷ୍ଠାନ ଭୋଗ କ୍ଷେତ୍ର ପାଲଟିଯାଏ ଓ ଆଧାତ୍ମିକ କ୍ରିୟାନୁଷ୍ଠାନ ଲୁପ୍ତ ହୋଇଯାଏ । ଏହି ବିଶୃଙ୍ଖଳା କ୍ରମେ ସମାଜ ସ୍ତରରୁ ରାଷ୍ଟ୍ର ସ୍ତରକୁ ବ୍ୟାପି ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଯୁଦ୍ଧର ଆଶଙ୍କା ସୃଷ୍ଟିହୁଏ । ସମଗ୍ର ମାନବ ସମାଜ ପରମାଣୁ ଅସ୍ତ୍ର ପ୍ରୟୋଗ ଭଳି ଭୟାନକ ସମ୍ଭାବ୍ୟ ସ୍ଥିତିରେ ଧ୍ୱସାଂଭିମୁଖୀ ହୋଇ ରହିଥାନ୍ତି । ମାନବିକତା ସଂପୂର୍ଣ୍ଣ ଲୋପ ପାଇଥାଏ । ଋଷି, ଧାର୍ମିକ, ଇଶ୍ୱର ପ୍ରେମୀ

ସଦାଚାରୀ ତଥା ନିରପରାଧୀ ନିର୍ବଳ ମାନଙ୍କ ଉପରେ ବଳବାନ୍ ଦୁରାଚାରୀ ମନୁଷ୍ୟ ମାନଙ୍କର ଅତ୍ୟାଚାର ବଢିଚାଲେ । ସମାଜରେ ସଦ୍ ଗୁଣ,ସଦାଚାର ଅତ୍ୟନ୍ତ ହ୍ରାସ ଘଟି ଦୁର୍ଗୁଣ ଦୁରାଚାର ଅଧିକ ବ୍ୟାପ୍ତ ହୋଇଥାଏ । ଏହିପରି ପରିଲକ୍ଷିତ ହେବା ହେଉଛି ଧର୍ମର ଗ୍ଳାନି ଓ ଅଧର୍ମର ଅଭ୍ୟୁଥାନ । ସେହି ସମୟରେ ଭଗବାନ "ସୃଜାମି" ଶବ୍ଦର ଅର୍ଥ ନିଜେ ନିଜ ଦ୍ୱାରା ନିର୍ମିତ ହୋଇ ନିଜ ଇଚ୍ଛା ଅବତାରରେ ମର୍ତ୍ତ୍ୟକୁ ଓହ୍ଲାଇ ଆସନ୍ତି । ନିଜ ଅବତାର ଲୀଳା ପ୍ରକୃତି ଦ୍ୱାରା ପୂର୍ବରୁ ନିର୍ଦ୍ଧାରିତ ଧାରାରେ ବ୍ୟବସ୍ଥିତ ହୋଇ ରହିଥାଏ । ଶ୍ରୀମଦ୍ ଭାଗବତରୁ ଆମ୍ଭେମାନେ ଜାଣିବାକୁ ପାଉଛେ, ଭଗବାନ ବୁଦ୍ଧ ମଧ ଅବତାର ପୁରୁଷ ଥିଲେ । ଯେତେବେଳେ ଭୌତିକ ବାଦ ପ୍ରବଳ ଭାବରେ ବ୍ୟାପି ଯାଇଥିଲା , ଏବଂ ଜଡବାଦୀ ମାନେ ବେଦକୁ ଆଳକରି ଅଧର୍ମ ଆଚରଣ କରୁଥିଲେ ,ବ୍ରାହ୍ମଣ ଧର୍ମକୁ କଦାର୍ଥ କରି ଆଧାତ୍ମିକ ମାର୍ଗକୁ କଳୁଷିତ କରିବାର ପ୍ରୟାସ ହେଉଥିଲା , ସେତିକିବେଳେ ଭଗବାନ ବୁଦ୍ଧଙ୍କର ଆବିର୍ଭାବ ହୋଇଥିଲା । ଭଗବାନ ଯେ କେବଳ ଭାରତ ଭୂମିରେ ଅବତାର ନିଅନ୍ତି ଏହା ନୁହେଁ । ଭଗବାନ ସାରା ବିଶ୍ୱର କର୍ତ୍ତା,ଧାତା,ବିଧାତା । ଯେଉଁ ସ୍ଥାନରେ, ଯେଉଁ ସମୟରେ, ଯେପରି ଭାବରେ ସଂସାରର ସମସ୍ତ ପ୍ରାଣୀଙ୍କ ହିତ ସାଧନ ହୋଇପାରିବ , ତାହାକୁ ଦୃଷ୍ଟିରେ ରଖି ଅନିଷ୍ଟକାରୀଙ୍କ ନିପାତ ନିମନ୍ତେ ଭଗବାନ ପ୍ରକଟ ହୋଇଥାନ୍ତି । ତତ୍ କାଳୀନ ପରିସ୍ଥିତି ଅନୁଯାଇ ଯାହା ସେହି ସମୟର ଲୋକମାନଙ୍କର ବୋଧଗମ୍ୟ ହେବ, କେବଳ ସେହି ଧର୍ମ ନୀତି ହିଁ ସେ ସମୟରେ ବୟାନ କରନ୍ତି । ସଂସାରରେ ଧର୍ମ ମାର୍ଗର ପ୍ରଚାର ,ଅଜ୍ଞାନୀ ବେପଥଗାମୀ ମନୁଷ୍ୟକୁ ବିଷୟଭୋଗରୁ ବିମୁଖ କରାଇ ପରମତ୍ମା ପ୍ରାପ୍ତ ମାର୍ଗ ଅନୁସରଣ କରିବାକୁ ପ୍ରବର୍ତ୍ତାଇବା ପାଇଁ ଭଗବାନ ସଦ୍ ଗୁରୁ,ସାଧୁ, ମହାନ୍ ସନ୍ଥ, ବିଜ୍ଞ ପୁରୁଷ ରୂପରେ ମଧ ସମୟାନ୍ତରରେ ମହାନ ଆତ୍ମା ମାନଙ୍କୁ ଧରା ପୃଷ୍ଟକୁ ପ୍ରେରିତ କରିଥାନ୍ତି ।

**ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।**
**ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥ ୮॥**

*ଅନ୍ୱୟ: ସାଧୂନାଂ( ସାଧୁ ଭକ୍ତ ଜନଙ୍କୁ) ପରିତ୍ରାଣାୟ (ରକ୍ଷା କରିବା ନିମିତ୍ତ ) ଦୁଷ୍କୃତାମ୍(ପାପାଚାରୀ ମାନଙ୍କୁ) ବିନାଶାୟ (ବିନାଶ କରିବା ନିମନ୍ତେ ) ଚ (ଏବଂ) ଧର୍ମ ସଂସ୍ଥାପନାର୍ଥାୟ ( ଉତ୍ତମ ରୂପେ ଧର୍ମ ସ୍ଥାପନ କରିବା ନିମିତ୍ତ ) (ମୁଁ ) ଯୁଗେ ଯୁଗେ ( ଯୁଗେ ଯୁଗେ ) ସମ୍ଭବାମି (ପ୍ରକଟ ହୋଇଥାଏ ) ।*

**ଭାବାର୍ଥ:** ସାଧୁ ଅର୍ଥାତ୍ ଶିଷ୍ଟଜନଙ୍କ ରକ୍ଷା କରିବାପାଇଁ ଏବଂ ଧର୍ମଦ୍ୱେଷୀ ଦୁଷ୍ଟଙ୍କ ସଂହାର କରିବା ପାଇଁ ତଥା ଧର୍ମକୁ ଉତ୍ତମ ରୂପରେ ସ୍ଥାପନ କରିବା ପାଇଁ "ମୁଁ" ଭିନ୍ନ ଭିନ୍ନ ଯୁଗରେ ଭିନ୍ନ ଭିନ୍ନ ଅବତାର ଗ୍ରହଣ କରି ପ୍ରକଟିତ ହୋଇଥାଏ । ସାଧ ବସ୍ତୁ ପ୍ରାପ୍ତ ପାଇଁ ବିବେକ ,ବୈରାଗ୍ୟ ,ନିଷ୍କାମ କର୍ମର ଅନୁଷ୍ଠାନକୁ ସମାଜରେ ନିର୍ବିଘ୍ନ ଭାବରେ ପ୍ରବାହିତ କରି ,ପାପରେ ପ୍ରବୃତ୍ତକାରୀ କାମ,କ୍ରୋଧ, ରାଗ-ଦ୍ୱେଷ ରୁ ମନୁଷ୍ୟକୁ ନିବୃତ୍ତ କରାଇ ଈଶ୍ୱରାଭିମୁଖୀ କରାଇବା ହେଉଛି ଧର୍ମର ଉତ୍ତମ ରୂପରେ ସ୍ଥାପନ । ବେଦକୁ ମାନି ମନୁଷ୍ୟ ଜୀବନ ବିତାଇବା ହେଉଛି ଧର୍ମ । ଯେତେବେଳେ ଅଧର୍ମର ବୃଦ୍ଧିଘଟେ , ସେତେବେଳେ ବେଦ,ପୂରାଣ,ଶାସ୍ତ୍ର ପ୍ରଭୃତି ର କୌଣସି ମହତ୍ତ୍ୱ ରହେନାହିଁ । ମୁନି,ଋଷି,, ସାଧୁ,ସନ୍ଥ,ଯୋଗୀ ,ବୈଷ୍ଣବ,ଜ୍ଞାନୀ,ଭକ୍ତ ମାନେ ଦୁଷ୍ଟ ,ଦୁରାଚାରୀଙ୍କ ଅତ୍ୟାଚାରରେ ତ୍ରାହି ତ୍ରାହି ଡାକ ଦେଇଥାନ୍ତି । ଭଗବାନ ମନୁଷ୍ୟକୁ ସଂସାରରେ ଜନ୍ମ ଦେଇଥାନ୍ତି କେବଳ ଈଶ୍ୱରତ୍ତ୍ୱ ପ୍ରାପ୍ତି ପାଇଁ। ଭଗବାନଙ୍କର ଇଚ୍ଛା ଯେତେବେଳେ ଜଗତ ଅହିତକାରୀ ମାନଙ୍କ ଦ୍ୱାରା ପ୍ରତିରୋଧ ହୋଇଥାଏ, ଭଗବାନ ସେତେବେଳେ ସେହି ପାପୀ ମାନଙ୍କୁ ବିନାଶ କରି ସାଧୁ ଭକ୍ତଙ୍କ ଉଦ୍ଧାର ପାଇଁ

ଅବତାର ନେଇ ଧରା ଧାମରେ ଅବତରଣ କରିବାର ନିର୍ଣ୍ଣୟ ନେଇଥାନ୍ତି । ନିଜର ଦିବ୍ୟ ଲୀଳା ରଚନା କରି, ସେହି ପାପୀ ଅନିଷ୍ଟକାରିଙ୍କୁ ସଂହାର କରି ସତ୍ୟ,ନ୍ୟାୟ,ଧର୍ମର ପୁନଃ ପ୍ରତିଷ୍ଠା କରିଥାନ୍ତି । ଭଗବାନଙ୍କ ଲୀଳାର ଦିବ୍ୟତା କାରଣରୁ ପାପଚାରୀ ମଧ୍ୟ ଭଗବାନଙ୍କ ହାତରେ ନିଧନ ହୋଇ ମୁକ୍ତିପ୍ରାପ୍ତ ହୋଇଥାଏ । ଭଗବାନ " ଧର୍ମ ସଂସ୍ଥାପନାର୍ଥାୟ" କହିବାର ତାତ୍ପର୍ଯ୍ୟ ହେଲା , ଇସଲାମ ଧର୍ମ, ଇସାହି ଧର୍ମ ପ୍ରଭୃତି ଯେତେ ଧର୍ମ ପୃଥିବୀରେ ଦେଖାଯାଇଛି, ପ୍ରତ୍ୟେକ ଧର୍ମର ଜଣେ ଜଣେ ମାନବ ରୂପୀ ପ୍ରତିଷ୍ଠିତା ଅଛନ୍ତି । କିନ୍ତୁ ଆମର ଏହି ସନାତନ ଧର୍ମର କେହି ପ୍ରତିଷ୍ଠାତା ନାହାନ୍ତି । ସୃଷ୍ଟିର ସର୍ଜନା ସମୟରେ ଯେତେବେଳେ ସ୍ୱୟଂ ଭଗବାନଙ୍କର ନିଶ୍ୱାସରୁ ବେଦର ଉତ୍ପତ୍ତି ହେଲା, ସେହି ଅନାଦି କାଳରୁ ହିଁ ସନାତନ ଧର୍ମର ସ୍ଥାପନା ହୋଇଆସିଛି। ତେଣୁ ସ୍ୱୟମ୍ ସୃଷ୍ଟିକର୍ତ୍ତା ହେଉଛନ୍ତି ସନାତନ ଧର୍ମର ପ୍ରତିଷ୍ଠାତା । ଏହା ହିଁ ହେଉଛି ଆମର ସନାତନ ଧର୍ମର ବିଶେଷତା । ମନୁଷ୍ୟ ଦିବ୍ୟ ଜୀବନ,ସଂସାର ସେବା ,ଆତ୍ମଜ୍ଞାନ ପ୍ରାପ୍ତର ପ୍ରଚେଷ୍ଟାକୁ ସାଧନ ମାର୍ଗ ରୂପେ ଗ୍ରହଣ କରି , ପରମାତ୍ମା ତତ୍ତ୍ୱଜ୍ଞାନ ପ୍ରାପ୍ତ ହେଉଛି ସନାତନ ଧର୍ମର ଅନ୍ତିମ ଲକ୍ଷ୍ୟ । ପ୍ରଶ୍ନ ହୁଏ କି' ଯେବେ ଇଚ୍ଛାମାତ୍ରରେ ଅନନ୍ତକୋଟି ବ୍ରହ୍ମାଣ୍ଡର ଉତ୍ପତ୍ତି ଓ ସଂହାର ହୋଇପାରେ, ତେବେ କଣ ଧର୍ମର ରକ୍ଷା ଓ ଦୁଷ୍ଟଙ୍କର ଦମନ ଇଚ୍ଛାମାତ୍ରରେ ସମ୍ଭବ ହୋଇପାରିବ ନାହିଁ ଯେ' ଏଥିପାଇଁ ସ୍ୱୟଂ ଭଗବାନଙ୍କୁ ଅବତାର ନେବାକୁ ପଡୁଛି ? ଶ୍ରୀରାମାନୁଚାର୍ଯ୍ୟଙ୍କ ବାଖ୍ୟାରେ ଏହାର ସମାଧାନ ହେଲା :ସାଧୁ ଶବ୍ଦର ଅର୍ଥ ହେଲା ଭଗବାନଙ୍କର ଭକ୍ତ । ଭକ୍ତଗଣ ମୋରି ଭକ୍ତି କରିବା ସମୟରେ ମୋର ଦର୍ଶନ ପାଇବାପାଇଁ ବିଶେଷ ଭାବରେ ଉତ୍କଣ୍ଠିତ ହୋଇ ରହିଥାନ୍ତି ଓ ମୋରି ବିୟୋଗରେ କ୍ଷଣ କ୍ଷଣ ସମୟ ତାଙ୍କୁ କଳ୍ପ କଳ୍ପ ଭଳି ପ୍ରତୀତ ହୋଇଥାଏ । ତେବେ ଭକ୍ତଙ୍କ ପରିତ୍ରାଣ ପାଇଁ ମୁଁ ପ୍ରାଦୁର୍ଭୂତ ହୋଇଥାଏ । ମୋର ଭକ୍ତକୁ ଦର୍ଶନ ଦେବା, ଭକ୍ତ ସହିତ ବାର୍ତ୍ତାଳାପ କରିବା, ଭକ୍ତ ସହିତ କ୍ରିଡା କରିବାରେ,ମୋରି ଲୀଳାରେ ଭକ୍ତକୁ ସାମିଲ କରିବାରେ ଭକ୍ତକୁ ଅପାର ତୃପ୍ତି ମିଳିଥାଏ । ମୋର ଭକ୍ତମାନଙ୍କୁ କଷ୍ଟ ଦେଉଥିବା ଦୁଷ୍ଟଙ୍କୁ ବିନାଶ କରେ । ଏହାଦ୍ୱାରା ମୋର ଭକ୍ତି ରୂପକ ଧର୍ମର ସମ୍ୟକ ସ୍ଥାପନ ହୋଇଥାଏ । ଏହା ମୋର ଅବତାରର ମୁଖ୍ୟ ପ୍ରୟୋଜନ । ଭଗବାନ ଭକ୍ତକୁ ସୁରକ୍ଷା ଯୋଗାଇ ଦେବାପାଇଁ ଯେଉଁ ମୁହୂର୍ତ୍ତରେ ହେଲେମଧ ଅବତାର ନେଇଥାନ୍ତି । ସେଥିପାଇଁ ଯୁଗକୁ ଅପେକ୍ଷା କରିବାକୁ ହୋଇନଥାଏ । ଯେପରି ଗଜେନ୍ଦ୍ରକୁ ରକ୍ଷା କରିବାପାଇଁ କୌଣସି ନିଶ୍ଚିତ କାଳ ନ'ଥିଲା। ଗଜେନ୍ଦ୍ର ଡାକଦେଲା, ଭଗବାନ ଆସିଗଲେ । ଦ୍ରୌପଦୀ ପାଇଁ ବସ୍ତ୍ର ରୂପରେ ଅବତୀର୍ଣ୍ଣ ହେବାପାଇଁ କୌଣସି ନିଶ୍ଚିତ ସମୟ ନଥିଲା , ତଥାପି ଦ୍ରୌପଦୀର ଡାକଶୁଣି ଭଗବାନ ଚାଲି ଆସିଥିଲେ । ଧ୍ରୁବକୁ ଦର୍ଶନ ଦେବାପାଇଁ ନିଶ୍ଚିତ ସମୟ ନ'ଥିଲା । ତଥାପି ଧ୍ରୁବଙ୍କ ଦର୍ଶନ ପାଇଁ ଭଗବାନ ଆସି ଯାଇଥିଲେ । ସେହିପରି ତୁଳସୀ, ମୀରା, ସୁର ଯେପରି ଭକ୍ତ ,ସେମାନଙ୍କ ଦର୍ଶନ ପାଇଁ ଭଗବାନ ସ୍ୱତଃ ପ୍ରକଟିତ ହୋଇଛନ୍ତି । ଭଗବାନ ସଂସାରରେ ଲୀଳା ସମାପ୍ତ ପରେ ରୂପ ସିନା ଅନ୍ତର୍ଦ୍ଧାନ ହୋଇଥାଏ, ମାତ୍ର "ନାମ" ଯୁଗ ଯୁଗ ପାଇଁ ନିତ୍ୟ ହୋଇ ରହେ । ଭଗବାନ ଏହି "ନାମ"କୁ ଜୀବ ପାଇଁ ମର୍ତ୍ତ୍ୟରେ ଛାଡି ଯାଇଥାନ୍ତି । "ନାମ"ରେ ଅବତାର ଲୀଳାର ଦିବ୍ୟତା ପୂର୍ଣ୍ଣ ଭାବରେ ରହିଥିବା କାରଣରୁ, "ନାମ" ଭଗବାନଙ୍କର ଅବତାର କାଳର ଯୋଗମାୟା ଶକ୍ତି ସଦୃଶ। ଭଗବାନଙ୍କ ଅବତାର କାଳରେ ଯେଉଁ ଜୀବ ମାନେ ମର୍ତ୍ତ୍ୟରେ ଭଗବାନଙ୍କର ଲୀଳା ଦେଖିବା, ଶୁଣିବା, ଅଙ୍ଗେ ଲିଭାଇବା ସୁଯୋଗରୁ ବଞ୍ଚିତ ହୋଇଥାନ୍ତି, ତାଙ୍କ "ନାମ"

ସଂକୀର୍ତ୍ତନରେ ସେ ସମସ୍ତ ଦିବ୍ୟତା ପ୍ରାପ୍ତ ହୁଏ । ଏହି "ନାମ"ର ମହିମାକୁ ପ୍ରତିପାଦନ ଓ ପ୍ରଚାର କରିବା ପାଇଁ ଭଗବାନ ଶ୍ରୀ ଚୈତନ୍ୟ ରୂପରେ ଅବତାର ନେଇଛନ୍ତି । ବିନା ଭଗବାନଙ୍କର ଲୀଳା ଶ୍ରବଣ, "ନାମ" କୀର୍ତ୍ତନରେ ଭକ୍ତିଭାବ ଜାଗ୍ରତ ହେବନାହିଁ । ସାଧକ ଜ୍ଞାନ ମାର୍ଗର ହେଉ କିମ୍ବା କର୍ମଯୋଗ ମାର୍ଗର ହେଉ, ଅନ୍ତରେ ତାହାକୁ ଭକ୍ତିକୁ ହିଁ ଭଗବାନଙ୍କର ଦର୍ଶନ ପାଇଁ ପାଥେୟ କରିବାକୁ ହୁଏ । ଜ୍ଞାନ ଯୋଗ, କର୍ମଯୋଗ ପାଇଁ ସାଧନ ଆବଶ୍ୟକ, କିନ୍ତୁ ଭଗବାନଙ୍କର ଭକ୍ତ ହେବାପାଇଁ ଭଗବାନଙ୍କର ଲୀଳାକୁ ଶୁଣିବାକୁ ହେବ,ଲୀଳାର ତତ୍ତ୍ୱକୁ ବୁଝିବାକୁ ହେବ, ଭଗବାନଙ୍କର ନାମ କୀର୍ତ୍ତନ କରିବାକୁ ହେବ । ଭଗବାନଙ୍କ ଉପରେ ଅଗାଧ ବିଶ୍ୱାସ, ଅପାର ଶ୍ରଦ୍ଧା , ଓ ସଂପୂର୍ଣ୍ଣ ଭରସା ଆସିଲେ ହିଁ ସମର୍ପଣ ଭାବ ଆସିବ । ନିଜେ ସଂପୂର୍ଣ୍ଣ ଭାବରେ ସମର୍ପିତ ହୋଇଗଲେ, ଅହନ୍ତା ଅନ୍ତଃକରଣରୁ ସଂପୂର୍ଣ୍ଣ ଭାବରେ ଶୂନ୍ୟ ହୋଇଗଲେ ହିଁ ,ଭକ୍ତି ଜାଗ୍ରତ ହେବ । ସେହି ଭକ୍ତିର ଧାରା ଅନବରତ ଅନ୍ତଃକରଣରେ ପ୍ରବାହ ହେଲେ, ଭଗବାନ ସ୍ୱତଃ ଦୃଶ୍ୟମାନ ହେବେ । "ନାମ" ସଂକୀର୍ତ୍ତନରେ ଜୀବର ଜନ୍ମ ଜନ୍ମାନ୍ତରର ପାପ କ୍ଷୟ ହୋଇ ପରମଧାମ ପ୍ରାପ୍ତ ହୁଏବୋଲି ଶ୍ରୀମଦ ଭାଗବତରେ ଲେଖା ଅଛି ।

ଜନ୍ମ କର୍ମ ଚ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ ।
ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ ନୈତି ମାମେତି ସୋଅର୍ଜୁନ ॥ ୯॥

*ଅନ୍ୱୟ: ହେ ଅର୍ଜୁନ ! ମେ (ମୋର) ଏବଂ (ଏହି ପ୍ରକାର ) ଦିବ୍ୟମ୍( ଅପ୍ରାକୃତ) ଜନ୍ମ (ଦେହ ଧାରଣ ) କର୍ମ ଚ ( ଏବଂ କର୍ମ ) ଯଃ(ଯେ) ତତ୍ତ୍ୱତଃ (ଯଥାର୍ଥ ରୂପରେ- ଅସଲ ସ୍ୱରୂପରେ )ବେତ୍ତି (ଜାଣନ୍ତି) ସଃ (ସେ)ଦେହଂ (ଶରୀରକୁ ) ତ୍ୟକ୍ତ୍ୱା (ତ୍ୟାଗକରି) ପୁନଃ (ପୁନରାୟ) ଜନ୍ମ (ଜନ୍ମ) ନ ଏତି (ପ୍ରାପ୍ତ ହୁଅନ୍ତି ନାହିଁ) {କିନ୍ତୁ} ମାମ୍ (ମୋତେ ହିଁ) ଏତି(ପ୍ରାପ୍ତ ହୁଅନ୍ତି)।*

**ଭାବାର୍ଥ :** ହେ ଅର୍ଜୁନ ! ମୋର ଜନ୍ମ ଏବଂ କର୍ମ ଦିବ୍ୟ ଅର୍ଥାତ୍ ନିର୍ମଳ ଏବଂ ଅଲୌକିକ । ଯେଉଁ ମନୁଷ୍ୟର ଏହି ଦିବ୍ୟତାର ଜ୍ଞାନ ହୁଏ ଏବଂ ଅନ୍ତଃକରଣ ଅହନ୍ତା ଶୂନ୍ୟହୁଏ,ସେହି ଭକ୍ତ ଦେହ ତ୍ୟାଗପରେ ପୁନରାୟ ଜନ୍ମ ନ'ହୋଇ ମୋତେ ଅର୍ଥାତ୍ ପରମାତ୍ମାଙ୍କୁ ପ୍ରାପ୍ତହୁଅନ୍ତି । ଭଗବାନଙ୍କ ଦିବ୍ୟ ଅବତାର ଓ ଅଲୌକିକ କର୍ମର ରହସ୍ୟ ସମ୍ବନ୍ଧରେ ସମ୍ୟକ ଜ୍ଞାନ ଲାଭକଲେ କିପରି ଐଶ୍ୱରଭାବ ପ୍ରାପ୍ତ ହୁଏ ତାହା ଭଗବାନ ଅର୍ଜୁନଙ୍କୁ କହୁଛନ୍ତି । ଜୀବମାନଙ୍କର ଶରୀର ରଜ ଓ ବୀର୍ଯ୍ୟରୁ ଉତ୍ପନ୍ନ ହୋଇ , ପାପ-ପୂଣ୍ୟମୟ,ଅନିତ୍ୟ,ରୋଗଗ୍ରସ୍ତ,ଲୌକିକ,ବିକାରୀ ଓ ପଞ୍ଚ ଭୌତିକ ହୋଇଥାଏ । ଭଗବାନଙ୍କର ବିଗ୍ରହ ପାପପୂଣ୍ୟ ରହିତ,ବିକାର ରହିତ,ପରମ ଦିବ୍ୟ, ଆଉ ତାହା ଜନ୍ମ ନ'ହୋଇ ପ୍ରକଟ ହୁଏ । ଏହା ଦିବ୍ୟ,ଚିନ୍ମୟ,ପ୍ରକାଶମାନ,ଶୁଦ୍ଧ ଓ ଅଲୌକିକ ହୋଇଥାଏ । ସର୍ବଶକ୍ତିମାନ୍ ,ସଚ୍ଚିଦାନନ୍ଦଘନ ,ପରମାତ୍ମା ଏବଂ ସର୍ବଭୂତଙ୍କର ପରମଗତି ଏବଂ ସଂସାରକୁ ଉଦ୍ଧାର କରିବାପାଇଁ ନିଜ ଯୋଗମାୟା ବଳରେ ସଗୁଣ ରୂପ ହୋଇ ପ୍ରକଟ ହୁଅନ୍ତି । ଭଗବାନଙ୍କର ସମସ୍ତ ଛୋଟ ବଡ କ୍ରିୟା ଲୀଳା ଅଟେ । ଭଗବାନଙ୍କର ଲୀଳା ଯେପରି ଦିବ୍ୟ, ମନୁଷ୍ୟର କର୍ମ ସେହିପରି ଆସକ୍ତ ରହିତ ହୋଇ ଦିବ୍ୟ ହେବା ଉଚିତ। ଭଗବାନ ପ୍ରକଟ ହେବାରେ ଜୀବଙ୍କପ୍ରତି ହିତୈଷିତା ଓ କର୍ମ ପ୍ରତି ନିର୍ଲିପ୍ତା ନିହିତ । ସେହିପରି ମନୁଷ୍ୟ ଅନ୍ତରରେ ଜୀବ ମାନଙ୍କ ପ୍ରତି ହିତୈଷିତା ଓ କର୍ମରେ ନିର୍ଲିପ୍ତା ରହିବା ଉଚିତ । ବାସ୍ତବରେ ଏହିପରି ଭାବ ହିଁ ଭଗବାନଙ୍କର ଜନ୍ମ ଓ କର୍ମ

ଦିବ୍ୟତାର ତତ୍ତ୍ୱ- ଜ୍ଞାନ । ଯାହାଙ୍କର ଆତ୍ମସାକ୍ଷାତ୍କାର ହୋଇଥାଏ ସେ ତତ୍ତ୍ୱଦର୍ଶୀ । କେବଳ ତତ୍ତ୍ୱଦର୍ଶୀ ହିଁ ଭଗବାନଙ୍କର ଜନ୍ମ ଆଉ କର୍ମର ଦିବ୍ୟତାକୁ ଜାଣିବାକୁ ସମର୍ଥ ହୋଇଥାଏ । ସେହି ଦିବ୍ୟତାକୁ ବୁଝିପାରିଲେ , ନିଜ ଅନ୍ତର ଭିତରେ ପୂର୍ଣ୍ଣତା ଉପଲବ୍ଧି ହୁଏ । ଅବତାର ବିଗ୍ରହଙ୍କ ଦିବ୍ୟତା ପ୍ରାପ୍ତ ହୋଇ ତତ୍ତ୍ୱଦର୍ଶୀ ପୁରୁଷ ଜୀବନାମୁକ୍ତ ହୋଇଥାନ୍ତି । ଭଗବାନଙ୍କର ଜନ୍ମ ଓ ଲୀଳାର ଦିବ୍ୟତାକୁ ଦେଖିବାପାଇଁ ଆକାଙ୍କ୍ଷିତ ହୋଇ ରହିଥିବା ଦେବତାମାନେ ମଧ୍ୟ ଅବତାର ବିଗ୍ରହର ରହସ୍ୟକୁ ଭେଦ କରିପାରିନ'ଥାନ୍ତି । ମହାପ୍ରତାପୀ କଂସ, ତାର ସମସ୍ତ ଭୌତିକ ଶକ୍ତିକୁ ଲଗାଇ, ପ୍ରଭୁ ବନ୍ଦିଶାଳାରେ କିପରି ଦେବକୀ ଗର୍ଭରୁ ଜନ୍ମ ନେଲେ ,ତାହା ଜାଣିପାରିନ'ଥିଲା । ମାତା ଦେବକୀ ଆସନ୍ନ ପ୍ରସବା ଅଷ୍ଟମ ଗର୍ଭସ୍ଥ ସନ୍ତାନକୁ କଂସର କୋପରୁ ରକ୍ଷା ପାଇଁ ଭଗବାନଙ୍କୁ ଆତୁର ପ୍ରାର୍ଥନା କରିବାରେ , ଭଗବାନ ଚତୁର୍ଦ୍ଧାମୂର୍ତ୍ତି ହୋଇ ପ୍ରକଟ ହୋଇଥିଲେ । ତାପରେ ପ୍ରଭୁ ସଦ୍ୟଜାତ ଶିଶୁ ରୂପରେ ଦେବକୀଙ୍କ କୋଳରେ ଶୋଇ ଲୀଳା ଆରମ୍ଭ କରିଥିଲେ । ପ୍ରଭୁ ଶ୍ରୀରାମ ପ୍ରକଟ ହେବାର ଦେଖି ମାତା କୌଶଲ୍ୟା ପୁଲକିତ ହୋଇ ଉଠିଥିଲେ । ପ୍ରଭୁଙ୍କର ନୀଳଜୀମୂତ ପରି ସୁନ୍ଦର କାନ୍ତିରେ ନେତ୍ର ବିମୋହିତ ହୋଇଯାଉଥିଲା । ମାତା କୌଶଲ୍ୟା ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ଚତୁର୍ଦ୍ଧା ମୂର୍ତ୍ତିକୁ ଦେଖିଅଭିଭୂତ ହୋଇ , ବାଲ୍ୟଲୀଳା କରିବା ପାଇଁ ପ୍ରଭୁଙ୍କୁ କହିଥିଲେ । ଏହିପରି ଭଗବାନଙ୍କ ପ୍ରକଟ ହେବାର ତତ୍ତ୍ୱକୁ ଦେବ,ଦାନବ,ମାନବ ଜାଣିବା ଦୁର୍ବହ । ସେହିପରି ଭଗବାନଙ୍କର ଲୀଳାର ତତ୍ତ୍ୱକୁ ଜାଣିବା ମଧ୍ୟ ସହଜ ହୋଇ ନ'ଥାଏ । କୃଷ୍ଣ ବଳରାମ ଯେତେବେଳେ ମାମୁଁ କଂସର ନିମନ୍ତ୍ରଣ ପାଇ, ଧନୁଯାତ୍ରା ଦେଖିବାକୁ ଗୋପରୁ ମଥୁରା ପୁରକୁ ଅକ୍ରୁରଙ୍କ ରଥରେ ଗମନ କରୁଥିଲେ , ବାଟରେ ଜ୍ଞାନୀ, ଯୋଗୀ ,ଭକ୍ତ ପ୍ରଭୁଙ୍କ ଅବତାରକୁ ଚିହ୍ନି ପାରିନ'ଥିଲେ । ଜ୍ଞାନୀର ମନରେ ଏହି ସଶଂୟ ଆସିଥିଲା କି' ହସ୍ତ ପଦ ଥିବା ଏହି ବାଳକ କେବେ ସେହି ନିରାକାର, ଅନନ୍ତକୋଟି ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା, ଅବ୍ୟକ୍ତ, ପରଂବ୍ରହ୍ମ ହୋଇନ'ପାରନ୍ତି । ଯୋଗୀ ଭାବିବାକୁ ଲାଗିଲା କି' ଏହି ସାମାନ୍ୟ ବାଳକ କେବେ ପୁତନା ଭଳି ରାକ୍ଷାସୀକୁ ନିପାତ କରିବା ,କାଳୀୟ ନାଗକୁ ଦଳନ କରି ମାରିବା,ଗୋବର୍ଦ୍ଧନ ପର୍ବତକୁ ଟେକି ଧରିବା ସମ୍ଭବ ନୁହେଁ । ଇଏ ସେହି ଗୋପରେ ଲୀଳା ରଚୁଥିବା ଭଗବାନ କୃଷ୍ଣ ନୁହନ୍ତି । କୃଷ୍ଣଙ୍କ ହାତରେ ବଂଶୀକୁ ନ'ଦେଖି ଭକ୍ତ ଭାବୁଛି, ଯାହାର ବଂଶୀ ସ୍ୱରରେ ବାୟୁର ଗତି ଅଟକି ଯାଉଥିଲା, ସୂର୍ଯ୍ୟଙ୍କର ତେଜ ଶୀତଳ ହୋଇଯାଉଥିଲା, ନଦୀର ପ୍ରବାହ ସ୍ତବ୍ଧ ହୋଇ ଯାଉଥିଲା, ମୟୂର ନାଚି ଉଠୁଥିଲା, ଗାଈମାନେ ତୃଣ ଚରିବା ବନ୍ଦ କରିଦେଉ ଥିଲେ ବୋଲି ଯାହା ସବୁ ଶୁଣିଛି , ଇଏ ସେହି ନନ୍ଦବାଳା ଗିରିଧାରୀ ଗୋପାଳ ମୁରଲୀଧର ନୁହନ୍ତି । ଏହିପରି ଭାବରେ ଜ୍ଞାନୀ, ଯୋଗୀ ଓ ଭକ୍ତ ପ୍ରଭୁ ଗୋପରେ ଲୀଳା କରୁଥିବାର ଶୁଣିଥିଲେ ମଧ୍ୟ, ଯେତେବେଳେ ପ୍ରତ୍ୟକ୍ଷ ଭାବରେ ଅବତାର ବିଗ୍ରହକୁ ସାଧାରଣ ବାଳକ ରୂପରେ ଦେଖିଥିଲେ, ସେତେବେଳେ ମନରେ ସଂଶୟ ଆସିଯାଇଥିଲା । ଭଗବାନଙ୍କ ନିର୍ଗୁଣ ନିରାକାର ବ୍ରହ୍ମ ଓ ସଗୁଣ ସାକାର ବ୍ରହ୍ମ ବିଷୟରେ ବେଦ ପୂରାଣ ପଢି ଜ୍ଞାନ ଅର୍ଜିବା ଅଲଗା କଥା, ମର୍ତ୍ତ୍ୟ ଲୋକରେ ଭଗବାନଙ୍କ ଅବତାର ବିଗ୍ରହକୁ ପ୍ରତ୍ୟକ୍ଷ ଭାବେ ସ୍ୱରୂପକୁ ଦର୍ଶନ କରିବା କିମ୍ବା ଲୀଳାକୁ ଶ୍ରବଣ କରି ବ୍ରହ୍ମସ୍ୱରୂପକୁ ସ୍ୱୀକାର କରିନେବା ଅଲଗାକଥା । ଭଗବାନଙ୍କର ଅବତାର ତତ୍ତ୍ୱକୁ ଉତ୍ତମରୂପେ ବୁଝିପାରି ଅର୍ଥାତ୍ କିଞ୍ଚିତ୍ ମାତ୍ର ସଂଶୟ ବା ବିପରୀତ ଭାବ ନ'ରଖି ପୂର୍ଣ୍ଣ ବିଶ୍ୱାସ କରିନେବା, ଏବଂ ସାକାର ରୂପରେ ପ୍ରକଟ ଭଗବାନଙ୍କୁ

ସାଧାରଣ ମନୁଷ୍ୟ ନ'ବୁଝି ,ସର୍ବ ଶକ୍ତିମାନ,ସର୍ବେଶ୍ୱର,ସର୍ବ ଅନ୍ତର୍ଯ୍ୟାମି, ସାକ୍ଷାତ୍ ସଚ୍ଚିଦାନନ୍ଦଘନ ପୂର୍ଣ୍ଣ ବ୍ରହ୍ମ ପରମାତ୍ମା ବୋଲି ସ୍ୱୀକାର କରିନେବା ହେଉଛି ଭଗବାନଙ୍କର ଜନ୍ମ ଓ କର୍ମ ତତ୍ତ୍ୱର ଦିବ୍ୟଜ୍ଞାନ । ଭଗବାନଙ୍କର ସମସ୍ତ କର୍ମ ଆସକ୍ତ,ଅହଂକାର,କାମନାଦି ଦୋଷ ରହିତ, ନିର୍ମଳ, ଶୁଦ୍ଧ, ଓ ଲୋକ କଲ୍ୟାଣ ନିମିତ୍ତ ଉଦ୍ଦିଷ୍ଟ । ମନୁଷ୍ୟ ହୃଦୟରେ ନୀତି, ଧର୍ମ, ପ୍ରେମ ଓ ଭକ୍ତି ଆଦି ଜାଗୃତ କରାଇ ,ଧର୍ମର ପ୍ରତିଷ୍ଠା ଓ ପ୍ରଚାର କରିବା , ଦିବ୍ୟ ଲୀଳାର ମୂଳ ଲକ୍ଷ୍ୟ । ଅବତାର ଲୀଳାର ପଠନ, ଶ୍ରବଣ, କୀର୍ତ୍ତନ, ସ୍ମରଣ ଇତ୍ୟାଦିରେ ଅନ୍ତଃକରଣ ନିର୍ମଳ ଓ ପବିତ୍ର ହୁଏ । ଭଗବାନଙ୍କର ଜନ୍ମ ଓ କର୍ମ ର ଦିବ୍ୟଲୀଳା ଉପରେ ଦୃଢ ବିଶ୍ୱାସ ଓ ଶ୍ରଦ୍ଧା ରଖିବାରେ ଭଗବାନଙ୍କ ଉପରେ ଭକ୍ତି ଜାଗ୍ରତ ହୁଏ । କେବଳ ଭକ୍ତର ହିଁ ଭଗବାନ । ପରମେଶ୍ୱରଙ୍କ ସମାନ ସୁହୃଦ୍, ପ୍ରେମୀ, ପତିତପାବନ ଅନ୍ୟକେହି ନାହାନ୍ତି । ଜ୍ଞାନୀ ହେଉ କି' ଯୋଗୀ ହେଉ, ଥରେ ଅନ୍ତରରେ ପ୍ରଭୁ ମୋର ବୋଲି ସ୍ୱୀକାର କରିନେଲେ, ସତରେ ପ୍ରଭୁ ତାର ହୋଇଯାନ୍ତି । ଏହା କେବଳ ଅନୁଭବି ହିଁ ବୁଝିପାରିବ । ଭଗବାନଙ୍କର ଐଶ୍ୱରିକତା ତତ୍ତ୍ୱକୁ ବୁଝି ଭଗବାନଙ୍କୁ ସମର୍ପିତ ହୋଇଗଲେ, ଭଗବାନ ଭକ୍ତକୁ ତାଙ୍କର କରି ନେଇଥାନ୍ତି । ଭଗବାନ ବଡ କରୁଣାମୟ । ଭଗବାନଙ୍କ ଲୀଳାରେ ଭକ୍ତ ତଲ୍ଲିନ ହୋଇଗଲେ , ଭଗବାନ ଭକ୍ତପାଇଁ କିଛି ବି କରିଥାନ୍ତି। ଭକ୍ତର ଅନ୍ତର ପ୍ରାର୍ଥନା ଶୁଣି ଯେ' କୌଣସି ଅସମ୍ଭବ କୁ ମଧ୍ୟ ସମ୍ଭବ କରିଥାନ୍ତି । ଡାକ ଶୁଣି ଭକ୍ତର ମନବାଞ୍ଛା ପୂର୍ତ୍ତି ପାଇଁ , ସେ ଯେ କୌଣସି ରୂପ,ଯେ କୌଣସି ସମ୍ବନ୍ଧ କୁ ଆଧାର କରି ,ଭକ୍ତ ଆଗରେ ପ୍ରକଟିତ ହୋଇଯାନ୍ତି । ଭକ୍ତକୁ ସଂସାରର ଦୁଃଖ ସାଗରରୁ ଉଦ୍ଧାର କରି, ପରମ ଧାମରେ ପ୍ରଭୁଙ୍କ ସାନ୍ନିଧ୍ୟ ଲାଭ କରାଇବାପାଇଁ ଭଗବାନ ଅବତାର ନେଇଥାନ୍ତି । ଭଗବାନକର ଲୀଳାର ତତ୍ତ୍ୱକୁ ଜାଣିବା ଅତି ଗହନ । ପ୍ରଭୁ ଲୀଳା ମାଧ୍ୟମରେ ଭକ୍ତର ଇଚ୍ଛାକୁ ପୂରଣ କରିଥାନ୍ତି । ଭଗବାନଙ୍କର ବାଲ୍ୟଲୀଳାରେ ମାତା ଯଶୋଦାଙ୍କ ବାତ୍ସଲ୍ୟ ମମତା,ସଖା ମାନଙ୍କ ସହିତ ଗୋଚାରଣ, ବ୍ରଜବାଳୀଙ୍କ ସହିତ ରାସ କ୍ରୀଡା, ଏସବୁରେ ସେହି ଦିବ୍ୟ ପ୍ରେମର ଅମୃତ ଧାରା ହିଁ ପ୍ରବାହିତ ହେଉଥିଲା । ଭଗବାନଙ୍କର ରାସଲୀଳାରେ , ଆତ୍ମା ସହିତ ପରମାତ୍ମାଙ୍କର ପ୍ରେମ କିପରି ଐଶ୍ୱରିକ ଓ ଶାଶ୍ୱତ ହୋଇପାରେ, ତାହାକୁ ପ୍ରତିପାଦିତ କରି କାମଦେବଙ୍କୁ ପରାଜିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ତେଣୁ ଭଗବାନଙ୍କର ଗୋପୀଙ୍କ ସହିତ ରାସଲୀଳା, ଲୌକିକ ଦେଖାଯାଉଥିଲେ ମଧ୍ୟ ତାହାର ଗୂଢ ତତ୍ତ୍ୱକୁ ବୁଝିଲେ, ସାଧକର କାମ ପ୍ରବୃତ୍ତି ନଷ୍ଟ ହୋଇଯାଏ । ଜୀବ ଉପରେ ଅଶେଷ କୃପା କରିବା ହେଉଛି ଭଗବାନ ଅବତାର ନେବାର ଏକମାତ୍ର ଉଦ୍ଦେଶ୍ୟ । ଭୌତିକ ବନ୍ଧନରୁ ମୁକ୍ତି ପ୍ରାପ୍ତ ପାଇଁ ମୁନି,ଋଷି ମାନେ ଜନ୍ମ ଜନ୍ମ ଧରି ତପସ୍ୟା କରି, ଅନେକ କଷ୍ଟସହ୍ୟ କରି ମୁକ୍ତିର ମାର୍ଗକୁ ଅପେକ୍ଷା କରି ବସିଥାନ୍ତି । କିନ୍ତୁ ଭକ୍ତ , ଭଗବାନଙ୍କର ମର୍ତ୍ତ୍ୟରେ ଲୀଳାର ଦିବ୍ୟତାକୁ ଜାଣିପାରି ଭଗବାନଙ୍କ ପାଖରେ ସଂପୂର୍ଣ୍ଣ ସମର୍ପିତ ହୋଇଗଲେ ଦିବ୍ୟଧାମକୁ ପ୍ରାପ୍ତ କରିଥାଏ। ଯେଉଁ ସମୟରେ ଭଗବାନଙ୍କର ଜନ୍ମ କର୍ମର ଦିବ୍ୟତାକୁ ପୂର୍ଣ୍ଣତୟା ଜ୍ଞାନ ହୋଇଯାଏ, ବସ୍ତୁତଃ ସେହି ସମୟରେ ଭଗବାନ ପ୍ରତ୍ୟକ୍ଷ ମିଳିଯାଇଥାନ୍ତି। ଫଳତଃ ବ୍ରାହ୍ମୀସ୍ଥିତି ପ୍ରାପ୍ତିରେ ଶରୀର ତ୍ୟାଗରେ ପୁନର୍ଜନ୍ମ ହୋଇନ'ଥାଏ ।

ବୀତରାଗଭୟକ୍ରୋଧା ମନ୍ମୟା ମାମୁପାଶ୍ରିତାଃ ।
ବହବୋ ଜ୍ଞାନତପସା ପୂତା ମଦ୍ଭାବମାଗତାଃ ॥ ୧୦॥

*ଅନ୍ୱୟ: ବୀତରାଗଭୟକ୍ରୋଧାଃ (ବିଷୟାସକ୍ତ ,ଭୟ,କ୍ରୋଧ ସର୍ବଥା ରହିତ) ମନ୍ମୟା (ତଲ୍ଲୀନ ଚିତ୍ତରେ/ଅନନ୍ୟ ପ୍ରେମ ଭାବରେ)ମାମ୍ ( ମୋର ) ଉପାଶ୍ରିତା(ଆଶ୍ରୟ କରି ) ଜ୍ଞାନ ତପସା (ଜ୍ଞାନ ରୂପକ ତପ ଦ୍ୱାରା ) ପୂତାଃ (ପବିତ୍ର ହୋଇ ) ବହବଃ (ଅନେକ ଭକ୍ତ ) ମଭାବମ୍ ( ମୋର ସ୍ୱରୂପକୁ ) ଆଗତାଃ( ପ୍ରାପ୍ତ ହୋଇଛନ୍ତି ) ।*

**ଭାବାର୍ଥ :** ବିଷୟାନୁରାଗ ,ଭୟ, କ୍ରୋଧକୁ ବର୍ଜନ କରି ଅନନ୍ୟ ପ୍ରେମ ଭାବରେ ମୋର ଚରଣରେ ଆତ୍ମସମର୍ପଣ କରି, ଜନ୍ମ କର୍ମର ଦିବ୍ୟଜ୍ଞାନ ରୂପକ ତପଦ୍ୱାରା ଚିତ୍ତଶୁଦ୍ଧି କ୍ରମେ ଦୋଷ ପ୍ରବୃତ୍ତିରୁ ମୁକ୍ତହୋଇ , ପୂର୍ବରୁ ଅନେକ ଭକ୍ତ ମୋର ସ୍ୱରୂପକୁ ଅର୍ଥାତ୍ ଐଶ୍ୱରିକତାକୁ ପ୍ରାପ୍ତ କରିଛନ୍ତି । ଅନ୍ତଃକରଣରେ ଐଶ୍ୱରିକ ଅନୁଭୂତି ହିମାଳୟ ଆରୋହଣ ପରି ଏକ କଷ୍ଟ ସାଧ୍ୟ ସାଧନ ନୁହେଁ । ଭଗବାନ ଏହି ଶ୍ଳୋକରେ ଭଗବତ୍ ସତ୍ତା ଲାଭ କରିବାର ଆଶ୍ୱାସନା ବାଣୀ ନିଜ ମୁଖରେ ଶୁଣାଇଛନ୍ତି । "ବିତରାଗଭୟକ୍ରୋଧାଃ"ର ଅର୍ଥ ହେଲା :- ବିଷୟାସକ୍ତ,ଭୟ,କ୍ରୋଧ ରହିତ ଯାହାକି କର୍ମଯୋଗର ସିଦ୍ଧାନ୍ତ । "ମନ୍ମୟା ମାମୁପାଶ୍ରିତାଃ" ର ଅର୍ଥ ହେଲା:- ଅନନ୍ୟ ପ୍ରେମ ଭାବରେ ଭଗବାନଙ୍କର ସହିତ ତଦାତ୍ମ୍ୟ ହୋଇ ସଂପୂର୍ଣ୍ଣ ସମର୍ପିତ ହୋଇ ରହିବା । ଅର୍ଥାତ୍ ଜୀବ ଆଉ ବ୍ରହ୍ମର ଏକତ୍ତ୍ୱ ଭାବ , ଯାହାକି ଭକ୍ତି ମାର୍ଗର ପ୍ରକରଣ । " ଜ୍ଞାନତପସା ପୂତା"ର ଅର୍ଥ ହେଲା : ଜନ୍ମ-କର୍ମ ଲୀଳାର ଦିବ୍ୟଜ୍ଞାନ ରୂପକ ତପସ୍ୟାରେ ଅନ୍ତଃକରଣର ପବିତ୍ରତା ପ୍ରାପ୍ତ କରିବା । ଅର୍ଥାତ୍ ଅହଂକାର ବୃତ୍ତି ଶୂନ୍ୟ ହୋଇ ରହିବା , ଯାହା କି' ସାଙ୍ଖ୍ୟତତ୍ତ୍ୱ । ସାଧନା ଯେଉଁ ମାର୍ଗର ହେଉନା କାହିଁକି' ଯେଉଁ ସମୟରେ ଏହି କର୍ମ, ଭକ୍ତି ଓ ଜ୍ଞାନର ସମନ୍ୱୟ ଘଟେ, ସାଧକ ଭଗବାନଙ୍କର ସ୍ୱରୂପକୁ ପ୍ରାପ୍ତ ହୋଇଥାଏ । ନାଶବାନ୍ ବସ୍ତୁପ୍ରତି ଆସକ୍ତି ହେବାରେ ଭୟ, କ୍ରୋଧ, ଲୋଭ, ମମତା , କାମନା ଇତ୍ୟାଦି ଦୋଷ ଉତ୍ପନ୍ନ ହୋଇଥାଏ । ଭଗବାନଙ୍କ ପ୍ରତି ଆକର୍ଷଣ ହେଲେ ସଂସାର ପ୍ରତି ଆସକ୍ତି ସ୍ୱତଃନଷ୍ଟ ହୁଏ । ଭଗବାନଙ୍କ ସହିତ ପ୍ରୀତି ହେଲେ ସଂସାରର ଭୋଗ୍ୟବସ୍ତୁ ତୁଚ୍ଛ ଲାଗେ ଏବଂ ବୈରାଗ୍ୟ ଭାବ ଜାଗ୍ରତ ହୁଏ । ଭୟ ହେଉଛି ପ୍ରାପ୍ତ ହୋଇଥିବା ବସ୍ତୁର ନାଶର ଆଶଙ୍କା । ଆଉ କ୍ରୋଧ ହେଉଛି ବିଷୟପ୍ରାପ୍ତିରେ ବାଧାଜନିତ ଆକ୍ରୋଶ ଅଥବା ବିଷୟ ନାଶରେ, ନାଶକାରୀ ପ୍ରତି ଦ୍ୱେଷଭାବ । ବୈରାଗ୍ୟ ଓ ବିବେକର ଉଦ୍ରେଗ ହେଲେ ଭୟ ଓ କ୍ରୋଧ ନଷ୍ଟ ହୁଏ । ଭଗବାନଙ୍କ ଜନ୍ମ ଓ କର୍ମର ଦିବ୍ୟତାକୁ ତତ୍ତ୍ୱତଃ ଜାଣିପାରିଲେ ଭକ୍ତିଭାବ ଆସେ । ଭକ୍ତିରେ ତନ୍ମୟ ହୋଇଥିବା ଭକ୍ତର ଆକର୍ଷଣ ଓ ଆଶ୍ରୟ କେବଳ ପରମେଶ୍ୱର ହିଁ ହୋଇଥାନ୍ତି । ଶରୀର ସମେତ ନାଶବାନ୍ ଭୋଗ୍ୟବସ୍ତୁକୁ ନିଜର ଓ ନିଜପାଇଁ ସ୍ୱୀକାର ନ'କରିବା ହେଉଛି ଜ୍ଞାନତପ । ଏହି ଜ୍ଞାନରୂପକ ତପରେ ସମସ୍ତ ପାପ-ତାପ ନାଶହୋଇ ଅନ୍ତଃକରଣ ଅହଙ୍କାରଶୂନ୍ୟ ହୁଏ । ଏହି ଜ୍ଞାନ ତପରେ ପବିତ୍ର ହୋଇ ଅନେକ ଭକ୍ତ ପୂର୍ବରୁ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଛନ୍ତି ।

**ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।**
**ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ॥ ୧୧ ॥**

*ଅନ୍ୱୟ: ପାର୍ଥ !( ହେ ପୃଥାନନ୍ଦନ !) ଯେ (ଯେଉଁ ଭକ୍ତମାନେ ) ଯଥା (ଯେପରି ଭାବରଖି ) ମାମ୍(ମୋର) ପ୍ରପଦ୍ୟନ୍ତେ ( ଶରଣାପନ୍ନ ହୁଅନ୍ତି )ଅହମ୍ (ମୁଁ) ତାନ୍ (ସେମାନଙ୍କୁ) ତଥା ,ଏବ (ସେହିପରି ଭାବରଖି ) ଭଜାମି (ଅନୁଗ୍ରହ ପ୍ରଦାନ କରିଥାଏ ) {କାରଣ}ମନୁଷ୍ୟାଃ (ସମସ୍ତ ମନୁଷ୍ୟ) ସର୍ବଶଃ (ସର୍ବ ଭାବରେ ) ମମ (ମୋର) ବର୍ତ୍ମ(ମାର୍ଗ) ଅନୁ ବର୍ତ୍ତନ୍ତେ(ଅନୁସରଣ କରନ୍ତି )*

**ଭାବାର୍ଥ** :ହେ ପୃଥା ପୁତ୍ର ଅର୍ଜୁନ ! ମୋର ଭକ୍ତ ଅନ୍ତରରେ ଯେଉଁ ଭାବରଖି ମୋର ଶରଣାପନ୍ନ ହୋଇଥାଏ , ସେହି ଭାବରେ ହିଁ ମୁଁ ତା ପ୍ରତି ଅନୁଗ୍ରହ କରିଥାଏ । ଏହି ଶ୍ଳୋକରେ ସନାତନ ହିନ୍ଦୁ ଧର୍ମର ମୂଳତତ୍ତ୍ୱ ନିହିତ। ତାହା ହେଉଛି "ଯେତେ ମତ ସେତେ ପଥ" । ଏହା ହିଁ ହେଉଛି ବେଦାନ୍ତ ଧର୍ମର ମର୍ମବାଣୀ । ଯେତେସବୁ ମତବାଦ ଅଛି ଯଥା : ଅଦ୍ୱୈତ୍ ବାଦ , ଦ୍ୱୈତ୍ ବାଦ,ବିଶିଷ୍ଟ ଦ୍ୱୈତ୍ ବାଦ ,ଷଡ ଦର୍ଶନ ତଥା ଜ୍ଞାନ, କର୍ମ ଯୋଗର ସାଧନ ,ଏସବୁ ଭିନ୍ନ ଭିନ୍ନ ମତ ଉପରେ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ, ନିଶ୍ଚିତଭାବରେ ସମସ୍ତ ସାଧନାର ଅନ୍ତିମ ଲକ୍ଷ୍ୟ ହେଉଛି ପରମାତ୍ମତତ୍ତ୍ୱ ପ୍ରାପ୍ତି ଓ ଜୀବନ ମୁକ୍ତ ସ୍ଥିତି । ଭଗବାନଙ୍କୁ ମୋକ୍ଷ ପ୍ରାପ୍ତ ହେବା ପାଇଁ କିଏ ଉପାସନା କରେତ' ଅନ୍ୟ କେହି ଭୋଗ୍ୟ ବସ୍ତୁ ପ୍ରାପ୍ତ ପାଇଁ ଉପାସନା କରେ । ଏକ ସମୟରେ ବିଷୟଭୋଗ ଓ ଜୀବନାମୁକ୍ତ ଲକ୍ଷ୍ୟନେଇ ଭଗବାନଙ୍କୁ କେହି ଉପାସନା କରିନ'ଥାଏ। ତେଣୁ ଯେଉଁ ଭାବରଖି ମନୁଷ୍ୟ ଭଗବାନଙ୍କର ଆଶ୍ରିତ ହୋଇଥାଏ, ଭଗବାନ ତାହାକୁ ସେହିରୂପରେ ଅନୁଗ୍ରହ କରିଥାନ୍ତି। ସକାମ କର୍ମରେ ପ୍ରବୃତ୍ତ ହୋଇ ଫଳଭୋଗର ଇଚ୍ଛା କରୁଥିବା ଉପାସକଙ୍କୁ ,ଭଗବାନ ସର୍ବେଶ୍ୱର ରୂପରେ ଯାହା ହିତକାରକ ସେହି ଫଳ ପ୍ରଦାନ କରିଥାନ୍ତି। ଯେଉଁମାନେ ଯୋଗୀ, ଅର୍ଥାତ୍ ଯୋଗ ସିଦ୍ଧି କାମନା କରୁଥାନ୍ତି , ସେମାନେ ମଧ୍ୟ ଯୋଗର ସିଦ୍ଧତାକୁ ପ୍ରାପ୍ତ ହୁଅନ୍ତି। ଭଗବାନଙ୍କ ଠାରେ ଲୀନହୋଇ ଜୀବନ ମୁକ୍ତି ଚାହୁଁ ଥିବା ଜ୍ଞାନୀକୁ , ନିଜ ବ୍ରହ୍ମଜ୍ୟୋତି ସ୍ୱରୂପରେ ଲୀନ ହେବାର ସୁଯୋଗ ଦେଇ ଅନୁଗ୍ରହ କରିଥାନ୍ତି । ସଂସାରର ସମସ୍ତ ଜୀବ ସବୁ ଅବସ୍ଥାରେ ମୋରି ପାଖକୁ ଆସିବା ମାର୍ଗରେ ଚାଲିଥାନ୍ତି । ଏହି ଦୃଷ୍ଟିକୋଣରୁ ଦେଖିଲେ , ମୋର କେହି ଅଭକ୍ତ ନୁହନ୍ତି। ସମସ୍ତେ ମୋରି ମାର୍ଗକୁ ଅନୁସରଣ କରି ମୋର ଭକ୍ତ ହୋଇଥାନ୍ତି । ଭିନ୍ନ ଏତିକି ହୋଇଥାଏ କି' ଯେଉଁ ଭକ୍ତ ନିଜ ସ୍ୱଭାବ ଅନୁସାରେ , ମୋତେ ପ୍ରାପ୍ତ ହେବା ମାର୍ଗରେ ଯେତିକି ମାତ୍ରାରେ ମନ ବୁଦ୍ଧି ଓ ଚିତ୍ତ ଲଗାଇ ଉପାସନା କରିଥାଏ, ସେହି ଅନୁସାରେ ସେ ମୋଠାରୁ ଦୂରରେ ରହିଥାଏ କିମ୍ବା ନିକଟତର ହୋଇଥାଏ। ଭକ୍ତ ଭଗବାନଙ୍କ ଆଡକୁ ଗୋଟିଏ ପାଦ ବଢାଇଲେ, ଭଗବାନ ମଧ୍ୟ ଗୋଟିଏ ପାଦ ଭକ୍ତ ଆଡକୁ ବଢାଇଥାନ୍ତି । ମାତ୍ର ଭଗବାନଙ୍କର ଗୋଟିଏ ପାଦ ଭକ୍ତର ଦୂରତାକୁ ସ୍ପର୍ଶ କରିବାକୁ ପର୍ଯ୍ୟାପ୍ତ ହୋଇଥାଏ, ଯଦି ଭକ୍ତର ଅନ୍ତରରେ ସେତିକି ବ୍ୟାକୁଳତା ଥାଏ । ଭକ୍ତର ଶ୍ରଦ୍ଧା ହିଁ କୃପାଭାବରେ ମୋଠାରୁ ଭକ୍ତକୁ ପ୍ରାପ୍ତ ହୋଇଥାଏ । ଏହି ରହସ୍ୟକୁ ଜାଣି ଶୁଦ୍ଧିଜନ ସଂପୂର୍ଣ୍ଣ ଭାବରେ ମୋ ଦ୍ୱାରା ପ୍ରତିଷ୍ଠିତ ମାର୍ଗକୁ ଅନୁସରଣ କରିଥାନ୍ତି । ମୋରି ଅବତାର କାଳର ଦିବ୍ୟଲୀଳାକୁ ଅନୁକରଣକରି ମୋର ପ୍ରିୟଭାଜନ ହୋଇଥାନ୍ତି । ଭଗବାନଙ୍କର ଯିଏ ପ୍ରିୟ ଭାଜନ ହୋଇଥାଏ, ଭଗବାନ ହିତଡାକ୍ଷି ଏବଂ ସର୍ବଶେଷ ଆଶ୍ରୟଦାତା ବୋଲି ତାହାରି ଜ୍ଞାନ ହୋଇଯାଏ । ଭକ୍ତ ସଖା ଭାବରେ ଆସି କାନ୍ଧରେ ହାତ ପକାଇଲେ, ଭଗବାନ ତାହା ସ୍ୱୀକାର କରିନେଇ ଭକ୍ତକୁ ହୃଦୟରେ ଲଗାଇଥାନ୍ତି। ଭଗବାନ କହିଛନ୍ତି : ଭକ୍ତ ଦାସ୍ୟ ଭାବରେ ଆସିଲେ ,ମୁଁ ମଧ୍ୟ ଆବଶ୍ୟକ ହେଲେ ଭକ୍ତର ସେବାରେ ଲାଗିଥା । ଭକ୍ତ ମୋତେ ପୁତ୍ରରୂପରେ ଚାହିଁଲେ , ମୁଁ ତାରିକୋଳରେ ପୁତ୍ର ରୂପରେ ଜନ୍ମ ନେଇଥାଏ । ମୋତେ ଜ୍ଞାନ ସ୍ୱରୂପ ରୂପରେ ଉପାସନା କଲେ , ମୁଁ ଭକ୍ତର ଅନ୍ତଃକରଣରେ ବୈରାଗ୍ୟ ଓ ବିବେକ ଜାଗ୍ରତ କରି ଜୀବନାମୁକ୍ତ କରାଇଥାଏ। ଭକ୍ତର ମନରେ ମୋତେ ପାଇବା ପାଇଁ ବ୍ୟାକୁଳତା ଦେଖାଦେଲେ ମୁଁ ଭକ୍ତ ପାଖରେ ପହଞ୍ଚିବା ପାଇଁ ବ୍ୟାକୁଳ ହୋଇଉଠେ । ଭକ୍ତ ଯଦି

ମୋର ବିରହରେ ରହିପାରେ ନାହିଁ , ମୁଁ ମଧ ଭକ୍ତକୁ ଦେଖା ନ'ଦେଇ ରହିପାରେ ନାହିଁ । ଏହା ମୋର ସ୍ୱଭାବ । ମୁଁ ଅଭିମାନ ରହିତ । ତେଣୁ ଭକ୍ତର ସେବାରେ ଲାଗିଲେ ମୋର ଭଗବତ୍ତା ନଷ୍ଟ ହୋଇଯିବାର ମୋତେ ଡର ନ'ଥାଏ । ଭଗବାନ ଅନ୍ତଃକରଣରେ ଉପଦ୍ରଷ୍ଟା ଓ ଅନୁମନ୍ତା ରୂପରେ ଉଭାହୋଇ , ଦୋଷପ୍ରବୃତ୍ତିକୁ ବିନଷ୍ଟ କରିଥାନ୍ତି ଏବଂ ସତ୍ୟରେ ପ୍ରବେଶ କରିବାକୁ ସହାୟ ହେଉଥିବା ସଦଗୁଣକୁ ଜାଗ୍ରତ କରିଥାନ୍ତି । ଭକ୍ତି କର୍ମଜନିତ ଅର୍ଥାତ୍ କୌଣସି ସାଧନାର ଫଳ ନୁହେଁ । ପରମେଶ୍ୱରଙ୍କ ପାଖରେ ସଂପୂର୍ଣ୍ଣ ସମର୍ପଣ ହୋଇଗଲେ , ଭକ୍ତି ସ୍ୱତଃ ଅନ୍ତଃକରଣରେ ଜାଗ୍ରତ ହୁଏ । ଦାସ୍ୟ,ସାଖ୍ୟ,ବାତ୍ସଲ୍ୟ ,ମାଧୁର୍ଯ୍ୟ, ଇତ୍ୟାଦି ଭାବ ମଧ୍ୟରେ ଶରଣାଗତି ଭାବ ସର୍ବୋତ୍ତମ। କେବଳ ପରମେଶ୍ୱର ହିଁ ମୋର ଏବଂ ମୁଁ ପରମେଶ୍ୱରଙ୍କର –ଅନ୍ୟକେହି ମୋର ହୋଇପାରନ୍ତି ନାହିଁ କି' ମୁଁ ଅନ୍ୟ କାହାର ହୋଇପାରେ ନାହିଁ - ଏହିଭାବରେ ପରମାତ୍ମା ପ୍ରତି ଆତ୍ମୀୟତା ସ୍ୱୀକାର କରିନେବା ହେଉଛି ଅନନ୍ୟ ଶରଣାଗତି ଭାବ । ଭଗବାନଙ୍କର ନିତ୍ୟ ସମ୍ବନ୍ଧ ସହିତ ପରିଚିତ ହେବା ଭଗବାନଙ୍କର ଶରଣାପନ୍ନ । ଶରଣାଗତ ହେଲେ ଭକ୍ତ ନିଶ୍ଚିତ,ନିର୍ଭୟ ,ନିଃଶୋକ,ଓ ନିଃଶଙ୍କ ହୋଇଯାଏ । ଭଗବାନଙ୍କର ଯଥା ଓ ତଥା ବ୍ୟବହାର କେବଳ କ୍ରିୟାରେ ଥାଏ , ଭାବରେ ନୁହେଁ । ସବୁଠୁ ଆସ୍ତିକ ବ୍ୟକ୍ତି ପ୍ରତି ଯେତିକି କୃପା ଓ ସ୍ନେହ ରହିଥାଏ , ସବୁଠାରୁ ନାସ୍ତିକ ବ୍ୟକ୍ତି ପ୍ରତି ମଧ ଭଗବାନଙ୍କର ସେତିକି କୃପା ଓ ସ୍ନେହ ରହିଥାଏ। ଦୁରାଚାରୀ କଂସ ଭଗବାନ କୃଷ୍ଣଙ୍କୁ ବଧ କରିବା ପାଇଁ ଜନ୍ମ ହେବାର ବହୁ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିଲା । ଶୂନ୍ୟ ବାଣୀ ଶୁଣିବାଠାରୁ କୃଷ୍ଣ ହିଁ କଂସର ଏକମାତ୍ର ଧ୍ୟାନ ଥିଲା । ମଞ୍ଚ ଉପରେ ବସି କୃଷ୍ଣଙ୍କୁ ବଧ କରିବା ପାଇଁ ଅସ୍ତ୍ର ଉତ୍ତୋଳନ ବେଳେ,କଂସକୁ ସର୍ବତ୍ର କୃଷ୍ଣ ମୟ ଦେଖାଯାଇଥିଲା । ସେଥି ମଧ୍ୟରୁ କିଏ ଗୋପରେ ବଢୁଥିବା କୃଷ୍ଣ ନ'ଜାଣିପାରି ସଶଂୟରେ ପଡିଯାଇଥିଲା । ତତ୍ତ୍ୱଜ୍ଞାନୀ ଏବଂ ପରମଭକ୍ତ ଯେପରି ଖୋଜୁଥିବା ରୂପରେ ଭଗବାନଙ୍କର ଦର୍ଶନ ପାଇଥାନ୍ତି , କଂସ ମଧ ଖୋଜୁଥିବା ରୂପରେ ସର୍ବତ୍ର ସେହି ବାଳକୃଷ୍ଣଙ୍କୁ ଦେଖିଥିଲା । ଶେଷରେ ମଞ୍ଚରୁ ତଳକୁ ପଡି , ଭଗବାନଙ୍କ ପଦରେ ଶରଣ ନେଇଥିଲା । ଭଗବାନ କୃଷ୍ଣ ମୁକ୍ତି ଦେଇଥିଲେ । ତେଣୁ ଆମ୍ଭେ ଭାଗବତରେ ପଢୁଛେ : " ମଞ୍ଚାରୁ ପଡି ମାମୁଁ ମଲା , ମୋତେ ଯେ ଦୈବ ରଖିଲା ॥ " ଆସ୍ତିକ ହେଉ ବା' ନାସ୍ତିକ ହେଉ, ଭଗବାନ ଜୀବକୁ ନିଜର ବୋଲି ମାନିଥାନ୍ତି । ଜୀବ ଆଗରେ ଭଗବାନ ନିଜକୁ ବଡବୋଲି ମାନନ୍ତି ନାହିଁ । କାରଣ ଜୀବର ସମସ୍ତ ଭାବ ତାଙ୍କଠାରୁ ହିଁ ଉତ୍ପନ୍ନ । ଏହା ହିଁ ଭଗବାନକର ମହାନୀୟତା ।

**କାଙ୍କ୍ଷନ୍ତଃ କର୍ମଣାଂ ସିଦ୍ଧିଂ ଯଜନ୍ତ ଇହ ଦେବତାଃ ।**

**କ୍ଷିପ୍ରଂ ହି ମାନୁଷେ ଲୋକେ ସିଦ୍ଧିର୍ଭବତି କର୍ମଜା ॥ ୧୨ ॥**

*ଅନ୍ୱୟ: କର୍ମଣାମ୍ ( କର୍ମ ସମୂହର) ସିଦ୍ଧିମ୍ (ଫଳ) କାଙ୍କ୍ଷନ୍ତଃ (ଇଚ୍ଛା କରୁଥିବା ମନୁଷ୍ୟ ମାନେ ) ଦେବତାଃ (ଦେବ ଗଣଙ୍କର ) ଯଜନ୍ତେ(ଉପାସନା କରନ୍ତି) ହି (କାରଣ ) ଇହ (ଏହି) ମାନୁଷେ ଲୋକେ(ମନୁଷ୍ୟ ଲୋକରେ) କର୍ମଜା (କର୍ମ ଜନିତ )ସିଦ୍ଧିଃ (ସିଦ୍ଧି) କ୍ଷିପ୍ରମ୍ (ଶୀଘ୍ର ) ଭବତି (ପ୍ରାପ୍ତ ହୁଏ )।*

**ଭାବାର୍ଥ :** ଏହି ମନୁଷ୍ୟ ଲୋକରେ ବିଧିପୂର୍ବକ ପୂର୍ଣ୍ଣାଙ୍ଗ କରାଯାଇଥିବା କର୍ମର ଫଳ, ଦେବତାମାନଙ୍କୁ ଉପାସନା କରିବାରେ ଶୀଘ୍ର ପ୍ରାପ୍ତ ହୋଇଥାଏ। କର୍ମକଲେ ସଫଳତା ମିଳୁଥିବାର ପ୍ରତ୍ୟକ୍ଷ ଦେଖାଯାଏ । ମନୁଷ୍ୟକୁ ହିଁ କେବଳ ନୂତନ କର୍ମ

କରିବାର ଅଧିକାର ମିଳିଛି। ଇତରପ୍ରାଣୀଙ୍କ ଠାରେ ପ୍ରାପ୍ତ ହୋଇଥିବା ଶରୀରରେ ସ୍ୱଭାବ ଅନୁସାରେ କ୍ରିୟା ଦେଖାଯାଇଥାଏ । ମନୁଷ୍ୟର ଶରୀର ଏପରି ଭାବରେ ନିର୍ମିତ ହୋଇଛି, ମନୁଷ୍ୟ ନିଜର ମନ ଓ ବୁଦ୍ଧିର ସହାୟତାରେ ଯେ କୌଣସି ପ୍ରକାର କର୍ମ କରିବାକୁ ସକ୍ଷମ ହୋଇଥାଏ । ଭୌତିକ ଜଗତର ପରିଚାଳନା ନିମିତ୍ତ ଦେବତା ମାନଙ୍କ ପାଖରେ ଭୋଗ୍ୟ ବସ୍ତୁ ପ୍ରଦାନ କରିବାର ଶକ୍ତି ନିହିତ ଥାଏ। ମନୁଷ୍ୟ ପୁତ୍ର , ସ୍ତ୍ରୀ ,ଧନ,ମାନ,ଯଶ ପ୍ରଭୃତି ବିଷୟ କାମନାକରି , ବିଧି ଅନୁସାରେ ଯଜ୍ଞ, ବ୍ରତ , ଉପବାସ ଆଦି କର୍ମ ଅନୁଷ୍ଠାନ କରିବାରେ, ଦେବତାମାନେ ପ୍ରସନ୍ନ ହୋଇ ଇପ୍ସିତ ଫଳ ପ୍ରଦାନ କରିଥାନ୍ତି। କାମ୍ୟକର୍ମର ଫଳ ଭୋଗ ହେଲାପରେ ତାହା ନଷ୍ଟ ହୋଇଯାଇଥାଏ। ଅଳ୍ପକାଳ ପରେ କର୍ମଫଳରୁ ପ୍ରାପ୍ତ ହୋଇଥିବା ସୁଖ ଚାଲିଯାଇଥାଏ। ମାତ୍ର ଏହାର ସୁଫଳ ହେଲା, କାମ୍ୟକର୍ମର ଫଳପ୍ରାପ୍ତି ପାଇଁ ଦେବତାମାନଙ୍କର ପୂଜା ଅର୍ଚ୍ଚନା କରିବାରେ ମନୁଷ୍ୟଠାରେ ଦୈବସମ୍ପଦ ଜନିତ ଗୁଣ ବଳବତ୍ତି ହୁଏ । ଫଳରେ କ୍ରମାନ୍ୱୟ ଭାବରେ ସଂସ୍କାର ଶୁଦ୍ଧିକରଣ ପ୍ରକ୍ରିୟାରେ ଉଚ୍ଚ ଜାତି, ବର୍ଣ୍ଣ, ଓ ଆଶ୍ରମ ପ୍ରାପ୍ତ ହୋଇ ମନୁଷ୍ୟ ପରମାତ୍ମାଭିମୁଖୀ ହୁଏ । ଉଚ୍ଚ ବୁଦ୍ଧି ସ୍ତରରେ ପହଞ୍ଚିବାପରେ , ବିଷୟ ସେବନରୁ ବିମୁଖ ହୋଇ, ମୋକ୍ଷ ଆଶାରେ ସ୍ୱାର୍ଥକୁ ତ୍ୟାଗ କରି ଅନାସକ୍ତ ଭାବରେ ସଂସାରର ସେବାରେ ପ୍ରବୃତ୍ତ ହୁଏ । ମନୁଷ୍ୟ କର୍ମ କରିବା ଦ୍ୱାରା ଯେଉଁ ସିଦ୍ଧି ପ୍ରାପ୍ତ କରିଥାଏ ,ସେଥିରେ ତାର ଜୀବନ ସଫଳ ହୋଇଥାଏ । ଏଥିପାଇଁ ମନୁଷ୍ୟଯୋନି ସାଥିରେ କର୍ମଜନିତ ସିଦ୍ଧିର ମଧ୍ୟ ମହତ୍ତ୍ୱ ଅଛି । ତେଣୁ ଭଗବାନ ତୃତୀୟ ଅଧ୍ୟାୟରେ କାମ୍ୟକର୍ମରେ ପ୍ରବୃତ୍ତ ହୋଇଥିବା ବ୍ୟକ୍ତିଙ୍କୁ, ନିଷ୍କାମ କର୍ମର ଉପଦେଶ ଦେଇ ସେମାନଙ୍କର ବୁଦ୍ଧିରେ ସଂଶୟ ସୃଷ୍ଟି କରାଇ କର୍ମରୁ ନିବୃତ୍ତ ନ'କରାଇବା ପାଇଁ କହିଛନ୍ତି । ଭଗବାନଙ୍କର ଓ ଦେବତାଙ୍କର ଉପାସନାର ଫଳ ଅଲଗା ଅଲଗା ହୋଇଥାଏ । ଭଗବାନଙ୍କର ଉପାସନା କଲେ ,କୈବଲ୍ୟ ମୁକ୍ତି ପ୍ରାପ୍ତ ହୋଇଥାଏ । ଭଗବାନଙ୍କ ଉପାସନାରେ ଉପାସକ ଭକ୍ତ ହୋଇଯାଏ । ଭଗବତ୍ ପ୍ରାପ୍ତି କର୍ମଜନିତ ନ'ହୋଇ କେବଳ ତୀବ୍ର ଅଭିଳାଷ ଦ୍ୱାରାହିଁ ସମ୍ଭବ ହୋଇଥାଏ। ତୀବ୍ର ଅଭିଳାଷ ହୃଦୟରେ ଜାଗ୍ରତ ନ'ହେବାର ମୁଖ୍ୟ କାରଣ ହେଲା ସାଂସାରିକ ଭୋଗର ଇଚ୍ଛା । ଦେବଗଣ ଉପାସକକୁ ହିତ ଅହିତ ବିଚାର ନ'କରି କେବଳ ପୂଜା ଅର୍ଚ୍ଚନାରେ ତୁଷ୍ଟ ହୋଇ ଫଳ ଦେଇଥାନ୍ତି । ମାତ୍ର ପରମପିତା ଭଗବାନ କାମ୍ୟକର୍ମର ଫଳ ପ୍ରାପ୍ତି ପାଇଁ ପୂଜା କଲେ ମଧ୍ୟ ଯାହା ଭକ୍ତର ହିତକାରକ, ତାହା ବିଚାର କରି ତାଙ୍କ ଇଚ୍ଛାରେ ଫଳ ପ୍ରଦାନ କରିଥାନ୍ତି। ତେଣୁ ଭଗବାନଙ୍କୁ ପ୍ରାର୍ଥନାର ଅନ୍ତରେ "ପ୍ରଭୁ ତୁମ୍ଭର ଇଚ୍ଛା ହିଁ ପୂର୍ଣ୍ଣ ହେଉ: ଏହାକହି ପ୍ରାର୍ଥନା ସମାପ୍ତ କରିବା ଉଚିତ ।

**ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ ।**
**ତସ୍ୟ କର୍ତ୍ତାରମପି ମାଂ ବିଦ୍ଧ୍ୟକର୍ତ୍ତାରମବ୍ୟୟମ୍ ॥ ୧୩ ॥**

*ଅନ୍ୱୟ : ମୟା (ମୋ ଦ୍ୱାରା ) ଗୁଣ –କର୍ମ-ବିଭାଗଶଃ( ଗୁଣ ଓ କର୍ମର ବିଭାଗାନୁସାରେ ) ଚାତୁର୍ବର୍ଣ୍ଣ୍ୟମ୍ (ଚାରି ବର୍ଣ୍ଣ ) ସୃଷ୍ଟମ୍ (ରଚନା କରାଯାଇଛି )ତସ୍ୟ (ତାହାର) କର୍ତ୍ତାରମ୍ ଅପି(କର୍ତ୍ତା ହେଲେ ମଧ୍ୟ ) ମାମ୍ ,( ମୋତେ) ଅବ୍ୟୟ (ଅବିନାଶୀ ) ଅକର୍ତ୍ତାରମ୍ (ଅକର୍ତ୍ତା ) ବିଦ୍ଧି (ଜାଣ) ।*

**ଭାବାର୍ଥ** : ଗୁଣ ଓ କର୍ମର ବିଭାଗ ପୂର୍ବକ ବ୍ରାହ୍ମଣ,କ୍ଷତ୍ରିୟ,ବୈଶ୍ୟ ଓ ଶୂଦ୍ର ଏହି ଚାରି ଜାତି ବା ବର୍ଣ୍ଣ ସମୂହ ମୋରଦ୍ୱାରା ସୃଷ୍ଟି ହୋଇଅଛି । ଏହି ସୃଷ୍ଟିରଚନା ଆଦି କର୍ମ ମୋଠାରୁ ନିସୃତ ହୋଇଥିଲେ ମଧ, ମୋର ସେହି ଅବିନାଶୀ ପରମେଶ୍ୱର ସ୍ୱରୂପକୁ ବାସ୍ତବରେ ଅକର୍ତ୍ତା ବୋଲି ଜାଣିରଖ । ସମସ୍ତ ପ୍ରାଣୀ ଓ ମନୁଷ୍ୟ ପ୍ରଥମେ ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟି ହୋଇଛନ୍ତି । ସତ୍ୟଯୁଗରେ ଜାତି ବର୍ଣ୍ଣ ପ୍ରଥା ନ'ଥିଲା । ମହାଭାରତର ଶାନ୍ତିପର୍ବରେ "ଭୃଗୁ-ଭାରଦ୍ୱାଜ ସମ୍ବାଦ"ରେ ଭୃଗୁ କହିଛନ୍ତି : "ନ ବିଶେଷୋଅସ୍ତି ବର୍ଣ୍ଣାନାଂ ସର୍ବଂ ବ୍ରାହ୍ମମିଦଂ ଜଗତ୍ । ବ୍ରହ୍ମଣା ପୂର୍ବସୃଷ୍ଟଂ ହି କର୍ମଭିର୍ବର୍ଣ୍ଣତାଂ ଗତଂ ।।" ବ୍ରହ୍ମାଙ୍କ ସନ୍ତାନ ରୂପରେ ସମସ୍ତ ମାନବ ଜାତି ବ୍ରାହ୍ମଣ ନାମରେ ପରିଚିତ ଥିଲେ । ଏହାପରେ "ତେ ଦ୍ୱିଜାଃ କ୍ଷାତ୍ରତାଂ ଗତାଃ - ତେ ଦ୍ୱିଜାଃ ବୈଶ୍ୟତାଂ ଗତାଃ- ତେ ଦ୍ୱିଜାଃ ଶୂଦ୍ରତାଂ ଗତାଃ - ତେ ଦ୍ୱିଜାଃ ବର୍ଣ୍ଣନ୍ତରଂ ଗତାଃ" । ପରବର୍ତ୍ତୀ କାଳରେ କର୍ମପ୍ରଧାନ କାରଣରୁ ବ୍ରହ୍ମ ଉପାସନା ଓ ବ୍ରହ୍ମ ଚିନ୍ତନର ଅବନତି ଘଟିଲା । ସମ୍ଭବତଃ ତ୍ରେତା ଯୁଗର ପ୍ରାରମ୍ଭରେ ବିଭିନ୍ନ କର୍ମ ପ୍ରବୃତ୍ତିକୁ ନେଇ ବ୍ରାହ୍ମଣ ମାନଙ୍କ ଠାରୁ କ୍ଷତ୍ରିୟ,ବୈଶ୍ୟ,ଶୂଦ୍ର ଏହି ତିନି ବର୍ଣ୍ଣ ସୃଷ୍ଟିହେଲା । କାଳକ୍ରମେ କର୍ମପ୍ରବୃତ୍ତିର କାରଣରୁ ବର୍ଣ୍ଣାନୁକ୍ରମେ ଲୋକମାନଙ୍କ ପାଖରେ ସତ୍ତ୍ୱ,ରଜ,ତମ ଗୁଣାତ୍ମକ ସ୍ୱଭାବ ଦେଖାଗଲା । ବ୍ରାହ୍ମଣ ମାନେ ,ଯେଉଁମାନେ ବ୍ରହ୍ମ ଉପାସନା ବୃତ୍ତିରେ ରହିଲେ, ସେମାନେ ସତ୍ତ୍ୱ ପ୍ରଧାନ ଶମ, ଦମ ଆଦି ସମ୍ପନ୍ନ ହେଲେ । କ୍ଷତ୍ରିୟ ଗଣ, ରଜ ପ୍ରଧାନ- ସତ୍ତ୍ୱଗୌଣ ଗୁଣାଧୀନ ହୋଇ ଶୌର୍ଯ୍ୟ,ତେଜ,ବୀରତା ପ୍ରକାଶ କରିବା, ଯୁଦ୍ଧ କରିବା ,ପ୍ରଜା ପାଳନ କରିବା ପ୍ରଭୃତି କର୍ମରେ ଲିପ୍ତ ହେଲେ । ବୈଶ୍ୟଗଣ, ତମ ପ୍ରଧାନ- ରଜ ଗୌଣ ଗୁଣାଧୀନ ହୋଇ କୃଷି,ବାଣିଜ୍ୟ ,ଗୋରକ୍ଷା ଆଦି କର୍ମରେ ପ୍ରବୃତ୍ତ ହେଲେ । ଶୂଦ୍ରଗଣ ତମଃ ପ୍ରଧାନ ଗୁଣାଧୀନ ହୋଇ ଅନ୍ୟ ତିନି ବର୍ଣ୍ଣର ସେବାକାମରେ ପ୍ରବୃତ୍ତ ହେଲେ । ଏହିପରି ସମାଜରେ ଗୁଣ କର୍ମ ଅନୁଯାଇ ସମାଜବଦ୍ଧ ମନୁଷ୍ୟଙ୍କ ଭିତରେ ବର୍ଣ୍ଣ ବିଭାଗ ପ୍ରବର୍ତ୍ତିତ ହେଲା । ଏହି ବର୍ଣ୍ଣ ବିଚାରରେ ସମାଜର ହିତସାଧନ ହିଁ ପ୍ରଧାନ ଲକ୍ଷ ହୋଇଥିବାରୁ ସମାଜରେ କର୍ମ ଶୃଙ୍ଖଳା ତିଷ୍ଠି ରହିଥିଲା । ପ୍ରତ୍ୟେକ ବର୍ଣ୍ଣର କାର୍ଯ୍ୟ ପାଇଁ ସମାଜରେ ସମାନ ମର୍ଯ୍ୟାଦା ରହିଥିଲା। ଯଜ୍ଞ ଆଦି କର୍ମ ଅନୁଷ୍ଠାନରେ ସମସ୍ତ ବର୍ଣ୍ଣର ଲୋକଙ୍କର ପ୍ରୟୋଜନ ଓ ସେମାନଙ୍କର ଅଂଶଗ୍ରହଣ ରହୁଥିଲା । ବର୍ତ୍ତମାନ ସମୟରେ ମଧ ଦେଖିବାକୁ ମିଳୁଛି , ଯଜ୍ଞ ଆଦି କର୍ମ ସଂମ୍ପୂର୍ଣ୍ଣ ଓ ପୂର୍ଣ୍ଣାଙ୍ଗ କରିବା ପାଇଁ ସବୁ ବର୍ଣ୍ଣର ପ୍ରଜାଙ୍କ ସହଯୋଗର ଆବଶ୍ୟକତା କରାଯାଉଛି । ଜନ୍ମ ପରେ ଜନ୍ମ, ଶୁଦ୍ଧ ସଂସ୍କାରକୁ ନେଇ ମନୁଷ୍ୟ ତମଃ ପ୍ରଧାନ ଶୂଦ୍ର ବର୍ଣ୍ଣରୁ ଉତ୍ଥାନ ହୋଇ, ସୋପାନ ପରେ ସୋପାନ ଅତିକ୍ରମକରି ସତ୍ତ୍ୱପ୍ରଧାନ ବ୍ରାହ୍ମଣ ବର୍ଣ୍ଣକୁ ପ୍ରାପ୍ତ କରି ଥାଏ । ଚାତୁର୍ବର୍ଣ୍ଣ୍ୟକୁ କେହି, କର୍ମ ଓ ଗୁଣର ପ୍ରଧାନତାରୁ କାର୍ମିକ କହନ୍ତି । କେହି ଜନ୍ମର ପ୍ରଧାନତାରୁ ସ୍ୱାଭାବିକ ମାନିଥାନ୍ତି । ଆଉ କେହି କେହି ପ୍ରାରବ୍ଧ ଓ ଅଦୃଷ୍ଟ କାରଣରୁ ଏହାକୁ ବ୍ରାହ୍ମ ଅଥବା ଈଶ୍ୱରୀୟ ମଧ ମାନିଥାନ୍ତି । ଏହିପରି ଏହାର ତିନିପକ୍ଷ ବିଚାର ରହିଛି । ବର୍ତ୍ତମାନ ସମୟରେ ସମାଜରେ ବର୍ଣ୍ଣ ବ୍ୟବସ୍ଥାର କିଛି ଶିଥିଳତା ,ନିଷ୍ପ୍ରୟୋଜନତା ଦେଖାଯାଉଥିଲେ ମଧ ଏହି ବର୍ଣ୍ଣ ବିଭାଗର ଆଧାର ସମାଜ,ଗୋଷ୍ଠି,ରାଷ୍ଟ୍ରର ସମୃଦ୍ଧି ପାଇଁ ଅତି ଗୁରୁତ୍ତ୍ୱପୂର୍ଣ୍ଣ । ଶ୍ରମିକ ହିଁ କେବଳ ଶ୍ରମ ଦାନ କରିପାରିବ। ଉଦ୍ୟୋଗପତି,କୃଷକ ନିଜ ନିଜ ସମ୍ବଳ ଲଗାଇ ସମାଜରେ ଅର୍ଣ୍ଣ,ବସ୍ତ୍ର ଭଳି ବଞ୍ଚିବାର ଅବଶ୍ୟକତାକୁ ପୂରଣ କରିବେ । ଶୃଙ୍ଖଳିତ ସୈନିକ ସମାଜକୁ, ରାଷ୍ଟ୍ରକୁ ସୁରକ୍ଷା ଯୋଗାଇବେ । ଜଣେ ବୁଦ୍ଧିମାନ୍ ଜ୍ଞାନୀ ପ୍ରଶାସକ ସମାଜ ଓ ରାଷ୍ଟ୍ରକୁ ଏକ

ସୁଚିନ୍ତିତ ବିଚାରଧାରାରେ ଚଳାଇ ନାଗରିକଙ୍କର ନୈତିକ ମୂଲ୍ୟବୃଦ୍ଧି ସହ ବୈଷୟିକ ଉନ୍ନତି ସାଧନ କରିବାରେ ସମର୍ଥ ହୋଇପାରିବ । ଋଗ୍ ବେଦ ସଂହିତାର ପୁରୁଷ ଶୁକ୍ତର ଦ୍ୱାଦଶ ଋକ୍ ରେ ଲେଖାଅଛି :

" ବ୍ରାହ୍ମଣୋଅସ୍ୟ ମୁଖମାସୀଦ୍ ବାହୁ ରାଜନ୍ୟଃ କୃତଃ । ଉର ତଦସ୍ୟ ଯଦ୍ ବୈଶ୍ୟଃ ପଦଭ୍ୟାଂ ଶୁଦ୍ରୋଅଜାୟତ" । ବେଦର ଏହି ମନ୍ତ୍ର ଚତୁର୍ବର୍ଣ୍ଣ୍ୟର ଆଧାର ବ୍ୟକ୍ତ କରିଥାଏ । ପରମ ପୁରୁଷଙ୍କ ମୁଖରୁ ବ୍ରାହ୍ମଣ , ବାହୁରୁ କ୍ଷତ୍ରିୟ, ଉର ରୁ ବୈଶ୍ୟ ,ଏବଂ ତାଙ୍କର ପାଦରୁ ଶୂଦ୍ର ଉତ୍ପନ୍ନ ହେଲେ । ଏହାର ତାତ୍ପର୍ଯ୍ୟ ହେଲା ,ବ୍ରାହ୍ମଣ ଜ୍ଞାନ ଓ ଧର୍ମକର୍ମ ଶିକ୍ଷା ଦିଅନ୍ତି । ଅତଏବ ମାନବ ସମାଜର ମୁଖ ସ୍ୱରୂପ । ଯେଉଁମାନେ ଶରୀର ଉତ୍ସର୍ଗ କରି ବାହୁ ବଳରେ ସମାଜକୁ ସୁରକ୍ଷା ଦିଅନ୍ତି , ସେମାନେ କ୍ଷତ୍ରିୟ ଓ ସେମାନେ ସମାଜର ବାହୁ ସ୍ୱରୂପ । ଯେଉଁମାନେ ଅନ୍ନ , ବସ୍ତ୍ର ଆଦି ବଞ୍ଚିବାର ସମସ୍ତ ଦ୍ରବ୍ୟ ଯୋଗାଇଲେ , ସେମାନେ ବୈଶ୍ୟ । ସମାଜର ସେମାନେ ଉଦର ଓ ଭାର ବହନକାରୀ ଉରସଦୃଶ। ଯେଉଁମାନେ ସମାଜର ନିମ୍ନସ୍ତରରେ ରହି ସମସ୍ତଙ୍କର ସେବା କାର୍ଯ୍ୟରେ ଶ୍ରମ ଦାନ କଲେ, ସେମାନେ ଶୂଦ୍ର ବା ସମାଜର ପାଦ ସ୍ୱରୂପ। ଜ୍ଞାନର ପ୍ରାଧାନ୍ୟତାରେ ମୁଖ ବ୍ରାହ୍ମଣ, କର୍ମର ପ୍ରାଧାନ୍ୟତାରେ ବାହୁ କ୍ଷତ୍ରିୟ, ବସ୍ତୁ ବିନିମୟ ଭାର ବହନର ଦୃଷ୍ଟିରେ ଉର ବୈଶ୍ୟ , ଏବଂ ସେବା,ଶ୍ରମ ପହଞ୍ଚାଇବା ଦୃଷ୍ଟିରେ ପାଦ ଶୂଦ୍ର । ଶରୀରର କୌଣସି ଅଙ୍ଗ ଅନାବଶ୍ୟକ ହୋଇ'ନଥାଏ । ଯେପରି ଚାରି ଅବୟବ ର କାର୍ଯ୍ୟକାରିତାରେ ଶରୀର ପୂର୍ଣ୍ଣକ୍ଷମ ହୋଇଥାଏ, ସେହିପରି ସମାଜର ହେଉ କିମ୍ବା ରାଷ୍ଟ୍ରର ସମୃଦ୍ଧି ପାଇଁ ଜ୍ଞାନ,ବଳ,ବସ୍ତୁ,ଶ୍ରମ ବା ସେବାର ଆବଶ୍ୟକତା ଅନିବାର୍ଯ୍ୟ । ଦୈନନ୍ଦିନ ବ୍ୟକ୍ତିଗତ ଜୀବନରେ ସଫଳତା ପ୍ରାପ୍ତି ପାଇଁ ମଧ୍ୟ ଏହି ଚାରିଅଙ୍ଗର ବିଶେଷ ଉପାଦେୟତା ରହିଛି। ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କର ସ୍ଥିତିକୁ ନିରୀକ୍ଷଣ କଲେ ଜାଣିପାରିବା, ଅର୍ଜୁନଙ୍କ ବାହୁରେ ଅପରିମେୟ ଶକ୍ତି,ଗାଣ୍ଡୀବ ଓ ପଶୁପତ ଅସ୍ତ୍ରଭଳି ବସ୍ତୁ ,ସୁସଙ୍ଗଠିତ ପଦାତିକ ବାହିନୀ ସେବକ ରୂପରେ ଅଗ୍ରଭାବରେ ରହିଥିଲେ ମଧ୍ୟ, ବୁଦ୍ଧି ବିମୋହିତ କାରଣରୁ ତାଙ୍କ ପାଖରେ ଯଥାର୍ଥ ଜ୍ଞାନ ବା ଇଚ୍ଛା ଶକ୍ତିର ଅଭାବ ଦେଖା ଦେଇଥିଲା । ତେଣୁ ସେ ଯୁଦ୍ଧକ୍ଷେତ୍ରରୁ ପଳାୟନ କରିବାକୁ ଚାହୁଁଥିଲେ। ଭଗବନାନଙ୍କ ଦ୍ୱାରା କୁହାଯାଇଥିବା ଏହି ଚତୁର୍ବର୍ଣ୍ଣ୍ୟ ତତ୍ତ୍ୱରେ ଅନେକ ଗୁରୁତ୍ୱ ରହିଛି । ଭଗବାନ ଅନାଦି । ଭଗବାନଙ୍କର ଅପରା ଶକ୍ତି :ପ୍ରକୃତି ଓ ଗୁଣ ହେଉଛି ଅନାଦି । ଜୀବ ଅନାଦି । ଜୀବର ଶରୀରରେ ପ୍ରକୃତି ଗୁଣ ଜନିତ କର୍ମ ମଧ୍ୟ ଅନାଦି । ଭଗବାନ ହିଁ ସର୍ବ ଉପାଦାନ ଅଟନ୍ତି । ଭଗବାନଙ୍କର ଯୋଗଶକ୍ତିରେ ଜୀବର ଶରୀର ନିର୍ମିତ । ଭଗବାନ କହୁଛନ୍ତି: ମୁଁ ସର୍ବେଶ୍ୱର ,ମୁଁ ସର୍ବ ନିର୍ମାତା, ଗୁଣ ଆଉ କର୍ମ କାରଣ ମାତ୍ର । ମୁଁ ହିଁ ବୈଶ୍ୱନର ହୋଇ ଶୂଦ୍ରର ସୃଷ୍ଟି କରିଛି । ମୁଁ ହିଁ ତୈଜସ ହିରଣ୍ୟ ଗର୍ଭ ହୋଇ ବୈଶ୍ୟର ସୃଷ୍ଟି କରିଛି। ମୁଁ ହିଁ ପ୍ରାଜ୍ଞ ଈଶ୍ୱର ହୋଇ କ୍ଷତ୍ରିୟ ସୃଷ୍ଟି କରିଛି । ମୁଁ ହିଁ ତୁରୀୟ ବ୍ରହ୍ମରୂପରେ ବ୍ରାହ୍ମଣଙ୍କ ସୃଷ୍ଟି କରିଛି । ତେଣୁ ଚାରି ବର୍ଣ୍ଣର ସୃଷ୍ଟିକର୍ତ୍ତା ମୁଁ । ଏହି ଚାରି ବର୍ଣ୍ଣ ଭଗବାନଙ୍କର ସର୍ବବ୍ୟାପୀ ଶାଶ୍ୱତ ସ୍ୱରୂପ ଠାରୁ ଭିନ୍ନ ନୁହନ୍ତି । ଏହାର ସୃଷ୍ଟିକର୍ତ୍ତା ହେଲେମଧ୍ୟ ଭଗବାନଙ୍କର ପୂର୍ଣ୍ଣତାର କେବେ ଅଭାବ ହୋଇନଥାଏ । ସେ ନିର୍ଲିପ୍ତ ଭାବରେ ସବୁ ବର୍ଣ୍ଣରେ ପୂର୍ଣ୍ଣତା ଭାବରେ ରହିଥାନ୍ତି । ଭଗବାନ ଏହି ଶ୍ଳୋକରେ ମାନବ ସମାଜକୁ ଏହି ଉପଦେଶ ଦେଉଛନ୍ତି କି' ଯିଏ ଯେଉଁ ବର୍ଣ୍ଣର ହୋଇ ଯେଉଁ

କର୍ମ କରନ୍ତୁନା କାହିଁକି , ସେମାନେ ମୋରସଦୃଶ କର୍ତ୍ତାପନ ଓ ଫଳାସକ୍ତିରୁ ରହିତ ହୋଇ, ସଂସାର କଲ୍ୟାଣ ଉଦ୍ଦେଶ୍ୟରେ ଅନ୍ତଃକରଣର ନିର୍ମଳ ପାଇଁ କର୍ମ କରିବା ଉଚିତ ।

**ନ ମାଂ କର୍ମାଣି ଲିମ୍ପନ୍ତି ନ ମେ କର୍ମଫଳେ ସ୍ପୃହା ।**

**ଇତି ମାଂ ଯୋ ଅଭିଜାନାତି କର୍ମଭିର୍ନ ସ ବଧ୍ୟତେ ॥୧୪॥**

*ଅନ୍ୱୟ : କର୍ମଫଳେ ( କର୍ମଫଳରେ ) ମେ (ମୋର) ସ୍ପୃହା (ଆସକ୍ତି) ନ ( ନଥାଏ )। କର୍ମାଣି (କର୍ମ ସମୂହ ) ମାମ୍ (ମୋତେ) ନ ଲିମ୍ପନ୍ତି (ଲିପ୍ତ କରିପାରନ୍ତି ନାହିଁ) ଇତି ( ଏହିପରି )ଯଃ (ଯିଏ ) ମାମ୍ (ମୋତେ) ଅଭିଜାନାତି (ତତ୍ତ୍ୱତଃ ଜାଣିଯାଏ) ସଃ ( ସେ ମଧ୍ୟ ) କର୍ମଭିଃ(କର୍ମ ମାନଙ୍କରେ ) ନ ବଧ୍ୟତେ (ବାନ୍ଧି ହୁଏ ନାହିଁ)।*

**ଭାବାର୍ଥ :**କର୍ମରେ ଭଗବାନଙ୍କର କୌଣସି ପ୍ରୟୋଜନ ରହିନ'ଥାଏ । ଅବ୍ୟକ୍ତ ରୂପରେ ସେ ସର୍ବତ୍ର ବିଦ୍ୟମାନ । ସେ ସର୍ବଜ୍ଞ,ସର୍ବଭୂତ ନିବାସୀ ଓ ସର୍ବଶେଷ କର୍ତ୍ତା । ଭୌତିକ ସୃଷ୍ଟିରେ ସେ କେବଳ ସର୍ବଶେଷ କାରଣ ହୋଇଥାନ୍ତି । କିନ୍ତୁ ତତ୍ କାଳୀନ କାରଣ ହେଉଛି ଭୂତ ପ୍ରକୃତି । ଭଗବାନଙ୍କର ଯୋଗମାୟା ଶକ୍ତିରେ ହିଁ ବ୍ରହ୍ମାଣ୍ଡ ପରିଚାଳିତ । ପରମେଶ୍ୱର କେବଳ ଉପଦ୍ରଷ୍ଟା ଭାବରେ ସାକ୍ଷୀ ହୋଇ ରହିଥାନ୍ତି । ସୃଷ୍ଟିର ସର୍ଜନା ଓ ବିଲୟ ଆଦି କ୍ରିୟା ଭଗବାନଙ୍କ ନାମରେ ହେଉଥିଲେ ମଧ୍ୟ , ସେ ସେଥିରେ ଅକର୍ତ୍ତା ଏବଂ ନିର୍ଲିପ୍ତ ହୋଇଥାନ୍ତି । ଭଗବାନଙ୍କ ପାଖରେ କର୍ତ୍ତୃତ୍ୱାଭିମାନ କି' ଭୋକ୍ତୃତ୍ୱାଭିମାନ ନାହିଁ। ତେଣୁ କୌଣସି ପରିଣାମ ବା ଫଳପ୍ରତି ଭଗବାନଙ୍କର ସ୍ପୃହା ନ'ଥାଏ କି' କୌଣସି ବସ୍ତୁର କିଛି ବି ଅପେକ୍ଷା ରହିନ'ଥାଏ । ଭଗବାନଙ୍କର ଅବତାରକାଳିନ ଲୀଳା ଓ ସୃଷ୍ଟି ସର୍ଜନା, ପ୍ରଳୟ ଆଦି କର୍ମରେ କର୍ତ୍ତୃତ୍ୱାଭିମାନ ଓ ଭୋଗ ଇଚ୍ଛା ନ'ଥାଏ। ଭଗବାନଙ୍କ ଦ୍ୱାରା ଯାହା କିଛି କର୍ମହେବାର ହୃଦବୋଧ ହୁଏ, ସେସବୁ ମମତା,ଆସକ୍ତି ଓ ଫଳ ଇଚ୍ଛା ରହିତ ହୋଇ ଲୋକ ହିତ ନିମିତ୍ତ ହୋଇଥାଏ। ଜୀବ ପାଇଁ ନିଜ ନିଜ କର୍ମାନୁସାରେ ଫଳ ପ୍ରାପ୍ତିର ଯେଉଁ ବ୍ୟବସ୍ଥା ରହିଛି ,ସେଥିରେ ଭଗବାନଙ୍କର ବିସମତା, ପକ୍ଷପାତିତା , କିମ୍ବା ନିର୍ଦ୍ଦୟତା ରହି ନ'ଥାଏ। ସୂର୍ଯ୍ୟ ନ୍ୟୁନାଧିକ ନ'କରି ସମସ୍ତଙ୍କର ଉପକାର ନିମନ୍ତେ ସମାନ ଭାବରେ ଉଷ୍ଣତା ଓ ପ୍ରକାଶ ପ୍ରଦାନ କରିଥାନ୍ତି । ଭଗବାନ ସେହିପରି ଜୀବର ଏକମାତ୍ର କଲ୍ୟାଣ ଉଦ୍ଦେଶ୍ୟରେ ହିଁ ସମ ଦୃଷ୍ଟିରେ ନିଜ ଦିବ୍ୟ କର୍ମଦ୍ୱାରା ସଂସାରର ହିତ ସାଧନ କରିଥାନ୍ତି । ଫଳଇଚ୍ଛା ଓ କର୍ତ୍ତୃତ୍ୱାଭିମାନରେ ସାଧାରଣ ମନୁଷ୍ୟ ଦ୍ୱାରା ଯେଉଁ କର୍ମ ହୁଏ , ରାଗ-ଦ୍ୱେଷ କାରଣରୁ ତାହା ବନ୍ଧନରେ ପକାଏ । କର୍ତ୍ତୃତ୍ୱ ଏବଂ ଭୋକ୍ତୃତ୍ୱ ହିଁ ସଂସାର ,କିନ୍ତୁ ଏହି ଦୁଇଟିଯାକ ଅବାସ୍ତବ । ପରମାର୍ଥ ସ୍ୱରୂପ ଆତ୍ମାର ସହିତ ଏହାର କୌଣସି ସମ୍ବନ୍ଧ ନାହିଁ । ଭଗବାନଙ୍କର ଏହି ଦିବ୍ୟକର୍ମର ଯଥାର୍ଥ ଜ୍ଞାନ ହୋଇଥିବା ମହାତ୍ମାଙ୍କର କର୍ମ ମଧ୍ୟ ପରମାତ୍ମାଙ୍କ ସଦୃଶ ମମତା, ଫଳାଇଚ୍ଛା,ଆସକ୍ତି,ରହିତ ହୋଇ ଲୋକ ସଂଗ୍ରହ ନିମନ୍ତେ ହୋଇଥାଏ। ତେଣୁ ମହାତ୍ମାଙ୍କ କର୍ମକୁ ଚେଷ୍ଟା ବା କ୍ରିୟା କୁହାଯାଇଥାଏ, ଯାହା ବନ୍ଧନର କାରଣ ହୋଇନ'ଥାଏ। ପରମାତ୍ମା ସ୍ୱୟଂ ଅଂଶ, ବା ଖଣ୍ଡ ନୁହନ୍ତି। ସେ ପରିପୂର୍ଣ୍ଣ । ତେଣୁ ସେ କାମନା, ବାସନା ଆଦି ଅତୀତ । ସାଂସାରିକ ଦୃଷ୍ଟିକୋଣରୁ ବିଚାରକଲେ , ମନୁଷ୍ୟର ସ୍ୱଭାବ ପରମାତ୍ମାଙ୍କଠାରୁ ଭିନ୍ନ । ଅଂଶୀ ହେଲେ କାରଣ ନିଶ୍ଚୟ

ରହିବ । ଆତ୍ମା ପରମାତ୍ମାଙ୍କର ଅଂଶ । ତେଣୁ ଆତ୍ମା, ଜୀବଦ୍ୱାରା ଆବଦ୍ଧ ହୋଇ ସୂକ୍ଷ୍ମ ଶରୀର ରୂପି କାରଣକୁ ଧରି ବାରମ୍ବାର ଜନ୍ମ ନିଏ । କାରଣଭୂତ ଶରୀରକୁ ପ୍ରାପ୍ତ ହୋଇ ମନୁଷ୍ୟ ହିଁ କେବଳ ଗୁଣ ଓ କର୍ମର ଅଧୀନ ହୁଏ । କର୍ମ ସ୍ୱୟଂ ବନ୍ଧନର କାରଣ ନୁହେଁ । ମନୁଷ୍ୟର ଅନ୍ତଃକରଣରେ ଯେଉଁ ରାଗ-ଦ୍ୱେଷ ଥାଏ ,ବୁଦ୍ଧି ସେଥିରେ ବିକାରଗ୍ରସ୍ତ ହୁଏ। ରାଗ-ଦ୍ୱେଷ ପ୍ରେରଣାରେ ଯେଉଁ କର୍ମ କରାଯାଇଥାଏ, ତାହା ବନ୍ଧନର କାରଣ ହୁଏ । ଆତ୍ମା ଓ ପରମାତ୍ମା ଅଭିନ୍ନ । ଯଦି ଏହା ଏକ ହୋଇନ'ଥାନ୍ତା, ତା'ହେଲେ ପରମାତ୍ମାତତ୍ତ୍ୱ ଜ୍ଞାନରେ ଆତ୍ମାର ମୁକ୍ତି ହେଉନ'ଥାନ୍ତା । ଆମର ଯେତେବେଳେ ଏହି ଜ୍ଞାନ ହୋଇଥାଏ କି' ସବୁ କିଛି କରି ମଧ ପରମାତ୍ମା ଅକର୍ତ୍ତା ଏବଂ ଅଭୋକ୍ତା, ଏବଂ ତାଙ୍କରି ଦିବ୍ୟ କର୍ମ କର୍ତୃତ୍ୱ ଓ ଭୋକ୍ତୃତ୍ୱରୁ ମୁକ୍ତ, ସେତେବେଳେ ଅନ୍ତଃକରଣରେ ଦେହାଭିମାନର ସ୍ୱତଃ ଅଭାବ ହୁଏ । ଶରୀରରେ ହେଉଥିବା କର୍ମର ଆତ୍ମା ସହିତ ସମ୍ବନ୍ଧ ରହେନାହିଁ । ଆତ୍ମା ଅକର୍ତ୍ତା ଓ ଅଭୋକ୍ତା ହୋଇ ସାକ୍ଷଭାବରେ ରହେ । ଏହି ଭାବରେ ଆତ୍ମା ଓ ପରମାତ୍ମର ଏହି ଦୁଇର ଅଭେଦ ବୋଧ ଦ୍ୱାରା ମନୁଷ୍ୟ କର୍ମ ବନ୍ଧନରୁ ମୁକ୍ତ ହୋଇଥାଏ ।

**ଏବଂ ଜ୍ଞାତ୍ୱା କୃତଂ କର୍ମ ପୂର୍ବୈରପି ମୁମୁକ୍ଷୁଭିଃ ।**
**କୁରୁ କର୍ମୈବ ତସ୍ମାତ୍ତ୍ୱଂ ପୂର୍ବୈଃ ପୂର୍ବତରଂ କୃତମ୍ ॥ ୧୫॥**

*ଅନ୍ୱୟ : ପୂର୍ବେ (ପୂର୍ବ କାଳରେ ) ମୁମୁକ୍ଷୁଭିଃ (ମୁମୁକ୍ଷୁ ମାନେ ) ଅପି (ମଧ୍) ଏବଂ ଜ୍ଞାତ୍ୱା (ଏହା ଜାଣି ଅର୍ଥାତ୍ ପରମାତ୍ମାଙ୍କ ଦିବ୍ୟ କର୍ମକୁ ତତ୍ତ୍ୱତଃ ଜାଣି ) କର୍ମ (କର୍ମ) କୃତମ୍ (କରିଯାଇଛନ୍ତି ) ତସ୍ମାତ୍ (ତେଣୁ) ତ୍ୱମ୍ (ତୁମେ ମଧ୍) ପୂର୍ବୈଃ (ପୂର୍ବଜଙ୍କ ଦ୍ୱାରା ) ପୂର୍ବତରଂ( ବହୁ ପୂର୍ବରୁ) କୃତମ୍ କର୍ମ (କରାଯାଇଥିବା କର୍ମଗୁଡିକୁ) ଏବ(ସେହି ଭଳି ) କୁରୁ (କର ) ।*

**ଭାବାର୍ଥ :** ପୂର୍ବ କାଳରେ ମୁମୁକ୍ଷୁମାନେ ପରମାତ୍ମାଙ୍କ ଦିବ୍ୟ କର୍ମକୁ ତତ୍ତ୍ୱତଃ ଜାଣି, ଅର୍ଥାତ୍ ଅନାସକ୍ତ ଭାବରେ ଫଳାଇଚ୍ଛାକୁ ତ୍ୟାଗକରି, ଅନ୍ୟର ହିତପାଇଁ କର୍ତ୍ତବ୍ୟବୋଧରେ କର୍ମମାନ କରି ମୋକ୍ଷପ୍ରାପ୍ତ ହୋଇଛନ୍ତି । ଅତଏବ, ହେ ଅର୍ଜ୍ଜୁନ ! ବହୁକାଳପୂର୍ବରୁ ତୁମ୍ଭର ପୂର୍ବଜ ମାନେ ଯେପରି କର୍ତୃତ୍ୱ ଓ ଭୋକ୍ତୃତ୍ୱ ରହିତ ହୋଇ କର୍ମ କରିଯାଇଛନ୍ତି, ତୁମ୍ଭେ ମଧ ସେମାନଙ୍କୁ ଅନୁସରଣ କରି କର୍ତ୍ତବ୍ୟ କର୍ମ କରିବାକୁ ଯାଇ ଯୁଦ୍ଧରେ ଅବତୀର୍ଣ୍ଣ ହୁଅ ।

ଆମର ସଂସ୍କୃତି ହେଉଛି ସନାତନୀ । ସନାତନ ଶବ୍ଦର ଅର୍ଥ ହେଲା , ଯାହା ପୂର୍ବରେ ଥିଲା ,ଆଗକୁ ଆସିବ ଏବଂ ଯାହା ଏବେ ରହିଛି, ତାହା ପୁର୍ବରେ ଥିଲା । ସମ୍ପ୍ରତି ସମୟରେ, ପରିବାରର ମୁଖ୍ୟ ଯଦି ପରିବାରର ସମସ୍ତ ସଦସ୍ୟଙ୍କୁ କୁହନ୍ତି କି' ଆମର ପିତୃ, ପିତାମହ ପରମ୍ପରା ଅନୁଯାଇ ନିତ୍ୟ ଶାଳଗ୍ରାମ ପୂଜା କରି ଆସୁଛନ୍ତି, ଏବଂ ପ୍ରତ୍ୟହ ପଞ୍ଚ ଯଜ୍ଞ (ଦେବ-ପିତୃ-ଋଷି-ନୃ-ଭୁତ ଆଦି ଯଜ୍ଞ ) ସମାପ୍ତପରେ ଅନ୍ନ ଗ୍ରହଣ କରନ୍ତି । ଏହି ପରମ୍ପରାକୁ ସମସ୍ତ ପରିବାରର ସଦ୍ୟ ପାଳନ କରିବାକୁ ହେବ । ଏହା ସହିତ ଦଶ ମିନଟ୍ ସକାଳ ଓ ସନ୍ଧ୍ୟାରେ ପରମାତ୍ମାଙ୍କ ସହିତ ନିଷ୍କାମ ଭାବରେ ଯୁକ୍ତ ହୋଇ ଧ୍ୟାନ କରିବାକୁ ହେବ। ଏହି ନିର୍ଦ୍ଦେଶକୁ ପରିବାରର ସମସ୍ତ ସଦସ୍ୟ ସହଜରେ ଗ୍ରହଣ କରିପାରିବେ ନାହିଁ । ଏହାର ବିରୋଧଭାବକୁ ସାବ୍ୟସ୍ତ କରି ଯୁକ୍ତି ରଖିବେ କି' ଏଥିପାଇଁ କାହାର ସମୟ ନାହିଁ । ଦପ୍ତରଯିବା, ବ୍ୟାପାର ବୁଝିବା, କ୍ଲବ ଯିବା, ସିନେମା ଯିବା , ଏସବୁ ଭିତରେ ଭଗବାନଙ୍କର ଧ୍ୟାନର ବିଶେଷ କିଛି ପ୍ରୟୋଜନ ନାହିଁ । ପୂର୍ବଜଙ୍କ କାଳରେ ବର୍ତ୍ତମାନର ଅତ୍ୟାଧୁନିକ

ବୈଷୟିକ ପ୍ରଚଳନ ନ'ଥିବାରୁ ସେମାନେ ଏହା କରି ଆସୁଥିଲେ । ଏହି ଚିନ୍ତାଧାରାରେ ପୂର୍ବଜଙ୍କ କାର୍ଯ୍ୟଧାରାକୁ ନାପସନ୍ଦ କରି ସନାତନ ଧର୍ମର ପରମ୍ପରାକୁ ଆଗ ପିଢୀ ପାଇଁ ନଷ୍ଟ କରୁଛନ୍ତି । ଏହା ବର୍ତ୍ତମାନ ସମୟର ପିଢୀ ଓ ପିଢୀ ମଧ୍ୟରେ ମତ ପାର୍ଥକ୍ୟତାର ପ୍ରଶ୍ନ ଅଟେ । ଯଦି ସର୍ବାତ୍ମା ପରମାତ୍ମାଙ୍କ ନାମରେ ବିନା ପ୍ରୟୋଜନ,ବିନା ଲାଭ,ବିନା କାମନାରେ ଦଶ ମିନଟ୍ ଧ୍ୟାନ ଯୁକ୍ତ ହୋଇ ରହିବା ଗ୍ରହଣୀୟ ନୁହଁ , ଭାବନ୍ତୁ , ଆମର ଦୈନନ୍ଦିନ ଜୀବନ କେତେ ବିଡମ୍ବନାମୟ ହୋଇଗଲାଣି । କୁଳ ପରମ୍ପରା ଅନୁଯାଇ ଯାହା ଚାଲିଆସିଛି ,ଯଦି ସେଥିରେ କୌଣସି ଅନ୍ଧ ବିଶ୍ୱାସ ନିହିତ କିମ୍ବା ନୈତିକ ମୂଲ୍ୟବୋଧରେ କ୍ଷତି ପହଞ୍ଚାଉଛି, ତାହାକୁ ସୁବିଚାର ମତରେ ତ୍ୟାଗ କରିବା ଠିକ୍ ହେବ । କିନ୍ତୁ ଯେଉଁ ପରମ୍ପରାକୁ ଗ୍ରହଣ କରିନେଲେ , ଆମର ମନ,ବୁଦ୍ଧି,ଚିତ୍ତ ନିର୍ମଳ ହୋଇ ଚରିତ୍ର ନିର୍ମାଣ ହେବ, ତାହାକୁ ଅସ୍ୱୀକାର କରିବା ହେଉଛି ଅଜ୍ଞାନ । ପରମାତ୍ମାଙ୍କ ଚିନ୍ତନ ବିନା ବୁଦ୍ଧି ଓ ବିବେକ କେବେ ଜାଗ୍ରତ ହେବନାହିଁ । ଜୀବନରେ ସୁଖ ଓ ଶାନ୍ତି ପରିବର୍ତ୍ତେ, ଜୀବନ କେବଳ ବ୍ୟସ୍ତତା ହିଁ ବ୍ୟସ୍ତତା ମନେହେବ । କୌଣସି ସ୍ତରରେ ଜୀବନର ସଫଳତା ମିଳିବ ନାହିଁ । ପୂର୍ବଜଙ୍କର ଉତ୍ତମ ଚିନ୍ତାଧାରା ଓ ନିଃସ୍ୱାର୍ଥ କର୍ମଧାରାକୁ ଛାଡିଦେଲେ ଅନ୍ତଃକରଣରେ ଆଧ୍ୟାତ୍ମିକ ଚେତନାର ଜାଗ୍ରତ ପାଇଁ ଅନ୍ୟ କୌଣସି ମାର୍ଗ ନାହିଁ । ଏହି ବିଚାର ଧାରାରେ ଆମ୍ଭର ପୂର୍ବଜ , ପରମ୍ପରାଗତ ଭଗବଦ୍ ଚିନ୍ତନକୁ ମହତ୍ତ୍ୱ ଦେଇ ସନାତନ ଧର୍ମକୁ ଶାଶ୍ୱତ କରି ରଖିଛନ୍ତି । ଶ୍ରୁତି,ବେଦ,ଶାସ୍ତ୍ର ଆଦି ପଢି ତାହାର ତତ୍ତ୍ୱକୁ ବୁଝିବା, ସର୍ବ ସାଧାରଣ ପାଇଁ ଅତି କଠିନ। ଶ୍ରେଷ୍ଠ ମହାଜନ ମାନେ ଯେଉଁ ସବୁ ଆଚରଣ କରି ଯାଇଛନ୍ତି,ସାଧାରଣ ବ୍ୟକ୍ତି ତାହାକୁ ଅନୁସରଣ କରିନେବା ଠାରୁ ଅଧିକ ସୁଗମ ମାର୍ଗ ଆଉ କିଛି ନାହିଁ । ପୂର୍ବରୁ ତୃତୀୟ ଅଧ୍ୟାୟ ରେ ଭଗବାନ କହିଛନ୍ତି , ଶାସ୍ତ୍ରର ବିକଳ୍ପ ରୂପରେ ସଦାଚାରୀଙ୍କ ଶରଣ ନେବା ଆବଶ୍ୟକ ପଡିଥାଏ । ଜନକ ଆଦି ରାଜର୍ଷିଙ୍କ ଉଦାହରଣ ଦେଇ, ତାଙ୍କର ପଦାଙ୍କ ଅନୁସରଣ କରିନେବାକୁ ଅର୍ଜୁନଙ୍କୁ ଉପଦେଶ ଦେଇଛନ୍ତି । ପରମ୍ପରାର କଥାକହି ଭଗବାନ ପରୋକ୍ଷଭାବେ ଅର୍ଜୁନଙ୍କୁ ସୂଚାଇ ଦେଇଛନ୍ତି କି' ଏକଦା ପିତାମହ ଭୀଷ୍ମ ତାଙ୍କର ଗୁରୁ ପରଶୁରାମଙ୍କ ସହିତ ଯୁଦ୍ଧ କରି ବିଜୟପ୍ରାପ୍ତ ହୋଇଛନ୍ତି । ତେଣୁ ନ୍ୟାୟ ଓ ସ୍ୱଧର୍ମ ପାଳନରେ ଗୁରୁଜନଙ୍କ ସହିତ ଯୁଦ୍ଧରେ ପ୍ରବୃତ୍ତ କ୍ଷତ୍ରିୟ ପାଇଁ ଅସଦାଚରଣ କିମ୍ବା ପାପାଚାର ହେବନାହିଁ । ବରଂ ଏହା ସ୍ୱଧର୍ମ ପାଳନରେ ମୋକ୍ଷର ସହାୟକ ହେବ। ଧର୍ମ,ଅର୍ଥ,କାମ କେଉଁ ସମୟରେ ଇଚ୍ଛା ହୋଇଥାଏ, ଆଉ କେଉଁ ସମୟରେ ହୋଇନ'ଥାଏ । ମାତ୍ର ମୋକ୍ଷ ଏପରି ବସ୍ତୁ ଯାହା ସବୁ ସମୟରେ ସମସ୍ତଙ୍କର ଇପ୍ସିତ। ସ୍ୱର୍ଗପ୍ରାପ୍ତ କରି ସୁଖଭୋଗ କରିବା ମୋକ୍ଷ ନୁହେଁ । ଦୁଃଖ ଓ ଦୁଃଖର କାରଣକୁ ସବୁକାଳ ପାଇଁ ସମୂଳେ ସମାପ୍ତ କରିଦେବାର ନାମ ମୋକ୍ଷ । ସବୁଠାରୁ ବଡ ଆନନ୍ଦପ୍ରାପ୍ତ ଜୀବନର ନାମ ମୋକ୍ଷ । ଭଗବାନ ଅର୍ଜୁନଙ୍କୁ ଆଜ୍ଞା ଦେଉଛନ୍ତି କି' ତୁମ୍ଭେ ମୁମୁକ୍ଷୁ । ତେଣୁ ଯେପରି ପୂର୍ବକାଳରେ ମୁମୁକ୍ଷୁମାନେ ଲୋକ ହିତ ନିମିତ୍ତ କର୍ମକରି ଯାଇଛନ୍ତି ,ସେହିପରି ତୁମେ ମଧ୍ୟ ସଂସାରର କଲ୍ୟାଣ ପାଇଁ ଯୁଦ୍ଧକର ।

**କିଂ କର୍ମ କିମକର୍ମେତି କବୟୋଅପ୍ୟତ୍ର ମୋହିତାଃ ।**
**ତତ୍ତେ କର୍ମ ପ୍ରବକ୍ଷ୍ୟାମି ଯଜ୍ଜ୍ଞାତ୍ୱା ମୋକ୍ଷ୍ୟସେଅଶୁଭାତ୍ ॥ ୧୬॥**

*ଅନ୍ୱୟ: କର୍ମ କିଂ (କର୍ମ କଣ ) ଅକର୍ମ କିଂ (କର୍ମ ଶୂନ୍ୟତା ବା କଣ ) ଇତି (ଏହିଭଳି) ଅତ୍ର (ଏହି ବିଷୟରେ)କବୟଃ (ବିଦ୍ୱାନ୍ ) ଅପି (ମଧ୍ୟ) ମୋହିତାଃ (ମୋହିତ ହୋଇଯାନ୍ତି ) ତତ୍ କର୍ମ (ସେହି କର୍ମ) ତେ (ତୁମ୍ଭଙ୍କୁ ) ପ୍ରବକ୍ଷ୍ୟାମି (ସମ୍ୟକ୍ ଭାବେ କହିବି ) ଯତ୍ ଜ୍ଞାତ୍ୱା (ଯାହା ଜାଣିଲେ ) ଅଶୁଭାତ୍ ( ସଂସାର ବନ୍ଧନରୁ ) ମୋକ୍ଷ୍ୟସେ( ମୁକ୍ତ ହୋଇଯିବ )।*

**ଭାବାର୍ଥ :**ଏହି ମନୁଷ୍ୟଲୋକରେ , କର୍ମ କଣ , ଅକର୍ମ କଣ , ଏହି ବିଷୟରେ ପଣ୍ଡିତ ଲୋକ ମଧ୍ୟ ନିର୍ଣ୍ଣୟ କରିନ'ପାରି ସଂଶୟରେ ପଡି ଥାନ୍ତି । ସେହି କର୍ମ ଓ ଅକର୍ମର ର ସଜ୍ଞା କଣ, ତାହା ସମ୍ୟକ୍ ଭାବରେ ବୁଝାଇ କହୁଛି, ତାହା ତୁମ୍ଭେ ଶୁଣ ବୋଲି ଭଗବାନ ଅର୍ଜୁନଙ୍କୁ କହୁଛନ୍ତି । ଏହି କର୍ମତତ୍ତ୍ୱକୁ ତୁମ୍ଭେ ଜାଣିପାରିଲେ, ସଂସାର ବନ୍ଧନରୁପକ ଅଶୁଭରୁ ମୁକ୍ତ ହୋଇପାରିବ , ଅର୍ଥାତ୍ କର୍ମ ତୁମ୍ଭର ବନ୍ଧନର କାରଣ ହେବନାହିଁ । ସାଧାରଣତଃ ମନୁଷ୍ୟ ମାନିଥାଏ କି' ଶାସ୍ତ୍ର ସମ୍ମତ ଯୋଗ୍ୟ କାର୍ଯ୍ୟରେ ଲିପ୍ତ ହେଉଛି କର୍ମ । ସ୍ୱରୂପରୁ କ୍ରିୟାକୁ ତ୍ୟାଗ କରିଦେବା ଅର୍ଥାତ୍ କର୍ତ୍ତବ୍ୟ କର୍ମକୁ ଛାଡି ଚାଲିଯିବା ହେଉଛି ଅକର୍ମ । କିନ୍ତୁ ଏତିକି ମାତ୍ର ଜାଣିବାରେ ,ବାସ୍ତବରେ କର୍ମ ଓ ଅକର୍ମର ନିର୍ଣ୍ଣୟ ହୋଇ ପାରିନ'ଥାଏ । କର୍ମର ତତ୍ତ୍ୱକୁ ଗଭୀର ଭାବରେ ବୁଝିନେବାର ଆବଶ୍ୟକତା ରହିଛି । ରାମାନୁଜଙ୍କ ବ୍ୟାଖ୍ୟା ଅନୁଯାଇ, ଯାହା ମୁକ୍ତିର ମାର୍ଗ ଦେଖାଇଥାଏ ତାହା କର୍ମ । ଆତ୍ମା ସମ୍ବନ୍ଧୀୟ ଜ୍ଞାନ ହେଉଛି ଅକର୍ମ ।

**କର୍ମଣୋ ହ୍ୟପି ବୋଦ୍ଧବ୍ୟଂ ବୋଦ୍ଧବ୍ୟଂ ଚ ବିକର୍ମଣଃ ।**

**ଅକର୍ମଣଶ୍ଚ ବୋଦ୍ଧବ୍ୟଂ ଗହନା କର୍ମଣୋ ଗତିଃ ॥ ୧୭॥**

*ଅନ୍ୱୟ: କର୍ମଣଃ (କର୍ମର ତତ୍ତ୍ୱ ) ଅପି (ମଧ୍ୟ) ବୋଦ୍ଧବ୍ୟମ୍ (ଜାଣିବା ଉଚିତ ) ଚ (ଏବଂ) ଅକର୍ମଣଃ (ଅକର୍ମର ତତ୍ତ୍ୱ) ବୋଦ୍ଧବ୍ୟମ୍ ( ଜାଣିବା ଉଚିତ ) ଚ (ତଥା) ବିକର୍ମଣଃ ( ବିକର୍ମର ତତ୍ତ୍ୱ ମଧ୍ୟ ) ବୋଦ୍ଧବ୍ୟମ୍ (ଜାଣିବା ଉଚିତ) ହି (କାରଣ) କର୍ମଣଃ (କର୍ମର) ଗତି ( ତତ୍ତ୍ୱ ) ଗହନ ( ବୁଝିବା ଅତି ଦୁଷ୍କର) ।*

**ଭାବାର୍ଥ** : କର୍ମର ସ୍ୱରୂପ ଜାଣିବା ଉଚିତ , ଅକର୍ମର ସ୍ୱରୂପ ମଧ୍ୟ ଜାଣିବା ଉଚିତ । ବିକର୍ମ ଅର୍ଥାତ୍ ଯାହା ଶାସ୍ତ୍ର ନିଷିଦ୍ଧ , ତାହା ମଧ୍ୟ ଜାଣିବା ଉଚିତ। କାରଣ କର୍ମ ପ୍ରବାହର ଭାବକୁ ବୁଝିବା ଅତ୍ୟନ୍ତ କଠିନ । ବାହ୍ୟ ଆଚରଣରୁ କର୍ମର ସଜ୍ଞା ନିରୂପଣ ହୋଇନ'ଥାଏ। କର୍ମର ଅନ୍ତରାଳରେ ଯେଉଁ ଉଦ୍ଦେଶ୍ୟ ରହିଥାଏ , ସେଥିରୁ ତାହା କର୍ମ, କି' ଅକର୍ମ, କି' ବିକର୍ମ ବୁଝିବାକୁ ହେବ । ସକାମ ଭାବରେ ଶାସ୍ତ୍ର ସମ୍ମତ କରାଯାଉଥିବା କ୍ରିୟା , କର୍ମରେ ପରିଣତ ହୋଇଥାଏ । ଏହି କର୍ମ କାମନାରୁ ଉତ୍ପନ୍ନ ହୁଏ । ରାଗ-ଦ୍ୱେଷ କାରଣରୁ କର୍ମ ଓ କର୍ମଫଳ ପ୍ରତି ଆସକ୍ତି ରହିଥାଏ । କର୍ମରେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ରହିବାରୁ ଏହା ବନ୍ଧନ କାରଣ ହୁଏ । କର୍ମ ଶୂନ୍ୟତା ଅର୍ଥାତ୍ କର୍ମକୁ ସ୍ୱରୂପରୁ ତ୍ୟାଗ କରିବା ହେଉଛି ଅକର୍ମ । କିନ୍ତୁ ଭଗବାନ ଆଗକୁ ଅଠରଅଧ୍ୟାୟରେ କହିଛନ୍ତି, ମୋହ କାରଣରୁ କର୍ମ ତ୍ୟାଗ ତାମସିକ ତ୍ୟାଗ ଏବଂ ଶରୀର କ୍ଳେଶଭୟରୁ କର୍ମ ତ୍ୟାଗ ହେଉଛି ରାଜସିକ ତ୍ୟାଗ । କର୍ମରୁ ଫଳ ଇଚ୍ଛା ଏବଂ ଆସକ୍ତି ତ୍ୟାଗ କରିବା ହେଉଛି ସାତ୍ତ୍ୱିକ ତ୍ୟାଗ । ଏହି ସାତ୍ତ୍ୱିକ ତ୍ୟାଗ ଥାଇ ଶରୀରରେ ଯେଉଁ କର୍ମ ହୁଏ ତାହା ହେଉଛି ଅକର୍ମ । ସାତ୍ତ୍ୱିକ ତ୍ୟାଗରେ କର୍ମରୁ ସମ୍ବନ୍ଧ ଛିନ୍ନ ହୋଇଥାଏ। ନିର୍ଲିପ୍ତ ରହି କର୍ମ କରିବା ଓ ଅଥବା କର୍ମ କରି ମଧ୍ୟ ନିର୍ଲିପ୍ତ ରହିବା ହିଁ ପ୍ରକୃତରେ ଅକର୍ମ ଅବସ୍ଥା । ମମତା ,କାମନା, ଫଳଇଛା କର୍ମରେ ନ'ରହିଲେ ସମସ୍ତ କର୍ମ ସ୍ୱତଃ ଅକର୍ମ ହୋଇଯାଏ। ଶାସ୍ତ୍ର ନିଷିଦ୍ଧ କର୍ମ ହେଉଛି ବିକର୍ମ । କାମନା

ଅତ୍ୟନ୍ତ ବୃଦ୍ଧି ହୋଇ ତୃଷ୍ଣାରେ ପରିଣତ ହେଲେ , କର୍ମ ମଧ୍ୟ ବିକର୍ମ ହୋଇଯାଏ । ନିଷିଦ୍ଧ ଆଚରଣ ହେଉଛି ବିକର୍ମ ଏବଂ ବିହିତ ବା କର୍ତ୍ତବ୍ୟ କର୍ମର ଅନାଚରଣ ମଧ୍ୟ ବିକର୍ମ ଅଟେ। ମିଥ୍ୟା,କପଟ,ଚୋରୀ ,ବ୍ୟଭିଚାର,ହିଂସା , ପ୍ରଭୃତି ପାପଚାର ହେଉଛି ବିକର୍ମ । ଏତିକି ମାତ୍ର ସଜ୍ଞାକୁ ନେଇ କର୍ମ-ବିକର୍ମ ପ୍ରଭେଦ ନିରୂପଣ କରାଯାଇ ପାରିବ ନାହିଁ । କାରଣ ଶାସ୍ତ୍ରତତ୍ତ୍ୱ ନ'ଜାଣିବା ଅଜ୍ଞାନୀ ମନୁଷ୍ୟ ପୁଣ୍ୟକୁ ପାପ ମାନିନେଇଥାଏ ଓ ପାପକୁ ପୂଣ୍ୟ ବୋଲି ମଧ୍ୟ ମାନି ନେଇଥାଏ । ବର୍ଣ୍ଣ, ଆଶ୍ରମ ଓ ଅଧିକାର ଭେଦରେ ଯେଉଁ କର୍ମ ଜଣକ ପାଇଁ ବିହିତ ହୋଇଥିବାରୁ କର୍ତ୍ତବ୍ୟ କର୍ମ ହୋଇଥାଏ , ତାହା ଅନ୍ୟ ଜଣଙ୍କ ପାଇଁ ନିଷିଦ୍ଧ ହୋଇଥିବାରୁ ପାପ ଅର୍ଥାତ୍ ବିକର୍ମ ହୁଏ। ଯେପରି ସବୁ ବର୍ଣ୍ଣର ସେବାକରି ଜୀବିକା ନିର୍ବାହ କରିବା ଶୂଦ୍ର ପାଇଁ ବିହିତ କର୍ମ, କିନ୍ତୁ ତାହା ବ୍ରାହ୍ମଣ ପାଇଁ ନିଷିଦ୍ଧ କର୍ମ । ଦାନ ଗ୍ରହଣ,ବେଦ ଶିକ୍ଷା ଦାନ,ଓ ଯଜ୍ଞ ଅନୁଷ୍ଠାନ କରି ବ୍ରାହ୍ମଣ ଜୀବିକା ନିର୍ବାହ କଲେ, ତାହା ବ୍ରାହ୍ମଣ ପାଇଁ କର୍ତ୍ତବ୍ୟ କର୍ମ । ମାତ୍ର ତାହା ଅନ୍ୟ ବର୍ଣ୍ଣ ପାଇଁ ବିକର୍ମ ଅଟେ। ସେହିପରି ଗୃହସ୍ଥ ପାଇଁ ନ୍ୟାୟୋପାର୍ଜିତ ଭାବରେ ଦ୍ରବ୍ୟ ସଂଗ୍ରହ ଓ ସ୍ୱପତ୍ନୀଗମନ କରିବା ଶାସ୍ତ୍ର ସମ୍ମତ କର୍ମ ହୋଇଥାଏ । ମାତ୍ର ସନ୍ୟାସ ଆଶ୍ରମରେ କାଞ୍ଚନ ଓ କାମିନୀ ସ୍ପର୍ଶ କି' ଚକ୍ଷୁରେ ଦେଖିବା ମଧ୍ୟ ପାପ ଆଉ ବିକର୍ମ ଅଟେ । ଯଜ୍ଞାଦି ଯଦିଓ ବିହିତ କର୍ମ ,ତଥାପି ଯଦି ତାହା ଶ୍ରଦ୍ଧାହୀନ ପୁରୁଷ ଦ୍ୱାରା କରାଯାଏ,ତାହା ବ୍ୟର୍ଥ ହେବା କାରଣରୁ ତାହାକୁ ଅକର୍ମ କୁହାଯିବ । ଅହଂକାର, ଦମ୍ଭ ସହିତ ଯଦି ଯଜ୍ଞ କର୍ମ କରାଯାଏ, ତାହାକୁ ବିକର୍ମ ଅର୍ଥାତ୍ ନିଷିଦ୍ଧ କର୍ମ କୁହାଯିବ । ଏହିପରି ଭାବରେ କର୍ମର ତତ୍ତ୍ୱ ବୁଝି କର୍ମ , ଅକର୍ମ, ବିକର୍ମ ନିର୍ଣ୍ଣୟ କରିବାରେ ପଣ୍ଡିତ, ବୁଦ୍ଧିମାନ ବ୍ୟକ୍ତି ମଧ୍ୟ ଅସମର୍ଥ ହୋଇଥାନ୍ତି । ଯେପରି ଅର୍ଜୁନ ଯୁଦ୍ଧ କରିବା ତାଙ୍କ ପକ୍ଷରେ କର୍ମ କି' ବିକର୍ମ ଦ୍ୱନ୍ଦରେ ପଡିଛନ୍ତି । ଭାବ ଅନୁସାରେ କର୍ମର ସ୍ୱରୂପ ବଦଳି ଥାଏ । ଭାବର ପରିବର୍ତ୍ତନ ହେଲେ କର୍ମ ଅକର୍ମ କିମ୍ବା ବିକର୍ମ ହୁଏ । କେହି କେହି ବ୍ୟାଖ୍ୟାକାର ବିକର୍ମକୁ ବିଶିଷ୍ଟ କର୍ମ ଭାବରେ ମଧ୍ୟ ଅର୍ଥ କରିଛନ୍ତି । ଆତ୍ମା ସ୍ଥିତ, ଆତ୍ମତୃପ୍ତ, ମହାତ୍ମା ପୁରୁଷଙ୍କର ନା' କୌଣସି କର୍ମ କରିବାର ପ୍ରୟୋଜନ ଥାଏ , ନା' କର୍ମ ତ୍ୟାଗ କରିବାରେ କୌଣସି ହାନି ହୋଇଥାଏ । ମହାତ୍ମାଙ୍କ ଦ୍ୱାରା ହୋଇଥିବା କର୍ମ ବିଶିଷ୍ଟ କର୍ମ ଅଟେ। ସେହି କର୍ମ ବିକଳ୍ପ ଶୂନ୍ୟ,ବିଶୁଦ୍ଧ ଏବଂ କେବଳ ଲୋକ ଶିକ୍ଷା ପାଇଁ ଉଦ୍ଦିଷ୍ଟ ହୋଇଥାଏ । ଏହି କର୍ମରେ ଶୁଭ-ଅଶୁଭର ସଂସ୍କାର ରହିନ'ଥାଏ। ଏହି ବିଶିଷ୍ଟ କର୍ମ ହେଉଛି ବିକର୍ମ । ଏହିକର୍ମ ଦିବ୍ୟ ଏବଂ ପାପ ରହିତ ହୋଇଥାଏ । ଶ୍ରୀରାମାନୁଚାର୍ଯ୍ୟଙ୍କ ବ୍ୟାଖ୍ୟା ଅନୁଯାଇ ଶରୀର ସମ୍ବନ୍ଧୀୟ ସମସ୍ତ କ୍ରିୟା ହେଉଛି କର୍ମ । ଆତ୍ମା ସମ୍ବନ୍ଧୀୟ ସମସ୍ତ କ୍ରିୟା ହେଉଛି ଅକର୍ମ । କର୍ମ ଶରୀରକୁ ଭୋଗର ମାର୍ଗ ଦେଖାଇଥାଏ , କିନ୍ତୁ ଅକର୍ମ ଆତ୍ମାକୁ ମୁକ୍ତିର ମାର୍ଗ ଦେଖାଇଥାଏ । ଏହିପରି ଭାବରେ କର୍ମ, ଅକର୍ମ ,ବିକର୍ମ ର ସଜ୍ଞାକୁ ନେଇ "ନାନା ମୁନୀଙ୍କ ନାନା ମତ" । ସର୍ବ ସାଧାରଣଙ୍କ ବୋଧଗମ୍ୟ ପାଇଁ କର୍ମ ତତ୍ତ୍ୱକୁ ଏହିପରି ଭାଗ କରାଯାଇପାରେ : କର୍ମ ହେଉଛି ଦୁଇ ପ୍ରକାର ଗୋଟିଏ ହେଲା କର୍ମ ଅନ୍ୟଟି ବିକର୍ମ। କର୍ମକୁ ତିନି ଭାଗ କରାଯାଇପାରେ ଯଥା: ବିହିତ କର୍ମ ବା କର୍ତ୍ତବ୍ୟ କର୍ମ ଯାହା ଶାସ୍ତ୍ର ସମ୍ମତ ଓ ନିଜର ଏବଂ ଅନ୍ୟପାଇଁ ହିତକାରକ ହୋଇଥାଏ। ଶରୀରଜନିତ ନିତ୍ୟକର୍ମ ମଧ୍ୟ ବିହିତ କର୍ମର ଅନ୍ତର୍ଗତ । ଦ୍ୱିତୀୟଟି ହେଲା : ନୈମିତ୍ତିକ କର୍ମ , ଯାହା ସମାଜ ,କୁଳ, ଧର୍ମ,ରାଷ୍ଟ୍ରର ନୀତି, ନିୟମକୁ ପାଳନ କରିବାକୁ

ପଡିଥାଏ । ତୃତୀୟଟି ହେଲା, ସକାମ କର୍ମ ଯାହା କର୍ତ୍ତାପନ ରହି ଫଳଇଚ୍ଛା ରଖି ଭୋଗଦୃଷ୍ଟିରେ ହୋଇଥାଏ। ବିହିତ କର୍ମରେ ଫଳ ଇଚ୍ଛା ନ'ରହିଲେ ତାହା ଅକର୍ମ ହୋଇ ଥାଏ ।

**କର୍ମଣ୍ୟକର୍ମ ଯଃ ପଶ୍ୟେଦକର୍ମଣି ଚ କର୍ମ ଯଃ ।**

**ସ ବୁଦ୍ଧିମାନ୍ମନୁଷ୍ୟେଷୁ ସ ଯୁକ୍ତଃ କୃତ୍ସ୍ନକର୍ମକୃତ୍ ॥ ୧୮ ॥**

*ଅନ୍ୱୟ:ଯଃ(ଯେଉଁ ମନୁଷ୍ୟ ) କର୍ମଣି (କର୍ମରେ ) ଅକର୍ମ (କର୍ମ ଶୂନ୍ୟତା ) (ଚ) ଏବଂ ଯଃ (ଯିଏ ) ଅକର୍ମଣି ( କର୍ମ ଶୂନ୍ୟତାରେ ) କର୍ମ (କର୍ମକୁ ) ପଶ୍ୟେତ୍ ( ଦେଖେ) ସଃ (ସେ ) ମନୁଷ୍ୟେଷୁ (ମନୁଷ୍ୟ ମାନଙ୍କ ମଧ୍ୟରେ ) ବୁଦ୍ଧିମାନ୍ ( ବୁଦ୍ଧିମାନ୍ ବା ବିବେକଶୀଳ) ସଃ ଯୁକ୍ତଃ (ସେ ଯୋଗୀ ) କୃତ୍ସ୍ନକର୍ମକୃତ୍ (ସମସ୍ତ କର୍ମ ସମ୍ପନ୍ନକାରୀ) ।*

**ଭାବାର୍ଥ :** ବାହ୍ୟ ଭାବରେ କର୍ମକରି ମଧ୍ୟ ଫଳାଇଚ୍ଛା ନ'ରଖି ଯିଏ ଅନ୍ତଃକରଣରେ ଚିତ୍ତକୁ ପ୍ରଶାନ୍ତ ରଖିପାରନ୍ତି , ଏବଂ ଯିଏ ବାହ୍ୟରୂପରେ କର୍ମକୁ ତ୍ୟାଗକରି ଅନ୍ତରରେ ଆତ୍ମ ଚିନ୍ତନ ରୂପକ ଅକର୍ମର ପ୍ରବାହକୁ ଅନବରତ ବର୍ତ୍ତମାନ କରି ରଖିଥାନ୍ତି, ସେ ମନୁଷ୍ୟ ମାନଙ୍କ ମଧ୍ୟରେ ବୁଦ୍ଧିମାନ୍ । ସେ ହିଁ କର୍ମଯୋଗୀ । ପରମେଶ୍ୱରଙ୍କ ପ୍ରିତ୍ୟାର୍ଥେ କର୍ମକୁ ସମର୍ପଣ କରିଦେଲେ କର୍ମ ଅକର୍ମ ହୋଇଯାଏ ଏବଂ ତାହା ଫଳଦାୟକ ହୁଏ ନାହିଁ । ଶରୀରର କଷ୍ଟ ଭୟରୁ ହେଉ, କିମ୍ବା ମୋହ କାରଣରୁ ହେଉ, କର୍ମକୁ ତ୍ୟାଗ କରିବା ମଧ୍ୟ ହେଉଛି ଅକର୍ମ । ଏହି ଅକର୍ମ ସ୍ଥିତିରେ, ବିବେକଦ୍ୱାରା ବିଚାରକରି କର୍ତ୍ତବ୍ୟ କର୍ମରେ ପ୍ରବୃତ୍ତ ହେଉଛି, ଅକର୍ମ ଭିତରେ କର୍ମକୁ ଦେଖିବା । କେବଳ ବାହାରୁ କର୍ମକୁ ତ୍ୟାଗ କରିଦେଲେ ତାହା କେବେ ଅକର୍ମ ହୋଇଯାଇ ନ'ଥାଏ । ଅକର୍ମରେ ମଧ୍ୟ ଯେଉଁଠି କର୍ତ୍ତୃତ୍ୱ ରହିଛି ତାହା କର୍ମ । ସେହିପରି କର୍ମକଲେ ମଧ୍ୟ ଯେଉଁଠି କର୍ତ୍ତୃତ୍ୱ ନାହିଁ , ତାହା ଅକର୍ମ । ଆତ୍ମାସ୍ଥିତି , ଆତ୍ମାଚିନ୍ତନ, ଆତ୍ମତୃପ୍ତି ବାହାରକୁ କର୍ମତ୍ୟାଗ ଅର୍ଥାତ୍ ଅକର୍ମ ଭଳି ଦେଖା ଯାଉଥିଲେ ମଧ୍ୟ , ସୂକ୍ଷ୍ମ ଶରୀରରେ ଭଗବତ୍ ପ୍ରୀତି କର୍ମ ଜାରି ରହିଥାଏ। କର୍ମରେ ଅକର୍ମ ଦେଖିବାକୁ ଏପରି ମଧ୍ୟ ଅର୍ଥ କରାଯାଇପାରେ ଯେ : ଇନ୍ଦ୍ରିୟ, ମନ, ବୁଦ୍ଧି ଓ ଶରୀରରେ ହେଉଥିବା କ୍ରିୟାକୁ କର୍ମ କୁହାଯାଏ । ଆତ୍ମା ସ୍ୱରୂପରେ ଏହି କ୍ରିୟାର କୌଣସି ସମ୍ବନ୍ଧ ନ'ଥାଏ । ତେଣୁ କର୍ମରୁ "ମୁଁ" ଆଉ" ମୋର ସମ୍ବନ୍ଧକୁ ଛିନ୍ନ କରି ଆତ୍ମାକୁ ଅକର୍ତ୍ତା ଭାବରେ ମାନିନେବା ହେଉଛି କର୍ମ ଭିତରେ ଅକର୍ମକୁ ଦେଖିବା । ଏହି କର୍ମ ଅକର୍ମ ତତ୍ତ୍ୱବିତ୍ ଙ୍କର ପରମ ପୁରୁଷ ପରମେଶ୍ୱରଙ୍କ ସହିତ ସଂଯୋଗ ହୋଇଥାଏ । ସେହି ଯୁକ୍ତ ପୁରୁଷଙ୍କ ପାଇଁ କୌଣସି ମଧ୍ୟ କର୍ତ୍ତବ୍ୟ ଶେଷ ରହିନ'ଥାଏ । ତେଣୁ ସେ ସମସ୍ତ କର୍ମ ସମ୍ପନ୍ନକାରୀ ଅଟନ୍ତି । ସ୍ୱାମୀ ରାମସୁଖଦାସଙ୍କ ବ୍ୟାଖ୍ୟାନୁଯାଇ ,ଶରୀର ଦ୍ୱାରା ହେଉଥିବା କ୍ରିୟାରେ ଜୀବାତ୍ମା ଦେହାଭୀମାନ ରଖି ଲିପ୍ତ ରହିଲେ ତାହା କର୍ମ, ଜୀବାତ୍ମା ସାକ୍ଷ୍ୟଭାବରେ ନିର୍ଲିପ୍ ରହିଲେ ତାହା ଅକର୍ମ । କର୍ମ କରିବା ଓ କର୍ମତ୍ୟାଗ ଉଭୟରେ କର୍ମଯୋଗୀ ଫଳ ଇଚ୍ଛା ଓ ଅହନ୍ତା ରହିତ ହୋଇ ନିତ୍ୟ ନିରନ୍ତର ନିର୍ଲିପ୍ତ ରହେ । କର୍ମଯୋଗୀର ନିର୍ଲପ୍ତା ଅର୍ଥାତ୍ ଅକର୍ମ ଆତ୍ମାପାଇଁ ଏବଂ କର୍ମ, ସଂସାର ପାଇଁ ଉଦ୍ଦିଷ୍ଟ ହୋଇଥାଏ । ପ୍ରବୃତ୍ତି ଓ ନିବୃତ୍ତିରେ ନିର୍ଲିପ୍ତ ରହି, ଆତ୍ମସ୍ୱରୂପରେ ସ୍ଥିତ ହୋଇ, ଅନ୍ତଃକରଣରେ ସମତା ପ୍ରାପ୍ତ ହେଉଛି କର୍ମଯୋଗ । ଶ୍ରୀରାମାନୁଚାର୍ଯ୍ୟଙ୍କ ବ୍ୟାଖ୍ୟା ଅନୁଯାଇ ଅକର୍ମ ହେଉଛି ଆତ୍ମଜ୍ଞାନ । କର୍ମ ଓ ଜ୍ଞାନର ସମନ୍ୱୟତାରେ ଏହି ଶ୍ଳୋକର ବ୍ୟାଖ୍ୟା ହେଲା : କର୍ମକୁ ମାଧ୍ୟମ କରି ଯେ

ଆତ୍ମଜ୍ଞାନର ଅନୁସନ୍ଧାନ କରିଥାଏ , ଏବଂ ଆତ୍ମତତ୍ତ୍ୱରେ ସ୍ଥିତ ରହି ଯେ କର୍ମକୁ ତ୍ୟାଗ କରିନ'ଥାଏ ସେ ହେଉଛି ବୁଦ୍ଧିମାନ ଏବଂ ଯୁକ୍ତ ପୁରୁଷ । ପଣ୍ଡିତ ଗିରିଧାରୀ ଶର୍ମାଙ୍କ ବ୍ୟାଖ୍ୟାରେ କର୍ମ ଅକର୍ମ ତତ୍ତ୍ୱରେ ସଂସାର ଓ ପରମାତ୍ମାଙ୍କ ସମ୍ବନ୍ଧକୁ କୁହାଯାଇଛି । ପରମାତ୍ମତତ୍ତ୍ୱକୁ ଜାଣି ମନୁଷ୍ୟ ମୃତ୍ୟୁର ଉପରାନ୍ତ ମୋକ୍ଷକୁ ପ୍ରାପ୍ତ କରିଥାଏ । ମୁକ୍ତି ପାଇବା ପାଇଁ ଏହା ଛଡା ଅନ୍ୟ କୌଣସି ମାର୍ଗ ହିଁ ନାହିଁ । ତେଣୁ ଅଶୁଭ ସଂସାରରୁ ମୋକ୍ଷ ପ୍ରାପ୍ତ ପାଇଁ ଭଗବାନ ଗୀତାରେ ଜ୍ଞାନର ହିଁ ଉପଦେଶ ଦେବାପାଇଁ ଉଚିତ ମଣିଛନ୍ତି । କର୍ମ ଅର୍ଥାତ୍ ପ୍ରକୃତି ଜନିତ ଦୃଶ୍ୟମାନ ସଂସାରରେ ଯିଏ କର୍ମ ରହିତ ପରମାତ୍ମାଙ୍କୁ ଦେଖେ ଏବଂ ଅକର୍ମ ଅର୍ଥାତ୍ ପରମାତ୍ମାଙ୍କ ଭିତରେ ପ୍ରକୃତି କ୍ରିୟମାଣ ରହିଥିବା ଜଗତକୁ ଦେଖେ ଏବଂ ସଂପୂର୍ଣ୍ଣ ଜଗତ ପରମାତ୍ମାଙ୍କ ଠାରେ ହିଁ ଆରୋପିତ, ପରମାତ୍ମା ଅତିରିକ୍ତ କୌଣସିର ସତ୍ତା ହିଁ ନାହିଁ , ଏହି ଭାବକୁ ସ୍ୱୀକାର କରିଥାଏ ସେ ବୁଦ୍ଧିମାନ , ସେ ଯୁକ୍ତ ପୁରୁଷ । ଏହି ଶ୍ଳୋକରେ ଭଗବାନ ଅର୍ଜୁନଙ୍କୁ ଉପଦେଶ ଦେଉଛନ୍ତି କି' ତୁମ୍ଭେ ଯେଉଁ ଧର୍ମ ଯୁଦ୍ଧକୁ ଛାଡି ନିଶ୍ଚଳ ରୂପରେ କର୍ମରହିତ ଅକର୍ମ ହେବାପାଇଁ ଚାହୁଁଛ, ସେହି ଅକର୍ମ ଭିତରେ ସୂକ୍ଷ୍ମଭାବରେ କର୍ମକୁ ଦେଖ । ରାଗ,ଦ୍ୱେଷ,ଆସକ୍ତି,ଫଳାଇଚ୍ଛାକୁ ତ୍ୟାଗକରି, ସ୍ୱଧର୍ମ ପାଳନ ରୂପେ ଯୁଦ୍ଧ କରିଲେ , ତାହା ବନ୍ଧକ ନ'ହେବା କାରଣରୁ ଅକର୍ମ ହିଁ ହେବ । କର୍ମ ଓ ଅକର୍ମକୁ ତୁମ୍ଭେ ସୂକ୍ଷ୍ମ ଦୃଷ୍ଟିରେ ଦେଖି ବୁଦ୍ଧିମାନର ଅଧିକାରୀ ହୁଅ ।

**ଯସ୍ୟ ସର୍ବେ ସମାରମ୍ଭାଃ କାମସଙ୍କଳ୍ପବର୍ଜିତାଃ ।**

**ଜ୍ଞାନାଗ୍ନିଦଗ୍ଧକର୍ମାଣଂ ତମାହୁଃ ପଣ୍ଡିତଃ ବୁଧାଃ ॥୧୯॥**

*ଅନ୍ୱୟ : ଯସ୍ୟ (ଯାହାଙ୍କର ) ସର୍ବେ (ସମସ୍ତ) ସମାରମ୍ଭାଃ (କାର୍ଯ୍ୟ ଆରମ୍ଭ ବା ପ୍ରଚେଷ୍ଟା ) କାମସଙ୍କଳ୍ପବର୍ଜିତାଃ( ଫଳ ଇଚ୍ଛା ଓ କର୍ତ୍ତୃତ୍ୱ ବର୍ଜିତ ) ଜ୍ଞାନ-ଅଗ୍ନି-ଦଗ୍ଧ –କର୍ମାଣଂ (ଜ୍ଞାନ ରୂପକ ଅଗ୍ନିରେ ସମସ୍ତ କର୍ମ ଭସ୍ମୀଭୂତ ହୋଇଛି ) ତମ୍ (ତାହାଙ୍କୁ) ବୁଧାଃ (ଜ୍ଞାନୀଜନ) ପଣ୍ଡିତଃ (ପଣ୍ଡିତ ବୋଲି ) ଆହୁଃ (କହିଥାନ୍ତି ) ।*

**ଭାବାର୍ଥ :** ଶରୀର,ମନ,ବୁଦ୍ଧିରେ ଯେଉଁଶାସ୍ତ୍ର ସମ୍ମତ କର୍ମ କରିବାର ଉଦ୍ୟମ ହୋଇଥାଏ, ତାହାକୁ ଆରମ୍ଭ ବା ପ୍ରଚେଷ୍ଟା କୁହାଯାଏ । "କାମନା ଓ ସଂକଳ୍ପ" ଏହି ଦୁଇଟି କର୍ମର ବୀଜ । ଭୋଗ୍ୟ ବସ୍ତୁ ପ୍ରତି ମମତା ଓ ଆସକ୍ତି ସୃଷ୍ଟି ହୋଇ ରମଣ ବୁଦ୍ଧିରେ ବିଷୟ ସ୍ମରଣ କରିବା ହେଉଛି ସଂକଳ୍ପ । ସ୍ତ୍ରୀ ପୁତ୍ର,ଧନ,ମାନ, ପ୍ରତିଷ୍ଠା ବଡାଇ ଏବଂ ସ୍ୱର୍ଗ ସୁଖ ଭଳି ଇହଲୋକ ଓ ପରଲୋକରେ ଯେତେ ସବୁ ଭୋଗ୍ୟ ବସ୍ତୁ ଅଛି ତାହାର କିଞ୍ଚିତ ମାତ୍ର , ପ୍ରାପ୍ତ ହେବାର ଇଚ୍ଛା ହେଉଛି କାମନା । ସଙ୍କଳ୍ପରୁ କାମନା ର ଉତ୍ପତ୍ତି । ଅର୍ଥାତ୍ ସଂକଳ୍ପ କାମନାର କାରଣ ଏବଂ କାମନା ସଙ୍କଳ୍ପର କାର୍ଯ୍ୟ। କାମନା ଓ ସଙ୍କଳ୍ପର ନିରୋଧ ହେବା ମନର ବିଜିତା ଅବସ୍ଥା । ଯେଉଁ କର୍ମରେ (କ)କୌଣସି ବସ୍ତୁର ସଂଯୋଗ କିମ୍ବା ବିୟୋଗର କିଞ୍ଚିତ ମାତ୍ର କାମନା ନ'ଥିବ (ଖ) କର୍ମ କଲାବେଳେ ଅନ୍ତଃକରଣରେ "ମୁଁ ମୋର ପାଇଁ କରୁଛି" ଏହି ମନୋଭାବର ସର୍ବଥା ଅଭାବ ରହିଥିବ (ଗ) ଏବଂ କର୍ମର ଉଦ୍ଦେଶ୍ୟ କେବଳ ଅନ୍ୟର ହିତ କିମ୍ବା ଲୋକ ଶିକ୍ଷା ହେଲେ, ସେସବୁ କର୍ମ କାମନା ଓ ସଂକଳ୍ପ ରହିତ ବୋଲି କୁହାଯିବ। ସଂକଳ୍ପ ଓ କାମନା ନ'ରହିଲେ , କର୍ମ ଅକର୍ମ ହୋଇଯାଏ । ଲୋକ ସଂଗ୍ରହାର୍ଥେ ଏବଂ କର୍ତ୍ତବ୍ୟ ବୋଧରେ କର୍ମ କରୁଥିଲେ ମଧ୍ୟ, ସିଦ୍ଧ ପୁରୁଷ କର୍ମରୁ ସ୍ୱୟଂକୁ ସର୍ବଥା ନିର୍ଲିପ୍ତ ରଖିଥାନ୍ତି। କ୍ରିୟାତ୍ମକ ସାଧନା ମାର୍ଗରେ ଆତ୍ମାକୁ ନିର୍ଲିପ୍ତ, ଅକର୍ତ୍ତା ବୋଲି ମାନି, ପରମାତ୍ମାଙ୍କ ନିରନ୍ତର ଲୟରେ ପ୍ରତ୍ୟକ୍ଷ ଅପୋରକ୍ଷ ଅନୁଭୂତି ହେଉଛି

"ଜ୍ଞାନ" । ଗୀତାରେ ଭଗବାନଙ୍କର ଏହା ହେଉଛି ମୁଖ୍ୟ ଉପଦେଶ ଯେ' : ସ୍ୱାର୍ଥ, କାମନା- ବାସନା ଓ ଅହଙ୍କାରରୁ ମୁକ୍ତ ହୋଇ କର୍ମ କର । କର୍ମ କରିବା ସମୟରେ ନିଜକୁ କର୍ତ୍ତା ଭାବରେ ଦେଖ ନାହିଁ । ପରମାତ୍ମାଙ୍କ ଯୋଗମାୟା ହେଉଛି କର୍ମରେ ଲଗାଉଥିବା ଶକ୍ତି, ପରମତ୍ମାଙ୍କ ସଂକଳ୍ପ ହେଉଛି କର୍ମରେ ପ୍ରବୃତ୍ତ ହେବାର କାରଣ ଏବଂ ସର୍ବୋପରି ଭାବରେ ପରମାତ୍ମାଙ୍କ ଇଚ୍ଛା ହିଁ ହେଉଛି କରୁଥିବା କର୍ମର ଫଳ , ଯାହା ନିଜର ଓ ସଂସାରର ହିତ ନିମନ୍ତେ ହିଁ ଉଦ୍ଦିଷ୍ଟ । ସାଧାରଣ ବ୍ୟକ୍ତି ଜଣେ, କର୍ମ କରୁଥିବା ବେଳେ ମାନସିକ ସ୍ତରରେ କର୍ମ ସହିତ ଅହଂକାର ବୃତ୍ତିରେ ସମ୍ବନ୍ଧ ରଖିଥିବାରୁ ,କର୍ମରେ କର୍ତ୍ତୃତ୍ୱ ଅର୍ଥାତ୍ "ମୁଁ କରୁଛି" ଅନୁଭବ କରେ । ସେହିପରି ଫଳ ପ୍ରତି ଆଶା ରଖିଥିବାରୁ ଭୋକ୍ତୃତ୍ୱ ଅର୍ଥାତ୍ "ମୋତେ ପ୍ରାପ୍ତ" ର ମଧ୍ୟ ଅନୁଭବତା ରହେ । କର୍ମ ଅନୁଷ୍ଠାନ ସମୟରେ କର୍ତ୍ତାପନ, ଆବେଗତା , କର୍ମର ସିଦ୍ଧତା- ଅସିଦ୍ଧତା ପ୍ରତି ଆସକ୍ତି, ସୂକ୍ଷ୍ମ ଭାବରେ କ୍ରିୟା ସହିତ ଜଡିତ ହୋଇ ରହିଥାଏ । କର୍ମ ଈଶ୍ୱରଙ୍କ ପ୍ରିତ୍ୟାର୍ଥେ ହୋଇଗଲେ , ସେଥିରୁ କର୍ତ୍ତାପନ,ଭୋଗବାସନା, କର୍ମଫଳ ଇଚ୍ଛା , ଏହି ତିନୋଟିଯାକ ଦୋଷ ନଷ୍ଟ ହୋଇଯାଏ । ଯାହାଙ୍କର ସମସ୍ତ ପ୍ରଚେଷ୍ଟା, ଅନାସକ୍ତ ଓ କର୍ତ୍ତୃତ୍ୱାଭିମାନ ରହିତ ଏବଂ ଯାହାର ଅକର୍ମର ଯଥାର୍ଥ ଜ୍ଞାନ ହୋଇ କର୍ମ ସହିତ ସମ୍ବନ୍ଧ ରହିନ'ଥାଏ , ଅଗ୍ନିରେ ଇନ୍ଧନ ଭସ୍ମ ହେଲାଭଳି , ସେହି ମହାତ୍ମାଙ୍କର ସଞ୍ଚିତ ସମେତ ସମସ୍ତ କର୍ମ ଜ୍ଞାନ ରୂପକ ଅଗ୍ନିରେ ଭସ୍ମୀଭୂତ ହୋଇଥାଏ । ଅର୍ଥାତ କର୍ମରେ ଫଳ ଦାୟକ ଶକ୍ତି ରହେନାହିଁ । ବର୍ତ୍ତମାନର କ୍ରିୟା ମଧ୍ୟ ଶୁଭ ଅଶୁଭ ସଂସ୍କାର ରହିତ ହୋଇଯାଏ । କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ଅଭାବରୁ, ପ୍ରାରବ୍ଧ କର୍ମ କେବଳ ଅସ୍ଥାୟୀ ପରିସ୍ଥିତି ସୃଷ୍ଟିକରି ନଷ୍ଟ ହୋଇଥାଏ। ଏହି ସ୍ଥିତିରେ ରହିଥିବା ମହାତ୍ମାଙ୍କୁ ବିଜ୍ଞଜନ ମାନେ "ପଣ୍ଡିତ" କହି ସମ୍ବୋଧନ କରିଥାନ୍ତି । ସଂସାରରେ ବିଷୟଜଗତରୁ ନିବୃତ୍ତ ରହିଥିବା ତ୍ୟାଗୀ ପୁରୁଷଙ୍କ ମହିମା ସମସ୍ତେ ଗାନ କରନ୍ତି । କିନ୍ତୁ ଗୃହସ୍ଥ ଆଶ୍ରମରେ ରହି , ସମସ୍ତ କର୍ତ୍ତବ୍ୟ କର୍ମକରି ନିର୍ଲିପ୍ତ ରହୁଥିବା କର୍ମଯୋଗୀକୁ ତାଙ୍କର ବାହ୍ୟ ଆଚରଣରୁ ଚିହ୍ନିବା ସହଜ ହୋଇନ'ଥାଏ । ଏହିପରି କର୍ମଯୋଗୀ ପଣ୍ଡିତ ମାନଙ୍କ ମଧ୍ୟରେ ଶ୍ରେଷ୍ଠ ପଣ୍ଡିତ ଏବଂ ଜ୍ଞାନୀ ମାନଙ୍କ ମଧ୍ୟରେ ବି ଶ୍ରେଷ୍ଠ ଜ୍ଞାନୀ ଅଟନ୍ତି ।

ତ୍ୟକ୍ତ୍ୱା କର୍ମଫଳାସଙ୍ଗଂ ନିତ୍ୟତୃପ୍ତୋ ନିରାଶ୍ରୟଃ ।
କର୍ମଣ୍ୟଭିପ୍ରବୃତ୍ତୋଽପି ନୈବ କିଞ୍ଚିତ୍ କରୋତି ସଃ ॥ ୨୦ ॥

*ଅନ୍ୱୟ : ସଃ (ସେହି ପୁରୁଷ ) କର୍ମ-ଫଳ-ଅସଙ୍ଗ (କର୍ମ ଓ କର୍ମ ଫଳ ପ୍ରତି ଆସକ୍ତି ) ତ୍ୟକ୍ତ୍ୱା( ପରିତ୍ୟାଗ କରି) ନିତ୍ୟ ତୃପ୍ତଃ (ସଦା ତୁଷ୍ଟ ରହି ) ନିରାଶ୍ରୟଃ (ଆଶ୍ରିତ ରହିତ ଅର୍ଥାତ୍ ନିରାଲମ୍ବ) କର୍ମଣି (କର୍ମ ଗୁଡିକରେ) ଅଭିପ୍ରବୃତ୍ତଃ ଅପି ( ଉତ୍ତମରୂପେ ପ୍ରବୃତ୍ତ ହେଲେ ମଧ୍ୟ)କିଞ୍ଚିତ୍ ଏବ ( କିଛି ହେଲେ ) ନ କରୋତି ( କରନ୍ତି ନାହିଁ) ।*

**ଭାବାର୍ଥ:** କର୍ମ ଏବଂ କର୍ମ ଫଳରେ ଆସକ୍ତିକୁ ସର୍ବଥା ତ୍ୟାଗକରି, ଅହଙ୍କାର ଶୂନ୍ୟହୋଇ ସଂସାରର ବିଷୟ, ପଦାର୍ଥର ଆଶ୍ରିତ ନ'ହୋଇ, ପରମାତ୍ମାଙ୍କ ଚିନ୍ତନରେ ସଦାତୁଷ୍ଟ ରହି , ବାହ୍ୟରୂପରେ ଲୋକ ସଂଗ୍ରହାର୍ଥେ କର୍ମରେ ପ୍ରବୃତ୍ତ ରହିଲେ ମଧ୍ୟ , ବାସ୍ତବରେ ସେହି ଯୁକ୍ତ ପୁରୁଷ କର୍ମ କରୁନ'ଥାନ୍ତି । ଅର୍ଥାତ୍ କର୍ମ ସହିତ ତାଙ୍କର କୌଣସି ସମ୍ବନ୍ଧ ରହିନ'ଥାଏ ।

ଇନ୍ଦ୍ରିୟମାନଙ୍କର ଭୋଗଜନିତ ସୁଖଲାଳସା ଏବଂ ଅନ୍ତଃକରଣରେ ସଂସ୍କାରଜନିତ ଭୋଗ ବାସନା ଆଦି କାରଣରୁ କର୍ମ ଓ କର୍ମଫଳ ପ୍ରତି ସାଧାରଣତଃ ଆସକ୍ତି ରହିଥାଏ । ଭୋଗବୁଦ୍ଧିରେ କର୍ମ କରୁଥିଲାବେଳେ ,କର୍ମଫଳପ୍ରତି ତୀବ୍ର ଭାବରେ ଆସକ୍ତି ରହି ମନର ଉଦ୍ବେଗତା କାରଣରୁ ବୁଦ୍ଧି ଅସ୍ଥିରହୁଏ । ନିଶ୍ଚୟାତ୍ମିକ ବୁଦ୍ଧିର ଅଭାବରୁ କର୍ମ ତୃଟିଯୁକ୍ତ ହୋଇ କର୍ମରୁ ସୁଫଳ ପ୍ରାପ୍ତ ହୁଏନାହିଁ । ତେଣୁ କାମ୍ୟ କର୍ମ ହେଉ ବା' ବିହିତ କର୍ମ ହେଉ, କର୍ମ ଓ କର୍ମଫଳ ପ୍ରତି ଆସକ୍ତି ରହିବା ଦ୍ୱାରା , ଶୁଭ କର୍ମ ମଧ୍ୟ ବିକର୍ମ ଅର୍ଥାତ୍ ନିଷିଦ୍ଧ କର୍ମ ହୋଇଯାଏ । ଯଥା : ମନ୍ଦିର ନିର୍ମାଣ ପାଇଁ ଉଦ୍ୟମ ଏକ ମହତ୍ କର୍ମ । କିନ୍ତୁ ଯେପରି ହେଲେ ମଧ୍ୟ ମନ୍ଦିର କରିବାକୁ ହେବ, ଏହି ପ୍ରକାର ଆସକ୍ତି ରହିଲେ, ସମ୍ବଳ ସଂଗ୍ରହ ପାଇଁ ଅସତ୍ ପନ୍ଥା ଅନୁସରଣ କରିବାର ସମ୍ଭାବନା ରହେ, ଯାହାକି' ନିଷିଦ୍ଧକର୍ମ । କର୍ମ ପୁରୁଷାର୍ଥ ଦ୍ୱାରା ହୋଇଥାଏ, କିନ୍ତୁ କର୍ମ ଫଳ ପରମାତ୍ମାଙ୍କ ବିଧାନରେ କାଳର ଅଧୀନ ହୋଇଥାଏ । ତେଣୁ ସମସ୍ତ କର୍ମ ପରମେଶ୍ୱରଙ୍କୁ ସମର୍ପଣ କରି କର୍ତ୍ତବ୍ୟ ବୋଧରେ କରିବା ବିଧେୟ । କର୍ମ ଭଗବାନଙ୍କୁ ଅର୍ପଣ କରିଦେଲେ ,କର୍ମ ଅକର୍ମ ହୋଇଯାଏ ଏବଂ କର୍ମ ଅନୁଷ୍ଠାନ ସମୟରେ ରାଗ-ଦ୍ୱେଷ ଅଭାବରୁ ପରମାତ୍ମାଙ୍କର ଆନନ୍ଦ ସ୍ୱରୂପରେ ମଗ୍ନରହି ଅନ୍ତଃକରଣରେ ଆତ୍ମତୃପ୍ତି ମିଳିଥାଏ । ଏହି ଆତ୍ମତୃପ୍ତି, କର୍ମର ଇପ୍ସିତ ଫଳ ପ୍ରାପ୍ତିରେ ଯେଉଁ ତୃପ୍ତତା ତା'ଠାରୁ ବିଲକ୍ଷଣ । କର୍ମଫଳର ଭୋଗରେ ସାମୟିକ ତୃପ୍ତି ଲାଭ ହୋଇଥାଏ । କର୍ମର ଅବଧି ସରିଗଲାପରେ, ସେହି ତୃପ୍ତତାର ମଧ୍ୟ ସମାପ୍ତି ଘଟିଥାଏ। କିନ୍ତୁ ନିଷ୍କାମ କର୍ମ ଅନୁଷ୍ଠାନରେ ଅନ୍ତଃକରଣରେ ଯେଉଁ ଆତ୍ମତୃପ୍ତି ମିଳିଥାଏ, ତାହା ଇହଲୋକ ପରଲୋକ ପର୍ଯ୍ୟନ୍ତ ଅକ୍ଷୟ ରହି ପରମାତ୍ମା ପ୍ରାପ୍ତିର ସହାୟକ ହୁଏ । ବିନାଶଶୀଳ ଭୋଗ୍ୟବସ୍ତୁର ଆଶ୍ରୟରେ କେବେହେଲେ ନିତ୍ୟସୁଖ ବାନିତ୍ୟ ତୃପ୍ତି ପ୍ରାପ୍ତି ହୋଇପାରିବ ନାହିଁ । ସଂସାରରେ ଅପ୍ରାପ୍ତ ବସ୍ତୁର ପ୍ରାପ୍ତ ଏବଂ ପ୍ରାପ୍ତ ବସ୍ତୁର ରକ୍ଷଣ ପାଇଁ କୌଣସି ନା' କୌଣସି ବସ୍ତୁ,ବ୍ୟକ୍ତି, କିମ୍ବା ବଳର ଆଶ୍ରୟ ନେବାକୁ ହୋଇଥାଏ । ବସ୍ତୁ, ବ୍ୟକ୍ତି, ବଳର ଆଶ୍ରୟ ପ୍ରକୃତି ଜନିତ କାରଣରୁ ପରିବର୍ତ୍ତନଶୀଳ ହୋଇଥାଏ । ତେଣୁ ଏହାର ସହାୟତାରେ ନା' ନିତ୍ୟ ସୁଖ ପ୍ରାପ୍ତ ହୋଇଥାଏ ନା' ପ୍ରାପ୍ୟ ବସ୍ତୁ ସୁରକ୍ଷାର ନିଶ୍ଚିତତା ଥାଏ । ଉପୃତ୍ତି, ବିନାଶଶୀଳ କ୍ରିୟା ଓ ପଦାର୍ଥ ସହିତ ସମ୍ବନ୍ଧ ସ୍ୱୀକାର କରି ତାହାର ଆଶ୍ରିତ ହୋଇଥିବା ପର୍ଯ୍ୟନ୍ତ ଜୀବକୁ ସ୍ୱତଃସିଦ୍ଧ ନିତ୍ୟତୃପ୍ତିର ଅନୁଭବ ମିଳିନ'ଥାଏ । ନିତ୍ୟପ୍ରାପ୍ତ ପରଂବ୍ରହ୍ମ ପରମାତ୍ମାଙ୍କର ଆଶ୍ରିତ ହୋଇଗଲେ, ଅନ୍ୟକାହାର ଆଶ୍ରିତ ହେବାର ଆବଶ୍ୟକ ରହେନାହିଁ । ଭଗବାନ ହିଁ ସର୍ବଶେଷ ନିଶ୍ଚିତ ପୂର୍ଣ୍ଣକାମ ପ୍ରଦାନକାରୀ ଏବଂ ସର୍ବ ସୁରକ୍ଷାକାରୀ ଆଶ୍ରୟଦାତା । ଯେଉଁ ସାଧକ ବା ସିଦ୍ଧ ପୁରୁଷଙ୍କର କର୍ମ ଓ କର୍ମଫଳ ପରମାତ୍ମାଙ୍କୁ ଉତ୍ସର୍ଗ ହୋଇଯାଇଥାଏ, ତାହାଙ୍କୁ କୌଣସି ବ୍ୟକ୍ତି,ବସ୍ତୁ,ପରିସ୍ଥିତି ବା ବଳର ଆଶ୍ରିତ ହେବାକୁ ପଡେନାହିଁ । ତାଙ୍କ ନିମନ୍ତେ କର୍ମର କୌଣସି ପ୍ରୟୋଜନତା ନ'ଥାଏ କି' କୌଣସି ବସ୍ତୁ ଅପ୍ରାପ୍ତ ହୋଇ ରହେନାହିଁ। ସେହି ପୁରୁଷଙ୍କର ନିଜର ବୋଲି କୌଣସି ବ୍ୟକ୍ତି କିମ୍ବା ପଦାର୍ଥ ନ'ଥାନ୍ତି ଯାହାର ରକ୍ଷଣ ଆବଶ୍ୟକ ହୁଏ । ସେ ପୂର୍ଣ୍ଣକାମ ଭାବରେ ପରମାତ୍ମାଙ୍କ ଶରଣାଗତ ହୋଇରହିଥାନ୍ତି । ସ୍ଥାନ,କାଳ,ବସ୍ତୁ,ବ୍ୟକ୍ତି, ପରିସ୍ଥିତି ଇତ୍ୟାଦିର କିଞ୍ଚିତ୍ ମାତ୍ର ଆଶ୍ରୟ ଗ୍ରହଣ ନ'କରିବାକୁ ନିରାଶ୍ରୟ ଅର୍ଥାତ୍ ଆଶ୍ରୟ ରହିତ କୁହାଯାଇଛି । ଏହି ପୂର୍ଣ୍ଣକାମ ପୁରୁଷଙ୍କ ପରମାନନ୍ଦ ସ୍ୱରୂପ ପରମାତ୍ମତତ୍ତ୍ୱ ପ୍ରାପ୍ତିରେ ନିରନ୍ତର ସଦାନନ୍ଦ ହୋଇ ରହିଥାନ୍ତି । ସେହି ସ୍ଥିତିରେ ସଂସାରର କୌଣସି ମଧ୍ୟ ଘଟଣା ତାଙ୍କ ପାଇଁ

କିଛି ଅନ୍ତର ପଡିନ'ଥାଏ । ନିତ୍ୟତୃପ୍ତ ପୁରୁଷ ସମସ୍ତ କର୍ମକୁ କରିମଧ୍ୟ, ତାହାର ବନ୍ଧନରେ ପଡିନ'ଥାନ୍ତି । କର୍ମରେ ଅକର୍ମ, ଅକର୍ମରେ କର୍ମକୁ ଦେଖିପାରୁଥିବା ଯୁକ୍ତ ପୁରୁଷଙ୍କ ପାଇଁ କୌଣସି କର୍ତ୍ତବ୍ୟ ଶେଷ ରହିନ'ଥାଏ । ଅତଏବ, ସେହି ପୁରୁଷ ଯାହା କିଛି କର୍ମ କରନ୍ତି, କିମ୍ବା କୌଣସି କର୍ମରୁ ନିବୃତ୍ତ ହୋଇଥାନ୍ତି , ସେ ସମସ୍ତ ଶାସ୍ତ୍ର ସମ୍ମତ ହୋଇଥାଏ । ସେ ସମସ୍ତ କର୍ମ ଅନାସକ୍ତ ଭାବରେ ଲୋକ ସଂଗ୍ରହାର୍ଥେ କରିଥାନ୍ତି । ତେଣୁ ତାଙ୍କରି କର୍ମ ବାସ୍ତବରେ କର୍ମ ହୋଇନ'ଥାଏ ।

**ନିରାଶୀର୍ଯତଚିତ୍ତାତ୍ମା ତ୍ୟକ୍ତସର୍ବପରିଗ୍ରହଃ ।**
**ଶାରୀରଂ କେବଳଂ କର୍ମ କୁର୍ବାନ୍ନାପ୍ନୋତି କିଲ୍ବିଷମ୍ ॥ ୨୧॥**

*ଅନ୍ୱୟ : ନିରାଶୀଃ (କାମନା ଶୂନ୍ୟ /କର୍ମଯୋଗୀ) ଯତଚିତ୍ତାତ୍ମା ( ଯାହାଙ୍କର ଇନ୍ଦ୍ରିୟ ଓ ଅନ୍ତଃକରଣ ବଶୀଭୂତ ) ତ୍ୟକ୍ତ-ସର୍ବ –ପରିଗ୍ରହଃ ( ସମସ୍ତ ପ୍ରକାର ଦାନ,ଉପହାର,ବିଳାସ ବସ୍ତୁ ସଂଗ୍ରହ ପରିତ୍ୟାଗୀ ) କେବଳଂ (କେବଳ ମାତ୍ର) ଶାରୀରଂ ( ଶରୀର ରକ୍ଷାର ଉପଯୋଗୀ) କର୍ମ (କର୍ମ ) କୁର୍ବନ୍ (କରୁଥିଲେ ମଧ୍ୟ) କିଲ୍ବିଷମ୍ (ପାପ ବା ବନ୍ଧନ )ନ, ଆପ୍ନୋତି (ପ୍ରାପ୍ତ ହୁଅନ୍ତି ନାହିଁ) ।*

**ଭାବାର୍ଥ** : ମମତା, କାମନା, ଆସକ୍ତି ରହିତ କର୍ମଯୋଗୀ, ଯାହାଙ୍କର ଇନ୍ଦ୍ରିୟଗଣ ବଶୀଭୂତ ,ଚିତ୍ତବୃତ୍ତି ରାଗଦ୍ୱେଷ ରହିତ , ଏବଂ ଯେ' ଦାନ ,ଉପହାର,ବିଳାସ ବସ୍ତୁ ସଂଗ୍ରହ ପରିତ୍ୟାଗୀ, ସେହି ଯୁକ୍ତ ପୁରୁଷ ଶରୀର ନିର୍ବାହ ଉପଯୋଗୀ କର୍ମ କରୁଥିଲେ ମଧ୍ୟ ପାପଭାଗୀ ହୁଅନ୍ତି ନାହିଁ । କାରଣ ତାଙ୍କର ଅନ୍ୟ କୌଣସି କାମନା ନ'ଥାଏ । ସମସ୍ତ ପ୍ରଚେଷ୍ଟାର ଉଦ୍ଦେଶ୍ୟ ହେଉଛି କେବଳ ଈଶ୍ୱରପ୍ରାପ୍ତି । କର୍ମଯୋଗୀ ସମସ୍ତ କାର୍ଯ୍ୟକୁ ପରମେଶ୍ୱରଙ୍କ ଇଚ୍ଛାବୋଲି ଭାବି କର୍ମରେ ପ୍ରବୃତ୍ତରହେ । ସାଧନା ନିମନ୍ତେ ଶରୀରକୁ ସୁସ୍ଥ, ସକ୍ଷମ ରଖିବାପାଇଁ ତଦ୍ ଉପଯୋଗୀ କର୍ମ କରିଥାନ୍ତି । ସେଥିରେ ତାଙ୍କରି ଇନ୍ଦ୍ରିୟ ଭୋଗ ବିଳାସର କାମନା ନ'ଥାଏ । ଶରୀର ନିର୍ବାହ ପାଇଁ ଅସତ୍ ଉପାୟରେ ଧନ ସଂଗ୍ରହ କରିନ'ଥାନ୍ତି । ଭୋଗ ସାମଗ୍ରୀର ସଂଗ୍ରହ ଇଚ୍ଛା ସ୍ୱରୂପତଃ ତ୍ୟାଗ କରି ଥାଆନ୍ତି । ସିଏ ଯେ' କେବଳ ବାହ୍ୟ ଭାବେ ଭୋଗ ଓ ସଂଗ୍ରହରୁ ଦୂରେଇ ରୁହନ୍ତି, ତାହା ନୁହେଁ , ବରଂ ଅନ୍ତରରୁ ଭୋଗ ଓ ସଂଗ୍ରହର ଆଶା ବା ଇଚ୍ଛା ସଂପୂର୍ଣ୍ଣ ରୂପେ ପରିତ୍ୟାଗ କରିଥାନ୍ତି । ଭୋଗ୍ୟବସ୍ତୁ ଦାନ,ଉପହାର ରୂପରେ ଅନ୍ୟଠାରୁ ଗ୍ରହଣ କରନ୍ତି ନାହିଁ । ସ୍ୱଳ୍ପ କର୍ମ କରୁଥିଲେ ମଧ୍ୟ,ନିବୃତ୍ତିପରାୟଣ କର୍ମଯୋଗୀଙ୍କ ଠାରେ କିଞ୍ଚିତ ମାତ୍ର ଆଳସ୍ୟ ଓ ପ୍ରମାଦ ଦେଖାଯାଏ ନାହିଁ । କର୍ମଯୋଗୀଙ୍କ ଠାରେ ଭୋଗବୁଦ୍ଧି ନ' ଥାଏ । ତେଣୁ ସର୍ବତ୍ର ନିର୍ଲିପ୍ତ ଥିବା ଯୋଗୁଁ ତାଙ୍କୁ କର୍ମ କରିବା କିମ୍ବା ନ' କରିବାରେ କିଞ୍ଚିତ୍ ମାତ୍ର ପାପ ଲାଗେ ନାହିଁ । ଶଙ୍କର ଭାଷ୍ୟରେ ଏହି ଶ୍ଳୋକକୁ ସନ୍ୟାସ ମାର୍ଗୀ ସାଧକଙ୍କ ଲକ୍ଷ୍ୟରେ ଭଗବାନ ଏହି ଉପଦେଶ ଦେଇଛନ୍ତି ବୋଲି ମତ ଦିଆଯାଇଛି । ଯାହାର ପୂର୍ବଜନ୍ମକୃତ କର୍ମ ପରିପାକରେ ଏହି ଜନ୍ମରେ ସାଧନ ରୂପକ ଯଜ୍ଞ ଆଦି ନ'କରି ମଧ୍ୟ ଆତ୍ମତତ୍ତ୍ୱଜ୍ଞାନ ପ୍ରାପ୍ତ ହୋଇଅଛି , ତାହାଙ୍କର ଏହି ଲୋକ କିମ୍ବା ସ୍ୱର୍ଗାଦିଲୋକର କୌଣସି ଇଚ୍ଛା ରହିନ'ଥାଏ। ଚିତ୍ତ ଅର୍ଥାତ୍ ମନ, ଆତ୍ମା ଅର୍ଥାତ୍ ଚୈତନ୍ୟ ପ୍ରାପ୍ତ ଦେହ ,ଇନ୍ଦ୍ରିୟ ଆଦି ସମୂହ ତାହାଙ୍କ ବଶରେ ରହିଥାଏ । ସେ ସଂସାରର ସ୍ତ୍ରୀ, ପୁତ୍ର,ଧନ,ମାନ ଆଦି ପରିଗ୍ରହକୁ ତ୍ୟାଗ କରିଦେଇଥାନ୍ତି । ଯେଉଁ ପର୍ଯ୍ୟନ୍ତ ଶରୀର ପ୍ରାରବ୍ଧର ଅବଶ ହୋଇରହେ, ସେହି ପର୍ଯ୍ୟନ୍ତ ଭୋଜନ, ଆଚ୍ଛାଦନ ଆଦି ଜୀବନ ନିର୍ବାହ ପାଇଁ ଦେହାଭୀମାନ ରହିତ ହୋଇ କ୍ରିୟା କରିଥାନ୍ତି । ସେହି କର୍ମରେ କୌଣସି ପାପ-ପୂଣ୍ୟ ହୋଇନ'ଥାଏ।

କର୍ମର ସିଦ୍ଧ, ଅସିଦ୍ଧତାରେ ନିର୍ବିକାର ରୁହନ୍ତି । ବିବେକ ଓ ବୈରାଗ୍ୟ ପ୍ରାପ୍ତ ସନ୍ୟାସ ଧର୍ମୀ ସାଧକ , ଯଦି ଶରୀର ନିର୍ବାହ ପାଇଁ ଭିକ୍ଷାଦି କାର୍ଯ୍ୟ କରିଥାନ୍ତି, ସେଥିରେ ତାଙ୍କର କୌଣସି ଅକଲ୍ୟାଣ ହୋଇନ'ଥାଏ । ଏଥିରେ ସନ୍ୟାସ ମାର୍ଗୀ ସାଧକଙ୍କ ନିମନ୍ତେ ଶରୀର ଯାତ୍ରା ନିମିତ୍ତ କର୍ମ କରିବା ଶାସ୍ତ୍ର ସମ୍ମତ ।

**ଯଦୃଚ୍ଛାଲାଭସନ୍ତୁଷ୍ଟୋ ଦ୍ୱନ୍ଦ୍ୱାତୀତୋ ବିମତ୍ସରଃ ।**
**ସମଃ ସିଦ୍ଧାବସିଦ୍ଧୌ ଚ କୃତ୍ୱାପି ନ ନିବଧ୍ୟତେ ॥ ୨୨॥**

*ଅନ୍ୱୟ : ଯଦୃଚ୍ଛାଲାଭ ( ଅଯାଚିତ ଭାବରେ ଅର୍ଥାତ୍ ଆପେ ଆପେ ଯାହା ପ୍ରାପ୍ତ ହୋଇଥାଏ ) ସନ୍ତୁଷ୍ଟଃ ( ସେଥିରେ ପରିତୁଷ୍ଟ ) ଦ୍ୱନ୍ଦ୍ୱାତୀତୋ (ଶୀତ-ଉଷ୍ଣ-ଆଦି ଦ୍ୱନ୍ଦ୍ୱ ସହିଷ୍ଣୁ ଅର୍ଥାତ୍ ଦ୍ୱନ୍ଦ୍ୱରେ ଯେ ବିଚଳିତ ହୁଅନ୍ତି ନାହିଁ ) ବିମତ୍ସରଃ (ଯିଏ ଈର୍ଷ୍ୟାରହିତ ) ସିଦ୍ଧୌ (ସିଦ୍ଧିରେ ବା ସାଫଲ୍ୟରେ) ଅସିଦ୍ଧୌ( ଅସିଦ୍ଧି ବା ବିଫଳତାରେ ମଧ୍ୟ ) ସମଃ ( ସମତ୍ୱ ବୁଦ୍ଧି ସମ୍ପନ୍ନ ) କୃତ୍ୱା ଅପି (କର୍ମ କରି ମଧ୍ୟ) ନ ନିବଦ୍ଧ୍ୟତେ ( ସେଥିରେ ବାନ୍ଧି ହୁଅନ୍ତି ନାହିଁ )।*

**ଭାବାର୍ଥ :** ଯିଏ କାମନା ଶୂନ୍ୟ, ଅନାସକ୍ତ ହୋଇ ଅଯାଚିତ ଭାବରେ ଅର୍ଥାତ୍ ପୂର୍ବ ଜନ୍ମର ସଂସ୍କାର ଜନିତ ଭୋଗପ୍ରାପ୍ତିରେ ସଦା ସନ୍ତୁଷ୍ଟ ,ପରଶ୍ରୀକାତରତା ଶୂନ୍ୟ , ଅନୁକୂଳ କିମ୍ବା ପ୍ରତିକୂଳ ପରିସ୍ଥିତିରେ ବିଚଳିତ ନ'ହୋଇ ସଫଳତା ଓ ବିଫଳତାକୁ ସମଜ୍ଞାନ କରନ୍ତି , ସେ କର୍ମ କରୁଥିଲେ ମଧ୍ୟ କର୍ମ ଫଳରେ ଆବଦ୍ଧ ହୁଅନ୍ତି ନାହିଁ । କର୍ମଯୋଗୀ ଯାହା ଅଦୃଷ୍ଟ ଇଚ୍ଛାରେ ପ୍ରାପ୍ତ ହୋଇଥାଏ, ତାହା ଭଗବାନଙ୍କର ବିଧାନ ବୋଲି ବୁଝି ନିରନ୍ତର ପ୍ରସନ୍ନ ଚିତ୍ତରେ ରହନ୍ତି । ପ୍ରାପ୍ତ ଭୋଗ୍ୟବସ୍ତୁ ଅନୁକୂଳ ଦାୟକ ହୋଇଥିଲେ , ତାହାକୁ ସଂସାର ହିତରେ ଲଗାଇ ଥାନ୍ତି । ସାଂସାରିକ ଭୋଗ ଅର୍ଥରେ ପ୍ରତିକୂଳ ଦାୟକ ହେଲେ , ତାହାକୁ ପୂର୍ବ ଜନ୍ମର କୃତକର୍ମର ପ୍ରାୟଶ୍ଚିତ ବୋଲି ସ୍ୱୀକାର କରି ସହ୍ୟକରିଥାନ୍ତି । ନୂତନ ଭୌତିକ ସୁଖର କାମନା କରିନ'ଥାନ୍ତି । ଶୀତ-ଉଷ୍ଣ ,ସୁଖ-ଦୁଖ ,ମାନ-ଅପମାନ ଆଦିରେ ଭୌତିକ ଜଗତର ଦ୍ୱନ୍ଦ୍ୱ ଅନୁଭୂତ ହୁଏ । ଫଳପ୍ରାପ୍ତି ଉଦ୍ଦେଶ୍ୟ ନ'ଥିବାରୁ ଏବଂ ଅନ୍ତଃକରଣରେ ରାଗ-ଦ୍ୱେଷ ଅଭାବରୁ ଯୁକ୍ତ ପୁରୁଷ ଏହି ହର୍ଷ-ଶୋକ ଆଦି ଦ୍ୱନ୍ଦଭାବରୁ ବିମୁକ୍ତ ହୋଇଥାନ୍ତି । ବିଦ୍ୟା, ବୁଦ୍ଧି, ଧନ, ମାନ, ବଡ଼ାଇ ତଥା ଅନ୍ୟ କୌଣସି ବସ୍ତୁ ବା ଗୁଣ ସମ୍ବନ୍ଧରେ ଅନ୍ୟର ଉନ୍ନତି ଦେଖି ମନରେ ଯେଉଁ ଇର୍ଷାଭାବ ଆସିଥାଏ , ସେହି ବିକାର ହେଉଛି "ମତ୍ସରତା"। ମୁଁ ବିଦ୍ୱାନ୍, ମୁଁ ଧନୀ, ମୁଁ ବୁଦ୍ଧିମାନ୍, ଏହିପରି ଅହଂକାର ଥିବା ବ୍ୟକ୍ତିଙ୍କର ଅନ୍ୟର ସେହି ସେହି ଗୁଣର ପ୍ରଶଂସା ଶୁଣିବାରେ ମନରେ ତାଙ୍କପ୍ରତି ଇର୍ଷାଭାବ ଜାଗ୍ରତ ହୁଏ । ଏପରିକି' ଏହି ମତ୍ସର ବିକାର ସ୍ୱାର୍ଥଜନିତ ସ୍ନେହ, ପ୍ରୀତି ଥିବା ସ୍ୱକୁଟୁମ୍ବ , ବନ୍ଧୁ, ସମ୍ପର୍କୀୟ ମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଦେଖିବାକୁ ମିଳିଥାଏ । ମତ୍ସର ଦୋଷଥିବା ବ୍ୟକ୍ତିଙ୍କୁ , କୌଣସିମତେ ସମ୍ପର୍କ ନଥିବା ବ୍ୟକ୍ତିର ମଧ୍ୟ କ୍ଷତି ଦେଖିବାକୁ ଭଲ ଲାଗିଥାଏ । ଏହି ପରଶ୍ରୀକାତରତା ଦୋଷ ଅତି ସୂକ୍ଷ୍ମ ଭାବରେ ଅହଙ୍କାରୀ ପୁରୁଷ ମାନଙ୍କର ଅନ୍ତଃକରଣରେ ଲୁଚି ରହିଥାଏ । କର୍ମଯୋଗ ସିଦ୍ଧି ପୁରୁଷର ଅନ୍ତଃକରଣ ଅହନ୍ତା ଶୂନ୍ୟ ଏବଂ କୌଣସି ପ୍ରାପ୍ୟ ବସ୍ତୁ ଅପ୍ରାପ୍ତ ହୋଇ ରହିନ'ଥିବା କାରଣରୁ, ସେ ଈର୍ଷା ରହିତ ହୋଇଥାନ୍ତି । କର୍ମର କୌଣସି ପରିଣାମରେ ସେ ପ୍ରଭାବିତ ନ'ହୋଇ ଅବିଚଳିତ ରହିଥାନ୍ତି । ଏହି ପ୍ରକାରରେ

କର୍ମଯୋଗୀ ଦ୍ୱନ୍ଦ୍ୱାତୀତ ରହି , ଈର୍ଷା ରହିତ ଭାବରେ ସମତ୍ୱ ଚିତ୍ତରେ ଶାସ୍ତ୍ର ସମ୍ମତ ସମସ୍ତ ବିହିତ କର୍ମ କରି ମଧ୍ୟ କର୍ମ ବନ୍ଧନରେ ପଡନ୍ତି ନାହିଁ ।

**ଗତ ସଙ୍ଗସ୍ୟ ମୁକ୍ତସ୍ୟ ଜ୍ଞାନାବସ୍ଥିତଚେତସଃ ।**
**ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ ॥ ୨୩॥**

*ଅନ୍ୱୟ: ଗତସଙ୍ଗସ୍ୟ (ଫଳାସକ୍ତି ବର୍ଜିତ) ମୁକ୍ତସ୍ୟ ( ରାଗ-ଦ୍ୱେଷ ବିମୁକ୍ତ ) ଜ୍ଞାନ-ଅବସ୍ଥିତ ଚେତସଃ ( ଜ୍ଞାନ ସ୍ୱରୂପ ବ୍ରହ୍ମରେ ସ୍ଥିତ ଚିତ୍ତ ) ଯଜ୍ଞାୟ ( କେବଳ ଯଜ୍ଞ ଉଦ୍ଦେଶ୍ୟରେ) ଆଚରତଃ (କର୍ମାନୁଷ୍ଠାନକାରୀ) ସମଗ୍ରଂ କର୍ମ ( ସମସ୍ତ ପ୍ରକାର କର୍ମ ) ପ୍ରବିଲୀୟତେ (ବିଲୟ ପ୍ରାପ୍ତ ହୁଏ ) ।*

**ଭାବାର୍ଥ :** ଇଶ୍ୱର ଆରାଧନାର୍ଥେ କର୍ମକୁ ଯଜ୍ଞ କୁହାଯାଏ । ଇଶ୍ୱର ଅର୍ପଣ ବୁଦ୍ଧିରେ କୃତ ଶୁଭକର୍ମ ବାସ୍ତବିକ ଯଜ୍ଞ ସ୍ୱରୂପ । ଯାହାର କର୍ମଫଳପ୍ରତି ଆସକ୍ତି ସର୍ବଥା ବର୍ଜିତ , ଅନ୍ତଃକରଣ ରାଗ-ଦ୍ୱେଷ ବିମୁକ୍ତ, ବ୍ରହ୍ମ-ଆତ୍ମା ଐକ୍ୟ ବୋଧରୂପ ଜ୍ଞାନରେ ଯାହାର ଚିତ୍ତ ଅବସ୍ଥିତ, ତାହାଙ୍କ ଶରୀର, ମନ, ବାଣୀରେ ହେଉଥିବା ସମସ୍ତ ଯଜ୍ଞ କର୍ମ ବିନା ଫଳପ୍ରାପ୍ତିରେ ଶାନ୍ତ ହୋଇ ଯାଇଥାଏ । ଏହି ଜନ୍ମର ତ ସମସ୍ତ କର୍ମ ପୂର୍ଣ୍ଣତଃ ନଷ୍ଟ ହୋଇଯାଏ ,ପୂର୍ବ ଜନ୍ମର କର୍ମ ମଧ୍ୟ ଫଳଦେବା ପାଇଁ ସାମର୍ଥ୍ୟ ବିହୀନ ହୋଇ ଯାଇଥାନ୍ତି । କର୍ମ ଓ ତାହାର ଫଳରୂପ ସମସ୍ତ ଭୋଗରେ ଲେଶ ମାତ୍ର ଆସକ୍ତି କି' କାମନା ନ'ରହିବା ହେଉଛି "ଗତ ସଙ୍ଗସ୍ୟ " । ଯାହାର ଅନ୍ତଃକରଣ ଏବଂ ଇନ୍ଦ୍ରିୟ ସମୂହର ସଙ୍ଘାତରୂପ ଶରୀରରେ କିଞ୍ଚିତ୍ ମାତ୍ର ବି ଆତ୍ମାଭିମାନ ବା ମମତ୍ୱ ରହିନ'ଥାଏ ,ସେ ଦେହାଭୀମାନରୁ ସର୍ବଥା ମୁକ୍ତ ହୋଇ ରହିଥାନ୍ତି । ସର୍ବତ୍ର ବ୍ରହ୍ମବୁଦ୍ଧି ହେବା କାରଣରୁ ଯାହାର ଆତ୍ମା ଓ ବ୍ରହ୍ମ ଅଭିନ୍ନ ବୋଧ ହୁଏ, ଏବଂ ପ୍ରତ୍ୟେକ କ୍ରିୟା ସମ୍ପାଦନ ବେଳେ ଚିତ୍ତ ନିରନ୍ତର ପରମାତ୍ମାଙ୍କ ଲୟରେ ରହିଥାଏ , ତାହାଙ୍କୁ ଜ୍ଞାନ ଅବସ୍ଥିତ ଚିତ୍ତରେ କର୍ମାନୁଷ୍ଠାନ ହେବାର କୁହାଯାଇଛି। ନିଜର ବର୍ଣ୍ଣ,ଆଶ୍ରମ,ପରିସ୍ଥିତି, ଯୋଗ୍ୟତା ଓ ପାରଦର୍ଶିତା ଅନୁସାରେ ଯାହାର ଯାହା ଶାସ୍ତ୍ର ବିହିତ କର୍ମ, ତାହା ତାଙ୍କପାଇଁ ଯଜ୍ଞ କର୍ମ ହୋଇଥାଏ । ଅର୍ଥାତ୍ କୌଣସି ପ୍ରକାର ସ୍ୱାର୍ଥ ସମ୍ବନ୍ଧ ନ'ରଖି କେବଳ ଲୋକଶିକ୍ଷା ରୂପରେ ଯଜ୍ଞକର୍ମର ପରମ୍ପରାକୁ ସୁରକ୍ଷିତ ରଖିବା ନିମିତ୍ତ ଯିଏ କର୍ମକୁ ଆଚରଣ କରିଥାଏ , ତାହା ଯଜ୍ଞ କର୍ମ । ଏହି ଯଜ୍ଞ କର୍ମ କରିବା ହିଁ କର୍ମରେ ଅକର୍ମ ଦେଖିବାର ଏକ ଭିନ୍ନ ରୂପ । ଭଗବାନ ଗୀତାରେ ଏହି ଗୋଟିଏ ଶ୍ଳୋକରେ ହିଁ କର୍ମଯୋଗୀର ସମସ୍ତ କର୍ମ ବିଲୀନ ହେବା କଥା କହିଛନ୍ତି । ଅତଏବ, ଫଳାସକ୍ତି ତ୍ୟାଗକରି ,ଦେହାଭୀମାନରୁ ବିମୁକ୍ତ ରହି, ନିତ୍ୟ ନିରନ୍ତର ପରମାତ୍ମା ତତ୍ତ୍ୱଜ୍ଞାନରେ ସ୍ଥିତ ହୋଇ, ଯଜ୍ଞ କର୍ମାନୁଷ୍ଠାନରେ ସମଗ୍ର କର୍ମ ଅର୍ଥାତ୍ ପୂର୍ବଜନ୍ମ ସଞ୍ଚିତ କର୍ମ ସହିତ ବିଲୀନ ହୋଇଯାଏ । ସେହି ଯୁକ୍ତ ପୁରୁଷଙ୍କ ଦ୍ୱାରା ଅନୁଷ୍ଠିତ କୌଣସି ମଧ୍ୟ କର୍ମରେ ଫଳ ଦେବାର ଶକ୍ତି ରହିନ'ଥାଏ ।

**ବ୍ରହ୍ମାର୍ପଣଂ ବ୍ରହ୍ମ ହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍ ।**
**ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା ॥ ୨୪ ॥**

*ଅନ୍ୱୟ:ଅର୍ପଣଂ (ଶ୍ରୁବାଦି ଅର୍ପଣ ପାତ୍ର ) ବ୍ରହ୍ମ (ବ୍ରହ୍ମ ) ହବି (ତିଳ,ଜବ,ଘିଅ ଆଦି ଦ୍ରବ୍ୟ ପଦାର୍ଥ) ବ୍ରହ୍ମ (ବ୍ରହ୍ମ) ବ୍ରହ୍ମଣା (ବ୍ରହ୍ମ ସ୍ୱରୂପ କର୍ତ୍ତାଙ୍କ ଦ୍ୱାରା ) ବ୍ରହ୍ମାଗ୍ନୌ (ବ୍ରହ୍ମରୂପକ ଅଗ୍ନିରେ ) ହୁତମ୍ ( ଆହୁତି ପ୍ରଦାନ ରୂପକ କ୍ରିୟା ) { ମଧ ବ୍ରହ୍ମ } [ ଯେ ଏହିପରି ଦେଖିଥାନ୍ତି ] ତେନ (ସେହି ) ବ୍ରହ୍ମ- କର୍ମ-ସମାଧିନା (ବ୍ରହ୍ମ ରୂପକ କର୍ମରେ ସମାହିତ ଚିତ୍ତ ବ୍ୟକ୍ତିଙ୍କ ଦ୍ୱାରା ) ବ୍ରହ୍ମ ଏବ (ବ୍ରହ୍ମ ହିଁ) ଗନ୍ତବ୍ୟଂ (ଲଭ୍ଭ ହୁଅନ୍ତି ) ।*

**ଭାବାର୍ଥ :** ଯଜ୍ଞରେ ଶ୍ରୁବାଦି ଅର୍ପଣ ପାତ୍ର ବ୍ରହ୍ମ , ଘୃତ ଆଦି ଆହୁତିଦେବା ଦ୍ରବ୍ୟ ତଥା ଆହୁତି କ୍ରିୟା କରୁଥିବା ଯଜମାନ ମଧ ବ୍ରହ୍ମ, ଏବଂ ବ୍ରହ୍ମ ରୂପକ ଅଗ୍ନିରେ ପ୍ରକ୍ଷେଣ କ୍ରିୟା "ହୁତମ୍" ମଧ ବ୍ରହ୍ମ । ଏହି ପ୍ରକାର ସଂପୂର୍ଣ୍ଣ ବସ୍ତୁ ଭିତରେ ବ୍ରହ୍ମ ଦର୍ଶନ ହେବାର ଫଳ ସ୍ୱରୂପ ବ୍ରହ୍ମରୂପକ ଯଜ୍ଞକର୍ମରେ ସମାହିତ ଚିତ୍ତ କାରଣରୁ ସେହି ସାଧକ ଦ୍ୱାରା ଯେଉଁ ବସ୍ତୁ ପ୍ରାପ୍ତ ହୋଇଥାଏ, ତାହା ବ୍ରହ୍ମଠାରୁ ଅଭିନ୍ନ ହୋଇଥାଏ । ଯେପରି ଆହୁତି ଦିଆ ଯାଉଥିବା ଘୃତ ଅଗ୍ନି ସ୍ୱରୂପ ହୋଇଗଲେ ,ଅଗ୍ନି ବ୍ୟତୀତ ଦ୍ରବ୍ୟ ପଦାର୍ଥର କୌଣସି ଭିନ୍ନ ସତ୍ତା ରହେନାହିଁ, ସେହିପରି ସମସ୍ତ ସାଧନ ସାଧରୂପ ହୋଇଗଲେ ତାହା ଯଜ୍ଞ ହୋଇଯାଏ ଏବଂ ଯାହାର ଫଳ କେବଳ ବ୍ରହ୍ମ ପ୍ରାପ୍ତତା ହିଁ ହୋଇଥାଏ । ଏହି ଶ୍ଳୋକରେ " ସର୍ବ ଖଳିଦଂ ବ୍ରହ୍ମ" ଅନୁସାରେ ସର୍ବତ୍ର ବ୍ରହ୍ମ ଦର୍ଶନ ରୂପ ସାଧନାକୁ ଯଜ୍ଞ ରୂପ ଦିଆଯାଇଛି। "ବ୍ରହ୍ମ ଦୃଷ୍ଟି " ର ଅର୍ଥ ସର୍ବତ୍ର ବ୍ରହ୍ମ ଦର୍ଶନ। କ୍ରିୟା ଓ ପଦାର୍ଥ ହେଉଛି ପ୍ରକୃତିର କାର୍ଯ୍ୟରୂପକ ସଂସାରର ସ୍ୱରୂପ । ବାସ୍ତବ ଦୃଷ୍ଟିରେ ଦେଖିଲେ ପ୍ରତ୍ୟେକ ମୁହୂର୍ତ୍ତରେ ପଦାର୍ଥ ବିନାଶ ଦିଗକୁ ଗତି କରେ । ଅତଏବ ସମସ୍ତ ପଦାର୍ଥ କେବଳ କାଳର ଗତିରେ ପରିବର୍ତ୍ତନରୂପକ କ୍ରିୟାର ସମଷ୍ଟି ମାତ୍ର । ଅନୁରାଗ କାରଣରୁ ପଦାର୍ଥ ସ୍ଥିର ପ୍ରତୀତ ହୋଇଥାଏ। ସମସ୍ତ କ୍ରିୟା କେବଳ ବିନାଶାଭିମୁଖୀ । ସୁତରାଂ ସଂସାର ବାସ୍ତବରେ ଶୂନ୍ୟ ସ୍ୱରୂପ । ଯାହାର ସତ୍ତାରେ ଅଭାବ ରୂପକ ସଂସାର ମଧ ସତ୍ତାବାନ୍ ପ୍ରତୀତ ହେଉଛି , ସେହି ଅକ୍ରିୟ ତତ୍ତ୍ୱ ବ୍ରହ୍ମ ହିଁ "ଭାବ" ରୂପରେ କେବଳ ବିଦ୍ୟମାନ । ଅନ୍ୟ ଅର୍ଥରେ ବିନାଶଶୀଳ ବସ୍ତୁ ଭିତରେ ଅବିନାଶୀ ତତ୍ତ୍ୱ ହିଁ ବ୍ରହ୍ମ ସ୍ୱରୂପର ଦର୍ଶନ । ନିରନ୍ତର ସର୍ବତ୍ର ବ୍ରହ୍ମ ବୁଦ୍ଧିରେ ସ୍ଥିତ ରହିଥିବା ଯୋଗୀର ସାଧନାର ଫଳ ନିଃସନ୍ଦେହ ଭାବରେ ପରବ୍ରହ୍ମ ପରମାତ୍ମାଙ୍କୁ ହିଁ ପ୍ରାପ୍ତ ହୋଇଥାଏ । ପ୍ରତ୍ୟେକ ଯଜ୍ଞ ରୂପକ କର୍ମକୁ ନିଷ୍କାମ ଭାବରେ ଅନୁଷ୍ଠାନ କଲେ, ଚିତ୍ତଶୁଦ୍ଧି କ୍ରମେ ବ୍ରହ୍ମ ହିଁ ପ୍ରାପ୍ତ ହୋଇଥାନ୍ତି । ଶ୍ରୀରାମକୃଷ୍ଣଦେବ କହିଛନ୍ତି " ବିଜ୍ଞାନୀ ସର୍ବତ୍ର ବ୍ରହ୍ମ ଦର୍ଶନ କରିଥାନ୍ତି" । ସଜ୍ଜନ ଭୋଜନ ଗ୍ରହଣ ପୂର୍ବରୁ ଏହି ଶ୍ଳୋକକୁ ମନ୍ତ୍ର ରୂପରେ ଉଚ୍ଚାରଣ କରିଥାନ୍ତି । ଭୋଜନ ରୂପକ କର୍ମ ମଧ ଏକ ଯଜ୍ଞ ଅଟେ । ଭୋଜନରୂପକ ଯଜ୍ଞ କର୍ମରେ ବ୍ରହ୍ମ ବୁଦ୍ଧି ଏହି ପ୍ରକାରେ ହୋଇଥାଏ : ଯାହାଦ୍ୱାରା ଅର୍ପଣ କରାଯାଏ ସେହି ହାତ ମଧ ବ୍ରହ୍ମ ସ୍ୱରୂପ ("ସର୍ବତଃପାଣିପାଦଂ" ଗୀତା - ଅ୧୩/ଶ୍ଳୋ୧୩ ) ଭୋଜ୍ୟ ପଦାର୍ଥ ମଧ ବ୍ରହ୍ମ ସ୍ୱରୂପ ("ଅହମେବାଜ୍ୟମ୍"- ଗୀତା ଅ୯/ଶ୍ଳୋ୧୬ )ଭୋଜନ କରୁଥିବା ବ୍ୟକ୍ତି ମଧ ବ୍ରହ୍ମ ସ୍ୱରୂପ ("ମମୈବାଂଶୋ ଜୀବଲୋକେ" –ଗୀତା ଅ୧୫ /ଶ୍ଳୋ୭ ) ଜଠରାଅଗ୍ନି ମଧ ବ୍ରହ୍ମ ସ୍ୱରୂପ ("ଅହଂ ବୈଶ୍ୱାନରଃ"- ଗୀତା-ଅ୧୫ /୧୪)ଭୋଜନ ରୂପକ କ୍ରିୟା ଅର୍ଥାତ୍ ଜଠରାଅଗ୍ନିରେ ଅନ୍ନ ଆହୁତି ପ୍ରଦାନରୂପକ କ୍ରିୟା ମଧ ବ୍ରହ୍ମ ("ଅହଂ ହୁତମ୍" –ଗୀତା ୯/୧୬ ) ଏହି ପ୍ରକାରେ ଭୋଜନ କରୁଥିବା ମନୁଷ୍ୟ ଦ୍ୱାରା ପ୍ରାପ୍ତବ୍ୟ ଫଳ ମଧ ବ୍ରହ୍ମ ( "ଯଜ୍ଞଶୀଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍"-ଗୀତା ଅ ୪/ଶ୍ଳୋ ୩୧) ।

**ଦୈବମେବାପରେ ଯଜ୍ଞଂ ଯୋଗିନଃ ପର୍ଯ୍ୟୁପାସତେ ।**

**ବ୍ରହ୍ମାଗ୍ନାବପରେ ଯଜ୍ଞଂ ଯଜ୍ଞେନୈବୋପଜୁହ୍ୱତି ॥ ୨୫ ॥**

*ଅନ୍ୱୟ :ଅପରେ (ଅନ୍ୟାନ୍ୟ ) ଯୋଗିନଃ(ଯୋଗୀ ଜନ) ଦୈବମ୍ ( ଦେବପୂଜା ରୂପକ) ଯଜ୍ଞମ୍ ଏବ ( ଯଜ୍ଞ ହିଁ ) ପର୍ଯ୍ୟୁପାସତେ ( ଅନୁଷ୍ଠାନ କରନ୍ତି ) ଅପରେ (ଆଉ କେତେକ ) ବ୍ରହ୍ମାଗ୍ନୌ(ବ୍ରହ୍ମ ରୂପକ ଅଗ୍ନିରେ ) ଯଜ୍ଞେନ ଏବ ( ବିଚାର ରୂପକ ଯଜ୍ଞଦ୍ୱାରା ହିଁ )ଯଜ୍ଞମ୍ { ଯଜ୍ଞର (ଜୀବାତ୍ମା ରୂପକ)} ଉପଜୁହ୍ୱତି (ଆହୁତି ପ୍ରଦାନ କରନ୍ତି)*

**ଭାବାର୍ଥ** :ପୂର୍ବ ଶ୍ଳୋକରେ କୁହାଯାଇଛି ଯେ ସର୍ବତ୍ର ବ୍ରହ୍ମ ଦର୍ଶନ ରୂପକ ଜ୍ଞାନ , ଯଜ୍ଞାଦି କର୍ମରେ ପ୍ରାପ୍ତ ହୋଇଥାଏ । ସେଥିପାଇଁ ଯଜ୍ଞ ଅନୁଷ୍ଠାନ ଠାରୁ ବ୍ରହ୍ମଜ୍ଞାନ ପ୍ରାପ୍ତି ଶ୍ରେଷ୍ଠ । ବ୍ରହ୍ମା, ଶକ୍ତି, ଶିବ, ଗଣେଶ, ସୂର୍ଯ୍ୟ ,ଚନ୍ଦ୍ର, ଇନ୍ଦ୍ର, ବରୁଣ ଆଦି ଦେବତା ମାନଙ୍କ ସନ୍ତୋଷ ବିଧାନ ନିମିତ୍ତ ଯେଉଁ ସମସ୍ତ ଯଜ୍ଞ ଅନୁଷ୍ଠିତ ହୁଏ ,ତାହାକୁ ଦୈବ ଯଜ୍ଞ କୁହାଯାଏ । ବିଷୟାସକ୍ତ ମନୁଷ୍ୟ କ୍ଷଣିକ ବିଷୟ ଭୋଗ ବା ଭୌତିକ ସୁଖ ସମ୍ପଦକୁ କାମନା କରି ଦ୍ରବ୍ୟାଦି ବସ୍ତୁ ଆହୁତି ରୂପରେ ଅର୍ପଣ କରିଥାନ୍ତି । କିନ୍ତୁ ଯୋଗୀଜନ ପରମାତ୍ମତତ୍ତ୍ୱ ଜ୍ଞାନପ୍ରାପ୍ତି ଇଚ୍ଛାରେ ଅନ୍ତଃକରଣରେ ଥିବା ବିଷୟାସକ୍ତି, ମମତା ,ଅହନ୍ତା ରୂପକ ପ୍ରବୃତ୍ତିକୁ ଆହୁତି ରୁପରେ ଜ୍ଞାନ ଯଜ୍ଞରେ ଅର୍ପଣ କରିଥାନ୍ତି । ଏହି ଯୋଗୀଜନ ବିନା ଫଳଇଚ୍ଛାରେ ଦେବତାମାନଙ୍କ ପାଇଁ ହବନ କରିଥାନ୍ତି , ଦେବତା ମାନଙ୍କର ପୂଜା କରିଥାନ୍ତି, ମନ୍ତ୍ର ଜପ କରିଥାନ୍ତି, ଓ ଅନ୍ତଃକରଣର ଶୁଦ୍ଧି ପାଇଁ ଦାନ,ବ୍ରାହ୍ମଣ ଭୋଜନ ଆଦି କର୍ମ କରାଇଥାନ୍ତି । କେବଳ ପରମାତ୍ମା ତତ୍ତ୍ୱଜ୍ଞାନ ପ୍ରାପ୍ତି ଉଦ୍ଦେଶ୍ୟରେ ଏହିସବୁ ଦେବୋପାସନା ରୂପକ ଯଜ୍ଞ ଶ୍ରଦ୍ଧାପୂର୍ବକ ଶାସ୍ତ୍ରବିଧି ଅନୁସାରେ ପୂର୍ଣ୍ଣତୟା ଅନୁଷ୍ଠାନ କରିଥାନ୍ତି । ସର୍ବତ୍ର ବ୍ରହ୍ମ ଦର୍ଶନ କରୁଥିବା ଯୋଗୀଜନ,ପରଂବ୍ରହ୍ମ ପରମାତ୍ମାଙ୍କ ଯଜ୍ଞ ବେଦିରେ ନିଜର ଭୌତିକ ଶରୀରରେ ହେଉଥିବା ଯଜ୍ଞ ରୂପକ କ୍ରିୟା ଓ ଜୀବାତ୍ମାର ଉପାଧି ଆଦିକୁ ଆହୁତି ରୂପରେ ଅର୍ପଣ କରି ପରମାତ୍ମା ତତ୍ତ୍ୱରେ ବିଲୀନ ହୋଇଥାନ୍ତି । ଏହି ମୁକ୍ତିକାମୀ କର୍ମଯୋଗସିଦ୍ଧ ପ୍ରାପ୍ତ ପୁରୁଷଙ୍କ ବିଚାରରେ, ପରଂବ୍ରହ୍ମ ହେଉଛନ୍ତି ଯଜ୍ଞାଗ୍ନି ବେଦି ,ଏବଂ ଜୀବାତ୍ମା ହେଉଛି ଅର୍ପିତ ବସ୍ତୁ , ଯାହାକୁ କି ସେମାନେ ବ୍ରାହ୍ମାଗ୍ନିରେ ଅର୍ପଣ କରନ୍ତି । ଏହି ଶରୀରରେ ଆତ୍ମା ଅଜ୍ଞାନ କାରଣରୁ ଦେହ ସହିତ ତଦାତ୍ମା ହୋଇ ଯେଉଁ ସଂସାର କର୍ମରେ ଲିପ୍ତ ରହିଛି , ତାହା ମଧ୍ୟ ହେଉଛି ଯଜ୍ଞ । ପରମାତ୍ମା ଏହି ଯଜ୍ଞର ଅଧିପତି ଅର୍ଥାତ୍ ଅଧିଯଜ୍ଞ ରୂପରେ ବିଦ୍ୟମାନ୍ (ଗୀତା ଅ ୮/ଶ୍ଳୋ ୪ ) । ଶରୀର,ମନ,ବୁଦ୍ଧି,ଇନ୍ଦ୍ରିୟ ଆଦି ଭୌତିକ ବସ୍ତୁ ଠାରୁ ପୃଥକ ସଚ୍ଚିଦାନନ୍ଦଘନ ପରମାତ୍ମା ସର୍ବତ୍ର ବିଦ୍ୟମାନ । ପରଂବ୍ରହ୍ମ ପରମେଶ୍ୱର ହେଉଛନ୍ତି ସମସ୍ତ ଯଜ୍ଞର ସର୍ବଶେଷ ଭୋକ୍ତା ଏବଂ ସ୍ୱାମୀ ( ଗୀତା ଅ୯/ଶ୍ଳୋ ୨୪) । ସେହି ପରମ ପୁରୁଷ ପରମାତ୍ମାଙ୍କ ସହିତ ତଦାତ୍ମା ହୋଇ ସୂକ୍ଷ୍ମବୁଦ୍ଧି ଦ୍ୱାରା ବିଶୁଦ୍ଧ ଚିତ୍ତରେ ଆତ୍ମା – ପରମାତ୍ମା ଅଭେଦ ଭାବର ନିରନ୍ତର ଚିନ୍ତନ କରିବା ହେଉଛି ଯଜ୍ଞ ଦ୍ୱାରା ଯଜ୍ଞର ଆହୁତି । ଯେଉଁପରି ଅଗ୍ନିରେ ଆହୁତି ଦେଉଥିବା ଦ୍ରବ୍ୟ ଭସ୍ମୀଭୂତ ହୋଇ ଯାଇଥାଏ, ସେହି ପ୍ରକାରେ ଜୀବର ମଳ,ବିକ୍ଷେପ,ଆବରଣ ଆଦି ଦୋଷ ସର୍ବତ୍ର ପରମାତ୍ମା ଭାବରେ ବିନଷ୍ଟ ହୋଇଯାଏ । ଜୀବାତ୍ମା ସମସ୍ତ ବିକାର,ଉପାଧିରୁ ମୁକ୍ତ ହୋଇ ପରମାତ୍ମା ତତ୍ତ୍ୱରେ ବିଲୀନ ହୋଇଯାଏ ।

**ଶ୍ରୋତ୍ରାଦୀନୀନ୍ଦ୍ରିୟାଣ୍ୟନ୍ୟେ ସଂଯମାଗ୍ନିଷୁ ଜୁହ୍ୱତି ।**
**ଶବ୍ଦାଦୀନ୍ ବିଷୟାନନ୍ୟ ଇନ୍ଦ୍ରିୟାଗ୍ନିଷୁ ଜୁହ୍ୱତି ॥ ୨୬ ॥**

*ଅନ୍ୱୟ: ଅନ୍ୟେ ( ଅନ୍ୟ କୌଣସି ଯୋଗୀ ) ଶ୍ରୋତ୍ରାଦୀନି ଇନ୍ଦ୍ରିୟାଣୀ (କର୍ଣ୍ଣ, ଚକ୍ଷୁ,ନାସା ଆଦି ପାଞ୍ଚ ଜ୍ଞାନେନ୍ଦ୍ରିୟ ଗଣଙ୍କୁ ) ସଂଯମାଗ୍ନିଷୁ (ସଂଯମ ରୂପକ ଅଗ୍ନିରେ) ଜୁହ୍ୱତି (ଆହୁତି ଦିଅନ୍ତି ) ଅନ୍ୟେ (ଅନ୍ୟ କୌଣସି କୌଣସି ଯୋଗୀ ) ଶବ୍ଦାଦୀନ୍ ବିଷୟାନ୍ (ଶବ୍ଦ,ରୂପ,ଗନ୍ଧ,ରସ, ସ୍ପର୍ଶ ଆଦି ବିଷୟ ସମୂହକୁ ) ଇନ୍ଦ୍ରିୟାଗ୍ନିଷୁ (ଇନ୍ଦ୍ରିୟ ରୂପକ ଅଗ୍ନିରେ ) ଜୁହ୍ୱତି (ଆହୁତି ଦିଅନ୍ତି) ।*

**ଭାବାର୍ଥ :**ଏହି ଶ୍ଳୋକରେ ଇନ୍ଦ୍ରିୟ ସଂଯମରୂପ ସାଧନକୁ ଯଜ୍ଞ ରୂପ ଦିଆଯାଇଛି । କେହିକେହି ବ୍ରହ୍ମନିଷ୍ଠ ସାଧକ ସଂଯମ ରୂପକ ଅଗ୍ନିରେ ଜ୍ଞାନେନ୍ଦ୍ରିୟ ଗୁଡିକୁ ଅର୍ପଣ କରନ୍ତି । ଅର୍ଥାତ୍ ଇନ୍ଦ୍ରିୟମାନଙ୍କୁ ଶବ୍ଦ,ରୂପ,ରସ,ଗନ୍ଧ,ସ୍ପର୍ଶ ଆଦି ବିଷୟ ସମୂହରୁ ପ୍ରତ୍ୟାହାର କରି ଯିତେନ୍ଦ୍ରିୟ ହୋଇ ଅବସ୍ଥାନ କରିଥାନ୍ତି। ଇନ୍ଦ୍ରିୟମାନଙ୍କର ବିଷୟଭୋଗ ପ୍ରତି ଯେଉଁ ସ୍ୱାଭାବିକ ଅନୁଧାବନ ଥାଏ, ବିଷୟଭୋଗ ଆସକ୍ତିରୁ ଇନ୍ଦ୍ରିୟ ମାନଙ୍କୁ ନିବୃତ୍ତ କରାଇ , ପରମେଶ୍ୱରଙ୍କ ଉପାସନାରେ ଇନ୍ଦ୍ରିୟମାନଙ୍କୁ ନିଯୁକ୍ତ ରଖିବା ହେଉଛି ଯଜ୍ଞ । ବଶୀଭୁତ ହୋଇ ରହିଥିବା ଇନ୍ଦ୍ରିୟ ମାନଙ୍କ ପକ୍ଷରେ ମନକୁ ବିଷୟ ଭୋଗରେ ପ୍ରବୃତ୍ତ କରିବାର ଶକ୍ତି ରହି ନ'ଥାଏ । ଯେ' ପରମାତ୍ମା ପ୍ରାପ୍ତି ଉଦ୍ଦେଶ୍ୟରେ ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରିଥାନ୍ତି , ସେମାନଙ୍କର ମନରେ ବିଷୟ ଚିନ୍ତନ ନ'ହୋଇ ,ନିରନ୍ତର ପରମାତ୍ମାଙ୍କ ଚିନ୍ତନ ହୋଇଥାଏ । ଯେପରି ଅଗ୍ନିରେ ବସ୍ତୁକୁ ପ୍ରକ୍ଷେଣ କଲେ ବସ୍ତୁ ଭସ୍ମସାତ୍ ହୋଇଯାଏ , ଠିକ୍ ସେହି ପ୍ରକାରେ ସଂଯମତା ଏକ ଅଗ୍ନି , ଯାହା ଇନ୍ଦ୍ରିୟମାନଙ୍କ ବହିର୍ମୁଖୀ ପ୍ରବାହ ବୃତ୍ତିକୁ ଦଗ୍ଧ କରିଦିଏ । ଜଣେ ଉପଯୁକ୍ତ ଗୁରୁଙ୍କ ମାର୍ଗକୁ ଅନୁସରଣ କରି ବ୍ରହ୍ମଚାରୀଗଣ ଇନ୍ଦ୍ରିୟ ସୁଖରୁ ଦୂରରେ ରହି ମନକୁ ସଂଯତ କରନ୍ତି । ବିବେକ, ବିଚାର, ଜପ , ଧ୍ୟାନ ଆଦି ସାହାଯ୍ୟରେ ଇନ୍ଦ୍ରିୟଗଣ ସଂଯତ ହୁଅନ୍ତି । ଇନ୍ଦ୍ରିୟମାନଙ୍କ ଠାରେ ବିଷୟାସକ୍ତ ସମ୍ପୂର୍ଣ୍ଣ ନଷ୍ଟ ହେଲାପରେ , ଏକାନ୍ତରେ ଓ ବ୍ୟବହାରିକ କ୍ଷେତ୍ରରେ ସାଧକର ସ୍ଥିତି ସମାନ ରହିଥାଏ । ଅନ୍ୟ କେହି କର୍ମଯୋଗୀ ଗୃହସ୍ଥାଶ୍ରମରେ ଶବ୍ଦ, ରୂପ, ରସ, ଗନ୍ଧ, ସ୍ପର୍ଶ ଆଦି ବିଷୟ ସମୂହକୁ ଇନ୍ଦ୍ରିୟ ରୂପକ ଅଗ୍ନିରେ ଆହୁତି ଦିଅନ୍ତି । ଅର୍ଥାତ୍ ଇନ୍ଦ୍ରିୟଗଣ ନିଜ ନିଜ ଭୋଗ୍ୟବିଷୟ ଗ୍ରହଣରେ ଅନାସକ୍ତ ରହିଥାନ୍ତି । କେବଳ ବିହିତ ବସ୍ତୁକୁ ଗ୍ରହଣକରି ନିଷିଦ୍ଧ ବିଷୟ ଗ୍ରହଣରୁ ଇନ୍ଦ୍ରିୟମାନଙ୍କୁ ନିବୃତ୍ତ କରି ରଖିଥାନ୍ତି । ରାଗ ଦ୍ୱେଷ ରହିତ ଆତ୍ମ ସଂଯମି ପୁରୁଷଙ୍କ କର୍ଣ୍ଣରେ ନିନ୍ଦା –ପ୍ରଶଂସା ,ଚକ୍ଷୁରେ ସୁନ୍ଦର-ଅସୁନ୍ଦର ,ଚର୍ମରେ ଶୀତ-ଉଷ୍ମ ,ଜିହ୍ୱାରେ ସ୍ୱାଦ-ଆସ୍ୱାଦ ଓ ନାସାରେ ଗନ୍ଧ-ସୁଗନ୍ଧ ଆଦି କୌଣସି ପ୍ରକାର ବିକାର ଉତ୍ପନ କରିବାର ଶକ୍ତି ନ'ରହିବା ହେଉଛି ଶବ୍ଦ,ରୂପ,ସ୍ପର୍ଶ,ରସ,ଗନ୍ଧ ଆଦି ବିଷୟ ସମୂହର ଇନ୍ଦ୍ରିୟ ରୂପକ ଅଗ୍ନିରେ ଆହୁତି । ଏଥିରେ ଅନ୍ତଃକରଣରୁ ବିଷୟପ୍ରତି ଅନୁରାଗ ନଷ୍ଟ ହୋଇଥାଏ। ମନ ଓ ଇନ୍ଦ୍ରିୟରେ ବିଷୟପ୍ରତି ଆସକ୍ତି ଏବଂ ରମଣୀୟ ବୁଦ୍ଧି ନ'ରହିଲେ ସେହି ବିଷୟ ଭୋଗ ବାସନା ଅଗ୍ନିରେ ତୃଣ ସଦୃଶ ଭସ୍ମ ହୋଇଯାଇଥାଏ । ବ୍ୟବହାରିକ କ୍ଷେତ୍ରରେ ଅନ୍ତଃକରଣ ରାଗ-ଦ୍ୱେଷ ରହିତ ହୋଇ ସାଧକ ସମତା ସ୍ଥିତିରେ ରହିଥାଏ ।

**ସର୍ବାଣୀନ୍ଦ୍ରିୟକର୍ମାଣି ପ୍ରାଣକର୍ମାଣି ଚାପରେ ।**
**ଆତ୍ମସଂଯମଯୋଗାଗ୍ନୌ ଜୁହ୍ୱତି ଜ୍ଞାନଦୀପିତେ ॥ ୨୭॥**

*ଅନ୍ୱୟ:ଅପରେ ( ଅନ୍ୟ ଧ୍ୟାନନିଷ୍ଠ ଯୋଗୀ ) ସର୍ବାଣି (ସମସ୍ତ) ଇନ୍ଦ୍ରିୟ କର୍ମାଣି (ଇନ୍ଦ୍ରାୟ ସମୂହର କ୍ରିୟା ଗୁଡିକୁ) ପ୍ରାଣ କର୍ମାଣି ଚ ( ଓ ପ୍ରାଣ ଆଦି ବାୟୁର କ୍ରିୟା ଗୁଡିକୁ ) ଜ୍ଞାନଦୀପିତେ (ପରମାତ୍ମା ତତ୍ତ୍ୱଜ୍ଞାନଦ୍ୱାରା ପ୍ରଜ୍ୱଳିତ) ଆତ୍ମସଂଯମଯୋଗାଗ୍ନୌ { ଆତ୍ମ ସଂଯମ ଯୋଗ(ସମାଧିଯୋଗ) ରୂପକ ଅଗ୍ନିରେ } ଜୁହ୍ୱତି (ଆହୁତି ପ୍ରଦାନ କରନ୍ତି ) ।*

**ଭାବାର୍ଥ:** ଏହି ଶ୍ଳୋକରେ ସମାଧି ଯୋଗ ସାଧନାକୁ ଯଜ୍ଞ ଆଖ୍ୟା ଦିଆଯାଇଛି । ଭୌତିକ ଶରୀର ସହିତ ବିଷୟ ସଂଯୋଗରେ ପାଞ୍ଚ ଜ୍ଞାନେନ୍ଦ୍ରିୟ , ପାଞ୍ଚ କର୍ମେନ୍ଦ୍ରିୟ ଦ୍ୱାରା କ୍ରିୟା ସମ୍ପାଦିତ ହୋଇଥାଏ । କର୍ଣ୍ଣ ଶ୍ରବଣ କ୍ରିୟାରେ ,ଚକ୍ଷୁ ଦର୍ଶନ କ୍ରିୟାରେ ,ହସ୍ତ ସ୍ପର୍ଶ କ୍ରିୟାରେ,ଜିହ୍ୱା ଆସ୍ୱାଦନ କ୍ରିୟାରେ ,ଓ ନାସିକା ଆଘ୍ରାଣ କ୍ରିୟାରେ ଜଡିତ ରହିଥାନ୍ତି । କହିବା,ବସିବା,ଉଠିବା,ଚଳ-ପ୍ରଚଳ , ବର୍ଜ୍ୟ ତ୍ୟାଗ ପ୍ରଭୃତି କ୍ରିୟା କର୍ମେନ୍ଦ୍ରିୟ ମାନଙ୍କ ଦ୍ୱାରା ଶରୀରର ବାହ୍ୟ ଭାଗରେ ହୋଇଥାଏ । ପାଞ୍ଚ ପ୍ରାଣ : ପ୍ରାଣ ,ଅପାନ,ବ୍ୟାନ,ସମାନ ,ଓ ଉଦାନ ଦ୍ୱାରା ଶରୀର ଅନ୍ତର୍ଭାଗରେ ବାୟୁଦ୍ୱାରା ବିଭିନ୍ନ କ୍ରିୟା ହୋଇଥାଏ । ପ୍ରାଣ ବାୟୁର ବହିର୍ଗମନ କ୍ରିୟା ଯାହା ଶ୍ୱସକ୍ରିୟା, ଅପାନ ବାୟୁର ନିମ୍ନ ଗମନ , ବ୍ୟାନ ବାୟୁର ଆକୁଞ୍ଚନ-ସଂପ୍ରସାରଣ କ୍ରିୟା, ସମାନ ବାୟୁର ସନ୍ତୁଳନ ରକ୍ଷା କ୍ରିୟା,ଉଦାନ ବାୟୁର ଉର୍ଦ୍ଧଗମନ କ୍ରିୟା , ଏହି ସମସ୍ତ ଅନ୍ତଃ ପ୍ରାଣକ୍ରିୟା ଦ୍ୱାରା ଶରୀର ନିର୍ବାହ ହୋଇଥାଏ । ଧ୍ୟାନନିଷ୍ଠ ଯୋଗୀ ଶରୀରର ଉପୋରକ୍ତ ସମସ୍ତ ଇନ୍ଦ୍ରିୟ ଓ ପ୍ରାଣ କ୍ରିୟାକୁ, ପରମାତ୍ମା ତତ୍ତ୍ୱଜ୍ଞାନ ଦ୍ୱାରା ଉଦ୍ଦୀପିତ ସମାଧି ରୂପକ ଯୋଗାଗ୍ନିରେ ଆହୁତି ରୂପରେ ଅର୍ପଣ କରିଥାନ୍ତି। ଏହି ସମାଧି ରୂପକ ଯଜ୍ଞରେ ସଂଯମ ଚିତ୍ତବୃତ୍ତି ସ୍ଥିତିକୁ ଆତ୍ମ ସଂଯମ ଯୋଗାଗ୍ନି ରୂପେ ଓ ପରମାତ୍ମତତ୍ତ୍ୱ ଜ୍ଞାନ ଜାଗ୍ରତ କରି ରଖିବାକୁ "ଜ୍ଞାନଦୀପିତେ" ରୂପେ ଦର୍ଶା ଯାଇଛି । ସାଧକ ଦଶ ଇନ୍ଦ୍ରିୟ ଓ ପାଞ୍ଚ ପ୍ରାଣଜନିତ ସମସ୍ତ କ୍ରିୟାକୁ ନିରୋଧ କରି "ଏକ ପରମାତ୍ମା ହିଁ ସର୍ବତ୍ର ପରିପୂର୍ଣ୍ଣ "ଏହି ଜ୍ଞାନ ଯୁକ୍ତ ଚିତ୍ତବୃତ୍ତିରେ ବ୍ରହ୍ମାନନ୍ଦରେ ମଗ୍ନ ହୋଇ ରହନ୍ତି । ସମସ୍ତ ଇନ୍ଦ୍ରିୟ ଓ ପ୍ରାଣ କର୍ମକୁ ହବନ କରିଦେବା ହିଁ ଆତ୍ମା ଚିନ୍ତନ । ଇନ୍ଦ୍ରିୟ କର୍ମକୁ ହବନ କରିଦେଲା ପରେ ଖାଇବା କ୍ରିୟା କିଏ କରୁଛି ? ସେହିପରି ଚାଲିବା କ୍ରିୟା କିଏ କରୁଛି ? ଚିନ୍ତନ କ୍ରିୟା କିଏ କରୁଛି ? କ୍ଷୁଧା, ତୃଷ୍ଣା କିଏ ଅନୁଭବ କରୁଛି ? ସବୁ ଅର୍ପଣ କରିଦେଲାପରେ ଆଉ କେଉଁ ସତ୍ତା ଶେଷ ରହିଲା,ଯାହାକୁ କରୁଛି ବୋଲି ବୋଧ ହେବ ? ଯେଉଁ ଦେହ "ମୁଁ" ଭାବରେ ପ୍ରତୀୟମାନ ହେଉଥିଲା ତାହା ଅସତ୍ ବା ଅନାତ୍ମା ଯାହା ସବୁବେଳେ ନ'ଥାଏ । ତା'ହେଲେ "ମୁଁ"କିଏ ? ସମସ୍ତ କ୍ରିୟାର ନିରୋଧ ହେଲାପରେ କର୍ତ୍ତାର ଅଭାବ ଏବଂ ସରୂପର ସାକ୍ଷ୍ୟଭାବ ହେଉଛି , ଏହି ପ୍ରଶ୍ନର ସମାଧାନ ,ଯାହା ସାଧକର ଆତ୍ମା ସାକ୍ଷାତ୍କାର । ନିଦ୍ରା ଅବସ୍ଥା ଠାରୁ ଭିନ୍ନ ଦର୍ଶାଇବା ପାଇଁ ସମାଧି ଯୋଗକୁ ଯଜ୍ଞରୂପ ଦିଆଯାଇଛି । ସମାଧିସ୍ଥ ଅବସ୍ଥାରେ ଆତ୍ମା-ଅନାତ୍ମାର ବିବେକ ଜାଗ୍ରତ ହୋଇ ରହିଥାଏ , କିନ୍ତୁ ନିଦ୍ରିତ ଅବସ୍ଥାରେ ଇନ୍ଦ୍ରିୟ ମାନଙ୍କର ବୃତ୍ତି ସମୂହ ଅବିଦ୍ୟାରେ ଲୀନ ହୋଇଥାନ୍ତି ଓ ପାଞ୍ଚ ପ୍ରାଣ ସକ୍ରିୟ ଥାନ୍ତି । ପତାଞ୍ଜଳି ଯୋଗଶାସ୍ତ୍ରରେ ଆସନ ଓ ପ୍ରାଣାୟମ କ୍ରିୟାଦ୍ୱାରା ଶରୀରରେ ଇନ୍ଦ୍ରିୟ ଓ ପ୍ରାଣ ବାୟୁକୁ ନିରୋଧ କରିବାର ସାଧନ ସୂତ୍ର ବତାଯାଇଛି । ହଠଯୋଗ ସମାଧିରେ ପ୍ରାଣ ସମୂହକୁ ରୁଦ୍ଧ କରିବାପାଇଁ କୁମ୍ଭକ କ୍ରିୟା କୁହାଯାଇଛି । ଧ୍ୟାନ ଯୋଗରେ ମନଦ୍ୱାରା, ଧ୍ୟେୟର ନିରନ୍ତର ଚିନ୍ତନରେ ମନର ଏକଗ୍ରତା ରୂପ ଧ୍ୟାନ ଅବସ୍ଥା ପ୍ରାପ୍ତହୁଏ । ତା'ପରେ ଧ୍ୟାନ ସ୍ଥିତି ଗାଢ ହୋଇ , ମନର ନିରୋଧ ହୋଇଯାଏ । ଅଷ୍ଟାଙ୍ଗ ଯୋଗ ସାଧନାରେ ଧାରଣା,ଧ୍ୟାନ,ଓ ସମାଧି ଏହି ତିନୋଟି ଅଙ୍ଗର ସମୁଦାୟ ହେଉଛି ଆତ୍ମସଂଯମ ଯୋଗ । ଏହା ହେଉଛି ସମାଧିସ୍ଥ ସ୍ଥିତି । ଏଥିରେ ଇନ୍ଦ୍ରିୟମାନଙ୍କର

ସମସ୍ତ ପ୍ରବୃତ୍ତି ଶାନ୍ତ ରହିଥାଏ । ପ୍ରାଣ କ୍ରିୟା ମଧ୍ୟ ଆସ୍ତେ ଆସ୍ତେ ସ୍ୱତଃ ବନ୍ଦ ହୋଇ ଯାଇଥାଏ । ଏହିପରି ପରମାତ୍ମା ପରମେଶ୍ୱରଙ୍କ ସଗୁଣ-ସାକାର କିମ୍ବା ନିର୍ଗୁଣ-ନିରାକାର କୌଣସି ରୂପକୁ ଇଷ୍ଟ ରୂପରେ ଧ୍ୟେୟ କରି ନିରନ୍ତର ଧ୍ୟାନରେ ମନକୁ ନିରୋଧ କରି ରଖିବା ସମାଧି ଯୋଗର ସ୍ୱରୂପ। ଚିତ୍ତବୃତ୍ତି ନିରୋଧ ରୂପକ ଯଜ୍ଞ ଅର୍ଥାତ୍ ସମାଧି ଯଜ୍ଞ କରୁଥିବା ଯୋଗୀଜନ ଇନ୍ଦ୍ରିୟ ତଥା ପ୍ରାଣ କର୍ମ ସମୂହକୁ ଶାନ୍ତ , ନିଶ୍ଚଳ କରି ଚିତ୍ତବୃତ୍ତିକୁ ପରମାତ୍ମା ତତ୍ତ୍ୱଜ୍ଞାନରେ ସମାହିତ କରି ସମାଧିସ୍ଥ ହୋଇଥାନ୍ତି । ବିଶୁଦ୍ଧ ଚିତ୍ତରେ ସର୍ବତ୍ର ପରମାତ୍ମା ପରିବ୍ୟାପ୍ତ ଜ୍ଞାନ ହିଁ ଜାଗ୍ରତ ରହିଥାଏ ।

**ଦ୍ରବ୍ୟଯଜ୍ଞାସ୍ତପୋଯଜ୍ଞା ଯୋଗଯଜ୍ଞାସ୍ତଥାପରେ ।**

**ସ୍ୱାଧ୍ୟାୟଜ୍ଞାନଯଜ୍ଞାଶ୍ଚ ଯତୟଃ ସଂଶିତବ୍ରତାଃ ॥ ୨୮ ॥**

*ଅନ୍ୱୟ : {କେହି କେହି } ଦ୍ରବ୍ୟ ଯଜ୍ଞାଃ ( ନ୍ୟାୟୋଚିତ ଭାବେ ଅର୍ଜିତ ଧନାଦି ଦ୍ରବ୍ୟ ଦାନ,ଦକ୍ଷିଣା,ଲୋକସେବାରେ ବିନିଯୋଗ କରି ନିଜଠାରୁ ତ୍ୟାଗ କରିବା )ତପୋ ଯଜ୍ଞାଃ (ଇନ୍ଦ୍ରିୟ ଓ ,ମନର ନିରୋଧ ସକାଶେ ଶରୀର ସାମର୍ଥ୍ୟତାକୁ ନେଇ ଶାସ୍ତ୍ର ବିଧି ଅନୁସାରେ ତିତିକ୍ଷା ସମ୍ବନ୍ଧିୟ ଅର୍ଥାତ୍ କଷ୍ଟ ସହ୍ୟ କ୍ରିୟା ହେଉଛି ତପ ଯଜ୍ଞ ) ଯୋଗଯଜ୍ଞାଃ (ଅଷ୍ଟାଙ୍ଗ ଯୋଗସାଧନା ରୂପକ ଯଜ୍ଞ ) ତଥା – ଅପରେ (ପୁଣି ଅନ୍ୟ କେହି କେହି ) ସଂଶିତାବ୍ରତାଃ ( ତୀକ୍ଷ୍ଣ ବ୍ରତ ଆଚରଣ କରୁଥିବା ) ଯତୟଃ (ପ୍ରଯତ୍ନଶୀଳ ସାଧକ ) ସ୍ୱାଧ୍ୟାୟ (ବେଦାନ୍ତସୂତ୍ର,ସାଙ୍ଖ୍ୟ ଦର୍ଶନ,ଉପନିଷଦ, ପୁରାଣ, ଗୀତା,ଭାଗବତ ଆଦି ଅଧ୍ୟୟନ ) ଜ୍ଞାନ ଯଜ୍ଞାଃ (ଯୁକ୍ତିଦ୍ୱାରା ବେଦାର୍ଥ ନିର୍ଣ୍ଣୟ, ଶାସ୍ତ୍ର ଆଲୋଚନାରେ ତତ୍ତ୍ୱ ବିଚାର ଆଦି ଜ୍ଞାନ ଯଜ୍ଞ)*

**ଭାବାର୍ଥ :** ପ୍ରଯତ୍ନଶୀଳ ସାଧକ ଦୃଢ଼ାମନ ହୋଇ କେବଳ ପରମାତ୍ମା ପ୍ରାପ୍ତି ଉଦ୍ଦେଶ୍ୟରେ ସାମର୍ଥ୍ୟ ଅନୁଯାଇ ଶାସ୍ତ୍ରବିଧିରେ ନିଜର ମନ,ତନ,ଧନକୁ ଅର୍ପଣ କରିବାକୁ ବିଭିନ୍ନ ଯଜ୍ଞ ରୂପରେ ବର୍ଣ୍ଣନା କରାଯାଇଛି । ଦ୍ରବ୍ୟ ଯଜ୍ଞ ଦୁଇପ୍ରକାର : ଶ୍ରୌତ ଏବଂ ସ୍ମାର୍ତ୍ତ । ଏହିଲୋକ, ପରଲୋକରେ ଭୌତିକ ସୁଖ ଆଶାରେ ନ୍ୟାୟୋଚିତ ଅର୍ଜିତ ଧନ, ଦ୍ରବ୍ୟ ଆଦି ଦେବତା, ବ୍ରାହ୍ମଣ,ବିଦ୍ୱାନ୍ ମାନଙ୍କ ଉଦ୍ଦେଶ୍ୟରେ ନିଜ ସାମର୍ଥ୍ୟ ଅନୁସାରେ ଯଜ୍ଞରେ କିମ୍ବା ତୀର୍ଥସ୍ଥଳରେ ଦାନ, ଦକ୍ଷିଣା ରୂପରେ ଉତ୍ସର୍ଗ କରିବା ହେଉଛି ଶ୍ରୌତ ଦ୍ରବ୍ୟଯଜ୍ଞ । ଆସକ୍ତ, ଫଳାଇଚ୍ଛା ରହିତ ହୋଇ ଜଳାଶୟ ଖନନ, ମନ୍ଦିର, ଧର୍ମଶାଳା,ଅନ୍ନ ସଂସ୍ଥାନ, ସ୍ୱାସ୍ଥ୍ୟ ଓ ଶିକ୍ଷା ସେବା ସଂସ୍ଥାନ ପ୍ରତିଷ୍ଠାରେ ନ୍ୟାୟୋଚିତ ଉପାର୍ଜନ ଧନର ବିନିଯୋଗ ହେଉଛି ସ୍ମାର୍ତ୍ତ ଦ୍ରବ୍ୟ ଯଜ୍ଞ । ଗ୍ରାହ୍ୟସ୍ଥ ଆଶ୍ରମରେ ଧନର ଅଭାବରେ, ଅନାସକ୍ତ ଭାବରେ ସଂସାର କଲ୍ୟାଣଯୁକ୍ତ କର୍ମରେ ମନ,କାୟ,ବାକ୍ୟରେ ଶ୍ରମ ଦାନ ଓ ଶ୍ରଦ୍ଧା ,ଭକ୍ତି ଚିତ୍ତରେ ପତ୍ର, ପୁଷ୍ପ, ଫଳ ଓ ନୈବେଦ୍ୟ ଆଦି ନିବେଦନ କରି ଦେବାର୍ଚ୍ଚନା ପ୍ରଭୃତି କ୍ରିୟା ସ୍ମାର୍ତ୍ତ ଦ୍ରବ୍ୟଯଜ୍ଞ । ଅନ୍ୟକେହି କଠିନ ନିୟମ ପାଳନ କରିବା ଭଳି ଚାନ୍ଦ୍ରାୟଣ ,ଚାତୁର୍ମାସ୍ୟା ଆଦି ବ୍ରତ ଆଚରଣ କରନ୍ତି । ମୁନି,ଋଷି ମାନଙ୍କ ଦ୍ୱାରା ମନ ଇନ୍ଦ୍ରିୟକୁ ନିରୋଧ କରି ପରମାତ୍ମା ତତ୍ତ୍ୱ ପ୍ରାପ୍ତ ଉଦ୍ଦେଶ୍ୟରେ ତପସ୍ୟାରେ ମଗ୍ନରହିବା ମଧ୍ୟ ତପଯଜ୍ଞ । ତପୋମୟ ଯଜ୍ଞରେ ଭୌତିକ ସୁଖ କାମନାକୁ ସଂପୂର୍ଣ୍ଣ ଭାବରେ ଅନ୍ତଃକରଣରୁ ତ୍ୟାଗକରିବାକୁ ହୁଏ । କର୍ମଯୋଗ ସାଧକ ପାଇଁ ନିଜ ଜାତି, ବର୍ଣ୍ଣ, ଆଶ୍ରମର ବିଚାରରେ ସ୍ୱଧର୍ମ ଜନିତ କର୍ତ୍ତବ୍ୟକର୍ମକୁ ନିଷ୍ଠାର ସହିତ ପାଳନ କରିବା ହେଉଛି ତପ ଯଜ୍ଞ । ଅତୀବ ପ୍ରତିକୂଳ ପରିସ୍ଥିତି, ବସ୍ତୁ, ବ୍ୟକ୍ତି, ଘଟଣା ଆସିଲେ ମଧ୍ୟ, ଯଦି ସାଧକ ପ୍ରସନ୍ନ ଚିତ୍ତରେ ନିଜର କର୍ତ୍ତବ୍ୟ ପାଳନ କରେ , ଅର୍ଥାତ୍ ନିଜ କର୍ତ୍ତବ୍ୟରୁ ବିଚ୍ୟୁତ ହୁଏନାହିଁ ,ତାହା ସବୁଠାରୁ ବଡ ସିଦ୍ଧିଦାୟକ ତପସ୍ୟା । ପରମାତ୍ମା ପ୍ରାପ୍ତି ଉଦ୍ଦେଶ୍ୟରେ, ସ୍ୱଧର୍ମ ପାଳନରେ ଅନ୍ତଃକରଣକୁ ଶୁଦ୍ଧକରିବା ପାଇଁ ଅନ୍ନ ତ୍ୟାଗକରି ଦୁଧ କିମ୍ବା କେବଳ ଫଳାହାରରେ ଜୀବନ ନିର୍ବାହ

କରିବା,ସୂର୍ଯ୍ୟ ଙ୍କ ତେଜକୁ ସହନ କରିବା, ବନବାସ କରିବା ପ୍ରଭୃତି କଷ୍ଟ ସହନ କରିବା ସାଧନକୁ ତପୋଯଜ୍ଞ କୁହାଯାଇଛି । ଭଗବାନ ଶ୍ରୀ ଶଙ୍କରାଚାର୍ଯ୍ୟ ଙ୍କ ମତ ରେ ମନ ଓ ଇନ୍ଦ୍ରିୟର ଏକାଗ୍ରତା ହେଉଛି ତପ । ଆଗରୁ ଭଗବାନ ଅନ୍ତଃକରଣର ସମତ୍ୱକୁ ଯୋଗ ବୋଲି କହିଛନ୍ତି । ଫଳ ପ୍ରାପ୍ତି-ଅପ୍ରାପ୍ତି, ଅନୁକୂଳ-ପ୍ରତିକୂଳ ଆଦି ପରିସ୍ଥିତିରେ ସମ ରହିବା ଅର୍ଥ ମନରେ ହର୍ଷ-ଶୋକ, ସୁଖ-ଦୁଃଖ ଇତ୍ୟାଦି ଜାତ ନ'ହେବା । ଅତଏବ ଯୋଗଯଜ୍ଞ ଚିତ୍ତବୃତ୍ତିର ନିରୋଧକୁ ବୁଝାଏ। ପତଞ୍ଜଳି ଅଷ୍ଟାଙ୍ଗ ଯୋଗସାଧନର ପ୍ରାରମ୍ଭିକ ଯମ ଓ ନିୟମ ଏହି ଦୁଇଟି ଅଙ୍ଗର ସାଧନକୁ ଯୋଗ ଯଜ୍ଞ ବୋଲି କେହିକେହି ଟୀକାକାର ବ୍ୟାଖ୍ୟା କରିଛନ୍ତି । ଯମ ହେଲା :ସତ୍ୟ,ଅହିଂସା,ବ୍ରହ୍ମଚର୍ଯ୍ୟ,ଅସ୍ତେୟ,(ଚୋରୀ ନ'କରିବା) ଅପରିଗ୍ରହ (ବିଷୟ ସଂଗ୍ରହରୁ ରହିତ ହେବା) । ନିୟମ ହେଲା:ଶୌଚ(ଅନ୍ତଃ ଓ ବହିଃ ଶୁଦ୍ଧି),ସନ୍ତୋଷ, ତପ, ଈଶ୍ୱର ପ୍ରଣିଧାନ,ସ୍ୱାଧ୍ୟାୟ । ଅଷ୍ଟାଙ୍ଗ ଯୋଗ ମାର୍ଗର ଏହି "ଯମ" ଓ "ନିୟମ" ଅଙ୍ଗକୁ ଉତ୍ତମ ଭାବରେ ଧାରଣ କରି, ରାଗ-ଦ୍ୱେଷ ଏବଂ ଅଭିମାନ ଆଦି ଦୋଷ ରହିତ ପ୍ରଯତ୍ନଶୀଳ ସାଧକକୁ ଏହି ଶ୍ଳୋକରେ ଭଗବାନ ସଂଶିତବ୍ରତା ଯୁକ୍ତ ପୁରୁଷ ବୋଲି ବର୍ଣ୍ଣନା କରିଛନ୍ତି । ସଂଶିତବ୍ରତା ଯୋଗୀ ଏହି ଆତ୍ମାର ପରମାତ୍ମା ସହିତ ବିଲୀନ ରୂପକ ଯୋଗର ସହାୟକ ପାଇଁ ଶମ , ଦମ ଇତ୍ୟାଦି ନିୟମର ଉତ୍ତମ ପ୍ରକାର ଆଚରଣ କରିଥାନ୍ତି । ଅନ୍ୟକେହି କର୍ମଯୋଗୀ ପରମାତ୍ମା ପରମେଶ୍ୱରଙ୍କ ସ୍ୱରୂପର ପୂର୍ଣ୍ଣତା ଅନୁଭବ ପର୍ଯ୍ୟନ୍ତ, ବେଦାନ୍ତ ସୂତ୍ର,ଉପନିଷଦ କିମ୍ବା ସାଙ୍ଖ୍ୟଦର୍ଶନ ପ୍ରଭୃତି ଶାସ୍ତ୍ର ଅଧ୍ୟୟନ ରତ ରହିଥାନ୍ତି । ସାଧକ ନିଜର ପରମାର୍ଥତତ୍ତ୍ୱ ଅନୁଭୂତିର ନିର୍ଣ୍ଣାୟକ ସିଦ୍ଧାନ୍ତରେ ସ୍ଥିତ ରହିବା ହେଉଛି ଜ୍ଞାନଯଜ୍ଞ । ଜ୍ଞାନଯଜ୍ଞ କ୍ରିୟା ପ୍ରଧାନ ନ'ହୋଇ ବିଚାର ପ୍ରଧାନ ହୋଇଥାଏ । ଗୃହସ୍ଥାଶ୍ରମରେ ରାମାୟଣ,ଗୀତା,ଭାଗବତ ପ୍ରଭୃତି ପୁରାଣ ଗ୍ରନ୍ଥ ନିତ୍ୟ ପଠନ କରିବା ସ୍ୱାଧ୍ୟାୟ । ଏହା ପାରାୟଣ ହୋଇଥାଏ, କିନ୍ତୁ ଜ୍ଞାନ ଯଜ୍ଞ ନୁହେଁ । ଈଶ୍ୱରତତ୍ତ୍ୱ,ଜନ୍ମ କର୍ମ ଲୀଳା,ସାକାର-ନିରାକାର,ସଗୁଣ-ନିର୍ଗୁଣ ବ୍ରହ୍ମସ୍ୱରୂପ ଆଦି ବର୍ଣ୍ଣନା ଥିବା ପୁରାଣ, ଗ୍ରନ୍ଥକୁ ଅନୁସନ୍ଧାନ ପୂର୍ବକ ଓ ଜିଜ୍ଞାସୁ ଚିତ୍ତରେ ଅଧ୍ୟୟନକରି ତାହାର ତତ୍ତ୍ୱ ବିଚାରକୁ ଆଚରଣରେ ପ୍ରଦର୍ଶିତ କରିବା ହେଉଛି ଜ୍ଞାନଯଜ୍ଞ ।

ଅପାନେ ଜୁହ୍ୱତି ପ୍ରାଣଂ ପ୍ରାଣେଅପାନଂ ତଥାପରେ ।
ପ୍ରାଣାପାନଗତୀ ରୁଦ୍ଧ୍ୱା ପ୍ରାଣାୟାମପରାୟଣାଃ ॥ ୨୯ ॥
ଅପରେ ନିୟତାହାରାଃ ପ୍ରାଣାନ୍ ପ୍ରାଣେଷୁ ଜୁହ୍ୱତି ।
ସର୍ବେଅପ୍ୟେତେ ଯଜ୍ଞବିଦୋ ଯଜ୍ଞକ୍ଷପିତକଳ୍ମଷା ॥ ୩୦ ॥

*ଅନ୍ୱୟ : ତଥା ଅପରେ ( ଅନ୍ୟ ଶ୍ରେଣୀର ଯୋଗୀ) ଅପାନେ (ଅପାନ ବାୟୁରେ ) ପ୍ରାଣଂ (ପ୍ରାଣ ବାୟୁକୁ ) ପ୍ରାଣେ ( ପ୍ରାଣ ବାୟୁରେ ) ଅପାନଂ (ଅପାନ ବାୟୁକୁ ) ଜୁହ୍ୱତି (ହୋମ କରନ୍ତି ) ଅପରେ (ଅନ୍ୟମାନେ) ପ୍ରାଣାୟାମ ପରାୟଣାଃ ( ପ୍ରାଣାୟାମ ପରାୟଣ ଯୋଗୀ ) ନିୟତାହାରାଃ (ମିତହାରୀ ହୋଇ ) ପ୍ରାଣ-ଅପାନ ଗତୀ (ପ୍ରାଣ ଓ ଅପାନ ଗତିକୁ ) ରୁଦ୍ଧ୍ୱା (ରୋଧକରି ) ପ୍ରାଣାନ୍ (ଊର୍ଦ୍ଧ୍ୱଗତି ଶ୍ୱାସ କ୍ରିୟା/ ଇନ୍ଦ୍ରିୟମାନଙ୍କର କ୍ରିୟା ସମୂହକୁ ) ପ୍ରାଣେଷୁ (ପ୍ରାଣ ସମୂହରେ ) ଜୁହ୍ୱତି( ଆହୁତି ଦିଅନ୍ତି ) ଏତେ ( ଏ) ସର୍ବେ ଅପି (ସମସ୍ତ ସାଧକ ) ଯଜ୍ଞ କ୍ଷପିତ କଳ୍ମଷାଃ (ଯଜ୍ଞ ଦ୍ୱାରା ପାପ ବିନାଶକାରୀ) ଏବଂ ଯଜ୍ଞବିଦଃ (ଯଜ୍ଞର ଜ୍ଞାତା ଅଟନ୍ତି ) ।*

**ଭାବାର୍ଥ :** ଏହି ଶ୍ଲୋକରେ ଭଗବାନ ପ୍ରାଣାୟାମ ଯୋଗକ୍ରିୟା ଏକ ଯଜ୍ଞକର୍ମ ବୋଲି କହିଛନ୍ତି । ଶରୀର ଭିତରେ ଶ୍ୱାସ ପ୍ରଶ୍ୱାସ ଦ୍ୱାରା ବାୟୁର ଚଳନକୁ ନିୟନ୍ତ୍ରଣ କରି ବିପରୀତ ଦିଗରେ ଗତି କରାଇବା ହେଉଛି ପ୍ରାଣାୟାମ କ୍ରିୟା । ପ୍ରାଣ ଅପାନ ବାୟୁକୁ ରୁଦ୍ଧ କରି ପରମାତ୍ମାପ୍ରାପ୍ତି ଅଭିପ୍ରାୟରେ ଇନ୍ଦ୍ରିୟ,ମନ,ବୁଦ୍ଧିକୁ ସଂଯମ କରି ଦିବ୍ୟାନୁଭୂତି ଲାଭ କରିବା ହେଉଛି ପ୍ରାଣାୟାମ ଯୋଗ । ପ୍ରାଣାୟାମ ରୂପ ସାଧନା ଯଜ୍ଞକର୍ମ ଅଟେ । ଶରୀର ଭିତରେ ରହିଥିବା ବାୟୁର ସ୍ଥାନକୁ ପାଞ୍ଚଭେଦ ମନାଯାଇଥାଏ । ତାହାହେଲା ପ୍ରାଣ,ଆପଣ,ସମାନ, ଉଦାନ ଓ ବ୍ୟାନ । ଏଥିରେ ପ୍ରାଣର ସ୍ଥାନ ହୃଦୟରେ,ଅପାନର ସ୍ଥାନ ଗୁହ୍ୟଦ୍ୱାର,ସମାନର ସ୍ଥାନ ନାଭି,ଉଦାନର ସ୍ଥାନ କଣ୍ଠ, ଏବଂ ବ୍ୟାନର ସ୍ଥାନ ସମସ୍ତ ଶରୀର ମନାଯାଇଥାଏ । ଏହି ପାଞ୍ଚ ବାୟୁ ଭେଦକୁ ପଞ୍ଚପ୍ରାଣ ମଧ୍ୟ କୁହାଯାଏ । ଶରୀର ଭିତରେ ପ୍ରାଣ ବାୟୁର ବିସ୍ତାର ତିନିପ୍ରକାର ଯଥା : ପୂରକ, ରେଚକ,କୁମ୍ଭକ । ଯେତେବେଳେ ନାକ ମୁଖଦେଇ ବାୟୁ ବାହାରକୁ ଯାଏ ଓ ଆସେ ତାହାକୁ ପ୍ରାଣ କୁହାଯାଏ । ଅପାନ ବାୟୁ ଦ୍ୱାରା ଶରୀରରୁ ମଳ,ମୁତ୍ର ଆଦି ବର୍ଜ୍ୟବସ୍ତୁ ନିଷ୍କାସିତ ହୋଇଥାଏ । ପ୍ରାଣ ବାୟୁକୁ ବାହାରେ ଓ ଭିତରେ ରୁଦ୍ଧ କରି ରଖିବା ହେଉଛି କୁମ୍ଭକ । ଅପାନ ବାୟୁର ଗତି ନିମ୍ନକୁ ହେଉଥିବା ବେଳେ,ପ୍ରାଣ ବାୟୁର ଗତି ଉର୍ଦ୍ଧକୁ ହୋଇଥାଏ । ଶ୍ୱାସ ନିଷ୍କାସନ "ପ୍ରାଣ"ର କାର୍ଯ୍ୟ ହୋଇଥିଲା ବେଳେ ପ୍ରଶ୍ୱାସ ଗ୍ରହଣ "ଅପାନ"ର କାର୍ଯ୍ୟ ହୋଇଥାଏ । ଅନ୍ତର୍ଗତ ଶ୍ୱାସରେ ବହିର୍ଗତ ଶ୍ୱାସ ଅର୍ପିତ ହେଲେ ତାହା ପୂରକ ହୁଏ । ଏଥିରେ ଅପାନବାୟୁ ହେଉଛି ଅଗ୍ନି ସ୍ଥାନୀୟ,ପ୍ରାଣ ବାୟୁ ହେଉଛି ହବିଃ ସ୍ଥାନୀୟ । ପୂରକ ପ୍ରାଣାୟମରେ ବାହାରର ବାୟୁ ନାକପୁଡାଦ୍ୱାରା (ବାମ ପାର୍ଶ୍ୱ ଚନ୍ଦ୍ରନାଡି ଓ ଦକ୍ଷିଣ ପାର୍ଶ୍ୱ ସୂର୍ଯ୍ୟନାଡି) ଭିତରକୁ ଯାଇ ହୃଦୟରେ ଥିବା ପ୍ରାଣ ବାୟୁକୁ ସାଥିରେ ନେଇ ନାଭିରେ ଥିବା ଅପାନ ବାୟୁରେ ବିଲୀନ ହୋଇଥାଏ । ସେହିପରି ଯେତେବେଳେ ବହିର୍ଗତ ନିଶ୍ୱାସ ଅନ୍ତର୍ଗତ ପ୍ରଶ୍ୱାସରେ ଅର୍ପିତ ହୁଏ ,ସେତେବେଳେ ତାହାକୁ ରେଚକ କୁହାଯାଏ । ରେଚକ ପ୍ରାଣାୟମରେ ପ୍ରାଣବାୟୁ ଅଗ୍ନିସ୍ଥାନିୟ ହୋଇଥିବା ବେଳେ ଅପାନବାୟୁ ହବିଃ ସ୍ଥାନୀୟ ହୋଇଥାଏ । ଆଗରୁ ହୃଦୟ ସ୍ଥାନରୁ ବାହାରକୁ ଆସିଥିବା ପ୍ରାଣବାୟୁରେ ନାଭିଠାରୁ ଅପାନ ବାୟୁ ଆସି ବିଲୀନ ହେଉଛି ରେଚନ କ୍ରିୟା ।ପୂରକ ଓ ରେଚକ କ୍ରିୟା ସଂପୂର୍ଣ୍ଣ ରୁଦ୍ଧକରିବା ହେଉଛି କୁମ୍ଭକ ପ୍ରାଣାୟାମ । ଏଥିରେ ପୂରକ ଓ ରେଚକ ପ୍ରାଣାୟାମ କ୍ରିୟାକୁ ସଂପୂର୍ଣ୍ଣ ଭାବରେ ରୁଦ୍ଧକରି , ପ୍ରାଣ ,ଅପାନ ଆଦି ସମସ୍ତ ବାୟୁଭେଦକୁ ନିଜ ନିଜ ସ୍ଥାନରେ ରୋଧ କରି ରଖାଯାଇଥାଏ । କୁମ୍ଭକ ପ୍ରାଣାୟମକୁ ପ୍ରାଣ ବାୟୁର ପ୍ରାଣ ବାୟୁରେ ହବନ ହେବାର କୁହାଯାଇଛି । କୁମ୍ଭକ ଯୋଗଭ୍ୟାସରେ ଯୋଗୀର ଆୟୁଷ ବୃଦ୍ଧିହୋଇ ଥାଏ । ସାଧାରଣତଃ ପୂରକ ଓ ରେଚକର ଅଭ୍ୟାସରେ ବିଶେଷ କୌଣସି କ୍ଷତି ହୋଇନଥାଏ । ପତଞ୍ଜଳି ଯୋଗ ଶାସ୍ତ୍ରରେ ପ୍ରାଣାୟାମ କ୍ରିୟା ପଦ୍ଧତି ବିଷଦଭାବରେ ବର୍ଣ୍ଣିତ ଅଛି । ସିଦ୍ଧଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରାଣାୟାମ ଯୋଗ ଶିକ୍ଷା କରିବା ଉଚିତ । କୁମ୍ଭକ ପ୍ରାଣାୟାମ ଯଥାବିଧି ନ'କଲେ ସେଥିରେ ଶରୀରର ବହୁତ କ୍ଷତି ହୋଇଥାଏ । ସ୍ୱାମୀ ଶିବାନନ୍ଦଙ୍କର ସାଧନା ତତ୍ତ୍ୱରେ ବର୍ଣ୍ଣିତ କେବଳ ପୂରକ ଓ ରେଚକ ପ୍ରାଣାୟାମ ଗାର୍ହସ୍ଥ ଆଶ୍ରମ କର୍ମଯୋଗୀ ମାନଙ୍କପାଇଁ ବହୁତ ଲାଭପ୍ରଦ । ଯେଉଁମାନେ ଉଦରର ଦୁଇଭାଗ ଖାଦ୍ୟ,ଏକଭାଗ ଜଳ, ଓ ଏକଭାଗ ବାୟୁ ସଂଚାଳନ ନିମିତ୍ତ ଖାଲିରଖି ଆହାର ଗ୍ରହଣ କରିଥାନ୍ତି , ସେହିମାନେ ମିତହାରୀ । ଇନ୍ଦ୍ରିୟ, ମନ ସଂଯମ ପାଇଁ ଯୋଗ ଶାସ୍ତ୍ରରେ "ମିତାହାର" ଉପରେ

ବିଶେଷ ଗୁରୁତ୍ତ୍ୱ ଆରୋପ କରାଯାଇଛି । ମିତାହାରୀ ଯୋଗୀ ଇନ୍ଦ୍ରିୟ ସମୂହକୁ ପ୍ରାଣରେ ଆହୁତି କରିଥାନ୍ତି। ମମତା,ଆସକ୍ତି,ଫଳାଇଛା ରହିତ ହୋଇ ଯଜ୍ଞାର୍ଥ ଉପୋରକ୍ତ ପ୍ରାଣାୟମ ସାଧନ ଅନୁଷ୍ଠାନ କରିବାରେ, ପୂର୍ବସଞ୍ଚିତ କର୍ମ ସଂସ୍କାର ରୂପ ସମସ୍ତ ଶୁଭ ଅଶୁଭ କର୍ମର ନାଶ ଘଟିଥାଏ । ଏହି ପ୍ରାଣାୟାମ ସାଧନ କରୁଥିବା ପୁରୁଷ ଯଜ୍ଞତତ୍ତ୍ୱ ଜ୍ଞାନ ପ୍ରାପ୍ତ କରିଥାଏ ।

[ ଶାସ୍ତ୍ରରେ ଉଲ୍ଲେଖଥିବା କେତେକ ପ୍ରାଣାୟାମ କ୍ରିୟା ସାଧନାର ବିଧି ସମ୍ୟକ ଭାବରେ ନିମ୍ନରେ ଦିଆଯାଇଛି ।]

ପ୍ରାଣାୟାମ ଯୋଗ : ସିଦ୍ଧାସନ, ପଦ୍ମାସନ, କିମ୍ବା ସୁଖାସନରେ ବସି ଶ୍ୱାସ ଓ ପ୍ରଶ୍ୱାସର ଗତିକୁ ରୋଧ କରିବାକୁ ପ୍ରାଣାୟାମ କୁହାଯାଏ । ବାହାରର ବାୟୁଭିତରକୁ ପ୍ରବେଶ କରିବାକୁ ଶ୍ୱାସ ଏବଂ ଭିତରର ବାୟୁ ବାହାରକୁ ଛାଡିବା ପ୍ରଶ୍ୱାସ । ଦେଶ, କାଳ , ଓ ମାତ୍ରାକୁ ନେଇ ବାହ୍ୟ (ରେଚକ),ଅଭ୍ୟନ୍ତର (ପୂରକ) ଏବଂ ସ୍ତମ୍ଭବୃତ୍ତି (କୁମ୍ଭକ) ଏହି ତିନି ପ୍ରାଣାୟମ ଦୀର୍ଘ ଏବଂ ସୂକ୍ଷ୍ମ ହୋଇଥାଏ । ପ୍ରଥମେ ଚନ୍ଦ୍ରନାଡିରେ ପୂରକ, ତା'ପରେ କୁମ୍ଭକ, ଏବଂ ଶେଷରେ ସୂର୍ଯ୍ୟ ନାଡିରେ ରେଚକ କରିବାକୁ ହେବ । ତତ୍ପଶ୍ଚାତ୍ ସୂର୍ଯ୍ୟ ନାଡିରେ ପୂରକ, ତା'ପରେ କୁମ୍ଭକ ଓ ଶେଷରେ ଚନ୍ଦ୍ର ନାଡିରେ ରେଚକ କରିବାକୁ ହେବ । ଏହିଭଳି ବାରମ୍ବାର ରୂପକ-କୁମ୍ଭକ-ରେଚକ କ୍ରିୟା କରିବା ହେଉଛି ପ୍ରାଣାୟାମ ଯୋଗ । ଏହି ପ୍ରାଣାୟାମରେ ଚିତ୍ତବୃତ୍ତି ଶାନ୍ତ ରହିଥାଏ

ବାହ୍ୟବୃତ୍ତି ପ୍ରାଣାୟାମ : ଭିତରର ଶ୍ୱାସକୁ ବାହାରକୁ ତ୍ୟାଗ କରି ରୁଦ୍ଧକରି ରଖିବା "ବାହ୍ୟ କୁମ୍ଭକ"। ଏହାର ବିଧିହେଲା ଆଠ ପ୍ରଣବ( ଓଁ ) ମନ୍ତ୍ରରେ ରେଚକ କରି ଷୋହଳ ମନ୍ତ୍ର ବାହ୍ୟ କୁମ୍ଭକ କରିବା ଏବଂ ପୁଣି ଚାରି ପ୍ରଣବ ମନ୍ତ୍ରରେ ପୂରକ କରିବା । ଏହିପ୍ରକାରେ ରେଚକ-ପୂରକ ସହିତ ବାହ୍ୟ କୁମ୍ଭକ କରିବାକୁ ବାହ୍ୟବୃତ୍ତି ପ୍ରାଣାୟାମ କୁହାଯାଇଛି ।

ଆଭ୍ୟନ୍ତର ବୃତ୍ତି ପ୍ରାଣାୟାମ : ବାହାରର ଶ୍ୱାସକୁ ଭିତରକୁ ଟାଣି ଭିତରେ ରୁଦ୍ଧ କରିବା ହେଉଛି ଆଭ୍ୟନ୍ତର କୁମ୍ଭକ । ଏହାର ବିଧି ହେଲା ଚାରି ପ୍ରଣବ (ଓଁ ) ମନ୍ତ୍ରରେ ପୂରକ କରି, ତା'ପରେ ଷୋହଳ ପ୍ରଣବ ମନ୍ତ୍ରରେ ଆଭ୍ୟନ୍ତର କୁମ୍ଭକ କରି, ପୁଣି ଆଠ ପ୍ରଣବ ମନ୍ତ୍ରରେ ରେଚକ କରିବାକୁ ହେବଏହି ପ୍ରକାରେ ପୂରକ ରେଚକ ସହିତ ଭିତର କୁମ୍ଭକ କରିବା ହେଉଛି "ଆଭ୍ୟନ୍ତର ବୃତ୍ତି ପ୍ରାଣାୟାମ" ।

ସ୍ତମ୍ଭ ବୃତ୍ତି ପ୍ରାଣାୟାମ : ବାହାର ହେଉ କିମ୍ବା ଭିତର ହେଉ , ଯେଉଁଠାରେ ହେଲେ ମଧ ସୁଖପୂର୍ବକ ପ୍ରାଣକୁ ରୁଦ୍ଧ କରିବାର କ୍ରିୟା ହେଉଛି "ସ୍ତମ୍ଭବୃତ୍ତି ପ୍ରାଣାୟାମ" । ଚାରି ପ୍ରଣବ ମନ୍ତ୍ରରେ ପୁରକ କରି, ଆଠ ପ୍ରଣବ ମନ୍ତ୍ରରେ ରେଚକ ଓ ଏହିପରି ପୂରକ ରେଚକ କରୁଥିବା ଅବସ୍ଥାରେ ସୁଖପୂର୍ବକ ଯେ'କୌଣସି ସମୟରେ ପ୍ରାଣକୁ ଷୋହଳ ପ୍ରଣବ ମନ୍ତ୍ରରେ ରୁଦ୍ଧ କରାଯାଇଥାଏ ।

ପ୍ରାଣବାୟୁ ପାଇଁ ନାଭି, ହୃଦୟ, କଣ୍ଠ କିମ୍ବା ନାସିକା ଭିତରର ଶେଷଭାଗ ପର୍ଯ୍ୟନ୍ତ ଆଭ୍ୟନ୍ତର ଦେଶ । ନାକପୁଡାଠାରୁ ବାହାରକୁ ଷୋହଳ ଅଙ୍ଗୁଳି ଦୂର ପର୍ଯ୍ୟନ୍ତ ବାହାର ଦେଶ ଧରାଯାଏ । ପୂରକ ପ୍ରାଣାୟାମ କରିବା ସମୟରେ ନାଭି ପର୍ଯ୍ୟନ୍ତ ଶ୍ୱାସକୁ ଟାଣିଲେ, ବାହାରକୁ ରେଚକରେ ଷୋହଳ ଅଙ୍ଗୁଳି ଦୂରପର୍ଯ୍ୟନ୍ତ ଛାଡିବାକୁ ହେବ । ସେହିପରି ହୃଦୟ ସ୍ଥାନ ପର୍ଯ୍ୟନ୍ତ ଟାଣିଲେ ବାର ଅଙ୍ଗୁଳି ଦୂର,କଣ୍ଠ ପର୍ଯ୍ୟନ୍ତ ଟାଣିଲେ ଆଠ ଅଙ୍ଗୁଳି ଦୂର ,ଓ ନାସିକାର ଶେଷ ଭାଗ ପର୍ଯ୍ୟନ୍ତ ଟାଣିଲେ ଚାରି ଅଙ୍ଗୁଳି ଦୂର ପର୍ଯ୍ୟନ୍ତ ଶ୍ୱାସକୁ ବାହାରକୁ ଫିଙ୍ଗିବାକୁ ହେବ । ପ୍ରାଣାୟାମରେ ସଂଖ୍ୟା ଓ ସମୟର ପରସ୍ପର ଘନିଷ୍ଠ ସମ୍ବନ୍ଧ କାରଣରୁ ନିୟମର ବ୍ୟତିକ୍ରମ ହେବା ଉଚିତ ନୁହେଁ । ଷୋହଳ ପ୍ରଣବ ମନ୍ତ୍ରରେ କୁମ୍ଭକ ପାଇଁ ଚାରି ସେକେଣ୍ଡ ଏବଂ ଆଠ

ପ୍ରଣବ ମନ୍ତ୍ରରେ ରେଚକ ପାଇଁ ଦୁଇ ସେକେଣ୍ଡ ସମୟ ନେବା ଉଚିତ । ମନ୍ତ୍ର ଗଣନାର ନାମ ମାତ୍ରା, ଏବଂ ଏଥିରେ ଲାଗିବା ସମୟକୁ କାଳ କହନ୍ତି । କାଳ ଏବଂ ମାତ୍ରାର ଅଧିକତା ଓ ନ୍ୟୁନତାକୁ ନେଇ ପ୍ରାଣାୟାମ ଦୀର୍ଘ ଓ ସୂକ୍ଷ୍ମ ହୋଇଥାଏ । ପୂର୍ବ ସୂତ୍ର ଅନୁସାରେ, ପ୍ରାଣାୟାମରେ ପ୍ରାଣର ନିରୋଧରେ ମନର ସଂଯମ ହୋଇଥାଏ । ମନ ଓ ଇନ୍ଦ୍ରିୟର ସଂଯମ ଓ ଏକଗ୍ରତା ସ୍ଥିତି ହେଉଛି ପ୍ରାଣର ସଂଯମ । ପ୍ରାଣର ନିରୋଧ ସକାଶେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ,କାଳ,ମାତ୍ରାର ବିଧାନ ନାହିଁ । ]

ଏହି ଅଧ୍ୟାୟର ୨୪ଶ ଶ୍ଳୋକଠାରୁ ୩୦ଶ ଶ୍ଳୋକ ପର୍ଯ୍ୟନ୍ତ ଭଗବାନ ଅନେକ ଯଜ୍ଞ ଯଥା : ବ୍ରହ୍ମ ଯଜ୍ଞ, ଭଗବଦାର୍ପଣ ରୂପକ ଯଜ୍ଞ, ସଂଯମ ରୂପକ ଯଜ୍ଞ, ସମାଧି ରୂପକ ଯଜ୍ଞ, ଦ୍ରବ୍ୟ ଯଜ୍ଞ, ତପୋ ଯଜ୍ଞ, ଯୋଗ ଯଜ୍ଞ, ସ୍ୱାଧ୍ୟାୟ ରୂପକ ଯଜ୍ଞ, ଜ୍ଞାନ ଯଜ୍ଞ, ପ୍ରାଣାୟାମ ରୂପକ ଯଜ୍ଞ , ନିୟତାହାରା ଯଜ୍ଞ - ଏହିପରି ଅନେକ ଯଜ୍ଞ ବର୍ଣ୍ଣନା କରିଛନ୍ତି । ଏହି ସମସ୍ତ ଯଜ୍ଞ ତତ୍ତ୍ୱ ଜାଣିଲାପରେ ଏହି ଜ୍ଞାନ ହୋଇଥାଏ ଯେ' କେବଳ ଯଜ୍ଞ ବେଦିରେ ଆହୁତି ପ୍ରକ୍ଷେପ ଯଜ୍ଞ ହୋଇନ'ଥାଏ , ବରଂ ଉପୋରକ୍ତ ପ୍ରତ୍ୟେକ ଯଜ୍ଞର ସାଧନ ଦୃଷ୍ଟିରୁ ନିଜ ନିଜ ମହତ୍ତ୍ୱ ରହିଛି । ଏଥି ମଧ୍ୟରୁ କୌଣସି ମଧ୍ୟ ଯଜ୍ଞ ଅନୁଷ୍ଠାନ କରିବାରେ ବ୍ରହ୍ମକୁ ପ୍ରାପ୍ତ ହୋଇଥାଏ ।

**ଯଜ୍ଞଶିଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍ ।**
**ନାୟଂ ଲୋକୋଅସ୍ତ୍ୟଯଜ୍ଞସ୍ୟ କୃତୋ ଅନ୍ୟଃ କୁରୁସତ୍ତମ ॥ ୩୧ ॥**

*ଅନ୍ୱୟ: ହେ କୁରୁସତ୍ତମ ( ହେ କୁରୁ ଶ୍ରେଷ୍ଠ ଅର୍ଜୁନ ) ଯଜ୍ଞ-ଶିଷ୍ଟ-ଅମୃତ-ଭୁଜଃ (ଅମୃତ ତୁଲ୍ୟ ଯଜ୍ଞାବଶେଷ ଗ୍ରହଣକାରୀ ) ସନାତନଂ (ସନାତନ ) ବ୍ରହ୍ମ (ପରମବ୍ରହ୍ମ ପରମାତ୍ମା ଙ୍କୁ ) ଯାନ୍ତି (ପ୍ରାପ୍ତ ହୁଅନ୍ତି) ଅଯଜ୍ଞସ୍ୟ (ଯଜ୍ଞକର୍ମ କରୁ ନ'ଥିବା ମନୁଷ୍ୟ ପାଇଁ ) ଅୟଂ ଲୋକଃ (ଏହି ଲୋକରେ ) ନ ଅସ୍ତି ( ସ୍ଥାନ ମିଳି ନ'ଥାଏ ) ଅନ୍ୟଃ ( ବ୍ରହ୍ମାଦି ପରଲୋକ ) କୁତଃ ( କିପରି ପ୍ରାପ୍ତ ସମ୍ଭବ ?)*

**ଭାବାର୍ଥ :** ଭଗବାନ ଶ୍ରୀକୃଷ୍ଣ ପୂର୍ବ ଶ୍ଳୋକମାନଙ୍କରେ ଅନେକ ଯେଉଁ ଯଜ୍ଞ ବର୍ଣ୍ଣନା କରିଛନ୍ତି, ତାହାର ମୂଳ ତତ୍ତ୍ୱ ହେଲା, ମନୁଷ୍ୟ ନିଜର ଭୌତିକ ସ୍ୱାର୍ଥକୁ ତ୍ୟାଗ କରି ଅନ୍ୟର ହିତ ସକାଶେ ଅନାସକ୍ତ ହୋଇ ଯାହାକିଛି କର୍ମକରେ, ତାହା ଏକ ଅର୍ଥରେ ଯଜ୍ଞ । ଯଜ୍ଞ ବିଧି ଆଚରଣରେ ପୂର୍ଣ୍ଣତା ବା ସିଦ୍ଧି ପ୍ରାପ୍ତ ହୋଇଥାଏ । ସଂସାର କଲ୍ୟାଣ ଉଦ୍ଦେଶ୍ୟରେ ନିଜର ସର୍ବସ୍ୱ ଭୌତିକ ଶକ୍ତିକୁ ଅର୍ପଣ କରିଦେବା ହେଉଛି ଯଜ୍ଞାର୍ପଣ । ଜାତି, ଧର୍ମ,ରାଷ୍ଟ୍ର ତଥା ନିର୍ବିଶେଷରେ "ସମସ୍ତେ ପରମାତ୍ମାଙ୍କ ସନ୍ତାନ" ଏହି ଦୃଷ୍ଟିରେ ବିଶ୍ୱ ମାନବ କଲ୍ୟାଣ ନିମିତ୍ତ ଯେଉଁ କର୍ତ୍ତବ୍ୟ ରହିଛି , ତାହା ନିଷ୍ଠାର ସହିତ ସମ୍ପାଦନ କରି ଜୀବନ ମୁକ୍ତ ସ୍ଥିତିରେ ଶରୀର ଧାରଣ କରି ରହିବା ହେଉଛି ଯଜ୍ଞାଶିଷ୍ଟ ଅମୃତପାନ ସଦୃଶ । ଅନାସକ୍ତଭାବରେ ଲୋକଶିକ୍ଷା ନିମିତ୍ତ କର୍ମକରି ,ଅନ୍ତଃକରଣରେ ରାଗ-ଦ୍ୱେଷ ରହିତ ହୋଇ ଯେଉଁ ପରମାଶାନ୍ତି ଆନନ୍ଦ ମିଳିଥାଏ, ତାହା ହେଉଛି ଯଜ୍ଞାବଶେଷ ଅମୃତ ତୁଲ୍ୟ । ଏହି ପରମାନନ୍ଦ ଅମୃତକୁ ପାନ କରି ଯଜ୍ଞତତ୍ତ୍ୱବେତ୍ତା ପୁରୁଷ ପରମବ୍ରହ୍ମ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥାଏ । ଭଗବାନ କହୁଛନ୍ତି, ହେ କୁରୁଶ୍ରେଷ୍ଠ ଅର୍ଜୁନ ! ସ୍ୱାର୍ଥନ୍ୱେଷୀ ଦୈହିକ ସୁଖକାମୀ ମନୁଷ୍ୟ ସଂସାର ହିତ ଦୃଷ୍ଟିକୁ ଉପେକ୍ଷାକରି ଇନ୍ଦ୍ରିୟ ଭୋଗ ସେବନରେ ବୁଡିରହିଥାଏ । ସେହି ପ୍ରକାର ମନୁଷ୍ୟପାଇଁ ଏହି ମର୍ତ୍ତ୍ୟ ଲୋକରେ ସ୍ଥାନ ନ'ଥାଏ । ଅର୍ଥାତ୍ ସେହିପ୍ରକାର ମନୁଷ୍ୟ ବ୍ରହ୍ମାଦି ପରଲୋକଗତ ସୁଖତ ଦୂରର କଥା ,ଏହି ସଂସାରରେ ଥିବା ସମୟରେ ମୁହୂର୍ତ୍ତେ ମଧ ଶାନ୍ତିରେ

ବଞ୍ଚି ରହି ନ'ଥାଏ, । ମନୁଷ୍ୟ ଜନ୍ମ ହେଉଛି ଏକମାତ୍ର ସୁଯୋଗ , ଯେଉଁଥିରେ ଜୀବ କର୍ତ୍ତବ୍ୟରୂପକ ଯଜ୍ଞକର୍ମ ସାଧନାରେ ଜନ୍ମ ମୃତ୍ୟୁ ବନ୍ଧନରୁ ମୁକ୍ତ ହୋଇପାରିବ । ଯେଉଁ କର୍ମ ନିଜ ଦୈହିକ ସ୍ୱାର୍ଥ ନିମିତ୍ତ କରାଯାଏ, ତାହା କର୍ତ୍ତବ୍ୟ କର୍ମ ନୁହେଁ, ତାହା ସକାମ କର୍ମ ଅଟେ । ଫଳରେ ଇଚ୍ଛା ନ'ରଖି ସ୍ୱଧର୍ମ କିମ୍ବା ନିଜ ଉପରେ ଦାୟିତ୍ୱ ରୂପରେ ଥିବା ପରିବାର, ସମାଜ, କିମ୍ବା ରାଷ୍ଟ୍ରର ସେବା ଜନିତ କର୍ମ ଅନୁଷ୍ଠାନ ହେଉଛି ଯଜ୍ଞ କର୍ମ । ପ୍ରତ୍ୟେକ ପ୍ରଚେଷ୍ଟା ଅନାସକ୍ତ ହୋଇ କର୍ତ୍ତବ୍ୟ ବୋଧରେ କଲେ ,ତାହା ଯଜ୍ଞରେ ପରିଣତ ହୁଏ । ମନୁଷ୍ୟ ଶରୀର ଯଜ୍ଞ ନିମିତ୍ତ ଉଦ୍ଦିଷ୍ଟ । କେବଳ ଯଜ୍ଞ ନିମିତ୍ତ କର୍ମକରିବାରେ ମନୁଷ୍ୟ ମୁକ୍ତ ହୋଇଥାଏ । ଯେଉଁ ମନୁଷ୍ୟ ବୈଦିକ ନିୟମାନୁଯାୟୀ ନିଜ କର୍ତ୍ତବ୍ୟ କର୍ମ ରୂପକ ଯଜ୍ଞାନୁଷ୍ଠାନରେ ବ୍ରତୀ ନ'ହୁଅନ୍ତି , ସେ କିପରି ଶାନ୍ତିପ୍ରାପ୍ତ ହେବାର ଆଶା କରିବ ? ପାରିବାରିକ, ସାମାଜିକ, ଧାର୍ମିକ କ୍ଷେତ୍ରରେ ନିଜ ନିଜ ବର୍ଣ୍ଣାଶ୍ରମ ଅନୁଯାଇ କର୍ତ୍ତବ୍ୟ କର୍ମ ନ'କରିବାରେ ମନୁଷ୍ୟ ସର୍ବତ୍ର ଘୃଣାର ପାତ୍ର ହୋଇଥାଏ । ଯଜ୍ଞ କର୍ମକୁ ଉପେକ୍ଷା କରୁଥିବା ମନୁଷ୍ୟକୁ ପୁଣି ମନୁଷ୍ୟ ଜନ୍ମ ପ୍ରାପ୍ତ ହେବା ଦୁଃସାଧ ହୋଇଥାଏ । ସେହି ଜୀବାତ୍ମାକୁ ନୀଚ ଭୋଗ ଯୋନି ପ୍ରାପ୍ତ ହୁଏ । ଆଧ୍ୟାତ୍ମ ମାର୍ଗରେ ସାଧନାରତ ମନୁଷ୍ୟକୁ ବଞ୍ଚିଥିବା ସମୟରେ ନିତ୍ୟ ସୁଖ ଓ ଶାନ୍ତି ମିଳିଥାଏ ଏବଂ ଶରୀର ତ୍ୟାଗରେ ନିର୍ବିଶେଷ ବ୍ରହ୍ମରେ ଲୀନ ହୁଏ । ପରମ ପୁରୁଷ ଭଗବାନଙ୍କର ସଙ୍ଗଲାଭ କରି ଶାଶ୍ୱତ ଦିବ୍ୟ ଭଗବଦ୍ ଧାମରେ ପ୍ରବେଶ କରେ । ଗୀତାରେ କୁହାଯାଇଥିବା ଯଜ୍ଞାବଶିଷ୍ଟ ଅମୃତ ଅନ୍ୟ କିଛି ନୁହେଁ,ତାହା ହେଉଛି ପରମାତ୍ମା ତତ୍ତ୍ୱବୋଧ ଅଥବା ପରମାତ୍ମତତ୍ତ୍ୱ ଜ୍ଞାନ ଯାହାକୁ ଯଜ୍ଞାବଶିଷ୍ଟ ପ୍ରସାଦ ବୋଲି କୁହାଯାଇଛି । ଏହା ସେହି ତତ୍ତ୍ୱଜ୍ଞାନ, ଯେଉଁଥିରେ ଆତ୍ମା ଓ ପରମାତ୍ମାର ଐକ୍ୟ ସାକ୍ଷାତକାର ହୋଇଥାଏ ।

**ଏବଂ ବହୁବିଧା ଯଜ୍ଞା ବିତତା ବ୍ରହ୍ମଣୋ ମୁଖେ ।**
**କର୍ମଜାନ୍ ବିଦ୍ଧିତାନ୍ ସର୍ବାନ୍ ଏବଂ ଜ୍ଞାତ୍ୱା ବିମୋକ୍ଷ୍ୟସେ ॥୩୨॥**

*ଅନ୍ୱୟ : ଏବଂ (ଏହିଭଳି)ବହୁବିଧା ଯଜ୍ଞ (ଅନେକ ପ୍ରକାରେ ଯଜ୍ଞସବୁ ) ବ୍ରାହ୍ମଣ-ମୁଖେ ( (ବ୍ରହ୍ମାଙ୍କର ମୁଖରେ ଅର୍ଥାତ୍ ବେଦବାଣୀ ଦ୍ୱାରା) ବିତତା ( ବର୍ଣ୍ଣିତ ରହିଛି ) ତାନ୍ ସର୍ବାନ୍ ( ସେହି ସକଳ ଯଜ୍ଞ ) କର୍ମଜାନ୍ (କର୍ମରୁ ସୃଷ୍ଟି ) ବିଦ୍ଧି ( ଜାଣିରଖ) ଏବଂ ଜ୍ଞାତ୍ୱା ( ଏହି ଭାବରଖି ଯଜ୍ଞାନୁଷ୍ଠାନ କରିବାରେ ) ବିମୋକ୍ଷ୍ୟସେ (କୈବଲ୍ୟ ମୁକ୍ତ ଲାଭ କରିବ ଅର୍ଥାତ୍ କର୍ମ ବନ୍ଧନରୁ ମୁକ୍ତହେବ )*

**ଭାବାର୍ଥ :** ଏହିଭଳି ବହୁପ୍ରକାର ଯଜ୍ଞ ବେଦବାଣୀ ଦ୍ୱାରା କୁହାଯାଇଅଛି, ଯାହାକି ବ୍ରହ୍ମାଙ୍କ ମୁଖରୁ ବସ୍ତାରିତ ହୋଇଅଛି । ଯଜ୍ଞତତ୍ତ୍ୱ ସମ୍ବନ୍ଧରେ ସଂପୂର୍ଣ୍ଣ ଜ୍ଞାନପ୍ରାପ୍ତ ପୁରୁଷ ନାମକୁ ମାତ୍ର ଶରୀର ଧାରଣ କରିଥାଏ । ବ୍ରହ୍ମସହିତ ଅଭିନ୍ନ ଅବସ୍ଥାରେ ରହିଥିବା ସେହି ମହାତ୍ମାଙ୍କ ନିଶ୍ଚୟାତ୍ମିକ ବୁଦ୍ଧି ପରମାତ୍ମା ତତ୍ତ୍ୱରେ ସମାହିତ ହୋଇ ରହିଥାଏ । ତାହାଙ୍କ ମୁଖରୁ ନିସୃତ ହେଉଥିବା ବାଣୀରେ ମଧ କେବଳ ଯଜ୍ଞ ବିସ୍ତାର ହିଁ ହୋଇଥାଏ । କାୟିକ, ବାଚିକ ଓ ମାନସିକ ସମସ୍ତ କର୍ମକୁ ପରମେଶ୍ୱରଙ୍କୁ ଅର୍ପଣ କରି ପରମେଶ୍ୱରଙ୍କ ପ୍ରିତ୍ୟାର୍ଥେ ଅନୁଷ୍ଠାନ କରିବା ହେଉଛି ଯଜ୍ଞ । କର୍ମ ସହିତ କୌଣସି ପ୍ରକାରେ ସମ୍ବନ୍ଧିତ ନ'ହୋଇ କେବଳ ବ୍ରହ୍ମବୁଦ୍ଧିରେ ଅର୍ଥାତ୍ ଅନାସକ୍ତ ରହି ସକଳ ଜୀବର ହିତ ଉଦ୍ଦେଶ୍ୟରେ ହେଉଥିବା କ୍ରିୟା, ଯଜ୍ଞରେ ପରିଣତ ହୁଏ । ପରଂବ୍ରହ୍ମ ପରମାତ୍ମା, ସେହି ଯଜ୍ଞକର୍ମରେ ନିତ୍ୟ ବିରାଜମାନ ହୁଅନ୍ତି । କେବଳ କାମନା ରହିତ କର୍ମ ହିଁ

ଭଗବାନଙ୍କୁ ଅର୍ପଣ ହୋଇପାରିବ । କାମନା ରହିତ କର୍ମରେ କର୍ମଫଳ ପ୍ରତି ଆସକ୍ତି ନ'ଥିବାରୁ କର୍ତ୍ତାପନ ମଧ ରହିନ'ଥାଏ । ଶରୀର ,ମନ,ଇନ୍ଦ୍ରିୟ ଦ୍ୱାରା ଯେଉଁ ସମସ୍ତ କ୍ରିୟା ହୋଇଥାଏ , ଯଦି ସେଥିରେ ଫଳ ଇଚ୍ଛା ନାହିଁ ଏବଂ "ମୁଁ" କରୁଛି ବୋଲି ଏହି ଭାବ ଜାଗ୍ରତ ହେଉନାହିଁ, ତା'ହେଲେ ସେହି କର୍ମ ଯଜ୍ଞକର୍ମ । ସାଧକ ମାନଙ୍କର ପ୍ରକୃତି ଅନୁସାରେ ସେମାନଙ୍କର ନିଷ୍ଠାରେ ଭିନ୍ନତା ଥିବାରୁ ତଦାନୁସାରେ ସେମାନଙ୍କର ସାଧନା ମଧ ଭିନ୍ନ ଭିନ୍ନ ହୋଇଥାଏ । ଯଜ୍ଞ ନାମରେ ଯେତେସବୁ ଶାସ୍ତ୍ରବିହିତ କର୍ତ୍ତବ୍ୟ କର୍ମ ଏବଂ ପରମାତ୍ମାପ୍ରାପ୍ତି ନିମିତ୍ତ ଭିନ୍ନ ଭିନ୍ନ ସାଧନା ରହିଅଛି, ସେ ସମସ୍ତ ପ୍ରକୃତି ଓ ଗୁଣର କାର୍ଯ୍ୟରୂପ ମନ, ଇନ୍ଦ୍ରିୟ, ଶରୀରର କ୍ରିୟା ଦ୍ୱାରା ହୋଇଥାଏ । ଏପରିକି ସଂକଳ୍ପ-ବିକଳ୍ପ ଆଦି ମନର କ୍ରିୟାର ତ୍ୟାଗ ରୂପକ ସାଧନା ମଧ କର୍ମ ହୋଇଥାଏ । ଏହି ସବୁ କର୍ମ ସହିତ ଆତ୍ମା ସ୍ୱରୂପର କୌଣସି ସମ୍ବନ୍ଧ ନ'ଥାଏ । ଆତ୍ମା ସବୁବେଳେ ଅକର୍ତ୍ତା, ଏବଂ କର୍ମର ଉର୍ଦ୍ଧ୍ୱରେ । ଭଗବାନ ଶ୍ରୀକୃଷ୍ଣ ସମସ୍ତ ଯଜ୍ଞ ,କର୍ମରୁ ଉତ୍ପନ୍ନ ବୋଲି କହିବାର ତାତ୍ପର୍ଯ୍ୟ ହେଲା , କର୍ମ କରିବାରେ ଆତ୍ମା ନିର୍ଲିପ୍ତ ରହିଥାଏ । ଆତ୍ମା ବିଭୁ ଅଟେ । ଆତ୍ମସ୍ୱରୂପରେ କୌଣସି କ୍ରିୟା ସଂଘଠିତ ହୋଇ ନ'ଥାଏ । ଭଗବାନ ଅର୍ଜ୍ଜୁନଙ୍କୁ କହୁଛନ୍ତି ଯେ, ଯୁଦ୍ଧରୂପକ କର୍ତ୍ତବ୍ୟ କର୍ମକୁ ତ୍ୟାଗ କରିବା ଯଦି କଲ୍ୟାଣକର ତୁମ୍ଭେ ଭାବୁଛ, ତା'ହେଲେ ଯୁଦ୍ଧ ତ୍ୟାଗ ମଧ କର୍ମ ଜନିତ । ବାସ୍ତବରେ କର୍ମ ଦ୍ୱାରା କଲ୍ୟାଣ ସାଧନ ହୋଇ ନ'ଥାଏ, ନିର୍ଦ୍ଧାରିତ କର୍ମରୁ ସମ୍ବନ୍ଧର ବିଚ୍ଛେଦ ହେଲେ ହିଁ, ତାହା ନିଜ ଓ ଅନ୍ୟ ନିମିତ୍ତ କଲ୍ୟାଣକର ଯଜ୍ଞ କର୍ମ ହୋଇଥାଏ । ଅତଏବ ଯଜ୍ଞ କର୍ମର ଶୁଦ୍ଧ ଅର୍ଥ ହେଲା "ଆରାଧନା ଓ ଚିନ୍ତନ "। ଯଜ୍ଞର ପ୍ରକ୍ରିୟା ହେଉଛି କର୍ମ । ମନର ବିଜିତାବସ୍ଥାରେ ଯେଉଁ ଜଗତ କଲ୍ୟାଣ କର୍ମ ହୋଇଥାଏ ତାହା ଯଜ୍ଞ । ମନର ପ୍ରସାରଣ ହେଉଛି ବିଷୟ ଜଗତ । ମନର ପ୍ରସାରଣରେ ଯେଉଁ କର୍ମ ହୁଏ, ତାହା କାମ୍ୟ କର୍ମ । ସଚରାଚର ଜଗତ ହିଁ ହବନ ସାମଗ୍ରୀ ଭାବରେ ବିଦ୍ୟମାନ । ଏହି ସମସ୍ତ ବିଷୟ ସାମଗ୍ରୀକୁ କର୍ତ୍ତବ୍ୟକର୍ମ ରୂପକ ଯଜ୍ଞରେ ହବନ କରିବାକୁ ହୋଇଥାଏ । ମନର ସର୍ବଥା ନିରୋଧ ହେବା ହିଁ ବିଷୟ ଜଗତର ନିରୋଧ । ମନର ନିରୋଧ ହେବା ସାଙ୍ଗରେ ଯଜ୍ଞର ପରିଣାମ ପ୍ରାପ୍ତ ହୁଏ । ଯଜ୍ଞକର୍ମ ହେଉଛି ମୁକ୍ତିର ପ୍ରବେଶଦ୍ୱାର । ମୁମୁକ୍ଷୁ ପୁରୁଷ ଏହି ଯଜ୍ଞତତ୍ତ୍ୱକୁ ବୁଝିପାରି ନିର୍ଲିପ୍ତ ଚିତ୍ତ ବୃତ୍ତିରେ କର୍ମ କରିବାରେ ପୂର୍ବ ସଞ୍ଚିତ କର୍ମର ନାଶ ଘଟିଥାଏ ଏବଂ ବର୍ତ୍ତମାନର ସମସ୍ତ ଶୁଭ-ଅଶୁଭ କର୍ମ ବନ୍ଧନର କାରଣ ହୋଇନ'ଥାଏ । ଯଜ୍ଞ ସମ୍ପୂର୍ଣ୍ଣରେ ପ୍ରାପ୍ତ ହୋଇଥିବା ଜ୍ଞାନମୃତକୁ ପାନକରିବା ପୁରୁଷର ସନାତନ ବ୍ରହ୍ମରେ ପ୍ରବିଷ୍ଟ ହୋଇଥାଏ । "ବ୍ରହ୍ମଣୋମୁଖେ" ଶବ୍ଦକୁ ଲୋକମାନ୍ୟ ତିଳକ "କର୍ମ ରହସ୍ୟରେ" ଏହିପରି ବ୍ୟାଖ୍ୟା କରିଛନ୍ତି ଯେ' ଗୀତାରେ ଯଜ୍ଞର ଯେଉଁ ବ୍ୟାପକ ଦୃଷ୍ଟି ବତାଯାଇଅଛି, ଏହି ଦୃଷ୍ଟି ପ୍ରାପ୍ତ କରିଥିବା ବ୍ରହ୍ମନିଷ୍ଠ ଯୋଗ ପୁରୁଷକୁ ସର୍ବତ୍ର କେବଳ ବ୍ରହ୍ମ ହିଁ ଦୃଶ୍ୟମାନ ହୋଇଥାଏ । ତେଣୁ ସେହି ମହାତ୍ମାଙ୍କ ଏହି ବୁଦ୍ଧି ହୋଇଥାଏ କି' ତପ,ଧ୍ୟାନ,ଆଦି ଯଜ୍ଞ ମଧ ବ୍ରହ୍ମମୁଖରେ ଅନୁଷ୍ଠିତ କରୁଅଛି । ବ୍ରହ୍ମ ମୁଖ ଅଗ୍ନି ପ୍ରସିଦ୍ଧ ଏବଂ ପ୍ରସିଦ୍ଧ ବୈଦିକ ଯଜ୍ଞ, ଅଗ୍ନିରେ ହବନ କ୍ରିୟାରେ ହୋଇଥାଏ । ଏଣୁ ପ୍ରତ୍ୟେକ ଯଜ୍ଞରେ ହବନାଧାରରେ ଅଗ୍ନିରୂପର କଳ୍ପନା କରାଯାଇଥାଏ । ହବନାଧାରକୁ ବ୍ରହ୍ମାଙ୍କ ମୁଖ ଅଗ୍ନିରୂପ ମାନି ହିଁ ସମସ୍ତ ଯଜ୍ଞ କରିବା ବିଧେୟ ।

**ଶ୍ରେୟାନ୍ ଦ୍ରବ୍ୟମୟାଦ୍ ଯଜ୍ଞାଜ୍ ଜ୍ଞାନଯଜ୍ଞଃ ପରନ୍ତପ ।**
**ସର୍ବଂ କର୍ମାଖିଳଂ ପାର୍ଥ ଜ୍ଞାନେ ପରିସମାପ୍ୟତେ ॥ ୩୩ ॥**

*ଅନ୍ୱୟ : ପରନ୍ତପ ପାର୍ଥ ( ହେ ପରନ୍ତପ ଅର୍ଜୁନ) ଦ୍ରବ୍ୟମୟାତ୍ ଯଜ୍ଞାତ୍ (ଦ୍ରବ୍ୟ ଆଦି ହବନ କରାଯାଉଥିବା ଯଜ୍ଞଠାରୁ) ଜ୍ଞାନଯଜ୍ଞଃ ( ଜ୍ଞାନ ରୂପକ ଯଜ୍ଞ ଅର୍ଥାତ୍ ଆତ୍ମଜ୍ଞାନାତ୍ମକ ଯଜ୍ଞ ) ଶ୍ରେୟାନ୍ (ଶ୍ରେଷ୍ଠ ) ସର୍ବମ୍ କର୍ମ ( ସମସ୍ତ କର୍ମ ) ଅଖିଳମ୍ (କର୍ମଫଳ ଓ ପ୍ରାପ୍ତ ବସ୍ତୁ ସମୂହ ) ଜ୍ଞାନେ (ଆତ୍ମ ତତ୍ତ୍ୱ ଜ୍ଞାନ ପ୍ରାପ୍ତିରେ ) ପରିସମାପ୍ୟତେ ( ପରିସମାପ୍ତି ଘଟିଥାଏ ଅର୍ଥାତ୍ ଲୀନ ହୋଇଥାନ୍ତି ) ।*

**ଭାବାର୍ଥ :** ଏହି ଶ୍ଳୋକରୁ ଆରମ୍ଭକରି ଅଧ୍ୟାୟର ଶେଷ ପର୍ଯ୍ୟନ୍ତ ଭଗବାନ ଶ୍ରୀକୃଷ୍ଣ ଜ୍ଞାନ ଯଜ୍ଞର ସ୍ତୁତି ବର୍ଣ୍ଣନା କରି ଜ୍ଞାନର ପରାକାଷ୍ଠା ବିଷୟରେ କହିଛନ୍ତି । ଇନ୍ଦ୍ର,ବରୁଣ ଆଦି ଦେବତାଙ୍କୁ ତୁଷ୍ଟ କରିବାପାଇଁ ହୋମ ଆଦି ହବନ କ୍ରିୟା ହେଉଛି ଦ୍ରବ୍ୟଯଜ୍ଞ । ବ୍ରହ୍ମାଙ୍କ ମୁଖ ସଦୃଶ ଯଜ୍ଞାଗ୍ନିରେ ହବ୍ୟ ବସ୍ତୁ ଯଥା : ଘୃତ,ଦୁଧ,ଶର୍କରା,ତିଳ,ଯବ,ଚାଉଳ ,ଚନ୍ଦନ,କର୍ପୁର,ଧୂପ, ଏବଂ ସୁଗନ୍ଧଯୁକ୍ତ ଔଷଧୀୟ ଦ୍ରବ୍ୟ ପ୍ରଭୃତିକୁ ବିଧିପୂର୍ବକ ଅର୍ପଣ କରାଯାଇଥାଏ । ଇନ୍ଦ୍ରାଦି ସ୍ୱର୍ଗଲୋକ ଭୋଗ ଇଚ୍ଛାରେ ଧନ, ଦ୍ରବ୍ୟ ଆଦି ଦାନ, ଦକ୍ଷିଣା ରୂପରେ ଯାଜ୍ଞିକ ବ୍ରାହ୍ମଣଙ୍କୁ ଦେବା,ବ୍ରାହ୍ମଣ ଭୋଜନ କରାଇବା, ସାଧୁ ସନ୍ଥଙ୍କ ସେବାରେ ଦ୍ରବ୍ୟ ଲଗାଇବା ଓ ଦୁଃଖୀ ଦରିଦ୍ରଙ୍କୁ ଅନ୍ନ, ବସ୍ତ୍ର ଦାନ କରିବା ପ୍ରଭୃତି ମଧ୍ୟ ଦ୍ରବ୍ୟ ଯଜ୍ଞ । ଏତଦ୍ ବ୍ୟତିତ, ଜଳାଶୟ ଖନନ, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ ପ୍ରତିଷ୍ଠା, ଧର୍ମଶାଳା, ମନ୍ଦିର ନିର୍ମାଣ ଆଦି ଜନହିତ କାର୍ଯ୍ୟରେ ନିଜର ନ୍ୟାୟୋଚିତ ଉପାର୍ଜିତ ଧନର ବିନିଯୋଗ ମଧ୍ୟ ଦ୍ରବ୍ୟଯଜ୍ଞ । କର୍ତ୍ତାର ବିଶ୍ୱାସ ଓ ଶ୍ରଦ୍ଧା କୁ ନେଇ ଏହି ଦ୍ରବ୍ୟ ଯଜ୍ଞର ବିଭିନ୍ନ ରୂପ ହୋଇଥାଏ । ବସ୍ତୁତଃ ଦ୍ରବ୍ୟଯଜ୍ଞ ଅନୁଷ୍ଠାନରେ କୌଣସି ନା କୌଣସି ଉଦ୍ଦେଶ୍ୟ ନିହିତ କାରଣରୁ ଏଥିରେ କର୍ତ୍ତାପନ ରହିଥାଏ । ଦ୍ରବ୍ୟଯଜ୍ଞରେ ଫଳପ୍ରତି କର୍ତ୍ତାର ଆସକ୍ତ ରହିଥାଏ ଓ କର୍ମଫଳକୁ ଭୋଗ କରିବାକୁ ପଡିଥାଏ । ଅନ୍ୟପକ୍ଷରେ କର୍ମଯୋଗ ଯୁକ୍ତ ପୁରୁଷ, ଲୋକ ସଂଗ୍ରହ ନିମିତ୍ତ ସଂସାର ହିତ ଚେଷ୍ଟାରେ ପ୍ରବୃତ୍ତ ରହିଥିଲେ ମଧ୍ୟ ନିର୍ଲିପ୍ତ ସ୍ଥିତିରେ ରହିଥାଏ । କର୍ମ ଓ କର୍ମ ଫଳପ୍ରତି ସଂପୂର୍ଣ୍ଣ ରୂପରେ ଅନାସକ୍ତ ରହି ପରମେଶ୍ୱରଙ୍କ ପ୍ରିତ୍ୟାର୍ଥେ କର୍ମ କରିଥାଏ। କର୍ମ ସହିତ ମାନସିକ ସ୍ତରରେ ଲେଶମାତ୍ର ସମ୍ବନ୍ଧ ନ'ଥାଏ । ଯୋଗଯୁକ୍ତ ସାଧକର ବିଚାରରେ ଆତ୍ମା ଅକର୍ତ୍ତା, ନିର୍ବିକାର ଓ ଶୁଦ୍ଧ ଚୈତନ୍ୟ ଜ୍ଞାନ ସ୍ୱରୂପ ଅଟେ । ଅନ୍ତଃକରଣରେ ମଳ, ବିକ୍ଷେପ, ଓ ଆବରଣ ଏହିପରି ତିନିଗୋଟି ଦୋଷରହିଥାଏ । ମଳ ହେଲା ସଞ୍ଚିତ ପାପ,ବିକ୍ଷେପ ହେଲା ମନର ଚଞ୍ଚଳତା, ଓ ଆବରଣ ହେଲା ଅଜ୍ଞାନ । ନିଷ୍କାମ କର୍ମ ଅନୁଷ୍ଠାନ ଦ୍ୱାରା ମଳ ଓ ବିକ୍ଷେପ ଦୋଷ ନଷ୍ଟ ହୋଇଥାଏ । କର୍ମ ଓ ପଦାର୍ଥର ଉର୍ଦ୍ଧ୍ୱକୁ ଯାଇ କେବଳ ଚିନ୍ମୟ ତତ୍ତ୍ୱଜ୍ଞାନ ପ୍ରାପ୍ତି ଲକ୍ଷରେ ସାଧନା ହେଉଛି ଜ୍ଞାନ ଯଜ୍ଞ । ଏହି ଜ୍ଞାନ ଯଜ୍ଞ ଅନୁଷ୍ଠାନରେ ଅନ୍ତଃକରଣର ଅଜ୍ଞାନ ରୂପକ ଆବରଣର ନାଶ ହୋଇ ,ଆତ୍ମା- ପରମାତ୍ମା ଅଭେଦ ତତ୍ତ୍ୱର ତୀବ୍ର ଯିଜ୍ଞାସା ଜାଗ୍ରତ ହୋଇଥାଏ । ଜ୍ଞାନଯଜ୍ଞ ବିବେକ ,ବିଚାର ଜନିତ କାରଣରୁ ଏଥିରେ ଦ୍ରବ୍ୟ ଓ କର୍ମର ଆବଶ୍ୟକତା ରହିନଥାଏ । ଜ୍ଞାନପ୍ରାପ୍ତି ନିମିତ୍ତ ଆଠଟି ଅନ୍ତରଙ୍ଗ ସାଧନ ହେଲା : (୧) ବିବେକ :ଆତ୍ମା-ଅନାତ୍ମା,ସତ୍-ଅସତ୍ ର ପାର୍ଥକ୍ୟ ବୋଧହେବା (୨)ବୈରାଗ୍ୟ: ଅସତ୍ କୁ ତ୍ୟାଗକରି ସଂସାରପ୍ରତି ବିମୁଖ ହେବା (୩) ଶମ ଆଦି ଷଡ ସମ୍ପଦ (କ)ଶମ: ଇନ୍ଦ୍ରିୟମାନଙ୍କ ଭୋଗ୍ୟ ବିଷୟରୁ ମନକୁ ନିବୃତ୍ତି କରିରଖିବା (ଖ)ଦମ: ଇନ୍ଦ୍ରିୟମାନଙ୍କୁ ବିଷୟଭୋଗରୁ ନିରୋଧ କରି ରଖିବା (ଗ)ଶ୍ରଦ୍ଧା :ଈଶ୍ୱରୀୟ ସତ୍ତା ଓ ଶାସ୍ତ୍ର ପ୍ରତି ଅଗାଢ ବିଶ୍ୱାସ (ଘ)ଉପରତି :ସାଂସାରିକ ବୃତ୍ତିଗୁଡିକରୁ ନିବୃତ୍ତି (ଙ)ତିତିକ୍ଷା

:ପ୍ରିୟ -ଅପ୍ରିୟ, ମାନ-ଅପମାନ, ହର୍ଷ-ଶୋକ, ସୁଖ-ଦୁଃଖ ଆଦି ଦ୍ୱନ୍ଦକୁ ସହ୍ୟ କରିବା (ଚ) ସମାଧାନ :ମନ ଓ ବୁଦ୍ଧିକୁ ସଂଶୟମୁକ୍ତ କରିବା (୪) ମୁମୁକ୍ଷତା :ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତ ହେବାର ଇଚ୍ଛା (୫) ଶ୍ରବଣ :ମୁମୁକ୍ଷତା ଜାଗ୍ରତ ହେଲେ ବ୍ରହ୍ମନିଷ୍ଠ ଗୁରୁଙ୍କ ପାଖକୁ ଯାଇ ଶାସ୍ତ୍ର ଶ୍ରବଣ କରି ଈଶ୍ୱରତତ୍ତ୍ୱ ହୃଦୟଙ୍ଗମ କରିବା – [ଗୁରୁ ଉପଦେଶରେ ସଂଶୟଗତ ପ୍ରମାଣ ଦୂର ହୋଇଥାଏ ] (୬)ମନନ: ଯୁକ୍ତି ,ପ୍ରଯୁକ୍ତି ଦ୍ୱାରା ନିରନ୍ତର ପରମାତ୍ମତତ୍ତ୍ୱ ଚିନ୍ତନ (୭) ନିଦିଧ୍ୟାସନ: ସଂସାର ସତ୍ତା ସ୍ୱୀକାର କରି ପରମାତ୍ମା ତତ୍ତ୍ୱର ସତ୍ତାକୁ ସ୍ୱୀକାର ନ'କରିବା ହେଉଛି ବିପରୀତ ଭାବନା । ଏହି ବିପରୀତ ଭାବନକୁ ଦୂରକରିବା ହେଉଛି ନିଦିଧ୍ୟାସନ (୮) ତତ୍ତ୍ୱପଦାର୍ଥ ସଂଶୋଧନ: ସମସ୍ତ ପ୍ରକୃତି,ଗୁଣର ଉର୍ଦ୍ଧ୍ୱକୁ ଉଠି ନିର୍ବିଶେଷ ଏକ ଚିନ୍ମୟ ସତ୍ତାର ଅପୋରକ୍ଷ ଅନୁଭୂତି ହେଉଛି ତତ୍ତ୍ୱ ସାକ୍ଷାତକାର । ମନ,ଇନ୍ଦ୍ରିୟ,ଶରୀରକୁ ବିନିଯୋଗ କରି ଉପୋରକ୍ତ ଲକ୍ଷରେ ସାଧନାରତ ହେଉଛି ଜ୍ଞାନଯଜ୍ଞ । ଭଗବାନ କହୁଛନ୍ତି, ହେ ଶତ୍ରୁବିନାଶକରି ଅର୍ଜୁନ ! ସାଂସାରିକ ଦ୍ରବ୍ୟଦ୍ୱାରା ସିଦ୍ଧ ହେଉଥିବା ଯଜ୍ଞ ଅପେକ୍ଷା ଜ୍ଞାନଯଜ୍ଞ, ଯେଉଁଥିରୁ ଆତ୍ମା-ପରମାତ୍ମାଙ୍କ ଅଭେଦ ତତ୍ତ୍ୱଜ୍ଞାନ ରୂପକ ଅମୃତ ପ୍ରାପ୍ତ ହୋଇଥାଏ , ତାହା ଶ୍ରେୟସ୍କର ଓ ପରମ କଲ୍ୟାଣକର । ଦ୍ରବ୍ୟମୟ ଯଜ୍ଞଠାରୁ ଜ୍ଞାନଯଜ୍ଞ ଶ୍ରେଷ୍ଠବୋଲି କହି , ଭଗବାନ ଏହା ସିଦ୍ଧ କରିଛନ୍ତି କି' ଯଦି କୌଣସି ସାଧକ ନିଜ ଅଧିକାର ଅନୁସାରେ ଶାସ୍ତ୍ରବିହିତ ଅଗ୍ନିହୋତ୍ର, ଦେବଉପାସନ, ବ୍ରାହ୍ମଣ ଭୋଜନ, ଦାନ ଆଦି ଶୁଭକର୍ମ ଅନୁଷ୍ଠାନ ନ'କରି କେବଳ ଆତ୍ମ-ସଂଯମ, ଶାସ୍ତ୍ର ଅଧୟନ , ତତ୍ତ୍ୱବିଚାର ଏବଂ ଯୋଗ ସାଧନ ଆଦି ବିବେକ-ବିଜ୍ଞାନ ସମ୍ବନ୍ଧୀୟ ଶୁଭକର୍ମରୁ କୌଣସି ଏକ କର୍ମକୁ ସାଧନ ରୂପେ ଗ୍ରହଣ କରେ, ଏହା ବୁଝିନେବାକୁ ହେବ ଯେ' ସେ ଦ୍ରବ୍ୟଯଜ୍ଞ ଅପେକ୍ଷା ଶ୍ରେଷ୍ଠ କର୍ମ କରୁଛି । ଦ୍ରବ୍ୟଯଜ୍ଞରେ ଫଳାସକ୍ତି, ଓ କର୍ତ୍ତାପନର ତ୍ୟାଗ ନ'ହେଲା ପର୍ଯ୍ୟନ୍ତ ତାହା ଭୌତିକ ସ୍ତରରେ ଥାଏ । ଯେତେବେଳେ ଦ୍ରବ୍ୟ ଯଜ୍ଞ ବହୁବାର ଅନୁଷ୍ଠାନ କରି ସ୍ୱରୂପରୁ ସମସ୍ତ ଯଜ୍ଞ ବିଷୟ ତ୍ୟାଗ ହୋଇ ଯାଏ , ବିଶ୍ୱାସ ଓ ଶ୍ରଦ୍ଧା ଦିବ୍ୟଜ୍ଞାନ ସ୍ତରରେ ପହଞ୍ଚେ , ସେତେବେଳେ ଯଜ୍ଞାନୁଷ୍ଠାନକାରୀଙ୍କୁ ଉନ୍ନତ ସ୍ତରର ବୋଲି ବିଚାର କରା ଯାଇଥାଏ । ଯଜ୍ଞ ଅନୁଷ୍ଠାନରେ ପ୍ରତ୍ୟେକ କ୍ରିୟା ଅନ୍ତଃକରଣରେ ଜ୍ଞାନ ଉଦୟର ସହାୟକ ହୋଇଥାଏ । ଭଗବାନ ପୁଣି କହୁଛନ୍ତି, ହେ ପାର୍ଥ ! ସମସ୍ତ କର୍ମ , କର୍ମ ଉପକରଣ ଓ କର୍ମଫଳ ସର୍ବଶେଷରେ ଜ୍ଞାନରେ ବିଲୀନ ହୋଇଥାନ୍ତି । ଅର୍ଥାତ୍ କର୍ମ, କର୍ମସାମଗ୍ରୀ, ଓ କର୍ମଫଳର ପରିସମାପ୍ତି ଜ୍ଞାନପ୍ରାପ୍ତିରେ ଘଟିଥାଏ । ଆମ୍ଭେ ଯେ କୌଣସି କର୍ମ ଅନୁଷ୍ଠାନ କରୁ, ସେଥିରୁ ଆମ୍ଭଙ୍କୁ କର୍ମର ଉପକରଣ, କାର୍ଯ୍ୟଧାରା, ଓ କର୍ମର ପରିଣାମ ଉପରେ କିଛିନା କିଛି ଅନୁଭୂତି ମିଳିଥାଏ । ସେହି ଅନୁଭୂତି ହେଉଛି ଜ୍ଞାନ । କର୍ମଦ୍ୱାରା କର୍ମର ଅନ୍ତ ଘଟି ନ'ଥାଏ । ବିବେକ ଓ ଜ୍ଞାନ ଉଦୟରେ କର୍ମର ଅନ୍ତ ଘଟିଥାଏ । ସମସ୍ତ କର୍ମର ଅନ୍ତିମ ଫଳତତ୍ତ୍ୱ ହେଉଛି ଜ୍ଞାନ । ଯେପରି ଦୁଧ ପର୍ଯ୍ୟାୟ କ୍ରମେ ଚହ୍ଲା, ଦହି,ଲହୁଣୀ କିମ୍ବା ଛେନା ଯେଉଁ ଅବସ୍ଥାରେ ଥାଉନା କାହିଁକି' ତାର ଅନ୍ତିମ ପରିଣାମ ହେଉଛି ଘିଅ । ସେହିପରି କର୍ମର ଅନ୍ତିମ ପରିଣାମ ହେଉଛି ବୁଦ୍ଧିସ୍ତରରେ ଅନୁଭବତା ବା ଜ୍ଞାନ ପ୍ରାପ୍ତ କରାଇବା । ବେଦରେ ଯେତେସବୁ ଯଜ୍ଞକର୍ମର ବର୍ଣ୍ଣନା ରହିଛି, ସେହି ସମସ୍ତ ଯଜ୍ଞକର୍ମର ସର୍ବଶେଷ ପରିଣାମ ହେଉଛି ପରମାତ୍ମା ତତ୍ତ୍ୱଜ୍ଞାନ ପ୍ରାପ୍ତି । ସ୍ୱାମୀ ଶିବାନନ୍ଦ କହିଛନ୍ତି : ଯେପରି ନଦୀର ଅନ୍ତିମ ସ୍ଥଳ ହେଉଛି , ସମୁଦ୍ରରେ ବିଲୀନ ହେବା, ସେହିପରି ସମସ୍ତ ନିଷ୍କାମ କର୍ମର ଅନ୍ତିମ ସ୍ଥିତି ହେଉଛି ଆତ୍ମଜ୍ଞାନ ପ୍ରାପ୍ତି । ଶ୍ରୀ ମାଧବଚାର୍ଯ୍ୟଙ୍କ ବ୍ୟାଖ୍ୟାରେ : ଜ୍ଞାନ

ହେଲାପରେ ଉପାସନାର ସାରା ଅଙ୍ଗ ସମାପ୍ତ ହୋଇଥାଏ । କ୍ରିୟାନୁରୂପ ,ଉପାସନାରୂପ ସବୁ ଯେତେ କର୍ମ ରହିଛି, ସେ ସବୁର ଜ୍ଞାନରେ ପରିସମାପ୍ତି ଘଟିଥାଏ। ଅର୍ଥାତ୍ ସମସ୍ତ ସଞ୍ଚିତ ଶୁଭ-ଅଶୁଭ କର୍ମ ଜ୍ଞାନରେ ବିଲୀନ ହୋଇଗଲା ପରେ କର୍ମର ବୀଜତ୍ୱ ମଧ୍ୟ ନଷ୍ଟ ହୋଇଯାଇଥାଏ। କର୍ମର ନା'ସଂସ୍କାର , ନା' ଭ୍ରାନ୍ତି ରହିଥାଏ । ଏହାର ଅର୍ଥହେଲା ସାଧନ ଓ ସାଧ୍ୟ , ଏହି ଦୁଇଟିର ଭେଦ ବିଲୁପ୍ତ ହୋଇଥାଏ । ଏହି ଜ୍ଞାନଠାରୁ ଆଉ କଣ ବଡ ହୋଇପାରେ? ଯେଉଁ ଜ୍ଞାନ ପ୍ରାପ୍ତରେ ସୁଖ-ଦୁଃଖ,ସ୍ୱର୍ଗ-ନର୍କ,ସମାଧି-ବିକ୍ଷେପ ସବୁ ଏକାକାର ହୋଇଯାଇଥାଏ । ଏହି ଜ୍ଞାନ ହିଁ ସର୍ବଶେଷ ସିଦ୍ଧ ଅଟେ ।

**ତଦ୍ ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।**
**ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ॥ ୩୪॥**

*ଅନ୍ୱୟ :ତଦ୍ ବିଦ୍ଧି ( ତାହା ଜାଣିକରି ଅର୍ଥାତ୍ ପୂର୍ବ ଶ୍ଳୋକରେ କୁହାଯାଇଥିବା ଜ୍ଞାନଯଜ୍ଞ ହିଁ ଶ୍ରେଷ୍ଠ ବୋଲି ଜାଣି )[ଜ୍ଞାନ ପ୍ରାପ୍ତି ନିମନ୍ତେ ] ପ୍ରଣିପାତେନ (ସାଷ୍ଟାଙ୍ଗ ଦଣ୍ଡବତ ପ୍ରଣାମ କରି ) ପରିପ୍ରଶ୍ନେନ( କପଟ ନ'କରି ସରଳ ଭାବରେ ବାରମ୍ବାର ପ୍ରଶ୍ନକରି )ସେବୟା (ଆଜ୍ଞାକାରୀ ଭାବେ ସେବାରତ ରହିବାରେ ) ତତ୍ତ୍ୱଦର୍ଶିନଃ( ସେହି ଅନୁଭବି ତତ୍ତ୍ୱଦର୍ଶୀ )ଜ୍ଞାନିନଃ (ଶାସ୍ତ୍ରଜ୍ଞ –ବ୍ରହ୍ମନିଷ୍ଠ ମହାପୁରୁଷ ଗୁରୁ ରୂପରେ ଉଭା ହୋଇ ) ଜ୍ଞାନମ୍ (ଆତ୍ମାତତ୍ତ୍ୱ ଜ୍ଞାନ ) ଉପଦେକ୍ଷ୍ୟନ୍ତି( ଉପଦେଶ ଦେବେ ) ।*

**ଭାବାର୍ଥ :** ଜ୍ଞାନଯଜ୍ଞ ସମସ୍ତ ଯଜ୍ଞ ମଧ୍ୟରେ ଶ୍ରେଷ୍ଠ ବୋଲି ଭଗବାନ ପୂର୍ବ ଶ୍ଳୋକରେ କହିଛନ୍ତି । ଜ୍ଞାନପ୍ରାପ୍ତ ନିମିତ୍ତ ଯେଉଁ ସାଧନା କରାଯାଏ ତାହା ଜ୍ଞାନଯଜ୍ଞ । କିପରି ଭାବରେ ସେହି ତତ୍ତ୍ୱଦର୍ଶି ବ୍ରହ୍ମନିଷ୍ଠ ପୁରୁଷ, ଓ ଆଚାର୍ଯ୍ୟଙ୍କ ନିକଟରୁ ଆତ୍ମା-ପରମାତ୍ମା ତତ୍ତ୍ୱ ଜ୍ଞାନ ଉପଦେଶ ପ୍ରାପ୍ତ ହୋଇପାରିବ , ତାହା ଭଗବାନ ଏହି ଶ୍ଳୋକରେ କହୁଛନ୍ତି । ଏହା ଭଗବାନଙ୍କର କୃପା ଯେ' ମନୁଷ୍ୟ କୌଣସି ଏକ ଜନ୍ମରେ ନିଶ୍ଚିତ ଭାବରେ ବିଷୟ ଜଗତରୁ ବିମୁଖହୋଇ ଈଶ୍ୱାରିଭିମୁଖ ହେବ । ପୂର୍ବଜନ୍ମର ସୁକୃତରୁ ହେଉ କିମ୍ବା ଏହି ଜନ୍ମର ପୁରୁଷାର୍ଥ କାରଣରୁ ହେଉ, ସାଧୁ,ସନ୍ଥ, ବ୍ରହ୍ମନିଷ୍ଠ ମହାତ୍ମାଙ୍କର ସଂସ୍ପର୍ଶରେ ଆସି ମନୁଷ୍ୟ ଆଧ୍ୟାତ୍ମମାର୍ଗପ୍ରତି ଶ୍ରଦ୍ଧା ପ୍ରକଟକରେ । ଈଶ୍ୱରଙ୍କପ୍ରତି ଥରେ ଶ୍ରଦ୍ଧାଭାବ ଆସିଗଲେ, ସେହି ଅବିନାଶୀ ପରମାତ୍ମତତ୍ତ୍ୱ ବିଷୟରେ ଜାଣିବା ପାଇଁ ମନରେ ତୀବ୍ର ଜିଜ୍ଞାସା ଜାଗ୍ରତ ହୁଏ। ପରମାତ୍ମାଙ୍କର ଅନୁଭବତା ପାଇଁ , ଅନ୍ତଃକରଣରେ ବ୍ୟାକୁଳତା ,ଉତ୍କଣ୍ଠା ଦେଖାଦିଏ। ଶାସ୍ତ୍ର ପୁରାଣ ଆଦି ଅଧ୍ୟୟନରେ ଧର୍ମ, ଅର୍ଥ, କାମ, ଓ ମୋକ୍ଷ ପ୍ରାପ୍ତି ନିମିତ୍ତ ବତାଯାଇଥିବା ମାର୍ଗ ସମ୍ବନ୍ଧରେ ସଂଶୟ ଉତ୍ପନ୍ନ ହୁଏ । ସଂସାର କର୍ମରେ ପ୍ରବୃତ୍ତ ରହି, ଅଧ୍ୟାତ୍ମ ଚେତନାରେ ସମାହିତ ହୋଇ ରହିବା ଦୁଃସାଧ୍ୟ ମନେହୁଏ । ଗୀତାରେ ଭଗବାନ ଶ୍ରୀକୃଷ୍ଣ, ଏହି ଉପଦେଶ ଦେଉଛନ୍ତି ଯେ' ଜିଜ୍ଞାସୁ ନିମନ୍ତେ ଏହି ସ୍ଥିତି ହେଉଛି ପ୍ରକୃଷ୍ଟ ସମୟ, ଯେତେବେଳେ ସେ ଜ୍ଞାନ ପ୍ରାପ୍ତ ପାଇଁ ବ୍ରହ୍ମନିଷ୍ଠ ତତ୍ତ୍ୱଦର୍ଶୀ ସଦ୍ ଗୁରୁଙ୍କ ଆଶ୍ରିତ ହେବାକୁ ପଡିବ । ଆତ୍ମା-ପରମାତ୍ମା ତତ୍ତ୍ୱବେତ୍ତା ମହାପୁରୁଷ, ଯାହାଙ୍କର ଆତ୍ମସାକ୍ଷାତ୍କାର ହୋଇସାରିଛି , ସେ ହିଁ କେବଳ ଆତ୍ମତତ୍ତ୍ୱ ଜ୍ଞାନର ଉପଦେଶ ଦେଇପାରିବେ । ପରମାତ୍ମା ତତ୍ତ୍ୱଜ୍ଞାନ ଜଗତକୁ ପ୍ରଦାନ କରିବାରେ ଭଗବାନ ସ୍ୱୟଂ ହେଉଛନ୍ତି ଆଦିଗୁରୁ । ଜ୍ଞାନର ଗଙ୍ଗାକୁ ପିଢି ପରେ ପିଢିକୁ ପ୍ରବାହମାନ କରାଇବାରେ , ଏହି ଗୁରୁ ଶିଷ୍ୟ ପରମ୍ପରା ହେଉଛି ସନାତନ ଧର୍ମର ଏକ ମହାନ୍ ପରମ୍ପରା । ଭଗବାନ ଶ୍ରୀକୃଷ୍ଣ ସ୍ୱୟଂ ଯୋଗେଶ୍ୱର ସମ୍ମୁଖରେ ଦଣ୍ଡାୟମାନ ହୋଇ ମଧ୍ୟ, ସିଦ୍ଧପ୍ରାପ୍ତ ଆଚାର୍ଯ୍ୟଙ୍କ

ନିକଟକୁ ଯାଇ ଜ୍ଞାନ ପ୍ରାପ୍ତକରିବା  ପାଇଁ ସେ ଅର୍ଜୁନଙ୍କୁ ଉପଦେଶ ଦେଉଛନ୍ତି । ଏଥିଲାଗି କି' କେତେ ଘଣ୍ଟା,କେତେ ଦିନର ଗୁରୁ ଉପଦେଶ କିମ୍ବା ଶାସ୍ତ୍ର ଅଧ୍ୟୟନରେ ଜ୍ଞାନ ପ୍ରାପ୍ତ ହୋଇ ଯାଇନ'ଥାଏ । କେଇ ଘଣ୍ଟା ଓ ଦିନରେ କେବଳ ବାଚିକ ଉପଦେଶ ଦିଆଯାଇ ପାରିବ ।   କିନ୍ତୁ ପରମାତ୍ମା ତତ୍ତ୍ୱ ସମ୍ବନ୍ଧରେ ଦିବ୍ୟଜ୍ଞାନ ପ୍ରାପ୍ତ , ମନନ ଓ  ନିଦିଧ୍ୟାସନ ଭଳି  ଦୀର୍ଘ  କାଳର ସାଧ ହୋଇଥାଏ । କେବଳ ଜଣେବ୍ରହ୍ମନିଷ୍ଠ ସଦ୍ ଗୁରୁ ଆତ୍ମତତ୍ତ୍ୱ ସାକ୍ଷାତକାରର ମାର୍ଗ ବତାଇପାରିବେ ।  ଜଣେ ଅନୁଭବି ହିଁ କେବଳ ସାଧନ ମାର୍ଗରେ  ବାଧା ବିଘ୍ନର  ସମାଧାନ ରୂପକ  ସୁଗମ ମାର୍ଗ ବତାଇପାରିବେ । ପରମାତ୍ମାତତ୍ତ୍ୱ ଜାଣିବାପାଇଁ ନିଜର ଅନ୍ତଃକରଣରୁ  ଭୌତିକ  ବିଷୟଜଗତକୁ  ଶୂନ୍ୟ କରିବା  କଷ୍ଟସାଧ , କିନ୍ତୁ ପରମାତ୍ମତତ୍ତ୍ୱ  ପ୍ରାପ୍ତି କଷ୍ଟ ସାଧ ନୁହେଁ । ଏହାର ଉପାୟ କେବଳ ଗୁରୁ ହିଁ ବତାଇପାରିବେ ।  ଗୁରୁ ହେଉଛନ୍ତି  ଶାସ୍ତ୍ରର ବିକଳ୍ପ ।  ଗୁରୁ ଯେଉଁ ଉପଦେଶ ଦେବେ, ତାହାପାଇଁ  ଶାସ୍ତ୍ର ପ୍ରମାଣ ଆବଶ୍ୟକ  ନାହିଁ ।  ସାଧକର ମନରେ ଜ୍ଞାନ ପ୍ରାପ୍ତର ଉଦ୍ବେଗତା  ଦେଖାଦେଲେ, ଗୁରୁଙ୍କ ଅନ୍ୱେଷଣ କରିବାକୁ ପଡିନ'ଥାଏ ।  ଭଗବାନଙ୍କ କୃପାରେ ଗୁରୁଙ୍କର ସାନ୍ନିଧ୍ୟତା ସ୍ୱତଃ ହୋଇଯାଇଥାଏ ।  କୌଣସି ପ୍ରକାରେ ଗୁରୁ ଶିଷ୍ୟଙ୍କ ପାଖରେ, କିମ୍ବା ଶିଷ୍ୟ ଗୁରୁଙ୍କ ପାଖରେ  ପହଞ୍ଚି ଯାଇଥାନ୍ତି । ଏହିପରି ସଂଯୋଗର  ଅନେକ ଉଦାହରଣ ଆମ୍ଭଙ୍କୁ ଦେଖିବାକୁ ମିଳିଛି ।  ଯେଉଁଭଳି ଭାବରେ  ସ୍ୱାମୀ ଚିଦାନନ୍ଦ ସରସ୍ୱତିଙ୍କ ପାଇଁ ସ୍ୱାମୀ ଶିବାନନ୍ଦ ସରସ୍ୱତୀ , ଏବଂ  ସ୍ୱାମୀ ବିବେକାନନ୍ଦ ପାଇଁ  ଶ୍ରୀ ରାମକୃଷ୍ଣ ପରମହଂସ ଭଳି ସିଦ୍ଧ ଗୁରୁ ପ୍ରାପ୍ତ ହୋଇଛନ୍ତି , ତାହା ଶିଷ୍ୟଙ୍କ ହୃଦୟରେ ଜିଜ୍ଞାସା ରୂପକ ବ୍ୟାକୁଳତାର ସୁଫଳ ।  ପରମାତ୍ମତତ୍ତ୍ୱ ସାକ୍ଷାତକାର ପ୍ରାପ୍ତ କରାଇବା ଲକ୍ଷ୍ୟରେ  ଗୁରୁ ଓ ଶିଷ୍ୟଙ୍କର ସମ୍ପର୍କ  ଦିବ୍ୟ ସମ୍ପର୍କ ହୋଇଥାଏ ।  ଗୁରୁଙ୍କ ଠାରୁ ଜ୍ଞାନ ପ୍ରାପ୍ତ କରିବା ପୂର୍ବରୁ ଶିଷ୍ୟ ର  ପାତ୍ରତା   ତିନୋଟି ସାଧନ କ୍ରିୟାର ମାପକାଠିରେ ପରୀକ୍ଷିତ ହୋଇଥାଏ।  ପ୍ରଥମ ହେଲା ପ୍ରଣିପାତ । ସାଧକକୁ ଗୁରୁଙ୍କ ସମ୍ମୁଖରେ  ସାଷ୍ଟାଙ୍ଗ ଦଣ୍ଡବତ ହୋଇ ପ୍ରଣାମ କରିବାର ଜ୍ଞାନ ହୋଇଥିବା ଆବଶ୍ୟକ ।  ଶାରୀରିକ ଭାବରେ ସାଷ୍ଟାଙ୍ଗ ପ୍ରଣିପାତ, ଶିଷ୍ୟର ଗୁରୁଙ୍କ ପ୍ରତି  ସଂପୂର୍ଣ୍ଣ ଆତ୍ମସମର୍ପଣକୁ ସୂଚାଇଥାଏ ।  ଗୁରୁଙ୍କ ଜ୍ଞାନ ଓ  ସିଦ୍ଧତା ଉପରେ ଶିଷ୍ୟର ମନରେ ଲେଶମାତ୍ର ସନ୍ଦେହ ରହିବା ଉଚିତ ନୁହେଁ । ଆତ୍ମା - ପରମାତ୍ମା  ତତ୍ତ୍ୱଜ୍ଞାନ ପ୍ରାପ୍ତ  ନିମିତ୍ତ , ଶିଷ୍ୟକୁ ଗୁରୁଙ୍କୁ ହିଁ ସ୍ୱୟଂ ପରମେଶ୍ୱର ବୋଲି ଗ୍ରହଣ କରିବାରେ ମନରେ  ଦ୍ୱିଧା ରହିବା ଉଚିତ ନୁହେଁ ।  ଶିଷ୍ୟ ପ୍ରଥମ ଅବସ୍ଥାରେ ଗୁରୁଙ୍କ ପ୍ରତ୍ୟକ୍ଷ  ତତ୍ତ୍ୱବଧାନରେ ରହିବାକୁ ପଡିଥାଏ ।   ଇନ୍ଦ୍ରିୟ ସଂଯମ ଓ ଆଚରଣଦ୍ୱାରା  ଗୁରୁଙ୍କର ମାନସିକ ସ୍ତରରେ ନିଜର   ବିନମ୍ରତା ଗୁଣକୁ  ପ୍ରତିପାଦନ କଲାପରେ, ଗୁରୁ ଶିଷ୍ୟକୁ ଜ୍ଞାନ ପ୍ରଦାନ କରିବାର ମନସ୍ଥ କରିଥାନ୍ତି । ଜଳସ୍ରୋତ ଯେପରି ଉଚ୍ଚଭୂମିକୁ ସ୍ପର୍ଶ କରିନ'ଥାଏ ,ଜ୍ଞାନଗଙ୍ଗାର ସ୍ରୋତ ସେହିଭଳି ଅହଙ୍କାରଯୁକ୍ତ ବୁଦ୍ଧିରେ ପ୍ରବେଶ କରିନ'ଥାଏ।  ତେଣୁ ପ୍ରଣିପାତ ସାଧନ ହେଉଛି ଅହଙ୍କାରଶୂନ୍ୟ ହୋଇ  ଗୁରୁଙ୍କ ନିକଟରେ ଭକ୍ତିଭାବରେ ଆତ୍ମ ସମର୍ପଣ ହୋଇରହିବା ।  ଜିଜ୍ଞାସୁ ପକ୍ଷରେ   ଦ୍ୱିତୀୟ  ସାଧନକ୍ରିୟା  ହେଲା   "ଗୁରୁଙ୍କର ସେବା" ।  ଗୁରୁଙ୍କ ଲୋକସଂଗ୍ରହ ଜନିତ  ଉଦ୍ଦେଶ୍ୟରେ ନିଜର ଅସ୍ତିତ୍ୱକୁ ଉତ୍ସର୍ଗ କରିଦେବା ହେଉଛି ଗୁରୁଙ୍କର ସେବା ।  ଗୁରୁଙ୍କ ଆଜ୍ଞାକୁ ମନ,କାୟ,ବାଚିକରେ ପାଳନ କରି ଗୁରୁଙ୍କର ଅସ୍ଥାଭାଜନ ହେବାକୁ ହେବ ।   ଶିଷ୍ୟର ସେବାଭାବରୁ, ଗୁରୁ  ନିର୍ଦ୍ଧାରିତ କରିଥାନ୍ତି ଯେ' ଏହି ଶିଷ୍ୟକୁ ଜ୍ଞାନ ପ୍ରଦାନ ଦ୍ୱାରା ସଂସାରର ଅନେକ ଜୀବାତ୍ମା ଅଜ୍ଞାନରୂପକ ଅନ୍ଧକାରରୁ ମୁକ୍ତ ପ୍ରାପ୍ତ

ହୋଇପାରିବେ ଓ ସେହି ଜ୍ଞାନପ୍ରଦାନ ସଂସାରପାଇଁ କଲ୍ୟାଣକର ହେବ । ଜ୍ଞାନ ପ୍ରାପ୍ତ କରିବା ପାଇଁ ତୃତୀୟ ସାଧନ ହେଲା"ପରିପ୍ରଶ୍ନ" । ଆତ୍ମା-ପରମାତ୍ମା ପ୍ରାପ୍ତ ସମ୍ବନ୍ଧିତ ପ୍ରଶ୍ନକୁ ଗୁରୁଙ୍କ ସମ୍ମୁଖରେ ଶିଷ୍ୟଦ୍ୱାରା ବାରମ୍ବାର ସନ୍ଦେହ ମୋଚନ ହେଲା ପର୍ଯ୍ୟନ୍ତ ଉତ୍ଥାପନ କରିବାର ଅଧିକାର , ଆମର ସନାତନ ଧର୍ମର ଏକ ମହାନ୍ ପରମ୍ପରା । ଏହା ଅନ୍ୟ କୌଣସି ଧର୍ମରେ ପ୍ରାୟତଃ ଦେଖିବାକୁ ମିଳେନାହିଁ । ଏହା ସନାତନ ଧର୍ମର ସ୍ୱଚ୍ଛତା,ସ୍ୱାଧୀନତା ,ନିର୍ଭୀକତା କୁ ପ୍ରତିପାଦିତ କରିଥାଏ । କୌଣସି ମନସ୍ତାତ୍ତ୍ୱିକ ଚାପ ଦ୍ୱାରା ବଳପୂର୍ବକ ଭାବରେ ଗୁରୁଙ୍କ ଦର୍ଶନତତ୍ତ୍ୱକୁ ଶିଷ୍ୟର ଅନ୍ତଃକରଣରେ ପ୍ରବେଶ କରାଇବାର ପ୍ରଚେଷ୍ଟା ଶାସ୍ତ୍ର ବିରୁଦ୍ଧ । ସମସ୍ତ ସଂଶୟକୁ ଦୂରକରିବା ପର୍ଯ୍ୟନ୍ତ ଶିଷ୍ୟ ଗୁରୁଙ୍କ ଠାରୁ ପ୍ରଶ୍ନ ଉତ୍ତର ମାଧମରେ ସମାଧାନର ମାର୍ଗ ପ୍ରାପ୍ତକରିବାର ସୁଯୋଗ ପାଇଥାଏ । ଶିଷ୍ୟ ଗୁରୁଙ୍କ ଜ୍ଞାନକୁ ପରୀକ୍ଷା କରିବା ମନୋଭାବ ରଖି , କିମ୍ବା ଗୁରୁଙ୍କ ଆଗରେ ନିଜକୁ ଜ୍ଞାନୀବୋଲି ପ୍ରତିପାଦିତ କରିବା ଉଦ୍ଦେଶ୍ୟରେ ଗୁରୁଙ୍କୁ ପ୍ରଶ୍ନ କରିବାରେ, ଶିଷ୍ୟର ସମସ୍ତ ସାଧନ ନଷ୍ଟ ଭ୍ରଷ୍ଟ ହୋଇଯାଇଥାଏ । ଗୁରୁ ଶିଷ୍ୟର ସେବା , ଶ୍ରଦ୍ଧା,ଓ ଭକ୍ତିରେ ପ୍ରସନ୍ନ ହୋଇ , ଶିଷ୍ୟକୁ ଶାସ୍ତ୍ର ସମ୍ବନ୍ଧିୟ ତତ୍ତ୍ୱ ଉପରେ ସନ୍ଦେହ ମୋଚନ ପାଇଁ ପ୍ରଶ୍ନ କରିବାକୁ ଅନୁମତି ଦେଇଥାନ୍ତି । ତା'ପରେ ଯାଇ ,ପରମାତ୍ମା ତତ୍ତ୍ୱକୁ ଜାଣିବା ପାଇଁ ଶିଷ୍ୟ ଶ୍ରଦ୍ଧା ଓ ଭକ୍ତିଭାବରେ ଆତ୍ମା-ଅନାତ୍ମ ବିଷୟକ ଗୂଢ ପ୍ରଶ୍ନ ସରଳତା ପୂର୍ବକ ନିଷ୍କପଟ ଭାବରେ ଉପସ୍ଥାପନ କରିଥାନ୍ତି । ମୁଁ କିଏ ? ମାୟା କଣ ?ସଂସାର ବନ୍ଧନ କଣ ?ପରମାତ୍ମାଙ୍କ ସ୍ୱରୂପ କଣ? ଆତ୍ମାର ପରମାତ୍ମାଙ୍କର ସମ୍ବନ୍ଧ କିପରି ?, ମୋକ୍ଷ କଣ ? ପରମାତ୍ମତତ୍ତ୍ୱଜ୍ଞାନ ପ୍ରାପ୍ତ ପରେ ମଧ ଜୀବନ ମୁକ୍ତ ପୁରୁଷ କିପରି ସଂସାରଭିତରେ ଜୀବନ ବିତାଇ ଥାଏ ? ଏହିଭଳି ବହୁତ ଗୂଢ ସାଧନ ତତ୍ତ୍ୱ ଜନିତ ପ୍ରଶ୍ନର ସମାଧାନ ଗୁରୁଙ୍କ ନିକଟରୁ ଜ୍ଞାନ ରୂପରେ ପ୍ରାପ୍ତ ହୋଇଥାଏ । ସିଦ୍ଧପ୍ରାପ୍ତ ଗୁରୁ ମଧ ନିଜର କର୍ତ୍ତବ୍ୟବୋଧରେ ଲୋକଶିକ୍ଷା ମନୋଭାବରେ ଶିଷ୍ୟଙ୍କୁ ଜ୍ଞାନ ପ୍ରଦାନ କରିଥାନ୍ତି । ଶିଷ୍ୟର ତତ୍ପରତା,ଶ୍ରଦ୍ଧା,ବିନମ୍ରତା,ଆଜ୍ଞାପାଳନ ରୂପକ ସେବାରେ ଗୁରୁ ସନ୍ତୋଷ ଲାଭକଲେ ,ବାତ୍ସଲ୍ୟ ପ୍ରେମରେ ଗାଇର ସ୍ତନରେ ଦୁଧର ସ୍ରୋତ ପ୍ରାବାହମାନ ହେଲାଭଳି , ଗୁରୁଙ୍କଠାରୁ ଜ୍ଞାନଗଙ୍ଗାର ସ୍ରୋତ ଆଶୀର୍ବାଦ ରୂପରେ ଶିଷ୍ୟଙ୍କ ନିକଟକୁ ପ୍ରବାହିତ ହୋଇଥାଏ ।

**ଯଜ୍ ଜ୍ଞାତ୍ୱା ନ ପୁନର୍ମୋହମେବଂ ଯାସ୍ୟସି ପାଣ୍ଡବ ।**
**ଯେନ ଭୂତାନ୍ୟଶେଷେଣ ଦ୍ରକ୍ଷ୍ୟସ୍ୟାତ୍ମନ୍ୟଥୋ ମୟି ॥ ୩୫॥**

*ଅନ୍ୱୟ: ପାଣ୍ଡବ ( ହେ ଅର୍ଜୁନ !)ଯତ୍ (ଯେଉଁ ଜ୍ଞାନ ) ଜ୍ଞାତ୍ୱା (ଅନୁଭବ କଲାପରେ ) ପୁନଃ(ପୁନରାୟ) ଏବଂ (ଏହି ଭଳି ) ମୋହଂ (ମୋହଗ୍ରସ୍ତ ) ନ ଯାସ୍ୟସି (ପ୍ରାପ୍ତ ହେବ ନାହିଁ) ଯେନ (ଯେଉଁ ଜ୍ଞାନ ଲାଭ ଫଳରେ ) ଭୂତାନି (ସମସ୍ତ ପ୍ରାଣୀଙ୍କୁ ) ଅଶେଷେଣ(ସମଗ୍ରଭାବେ) ଆତ୍ମନି (ନିଜଠାରେ) ଅଥୋ (ପରେ /ଅନନ୍ତର ) ମୟି ( ମୋଠାରେ ଅର୍ଥାତ୍ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କ ଠାରେ ) ଦ୍ରକ୍ଷ୍ୟସି (ଦେଖିବ)।*

**ଭାବାର୍ଥ:** ଏହି ଶ୍ଳୋକରେ ଭଗବାନ ଜ୍ଞାନର ସ୍ୱରୂପ ବିଷୟରେ କହୁଛନ୍ତି : ହେ ଅର୍ଜୁନ! ମହାପୁରୁଷଙ୍କ ଦ୍ୱାରା ଉପଦିଷ୍ଟ ଜ୍ଞାନ ଅନୁସାରେ ପରମାତ୍ମାଙ୍କ ସାକ୍ଷାତ୍କାର ହୋଇସାରିବା ପରେ ତୁମ୍ଭେ ଏହି ପ୍ରକାର ମୋହକୁ ପୁନଃ ପ୍ରାପ୍ତ ହେବନାହିଁ । ତା'ହେଲେ ଏହି ମୋହ କଣ ଓ ଏହା କିପରି ବିବେକକୁ ଆବରଣ କରି ରଖିଥାଏ ? ଅର୍ଜୁନ ବିଷାଦ ଯୋଗରେ ଯୁଦ୍ଧକ୍ଷେତ୍ରରେ ସ୍ୱ-କୁଟୁମ୍ବ ଓ ବନ୍ଧୁ ଜନଙ୍କ ପ୍ରାଣନାଶ ଆଶଙ୍କାରେ ମୋହଗ୍ରସ୍ତ ହୋଇଛନ୍ତି । ଅର୍ଜୁନଙ୍କ ଦୃଷ୍ଟିରେ "ସ୍ୱ " ଓ "ପର" ଏହି ବିଭେଦର

କାରଣରୁ ମୁଁ ଓ ମୋର ବୋଲି ସମ୍ବନ୍ଧିତ ପ୍ରିୟ ଜନଙ୍କ ଜୀବନ ପ୍ରତି ଅନୁରାଗ ରହିଛି। ଏମାନଙ୍କ ପ୍ରତି ଅନ୍ତଃକରଣରେ ଯେଉଁ ମମତା ରହିଛି ତାହା ହେଉଛି "ମୋହ" । ମୋହ ଚିତ୍ତର ବିପରୀତ ପ୍ରବୃତ୍ତି ଯାହାକି ଅଧର୍ମକୁ ଧର୍ମ ରୂପରେ ବୋଧ କରାଇଥାଏ । ତମୋଗୁଣର ପରିବୃଦ୍ଧି, ଏବଂ ସବୁକିଛି ବିପରିତ ବୋଧ ଲାଗିବା ହେଉଛି ମୋହଗ୍ରସ୍ତ ବୁଦ୍ଧି । ଜୀବମାନଙ୍କର ଯେଉଁ ଶାରୀରିକ ବିଭିନ୍ନତା ପ୍ରତୀୟମାନ ହୁଏ , ତାହା ବାସ୍ତବ ନୁହେଁ , ତାହା ମାୟା ଅଟେ । ଏହି ମାୟାର କାରଣରୁ ମନୁଷ୍ୟ ନିଜକୁ ପରମାତ୍ମାଙ୍କ ଠାରୁ ଭିନ୍ନ ବୋଧ କରିଥାଏ । ଶରୀରକୁ ନିତ୍ୟ ସ୍ୱରୂପ ଭାବରେ ସ୍ୱୀକାର କରି, ଶରୀର ସମ୍ବନ୍ଧିତ ବସ୍ତୁ ଓ ପ୍ରାଣୀଙ୍କ ସହିତ ମମତା କରି ସେମାନଙ୍କର ଉତ୍ପନ୍ନ ଓ ବିନାଶରେ ହର୍ଷ ଓ ଶୋକ ପ୍ରକଟ କରିବା, ସୁଖ ଦୁଃଖ ଅନୁଭବ କରିବା, ଏସବୁ ମୋହ ଜନିତ ବିକାର । ଗୁରୁଦେବଙ୍କ ମୁଖରୁ ତତ୍ତ୍ୱଜ୍ଞାନ ଲାଭପରେ ଜଡତାରୁ ସମ୍ବନ୍ଧ ବିଛିନ୍ନ ହେଲେ ଆତ୍ମା ସ୍ୱରୂପର ବୋଧ ହୁଏ । ପ୍ରକୃତ ସ୍ୱରୂପର ବୋଧ କେବଳ ନିଜଦ୍ୱାରା ହିଁ ନିଜକୁ ହୋଇଥାଏ । ସ୍ୱରୂପର ଯଥାର୍ଥ ଜ୍ଞାନ ହୋଇଗଲାପରେ, ମୁଁ କିଏ ? ସଂସାର କଣ ? ମାୟା କଣ? ବ୍ରହ୍ମ କଣ ? ଏହିଭଳି ଆଉ କିଛିମଧ୍ୟ ଜାଣିବାର ଶେଷ ରହିନ'ଥାଏ । ଆତ୍ମାବୋଧ ହେବାପରେ " ମୁଁ ଓ ମୋର" ରୂପକ ସମ୍ବନ୍ଧ ବିନଷ୍ଟ କାରଣରୁ ଆଉ ମୋହ ହୁଏନାହିଁ । ବସ୍ତୁତଃ ମୋହ ବୋଲି କିଛି ନ'ଥାଏ । ଯାହା ନ'ଥାଏ ତାହା ହିଁ ନଷ୍ଟ ହୁଏ ଏବଂ ଯାହା ଥାଏ ତାହା ହିଁ ପ୍ରାପ୍ତ ହୁଏ । ଆତ୍ମଜ୍ଞାନ ଥରେ ଅନୁଭବ ହେଲାପରେ, ଏହାର ଆଉ ଅନ୍ତ ଘଟି ନ'ଥାଏ । ତତ୍ତ୍ୱଜ୍ଞାନ ନିତ୍ୟ ଏବଂ ଧ୍ରୁବ । ଅନ୍ତଃକରଣରୁ ମୋହ ନଷ୍ଟ ହେଲାପରେ , ପୁନଶ୍ଚ ମୋହଗ୍ରସ୍ତ ହେବାର ସମ୍ଭାବନା ନ'ଥାଏ । ତତ୍ତ୍ୱଜ୍ଞାନ ଲାଭ ବା ଅଜ୍ଞାନର ନାଶ ଥରେ ମାତ୍ର ହୁଏ ଏବଂ ତାହା ସବୁଦିନ ପାଇଁ ହୁଏ । ମହାପୁରୁଷଙ୍କ ଆତ୍ମ-ପରମାତ୍ମା ତତ୍ତ୍ୱଜ୍ଞାନର ଉପଦେଶ ଅନୁସାରେ ସାଧନରେ ଆତ୍ମା ସର୍ବବ୍ୟାପୀ ,ଅନନ୍ତ ସ୍ୱରୂପ ରୂପେ ବୋଧ ହୁଏ। ସମସ୍ତ ପ୍ରାଣୀଙ୍କ ରୂପ ଓ ଗୁଣର ବିଭେଦର ଅଭାବ ପରିଲକ୍ଷିତ ହୁଏ । ଏକ ଅବ୍ୟକ୍ତ ଅବିନାଶୀ ସତ୍ତା ସର୍ବତ୍ର ବୋଧହୁଏ । ଅନନ୍ତ ବ୍ରହ୍ମାଣ୍ଡ ସେହି ସତ୍ତାର ଅନ୍ତର୍ଭୁକ୍ତ ବୋଲି ସାଧକର ଜ୍ଞାନ ହେଲାପରେ, ଚରାଚର ପ୍ରାଣୀଙ୍କୁ ନିଜ ସ୍ୱରୂପରେ ଦେଖେ । ଅର୍ଥାତ୍ ସମସ୍ତ ଜଗତକୁ ନିଜଠାରୁ ଅଭିନ୍ନ ବୋଲି ଜ୍ଞାନ ହୋଇଥାଏ । ଏହା ହେଉଛି "ତ୍ୱମ୍" ପଦର ଅନୁଭବତା । ସକଳ ପ୍ରାଣୀଙ୍କଠାରେ ସେହି ଗୋଟିଏ ସ୍ୱରୂପର ବ୍ୟାପକ ବୋଲି ଅନୁଭବ ହେଲାପରେ , ସଚ୍ଚିଦାନନ୍ଦଘନ ପରମ ପୁରୁଷ ପରମେଶ୍ୱରଙ୍କ ସ୍ୱରୂପରେ ସଚରାଚର ଜଗତକୁ ଦେଖିବାର ବୋଧ ହୁଏ । ଏହା ହେଉଛି "ତତ୍" ପଦର ଅନୁଭବତା । ଏହିପରି ସାଧକ ଯେତେବେଳେ ଜଗତକୁ ନିଜଠାରେ ଦେଖେ ତାହା ହେଉଛି ଆତ୍ମଜ୍ଞାନ । ତା'ପରେ ଯେତେବେଳେ ନିଜକୁ ପରମାତ୍ମାଙ୍କ ଠାରେ ଦେଖେ , ତାହା ହେଉଛି ପରମାତ୍ମା ତତ୍ତ୍ୱ ବିଜ୍ଞାନ । ନିତ୍ୟ ଆତ୍ମା ସାକ୍ଷାତ୍କାର ହୋଇଥିବା ଯୁକ୍ତ ପୁରୁଷ ନିରନ୍ତର ସ୍ୱରୂପରେ ସ୍ଥିତ ହୋଇ ରହିଲେ , ପରମାତ୍ମା ତତ୍ତ୍ୱ ସହିତ ଆତ୍ମସ୍ୱରୂପର ଅଭେଦ ଐକ୍ୟତାକୁ ବୁଝିପାରିଥାନ୍ତି । ଏହା ହେଉଛି "ଅସି" ପଦର ଅନୁଭବତା । ଏହିପରି ଭାବରେ "ତତ୍- ତ୍ୱମ୍- ଅସି" ର ଅନୁଭବତା ହେଉଛି ଶୁଦ୍ଧ ପୂର୍ଣ୍ଣ ଜ୍ଞାନ । ଏହାକୁ ପରମପଦ ପ୍ରାପ୍ତ , ନିର୍ବାଣ ବ୍ରହ୍ମ ପ୍ରାପ୍ତ , ଓ ପରମାତ୍ମା ଭିତରେ ପ୍ରବିଷ୍ଟ ପ୍ରଭୃତି ବିଭିନ୍ନ ଶବ୍ଦରେ ଗୀତାରେ କୁହାଯାଇଛି । ଏହି ସବୁ ସ୍ଥିତିରେ ଯୋଗୀର ପରମାତ୍ମାଙ୍କ ଠାରୁ ପୃଥକ ସତ୍ତା ରହିନ'ଥାଏ । ଏହି ସ୍ଥିତିକୁ ପ୍ରାପ୍ତ ହେବା ମହାପୁରୁଷଙ୍କର ଅହଂ ଭାବ ସର୍ବଥା ନଷ୍ଟ ହୋଇଯାଇଥାଏ । କେବଳ

ଲୋକ ଦୃଷ୍ଟିରେ ଏହି ମହାପୁରୁଷଙ୍କର ମନ,ବୁଦ୍ଧି,ଶରୀର ଆଦି ଥାଏ । ଏହି ସ୍ଥିତିକୁ ଶବ୍ଦ ଦ୍ୱାରା କେବଳ ସଙ୍କେତ ମାତ୍ର କରାଯାଇ କୁହାଯାଇଥାଏ ଯେ' ସେ ସମସ୍ତ ପ୍ରାଣୀଙ୍କୁ ସଚିଦାନନ୍ଦଘନ ବ୍ରହ୍ମରେ ଦେଖିଥାନ୍ତି । ବାସ୍ତବରେ ସେହି ଜ୍ଞାନୀଙ୍କ ପାଇଁ ଏକମାତ୍ର ବ୍ରହ୍ମ ହିଁ କେବଳ ଅବଶେଷ ରହିଥାଏ । ସେହି ବ୍ରହ୍ମନିଷ୍ଠ ପୁରୁଷଙ୍କ ନିମନ୍ତେ ଦ୍ରଷ୍ଟା, ଦୃଶ୍ୟ, ଓ ଦର୍ଶନ ଏହି ତିନି ଭେଦ ରହିନ'ଥାଏ ।

**ଅପି ଚେଦସି ପାପେଭ୍ୟଃ ସର୍ବେଭ୍ୟଃ ପାପକୃତ୍ତମଃ ।**
**ସର୍ବଂ ଜ୍ଞାନପ୍ଲବେନୈବ ବୃଜିନଂ ସନ୍ତରିଷ୍ୟସି ॥ ୩୬॥**

*ଅନ୍ୱୟ: ଚେତ୍ ( ଯଦି ତୁମେ ) ସର୍ବେଭ୍ୟଃ (ସମସ୍ତ) ପାପେଭ୍ୟଃ ( ପାପୀଙ୍କ ଅପେକ୍ଷା ) ଅପି (ମଧ୍ୟ) ପାପକୃତ୍ତମଃ ( ଅଧିକ ପାପକାରୀ ) ଅସି ( ହୋଇଥାଅ ) [ ତଥାପି] ସର୍ବଂ (ସମସ୍ତ) ବୃଜିନଂ (ପାପ ସମୁଦ୍ରକୁ) ଜ୍ଞାନପ୍ଲବେନ ଏବ ( ଜ୍ଞାନ ରୂପୀ ନୌକାଦ୍ୱାରା ) ସନ୍ତରିଷ୍ୟସି (ଉତ୍ତମରୂପେ ପାର ହୋଇଯିବ )*

**ଭାବାର୍ଥ :** ଗୁରୁଙ୍କ ଠାରୁ ତତ୍ତ୍ୱଜ୍ଞାନ ପ୍ରାପ୍ତ କରିବାର ବିଧି ଓ ଏହାର ସୁଫଳ କହି ସାରିଲାପରେ, ଭଗବାନ ଏବେ ଜ୍ଞାନର ମାହାତ୍ମ୍ୟ କହୁଛନ୍ତି । ଅର୍ଜୁନଙ୍କ ମନରେ ନିଶ୍ଚିତ ଭାବରେ ଏହି ଶଙ୍କା ରହିଅଛି ଯେ' ଯୁଦ୍ଧ ରୂପକ ଘୋର କର୍ମରେ ପ୍ରବୃତ୍ତ ହୋଇ ସେ ଏକ ମସ୍ତବଡ ପାପ ଅର୍ଜନ କରିବାକୁ ଯାଉଛନ୍ତି । ଅର୍ଜୁନଙ୍କ ମନରୁ ଏହି ଶଙ୍କା ଦୂର କରିବାପାଇଁ ଭଗବାନ କହୁଛନ୍ତି , ହେ ଅର୍ଜୁନ ! ତୁମ୍ଭେ ଯଦି ଏହି କର୍ତ୍ତବ୍ୟ କର୍ମ ରୂପକ ଯୁଦ୍ଧ କରି ପାପ ଅର୍ଜନ କରିବବୋଲି ଭାବୁଛ, ତା'ହେଲେ ଏହା ମଧ୍ୟ ଜାଣିରଖ କି' ଏହି ଦିବ୍ୟଜ୍ଞାନର ଏପରି ପ୍ରଭାବ ଓ ମାହାତ୍ମ୍ୟ ଅଛି, ତୁମ୍ଭେ ଅଧିକରୁ ଅଧିକତ୍ତମ ପାପାଚାରୀ ହୋଇମଧ୍ୟ ଏହି ଜ୍ଞାନ ରୂପକ ନୌକା ସାହାଯ୍ୟରେ ଅଗାଧ ପାପ ସମୁଦ୍ରକୁ ଅନାୟାସରେ ପାରି ହୋଇପାରିବ । ବଡରୁ ବଡ ପାପ ମଧ୍ୟ ତୁମ୍ଭଙ୍କୁ ଅଟକାଇ ପାରିବ ନାହିଁ । ଭଗବାନଙ୍କର ଉକ୍ତିକୁ ବିପରୀତ ଅର୍ଥରେ ଏପରି ବୁଝିନେବା ଉଚିତ ନୁହେଁ କି' ପାପକର୍ମ କରି ସେଥିରୁ ମୁକ୍ତ ହେବାପାଇଁ ଭଗବାନ ମାର୍ଗ ବତାଉଛନ୍ତି । ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଲକ୍ଷ୍ୟକରି ସମଗ୍ର ମାନବ ସମାଜକୁ ଏହି ଆଶ୍ୱାସନା ପ୍ରଦାନ କରୁଛନ୍ତି ଯେ' ଏହି ଦିବ୍ୟଜ୍ଞାନ ତତ୍ତ୍ୱ କେବଳ ସାଧୁ, ସନ୍ଥ, ଓ ମୁମୁକ୍ଷୁ ମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ଜଣେ ମହା ପାପଚାରୀ ମଧ୍ୟ ଏହି ଜ୍ଞାନକୁ ଆଶ୍ରୟ କରି ପାପ ପ୍ରବୃତ୍ତିରୁ ନିଜକୁ ନିବୃତ୍ତ କରାଇବାକୁ ସକ୍ଷମ ହେବ । ପୂର୍ବରୁ ପାପରେ ବୁଡି ରହିଥିବା ବ୍ୟକ୍ତିର ପରମାର୍ଥିକ ଜିଜ୍ଞାସା ଜାଗ୍ରତ ହେଲେ , ସେ ମଧ୍ୟ ନିଜ ଉଦ୍ଧାର ବିଷୟରେ ନିରାଶ ହେବା ଉଚିତ ନାହିଁ । ଗୁରୁଙ୍କଠାରୁ ଜ୍ଞାନପ୍ରାପ୍ତ ନିମିତ୍ତ କୌଣସି ଚୟନ ପ୍ରକ୍ରିୟା କିମ୍ବା ପାପ- ପୂଣ୍ୟ ମାନଦଣ୍ଡର ଅବଶ୍ୟକତା ନାହିଁ । ଦସ୍ୟୁ ରତ୍ନାକର ବ୍ରହ୍ମନିଷ୍ଠ ନାରଦ ମୁନିଙ୍କ ଠାରୁ ଆତ୍ମଜ୍ଞାନ ତତ୍ତ୍ୱ ପ୍ରାପ୍ତ କରି ମହାମୁନି ବାଲ୍ମୀକି ହୋଇପାରିଥିବା, ଭଗବାନ କହିଥିବା ଉକ୍ତିର ଜ୍ୱଳନ୍ତ ଉଦାହରଣ । ଅତ୍ୟନ୍ତ ପାପଚାରୀ ମନୁଷ୍ୟ ମଧ୍ୟ ଇଚ୍ଛାକଲେ ଏହି ଜନ୍ମରେ ଏବଂ ଏହିକ୍ଷଣି ମହାପୁରୁଷଙ୍କର ଆଶ୍ରିତ ହୋଇ, ତାଙ୍କଠାରୁ ଦିବ୍ୟଜ୍ଞାନ ପ୍ରାପ୍ତକରି ନିଜର କଲ୍ୟାଣ କରିପାରିବ । ଦୀପକୁ ଜଳାଇବା ମାତ୍ରେ ଅନନ୍ତକାଳ ଧରି ରହି ଆସୁଥିବା ଅନ୍ଧକାର ତତ୍ କ୍ଷଣାତ୍ ଦୁର ହୋଇଥାଏ । ସେହିପରି ଆତ୍ମା-ପରମାତ୍ମା ତତ୍ତ୍ୱଜ୍ଞାନର ଅନୁଭବତାରେ ତତ୍ କାଳ ହିଁ ଜନ୍ମ ଜନ୍ମର ପାପ ନଷ୍ଟ ହୁଏ । କର୍ମର ଦୁଇଟି ଦିଗ ହେଉଛି ପାପ ଓ ପୂଣ୍ୟ, ଯାହା ଜ୍ଞାନ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ସେହି ଗୋଟିଏ କର୍ମ ବିବେକର ବିଚାରରେ ପୂଣ୍ୟ ହୋଇଥାଏ, ଅଥବା ପାପ ହୋଇଥାଏ । ଅତଏବ ଜ୍ଞାନ ହିଁ ମନୁଷ୍ୟକୁ

ପାପରୁ ଉଦ୍ଧାର କରିବାରେ ସମର୍ଥ ହୋଇଥାଏ । ସର୍ବାଧିକ ପାପକର୍ମରେ ଲିପ୍ତ ଥିବା ମନୁଷ୍ୟର ମଧ ଏହି ଦିବ୍ୟ ଜ୍ଞାନର ପ୍ରାପ୍ତ ନିମନ୍ତେ ପ୍ରଯତ୍ନ କରିବା ଜନ୍ମଗତ ଅଧିକାର । ଯେଉଁଥିପାଇଁ କୌଣସି ଶାସ୍ତ୍ରଜନିତ ପ୍ରତିବନ୍ଧକ ନାହିଁ । ଆମ୍ଭରି ଏହି ସନାତନ ଧର୍ମକୁ ଛାଡିଦେଲେ, ପୃଥିବୀର କୌଣସି ଧର୍ମଶାସ୍ତ୍ରରେ ଏହି ପରି ଅଭୟବାଣୀର ଉଦାହରଣ ଦେଖିବାକୁ ମିଳେନାହିଁ । ଭଗବାନ ଏହା କହିବାର ତାତ୍ପର୍ଯ୍ୟହେଲା, ସାଧାରଣତଃ ପାପବୁଦ୍ଧି ପୁରୁଷ, ଶ୍ରଦ୍ଧାର ଅଭାବ ହେତୁ ଜ୍ଞାନର ଅଧିକାରୀ ହୋଇନ'ଥାଏ । ତାହା ପକ୍ଷରେ ଜ୍ଞାନ ରୂପକ ନୌକାର ସନ୍ଧାନ କରିନେବା କଠିନ ହୋଇପଡିଥାଏ । ପରନ୍ତୁ ଭଗବାନଙ୍କ କୃପାରୁ କିମ୍ବା ମହାପୁରୁଷଙ୍କ ଦୟାରୁ ଅଥବା ଅନ୍ୟ କୌଣସି କାରଣରୁ ଯଦି ତତ୍ତ୍ୱଜ୍ଞାନ ପ୍ରାପ୍ତ ହୋଇଯାଏ, ତାହେଲେ ସେ କେତେବଡ ପାପୀ ହେଉନା କାହିଁକି' ତତ୍କାଳରେ ହିଁ ସେ ପୂର୍ବକୃତ ପାପରୁ ଉଦ୍ଧାର ହୋଇ ଯାଇଥାଏ । ଆତ୍ମଜ୍ଞାନରେ ସ୍ଥିତ ହୋଇ, ନିଜର ସ୍ୱରୂପ ସଂସାର ସହିତ ଅସଙ୍ଗ, ନିର୍ବିକାର, ନିତ୍ୟ ଓ ଅନନ୍ତ ବୋଲି ଜାଣି ,ପୂର୍ବ ଜନ୍ମର ସମସ୍ତ ସଞ୍ଚିତ ପାପ ଏବଂ ଏହି ଜନ୍ମରେ କରିଥିବାପାପ ସମୁଦାୟକୁ ଅତିକ୍ରମ କରିଥାଏ । ଅର୍ଥାତ୍ ସମସ୍ତ କର୍ମ ବନ୍ଧନରୁ ସବୁବେଳ ପାଇଁ ମୁକ୍ତ ହୋଇଯାଇଥାଏ । ଏହି ଜ୍ଞାନରୂପି ନୌକା ନିତ୍ୟ ଅକ୍ଷତ ଭାବରେ ମୋକ୍ଷପ୍ରାପ୍ତ କରାଇବା ପର୍ଯ୍ୟନ୍ତ ସହାୟକ ହୋଇଥାଏ ।

**ଯଥୈଧାଂସି ସମିଦ୍ଧୋଽଗ୍ନିର୍ଭସ୍ମସାତ୍ କୁରୁତେଽର୍ଜ୍ଜୁନ ।**

**ଜ୍ଞାନାଗ୍ନିଃ ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା ॥ ୩୭ ॥**

*ଅନ୍ୱୟ :ଅର୍ଜୁନ ( ହେ ଅର୍ଜୁନ ) ସମିଦ୍ଧଃ (ପ୍ରଜ୍ୱଳିତ ) ଅଗ୍ନିଃ ( ଅନଳ ) ଯଥା ( ଯେପରି ) ଏଧାଂସି (ଇନ୍ଧନ ଗୁଡିକୁ ) ଭସ୍ମସାତ୍ ( ଭସ୍ମୀଭୂତ) କୁରୁତେ ( କରେ ) ତଥା ( ସେହିପରି ) ଜ୍ଞାନାଗ୍ନି (ଜ୍ଞାନ ରୂପକ ଅଗ୍ନି )ସର୍ବକର୍ମାଣି ( ସମସ୍ତ କର୍ମକୁ ) ଭସ୍ମସାତ୍ (ସର୍ବଥା ଭସ୍ମୀଭୂତ ) କୁରୁତେ (କରି ଦେଇଥାଏ) ।*

**ଭାବାର୍ଥ :** ବ୍ରହ୍ମଜ୍ଞାନର ମହିମା ଆହୁରି ପ୍ରକାଶ କରି ଶ୍ରୀଭଗବାନ କହୁଛନ୍ତି : ହେ ଅର୍ଜୁନ ! ପ୍ରଜ୍ୱଳିତ ଅଗ୍ନି ସମସ୍ତ କାଷ୍ଠ ଆଦି ଇନ୍ଧନ ସମୁଦାୟକୁ ତତ୍ କ୍ଷଣାତ୍ ଭସ୍ମୀଭୂତ କରିବାରେ ସେଗୁଡିକର କୌଣସି ଅସ୍ତିତ୍ୱ ରହେନାହିଁ । ସେହିପରି ଆତ୍ମା-ପରମାତ୍ମା ତତ୍ତ୍ୱଜ୍ଞାନ ରୂପକ ଅଗ୍ନି ଯେତେ ଶୁଭାଶୁଭ କର୍ମ ସେ ସବୁକୁ ନଷ୍ଟ କରିଦେଇଥାଏ । ଆତ୍ମା ନିର୍ଲିପ୍ତ ଓ ବିଶୁଦ୍ଧ ବୋଲି ବୋଧ ହୋଇସାରିଲା ପରେ , ସୁଖ-ଦୁଖ, ହର୍ଷ-ଶୋକ ଆଦି ବିଷୟଗତ ଦ୍ୱନ୍ଦ୍ୱ ତଥା ତାହାର କାରଣ ରୂପ ଅବିଦ୍ୟା ଏବଂ ଅହନ୍ତା, ମମତା, ରାଗ-ଦ୍ୱେଷ ଆଦି ସମସ୍ତ ବିକାର ଉତ୍ପନ୍ନ କରିବାର ବୀଜ ଅନ୍ତଃକରଣରୁ ନଷ୍ଟ ହୁଏ । ସଞ୍ଚିତ ଏବଂ କ୍ରିୟମାଣ ସମସ୍ତ ଶୁଭ ଏବଂ ଅଶୁଭ କର୍ମର ନାଶ ହେଲେ ହିଁ ଜୀବ କର୍ମ ବନ୍ଧନରୁ ମୁକ୍ତହୋଇ କୈବଲ୍ୟ ମୋକ୍ଷ ପ୍ରାପ୍ତ ହୁଏ । ଫଳଭୋଗ ହୋଇନ'ଥିବା ଏହି ଜନ୍ମ ଓ ପୂର୍ବ ଜନ୍ମ ମାନଙ୍କର ସମସ୍ତ କର୍ମ ସଂସ୍କାର ରୂପରେ ମନୁଷ୍ୟର ଅନ୍ତଃକରଣରେ ଏକତ୍ରିତ ହୋଇ ରହିଥାଏ । ଏଥି ମଧରୁ ଫଳଭୋଗ ପାଇଁ ପରିପକ୍ୱ ହୋଇନ'ଥିବା କର୍ମଗୁଡିକୁ ସଞ୍ଚିତ କର୍ମ କୁହାଯାଇଛି । ଯଥାର୍ଥ ତତ୍ତ୍ୱଜ୍ଞାନ ରୂପ ଅଗ୍ନିର ପ୍ରକଟରେ ସମସ୍ତ ପୂର୍ବ ସଞ୍ଚିତ ସଂସ୍କାରର ଅଭାବ ହୋଇଯାଏ । ସେହି ସଞ୍ଚିତ କର୍ମରୁ ଯେଉଁ କେତେକ କର୍ମଫଳ କାରଣ ହୋଇ, ବର୍ତ୍ତମାନର ଶରୀର ପ୍ରାପ୍ତ ହୋଇଛି ,ତାହା ପ୍ରାରବ୍ଧ ରୂପରେ ଶରୀରରେ ଭୋଗ ହେବାର ନିଶ୍ଚିତ ହୋଇସାରିଛି । ପ୍ରାରବ୍ଧ କର୍ମର ଫଳଦେବା ଶକ୍ତି ନଷ୍ଟ ହୁଏନାହିଁ । ପ୍ରାରବ୍ଧ କର୍ମ କେବଳ ଭୋଗରେ ହିଁ କ୍ଷୟ ହୁଏ । ଆତ୍ମାଜ୍ଞାନ ପ୍ରାପ୍ତ ହେବାପରେ, ଆତ୍ମସ୍ୱରୂପର ଜଡ ଶରୀର ସହିତ ଅସଙ୍ଗ କାରଣରୁ ପ୍ରାରବ୍ଧ ଭୋଗ ହେଲେମଧ, ଅନ୍ତଃକରଣରେ ହର୍ଷ-ଶୋକ ଆଦି ବିକାର ବୋଧ ହୋଇନ'ଥାଏ । ପରମାତ୍ମା ସାକ୍ଷାତ୍କାର ପରେ, ଜଡ ଦେହ ଆଦିରେ

ଅଜ୍ଞାନ କାରଣରୁ ଯେଉଁ ଆତ୍ମାଭିମାନ ଥାଏ, ତାହାର ନଷ୍ଟ ହୋଇଥାଏ । ତେଣୁ ପ୍ରାରବ୍ଧ ଭୋଗରେ ଯେଉଁ ଅନୁକୂଳ-ପ୍ରତିକୂଳ ସ୍ଥିତି ସମ୍ମୁଖକୁ ଆସେ, ଭୋକ୍ତୃତ୍ୱ ଅଭାବରୁ ହର୍ଷ-ଶୋକ କିମ୍ବା ସୁଖ-ଦୁଃଖ ବୋଧ ହୁଏନାହିଁ । ଆଦିଗୁରୁ ଶ୍ରୀ ଶଙ୍କରଚାର୍ଯ୍ୟଙ୍କ ମତାନୁଯାୟୀ, ଜ୍ଞାନ ହେଲାପରେ ଯଦି ପ୍ରାରବ୍ଧ କର୍ମର ମଧ ନାଶ ହୁଅନ୍ତା, ପ୍ରାରବ୍ଧ ଫଳରୁ ନିର୍ମିତ ଶରୀରର ମଧ ଅବସାନ ଘଟନ୍ତା । ଏହାପରେ ଏକଶ୍ୱାସ ମଧ ଶରୀର ଭିତରେ ଚାଲିବାର ଅବକାଶ ରହନ୍ତା ନାହିଁ । ପ୍ରାରବ୍ଧ ଭୋଗ ହେବା କାଳରେ ଶରୀରକୁ ସମ୍ଭାଳିବାରେ ଯେଉଁ ଭଲ ମନ୍ଦ ପ୍ରବୃତ୍ତି ମନ, ବୁଦ୍ଧି, ଇନ୍ଦ୍ରିୟ ଦ୍ୱାରା ହୋଇଥାଏ , ସେ ସବୁକୁ କ୍ରିୟମାଣ କର୍ମ କୁହାଯାଇଛି । ତତ୍ତ୍ୱଜ୍ଞାନ ହେଲେ, କର୍ତ୍ତୃତ୍ୱାଭିମାନ ତଥା ମମତା, ଆସକ୍ତି ଏବଂ ବାସନା ଅଭାବରେ କ୍ରିୟମାଣ କର୍ମ ସଂସ୍କାର ହୋଇ ଅନ୍ତଃକରଣରେ ରହି ନ'ଥାଏ । ଆତ୍ମଜ୍ଞାନ ପ୍ରାପ୍ତିର ପୂର୍ବ ଓ ପରବର୍ତ୍ତି ସମସ୍ତ କ୍ରିୟମାଣ କର୍ମ ଅକର୍ମରେ ପରିଣତ ହୋଇଯାଏ । ଏହି ପ୍ରକାରେ ସମସ୍ତ ସଞ୍ଚିତ, କ୍ରିୟମାଣ କର୍ମର ନାଶ ହୋଇଗଲାପରେ ସଂସ୍କାର ଅଭାବରେ ରାଗ-ଦ୍ୱେଷ ତଥା ହର୍ଷ-ଶୋକ ପ୍ରଭୃତି ବିକାର ଚିତ୍ତବୃତ୍ତିରେ ରହେନାହିଁ । ସମସ୍ତ କର୍ମଫଳ କର୍ମ ସହିତ ନଷ୍ଟ ହୋଇଯାଏ ।

**ନହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ ।**
**ତତ୍ସ୍ୱୟଂ ଯୋଗସଂସିଦ୍ଧଃ କାଳେନାତ୍ମନି ବିନ୍ଦତି ॥ ୩୮ ॥**

*ଅନ୍ୱୟ: ହି ( ନିଶ୍ଚିତ ଭାବରେ ) ଇହ (ଏହି ମନୁଷ୍ୟ ଲୋକରେ ) ଜ୍ଞାନେନ ସଦୃଶଂ( ଜ୍ଞାନ ସମାନ ) ପବିତ୍ରଂ (ପବିତ୍ର କାରକ ) ନ ବିଦ୍ୟତେ ( ଅନ୍ୟ କୌଣସି ସାଧନ ନାହିଁ) ତତ୍ (ସେହି ଜ୍ଞାନକୁ )ଯୋଗ- ସଂସିଦ୍ଧଃ ( କର୍ମ ଯୋଗ ସିଦ୍ଧ ପୁରୁଷ ) କାଳେନ ( ଯଥା କାଳରେ ) ଆତ୍ମନି (ନିଜର ଅନ୍ତଃକରଣରେ) ସ୍ୱୟଂ (ନିଜେ ହିଁ)ବିନ୍ଦତି (ପ୍ରାପ୍ତ ହୋଇଥାନ୍ତି )*

**ଭାବାର୍ଥ** : ଜ୍ଞାନର ସମାନ ଅନ୍ୟ କିଛି ପବିତ୍ର ବସ୍ତୁ ସଂସାରରେ ନାହିଁ । ଜ୍ଞାନର ପ୍ରକାଶରେ ହିଁ ଆତ୍ମା ଶୁଦ୍ଧ ଓ ପବିତ୍ର ହୋଇଥାଏ । ଯୋଗ ଅର୍ଥାତ୍ କର୍ମଯୋଗ ବା ସମାଧି ଯୋଗରେ ସାଧନାରତ ପୁରୁଷ କାଳାନ୍ତରରେ ନିଜ ଆତ୍ମାରେ ହିଁ ଜ୍ଞାନକୁ ପ୍ରାପ୍ତ କରିଥାନ୍ତି । ପୂର୍ବରୁ ଭଗବାନ କହିଛନ୍ତି ଯେ' ଆଚାର୍ଯ୍ୟଙ୍କ ନିକଟକୁ ଯାଇ ପ୍ରଣିପାତ ହୋଇ , ସେବାକରି ଏବଂ ଜିଜ୍ଞାସୁ ହୋଇ ପ୍ରଶ୍ନ କରିବାରେ , ଆଚାର୍ଯ୍ୟ ଆତ୍ମା-ପରମାତ୍ମା ତତ୍ତ୍ୱ ଜ୍ଞାନର ଉପଦେଶ ଦେଇଥାନ୍ତି । କିନ୍ତୁ ଭଗବାନ ଏହି ଶ୍ଳୋକରେ କହୁଛନ୍ତି ଯେ, ଯୋଗାରୂଢ ସାଧକକୁ କାଳାନ୍ତରରେ ଜ୍ଞାନ ନିଜରି ଭିତରେ ସ୍ୱତଃ ପ୍ରାପ୍ତ ହୋଇଥାଏ । ଏହା ଭଗବାନଙ୍କ ପୂର୍ବ ଉକ୍ତିର ବିରୁଦ୍ଧାତ୍ମକ ମତ ବୋଲି ବୋଧ ହେଉଛି । ଏହାର ସମାଧାନ ହେଲା, ଜ୍ଞାନ କୌଣସି ବାହାରର ଲବ୍ଧପ୍ରାପ୍ତ ବସ୍ତୁ ନୁହେଁ, ଯାହାକୁ ଜଣେ ପ୍ରାପ୍ତହୋଇ ଅନ୍ୟଜଣକୁ ପ୍ରାପ୍ତ କରାଇଦେବ । ଜ୍ଞାନ ଆତ୍ମାର ସ୍ୱରୂପ, ଯାହା ପ୍ରତ୍ୟେକ ମନୁଷ୍ୟକୁ ନିତ୍ୟ ପ୍ରାପ୍ତ ହୋଇ ରହିଅଛି । ସ୍ୱରୂପ ନିଜଠାରୁ କିପରି ପୃଥକ ହେବ ? ଆତ୍ମା ହେଉଛି ଜ୍ଞାନସ୍ୱରୂପ, ଯାହା ନିଜେ ନିଜକୁ ହିଁ ପ୍ରକାଶ କରିଥାଏ । କିନ୍ତୁ ଅବିଦ୍ୟାର ଆବରଣ କାରଣରୁ ଏହା ଅପ୍ରକାଶ ହୋଇ ରହିଥାଏ । ତତ୍ତ୍ୱଦର୍ଶୀ କିମ୍ବା ଆଚାର୍ଯ୍ୟ ସାଧକର ନିଷ୍ଠାରେ ସନ୍ତୋଷ ଲାଭ କଲେ , ଆତ୍ମାର ଜ୍ଞାନ ଓ ଆନନ୍ଦ ସ୍ୱରୂପକୁ ପ୍ରାପ୍ତ କରିବାର ମାର୍ଗ ବତାଇଥାନ୍ତି। ତାହାକୁ ପାଥେୟ କରି ସାଧକର ଅନ୍ତଃକରଣରୁ ମଳ, ବିକ୍ଷେପ, ଓ ଆବରଣ ବିନଷ୍ଟ ହେବା ପରେ

,ଯୋଗାରୂଢ ସାଧକ ନିଜଠାରେ ହିଁ ସେହି ଆତ୍ମାର ଜ୍ଞାନ ସ୍ୱରୂପକୁ ଉପଲବ୍ଧ କରିଥାନ୍ତି । ଅନ୍ତଃକରଣର ଶୁଦ୍ଧତା ପ୍ରାପ୍ତ ନ'ହେବା ପର୍ଯ୍ୟନ୍ତ ସାଧକ ଜ୍ଞାନକୁ ସଂସାର ଭିତରେ ରହି କର୍ମ ମାଧ୍ୟମରେ ଖୋଜୁଥାଏ । ତାହା ହିଁ ଅବିଦ୍ୟା । ଗୁରୁବାକ୍ୟ କେବଳ ଶ୍ରବଣ କରିଦେଲେ ଅବିଦ୍ୟା ବା ଆବରଣ ଦୂର ହୋଇଯାଏ ନାହିଁ । ଅନ୍ତଃକରଣର ଶୁଦ୍ଧତା ପାଇଁ ମନନ ଓ ନିଦିଧ୍ୟାସନ ଭଳି ସାଧନର ଆବଶ୍ୟକତା ରହିଛି । ନିଦିଧ୍ୟାସନ ଅର୍ଥାତ୍ ବାରମ୍ବାର ଧ୍ୟାନ କରିବାରେ ପ୍ରାରବ୍ଧ ବା କର୍ମଯୋଗର ସିଦ୍ଧତାନୁଯାଇ ହୁଏତ ଦୀର୍ଘକାଳ କିମ୍ବା ଶୀଘ୍ର ମଧ୍ୟ ସିଦ୍ଧତା ପ୍ରାପ୍ତ ହୋଇଥାଏ । ସାଧନାରତ ପୁରୁଷଙ୍କୁ ଜ୍ଞାନ ଅବଶ୍ୟ ପ୍ରାପ୍ତ ହେବ ହିଁ ହେବ । ସାଧକର ଏହି ଯୋଗାରୂଢ ସ୍ଥିତିରେ ପ୍ରଥମେ ଅନ୍ତଃକରଣର ବୃତ୍ତି ଆତ୍ମାକାରର ରୂପ ନେବାର ଆରମ୍ଭ ହୁଏ । ଯୋଗଭ୍ୟାସର ପରିପକ୍ୱତାରେ ଏହି ବୃତ୍ତି ମଧ୍ୟ ବିଲୀନ ହୋଇଯାଇ ସ୍ୱୟଂ ପ୍ରକାଶାତ୍ମା ଶେଷ ରହିଥାଏ । ଏହିପରି ଭାବରେ ଆତ୍ମାର ଜ୍ଞାନରୁପରେ ପ୍ରକଟିତ ହେବାକୁ, ଭଗବାନ ଜ୍ଞାନ ନିଜ ସ୍ୱରୂପରେ ହିଁ ପ୍ରାପ୍ତ ହୋଇଥାଏ ବୋଲି କହିଛନ୍ତି । ଆତ୍ମତତ୍ତ୍ୱ ବୋଧ ହୋଇଗଲାପରେ ସଂସାରରୁ ସମ୍ବନ୍ଧ ପୂର୍ଣ୍ଣରୂପେ ବିଚ୍ଛେଦ ହୁଏ । ଅନ୍ତଃକରଣରେ ସଞ୍ଚିତ ସମସ୍ତ ପୂଣ୍ୟ ଆଉ ପାପର ସଂସ୍କାର ନଷ୍ଟ ହୋଇ ମହାନ୍ ପବିତ୍ରତା ପ୍ରାପ୍ତ ହୁଏ । ଅତଏବ ସଂସାରରେ ଜ୍ଞାନ ସଦୃଶ ପବିତ୍ରକାରୀ ଅନ୍ୟ କୌଣସି ସାଧନ ନାହିଁ । ପରମାତ୍ମାଙ୍କ ଯଥାର୍ଥ ଜ୍ଞାନ ହେଲାପରେ ମିଥ୍ୟା, କପଟ, ହିଂସା ଆଦି ଦୋଷ, ରାଗ-ଦ୍ୱେଷ, ହର୍ଷ-ଶୋକ, ଅହନ୍ତା-ମମତା ଆଦି ସମସ୍ତ ବିକାର ଏବଂ ଅଜ୍ଞାନର ସର୍ବଥା ଅଭାବ ହେବାରେ ସେହି କର୍ମଯୋଗୀ ସିଦ୍ଧ ପୁରୁଷ ପବିତ୍ର ହୋଇଥାନ୍ତି । ଏହି କାରଣରୁ ଶ୍ରଦ୍ଧାପୁର୍ବକ ସେହି ଜ୍ଞାନୀ ମହାପୁରୁଷଙ୍କ ଦର୍ଶନ ,ସ୍ପର୍ଶ, ବନ୍ଦନା, ଓ ଚିନ୍ତନ କରିବାରେ ଆଉ ତାଙ୍କ ମୁଖରୁ ନିସୃତ ଦିବ୍ୟ ବାଣୀ ଶୁଣିବାରେ ଅନ୍ୟ ମନୁଷ୍ୟ ମଧ୍ୟ ପବିତ୍ର ହୋଇଥାନ୍ତି । ପରମାତ୍ମା ସାକ୍ଷାତ୍କାର ହୋଇଥିବା ତତ୍ତ୍ୱଜ୍ଞାନୀଙ୍କ ସ୍ପର୍ଶରେ ଗଙ୍ଗାଜଳ ମଧ୍ୟ ଶୁଦ୍ଧ ହୋଇଥାଏ । ଶାସ୍ତ୍ର ବର୍ଣ୍ଣିତ ମତ ଅନୁଯାଇ ଗଙ୍ଗାରେ ଥରେ ସ୍ନାନ କଲେ ଜନ୍ମ ଜନ୍ମାନ୍ତରର ପାପ ଧୌତ ହୋଇଯାଏ। ବ୍ରହ୍ମଜ୍ଞାନୀ ପୁରୁଷ ଗଙ୍ଗାରେ ଥରେ ସ୍ନାନ କଲେ, ଗଙ୍ଗା ଧାରଣ କରିଥିବା ସମସ୍ତଙ୍କର ପାପ ବିନଷ୍ଟ ହୋଇଯାଏ । ଜ୍ଞାନୀର ସ୍ନାନରେ ଗଙ୍ଗା ପୁନଃ ପବିତ୍ର ହୋଇଥାନ୍ତି । ଜ୍ଞାନର ମହାନ୍ ପବିତ୍ରତା ଏହିଥିରୁ ଅନୁମେୟ ।

**ଶ୍ରଦ୍ଧାବାଁଲ୍ଲଭତେ ଜ୍ଞାନଂ ତତ୍ପରଃ ସଂଯତେନ୍ଦ୍ରିୟଃ ।**
**ଜ୍ଞାନଂ ଲବ୍ ଧ୍ୱା ପରାଂ ଶାନ୍ତିମଚିରେଣାଧିଗଚ୍ଛତି ॥ ୩୯ ॥**

*ଅନ୍ୱୟ: ଶ୍ରଦ୍ଧାବାନ୍ ( ଶ୍ରଦ୍ଧାବାନ୍ ବା ଇଶ୍ୱର ବିଶ୍ୱାସୀ ) ସଂଯତେନ୍ଦ୍ରିୟଃ ( ଜିତେନ୍ଦ୍ରିୟ ପୁରୁଷ ) ତତ୍ପରଃ (ସାଧନ ପରାୟଣ ପୁରୁଷ ) ଜ୍ଞାନଂ ଲଭତେ ( ଜ୍ଞାନ ଲାଭ କରେ ) ଜ୍ଞାନଂ ଲବ୍ ଧ୍ୱା (ଜ୍ଞାନ ଲାଭକରି ) ଅଚିରେଣ (ତତ୍ କାଳ ) ପରାମ୍ ଶାନ୍ତିମ୍ ( ପରମ ଶାନ୍ତି ) ଅଧି ଗଛତି (ପ୍ରାପ୍ତ ହୁଅନ୍ତି) ।*

**ଭାବାର୍ଥ :** ଯେ' ଇଶ୍ୱର ବିଶ୍ୱାସୀ , ବ୍ରହ୍ମନିଷ୍ଠ ଏବଂ ସାଧନା ପରାୟଣ ହୋଇ ଇନ୍ଦ୍ରିୟଗଣଙ୍କୁ ବଶୀଭୂତ କରି ରଖିଥାନ୍ତି, ସେ' ପରମାତ୍ମାତତ୍ତ୍ୱ ଜ୍ଞାନ ପ୍ରାପ୍ତ କରିଥାନ୍ତି । ଏହି ବ୍ରହ୍ମ ଜ୍ଞାନ ପ୍ରାପ୍ତ କରି ଅତି ଶୀଘ୍ର ପରମଶାନ୍ତି ଆନନ୍ଦ ଲାଭ କରନ୍ତି , ଅର୍ଥାତ୍

ଜୀବନ ମୁକ୍ତ ହୋଇଥାନ୍ତି । ଯୋଗାରୂଢ ପୁରୁଷ ବ୍ରହ୍ମର ଅସ୍ତିତ୍ୱ ସମ୍ବନ୍ଧରେ ଦୃଢ ବିଶ୍ୱାସ ପ୍ରକଟ କରିବା ହେଉଛି ଶ୍ରଦ୍ଧା । ଈଶ୍ୱରତତ୍ତ୍ୱ ପ୍ରତି ଶ୍ରଦ୍ଧା ଦୁଇଟି କାରଣରୁ ଅନ୍ତଃକରଣରେ ପ୍ରକଟ ହୁଏ । ଗୋଟିଏ ହେଲା ପ୍ରାରବ୍ଧ ବା ପୂର୍ବ ଜନ୍ମର ସଂସ୍କାର ଓ ଅନ୍ୟଟି ହେଲା ଏହି ଜନ୍ମର ପୁରୁଷାର୍ଥ କାରଣରୁ । ସାଧୁ ସନ୍ଥ ଙ୍କ ଦର୍ଶନ,ସତ୍ ସଙ୍ଗ, ଈଶ୍ୱରଙ୍କ ନାମ କୀର୍ତ୍ତନ କିମ୍ବା ଲୀଳା ଶ୍ରବଣ ଭଳି ଶୁଭକର୍ମର ପ୍ରଭାବରେ ଭଗବାନଙ୍କ ପ୍ରତି ଅହେତୁକ ଶ୍ରଦ୍ଧା ଜାଗ୍ରତ ହୁଏ । ଏହା ହେଉଛି ପୁରୁଷାର୍ଥ । ପରମାତ୍ମା ,ସାଧୁ, ସନ୍ଥ,ଜ୍ଞାନୀ ମହାପୁରୁଷ, ଧର୍ମ ଓ ଶାସ୍ତ୍ର ମାନଙ୍କ ପ୍ରତି ପ୍ରତ୍ୟକ୍ଷ ଭଳି ଗଭୀର ବିଶ୍ୱାସ ହେବାକୁ ଶ୍ରଦ୍ଧା କୁହାଯାଏ । ଯେଉଁ ବିଷୟରେ ମନରେ ଶ୍ରଦ୍ଧାଭାବ ଆସେ, ସେଥିରେ ଦୋଷ ଦେଖିବାର ବୃତ୍ତି ରହେନାହିଁ । ସେହି ବିଷୟର ଗୂଢ ତତ୍ତ୍ୱ ଜାଣିନେବାର ପ୍ରୟାସ ହେଉଛି ତତ୍ପରତା । ନିଜର ଆତ୍ମା ସ୍ୱରୂପ ହେଉଛି ପରମାତ୍ମାଙ୍କ ଅଂଶ ଏବଂ ସେହି ପରମାତ୍ମା ସର୍ବତ୍ର ବିଦ୍ୟମାନ । ପରିବର୍ତ୍ତନଶୀଳ ସଂସାରର ସ୍ୱତନ୍ତ୍ର ସତ୍ତାକୁ ସ୍ୱୀକାର ନ'କରି , ଏକମାତ୍ର ନିତ୍ୟ ସର୍ବବ୍ୟାପୀ ପରମାତ୍ମାଙ୍କ ସତ୍ତାକୁ ସ୍ୱୀକାର କରିବା ହିଁ "ଜ୍ଞାନ " । ଏହି ପରମାତ୍ମା ତତ୍ତ୍ୱଜ୍ଞାନ ହେଉଛି ପରମ ଶାନ୍ତିଆନନ୍ଦ ଦାୟକ ନିତ୍ୟ ବିଜ୍ଞାନନନ୍ଦଘନ ପରମାତ୍ମା ପ୍ରାପ୍ତର ମୁଖ୍ୟ ଦ୍ୱାର । ଏହି ଜ୍ଞାନ ପ୍ରତି ଏବଂ ଏହାର ଉପଲବ୍ଧି ପାଇଁ ଶ୍ରଦ୍ଧାହେଲେ , ସାଧନାରେ ଅତିଶୟ ତତ୍ପରତା ହେବା ସ୍ୱାଭାବିକ । ଶ୍ରଦ୍ଧା ନ'ରହିଲେ, ସାଧନାରେ ଆଳସ୍ୟତା,ଅକର୍ମଣ୍ୟତା ଆଦି ଦୋଷ ଆସିଯାଏ । ଶ୍ରଦ୍ଧାପୂର୍ବକ ତୀବ୍ର ଯୋଗାଭ୍ୟାସରେ ସଂସାର ବିଷୟ ଭୋଗପ୍ରତି ବୈରାଗ୍ୟ ଆସି ମନ ସହିତ ଇନ୍ଦ୍ରିୟ ମାନଙ୍କର ସଂଯମ ହୁଏ । ସଂଯମତା ହିଁ ସାଧନାରେ ତତ୍ପରତାର ମାନଦଣ୍ଡ । ଗୁରୁଙ୍କ ନିକଟକୁ ଯାଇ ଜ୍ଞାନ ପ୍ରାପ୍ତ ନିମିତ୍ତ ପ୍ରଣିପାତ,ପରିପ୍ରଶ୍ନ ଓ ସେବା ସାଧନ, ଏସବୁ ବହିର୍ଗତ ସାଧନ କାରଣରୁ ସବୁସମୟରେ ଫଳପ୍ରଦ ହୋଇ ନ'ଥାଏ । ଗୁରୁ-ଶିଷ୍ୟ ସମ୍ବନ୍ଧ ଓ ସେବାରେ ଅବିଶ୍ୱାସ, ଅହଂକାର ଅଥବା ଛଳନାର ସମ୍ଭାବନା ରହିଥାଏ । ଶ୍ରଦ୍ଧା,ତତ୍ପରତା, ଏବଂ ଇନ୍ଦ୍ରିୟ ସଂଯମ ସାଧକର ଅନ୍ତରଙ୍ଗ ସାଧନ ହେତୁ ସାଧନାରେ ନ୍ୟୁନତା, କପଟତା ଏବଂ ଦାମ୍ଭିକତା ରହିନ'ଥାଏ । ସାଧନାଭ୍ୟାସ ଯେତିକି ଶ୍ରଦ୍ଧାପୂର୍ଣ୍ଣ ଭାବରେ କରାଯିବ, ସେତିକି ସ୍ୱଳ୍ପ କାଳରେ ମନ ଓ ଇନ୍ଦ୍ରିୟ ମାନଙ୍କର ସଂଯମତା ବୃଦ୍ଧି ପାଇ, ମନରୁ ରାଗ-ଦ୍ୱେଷ, ହର୍ଷ-ଶୋକ ,ଅହନ୍ତା -ମମତା ଆଦି ବିକାର ନଷ୍ଟହୋଇ ଅନ୍ତଃକରଣ ଶୁଦ୍ଧ ହେବ । ଅନ୍ତଃକରଣରୁ ସେହି ଗୋଟିଏ ମୁହୂର୍ତ୍ତରେ ହିଁ ଅବିଦ୍ୟାର ପରଦା ହଟି ନିତ୍ୟ ପରମାତ୍ମା ସ୍ୱରୂପ ପ୍ରକଟିତ ହୁଏ । ପରମଶାନ୍ତି ହେଉଛି ଆତ୍ମାର ସ୍ୱରୂପ ଯାହାକି ସମସ୍ତିଙ୍କ ଠାରେ ସ୍ୱତସିଦ୍ଧ । ଦୀପ ଜଳିବା କ୍ଷଣି ଅନ୍ଧାର ଯେପରି ତତ୍ କ୍ଷଣାତ୍ ନଷ୍ଟ ହୁଏ ,ଠିକ୍ ସେହିଭଳି ଜ୍ଞାନର ପ୍ରକାଶରେ ତତ୍ କାଳ ହିଁ ପରମାତ୍ମାନନ୍ଦଘନ ପରମାତ୍ମାଙ୍କ ସାକ୍ଷାତ ପ୍ରାପ୍ତି ଅର୍ଥାତ୍ ପରମାଶାନ୍ତି ପ୍ରାପ୍ତ ହୁଏ ।

**ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ ସଂଶୟାତ୍ମା ବିନଶ୍ୟତି ।**
**ନାୟଂ ଲୋକୋଽସ୍ତି ନ ପରୋ ନ ସୁଖଂ ସଂଶୟାତ୍ମନଃ ॥ ୪୦॥**

*ଅନ୍ୱୟ: ଅଜ୍ଞଃ ( ବିବେକହୀନ ଅର୍ଥାତ୍ ଇଶ୍ୱର ତତ୍ତ୍ୱ, ଶାସ୍ତ୍ର ଆଦିରେ ଜ୍ଞାନ ନଥିବା )ଅଶ୍ରଦ୍ଧଧାନଃ (ଶ୍ରଦ୍ଧାବିହୀନ- ଇଶ୍ୱର, ଶାସ୍ତ୍ର ଆଦିରେ ବିଶ୍ୱାସ ନ'ଥିବା ) ଚ ସଂଶୟାତ୍ମା ( ସନ୍ଦେହାଚ୍ଛନ୍ନ ଚିତ୍ତ ବ୍ୟକ୍ତିର ) ବିନଶ୍ୟତି (ପତନ ହୋଇଥାଏ ଅର୍ଥାତ୍ କେବେହେଲେ ଜ୍ଞାନର ଅଧିକାରୀ ହୋଇନ'ଥାନ୍ତି) ସଂଶୟାତ୍ମନଃ( ସନ୍ଦିଗ୍ଧମନା ବ୍ୟକ୍ତିର ) ଅୟମ୍ ଲୋକାଃ (ଏହି ଲୋକରେ ) ନ, ଅସ୍ତି (ହିତକର ହୁଏନାହିଁ) ନ, ପରଃ ( ପର ଲୋକ ମଧ ) ଚ (ଏବଂ ) ନା,ସୁଖମ୍( ସୁଖ ମଧ ନାହିଁ)*

**ଭାବାର୍ଥ:** ପୂର୍ବ ଶ୍ଳୋକରେ ଶ୍ରଦ୍ଧା,ତତ୍ପରତା,ଓ ସଂଯମତା ଦ୍ୱାରା ଜ୍ଞାନ ଅର୍ଜନ ହୁଏ ବୋଲି ଭଗବାନ କହୁଛନ୍ତି । ଏହି ଶ୍ଳୋକରେ ତାର ବିପରୀତାତ୍ମକ ବୃତ୍ତି ଯଥା : ଅଶ୍ରଦ୍ଧା ,ଅଜ୍ଞାନ, ଓ ସଂଶୟ କିପରି ମନୁଷ୍ୟକୁ ପତନ କରାଏ ଏବଂ ସୁଖ ପ୍ରାପ୍ତିରୁ ବଞ୍ଚିତ କରେ ତାହା କହୁଛନ୍ତି । ଅଧିକାଂଶ ବ୍ୟକ୍ତିଙ୍କର ବେଦ,ଶାସ୍ତ୍ର, ଉପନିଷଦ ଏବଂ ଅଧ୍ୟାତ୍ମିକ ମାର୍ଗ ସାଧନ ଆଦିରେ ବିଶେଷ ଜ୍ଞାନ ନ'ଥାଇ, ଇଶ୍ୱର ,ଦେବତା, ବ୍ରାହ୍ମଣଙ୍କ ପ୍ରତି ଭକ୍ତି ଓ ବିଶ୍ୱାସ ରହିଥାଏ । ସୀମିତ ସମ୍ବଳରେ ସେମାନେ ସରଳ ଏବଂ ନିଷ୍କପଟ ଭାବେ ସାଧାରଣ ସ୍ତରର ଜୀବନ ବିତାଇଥାନ୍ତି । ତେଣୁ ସେହିମାନେ ଅଜ୍ଞ ହେଲେ ମଧ ଶ୍ରଦ୍ଧା ଓ ସଂଶୟ ରହିତ ବୁଦ୍ଧି ଯୋଗୁଁ ଆଗକୁ ଜ୍ଞାନ ପ୍ରାପ୍ତ ହେବାର ସୁଯୋଗ ପ୍ରାପ୍ତ ହୋଇଥାନ୍ତି । କିନ୍ତୁ ଏପରି କେତେକ ବ୍ୟକ୍ତି ଅଛନ୍ତି, ଯେଉଁ ମାନଙ୍କର ହିତାହିତ ବିଚାର ଶକ୍ତି ନ'ଥାଏ କି' ଧର୍ମଶାସ୍ତ୍ର,ଦେବତା, ବ୍ରାହ୍ମଣ, ସାଧୁ , ସନ୍ଥ, ଓ ଭଗବାନଙ୍କୁ ବିଶ୍ୱାସ କରନ୍ତି ନାହିଁ । ଏହି ପ୍ରକାର ବ୍ୟକ୍ତି ଦମ୍ଭ ଅହଂକାର ସଂଯୁକ୍ତ ହୋଇ ଆସୁରୀ ପ୍ରବୃତ୍ତିର ହୋଇଥାନ୍ତି । ପୁନଶ୍ଚ ଏପରି ବ୍ୟକ୍ତି ଅଛନ୍ତି , ଯେଉଁମାନଙ୍କର ଅନେକ ଦର୍ଶନ ତତ୍ତ୍ୱ ଉପରେ ପାଣ୍ଡିତ୍ୟ ରହିଥାଏ । ମାତ୍ର ସବୁ ତତ୍ତ୍ୱକୁ ଦୋଷ ଦୃଷ୍ଟିରେ ଦେଖିବା କାରଣରୁ କୌଣସିଥିରେ ବିଶ୍ୱାସ ଯୁଟାଇ ପାରି ନ'ଥାନ୍ତି । ଏହିପରି ଶ୍ରଦ୍ଧା ବିହୀନ ବ୍ୟକ୍ତି ମଧ ସନ୍ଦେହ ଘେରରେ ରହିବାରେ ଜ୍ଞାନ ପ୍ରାପ୍ତିରୁ ବଞ୍ଚିତ ହୁଅନ୍ତି । ବିଶ୍ୱାସ ରଖିଲେ ହିଁ ଶ୍ରଦ୍ଧା ଜାତ ହୁଏ । ଶ୍ରଦ୍ଧା ଜାତ ହେଲେ ସନ୍ଦେହ ରହି ନ'ଥାଏ । ଶ୍ରଦ୍ଧା ଓ ବିଶ୍ୱାସ ଅନ୍ତଃକରଣରେ ଭକ୍ତି ଜାଗ୍ରତ କରାଇ ବ୍ୟକ୍ତିକୁ ବିନମ୍ର କରିଥାଏ। ପୁନଶ୍ଚ ଏହିପରି କେତେକ ବ୍ୟକ୍ତି ଅଛନ୍ତି ଅଳ୍ପ ଜାଣି, ଅହଂକାର କାରଣରୁ ନିଜକୁ ସର୍ବ ଜ୍ଞାନୀ ବୋଲି ମନେ କରିଥାନ୍ତି। ଜ୍ଞାନ ପ୍ରାପ୍ତି ପାଇଁ ଶ୍ରଦ୍ଧା ପ୍ରକଟ ନକରି, ନିଜର ପୂଜା, ସତ୍କାର, ଓ ବଡାଇ ପାଇଁ ଶ୍ରଦ୍ଧା ପୋଷଣ କରିଥାନ୍ତି । ଏହିପରି ବ୍ୟକ୍ତି ବାହାରକୁ ଜ୍ଞାନୀ ଭଳି ବୋଧ ହେଉଥିଲେ ମଧ ବାସ୍ତବରେ ସେମାନେ ଅତି ନିମ୍ନ ସ୍ତରର ଅବିବେକୀ ପୁରୁଷ । ଏହିମାନେ ଜ୍ଞାନ ପରିବର୍ତ୍ତେ ପାପ ସଂଗ୍ରହ କରିଥାନ୍ତି । ସନ୍ଦେହ ଅନ୍ତଃକରଣର ଏପରି ଏକ ଦୋଷ, ଯାହାର ପରିଣାମରେ ମନୁଷ୍ୟ ନିଜେ ଶାନ୍ତିରେ ରହିପାରି ନ'ଥାଏ କି' ଅନ୍ୟକୁ ଶାନ୍ତିରେ ବଞ୍ଚିବାକୁ ଦେଇ ନ'ଥାଏ । ଏହି ଧରଣର ବ୍ୟକ୍ତି ନା' କାହାକୁ ନିଜର କରିପାରିଥାନ୍ତି ନା' ଅନ୍ୟ କାହାର ଆସ୍ଥା ଭାଜନ ହୋଇପାରିଥାନ୍ତି । ସନ୍ଦିଗ୍ଧମନା ବ୍ୟକ୍ତି ଯେତେ ଶାସ୍ତ୍ରଗତ ଜ୍ଞାନ ଅର୍ଜନ କରିଥିଲେ ମଧ , କର୍ମ କ୍ଷେତ୍ରରେ ଯେତେ ଦକ୍ଷ ହୋଇଥିଲେ ମଧ ,ମାନସିକ ଭାବରେ ସମସ୍ତ ପରିସ୍ଥିତିକୁ ସମ୍ମୁଖୀନ ହେବାକୁ ସକ୍ଷମ ହୋଇନ'ଥାନ୍ତି । ଅଜ୍ଞାନ, ଅଶ୍ରଦ୍ଧା,ସଂଶୟ ଏହି ତିନୋଟି ନିଶ୍ଚୟାତ୍ମକ ବୁଦ୍ଧିର ପ୍ରତିବନ୍ଧକ । ଜ୍ଞାନ ପ୍ରାପ୍ତି ପାଇଁ ନିଶ୍ଚୟାତ୍ମକ ଆସ୍ତିକ ବୁଦ୍ଧି,ଶ୍ରଦ୍ଧା ଓ ଦୃଢ ବିଶ୍ୱାସର ଆବଶ୍ୟକତା ରହିଛି । ସନ୍ଦେହ ଦ୍ୱାରା ଚିତ୍ତ ବିକ୍ଷିପ୍ତ ହେଲେ "ସତ୍ୟ" ମିଳି ନ'ଥାଏ। ଜ୍ଞାନୀର ଉଦ୍ଦେଶ୍ୟ ଆତ୍ମା ସ୍ୱରୂପକୁ ଚିହ୍ନିବା । ସିଦ୍ଧପ୍ରାପ୍ତ ମହାପୁରୁଷଙ୍କର ଉପଦେଶକୁ ବିଶ୍ୱାସର ସହିତ ଗ୍ରହଣ କରିନେଲେ, ଜ୍ଞାନ ପ୍ରାପ୍ତି ମାର୍ଗ ସୁଗମ ହୁଏ । ଗୁରୁବାକ୍ୟ ଉପରେ ସନ୍ଦେହ ରହିଲେ ଜ୍ଞାନ ପ୍ରାପ୍ତି କଦାପି ସମ୍ଭବ ହୁଏନାହିଁ। ଅନ୍ତଃକରଣରେ ସଂଶୟ ବିବେକକୁ ଆଚ୍ଛନ କରି

ରଖିବା ହେଉଛି ଅବିଦ୍ୟା । ଏହା ମାୟାର ବିସ୍ତାର । ଶ୍ରଦ୍ଧା ଓ ଭକ୍ତିର ସହିତ ସମର୍ପଣରେ ସଂଶୟ ଦୂର ହୋଇ ବିବେକର ଜାଗ୍ରତ ହୁଏ । ବିବେକ ଶୂନ୍ୟ ମନୁଷ୍ୟ ବଞ୍ଚିବା ବୃଥା ଏବଂ ନିରାନନ୍ଦମୟ । ଅଜ୍ଞାନୀ, ସଂଶୟଯୁକ୍ତ ମନୁଷ୍ୟ ମୃତ୍ୟୁପରେ ପରଲୋକରେ ମଧ୍ୟ ଶାନ୍ତି ପାଇପାରି ନ'ଥାଏ । ସର୍ବଦା ସନ୍ଦେହ ଘେରରେ ରହୁଥିବା ବ୍ୟକ୍ତି ବଞ୍ଚିଥିବା ଅବସ୍ଥାରେ ମଧ୍ୟ ଭୌତିକ ସୁଖରୁବଞ୍ଚିତ ହୁଏ । ପରମାର୍ଥ ତତ୍ତ୍ୱ ଜ୍ଞାନ ପ୍ରାପ୍ତି ନିମନ୍ତେ ଶ୍ରଦ୍ଧା ନ'ରଖିଥିବା ବ୍ୟକ୍ତିଙ୍କୁ ପୁନଃ ମନୁଷ୍ୟ ଶରୀର ପ୍ରାପ୍ତ ହୁଏନାହିଁ । ଅଜ୍ଞାନ,ଅଶ୍ରଦ୍ଧା , ଆଉ ସଂଶୟ କାରଣରୁ ଧର୍ମ, ଅର୍ଥ, କାମତ ପ୍ରାପ୍ତହୁଏ ନାହିଁ, ମୋକ୍ଷ ଅର୍ଥାତ୍ ମୁକ୍ତି କିପରି ପାଇବ ? ଅନ୍ତଃକରଣର ଏହି ତିନୋଟି ଦୋଷରେ ମନୁଷ୍ୟର ସଂସାରରେ ପତନ ଘଟିଥାଏ । ପରୋକ୍ଷ ଭାବରେ ଅର୍ଜୁନଙ୍କୁ କଟାକ୍ଷ କରି ଭଗବାନ କହୁଛନ୍ତି , ହେ ଅର୍ଜୁନ ! ତୁମ୍ଭର ଅନ୍ତଃକରଣ ଏହି ସମୟରେ ସନ୍ଦେହର ଘେରରେ ରହିଛି । ଯାହାର ଫଳରେ ତୁମ୍ଭେ ଧର୍ମ-ଅଧର୍ମ, କର୍ତ୍ତବ୍ୟ-ଅକର୍ତ୍ତବ୍ୟ ନିର୍ଣ୍ଣୟ କରିପାରୁନାହଁ । ଏହି ସଂଶୟର ଘେରରୁ ତୁମ୍ଭେ ବାହାରି ଆସ । ଅନ୍ୟଥା, ଏହି ସ୍ଥିତିରେ ତୁମ୍ଭର ମଧ୍ୟ ପତନ ହେବ ।

**ଯୋଗସନ୍ନ୍ୟସ୍ତକର୍ମାଣଂ ଜ୍ଞାନସଂଛିନ୍ନସଂଶୟମ୍ ।**

**ଆତ୍ମବନ୍ତଂ ନ କର୍ମାଣି ନିବଧ୍ନନ୍ତି ଧନଞ୍ଜୟ ॥ ୪୧॥**

*ଅନ୍ୱୟ : ଧନଞ୍ଜୟ ( ହେ ଅର୍ଜୁନ ! ) ଯୋଗସନ୍ନ୍ୟସ୍ତ-କର୍ମାଣଂ ( ଯୋଗ –ସମତା ଦ୍ୱାରା ଯାହାର ସମସ୍ତ କର୍ମରୁ ସମ୍ପର୍କ ଛିନ୍ନ ହୋଇଛି ) (ଏବଂ) ଜ୍ଞାନସଂଛିନ୍ନସଂଶୟମ୍ ( ଆତ୍ମଜ୍ଞାନ ଲାଭରେ ସମସ୍ତ ସଂଶୟ ନାଶ ହୋଇଯାଇଛି ) ଆତ୍ମବନ୍ତମ୍ ( ଜିତେନ୍ଦ୍ରିୟ ଆତ୍ମା ପରାୟଣ ପୁରୁଷଙ୍କୁ )କର୍ମାଣି (କର୍ମ ସମୂହ ) ନ , ନିବଧ୍ନନ୍ତି ( ଆବଦ୍ଧ କରିପାରେ ନାହିଁ ) ।*

**ଭାବାର୍ଥ:** କର୍ମଯୋଗ ସାଧନାରେ ସମସ୍ତ କର୍ମ ପରମେଶ୍ୱରଙ୍କୁ ଅର୍ପଣ କରି ଯାହାର କର୍ମଫଳପ୍ରତି ଆସକ୍ତି ଓ ମମତା ରହିନାହିଁ ଏବଂ ଅନ୍ତଃକରଣରେ ତତ୍ତ୍ୱଜ୍ଞାନ ସମ୍ବନ୍ଧିୟ ସମସ୍ତ ସଂଶୟ ପରମାତ୍ମାଙ୍କ ପ୍ରତ୍ୟକ୍ଷ ଜ୍ଞାନ ଦ୍ୱାରା ନଷ୍ଟ ହୋଇଛି , ପରମାତ୍ମାଙ୍କ ସହିତ ସଂଯୁକ୍ତ ହୋଇ ରହିଥିବା ଏହି ମହାପୁରୁଷ ପାଇଁ କର୍ମ ବନ୍ଧନର କାରଣ ହୋଇ ନ'ଥାଏ । "ସନ୍ନ୍ୟସ୍ତ-କର୍ମାଣଂ" ପଦରେ ଭଗବାନ କର୍ମକୁ ବାହ୍ୟ ରୂପରେ ସ୍ୱରୂପରୁ ତ୍ୟାଗ କରିବା କଥା କହିନାହାନ୍ତି । କର୍ମଯୋଗ ନିଷ୍ଠାରେ କର୍ମ ଓ କର୍ମଫଳରୁ ସର୍ବଥା ଆସକ୍ତି, ମମତା,କାମନାକୁ ତ୍ୟାଗକରି, କର୍ମ ପରମେଶ୍ୱରଙ୍କ ପ୍ରୀତ୍ୟାର୍ଥେ ଅର୍ଥାତ୍ କେବଳ ସଂସାର କଲ୍ୟାଣ ନିମିତ୍ତ କରିବାକୁ କର୍ମ ତ୍ୟାଗ ରୂପେ ବିବେଚନା କରିବାକୁ ଉପଦେଶ ଦେଇଛନ୍ତି । କର୍ମଯୋଗୀ, କର୍ମରେ ଅକର୍ମ ଏବଂ ଅକର୍ମରେ କର୍ମକୁ ଦେଖିବା ଅର୍ଥାତ୍ କର୍ମ କରିବା କିମ୍ବା ନ'କରିବାରେ ନିରନ୍ତର ଅସଙ୍ଗ ରହିବା ହେଉଛି କର୍ମ ସନ୍ୟାସ । ଭଗବାନ ଆଗରୁ କହିଛନ୍ତି ଯେ' ଅନ୍ତଃକରଣରୁ ମଳ,ବିକ୍ଷେପ, ଓ ଆବରଣର ଦୋଷ ନଷ୍ଟ ହେଲାପରେ ପରମାତ୍ମା ତତ୍ତ୍ୱ ଜ୍ଞାନ ସ୍ୱତଃ ପ୍ରକଟିତ ହୁଏ । ଏହି ତତ୍ତ୍ୱଜ୍ଞାନ ରୂପକ ଅଗ୍ନିରେ ସମସ୍ତ ସଞ୍ଚିତ କର୍ମ ଏବଂ ଏହି ଜନ୍ମର ଶୁଭ ଅଶୁଭ କର୍ମ ଭସ୍ମୀଭୂତ ହୁଏ । ଅର୍ଥାତ୍ ସମସ୍ତ ଫଳଦାୟକ କର୍ମ ସଂସ୍କାର ବିନଷ୍ଟ ହୋଇଥାଏ । ଆତ୍ମା ସାକ୍ଷାତ୍କାରରେ ଆତ୍ମା-ପରମାତ୍ମାର ଅଭିନ୍ନ ଓ ଅଭେଦ ତତ୍ତ୍ୱ ସମ୍ବନ୍ଧରେ ସମସ୍ତ ସଂଶୟ ନଷ୍ଟ ହୋଇଥାଏ । ଚିତ୍ତବୃତ୍ତିରେ ପରମାତ୍ମା ବ୍ୟତିରେକ ଅନ୍ୟ ବିନାଶଶୀଳ ବସ୍ତୁ ଅର୍ଥାତ୍ ଅସତ୍ ର ସତ୍ତାକୁ ସ୍ୱୀକାର ନ'କରିବାରେ ଅନ୍ତଃକରଣ ସନ୍ଦେହ ମୁକ୍ତହୁଏ । ଯେଉଁ କର୍ମଯୋଗୀଙ୍କ ମନ, ଇନ୍ଦ୍ରିୟ

ସଂପୂର୍ଣ୍ଣ ବଶୀଭୂତ ହୋଇ ଆତ୍ମ ସାକ୍ଷାତ୍କାର ହୋଇଛି, ସେ ହେଉଛନ୍ତି ଆତ୍ମବନ୍ତ ପୁରୁଷ । ସଂଶୟ ମୁକ୍ତହୋଇ ଏବଂ ମମତ୍ୱ ନ'ରଖି ଅନାସକ୍ତ ଭାବରେ ଆତ୍ମବନ୍ତ ପୁରୁଷ ଶାସ୍ତ୍ର ବିହିତ କର୍ମ ଅନୁଷ୍ଠାନ କରିବାରେ ତାହା ବନ୍ଧନର କାରଣ ହୁଏନାହିଁ ।

**ତସ୍ମାଦଜ୍ଞାନସମ୍ଭୂତଂ ହୃତ୍ ସ୍ଥଂ ଜ୍ଞାନାସିନାତ୍ମନଃ ।**

**ଛିତ୍ତ୍ୱୈନଂ ସଂଶୟଂ ଯୋଗମାତିଷ୍ଠୋତ୍ତିଷ୍ଠ ଭାରତ ॥ ୪୨॥**

*ଅନ୍ୱୟ: ଭାରତ (ହେ ଭରତ ବଶୀଂ ଅର୍ଜୁନ !) ତସ୍ମାତ୍ (ସେଥିପାଇଁ )ଆତ୍ମନଃ (ନିଜର) ଅଜ୍ଞାନ-ସମ୍ଭୁତଂ (ଅଜ୍ଞାନ ଜାତ) ହୃତସ୍ଥଂ (ହୃଦୟସ୍ଥ) ଏନଂ (ଏହି) ସଂଶୟଂ (ସଂଶୟକୁ) ଜ୍ଞାନ-ଅସିନା (ଜ୍ଞାନ ରୂପକ ଖଡ୍ଗ ଦ୍ୱାରା ) ଛିତ୍ତ୍ୱା (ଛେଦନ କରି) ଯୋଗମ୍ (ନିଷ୍କାମ କର୍ମଯୋଗରେ-ସମତାରେ )ଆତିଷ୍ଠ (ସ୍ଥିତ ହୁଅ ) ଏବଂ ଉତିଷ୍ଠ (ଯୁଦ୍ଧ ପାଇଁ ଠିଆହୁଅ ) ।*

**ଭାବାର୍ଥ :**ଏହି ଶ୍ଳୋକରେ କର୍ମଯୋଗର ସାର ତତ୍ତ୍ୱକୁ ଭଗବାନ କହୁଛନ୍ତି : ହେ ଭରତବଂଶୀ ଅର୍ଜୁନ ! ନିଷ୍କାମ କର୍ମଯୋଗ ସାଧନାରେ ପ୍ରଥମେ ଅନ୍ତଃକରଣକୁ ଶୁଦ୍ଧକର । ତା'ପରେ ବିବେକଜ୍ଞାନ ରୂପକ ଖଡ୍ଗରେ କାରଣ ଭୂତ ଅବିଦ୍ୟାରୁ ଜାତହୋଇ ହୃଦୟରେ ରହିଥିବା ସଂଶୟକୁ ଛେଦନ କର । କର୍ମଯୋଗରେ ସ୍ଥିତ ହୋଇ କର୍ମଫଳକୁ ତ୍ୟାଗକରି ଯୁଦ୍ଧ କରିବାପାଇଁ ପ୍ରସ୍ତୁତ ହୁଅ । ଆତ୍ମତତ୍ତ୍ୱ ସମ୍ବନ୍ଧରେ ସଂପୂର୍ଣ୍ଣ ଅଜ୍ଞ ରହି, ଆତ୍ମଜଙ୍କ ନିଧନର ଆଶଙ୍କାରେ ଯୁଦ୍ଧଭଳି ଘୋର କର୍ମକୁ ନେଇ ତୁମ୍ଭ ହୃଦୟରେ ଯେଉଁ ସଂଶୟ ସୃଷ୍ଟି ହୋଇଛି ,ତାହା ତୁମ୍ଭର ଭୟଙ୍କର ଭାବରେ ଆକ୍ରମଣ କରୁଥିବା ଅନ୍ତଃଶତ୍ରୁ । ଆତ୍ମାର ଶରୀର ସହିତ ତାଦାତ୍ମ ହେଲେ ଅନ୍ତଃକରଣରେ ମମତା-ଅହନ୍ତା,ହର୍ଷ-ଶୋକ,ପ୍ରିୟ-ଅପ୍ରିୟ ଆଦି ବିକାର ରହେ । ରାଗ-ଦ୍ୱେଷ କାରଣରୁ କର୍ମର ପ୍ରତିକୂଳ-ଅନୁକୂଳ ପରିଣାମକୁ ଆଶଙ୍କା କରି ହୃଦୟ ସର୍ବଥା ସନ୍ଦେହ ଘେରରେ ରହେ । ଶ୍ରଦ୍ଧା,ଦୟା,କ୍ଷମା ଆଦି ସମସ୍ତ ଦୈବୀ ସମ୍ପଦ ଗୁଣର ସ୍ଥାନ ହେଉଛି ହୃଦୟ । ଜୀବର ହୃଦୟରେ ହିଁ ପରମାତ୍ମା ଅନ୍ତର୍ଯ୍ୟାମି ରୂପରେ ଅଧିଷ୍ଠାନ ହୋଇଛନ୍ତି । ଅନ୍ତଃକରଣରେ ବିଷୟଭୋଗ , ବାସନା ମୋହ ଏ ସମସ୍ତ ବିକାର ହେଉଛି ଅବିଦ୍ୟା । ଏହି ଅବିଦ୍ୟା ବା ଅଜ୍ଞାନରୁ ସଂଶୟ ଜାତହୋଇ ତାହା ଜ୍ଞାନ ସ୍ୱରୂପ ପ୍ରକାଶର ପ୍ରତିବନ୍ଧକ ହୋଇରହେ । ସଂଶୟ ହେଉଛି ସମସ୍ତ ପାପର ଉତ୍ପତ୍ତି ସ୍ଥଳ । ଏକ ଅଧିକରଣରେ ଅର୍ଥାତ୍ ଗୋଟିଏ ବିଷୟରେ ଦୁଇ ପ୍ରକାର ଜ୍ଞାନ ହେବାକୁ ସଂଶୟ କୁହାଯାଏ । ବସ୍ତୁ ବା ପଦାର୍ଥର ମୂଳ ତତ୍ତ୍ୱ ସମ୍ବନ୍ଧରେ ଜ୍ଞାନ ନ'ହେବାରେ ବସ୍ତୁରେ ନିର୍ମିତ ଭିନ୍ନ ଭିନ୍ନ ନାମ,ରୂପ,ଆକାର ପଦାର୍ଥ ମନରେ ଭ୍ରମ ସୃଷ୍ଟି କରେ । ଏହାଦ୍ୱାରା ପଦାର୍ଥର ଗୁଣ,ମୂଲ୍ୟ, ଉପଯୋଗିତା, ଏବଂ ସ୍ଥାୟିତ୍ୱ ଉପରେ ସନ୍ଦେହ ସୃଷ୍ଟିହୁଏ । ଅତଏବ ସଂଶୟ ଅଜ୍ଞାନରୁ ହିଁ ଉଦ୍ଭବ ହୁଏ । ସଂସାର ଆତ୍ମାର ଚିଦାଭାସରେ ପ୍ରକାଶିତ ହୋଇଥାଏ । ତେଣୁ ଆତ୍ମା ସମ୍ବନ୍ଧରେ ଭ୍ରମବଶତଃ ସତ୍-ଅସତ୍, ଆତ୍ମା-ଅନାତ୍ମ ରୂପରେ ଦ୍ୱିବିଧ ଜ୍ଞାନ ପ୍ରତୀତ ହୋଇଥାଏ । ଆତ୍ମା ସାକ୍ଷାତ୍କାରରେ ଆତ୍ମାର ଅସଲ ନିତ୍ୟ ସ୍ୱରୂପ ବୋଧ ହୋଇଗଲେ , ଏହି ସଂଶୟର ବିନଷ୍ଟ ହୁଏ । ଆତ୍ମାସାକ୍ଷାତ୍କାର କର୍ମଯୋଗ , ନା' ଭକ୍ତି ଯୋଗ ନା' ସାଙ୍ଖ୍ୟ ସାଧନରେ ପ୍ରାପ୍ତହେବ, ଏହାଉପରେ ମଧ୍ୟ ଅନେକ ସଂଶୟ ସାଧକର ହୃଦୟକୁ ଘେରି ରହିଥାଏ । ଭଗବାନ ଏହାର ସମାଧାନର ମାର୍ଗ ବତାଇ କହୁଛନ୍ତି ,ହେ ଅର୍ଜୁନ ! ନିଷ୍କାମ ଭାବରେ କର୍ତ୍ତବ୍ୟ କର୍ମର ଅନୁଷ୍ଠାନରେ ଅନ୍ତଃକରଣ ଶୁଦ୍ଧ ହେଲାପରେ , ନିଜ ଭିତରେ ସେହି ଅବିନାଶୀ ଜ୍ଞାନ ସ୍ୱରୂପ ସ୍ୱତଃ ପ୍ରକଟିତ ହୁଏ । ତାହା ହେଉଛି ଆତ୍ମଜ୍ଞାନତତ୍ତ୍ୱ ।

ଏହିଜ୍ଞାନ ତତ୍ତ୍ୱକୁ ଅସ୍ତ୍ର ରୂପରେ ଧାରଣକରି ହୃଦୟରେ ଥିବା ସମସ୍ତ ସଂଶୟକୁ ଛେଦନ କର। ଅର୍ଥାତ୍ ଯେତେ ସବୁ ହୃଦୟରେ ସନ୍ଦେହ ସୃଷ୍ଟି ହୋଇଛି,ବିବେକର ବିଚାରରେ ସେଥିରୁ ବାହାରି ଆସ । ଆତ୍ମସଂଯମତା ସହିତ କର୍ତ୍ତବ୍ୟ ରୂପକ ଯଜ୍ଞ କର୍ମକୁ ଶାସ୍ତ୍ର ବିଧିରେ ଆଚରଣ କରି , ଏହି ସମସ୍ତ ବିକାରକୁ ଅତିକ୍ରମ କରିବା ହେଉଛି "ଯୁଦ୍ଧ" । ଏହାର ଅନ୍ତିମ ପରିଣାମ ହେଉଛି "ପରମ ଶାନ୍ତି" ଯାହା ଥରେ ପ୍ରାପ୍ତ ହେଲେ ପୁନର୍ବାର ହରାଇବାକୁ ପଡିନ'ଥାଏ । ନିଜ ସ୍ୱରୂପରେ ସମତା ସ୍ୱତଃ ବିଦ୍ୟମାନ । ଶରୀରରେ କର୍ମ ଆରମ୍ଭ ହୁଏ ,କର୍ମ ଶେଷ ହୁଏ । କର୍ମଫଳ ମଧ୍ୟ ସେହିପରି ଆଦି ଅନ୍ତ ଯୁକ୍ତ । କିନ୍ତୁ ସ୍ୱରୂପ ନିରନ୍ତର ଯଥାବତ୍ ରହେ । କର୍ମ ଓ କର୍ମଫଳ ଅନେକ ହୁଏ, କିନ୍ତୁ ସ୍ୱରୂପ ଏକ । ଏହି ଆତ୍ମଜ୍ଞାନ ହେବାରେ ସଂଶୟ ହୃଦୟରୁ ସ୍ୱତଃ ଅପସରି ଯାଇଥାଏ । ତତ୍ତ୍ୱଜ୍ଞାନ ପ୍ରାପ୍ତି ନିମନ୍ତେ କର୍ମଯୋଗ,ସାଂଖ୍ୟ ଯୋଗର ବର୍ଣ୍ଣନ ହୋଇଥିବାରୁ , ଏହି ଚତୁର୍ଥ ଅଧ୍ୟାୟର ନାମ ଜ୍ଞାନ-କର୍ମ-ସନ୍ନ୍ୟାସ ଯୋଗ ରଖାଯାଇଛି ।

**ଶ୍ରୀକୃଷ୍ଣାର୍ଜୁନସଂବାଦେ ଜ୍ଞାନକର୍ମସନ୍ୟାସଯୋଗୋ ନାମ ଚତୁର୍ଥ ଅଧ୍ୟାୟଃ ॥୪॥**

ଏହି ପ୍ରକାରେ "ଓଁ,ତତ୍ ,ସତ୍" – ଏହି ଭଗବାନ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗୋଶାସ୍ତ୍ରମୟ ଶ୍ରୀମଭଗବଦ୍ ଗୀତୋପନିଷଦ୍ ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ "ଜ୍ଞାନକର୍ମସନ୍ୟାସଯୋଗୋ" ନାମକ ଚତୁର୍ଥ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୪॥

ଓଁ ଓଁ ଓଁ ଓଁ

## ॥ ଓଁ ଶ୍ରୀ ପରମାତ୍ମନେ ନମଃ ॥

## ଶ୍ରୀମଦ୍ଭଗବଦ୍ ଗୀତା
## କର୍ମସନ୍ନ୍ୟାସଯୋଗ ( ପଞ୍ଚମ ଅଧ୍ୟାୟ )

### ଅର୍ଜ୍ଜୁନ ଉବାଚ

**ସନ୍ନ୍ୟାସଂ କର୍ମଣାଂ କୃଷ୍ଣ ପୁନର୍ଯୋଗଂ ଚ ଶଂସସି ।**
**ଯଚ୍ଛ୍ରେୟ ଏତୟୋରେକଂ ତନ୍ମେ ବ୍ରୁହି ସୁନିଶ୍ଚିତମ୍ ॥ ୧ ॥**

*ଅନ୍ୱୟ:ଅର୍ଜ୍ଜୁନ ଉବାଚ ( ଅର୍ଜ୍ଜୁନ କହିଲେ) କୃଷ୍ଣ ( ହେ ପରମାନନ୍ଦ ସ୍ୱରୂପ କୃଷ୍ଣ! )କର୍ମଣାମ୍ ସନ୍ୟାସମ୍ ( ଆପଣ କର୍ମ ସମୂହର ସ୍ୱରୂପତଃ ତ୍ୟାଗକୁ) ପୁନଃ (ପୁନରାୟ ) ଯୋଗଂ ଚ (କର୍ମଯୋଗକୁ ମଧ୍ୟ ) ଶଂସସି (ପ୍ରଶଂସା କରୁଛନ୍ତି ) ଏତୟୋଃ ( ଏହି ଦୁଇ ସାଧନ ମଧ୍ୟରୁ) ଯତ୍ ଏକଂ (ଯେଉଁ ଗୋଟିକ) ଶ୍ରେୟଃ (କଲ୍ୟାଣକାରକ ) ତତ୍ ମେ ( ତାହା ମୋତେ ) ସୁନିଶ୍ଚିତମ୍ ( ନିଶ୍ଚୟ କରି ) ବୃହି ( କୁହନ୍ତୁ ) ।*

**ଭାବାର୍ଥ :** ତୃତୀୟ ଓ ଚତୁର୍ଥ ଅଧ୍ୟାୟରେ ଅର୍ଜ୍ଜୁନ ଭଗବାନଙ୍କ ଶ୍ରୀ ମୁଖରୁ ଅନେକ ପ୍ରକାରେ କର୍ମଯୋଗର ପ୍ରଶଂସା ଶୁଣିଛନ୍ତି ଏବଂ ତାହା ସମ୍ପାଦନ କରିବା ପାଇଁ ପ୍ରେରଣା ତଥା ଆଜ୍ଞା ମଧ୍ୟ ପାଇଛନ୍ତି । ଭଗବାନ ଏହା ସ୍ପଷ୍ଟ କହିଛନ୍ତି କି' କର୍ମଯୋଗରେ ପୂର୍ଣ୍ଣତୟା ସିଦ୍ଧପ୍ରାପ୍ତ ମନୁଷ୍ୟ ତତ୍ତ୍ୱଜ୍ଞାନକୁ ସ୍ୱୟଂ ପ୍ରାପ୍ତ କରିଥାଏ। କର୍ମଯୋଗ ଦ୍ୱାରା ଭଗବତ୍ ସ୍ୱରୂପର ତତ୍ତ୍ୱ ଜ୍ଞାନ ସ୍ୱତଃ ପ୍ରାପ୍ତ ହୁଏ । ଜ୍ଞାନ ପ୍ରାପ୍ତି ନିମନ୍ତେ ଅନ୍ୟ କୌଣସି ସାଧନାର ଅବଶ୍ୟକତା ନ'ଥାଏ । ଅପର ପକ୍ଷରେ କର୍ମ ଓ ଭୋଗ ଆଦି ସାମଗ୍ରୀ ସ୍ୱରୂପତଃ ତ୍ୟାଗକରି, ତତ୍ତ୍ୱଜ୍ଞ ମହାପୁରୁଷଙ୍କ ନିକଟକୁ ଯାଇ ସେବା,ପ୍ରଣିପାତ ଓ ପରିପ୍ରଶ୍ନ ଦ୍ୱାରା ଜ୍ଞାନ ପ୍ରାପ୍ତ କରିବାକୁ ଆଜ୍ଞା ଦେଇଛନ୍ତି । ଦ୍ରବ୍ୟଯଜ୍ଞ ଅପେକ୍ଷା ଜ୍ଞାନଯଜ୍ଞ ଶ୍ରେଷ୍ଠ । ଜ୍ଞାନ ଠାରୁ ଅଧିକ ଆଉ କୌଣସି ବସ୍ତୁ ସଂସାରରେ ପବିତ୍ର ନାହିଁ । ହୃଦୟରେ ରହିଥିବା ଅନ୍ତଃଶତ୍ରୁ ରୂପକ ସଂଶୟର ବିନାଶ କେବଳ ଜ୍ଞାନ ପ୍ରାପ୍ତରେ ହିଁ ହୋଇପାରିବ । କେବଳ ଜ୍ଞାନ ରୂପକ ନୌକାରେ ଏହି ସଂସାର ରୂପି ପାପ ସମୁଦ୍ରକୁ ଅତିକ୍ରମ କରିହେବ । ଏହିପରି ଭାବରେ ଜ୍ଞାନ ଏବଂ ଜ୍ଞାନ ପ୍ରାପ୍ତିର ସାଧନ ସମ୍ବନ୍ଧରେ ଭଗବାନ ଅନେକ ସ୍ଥଳରେ ଜ୍ଞାନ ଯୋଗ ଅର୍ଥାତ୍ କର୍ମ ସନ୍ୟାସର ପ୍ରଶଂସା କରି କହିଛନ୍ତି । ଅର୍ଜ୍ଜୁନ ପ୍ରଥମରୁ ନିଜ ଆତ୍ମୀୟ ସ୍ୱଜନଙ୍କୁ ଓ ଗୁରୁଜନଙ୍କୁ ଶତ୍ରୁ ପକ୍ଷରେ ଦେଖି, ଯୁଦ୍ଧ କରିବା ତାଙ୍କ ପକ୍ଷେ ପାପ ବିଚାର କରି, ଯୁଦ୍ଧ ନ'କରିବା ନିଶ୍ଚୟରେ ରହିଛନ୍ତି । ଭଗବାନଙ୍କ ଉପଦେଶରୁ ଏହା ବୋଧ କରିନେଇଥିଲେ ଯେ' ଯୁଦ୍ଧରୂପକ କର୍ମକୁ ସ୍ୱରୂପତଃ ତ୍ୟାଗକରି , କୌଣସି ତତ୍ତ୍ୱଦର୍ଶୀଙ୍କ ନିକଟକୁ ଯାଇ ପରମାତ୍ମତତ୍ତ୍ୱ ଜ୍ଞାନ ପ୍ରାପ୍ତି କରିବାରେ ତାଙ୍କର ବର୍ତ୍ତମାନର ପୀଡା ଲାଘବ ହୋଇ ଶାନ୍ତିପ୍ରାପ୍ତ ହୋଇପାରିବ । କିନ୍ତୁ ପୂର୍ବ ଅଧ୍ୟାୟର ଅନ୍ତିମ ଶ୍ଳୋକରେ, ଭଗବାନ ଅଜ୍ଞାନରୁ ଜାତ ସଂଶୟକୁ ଜ୍ଞାନରୂପକ ଖଡ୍ଗଦ୍ୱାରା ଛେଦନ କରି , ନିଷ୍କାମ କର୍ମର ଅନୁଷ୍ଠାନ କରିବାକୁ ମଧ୍ୟ ପ୍ରେରଣା

ଦେଇଛନ୍ତି । ଭଗବାନଙ୍କ ଦ୍ୱାରା କୁହାଯାଇଥିବା କର୍ମ ସନ୍ୟାସ ଓ କର୍ମ ଅନୁଷ୍ଠାନ , ଉଭୟର ପ୍ରଶଂସା ଅର୍ଜୁନଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି । ଜ୍ଞାନଯୋଗ ଅଥବା କର୍ମଯୋଗ ବାସ୍ତବରେ ଏହି ଦୁଇଟି ମଧ୍ୟରୁ କେଉଁ ସାଧନଟି ତାଙ୍କପାଇଁ ସର୍ବୋତ୍ତମ , ସେଥିନେଇ ଦ୍ୱନ୍ଦ୍ୱ ଦେଖାଯାଇଛି । ଭଗବାନ ନିତ୍ୟାନନ୍ଦ ସ୍ୱରୂପ । ତେଣୁ ସେ ସମସ୍ତଙ୍କୁ ନିଜ ଆଡକୁ ଆକର୍ଷିତ କରିଥାନ୍ତି । ଏଥିଯୋଗୁଁ ତାଙ୍କ ନାମ କୃଷ୍ଣ । ଭଗବାନଙ୍କୁ କୃଷ୍ଣ ନାମରେ ସମ୍ବୋଧନ କରି, ଅର୍ଜୁନ ଏହି ଭାବ ପ୍ରକଟ କରିଛନ୍ତି କି' ଆପଣ ସର୍ବଶକ୍ତିମାନ, ସର୍ବଜ୍ଞ ପରମେଶ୍ୱର । ତେଣୁ ମୋର ଏହି ପ୍ରଶ୍ନର ସମାଧାନ ଆପଣ ହିଁ କରିବାକୁ ସମର୍ଥ । ଅର୍ଜୁନ ଭଗବାନଙ୍କୁ ସ୍ପଷ୍ଟ ଭାବରେ ଏହା ପଚାରିବାକୁ ଚାହୁଁଛନ୍ତି : ହେ ଆନନ୍ଦକନ୍ଦ କୃଷ୍ଣ ! ଯଥାର୍ଥ ତତ୍ତ୍ୱଜ୍ଞାନର ପ୍ରାପ୍ତି, ତତ୍ତ୍ୱଦର୍ଶୀଙ୍କଠାରୁ ଶ୍ରବଣ,ମନନ ଆଦି ସାଧନ ଯୁକ୍ତ "ଜ୍ଞାନଯୋଗ" ଦ୍ୱାରା, ନା' ଅନାସକ୍ତ ନିଷ୍କାମ କର୍ମ ସମ୍ପାଦନ କରି "କର୍ମଯୋଗ" ବିଧିରେ ମୋ ନିମିତ୍ତ କଲ୍ୟାଣକାରକ ହେବ , ତାହା ଆପଣ ହିଁ କୁହନ୍ତୁ ।

**ଶ୍ରୀ ଭଗବାନ ଉବାଚ**

**ସନ୍ୟାସଃ କର୍ମଯୋଗଶ୍ଚ ନିଃଶ୍ରେୟସକରାବୁଭୌ ।**
**ତୟୋସ୍ତୁ କର୍ମସନ୍ୟାସାତ୍ କର୍ମଯୋଗୋ ବିଶିଷ୍ୟତେ ॥ ୨॥**

*ଅନ୍ୱୟ: ସନ୍ୟାସଃ (ସନ୍ୟାସ/ସାଙ୍ଖ୍ୟ ଯୋଗ ) ଚ ( ଓ ) କର୍ମଯୋଗଃ (କର୍ମ ଯୋଗ) ଉଭୌ (ଉଭୟ ହିଁ )ନିଃଶ୍ରେୟସକରୌ (ମୁକ୍ତି ପ୍ରାପକ ) ତୁ ( କିନ୍ତୁ) ତୟୋଃ(ଉଭୟ ମଧ୍ୟରୁ ) କର୍ମ ସନ୍ୟାସାତ୍ (ସାଙ୍ଖ୍ୟ ଯୋଗ ବା କର୍ମ ତ୍ୟାଗ ଅପେକ୍ଷା) କର୍ମଯୋଗ ( ନିଷ୍କାମ କର୍ମର ଅନୁଷ୍ଠାନ ) ବଶିଷ୍ୟତେ ( ଶ୍ରେଷ୍ଠ ବା ପ୍ରାକୃଷ୍ଟ ଭାବରେ ମୁକ୍ତି ଦାୟକ )।*

**ଭାବାର୍ଥ :** ଅର୍ଜୁନଙ୍କର ପ୍ରଶ୍ନର ଉତ୍ତରରେ ଭଗବାନ କହିଛନ୍ତି ଯେ' ସନ୍ୟାସ ଓ କର୍ମଯୋଗ ଉଭୟର ଫଳ "କୈବଲ୍ୟମୁକ୍ତି" । "ସନ୍ୟାସ" ଶବ୍ଦକୁ ଏହି ଶ୍ଳୋକରେ ଭଗବାନ ସାଙ୍ଖ୍ୟଯୋଗ ଅର୍ଥରେ କହିଛନ୍ତି । ଜ୍ଞାନଯୋଗ ଓ କର୍ମଯୋଗ ଉଭୟ ସାଧନରେ ପରମାତ୍ମା ତତ୍ତ୍ୱ ପ୍ରାପ୍ତ ହୋଇଥାଏ । ତେବେ ଉଭୟ ମଧ୍ୟରୁ କର୍ମ ସନ୍ୟାସ ଅପେକ୍ଷା କର୍ମଯୋଗ ହିଁ ଶ୍ରେଷ୍ଠ । ଏହି ବାକ୍ୟରେ ଶ୍ରୀ ଭଗବାନ କର୍ମଯୋଗର ପ୍ରଶଂସା କରିଛନ୍ତି । ଆକ୍ଷରିକ ଅର୍ଥରେ ପୂର୍ଣ୍ଣତ୍ୟାଗ ହିଁ ସନ୍ୟାସ । ସାଙ୍ଖ୍ୟଯୋଗ, କର୍ମଯୋଗ ଏହି ଦୁଇଟିର ସାଧନ ଏକ କାଳରେ ହୋଇପାରିବ ନାହିଁ । କର୍ମଯୋଗ ସାଧକ , କର୍ମ ଓ କର୍ମଫଳ ପ୍ରତି ଆସକ୍ତି ତ୍ୟାଗ କରି, ପରମାତ୍ମାଙ୍କୁ ନିଜଠାରୁ ଭିନ୍ନମାନି, ଇଶ୍ୱର ଅର୍ପଣବୁଦ୍ଧିରେ ସମସ୍ତ କର୍ମ କରିଥାଏ । ସାଙ୍ଖ୍ୟଯୋଗୀ ଅନଅହଂବାଦୀ ଭାବରେ ଶରୀର,ମନ,ଇନ୍ଦ୍ରିୟଦ୍ୱାରା ହେଉଥିବା କ୍ରିୟାକୁ ଗୁଣ ସହିତ ଗୁଣର ଅନ୍ତଃପ୍ରବୃତ୍ତି ମନେକରି, ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କ ସ୍ୱରୂପରେ ସମାହିତ ହୋଇ ରହେ । କର୍ମଯୋଗୀ ସାଧକ ପ୍ରକୃତି ଓ ପ୍ରକୃତି ଜନିତ ଗୁଣ ଓ ପଦାର୍ଥର ସତ୍ତାକୁ ସ୍ୱୀକାର କରି, ନିଜକୁ ପରମାତ୍ମାଙ୍କ ଠାରୁ ଭିନ୍ନ ମନେକରିଥାନ୍ତି । କିନ୍ତୁ ସାଙ୍ଖ୍ୟଯୋଗୀ, ଏକ ବ୍ରହ୍ମ ବ୍ୟତୀତ ଅନ୍ୟ କୌଣସି ସତ୍ତାକୁ ସ୍ୱୀକାର ନ'କରି ନିଜକୁ ପରମାତ୍ମାଙ୍କ ସହିତ ଅଭେଦ ମାନିଥାଏ । କର୍ମ ଅନୁଷ୍ଠାନକାରୀ, କର୍ମ ସାମଗ୍ରୀ ଏବଂ କର୍ମ ଫଳ ସମୂହକୁ ମାୟାର ବିସ୍ତାର ବୋଲି ମାନି ,ସେସବୁକୁ କେବଳ ବ୍ରହ୍ମ ଦୃଷ୍ଟିରେ ହିଁ ଦେଖିଥାନ୍ତି । ଏହିପରି ଭାବରେ କର୍ମଯୋଗ ଓ ସାଙ୍ଖ୍ୟଯୋଗ ସାଧନ ପ୍ରଣାଳୀ ପରସ୍ପର ବିପରୀତ୍ମାକ । କର୍ମଫଳକୁ ଭଗବାନଙ୍କୁ ଅର୍ପଣ କରି କର୍ମ କରିବାରେ ଜୀବାତ୍ମା ବନ୍ଧନରୁ ମୁକ୍ତିପାଇଥାଏ । ତେଣୁ ସ୍ୱରୂପତଃ କର୍ମକୁ ତ୍ୟାଗ କରିବା ଅପେକ୍ଷା ପରାମାତ୍ମାଙ୍କ

ପ୍ରିତ୍ୟାର୍ଥେ କର୍ମ କରିବା ସର୍ବଦା ଶ୍ରେୟସ୍କର । କର୍ମଯୋଗ ସାଧକର ଏହି ଜ୍ଞାନ ସିଦ୍ଧ ହୁଏ କି' ଯାହାକିଛି ସବୁ ନିଜକୁ ପ୍ରାପ୍ତ ହୋଇଛି, ସେ ସବୁ ଭଗବାନଙ୍କର। ଏପରିକି' ମନ ବୁଦ୍ଧି ସହିତ ଏହି ଶରୀର ମଧ ଭଗବାନଙ୍କର। ଏହି ପ୍ରକାରବୁଦ୍ଧି ଓ ବିବେକର ବିଚାରରେ "ମୋର" ବୋଲି ଯେତେବେଳେ ଆଉ କିଛି ବୋଧ ହେବନାହିଁ, ସେତେବେଳେ ତ୍ୟାଗ ସଂପୂର୍ଣ୍ଣ ହୁଏ। ସବୁକିଛି ଭଗବାନଙ୍କର ବୋଲି ଜ୍ଞାନ ହୋଇ ଗଲାପରେ, ମାନସିକ ସ୍ତରରେ ତ୍ୟାଗ କରିବା ପାଇଁ ଶେଷ ରହି ନ'ଥାଏ । ସାଧକ ସର୍ବଦା ତ୍ୟାଗୀ ସ୍ଥିତିରେ ରହି ଅଲୌକିକ ଆନନ୍ଦ ଅନୁଭବ କରେ । ନିଷ୍କାମ କର୍ମ ଅନୁଷ୍ଠାନରେ ଅନ୍ତଃକରଣରେ ସମତା ପ୍ରାପ୍ତ ହେଲାପରେ ହିଁ ସର୍ବତ୍ର ବ୍ରହ୍ମ ଦୃଷ୍ଟି ସମ୍ଭବ ହୁଏ । ତେଣୁ ସାଙ୍ଖ୍ୟଯୋଗରେ ସିଦ୍ଧତା ନିମିତ୍ତ, କର୍ମ ଯୋଗର ଆବଶ୍ୟକତା ରହିଛି । କିନ୍ତୁ କର୍ମ ଯୋଗର ସିଦ୍ଧତା ନିମିତ୍ତ ସାଙ୍ଖ୍ୟସାଧନ ର ଆବଶ୍ୟକତା ପଡିନ'ଥାଏ । ସାଙ୍ଖ୍ୟଯୋଗ ସାଧନା ମଧ କର୍ମଯୁକ୍ତ ଓ କର୍ମ ରହିତ ହୋଇଥାଏ । ଅର୍ଜୁନଙ୍କ ପ୍ରଶ୍ନର ଉତ୍ତରରେ ଭଗବାନ କର୍ମ ତ୍ୟାଗ ପୂର୍ବକ ସନ୍ୟାସର ବିବେଚନା ନ'କରି, କର୍ମକରି ମଧ ଜ୍ଞାନ ପ୍ରାପ୍ତି ହେଉଥିବା ସାଙ୍ଖ୍ୟଯୋଗ ମାର୍ଗର ବିବେଚନା କରିଛନ୍ତି । ସାଙ୍ଖ୍ୟଯୋଗ ସାଧନରେ ବିବେକ ଓ ବିଚାରର ପ୍ରାଧାନ୍ୟ ଥାଏ । ବିବେକ ପୂର୍ବକ ତୀବ୍ର ବୈରାଗ୍ୟ ବିନା ଏହି ସାଧନ ସଫଳ ହୁଏନାହିଁ । ଅନ୍ୟ ପକ୍ଷରେ ପ୍ରାପ୍ତ ପରିସ୍ଥିତିର ସଦୋପଯୋଗ କରିବା ହେଉଛି କର୍ମଯୋଗ । ସାଙ୍ଖ୍ୟ ସାଧନାରେ ସାଧକର ଜ୍ଞାନ ପ୍ରାପ୍ତି, ଗୁରୁ କିମ୍ବା ତତ୍ତ୍ୱଦର୍ଶୀଙ୍କ ନିଷ୍ଠା,ଉଦ୍ଦେଶ୍ୟ ଏବଂ ଇଛା ଉପରେ ନିର୍ଭର କରିଥାଏ । ତେଣୁ ଏହି ସାଧନ କୌଣସି ବିଶେଷ ପରିସ୍ଥିତିରେ ହିଁ ସାଧ ହୋଇପାରେ । ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ମତାନୁଯାଇ ମୋକ୍ଷ ପ୍ରାପ୍ତିରେ କର୍ମର କୌଣସି ଉପଯୋଗ ନାହିଁ । ମୋକ୍ଷ କେବଳ ଜ୍ଞାନରେ ହିଁ ପ୍ରାପ୍ତ ହୁଏ। କିନ୍ତୁ ଲୋକ ସଂଗ୍ରହ ନିମନ୍ତେ ଜୀବନ ମୁକ୍ତ ପୁରୁଷ ମଧ ଅନ୍ୟପ୍ରାଣୀଙ୍କ ହିତ ଏବଂ ସତ୍ ମାର୍ଗର ଉପଦେଶ ଦେବାଭଳି କ୍ରିୟା ନିର୍ଲିପ୍ତ ରହି ସମ୍ପାଦନ କରିବାକୁ ହେବ । ଏହି ସମସ୍ତ ବିଚାରରେ ଭଗବାନ ଏହା ସିଦ୍ଧାନ୍ତ କରି କହୁଛନ୍ତି, ହେ ଅର୍ଜୁନ ! ପରମ ଶାନ୍ତି ପ୍ରାପ୍ତ ନିମିତ୍ତ , କର୍ମଯୋଗର ନିଷ୍ଠା ତୁମ୍ଭ ପାଇଁ ସହଜ ଓ ସୁଗମର ମାର୍ଗ ହେବ ।

**ଜ୍ଞେୟଃ ସ ନିତ୍ୟସନ୍ନ୍ୟାସୀ ଯୋ ନ ଦ୍ୱେଷ୍ଟି ନ କାଙ୍କ୍ଷତି ।**
**ନିର୍ଦ୍ୱନ୍ଦ୍ୱୋ ହି ମହାବାହୋ ସୁଖଂ ବନ୍ଧାତ୍ ପ୍ରମୁଚ୍ୟତେ ॥ ୩ ॥**

*ଅନ୍ୱୟ: ମହାବାହୁ ( ହେ ପରାକ୍ରମଶାଳୀ ବୀର ଅର୍ଜୁନ !) ଯଃ( ଯେ) ନ ଦ୍ୱେଷ୍ଟି ( ଦ୍ୱେଷ କରନ୍ତି ନାହିଁ ) ନ କାଙ୍କ୍ଷତି ( କିଛି ଇଚ୍ଛା କରନ୍ତି ନାହିଁ ) ନିତ୍ୟ ସନ୍ୟାସୀ ଜ୍ଞେୟ (ସେହି କର୍ମଯୋଗୀଙ୍କୁ ନିତ୍ୟ ସନ୍ୟାସୀ ବୋଲି ଜାଣିନେବ ) ନିର୍ଦ୍ୱନ୍ଦ୍ୱୋ ହି (ଯେହେତୁ ସୁଖ-ଦୁଃଖାଦି ଦ୍ୱନ୍ଦ୍ୱ ରହିତ କର୍ମଯୋଗୀ ) ବନ୍ଧାତ୍ (ସଂସାର ବନ୍ଧନରୁ ) ସୁଖଂ ( ଅତି ସହଜରେ ) ପ୍ରମୁଚ୍ୟତେ ( ମୁକ୍ତ ହୋଇଯାଏ ) ।*

**ଭାବାର୍ଥ:** ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ "ମହାବାହୋ" ବୋଲି ଏହିଠାରେ ସମ୍ବୋଧନ କରିବାର ତତ୍ପର୍ଯ୍ୟ ହେଲା, ଜଣେ ପରାକ୍ରମଶୀଳ ବୀର ରୂପରେ କର୍ମଯୋଗ ସାଧନାରେ ସିଦ୍ଧି ପ୍ରାପ୍ତ ପାଇଁ ତାଙ୍କରି ଯଥାର୍ଥ ସାମର୍ଥ୍ୟ ରହିଛି । ହେ ମହାବାହୁ ଅର୍ଜୁନ ! ଯେଉଁ କର୍ମଯୋଗୀ କର୍ମର କୁଶଳତା- ଅକୁଶଳତା ଉପରେ ପ୍ରୀତି କି' ଦ୍ୱେଷ ରଖନ୍ତି ନାହିଁ ଏବଂ କର୍ମଫଳ ସିଦ୍ଧ ଓ ଅସିଦ୍ଧରେ ସମତାରେ ରହି ହର୍ଷ-ଶୋକାଦି ଦ୍ୱନ୍ଦ୍ୱରୁ ମୁକ୍ତ ହୋଇଥାନ୍ତି, ତାହାଙ୍କୁ ସର୍ବଥା ସନ୍ୟାସରେ ସ୍ଥିତ ବୋଲି ବୁଝିବାକୁ ହେବ । କାରଣ ସେହି କର୍ମଯୋଗୀ ଅନାୟାସରେ ସଂସାର ବନ୍ଧନରୁ ମୁକ୍ତ ହୋଇଥାନ୍ତି । ରାଗ-ଦ୍ୱେଷ ଥାଇ କିମ୍ବା ଅନ୍ୟ କୌଣସି

ବାହ୍ୟ ଭୌତିକ କାରଣରୁ କର୍ମକୁ ତ୍ୟାଗ କରିବା ପ୍ରକୃତ ସନ୍ନ୍ୟାସ ନୁହଁ । କର୍ମ ମନୁଷ୍ୟ ପାଇଁ ବନ୍ଧନର କାରଣ ହୋଇନ'ଥାଏ , ବରଂ କର୍ମ ସହିତ ସମ୍ବନ୍ଧ ବନ୍ଧନର କାରଣ । କର୍ମଯୋଗ ନିଷ୍ଠାରେ ସମସ୍ତ କର୍ମ ଈଶ୍ୱରଙ୍କୁ ସମ୍ପୂର୍ଣ୍ଣ ସମର୍ପଣ କରିଦେବାରେ , ଅନ୍ତଃକରଣରେ ରାଗ-ଦ୍ୱେଷର ଅଭାବ ହୁଏ । ଚିତ୍ତବୃତ୍ତି ବିକାରଶୂନ୍ୟ ହେଲେ ,ନିଶ୍ଚୟାତ୍ମିକ ବୁଦ୍ଧି କାରଣରୁ ଦ୍ୱନ୍ଦ୍ୱ ହୁଏ ନାହିଁ । କର୍ମଯୋଗୀ ନିର୍ଦ୍ୱନ୍ଦ୍ୱ ସ୍ଥିତିରେ ରହି ସହଜରେ ଜୀବନାମୁକ୍ତ ହୋଇଥାନ୍ତି। ରାଗ-ଦ୍ୱେଷ ରହିତ କର୍ମଯୋଗୀ ସନ୍ୟାସ ଧର୍ମୀ ଭଳି ଗେରୁଆ ବସ୍ତ୍ର ଧାରଣ ନ'କରିଲେ ମଧ , ଭିତରେ ତାହାଙ୍କୁ ସନ୍ୟାସୀ ହିଁ ମାନିବା ଉଚିତ । ରାଗ ଓ ଦ୍ୱେଷର ପରିତ୍ୟାଗ କର୍ମଯୋଗ ସାଧନର ପ୍ରମୁଖ ବିଷୟ। ଭୋଗ୍ୟବସ୍ତୁ, ବ୍ୟକ୍ତି ଓ ପରିସ୍ଥିତି ସହିତ ଅହେତୁକ ଅନୁରାଗ ଏବଂ ଦ୍ୱେଷଭାବ ଅର୍ଥାତ୍ ଅନିଚ୍ଛା କାରଣରୁ ମନ ବୁଦ୍ଧିରେ ସବୁବେଳେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ । ସୁଖ-ଦୁଃଖ,ମାନ-ଅପମାନ,ଜୟ-ପରାଜୟ,ହର୍ଷ-ଶୋକ,ଶୀତ-ଉଷ୍ଣ ଭଳି ପରସ୍ପର ବିରୋଧାତ୍ମକ ଭାବ ସମସ୍ତ ଇନ୍ଦ୍ରିୟଭୋଗ ବିଷୟରେ ଜଡିତ ହୋଇ ରହିଛି । ଭୋଗବୁଦ୍ଧିରେ ବିଷୟ ସହିତ ସଂଯୋଗରେ ମନରେ କର୍ମଫଳର ଅନିଶ୍ଚିତତାକୁ ନେଇ ଏହି ସବୁ ଦ୍ୱନ୍ଦ୍ୱ ଜାତ ହୁଏ । ସଂସାର ବନ୍ଧନରୁ ମୁକ୍ତହେବା ପାଇଁ ଯଦି କୌଣସି ବଡ ପ୍ରତିବନ୍ଧକ ଥାଏ, ତାହା ହେଉଛି ଏହି ଦ୍ୱନ୍ଦ୍ୱ । ଅନ୍ତଃକରଣରେ କିଞ୍ଚିତ ମାତ୍ର ବିକାର ବା ଦୁର୍ଗୁଣ ରହିବାରେ କର୍ମଯୋଗ ସାଧନ ପୂର୍ଣ୍ଣମାତ୍ରାରେ ହୋଇ ପାରିବନାହିଁ । ଦେହାଭିମାନ ଥିବା ପର୍ଯ୍ୟନ୍ତ ଅନ୍ତଃକରଣରେ ରାଗ-ଦ୍ୱେଷ ରହିବ । " ମୁଁ" ଭଲ କାର୍ଯ୍ୟ କରୁଛି , " ମୁଁ" ସେବା କାର୍ଯ୍ୟ କରୁଛି ",ମୁଁ" ସାଧନ କରୁଛି, ଏହିପରି ଆତ୍ମ ଅଭିମାନ ସବୁ ଦୁର୍ଗୁଣ ଠାରୁ ମଧ ଅଧିକ ଭୟଙ୍କର । ଶୁଭ କାର୍ଯ୍ୟ ସମ୍ପାଦନରେ ଅଭିମାନ ଅଧିକ ମାତ୍ରାରେ ଅତି ସୂକ୍ଷ୍ମ ଭାବରେ ରହେ । ନିନ୍ଦା,ଅପମାନ ଓ ସ୍ୱାର୍ଥହାନି ଘଟିଲେ,, ଏହି ଅଭିମାନ ଉଗ୍ର ରୂପ ଧାରଣ କରି କ୍ରୋଧ ରୂପରେ ପଦାକୁ ବାହାରେ । କର୍ମଯୋଗୀ, ଅଭିମାନ ଶୂନ୍ୟହୋଇ ଅନାସକ୍ତ ଭାବରେ ସଂସାର କଲ୍ୟାଣନିମିତ୍ତ ସେବାବୁଦ୍ଧିରେ କର୍ମ କରିବାରେ ରାଗ-ଦ୍ୱେଷ ଦୂର ହୁଏ । ପ୍ରାରବ୍ଧର ଫଳ ଅବଶ୍ୟ ଭୋଗ କରିବାକୁ ହେବ । ଆତ୍ମାର ସ୍ୱତନ୍ତ୍ର ସତ୍ତା ରହିଛି । ଅନୁକୂଳ, ପ୍ରତିକୂଳ ପରିସ୍ଥିତି ସହ ଆତ୍ମସ୍ୱରୂପର କୌଣସି ସମ୍ବନ୍ଧ ନାହିଁ । ଏହି ବିବେକ ଜନିତ ବିଚାରକୁ ଦୃଢତାର ସହିତ ସ୍ୱୀକାର କରିନେବାରେ ରାଗ-ଦ୍ୱେଷ ନାଶ ହେବ । ଯୁଦ୍ଧ ନ'କରି ଭିକ୍ଷାମାଗି ଜୀବିକା ନିର୍ବାହ କରିବାକୁ ଅର୍ଜୁନ ଶ୍ରେୟ ମଣିଥିଲେ । ଭଗବାନ ବର୍ତ୍ତମାନ ତାହାକୁ ଲକ୍ଷ୍ୟକରି କହୁଛନ୍ତି, ହେ ଅର୍ଜୁନ! ରାଗ-ଦ୍ୱେଷ ରହିତ ହୋଇ କର୍ତ୍ତବ୍ୟ କର୍ମକରିବା ମଧ ନିତ୍ୟ ସନ୍ନ୍ୟାସ ଅର୍ଥାତ୍ ସର୍ବଥା ସନ୍ନ୍ୟାସ ଧର୍ମରେ ସ୍ଥିତ ହୋଇ ରହିବା । କର୍ମଯୋଗ ସାଧନ ପାଇଁ ସାଙ୍ଖ୍ୟ ସାଧନାର ଆବଶ୍ୟକତା ପଡିନ'ଥାଏ। ତେଣୁ କର୍ମଯୋଗୀ ଆରମ୍ଭରୁ ହିଁ ସନ୍ନ୍ୟାସୀ । ମନୁଷ୍ୟର ଆବଶ୍ୟକତା ଅବିନାଶୀ ତତ୍ତ୍ୱ ହୋଇଥିଲାବେଳେ ମନ ଓ ଇନ୍ଦ୍ରିୟଗଣଙ୍କର ରୁଚି ନାଶବାନ୍ ପ୍ରତି ରହିଥାଏ । ଆବଶ୍ୟକତା ଆଉ ରୁଚିର ଏହି ଦ୍ୱନ୍ଦ୍ୱ ମନୁଷ୍ୟକୁ ସଂସାର ବନ୍ଧନରେ ଆହୁରି ଦୃଢ କରେ । ରାଗ-ଦ୍ୱେଷ ନାଶ ହେବାରେ ଶୁଦ୍ଧ ଚୈତନ୍ୟରେ ନିତ୍ୟ ଆତ୍ମତତ୍ତ୍ୱର ଅନୁଭୂତି ହୁଏ । କାମନା ଶୂନ୍ୟ ସ୍ଥିତି ହେଉଛି ନିର୍ଦ୍ୱନ୍ଦ୍ୱ । ନିର୍ଦ୍ୱନ୍ଦ୍ୱ ସ୍ଥିତିରେ ରହି କର୍ମଯୋଗୀ ସହଜରେ ସଂସାର ବନ୍ଧନରୁ ମୁକ୍ତ ହୋଇଥାନ୍ତି ।

**ସାଙ୍ଖ୍ୟଯୋଗୌ ପୃଥଗ୍ ବାଲାଃ ପ୍ରବଦନ୍ତି ନ ପଣ୍ଡିତାଃ ।**

**ଏକମପ୍ୟାସ୍ଥିତଃ ସମ୍ୟଗୁଭୟୋର୍ବିନ୍ଦତେ ଫଳମ୍ ॥ ୪ ॥**

*ଅନ୍ୱୟ: ବାଳାଃ (ଅଜ୍ଞ ଲୋକ ) ସାଙ୍ଖ୍ୟଯୋଗୌ ( ସାଙ୍ଖ୍ୟଯୋଗ ଓ କର୍ମଯୋଗକୁ ) ପୃଥକ୍ (ଭିନ୍ନ ଭିନ୍ନ ଫଳଦାୟକ) ପ୍ରବଦନ୍ତି (କହନ୍ତି) ନ, ପଣ୍ଡିତାଃ( ଜ୍ଞାନୀଲୋକ କହନ୍ତି ନାହିଁ ) ଏକମ୍( ଏହି ଦୁଇଟି ମଧ୍ୟରୁ ଗୋଟିଏ ସାଧନାରେ ) ଅପି ( ମଧ୍ୟ) ସମ୍ୟକ (ଉତ୍ତମରୂପେ) ଆସ୍ଥିତଃ (ସ୍ଥିତ ହୋଇଥିବା ସାଧକ) ଉଭୟୋଃ (ଉଭୟର ) ଫଳମ୍ (ଫଳ ସ୍ୱରୂପ) ବିନ୍ଦତେ (ପରମାତ୍ମାଙ୍କୁ ପ୍ରାପ୍ତ କରନ୍ତି )।*

ଭାବାର୍ଥ: ସନ୍ୟାସଯୋଗ ଓ କର୍ମଯୋଗ ସାଧନର ଫଳ ଭିନ୍ନ ଭିନ୍ନ ବୋଲି ଅଜ୍ଞାନୀ ଲୋକ କହିଥାନ୍ତି । ପଣ୍ଡିତ ଜନ ଏପରି କହିନ'ଥାନ୍ତି । କାରଣ ଏହି ଦୁଇଗୋଟି ସାଧନ ମାର୍ଗରୁ କୌଣସି ଗୋଟିକରେ ଉତ୍ତମରୂପେ ସ୍ଥିତ ପୁରୁଷ ଉଭୟର ଫଳରୂପ ପରମାତ୍ମାଙ୍କୁ ପ୍ରାପ୍ତ କରିଥାନ୍ତି। "ବାଳାଃ" ଶବ୍ଦ ଅଜ୍ଞାନୀ ଅର୍ଥରେ ଏଠାରେ କୁହାଯାଇଛି । କର୍ମର ଫଳ କେବେହେଲେ ଦ୍ରବ୍ୟାତ୍ମକ ହୋଇ ନ'ଥାଏ । କର୍ମଫଳ ସବୁବେଳେ ଜ୍ଞାନାତ୍ମକ ହୁଏ । ତତ୍ତ୍ୱଜ୍ଞ ପୁରୁଷଙ୍କ ନିମିତ୍ତ , କର୍ମ ଓ ଜ୍ଞାନ ଉଭୟ ମାର୍ଗର ସାଧନ ପ୍ରଣାଳୀ ଭିନ୍ନ ଭିନ୍ନ ହେଲେମଧ୍ୟ ,ଆତ୍ମା-ପରମାତ୍ମା ତତ୍ତ୍ୱ ଜ୍ଞାନ ଲାଭକରି ମୋକ୍ଷ ପ୍ରାପ୍ତି ହିଁ ଉଭୟ ମାର୍ଗର ଅନ୍ତିମ ଲକ୍ଷ୍ୟ ରହିଥାଏ । ତେଣୁ ଫଳର ଏକତାରେ ସାଙ୍ଖ୍ୟକୁ ଏବଂ କର୍ମଯୋଗକୁ ଏକ ବୁଝିବା ବୁଦ୍ଧିମାନର କାର୍ଯ୍ୟ । ଚିତ୍ତବୃତ୍ତି ନିରୋଧ ହେଉଛି ଯୋଗସାଧନ । ଯୋଗ ଦର୍ଶନ ଅନୁସାରେ ଅନ୍ତଃ ଚିତ୍ତବୃତ୍ତିରେ ପାଞ୍ଚ ଭେଦ ରହିଛି । ତାହା ହେଲା ପ୍ରତ୍ୟକ୍ଷ, ଅନୁମାନ, ଶବ୍ଦ, ଯାହା ପ୍ରମାଣଗତ କିମ୍ବା ଭ୍ରମାତ୍ମକ ହୋଇପାରେ ଏବଂ ସ୍ମୃତି ଓ ,ନିଦ୍ରା । ଏହି ସମସ୍ତ ଚିତ୍ତବୃତ୍ତିର ନିରୋଧ ପାଇଁ ଅନାସକ୍ତ ଭାବରେ ସେବା, ଉପାସନା ଆଦି ନିଷ୍କାମ କର୍ମ ଅନୁଷ୍ଠାନର ଆବଶ୍ୟକତା ରହିଛି । ଚିତ୍ତବୃତ୍ତି ସମ୍ପୂର୍ଣ୍ଣ ରୂପରେ ନିରୋଧ ହୋଇ ସାରିବାପରେ, ଜଗତ ପ୍ରପଞ୍ଚ ଅନ୍ତଃକରଣରୁ ବାଦ ପଡିଯାଇ , ବିଶୁଦ୍ଧ ଆତ୍ମା ନିଜ ସ୍ୱରୂପରେ ହିଁ ସ୍ଥିତ ହୋଇରହେ । ଚିତ୍ତବୃତ୍ତି ସମ୍ପୂର୍ଣ୍ଣ ଭାବରେ ଶାନ୍ତ ହେବାପରେ , ବେଦାନ୍ତ ଶ୍ରବଣ, ମନନ, ନିଦିଧ୍ୟାସନ ପ୍ରଭୃତି ସାଧନ ଅଭ୍ୟାସରେ ଆତ୍ମ ତତ୍ତ୍ୱଜ୍ଞାନ ଉଦୟ ହୁଏ । ଜ୍ଞାନର ଫଳ ମୋକ୍ଷପ୍ରାପ୍ତି , ଯାହା ଶାସ୍ତ୍ରରେ ସ୍ୱଷ୍ଟଭାବରେ କୁହାଯାଇଛି । ଅନ୍ୟ ପକ୍ଷରେ "ସଂସାର କଳ୍ପିତ, ସଚ୍ଚିଦାନନ୍ଦଘନ ପରମାତ୍ମା ଏକମାତ୍ର ହିଁ ସତ୍ୟ", ଏହି ସିଦ୍ଧାନ୍ତକୁ ଦୃଢକରି ସାଙ୍ଖ୍ୟ ସାଧକ ନିରନ୍ତର ପରମାତ୍ମାତତ୍ତ୍ୱରେ ସମାହିତ ହୋଇ ରହିବାର ପ୍ରଚେଷ୍ଟା କରନ୍ତି । ସଂସାର କେବଳ ମାୟାର ବିସ୍ତାର ମାନି, ବିଷୟ ଜଗତ ସହ ଅସଙ୍ଗ ରୁହନ୍ତି । ବ୍ୟବହାରିକ ଦୃଷ୍ଟିରେ, ସୂକ୍ଷ୍ମ ତତ୍ତ୍ୱରୁ ଆରମ୍ଭକରି ସଂସାରର ଜୀବ ଜଡ ଆଦି ସ୍ଥୂଳ ପଦାର୍ଥ ପର୍ଯ୍ୟନ୍ତ, ବୁଦ୍ଧି ଦ୍ୱାରା ଯେଉଁ ଭେଦ ଜ୍ଞାତ ହୋଇଥାଏ ତାହାକୁ ହଟାଇ ଏକ କାରଣ ରୂପୀ ବ୍ରହ୍ମକୁ ସର୍ବତ୍ର ଅନୁଭବ କରିବା ଲକ୍ଷ୍ୟ ହେଉଛି ସାଙ୍ଖ୍ୟ ସାଧନ । ସାଧନ କାଳରେ ତତ୍ତ୍ୱ ସମ୍ବନ୍ଧିୟ ତୀବ୍ର ଜିଜ୍ଞାସା ଜାଗ୍ରତ ହେବାରେ ଗୁରୁ କିମ୍ବା ତତ୍ତ୍ୱଦର୍ଶୀଙ୍କ ନିକଟରୁ ଜ୍ଞାନପ୍ରାପ୍ତ ହୋଇଥାଏ । ଏହିପରି ଭାବରେ ଆତ୍ମଜ୍ଞାନ ତତ୍ତ୍ୱ ପ୍ରାପ୍ତି ହେଉଛି ଉଭୟ ଜ୍ଞାନଯୋଗ ଓ କର୍ମଯୋଗ ମାର୍ଗର ଅନ୍ତିମ ଫଳ ।

**ଯତ୍ସାଙ୍ଖ୍ୟୈ ପ୍ରାପ୍ୟତେ ସ୍ଥାନଂ ତଦ୍ ଯୋଗୈରପି ଗମ୍ୟତେ ।**

**ଏକଂ ସାଙ୍ଖ୍ୟଂ ଚ ଯୋଗଂ ଚ ଯଃ ପଶ୍ୟତି ସ ପଶ୍ୟତି ॥ ୫ ॥**

*ଅନ୍ୱୟ : ସାଙ୍ଖୈ୍ୟ ( ସାଙ୍ଖ୍ୟଯୋଗୀଙ୍କ ଦ୍ୱାରା ) ଯତ୍ ସ୍ଥାନମ୍ ( ଯେଉଁ ତତ୍ତ୍ୱ ) ପ୍ରାପ୍ୟତେ (ପ୍ରାପ୍ତ ହୋଇଥାଏ ) ଯୋଗୈଃ ଅପି ( କର୍ମଯୋଗୀଙ୍କ ଦ୍ୱାରା ମଧ୍ୟ ) ତତ୍ ଗମ୍ୟତେ ( ସେହି ତତ୍ତ୍ୱ ପ୍ରାପ୍ତ ହୋଇଥାଏ )ଯଃ ( ଯେଉଁ ତତ୍ତ୍ୱଜ୍ଞ ) ସାଙ୍ଖ୍ୟଂ ଚ ଯୋଗଂ ଚ ( ସାଙ୍ଖ୍ୟଯୋଗ ଓ କର୍ମଯୋଗକୁ) ଏକମ୍ ପଶ୍ୟତି ( ଫଳ ଦୃଷ୍ଟିରୁ ଏକ ଦେଖନ୍ତି ) ସଃ ଚ ପଶ୍ୟତି(ସେ ହିଁ ଯଥାର୍ଥ ଦେଖିଥାନ୍ତି ) ।*

**ଭାବାର୍ଥ:** ଜ୍ଞାନଯୋଗ ସାଧନାରେ ଯେଉଁ ପରମଧାମ ପ୍ରାପ୍ତ କରାଯାଇଥାଏ,କର୍ମଯୋଗ ଦ୍ୱାରା ମଧ୍ୟ ତାହା ପ୍ରାପ୍ତ ହୋଇଥାଏ । ତେଣୁ ଯେଉଁ ତତ୍ତ୍ୱଜ୍ଞ ପୁରୁଷ ଜ୍ଞାନଯଜ୍ଞ ଓ କର୍ମଯୋଗକୁ ଫଳରୂପରେ ଏକବୋଲି ବୁଝିଥାନ୍ତି , ସେ ଯଥାର୍ଥ ଦେଖିଥାନ୍ତି । ସାଙ୍ଖ୍ୟ ଓ କର୍ମଯୋଗର ଫଳରେ କୌଣସି ଭେଦ ନ'ଥାଏ । ଏହି ଉଭୟ ଯୋଗର ସିଦ୍ଧତାରେ, ଜିଜ୍ଞାସାର ଅନ୍ତଘଟି ଅବିଦ୍ୟାରୁ ନିବୃତ୍ତ ହୋଇ ତତ୍ତ୍ୱଜ୍ଞାନ ରୂପ ଫଳ ମିଳିଥାଏ । ସତ୍ ସ୍ୱରୂପ ହେଉଛି ପୂର୍ଣ୍ଣ କାମ, ଅର୍ଥାତ୍ ସର୍ବଥା କାମନା ରହିତ । ଏହି ବିବେକ ପୂର୍ବକ ଜ୍ଞାନରେ ସଂସାରରୁ ଅସଙ୍ଗ ହୋଇରହିବା ଜ୍ଞାନ ଯୋଗ ସାଧନ । ସଂସାରରେ ଯେଉଁ ବସ୍ତୁରେ ଆସକ୍ତ ରହିଛି, ସେଗୁଡିକ ସଂସାର ହିତରେ ଲଗାଇ ନିଜକୁ ନିର୍ଲିପ୍ତ ରଖିବା କର୍ମଯୋଗ ସାଧନ। । ଶରୀରକୁ ନିସ୍ୱାର୍ଥ ଭାବରେ ସଂସାରର ସେବାରେ ନିୟୋଜିତ କରିବା କର୍ମଯୋଗ ଏବଂ ଶରୀରରୁ ସ୍ୱୟଂକୁ ପୃଥକ କରାଇନେଇ ନିର୍ଲିପ୍ତ ହୋଇ ରହିବା ଜ୍ଞାନ ଯୋଗ। ଜ୍ଞାନଯୋଗ ଓ କର୍ମଯୋଗ ମଧ୍ୟରୁ କୌଣସି ଗୋଟିଏ ସାଧନ ସିଦ୍ଧ ହେବାରେ ଦେହାଭିମାନ ,ବଞ୍ଚିବାର ଇଛା, ମୃତ୍ୟୁର ଭୟ, ପାଇବାର ଲାଳସା, କରିବାର ଅହନ୍ତା ସଂପୂର୍ଣ୍ଣ ନଷ୍ଟ ହୋଇଥାଏ । ଉଭୟ ସାଧନାର ପରିଶେଷରେ କର୍ମରୁ ଅର୍ଥାତ୍ କ୍ରିୟାଶୀଳ ପ୍ରକୃତିଠାରୁ ସମ୍ବନ୍ଧ ବିଚ୍ଛେଦ ହୁଏ। ଏହି ଉଭୟ ସାଧନାର ଫଳ ଏକମାତ୍ର ପରମାତ୍ମା ପ୍ରାପ୍ତି ବୋଲି ଭଗବାନ ସ୍ୱୀକାର ପ୍ରଦାନ କରିଛନ୍ତି । ଏହି ବାସ୍ତବତାକୁ ଜାଣୁଥିବା ତତ୍ତ୍ୱଜ୍ଞ ଯଥାର୍ଥ ଜ୍ଞାତା ଅର୍ଥାତ୍ ବୁଦ୍ଧିମାନ୍ ବୋଲି ଭଗବାନ କହୁଛନ୍ତି । ଆତ୍ମଦ୍ୱାରା ହେଉଥିବା ସମସ୍ତ କର୍ମରେ ଜ୍ଞାନ,ବିବେକ,ଓ ବୁଦ୍ଧିର ପ୍ରାଧାନ୍ୟତା ରହିଛି। ସ୍ୱାମୀ ଶିବାନନ୍ଦଙ୍କ ସାଧନ ତତ୍ତ୍ୱରେ "ଭଲ ହୁଅ ଏବଂ ଭଲ କର" ଏ ଯେଉଁ ସାଧନ ମନ୍ତ୍ର ଉଲ୍ଲେଖ ରହିଛି , ସେଥିରେ ଜ୍ଞାନ ଓ କର୍ମ ଯୋଗର ସମନ୍ୱୟ ରହିଛି । "ଭଲ ହୁଅ" ହେଉଛି ନିଜ ସ୍ୱରୂପକୁ ଚିହ୍ନିବା ଯାହା ଜ୍ଞାନମାର୍ଗର ପ୍ରତୀକ । "ଭଲ କର" ହେଉଛି ନିଷ୍କାମ କର୍ମ ଅନୁଷ୍ଠାନ, ଯାହା କର୍ମଯୋଗର ପ୍ରତୀକ । ଭଲହୁଅ ଅର୍ଥାତ୍ ଜ୍ଞାନପ୍ରାପ୍ତ ନିମନ୍ତେ ସାଧନ ମାର୍ଗରେ ଆଚରଣ ସ୍ୱତଃ ଅନାସକ୍ତ ଏବଂ ନିଷ୍କାମ ହୋଇଥାଏ । ସେହିପରି ଭଲ କର ଅର୍ଥାତ୍ କର୍ମଯୋଗ ମାର୍ଗରେ , ମମତା ରହିତ ନିଷ୍କାମ କର୍ମ ଅନୁଷ୍ଠାନରେ ଆତ୍ମଜ୍ଞାନ ପ୍ରାପ୍ତ ହୋଇଥାଏ। " ଭଲ ହୁଅ" ଏବଂ "ଭଲ କର" ହେଉଛି ଦୁଇଟି ସାଧନ ମାର୍ଗ ଯେଉଁଥିରେ ସାଧକ ସେହି ଗୋଟିଏ ପରମାତ୍ମତତ୍ତ୍ୱ ପ୍ରାପ୍ତିର ଲକ୍ଷ ସ୍ଥଳରେ ପହଞ୍ଚିପାରିବ ।

**ସନ୍ନ୍ୟାସସ୍ତୁ ମହାବାହୋ ଦୁଃଖମାପ୍ତୁମଯୋଗତଃ ।**

**ଯୋଗଯୁକ୍ତୋ ମୁନିର୍ବ୍ରହ୍ମ ନଚିରେଣାଧିଗଚ୍ଛତି ॥ ୬ ॥**

*ଅନ୍ୱୟ : ମହାବାହୋ : ( ହେ ମହାବାହୁ ଅର୍ଜୁନ !) ତୁ (କିନ୍ତୁ) ଅଯୋଗତଃ ( ନିଷ୍କାମକର୍ମ ଅନୁଷ୍ଠାନ ବ୍ୟତୀତ) ସନ୍ନ୍ୟାସଃ (ସାଙ୍ଖ୍ୟଯୋଗ /କର୍ମ ସନ୍ନ୍ୟାସ ) ଆପ୍ତୁମ୍ (ସିଦ୍ଧହେବା ) ଦୁଃଖମ୍ (କଷ୍ଟକର )ଯୋଗଯୁକ୍ତ (ନିଷ୍କାମ କର୍ମଯୋଗ ) ମୁନିଃ ( ମନନଶୀଳ ଅର୍ଥାତ୍ କର୍ମତ୍ୟାଗୀ ସନ୍ନ୍ୟାସୀ ) ନ ଚିରେଣ ( ( ଅତି ଶୀଘ୍ର ହିଁ ) ବ୍ରହ୍ମ ( ବ୍ରହ୍ମ ପଦକୁ )ଅଧିଗଚ୍ଛତି(ପ୍ରାପ୍ତ ହୋଇଥାନ୍ତି)।*

**ଭାବାର୍ଥ:** କର୍ମଯୋଗକୁ ସନ୍ନ୍ୟାସ ଅପେକ୍ଷା ଶ୍ରେଷ୍ଠ ବୋଲି ଯାହା ଭଗବାନ ଅଧ୍ୟାୟ ଆରମ୍ଭରେ କହିଛନ୍ତି , ସେହି ଉକ୍ତିକୁ ଏହି ଶ୍ଳୋକରେ ପୁଷ୍ଟକରି, କର୍ମ ଅନୁଷ୍ଠାନ ବିନା ସନ୍ନ୍ୟାସଧର୍ମ ପାଳନ କଷ୍ଟ ସାଧ ବୋଲି କହିଛନ୍ତି । କର୍ମଯୋଗ ବିନା, କର୍ମ ସନ୍ନ୍ୟାସ ଅର୍ଥାତ୍ ସ୍ୱରୂପରୁ କର୍ମତ୍ୟାଗ ପରମାତତ୍ତ୍ୱ ପ୍ରାପ୍ତି ସିଦ୍ଧତାରେ ବିଳମ୍ବ ଘଟାଇଥାଏ । ବେଳେ ବେଳେ ସିଦ୍ଧତା ପ୍ରାପ୍ତ ମଧ ହୋଇନ'ଥାଏ । କର୍ମଯୋଗ ନିଷ୍ଠା ଦ୍ୱାରା ମନ,ଇନ୍ଦ୍ରିୟ,ଶରୀରରେ ହେଉଥିବା କର୍ମ ସମୂହରେ କର୍ତ୍ତାପନର ଅଭାବ ଥାଏ । ଭଗବତ୍ ଅର୍ପଣ ଚିତ୍ତରେ ଶୁଭ କର୍ମ ଅନୁଷ୍ଠାନ ଦ୍ୱାରା , ଅନ୍ତଃକରଣ ରାଗ-ଦ୍ୱେଷ ରହିତ ହୋଇ ଚିତ୍ତବୃତ୍ତି ଶାନ୍ତ ହୁଏ । ଏହି ସ୍ଥିତିରେ ଯୋଗଯୁକ୍ତ ସାଧକକୁ , ଭଗବଦ୍ ସ୍ୱରୂପରେ ମନନଶୀଳହୋଇ ପରମବ୍ରହ୍ମ ପରମାତ୍ମାଙ୍କ ସାକ୍ଷାତ୍କାର ଅତିଶୀଘ୍ର ପ୍ରାପ୍ତ ହୋଇଥାଏ। କର୍ମ ସକାମହେଲେ ବନ୍ଧନର କାରଣ ହୁଏ, ନିଷ୍କାମହେଲେ ଚିତ୍ତଶୁଦ୍ଧି ଦ୍ୱାରା ମୋକ୍ଷ ପ୍ରାପ୍ତ କରାଇବାରେ ସହାୟକ ହୁଏ । ଫଳଟି କଞ୍ଚା ଥିବା ପର୍ଯ୍ୟନ୍ତ ଡାଳରେ ଥିବା ଡେମ୍ଫରୁ ସହଜରେ ଅଲଗା ହୋଇନ'ଥାଏ । ଡେମ୍ଫ ସହିତ ଶକ୍ତଭାବରେ ଯୋଡି ହୋଇଥାଏ । କିନ୍ତୁ ଫଳଟି ପାଚିଗଲା ପରେ ସ୍ୱତଃ ଡେମ୍ଫରୁ ଝଡିଯାଏ । ସେହିପରି ସନ୍ନ୍ୟାସୀ ସାଧକ କର୍ମଯୋଗ ଦ୍ୱାରା ପରିପକ୍ୱହୋଇ ପ୍ରକୃତି ଓ ଗୁଣ ବଶରୁ ବାହାରକୁ ଚାଲିଆସେ ଅର୍ଥାତ୍ ପ୍ରକୃତିରୁ ସମ୍ବନ୍ଧ ବିଚ୍ଛେଦ ହୋଇଯାଇଥାଏ । ବିବେକ, ଷଟ୍ ସମ୍ପତ୍ତି( ଦମ, ସମ, ଶ୍ରଦ୍ଧା, ତିତିକ୍ଷା ,ଉପରତି ଓ ସମାଧାନ),ବୈରାଗ୍ୟ, ଓ ମୁମୁକ୍ଷୁତା- ଏହି ଚତୁଷ୍ଟୟ ସମ୍ପନ୍ନ ସାଧକକୁ ବେଦାନ୍ତରେ କୃତ ଉପାସକ ବୋଲି କୁହାଯାଇଛି । କୃତ ଉପାସକ ହେଉଛନ୍ତି ଯୋଗଯୁକ୍ତ ମୁନି, ଯାହାଙ୍କର ବ୍ରହ୍ମ ସାକ୍ଷାତକାର ଅବିଳମ୍ବେ ହୋଇଥାଏ । ସର୍ବସ୍ୱ ନ୍ୟାସ ହେଉଛି ସନ୍ନ୍ୟାସ । ସନ୍ନ୍ୟାସ ସାଧନାରେ ସମସ୍ତ ଇନ୍ଦ୍ରିୟ ବ୍ୟାପାରକୁ ସଂପୂର୍ଣ୍ଣ ରୂପେ ନିରୋଧ କରିବାକୁ ହୁଏ । ଭୌତିକ ବିଷୟ ଜଗତରେ ମନୁଷ୍ୟ ଶରୀରରେ ଅବ୍ୟକ୍ତ ଉପାସନା ବା ସନ୍ନ୍ୟାସ ସାଧନ କଷ୍ଟସାଧ । ଏହା ଖଣ୍ଡାଧାର ଉପରେ ଚାଲିବା ସଦୃଶ ବଡ କଠିନ ବୋଲି ବଡ ବଡ ବିଦ୍ୱାନ୍ ମାନେ କହିଛନ୍ତି । ପ୍ରାରମ୍ଭରେ ଫଳାଶା ନ'ରଖି ଅନାସକ୍ତ ଭାବରେ ଶୁଭକର୍ମ ଅନୁଷ୍ଠାନ ଅଭ୍ୟାସରେ ଇନ୍ଦ୍ରିୟମାନେ ଆସ୍ତେ ଆସ୍ତେ ବଶୀଭୂତ ହୋଇଥାନ୍ତି । ତା'ପରେ କର୍ମଯୋଗର ପୂର୍ଣ୍ଣତାରେ ମନ ଓ ବୁଦ୍ଧି ରାଗ-ଦ୍ୱେଷ ଜନିତ ସମସ୍ତ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇଥାଏ । ଯୋଗଯୁକ୍ତ ହୋଇ ରହିବାପରେ, ବୈରାଗ୍ୟ ଜାଗ୍ରତ ହୋଇ ମନନଶୀଳ ପୁରୁଷର ଆପେ ଆପେ ସନ୍ନ୍ୟାସ ପ୍ରାପ୍ତ ହୋଇଥାଏ । ତା'ପରେ ଗୁରୁଙ୍କ ଶରଣାପନ୍ନ ହୋଇ, ସନ୍ନ୍ୟାସ ଧର୍ମ ଗ୍ରହଣ କରି ଜ୍ଞାନ-ନିଷ୍ଠା ସାଧନାରେ ମୋକ୍ଷ ପ୍ରାପ୍ତ କରିଥାନ୍ତି ।

**ଯୋଗଯୁକ୍ତୋ ବିଶୁଦ୍ଧାତ୍ମା ବିଜିତାତ୍ମା ଜିତେନ୍ଦ୍ରିୟଃ ।**
**ସର୍ବଭୂତାତ୍ମଭୂତାତ୍ମା କୁର୍ବନ୍ନପି ନ ଲିପ୍ୟତେ ॥ ୭॥**

*ଅନ୍ୱୟ : ଜିତେନ୍ଦ୍ରିୟଃ ( ଯାହାର ଇନ୍ଦ୍ରିୟଗଣ ବଶୀଭୂତ) ବିଶୁଦ୍ଧାତ୍ମା ( ଯାହାର ଅନ୍ତଃକରଣ ନିର୍ମଳ ) ବିଜିତାତ୍ମା ( ଶରୀର ଯାହାର ନିଜ ନିୟନ୍ତ୍ରଣାଧୀନ) ସର୍ବଭୂତାତ୍ମଭୂତାତ୍ମା ( ସର୍ବ ଭୂତଆତ୍ମା ପରମେଶ୍ୱର ଯାହାର ଆତ୍ମସ୍ୱରୂପ ) ଯୋଗଯୁକ୍ତଃ ( ସେହି ନିଷ୍କାମ କର୍ମଯୋଗୀ ) କୁର୍ବନ୍ ଅପି (କର୍ମ କରିମଧ ) ନ ଲିପ୍ୟତେ ( ତହିଁରେ ଲିପ୍ତ ହୁଅନ୍ତି ନାହିଁ)*

**ଭାବାର୍ଥ:** କର୍ମଯୋଗ ପ୍ରାରମ୍ଭରୁ ପରମାତ୍ମା ତତ୍ତ୍ୱଜ୍ଞାନ ପ୍ରାପ୍ତ ପର୍ଯ୍ୟନ୍ତ ସାଧକ ପାଖରେ ଯେଉଁ ସବୁ ଲକ୍ଷଣ ଦେଖାଦେଇଥାଏ, ଭଗବାନ ଏହି ଶ୍ଳୋକରେ ତାହା ବର୍ଣ୍ଣନା କରିଛନ୍ତି । କର୍ମ ସମର୍ପଣରେ ଭଗବାନ ସହିତ ଯେଉଁ ସଂଯୋଗ ହୋଇଥାଏ, ତାହା ହେଉଛି କର୍ମଯୋଗ । ଭଗବାନଙ୍କ ଠାରେ ଭକ୍ତି ଜାଗ୍ରତ ହିଁ କର୍ମର ଉଦ୍ଦେଶ୍ୟ । ଯେ' ଶ୍ରବଣ,ସ୍ପର୍ଶ,ଦର୍ଶନ, ଭୋଜନ, ଆଘ୍ରାଣ କରିମଧ ପ୍ରସନ୍ନ ହୁଏନାହିଁ କି' ବିଷର୍ଣ୍ଣ ହୁଏନାହିଁ , ସେ ହିଁ ଜିତେନ୍ଦ୍ରିୟ ବୋଲି ବୁଝିବା ଉଚିତ । ଯେ' ଜିତେନ୍ଦ୍ରିୟ, ସେ ନିଜ ଇଚ୍ଛା ଅନୁସାରେ ମନ ଓ ଇନ୍ଦ୍ରିୟ ସମୂହକୁ କର୍ମରେ ଲଗାଇଥାନ୍ତି । ସମସ୍ତ ଇନ୍ଦ୍ରିୟ ବଶୀଭୂତ ହୋଇଥିବା କାରଣରୁ ମନ, ଓ ବୁଦ୍ଧି ରାଗ-ଦ୍ୱେଷରୁ ମୁକ୍ତ ରୁହନ୍ତି। କାମନାର ଜାଗ୍ରତ ହୁଏନାହିଁ । ଇନ୍ଦ୍ରିୟଗଣଙ୍କର ସଂଯମତା ,ମନର ଏକାଗ୍ରତା, ଓ ବୁଦ୍ଧିର ନିଶ୍ଚଳତାରେ ଅନ୍ତଃକରଣରୁ ସମସ୍ତ ବିକାର ନଷ୍ଟ ହୁଏ । ଭୋଗ ଆଉ ସଂଗ୍ରହ ପ୍ରତି ଆସକ୍ତି ଅନ୍ତଃକରଣକୁ ମଳିନ କରିଥାଏ । ପରମାତ୍ମା ପ୍ରତି ଦୃଢ ଉଦ୍ଦେଶ୍ୟ ହୋଇଗଲେ , ଚିତ୍ତବୃତ୍ତି ଶାନ୍ତ ହୋଇଯାଏ । ଏହା ହେଉଛି ବିଶୁଦ୍ଧ ଆତ୍ମା । ଆଳସ୍ୟ, ପ୍ରମାଦ କର୍ମଯୋଗ ସାଧନାର ପ୍ରମୁଖ ବାଧକ । ଶରୀରକୁ ଭୋଗବିଳାସ , ଆଳସ୍ୟରୁ ମୁକ୍ତ ରଖିବା ହେଉଛି ଜିତାଆତ୍ମା। ଶରୀର ନିର୍ବାହ ହେଉ କିମ୍ବା ପରିବାର ପୋଷଣ ହେଉ , ଯଥାସାଧ ସ୍ୱାବଲମ୍ବୀ ହେବାକୁ ପଡିବ । ଶରୀର ସମସ୍ତ କ୍ରିୟା ଯଥା: କହିବା, ଖାଇବା, ବସିବା,ବୁଲିବା,ଶୋଇବା ପ୍ରଭୃତି ସମସ୍ତ କ୍ରିୟା ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ ଥିବା ଜିତାତ୍ମାନ ପୁରୁଷ ବାସ୍ତବତା, ସତ୍ୟତା କୁ ସମ୍ମାନ ଦେଇ ଯେ କୌଣସି ପ୍ରତିକୂଳ ପରିସ୍ଥିତିର ସାମନା କରିଥାଏ । କର୍ମଯୋଗୀ ପରମେଶ୍ୱର ପରମାତ୍ମାଙ୍କୁ ସକଳ ପ୍ରାଣୀଙ୍କ ହୃଦୟରେ ଦେଖିଥାଏ । ସମସ୍ତ ପ୍ରାଣୀଙ୍କ ସହିତ ନିଜର ଅଭିନ୍ନତା ଥିବାର ଅନୁଭବ କରେ । "ସମସ୍ତେ ପରମାତ୍ମାଙ୍କର ସନ୍ତାନ" କର୍ମଯୋଗୀ ଏହି ଦୃଷ୍ଟିରେ ସଂସାରକୁ ଦେଖି ଦୟା, କ୍ଷମା, ଉଦାରତା ସ୍ୱଭାବର ଅଧିକାରୀ ହୁଏ । ଭଗବାନ ଏହିଠାରେ ସୂଚାଇଛନ୍ତି କି' ବସ୍ତୁତଃ ଏକ ଆତ୍ମା ହିଁ ସକଳପ୍ରାଣୀଙ୍କ ଠାରେ ବ୍ୟାପକ । ଅବିଦ୍ୟା କାରଣରୁ ଏହି ବ୍ୟାପକତାର ଜ୍ଞାନ ସମସ୍ତଙ୍କୁ ହୋଇନ'ଥାଏ । କର୍ମଯୋଗୀ ନିଜ ଭିତରେ ନିତ୍ୟ ଆତ୍ମା ସତ୍ତାକୁ ଅନୁଭବ କରିଲାପରେ ,ସକଳ ପ୍ରାଣୀଙ୍କଠାରେ ସେହି ପରମାତ୍ମାଙ୍କର ସ୍ୱରୂପକୁ ଆତ୍ମରୂପରେ ଦେଖିଥାଏ । ସକଳ ପ୍ରାଣୀଙ୍କର ଆତ୍ମା, ମୋର ଆତ୍ମା ବୋଲି ଦୃଢ ନିଶ୍ଚୟ ହେବାରେ ଅନ୍ୟପ୍ରତି ହିଂସା ଭାବ ଜାତ ହୁଏନାହିଁ । ନିଃସ୍ୱାର୍ଥ ଭାବରେ, ଅଭିମାନ ରହିତହୋଇ ଅନ୍ୟର ସେବା କରିବାକୁ କର୍ମଯୋଗୀ ପରମେଶ୍ୱରଙ୍କ ସେବା ବୋଲି ଭାବିଥାଏ । ପରମାତ୍ମା ପ୍ରାପ୍ତି କର୍ମଯୋଗୀଙ୍କର ନିରନ୍ତର ଉଦ୍ଦେଶ୍ୟ ହୋଇଥିବାରୁ ଯୋଗଯୁକ୍ତ କୁହାଯାଇଛି । କର୍ମଯୋଗୀ ଯାହାକିଛି କରେ , ତାହା କେବଳ ପରମାତ୍ମାଙ୍କ ତୃପ୍ତି ଏବଂ ପ୍ରାପ୍ତି ନିମନ୍ତେ କରିଥାଏ । ସମସ୍ତ କର୍ମ କାମନା ଶୂନ୍ୟ,ମମତା ଶୂନ୍ୟ ଓ ଫଳଇଚ୍ଛା ରହିତ ହେବାରୁ କର୍ମଯୋଗୀ କର୍ମକରି ମଧ ସେଥିରେ ବାନ୍ଧି ହୋଇନ'ଥାନ୍ତି । ତାଙ୍କର ସମସ୍ତ କର୍ମ ଅକର୍ମ ହୋଇଯାଏ । ଯୋଗ ସିଦ୍ଧ ପୁରୁଷଙ୍କର କର୍ମ କରିବା – କର୍ମ ନ'କରିବାରେ ପ୍ରୟୋଜନ ରହି ନ'ଥାଏ ।

**ନୈବ କିଞ୍ଚିତ୍କରୋମୀତି ଯୁକ୍ତୋ ମନ୍ୟେତ ତତ୍ତ୍ୱବିତ୍ ।**
**ପଶ୍ୟଞ୍ଛୃଣ୍ୱନ୍ ସ୍ପୃଶଞ୍ଜିଘ୍ରନ୍ନଶ୍ନନ୍ ଗଚ୍ଛନ୍ ସ୍ୱପଞ୍ଶ୍ୱସନ୍ ॥ ୮ ॥**

**ପ୍ରଳପନ୍ ବିସୃଜନ୍ ଗୃହ୍ ଣନ୍ନୁନ୍ମିଷନ୍ନିମିଷନ୍ନପି ।**

**ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଷୁ ବର୍ତ୍ତନ୍ତ ଇତି ଧାରୟନ୍ ॥ ୯ ॥**

*ଅନ୍ୱୟ : ଯୁକ୍ତଃ (ନିଷ୍କାମ କର୍ମଯୋଗୀ ) ତତ୍ତ୍ୱବିତ୍ (ପରମାତ୍ମା ତତ୍ତ୍ୱଜ୍ଞାନ ପ୍ରାପ୍ତ ହେବାରେ ) ପଶ୍ୟନ୍ ( ଦେଖି ) ଶୃଣ୍ୱନ୍ ( ଶୁଣି) ସ୍ପୃଶନ୍ ( ସ୍ପର୍ଶକରି ) ଜିଘ୍ରନ୍ ( ଶୁଙ୍ଘି ) ଅଶ୍ନନ୍ ( ଖାଇ ) ଗଚ୍ଛନ୍ ( ଚାଲି )ଗୃହ୍ ଣନ୍(ଗ୍ରହଣକରି) ପ୍ରଳପନ୍ (କହି ) ବିସୃଜନ୍ ( ମଳମୁତ୍ର ତ୍ୟାଗକରି) ସ୍ୱପ୍ନ ( ଶୋଇ ) ଶ୍ୱସନ୍ ( ଶ୍ୱାସକ୍ରିୟା କରି ) ଉନ୍ମିଷନ୍ (ଆଖିଖୋଲି) ନିମିଷନ୍ (ଆଖିବୁଜି) ଅପି ( ମଧ୍ୟ) ଇନ୍ଦ୍ରିୟାଣୀ ( ଇନ୍ଦ୍ରିୟସମୂହ ) ଇନ୍ଦ୍ରିୟାର୍ଥେଷୁ ( ଇନ୍ଦ୍ରିୟମାନଙ୍କ ବିଷୟରେ ) ବର୍ତ୍ତନ୍ତେ ( ପ୍ରବର୍ତ୍ତିତ ହେଉଛନ୍ତି) ଇତି (ବୋଲି) ଧାରୟନ୍ ( ଧାରଣାକରି ) କିଞ୍ଚିତ୍ ( "ମୁଁ ସ୍ୱୟଂ " କିଛି ହେଲେ ) ନ, କରୋମି ( କରୁନାହିଁ ) ଇତି ମନ୍ୟେତ ( ମନେ କରନ୍ତି )।*

**ଭାବାର୍ଥ:** କର୍ମଯୋଗରେ ସିଦ୍ଧତା ପ୍ରାପ୍ତ କରି ଆତ୍ମତତ୍ତ୍ୱକୁ ଯେ' ନିଶ୍ଚୟ କରିନେଇଥାନ୍ତି, ସେ ହେଉଛନ୍ତି ଯୋଗଯୁକ୍ତ ତତ୍ତ୍ୱବିତ୍ । ସେହି ତତ୍ତ୍ୱବିତ୍ ଦେଖିବା, ଶୁଣିବା,ବାହ୍ୟବସ୍ତୁକୁ ସ୍ପର୍ଶ କରିବା, ପୁଷ୍ପ ଆଦିର ଗନ୍ଧକୁ ଆଘ୍ରାଣ କରିବା, ଭୋଜନ କରିବା,ପାଦରେ ଚାଲିବା,ଶୋଇବା, ଶ୍ୱାସକ୍ରିୟା କରିବା,କଣ୍ଠରେ ଶବ୍ଦ ଉଚ୍ଚାରଣ କରିବା,ମଳମୂତ୍ର ତ୍ୟାଗ କରିବା, ହାତରେ ବସ୍ତୁକୁ ଉଠାଇବା,ଆଖିର ପଲକକୁ ପକାଇବା ଓ ଉଠାଇବା, ଏ ସମସ୍ତ କ୍ରିୟା ଇନ୍ଦ୍ରିୟ ମାନଙ୍କର ନିଜ ନିଜ ଭୋଗ୍ୟ ବସ୍ତୁରେ ପ୍ରବୃତ୍ତ ବୋଲି ମନେ କରିଥାନ୍ତି । " ମୁଁ ଆତ୍ମା"- " ମୁଁ କିଛି କରୁନାହିଁ" ଏହି ମାନ୍ୟତା ରଖିଥାନ୍ତି । ଭଗବାନ ପୂର୍ବରୁ ଏହା ସ୍ପଷ୍ଟ କରି କହିଛନ୍ତି ଯେ' ଯାହାକିଛି କ୍ରିୟା ଇନ୍ଦ୍ରିୟ, ମନ,ପ୍ରାଣ ଓ ଉପପ୍ରାଣରେ ହୋଇଥାଏ , ବୁଝିବାକୁ ହେବ କି' ଏହି ସବୁ ମାୟାମୟ । ଆଉ ମନ,ଇନ୍ଦ୍ରିୟ,ପ୍ରାଣ ନିଜ ନିଜ ମାୟାମୟ ବିଷୟରେ ବିଚରଣ କରୁଛନ୍ତି । ଗୁଣମାନେ ହିଁ ଗୁଣରେ ସବୁ କାର୍ଯ୍ୟ କରିଥାନ୍ତି। ଗୁଣ ହି କର୍ତ୍ତା ରୂପରେ କାର୍ଯ୍ୟରେ ଲିପ୍ତରହେ । ପ୍ରକୃତିରୁ ଅତୀତ ସେହି ନିତ୍ୟ ପରମାତ୍ମା ତତ୍ତ୍ୱରେ ଗୁଣ ଓ କ୍ରିୟା ନାହିଁ ବୋଲି ଯେ' ବୁଝିପାରିଛି, ସେ ତତ୍ତ୍ୱବିତ୍ । ପ୍ରକୃତି କେବେ ଅକ୍ରିୟ ହୋଇପାରେ ନାହିଁ କି' ସ୍ୱରୂପରେ କେବେ କ୍ରିୟା ହୋଇପାରେ ନାହିଁ । ଚେତନ ଭ୍ରମରେ ପ୍ରକୃତିର କାର୍ଯ୍ୟ ସଙ୍ଗରେ ତଦାତ୍ମ୍ୟ ହୋଇ ରହିବାରେ ପ୍ରକୃତିରେ ହେଉଥିବା କାର୍ଯ୍ୟ ସବୁ ସ୍ୱୟଂରେ ହେବାର ବୋଧ ହୋଇଥାଏ। ଚାଲୁଥିବା ଯାନରେ ବସିଲେ, ଶରୀର ସ୍ଥିର ଥାଇ ମଧ୍ୟ ଗତି ପ୍ରାପ୍ତ ହୁଏ । ସେହିପରି କ୍ରିୟାଶୀଳ ପ୍ରକୃତି ସହିତ ଜୀବାତ୍ମା ଯୋଡିହେଲେ, ଅକ୍ରିୟ ଥାଇ ମଧ୍ୟ ସ୍ୱୟଂକୁ କାର୍ଯ୍ୟ କରିବାର ବୋଧ ହୋଇଥାଏ । ଆତ୍ମା ଅକର୍ତ୍ତା, ଅଭୋକ୍ତା ଭାବରେ ପୃଥକ ରହେ । ତତ୍ତ୍ୱବିତ୍ ପୁରୁଷ ଯଦିଓ ଶରୀର ଓ ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ କର୍ମ କରୁଥାଏ, ତଥାପି ସେ ସର୍ବଥା ସ୍ୱରୂପର ସ୍ଥିତି ପ୍ରତି ସଚେତନ ରହେ । ବ୍ୟାପାର ସବୁ ଇନ୍ଦ୍ରିୟ, ପ୍ରାଣରେ ହୁଏ । ସ୍ୱପ୍ନରେ ଇନ୍ଦ୍ରିୟ,ମନ,ପ୍ରାଣରେ କ୍ରିୟା ହେଉଥିବାର ଯାହା ପ୍ରତୀତ ହୋଇଥାଏ , ବାସ୍ତବରେ ସେସବୁ' କ୍ରିୟା ହୋଇ ନ'ଥାଏ କି' ତା ସହିତ ଚେତନର କୌଣସି ସମ୍ବନ୍ଧ ନ'ଥାଏ। ସେହିପରି ଜଗତର ସଂପୂର୍ଣ୍ଣ ଦୃଶ୍ୟ ପ୍ରପଞ୍ଚ କ୍ଷଣଭଙ୍ଗୁର ଓ ଅନିତ୍ୟ କାରଣରୁ ସ୍ୱପ୍ନବତ୍ ଭାସମାନ ଏବଂ ମାୟାମୟ ଅଟେ । ସଚିଦାନନ୍ଦଘନ ବ୍ରହ୍ମ ହିଁ ସତ୍ୟ । ଦୃଶ୍ୟବାନ୍ ପ୍ରପଞ୍ଚ ସବୁ ସେହି ନିତ୍ୟ ବ୍ରହ୍ମଉପରେ ଅଧ୍ୟାରୋପିତ ହୋଇ ରହିଥିବାରୁ ଏହା ବାସ୍ତବ ବୋଧହୁଏ । ବାସ୍ତବରେ ଏହା ହେଉଛି ମାୟାର ଆବରଣ । ସାଙ୍ଖ୍ୟ ସାଧକ ଏହି ତତ୍ତ୍ୱକୁ ବୁଝିପାରି ନିର୍ବିକାର ଅକ୍ରିୟ ପରମାତ୍ମାଙ୍କ ଠାରୁ ସ୍ୱୟଂର ଅଭିନ୍ନ ସ୍ଥିତିକୁ ଅନୁଭବ କରିଥାନ୍ତି । ତତ୍ତ୍ୱଜ୍ଞାନ ହୋଇଗଲାପରେ ସାଙ୍ଖ୍ୟଯୋଗୀର କୌଣସି ପଦାର୍ଥ ଓ କ୍ରିୟାରେ କିଞ୍ଚିତ୍ ମଧ୍ୟ ଆସକ୍ତି ରହେନାହିଁ ।

ରାଗ-ଦ୍ୱେଷର ସର୍ବଥା ଅଭାବ ହୋଇଥାଏ । ସ୍ୱୟଂ ବିଷୟ ପ୍ରପଞ୍ଚ ସହିତ ତଦାତ୍ମ୍ୟ ହୋଇ ରହିଥିବା ପର୍ଯ୍ୟନ୍ତ ନିଜକୁ କର୍ତ୍ତା ମାନିଥାଏ । କିନ୍ତୁ ସ୍ୱୟଂ ଯେତେବେଳେ ନିଜ ସ୍ୱରୂପରେ ସ୍ଥିତହୋଇ ରହେ , ସେତେବେଳେ ନିଜର ଅକର୍ତ୍ତୃତ୍ୱକୁ ଅନୁଭବ କରିଥାଏ । "ନୈବ କିଞ୍ଚିତ କାରୋମି"ର ତାତ୍ପର୍ଯ୍ୟ ହେଉଛି କ୍ରିୟା ବୋଲି କିଛି ନାହିଁ , କେବଳ ସତ୍ତା ହିଁ ବିଦ୍ୟମାନ । ସେହି ସତ୍ତା ଚିନ୍ମୟ ହୋଇଥିବାରୁ ଜ୍ଞାନ ସ୍ୱରୂପ ଏବଂ ନିର୍ବିକାର ହୋଇଥିବାରୁ ଆନନ୍ଦ ସ୍ୱରୂପ । ନିର୍ଲିପ୍ତ ଆନନ୍ଦ ସ୍ୱରୂପ ବ୍ରହ୍ମସହିତ ନିଜକୁ ଅଭିନ୍ନ ବୋଧ କରିବା ହିଁ ପ୍ରକୃତ ଜ୍ଞାନ ବା ମୋକ୍ଷ । ସାଙ୍ଖ୍ୟଯୋଗ ଓ କର୍ମଯୋଗ ଏହି ଦୁଇ ମାର୍ଗକୁ ଭଗବାନ ଗୀତାରେ ମୌଳିକ ସିଦ୍ଧାନ୍ତ ଭାବରେ ପ୍ରତିପାଦନ କରିଛନ୍ତି । ଏହି ଦୁଇଟି ମାର୍ଗରୁ ଯେ କୌଣସି ଗୋଟିକର ସାଧନାର ପ୍ରୌଢତାରେ, ଭକ୍ତି ସ୍ୱତଃ ଆସି ଯୋଡି ହୋଇଥାଏ ।

**ବ୍ରହ୍ମଣ୍ୟାଧାୟ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା କରୋତି ଯଃ ।**
**ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା ॥ ୧୦ ॥**

*ଅନ୍ୱୟ : ଯଃ (ଯେ) କର୍ମାଣି ( କର୍ମ ସମୂହର ) ବ୍ରହ୍ମଣି ( ପରମବ୍ରହ୍ମଙ୍କୁ ) ଆଧାୟ (ସମର୍ପଣ କରି ) ସଙ୍ଗ( ଫଳାସକ୍ତି ଏବଂ କର୍ତ୍ତୃତ୍ୱାଭିମାନ ) ତ୍ୟକ୍ତ୍ୱା (ତ୍ୟାଗକରି) କରୋତି ( କରନ୍ତି)ସଃ ( ସେ) ଅମ୍ଭସା (ଜଳଦ୍ୱାରା) ପଦ୍ମପତ୍ର ଇବ ( ପଦ୍ମପତ୍ର ପରି) ନ ଲିପ୍ୟତେ ( ଲିପ୍ତ ହୁଅନ୍ତି ନାହିଁ ) ।*

**ଭାବାର୍ଥ :** ସମସ୍ତ ଯୋଗ ସାଧନାରେ କର୍ମ କରିବାକୁ ହିଁ ହେବ । ସାଧନ କର୍ମଯୋଗ ହେଉ ବା ସାଙ୍ଖ୍ୟଯୋଗ ହେଉ ଅଥବା ଭକ୍ତିମାର୍ଗ ହେଉ, କର୍ମ ଅନିବାର୍ଯ୍ୟ । ନିକମାପନ କୌଣସି ଦୃଷ୍ଟିରୁ ମଧ୍ୟ ଶାସ୍ତ୍ର ସମ୍ମତ ନୁହେଁ । କର୍ମ ଯେତେବେଳେ ଅକର୍ମ ହେବ , ତାହା ବନ୍ଧନକାରକ ହେବନାହିଁ । କର୍ମ ସହିତ ମନୁଷ୍ୟର ଦୁଇଟି ସମ୍ବନ୍ଧ ରହେ । ଗୋଟିଏ ହେଉଛି କର୍ତ୍ତାପନ , ଅନ୍ୟଟି ହେଉଛି ଫଳପ୍ରତି ଆଶା । କର୍ମର ଏହି ସମ୍ବନ୍ଧକୁ ନିଜଠାରୁ ଛିନ୍ନ କରିବାକୁ ହେଲେ, ସମ୍ବନ୍ଧକୁ ଅନ୍ୟ କାହା ସହିତ ଯୋଡିବାକୁ ହୁଏ । ଭୌତିକ ଜଗତର ସବୁକିଛି ବ୍ରହ୍ମର ପ୍ରକାଶ । ଈଶୋପନିଷଦରେ ମଧ୍ୟ ଏହା କୁହାଯାଇଛି "ସବୁକିଛି ପରମବ୍ରହ୍ମଙ୍କ ସହ ସମ୍ପୃକ୍ତ" । ଚେତନର ସତ୍ତା କାରଣରୁ ହିଁ, ଶରୀରରେ କର୍ମ ସମ୍ପାଦନ ସମ୍ଭବ ହୋଇଥାଏ। ଅତଏବ ବ୍ରହ୍ମ ହେଉଛି କର୍ମର ଅଧିଷ୍ଠାନ । ତେଣୁ ଶରୀରରେ ହେଉଥିବା କର୍ମକୁ ସେହି ପରମବ୍ରହ୍ମଙ୍କ ସହିତ ସମ୍ବନ୍ଧିତ କରିଦେବା ହେଉଛି କର୍ମ ସମର୍ପଣ । ବ୍ରହ୍ମରେ କର୍ମ ସମର୍ପଣ ପାଇଁ ଅହଂକୁ ଆତ୍ମାରେ ନିମଜ୍ଜିତ କରିବାକୁ ହୁଏ । "ମୁଁ କର୍ତ୍ତା" ଏହି ବୁଦ୍ଧି ତ୍ୟାଗକରି କର୍ମଫଳରେ ଆଶା ନ'ରଖିଲେ କର୍ମ ବ୍ରହ୍ମରେ ସ୍ଥାପିତ ହୋଇଥାଏ । ବ୍ରହ୍ମରେ କର୍ମ ସ୍ଥାପନ ଓ କର୍ମଫଳ ସମର୍ପଣ ଏକା କଥା । ବର୍ଣ୍ଣାଶ୍ରମ, ସ୍ୱଧର୍ମ,ଯୋଗ୍ୟତା,ପରିସ୍ଥିତି ଅନୁଯାଇ ଶାସ୍ତ୍ରବିଧିରେ ଫଳ ଆଶା ନ'ରଖି , ଅହନ୍ତା ମମତା ଶୂନ୍ୟହୋଇ ଭଗବତ୍ ଚିନ୍ତନରେ କର୍ତ୍ତବ୍ୟ କର୍ମ କରିବା ହେଉଛି "ବ୍ରହ୍ମଣ୍ୟାଧାୟ କର୍ମାଣି "। ବ୍ରହ୍ମରେ ସ୍ଥାପିତ କର୍ମର ଶୁଭ ଅଶୁଭ ପରିଣାମ ଅନୁଷ୍ଠାନକାରୀକୁ ଭୋଗିବାକୁ ହୁଏନାହିଁ । ପଦ୍ମପତ୍ର ପଙ୍କରୁ ସୃଷ୍ଟି ହୋଇ, ଜଳର ମଧ୍ୟରେ ଭାସି ରହିଥିଲେ ମଧ୍ୟ , ଜଳର ସିକ୍ତ କରିବା ଧର୍ମ ତାହାକୁ ସ୍ପର୍ଶ କରେନାହିଁ । ସେହିପରି କର୍ମ ଭଗବାନଙ୍କୁ ସମର୍ପଣ ହୋଇଗଲେ , କର୍ମର ଶୁଭାଶୁଭ ଫଳ ଅର୍ଥାତ୍ ପାପ-ପୂଣ୍ୟ ଦ୍ୱାରା ଅନୁଷ୍ଠାନକାରୀ ବାନ୍ଧି ହୁଏନାହିଁ । ପାପ କଣ ? ଭ୍ରମ ହେଉଛି ପାପର ଜନକ । "ମୁଁ" ଶରୀର ନୁହେଁ, ପରନ୍ତୁ ସ୍ୱୟଂ କୁ ଶରୀର ମାନିବା ହେଉଛି ପାପ । "ମୁଁ" କର୍ତ୍ତା ନୁହେଁ, ପରନ୍ତୁ ସ୍ୱୟଂ କୁ କର୍ତ୍ତା ମାନିବା

ପାପ । "ମୁଁ" ପରମାତ୍ମାଙ୍କ ଅଂଶ, ପରନ୍ତୁ ଏହାକୁ ନ'ମାନି ନିଜର ସ୍ୱତନ୍ତ୍ର ସତ୍ତା "ଅହମ୍" କୁ ଅନୁଗତ ହୋଇରହିବା ପାପ । ଯାହା ସତ୍ୟ ତାହାକୁ ମିଥ୍ୟା ବୁଝିନେବା, ଏବଂ ଯାହା ମିଥ୍ୟା ତାହାକୁ ସତ୍ୟ ବୁଝିବା , ଏହି ଅଜ୍ଞାନ ପାପ ଆଚରଣକୁ ପ୍ରବର୍ତ୍ତାଇ ଥାଏ । ସଂସାରରେ ଯାହା ଦୃଶ୍ୟମାନ ତାହା ବିନାଶଶୀଳ । ଆତ୍ମା ସ୍ୱରୂପ ନିତ୍ୟ ଓ ଶାଶ୍ୱତ । ବିନାଶଶୀଳ ସହିତ ଅବିନାଶୀ ସତ୍ତାର କେବେହେଲେ ସଂଯୋଗ ହୋଇପାରିବ ନାହିଁ । ସଂସାରରେ ଏହିପରି କୌଣସି ବସ୍ତୁ ନାହିଁ, ଯାହା ଯଥାବତ୍ ସ୍ୱରୂପ ସହିତ ଯୁକ୍ତ ହୋଇ ରହିଆସିଛି । ସଂସାରରେ କେତେ କଣ ଉତ୍ଥାନ ଓ ପତନ ଘଟିଛି । ଅନେକ ବଡ ବଡ ଚକ୍ରବର୍ତ୍ତୀ ସମ୍ରାଟ ଏହି ମର୍ତ୍ତ୍ୟକୁ ଆସିଛନ୍ତି, ଯାଇଛନ୍ତି । ମୋରବୋଲି ଜାବୁଡି ଧରିବସିଥିବା ବସ୍ତୁ କିମ୍ବା ଉପାଧି କେବେ କାହାରି ସାଥିରେ ଯାଇନାହିଁ । ଧନ, ପୁତ୍ର ,ସ୍ତ୍ରୀ, ମାନ, ବଡାଇ, ଉପାଧି ଏସବୁ ମନରେ ନିରନ୍ତର ଚିନ୍ତନରେ ରହି "ମୋର" ବୋଲି ଧାରଣା ସୃଷ୍ଟି କରିଥାନ୍ତି । ପ୍ରଥମତଃ ଭଗବାନଙ୍କ ପ୍ରତି ବିମୁଖ ହୋଇ ଅହନ୍ତା , ମମତା ଓ ଆସକ୍ତିର କାରଣରୁ କୌଣସି ବସ୍ତୁର ଅସଲ ସ୍ୱରୂପକୁ ବୁଝି ନ'ପାରିବା ହେଉଛି ଅଜ୍ଞାନ । ଦ୍ୱିତୀୟତଃ, ଅନିତ୍ୟକୁ ନିତ୍ୟ ମାନି, ଅସତ୍ କୁ ସତ୍ ମାନି ବିଷୟ ଜଗତ ପ୍ରତି ଯେଉଁ ରାଗ-ଦ୍ୱେଷ ଭାବ ରହେ, ତାହା ମନୁଷ୍ୟକୁ ପାପଚାରଣରେ ପ୍ରବୃତ୍ତ କରାଏ । ଯାହାର ଆତ୍ମା-ଅନାତ୍ମାର ତତ୍ତ୍ୱଜ୍ଞାନ ହୋଇଛି, ସେହି ତତ୍ତ୍ୱଜ୍ଞ ପୁରୁଷ ଆସକ୍ତି ରହିତ ହୋଇ ବ୍ରହ୍ମ ଅର୍ଥାତ୍ ଜଗନ୍ନିୟନ୍ତା ପରମେଶ୍ୱରଙ୍କ ଉପରେ କର୍ମର ସମସ୍ତ ଭାର ଛାଡିଦେଇଥାନ୍ତି । କର୍ମକୁ ଭଗବାନଙ୍କର ଆଜ୍ଞା ଏବଂ ପ୍ରେରଣା ବୋଲି ଗ୍ରହଣ କରି ,ଯେପରି କୌଣସି ଭୃତ୍ୟ ତାହାର ସ୍ୱାମୀର ଅଜ୍ଞାକୁ ପାଳନ କରିଥାଏ , ସେହି ମନଭାବ ରଖି କର୍ମ କରିଥାନ୍ତି। କର୍ମଯୋଗୀର କର୍ତ୍ତବ୍ୟ-ଅକର୍ତ୍ତବ୍ୟ ଜ୍ଞାନ ବୋଧ ହୋଇ ,ଫଳାଶା ନ'ରଖି ଅନାସକ୍ତ ଭାବରେ ଭଗବାନଙ୍କୁ ସଂପୂର୍ଣ୍ଣ ସମର୍ପିତ ହୋଇ କର୍ମ ଅନୁଷ୍ଠାନରେ ପାପ-ପୂଣ୍ୟ ଫଳ ତାହାଙ୍କୁ ସ୍ପର୍ଶ ହୋଇନ'ଥାଏ

**କାୟେନ ମନସା ବୁଦ୍ଧ୍ୟା କେବଳୈରିନ୍ଦ୍ରିୟୈରପି ।**
**ଯୋଗିନଃ କର୍ମ କୁର୍ବନ୍ତି ସଙ୍ଗଂ ତ୍ୟକ୍ତ୍ୱାତ୍ମଶୁଦ୍ଧୟେ ॥ ୧୧॥**

*ଅନ୍ୱୟ: ଯୋଗିନଃ ( କର୍ମଯୋଗୀ ମାନେ ) ସଙ୍ଗ ( ଫଳାସକ୍ତି ଓ କର୍ତ୍ତୃତ୍ୱାଭିମାନ ) ତ୍ୟକ୍ତ୍ୱା (ତ୍ୟାଗକରି) କେବଳୈଃ ( କେବଳ ମମତା ରହିତ) ଇନ୍ଦ୍ରିୟୈଃ ( ଇନ୍ଦ୍ରିୟଗଣ) କାୟେନ (ଶରୀର) ମନସା ବୁଦ୍ଧ୍ୟାଃ ( ମନ ବୁଦ୍ଧିଦ୍ୱାରା) ଆତ୍ମଶୁଦ୍ଧୟେ (ଅନ୍ତଃକରଣର ଶୁଦ୍ଧି ନିମନ୍ତେ ) କର୍ମ କୁର୍ବନ୍ତି ( କାର୍ଯ୍ୟ ମାତ୍ର କରିଥାନ୍ତି )*

**ଭାବାର୍ଥ :** କର୍ମଯୋଗୀ ମମତ୍ୱ ବୁଦ୍ଧିରହିତ ହୋଇ କେବଳ ଇନ୍ଦ୍ରିୟ,ମନ,ବୁଦ୍ଧି ଏବଂ ଶରୀର ଦ୍ୱାରା ଆସକ୍ତି ତ୍ୟାଗ କରି ଅନ୍ତଃକରଣର ଶୁଦ୍ଧି ପାଇଁ କର୍ମ କରିଥାନ୍ତି । ମନରେ ସଂକଳ୍ପ ହୋଇଥାଏ,ବୁଦ୍ଧିରେ ବିଚାର ହୋଇଥାଏ ଓ ଇନ୍ଦ୍ରିୟମାନଙ୍କରେ ଦେଖିବା, ଶୁଣିବା,ଆଦି କ୍ରିୟା ହୋଇଥାଏ । କର୍ମଯୋଗୀ ମମତ୍ୱଭାବ ନରଖି କେବଳ ଶରୀରରେ,କେବଳ ମନରେ, କେବଳ ବୁଦ୍ଧିରେ ଏବଂ କେବଳ ଇନ୍ଦ୍ରିୟମାନଙ୍କରେ କର୍ମ କରିଥାଏ । ଯୁକ୍ତ ପୁରୁଷଙ୍କ ଏହି ଜ୍ଞାନ ହୋଇଥାଏ ଯେ' କର୍ମର କୌଣସି ପ୍ରକାର ସମ୍ବନ୍ଧ ସ୍ୱରୂପ ସହିତ ନାହିଁ । ଆତ୍ମା ଅକର୍ତ୍ତା ରୂପରେ ନିତ୍ୟ ବିଦ୍ୟମାନ । "ମୁଁ କରୁଛି"ଏହିପ୍ରକାର କର୍ତ୍ତୃତ୍ୱାଭିମାନ ରହିନ'ଥାଏ । ଯାହାର ଆସକ୍ତି ନାହିଁ ତାର ବନ୍ଧନ ନାହିଁ । ଇନ୍ଦ୍ରିୟ,ମନ,ବୁଦ୍ଧି, ଦେହ ଆଦି ହେଉଛି ଆତ୍ମଭିମାନର ବିଷୟ ।

ଏ ସବୁରେ ଯାହା କିଛି ବ୍ୟାପାର ହୁଏ, ପ୍ରତ୍ୟେକଟିରେ ମମତ୍ୱ ବୁଦ୍ଧିକୁ ବର୍ଜନ କରିବାକୁ ହେବ । ବସ୍ତୁତଃ ପଦାର୍ଥ, ଶରୀର, ଇନ୍ଦ୍ରିୟମାନଙ୍କୁ "ମୁଁ- ମୋର" ବୋଲି ମାନିବା ଦ୍ୱାରା ସ୍ୱତଃ ଫଳଇଛା ଉତ୍ପନ୍ନ ହୁଏ । ଫଳାଶା ଓ କର୍ତ୍ତାପନ କାରଣରୁ ଅନ୍ତଃକରଣରେ ମଳିନତା ରହେ । ବିନାଫଳ ଉଦ୍ଦେଶ୍ୟ ଥାଇ, ଇଶ୍ୱର ଅର୍ପିତ ଶାସ୍ତ୍ରସମ୍ମତ କର୍ମ କରାଗଲେ,ସେଥିରେ ଅନ୍ତଃକରଣ ଶୁଦ୍ଧିହୁଏ । ଯୋଗୀଜନ ନିତ୍ୟ, ଶୁଦ୍ଧ, ବୁଦ୍ଧ ,ମୁକ୍ତ ଆତ୍ମାର ସାକ୍ଷାତ୍କାର ପାଇଁ ହେଉ ଅଥବା ଅନ୍ତଃକରଣର ଶୁଦ୍ଧ ନିମିତ୍ତ କର୍ମ କରିଥାନ୍ତି । କେତେକ ମତରେ କର୍ମ ଶୁଦ୍ଧହେଲେ ଅନ୍ତଃକରଣ ଶୁଦ୍ଧ ହୁଏ । ଆଉ କେତେକଙ୍କ ମତରେ ଭାବ ଶୁଦ୍ଧ ହେଲେ, ଅନ୍ତଃକରଣ ଶୁଦ୍ଧ ହୁଏ । ବେଦାନ୍ତିଙ୍କ ମତରେ ଶୁଦ୍ଧ ଚିନ୍ତନରେ ହିଁ ଅନ୍ତଃକରଣ ଶୁଦ୍ଧ ହୁଏ । ନିରନ୍ତର ପରମାତ୍ମା ତତ୍ତ୍ୱର ଚିନ୍ତନରେ ଅନ୍ତଃକରଣ ଧୀରେ ଧୀରେ ମାୟା,ପ୍ରକୃତି, ଅହଂ ଜନିତ ବିକାରରୁ ମୁକ୍ତ ହୋଇ, ଚିତ୍ତବୃତ୍ତି ଶାନ୍ତହୁଏ । ଯେବେ ଯୁକ୍ତ ପୁରୁଷଙ୍କର କର୍ମ ବ୍ରହ୍ମରେ ବିଲୀନ ହେବାର ଭଗବାନ ଆଗରୁ କହିଛନ୍ତି, ତା'ହେଲେ ଯୋଗଯୁକ୍ତ ପୁରୁଷଙ୍କ ଅନ୍ତଃକରଣ କଣ ଆତ୍ମଜ୍ଞାନ ପ୍ରାପ୍ତ ହେଲାପରେ ମଧ୍ୟ ଅଶୁଦ୍ଧି ରହିଥାଏ ? ଏହାର ସମାଧାନ ହେଲା, ଯୋଗଯୁକ୍ତ ପୁରୁଷ "ସର୍ବଭୂତାତ୍ମଭୂତାତ୍ମା" ଜ୍ଞାନତତ୍ତ୍ୱରେ ସ୍ଥିତ ଥାନ୍ତି । ସକଳ ପ୍ରାଣୀଙ୍କଠାରେ ନିଜର ଆତ୍ମାର ବ୍ୟାପକ ଦେଖିଥାନ୍ତି । ସେ ସକଳପ୍ରାଣୀଙ୍କ ଅନ୍ତଃକରଣ ଶୁଦ୍ଧି ଓ ଜୀବାତ୍ମାର ଉଦ୍ଧାର ପାଇଁ ମାର୍ଗ ଦେଖାଇବା ଉଦ୍ଦେଶ୍ୟରେ କ୍ରିୟା କରିଥାନ୍ତି । ବାହାରକୁ ସେ ସକ୍ରିୟ ଦେଖାଯାଉଥିଲେ ମଧ୍ୟ, ଅନ୍ତରରେ ସ୍ଥିର ନିଶ୍ଚଳ ହୋଇ ଆତ୍ମାରେ ସ୍ଥିତ ଥାନ୍ତି। ଅଗ୍ନିରେ ଦଗ୍ଧ ହୋଇ ପାଉଁଶ ହୋଇଯାଇଥିବା ରଜ୍ଜୁର କେବଳ ଆକାରର ହିଁ ଶେଷ ରହିଥାଏ । ଯେଉଁଥିରେ ବାନ୍ଧିବା କାର୍ଯ୍ୟ ହୋଇନ'ଥାଏ। ସେହିପରି ଜୀବନାମୁକ୍ତ ପୁରୁଷଙ୍କ ଦ୍ୱାରା ଲୋକ ସଂଗ୍ରହାର୍ଥେ ଅନୁଷ୍ଠାନ ହୋଇଥିବା ସମସ୍ତ କର୍ମ ଦଗ୍ଧ ହୋଇଯାଇଥିବା ରଜ୍ଜୁ ସଦୃଶ । ପରିନିଷ୍ଠିତ କର୍ମଯୋଗୀର ଅନ୍ତଃକରଣ ଶୁଦ୍ଧ ହୋଇସାରିଛି । ସେ କେବଳ ସଂସାର ଚକ୍ର ପରିଚାଳନ, ଲୋକସଂଗ୍ରହ ଏବଂ ଇଶ୍ୱର ଅଜ୍ଞା ମାନି ନିର୍ଲିପ୍ତ ରହି କର୍ମ କରିଥାନ୍ତି ।

**ଯୁକ୍ତଃ କର୍ମଫଳଂ ତ୍ୟକ୍ତ୍ୱା ଶାନ୍ତିମାପ୍ନୋତି ନୈଷ୍ଠିକୀମ୍ ।**

**ଅଯୁକ୍ତଃ କାମ କାରେଣ ଫଳେ ସକ୍ତୋ ନିବଧ୍ୟତେ ॥୧୨॥**

*ଅନ୍ୱୟ : ଯୁକ୍ତଃ (କର୍ମଯୋଗୀ ) କର୍ମଫଳମ୍ (କର୍ମଫଳ) ତ୍ୟକ୍ତ୍ୱା ( ତ୍ୟାଗକରି ) ନୈଷ୍ଠିକୀମ୍ (ନୈଷ୍ଠିକୀ ) ଶାନ୍ତିମ୍ ( ଶାନ୍ତି) ଆପ୍ନୋତି ( ପ୍ରାପ୍ତ ହୁଏ ) ଅଯୁକ୍ତଃ ( କିନ୍ତୁ ସକାମ ମନୁଷ୍ୟ ) କାମକାରେଣ ( କାମନା ହେତୁ ) ଫଳେ ( ଫଳରେ ) ସକ୍ତଃ (ଆସକ୍ତ ହୋଇ ) ନିବଧ୍ୟତେ (ବାନ୍ଧି ହୋଇଯାଏ ) ।*

**ଭାବାର୍ଥ :** ଭଗବାନ ଏହି ଶ୍ଳୋକରେ କର୍ମର ସମ୍ବନ୍ଧ ଅନୁଯାଇ କର୍ମ କିପରି ବନ୍ଧନ ଆଉ ମୁକ୍ତିର କାରଣ ହୋଇଥାଏ, ତାହା କହିଛନ୍ତି । କର୍ମଯୋଗୀ କର୍ମଫଳ ଇଚ୍ଛାକୁ ତ୍ୟାଗକରି ଏକନିଷ୍ଠଭାବରେ ଲୋକହିତାର୍ଥେ କର୍ମକରିବାରେ ଅତ୍ୟନ୍ତିକୀ ଶାନ୍ତି ଓ ମୁକ୍ତି ପ୍ରାପ୍ତ ହୁଅନ୍ତି । କିନ୍ତୁ ଅଯୁକ୍ତ ଅର୍ଥାତ୍ ସକାମ ବ୍ୟକ୍ତି ଭୋଗବୁଦ୍ଧିରେ ବାସନା ପୂର୍ତ୍ତି ନିମିତ୍ତ କର୍ମରେ ପ୍ରବୃତ୍ତ ରହି ଜନ୍ମ-ମରଣ ଚକ୍ରରେ ଘୁରି ବୁଲୁଥାନ୍ତି । କର୍ମଯୋଗ ପ୍ରକାରେ କର୍ମ ଅନୁଷ୍ଠାନ କରିବାରେ ଶୀଘ୍ର ହେଉ ବା ବିଳମ୍ବରେ ହେଉ , ଜ୍ଞାନ ନିଷ୍ଠା ପ୍ରାପ୍ତ ହୋଇ କେବେ ନା' କେବେ ମୁକ୍ତି ମିଳିବ ହିଁ ମିଳିବ । ଯେ ସର୍ବଥା " ମୁଁ କର୍ତ୍ତା"- "ମୁଁ ଭୋଗ କରୁଛି" ଏହିପରି ଭାବରେ ନିଜେ ନିଜ ଉପରେ କର୍ମର ସମସ୍ତ ଭାରକୁ ବହନ କରିଥାଏ ଏବଂ ଲୌକିକ- ପରଲୌକିକ ଫଳ ପ୍ରାପ୍ତିର

ଇଚ୍ଛାରେ କର୍ମ କରେ , ସେ ସବୁବେଳେ ବନ୍ଧନରେ ପଡିଥାଏ । ପଦାର୍ଥ ଓ ବ୍ୟକ୍ତି ସହିତ ସଙ୍ଗ, କାମନା, ମମତା,ଆସକ୍ତି,ପୂର୍ବକ ସ୍ୱୀକୃତ ସମ୍ବନ୍ଧ ହିଁ ଜନ୍ମ-ମରଣ ରୂପକ ବନ୍ଧନର କାରଣ । ସେ ହେଉଛନ୍ତି ଯୋଗଯୁକ୍ତ ପୁରୁଷ , ଯିଏ ଯୋଗର ପରିଣାମକୁ ପ୍ରାପ୍ତ କରି ସକଳ ଜୀବାତ୍ମାର ମୂଳ ପରମାତ୍ମାରେ ସ୍ଥିତ ରହିଥାନ୍ତି । ସ୍ୱୟଂକୁ ପରମାତ୍ମା ଠାରୁ ଅଭିନ୍ନ ବିଚାରରେ ସମସ୍ତ କର୍ମର ଫଳାଇଚ୍ଛାକୁ ତ୍ୟାଗ କରି ଶାନ୍ତିର ଅନ୍ତିମ ଅବସ୍ଥାକୁ ପ୍ରାପ୍ତ ହୋଇଥାନ୍ତି। ଅଯୁକ୍ତ ଅର୍ଥାତ୍ ଯେ ପରମାତ୍ମା ପ୍ରାପ୍ତିର ଫଳ ଉପରେ ଦୃଷ୍ଟି ରଖି ସାଧନାରତ,ସେ ମଧ୍ୟ କର୍ମଫଳରେ ବାନ୍ଧି ହୋଇଥାନ୍ତି । ଏହାଦ୍ୱାରା ବର୍ତ୍ତମାନର ସାଧନ ଠିକ୍ ହୋଇ ନ'ଥାଏ । ସ୍ୱୟଂକୁ ପରମାତ୍ମାଙ୍କଠାରୁ ଭିନ୍ନ ବୋଧ ହେଉଥିବା ପର୍ଯ୍ୟନ୍ତ ମାୟାର ପ୍ରାଧାନ୍ୟ ରହିଛି ବୋଲି ବୁଝିବାକୁ ହେବ । ସାଧକ ଆଗକୁତ ତତ୍ତ୍ୱଜ୍ଞାନ ପ୍ରାପ୍ତହେବ, କିନ୍ତୁ ଏବେ ମଧ୍ୟ ସାଧକ ଅଜ୍ଞାନୀ । ଅତଏବ ପୂର୍ତ୍ତି ପର୍ଯ୍ୟନ୍ତ ସାଧକକୁ ସାବଧାନ ରହିବାକୁ ହେବ। କର୍ତ୍ତା ପୂର୍ଣ୍ଣ ନିଷ୍କାମ ହେଲେ , କର୍ମଫଳର ଇଚ୍ଛା ସ୍ୱତଃ ପରିତ୍ୟାଗ ହୋଇଯାଏ । କର୍ମ ନିଷ୍କାମ ଭାବରେ ଲୋକହିତାର୍ଥେ କଲେ ଜଡତାରୁ ସର୍ବଥା ସମ୍ବନ୍ଧ ଛିନ୍ନ ହୋଇ ନିତ୍ୟପ୍ରାପ୍ତ ପରମାତ୍ମା ତତ୍ତ୍ୱକୁ ଅନୁଭବ ହୁଏ । ନାଶବାନ ବିଷୟରୁ ସମ୍ବନ୍ଧର ବିଚ୍ଛେଦ ହୋଇଗଲାପରେ ସାତ୍ତ୍ୱିକ ଶାନ୍ତି ମିଳିଥାଏ । ମନ ଯେତେବେଳେ ସଂପୂର୍ଣ୍ଣ ଭାବରେ ସଂକଳ୍ପ ଓ ବିକଳ୍ପ ରହିତ ହୋଇ ସମସ୍ତ ଚିତ୍ତବୃତ୍ତି ଶାନ୍ତ ହୋଇଯାଏ, ସେତେବେଳେ ଅନ୍ତଃକରଣରେ ଯେଉଁ ଅଖଣ୍ଡ ଆନନ୍ଦ ଅନୁଭବ ହୁଏ, ତାହା ହେଉଛି ନୈଷ୍ଠିକୀ ଶାନ୍ତି । ଯାହାର ଆଗକୁ ଆଉ କୌଣସି ଶାନ୍ତିର ଶେଷ ରହିନ'ଥାଏ । ଥରେ ଏହି ଶାନ୍ତି ପ୍ରାପ୍ତହେଲେ ତାହା ବିନଷ୍ଟ ହୋଇନ'ଥାଏ । "ନୈଷ୍ଠିକୀମ୍" ପଦରେ ଶାନ୍ତିର ସ୍ଥାୟିତ୍ୱକୁ ନିର୍ଦ୍ଦେଶ କରାଯାଇଛି । ଶ୍ରୀରାମାନୁଚାର୍ଯ୍ୟଙ୍କ ମତରେ ,ଆତ୍ମନୁଭବ ହେଉଛି ନୈଷ୍ଠିକୀ ଶାନ୍ତି ଯାହା ପ୍ରାପ୍ତହେବା କର୍ମଯୋଗ ସାଧନର ଚରମ ଫଳ ସଦୃଶ ।

**ସର୍ବକର୍ମାଣି ମନସା ସନ୍ନ୍ୟସ୍ୟାସ୍ତେ ସୁଖଂ ବଶୀ ।**
**ନବଦ୍ୱାରେ ପୁରେ ଦେହୀ ନୈବ କୁର୍ବନ୍ନ କାରୟନ୍ ॥ ୧୩॥**

*ଅନ୍ୱୟ: ବଶୀ ( ସଂଯମଚିତ୍ତ ) ଦେହୀ ( ପୁରୁଷ) ମନସା ( ବିବେକଯୁକ୍ତ ମନଦ୍ୱାରା ) ସର୍ବକର୍ମାଣି (ସମସ୍ତ କର୍ମ ଯଥା:ନିତ୍ୟ,ନୈମିତ୍ତିକ,କାମ୍ୟ ଏବଂ ନିଷିଦ୍ଧ କର୍ମ ସମୂହ) ସନ୍ନ୍ୟସ୍ୟ (ତ୍ୟାଗକରି) ନବଦ୍ୱାରେ ପୁରେ ( ନଗୋଟି ଦ୍ୱାରଯୁକ୍ତ ଶରୀର ଭିତରେ ) ନ ଏବ କୁର୍ବନ୍ ( ଅହଂ ବୁଦ୍ଧିଯୁକ୍ତ ହୋଇ କିଛି ନ'କରି) ନ କାରୟନ୍ (ଅନ୍ୟ ଦ୍ୱାରା କିଛି ନ'କରାଇ ) ସୁଖଂ( ପ୍ରସନ୍ନ ଚିତ୍ତରେ ) ଆସ୍ତେ (ନିଜ ସ୍ୱରୂପରେ ଅବସ୍ଥାନ କରନ୍ତି )।*

**ଭାବାର୍ଥ:** ସଂଯମଚିତ୍ତ ପୁରୁଷ ଅର୍ଥାତ୍ ସାଙ୍ଖ୍ୟଯୋଗୀ ବିବେକଜ୍ଞାନ ଯୁକ୍ତ ହୋଇ ନିତ୍ୟ, ନୈମିତ୍ତିକ, କାମ୍ୟ ଏବଂ ନିଷିଦ୍ଧ କର୍ମ ସମୂହର ସମ୍ବନ୍ଧକୁ ମାନସିକ ସ୍ତରରେ ତ୍ୟାଗକରିଥାନ୍ତି । କର୍ତ୍ତାପନ ବୁଦ୍ଧିରେ କୌଣସି କର୍ମ ନ'କରି ବା ଅନ୍ୟ କାହାଦ୍ୱାରା ନ'କରାଇ, ନବଦ୍ୱାର ଯୁକ୍ତ ଶରୀର ଭିତରେ ପ୍ରସନ୍ନ ଚିତ୍ତରେ ନିଜ ଆତ୍ମସ୍ୱରୂରେ ସ୍ଥିତ ହୋଇ ରହିଥାନ୍ତି । ଯେ ସଂପୂର୍ଣ୍ଣ ରୂପରେ ସ୍ୱ-ବଶ ଏବଂ ଶରୀର,ମନ,ବୁଦ୍ଧି ଏବଂ ପ୍ରକୃତିର ଅତୀତ ହୋଇଛନ୍ତି, ସେ ହେଉଛନ୍ତି "ବଶୀ" । ସାଙ୍ଖ୍ୟଯୋଗୀ ନିଜକୁ କର୍ତ୍ତା ନ'ମାନି ଶରୀରକୁ କର୍ତ୍ତା ମାନିଥାନ୍ତି । ଅନ୍ୟ ପକ୍ଷରେ ଅଜ୍ଞାନୀ ଜନ ଶରୀରକୁ ନିଜ ସ୍ୱରୂପ ବୋଲି ମନେକରି "ମୁଁ" ଘରେ ରହିଛି, "ମୁଁ" ଶେଯରେ ଶୋଇଛି, ଏହି ପ୍ରକାର ଶବ୍ଦ ବ୍ୟବହାର କରିଥାନ୍ତି । ସାଙ୍ଖ୍ୟଯୋଗୀ କର୍ମଫଳ କାରଣରୁ ପ୍ରାପ୍ତ ହୋଇଥିବା ଏହି ଶରୀରକୁ ଆତ୍ମାର ନିବାସ ସ୍ଥଳି ବୋଲି ଗ୍ରହଣ କରିଥାଏ । ପ୍ରାପ୍ତ ହୋଇଥିବା ଶରୀର ପ୍ରାରବ୍ଧର ଭୋଗ

ସମାପ୍ତି ପର୍ଯ୍ୟନ୍ତ ରହେ । ସାଙ୍ଖ୍ୟଯୋଗୀକୁ ନିରନ୍ତର ନିଜ ସ୍ୱରୂପରେ ସ୍ୱାଭାବିକ ସ୍ଥିତିର ଅନୁଭବ ହେଉଥାଏ ।ସ୍ୱରୂପ ସର୍ବଦା ଆନନ୍ଦ ମୟ । ସେହି ଆନନ୍ଦ ଅଖଣ୍ଡ,ଏକରସ ଓ ଅସୀମ । ଆତ୍ମାର ସମ୍ମୁଖୀନ ହେବାରେ ଅନ୍ତଃକରଣ, ଇନ୍ଦ୍ରିୟ ଆଦି ଚେତନର ଆଭାସ ପ୍ରାପ୍ତ ହୋଇଥାନ୍ତି। ଏହି ଚେତନ ପ୍ରଭା ବା ଆଭାସକୁ ବେଦାନ୍ତ ଶାସ୍ତ୍ରରେ ଚିଦାଭାସ କୁହାଯାଇଛି । ଚେତନ ତତ୍ତ୍ୱର ଚିଦାଭାସରେ ହିଁ ଶରୀର , ଇନ୍ଦ୍ରିୟ,ମନ,ବୁଦ୍ଧି ଆଦି କର୍ମ କରିବାକୁ ସକ୍ଷମ ହୋଇଥାନ୍ତି । ଅତଏବ ଚେତନ କେବେ କୌଣସି କ୍ରିୟାର କର୍ତ୍ତା କିମ୍ବା ପ୍ରେରକ ହୋଇନ'ଥାଏ । ଏହି ପ୍ରକାରେ ଜ୍ଞାନୀ ପୁରୁଷ ନିଜେ ନିଜକୁ କର୍ତ୍ତା କିମ୍ବା କାରୟିତା କିଛି ମଧ୍ୟ ମାନି ନ'ଥାଏ ।

**ନ କର୍ତ୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ ।**
**ନ କର୍ମଫଳସଂଯୋଗଂ ସ୍ୱଭାବସ୍ତୁ ପ୍ରବର୍ତ୍ତତେ ॥ ୧୪॥**

*ଅନ୍ୱୟ: ପ୍ରଭୁଃ( (ପରମେଶ୍ୱର) ଲୋକସ୍ୟ ( ଜୀବର) କର୍ତ୍ତୃତ୍ୱଂ ( (କର୍ତ୍ତୃତ୍ୱ ) ନ ସୃଜତି ( ସୃଷ୍ଟି କରିନାହାନ୍ତି) ନ କର୍ମାଣି ( କର୍ମ ସମୂହର ମଧ୍ୟ ସୃଷ୍ଟି କରିନାହାନ୍ତି ) ନ କର୍ମଫଳ ସଂଯୋଗଂ ( କର୍ମଫଳର ସଂଯୋଗ କରନ୍ତି ନାହିଁ) ତୁ (କିନ୍ତୁ) ସ୍ୱଭାବଃ (ସ୍ୱଭାବ କାରଣରୁ ହିଁ ପ୍ରବର୍ତ୍ତତେ( ପ୍ରବୃତ୍ତ ହେଉଛି )*

**ଭାବାର୍ଥ :** ପରମାତ୍ମା ପରମେଶ୍ୱର ପ୍ରାରମ୍ଭରୁ କର୍ମବିଧାନ କରି କର୍ତ୍ତା ରୂପରେ ଜୀବକୁ ସଂସାରରେ ସୃଷ୍ଟି କରିନାହାନ୍ତି । ଜୀବର କର୍ମଫଳକୁ ଭୋଗ କରିବା ପାଇଁ ମଧ, ପରମେଶ୍ୱର ସଂଯୋଗ କରିନ'ଥାନ୍ତି । କର୍ତ୍ତାରୂପରେ କର୍ମର ଅଧିଷ୍ଠାନ, କର୍ମଫଳର ଭୋଗ ଏ ସମସ୍ତ ଶରୀରରେ ସ୍ୱଭାବର କାରଣରୁ ହୋଇଥାଏ । ପରମାତ୍ମା ହେଉଛନ୍ତି ନିଷ୍କ୍ରିୟ । ପ୍ରକୃତି ପରମେଶ୍ୱରଙ୍କ ଶକ୍ତିରୁପରେ ସୃଷ୍ଟିର ସର୍ଜନା, ସ୍ଥିତି,ପ୍ରଳୟ ରଚନା କରି ଆସୁଛି । ସେହି ପ୍ରକୃତି ହିଁ ଜୀବର ଶରୀର ଭିତରେ ପରମାତ୍ମାଙ୍କ ସତ୍ତାର ଉପରେ ଅନ୍ତଃକରଣରେ କର୍ତ୍ତୃତ୍ୱ,କର୍ମ, ଓ କର୍ମଫଳଭୋଗର କାର୍ଯ୍ୟଧାରା ଚଳାଇ ଆସିଛି । ଏଠାରେ "ପ୍ରଭୁଃ" ଶବ୍ଦର ଅର୍ଥ ସକଳ ଜୀବର ଶରୀରରେ ଅଧିଷ୍ଠିତ "ଜୀବାତ୍ମାକୁ " ଲକ୍ଷ୍ୟ କରି କୁହାଯାଇଛି । ମନୁଷ୍ୟ ଦ୍ୱାରା କର୍ମର ଅନୁଷ୍ଠାନ , କର୍ମରେ କର୍ତ୍ତୃତ୍ୱର ସମ୍ବନ୍ଧ , ଏବଂ କର୍ମଫଳର ଭୋଗ ଆତ୍ମ ସ୍ୱରୂପରେ ହୋଇନ'ଥାଏ କି' ଆତ୍ମାର ପ୍ରେରଣାରେ ହୋଇନ'ଥାଏ । ଜୀବାତ୍ମା ନା' କର୍ତ୍ତା, ନା' କାରୟିତା, ନା' ଭୋକ୍ତା , ନା' ଭୋଜୟିତା ।ଏହା ସର୍ବଥା ନିର୍ଲିପ୍ତ । କର୍ମରେ କର୍ତ୍ତାପନ ଭାବ ଭଗବାନଙ୍କର ସୃଷ୍ଟି ନୁହେଁ । ଅଜ୍ଞାନୀ ଅହଙ୍କାରର ବଶ ହୋଇ ନିଜକୁ କର୍ତ୍ତା ମନେ କରିଥାଏ । ବ୍ୟକ୍ତି, ପଦାର୍ଥ ଆଦି କର୍ମ ସାମଗ୍ରୀ ସହିତ ମଧ ଜୀବାତ୍ମାର କୌଣସି ସମ୍ପର୍କ ନାହିଁ । ମନୁଷ୍ୟ କର୍ମ କରିବାରେ ସଂପୂର୍ଣ୍ଣ ସ୍ୱତନ୍ତ୍ର । ପ୍ରତ୍ୟେକ ଜୀବ ନିଜ ନିଜ କର୍ମ ଅନୁସାରେ ଶରୀର ପ୍ରାପ୍ତ ହୋଇଥାନ୍ତି । ବସ୍ତୁତଃ ମନୁଷ୍ୟ ଯେପରି ନିଜ ସ୍ୱଭାବ ଜନିତ ଶୁଭ-ଅଶୁଭ କର୍ମଫଳ ଭୋଗ କରିପାରିବ, ଭଗବଦ୍ ପ୍ରେରଣାରୁ ଶରୀର , ବୁଦ୍ଧି, ଓ ପରିସ୍ଥିତି ସେହିଭଳି ତାହାକୁ ପ୍ରାପ୍ତ ହୋଇଥାଏ । ଭିନ୍ନ ଭିନ୍ନ ଶରୀରଧାରୀ ପ୍ରାଣିମାନଙ୍କର ଭିନ୍ନ ଭିନ୍ନ ସ୍ୱଭାବ ହୋଇଥାଏ । ସେହିପରି ସଂସ୍କାର ଅନୁଯାୟୀ ପ୍ରତ୍ୟେକ ମନୁଷ୍ୟର ଗୁଣ, ପ୍ରବୃତ୍ତି ଅଲଗା ଅଲଗା ହୋଇଥାଏ । କର୍ମସଂସ୍କାରର ଭିନ୍ନତା କାରଣରୁ ମନୁଷ୍ୟର ମନ ଭିତରେ ନିଜର ସ୍ୱଭାବ ଅନୁସାରେ ସଂକଳ୍ପ ବିକଳ୍ପ ଜାତ ହୁଏ । ବୁଦ୍ଧି ନିଜର ସ୍ୱଭାବ ଅନୁସାରେ ସତ୍-ଅସତ୍ ର ବିବେଚନା କରିଥାଏ ।

ଅହଂକାର ନିଜ ସ୍ୱଭାବ ଅନୁଯାୟୀ ଜୀବାତ୍ମା ଉପରେ ନିଜ କର୍ତ୍ତୃତ୍ୱକୁ ଆରୋପିତ କରିଥାଏ । ଇନ୍ଦ୍ରିୟମାନେ ନିଜ ନିଜ ସ୍ୱଭାବ ଅନୁସାରେ ଶ୍ରବଣ,ଦର୍ଶନ, ଆଦି କ୍ରିୟା କରିଥାନ୍ତି । ଅତଏବ , ସଂସାରରେ ସମସ୍ତ କ୍ରିୟା ଜୀବର ସ୍ୱଭାବ ଜନିତ କାରଣରୁ ହୋଇଥାଏ । ଜନ୍ମ ଜନ୍ମ ଧରି ଶୁଭ ଅଶୁଭ କର୍ମସଂସ୍କାର ବର୍ତ୍ତମାନ ଜନ୍ମରେ ସ୍ୱଭାବ ବା ପ୍ରାରବ୍ଧ ରୂପରେ ପ୍ରକଟିତ ହୁଏ । ଏହି ସଂସ୍କାର ହିଁ କର୍ମବୀଜ, ଯାହା ସତ୍ ,ରଜୋ ,ତମ ଗୁଣ ବିଶିଷ୍ଟ । କେଉଁ ଅବିସ୍ମରଣୀୟ କାଳରୁ ଜୀବର କର୍ମ ପ୍ରବୃତ୍ତି ସଂସାର ପ୍ରବାହ ରୂପରେ ଚାଲି ଆସିଛି । ଅନେକ ଜନ୍ମପରେ ଏହି କର୍ମର କ୍ଷୟଘଟି ଜୀବ ମୁକ୍ତି ପ୍ରାପ୍ତହୁଏ । ଭଗବାନ କର୍ମଫଳ ସହିତ ମନୁଷ୍ୟକୁ ସମ୍ବନ୍ଧିତ କରାଇ ନ'ଥାନ୍ତି । କର୍ମଫଳ ସହିତ ସମ୍ବନ୍ଧିତ ହେବା, ନ'ହେବାରେ ମନୁଷ୍ୟ ସଂପୂର୍ଣ୍ଣ ସ୍ୱତନ୍ତ୍ର । ଯଦି ଭଗବାନ କର୍ମଫଳ ସହିତ ସମ୍ବନ୍ଧିତ କରାଉଥାନ୍ତେ, ତା'ହେଲେ ଜୀବ ନିଜକୁ କର୍ମଫଳରୁ ମୁକ୍ତ ରଖିବାରେ ସକ୍ଷମ ହୋଇପାରନ୍ତା ନାହିଁ । ଜୀବାତ୍ମା ଅବିଦ୍ୟାର ବଶ ହୋଇ , ନିଜକୁ ଜଡ ଶରୀର ବୋଲି ବୋଧକରି ଭୋଗ ବୁଦ୍ଧିରେ ସ୍ୱୟଂକୁ କର୍ତ୍ତା ମାନି କର୍ମଫଳ ସହିତ ସମ୍ବନ୍ଧ କରେ । ଏହାଦ୍ୱାରା ସୁଖ-ଦୁଃଖ ଅନୁଭବ କରେ ।

**ନାଦତ୍ତେ କଶ୍ୟଚିତ୍ ପାପଂ ନଚୈବ ସୁକୃତଂ ବିଭୁଃ ।**
**ଅଜ୍ଞାନେନାବୃତଂ ଜ୍ଞାନଂ ତେନ ମୁହ୍ୟନ୍ତି ଜନ୍ତବଃ ॥ ୧୫॥**

*ଅନ୍ୱୟ: ବିଭୁଃ ( ପରିପୂର୍ଣ୍ଣ ସର୍ବବ୍ୟାପୀ ପରମାତ୍ମା ) କସ୍ୟଚିତ (କାହାରି ) ପାପମ୍ (ପାପ କର୍ମକୁ ) ସୁକୃତଂ ଚ ଏବ ( ପୂଣ୍ୟ କର୍ମକୁ ମଧ ) ନ ଆଦତ୍ତେ ( ଗ୍ରହଣ କରନ୍ତି ନାହିଁ ) ଅଜ୍ଞାନେନ ( ଅଜ୍ଞାନ ଦ୍ୱାରା ) ଜ୍ଞାନଂ ( "ସର୍ବତ୍ର ସମ ପରମେଶ୍ୱର"- ପରମାତ୍ମା ତତ୍ତ୍ୱ ଜ୍ଞାନ ) ଆବୃତମ୍ (ଆଚ୍ଛାଦିତ ହୋଇ ରହିଥିବାରୁ ) ତେନ (ସେଥିପାଇଁ) ଜନ୍ତବଃ (ଜୀବଗଣ) ମୁହ୍ୟନ୍ତି (ମୋହଗ୍ରସ୍ତ ହୁଅନ୍ତି ଅର୍ଥାତ୍ ସ୍ୱରୂପର ଜ୍ଞାନକୁ ଭୁଲି ଅସଙ୍ଗ ଆତ୍ମାକୁ ସଂସାରି ବୋଲି ମନେକରନ୍ତି ) ।*

**ଭାବାର୍ଥ :** ପରମାତ୍ମା ପରମେଶ୍ୱର ହେଉଛନ୍ତି ଅନନ୍ତ ଜ୍ଞାନ, ଧନ, ବଳ, ଯଶ, ସୌନ୍ଦର୍ଯ୍ୟ ଏବଂ ତ୍ୟାଗର ଅଧିକାରୀ । ସେ ସର୍ବଦା ଆତ୍ମାରେ ରମଣ କରନ୍ତି । ସେ ସ୍ୱୟଂ ସର୍ବବ୍ୟାପକ ଏବଂ ପରିପୂର୍ଣ୍ଣ । ନିଜକୁ "ବିଭୁଃ" କହି ଭଗବାନ ସକଳ ପ୍ରାଣୀଙ୍କଠି ପରିବ୍ୟାପ୍ତ ହୋଇ ରହିଥିବା ସେହି ପରମାତ୍ମା ଏବଂ ନିଜ ଇଚ୍ଛାରେ ଜଗତକୁ ସଂଚାଳନ କରୁଥିବା ସର୍ବ ଶକ୍ତିମାନ ସଗୁଣ ନିରାକାର ସେହି ପରମବ୍ରହ୍ମଙ୍କୁ ସୂଚିତ କରିଛନ୍ତି । ସାରା ବିଶ୍ୱ ସଗୁଣ ପରମେଶ୍ୱରଙ୍କ ସ୍ୱରୂପ । ସଗୁଣ ଭାବରେ ଜୀବର ପରମଗତି, କର୍ମଫଳ ଦାତା ହେଉଛନ୍ତି ଇଶ୍ୱର । ପରମେଶ୍ୱର, ଦେବତା ରୂପରେ ସମସ୍ତ ଯଜ୍ଞର ପ୍ରଭୁ ଏବଂ ଭୋକ୍ତା ହେଲେମଧ ସର୍ବଥା କର୍ମ ଓ କର୍ମଫଳରୁ ସମ୍ବନ୍ଧ ରହିତ । ଏହାକୁ ସ୍ପଷ୍ଟ କରିବାଲାଗି ଭଗବାନ ଏଠାରେ କହିଛନ୍ତି ଯେ' ସେ କାହାର ପାପ-ପୂଣ୍ୟ ଗ୍ରହଣ କରନ୍ତି ନାହିଁ । ମନୁଷ୍ୟ,ଦେବତା ଆଦି ରୂପରେ ସମସ୍ତ ଯଜ୍ଞର ଭୋକ୍ତା ତଥା ଭକ୍ତଦ୍ୱାରା ଅର୍ପଣ କରାଯାଉଥିବା ବସ୍ତୁ ଓ କ୍ରିୟାକୁ ସ୍ୱୀକାର କଲେମଧ,ଭଗବାନ ଅସଙ୍ଗ । ଯେପରି ମର୍ତ୍ତ୍ୟଲୋକରେ ଜନ୍ମ ହୋଇ ସେ ଅଜନ୍ମା ,ସୃଷ୍ଟି ଆଦି ରଚନା କରି ମଧ ସେ ଅକର୍ତ୍ତା,ପ୍ରତ୍ୟେକ ଜୀବ ହୃଦୟରେ ନିବାସ କରି ମଧ ସେ ଅବିଭକ୍ତ । ଅନାଦି ସିଦ୍ଧ ଅଜ୍ଞାନ ଦ୍ୱାରା ଜ୍ଞାନ ଆଚ୍ଛାଦିତ ହୋଇ ରହିବାରେ ମନୁଷ୍ୟ ଆତ୍ମା-ପରମାତ୍ମା ତତ୍ତ୍ୱ ତଥା କର୍ମତତ୍ତ୍ୱକୁ ଜାଣିପାରେ ନାହିଁ । ନିଜ ସ୍ୱରୂପରେ ଏବଂ ଭଗବାନଙ୍କ ଠାରେ କର୍ତ୍ତା,କର୍ମ, କର୍ମଫଳର ସମ୍ବନ୍ଧର କଳ୍ପନା କରି ମୋହିତହୁଏ ।

ପରମାତ୍ମାଙ୍କ ସତ୍ତାରୁ ଶକ୍ତି ପ୍ରାପ୍ତ ହୋଇ , ପ୍ରକୃତି ଗୁଣ ଆଦି ଦ୍ୱାରା ସଂସାର ଓ ଜୀବର ଶରୀରରେ ସମସ୍ତ କ୍ରିୟା ଅଧିଷ୍ଠାନ ହୋଇଥାଏ। ଶରୀରାଦିରେ ହେଉଥିବା ପାପ-ପୂଣ୍ୟ, ଶୁଭ-ଅଶୁଭ କର୍ମ ସହିତ ପରମାତ୍ମାଙ୍କ କିଞ୍ଚିତ୍ ମାତ୍ର ସମ୍ବନ୍ଧ ନାହିଁ । ମନୁଷ୍ୟର ନିଜକୁ କର୍ମ ଓ କର୍ମଫଳ ସହିତ ସମ୍ବନ୍ଧିତ କରିବାରେ ସଂପୂର୍ଣ୍ଣ ସ୍ୱତନ୍ତ୍ରତା ରହିଛି । ଅସ୍ୱାଭାବିକତାକୁ ସ୍ୱାଭାବିକ ରୂପରେ ସ୍ୱୀକାର କରିବା ହିଁ ଅଜ୍ଞାନ । ଅଜ୍ଞାନ ଦ୍ୱାରା ମୋହିତ ହୋଇ ମନୁଷ୍ୟ ଶରୀର ଦ୍ୱାରା ହେଉଥିବା କର୍ମର କର୍ତ୍ତା ମାନିଥାଏ । କର୍ମଫଳର ହେତୁ ହୋଇ ସୁଖୀ-ଦୁଃଖୀ ହୁଏ ଏବଂ କର୍ମର ପରିଣାମକୁ ପାପ କିମ୍ବା ପୁଣ୍ୟ ଦୃଷ୍ଟିରେ ଦେଖେ । ଆକାଶ ହେଉଛି ଅଗ୍ନି,ଜଳ,ବାୟୁ ଓ ପୃଥିବୀ ତତ୍ତ୍ୱର କାର୍ଯ୍ୟକ୍ଷେତ୍ର । ଏହିମାନଙ୍କର ସ୍ଥିତି ଏବଂ କାର୍ଯ୍ୟ ଆକାଶର ନିର୍ଲିପ୍ତତାରେ କୌଣସି ପରିବର୍ତ୍ତନ ଆଣିନ'ଥାଏ । ସେହିପରି ଜୀବର ଶରୀରରେ ପ୍ରକୃତି ଦ୍ୱାରା ସମସ୍ତ କାର୍ଯ୍ୟଧାରା ପରମାତ୍ମାଙ୍କ ଅଚଳ ଆଉ ଅସଙ୍ଗତା ରୂପକୁ ପ୍ରଭାବିତ କରିନ'ଥାଏ । କ୍ରିଷ୍ଟଲ୍ ନିକଟରେ ଫୁଲଟିଏ ରଖିବାରେ, ଫୁଲର ରଙ୍ଗ କ୍ରିଷ୍ଟଲ୍ ଉପରେ ଅଧ୍ୟାରୋପିତ ହୋଇ କ୍ରିଷ୍ଟଲ୍ ଭିତରେ ଫୁଲର ରଙ୍ଗ ଦେଖାଯାଏ । ବାସ୍ତବରେ କ୍ରିଷ୍ଟଲ୍ ର ସ୍ୱଚ୍ଛତାରେ କୌଣସି ପରିବର୍ତ୍ତନ ହୋଇନ'ଥାଏ, ତାହା ଯେପରି ସେପରି ରହିଥାଏ । ସେହି ପ୍ରକାରେ ଆତ୍ମା ଓ ପ୍ରକୃତିର ସାନ୍ନିଧ୍ୟତାରେ , ପ୍ରକୃତିର ସମସ୍ତ ପ୍ରବୃତ୍ତି ସ୍ୱରୂପରେ ହେଲାଭଳି ବୋଧ ହୁଏ । ତତ୍ତ୍ୱଜ୍ଞାନ ପ୍ରାପ୍ତ ହେଲେ ଆତ୍ମାର ଆନନ୍ଦସ୍ୱରୂପରେ ପ୍ରକୃତି ଜନିତ ଅବିଦ୍ୟାର ପରଦା ହଟିଯାଏ । ପରମାତ୍ମା ହେଉଛନ୍ତି ନିତ୍ୟାନନ୍ଦ,ସର୍ବ ବ୍ୟାପକ ଏବଂ ପରିପୂର୍ଣ୍ଣ । ନିତ୍ୟ ସହିତ ଅନିତ୍ୟର କେବେ ସଂଯୋଗ ହୋଇପାରିବ ନାହିଁ ।

**ଜ୍ଞାନେନ ତୁ ତଦଜ୍ଞାନଂ ଯେଷାଂ ନାଶିତମାତ୍ମନଃ ।**

**ତେଷାମାଦିତ୍ୟବଜ୍ ଜ୍ଞାନଂ ପ୍ରକାଶୟତି ତତ୍ପରମ୍ ॥ ୧୬ ॥**

*ଅନ୍ୱୟ: ତୁ ( କିନ୍ତୁ ) ଯେଷାମ୍ ( ଯେଉଁ ମାନଙ୍କର) ତତ୍ (ସେହି) ଅଜ୍ଞାନ ( ଅଜ୍ଞାନ ) ଆତ୍ମାନଃ (ଆତ୍ମାର ବା ବ୍ରହ୍ମର ) ଜ୍ଞାନେନ (ଜ୍ଞାନ ଦ୍ୱାରା) ନାଶିତଂ ( ବିନଷ୍ଟ ହୋଇଛି ) ତେଷାମ୍ (ସେମାନଙ୍କର ) ତତ୍ (ସେହି) ଜ୍ଞାନଂ (ଆତ୍ମଜ୍ଞାନ ବା ବ୍ରହ୍ମ ଜ୍ଞାନ ) ଆଦିତ୍ୟବତ୍ (ସୂର୍ଯ୍ୟଙ୍କ ସାଦୃଶ ଅଜ୍ଞାନର ଅନ୍ଧକାରକୁ ନାଶ କରି ) ପରମ୍ (ପରମ ତତ୍ତ୍ୱ ପରମାତ୍ମାଙ୍କୁ ) ପ୍ରକାଶୟତି ( ପ୍ରକାଶିତ କରେ ) ।*

**ଭାବାର୍ଥ :** ଯୋଗ ଯୁକ୍ତ ପୁରୁଷଙ୍କ ଆତ୍ମ ସାକ୍ଷାତ୍କାରରେ ଆତ୍ମଜ୍ଞାନ ବା ବ୍ରହ୍ମଜ୍ଞାନ ପ୍ରାପ୍ତ ହୋଇଥାଏ । *ଆତ୍ମଜ୍ଞାନ* ପ୍ରାପ୍ତ ହେବାପରେ ଅଜ୍ଞାନର ଆବରଣ ବିନଷ୍ଟ ହୋଇ ସ୍ୱରୂପର ଅନୁଭୂତ ହୁଏ । ନିଜର ଚିନ୍ମୟ ସତ୍ତା ଓ ଶରୀରକୁ ଏକ ମାନିବା "ଅଜ୍ଞାନ " ଓ ଏହାକୁ ପୃଥକ ମାନିବା "ଜ୍ଞାନ" । ଅପରୋକ୍ଷଜ୍ଞାନରେ "ଅହଂ ବ୍ରହ୍ମାସ୍ମି " ରୂପରେ ଆତ୍ମୋପଲବ୍ଧି ହୁଏ । ସୂର୍ଯ୍ୟ ପୃଥିବୀ ପୃଷ୍ଠରୁ ଅନ୍ଧକାର ଦୂରକରି ସମସ୍ତ ବସ୍ତୁକୁ ପ୍ରକାଶିତ କଲାଭଳି , ଏତାଦୃଶ ଅପରୋକ୍ଷ ଆତ୍ମଜ୍ଞାନ ଅନ୍ତଃକରଣରେ ଅବିଦ୍ୟାର ଅନ୍ତ ଘଟାଇ ପୂର୍ଣ୍ଣ ପରମେଶ୍ୱର ସ୍ୱରୂପକୁ ପ୍ରକାଶିତ କରେ । ଆତ୍ମ-ପରମାତ୍ମା ଅଭେଦ ତତ୍ତ୍ୱର ଜ୍ଞାନ ପ୍ରାପ୍ତ ହୋଇସାରିଲା ପରେ , ତତ୍ତ୍ୱବେତା ନିଜକୁ ପରମାତ୍ମାଙ୍କ ଠାରୁ ଅଭିନ୍ନ ମାନିଥାନ୍ତି । ସକଳ ପ୍ରାଣୀଙ୍କ ଠାରେ ପରମାତ୍ମତତ୍ତ୍ୱ ସ୍ୱତଃସିଦ୍ଧ ଅଛି, କିନ୍ତୁ ଅଜ୍ଞାନ ଯୋଗୁଁ ତାହା ଅନୁଭବ ହୁଏନାହିଁ । ପରମାତ୍ମତତ୍ତ୍ୱର ପ୍ରକାଶନ ଲାଗି କୌଣସି ଅନ୍ୟ ସାଧନାର ଆବଶ୍ୟକତା ନାହିଁ । ଏହା ସ୍ୱୟଂ ପ୍ରକାଶମୟ । ଅଜ୍ଞାନର ଆବରଣକୁ ହଟାଇବା ପାଇଁ ଅନ୍ତଃକରଣରେ ବୃତ୍ତିରୁପ ଜ୍ଞାନର

ଆବଶ୍ୟକତା ରହିଛି । ବିବେକ ଦ୍ୱାରା ଅଜ୍ଞାନ ଦୂର ହୋଇଯିବା ମାତ୍ରେ, ସେହି ସ୍ୱତଃସିଦ୍ଧ ପରମାତ୍ମତତ୍ତ୍ୱ ସୂର୍ଯ୍ୟଙ୍କ ସମାନ ଉଦ୍ଭାସିତ ହୋଇଉଠେ ।

**ତଦ୍ ବୁଦ୍ଧୟସ୍ତଦାତ୍ମାନସ୍ତନ୍ନିଷ୍ଠାସ୍ତତ୍ ପରାୟଣାଃ ।**

**ଗଚ୍ଛନ୍ତ୍ୟପୁନରାବୃତ୍ତିଂ ଜ୍ଞାନ ନିର୍ଧୂତକଲ୍ମଷାଃ ॥୧୭ ॥**

*ଅନ୍ୱୟ : ତଦାତ୍ମାନଃ (ମନ ଯାହାର ତଦାକାର ଅର୍ଥାତ୍ ବ୍ରହ୍ମରେ ଯାହାର ଆତ୍ମଭାବ) ତଦ୍ ବୁଦ୍ଧୟଃ (ବୁଦ୍ଧି ତଦାକାର ଅର୍ଥାତ୍ ବୁଦ୍ଧି ଆତ୍ମାରେ ନିବିଷ୍ଟ) ତନ୍ନିଷ୍ଠା (ଯେଉଁମାନେ ଆତ୍ମନିଷ୍ଠ ଅର୍ଥାତ୍ ଆତ୍ମା-ପରମାତ୍ମା ଏକୈକତ୍ୱ ତତ୍ତ୍ୱରେ ସ୍ଥିତ ) ତତ୍ ପରାୟଣାଃ ( ପରମାତ୍ମା ଯାହାଙ୍କର ପରମାଶ୍ରୟ ଅର୍ଥାତ୍ ପରମେଶ୍ୱରଙ୍କ ଯେ ସଂପୂର୍ଣ୍ଣ ଶରଣାପନ୍ନ) ଜ୍ଞାନ-ନିର୍ଧୂତ- କଲ୍ମଷା (ଆତ୍ମା-ପରମାତ୍ମା ତତ୍ତ୍ୱଜ୍ଞାନରେ ଯେଉଁ ମାନଙ୍କର ପାପ ବିନଷ୍ଟ ହୋଇଛି ) ଅପୁନରାବୃତ୍ତି ( ସେ ଜ୍ଞାନସିଦ୍ଧି ଯୋଗୀ ପରମ ଗତି ) ଗଚ୍ଛନ୍ତି (ପ୍ରାପ୍ତ ହୁଅନ୍ତି ଅର୍ଥାତ୍ ବ୍ରହ୍ମସ୍ୱରୂପକୁ ପ୍ରାପ୍ତ ହୋଇ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତ ହୋଇଥାନ୍ତି )*

**ଭାବାର୍ଥ :** ମାଟିର ତତ୍ତ୍ୱକୁ ଜାଣି ସାରିଲାପରେ ମାଟିରେ ନିର୍ମିତ ସମସ୍ତ ବସ୍ତୁର ଯଥାର୍ଥ ଜ୍ଞାନ ଆପେ ଆପେ ହୋଇଯାଏ। ସେହିପରି ପରତତ୍ତ୍ୱ ଅର୍ଥାତ୍ ପରମ ସତ୍ୟର ଜ୍ଞାନ ହୋଇଗଲେ, ଆତ୍ମା-ପରମାତ୍ମା, ବ୍ରହ୍ମ-ପରମବ୍ରହ୍ମ, ପୁରୁଷ-ପରମପୁରୁଷ ସମ୍ବନ୍ଧରେ ସଂପୂର୍ଣ୍ଣ ଜ୍ଞାନ ସ୍ୱତଃ ହୋଇଯାଏ । ଆତ୍ମଜ୍ଞାନ ସିଦ୍ଧ ପୁରୁଷଙ୍କ ମନ,ବୁଦ୍ଧି ପରମାତ୍ମା ତତ୍ତ୍ୱରେ ନିମଜ୍ଜି ରହିଥାଏ । ନିଶ୍ଚୟକାରୀ ବୃତ୍ତିର ନାମ "ବୁଦ୍ଧି" । ସାଧକ ପ୍ରଥମେ ବୁଦ୍ଧିରେ ନିଶ୍ଚୟ କରେ ଯେ' ଏକ ପରମାତ୍ମା ତତ୍ତ୍ୱ ହିଁ ସର୍ବତ୍ର ପରିପୂର୍ଣ୍ଣ । ପରମାତ୍ମାଙ୍କ ସତ୍ତା ପ୍ରତି ଏକ ନିଶ୍ଚୟାତ୍ମିକ ବୁଦ୍ଧି ହେଉଛି "ତଦବୁଦ୍ଧୟଃ" । ବୁଦ୍ଧିରେ ଏକ ପରମାତ୍ମା ତତ୍ତ୍ୱର ନିଶ୍ଚୟ ହୋଇଗଲେ ,ମନରେ ସ୍ୱାଭାବିକ ଭାବେ ପରମାତ୍ମା ହିଁ ଚିନ୍ତନ ହେବାକୁ ଲାଗେ। ମନକୁ ପରମାତ୍ମାଙ୍କ ସ୍ୱରୂପରେ ନିଶ୍ଚଳ ସ୍ଥିତ କରିବା ଲାଗି ଶରୀରର ସମସ୍ତ କ୍ରିୟାରେ ପରମାତ୍ମାଙ୍କର ଚିନ୍ମୟାନନ୍ଦ, ପରମାନନ୍ଦ, ଭୂମାନନ୍ଦ, ପୂର୍ଣ୍ଣାନନ୍ଦ, ଅଚଳାନନ୍ଦ, ଶାନ୍ତାନନ୍ଦ, ଏହିପରି କେବଳ ଆନନ୍ଦ ହିଁ ଆନନ୍ଦ ସ୍ୱରୂପକୁ ନିରନ୍ତର ସ୍ମରଣ କରିବାକୁ ହେବ । ସେହି ଅଖଣ୍ଡ ତତ୍ତ୍ୱ ସର୍ବତ୍ର ପରିପୂର୍ଣ୍ଣ ବୋଲି ସ୍ୱୀକାର କରିନେବାକୁ ହେବ । ଏହିପରି ଭାବରେ ନିରନ୍ତର ଚିନ୍ତନ କରିବା ହେଉଛି ସାଧକର "ତଦାତ୍ମାନ" ଭାବ । ଆତ୍ମା ପରମାତ୍ମା ସ୍ୱରୂପରେ ଏକନିଷ୍ଠ ହୋଇ ସମସ୍ତ ଅନାତ୍ମା ବସ୍ତୁକୁ ତ୍ୟାଗକରି, କେବଳ ସେହି ପରତତ୍ତ୍ୱରେ ସମାଧି ଦ୍ୱାରା ସ୍ଥିତ ହୋଇ ରହିବା ହେଉଛି "ତନ୍ନିଷ୍ଠା" । ପରମାତ୍ମାଙ୍କ ଠାରେ ନିରନ୍ତର ନିଜ ସ୍ଥିତି ଅନୁଭବ ହେବାରେ,ନିଜର ସତ୍ତା ପରମତ୍ମାଙ୍କ ସତ୍ତାରେ ଲୀନ ହୋଇଯାଏ । ସ୍ୱୟଂ ପରମାତ୍ମା ସ୍ୱରୂପ ହୋଇଯାଏ । ଏହା ହେଉଛି "ତତ୍ ପରାୟଣ" । ଯାହାର ଆତ୍ମା, ସେହି ଆତ୍ମତତ୍ତ୍ୱରେ ତଦାତ୍ମଭାବକୁ ପ୍ରାପ୍ତ କରି ସାରିଛି ,ସେହି ବ୍ରହ୍ମରେ ଯାହାର ନିଷ୍ଠା ହୋଇସାରିଛି, ତଥା ଯାହାର ଦୃଷ୍ଟିରେ ପରମାତ୍ମା ହିଁ କେବଳ ପରମ ଶ୍ରେଷ୍ଠ,ସମସ୍ତ ଆନନ୍ଦର ଉତ୍ପତ୍ତି ସ୍ଥଳ, ସକଳ ପ୍ରାଣୀଙ୍କର ଅନ୍ତିମ ଆଶ୍ରୟ ସ୍ଥଳ ,ସେହି ମହାନ୍ ପୁରୁଷ ହେଉଛନ୍ତି ପୂର୍ଣ୍ଣତତ୍ତ୍ୱ ଜ୍ଞାନର ଅଧିକାରୀ । ଜ୍ଞାନର ଅର୍ଥାତ୍ ସତ୍-ଅସତ୍ ଭାବାପନ୍ନ ବିବେକର ବାସ୍ତବିକ ଜାଗୃତି ହେଲେ ଅସତ୍ ସଂପୂର୍ଣ୍ଣ ନିବୃତ୍ତ ହୋଇଯାଏ । ଅସତ୍ ର ସମ୍ବନ୍ଧରୁ ହିଁ ପାପ-ପୂଣ୍ୟ ରୂପକ କଲ୍ମଷ ଜାତ ହୁଏ । ଯାହା ଦ୍ୱାରା ମନୁଷ୍ୟ ବାନ୍ଧି ହୋଇଥାଏ । ଯୋଗ ସାଧନରେ ପ୍ରାପ୍ତ ଯଥାର୍ଥ ଜ୍ଞାନ ଦ୍ୱାରା ଯାହାର ମଳ , ବିକ୍ଷେପ,ଆବରଣ, ରାଗ-ଦ୍ୱେଷ, ଆଦି ସମସ୍ତ କଲ୍ମଷ ଅର୍ଥାତ୍ ପାପ ସଦୃଶ ଦୋଷଗୁଣ ସବୁ ବିନଷ୍ଟ ହୋଇସାରିଛି, ସେ ପରମ ପଦକୁ ପ୍ରାପ୍ତ ହୁଅନ୍ତି । ଯାହା ପରମ ପୁରୁଷ ପରମେଶ୍ୱରଙ୍କ ନିବାସ ସ୍ଥଳ ତାହା ପ୍ରାପ୍ତକରି ଯୋଗୀ ପୁନଃ ପ୍ରତ୍ୟାବର୍ତ୍ତନ କରି

ନ'ଥାଏ । ପ୍ରତ୍ୟାଗମନ ରହିତ ଏହି ସ୍ଥାନକୁ ଭଗବାନ ପରମ ପଦ, ପରମ ଧାମ, ଅବ୍ୟୟ ପଦ,ଅକ୍ଷୟ ସୁଖ,ନିର୍ବାଣ ବ୍ରହ୍ମ ଏହିପରି ଅନ୍ୟ ସ୍ଥାନ ମାନଙ୍କରେ କହିଛନ୍ତି । ସେହି ଯଥାର୍ଥ ଜ୍ଞାନର ଫଳ ରୂପ ପରମାତ୍ମାକୁ ପ୍ରାପ୍ତ ହେବା ହିଁ ଅପୁନରାବୃତ୍ତିକୁ ପ୍ରାପ୍ତ ହେବା । ପରମାତ୍ମା ସବୁ ଦେଶ,କାଳ,ବସ୍ତୁ, ପରିସ୍ଥିତି ଆଦିରେ ଏକ ଭାବରେ ପରିପୂର୍ଣ୍ଣ । ପରମାତ୍ମାଙ୍କ କେବେ ଉତ୍ପତ୍ତି ବିନାଶ ହୋଇନ'ଥାଏ । ତେଣୁ ପରମାତ୍ମା ସ୍ୱରୂପ ହୋଇ ସାରିଥିବା ମହାପୁରୁଷଙ୍କର ମଧ୍ୟ ଆଗମନ-ପ୍ରତ୍ୟାଗମନ ହୁଏନାହିଁ । ତାଙ୍କ ପ୍ରାଣର ଉତ୍ କ୍ରମଣ ହୁଏନାହିଁ । ସେ ବ୍ରହ୍ମ ହୋଇ ବ୍ରହ୍ମକୁ ପ୍ରାପ୍ତ ହୁଅନ୍ତି ।

**ବିଦ୍ୟାବିନୟସମ୍ପନ୍ନେ ବ୍ରାହ୍ମଣେ ଗବି ହସ୍ତିନି ।**

**ଶୁନି ଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ ॥ ୧୮ ॥**

*ଅନ୍ୱୟ: ପଣ୍ଡିତାଃ (ଜ୍ଞାନୀ ମହାପୁରୁଷ) ବିଦ୍ୟା-ବିନୟ-ସମ୍ପନ୍ନେ ( ବିଦ୍ୟା ବିନୟ ଯୁକ୍ତ ) ବ୍ରାହ୍ମଣେ ( ସଦ୍‌ଗୁଣ ଯୁକ୍ତ ବ୍ରାହ୍ମଣଙ୍କ ଠାରେ) ଚ (ଏବଂ) ଶ୍ୱପାକେ (ଚଣ୍ଡାଳ ଠାରେ ) ଚ (ତଥା) ଗବି ( ଗାଈଠାରେ )ହସ୍ତିନି (ହାତୀଠାରେ ) ଶୁନି ( ଓ କୁକୁର ଠାରେ ) ଏବ ( ମଧ୍ୟ ) ସମଦର୍ଶିନଃ( ସମ ଦର୍ଶୀ ଅର୍ଥାତ୍ ସମ ପରମେଶ୍ୱରଙ୍କୁ ଦେଖନ୍ତି )*

**ଭାବାର୍ଥ:** ଆତ୍ମା-ପରମାତ୍ମା ତତ୍ତ୍ୱଜ୍ଞାନୀ ସମଦର୍ଶୀ ଅଟନ୍ତି । ବ୍ରହ୍ମନିଷ୍ଠ ପୁରୁଷ ଅର୍ଥାତ୍ ଯେଉଁମାନେ ଅପରୋକ୍ଷାନୁଭୂତି ସମ୍ପନ୍ନ ସେମାନେ "ସର୍ବ ଖଳିଦଂ ବ୍ରହ୍ମ" ଏହି ଜ୍ଞାନରେ ପ୍ରତିଷ୍ଠିତ ହୋଇଥାନ୍ତି । ବ୍ରହ୍ମଜ୍ଞାନୀ ଜୀବମାନଙ୍କର ଶରୀରର ପୃଥକତା ,ପ୍ରକୃତି ଓ ଗୁଣର ବିସମତା, ଆକାରର ଭିନ୍ନତା ମଧ୍ୟରେ ଏକ ଅଭିନ୍ନ ବ୍ରହ୍ମ ସ୍ୱରୂପର ସତ୍ତାକୁ ହିଁ ଦେଖିଥାଏ। ତତ୍ତ୍ୱଜ୍ଞାନୀ ସିଦ୍ଧ ପୁରୁଷଙ୍କ ଅନ୍ତଃକରଣରେ ବିସମ ଭାବ ସର୍ବଥା ନଷ୍ଟ ହୋଇଯାଇଥାଏ । ତାଙ୍କରି ଦୃଷ୍ଟିରେ ଏକ ସଚ୍ଚିଦାନନ୍ଦଘନ ପରମବ୍ରହ୍ମ ପରମାତ୍ମା ଅତିରିକ୍ତ ଅନ୍ୟ କୌଣସି ସତ୍ତାର ସ୍ଥିତି ହିଁ ରହିନ'ଥାଏ । ଏହାକୁ ବୁଝାଇବା ପାଇଁ ,ମନୁଷ୍ୟଙ୍କ ମଧ୍ୟରେ ଉତ୍ତମ ବିଦ୍ୟା ବିନୟ ଯୁକ୍ତ ବ୍ରାହ୍ମଣ, ଜଘନ୍ୟ ବୃତ୍ତି କରୁଥିବା ଚଣ୍ଡାଳ, ପବିତ୍ର ଗୋମାତା ରୂପେ ପୂଜା ପାଉଥିବା ଗାଈ, ଐଶ୍ୱର୍ଯ୍ୟକୁ ସଙ୍କେତ କରୁଥିବା ହସ୍ତୀ, ସାଧାରଣ ନିମ୍ନ ଶ୍ରେଣୀର ପଶୁ କୁକୁରର ଉଦାହରଣ ଦେଇ ଭଗବାନ ସମତ୍ୱର ଦିଗ୍ ଦର୍ଶନ ଦେଇଛନ୍ତି । ଏହିମାନଙ୍କ ମଧ୍ୟରେ ସତ୍ତ୍ୱ, ରଜୋ ଓ ତମ ଗୁଣର ମଧ୍ୟ ବିଭେଦତା ରହିଛି । ବ୍ରାହ୍ମଣ, ଚାଣ୍ଡାଳ,ଗାଈ, ହାତୀ ଓ କୁକୁର ସହିତ ବ୍ୟବହାରିକ ବିସମତା ରହିବା ଅନିବାର୍ଯ୍ୟ । ଏହିମାନଙ୍କ ସଙ୍ଗେ ସମ ଭାବରେ ବ୍ୟବହାର କରିବା ଉଚିତ ନୁହେଁ କି' ତାହା ମଧ୍ୟ ସମ୍ଭବ ନାହିଁ। ବ୍ୟବହାରିକ ସମତା ସମ୍ଭବ ନ'ହେଲେ ମଧ୍ୟ ତତ୍ତ୍ୱତଃ ସମସ୍ତିଙ୍କ ଠାରେ ଏକ ପରମାତ୍ମା ହିଁ ପରିପୂର୍ଣ୍ଣ ଦୃଷ୍ଟିରେ ଦେଖିଥାନ୍ତି । ପ୍ରକୃତି ଜନିତ ବିଭେଦ ଥିଲେ ମଧ୍ୟ ଜ୍ଞାନୀ ମହାପୁରୁଷ ସେହି ପ୍ରାଣୀ ମାନଙ୍କ ପ୍ରତି ଆତ୍ମୀୟତା,ପ୍ରେମ,ହିତ,ଦୟା ଭାବରେ କେବେ ପ୍ରଭେଦ ରଖି ନ'ଥାନ୍ତି । ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗରେ ବ୍ୟବହାରିକ ଭିନ୍ନତା ଥିଲେ ମଧ୍ୟ, ଆତ୍ମୀୟତାରେ ପ୍ରଭେଦ ନ'ଥାଏ । ଏହି ପ୍ରକାରେ ରାଷ୍ଟ୍ରଧର୍ମରେ କୌଣସି ବର୍ଣ୍ଣ, ଆଶ୍ରମ, ଧର୍ମ, ଜାତି, ସଂପ୍ରଦାୟରେ , ସାଙ୍ଗଠନିକ ତଥା ବିଶ୍ୱାସର ବିଭେଦକୁ ନେଇ ପକ୍ଷପାତ କରିବା ଉଚିତ ନୁହେଁ । ହିତ ଦୃଷ୍ଟିରେ ସମସ୍ତଙ୍କ ପ୍ରତି ସମାନ ବ୍ୟବହାର କରିବା ବିଧେୟ । ପବିତ୍ର ଗଙ୍ଗା ନଦୀର ସ୍ରୋତରୁ ଆରମ୍ଭକରି ନାଳ ନର୍ଦ୍ଦମାର ପଚା ସଢା ଆବର୍ଜନା ଭିତରେ ସୂର୍ଯ୍ୟଙ୍କ ରଶ୍ମି କେବଳ ଜଳ ତତ୍ତ୍ୱକୁ ହିଁ ଗ୍ରହଣ କରେ । ପଣ୍ଡିତ ଜନ ଅର୍ଥାତ୍ ତତ୍ତ୍ୱଜ୍ଞାନୀ ମହାତ୍ମା ସିଦ୍ଧ

ପୁରୁଷ ସକଳ ପ୍ରାଣୀଙ୍କ ହୃଦୟରେ ସେହି ପରିପୂର୍ଣ୍ଣ ଅବିନାଶୀ ପରମାତ୍ମା ତତ୍ତ୍ୱରେ ହିଁ ଦୃଷ୍ଟି ରଖିଥାନ୍ତି । ଶରୀର, ଗୁଣ,ପ୍ରବୃତ୍ତି ସବୁ ପ୍ରକୃତି ଗତ ଏବଂ ଏହା ପ୍ରତିକ୍ଷଣ ପରିବର୍ତ୍ତନ ଶୀଳ ମନେକରି ତାହାରି ଉପରେ ଦୃଷ୍ଟି ରଖନ୍ତି ନାହିଁ ।

**ଇହୈବ ତୈର୍ଜିତଃ ସର୍ଗୋ ଯେଷାଂ ସାମ୍ୟେ ସ୍ଥିତଂ ମନଃ ।**
**ନିର୍ଦୋଷଂ ହି ସମଂ ବ୍ରହ୍ମ ତସ୍ମାଦ୍ ବ୍ରହ୍ମଣି ତେ ସ୍ଥିତାଃ ॥ ୧୯ ॥**

*ଅନ୍ୱୟ: ଯେଷାଂ ( ଯେଉଁ ମାନଙ୍କର) ମନଃ (ମନ) ସାମ୍ୟେ (ସମ ରୂପ ବ୍ରହ୍ମରେ ) ସ୍ଥିତଂ (ନିଶ୍ଚଳ ରୂପରେ ପ୍ରତିଷ୍ଠିତ) ତୈଃ (ସେମାନେ) ଇହ ( ଏହି ଜନ୍ମରେ/ଜୀବିତ ଅବସ୍ଥାରେ ) ଏବ ( ହିଁ ) ସର୍ଗଃ (ସାରା ସଂସାରକୁ ) ଜିତଃ ( ଜିତିଯାଇ ଛନ୍ତି ଅର୍ଥାତ୍ ଜୀବନ ମୁକ୍ତ ହୋଇଛନ୍ତି ) ହି ( କାରଣ ) ବ୍ରହ୍ମ ( ବ୍ରହ୍ମ) ନିର୍ଦୋଷମ୍ (ନିର୍ଦୋଷ /ଦୋଷ ରହିତ ) ସମମ୍ (ସମ/ସମସ୍ତ ବିଷୟରେ ବୈସମ୍ୟ ରହିତ )ତସ୍ମାଦ୍ ( ତେଣୁ ) ତେ (ସମ ଦର୍ଶୀଗଣ ) ବ୍ରହ୍ମଣି ( ସର୍ବାବସ୍ଥାରେ ବ୍ରହ୍ମରେହିଁ) ସ୍ଥିତାଃ(ଅବସ୍ଥିତ ଅର୍ଥାତ୍ ବ୍ରହ୍ମଭାବରେ ପ୍ରତିଷ୍ଠିତ)।*

**ଭାବାର୍ଥ:** ଏହି ଶ୍ଳୋକରେ ଭଗବାନ ସଂପୂର୍ଣ୍ଣ ଗୀତା ଶାସ୍ତ୍ରର ସାର ମର୍ମ"ସମତା ପ୍ରାପ୍ତ" ଓ "ମୁକ୍ତି ପ୍ରାପ୍ତ" ମନୁଷ୍ୟ ଜନ୍ମରେ କିପରି ସାଧନ ଓ ସିଦ୍ଧି ଭାବରେ ଉପଯୋଗୀ ତାହା କହିଛନ୍ତି । ଯେଉଁ ଜ୍ଞାନୀ ମହାପୁରୁଷଙ୍କ ବୁଦ୍ଧି ସମ ରୂପକ ବ୍ରହ୍ମରେ ଅଚଳ ଭାବରେ ପ୍ରତିଷ୍ଠିତ, ସେ ଜୀବିତ ଅବସ୍ଥାରେ ହିଁ ଭୁତ ପ୍ରକୃତିରୁ ମୁକ୍ତ ହୋଇ ସଂସାର ଉପରେ ବିଜୟପ୍ରାପ୍ତ କରିଥାନ୍ତି । ଅର୍ଥାତ୍ ପୁନଃ ଜନ୍ମ-ମୃତ୍ୟୁର ପ୍ରବାହରୁ ମୁକ୍ତ ହୋଇଥାନ୍ତି । ପରମାତ୍ମା ତତ୍ତ୍ୱ ପ୍ରକୃତିର ସମ୍ବନ୍ଧରୁ ସର୍ବଥା ନିର୍ଲିପ୍ତ ,ତେଣୁ ସେଥିରେ ତିଳେମାତ୍ର ଦୋଷ ବା ବୈସମ୍ୟ ରହେନାହିଁ । ଯେଉଁ ମହାପୁରୁଷଙ୍କର ଅନ୍ତଃକରଣ ନିର୍ଦୋଷ ଏବଂ ସମତା ପ୍ରାପ୍ତ ହୋଇସାରିଛି, ସେ ପରମାତ୍ମା ତତ୍ତ୍ୱରେ ସ୍ଥିତ ବୋଲି ଧରିନେବାକୁ ହେବ । ଶ୍ଳୋକରେ କୁହାଯାଇଥିବା "ମନ"ଶବ୍ଦକୁ ଏଠାରେ ବୁଦ୍ଧିର ବାଚକ ବୁଝିବାକୁ ହେବ । କାରଣ ମନ କେବଳ ଧ୍ୟାନ ଅବସ୍ଥାରେ ସ୍ଥିର ରହେ, ବ୍ୟବହାର ସମୟରେ ରହେନାହିଁ । ମନ ନିରୋଧ ହୋଇଗଲାପରେ ବୁଦ୍ଧି ସମତାରେ ପ୍ରବେଶ କରିଥାଏ । କାରଣ ମନର ପ୍ରସାର ହିଁ ଜଗତ । ବୁଦ୍ଧି ନିରନ୍ତର ସମତାରେ ଅବସ୍ଥିତ ହେଲେ, ତାହା ପରମାତ୍ମା ତତ୍ତ୍ୱରେ ସ୍ୱତଃ ସମାହିତ ହୋଇଯାଏ । ବ୍ରହ୍ମ ସ୍ୱରୂପ ହେଉଛି ଅନ୍ତଃ ତତ୍ତ୍ୱ,ବହିଃ ତତ୍ତ୍ୱ, ସତ୍ୟ ଓ ଅପରବର୍ତ୍ତନୀୟ । ବ୍ରହ୍ମ ହେଉଛି ଅଚଳ ଏବଂ ପରିବ୍ୟାପ୍ତ । ପ୍ରତ୍ୟେକ ବୁନ୍ଦା ଜଳ ନଦୀରସ୍ରୋତରେ ପ୍ରବାହମାନ ହେଉଥିଲା ବେଳେ, ଜଳ ତଳେ ଥିବା ନଦୀର ଶଯ୍ୟା ଅଚଳ, ସ୍ଥିର ହୋଇ ରହିଥାଏ । ସେହିପରି ପ୍ରକୃତିର ସମସ୍ତ ପ୍ରପଞ୍ଚ ସେହି ନିତ୍ୟ ଅଚଳ ବ୍ରହ୍ମ ଉପରେ ଅଧ୍ୟାରୋପିତ ହୋଇ ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରବାହମାନ ହେଉଛି । ପ୍ରକୃତିର ଏହି ପ୍ରବାହରେ ବ୍ରହ୍ମରେ ଲେଶମାତ୍ର ମଳିନତା ଲାଗିନ'ଥାଏ । ବ୍ରହ୍ମରେ ସବୁ କିଛି ହୁଏ କିନ୍ତୁ ବ୍ରହ୍ମକୁ କିଛି ହୁଏନାହିଁ । ଦୋଷ, ବିକାର ସବୁ ତ୍ରିଗୁଣାତ୍ମକ ମାୟାରୁ ଉଦ୍ଭବ । ବ୍ରହ୍ମ ଗୁଣାତୀତ କାରଣରୁ ମାୟା ତାହାକୁ ସ୍ପର୍ଶ କରିପାରେ ନାହିଁ। ସଂସାରରେ ସର୍ବତ୍ର ଗୁଣ ଏବଂ ଦୋଷ ବିଦ୍ୟମାନ । ପ୍ରକୃତିର ସାମ୍ରାଜ୍ୟରେ କୌଣସି ବସ୍ତୁ ଗୁଣଶୂନ୍ୟ ହୋଇପାରିବ ନାହିଁ କି' ଦୋଷ ରହିତ ହୋଇପାରିବ ନାହିଁ । କିନ୍ତୁ ଜ୍ଞାନୀ ମହାପୁରୁଷଙ୍କ ଅନ୍ତଃକରଣ ରାଗ-ଦ୍ୱେଷ, ଦ୍ୱନ୍ଦ୍ୱ ଆଦି ବୈସମ୍ୟ ରହିତ ହୋଇଥିବାରୁ ସେ ନିଜର ଶୁଦ୍ଧ ଚୈତନ୍ୟ ସ୍ୱରୂପରେ ସ୍ଥିତ ହୋଇ ରହିଥାନ୍ତି । ତାହା ହେଉଛି ଜ୍ଞାନୀ ପୁରୁଷଙ୍କର ପରମାତ୍ମା

ବ୍ରହ୍ମତତ୍ତ୍ୱରେ ସ୍ଥିତ । ଯେ ବ୍ରହ୍ମରେ ସ୍ଥିତ ,ତାହାଙ୍କ ପୁନଃ ମୃତ୍ୟୁ ନ'ହୋଇ ପ୍ରାରବ୍ଧର ଅନ୍ତରେ ସେ ବ୍ରହ୍ମରେ ଲୀନ ହୋଇଥାନ୍ତି ଅର୍ଥାତ୍ ବିଦେହ କୈବଲ୍ୟକୁ ପ୍ରାପ୍ତ କରନ୍ତି । ବ୍ୟଷ୍ଟି ପ୍ରାଣ ସମଷ୍ଟି ପ୍ରାଣରେ ଏକାକାର ହୋଇଯାଇଥାଏ ।

**ନ ପ୍ରହୃଷ୍ୟେତ୍ ପ୍ରିୟଂ ପ୍ରାପ୍ୟ ନୋଦ୍ ବିଜେତ୍ ପ୍ରାପ୍ୟ ଚାପ୍ରିୟମ୍ ।**

**ସ୍ଥିରବୁଦ୍ଧିରସମ୍ମୂଢୋ ବ୍ରହ୍ମବିଦ୍ ବ୍ରହ୍ମଣି ସ୍ଥିତଃ ॥ ୨୦ ॥**

*ଅନ୍ୱୟ: ପ୍ରିୟମ୍ ପ୍ରାପ୍ୟ ( ଯିଏ ପ୍ରିୟ ବସ୍ତୁ କିମ୍ବା ବ୍ୟକ୍ତି କିମ୍ବା ପରିସ୍ଥିତିକୁ ପ୍ରାପ୍ତ ହୋଇ) ନ ପ୍ରହୃଷ୍ୟେତ୍ ( ହର୍ଷିତ ହୁଅନ୍ତି ନାହିଁ) ଅପ୍ରିୟଂ ପ୍ରାପ୍ୟ (ଅପ୍ରିୟ ବସ୍ତୁ,ବ୍ୟକ୍ତି,ପରିସ୍ଥିତି କୁ ପ୍ରାପ୍ତ ହୋଇ) ନୋଦ୍ ବିଜେତ୍(ଉଦ୍ ବିଗ୍ନ ହୁଅନ୍ତି ନାହିଁ) ସ୍ଥିର ବୁଦ୍ଧି ( ସେହି ସ୍ଥିରବୁଦ୍ଧି ଯୁକ୍ତ ) ଅସମ୍ମୂଢୋ (ମୂଢତା ରହିତ) ବ୍ରହ୍ମବିଦ୍ (ବ୍ରହ୍ମଜ୍ଞ ପୁରୁଷ) ବ୍ରହ୍ମଣି ( ବ୍ରହ୍ମରେ ) ସ୍ଥିତଃ ( ସ୍ଥିତ ଅଟନ୍ତି ) ।*

**ଭାବାର୍ଥ :** ଆତ୍ମାନୁଭୂତି ପ୍ରାପ୍ତ ପୁରୁଷଙ୍କ ଲକ୍ଷଣ ଭଗବାନ ଏହିଠାରେ କହୁଛନ୍ତି : ଯିଏ ପ୍ରିୟବସ୍ତୁକୁ ପ୍ରାପ୍ତକରି ହର୍ଷିତ ହୁଅନ୍ତି ନାହିଁ କି' ଅପ୍ରିୟ ବସ୍ତୁ ପ୍ରାପ୍ତହେଲେ ଉଦ୍ବିଗ୍ନ ହୁଅନ୍ତି ନାହିଁ, ସେ ସ୍ଥିର ବୁଦ୍ଧିଯୁକ୍ତ ଅଟନ୍ତି । ଯାହାର ସମ୍ମୋହ ସର୍ବଥା ନଷ୍ଟ ହୋଇଛି, ସେହି ହିଁ କେବଳ ନିର୍ଦ୍ଦୋଷ ନିତ୍ୟ ପରମାତ୍ମା ତତ୍ତ୍ୱରେ ସମରସ ,ଏକରସ ଭାବରେ ସମାହିତ ହୋଇ ରହିପାରନ୍ତି । ବସ୍ତୁତଃ ସମସ୍ତ ପ୍ରାଣୀ ନିରନ୍ତର ବ୍ରହ୍ମରେ ସ୍ଥିତ ଥାଆନ୍ତି । କିନ୍ତୁ ଅଜ୍ଞାନ ବଶତଃ ସଂସାର ପ୍ରତି ଆସକ୍ତ କାରଣରୁ ଶରୀର, ମନ, ବୁଦ୍ଧିକୁ ନିଜ ସ୍ୱରୂପ ସ୍ୱୀକାର କରି ନେବାରେ, ମନୁଷ୍ୟକୁ ବ୍ରହ୍ମରେ ନିଜର ସ୍ୱାଭାବିକ ସ୍ଥିତିର ଅନୁଭବ ହୁଏନାହିଁ । ବ୍ରହ୍ମରେ ନିଜ ସ୍ୱାଭାବିକ ସ୍ଥିତିର ଅନୁଭବ ଯାହାର ହୋଇଛି , ସେହି ମହାପୁରୁଷ "ବ୍ରହ୍ମଣି ସ୍ଥିତଃ" ବୋଲି କୁହାଯାଇଛି । ଇନ୍ଦ୍ରିୟ,ମନ,ବୁଦ୍ଧି ଶରୀରରେ ହେଉଥିବା କ୍ରିୟାରେ ପ୍ରାପ୍ତ ଅନୁକୂଳ, ପ୍ରତିକୂଳ ବସ୍ତୁ ଓ ପରିସ୍ଥିତିକୁ ସମ ଚିତ୍ତରେ ଗ୍ରହଣ କରିଥାନ୍ତି । ଲୋକଦୃଷ୍ଟିରୁ ନାନା ପ୍ରକାର ମାନ, ଅପମାନ, ଭୌତିକ ପୀଡା, ସୁଖ, ଦୁଃଖ ଆଦି ପ୍ରାପ୍ତ ହେଲେମଧ୍ୟ କୌଣସି କାରଣରୁ ତାଙ୍କର ବୁଦ୍ଧି ବ୍ରହ୍ମସ୍ଥିତିରୁ କଦାପି ବିଚ୍ୟୁତ ହୁଏନାହିଁ । ସେ ମାନସିକ ସ୍ତରରେ ଆନନ୍ଦର ସର୍ବୋଚ୍ଚ ସ୍ଥାନରେ ଅବସ୍ଥାନ କରିଥାନ୍ତି । ସଂପୂର୍ଣ୍ଣ ମୋହ ରହିତ ହୋଇ , ଗୁଣଦ୍ୱାରା ଗୁଣରେ ହିଁ ସମସ୍ତ କାର୍ଯ୍ୟ ହେଉଛି ବୋଲି ଜାଣି , ଜ୍ଞାନୀ ନିଜ ସ୍ୱରୂପରେ ବାସ୍ତବିକ ଅକର୍ତ୍ତୃତ୍ୱ ଅନୁଭବ କରନ୍ତି । ଜ୍ଞାନସିଦ୍ଧି ପୁରୁଷଙ୍କ ଅନ୍ତଃକରଣରେ କିଞ୍ଚିତ ମାତ୍ର ଭ୍ରମ,ସଂଶୟ,ମୋହ ରହେନାହିଁ । ବ୍ରହ୍ମ ଓ ଜଗତର ସମ୍ବନ୍ଧ, ଜୀବ ଆଉ ଈଶ୍ୱରଙ୍କ ଭେଦ, ଦେହ-ଦେହୀ ଇତ୍ୟାଦି ବ୍ରହ୍ମ ସମ୍ବନ୍ଧୀୟ କିଛି ମଧ୍ୟ ବିଷୟ ତାହାଙ୍କ ପକ୍ଷେ ଜାଣିବା ପାଇଁ ଆଉ ଶେଷ ରହିନ'ଥାଏ ।

**ବାହ୍ୟସ୍ପର୍ଶେଷ୍ୱସକ୍ତାତ୍ମା ବିନ୍ଦତ୍ୟାତ୍ମନି ଯତ୍ ସୁଖମ୍ ।**

**ସ ବ୍ରହ୍ମଯୋଗଯୁକ୍ତାତ୍ମା ସୁଖମକ୍ଷୟମଶ୍ନୁତେ ॥ ୨୧ ॥**

*ଅନ୍ୱୟ: ବାହ୍ୟ-ସ୍ପର୍ଶେଷୁ ( ଇନ୍ଦ୍ରିୟମାନଙ୍କ ବାହ୍ୟ ବିଷୟ ଜନିତ ସୁଖରେ ) ଅସକ୍ତାତ୍ମା ( ଅନାସକ୍ତ ଚିତ୍ତ) ଆତ୍ମନି (ଅନ୍ତଃକରଣରେ ) ଯତ୍ ( ଯେଉଁ) ସୁଖମ୍ (ସାତ୍ତ୍ୱିକ ସୁଖ) ବିନ୍ଦତି ( ପ୍ରାପ୍ତ ହୁଏ ) ସଃ ( ତା'ପରେ ସେହିଯୋଗୀ ) ବ୍ରହ୍ମ ଯୋଗ ଯୁକ୍ତାତ୍ମା (ବ୍ରହ୍ମରେ ଅଭିନ୍ନ ଭାବରେ ସମାହିତ ଚିତ୍ତ ) ଅକ୍ଷୟମ୍ ( ଅକ୍ଷୟ ) ସୁଖମ୍ (ପରମାନନ୍ଦ) ଅଶ୍ନୁତେ ( ଅନୁଭବ କରନ୍ତି )।*

**ଭାବାର୍ଥ:** ଏହି ଶ୍ଳୋକରେ ଭଗବାନ ସାଂସାରିକ କ୍ଷେତ୍ରରେ ବିଷୟଗତ ସୁଖ,ଆଧାତ୍ମିକ ସାଧନ ମାର୍ଗରେ ଆତ୍ମ-ସଙ୍ଗ ସୁଖ ଏବଂ ପରମାତ୍ମା ତତ୍ତ୍ୱ ସମାଧିରେ ଅଖଣ୍ଡ ସୁଖର ପ୍ରଭେଦ କହିଛନ୍ତି । ଅନ୍ତଃକରଣରେ "ମୁଁ" ଧନୀ ,"ମୁଁ" ଜ୍ଞାନୀ , "ମୁଁ" ସ୍ତ୍ରୀ,ପୁତ୍ର,ବନ୍ଧୁ ସହିତ ସୁଖରେ ଅଛି, ମୋତେ ସମସ୍ତ ଭୋଗ୍ୟ ବସ୍ତୁ ପ୍ରାପ୍ତ ହୋଇଛି , ମୋର ମାନ, ବଡ଼ାଇ, ପ୍ରତିଷ୍ଠା ସବୁ କିଛି ଅଛି, ଇତ୍ୟାଦି ବୋଧ ହେବା ହେଉଛି , ବାହ୍ୟ ବିଷୟ ଜନିତ ସୁଖ । ମାତ୍ର ଏ ସମସ୍ତ ସୁଖ ସଂପୂର୍ଣ୍ଣ ଭାବରେ ଆକାଶରେ ବିଜୁଳି ସଦୃଶ କ୍ଷଣସ୍ଥାୟୀ । ମନୁଷ୍ୟ ଏହି ସବୁକୁ ସ୍ଥାୟୀ ଏବଂ ଅପରିବର୍ତ୍ତନୀୟ ସ୍ୱୀକାର କରି ଏଥିରୁ ସୁଖ ସେବନ କରୁଥାଏ । ବାସ୍ତବରେ ବିଷୟ ପଦାର୍ଥ ଠାରୁ ସମ୍ବନ୍ଧ ବିଚ୍ଛେଦ ହିଁ ପ୍ରକୃତ ସୁଖ । ସୁଷୁପ୍ତିରେ ବିଷୟ ପଦାର୍ଥର ବିସ୍ମୃତ ହୋଇ, ଚେତନ ସଂପୂର୍ଣ୍ଣ ସ୍ୱରୁପରେ ସ୍ଥିତହେବା କାରଣରୁ ସୁଖ ଅନୁଭୁତ ହୁଏ । ତେଣୁ ନିଦ୍ରା ଯିବାପାଇଁ ମନୁଷ୍ୟକୁ ପ୍ରବଳ ଇଚ୍ଛା ହୁଏ । ବାହ୍ୟ ଭୋଗ୍ୟବସ୍ତୁ ପ୍ରତି ଅନାସକ୍ତ କର୍ମଯୋଗୀ, ନିଜ ସ୍ୱରୂପରେ ସ୍ଥିତ ରହି , ସାତ୍ତ୍ୱିକ ସୁଖ ପ୍ରାପ୍ତ କରିଥାଏ । ଇନ୍ଦ୍ରିୟଭୋଗକୁ ସୁଖ ବୋଲି ମାନୁଥିବା ମନୁଷ୍ୟକୁ ଆତ୍ମା ଚିନ୍ତନର ସୁଖ ମିଳିନ'ଥାଏ। ସାଧନାର ପ୍ରାରମ୍ଭରେ ଭୋଗ୍ୟ ବସ୍ତୁ ପ୍ରତି ଅନାସକ୍ତ ରହି ଆତ୍ମ- ଚିନ୍ତନରେ ଅନ୍ତଃକରଣରେ ଯେଉଁ ସୁଖ ମିଳେ , ଅହଙ୍କାରର ସଂପୂର୍ଣ୍ଣ ଭାବରେ ବିନଷ୍ଟ ହୋଇ ନ'ଥିବା କାରଣରୁ ତାହା ମଧ୍ୟ ଅଖଣ୍ଡ ସୁଖ ହୋଇ ନ'ଥାଏ । ମନର ବିକ୍ଷେପ ଦୋଷରୁ ତାହା ନିରନ୍ତର ଉପଲବ୍ଧ ହୋଇ ନ'ଥାଏ। ପରମାତ୍ମା ସହିତ ପୂର୍ଣ୍ଣ ରୂପେ ଅଭିନ୍ନ ସତ୍ତା ଅନୁଭବ ନ'ହେବା ପର୍ଯ୍ୟନ୍ତ, ପ୍ରକୃତି ଜନିତ ବିକାର ଓ ଅହଙ୍କାରର ସଂପୂର୍ଣ୍ଣ ରୂପରେ ଅନ୍ତଃକରଣରୁ ବିଲୁପ୍ତ ଘଟି ନ'ଥାଏ । କର୍ମଯୋଗ ସାଧନାରେ ଚିତ୍ତ ବୃତ୍ତି ଶାନ୍ତ ହେଲାପରେ , ଗୁରୁଙ୍କଠାରୁ ଜ୍ଞାନପ୍ରାପ୍ତ କରି ସାଧକର ଆତ୍ମା ସାକ୍ଷାତ୍କାର ହୋଇଥାଏ । ମନନ,ନିଦିଧ୍ୟାସନ ସାଧନରେ ଅନ୍ତଃକରଣରୁ ଅବିଦ୍ୟାର ଆବରଣ ହଟିଗଲେ, ପରମାତ୍ମାଙ୍କ ଜ୍ଞାନ ସ୍ୱରୂପ ସ୍ୱତଃ ପ୍ରକାଶିତ ହୋଇଉଠେ । ଶୁଦ୍ଧ ଚୈତନ୍ୟରେ ସେହି ପରମାତ୍ମା ତତ୍ତ୍ୱ ଜ୍ଞାନର ଅନୁଭବ ହୋଇଥାଏ। ଏହି ସ୍ଥିତିରେ ଜ୍ଞାନୀ ପୁରୁଷ, ପରମାତ୍ମା ତତ୍ତ୍ୱରେ ତଦାତ୍ମା ହୋଇ ଅସୀମ ଆନନ୍ଦ ଲବ୍ଧ କରିଥାନ୍ତି, ଯାହା ନିତ୍ୟ ଆଉ ଚିରନ୍ତନ । ସେହି ଦିବ୍ୟାନନ୍ଦକୁ ଅକ୍ଷୟ ସୁଖ ବୋଲି ଭଗବାନ ଏହିଠାରେ କହିବାର ତାତ୍ପର୍ଯ୍ୟ ହେଲା , ଜ୍ଞାନୀ ଜୀବିତ ଅବସ୍ଥାରେ ହିଁ ଜୀବନାମୁକ୍ତ ଅର୍ଥାତ୍ ମୁକ୍ତିରୁପକ ପରମାନନ୍ଦକୁ ପ୍ରାପ୍ତ କରନ୍ତି । ବ୍ରହ୍ମବିଦ୍ୟା ପ୍ରାପ୍ତ ହେବାପରେ, ବ୍ରହ୍ମଜ୍ଞାନୀଙ୍କ ପକ୍ଷେ ବାହ୍ୟ ସ୍ପର୍ଶ କି' ଅନ୍ତଃ ସ୍ପର୍ଶର କୌଣସି ପ୍ରଭେଦ ରହେନାହିଁ । ସର୍ବ ଭୂତାତ୍ମଭୂତାତ୍ମା ଦୃଷ୍ଟିରେ ସେହି ପରମେଶ୍ୱର ପରମବ୍ରହ୍ମଙ୍କ ଆନନ୍ଦସ୍ୱରୂପ ହିଁ ସର୍ବତ୍ର ବିଦ୍ୟମାନ ବୋଲି ଅନୁଭବ କରିଥାନ୍ତି । ପରମାତ୍ମାଙ୍କ ସତ୍-ଚିଦ୍-ଆନନ୍ଦ ସ୍ୱରୂପ ସର୍ବଥା ଅନ୍ତଃକରଣରେ ଜାଗୃତ ହୋଇ ରହିବାରେ, ଜ୍ଞାନୀ ନିତ୍ୟସୁଖର ଅଧିକାରୀ ହୁଏ। ସାଧନ କାଳରେ ପ୍ରାପ୍ତ ହୋଇଥିବା ସାତ୍ତ୍ୱିକ ସୁଖକୁ ଅକ୍ଷୟ ସୁଖ କୁହାଯିବ ନାହିଁ । ଅକ୍ଷୟ ଆନନ୍ଦ କେବଳ ପରମାତ୍ମା ସ୍ୱରୂପ ତତ୍ତ୍ୱରେ ଏକାକାର ହେଲେ ହିଁ ପ୍ରାପ୍ତ ହୋଇଥାଏ ।

**ଯେ ହି ସଂସ୍ପର୍ଶଜା ଭୋଗା ଦୁଃଖଯୋନୟ ଏବ ତେ ।**
**ଆଦ୍ୟନ୍ତବନ୍ତଃ କୌନ୍ତେୟ ନ ତେଷୁ ରମତେ ବୁଧଃ ॥୨୨॥**

*ଅନ୍ୱୟ : ହି (କାରଣ) କୌନ୍ତେୟ ( ହେ କୁନ୍ତୀ ନନ୍ଦନ !) ସଂସ୍ପର୍ଶଜା ( ଇନ୍ଦ୍ରିୟ ଓ ବିଷୟର ସଂଯୋଗରୁ ଜାତ ) ଯେ ଭୋଗାଃ ( ଯେଉଁ ସମସ୍ତ ସୁଖ ରହିଛି) ତେ ( ସେ ସବୁ ) ଆଦି-ଅନ୍ତବନ୍ତଃ ( ଉତ୍ପତ୍ତି ଓ ବିନାଶଶୀଳ ଅର୍ଥାତ୍ ଅତ୍ୟନ୍ତ ଅନିତ୍ୟ ) ଦୁଃଖ ଯୋନୟଃ ଏବ ( ଦୁଃଖର ହିଁ କାରଣ ହୋଇଥାଏ ) ବୁଧଃ ( ବିବେକଶୀଳ ପୁରୁଷ ) ତେଷୁ ( ସେହି କ୍ଷଣିକ ବିଷୟାନନ୍ଦରେ ) ନ ରମତେ (ରମଣ କରନ୍ତି ନାହିଁ ଅର୍ଥାତ୍ ପ୍ରୀତ ହୁଅନ୍ତି ନାହିଁ) ।*

**ଭାବାର୍ଥ :** ଅର୍ଜୁନଙ୍କ ମାତା କୁନ୍ତିଦେବୀ ବହୁତ ବୁଦ୍ଧିମତୀ,ସଂଯମଶୀଳ,ବିବେକବତୀ, ଏବଂ ବିଷୟଭୋଗରୁ ବିରତ ହୋଇ ରହିଥିବା ଜଣେ ମହୀୟଷି ନାରୀ । ସାରା ଜୀବନ ବୈରାଗ୍ୟଯୁକ୍ତ, ଧର୍ମାଚରଣ ଏବଂ ଭଗବାନଙ୍କର ଭକ୍ତିରେ ବିତାଇଛନ୍ତି ।"କୌନ୍ତେୟ" ସମ୍ବୋଧନରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ମାତା କୁନ୍ତୀଙ୍କର ମହତ୍ତ୍ୱକୁ ସୂଚାଇ ଦେଇ କହିବାକୁ ଚାହୁଁ ଛନ୍ତି , ହେ ଅର୍ଜୁନ ! ତୁମ୍ଭେ ସେହି ଧର୍ମଶୀଳା କୁନ୍ତିଦେବୀଙ୍କ ପୁତ୍ର । ତୁମ୍ଭ ପକ୍ଷେ ବ୍ୟକ୍ତି ଓ ପଦାର୍ଥ ପ୍ରତି ଆସକ୍ତି ଓ ମମତା କାରଣରୁ ଯୁଦ୍ଧକ୍ଷେତ୍ରରୁ ପଳାୟନ କରିବା ଶୋଭନୀୟ ନୁହଁ । ଇଚ୍ଛାକରୁଥିବା ଭୋଗ୍ୟ ବସ୍ତୁ କିମ୍ବା ମମତ୍ୱ ଥିବା ବ୍ୟକ୍ତି ଯଥା ସ୍ତ୍ରୀ, ପୁତ୍ର, ବନ୍ଧୁ ଆଦି ସହିତ ଇନ୍ଦ୍ରିୟ ମାନଙ୍କ ସଂଯୋଗ ହେବାମାତ୍ରେ, ଅନ୍ତଃକରଣରେ ଏକପ୍ରକାର ଆନନ୍ଦ ଅନୁଭବ ହୁଏ । ବିଷୟଭୋଗରେ ଯେଉଁ ଆନନ୍ଦ ଅନୁଭବ ହୋଇଥାଏ , ତାହା ବାସ୍ତବରେ ଆତ୍ମାନନ୍ଦର ହିଁ ଛାୟା । ଇଚ୍ଛା ପୁରଣହୋଇ ଭୋଗ୍ୟ ବସ୍ତୁର ସେବନରେ କିମ୍ବା ଇପ୍ସିତ ବସ୍ତୁ ,ବ୍ୟକ୍ତି,କିମ୍ବା ପରିସ୍ଥିତିର ପ୍ରାପ୍ତରେ ଚିତ୍ତବୃତ୍ତି କିଛିକ୍ଷଣ ପାଇଁ ଶାନ୍ତ ହୋଇ ରହେ । ସେହି ସମୟରେ ଆତ୍ମାରେ ଥିବା ଆନନ୍ଦସ୍ୱରୂପ ସ୍ଥିର ରହିଥିବା ଚିତ୍ତ ଉପରେ ପ୍ରତିବିମ୍ବିତ ହୋଇଥାଏ। ଆତ୍ମାର ସେହି ଚିଦାଭାସରେ ହିଁ ଅନ୍ତଃକରଣରେ ସୁଖ ଅନୁଭବ ହୋଇଥାଏ। ଭ୍ରମରେ ସେହି ସୁଖକୁ ପଦାର୍ଥ ଓ ବ୍ୟକ୍ତି ପାଖରୁ ପ୍ରାପ୍ତ ମନେ କରିବା ହେଉଛି ମନୁଷ୍ୟର ଅଜ୍ଞାନ । ଆନନ୍ଦ ବାସ୍ତବରେ ଚେତନର ହିଁ ସ୍ୱରୂପ,ତାହା କଦାପି ଜଡ ବସ୍ତୁରୁ ପ୍ରାପ୍ତ ହେବନାହିଁ । ବିଷୟ ପଦାର୍ଥକୁ ସୁଖର କାରଣ ମନେକରି, ସେଥିପ୍ରତି ଆସକ୍ତି ବଢିଚାଲେ । ଆସକ୍ତିରୁ କାମ, କ୍ରୋଧ,ଅହନ୍ତା ଆଦି ସମସ୍ତ ଅନର୍ଥ ସୃଷ୍ଟି ହୋଇଥାଏ। ସମସ୍ତ ଦୋଷ, ଦୁର୍ଗୁଣ ମନୁଷ୍ୟକୁ ଚାରିପଟୁ ଘେରି ପାପ କର୍ମରେ ଲିପ୍ତ କରାଇଥାନ୍ତି । ଫଳସ୍ୱରୂପ ମନୁଷ୍ୟକୁ ଏହି ଲୋକ, ପରଲୋକରେ ବିବିଧ ପ୍ରକାର ଯନ୍ତ୍ରଣା ଭୋଗିବାକୁ ପଡେ । ବିଷୟ ଜନିତ ସୁଖ ଯେଉଁଠାରେ ସମାପ୍ତ ହୁଏ , ସେହି ସମୟରେ ଦୁଃଖ ଓ ଯନ୍ତ୍ରଣା ଜନ୍ମ ନେଇଥାଏ । ଏହିପରି ଭାବରେ, ବିଷୟଗତ ସୁଖ ହେଉଛି ଦୁଃଖର ଜନ୍ମଦାତା । ଦ୍ୱିତୀୟତଃ ଇନ୍ଦ୍ରିୟ ମାନଙ୍କର ବିଷୟ ସେବନରେ ଯେଉଁ ଭୋଗ ପ୍ରାପ୍ତ ହୁଏ, ତାହା ସ୍ୱପ୍ନ ତଥା ଆକାଶରେ ବିଜୁଳି ସାଦୃଶ କ୍ଷଣଭଙ୍ଗୁର। ଜଡ ସହିତ ଚେତନର ସମ୍ବନ୍ଧରେ ହିଁ ସୁଖ ମିଳିଥାଏ। କିନ୍ତୁ ଭୋଗ୍ୟ ବସ୍ତୁ ଓ ଏହାର ସଂଯୋଯକ ଇନ୍ଦ୍ରିୟଧାରୀ ଶରୀର, ଉଭୟ ଜଡ ଅଟନ୍ତି । ଶରୀର ଓ ବସ୍ତୁ ପ୍ରତି ମୁହୂର୍ତ୍ତରେ ବିନାଶଦିଗକୁ ଗତି କରିଥାନ୍ତି । ଜଡ ଯାହା ସ୍ୱୟଂ ଅନିତ୍ୟ, ସେଥିରୁ କିପରି ନିତ୍ୟ ସୁଖ ପ୍ରାପ୍ତ ହେବ ? ଏକେତ, ଭୋଗ୍ୟ ବସ୍ତୁର ବିଲୟ ଘଟିବ, ନ'ତୁବା ଜଡ ଶରୀରର ବିଲୟ ଘଟି, ଯାହା ଅନିର୍ବାର୍ଯ୍ୟ । ତେଣୁ ଏହି ସୁଖ କଦାପି ନିତ୍ୟ ହୋଇପାରିବ ନହିଁ । ବ୍ୟକ୍ତି ଯେତେ ଅଧିକ ପରିମାଣର ଇନ୍ଦ୍ରିୟ ସୁଖ ପ୍ରତି ଆସକ୍ତ ହେବ, ସେତେ ଅଧିକ ଭୌତିକ ଦୁଃଖକୁ ପ୍ରାପ୍ତ ହେବ । ଜଡତାର ସହିତ ସମ୍ବନ୍ଧ ହେଉଛି ଜନ୍ମ-ମରଣ ରୂପକ ମହାଦୁଃଖର କାରଣ । ପତଞ୍ଜଳ ଯୋଗ ଦର୍ଶନ ଅନୁସାରେ, ମନୁଷ୍ୟକୁ ତିନୋଟି

କାରଣରୁ ଦୁଃଖ ହୁଏ । ଭୋଗର ପରିଣାମରେ ନିଜର ଶକ୍ତି ଓ ଭୋଗ୍ୟବସ୍ତୁର ନାଶ ହେବା କାରଣରୁ, ସୁଖ ଭଳି ପ୍ରତୀତ ହେଉଥିବା ଭୋଗ ଅନ୍ତରେ ଦୁଃଖରେ ପରିଣତ ହୁଏ । ଏହା ହେଉଛି ପରିଣାମି ଦୁଃଖ । ନିଜ ଇଚ୍ଛା ମୁତାବକ ଭୋଗ୍ୟବସ୍ତୁ ନ'ମିଳିଲେ, ଭୋଗ୍ୟ ବସ୍ତୁ ଥାଇ ଶରୀର ଅସମର୍ଥତା କାରଣରୁ ସେବନ କରି ନ'ପାରିଲେ , କିମ୍ବା ଭୋଗ୍ୟବସ୍ତୁ ହରାଇବାର ଆଶଙ୍କାରେ , ହୃଦୟରେ ଯେଉଁ ସନ୍ତାପ ହୁଏ ତାହା ହେଉଛି ତାପ ଦୁଃଖ । କୌଣସି କାରଣରୁ ଭୋଗର ବିୟୋଗ ଘଟିଲେ, ତାହାକୁ ସ୍ମରଣ କରି ଯେଉଁ ଦୁଃଖ ହୁଏ, ତାହା ହେଉଛି ସଂସ୍କାର ଦୁଃଖ । ଭୋଗର ସଂଯୋଗ ଅନିତ୍ୟ ଏବଂ ବିୟୋଗ ନିତ୍ୟ, ଏହି ଜ୍ଞାନକୁ ମହତ୍ତ୍ୱ ଦେଉଥିବା ବୁଦ୍ଧିମାନ୍ ମନୁଷ୍ୟ ଭୋଗ କାମନା କରେନାହିଁ କି' ସେଥିରେ ରମଣ କରେନାହିଁ । ଯାହା ଜୀବନ ଉପଯୋଗୀ ଭୋଗ, ତାହାକୁ ଅନାସକ୍ତ ଭାବରେ ଗ୍ରହଣ କରିଥାଏ । ବୁଦ୍ଧିମାନ୍ ବିବେକୀ ପୁରୁଷ ବିଷୟ ସୁଖକୁ ଅନିତ୍ୟ ଏବଂ କାମ,କ୍ରୋଧ ଆଦି ସମସ୍ତ ଅନର୍ଥର କାରଣ ବୋଲି ମନେକରି, ବିଷୟାସକ୍ତକୁ ତ୍ୟାଗ କରି ନିତ୍ୟସୁଖର ଅନ୍ୱେଷଣ କରିଥାଏ । ଛାନ୍ଦୋଗ୍ୟୋପନିଷଦରେ ଉଲ୍ଲେଖ ରହିଛି "ନାଳ୍ପେ ସୁଖମସ୍ତି , ଯୋ ବୈ ଭୂମା ତତ୍ ସୁଖମ୍ " । ଅର୍ଥାତ୍ ଖଣ୍ଡ ବସ୍ତୁରେ ସୁଖ ନାହିଁ, ଯାହା ଭୂମା ଅର୍ଥାତ୍ ଅସୀମ,ତାହାହିଁ ସୁଖ । ଆତ୍ମ ସାକ୍ଷାତ୍କାରରେ ଅଭିନ୍ନ ରୂପେ ବ୍ରହ୍ମର ଅପରୋକ୍ଷ ଅନୁଭୂତି ହେଲେ ,ନିର୍ବିକଳ୍ପ ସମାଧିରେ ଅସୀମ ଆନନ୍ଦ ଅନୁଭୂତ ହୁଏ । ତାହାର ସାମାନ୍ୟ ଆଭାସ ମାତ୍ର ବିଷୟାନନ୍ଦରେ ମିଳିଥାଏ ।

**ଶକ୍ନୋତୀହୈବ ଯଃ ସୋଢୁଂ ପ୍ରାକ୍ ଶରୀରବିମୋକ୍ଷଣାତ୍ ।**
**କାମକ୍ରୋଧୋଦ୍ଭବଂ ବେଗଂ ସ ଯୁକ୍ତଃ ସ ସୁଖୀ ନରଃ ॥ ୨୩ ॥**

*ଅନ୍ୱୟ: ଯଃ (ଯେଉଁ ଜ୍ଞାନୀ ପୁରୁଷ ) ଇହ ( ଏହି ମନୁଷ୍ୟ ଲୋକରେ ) ଶରୀର ( ଶରୀର) ବିମୋକ୍ଷଣାତ୍ ( ତ୍ୟାଗ କରିବା ) ପ୍ରାକ୍ ଏବ ( ପୂର୍ବରୁ ହିଁ) କାମ-କ୍ରୋଧ-ଉଦ୍ଭବଂ (କାମ ଓ କ୍ରୋଧରୁ ଜାତ ) ବେଗମ୍ (ବେଗକୁ) ସୋଢୁମ୍ (ସହ୍ୟ କରିବାକୁ ) ଶକ୍ନୋତି (କ୍ଷମ ହୁଅନ୍ତି ) ସଃ ଯୁକ୍ତଃ ( ସେ ସମାହିତ ଚିତ୍ତ ଯୋଗୀ ପୁରୁଷ ) ସଃ ନରଃ ସୁଖୀ ( ସେହି ପୁରୁଷ ହିଁ ସୁଖୀ)*

**ଭାବାର୍ଥ :** ଯେଉଁ ମନୁଷ୍ୟ ଏହି ଶରୀର ତ୍ୟାଗ ହେବା ପୂର୍ବରୁ କାମ ଓ କ୍ରୋଧର ବେଗକୁ ଅନ୍ତଃକରଣରେ ସହ୍ୟ କରିବାକୁ ସକ୍ଷମ ହୋଇଥାନ୍ତି, ସେ ବାସ୍ତବରେ ବିଷୟ ଭୋଗରୁ ଆସକ୍ତ ଶୂନ୍ୟ ବୋଲି କୁହାଯିବ । ସେହି ସିଦ୍ଧ କର୍ମଯୋଗୀ, ନିତ୍ୟ ପରମାତ୍ମତତ୍ତ୍ୱ ସହ ଯୁକ୍ତ ହୋଇ ଅଖଣ୍ଡ ସୁଖର ଅଧିକାରୀ ହୋଇଥାନ୍ତି । ସେ ସଂସାରରେ ଯଥାର୍ଥ ମନୁଷ୍ୟ ଭାବରେ ପରିଗଣିତ ହୁଅନ୍ତି । ବ୍ୟକ୍ତି ଓ ପଦାର୍ଥଜନିତ ସଂସାରର ସମସ୍ତ ବିଷୟ ଭୋଗ , କାମ ଓ କ୍ରୋଧ ଦୋଷ ସହିତ ଜଡିତ । ଅନ୍ତଃକରଣରେ ବିଷୟଭୋଗ ପ୍ରତି କିଞ୍ଚିତ୍ ମାତ୍ର ଆସକ୍ତି ଥିଲେ, ତାହା ଆତ୍ମ-ଜ୍ଞାନ ପ୍ରାପ୍ତ ସାଧନାର ପ୍ରତିବନ୍ଧକ ହୁଏ । ଜୀବାତ୍ମା ଶରୀର ଭିତରେ ଥିବା ପର୍ଯ୍ୟନ୍ତ, ଏହି କାମ ଓ କ୍ରୋଧ ଅବଶ୍ୟ ରହିବ । କାରଣ ଏହି ଶରୀର ପଞ୍ଚ ମହାଭୂତରେ ନିର୍ମିତ ଯାହାର ନିର୍ବାହ ସକାଶେ ପ୍ରକୃତି ଓ ଗୁଣ ସର୍ବଥା କ୍ରିୟମାଣ ହୋଇ ରହିଥାନ୍ତି । ପ୍ରକୃତି ଓ ଗୁଣର କ୍ରିୟମାଣ ଯୋଗୁଁ ଶରୀର ଭିତରେ ନାନା ପ୍ରକାର ସଂକଳ୍ପ ଓ କାମନା ଅବଶ୍ୟ ଉତ୍ପନ୍ନ ହୁଏ । ଏହା ବ୍ୟତୀତ, ମନୁଷ୍ୟର ମନ ଓ ଇନ୍ଦ୍ରିୟ ଦ୍ୱାରା ବାହାର ରହିଥିବା ପଦାର୍ଥ ଓ ବ୍ୟକ୍ତି ସହିତ ଭୋଗ ବୁଦ୍ଧିରେ ସମ୍ବନ୍ଧ ହୋଇଥାଏ । ସ୍ତ୍ରୀ,ପୁରୁଷ,ଧନ,ମାନ,ପ୍ରତିଷ୍ଠା ଆଦି ଯାହା କିଛି ଅଛି, ସେ ସବୁ ସହିତ ସଙ୍ଗ ହେବା ଇନ୍ଦ୍ରିୟ ଓ ମନର ବିଷୟ ଅଟେ । ସେଥିରେ ଆସକ୍ତି ହେବାର କାରଣରୁ, ତାହାକୁ

ପ୍ରାପ୍ତ କରିବାକୁ ଯେଉଁ ଇଚ୍ଛା ହୋଇଥାଏ, ତାହା ହେଉଛି "କାମ" । କାମନାର କାରଣରୁ ଅନ୍ତଃକରଣରେ ନାନା ପ୍ରକାରର ସଂକଳ୍ପ-ବିକଳ୍ପର ଯେଉଁ ପ୍ରବାହ ହୁଏ ତାହା ହେଉଛି କାମନାରୁ ଉତ୍ପନ୍ନ ବେଗ । ମନ, ଇନ୍ଦ୍ରିୟ ଚାହିଁବା ଅନୁସାରେ ଯଦି ବିଷୟ ପଦାର୍ଥ ପ୍ରାପ୍ତ ହୁଏନାହିଁ ଏବଂ ଭୋଗସେବନ ବାଧାପ୍ରାପ୍ତ ହୁଏ,ସେତେବେଳେ ଅନ୍ତଃକରଣରେ ଏକ ଉତ୍ତେଜନା ପୂର୍ଣ୍ଣ ବିରୋଧଭାବ ଦେଖାଯାଏ। ତାହା ହେଉଛି "କ୍ରୋଧ" ଯାହା କାମନାରୁ ଜାତ ହୁଏ । ଏହାର ପ୍ରଭାବରେ ଅନ୍ତଃକରଣରେ ଜ୍ୱଳନ ଅନୁଭୂତ ହୁଏ, ମୁଖମଣ୍ଡଳର ବର୍ଣ୍ଣ ବଦଳିଯାଏ, ସମସ୍ତ ଅବୟବ ଥରି ଉଠେ । ତାହା ହେଉଛି କ୍ରୋଧର ବେଗ । କାମ ଓ କ୍ରୋଧର ବେଗ , ଆସକ୍ତର ଗଭୀରତାକୁ ନେଇ ସାମାନ୍ୟ , ମଧ୍ୟମ କିମ୍ବା ତୀବ୍ର ହୋଇଥାଏ । ତମୋଗୁଣ ସମ୍ପନ୍ନ ମନୁଷ୍ୟର କାମନା ତୀବ୍ର ବେଗଶୀଳ ହୋଇ ତୃଷ୍ଣା ଓ ମୋହରେ ପରିଣତ ହୁଏ । ସଂଯମୀ ବିବେକଯୁକ୍ତ ଜ୍ଞାନୀ ପୁରୁଷ, କାମନାର ବେଗକୁ ନିଜ ନିୟନ୍ତ୍ରଣରେ ରଖିଥାଏ । କାମନା ବେଗକୁ ସହ୍ୟ କରିନେଲା ପରେ, କ୍ରୋଧ ସ୍ୱତଃ ଶିଥିଳ ହୋଇଯାଇଥାଏ । ଶରୀର ଭିତରେ ଥିବା ଇଚ୍ଛାଶକ୍ତି ସାଧନ ପାଇଁ ପ୍ରକୃତିର ବରଦାନ । ଏହି ଇଚ୍ଛା ଶକ୍ତି ଦ୍ୱାରାହିଁ ପରମାତ୍ମତତ୍ତ୍ୱ ପ୍ରାପ୍ତ ହେବା ମନୁଷ୍ୟ ପକ୍ଷେ ସମ୍ଭବ ହୋଇଥାଏ । ଏଠି ନିମନ୍ତେ ଶୁଦ୍ଧ ଚୈତନ୍ୟ ଯୁକ୍ତ ବିବେକ ର ଆବଶ୍ୟକତା ରହିଛି । ଭଗବାନ ଏହି କାମ, କ୍ରୋଧର ବେଗକୁ ଶରୀର ତ୍ୟାଗ ପୂର୍ବରୁ ସହ୍ୟ କରିବାକୁ କହିବାର ତାତ୍ପର୍ଯ୍ୟ ହେଲା, ଯୋଗୀ ଜୀବନାମୁକ୍ତ ସ୍ଥିତିରେ ରହିଥିଲେ ମଧ୍ୟ, ଏହି କାମ ଓ କ୍ରୋଧର ବେଗ ନିୟନ୍ତ୍ରଣର ବାହାରକୁ ଚାଲିଯିବାର ସମ୍ଭାବନା ରହିଥାଏ । ତେଣୁ ଜୀବନର ଶେଷ ନିଶ୍ୱାସଃ ପର୍ଯ୍ୟନ୍ତ, ଏହି କାମ ଓ କ୍ରୋଧର ବେଗକୁ ଅନ୍ତଃକରଣରେ ସହ୍ୟ କରି ନଷ୍ଟ କରିବାର କ୍ଷମତା ଜୀବନ ମୁକ୍ତ ପୁରୁଷ ନିକଟରେ ରହିବା ଜରୁରୀ । ଏଥିପ୍ରତି ଯୋଗଯୁକ୍ତ ପୁରୁଷ ସର୍ବଥା ସଚେତନ ଓ ସାବଧାନ ରହିବା ବିଧେୟ ।

**ଯୋଽନ୍ତଃସୁଖୋଽନ୍ତରାରାମସ୍ତଥାନ୍ତର୍ଜ୍ୟୋତିରେବ ଯଃ ।**
**ସ ଯୋଗୀ ବ୍ରହ୍ମନିର୍ବାଣଂ ବ୍ରହ୍ମଭୂତୋଽଧିଗଚ୍ଛତି ॥ ୨୪ ॥**

*ଅନ୍ୱୟ : ଯଃ ( ଯେ) ଅନ୍ତଃସୁଖଃ ( ଆତ୍ମାରେ ହିଁ ସୁଖ ପାଏ ) ଅନ୍ତ ରାରାମଃ ( ପରମାତ୍ମାଙ୍କ ଠାରେ ରମଣ କରି ତୃପ୍ତ ହୁଅନ୍ତି ) ତଥା ( ଏବଂ ) ଯଃ ( ଯେ ) ଅନ୍ତଃ ଜ୍ୟୋତିଃ ଏବ (ଅନ୍ତଃକରଣ ପରମାତ୍ମା ତତ୍ତ୍ୱଜ୍ଞାନ ଆଲୋକରେ ଉଦ୍ଭାସିତ) ବ୍ରହ୍ମଭୂତଃ ( ବ୍ରହ୍ମଭାବ ପ୍ରାପ୍ତ ହୋଇ ) ସଃ ( ସେହି ) ଯୋଗୀ ( ସାଙ୍ଖ୍ୟ ଯୋଗୀ ) ବ୍ରହ୍ମନିର୍ବାଣଂ ( ନିର୍ବାଣ ବ୍ରହ୍ମକୁ ) ଲଭନ୍ତେ ( ପ୍ରାପ୍ତ ହୁଅନ୍ତି ) ।*

**ଭାବର୍ଥ :** ଅନ୍ତରରେ ଆତ୍ମା ଆନନ୍ଦ ପ୍ରାପ୍ତ କରୁଥିବା ମହାତ୍ମା , ପରମାତ୍ମାଙ୍କ ଠାରେ ରମଣ କରି ତୃପ୍ତଲାଭ କରିଥାନ୍ତି । ଯାହାର ଅନ୍ତଃକରଣ ପରମାତ୍ମା ତତ୍ତ୍ୱ ଜ୍ଞାନ ରୂପକ ଆଲୋକରେ ଉଦ୍ଭାସିତ ହୋଇ ସମସ୍ତ ପାପ ନଷ୍ଟ ହୋଇସାରିଛି , ସେହି ସାଙ୍ଖ୍ୟଯୋଗୀ ବ୍ରହ୍ମରେ ନିଜ ସ୍ଥିତିକୁ ଅନୁଭବ କରି, ନିର୍ବାଣ ବ୍ରହ୍ମକୁ ପ୍ରାପ୍ତ କରନ୍ତି ଅର୍ଥାତ୍ କୈବଲ୍ୟ ମୁକ୍ତି ପ୍ରାପ୍ତ ହୋଇଥାନ୍ତି । ସର୍ବଭୂତ ଅନ୍ତଃସ୍ଥିତ ପରମାନନ୍ଦ ସ୍ୱରୂପ ପରମାତ୍ମା ଅତିରିକ୍ତ ଅନ୍ୟ କୌଣସି ବିଷୟରେ ସୁଖବୁଦ୍ଧି ରଖିନ'ଥିବା ସାଙ୍ଖ୍ୟଯୋଗୀ ପରମାତ୍ମାତତ୍ତ୍ୱରେ ହିଁ ସୁଖ ଅନୁଭବ କରିଥାନ୍ତି । ସ୍ୱୟଂଠାରୁ ସ୍ୱୟଂ ପ୍ରତି କେବେ ଅପ୍ରିତୀ ହୋଇ ନ'ଥାଏ କି' ସ୍ୱୟଂ ଠାରୁ ଦୁଃଖ ପ୍ରାପ୍ତ ହୁଏନାହିଁ । ଏହା ହେଉଛି ଅନ୍ତଃସୁଖ । ଆସକ୍ତି ରହିତ ହୋଇ ପରମାନନ୍ଦ ସ୍ୱରୂପ ପରମାତ୍ମାଙ୍କର ନିରନ୍ତର ଅଭିନ୍ନ ଭାବରେ ଚିନ୍ତନ କରି, ଯାହାର ସମସ୍ତ ବ୍ୟବହାର ଏକମାତ୍ର ପରମାତ୍ମା ତତ୍ତ୍ୱରେ ହିଁ ହୋଇଥାଏ, ସେହି ସାଧକକୁ

ଅନ୍ତରାରାମ କୁହାଯାଇଛି । ପରମାତ୍ମାଙ୍କ ସ୍ୱରୂପର ବାସ୍ତବ ଅନୁଭୂତି ଲାଭକରି, ଯୋଗଯୁକ୍ତ ପୁରୁଷ ଅନ୍ତରରେ ସୁଖ ଅନୁଭବ କରେ । ପରମାତ୍ମା ତତ୍ତ୍ୱ ହେଉଛି ବିବେକ ସମେତ ସମସ୍ତ ଜ୍ଞାନର ପ୍ରକାଶକ ଓ ଆଧାର । ତତ୍ତ୍ୱଦର୍ଶୀଙ୍କ ଦୃଷ୍ଟିରେ ଏକ ବିଜ୍ଞାନନନ୍ଦସ୍ୱରୂପ ପରମାତ୍ମାଙ୍କ ଅତିରିକ୍ତ ଅନ୍ୟବସ୍ତୁର ଭିନ୍ନ ସତ୍ତା ହିଁ ନାହିଁ । ଏହି ପରମାତ୍ମତତ୍ତ୍ୱ ଜ୍ଞାନ, ସାଧକ ଅନ୍ତରରେ ସର୍ବଥା ଜାଗ୍ରତ ହୋଇ ରହିବା ହେଉଛି "ଅନ୍ତଃଜ୍ୟୋତି" । ଅନ୍ତଃସୁଖ, ଅନ୍ତରାରାମ,ଅନ୍ତର୍ଜ୍ୟୋତି, ଏହି ତିନି ପ୍ରକାର ସ୍ଥିତିକୁ ଏକ ସାଥିରେ ଭଗବାନ କହିବାର ଅଭିପ୍ରାୟ ହେଲା, ବାହ୍ୟ ଦୃଶ୍ୟ ପ୍ରପଞ୍ଚରେ ସାଙ୍ଖ୍ୟଯୋଗ ସାଧକଙ୍କ କିଛି ମଧ ସମ୍ବନ୍ଧ ନ'ଥାଏ । କେବଳ ପରମାତ୍ମତତ୍ତ୍ୱରେ ହିଁ ତାଙ୍କରି ସୁଖ,ରତି ଓ ଜ୍ଞାନର ଅନୁଭବ ହୋଇଥାଏ । ସାଙ୍ଖ୍ୟ ଯୋଗର ଉଚ୍ଚସ୍ତରରେ ସାଧନା ରତ ଯୋଗୀ, ଅହଂକାର,ମମତା, କାମ-କ୍ରୋଧ ଆଦି ସମସ୍ତ ଅବଗୁଣକୁ ତ୍ୟାଗ କରି, ନିରନ୍ତର ଅଭିନ୍ନଭାବରେ ପରମାତ୍ମାଙ୍କ ଚିନ୍ତନରେ ବ୍ରହ୍ମରୂପ ହୋଇଥାନ୍ତି । ଯେଉଁ ଅବସ୍ଥାରେ ବ୍ରହ୍ମ ସହିତ କିଞ୍ଚିତ୍ ମାତ୍ର ଭେଦ ରହିନ'ଥାଏ, ତାହା ହେଉଛି ବ୍ରହ୍ମଭୂତ ଅବସ୍ଥା । ଏହି ସ୍ଥିତିରେ ସାଙ୍ଖ୍ୟଯୋଗୀଙ୍କ ବ୍ୟକ୍ତିତ୍ୱ ନିର୍ବାଣ ବ୍ରହ୍ମରେ ଲୀନ ହୋଇ ଏକମାତ୍ର ନିର୍ବାଣ ବ୍ରହ୍ମର ହିଁ ଅବଶେଷ ରହିଥାଏ । ପରମାତ୍ମା ତତ୍ତ୍ୱ ସହିତ ସାଧକ ଅଭିନ୍ନ ହୋଇ ତତ୍ତ୍ୱନିଷ୍ଠ ହୋଇଯାଏ ।

**ଲଭନ୍ତେ ବ୍ରହ୍ମନିର୍ବାଣମୃଷୟଃ କ୍ଷୀଣକଲ୍ମଷାଃ ।**
**ଛିନ୍ନଦ୍ୱୈଧା ଯତାତ୍ମାନଃ ସର୍ବଭୂତହିତେ ରତାଃ ॥ ୨୫॥**

*ଅନ୍ୱୟ: ଯତାତ୍ମାନଃ ( ଯେଉଁ ସଂଯମୀ ପୁରୁଷଙ୍କ ଚିତ୍ତ ପରମାତ୍ମାତତ୍ତ୍ୱରେ ସମାହିତ) ସର୍ବ ଭୂତ ହିତେ ( ସକଳ ପ୍ରାଣୀଙ୍କ ହିତ ସାଧନରେ ) ରତାଃ ( କ୍ରିୟାରତ ) ଛିନ୍ନଦ୍ୱୈଧା (ଯାହାର ସମସ୍ତ ସଂଶୟ ନଷ୍ଟ ହୋଇଛି) କ୍ଷୀଣକଲ୍ମଷାଃ ( ସମସ୍ତ ପାପରୁ ମୁକ୍ତ ହୋଇଥିବା ) ଋଷୟଃ ( ବିବେକଶୀଳ ତତ୍ତ୍ୱବେତ୍ତା) ବ୍ରହ୍ମନିର୍ବାଣମ୍ (ନିର୍ବାଣ ବ୍ରହ୍ମକୁ ) ଲଭନ୍ତେ (ପ୍ରାପ୍ତ ହୋଇଥାନ୍ତି ) ।*

**ଭାବାର୍ଥ :** ଯେଉଁ ସଂଯମୀ ପୁରୁଷଙ୍କ ଚିତ୍ତ ପରମାତ୍ମାତତ୍ତ୍ୱରେ ସମାହିତ, ସକଳ ପ୍ରାଣୀଙ୍କ ହିତ ସାଧନରେ ସର୍ବଦା କ୍ରିୟାରତ, ଓ ତତ୍ତ୍ୱଜ୍ଞାନ ପ୍ରାପ୍ତରେ ଯାହାର ସଂଶୟ ସଂପୂର୍ଣ୍ଣ ନଷ୍ଟ ହୋଇଛି, ସେହି ତତ୍ତ୍ୱବେତ୍ତା ନିଷ୍ପାପ ହୋଇ ବ୍ରହ୍ମ ନିର୍ବାଣକୁ ପ୍ରାପ୍ତ ହୁଅନ୍ତି । ଏହିଠାରେ ଭଗବାନ ଦୃଢମତ ରଖିଛନ୍ତି ଯେ' କର୍ମଯୋଗ ସାଧକ ମଧ ପରମାତ୍ମତତ୍ତ୍ୱଜ୍ଞାନ ପ୍ରାପ୍ତହୋଇ ବ୍ରହ୍ମସ୍ୱରୂପରେ ଲୀନ ହୋଇଥାନ୍ତି । ଜିତାତ୍ମାନ ପୁରୁଷଙ୍କ ଶରୀର ସହିତ ତଦାତ୍ମା ନ'ହେବାର କାରଣରୁ ଅନ୍ତଃକରଣରେ ଅହନ୍ତା ଓ ମମତା ରହିନଥାଏ । ଇନ୍ଦ୍ରିୟମାନଙ୍କ ସଂଯମତା ଯୋଗୁଁ ମନ ନିଶ୍ଚଳଭାବରେ ପରମାତ୍ମାଙ୍କ ଲୟରେ ରହେ । "ପରମାତ୍ମା ତତ୍ତ୍ୱ ହିଁ ସର୍ବତ୍ର ସମାନ ଭାବରେ ପରିପୂର୍ଣ୍ଣ" ଏହିଦୃଷ୍ଟି ଭାବରେ ସମସ୍ତ ପ୍ରାଣୀଙ୍କ ହିତ ସାଧନରେ ନିଜକୁ ନିୟୋଜିତ କରନ୍ତି । ପରମାତ୍ମାଙ୍କ ଯଥାର୍ଥ ଜ୍ଞାନ ହେଲାପରେ ମଳ,ବିକ୍ଷେପ,ଓ ଆବରଣ ସଂପୂର୍ଣ୍ଣ ଭାବରେ ନଷ୍ଟ ହୋଇ ଅନ୍ତଃକରଣ ସଂଶୟମୁକ୍ତ ହୋଇଥାଏ। ବିଷୟ ଭୋଗ ପ୍ରତି ଅନାସକ୍ତ ରହି ,ରାଗ-ଦ୍ୱେଷ ଅଭାବରେ ସମତାପ୍ରାପ୍ତ ହୁଅନ୍ତି । ସମତ୍ୱ ପ୍ରାପ୍ତିରେ ସଞ୍ଚିତ,କ୍ରିୟମାଣ କର୍ମସହିତ ସମସ୍ତ ଅବଗୁଣ ନଷ୍ଟ ହୋଇ ଯୋଗଯୁକ୍ତ ପୁରୁଷ ନିଷ୍ପାପ ହୋଇଥାନ୍ତି । "ଋଷୟ" ପଦ ଯଦିଓ ବେଦ ମନ୍ତ୍ର ସିଦ୍ଧପ୍ରାପ୍ତ ପୁରୁଷଙ୍କୁ କୁହାଯାଇଥାଏ ,ଏଠାରେ ବିବେକଶୀଳ ସମଦର୍ଶୀ ପୁରୁଷଙ୍କୁ ଲକ୍ଷକରି ଭଗବାନ କହିଛନ୍ତି । ଏହିସବୁ ସ୍ଥିତି ପ୍ରାପ୍ତହେଲେ, ଜ୍ଞାନୀ ପୁରୁଷ ସର୍ବତ୍ର ପରିପୂର୍ଣ୍ଣ ବ୍ରହ୍ମର ଅନୁଭବ କରି ନିର୍ବାଣ ବ୍ରହ୍ମରେ ଲୀନ ହୋଇଯାନ୍ତି ।

ଯେପରି ଜଳ ତତ୍ତ୍ୱରେ ସମୁଦ୍ର ଓ ଲହରୀ, ଏହି ଦୁଇ ର ଭେଦ ରହିନ'ଥାଏ ,ସେହିପରି ନିର୍ବାଣ ବ୍ରହ୍ମରେ ଆତ୍ମା-ପରମାତ୍ମା ଏହି ଦୁଇର ଭେଦ ରହେନାହିଁ ।

**କାମକ୍ରୋଧବିଯୁକ୍ତାନାଂ ଯତୀନାଂ ଯତଚେତସାମ୍ ।**
**ଅଭିତୋ ବ୍ରହ୍ମନିର୍ବାଣଂ ବର୍ତ୍ତତେ ବିଦିତାତ୍ମନାମ୍ ॥୨୬॥**

*ଅନ୍ୱୟ: କମ-କ୍ରୋଧ-ବିଯୁକ୍ତାନାଂ ( ଯେ କାମ ଓ କ୍ରୋଧରୁ ମୁକ୍ତ ) ଯତଚେତସାମ୍ ( ମନ ଉପରେ ସଂପୂର୍ଣ୍ଣ ବିଜୟପ୍ରାପ୍ତ କରିଥିବା ସିଦ୍ଧପୁରୁଷ) ବିଦିତାତ୍ମନାମ୍ ( ଆତ୍ମଜ୍ଞାନୀ ) ଯତିନାଂ (ଯୋଗସିଦ୍ଧ ସଂଯମୀ )ଅଭିତଃ ( ଶରୀର ତ୍ୟାଗ ପୂର୍ବରୁ ଏବଂ ପରେ ) ବ୍ରହ୍ମନିର୍ବାଣ (" ବ୍ରାହ୍ମୀସ୍ଥିତି" ରୂପକ ନିର୍ବାଣରେ ) ବର୍ତ୍ତତେ (ପରିପୂର୍ଣ୍ଣ) ।*

**ଭାବାର୍ଥ :** ଯୋଗୀପୁରୁଷଙ୍କର ସତ୍-ଅସତ୍ ର ଜ୍ଞାନ ହେଲାପରେ କାମ-କ୍ରୋଧ ଅନ୍ତଃକରଣରେ ପ୍ରବେଶ କରିପାରନ୍ତି ନାହିଁ । ମନ ଓ ଇନ୍ଦ୍ରିୟକୁ ବଶୀଭୂତ କରି ସାରିଲାପରେ,ଚିତ୍ତବୃତ୍ତି ଶାନ୍ତ ହୋଇ ତାଙ୍କରି ଆତ୍ମ- ଜ୍ଞାନ ସ୍ୱୟଂ ପ୍ରକଟ ହୋଇଥାଏ । ଜ୍ଞାନୀପୁରୁଷଙ୍କର ଅନ୍ତଃକରଣ ସର୍ବଥା ପରିଶୁଦ୍ଧ ହୋଇଥାଏ। କାମ କ୍ରୋଧର ଅଭାବରେ ମନ ବୁଦ୍ଧିରୁ ମଳଦୋଷ ନାଶହୁଏ । ଚିତ୍ତବୃତ୍ତିର ସଂଯମତାରେ ବିକ୍ଷେପ ଦୋଷ ଦୂର ହୋଇଥାଏ । ଆତ୍ମା ସାକ୍ଷାତ୍କାରରେ ଅବିଦ୍ୟାର ଆବରଣ ନଷ୍ଟ ହୁଏ । ଶରୀର ଥିବା ପର୍ଯ୍ୟନ୍ତ ବ୍ରହ୍ମଦର୍ଶୀ ସିଦ୍ଧପୁରୁଷ ସର୍ବତ୍ର ପରମାତ୍ମା ହିଁ ପରିପୂର୍ଣ୍ଣ ଅନୁଭବ କରି, ଜୀବନାମୁକ୍ତ ଭାବରେ ଶାନ୍ତବ୍ରହ୍ମରେ ସ୍ଥିତ ରହନ୍ତି ଓ ଦେହତ୍ୟାଗରେ ବ୍ରହ୍ମରେ ଲୀନ ହୋଇଯାନ୍ତି । ସଂଯମୀ, କାମ-କ୍ରୋଧ ରହିତ ଆତ୍ମଜ୍ଞାନୀଙ୍କର "ବ୍ରହ୍ମ ନିର୍ବାଣ" ଅନ୍ତରରେ କି' ହୃଦୟ ଭିତରେ ନଥାଏ । ତାଙ୍କରି ଚତୁଃପାର୍ଶ୍ୱରେ ବ୍ରହ୍ମନିର୍ବାଣ ପରିବ୍ୟାପ୍ତ ହୋଇ ରହିଥାଏ। ସେ ଚାଲିଲେ ବ୍ରହ୍ମନିର୍ବାଣରେ ପାଦ ରଖିଥାନ୍ତି, ତାଙ୍କରି ଶ୍ୱାସ କ୍ରିୟା ବ୍ରହ୍ମ ନିର୍ବାଣରେ ହିଁ ହୋଇଥାଏ,ଆଖିର ଦୃଷ୍ଟିରେ ବ୍ରହ୍ମନିର୍ବାଣକୁ ହିଁ ଦେଖିଥାନ୍ତି ଏବଂ ବ୍ରହ୍ମ ନିର୍ବାଣ ବାୟୁ ରୂପରେ ଶରୀରରେ ସଞ୍ଚାଳିତ ହୋଇଥାଏ । " ଅଭିତଃ" ପଦର ଅର୍ଥ: ଚତୁଃପାର୍ଶ୍ୱ, ଉପର-ତଳ, ବାହାର-ଭିତର, ଏହା-ତାହା, ତତ୍-ତ୍ୱମ୍ ସର୍ବତ୍ର ଏବଂ ସବୁକିଛି ବ୍ରହ୍ମନିର୍ବାଣ ହିଁ ବ୍ରହ୍ମନିର୍ବାଣ । ବ୍ରହ୍ମଦର୍ଶୀ ଜୀବନ ଦଶାରେ ହିଁ ମୁକ୍ତିର ବଳୟରେ ରହିଥାନ୍ତି । ପ୍ରାରବ୍ଧଭୋଗର ସମାପ୍ତିରେ ବ୍ରହ୍ମରେ ଲୀନ ହୋଇଥାନ୍ତି । ଯେଉଁଥିରେ ଉତ୍ପତ୍ତି, ସ୍ଥିତି, ପ୍ରଳୟ ହୋଇଥାଏ, ତାହା ହେଉଛି "ବାଣ ବ୍ରହ୍ମ", ଏହାର ଉର୍ଦ୍ଧ୍ୱରେ ଯାହା , ତାହା ନିର୍ବାଣ ବ୍ରହ୍ମ ।

**ସ୍ପର୍ଶାନ୍ କୃତ୍ୱା ବହିର୍ବାହ୍ୟାଂଶ୍ଚକ୍ଷୁଶ୍ଚୈବାନ୍ତରେ ଭ୍ରୁବୋଃ ।**
**ପ୍ରାଣାପାନୌ ସମୌ କୃତ୍ୱା ନାସାଭ୍ୟନ୍ତରଚାରିଣୌ ॥ ୨୭॥**
**ଯତେନ୍ଦ୍ରିୟମନୋବୁଦ୍ଧି ର୍ମୁନିର୍ମୋକ୍ଷ ପରାୟଣଃ ।**
**ବିଗତେଚ୍ଛାଭୟକ୍ରୋଧୋ ଯଃ ସଦା ମୁକ୍ତ ଏବ ସଃ ॥ ୨୮ ॥**

*ଅନ୍ୱୟ: ବାହ୍ୟାନ୍ ( ବାହ୍ୟ ) ସ୍ପର୍ଶାନ୍ ( ସ୍ପର୍ଶ,ଶବ୍ଦ,ରସ ଆଦି ବିଷୟ ସମୂହକୁ )ବହିଃ କୃତ୍ୱା ( ବାହାରରୁ ହିଁ ପରିତ୍ୟାଗ କରି ) ଚ ( ଓ ) ଚକ୍ଷୁଃ ( ଚକ୍ଷୁକୁ ) ଭ୍ରୁବୋଃ ଅନ୍ତରେ (ଦୁଇ ଭ୍ରୂଲତା ମଧ୍ୟରେ ସ୍ଥାପନକରି )ନାସା-ଅଭ୍ୟନ୍ତର-ଚାରିଣୌ (ନାସିକା ମଧ୍ୟରେ ବିଚରଣଶୀଳ) ପ୍ରାଣାପାନୌ ( ପ୍ରାଣ ଓ ଅପାନ ବାୟୁକୁ ) ସମୌ କୃତ୍ୱା ( ସମାନ କରି ) ଯତ-ଇନ୍ଦ୍ରିୟ-ମନଃ-ବୁଦ୍ଧିଃ (ଇନ୍ଦ୍ରିୟ,ମନ, ଓ ବୁଦ୍ଧିକୁ ବଶୀଭୂତ କରି ) ବିଗତ-ଇଚ୍ଛା,ଭୟ-କ୍ରୋଧଃ (*

*ଇଚ୍ଛା ,ଭୟ, ଓ କ୍ରୋଧଶୂନ୍ୟ ହୋଇ ) ଯଃ ( ଯିଏ ) ମୋକ୍ଷ ପରାୟଣ ( ମୋକ୍ଷକାମୀ ) ସଃ ମୁନି ( ସେହି ମୁନି ) ସଦା ମୁକ୍ତ ଏବ ( ସର୍ବଦା ମୁକ୍ତ ଅଟନ୍ତି )*

**ଭାବାର୍ଥ :** ଅଷ୍ଟାଙ୍ଗ ଯୋଗ ସାଧନ (ଯମ, ନିୟମ ,ଆସନ, ପ୍ରାଣାୟମ, ପ୍ରତ୍ୟାହାର,ଧାରଣା,ଧ୍ୟାନ ଓ ସମାଧି) କ୍ରମରେ ଧ୍ୟାନଯୋଗ ସାଧନରେ ସମାଧି-ଆରୁଢ ହୋଇ ସାଧକ କିପରି ଜୀବନାମୁକ୍ତ ଅବସ୍ଥାକୁ ପ୍ରାପ୍ତ ହୁଅନ୍ତି, ତାହା କୁହାଯାଇଛି । ଏହି ଶ୍ଳୋକରେ ଭଗବାନ ଧ୍ୟାନ ଯୋଗର ପ୍ରସଙ୍ଗ ଉପସ୍ଥାପନ କରିଛନ୍ତି । ସ୍ପର୍ଶ,ରୂପ,ରସ,ଶବ୍ଦ ଆଦି ବିଷୟଭୋଗର ଚିନ୍ତନକୁ ମନରେ ପ୍ରବେଶ କରାଇ ନ'ଦେବା ହେଉଛି ବିଷୟ ଭୋଗକୁ ବାହାରୁ ତ୍ୟାଗ କରିବା । ସମସ୍ତ ଭୋଗ୍ୟ ବିଷୟ ପଦାର୍ଥର ସମ୍ବନ୍ଧକୁ କର୍ମଯୋଗରେ ସେବାଦ୍ୱାରା ଏବଂ ଜ୍ଞାନଯୋଗରେ ବିବେକଦ୍ୱାରା ତ୍ୟାଗ କରିବାକୁ ପଡିଥାଏ । ମେରୁଦଣ୍ଡ ଭିତରେ ଥିବା ସୁଷୁମ୍ନାନାଡିକୁ ସିଧାକରି ରଖି ସୁଖାସନ,ପଦ୍ମାସନ କିମ୍ବା ସିଦ୍ଧାସନରେ ବସି ଧ୍ୟାନ କରିବାକୁ ହୁଏ । ଦୁଇ ଭ୍ରୂଲତାର ମଧ୍ୟସ୍ଥାନ ଯାହା ନାସିକାର ସମ୍ମୁଖଭାଗରେ ରହେ, ସେହି ସ୍ଥାନରେ ଦୁଇ ଆଖିରଦୃଷ୍ଟି ରେଖାକୁ ମିଶାଇ ରଖିଲେ , ଚିତ୍ତ ସ୍ଥିର ହୁଏ। ଧ୍ୟାନ ଅବସ୍ଥାରେ ଅର୍ଦ୍ଧମୁଦ୍ରିତ କରି ଆଖିର ଦୃଷ୍ଟିକୁ ଭ୍ରୂକୁଟିରେ ସ୍ଥିରକରି ରଖିଲେ ,ବାହ୍ୟ ଦୃଶ୍ୟପ୍ରପଞ୍ଚ କାରଣରୁ ମନରେ ବିକ୍ଷେପ ଆସିନ'ଥାଏ । ନାସିକାର ସୂର୍ଯ୍ୟ ନାଡି ( ଦକ୍ଷିଣ ପୁଡା) ଓ ଚନ୍ଦ୍ର ନାଡି ( ବାମ ପୁଡାରେ ) ରେ ପ୍ରାଣ, ଅପାନ ବାୟୁକୁ ସମଭାବରେ ସଂଚାଳନ କରିବା ଦ୍ୱାରା ମନ ବାହାର ଜଗତରୁ ନିବୃତ୍ତ ରହେ । ପ୍ରାଣ ଓ ଅପାନର ଗତି ଅତି ସୂକ୍ଷ୍ମ ହୋଇଗଲେ, ପ୍ରାଣ ନିରୋଧ ହୋଇ ମନ ନିରୋଧ ସରଳ ହୋଇଯାଏ । ପ୍ରାଣ ଅପାନର ଗତି ନାସିକା ଭିତରେ ସମ ହେଲାପରେ, ମନରେ ସ୍ୱାଭାବିକ ଭାବରେ ଇଷ୍ଟ ଚିନ୍ତନ ହେବାକୁ ଲାଗେ । ମନ ନିଶ୍ଚଳ, ଆଉ ବୁଦ୍ଧି ସ୍ଥିର ହୋଇଗଲେ , ଅନ୍ତଃକରଣରେ ସଂକଳ୍ପ ଜାଗ୍ରତ ହୁଏନାହିଁ । ତୈଳଧାରା ସଦୃଶ ମନ ଓ ବୁଦ୍ଧି ଇଷ୍ଟ ସ୍ମରଣରେ ସମାହିତ ହୋଇ ରହେ । କର୍ମଯୋଗ ସାଧନାରେ ଇନ୍ଦ୍ରିୟ,ମନ,ବୁଦ୍ଧି ବଶୀଭୂତ ହୋଇ ସାଧକର ନିୟନ୍ତ୍ରଣରେ ରହିଥାଏ । ବିବେକ ଓ ବୈରାଗ୍ୟ ଜାଗ୍ରତରେ, ଇନ୍ଦ୍ରିୟ,ମନ,ବୁଦ୍ଧିକୁ ସୁଶୃଙ୍ଖଳ ,ଆଜ୍ଞାକାରୀ ,ଅନ୍ତର୍ମୁଖୀ ଓ ଭଗବନ୍ନିଷ୍ଠ କରି ରଖିବା ହେଉଛି ମନ ,ବୁଦ୍ଧି ଉପରେ ବିଜୟ ପ୍ରାପ୍ତ । ଇନ୍ଦ୍ରିୟମାନଙ୍କୁ ନିୟନ୍ତ୍ରଣରେ ରଖିବା ହେଉଛି "ପ୍ରତ୍ୟାହାର" ଅର୍ଥାତ୍ ଇନ୍ଦ୍ରିୟ ବୃତ୍ତିର ସଂଯମତା । ମନକୁ ବଶ କରିନେବା ହେଉଛି "ଧାରଣା" ଅର୍ଥାତ୍ ଚିତ୍ତକୁ ଏକ ଦେଶରେ ସ୍ଥିର କରି ରଖିବା । ବୁଦ୍ଧିକୁ ନିଜ ଅଧୀନ କରି ରଖିବା ହେଉଛି "ଧ୍ୟାନ" ଅର୍ଥାତ୍ ବୁଦ୍ଧିକୁ ଏକ ନିଶ୍ଚୟରେ ଦୃଢ କରି ରଖିବା । ପରମାତ୍ମାଙ୍କ ସର୍ବ ବ୍ୟାପକତାର ଦୃଢ ନିଶ୍ଚୟ କାରଣରୁ ଯିଏ ସର୍ବଥା ପରମାତ୍ମାଙ୍କ ମନନ କରିଥାନ୍ତି ସେ ହେଉଛନ୍ତି "ମୁନି" । ପରମାତ୍ମା ପ୍ରାପ୍ତି ନିମନ୍ତେ ହିଁ ଏହି ଶରୀର ପ୍ରାପ୍ତ ହୋଇଛି । ତେଣୁ ନିତ୍ୟପ୍ରାପ୍ତ ପରମାତ୍ମା ତତ୍ତ୍ୱର ଅନୁଭବ ଯାହାର ଏକମାତ୍ର ଉଦ୍ଦେଶ୍ୟ,ଏବଂ ଏହାକୁ ପ୍ରାପ୍ତ ହେବାର ପ୍ରଯତ୍ନରେ ନିରନ୍ତର ନିଯୁକ୍ତ ରହିଥାନ୍ତି ସେ "ମୋକ୍ଷ ପରାୟଣ" । ପରମାତ୍ମା ତତ୍ତ୍ୱ ପ୍ରାପ୍ତ ସାଧନାରେ ଇଚ୍ଛା,ଭୟ, କ୍ରୋଧ ହେଉଛି ମୁଖ୍ୟ ପ୍ରତିବନ୍ଧକ । ଇଚ୍ଛାରୁ ହିଁ ଭୟ ଓ କ୍ରୋଧ ଉତ୍ପନ୍ନ ହୁଏ । ଇଚ୍ଛା ପୂର୍ତ୍ତିରେ ଯିଏ ପ୍ରତିବନ୍ଧକ ହୋଇଥାନ୍ତି, ସେ ବଳବାନ୍ ହେଲେ ଭୟ ଉତ୍ପନ୍ନହୁଏ, ଅପେକ୍ଷାକୃତ ଦୁର୍ବଳ ହୋଇଥିଲେ କ୍ରୋଧ ଆସେ । ମନୁଷ୍ୟର ବଞ୍ଚିବା ନିମନ୍ତେ ପ୍ରବଳ ଇଚ୍ଛା ରହିଥାଏ । କିନ୍ତୁ ମୃତ୍ୟୁ ସବୁଠାରୁ ବଳବାନ୍ । ତେଣୁ ବଞ୍ଚିବାର ପ୍ରବଳ ଇଚ୍ଛା ରହିବାରୁ ମୃତ୍ୟୁକୁ ଭୟ ହୁଏ ।

ବିଷୟଭୋଗ ପ୍ରତି ଅନାସକ୍ତ ରହି ,ପରମାତ୍ମାପ୍ରାପ୍ତି ହିଁ ଏକ ମାତ୍ର ଇଚ୍ଛା ଥାଇ ପ୍ରଯତ୍ନ ଶୀଳ ହେବାରେ ଇଛା,ଭୟ କ୍ରୋଧ ସ୍ୱତଃ ନଷ୍ଟ ହୋଇଯାଏ । ସାଧକ ଯେତେବେଳେ ଦୃଢ ନିଶ୍ଚୟୀ ହୋଇଯାଏ ଯେ' ପରମାତ୍ମାଙ୍କ ଅତିରିକ୍ତ ଆଉକିଛି ଆବଶ୍ୟକ ନାହିଁ, ତେବେ ସେ ତତ୍ କ୍ଷଣାତ୍ ମୁକ୍ତ ହୋଇଯାଇଥାଏ । ସଂସାର ସାଙ୍ଗରେ ସ୍ୱୀକୃତ ସମ୍ବନ୍ଧ ନାଶ ହେବାମାତ୍ରେ ସ୍ୱତଃସିଦ୍ଧ ମୁକ୍ତ ଅନୁଭବ ହୁଏ ।

**ଭୋକ୍ତାରଂ ଯଜ୍ଞତପସାଂ ସର୍ବଲୋକ ମହେଶ୍ୱରମ୍ ।**
**ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି ॥ ୨୯॥**

*ଅନ୍ୱୟ : [ସେହି ଭକ୍ତ] ମାମ୍ (ମୋତେ) ଯଜ୍ଞତପସାଂ ( ସମସ୍ତ ଯଜ୍ଞ ଓ ତପର) ଭୋକ୍ତାରଂ ( ଭୋକ୍ତା) ସର୍ବଲୋକ ମହେଶ୍ୱରମ୍ (ସମସ୍ତ ଲୋକର ହର୍ତ୍ତା,କର୍ତ୍ତା,ବିଧାତା) ସର୍ବଭୂତାନାଂ (ସକଳ ପ୍ରାଣୀଙ୍କର ) ସୁହୃଦଂ ( ସ୍ୱାର୍ଥ ରହିତ ଦୟାଳୁ ଓ ପ୍ରେମୀ ) ଜ୍ଞାତ୍ୱା ( ଜାଣି ) ଶାନ୍ତିମ୍ (ଶାନ୍ତିକୁ ) ଋଚ୍ଛନ୍ତି ( ଲାଭ କରନ୍ତି ) ।*

**ଭାବାର୍ଥ:** ଇନ୍ଦ୍ର,ବରୁଣ,ଯମରାଜ, ଆଦି ଯେତେମଧ ଲୋକପାଳ ଅଛନ୍ତି, ତଥା ବିଭିନ୍ନ ବ୍ରହ୍ମାଣ୍ଡରେ ନିଜ ନିଜ ବ୍ରହ୍ମାଣ୍ଡକୁ ନିୟନ୍ତ୍ରଣ କରୁଥିବା ଯେତେ ଇଶ୍ୱର ଅଛନ୍ତି , ଭଗବାନ ସେ ସମସ୍ତିଙ୍କ ଇଶ୍ୱର ଅର୍ଥାତ୍ ମହାନ୍ ଇଶ୍ୱର । ନିଜର ଅନିର୍ବଚନୀୟ ମାୟାଶକ୍ତି ଦ୍ୱାରା ଭଗବାନ ନିଜର ଲୀଳାରେ ହିଁ ଅନନ୍ତକୋଟି ବ୍ରାହ୍ମାଣ୍ଡକୁ ଉତ୍ପୃତି,ସ୍ଥିତି ଏବଂ ସଂହାର କରି ନିଜର ଯଥାଯୋଗ୍ୟ ନିୟନ୍ତ୍ରଣରେ ରଖିଛନ୍ତି । ଏହି ପ୍ରକାରେ ଭଗବାନଙ୍କୁ ସର୍ବଶକ୍ତିମାନ ,ସର୍ବନିୟନ୍ତା,ସର୍ବାଧକ୍ଷ୍ୟ, ଏବଂ ସର୍ବେଶ୍ୱରେଶ୍ୱର ରୂପରେ ଜାଣିବା ହିଁ ସେ "ସର୍ବ ଲୋକ ମହେଶ୍ୱର" । ଅବିଦ୍ୟା ଅର୍ଥାତ୍ ମାୟାର କାରଣରୁ ମନୁଷ୍ୟ ଭୂତ ପ୍ରକୃତିର ସ୍ରଷ୍ଟା ପରମାତ୍ମାଙ୍କୁ ଜାଣିପାରେ ନାହିଁ । ପୂର୍ଣ୍ଣ ଚେତନ ମୁକ୍ତ ପୁରୁଷ ଭଗବାନଙ୍କୁ ଯଜ୍ଞ, ତପର ଫଳଭୋକ୍ତା, ସଂପୂର୍ଣ୍ଣ ଲୋକର ଇଶ୍ୱର ମହାଇଶ୍ୱର ,ସମସ୍ତ ପ୍ରାଣୀଙ୍କ ସ୍ୱାର୍ଥ ରହିତ ଓ ହିତୈଷି, ସାକ୍ଷାତ ଏହିପରି ଜାଣି ଶାନ୍ତିକୁ ପ୍ରାପ୍ତ ହୋଇଥାନ୍ତି । ସକଳ ଜୀବଙ୍କ ହୃଦୟରେ ସେ ଅନ୍ତର୍ଯ୍ୟାମି ପୁରୁଷ ରୂପରେ ସ୍ଥିତ । ଯୋଗୀ କରୁଥିବା କର୍ମ ଭଗବାନଙ୍କୁ ଅର୍ପଣ ହୋଇଥିବାରୁ,ଭଗବାନ ସେହି କର୍ମର ମଧ ଭୋକ୍ତା ହୋଇଥାନ୍ତି । ଅଜ୍ଞାନୀ ପୁରୁଷ ଦ୍ୱାରା ଦେହାଭୀମାନ ରଖି ହେଉଥିବା ସମସ୍ତ କର୍ମର ଭଗବାନ ହେଉଛନ୍ତି ପ୍ରେରଣା ଦାୟକ । ତେଣୁ ଭଗବାନ , ଜୀବାତ୍ମା ରୂପରେ ସମସ୍ତ କର୍ମର ଫଳକୁ ଭୋଗ କରନ୍ତି । ମହାନ୍ ଶକ୍ତିଶାଳୀ ଭଗବାନ ଯଦି ଆମ୍ଭର ସୁହୃଦ, ହିତକାରୀ ଏବଂ ଶରଣଦାତା , ତା'ହେଲେ ଭୟ,ଉଦ୍ବେଗ,ଦୁଃଖ,ଅଶାନ୍ତି ହେବ କିପରି ? ଯେଉଁ ମନୁଷ୍ୟ ଭଗବାନଙ୍କ ତତ୍ତ୍ୱ ଏବଂ ପ୍ରଭାବକୁ ଜାଣିପାରିଥାଏ,ସେ ହିଁ କେବଳ ସମସ୍ତଙ୍କ ହୃଦୟରେ ଆତ୍ମା ରୂପରେ ବିରାଜିତ ଭଗବାନଙ୍କୁ ହିଁ ଦେଖିଥାଏ । ଏହିପରି ପ୍ରାଣି ମାତ୍ରକେ ଭଗବତ୍ ବୁଦ୍ଧି ହୋଇଯିବା କାରଣରୁ ,ଭକ୍ତର ଏହି ଅନୁଭବ ହୋଇଥାଏ ଯେ' ସେ ଦେବ, ବ୍ରାହ୍ମଣ,ଦୀନ,ଦୁଃଖୀ ଆଦି ରୂପରେ ପରମ ପୂଜନୀୟ, ପରମ ପ୍ରେମାସ୍ପଦ ,ସର୍ବବ୍ୟାପୀ ଭଗବାନଙ୍କର ହିଁ ସେବା କରୁଛି । ଭଗବାନଙ୍କୁ ଥରେ ନିଜର ସୁହୃଦ ଏବଂ ଆଶ୍ରୟଦାତା ବୋଲି ଅନ୍ତରରେ ସ୍ୱୀକାର କରିନେଲେ , ଭଗବାନଙ୍କ ପ୍ରତି ଅନନ୍ୟ ଭକ୍ତି ଜାଗ୍ରତ ହୋଇ ତତ୍ତ୍ୱଜ୍ଞାନ ବୁଝିନେବାର ସହଜ ହୋଇଯାଏ । ଯାହାକୁ ଭଗବାନଙ୍କର ତତ୍ତ୍ୱ ବୋଧ ହୋଇଗଲା, ତାହା ହିଁ ହେଉଛି ଅକ୍ଷୟ ସୁଖ,ବ୍ରହ୍ମନିର୍ବାଣ । ସଂକ୍ଷେପରେ ଏହାକୁ ଶାନ୍ତିପଦ କୁହାଯାଇଛି । ଭଗବାନ ଏହି ଶ୍ଳୋକରେ ତିନୋଟି କଥା କହିଛନ୍ତି । : ପ୍ରଥମଟି ହେଲା

ନିଜ ପାଇଁ କିଛି ଇଚ୍ଛା କର ନାହିଁ । ଦ୍ୱିତୀୟଟି ହେଲା: ସଂସାରର କୌଣସି ପଦାର୍ଥ ,ବ୍ୟକ୍ତିକୁ ନିଜର ମାନ ନାହିଁ । ତୃତୀୟଟି ହେଲା : ପରମାତ୍ମା ହିଁ ଅତି ନିଜର ଏବଂ ଅତି ନିକଟତର, ଯାହା ଅନୁଭବ କରିବା ମନୁଷ୍ୟର ଜୀବିତାବସ୍ଥାରେ ସମ୍ଭବ। ଭଗବାନ ଦୟାମୟ ସ୍ୱରୂପ ହୋଇଥିବା କାରଣରୁ, ସ୍ୱାଭାବିକ ଭାବରେ ସେ ସମଷ୍ଟିଙ୍କ ଉପରେ ଅନୁଗ୍ରହ କରିଥାନ୍ତି ଓ ସମଷ୍ଟିଙ୍କ ହିତ ସାଧନ କରିଥାନ୍ତି । ଯଦିଓ ଭଗବାନଙ୍କୁ ଆମ୍ଭର ସୁହୃଦ ବୋଲି କହୁ, ତାହା କେବଳ ଶବ୍ଦରେ ସୀମିତ ଥାଏ। ଅନ୍ତରରେ ବ୍ୟକ୍ତି ଓ ପଦାର୍ଥ ଉପରେ ଯେତିକି ଭରସା ରଖିଥାଉ, ଦୁଃଖ ଆସିଲେ ତାହାର ବିୟୋଗ ପର୍ଯ୍ୟନ୍ତ ଦ୍ୱନ୍ଦ୍ୱ କାରଣରୁ ଭଗବାନଙ୍କୁ ସେତିକି ଭରସା କରି ମନୁଷ୍ୟ ରହି ପାରି ନ'ଥାଏ । ଭଗବାନଙ୍କର କୌଣସି ଏକ ସ୍ୱରୂପର ଜ୍ଞାନ ପାଇଁ ଜିଜ୍ଞାସା ଜାଗ୍ରତ ହେଲେ,ଭଗବାନଙ୍କର ଅନନ୍ୟ ଭାବରେ ସ୍ମରଣ ,ଭଜନ ବିନା ଭକ୍ତ ରହିପାରେ ନାହିଁ । ଶ୍ରଦ୍ଧା,ପ୍ରେମ,ମହାପୁରୁଷଙ୍କ ସତସଙ୍ଗ,ସତ୍ ଶାସ୍ତ୍ର ଶ୍ରବଣ,ମନନ ଏବଂ ଶରଣାଗତ ହୋଇ ଅତ୍ୟନ୍ତ ଉତ୍ସୁକତାର ସହିତ ଭଗବାନଙ୍କୁ ପ୍ରାର୍ଥନା କଲେ, ଭକ୍ତ ଉପରେ ଭଗବତ୍ କୃପା ବର୍ଷିବାର ଆରମ୍ଭ ହୁଏ । ଭଗବାନଙ୍କର କୃପା ହେଲେ ହିଁ ତାଙ୍କରି ସ୍ୱରୂପ,ପ୍ରଭାବ,ତତ୍ତ୍ୱ, ଓ ଲୀଳାକୁ ଜାଣିବାକୁ ମନୁଷ୍ୟ ସକ୍ଷମ ହୋଇ ପୂର୍ଣ୍ଣ ଶାନ୍ତିକୁ ପ୍ରାପ୍ତ କରେ ।

ଏହି ଅଧ୍ୟାୟରେ କର୍ମଯୋଗ ଏବଂ ସାଙ୍ଖ୍ୟଯୋଗ, ଉଭୟ ସାଧନାର ସିଦ୍ଧତାରେ ପରମ ପଦ ,ଶାନ୍ତି ଆନନ୍ଦ ପ୍ରାପ୍ତ ହେବାର ଭଗବାନ କହିଛନ୍ତି । ଏହି ଅଧ୍ୟାୟରେ କର୍ମଯୋଗ ଏବଂ ସନ୍ନ୍ୟାସ ଯୋଗର ତତ୍ତ୍ୱ ନିରୂପଣ କରାଯାଇଥିବା ଯୋଗୁଁ ଏହାକୁ "କର୍ମ-ସନ୍ନ୍ୟାସ ଯୋଗ" ନାମରେ ଅଭିହିତ କରାଯାଇଛି ।

---

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ
ଶ୍ରୀକୃଷ୍ଣାର୍ଜୁନସଂବାଦେ କର୍ମସନ୍ୟାସଯୋଗୋ ନାମ ପଞ୍ଚମ ଅଧ୍ୟାୟଃ ॥୫॥

ଏହି ପ୍ରକାରେ "ଓଁ,ତତ୍ ,ସତ୍" – ଏହି ଭଗବାନ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗୋଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍ ଗୀତୋପନିଷଦ୍ ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ "କର୍ମସନ୍ୟାସଯୋଗୋ" ନାମକ ପଞ୍ଚମ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୫॥

**ଓଁ ଓଁ ଓଁ ଓଁ ଓଁ**

**॥ ଓଁ ଶ୍ରୀ ପରମାତ୍ମନେ ନମଃ ॥**

**ଶ୍ରୀମଦ୍ଭଗବଦ୍ ଗୀତା**

**ଷଷ୍ଠ ଅଧ୍ୟାୟ (ଆତ୍ମସଂଯମ ଯୋଗ)**

**ଶ୍ରୀ ଭଗବାନ ଉବାଚ**

**ଅନାଶ୍ରିତଃ କର୍ମଫଳଂ କାର୍ଯ୍ୟଂ କର୍ମ କରୋତି ଯଃ ।**

**ସ ସନ୍ନ୍ୟାସୀ ଚ ଯୋଗୀ ଚ ନ ନିରଗ୍ନିର୍ନ ଚାକ୍ରିୟଃ ॥ ୧ ॥**

*ଅନ୍ୱୟ: ଯଃ ( ଯେଉଁ ମନୁଷ୍ୟ ) କର୍ମଫଳଂ ( କର୍ମ ଫଳର ) ଅନାଶ୍ରିତଃ ( ଆଶ୍ରୟ ନ'ହୋଇ ) କାର୍ଯ୍ୟଂକର୍ମ ( କର୍ତ୍ତବ୍ୟ କର୍ମ ) କରୋତି ( କରେ ) ସଃ ( ସେ ହିଁ ) ସନ୍ନ୍ୟାସୀ ( ସନ୍ନ୍ୟାସୀ ) ଚ ( ଓ ) ଯୋଗୀଃ ( ଯୋଗୀ ) ଚ ( ତଥା ) ନିରଗ୍ନି ( କେବଳ ଅଗ୍ନି ତ୍ୟାଗୀ ସନ୍ନ୍ୟାସୀ ହୁଏ ନାହିଁ ) ଚ ( କି ) ଅକ୍ରିୟଃ (କେବଳ କ୍ରିୟା ତ୍ୟାଗୀ ) ନ (ଯୋଗୀ ହୁଏ ନାହିଁ)।*

**ଭାବାର୍ଥ:** ଯେଉଁ ସଂଯମୀ ପୁରୁଷ ଅନାସକ୍ତ ଭାବରେ କର୍ମ ଫଳକୁ ଆଶ୍ରୟ ନ'କରି ଶାସ୍ତ୍ର ସମ୍ମତ କର୍ମକୁ ଯଜ୍ଞକର୍ମ ମନେକରି କର୍ତ୍ତବ୍ୟ ବୁଦ୍ଧିରେ ଅନୁଷ୍ଠାନ କରିଥାନ୍ତି , ସେ ହିଁ ପ୍ରକୃତରେ ସନ୍ନ୍ୟାସୀ ଏବଂ ଯୋଗୀ । ପୂର୍ବ ଅଧ୍ୟାୟରେ ଭଗବାନ ସାଙ୍ଖ୍ୟଯୋଗ ବିଷୟ ବର୍ଣ୍ଣନା କରି, ସନ୍ନ୍ୟାସ ଧର୍ମରେ ପ୍ରକୃତିକୁ ମାୟା ବୋଲି ବିଚାରକରି, ଏହା ସହିତ ସମ୍ବନ୍ଧକୁ ସଂପୂର୍ଣ୍ଣ ରୂପରେ ଛିନ୍ନ କରିବାର ଉପଦେଶ ଦେଇଛନ୍ତି । ଶରୀର ରହିଥିବା ପର୍ଯ୍ୟନ୍ତ ଜୀବତ୍ମାର ପ୍ରକୃତି ସହିତ ସମ୍ବନ୍ଧ କେବଳ ପ୍ରତୀୟମାନ ହୋଇଥାଏ। ମାନସିକ ସ୍ତରରେ ସଂସାର ସହିତ ସମ୍ବନ୍ଧକୁ କୌଣସି ମତେ ସ୍ୱୀକାର ନ'କରି କେବଳ ଶରୀର ନିର୍ବାହ ସକାଶେ ଏବଂ ଲୋକ ହିତାର୍ଥେ ନିମନ୍ତେ କ୍ରିୟା କରିବା ହେଉଛି ବାସ୍ତବ ସନ୍ନ୍ୟାସ ଧର୍ମ । ଗୃହସ୍ଥ ନିଜ ଗୃହରେ ଶ୍ରୌତ,ସ୍ମାର୍ତ୍ତ ଆଦି ଅଗ୍ନିକୁ ରକ୍ଷା କରିଥାନ୍ତି । ସେହି ଅଗ୍ନିକୁ ତ୍ୟାଗ କରିଦେବାରେ କିମ୍ବା ଅନ୍ୟ ଶାସ୍ତ୍ରୋକ୍ତ ତପ,ଦାନ ଆଦି କର୍ମକୁ ତ୍ୟାଗ କରିଦେବାରେ ସନ୍ନ୍ୟାସ ହୁଏନାହିଁ । ଯେ କର୍ମଯୋଗୀ,ତାହାର ସଂସାରରୁ ନିଜପାଇଁ କୌଣସି ବସ୍ତୁ କିମ୍ବା ଅନୁକୂଳ ପରିସ୍ଥିତି ପ୍ରାପ୍ତ ହେବାର ଇଚ୍ଛା ରହି ନ'ଥାଏ । ସେହି କାରଣରୁ କର୍ମଫଳ ଯାହା ହେଲେମଧ, ସେଥିରେ ନିର୍ଲିପ୍ତ ରହିବା ହେଉଛି କର୍ମ ଯୋଗ । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ' ଅଗ୍ନି ଓ କ୍ରିୟାକୁ ସ୍ୱରୂପରୁ ତ୍ୟାଗ କରିଦେଲେ ଜଣେ ସନ୍ନ୍ୟାସୀ କି' ଯୋଗୀ ହୋଇଯିବ, ତାହା ନୁହେଁ । ଯିଏ କ୍ରିୟାକୁ ଭଗବାନଙ୍କର ପ୍ରେରଣା ବୋଲି ବୁଝି ଭଗବାନଙ୍କର **ଉଦ୍ଦେଶ୍ୟରେ କର୍ତ୍ତବ୍ୟ ବୁଦ୍ଧିରେ କର୍ମରେ ପ୍ରବୃତ୍ତ ହୁଅନ୍ତି ,ଏବଂ କର୍ମର ପରିଣାମିରେ ପ୍ରଭାବିତ ହୁଅନ୍ତି ନାହିଁ, ସେ ହିଁ ପ୍ରକୃତ ସନ୍ନ୍ୟାସୀ ଏବଂ ଯୋଗୀ । ଜୀବ ଯଦି ଆସକ୍ତି ତ୍ୟାଗ କରିଦିଏ, ସେ ସ୍ୱତଃ ମୁକ୍ତ ହୋଇଯିବ । ପ୍ରକୃତରେ ଜୀବ ସ୍ୱତଃ ମୁକ୍ତ ,କେବଳ ଆସକ୍ତି ହେତୁ ତାକୁ ମୁକ୍ତିର ଅନୁଭବ ହେଉନାହିଁ । କର୍ମଫଳର ଆଶ୍ରୟ ନ'ନେଇ କର୍ତ୍ତବ୍ୟକର୍ମ, ପର ହିତ**

ଉଦ୍ଦେଶ୍ୟ ରଖି କର୍ମ କଲେ ପୂର୍ବ ସଂସ୍କାର ଜନିତ ଅବଗୁଣ ନଷ୍ଟ ହେବା ସଙ୍ଗେ ସଙ୍ଗେ ,କର୍ମ କରିବାର ଆବେଗ ଶାନ୍ତ ହୋଇ ସମତା ପ୍ରାପ୍ତ ହୁଏ । ସମତା ପ୍ରାପ୍ତ ହେଲେ ସମ ସ୍ୱରୂପ ପରମାତ୍ମା ତତ୍ତ୍ୱର ଅନୁଭବ ହୋଇଯାଏ ।
ସ୍ୱାମୀ ଶ୍ରୀ ଅଖଣ୍ଡାନନ୍ଦ ସରସ୍ୱତୀଙ୍କ "ଗୀତା ଦର୍ଶନ" ରେ ଏହି ଶ୍ଳୋକରେ କର୍ମଯୋଗୀ ଗୃହସ୍ଥାଶ୍ରମରେ ରହି କିପରି ସନ୍ୟାସ ଧର୍ମ ପାଳନ କରିବାର ସହଜ ସାଧନ ଅତି ପ୍ରାଞ୍ଜଳ ଭାବରେ ବ୍ୟାଖ୍ୟା କରାଯାଇଛି :ତାହା ହେଲା :-
[ ଶରୀରରେ କିଛି କସରତ,ଆସନ, ପ୍ରାଣାୟମ କରିବା ବାସ୍ତବ ଅର୍ଥରେ ଯୋଗ ନୁହେଁ । ଏ ସବୁ ଯୋଗର ଅଙ୍ଗ ଅଟନ୍ତି । ଯୋଗୀ ଅନ୍ୟମାନଙ୍କ ସହିତ କିପରି ଭାବରେ ବ୍ୟବହାର କରିବ, ତାହା ହେଉଛି ଯମ,ସତ୍ୟ,ଅସ୍ତେୟ । ସେହିପରି ଯୋଗୀ ନିଜ ସହିତ କିପରି ଭାବରେ ବ୍ୟବହାର କରିବ ତାହା ହେଉଛି ନିୟମ ଅର୍ଥାତ୍ ଶୌଚ,ତପସ୍ୟା,ସନ୍ତୋଷ,ଇଶ୍ୱର ପ୍ରଣିଧାନ ଆଦି । ଯୋଗୀ ନିଜେ ନିୟମରେ ରହିବା ,ଅନ୍ୟପ୍ରତି ସତ୍ୟ, ଅହିଂସା ଆଚରଣ କରିବା, ଆସନ ପ୍ରାଣାୟମ ଦ୍ୱାରା ଶରୀରକୁ ସୁସ୍ଥ ଓ ସକ୍ଷମ ରଖିବା ହେଉଛି ଅନ୍ତରଙ୍ଗ ଯୋଗ । ସର୍ବପ୍ରଥମେ ଲୋକ ବ୍ୟବହାର, ତା'ପରେ ନିୟମନ ଏବଂ ତା'ପରେ ଶରୀରକୁ ସମ୍ଭାଳିବା । ତତ୍ ପଶ୍ଚାତ ପ୍ରାଣ ବାଯୟୁକୁ ନିୟନ୍ତ୍ରଣ କରି, ବିଷୟ ସମୂହରୁ ଇନ୍ଦ୍ରିୟମାନଙ୍କୁ ପ୍ରତ୍ୟାହାର କରି ,ଧାରଣା ଦ୍ୱାରା ମନକୁ ଏକ ସ୍ଥାନରେ ସ୍ଥିତ ରଖିବା । ମନକୁ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସ୍ଥାପିତ କରି ରଖିବାର ନାମ ଧ୍ୟାନ । ଯେଉଁ ବସ୍ତୁରେ ଧ୍ୟାନ ଲାଗେ, ସେଥିରେ ତନ୍ମୟ ହୋଇଯିବାର ନାମ ସମାଧି । ଏହି ସମସ୍ତ ଅବସ୍ଥାରେ ବିବେକଶୀଳ ହୋଇ ନିଜ ସ୍ୱରୂପରେ ସ୍ଥିତ ହୋଇ ରହିଥିବା ଦ୍ରଷ୍ଟାର ସ୍ୱରୂପ ଅବସ୍ଥାନ ହେଉଛି ଯୋଗ । ଯେପରିକି କୁହାଯାଇଛି ଯମ ,ନିୟମ, ଆସନ, ପ୍ରାଣାୟମ ,ପ୍ରତ୍ୟାହାର, ଧାରଣା, ଧ୍ୟାନ, ସମାଧି ହେଉଛି ଯୋଗର ଅଷ୍ଟାଙ୍ଗ । ଯିଏ ଆସନବାନ୍ଧି ,ଆଖି ବନ୍ଦକରି, ଶ୍ୱାସ ରୁଦ୍ଧକରି ବସି ଧ୍ୟାନ ରତହୁଏ , ସେ' ଯୋଗୀ ଏବଂ ଶ୍ରେଷ୍ଠ ଅଟନ୍ତି । ଏହି ପ୍ରକାରେ ଯିଏ ନିରଗ୍ନି, ଅର୍ଥାତ୍ ଆହାର ଅଗ୍ନିଦ୍ୱାରା ପାକ କରି ଖାଆନ୍ତି ନାହିଁ ,ଅଗ୍ନିର ସମ୍ବନ୍ଧକୁ ସଂପୂର୍ଣ୍ଣ ଭାବରେ ପରିତ୍ୟାଗ କରିଥାନ୍ତି, ସେ ସନ୍ୟାସୀ ଏବଂ ସେ ମଧ୍ୟ ସମସ୍ତଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ । ଉପନିଷଦରେ ଅଗ୍ନି ଶବ୍ଦର ଅର୍ଥ "ସ୍ତ୍ରୀ" । ଯୌଷାବାବଗୌତମାଗ୍ନି ଛାନ୍ଦୋଗ୍ୟୋପନିଷଦରେ ସ୍ତ୍ରୀ ହେଉଛି ଅଗ୍ନି । ଯିଏ ସ୍ତ୍ରୀ ସହିତ ସମ୍ବନ୍ଧ ତ୍ୟାଗ କରିଦେଇ ଗୃହସ୍ଥାଶ୍ରମରେ ଭୋଗ, ବିଳାସ ଛାଡିଦିଅନ୍ତି, ତାହାଙ୍କୁ ନିରଗ୍ନି କୁହାଯାଇଛି । ଗୃହସ୍ଥାଶ୍ରମ କୁ ଛାଡିଦେଇ ,ସ୍ତ୍ରୀ ସହିତ ସମ୍ବନ୍ଧକୁ ତ୍ୟାଗକରିଦେଇ,କର୍ମକୁ ସ୍ୱରୂପରୁ ତ୍ୟାଗ କରି ନିଜକୁ ସନ୍ୟାସୀ ବୋଲାଉଥିବା ବ୍ୟକ୍ତିକୁ ଭଗବାନ ଶ୍ରୀକୃଷ୍ଣ ସ୍ୱୀକାର କରୁନାହାନ୍ତି । ଏହା ହିଁ ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଥିବା ଯୁଗାନ୍ତକାରୀ କ୍ରାନ୍ତି ଆଉ ବିଶେଷତା। ଭଗବାନ କହୁଛନ୍ତି, ଅଧପନ୍ତରାରେ ଗୃହସ୍ଥାଶ୍ରମକୁ ଛାଡିଦେଇ, ସ୍ତ୍ରୀର ଅନିଚ୍ଛାରେ ସମ୍ବନ୍ଧକୁ ତୁଟାଇଦେଇ ,ଆସନ ପ୍ରାଣାୟମ କରି, କର୍ମକୁ ସ୍ୱରୂପରୁ ତ୍ୟାଗ କରିଦେଇ କେହି କେବେ ଶ୍ରେଷ୍ଠ ହୋଇନ'ଥାନ୍ତି । ଶ୍ରେଷ୍ଠ ହେବା ପାଇଁ ଗେରୁଆ ବସ୍ତ୍ର ପିନ୍ଧି ଆସନ, ପ୍ରାଣାୟମ,ଧ୍ୟାନ ସାଧନ କରିବା ପର୍ଯ୍ୟାପ୍ତ ନୁହେଁ । ତା'ହେଲେ କଣ କରିବାକୁ ହେବ ? ଭଗବାନ ଗୀତାରେ କହୁଛନ୍ତି ,ମୁଁ ଏପରି ଏକ ଶ୍ରେଷ୍ଠ ପୁରୁଷ ସମ୍ବନ୍ଧରେ କହୁଅଛି, ଯାହାଙ୍କ ପାଖରେ ସନ୍ୟାସ ଅଛି, ଯୋଗ ମଧ୍ୟ ଅଛି । ସେ ଆସନ ବାନ୍ଧି ବସି ନ'ଥାଏ ,ସେ କର୍ମ କରୁଥାଏ । ସେ ପତ୍ନୀ ତ୍ୟାଗୀ ମଧ୍ୟ ନୁହେଁ ଏବଂ ଗୃହସ୍ଥଶ୍ରାମରେ ରହିଥାନ୍ତି । ଯେହେତୁ ନିଜର ସମସ୍ତ କର୍ତ୍ତବ୍ୟ କର୍ମକୁ ପୁରା କରିଥାନ୍ତି , ତେଣୁ ସେ ଅକ୍ରିୟ

ନୁହନ୍ତି । ସେ କର୍ମଯୋଗୀ ନୁହନ୍ତି, ମାତ୍ର ଯୋଗୀ । ଭାର୍ଯ୍ୟାତ୍ୟାଗୀ ନୁହନ୍ତି, ମାତ୍ର ସନ୍ୟାସୀ । ଏପରି କଣ ବିଶେଷତା ଅଛି ଯେ, ଜଣେ ଗୃହସ୍ଥାଶ୍ରମକୁ ତ୍ୟାଗ କରିବା ବିନା ସନ୍ୟାସୀ, କର୍ମତ୍ୟାଗ ବିନା ଯୋଗୀ ହୋଇପାରିବ ? ଭଗବାନଙ୍କର ଉତ୍ତର ହେଲା, ସେ ହେଉଛି ବୁଦ୍ଧି ଯୋଗୀ, ଯାହାର ପାଖରେ ବୁଦ୍ଧି ରହିଥାଏ । ମନୁଷ୍ୟ ପକ୍ଷରେ ବୁଦ୍ଧିର ବିଶେଷତା ହେଉଛି ସର୍ବୋପରି । ପଥର ଜଡ ବସ୍ତୁ ଭାବରେ ଗୋଟିଏ ଜାଗାରେ ପଡି ରହିଥାଏ ଯାହା କୌଣସି କାମରେ ଲାଗିନ'ଥାଏ । ତା'ହେଲେ ସେଥିରେ କି'ବିଶେଷତା ଅଛି ? ବିଶେଷତା ସେତେବେଳେ ହୁଏ, ଯେ' ନିଜର କର୍ତ୍ତବ୍ୟ କର୍ମକୁ ଠିକ୍ ଢଙ୍ଗରେ କରେ । ଯିଏ କର୍ମ କରୁଥାଏ, ସେ ଯୋଗୀ । କର୍ମ କରିବାର କିଛି ଗୂଢ ଉପାୟ ରହିଛି । ସେଥିପାଇଁ ଦୁଇଟି ମର୍ଯ୍ୟାଦା ରହିଛି । ପ୍ରଥମ କଥା, ଯାହା ନିଜ କର୍ତ୍ତବ୍ୟ କର୍ମ , ତାହା କର । ସବୁ କର୍ମ ନୁହେଁ । ପକ୍ଷୀ ତ ମଧ କର୍ମ କରୁଛି । କର୍ତ୍ତବ୍ୟରେ ଦୁଇଟି ଜିନିଷ ଅଛି । ପ୍ରଥମଟି ନିଷିଦ୍ଧ କର୍ମର ତ୍ୟାଗ, ଦ୍ୱିତୀୟଟି ହେଲା ବିହିତ କର୍ମର ଅନୁଷ୍ଠାନ । ଅନୁଶାସନ ଅନୁଯାୟୀ କର୍ମ କରିବାକୁ ହେବ । ଅନୁଶାସନ ଅର୍ଥ, ଶାସ୍ତ୍ରର ଅନୁଶାସନ,ଗୁରୁଙ୍କ ଅନୁଶାସନ,ଈଶ୍ୱରଙ୍କ ଅନୁଶାସନ,ପରିବାରର ଅନୁଶାସନ, ସମାଜର ଅନୁଶାସନ । କାମନା ଓ ବାସନାର ବେଗରେ ଅନୁଶାସନର ଉଲଂଘନ କରିବାକୁ ହେବ ନାହିଁ । କାର୍ଯ୍ୟର ଅର୍ଥ ଯାହା କର୍ତ୍ତବ୍ୟ ତାହାକୁ କର ଏବଂ ଅକର୍ତ୍ତବ୍ୟକୁ ତ୍ୟାଗ କର। ଏବେ ଦେଖିବାକୁ ହେବ କର୍ମ କରୁଥିବା ବ୍ୟକ୍ତି କିପରି ନିଜ କର୍ତ୍ତବ୍ୟକୁ ପାଳନ କରିଥାଏ । ଏହି କଥାକୁ ଶାସ୍ତ୍ରକଥିତ ବିଧି ସହିତ ମିଶାଇଲେ ଦେଖିବା, ମୁକ୍ତି କାହାକୁ କୁହାଯାଏ ? ଧର୍ମ ଶାସ୍ତ୍ରରେ ଉଲ୍ଲେଖ ଅଛି , ଯେ ଯୋଗୀ ଅଥବା ସନ୍ୟାସୀ, ତାହାକୁ ମୁକ୍ତି ପ୍ରାପ୍ତ ହୁଏ । ଅନ୍ୟପକ୍ଷରେ ଯିଏ ଯୁଦ୍ଧଭୂମିରେ ଜୀବନକୁ ବଳି ପକାଇ ଛିଡା ହୋଇଯାଏ ଏବଂ ଶତ୍ରୁ ଆକ୍ରମଣକୁ ସାମନା କରି ମୃତ୍ୟୁ ବରଣ କରିଥାଏ, ସେ ମଧ ମୁକ୍ତ ହୋଇ ଯାଇଥାଏ । କାରଣ ସେ ତାହାର କର୍ତ୍ତବ୍ୟକୁ ପାଳନ କରୁଥିଲା । କର୍ତ୍ତବ୍ୟ ପାଳନ କରୁଥିବା ସ୍ଥିତିରେ ମୃତ୍ୟୁ ବରଣ କରିବା ମୁକ୍ତିର ସାଧନ ଅଟେ । ଆମ୍ଭେମାନେ ବିଭିନ୍ନ ସେବା କର୍ମରେ ଲିପ୍ତ ରହିଥାଉ । ଅନ୍ନ ଦାନ,ବସ୍ତ୍ର ଦାନ,ଔଷଧ ବିତରଣ, ରୋଗୀ ସେବା, ସତ୍ ସଙ୍ଗ ଆୟୋଜନ , ଏହି ସମସ୍ତ କାର୍ଯ୍ୟ ବୁଦ୍ଧି ଶୁଦ୍ଧ କରିବାର ସାଧନ । ଏହାଦ୍ୱାରା ବୁଦ୍ଧି ଶୁଦ୍ଧ ହୋଇଥାଏ । ଏସବୁ ବହୁତ ଭଲ କର୍ମ । କିନ୍ତୁ ଗୋଟିଏ କଥାପ୍ରତି ଧ୍ୟାନ ଦେବାକୁ ହେବ, ତାହା ହେଉଛି, ଯେଉଁ ପର୍ଯ୍ୟନ୍ତ ଆମ୍ଭକୁ ଅନ୍ୟକୁ ଆନନ୍ଦ କିମ୍ବା ସେବା ଦେବାରେ କିଛି ଫଳ ମିଳି ନ'ଥାଏ , ସେହି ପର୍ଯ୍ୟନ୍ତ ଆମ୍ଭେ ନିଜକୁ ସଫଳ ମାନି ନ'ଥାଉ । କୃତ କୃତ୍ୟ ମାନି ନଥାଉ । ଆମ୍ଭେ କରିଥିବା କର୍ମର ଫଳକୁ ସାବାସି , ପ୍ରଶଂସା ,କିମ୍ବା ପ୍ରିୟ ଭାଜନ ହେବା ମାଧ୍ୟମରେ ପ୍ରାପ୍ତ ହେବା ପାଇଁ ଚାହିଁ ବସିଥାଉ । କିନ୍ତୁ ଏହିପରି କର୍ମଫଳର ପ୍ରାପ୍ତିକୁ ଚାହିଁ ରହିବାରେ, କରିଥିବା କର୍ମ ତାର ମୂଲ୍ୟବୋଧ ହରାଇଥାଏ । ଏଥିରେ ହୃଦୟରେ ଆନନ୍ଦ ଆସିବା ଦରକାର, ପବିତ୍ରତା ଆସିବା ଦରକାର, ଅନ୍ତଃସୁଖର ବିକାଶ ହେବା ଉଚିତ । ଏହା ଧ୍ୟାନରେ ରଖିବା ଦରକାର କି' ଅନ୍ତଃକରଣର ବିକାଶ ସ୍ୱାଧୀନ ସୁଖର ଅଟେ । ପରାଧୀନ ସୁଖରେ ଏହା ରହି ନ'ଥାଏ । ଯେଉଁ ସୁଖ ମାଳ ପିନ୍ଧିବାରେ ,ନିଜର ପ୍ରଶଂସା ଶୁଣିବାରେ,ପଦ ପଦବୀ ମିଳିବାରେ, ସେବା ବଦଳରେ ଦ୍ରବ୍ୟ ପ୍ରାପ୍ତ ହେବାରେ ଥାଏ, ତାହା ସ୍ୱାଧୀନ ସୁଖ ନୁହେଁ । ସ୍ୱର୍ଗ ଭୋଗ ପ୍ରାପ୍ତ ହେବାର ଶୁଣିଲେ ଯେଉଁ ସୁଖ ମିଳେ, ତାହା କିନ୍ତୁ ଅସଲ ସୁଖନୁହେଁ । ଅସଲ ସୁଖ ତ ତାହା, ଯାହା କର୍ମ କରିବାରେ ମିଳିଥାଏ । ତା'ହେଲେ ସନ୍ୟାସୀ କିଏ ? ସେ' ଯେ

କି' କର୍ମର ପରିଣାମିରେ ମିଳୁଥିବା ଫଳର ଆଶ୍ରୟ ନିଅନ୍ତି ନାହିଁ । ଭଗବାନ ଏହି କଥା ମଧ୍ୟ କହୁନାହାନ୍ତି କି' କର୍ମ ଫଳ ନ'ମିଳୁ । ବହୁତ ମିଳୁ । ମାତ୍ର ତୁମ୍ଭେ ଏହାର ଆଶ୍ରିତ ହୋଇଯାଅ ନାହିଁ । ଅଥବା କେତେବେଳେ ଶଙ୍କା ଜାତ ହେବଯେ' ଫଳ ଆଶାନୁରୂପ ନ'ହେଲେ କଣ ହେବ ? ବିପରୀତ ଫଳ ହେଲେ କଣ ହେବ ? ଏହା ଉଚିତ କି' ତୁମ୍ଭର ଯେଉଁ ସତ କର୍ମ ,ତାହାକୁ ଜାରି ରଖ ,ତାହା ଯେପରି ନଷ୍ଟ ହୋଇଯିବ ନାହିଁ । ଫଳ ନ'ମିଳିଲେ ମଧ୍ୟ ତୁମ୍ଭର ଏହି ସନ୍ତୋଷ ରହିବ ଯେ' ତୁମ୍ଭେ ଭଲ କାମ କରୁଛ । ତୁମ୍ଭର ଗ୍ଲାନି ନ'ହେଉ । ତୁମ୍ଭର ହୃଦୟ ମଇଳା ହୋଇ ନ'ଯାଉ । ତୁମ୍ଭେ ଏହା ଦେଖ ଯେ' ଯେଉଁ କ୍ଷଣରେ କର୍ମ କରୁଛ , ସେହି କ୍ଷଣରେ ତୁମ୍ଭଙ୍କୁ ପୂର୍ଣ୍ଣତାର ଅନୁଭବ ହେଉଛି କି' ନାହିଁ । ଯେଉଁ କର୍ମ ତୁମ୍ଭେ କରୁଅଛ , ସେହି କର୍ମ ତୁମ୍ଭର ବ୍ୟକ୍ତିତ୍ୱ, ନିଜର ଶକ୍ତି, ଅବସ୍ଥା, ବୁଦ୍ଧି ଏବଂ ଜ୍ଞାନର ଅନୁରୂପ ହେବା ଉଚିତ ଏବଂ ସେଥିରେ ତୁମ୍ଭର ପୂର୍ଣ୍ଣତାର ଅନୁଭବ ରହିବା ଉଚିତ । କର୍ମଫଳ ପ୍ରତି ଦୃଷ୍ଟି ଦିଅ ନାହିଁ । କର୍ମଫଳ ଚିନ୍ତାରେ ତୁମ୍ଭର ପାଦ ଖସିଯିବା କାରଣ, ତୁମ୍ଭେ ଯେଉଁ କର୍ମ କରୁଛ, ସେହି କର୍ମକୁ ନ'ଦେଖି ବରଂ ତାହାର ଆଗକୁ ହେବାକୁ ଥିବା ଫଳ ପ୍ରତି ଆଶ୍ରିତ ହୋଇଗଲ । ଯଦି ତୁମ୍ଭେ ଭଲ କାମ କରୁଛ ,ଭଲ କାମରେ ପ୍ରବୃତ୍ତ ହେବା ହିଁ , ଏଇଟା ଗୋଟେ ଫଳ ଅଟେ। ଭଲ କାମ କରିବା ସତ୍, ଭଲ କାମ କରିବା ଜ୍ଞାନ, ଏବଂ ଭଲ କାମ କରିବା ଆନନ୍ଦ, ଭଲ କାମ କରିବା ସଚ୍ଚିଦାନନ୍ଦ ଅଟେ । ଯିଏ ଫଳର ଆଶ୍ରୟ ନେବା ବିନା କର୍ମ କରିଥାଏ, ସେ ସନ୍ୟାସୀ, ସେ କର୍ତ୍ତା ମଧ୍ୟ। ସେ ପରିତ୍ୟାଗୀ ନାହିଁ କି' ଯୋଗୀ ନାହିଁ । କିନ୍ତୁ ଗୃହସ୍ଥାଶ୍ରମରେ ରହି ମଧ୍ୟ ନିଜର ଶକ୍ତି,ନିଜର ବୁଦ୍ଧି ,ନିଜର ସଦ୍ ଭାବନା ,ନିଜର ଜ୍ଞାନ ଅନୁସାରେ କର୍ମ କରିବା ପୂର୍ଣ୍ଣ ଅଟେ । ଯେ ନିଜଠାରେ ଆନନ୍ଦ ଅନୁଭବ କରୁଥିବା କର୍ମ କରିବ, ତାହାର ଫଳ ମଧ୍ୟ ଆନନ୍ଦ ହିଁ ଆନନ୍ଦ ରହିବ । ତାହାକୁ ଫଳପ୍ରତି ଦୃଷ୍ଟିର କୌଣସି ଆବଶ୍ୟକତା ନାହିଁ । ଆନନ୍ଦର ଫଳ କେବଳ ଆନନ୍ଦ ହିଁ ହୋଇଥାଏ । ଯେ' ନିଜେ କରୁଥିବା କର୍ମର ସୁଖ ଉପଲବ୍ଧ କରିପାରେ ନାହିଁ ,ସେ ନିଜର ଜ୍ଞାନର ପବିତ୍ରତା ଅନୁଭବ କରିପାରେ ନାହିଁ । ନିଜର ସଦ୍ ଭାବନକୁ ଦେଖିପାରେ ନାହିଁ । ସେ ଗେରୁଆ ବସ୍ତ୍ର ପିନ୍ଧିବା ସନ୍ୟାସୀ ହେଉ ଅଥବା ଯୋଗୀ ହେଉ, ତାହାଙ୍କର କର୍ମ ଅଧୁରା ହୋଇ ରହିଯାଇଥାଏ । ଏହା ଗୃହସ୍ଥାଚାର ନୀତି । ଶ୍ରୀ କୃଷ୍ଣ ଭଗବାନ ଗୃହସ୍ଥାଚାର୍ଯ୍ୟ ଏବଂ ଗୃହସ୍ଥର କର୍ମ କରିବାର ତରିକା ବତାଇଛନ୍ତି ଯେ କର୍ମ କିପରି କରିବାକୁ ହେବ । ]

**ଯଂ ସନ୍ନ୍ୟାସମିତି ପ୍ରାହୁର୍ଯୋଗଂ ତଂ ବିଦ୍ଧି ପାଣ୍ଡବ ।**
**ନ ହ୍ୟସନ୍ନ୍ୟସ୍ତସଙ୍କଳ୍ପୋ ଯୋଗୀ ଭବତି କଶ୍ଚନ ॥ ୨ ॥**

*ଅନ୍ୱୟ : ପାଣ୍ଡବ ( ହେ ଅର୍ଜୁନ !) ଯଂ (ଯାହାଙ୍କୁ ସମସ୍ତେ ) ସନ୍ନ୍ୟାସମ୍ ଇତି (ସନ୍ନ୍ୟାସୀ ବୋଲି )ପ୍ରାହୁ ( କହନ୍ତି ) ତଂ ( ତାହାଙ୍କୁ ) ଯୋଗମ୍ ( ଯୋଗ ବୋଲି ) ବିଦ୍ଧି ( ଜାଣିରଖ ) ହି ( କାରଣ ) ସଂକଳ୍ପଃ ( ସଂକଳ୍ପ ଗୁଡିକୁ ) ଅସନ୍ନ୍ୟସ୍ତ ( ତ୍ୟାଗ ନ'କରି ) କଶ୍ଚନ ( କେହି ହେଲେ) ଯୋଗୀ ( ଯୋଗୀ ) ନ , ଭବତି ( ହୋଇପାରନ୍ତି ନାହିଁ ) ।*

**ଭାବାର୍ଥ:** ହେ ପଣ୍ଡୁପୁତ୍ର ଅର୍ଜ୍ଜୁନ ! ବିଦ୍ୱାନ୍ ଲୋକ ଯାହାକୁ ସନ୍ନ୍ୟାସ ବୋଲି କହିଥାନ୍ତି, ତାହାକୁ କର୍ମଯୋଗ ବୋଲି ତୁମ୍ଭେ ଜାଣିରଖ । କାରଣ ସଂକଳ୍ପ ଅର୍ଥାତ୍ ଫଳପ୍ରାପ୍ତି ଲକ୍ଷର ବିନା ତ୍ୟାଗରେ କୌଣସି ମଧ୍ୟ ବ୍ୟକ୍ତି ଯୋଗୀ କିମ୍ବା ସନ୍ନ୍ୟାସୀ ହୋଇପାରିବ ନାହିଁ । ସଂକଳ୍ପ ତ୍ୟାଗର ନାମ ଯୋଗ ଏବଂ ତାହା ମଧ୍ୟ ସନ୍ନ୍ୟାସ । ଅତୀତର ଘଟଣା ଓ ଭବିଷ୍ୟତର କଳ୍ପନାକୁ ନେଇ ଅନେକ ବିଷୟ ମନରେ ସ୍ମରଣ ହୋଇଥାଏ । ସେଥିମଧ୍ୟରୁ ଯେଉଁ ସ୍ମରଣ ସହିତ ମନ ଜଡିତ ହୋଇଯାଏ, ଅର୍ଥାତ୍ ଯେଉଁ ସ୍ମରଣ ପ୍ରତି ରାଗ ଦ୍ୱେଷ ଭାବ ଜାତ ହୁଏ , ତାହା ସଂକଳ୍ପ ରୂପ ଧାରଣକରେ । ସେହି ସଙ୍କଳ୍ପକୁ ତ୍ୟାଗ ନ'କଲେ ମନୁଷ୍ୟ କୌଣସି ପ୍ରକାର ଯୋଗୀ, ଜ୍ଞାନଯୋଗୀ କି' କର୍ମଯୋଗୀ ହୋଇ ପାରିବ ନାହିଁ । ସଂସାରର ବିଷୟ ଭୋଗ୍ୟକୁ ରମଣୀୟ ସୁଖ ବୁଦ୍ଧିରେ ଚିନ୍ତନ କରିବା ହେଉଛି "ସଂକଳ୍ପ" । କୌଣସି ବସ୍ତୁ କିମ୍ବା ଭୋଗ ବାସନା ଥରେ ମନରେ ସଂକଳ୍ପ ହୋଇ ଗଲାପରେ, ସେହି ବସ୍ତୁ କିମ୍ବା ଭୋଗ ପ୍ରାପ୍ତ ହେବା ପର୍ଯ୍ୟନ୍ତ ପ୍ରତିକ୍ଷଣ ତାହାହିଁ ମନରେ ଚିନ୍ତନ ହୋଇଥାଏ । ମନରୁଏହି ଚିନ୍ତନର ପରିତ୍ୟାଗ ନ'କରିପାରିବାକୁ "ଅସନ୍ୟସ୍ତସଙ୍କଳ୍ପ" ବୋଲି ଶ୍ଳୋକରେ କୁହାଯାଇଛି । ବ୍ୟକ୍ତି ଇନ୍ଦ୍ରିୟସୁଖ ,ଭୋଗ,ଓ କାମନା ତ୍ୟାଗ ନ'କଲେ କଦାପି ଯୋଗୀ ହୋଇପାରିବ ନାହିଁ । ଯୋଗର ଅର୍ଥ ଭଗବାନଙ୍କ ସହିତ ଯୁକ୍ତ ହେବା । ମନରୁ ସମସ୍ତ ବିଷୟ ସଂକଳ୍ପ ତ୍ୟାଗ କରିବାରେ ଭଗବାନଙ୍କ ସହିତ ନିଜର ନିତ୍ୟ ସମ୍ବନ୍ଧ ଅନୁଭବ ହୁଏ । ଅସତ୍ ପଦାର୍ଥ ସହିତ ସମ୍ବନ୍ଧ ରଖି ଯେତେ ସାଧନାର ଅଭ୍ୟାସ ଜାରି ରଖିଲେ ମଧ, ନିଘଞ୍ଚ ଜଙ୍ଗଲରେ ସମାଧିସ୍ଥ ପ୍ରାପ୍ତ ହୋଇ ରହିଲେ ମଧ, ଗୀତାର ସିଦ୍ଧାନ୍ତ ଅନୁଯାଇ ତାକୁ ଯୋଗୀ କୁହାଯିବ ନାହିଁ । ଯେତେବଳେ ପଦାର୍ଥ ଓ କ୍ରିୟାରୁ ପୂର୍ଣ୍ଣରୂପେ ସମ୍ବନ୍ଧ ବିଚ୍ଛେଦ ହୋଇଯାଏ , ସେତେବେଳେ ତାକୁ ତ୍ୟାଗୀ ଅର୍ଥାତ୍ ଯୋଗୀ କୁହାଯାଏ । ସେହିପରି କର୍ତ୍ତାପନ ଓ ଭୋକ୍ତାପନକୁ ତ୍ୟାଗ କରିବା ସନ୍ନ୍ୟାସ ଧର୍ମର ମୂଳତତ୍ତ୍ୱ । ସାଙ୍ଖ୍ୟଯୋଗ ହେଉ କି' କର୍ମଯୋଗର ସାଧନ ହେଉ,ସଙ୍କଳ୍ପର ପୂର୍ଣ୍ଣଭାବରେ ତ୍ୟାଗ ହେବା ବିନା ଚିତ୍ତର ପରମାତ୍ମାରେ ପୂର୍ଣ୍ଣ ସଂଯୋଗ ହୋଇନ'ଥାଏ । ଏଣୁ ସଙ୍କଳ୍ପର ତ୍ୟାଗ ଯୋଗୀ ଓ ସନ୍ନ୍ୟାସୀ ଉଭୟଙ୍କ ପାଇଁ ଆବଶ୍ୟକ ।

**ଆରୁରୁକ୍ଷୋର୍ମୁନେର୍ଯୋଗଂ କର୍ମ କାରଣମୁଚ୍ୟତେ ।**
**ଯୋଗାରୁଢସ୍ୟ ତସ୍ୟୈବ ଶମଃ କାରଣମୁଚ୍ୟତେ ॥ ୩ ॥**

*ଅନ୍ୱୟ : ଯୋଗମ୍ ( ଯେ ଯୋଗ ବା ସମତାରେ ) ଆରୁରୁକ୍ଷୋ (ଆରୋହଣ ବା ସାଧନାରତ ହେବାକୁ ଚାହୁଁଥିବା ) ମୁନେଃ( ମନନଶୀଳ ଯୋଗୀ ପାଇଁ) କର୍ମ (କର୍ତ୍ତବ୍ୟ କର୍ମ/ନିଷ୍କାମ କର୍ମ ) କାରଣମ୍ ଉଚ୍ୟତେ ( କାରଣ ବୋଲି କୁହାଯାଇଛି ) ତସ୍ୟ ଏବ ( ସେହି ) ଯୋଗାରୁଢସ୍ୟ ( ସମତା ବା ଜ୍ଞାନପ୍ରାପ୍ତ ହୋଇଥିବା ଜ୍ଞାନୀଙ୍କ ପକ୍ଷେ ) ଶମଃ ( ଶାନ୍ତି ପ୍ରାପ୍ତ ନିମନ୍ତେ ସମସ୍ତ ସଙ୍କଳ୍ପର ନିବୃତ୍ତ ) କାରଣମ୍ ଉଚ୍ୟତେ ( କାରଣ ବୋଲି କୁହାଯାଇଛି ) ।*

**ଭାବାର୍ଥ:** ସମତା ଯୋଗସିଦ୍ଧି ଅଭିଳାଷୀ ମୁନିଙ୍କ ନିମନ୍ତେ ନିଷ୍କାମ କର୍ମ, ଚିତ୍ତଶୁଦ୍ଧ ସକାଶେ କାରଣ ହୋଇଥାଏ । ଆତ୍ମା ସାକ୍ଷାତ୍କାର ହୋଇ ଆତ୍ମତତ୍ତ୍ୱ ଜ୍ଞାନ ପ୍ରାପ୍ତିକୁ ବ୍ରାହ୍ମୀସ୍ଥିତି ବା ଯୋଗାରୂଢ ସ୍ଥିତି କୁହାଯାଇଛି । ଯୋଗାରୂଢ ସ୍ଥିତିରେ ପରମାତ୍ମା ସ୍ୱରୂପ ସହିତ ଅଭିନ୍ନ ଭାବରେ ଶାନ୍ତ ହୋଇ ରହିବା ନିମନ୍ତେ "ଶମଃ" ଅର୍ଥାତ୍ ମନରେ କୌଣସି ପ୍ରକାର ସଙ୍କଳ୍ପର ଅଭାବ ହିଁ

କାରଣ ହୋଇଥାଏ । ମନୁଷ୍ୟ ପରମାତ୍ମାଙ୍କ ସହ ସଂଯୋଗ ସ୍ଥାପନ କରିବା ସାଧନକୁ ଯୋଗ କୁହାଯାଏ । ଶାସ୍ତ୍ର ବିଦିତ ଅଷ୍ଟାଙ୍ଗ ଯୋଗ ମାର୍ଗ, ପରମାତ୍ମା ପ୍ରାପ୍ତ ନିମନ୍ତେ ଏକ ସିଡି ସଦୃଶ । ଏହାର ପ୍ରତ୍ୟେକ ପାହାଚ କର୍ମଯୋଗ, ଜ୍ଞାନ ଯୋଗ, ଧ୍ୟାନ ଯୋଗ, ଭକ୍ତି ଯୋଗ ଭଳି ଯୋଗ ସାଧନାର ଗୋଟିଏ ଗୋଟିଏ ସ୍ଥିତି । ପରମାତ୍ମା ତତ୍ତ୍ୱ ପ୍ରାପ୍ତ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ନିମନ୍ତେ ପ୍ରାରମ୍ଭରେ ଏହି ଯୋଗରୂପକ ସିଡିକୁ ଆରୋହଣ କରିବା ପାଇଁ କର୍ମର ପ୍ରାଧାନ୍ୟତା ରହିଛି । ଯୋଗାରୂଢ ସ୍ଥିତି ହେଉଛି ,ଏହି ଯୋଗମାର୍ଗ ସିଡିର ସର୍ବୋଚ୍ଚ ସ୍ତର । ଯୋଗାରୂଢ ହେବାପାଇଁ ଇଚ୍ଛୁକ ମନୁଷ୍ୟ ସାଧନାର ପ୍ରାରମ୍ଭରେ ସମସ୍ତ କର୍ମ ବିବେକଶିଳ ହୋଇ କରିବାକୁ ହେବ। କର୍ମ କରିଲେ ହିଁ କର୍ମରୁ ସମ୍ବନ୍ଧ ଛିନ୍ନ ହୋଇ, କର୍ମ ଅକର୍ମରେ ପରିଣତ ହେବ ଏବଂ ଅନ୍ତଃକରଣ ନିର୍ମଳ ହେବ । ବର୍ଣ୍ଣାଶ୍ରମ, ସ୍ୱଧର୍ମ ଅନୁରୂପ ଶାସ୍ତ୍ର ବିହିତ କର୍ତ୍ତବ୍ୟକର୍ମ ଅନାସକ୍ତ ଭାବରେ ଫଳପ୍ରତି ଆଶା ନ'ରଖି କରିବାରେ, କର୍ମଯୋଗର ସିଦ୍ଧତା ପ୍ରାପ୍ତ ହୋଇଥାଏ । "ଶମଃ" ଶବ୍ଦର ଅର୍ଥ ହେଲା : ଚିତ୍ତବୃତ୍ତି ସଂପୂର୍ଣ୍ଣ ଶାନ୍ତ ହୋଇ ମନ ତୈଳଧାରା ସଦୃଶ ପରମାତ୍ମା ସ୍ୱରୂପରେ ସମାହିତ ହୋଇ ରହିବା । ମନ ଉପରେ ବିଜୟପ୍ରାପ୍ତ ହେଲାପରେ ହିଁ ଏଥିରେ କୌଣସି ସଂକଳ୍ପ କିମ୍ବା ବିକଳ୍ପ ଜାତ ହେବ ନାହିଁ । ଯେ' ପର୍ଯ୍ୟନ୍ତ ସାଧକ ଧ୍ୟାନଯୋଗରେ ଆରୂଢ ହେବାକୁ ସକ୍ଷମ ହୋଇନାହିଁ, ସେ ପର୍ଯ୍ୟନ୍ତ ନିଷ୍କାମ କର୍ମ କରିବାକୁ ହେବ । ମନନ ଓ ନିଦିଧ୍ୟାସନ ସାଧନକ୍ରମେ ପରମାତ୍ମା ସ୍ୱରୂପର ତତ୍ତ୍ୱ ପ୍ରାପ୍ତ ହୋଇଥାଏ । ତାହାକୁ ଯୋଗାରୂଢ ସ୍ଥିତି ବା ବ୍ରହ୍ମ ପ୍ରାପ୍ତି ସ୍ଥିତି କୁହାଯିବ । ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ମତ ଅନୁଯାଇ, ଏହି ସ୍ଥିତି ହିଁ ହେଉଛି ସନ୍ନ୍ୟାସ । ଏହି ସ୍ଥିତିରେ ଜ୍ଞାନୀ ସନ୍ନ୍ୟାସ ଧର୍ମ ନେଇ ସଂପୂର୍ଣ୍ଣ ଭାବରେ କର୍ମରୁ ନିବୃତ୍ତ ହୋଇଥାଏ । ଏହି ଅବସ୍ଥାରେ ସନ୍ନ୍ୟାସୀ ପାଇଁ ଆଉ କୌଣସି କର୍ତ୍ତବ୍ୟ କର୍ମର ଶେଷ ରହି ନ'ଥାଏ । ଏହି ଶ୍ଳୋକରେ ଭଗବାନ ଏହା ମଧ୍ୟ କହିବାକୁ ଚାହିଁ ଛନ୍ତି ଯେ, କର୍ମ ମାଧ୍ୟମରେ ନୂତନତାକୁ ଏବଂ ଯୁବ ପିଢିର ନୂତନ ଦିଗ୍ ଦର୍ଶନକୁ ଅମ୍ଭେମାନେ ଆଦର ସହିତ ଗ୍ରହଣ କରିବାକୁ ହେବ । ସମୟର ପ୍ରବାହରେ ସବୁ ସମୟରେ କର୍ମ କରିବାର ନୂଆ ନୂଆ ଶୈଳୀ ଆବିଷ୍କାର ହେବାରେ ଲାଗିଛି । ଏହାଦ୍ୱାରା ସମଗ୍ର ମାନବ ସମାଜର କଲ୍ୟାଣ ସାଧିତ ହେଉଛି । ତେଣୁ ଯୋଗ ସାଧନ ଅର୍ଥାତ୍ ଭଗବାନଙ୍କ ସ୍ୱରୂପକୁ ଜାଣିବାର ଜିଜ୍ଞାସା ଜାଗ୍ରତ ହେବାରେ, ତାକୁ ରୂପାୟନ କରିବାକୁ ହେଲେ ପ୍ରଥମେ ଜଗତ ହିତ କର୍ମରେ ଲିପ୍ତରହି ସାଧନାର ଆରମ୍ଭ କରିବାକୁ ହେବ ।

**ଯଦା ହି ନେନ୍ଦ୍ରିୟାର୍ଥେଷୁ ନ କର୍ମସ୍ୱନୁଷଜ୍ଜତେ ।**
**ସର୍ବସଙ୍କଳ୍ପସନ୍ନ୍ୟାସୀ ଯୋଗାରୂଢସ୍ତଦୋଚ୍ୟତେ ॥ ୪॥**

*ଅନ୍ୱୟ: ସର୍ବ-ସଙ୍କଳ୍ପ-ସନ୍ନ୍ୟାସୀ ( ସମସ୍ତ ଭୌତିକ ବିଷୟ ଚିନ୍ତନକୁ ତ୍ୟାଗ କରିଥିବା ସାଧକ)ଯଦା (ଯେତେବେଳେ) ଇନ୍ଦ୍ରିୟ-ଅର୍ଥେଷୁ ( ରୂପ,ରସ,ଶବ୍ଦ ଆଦି ଇନ୍ଦ୍ରିୟ ଭୋଗ୍ୟ ବିଷୟରେ) କର୍ମେଷୁ ( ଏବଂ କର୍ମରେ ମଧ୍ୟ ) ନ ଅନୁଷଜ୍ଜତେ ( ଆସକ୍ତ ହୁଅନ୍ତି ନାହିଁ ) ତଦା (ସେତେବେଳେ ତାହାଙ୍କୁ ) ଯୋଗାରୂଢଃ ଉଚ୍ୟତେ ( ଜ୍ଞାନଯୋଗରେ ପ୍ରତିଷ୍ଠିତ କୁହାଯିବ ) ।*

**ଭାବାର୍ଥ :** ଭଗବାନ ଏହିଠାରେ ଦ୍ୱିତୀୟ ଅଧ୍ୟାୟରେ କହିଥିବା ସ୍ଥିତପ୍ରଜ୍ଞ ପୁରୁଷର ଲକ୍ଷଣକୁ ସମକକ୍ଷ କରି ଜ୍ଞାନୀ ପୁରୁଷପାଇଁ ଯୋଗାରୂଢ ଶବ୍ଦ କହିଛନ୍ତି । ଯେଉଁ ସ୍ଥିତିରେ ଯୋଗଯୁକ୍ତ ପୁରୁଷ ପ୍ରାରବ୍ଧ ବଶତଃ ପ୍ରାପ୍ତ ସମସ୍ତ ଇନ୍ଦ୍ରିୟ ବିଷୟ ଭୋଗପ୍ରତି

ଅନାସକ୍ତ ରହିଥାନ୍ତି, ଏବଂ ତତ୍ ସାଧନାଭୂତ କର୍ମସମୂହରେ ମଧ ଆସକ୍ତ ହୋଇନଥାନ୍ତି, ତାହାଙ୍କୁ ଯୋଗାରୂଢ, ଅର୍ଥାତ୍ ଜ୍ଞାନଯୋଗରେ ପ୍ରତିଷ୍ଠିତ ବୋଲି କୁହାଯିବ । ଶ୍ରୀ ରାମକୃଷ୍ଣଦେବ କହିଛନ୍ତି : " ସୂତାରେ ଏତିକି ଟିକିଏ ଆଁଶୁ ରହିଲେ , ତାହା ଛୁଞ୍ଚି ଭିତରେ ପଶେନାହିଁ । ସେହିପରି ମନରେ ସାମାନ୍ୟ ବାସନା ଥିଲେ, ତାହା ଈଶ୍ୱରଙ୍କ ପାଦ-ପଦ୍ମରେ ମଗ୍ନ ହୋଇପାରେ ନାହିଁ " । ଭୋଗ ବାସନା ଓ ଭୋଗ ସେବନରୁ ମୁକ୍ତ ନ'ହେବା ପର୍ଯ୍ୟନ୍ତ ସାଧକ ଯୋଗରୂଢ ହୋଇପାରିବ ନାହିଁ । ଜୀବନ ନିର୍ବାହ ଲାଗି ଯେତିକି ଆବଶ୍ୟକ, ସେତିକି ମାତ୍ର ଭୋଗ କରିବା ବିଧେୟ । ଭୋଗ ନିରନ୍ତର ବଢି ଚାଲିଲେ, ତାହାର ପ୍ରାପ୍ତ ପାଇଁ ଉଚିତ-ଅନୁଚିତ, ହିତ-ଅହିତ ସମସ୍ତ ବୁଦ୍ଧି ବିଚାର ନଷ୍ଟ ଭ୍ରଷ୍ଟ ହୁଏ । ସାଧକକୁ ଅନୁକୂଳ ବସ୍ତୁ, ଅନୁକୂଳ ପରିସ୍ଥିତି ,ପଦାର୍ଥ, ବ୍ୟକ୍ତି ପ୍ରଭୃତି ପ୍ରାପ୍ତ କରିବାର ଇଚ୍ଛାକୁ ମନରେ ପ୍ରତ୍ୟାଖ୍ୟାନ କରିବାକୁ ହେବ । ଅନିଚ୍ଛାସତ୍ତ୍ୱେ ପ୍ରାରବ୍ଧ କାରଣରୁ ଅନୁକୂଳ ବସ୍ତୁ ଆଦି ପ୍ରାପ୍ତି ହେଲେ, ସେଥିରେ ପ୍ରସନ୍ନ ହେବା ଉଚିତ ନୁହେଁ । ଯୋଗାରୂଢ ହେବାକୁ ହେଲେ ଶୁଭ ଓ ଅଶୁଭ ସମସ୍ତ ବାସନାକୁ ତ୍ୟାଗ କରିବାକୁ ହେବ । ମନନ ଓ ନିଦିଧ୍ୟାସନ କ୍ରମେ ମନ ପରମାତ୍ମାଙ୍କ ଠାରେ ସମାହିତ ହେଲେ, କର୍ମ କରିବାରେ ଆସକ୍ତି ରହି ନ'ଥାଏ । ଏହି ଶ୍ଲୋକରେ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ମତାନୁଯାଇ କର୍ମପ୍ରତି ଆସକ୍ତି ତ୍ୟାଗକୁ ସନ୍ନ୍ୟାସର ବିଧାନ କୁହାଯାଇଛି । ସଙ୍କଳ୍ପରୁ ହିଁ ସମସ୍ତ କର୍ମ ହୋଇଥାଏ । ସଙ୍କଳ୍ପ ସନ୍ନ୍ୟାସରେ କର୍ମ ସନ୍ନ୍ୟାସ ମଧ ସିଦ୍ଧ ହୋଇଥାଏ । ଲୋକମାନ୍ୟ ତିଳକଙ୍କ ବ୍ୟାଖ୍ୟାରେ ସଙ୍କଳ୍ପ ଅର୍ଥାତ୍ ଫଳ ବାସନାର ତ୍ୟାଗକୁ ସନ୍ନ୍ୟାସ ବୋଲି ପ୍ରତିପାଦିତ କରାଯାଇଛି । ଭଗବଦ୍ ବୁଦ୍ଧିରେ ଯେଉଁ ବିଷୟକୁ ଗ୍ରହଣ କିମ୍ବା ତ୍ୟାଗ କରାଯାଇଥାଏ , ତାହାକୁ ସଙ୍କଳ୍ପ ଜନିତ ଇନ୍ଦ୍ରିୟ ଭୋଗ କିମ୍ବା କର୍ମ କୁହାଯିବ ନାହିଁ । କର୍ମର ପୂର୍ଣ୍ଣ-ଅପୂର୍ଣ୍ଣରେ , ତତ୍ କାଳ ଫଳ ପ୍ରାପ୍ତି-ଅପ୍ରାପ୍ତିରେ , ସିଦ୍ଧି-ଅସିଦ୍ଧିରେ ଅନ୍ତଃକରଣ ହର୍ଷ-ଶୋକ ରହିତ ହୋଇ ନିର୍ବିକାର ରହିବା ହେଉଛି ଯୋଗରୂଢ ସ୍ଥିତି । ମମତା, ଆସକ୍ତି, ଏବଂ ଦ୍ୱେଷ ପୂର୍ବକ ସାଂସାରିକ ବିଷୟ ଭୋଗର ଚିନ୍ତନକୁ ସଙ୍କଳ୍ପ କୁହାଯିବ । ଆସକ୍ତିରୁ ସଙ୍କଳ୍ପ ଓ ସଙ୍କଳ୍ପରୁ କାମନାର ଉତ୍ପନ୍ନ ହୋଇଥାଏ । ଅତଏବ ଆସକ୍ତିର ଅଭାବରେ କାମନାର ଅଭାବ ସ୍ୱତଃସିଦ୍ଧ ଅଟେ । ଜ୍ଞାନୀ ପୁରୁଷଙ୍କର ସର୍ବ ସଙ୍କଳ୍ପ ସନ୍ନ୍ୟାସ ସ୍ଥିତି ହେଉଛି ଯେପରି ଲହଡି ନଥାଇ ସମୁଦ୍ର ହୋଇଥାଏ । ସ୍ୱାଭାବିକ ଭାବରେ ବିଷୟ ଭୋଗର ସଙ୍କଳ୍ପ ମନରେ ଜାଗ୍ରତ ନ'ହେବା ଓ କୌଣସି ପ୍ରକାର ନିତ୍ୟ,ନୈମିତ୍ତିକ ଓ ନିଷିଦ୍ଧ କର୍ମ ପ୍ରତି ଅନୁରକ୍ତି ନ'ରହିବା ହେଉଛି ଯୋଗରୂଢ ପୁରୁଷର ଲକ୍ଷଣ । କର୍ମ ନ'କରିବାରେ ମଧ ଆସକ୍ତି ନ'ରହିବା ଉଚିତ । କର୍ମ ନ'କରିବାର ଆସକ୍ତି ତାମସ ବୃତ୍ତି, ଆଳସ୍ୟ, ପ୍ରମାଦର କାରଣ ହୁଏ । ଭଗବାନଙ୍କ ଅପାର କରୁଣାରୁ ଜୀବାତ୍ମାର ଉଦ୍ଧାର ପାଇଁ ମନୁଷ୍ୟ ଜନ୍ମ ପ୍ରାପ୍ତ ହୋଇଛି । ଏହି ଜନ୍ମର ଅମୂଲ୍ୟ ମୁକ୍ତି ଦାୟକ ସମୟକୁ ବିଷୟଭୋଗର ସଂକଳ୍ପରେ ବିତାଇବା ଠାରୁ ଆଉ କଣ ଅଜ୍ଞାନ ହୋଇପାରେ ? ସଙ୍କଳ୍ପ-ବିକଳ୍ପ ଭୂତ ଓ ଭବିଷ୍ୟତ କାଳକୁ ନେଇ ହୋଇଥାଏ । ବର୍ତ୍ତମାନ ସହିତ ଏହାର କୌଣସି ସମ୍ବନ୍ଧ ନ'ଥାଏ । ବର୍ତ୍ତମାନ ପାଇଁ ବିବେକ ସବୁବେଳେ ନିଜର କର୍ତ୍ତବ୍ୟକର୍ମରେ ନିଯୁକ୍ତ ପାଇଁ ଅନ୍ତର ଭିତରୁ ଆହ୍ୱାନ କରିଥାଏ । ସଙ୍କଳ୍ପ-ବିକଳ୍ପ କେବଳ ମନର ପ୍ରସାର ମାତ୍ର । ଏହାର କୌଣସି ବାସ୍ତବତା ନାହିଁ । ଏକମାତ୍ର ପରମାତ୍ମାଙ୍କ ସତ୍ତା ହିଁ ସର୍ବତ୍ର ବିଦ୍ୟମାନ । ଉପରୋକ୍ତ ବିଚାରଧାରାରେ ସଙ୍କଳ୍ପ କୁ ତ୍ୟାଗ କରିବା ସମ୍ଭବ ହୁଏ । ବସ୍ତୁ, ବ୍ୟକ୍ତି, ଓ କ୍ରିୟାର ସଂଯୋଗ ଅନିତ୍ୟ , କିନ୍ତୁ

ଏହାର ବିୟୋଗ ନିତ୍ୟ । ଏହି ସତ୍ୟତାକୁ ସ୍ୱୀକାର କଲେ, ନିତ୍ୟତ୍ତ୍ୱ ପ୍ରାପ୍ତ ହୁଏ । ନିଜର ମୁକ୍ତି ପାଇଁ ମଧ୍ୟ ସଙ୍କଳ୍ପ ନ'ହେବା ବିଧେୟ । କାରଣ ଏଥିରେ ମଧ୍ୟ ବନ୍ଧନର ସତ୍ତା ଦୃଢ ହୁଏ । କର୍ମ, ଭୋଗ ଓ ସଙ୍କଳ୍ପକୁ ବଶରେ ରଖିବା ପାଇଁ ପୌରୁଷର ଆବଶ୍ୟକତା ରହିଛି । ଗୀତା ପୌରୁଷର ଗ୍ରନ୍ଥ । ପ୍ରାରବ୍ଧର ଗ୍ରନ୍ଥ ନୁହେଁ । ପ୍ରାରବ୍ଧ ତା' ବାଟରେ ଭୋଗ ହେବ, ପ୍ରକୃତି ତା' ବାଟରେ କାର୍ଯ୍ୟ କରିବ । ଗୀତା ଏହା କହୁଅଛି କି ନିଜର ବ୍ୟକ୍ତିଗତ ଜୀବନରେ ଯତ୍ ସମ୍ଭବ ପୌରୁଷନିଷ୍ଠ ହେବା ଉଚିତ ।

ଉଦ୍ଧରେଦାତ୍ମନାତ୍ମାନଂ ନାତ୍ମାନମବସାଦୟେତ୍ ।
ଆତ୍ମୈବ ହ୍ୟାତ୍ମନୋ ବନ୍ଧୁରାତ୍ମୈବ ରିପୁରାତ୍ମନଃ ॥ ୫ ॥
ବନ୍ଧୁରାତ୍ମାତ୍ମନସ୍ତସ୍ୟ ଯେନାତ୍ମୈବାତ୍ମନା ଜିତଃ ।
ଅନାତ୍ମନସ୍ତୁ ଶତ୍ରୁତ୍ୱେ ବର୍ତ୍ତେତା ତ୍ମୈବ ଶତ୍ରୁବତ୍ ॥ ୬ ॥

*ଅନ୍ୱୟ : ଆତ୍ମନା ( ବିବେକଯୁକ୍ତ ମନ ଦ୍ୱାରା )ଆତ୍ମାନଂ ( ବଦ୍ଧ ଜୀବାତ୍ମାକୁ ) ଉଦ୍ଧରେତ୍ ( ଉର୍ଦ୍ଧଗାମୀ ଅର୍ଥାତ୍ ଉଦ୍ଧାର କରିବାକୁ ହେବ । )ଆତ୍ମାନମ୍ ( ଜୀବାତ୍ମାକୁ ) ନ ଅବସାଦୟେତ୍ ( ନିମ୍ନଗାମୀ କରିବାକୁ ହେବନାହିଁ ) ହି ( କାରଣ ) ଆତ୍ମା ଏବ ( ପରିଶୁଦ୍ଧ ମନ) ଆତ୍ମନଃ (ଜୀବତ୍ମାର ) ବନ୍ଧୁ ( ମିତ୍ର ଅର୍ଥାତ୍ ମୁକ୍ତି ସହାୟକ ) ଆତ୍ମା ଏବ ( ବିଷୟ ଭୋଗରେ ବିକ୍ଷିପ୍ତ ମନ) ଆତ୍ମନଃ ( ନିଶ୍ଚିତ ଭାବରେ ଜୀବାତ୍ମାର) ରିପୁଃ ( ଶତ୍ରୁ ଅର୍ଥାତ୍ ଅନିଷ୍ଟକାରକ ) ।: ଯେନ ଆତ୍ମନା ( ଯେଉଁ ବିବେକଯୁକ୍ତ ବୁଦ୍ଧି ଦ୍ୱାରା ) ଆତ୍ମା ଏବ ( ଦେହ ଇନ୍ଦ୍ରିୟାଦି ) ଜିତଃ ( ବଶୀଭୂତ) ଆତ୍ମା ( ମନ) ତସ୍ୟ (ସେହି) ଆତ୍ମନଃ ( ବଦ୍ଧ ଜୀବାତ୍ମାର ) ବନ୍ଧୁଃ ( ମିତ୍ର ବା ଉପକାରକ) ତୁ ( କିନ୍ତୁ) ଅନାତ୍ମନଃ ( ମନ ସଂଯମ ହୋଇନଥିବା ବ୍ୟକ୍ତିର ) ଆତ୍ମା ଏବ ( ମନ ହିଁ) ଶତ୍ରୁବତ୍ (ଶତ୍ରୁଭଳି ) ଶତ୍ରୁତ୍ୱେ ( ଅନିଷ୍ଟ ସାଧନରେ ) ବର୍ତ୍ତେତ୍ (ପ୍ରବୃତ୍ତ ହୁଏ ) ।*

**ଭାବାର୍ଥ :** ମନୁଷ୍ୟ ଜନ୍ମରେ ବିବେକଯୁକ୍ତ ବୁଦ୍ଧି ଓ ମନଦ୍ୱାରା ବଦ୍ଧ ଜୀବାତ୍ମାର ଉଦ୍ଧାର ଅର୍ଥାତ୍ ମୁକ୍ତି ପାଇଁ ସାଧନ କରିବାକୁ ହେବ । ବିଶୃଙ୍ଖଳ ମନ ଓ ଇନ୍ଦ୍ରିୟମାନଙ୍କ ଦ୍ୱାରା ବିଷୟ ଭୋଗରେ ବୁଡି ରହି ଜୀବତ୍ମାକୁ ଅଧୋଗତି ଅର୍ଥାତ୍ ନୀଚ ଯୋନି ପ୍ରାପ୍ତ କରାଇବା ପାଇଁ ମନୁଷ୍ୟ ଜନ୍ମ ପ୍ରାପ୍ତ ହୋଇନାହିଁ । ସଂସାରରେ ପ୍ରାରବ୍ଧର କାରଣରୁ ଯେତେ ଦୁଖ କଷ୍ଟ ଭୋଗ ହେଉ ପଛେ , ସାଧନ ମାର୍ଗରେ ବହୁ ବାଧା ବିଘ୍ନ ର ସମ୍ମୁଖୀନ ହୋଇ ବାରମ୍ବାର ତଳେ ପଡିଗଲେ ମଧ୍ୟ , ପୌରୁଷକୁ ଆଧାର କରି ପୁଣି ଉଠିବାକୁ ହେବ । କେବଳ ମୁକ୍ତି ହିଁ ଜୀବନର ଲକ୍ଷ । ସାଧକକୁ ପ୍ରତ୍ୟେକ ସ୍ଥିତିରେ ଆତ୍ମ ସମୀକ୍ଷା କରିବାକୁ ହେବ । ଜୀବାତ୍ମାକୁ ନିମ୍ନଗାମୀ ନ'କରାଇ ଉର୍ଦ୍ଧଗାମୀ କରିବାରେ ପ୍ରଯତ୍ନଶୀଳ ହେବାକୁ ପଡିବ । ନିଶ୍ଚୟାତ୍ମିକ ବୁଦ୍ଧି ଦ୍ୱାରା ଯେଉଁ ସାଧକଙ୍କର ଦେହାନ୍ଦ୍ରିୟାଦି ବଶୀଭୂତ ହୋଇ ରହିଥାନ୍ତି , ସେହି ବିବେକଶୀଳ ପୁରୁଷଙ୍କର ମନ ଜୀବାତ୍ମାର ମିତ୍ର ବା ଉପକାରକ । "ଆତ୍ମୈବାତ୍ମନାଜିତଃ" ହେଉଛି ଯାହାର ମନ ସମ୍ପୂର୍ଣ୍ଣରୂପରେ ନାଶଶୀଳ ବସ୍ତୁ,ବ୍ୟକ୍ତି,ପଦାର୍ଥରୁ ଆସକ୍ତି ତ୍ୟାଗ କରି ନିଜ ସମ ସ୍ୱରୂପରେ ସ୍ଥିତ ହୋଇସାରିଛି । ନିଜପାଇଁ ଅନ୍ୟମାନଙ୍କ ଠାରୁ କିଞ୍ଚିତ୍ ମାତ୍ର ଆବଶ୍ୟକତା ଅନୁଭବ ନ'କରିବା ହେଉଛି, ନିଜଦ୍ୱାରା ନିଜ ଉପରେ ବିଜୟପ୍ରାପ୍ତ କରିବା । ମନ ସେତେବେଳେ ନିଜର ଉପକାର ସାଧନ କରିବାକୁ ସକ୍ଷମ ହେବ, ଯେବେ ଏହା ଭୂତ ପ୍ରକୃତିର ମୋହିନୀ ଶକ୍ତିରେ ଆକୃଷ୍ଟ ହେବନାହିଁ । ସଂଯତ ହୋଇ ରହିଥିବା ମନ ଅସାଧ

ସାଧନ କରିବାରେ ସକ୍ଷମ ହୁଏ । ମନ ବିକ୍ଷିପ୍ତ ହୋଇ ରହିଲେ, ଏପରିକି ଭୌତିକ ସୁଖ ମଧ୍ୟ ପ୍ରାପ୍ତ ହୋଇନ'ଥାଏ । ଯାହା ନିଜର ନୁହେଁ, ତା'ସହିତ "ମୁଁ" ଓ "ମୋର" ଭାବରେ ସମ୍ବନ୍ଧ ସ୍ୱୀକାର କରିବା ହେଉଛି, ନିଜେ ନିଜ ସହିତ ଶତ୍ରୁ ଭଳି ବ୍ୟବହାର କରିବା । ବିଷୟ ସଂସ୍ପର୍ଶ ବାହ୍ୟକୁ ସୁଖବୋଧ ହେଉଥିଲେ ମଧ୍ୟ , ପରିଣାମରେ ତାହା ଜନ୍ମ-ମରଣ ରୂପକ ମହା ଦୁଃଖର କାରଣ ହୁଏ । ବାହ୍ୟ ଶତ୍ରୁ ଦ୍ୱାରା କେବଳ ବସ୍ତୁର କ୍ଷତି ହୋଇଥାଏ, କାରଣ ବାହ୍ୟ ଶତ୍ରୁ ସ୍ୱୟଂ ପର୍ଯ୍ୟନ୍ତ ପହଞ୍ଚିପାରି ନ'ଥାଏ । କିନ୍ତୁ ଅନ୍ତଃଶତ୍ରୁ ଭାବରେ ବିଷୟଭୋଗରେ ଆସକ୍ତ ହୋଇ ରହିଥିବା ମନ, ଜୀବାତ୍ମାର ଜନ୍ମ ଜନ୍ମ ଧରି କ୍ଷତି ଘଟାଇ ଚାଲିଥାଏ । ଇନ୍ଦ୍ରିୟ,ମନ,ବୁଦ୍ଧି ଏସବୁ ବାସ୍ତବରେ ଅନାତ୍ମା । ପଞ୍ଚଦଶୀକାର ଶରୀର ଆଦିକୁ ମିଥ୍ୟା ଆତ୍ମା ବୋଲି କହିଛନ୍ତି । ଯିଏ ଏହି ମିଥ୍ୟା ଆତ୍ମା ଉପରେ ବିଜୟ ପ୍ରାପ୍ତ କରିନାହିଁ, ସେ ସବୁ ସମୟରେ ଏହି ଶତୃର ବଳୟରେ ରହିଛି । ଜୀବର ମନ ମାୟାରେ ଆବୃତ୍ତ ଥିଲା ପର୍ଯ୍ୟନ୍ତ , ଆତ୍ମାସାକ୍ଷାତ୍କାର ସମ୍ଭବ ହୁଏନାହିଁ । ବାସନା ମୁକ୍ତ ବଶୀଭୂତ ମନ ଜୀବର ଅତି ନିକଟତମ ଉପକାରୀ ବନ୍ଧୁ । ଶୁଦ୍ଧମନ ଜୀବର ବୁଦ୍ଧିକୁ ଈଶ୍ୱରାଭିମୁଖୀ ହେବାର ପ୍ରେରଣା ଦିଏ । ଶୁଦ୍ଧମନରେ ବିବେକର ବାଣୀ ଅନ୍ତରରୁ ଶୁଣାଯାଇଥାଏ । ଶୁଦ୍ଧ ମନ ଯାହା, ଶୁଦ୍ଧ ବୁଦ୍ଧି ତାହା, ଶୁଦ୍ଧ ଆତ୍ମା ମଧ୍ୟ ତାହା । "ଆତ୍ମା" ଶବ୍ଦକୁ ଗୀତାରେ ଶରୀର,ଇନ୍ଦ୍ରିୟ, ମନ, ବୁଦ୍ଧି, ଜୀବାତ୍ମା,ଆତ୍ମା ଏହିପରି ବିଭିନ୍ନ ଅର୍ଥରେ ବ୍ୟବହାର କରାଯାଇଛି । ଶରୀର ଓ ସଂସାର ସହିତ ଯେଉଁ ସଂଯୋଗ ତାହାର ପ୍ରତିକ୍ଷଣ ସ୍ୱତଃ ବିୟୋଗ ଘଟୁଛି । ଯିଏ ସେହି ବିୟୋଗକୁ ସଂଯୋଗ ଅବସ୍ଥାରେ ସ୍ୱୀକାର କରିନେବ, ସେ ନିଜେ ନିଜର ଉଦ୍ଧାର କରିପାରିବ । ଭଗବାନ ପ୍ରତ୍ୟେକ ଜୀବର ହୃଦୟରେ ପରମାତ୍ମା ରୂପରେ ବିଦ୍ୟମାନ । ହୃଦୟରେ ବିଦ୍ୟମାନ ଥିବା ପରମାତ୍ମା ସତ୍ତାକୁ ଅନୁଭବ କରିବା ହେଉଛି ଯୋଗ । ଶ୍ରୀ ଶଙ୍କାରାଚାର୍ଯ୍ୟ ବିବେକ ଚୂଡାମଣିରେ ସ୍ପଷ୍ଟ ଭାବରେ କହିଛନ୍ତି କି' ଗୁରୁ ତୁମ୍ଭକୁ ମାର୍ଗ ଦର୍ଶନ ମାତ୍ର କରାଇବେ । କିନ୍ତୁ ତୁମ୍ଭେ ନିଜେ ହିଁ ଚାଲିବାକୁ ହେବ । ଯେବେ ତୁମ୍ଭେ ନିଜେ ଉଚିତ ମାର୍ଗରେ ଚାଲିବାକୁ ସକ୍ଷମ ହେବ, ତେବେଯାଇ ସଂସାର ସାଗର ପାର ହୋଇପାରିବ । ଏହି ଧାରଣା ରଖିବା ଅନୁଚିତ ଯେ' ଗୁରୁ ଆମ୍ଭଙ୍କୁ ଉପରକୁ ପହଞ୍ଚାଇ ଦେବେ । କୌଣସି ଦେବଦୂତ ରୂପରେ ଭଗବାନ ଆସି ଆମ୍ଭର ଆତ୍ମାର ଉଦ୍ଧାର କରିଦେବେ , ଭାଗ୍ୟ ଆମ୍ଭର ଉଦ୍ଧାର କରିଦେବ, ଏହି ସବୁ ଭ୍ରମ । ମୁଣ୍ଡର ବୋଝକୁ ଅନ୍ୟ ଜଣକୁ ଦେଇହେବ,ମାତ୍ର କ୍ଷୁଧାରୁ ନିବୃତ୍ତି ପାଇଁ ନିଜକୁ ହାତରେ ଆହାର ଭୁଞ୍ଜିବାକୁ ହୁଏ । ଏହି ଶ୍ଳୋକରେ ଭଗବାନ ଜୀବକୁ ଏହି ଆଶ୍ୱାସନା ଦେଇଛନ୍ତି କି' ନିଜର ଉତ୍ଥାନ ,ପତନ ପ୍ରାରବ୍ଧର ଅଧୀନ ନୁହେଁ । ପ୍ରାପ୍ତ ହୋଇଥିବା ଶରୀରରେ ମନୁଷ୍ୟ ସାଧନ ଦ୍ୱାରା ନିଜକୁ ଅବନତିର ଗାଡ଼ରୁ କାଢିନେଇ ଉନ୍ନତିର ଶିଖରରେ ପହଞ୍ଚାଇବାକୁ ସକ୍ଷମ । ନିଜ ସ୍ୱଭାବ ଏବଂ କର୍ମରେ ଯେତିକି ଅଧିକ ସୁଧାର କରିନେବ ,ସେତିକି ଉନ୍ନତ ସ୍ତରକୁ ଉଠିବ । ବିପରୀତ ସ୍ୱଭାବ ଏବଂ ଦୁଷ୍କର୍ମ ଜୀବାତ୍ମାର ପତନ କରାଇବ । ମନରେ ସନ୍ଦେହ ଆସିଥାଏ କି' ପୂର୍ବ ସଂସ୍କାର ଅନୁସାରେ ଆଗକୁ କାର୍ଯ୍ୟ ହୋଇଥାଏ ନା' ଈଶ୍ୱରଙ୍କ ପ୍ରେରଣାରେ ହିଁ ମନୁଷ୍ୟକୁ କର୍ମ କରିବାକୁ ପଡିଥାଏ । ତା'ହେଲେ ମନକୁ କିପରି ଭାବରେ ବଶରେ ରଖି କର୍ମ କରିବା ସମ୍ଭବ? ଲୋକମାନ୍ୟ ତିଳକ ଗୀତା ରହସ୍ୟରେ ଏହାର ସମାଧାନ ରଖି କହିଛନ୍ତି, କି' ଅବିଦ୍ୟା ହେତୁ ଜୀବକୁ "ଦେହ" ଆତ୍ମ ସ୍ୱରୂପ ବୋଲି ଧାରଣା ହେଉଥିଲେ ମଧ୍ୟ, ଆତ୍ମାର ସ୍ୱତନ୍ତ୍ର ସତ୍ତା ରହିଛି । ଭଗବଦ୍ ଉପାସନରେ ମନ ନିବେଶ କରିଲେ

,ରଜୋ- ତମ ଗୁଣ କୁ ଦବାଇ ସତ୍ତ୍ୱଗୁଣ ପ୍ରବୃଦ୍ଧ ହୁଏ । ସେତେବେଳେ ଆତ୍ମାର ସ୍ୱତନ୍ତ୍ର ଶକ୍ତି ଅନ୍ତଃକରଣରେ ଅବଶ୍ୟ ପ୍ରକଟିତ ହୁଏ । ସେହି ସମୟର ଲାଭ ଉଠାଇ ମନୁଷ୍ୟକୁ, ସଙ୍ଘାତ ରୂପକ ଆତ୍ମାକୁ ନିଜ ମନ ଆଦି ଉପରେ ଅଧିକାର କରିନେବା ଉଚିତ । ମନ, ଇନ୍ଦ୍ରିୟ,ବୁଦ୍ଧି ସମସ୍ତଙ୍କ ଉର୍ଦ୍ଧ୍ୱରେ ଆତ୍ମା ସର୍ବଶେଷ ଶକ୍ତିସମ୍ପନ୍ନ ଭାବରେ ଶରୀରରେ ନିବାସ କରିଥାଏ । ମନୁଷ୍ୟକୁ ନିଜର ପ୍ରଯତ୍ନ ଈଶ୍ୱରଙ୍କ ଇଚ୍ଛା ଉପରେ ଛାଡିବାକୁ ହେବନାହିଁ । ପ୍ରାରବ୍ଧ ମୋର ପ୍ରତିକୂଳ, ଏହା ଭାବି ହାତ ଉପରେ ହାତ ଯୋଡି ବସିବାକୁ ହେବନାହିଁ । ପୁରୁଷାର୍ଥ ଦ୍ୱାରା ଅତ୍ୟନ୍ତ ଉତ୍କଟ ପାପ ଅଥବା ଉତ୍କଟ ପୂଣ୍ୟ କ୍ରିୟାର ଫଳର ନିର୍ମାଣ ଏହି ଜନ୍ମରେ ହିଁ ହୋଇଥାଏ । ଈଶ୍ୱର ନିଜର ଅନ୍ତଃକରଣ ଅଲଗା ରଖିନ'ଥାନ୍ତି । ତେଣୁ ଈଶ୍ୱର ସ୍ୱୟଂ କୌଣସି ସଂକଳ୍ପ କରିନ'ଥାନ୍ତି । ସେ ନିଜର ସଙ୍କଳ୍ପକୁ ଭକ୍ତର ସଂକଳ୍ପ ସହିତ ମିଶାଇ ଦେଇଥାନ୍ତି । ତେଣୁ ତୁମ୍ଭେ ଯଦି ପୂର୍ଣ୍ଣ ହୃଦୟରେ କୌଣସି କର୍ମ କରିବା ପାଇଁ ତତ୍ ପର ହୁଅ, ତା'ହେଲେ ଈଶ୍ୱରଙ୍କ ଶକ୍ତି , ଈଶ୍ୱରଙ୍କ ସହାୟତା ଅବଶ୍ୟ ତୁମ୍ଭଙ୍କୁ ପ୍ରାପ୍ତ ହେବ । କାଳବାଦୀ ଲୋକ ଗ୍ରହ ଏବଂ କର୍ମକୁ ମାନିଥାନ୍ତି । ଭଗବତ ଏକାଦଶ ସ୍କନ୍ଦ ତେଇଶି ଅଧ୍ୟାୟରେ କୁହାଯାଇଛି କି' ଗ୍ରହ ଏବଂ କାଳ କାହାକୁ ଦୁଃଖ ଦେଇନ'ଥାନ୍ତି । ନିଜର ମନ ହିଁ ନିଜକୁ ଦୁଃଖ ଦେଇଥାଏ । ଅତଏବ ସାଧକ ଶାସ୍ତ୍ର, ଭଗବାନ ,ଗୁରୁ ପ୍ରଭୃତିଙ୍କ ପ୍ରତି ଶୁଦ୍ଧ ମନରେ ଶ୍ରଦ୍ଧା ଓ ବିଶ୍ୱାସ କରି ଏବଂ ସେମାନଙ୍କ ଆଜ୍ଞା ଅନୁସାରେ ଜୀବନ ଗଠନକରି ଜୀବାତ୍ମାର ଉଦ୍ଧାରକରିବା ସମ୍ଭବ । ଗୁରୁ ହେବା କିମ୍ବା ଗୁରୁ କରିବା ଗୀତାର ସିଦ୍ଧାନ୍ତ ନୁହଁ । ଗୁରୁଙ୍କଠାରୁ ଜ୍ଞାନ ଉପଦେଶ ପ୍ରାପ୍ତ ହୋଇ ପରିଶେଷରେ ନିଜର ମନକୁ ହିଁ ନିଜର ଗୁରୁ କରିବାକୁ ହେବ । ଅନ୍ୟର ଦୋଷଗୁଣକୁ ନ'ଦେଖି ନିଜର ଦୋଷ ଗୁଣ ଉପରେ ଦୃଷ୍ଟି ଦେବାକୁ ହେବ । "ନିଜେ ନିଜର ଗୁରୁ ହୁଅନ୍ତୁ, ନିଜେ ନିଜକୁ ଉଦ୍ଧାର କରନ୍ତୁ " ଏହା ଗୀତାର ସିଦ୍ଧାନ୍ତ ।

**ଜିତାତ୍ମନଃ ପ୍ରଶାନ୍ତସ୍ୟ ପରମାତ୍ମା ସମାହିତଃ ।**

**ଶୀତୋଷ୍ଣସୁଖଦୁଃଖେଷୁ ତଥା ମାନାପମାନୟୋଃ ॥ ୭ ॥**

*ଅନ୍ୱୟ : ଜିତାତ୍ମାନଃ ( ଯେ ନିଜ ମନ ଓ ଇନ୍ଦ୍ରିୟ ଉପରେ ବିଜୟ ପ୍ରାପ୍ତ ହୋଇଛନ୍ତି) ଶୀତୋଷ୍ଣସୁଖଦୁଃଖେଷୁ ( ଅନୁକୂଳତା ଓ ପ୍ରତିକୂଳତା ,ସୁଖ ଏବଂ ଦୁଃଖ ସଂଯୋଗରେ ) ତଥା ( ତଥା) ମାନାପମାନୟୋଃ ( ମାନ ଓ ଅପମାନରେ ) ପ୍ରଶାନ୍ତସ୍ୟ ( ପ୍ରଶାନ୍ତ ଚିତ୍ତରେ ଅବସ୍ଥାନ କରୁଥିବା ସଂଯମୀ ପୁରୁଷଙ୍କର) ପରମାତ୍ମା ( ପରମାତ୍ମା) ସମାହିତଃ ( ନିତ୍ୟ ପ୍ରାପ୍ତ ଅଟନ୍ତି )*

**ଭାବାର୍ଥ :** ଯେ ନିଜର ମନ ଓ ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରିପାରିଛନ୍ତି , ଅଦୃଷ୍ଟ କାରଣରୁ ପ୍ରାପ୍ତ ହେଉଥିବା ସୁଖ-ଦୁଃଖ, ମାନ-ଅପମାନ, ଓ ଅନୁକୂଳ-ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସେ ବିଚଳିତ ନ'ହୋଇ ପ୍ରଶାନ୍ତ ଚିତ୍ତରେ ଅବସ୍ଥାନ କରିଥାନ୍ତି । ସେହି ଜିତେନ୍ଦ୍ରିୟ ପୁରୁଷ ଦ୍ୱନ୍ଦ୍ୱାତୀତ ହୋଇ ସର୍ବତ୍ର ପରମାତ୍ମାଙ୍କ ଅନୁଭବ କରିଥାନ୍ତି । ମନରୁ ରାଗ-ଦ୍ୱେଷ ଜନିତ ସମସ୍ତ ଦ୍ୱନ୍ଦ୍ୱକୁ ବହିସ୍କାର ନ'କରିବା ପର୍ଯ୍ୟନ୍ତ ଯୋଗରୂଢ ସ୍ଥିତି ସମ୍ଭବ ହୋଇନ'ଥାଏ । ପଦାର୍ଥ, ବ୍ୟକ୍ତି, ଅନୁକୂଳ, ପ୍ରତିକୂଳ ପରିସ୍ଥିତିର ସଂଯୋଗ କିମ୍ବା ବିୟୋଗରେ ରାଗ-ଦ୍ୱେଷ, ହର୍ଷ-ଶୋକ, କାମ-କ୍ରୋଧ, ଇଚ୍ଛା-ଭୟ, ଈର୍ଷା ଆଦି କୌଣସି ପ୍ରକାର ବିକାର ମନରେ ଜାତ ନ'ହୋଇ ,ଚିତ୍ତ ବୃତ୍ତି ସମ ଓ ଶାନ୍ତ ହୋଇ ରହିବା ହେଉଛି ଦ୍ୱନ୍ଦ୍ୱାତୀତ ସ୍ଥିତି । ଏହି ଦିବ୍ୟ ସ୍ଥିତି ପ୍ରାପ୍ତରେ ମନ ପରମାତ୍ମାଙ୍କ ଲୟରେ ସ୍ୱତଃ ସଂଯୁକ୍ତ ହୋଇଯାଏ । ପ୍ରଶାନ୍ତ ଚିତ୍ତ ବା ନିର୍ବିକାର ପୁରୁଷଙ୍କ ପାଇଁ ପରମାତ୍ମା ସବୁ ସ୍ଥାନରେ

,ସବୁ ସମୟରେ ଏବଂ ସବୁ ରୂପରେ ପ୍ରତ୍ୟକ୍ଷ ପରିପୂର୍ଣ୍ଣ । ରାଗ- ଦ୍ୱେଷ, ହର୍ଷ-ଶୋକ , ମାନ-ଅପମାନ ଦ୍ୱାରା ଚିତ୍ତବୃତ୍ତି ଅଶାନ୍ତ କାରଣରୁ ପରମାତ୍ମା ସ୍ୱରୂପର ବୋଧ ହୋଇନ'ଥାଏ। ମାନ-ଅପମାନ କେବଳ ନିଜ ମନର ମାନ୍ୟତା । ଅନ୍ୟକେହି ନିଜର ମାନ ସମ୍ମାନ କରିବାକୁ ,ତାହା ସେହି ବ୍ୟକ୍ତିଙ୍କର ମହାନତା ଓ ସଜ୍ଜନତା ବୋଲି ଧରିନେବାକୁ ହେବ । ଅନ୍ୟର ପ୍ରସଂଶାକୁ ନିଜ ଗୁଣର ବିଶେଷତା ବୋଲି ଗ୍ରହଣ କରିବାକୁ ହେବନାହିଁ । ସେହିପରି ଅନ୍ୟ କାହାଦ୍ୱାରା ଅପମାନିତ ହେଲେ , ସେ "ମୋ" ପାଇଁ ପାପକର୍ମର ପ୍ରାୟଶ୍ଚିତର କାରଣ ବୋଲି ମାନି ,ତାଙ୍କପ୍ରତି ଦୟା ଭାବ ଦେଖାଇବାକୁ ହେବ । ତାଙ୍କୁ ଦୋଷ ଦୃଷ୍ଟିରେ ଦେଖିବାକୁ ହେବନାହିଁ । ସମ୍ମାନ ଗ୍ରହଣ କରିବାରେ ପୁଣ୍ୟର ପୁଞ୍ଜି କ୍ଷୀଣ ହୋଇଥାଏ ଏବଂ ଅପମାନ ସହ୍ୟ କରିବାରେ ପାପର ପୁଞ୍ଜି କ୍ଷୀଣ ହୁଏ । ପ୍ରଶଂସା, , ମାନ-ସମ୍ମାନ ଏ ସବୁ ହେଉଛି ବିଷ ତୁଲ୍ୟ । ସତ୍ ମାର୍ଗରେ ରହି ଅପମାନ, ଲାଞ୍ଛନା ଆଦି ମିଳିଲେ, ତାହା ଅମୃତ ତୁଲ୍ୟ । ଏହିପରି ବିଚାର କରିବାରେ ହିଁ ସାଧକ ମାନ-ଅପମାନ ପ୍ରାପ୍ତିରେ ପ୍ରଶାନ୍ତ ଚିତ୍ତରେ ରହିପାରିବାକୁ ସକ୍ଷମ ହେବ । ସେହିପରି ଭୋଗ, ବିଳାସ ଜୀବନରେ ଗୋଟିଏ ସମୟରେ ଆସିବ, ତାର ପରବର୍ତ୍ତୀ ସମୟରେ ସେହି ସୁଖ କିମ୍ବା ବିଳାସ ସାମଗ୍ରୀ କିଛି ହେଲେ ରହିବ ନାହିଁ । ଏସବୁ ଆସିବେ, ଆଉ ଯିବେ । ପ୍ରାପ୍ତ ହୋଇଥିବା ଘର, ସ୍ତ୍ରୀ, ପୁତ୍ର, ଧନ ଓ ପ୍ରତିଷ୍ଠା ଯାହା ଗୋଟିଏ ସମୟରେ ସୁଖ ଦେଇଥାନ୍ତି , ସେମାନଙ୍କର ଅଭାବର ଆଶଙ୍କା ବା ଚାଲିଯିବାର ଭୟ , ପ୍ରତି ମୁହୂର୍ତ୍ତରେ ଦୁଃଖର କାରଣ ହୋଇଥାଏ । ଚତୁର୍ପାର୍ଶ୍ୱରେ ଥିବା ଦୁଃଖୀ, ଦରିଦ୍ର, ବୃଦ୍ଧ ରୋଗୀଙ୍କ ଯନ୍ତ୍ରଣାକୁ ଅତି ନିକଟରୁ ଦେଖି ଅନୁଧ୍ୟାନ କଲେ , ବିଷୟ ସୁଖଭୋଗ ତୃଷ୍ଣକୁ ବିଷତୁଲ୍ୟ ମନେହେବ । ଯାହାର ବାସ ନଥାଇ ମୁକ୍ତ ଆକାଶତଳେ ରହିଥାଏ , ଯିଏ ପ୍ରତିଦିନ ବଞ୍ଚିବା ପାଇଁ ଆହାର ମୁଠାଏ ପାଇ ପାରୁନାହିଁ , ଯାହାକୁ ଲଜ୍ଜ୍ୟା ନିବାରଣ ପାଇଁ ବସ୍ତ୍ର ଖଣ୍ଡେ ସହଜରେ ପ୍ରାପ୍ତ ହେଉ ନାହିଁ , ସେ ମଧ୍ୟ ଭଗବାନଙ୍କର ସୃଷ୍ଟିରେ ବଞ୍ଚି ରହିଛି । ପ୍ରକୃତିର କାରଣରୁ ଶୀତ ଆଉ ଉଷ୍ଣତା , ସ୍ୱଭାବର କାରଣରୁ ସୁଖ ଦୁଃଖ ମନୁଷ୍ୟର ନିଜର ଅନୁଭବତା ମାତ୍ର । ଥଣ୍ଡା-ଗରମ,ସୁଖ-ଦୁଃଖ , ମାନ-ଅପମାନ ଏ ସବୁ ଉତ୍ପନ୍ନ ତତ୍ତ୍ୱ ଅର୍ଥାତ ଏସବୁ ପ୍ରକୃତି, ସ୍ୱଭାବ, ଓ ମାନ୍ୟତାରୁ ଜାତ ହୋଇ ପରକ୍ଷଣରେ ରହି ନଥାନ୍ତି । ଯଦି ସୃଷ୍ଟିରେ କୌଣସି ଚିରନ୍ତନ ତତ୍ତ୍ୱ ଅଛି, ତାହା ହେଉଛି ପରମାତ୍ମାତତ୍ତ୍ୱ । ପ୍ରଶାନ୍ତ ଚିତ୍ତରେ ରହିଥିବା ସଂଯମୀ ପୁରୁଷ ହିଁ ଏହି ପରମାତ୍ମା ତତ୍ତ୍ୱକୁ ବୁଝିପାରିଥାଏ । ଶ୍ରୀ ରାମକୃଷ୍ଣଦେବଙ୍କ ଉକ୍ତି ହେଉଛି: "ଯେପରି ପବନରେ ପାଣି ହଲିଲେ ସେଥିରେ ପ୍ରତିବିମ୍ବ ଠିକ୍ ଭାବରେ ଦେଖାଯାଇନ'ଥାଏ, ସେହିପରି ମନ ପ୍ରଶାନ୍ତ ନ'ରହିଲେ ତହିଁରେ ଭଗବାନଙ୍କର ପ୍ରକାଶ ହୁଏନାହିଁ" ।

**ଜ୍ଞାନବିଜ୍ଞାନତୃପ୍ତାତ୍ମା କୂଟସ୍ଥୋ ବିଜିତେନ୍ଦ୍ରିୟଃ ।**

**ଯୁକ୍ତ ଇତ୍ୟୁଚ୍ୟତେ ଯୋଗୀ ସମଲୋଷ୍ଟାଶ୍ମକାଞ୍ଚନଃ ॥ ୮ ॥**

*ଅନ୍ୱୟ: ଜ୍ଞାନ –ବିଜ୍ଞାନ ( ଶାସ୍ତ୍ର ବିହିତ ଜ୍ଞାନ ଓ ନିଜ ଅନୁଭୂତି ଜନିତ ଜ୍ଞାନ ଦ୍ୱାରା ) ତୃପ୍ତାତ୍ମା (ଅନ୍ତଃକରଣ ଯାହାର ତୃପ୍ତଲାଭ କରିସାରିଛି) କୂଟସ୍ଥ ( ନିର୍ବିକାର ରୂପରେ ଦିବ୍ୟ ସ୍ତରରେ ଅବସ୍ଥିତ ) ବିଜିତେନ୍ଦ୍ରିୟଃ ( ଜିତେନ୍ଦ୍ରିୟ ସଂଯମୀ ପୁରୁଷ) ସମଲୋଷ୍ଟାଶ୍ମକାଞ୍ଚନଃ ( ମାଟି,ପଥର ଓ ସୁବର୍ଣ୍ଣ ନିର୍ମିତ ପଦାର୍ଥରେ ସମଭାବାପନ୍ନ ହୋଇଥାନ୍ତି ) ଇତି ଯୋଗୀ ( ଏହିପରି ଯୋଗୀ ) ଯୁକ୍ତଃ ( ଯୋଗାରୂଢ଼ ଅର୍ଥାତ୍ ବ୍ରହ୍ମରେ ପ୍ରତିଷ୍ଠିତ ବୋଲି) ଉଚ୍ୟତେ ( କୁହାଯାଏ ) ।*

**ଭାବାର୍ଥ :** ଶାସ୍ତ୍ର ଉପଲବ୍ଧ ଜ୍ଞାନ ଏବଂ ନିଜର ସାଧନା ଅନୁଭୂତ ତତ୍ତ୍ୱଦ୍ୱାରା ଯାହାର ଅନ୍ତଃକରଣ ସର୍ବଥା ପରିତୃପ୍ତ, ଯେ ମନ ଇନ୍ଦ୍ରିୟ ସମୂହକୁ ସଂଯତ କରି ଦିବ୍ୟସ୍ତରରେ ନିର୍ବିକାର ରୂପରେ ଅବସ୍ଥାନ କରିଥାନ୍ତି ଓ ମାଟି,ପଥର,ସୁବର୍ଣ୍ଣ ନିର୍ମିତ ପଦାର୍ଥପ୍ରତି ସମଭାବାପନ୍ନ ରହିଥାନ୍ତି, ସେହି ଯୋଗୀ ପୁରୁଷଙ୍କୁ ଯୋଗାରୂଢ ଅର୍ଥାତ୍ ବ୍ରହ୍ମରେ ପ୍ରତିଷ୍ଠିତ ବୋଲି କୁହାଯାଏ । ଭଗବଦ୍ ଗୀତା ପରମାତ୍ମା ତତ୍ତ୍ୱର ବିଜ୍ଞାନ ଅଟେ । ଶ୍ରୀ ଶଙ୍କାରାଚାର୍ଯ୍ୟଙ୍କ ବ୍ୟାଖ୍ୟା ଅନୁସାରେ , ଶାସ୍ତ୍ର ବାକ୍ୟର ଶ୍ରବଣ କରି ଯେଉଁ ମାନସ ବୃତ୍ତି ହୋଇଥାଏ , ତାହା ହେଉଛି ଜ୍ଞାନ ଏବଂ ଏହାକୁ ମନନ କରି, ବାରମ୍ବାର ଧ୍ୟାନକରି ଯେଉଁ ପ୍ରତ୍ୟକ୍ଷ ସଦୃଶ ଅନୁଭବ ହୁଏ ତାହା ହେଉଛି ବିଜ୍ଞାନ । ଯୋଗସିଦ୍ଧ ପୁରୁଷ ପରମାତ୍ମାଙ୍କ ନିର୍ଗୁଣ-ସଗୁଣ, ସାକାର-ନିରାକାର ତତ୍ତ୍ୱର ଯଥାର୍ଥ ଜ୍ଞାନରେ ଅନ୍ତଃକରଣରେ ସର୍ବଥା ସନ୍ତୁଷ୍ଟ ହୋଇ ରହିଥାନ୍ତି । ତାହାଙ୍କ ନିମନ୍ତେ ଆତ୍ମା-ପରମାତ୍ମା ତତ୍ତ୍ୱର ଆଉ କିଛି ଜାଣିବାର ଶେଷ ରହିନଥାଏ । ବଣିଆ ଯେଉଁ ଲୌହ ପିଣ୍ଡ ଉପରେ ସୁନା ରୂପା ଖଣ୍ଡକୁ ରଖି ହାତୁଡିରେ ପ୍ରହାର କରିଥାଏ ତାହାକୁ "କୁଟ" କହନ୍ତି । ତାରି ଉପରେ ହାତୁଡିର ଯେତେ ପ୍ରହାର ପଡିଲେ ମଧ୍ଯ ସେ ଅଚଳ, ସ୍ଥିର ରହିଥାଏ । ସେହି ପ୍ରକାରେ, ଯେଉଁ ସଂଯମୀ ପୁରୁଷକୁ ସଂସାରରେ ଯେତେ ବଡ ବଡ ଦୁଃଖ ବା କ୍ଳେଶ ବାରମ୍ବାର ଆସିଲେ ମଧ୍ଯ , ସେ ବିଚଳିତ ନ'ହୋଇ ନିର୍ବିକାର ଭାବରେ ପରମାତ୍ମା ସ୍ୱରୂପରେ ସ୍ଥିତ ହୋଇ ରହିଥାନ୍ତି, ତାହାଙ୍କୁ "କୂଟସ୍ଥ" କୁହାଯିବ । ସମତ୍ୱରେ ସ୍ଥିତ ଯୋଗୀ ପୁରୁଷ ହେଉଛନ୍ତି କୂଟସ୍ଥ । କାରଣ ସଂସାରକୁ ଅନିତ୍ୟ, ମାୟାମୟ ବୁଝି ବିଷୟ ଜଗତରେ ବିଚରଣ କରୁଥିଲେ ମଧ୍ଯ ନିର୍ଲିପ୍ତ ରହିଥାନ୍ତି । ଆତ୍ମତତ୍ତ୍ୱବିତ୍ ଅର୍ଥାତ୍ ଯାହାର ଆତ୍ମସାକ୍ଷାତ୍କାର ହୋଇଛି ସେ ହିଁ କେବଳ ସମତ୍ତ୍ୱ ପ୍ରାପ୍ତ କରିଥାନ୍ତି । ଭୌତିକ ପଦାର୍ଥର ସତ୍ତାକୁ ଅସତ୍ ଓ ଅନାତ୍ମା ବିଚାରକରି ଏହାର ଭିନ୍ନତାରେ ଭ୍ରମିତ ହୋଇନଥାନ୍ତି । ବ୍ୟବହାରିକ ପ୍ରୟୋଜନତାରେ ମାଟି,ପଥର ଓ ସୁବର୍ଣ୍ଣରେ ଭିନ୍ନତା ଥିଲେ ମଧ୍ଯ, ବିଷୟ ପ୍ରତି ଅନାସକ୍ତ କାରଣରୁ ଯୋଗୀଙ୍କ ଦୃଷ୍ଟିରେ ଏହି ସବୁ ସମାନ ଉପଲବ୍ଧି ହୋଇଥାଏ । ବିଷୟ ସଂଗ୍ରହ ବୁଦ୍ଧି ନଥିବା ହେତୁ ସଂସାରର କୌଣସି ବିନାଶଶୀଳ ବସ୍ତୁ ତାଙ୍କ ପକ୍ଷେ ମୂଲ୍ୟବାନ ହୋଇନଥାଏ । ମାଟି, ପାଉଁଶ ଓ ସୁବର୍ଣ୍ଣକୁ ରଜ, ତମ ଓ ସତ୍ତ୍ୱ ଗୁଣର ପ୍ରତୀକ ବୋଲି ଅର୍ଥ କଲେ, ଯୋଗୀପୁରୁଷ ଏହି ତିନିଗୁଣରୁ ଉର୍ଦ୍ଧ୍ୱକୁ ଉଠି ନିତ୍ୟ ସତ୍ତ୍ୱସ୍ଥରେ ଅବସ୍ଥାନ କରିଥାନ୍ତି ବୋଲି ବୁଝିନେବାକୁ ହେବ ।

**ସୁହୃନ୍ମିତ୍ରାର୍ଯ୍ୟୁଦାସୀନମଧ୍ୟସ୍ଥଦ୍ୱେଷ୍ୟବନ୍ଧୁଷୁ ।**
**ସାଧୁଷ୍ୱପି ଚ ପାପେଷୁ ସମବୁଦ୍ଧିର୍ବିଶିଷ୍ୟତେ ॥ ୯ ॥**

*ଅନ୍ୱୟ: ସୁହୃଦ୍-ମିତ୍ର-ଅରି (ହୀତଡାକ୍ଷୀ –ମିତ୍ର –ଶତ୍ରୁ )ଉଦାସୀନ( ମିତ୍ର ଏବଂ ଶତ୍ରୁ ଉଭୟଙ୍କ ପାଇଁ ନିରପେକ୍ଷ ରହିବା) ମଧ୍ୟସ୍ଥ( ଦୁଇ ଶତ୍ରୁ ମଧ୍ୟରେ ଯେ ଶାନ୍ତି ପ୍ରତିଷ୍ଠାର ପ୍ରଚେଷ୍ଟା କରେ) ଦ୍ୱେଷ୍ୟ (ଯେ' ଘୃଣାର ପାତ୍ର) ବନ୍ଧୁଷୁ ( ସମ୍ପର୍କୀୟ ମାନଙ୍କ ପ୍ରତି ) ସାଧୁ (ସାଧୁ ଆଚରଣକାରୀ ) ଚ ( ତଥା) ପାପେଷୁ ( ପାପାଚରଣକାରୀ ପ୍ରତି ) ଅପି ( ମଧ୍ୟ)ସମ ବୁଦ୍ଧି ( ସମବୁଦ୍ଧି ରଖୁଥିବା ମନୁଷ୍ୟ ) ବଶିଷ୍ୟତେ ( ଶ୍ରେଷ୍ଠ ଅଟନ୍ତି ) ।*

**ଭାବାର୍ଥ :** ଭଗବାନ ପୂର୍ବ ଶ୍ଳୋକରେ ବ୍ୟବହାରିକ ଭୌତିକ ମୂଲ୍ୟରେ ପ୍ରଭେଦ ଥିବା ମାଟି, ପଥର, ସୁବର୍ଣ୍ଣକୁ ସମ ଦୃଷ୍ଟିରେ ଦେଖିବାର କହି ଯୋଗସିଦ୍ଧ ପୁରୁଷର ବିଷୟଭୋଗ ପ୍ରତି ଅନାସକ୍ତ ଭାବକୁ ପ୍ରତିପାଦିତ କରିଛନ୍ତି । ଏହି ପଦରେ ,ଯେଉଁ ମନୁଷ୍ୟ ଭିନ୍ନ ଭିନ୍ନ ଗୁଣ,ଭାବ, ଆଚରଣର ବ୍ୟକ୍ତିଙ୍କୁ ବାହ୍ୟରେ ଯଥୋଚିତ ବ୍ୟବହାର କରିଥାନ୍ତି , କିନ୍ତୁ ଅନ୍ତରରେ ସେମାନଙ୍କୁ

ପରମାତ୍ମାଙ୍କ ସ୍ୱରୂପ ବିଚାର କରି ସମ ଦୃଷ୍ଟିରେ ଦେଖିଥାନ୍ତି , ସେ ହିଁ ଶ୍ରେଷ୍ଠ ପୁରୁଷ ବୋଲି ଭଗବାନ ମତ ରଖିଛନ୍ତି । ହିତଡାକ୍ଷୀ, ମିତ୍ର, ଶତ୍ରୁ, ନିରପେକ୍ଷ ସ୍ଥିତି, ,ଶାନ୍ତିକାମୀ ,ଈର୍ଷାଳୁ, ଆତ୍ମୀୟ ସ୍ୱଜନ ,ସାଧୁ ଓ ପାପାଚାରୀ ପ୍ରଭୃତି ବ୍ୟକ୍ତିଙ୍କ ପ୍ରତି ଯେଉଁ ଯୋଗଯୁକ୍ତ ପୁରୁଷ ସମବୁଦ୍ଧି ଭାବାପନ୍ନ , ସେ ହିଁ ବ୍ରହ୍ମଜ୍ଞ । ନିଜ ହୃଦୟରେ ସକଳ ପ୍ରାଣୀଙ୍କ ହିତ ମନାସୁଥିବା ବ୍ୟକ୍ତି ହେଉଛନ୍ତି ସୁହୃଦ୍ । ସୁହୃଦ୍ ବ୍ୟକ୍ତି ପରୋପକାର ପାଇଁ ନିଜ ସ୍ୱାର୍ଥକୁ ବଳି ଦେଇଥାନ୍ତି । ସେ ହେଉଛନ୍ତି ଉଦାସୀନ ଯିଏ ମିତ୍ର ଓ ଶତ୍ରୁ ଭାବକୁ ନେଇ ପକ୍ଷପାତିତା କରିନ'ଥାନ୍ତି । ଶତ୍ରୁତା ଥିବା ଦୁଇ ବ୍ୟକ୍ତି କିମ୍ବା ଗୋଷ୍ଠୀ ମଧ୍ୟରେ ବୁଝାମଣା କରାଇ ଶାନ୍ତି ପ୍ରତିଷ୍ଠାର ଉଦ୍ୟମ କରିବା ବ୍ୟକ୍ତି ହେଉଛନ୍ତି ମଧ୍ୟସ୍ଥ । ଏହିପରି ଭାବରେ ଯୁକ୍ତପୁରୁଷ ଭିନ୍ନ ଭିନ୍ନ ଗୁଣ ଓ ପ୍ରକୃତିର ବ୍ୟକ୍ତିଙ୍କ ଚିତ୍ତବୃତ୍ତି ପ୍ରତି ଧ୍ୟାନ ନ'ଦେଇ ,ସମଷ୍ଟିଙ୍କ ଭିତରେ ବିରାଜମାନ ବିଶୁଦ୍ଧ ଅନ୍ତରଆତ୍ମାକୁ ଦେଖିଥାନ୍ତି । ଆତ୍ମା ସଦା ଶୁଦ୍ଧ ଏବଂ ସମାନରୂପ ଅଟେ । ସକଳ ପ୍ରାଣୀଙ୍କୁ ଆତ୍ମସ୍ୱରୂପ ଦୃଷ୍ଟିରେ ଦେଖିଲେ, ଅନ୍ତଃକରଣରୁ ମନ୍ଦ ପ୍ରକୃତି ଦୂର ହୋଇ ସମସ୍ତ ସଦ୍ ଗୁଣ ଓ ସଦାଚାର ସ୍ୱତଃ ପ୍ରାପ୍ତହୁଏ । ମନ୍ଦଗୁଣ ସଂପୂର୍ଣ୍ଣ ତ୍ୟାଗ ନ'କରିବା ପର୍ଯ୍ୟନ୍ତ ବୁଦ୍ଧିରେ ସମଭାବାପନ୍ନ ଆସିବ ନାହିଁ । " ସମଷ୍ଟିଙ୍କଠାରେ ଏକ ପରମାତ୍ମା ହିଁ ପରିପୂର୍ଣ୍ଣ" ଏହି ଚିନ୍ତାଧାରାରେ କର୍ମଯୋଗୀ ମଧ୍ୟ ସକଳ ପ୍ରାଣୀଙ୍କର ସୁହୃଦ୍ ହୋଇପାରିଥାନ୍ତି । ତାଙ୍କରି ବିଚାରରେ ସକଳ ଜୀବାତ୍ମା ମୁକ୍ତିର ଅପେକ୍ଷାରେ ରହିଛନ୍ତି । କେବଳ ଏତିକି ଅନ୍ତର ଯେ' କିଏ ମୁକ୍ତି ମାର୍ଗର ପାଦ ଦେଶରେ ଠିଆ ହୋଇଛି ତ' ଅନ୍ୟକେହି ବିଶୁଦ୍ଧ ପରମାତ୍ମାଙ୍କ ନିକଟବର୍ତ୍ତୀ ହୋଇଛି । କିନ୍ତୁ ନିତ୍ୟ ତତ୍ତ୍ୱ ପ୍ରାପ୍ତ ହେବାର କ୍ଷମତା ସମଷ୍ଟିଙ୍କ ଠାରେ ରହିଅଛି । ଅର୍ଥ,କାମ,ଧର୍ମ ଓ ମୋକ୍ଷ ହେଉଛି ମନୁଷ୍ୟ ଜନ୍ମର ଚାରିଗୋଟି ପୁରୁଷାର୍ଥ । ଏଥି ମଧ୍ୟରୁ "ଅର୍ଥ" ହେଉଛି ବାହ୍ୟ ଅଙ୍ଗ, ଯାହା ଶରୀର ବାହାରେ ରହି ସେବା ଦେଇଥାଏ, ତା' ସଙ୍ଗେ ମଧ୍ୟ ମନୁଷ୍ୟର ଅଭିମାନକୁ ବଢାଇଥାଏ । ଅନ୍ୟ ଏକ ପୁରୁଷାର୍ଥ ହେଉଛି "କାମ" ଯାହା ଅନ୍ତରଙ୍ଗ । ଏହା ମନୁଷ୍ୟର ମନରେ ଅବସ୍ଥାନ କରି ବିଷୟଭୋଗକୁ ସେବନ କରିଥାଏ । କାମ ପିପାସାର ଅନ୍ତ ନଥାଏ କି' ଧନ ପିପାସାର ଅନ୍ତ ନ'ଥାଏ । ତୃତୀୟ ପୁରୁଷାର୍ଥ ହେଉଛି "ଧର୍ମ" ଯାହା ବୁଦ୍ଧିରେ ନିବାସ କରିଥାଏ । ଏହା ସ୍ୱଭାବ ରୂପରେ ବୁଦ୍ଧିରେ ରହି , ଧର୍ମ-ଅଧର୍ମ,ପାପ-ପୂଣ୍ୟ,ସ୍ୱର୍ଗ-ନର୍କ , ଉଚିତ-ଅନୁଚିତ, ଯୋଗ୍ୟ-ଅଯୋଗ୍ୟ ନିର୍ଣ୍ଣୟ କରିଥାଏ । "ଧର୍ମ" ଦ୍ୱାରା କାମ ଏବଂ ଅର୍ଥର ବିସ୍ତାର, ନିୟନ୍ତ୍ରଣ ହୋଇଥାଏ । ଅଧିକ ଭୋଗ ବାସନା,ଅଧିକ ଧନ କାମନା ଜୀବନର ସଫଳତା କି' ବିଶେଷତା ନୁହେଁ । ଏହା ବଞ୍ଚି ରହିବାର ଆବଶ୍ୟକତା ଭିତରେ ସୀମିତ ରହିବା ବିଧେୟ । ଜୀବନର ବାସ୍ତବ ସାର୍ଥକତା ହେଉଛି ସମବୁଦ୍ଧିଯୁକ୍ତ ହୋଇ ପରମାତ୍ମା ତତ୍ତ୍ୱକୁ ପ୍ରାପ୍ତ ହେବା । ବୁଦ୍ଧି ସମତ୍ୱରେ ସ୍ଥିତ ହେଲେ ତାହା ଅର୍ଥ ଆଉ କାମ ର ଆସକ୍ତିରୁ ନିବୃତ୍ତ ରହି ଜୀବାତ୍ମାକୁ ମୋକ୍ଷ ପ୍ରାପ୍ତି ମାର୍ଗରେ ଆଗକୁ ବଢାଇନିଏ । ସମ ବୁଦ୍ଧି ହେଉଛି ସମସ୍ତ ପରୁଷାର୍ଥ ସାଧନାର କେନ୍ଦ୍ରବିନ୍ଦୁ । ଗୀତା ମହାନ୍ ଶିକ୍ଷା ଦେଉଛି କି' କୌଣସି ମଧ୍ୟ ପରିସ୍ଥିତିରେ ନିଜର ବୁଦ୍ଧିର ସମତା ଓ ସନ୍ତୁଳନକୁ ନଷ୍ଟ ହେବାକୁ ଦିଅନାହିଁ । ଭଗବାନ ଗୀତାରେ ଯେତେ ଯୋଗ ବିଷୟ ସବୁ କହିଛନ୍ତି, ସେ ସମସ୍ତ ହେଉଛି ବୁଦ୍ଧିକୁ ସମତାରେ ସ୍ଥିତ ରଖିବାର ସାଧନ । ଗୀତାର ଉପଦେଶ କେବଳ ବର୍ଣ୍ଣାଶ୍ରମ,ବ୍ରାହ୍ମଣ,କ୍ଷତ୍ରିୟ,ବୈଶ୍ୟ,ଶୂଦ୍ର ଙ୍କ ପାଇଁ ନୁହେଁ କିମ୍ବା କେବଳ ହିନ୍ଦୁ ମାନଙ୍କ ପାଇଁ ନୁହେଁ । ଏହା ସମଗ୍ର

ବିଶ୍ୱବାସୀଙ୍କ ପାଇଁ ,କାରଣ ବୁଦ୍ଧିର ଆବଶ୍ୟକତା ସର୍ବଦେଶିକ, ସାର୍ବଭୌମ , ସର୍ବକାଳିନ । ସମସ୍ତ ମନୁଷ୍ୟଙ୍କୁ ସବୁ ସ୍ଥାନରେ, ସବୁ ସମୟରେ ବୁଦ୍ଧିର ଆବଶ୍ୟକତା ରହିଛି ।

**ଯୋଗୀ ଯୁଞ୍ଜୀତ ସତତମାତ୍ମାନଂ ରହସି ସ୍ଥିତଃ ।**
**ଏକାକୀ ଯତଚିତ୍ତାତ୍ମା ନିରାଶିରପରିଗ୍ରହଃ ॥ ୧୦ ॥**

*ଅନ୍ୱୟ : ଯତଚିତ୍ତାତ୍ମା ( ଜିତେନ୍ଦ୍ରିୟ ପୁରୁଷ ) ନିରାଶୀଃ ( ନିରାକାଂକ୍ଷି ) ଅପରିଗ୍ରହଃ (ବିଷୟ ସଂଗ୍ରହ ବୁଦ୍ଧି ରହିତ ) ଯୋଗୀ (ଯୁକ୍ତ ପୁରୁଷ) ଏକାକୀ ( ଏକାକୀ) ରହସି ସ୍ଥିତ ( ନିର୍ଜନ ସ୍ଥାନରେ ବାସ କରି) ସତତମ୍ ( ନିରନ୍ତର) ଆତ୍ମାନଂ (ପରମାତ୍ମାଙ୍କ ଠାରେ ) ଯୁଞ୍ଜୀତ ( ଏକାଗ୍ର ଚିତ୍ତରେ ମନୋ ନିବେଶ କରନ୍ତୁ )*

**ଭାବାର୍ଥ:** ଭଗବାନ ଏହି ଶ୍ଳୋକରୁ ଧ୍ୟାନ ଯୋଗ ପ୍ରକ୍ରିୟା ବିଷୟରେ ଉପଦେଶ ଦେବାର ଆରମ୍ଭ କରିଛନ୍ତି । ପୂର୍ବ ଶ୍ଳୋକରେ ଭଗବାନ କହିଥିବା ସାମ୍ୟବୁଦ୍ଧି ପ୍ରାପ୍ତକରିବା ପାଇଁ ଧ୍ୟାନ ଯୋଗାଭ୍ୟାସର ଆବଶ୍ୟକତା ରହିଛି । ଧ୍ୟାନଯୋଗ ଦ୍ୱାରା ଅନ୍ତଃକରଣର ଶୁଦ୍ଧତା ଏବଂ ମନର ଏକାଗ୍ରତା ଆଣିବା ପାଇଁ ସହାୟତା ମିଳେ । ଶାସ୍ତ୍ରରେ ଅନେକ ପ୍ରକାର ଯୋଗାଭ୍ୟାସ ଯଥା: ତପଯୋଗ , ମନ୍ତ୍ରଯୋଗ, ଜପଯୋଗ, ହଠ ଯୋଗ, ରାଜ ଯୋଗ, ଜ୍ଞାନ ଯୋଗ,ପ୍ରାଣାୟମ ଯୋଗ ବିଷୟରେ ବର୍ଣ୍ଣିତ ଅଛି । ଏ ସମସ୍ତ ଯୋଗ ସାଧନାର ମୂଳ ଆଧାର ହେଉଛି ମନର ଏକାଗ୍ରତା । ମନର ସଂଯମ ଅର୍ଥାତ୍ ଏକାଗ୍ରତା ବିନା କୌଣସି ଯୋଗ ସାଧନ ସମ୍ଭବ ନୁହେଁ । ଆତ୍ମା ଅର୍ଥାତ୍ ଚିଦାତ୍ମାକୁ ପରମାତ୍ମାଙ୍କ ସହିତ ଯୁକ୍ତକରି ମନରେ ଇଷ୍ଟଙ୍କୁ ନିରନ୍ତର ସ୍ମରଣ କରିବା ହେଉଛି ଧ୍ୟାନ । ସମସ୍ତ ଯୋଗ ସାଧନା ପ୍ରଥମେ ଇଶ୍ୱର ବିଶ୍ୱାସରୁ ଆରମ୍ଭ ହୋଇ ,ଧ୍ୟାନଯୋଗର ଉଚ୍ଚତ୍ତମ ସ୍ତରରେ ପରମାତ୍ମା ସହିତ ଏକତ୍ୱ ହୋଇ ସମାଧିସ୍ଥ ହେବାରେ ଅନ୍ତହୁଏ । ସ୍ୱଭାବ ବଶତଃ ମନୁଷ୍ୟର ଜନ୍ମ ଜନ୍ମ ଧରି ତାରି କତୁର୍ପାର୍ଶ୍ୱରେ ଥିବା ପ୍ରକୃତି, ବସ୍ତୁ, ଜୀବ ସହିତ ଭୋଗ ବୁଦ୍ଧିରେ ସମ୍ବନ୍ଧ ରହି ଆସିଅଛି । ତେଣୁ ଏଥିରୁ ନିବୃତ୍ତ ହୋଇ ନିଜ ସ୍ୱରୂପକୁ ଜାଣି ତା' ସହିତ ସମ୍ବନ୍ଧ ରଖିବାକୁ ମନରେ ପ୍ରୟାସ ଜାଗ୍ରତ ହୋଇନ'ଥାଏ । ଇନ୍ଦ୍ରିୟମାନେ ସଂଯମଶୀଳ ନ'ହେଲେ, ହିମାଳୟର ନିର୍ଜନ ଗୁମ୍ଫାରେ ବସି ଧ୍ୟାନ କଲେ ମଧ୍ୟ, ମନ ସଂସାରର ଭୋଗ୍ୟ ବସ୍ତୁ ପ୍ରତି ଆକର୍ଷିତ ହୋଇ ରହିବ । ବିଷୟ ଚିନ୍ତନରୁ ମନକୁ ଅଲଗା କରିବାକୁ ହେଲେ, ପ୍ରଥମେ ବହୁତ ଗୁଡିଏ ଭୌତିକ ବସ୍ତୁର ଅଧିକାରଭୁକ୍ତରୁ ନିଜକୁ ମୁକ୍ତ କରିବାକୁ ହେବ । ଶରୀର ସୁଖଭୋଗ ପାଇଁ କିଛି ଇଛା ନ'ରହିଲେ,ବିଷୟ ସଂଗ୍ରହ ବୁଦ୍ଧି ରହେ ନାହିଁ । ଭୋଗସାମଗ୍ରୀ ସଂଗ୍ରହପ୍ରତି ଆସକ୍ତି ନ'ରହିବା ହେଉଛି ଅପରିଗ୍ରହ । ଦୈହିକ ସୁଖଭୋଗର କାମନା ଓ ଅହଙ୍କାରରେ ଥିବା ବାସନାର ପରିତୃପ୍ତ ପାଇଁ ଇଛା ଜାଗ୍ରତ ନ'କରିବା ହେଉଛି ନିରାଶୀ । ଗାର୍ହ୍ୟସ୍ଥ ଆଶ୍ରମରେ ମମତା ପୂର୍ବକ ଭୋଗ ବୁଦ୍ଧିରେ ବିଷୟ ସଂଗ୍ରହ ନ'କରି ପରିବାର ନିର୍ବାହ ପାଇଁ ସର୍ବନିମ୍ନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜୀବନ ନିର୍ବାହ କରିବାକୁ ହେବ । ବ୍ରହ୍ମଚାରୀ,ବାନପ୍ରସ୍ଥ,ସନ୍ୟାସୀ ହେଲେ କୌଣସି ଶାସ୍ତ୍ର ପ୍ରତିକୂଳ ବସ୍ତୁର ସଂଗ୍ରହ କରିବାର ବୁଦ୍ଧିକୁ ସଂପୂର୍ଣ୍ଣ ତ୍ୟାଗ କରିବାକୁ ହେବ । ଧ୍ୟାନଯୋଗୀ ଏକାନ୍ତ ସ୍ଥାନରେ ନିଃସଙ୍ଗ ହେବା ଉଚିତ । ଗୃହସ୍ଥା ଶ୍ରମରେ ଘରର ସ୍ୱତନ୍ତ୍ର ପୂଜା କୋଠରି କିମ୍ବା ମନ୍ଦିରରେ ସ୍ୱତନ୍ତ୍ର ଭାବରେ ନିର୍ମିତ ଏକାନ୍ତ ସ୍ଥାନରେ ଧ୍ୟାନ ଅଭ୍ୟାସ କରିବାକୁ ହେବ । ବାନପ୍ରସ୍ଥ,ସନ୍ୟାସୀ, ବ୍ରହ୍ମଚାରୀଙ୍କ

ନିମନ୍ତେ ନଦୀତଟ,ଅରଣ୍ୟ,ପର୍ବତ ଗୁମ୍ଫା ପ୍ରଭୃତି ନିର୍ଜନ ସ୍ଥାନ ଧ୍ୟାନ ନିମନ୍ତେ ପ୍ରକୃଷ୍ଟ । ସଂସାର ସହିତ କିଞ୍ଚିତ୍ ମାତ୍ର ସମ୍ବନ୍ଧରଖି ଧ୍ୟାନରେ ବସିଲେ ମନର ଏକାଗ୍ରତା ରହେନାହିଁ । ତେଣୁ ଧ୍ୟାନରେ ବସିବାବେଳେ ଏହି ଦୃଢ ନିଶ୍ଚୟ ରହିବା ଉଚିତ ଯେ' ପରମାତ୍ମା ଅତିରିକ୍ତ ମୋର କାହା ସହିତ ସମ୍ବନ୍ଧ ନାହିଁ । ପ୍ରତ୍ୟହ ଅଭ୍ୟାସ ଦ୍ୱାରା, ବୁଦ୍ଧିରେ ଏହି ବିଚାରଧାରା ଦୃଢ ହୋଇଗଲେ, ଭଗବାନଙ୍କ ପ୍ରତି ମନ ଲାଗିବା ସହଜ ହୋଇଯାଏ । ପ୍ରତିଦିନ ଆମ୍ଭେ ମିତ୍ର ସହିତ ମିଶୁଛେ, ଶତ୍ରୁର ସାମନା କରୁଛେ, ବ୍ୟାପାର ସହିତ ଯୋଡି ହେଉଛେ,ଧନ ଉପାର୍ଜନ କ୍ଷେତ୍ରରେ ବୁଦ୍ଧିକୁ ଖଟାଉଛେ । କିନ୍ତୁ ଏହି ସବୁରୁ ନିବୃତ୍ତ ହୋଇ କେଇ ମୁହୂର୍ତ୍ତ ଈଶ୍ୱରଙ୍କ ସହିତ ଯୋଡିହୋଇ ରହିବାର ଆବଶ୍ୟକତାକୁ ଅନୁଭବ କରୁନାହୁଁ । ଗୃହସ୍ଥାଶ୍ରମରେ ସଂସାର ସହିତ ସମ୍ବନ୍ଧ ଛିନ୍ନ କରିବାର ଅର୍ଥ, ପରିବାରର କର୍ତ୍ତା ଭାବରେ ନିଜର କର୍ତ୍ତବ୍ୟ କର୍ମକୁ ଛାଡି ହିମାଳୟକୁ ପଳାଇଯିବାର ନୁହେଁ । ଆତ୍ମସାକ୍ଷାତ୍କାର ଯଦି ଜୀବନର ଲକ୍ଷ ହୋଇଯାଏ, ତେବେ ସାଧକ ଯେ' କୌଣସି ଆଶ୍ରମରେ ରହୁନା କାହିଁକି' ସମ୍ମୁଖକୁ ଆସିବା କର୍ତ୍ତବ୍ୟ କର୍ମକୁ ସମଭାବ ରଖି ସମ୍ପାଦନ କରିଥାଏ । ଫଳ ପ୍ରତି ସମଭାବ ରଖି କରାଯାଉଥିବା ସମସ୍ତ କର୍ତ୍ତବ୍ୟକର୍ମ, ଯୋଗମାର୍ଗର ସାଧନା ହୋଇଯାଏ ଏବଂ ତାହା ମଧ୍ୟ କଲ୍ୟାଣକର ହୁଏ ।

ଶୁଚୌଦେଶେ ପ୍ରତିଷ୍ଠାପ୍ୟ ସ୍ଥିରମାସନମାତ୍ମନଃ ।
ନାତ୍ୟୁଚ୍ଛ୍ରିତଂ ନାତିନୀଚଂ ଚୈଳାଜିନ କୁଶୋତ୍ତରମ୍ ॥ ୧୧ ॥
ତତ୍ରୈକାଗ୍ରଂ ମନଃ କୃତ୍ୱା ଯତଚିତ୍ତେନ୍ଦ୍ରିୟକ୍ରିୟଃ ।
ଉପବିଶ୍ୟାସନେ ଯୁଞ୍ଜ୍ୟାଦ୍ ଯୋଗମାତ୍ମବିଶୁଦ୍ଧୟେ ॥ ୧୨ ॥
ସମଂ କାୟଶିରୋଗ୍ରୀବଂ ଧାରୟନ୍ନଚଳଂ ସ୍ଥିରଃ ।
ସମ୍ପ୍ରେକ୍ଷ୍ୟ ନାସିକାଗ୍ରଂ ସ୍ୱଂ ଦିଶଶ୍ଚାନବଲୋକୟନ୍ ॥ ୧୩॥

*ଶୁଚୌଦେଶେ (ପବିତ୍ର ସ୍ଥାନରେ )ନ-ଅତି-ଉଚ୍ଛ୍ରିତଂ ( ଅତି ଉଚ୍ଚ ହୋଇ ନଥିବା) ନାତିନୀଚଂ (ଅତି ନୀଚ ମଧ୍ୟ ହୋଇ ନଥିବା) ଆତ୍ମାନଃ ( କେବଳ ନିଜର ବ୍ୟବହାର ନିମନ୍ତେ) ସ୍ଥିରମାସନମ୍ (ଭୂମି ଉପରେ ସ୍ଥିର ଭାବେ ରହୁଥିବା କାଷ୍ଠ ,ପଥର କିମ୍ବା ସିମେଣ୍ଟ ନିର୍ମିତ ଆସନ ଉପରେ ) କୁଶୋତ୍ତରମ୍ (କୁଶ ଘାସକୁ) ଅଜିନ( ମୃଗଛାଲ) ଚୈଳ ( କୋମଳ ବସ୍ତ୍ର ) ପ୍ରତିଷ୍ଠାପ୍ୟ (ସ୍ଥାପନ କରିବାକୁ ହେବ ) ତତ୍ର ଆସନେ ( ସେହି ଆସନରେ ) ଉପବିଶ୍ୟ ( ବସି କରି) ଯତ-ଚିତ୍ତ- ଇନ୍ଦ୍ରିୟ-କ୍ରିୟଃ ( ଚିତ୍ତ ଓ ଇନ୍ଦ୍ରିୟ କ୍ରିୟାକୁ ସଂଯତକରି ) ମନଃ ( ମନକୁ ) ଏକାଗ୍ରମ୍ କୃତ୍ୱା ( ଏକାଗ୍ର କରି) ଆତ୍ମ ବିଶୁଦ୍ଧୟେ ( ନିଜର ଚିତ୍ତ ଶୁଦ୍ଧି ନିମିତ୍ତ ) ଯୋଗଂ ( ଯୋଗ- ଜୀବାତ୍ମା ଓ ପରାମାତ୍ମାଙ୍କ ଐକ୍ୟଭାବ) ଯୁଞ୍ଜ୍ୟାତ୍ (ଅଭ୍ୟାସ କରିବ) କାୟ-ଶିରଃ-ଗ୍ରୀବଂ ( ଶରୀର ,ମସ୍ତକ ଓ ଗ୍ରୀବାକୁ ) ସମଂ (ସିଧାକରି ) ଅଚଳଂ ( ନିଶ୍ଚଳ ଭାବରେ) ଧାରୟନ୍ (ଧାରଣ କରି) ଦିଶଃ ( କୌଣସି ଦିଗକୁ) ଚ ନ ଅବଲୋକୟନ୍ (ଦୃଷ୍ଟି ନ'ରଖି ) ସ୍ୱମ୍ ( ନିଜର) ନାସିକାଗ୍ରମ୍(ନାସିକାର ଅଗ୍ରଭାଗକୁ) ସମ୍ପ୍ରେକ୍ଷ (ଦୃଷ୍ଟି ନିକ୍ଷେପ କରି ରଖିବାକୁ ହେବ) ।*

**ଭାବାର୍ଥ :** ଉପୋରକ୍ତ ଶ୍ଲୋକରେ ଭଗବାନ ଧ୍ୟାନ ଯୋଗାଭ୍ୟାସ କରିବାର ବିଧି କହିଛନ୍ତି । ଯୋଗାଭ୍ୟାସ ଆସନରୁ ଆରମ୍ଭ ହୋଇଥାଏ । ତେଣୁ ଆସନର ନିରୂପଣ ପ୍ରଥମେ କରିବାକୁ ହୁଏ । ଧ୍ୟାନ ନିମନ୍ତେ ସ୍ଥାନ ଶୁଦ୍ଧ ଏବଂ ପବିତ୍ର ହେବା ଉଚିତ । ସ୍ୱଭାବତଃ ପବିତ୍ର ନଦୀତଟ,ପର୍ବତ ଗୁମ୍ଫା,ଅରଣ୍ୟ ,ତୀର୍ଥ ସ୍ଥାନ,ଦେବାଳୟ, ମୁନି ଋଷିଙ୍କ ଆଶ୍ରମ ,ଏହି ସବୁ ସ୍ଥାନ

ପବିତ୍ର ଭୂମି ବୋଲି ଧରି ନିଆ ଯାଇଥାଏ । ଏହି ସ୍ଥାନ ଗୁଡିକ ସନ୍ୟାସୀ ମାନଙ୍କ ନିମନ୍ତେ ଅନୁକୂଳ ଏବଂ ଅବାଧ ପ୍ରାପ୍ତ ହୋଇଥାଏ । ଗୃହସ୍ଥାଶ୍ରମରେ ରହୁଥିବା ସାଧକ ମାନଙ୍କ ପାଇଁ ମୁକ୍ତ ବାୟୁ ଚଳାଚଳ କରୁଥିବା ଦେବାଳୟ ପ୍ରାଙ୍ଗଣ, ବଡ ବଗିଚା, କିମ୍ବା ନିଜ ବାସ ଗୃହର କୋଠରି, ଏପରି ସ୍ଥାନକୁ ଧ୍ୟାନ ନିମନ୍ତେ ନିରୂପଣ କରିବାକୁ ହେବ । ଧ୍ୟାନ କରିବା ସ୍ଥାନ ଆର୍ଦ୍ର, ସନ୍ତସନ୍ତିଆ ନ'ହୋଇ ଶୁଷ୍କ ଏବଂ ସ୍ୱଚ୍ଛ ରହିବା ଉଚିତ। ସ୍ଥାନ ଓ ପରିବେଶ ଶୁଦ୍ଧ ନ'ହେଲେ ତାହା ଇନ୍ଦ୍ରିୟ ମାନଙ୍କର କ୍ରିୟାମାଣତାକୁ ପ୍ରଭାବିତ କରେ । ନିକଟରେ କୌଣସି ନାଳ ନର୍ଦ୍ଦମା, ଓ ଦୂଷିତ ପରିବେଶ ରହିବାକୁ ହେବନାହିଁ । ସମତଳ ଉପରେ ସହଜରେ ବସିବାଭଳି ମାପର କାଷ୍ଠ,ପଥର କିମ୍ବା ସିମେଣ୍ଟ ନିର୍ମିତ ଆସନ ସ୍ଥାପନ କରିବାକୁ ହେବ । ଏହା ଅତି ଉଚ୍ଚ କିମ୍ବା ଅତି ନୀଚ ନ' ହୋଇ ଭୂମିଠାରୁ ଦୁଇଫୁଟ ଭିତରେ ରହିବାକୁ ହେବ । କାଷ୍ଠ କିମ୍ବା ପଥରର ଆସନ ହୋଇଥିଲେ ତାହା ହଲଚଲ ନ'ହୋଇ ଦୃଢ ଭାବରେ ଭୂମି ସହିତ ସଲଗ୍ନ ହୋଇ ସ୍ଥିର ରହିବାକୁ ହେବ । ଆସନ ଅତି ଉଚ୍ଚହେଲେ , ଧ୍ୟାନ ସମୟରେ ନିଦ୍ରାଗତ ହୋଇ ପଡିଯିବାର ସମ୍ଭବନା ଥାଏ । ଅତି ନୀଚ ହେଲେ, ଭୂମିର ଥଣ୍ଡା କିମ୍ବା ଉଷ୍ମ ଶରୀରକୁ ପ୍ରତିକୂଳ ବୋଧ ହେବ ଏବଂ ଶରୀସୃପ କୀଟ ଆଦି ଜୀବ କାମୁଡିବାର ଭୟରହିବ । ଆସନ ସ୍ଥାନଟି କେବଳ ନିଜେ ଧ୍ୟାନ କରିବା ପାଇଁ ଉଦ୍ଦିଷ୍ଟ ହେବା ଆବଶ୍ୟକ । ଜଣଙ୍କର ଧ୍ୟାନ ସ୍ଥାନରେ ଅନ୍ୟ ଜଣେ ବସି ଧ୍ୟାନ କରିବା ବିଧି ନୁହେଁ । ମହାତ୍ମା, ସାଧୁ, ସନ୍ଥଙ୍କ ଧ୍ୟାନ କରୁଥିବା ଆସନରେ ସେମାନଙ୍କର ଯୋଗଶକ୍ତିର ମହିମା ରହିଥାଏ । ଆସନ ଉପରେ ପ୍ରଥମେ କୁଶଘାସକୁ ବିଛାଇବାକୁ ହେବ । କୁଶ ବରାହ ଭଗବାନଙ୍କର ଲୋମରୁ ସୃଷ୍ଟି ହୋଇଥିବାରୁ ଏହାକୁ ପବିତ୍ର ରୂପେ ଗ୍ରହଣ କରା ଯାଇଥାଏ । ତେଣୁ ପବିତ୍ରକରଣ,ପ୍ରୋକ୍ଷଣ ଆଦିରେ କୁଶକୁ ବ୍ୟବହାର କରାଯାଇଥାଏ । କୁଶ ଉପରେ ପବିତ୍ର ମୃଗଛାଲକୁ ରଖି ତା'ରି ଉପରେ ସୂତାର କୋମଳ ବସ୍ତ୍ର ଆଚ୍ଛାଦାନ କରିବାକୁ ହେବ । ମୃଗଛାଲ ପରିବର୍ତ୍ତେ ଉଲ୍ ଆଦିରେ ତିଆରି କମଳକୁ ବ୍ୟବହାର କରାଯାଇପାରିବ । ଏପରି ଭାବରେ ଆସନକୁ ଆବରଣ କରିବାର ତାତ୍ପର୍ଯ୍ୟ ହେଲା, ଧ୍ୟାନ ସମୟରେ ଶରୀରରେ ସଞ୍ଚାରହେଉଥିବା ଯୋଗଶକ୍ତି , ପୃଥିବୀର ଶକ୍ତି ସହିତ ସ୍ପର୍ଶରେ ତାହା ଯେପରି ନଷ୍ଟ ହୋଇଯିବ ନାହିଁ । ତେଣୁ ଶରୀର ଓ ଭୂମି ମଧ୍ୟରେ ସଂପୂର୍ଣ୍ଣ ବିଦ୍ୟୁତ କୁପରିବାହୀ ମାଧ୍ୟମ କାର୍ଯ୍ୟକାରୀ ହୋଇଥାଏ । ଏଥିରୁ ଆମ୍ଭର ପରମ୍ପରା କେତେ ବୈଜ୍ଞାନିକ ପଦ୍ଧତି ସହିତ ସମ୍ବନ୍ଧିତ ତାହା ଅନୁମେୟ । ଉପୋରକ୍ତ ପ୍ରକାରେ ସ୍ଥାପନ ହୋଇଥିବା ଆସନରେ ପଦ୍ମାସନ, ସୁଖାସନ, କିମ୍ବା ସ୍ୱସ୍ତିକ ଆସନ ମଧ୍ୟରୁ ଶରୀରକୁ ସୁଖବୋଧ ହେଲାପରି ଯେ' କୌଣସି ଆସନରେ ଅନ୍ତତଃ ତିନିଘଣ୍ଟା ପର୍ଯ୍ୟନ୍ତ ଅବିରାମ ଭାବରେ ବସି ରହିବାର ଅଭ୍ୟାସ କରିବାକୁ ହେବ । ଶରୀରର ଜଙ୍ଘର ଉପରିଭାଗ ଏବଂ ଗଳାର ନିମ୍ନ ଅଂଶକୁ "କାୟ" କୁହାଯାଏ । ଧ୍ୟାନରେ ବସିବା ସମୟରେ କାୟ,ଶିର, ଓ ଗ୍ରୀବା ତିନୋଟିକୁ ସିଧା ଭାବରେ ଭୂମି ସହିତ ଲମ୍ବକରି ରଖିବାକୁ ହେବ , ଯେପରି ମେରୁ ଗଣ୍ଠି ବଙ୍କାହୋଇ ରହିବ ନାହିଁ । ଧ୍ୟାନ ଅବସ୍ଥାରେ ଦୁଇ ଆଖିର ଦୃଷ୍ଟିକୁ ମିଶାଇ ନାସିକାଗ୍ର ଉପରେ ରଖିବାକୁ ହେବ । ଆଖି ଖୋଲା ରହିଲେ ସମ୍ମୁଖର ଦୃଶ୍ୟ ପ୍ରପଞ୍ଚରୁ ବିକ୍ଷେପ ଦୋଷ ଆସିବାର ସମ୍ଭାବନା ଥାଏ । ଆଖି ବନ୍ଦ କରି ରଖିଲେ ନିଦ୍ରା ଆସିବାର ସମ୍ଭାବନା ରହେ । ତେଣୁ ଅର୍ଦ୍ଧମୁଦ୍ରିତ ନେତ୍ରର ଦୃଷ୍ଟିକୁ ଦୁଇ ଭ୍ରୂଲତାର ମଧ୍ୟଭାଗରେ ଅଥବା ନାସିକାର ଅଗ୍ରଭାଗରେ ରଖିବ । କିନ୍ତୁ ଆଖିକୁ ଅର୍ଦ୍ଧମୁଦ୍ରିତ କରି ଦୀର୍ଘ ସମୟ ରଖିବାରେ

ଆଖିରେ କିମ୍ବା ଶିର ଉପରେ ଚାପ ପଡି ପୀଡା ଅନୁଭବ ହୋଇଥାଏ । କୌଣସି ପ୍ରକାରେ ଶରୀରରେ ପୀଡା ହେଲେ ଧ୍ୟାନ ହୋଇ ପାରିବ ନାହିଁ । କେହି କେହି ଯୋଗାଚାର୍ଯ୍ୟ ଆଖିକୁ ଖୋଲାରଖି ସମ୍ମୁଖରେ କୌଣସି ବିନ୍ଦୁ କିମ୍ବା "ଓଁ" ଚିହ୍ନ ଉପରେ ଅଥବା କୌଣସି ମନ୍ତ୍ର ଉପରେ ବା ଇଷ୍ଟ ଦେବ ମୂର୍ତ୍ତିଙ୍କ ଉପରେ ଦୃଷ୍ଟି ନିବଦ୍ଧକରି ଧ୍ୟାନ ଅଭ୍ୟାସ କରାଯାଇପାରେ ବୋଲି ମଧ୍ୟ କହିଛନ୍ତି । ତେଣୁ ନିଜର ଅନୁଭୂତିକୁ ନେଇ ଆଖିକୁ ମୁଦ୍ରିତ କରି କିମ୍ବା ଖୋଲା ରଖି, ଦୃଷ୍ଟିକୁ ଭ୍ରୂକୁଟି ,ନାସାଗ୍ର, ଅଥବା ବାହାରର ବସ୍ତୁ ଉପରେ ନିଜକୁ ସୁଖ ବୋଧ ହେଲା ଭଳି ରଖି ଧ୍ୟାନ କରିବାକୁ ହେବ । ଶରୀରର ଚଞ୍ଚଳତା ଓ କ୍ରିୟା ପ୍ରବଣତା ପ୍ରବୃତ୍ତି ମନକୁ ସ୍ଥିର ହେବାକୁ ଦେଇନ'ଥାଏ। ତେଣୁ ଧ୍ୟାନ ସମୟରେ ଶରୀରର ନିଶ୍ଚଳତା ପ୍ରତି ବିଶେଷ ଦୃଷ୍ଟି ଦେବାକୁ ହେବ । ଉପରୋକ୍ତ ପ୍ରକାରେ ଆସନସ୍ଥ ହୋଇ ଅନ୍ତଃକରଣ ଏବଂ ଇନ୍ଦ୍ରିୟମାନଙ୍କ କ୍ରିୟାକୁ ବଶରେ ରଖି ମନକୁ ଅବିଚ୍ଛିନ୍ନ ଭାବରେ ନିଜ ଇଷ୍ଟଙ୍କ ସ୍ୱରୂପକୁ ସ୍ମରଣ କରିବାର ଅଭ୍ୟାସ ହେଉଛି ଧ୍ୟାନ । ମନ ଓ ବୁଦ୍ଧିକୁ ବିଷୟ ଚିନ୍ତନରୁ ପ୍ରତ୍ୟାହାର କରି ବଶରେ ରଖିଲେ ହିଁ ଏହାକୁ ଧ୍ୟାନ କାଳରେ ଇଷ୍ଟଙ୍କ ସ୍ମରଣରେ ଲଗାଇବା ସମ୍ଭବ ହୁଏ । "ଇଷ୍ଟ ହିଁ କେବଳ ଧ୍ୟେୟ ବସ୍ତୁ" ଏହିପରି ଏକ ନିଶ୍ଚୟାତ୍ମିକ ବୁଦ୍ଧିରେ ମନକୁ ଇଷ୍ଟ ସ୍ମରଣରେ ଲଗାଇବାକୁ ହେବ । ଧ୍ୟାନ ପୂର୍ବରୁ ସଂସାର ଚିନ୍ତାରୁ ମନକୁ ପୂର୍ଣ୍ଣ ରୂପରେ ପ୍ରତ୍ୟାହାର କରିବାକୁ ପଡିବ । ଧ୍ୟାନ ସମୟରେ ଯେଉଁ ସବୁ ଭାବନା ସ୍ୱତଃ ମନକୁ ଆସେ , ତାହାକୁ ଧରି ରଖିବାକୁ ହେବନାହିଁ କି' ତାକୁ ହଟାଇବା ପାଇଁ ତାର ପିଛା କରିବାକୁ ହେବନାହିଁ । ବାରମ୍ବାର ମନକୁ ଇଷ୍ଟଙ୍କ ଉପରକୁ ଫେରାଇ ନେବାର ପ୍ରଚେଷ୍ଟାରେ , ସେହି ସବୁ ବାହ୍ୟ ଚିନ୍ତନ କେତେ ସମୟ ପରେ ଶାନ୍ତ ପଡିଯାଏ । ଧ୍ୟାନ କରିବାର ଅଭ୍ୟାସକୁ ପ୍ରତିଦିନ ଜାରି ରଖିବାକୁ ହେବ । କୌଣସି ପ୍ରକାରର ସାଂସାରିକ ସିଦ୍ଧି କିମ୍ବା ଐଶ୍ୱର୍ଯ୍ୟର ପ୍ରାପ୍ତି ପାଇଁ ଧ୍ୟାନ ଯୋଗର ଅଭ୍ୟାସ କରାଯାଇନ'ଥାଏ । ଏକମାତ୍ର ପରମାତ୍ମାପ୍ରାପ୍ତି ହିଁ ଯୋଗାଭ୍ୟାସର ଲକ୍ଷ ରହିଥାଏ । ଅନ୍ତଃକରଣରେ ଥିବା ରାଗ-ଦ୍ୱେଷ ଆଦି ଅବଗୁଣ,ପାପ ତଥା ବିକ୍ଷେପ, ଅଜ୍ଞାନ ନାଶର ଲକ୍ଷ ନେଇ ଧ୍ୟାନଯୋଗ କରିବା ଆବଶ୍ୟକ ।

**ପ୍ରଶାନ୍ତାତ୍ମା ବିଗତଭୀର୍ବ୍ରହ୍ମଚାରିବ୍ରତେ ସ୍ଥିତଃ ।**
**ମନଃ ସଂଯମ୍ୟ ମଚ୍ଚିତ୍ତୋ ଯୁକ୍ତ ଆସୀତ ମତ୍ପରଃ ॥ ୧୪॥**

*ଅନ୍ୱୟ : ପ୍ରଶାନ୍ତାତ୍ମା ( ପ୍ରଶାନ୍ତ ଚିତ୍ତ ) ବିଗତଭୀଃ ( ନିର୍ଭୀକ ଭାବରେ) ବ୍ରହ୍ମଚାରୀବ୍ରତେ ସ୍ଥିତଃ (ବ୍ରହ୍ମଚାରୀବ୍ରତ ଗ୍ରହଣ କରି) ମନଃ ( ମନକୁ ) ସଂଯମ୍ୟ ( ସଂଯମ କରି ) ମତ୍-ଚିତ୍ତଃ ( ମୋ'ଠାରେ ଚିତ୍ତ ନିବିଷ୍ଟ କରି) ମତ୍ପରଃ ( ମୋତେ ଜୀବନର ଅନ୍ତିମ ଲକ୍ଷ ନେଇ ) ଯୁକ୍ତ ଆସୀତ ( ସମାହିତ ହୋଇ ଅବସ୍ଥାନ କରିବେ )*

**ଭାବାର୍ଥ:** ଯୋଗାଭ୍ୟାସରେ ବସିବା ପୂର୍ବରୁ ମନ ପ୍ରସନ୍ନ ରହିବା ଉଚିତ । ବୈରାଗ୍ୟ ଭାବ ଦ୍ୱାରା ମନକୁ ସର୍ବଥା ନିର୍ମଳ ଏବଂ ଶାନ୍ତରଖି ଧ୍ୟାନଯୋଗର ସାଧନା କରିବାକୁ ହେବ । ମନ ଓ ଇନ୍ଦ୍ରିୟମାନଙ୍କରୁ ବିଷୟ ଜନିତ ଭୋଗ ଆଦି କାମନା ଓ ତୃଷ୍ଣା ତ୍ୟାଗ କରିଲେ , ଅନ୍ତଃକରଣରୁ ରାଗ-ଦ୍ୱେଷ ନଷ୍ଟ ହୋଇ ଚିତ୍ତବୃତ୍ତି ଶାନ୍ତରହେ । ବ୍ରହ୍ମଚାରି ବ୍ରତ ଗ୍ରହଣକରି, ଅନ୍ତଃକରଣକୁ ପ୍ରଶାନ୍ତ ଏବଂ ଭୟଶୂନ୍ୟ ରଖି ,ଆତ୍ମା ସ୍ୱରୂପରେ ମନକୁ ଏକାଗ୍ର ଚିତ୍ତରେ ନିବିଷ୍ଟକରି, ସାବଧାନତା ସହକାରେ

କେବଳ ପରମାତ୍ମା ପ୍ରାପ୍ତି ଲକ୍ଷରେ ଧ୍ୟାନାଭ୍ୟାସ କରିବାକୁ ହେବ । "ଯୁକ୍ତ" ପଦ ଲଗାଇ ଭଗବାନ ସାବଧାନତା କହିବାର ତାତ୍ପର୍ଯ୍ୟ ହେଲା , ଦୁରାଚାର ଆଦି ପାପ କର୍ମରେ ଲିପ୍ତ ରହି ଯୋଗୀ ହେବାର ଚେଷ୍ଟାକରିବା ବୃଥା ଅଟେ । ସଦାଚାର ପୂର୍ବକ ଯୋଗାଭ୍ୟାସରେ ନିର୍ଭୀକତା ସ୍ୱତଃ ଆସିଥାଏ । ଶରୀର ସହିତ "ମୁଁ" ଓ "ମୋର" ଭାବନାର ସମ୍ବନ୍ଧ ତ୍ୟାଗ କଲେ ମନରେ କୌଣସି ପ୍ରକାର ଭୟ ରହେ ନାହିଁ । ଧ୍ୟାନଭ୍ୟାସ ନିମନ୍ତେ ମନରେ ଏହି ଦୃଢ ସତ୍ୟ ଧାରଣ କରିବାକୁ ହେବ କି' "ପରମାତ୍ମା ସର୍ବ ଶକ୍ତିମାନ ଏବଂ ସର୍ବ ବ୍ୟାପକ କାରଣରୁ ସଦା ବିଦ୍ୟମାନ" । ମନର ବିଚାର ଏହିପରି ଦୃଢ ହୋଇଗଲେ, ମନରେ ଭୟ ରହିନ'ଥାଏ । ଯଦି କଦାଚିତ୍ ଧ୍ୟାନ ସମୟରେ ମୃତ୍ୟୁ ହୋଇଯାଏ, ତା'ହେଲେ ପରମ ସୌଭାଗ୍ୟ ଓ ପରମ କଲ୍ୟାଣ ବୋଲି ଧରିନେବାକୁ ହେବ । ଯୋଗୀ ହେବାପାଇଁ ମନ ଇନ୍ଦ୍ରିୟସମୂହକୁ ସଂପୂର୍ଣ୍ଣ ରୂପେ ନିଜ ଆୟତ୍ତାଧୀନ କରିବାକୁ ହେବ । ଧ୍ୟାନ ଅଭ୍ୟାସର ଅଗ୍ରଗତି ପାଇଁ ସାଧକକୁ କାମିନୀ-କାଞ୍ଚନ ସଂପୂର୍ଣ୍ଣ ତ୍ୟଜ୍ୟକରି ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ବ୍ରତ ଅବଲମ୍ବନ କରିବାକୁ ହେବ । ସନ୍ୟାସ ଧର୍ମରେ ସ୍ତ୍ରୀ- ସଂସ୍ପର୍ଶରୁ ଦୂରେଇ ରହିବା ନିୟମକୁ କଠୋର ଭାବରେ ପାଳନ କରିବାକୁ ହେବ । ତେଣୁ ଶାସ୍ତ୍ର ମତ ଅନୁସାରେ ସନ୍ୟାସ ଧର୍ମରେ ଗୃହ ତ୍ୟାଗକରି ଏକାନ୍ତ ସ୍ଥାନରେ କିମ୍ବା ଗୁରୁଙ୍କ ସହିତ ରହି ଯୋଗାଭ୍ୟାସ କରିବାକୁ ହୋଇଥାଏ । ଆର୍ଯ୍ୟ ସଂସ୍କୃତିରେ ଚାରିଗୋଟି ଆଶ୍ରମରୁ ବ୍ରହ୍ମଚର୍ଯ୍ୟ ଆଶ୍ରମ ସର୍ବ ପ୍ରଥମ । ବ୍ରାହ୍ମଣ ଧର୍ମରେ କିଶୋର ବୟସରେ ପଦାର୍ପଣରେ, ବ୍ରତ ଉପନୟନ ଅନୁଷ୍ଠାନ କରି ସନ୍ତାନକୁ ଗୁରୁକୁଳକୁ ପଠାଇ ଦିଆଯିବାର ପରମ୍ପରା ରହି ଆସିଛି । ଗୁରୁଙ୍କ ଆଶ୍ରମରେ ରହି ବେଦ ମନ୍ତ୍ର ସାଧନ କରି , ଗୁରୁଙ୍କଠାରୁ କଠିନ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନର ଶିକ୍ଷା ଲାଭ କରିଥାନ୍ତି । ବ୍ରହ୍ମାଚାରି ବ୍ରତ ପାଳନରେ ଶରୀରରେ ବୀର୍ଯ ଧାରଣରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହାରି ତେଜରେ ପ୍ରାଣ ଆଉ ମନର ଗତି ଆପେ ଆପେ ସ୍ଥିର ହୋଇଯାଏ । ବ୍ରହ୍ମଚାରୀ ବ୍ରତର ଅର୍ଥ କେବଳ ବୀର୍ଯ ସଂରକ୍ଷଣ ନୁହେଁ, ବରଂ ବ୍ରହ୍ମଚାରୀର ଜୀବନ ଯେପରି ଗୁରୁଙ୍କ ଆଜ୍ଞା ଅନୁରୂପ ସଂଯତ ଓ ନିୟନ୍ତ୍ରିତ ହୋଇଥାଏ, ଧ୍ୟାନଯୋଗୀ ସେହିପରି ନିଜ ଜୀବନକୁ ସଂଯତ ଓ ନିୟନ୍ତ୍ରିତ ନିମନ୍ତେ ଦୃଢ ବ୍ରତୀ ହେବାର ଆବଶ୍ୟକତା ରହିଛି । ଗୃହସ୍ଥାଶ୍ରମରେ ସଂଯତ ଭାବରେ ଶାସ୍ତ୍ର ବିଧି ଅନୁଯାଇ ସ୍ତ୍ରୀ ସଙ୍ଗକୁ ବ୍ରହ୍ମଚାରୀ ବ୍ରତ ଭଙ୍ଗ ହେବାର ଧରାଯାଇ ନ'ଥାଏ । ଏହି ପ୍ରକାର ସଂଯତ ଗୃହସ୍ଥ ବ୍ରହ୍ମଚାରୀଙ୍କୁ ଭକ୍ତି ଯୋଗ କିମ୍ବା କର୍ମଯୋଗ ସାଧକ ରୂପରେ ଗ୍ରହଣ କରାଯାଇପାରେ । ଜ୍ଞାନଯୋଗ ଓ ଧ୍ୟାନ ଯୋଗ ମାର୍ଗରେ ବ୍ରହ୍ମଚର୍ଯ୍ୟ ବ୍ରତ ନିଷ୍ଠାପର ଭାବରେ ପାଳନ କରିବାକୁ ହେବ । ସାଧାରଣତଃ ଜନନେନ୍ଦ୍ରିୟର ସଂଯମ କୁ ବ୍ରହ୍ମଚର୍ଯ୍ୟ କୁହାଯାଇଥାଏ । କିନ୍ତୁ ମହାପୁରୁଷଙ୍କ ଅନୁଭୂତି ଅନୁସାରେ, ମନରେ ସଂଭୋଗ ବିଷୟ ସ୍ମରଣ କରି, ଆଖି ଓ କାନରେ ବିଷୟୋତ୍ତେଜକ ଦୃଶ୍ୟ ଦେଖି ଓ ଶବ୍ଦ ଶୁଣି, ନାରୀର ସଂସ୍ପର୍ଶରେ ଆସି ଜନନେନ୍ଦ୍ରିୟର ସଂଯମ ସମ୍ଭବ ନୁହଁ । ବ୍ରହ୍ମଚାରୀ ଶବ୍ଦର ବାସ୍ତବିକ ଅର୍ଥହେଲା "ବ୍ରହ୍ମ ଆଚରତି ସ ବ୍ରହ୍ମଚାରୀ"। ବ୍ରହ୍ମର ଆଚରଣ ହେଉଛି ନିୟତ କର୍ମ ଯଜ୍ଞର ପ୍ରକ୍ରିୟା, ଯାହାର ଅନୁଷ୍ଠାନରେ ଯୋଗୀର ସନାତନ ବ୍ରହ୍ମରେ ପ୍ରବେଶ ହୋଇଥାଏ । ମନ ଓ ଇନ୍ଦ୍ରିୟମାନଙ୍କ ବିଷୟ ସଂସ୍ପର୍ଶକୁ ବାହ୍ୟରେ ସଂପୂର୍ଣ୍ଣ ତ୍ୟଜ୍ୟକରି, ଚିତ୍ତବୃତ୍ତିକୁ ନିରୋଧ କରି, ମନ ବ୍ରହ୍ମ ସ୍ୱରୂପରେ ସ୍ଥିତ ହୋଇଗଲେ, କେବଳ ଜନନେନ୍ଦ୍ରିୟ ନୁହେଁ, ସକଳ ଇନ୍ଦ୍ରିୟଙ୍କର ସଂଯମ ସ୍ୱାଭାବିକ ଭାବରେ ହୋଇଯାଏ । ବିକାର ଶରୀରରେ ନ'ଥାଏ, ମନର ତରଙ୍ଗରୁ ଜାତ ହୁଏ । ଯୋଗାଭ୍ୟାସର ଅନ୍ତିମ ଲକ୍ଷ୍ୟ ହେଲା, ଆତ୍ମା-

ପରମାତ୍ମା ସ୍ୱରୂପର ଅପରୋକ୍ଷ ଅନୁଭୂତି । ଚିତ୍ତ ସହଜରେ ସେହି ବସ୍ତୁରେ ସ୍ଥିତ ରହେ, ଯେଉଁ ବସ୍ତୁପ୍ରତି ଅନ୍ତରରେ ନିସ୍ୱାର୍ଥପ୍ରେମ ରହିଥାଏ । ତେଣୁ ସାଧକକୁ ପରମ ହିତୈଷୀ,ପରମ ସୁହୃଦ, ପରମ ପ୍ରେମାସ୍ପଦ ପରମେଶ୍ୱରଙ୍କ ଗୁଣ,ପ୍ରଭାବ ଏବଂ ରହସ୍ୟକୁ ବୁଝି ଏକମାତ୍ର ପରମାତ୍ମା ସ୍ୱରୂପକୁ ଧେୟକରି ଅନନ୍ୟ ପ୍ରେମଭାବରେ ଚିତ୍ତକୁ ତାଙ୍କରି ପାଖରେ ଲଗାଇ ରଖିବାର ଅଭ୍ୟାସ କରିବାକୁ ହେବ । "ମତ୍ପରଃ" ହେଲା , ପରମାତ୍ମା ହିଁ ପରମଗତି, ପରମ ଧେୟ,ପରମ ଆଶ୍ରୟ, ଏବଂ ପରମ ମହେଶ୍ୱର । ତାଙ୍କୁ ନିଜର ପରମ ରକ୍ଷକ,ସହାୟକ,ପ୍ରାଣ ଏବଂ ସର୍ବସ୍ୱ ମାନି ପ୍ରତ୍ୟେକ ବିଧାନରେ ପରମ ସନ୍ତୁଷ୍ଟ ରହିବା ହେଉଛି ଭଗବାନଙ୍କ ପରାୟଣ । ଭଗବାନଙ୍କର ଗୁଣ,ତତ୍ତ୍ୱ, ଏବଂ ରହସ୍ୟକୁ ବୁଝି, ସାଧକ ନିଜର ରୁଚି,ସ୍ୱଭାବ,ଏବଂ ଅଧିକାର ଅନୁସାରେ ଯେଉଁ ରୂପରେ ସହଜରେ ମନ ଲାଗିବ, ସେହି ରୂପକୁ ଧ୍ୟାନ କରିବାକୁ ହେବ ।

**ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ନିୟତମାନସଃ ।**

**ଶାନ୍ତିଂ ନିର୍ବାଣପରମାଂ ମତ୍ସଂସ୍ଥାମଧିଗଚ୍ଛତି ॥ ୧୫ ॥**

*ଅନ୍ୱୟ : ଯୋଗୀ ( ଯୋଗୀ ପୁରୁଷ) ଏବଂ ( ଏହିପରିଭାବରେ )ସଦା ( ସର୍ବଥା) ନିୟତ ମାନସ( ଚିତ୍ତବୃତ୍ତିକୁ ନିରୋଧ କରି) ଆତ୍ମାନଂ ( ସଂଯତ ମନକୁ ) ଯୁଞ୍ଜନ୍ (ପରମାତ୍ମାଙ୍କ ଠାରେ ନିବିଷ୍ଟ କରି) ମତ୍ସଂସ୍ଥାମ ( ମୋରି ସ୍ୱରୂପରେ ଅବସ୍ଥାନ ରୂପକ) ନିର୍ବାଣ-ପରମାଂ-ଶାନ୍ତିଂ (ନିର୍ବାଣତ୍ମକ ଶାଶ୍ୱତ ଶାନ୍ତି ) ଅଧିଗଚ୍ଛତି ( ପ୍ରାପ୍ତ ହୁଅନ୍ତି)।*

ଭାବାର୍ଥ : ଯୋଗୀ ପୁରୁଷ ଏହିପରି ଭାବରେ ସର୍ବଥା ଚିତ୍ତବୃତ୍ତିକୁ ନିରୋଧ କରି, ସଂସାର ସମ୍ବନ୍ଧରୁ ନିବୃତ୍ତ ରହି , ପରମାତ୍ମାଙ୍କ ଠାରେ ମନକୁ ନିବିଷ୍ଟକରି , ପରମାତ୍ମା ସ୍ୱରୂପରେ ଅବସ୍ଥାନ ରୂପକ ନିର୍ବାଣତ୍ମକ ଶାଶ୍ୱତ ଶାନ୍ତି ଅର୍ଥାତ୍ ମୋକ୍ଷ ପ୍ରାପ୍ତ ହୋଇଥାନ୍ତି । ଭଗବାନ ଏହିଠାରେ ଧ୍ୟାନ ଯୋଗାଭ୍ୟାସର ପରମ ଫଳ ପ୍ରାପ୍ତ ବିଷୟ କହିଛନ୍ତି । ଯେ ପର୍ଯ୍ୟନ୍ତ ସଂସାର ସହିତ ଭୋଗ ସମ୍ବନ୍ଧ ରହିଅଛି, ସେ ପର୍ଯ୍ୟନ୍ତ ମନ ଉପରେ ନିୟନ୍ତ୍ରଣ ରହିବ ନାହିଁ କି' ଚିତ୍ତବୃତ୍ତି ନିରୋଧ ହୋଇପାରିବ ନାହିଁ । ବିତ୍ତୈଷଣା (ଧନ ଆଦି ବାହ୍ୟ ବସ୍ତୁର ଇଚ୍ଛା),ପୁତ୍ରୈଷଣା (ପୁତ୍ର ଆଦି କୁଟୁମ୍ବର ଇଚ୍ଛା), ଏବଂ ଲୋକୈଷଣା (ମାନ,ବଡାଇ ,ପ୍ରସିଦ୍ଧି ର ଇଚ୍ଛା) ଏହି ତିନି ପ୍ରକାର ଇଚ୍ଛା ହେଉଛି ସଂସାର ସହିତ ମଜଭୁତ ବନ୍ଧନ । ଏ ସମସ୍ତ ଭୌତିକ ଇଚ୍ଛାର ପରିସମାପ୍ତି ଘଟିଲେ, ଚିତ୍ତ ପରମାତ୍ମା ସ୍ୱରୂପରେ ନିରନ୍ତର ନିରବିଚ୍ଛିନ୍ନ ଭାବରେ ସମାହିତ ରହି ନିର୍ବାଣ ପ୍ରାପ୍ତ ହୋଇଥାଏ । ଭୌତିକ ଅନ୍ତ ଘଟିଲେ , ଜୀବ ଭଗବାନ ଧାମରେ ପ୍ରବେଶ କରିପାରିବ । ଯଦିଓ ଭଗବାନ ଗୋଲକଧାମରେ ସର୍ବଥା ରହିଥାନ୍ତି,, ତଥାପି ତାଙ୍କରି ଯୋଗମାୟା ବଳରେ ସେ ସର୍ବବ୍ୟାପକ ବ୍ରହ୍ମ ଏବଂ ତା ସଙ୍ଗେ ମଧ୍ୟ ଅନ୍ତର୍ଯ୍ୟାମି ପୁରୁଷ ରୂପରେ ସେ ସକଳ ପ୍ରାଣୀଙ୍କ ହୃଦୟରେ ବିଦ୍ୟମାନ । ମନ ଯେତେବେଳେ ପରମାତ୍ମାତ୍ମାଙ୍କ ଠାରେ ସମାହିତ ହୋଇଯାଏ, ସେହି ପରମ ପୁରୁଷ ପରମାତ୍ମାଙ୍କ ଶାନ୍ତ ଆନନ୍ଦ ସ୍ୱରୂପ ଯୋଗୀର ହୃଦୟରେ ଆବିର୍ଭାବ ହୁଏ । ଯୋଗୀ ଯାହାକୁ ପାଇ, ଆଉ କିଛି ପାଇବାର ବାକି ରହିଥିବା ଅନୁଭବ କରିନ'ଥାଏ । ତାପ ଯେପରି ଅଗ୍ନିର ଅନ୍ତର୍ନିହିତ ତତ୍ତ୍ୱ, ପରମାନନ୍ଦ ଶାନ୍ତି ହେଉଛି ପରମାତ୍ମାଙ୍କ ସ୍ୱରୂପ । ସେ ହେଉଛନ୍ତି ଆନନ୍ଦର ସାଗର,ସେ ହେଉଛନ୍ତି ଶାନ୍ତିର ପାରାବାର । ଏହି ଶାନ୍ତ ସ୍ୱରୂପରେ ଯୋଗୀ ଧ୍ୟାନମଗ୍ନ ହୋଇ ରହିବାରେ, ଆତ୍ମାର ପରମାତ୍ମା ସହିତ ଏକତ୍ୱ ସ୍ଥିତି ହୋଇ ଯାଇଥାଏ ।

ସେହି ସମୟରେ ପରମାତ୍ମାଙ୍କର ଶାନ୍ତ ଆନନ୍ଦ ଯୋଗୀର ଅନ୍ତଃକରଣରେ ସର୍ବତ୍ର ସଞ୍ଚାର ହୋଇଥାଏ । ତାହା ହେଉଛି ନିର୍ବାଣ ପ୍ରାପ୍ତି । ଏହି ନିର୍ବାଣପଦ ପ୍ରାପ୍ତି ଧ୍ୟାନ ଯୋଗର ପରମ ଫଳ ଅଟେ ।

**ନାତ୍ୟଶ୍ନତସ୍ତୁ ଯୋଗୋଽସ୍ତି ନ ଚୈକାନ୍ତମନଶ୍ନତଃ ।**
**ନ ଚାତି ସ୍ୱପ୍ନଶୀଳସ୍ୟ ଜାଗ୍ରତୋ ନୈବ ଚାର୍ଜୁନ ॥ ୧୬॥**

*ଅନ୍ୱୟ: ଅର୍ଜୁନ ( ହେ ଅର୍ଜୁନ ! ) ତୁ ( କିନ୍ତୁ) ଅତି ଅଶ୍ନତଃ ( ଅଧିକାଭୋଜନ କରୁଥିବା ବ୍ୟକ୍ତିର) ଯୋଗଃ ( ଯୋଗାଭ୍ୟାସ ) ନ ଅସ୍ତି ( ସିଦ୍ଧ ହୁଏ ନାହିଁ) ଚ ( ଓ ) ଏକାନ୍ତମ ( ଆଦୌ ) ଅନଶ୍ନତଃ ( ଭୋଜନ ନ'କରୁଥିବା ବ୍ୟକ୍ତିର ) ଯୋଗଃ ( ଯୋଗାଭ୍ୟାସ ) ନ ( ସିଦ୍ଧ ହୁଏନାହିଁ ) ଚ (ସେହିପରି ) ଅତି ( ଅଧିକ) ସ୍ୱପ୍ନ ଶୀଳସ୍ୟ ( ଶୋଇରହୁଥିବା ବ୍ୟକ୍ତିର ) ନ ( ଯୋଗ ସିଦ୍ଧ ହୁଏନାହିଁ ) ଚ ( କି') ଜାଗ୍ରତଃ ( ଆଦୌ ଶୋଉ ନଥିବା ବ୍ୟକ୍ତିର ) ଏବ ( ମଧ୍ୟ)ନ ଅସ୍ତି ( ସିଦ୍ଧ ହୁଏନାହିଁ)।*

**ଭାବାର୍ଥ :** ଯୋଗ ସାଧନ ସମୟରେ ସଂସାର ବ୍ୟବହାର ସ୍ଥିତି କେଉଁ ପ୍ରକାର ହେବା ଉଚିତ ତାହା ଭଗବାନ ଆଗକୁ ଦୁଇଟି ଶ୍ଳୋକରେ କହିଛନ୍ତି । ଭଗବାନ କହୁଛନ୍ତି : ହେ ଅର୍ଜୁନ ! ଅତ୍ୟଧିକ ଭୋଜନ କରିବା ବ୍ୟକ୍ତିର ଯୋଗସିଦ୍ଧ ହୋଇନଥାଏ କି' ଅତି କମ୍ ଭୋଜନ କିମ୍ବା ଭୋଜନ ତ୍ୟାଗକରି ଉପବାସ ରହି ମଧ୍ୟ ଯୋଗାଭ୍ୟାସ କରାଯାଇ ନ'ଥାଏ । ସେହି ପ୍ରକାରେ ଅଧିକ ଶୋଇରହୁଥିବା ବ୍ୟକ୍ତି ପ୍ରତ୍ୟହ ଯୋଗାଭ୍ୟାସ କରିବାକୁ ସକ୍ଷମ ହୋଇନ'ଥାଏ । ଶରୀରର ବିଶ୍ରାମ ପାଇଁ ଆବଶ୍ୟକୀୟ ସମୟ ନିଦ୍ରା ନ'ଯାଇ ଜାଗ୍ରତ ହୋଇ ରହିଲେ ମଧ୍ୟ ଯୋଗାଭ୍ୟାସରେ ବାଧା ଉପୁଜିଥାଏ । ଯୋଗ ସାଧକ ମିତାହାରି ହେବା ଉଚିତ । ପାକସ୍ଥଳୀ ଅର୍ଦ୍ଧେକ ଖାଦ୍ୟ ଦ୍ୱାରା ପୂରଣ କରି ଏବଂ ଅନ୍ୟ ଅର୍ଦ୍ଧାଂଶ ସମ ଭାବରେ ଜଳ ଓ ବାୟୁର ଚଳାଚଳ ପାଇଁ ଶୂନ୍ୟ ରଖି ଭୋଜନ କରିବାକୁ ହେବ । ଶରୀରକୁ ବଳ ପ୍ରାପ୍ତ କରାଇବା ପାଇଁ ଶାକାହାର, ସାତ୍ତ୍ୱିକ ସୁଷମ ଖାଦ୍ୟ ଗ୍ରହଣ କରିବା ବିଧେୟ । ଖାଦ୍ୟ ସହିତ ଅନ୍ତଃକରଣରେ ଚିନ୍ତା ଉଦ୍ଭବ ହେବାର ସମ୍ବନ୍ଧ ରହିଛି । ଖାଦ୍ୟ ଯେଉଁ ପ୍ରକାର ହୋଇଥାଏ, ବିଚାରଧାରା ସେହିପ୍ରକାର ଉତ୍ପନ୍ନ ହୋଇଥାଏ । ପଶୁ, ପକ୍ଷୀ ମାଂସ ଭକ୍ଷଣ କରିବା ସଂପୂର୍ଣ୍ଣ ଅନୁଚିତ । ଏଥିରେ ତାମସିକ ଗୁଣର ପରିବୃଦ୍ଧି ଘଟିଥାଏ । ଆବଶ୍ୟକ ଠାରୁ ଅଧିକ ଖାଦ୍ୟ ପାଚକ କ୍ରିୟାକୁ ଦୁର୍ବଳ କରି ବିଭିନ୍ନ ରୋଗ ଉତ୍ପନ୍ନର କାରଣ ହୁଏ । ଅଧିକ ଭୋଜନ କରିବାରେ ନିଦ୍ରା ଆଳସ୍ୟ ଅନୁଭୂତ ହୋଇଥାଏ । ଅତ୍ୟଧିକ ନିଦ୍ରା, ଆଳସ୍ୟ, ପ୍ରମାଦ ଏ ସବୁ ତମଗୁଣ ବିଶିଷ୍ଟ । ଶୋଇ ରହୁଥିବା ଅଳସୁଆ ବ୍ୟକ୍ତି ନିକମ୍ମା ହୋଇ ଭୌତିକ ସୁଖ ପ୍ରାପ୍ତ କରିବାକୁ ମଧ୍ୟ ଯୋଗ୍ୟ ହୋଇନ'ଥାଏ । ମନୁଷ୍ୟ ଜନ୍ମର ଅମୂଲ୍ୟ ସମୟକୁ ବୃଥାରେ ନଷ୍ଟ କରିଥାଏ । ନିଦ୍ରା ନ'ଯାଇ ଅଧିକ ସମୟ ଜାଗରଣ ହୋଇ ରହିବା ମଧ୍ୟ ଶରୀର ପକ୍ଷେ ସ୍ୱାସ୍ଥ୍ୟକାରକ ନୁହେଁ । ଶୋଇବା ଦ୍ୱାରା କ୍ଲାନ୍ତ ହୋଇଥିବା ଇନ୍ଦ୍ରିୟ, ମନକୁ ବିଶ୍ରାମ ମିଳିଥାଏ । ନିଦ୍ରାରୁ ଉଠିଲାପରେ ପୁନଃ ଶକ୍ତି ପାଇ, ଶରୀର ଓ ଇନ୍ଦ୍ରିୟମାନେ ଅଧିକ ସକ୍ରିୟ ହୋଇଥାନ୍ତି । ଜଣେସୁସ୍ଥ କାର୍ଯ୍ୟକ୍ଷମ ମଣିଷ କମ୍ ରେ ଛଅ ଘଣ୍ଟା ଶୋଇବା ଉଚିତ । ଏହାଠାରୁ କମ୍ ଶୋଇଲେ ସ୍ୱାସ୍ଥ୍ୟହାନି ହୁଏ । ତେଣୁ ନିଦ୍ରା ଓ ଆହାରରେ ଯୋଗୀକୁ ସାବଧାନତା ଅବଲମ୍ବନ କରିବାକୁ ହୋଇଥାଏ । ଏଥିରେ ନିୟନ୍ତ୍ରଣ ନ'ରହିଲେ

ଯୋଗ ସାଧନାରେ ଦୀର୍ଘ ସମୟଧରି  ବସି ହୁଏନାହିଁ କି' ମନକୁ ପରମାତ୍ମାଙ୍କ ଠାରେ ଏକାଗ୍ର ଚିତ୍ତରେ ଲଗାଇ ହୁଏନାହିଁ । ଭଗବାନ ଏହି ଶ୍ଲୋକରେ  ଆହାର ଓ ନିଦ୍ରା କଥା କହି ଅନ୍ୟ ଇନ୍ଦ୍ରିୟମାନଙ୍କୁ ମଧ୍ୟ ନିଜ ନିଜ ବିଷୟ ସେବନରେ ସଂଯମତା ରକ୍ଷା କରିବାକୁ  ନିର୍ଦ୍ଦେଶ ଦେଇଛନ୍ତି ।  ଆଖିଦ୍ୱାରା ରୂପ ବର୍ଣ୍ଣ ଆଦି  ଅତିମାତ୍ରାରେ ଦେଖିବା, କାନ ଦ୍ୱାରା ମାତ୍ରାଧିକ ଶବ୍ଦ ଶୁଣିବା, ତ୍ୱଚାର ସ୍ପର୍ଶ ଦ୍ୱାରା ଉତ୍ତେଜିତ ପ୍ରାପ୍ତ ହେବା  ଓ ତିକ୍ତ ଗନ୍ଧ ଆଦି  ଆଘ୍ରାଣ କରିବା , ଏସବୁ ଯୋଗାଭ୍ୟାସର ପ୍ରତିବନ୍ଧକ । ସତ୍ ସଙ୍ଗ, ଭଜନ, କୀର୍ତ୍ତନ ଆଦି ଭଗବଦ୍ ଜନିତ କାର୍ଯ୍ୟରେ ଲିପ୍ତ ରହି ସାମୟିକ ଭାବରେ ଆହାର ଓ ନିଦ୍ରାର ବ୍ୟତିକ୍ରମ ହେବା ଦୋଷାବହ ନୁହେଁ ।  କାରଣ ସେଥିରେ ଯେଉଁ ଆନନ୍ଦ ପ୍ରାପ୍ତ ହୋଇଥାଏ, ତାହା ଦ୍ୱାରା  ଶରୀରରେ  ଐଶ୍ୱରିକ ଶକ୍ତି ପ୍ରବାହ ହୋଇଥାଏ ।

**ଯୁକ୍ତାହାରବିହାରସ୍ୟ     ଯୁକ୍ତଚେଷ୍ଟସ୍ୟ କର୍ମସୁ ।**
**ଯୁକ୍ତସ୍ୱପ୍ନାବବୋଧସ୍ୟ ଯୋଗୋ  ଭବତି ଦୁଃଖହା  ॥ ୧୭ ॥**

*ଅନ୍ୱୟ: ଯୁକ୍ତ-ଆହାର-ବିହାରସ୍ୟ( ଶରୀରର ଆବଶ୍ୟକତା ଅନୁଯାୟୀ ଆହାର ଏବଂ ବିହାର ଅର୍ଥାତ୍ ଚଲାବୁଲା  କରି) କର୍ମସୁ (କର୍ମରେ) ଯୁକ୍ତ ଚେଷ୍ଟସ୍ୟ (ଯଥୋଚିତ ପ୍ରଚେଷ୍ଟା  କରି ) ଯୁକ୍ତ-ସ୍ୱପ୍ନ-ଅବବୋଧ( ପରିମିତ  ନିଦ୍ରା ଏବଂ ଆତ୍ମତତ୍ତ୍ୱ ସାଧନ ରୂପକ ଜାଗ୍ରତ ସ୍ଥିତିରେ ରହି ) ଯୋଗଃ (ଚିତ୍ତବୃତ୍ତିର ନିରୋଧ ରୂପକ ଧ୍ୟାନ) ଦୁଃଖ -ହା  (ଦୁଃଖ ବିନାଶର କାରଣ ହୋଇଥାଏ )*

**ଭାବାର୍ଥ:** ଯୋଗ ସିଦ୍ଧ ନିମିତ୍ତ ଆହାର, ବିହାର, କର୍ମ, ନିଦ୍ରା, ଜାଗରଣ  ଓ ଏପରିକି' ଯୋଗ ସାଧନ  କ୍ରିୟା ମଧ୍ୟ ପରିମିତ ଓ ନିୟମିତ ହେବା ଆବଶ୍ୟକ   ।  "ସର୍ବମତ୍ୟନ୍ତଂ ଗର୍ହିତମ୍ " ଅର୍ଥାତ୍ ଶରୀର ଇନ୍ଦ୍ରିୟ ଜନିତ  ଯେ କୌଣସି କ୍ରିୟା ଆବଶ୍ୟକତା ଠାରୁ  ଅତି ଅଧିକ  କିମ୍ବା ଅତି କମ୍ ଯୋଗ ସାଧନାର ସହାୟକ ହୋଇନ'ଥାଏ ।  ବର୍ଣ୍ଣ, ଆଶ୍ରମ, ଦେଶ, କାଳ, ପରିସ୍ଥିତି ,ଜୀବିକାକୁ ନେଇ  ସମସ୍ତଙ୍କ ପାଇଁ ସମାନ ନିୟମ ହୋଇପାରିବ ନାହିଁ ।  ତେଣୁ ଯାହାପାଇଁ ଯାହା ଉଚିତ ଏବଂ  ଶାସ୍ତ୍ର ସମ୍ମତ, ତାହା କରିବାରେ ଦୁଃଖ ବିନାଶ ହୋଇ  ଯୋଗ ସିଦ୍ଧ ହୁଏ ।  ନିଜର ଓ ପରିବାରର ପୋଷଣ ନ୍ୟାୟୋଚିତ ମାର୍ଗରେ ଉପାର୍ଜିତ ଧନରେ ହେବା ଆବଶ୍ୟକ ।   ଦୈନନ୍ଦିନ ଆହାର ଶରୀର ନିର୍ବାହର  ଆବଶ୍ୟକତା ଠାରୁ  ଅଧିକ ହେବା ଉଚିତ ନୁହେଁ । ଶରୀର ଦ୍ୱାରା ଚାଲିବା, ବୁଲିବା, ବାର୍ତ୍ତାଳାପ କ୍ରିୟା ଅତି ମାତ୍ରାରେ ହେବା ଅନୁଚିତ   । ଆସନ ଓ ବ୍ୟାୟାମ ମଧ୍ୟ ଶାରୀରିକ କ୍ଷମତାକୁ ନେଇ କରିବାକୁ ହେବ ।  ଶରୀର ନିମିତ୍ତ  ଖାଇବା, ପିଇବା , ଶୋଇବା, ପ୍ରତିରୋଧ କରିବା, ମନକୁ  ପ୍ରଫୁଲ୍ଲ ରଖିବା ପାଇଁ ଆମୋଦ, ପ୍ରମୋଦ ଆଦିର ଆବଶ୍ୟକତା ରହିଛି  ।  କିନ୍ତୁ ଏ ସବୁକୁ ବ୍ୟବହାରିକ କ୍ଷେତ୍ରରେ ସନ୍ତୁଳିତ ନ'ରଖି, ଉଚ୍ଛୃଙ୍ଖଳିତ ଭାବରେ କରିବାଦ୍ୱାରା ଯୋଗମାର୍ଗରେ ଅଗ୍ରଗତି  ହୋଇନ'ଥାଏ  ।  କର୍ମ ଓ ପ୍ରଚେଷ୍ଟାରେ ସମନ୍ୱୟ  ରହିବା ଅପରିହାର୍ଯ୍ୟ  ଏବଂ ନିତାନ୍ତ ପ୍ରୟୋଜନୀୟ । ନିଜର ସ୍ୱଧର୍ମ କିମ୍ବା ବୃତ୍ତି ଜନିତ  କର୍ମକୁ ଫଳପ୍ରତି ଅନାସକ୍ତ ରହି ଯଥୋଚିତ ପ୍ରଚେଷ୍ଟା କରିବାକୁ ହେବ ।  ଜନସେବା, ମନ୍ଦିର ନିର୍ମାଣ ,ସତ୍ ସଙ୍ଗ ଆୟୋଜନ ଆଦି ଶୁଭ କର୍ମ ହେଲେମଧ୍ୟ, ଯାହା  ନିଜର ସାମର୍ଥ୍ୟ ବାହାରେ, ସେଥିରେ ଅତି ମାତ୍ରାରେ  ସଂଶ୍ଳିଷ୍ଟ ରହିବା  ପ୍ରତି ସାବଧାନତା ଆବଶ୍ୟକ । କାରଣ ଏଥି ଦ୍ୱାରା ସଂଗ୍ରହ ବୁଦ୍ଧିରେ ଅସତ୍ ମାର୍ଗ ଅବଲମ୍ବନ କରିବାର  ସମ୍ଭାବନା ରହେ ।   ପ୍ରକାରାନ୍ତରେ ବନ୍ଧନ ମୁକ୍ତ ପରିବର୍ତ୍ତେ ଏହା ବନ୍ଧନର କାରଣ

ହୁଏ । ଶ୍ଳୋକରେ କୁହାଯାଇଥିବା "ସ୍ୱପ୍ନ-ଅବବୋଧ"ଶବ୍ଦର ଅର୍ଥ ହେଉଛି ନିଦ୍ରା ଓ ଜାଗ୍ରତ ସ୍ଥିତି । , ସାଂସାରିକ ସମ୍ବନ୍ଧରୁ ନିବୃତ୍ତ ରହି , ଭଗବାନଙ୍କଠାରେ ମନୋନିବେଶ କରି ରଖିବା ସମୟକୁ ଜାଗ୍ରତ ରହିବା କୁହାଯାଇଛି । ଧ୍ୟାନଯୋଗ ସିଦ୍ଧ ହେଲାପରେ ଯୋଗୀ ସର୍ବଦା ଆନନ୍ଦ ସାଗରରେ ନିମଗ୍ନ ରହିଥାଏ । ଯେଉଁଥିରେ ସାଂସାରିକ ଦୁଃଖ କାରଣ ସହିତ ସମୂଳେ ସବୁଦିନ ପାଇଁ ନଷ୍ଟ ହୋଇଯାଇଥାଏ । ସାଧାରଣ ମନୁଷ୍ୟ ମାନଙ୍କ ପାଇଁ ସୁଖମୟ ଜୀବନ ଅତିବାହିତ କରିବା ନିମନ୍ତେ ଭଗବାନ ଏହି ଶ୍ଳୋକରେ ଦେଇଥିବା ଉପଦେଶର ଉପାଦେୟତା ରହିଛି । ମନୁଷ୍ୟକୁ ଦୈନିକ ୨୪ ଘଣ୍ଟା ମଧ୍ୟରେ ଚାରିଗୋଟି କ୍ରିୟା କରିବାକୁ ହେବ । ତାହା ହେଲା ଆହାର ଓ ବିହାର ନିମିତ୍ତ ଛଅ ଘଣ୍ଟା, ନିଜର ବୃତ୍ତିଗତ କର୍ମ ପ୍ରଚେଷ୍ଟା ନିମିତ୍ତ ଛଅ ଘଣ୍ଟା,ନିଦ୍ରା ନିମିତ୍ତ ଛଅ ଘଣ୍ଟା ଏବଂ ଅବଶିଷ୍ଟ ଛଅ ଘଣ୍ଟା ଭଗବାନଙ୍କ ସହିତ ଯେ' କୌଣସି ଭାବରେ ଜପ, ଧ୍ୟାନ, ଭଜନ, ସେବା ଆଦି ଦ୍ୱାରା ଯୋଡିହୋଇ ରହିଲେ ଜୀବନ ସୁଖମୟ ହୋଇଥାଏ ।

**ଯଦା ବିନିୟତଂ ଚିତ୍ତମାତ୍ମନ୍ୟେବାବତିଷ୍ଠତେ ।**

**ନିଃସ୍ପୃହଃ ସର୍ବକାମେଭ୍ୟୋ ଯୁକ୍ତ ଇତ୍ୟୁଚ୍ୟତେ ତଦା ॥ ୧୮ ॥**

*ଅନ୍ୱୟ :ଯଦା ( ଯେତେବେଳେ ଧ୍ୟାନ ଯୋଗୀଙ୍କର ) ବିନିୟତଂ ( ବିଶେଷ ଭାବରେ ଏକାଗ୍ରତାକୁ ପ୍ରାପ୍ତ ହୋଇଥିବା ଚିତ୍ତ ) ଆତ୍ମନି ( ବ୍ରହ୍ମରେ/ ଆତ୍ମା ସ୍ୱରୂପରେ) ଅବତିଷ୍ଠତେ ( ଅବସ୍ଥାନ କରିଥାଏ )ସର୍ବ କାମେଭ୍ୟଃ ( ଏହିଲୋକ, ପରଲୋକ ଭୋଗ ଇଚ୍ଛାରେ ) ନିସ୍ପୃହଃ ( ସ୍ପୃହା ରହିତ ହୋଇଥାନ୍ତି ) ତଦା ( ସେତେବେଳେ ସେହି ଯୋଗୀ ପୁରୁଷଙ୍କୁ) ଯୁକ୍ତ ( ଯୋଗସିଦ୍ଧ ବୋଲି) ଉଚ୍ୟତେ ( କୁହାଯିବ)*

**ଭାବାର୍ଥ :**ଧ୍ୟାନଯୋଗ ଉପଯୋଗୀ ଆହାର,ବିହାର, କର୍ମ,ନିଦ୍ରା ଆଦି ନିୟମର ବର୍ଣ୍ଣନା ପରେ, ଭଗବାନ ଶ୍ରୀ କୃଷ୍ଣ ଏବେ ନିର୍ଗୁଣ ନିରାକାର ଧ୍ୟାନଯୋଗୀର ଅନ୍ତିମ ସ୍ଥିତିର ସମସ୍ତ ଲକ୍ଷଣ କହୁଛନ୍ତି । ମନ ଯେବେ ବିଶେଷ ଭାବରେ ଏକାଗ୍ରତା ପ୍ରାପ୍ତ ହୋଇ, କେବଳ ଆତ୍ମା ସ୍ୱରୂପରେ ହିଁ ଅବସ୍ଥାନ କରିଥାଏ, ଏବଂ ସଂସାରର ଓ ପରଲୋକର କୌଣସି ଭୋଗ ଇଚ୍ଛା ଚିତ୍ତବୃତ୍ତିରେ ରହିନଥାଏ, ତେବେଯାଇ ସେହି ପୁରୁଷକୁ ଯୁକ୍ତ କୁହାଯାଏ। ଅଷ୍ଟାଙ୍ଗ ଯୋଗ ମାର୍ଗରେ ସବିକଳ୍ପ ସମାଧି ହେଉଛି ଅଷ୍ଟମ ଅଙ୍ଗ ଯାହାକୁ ସାଧନାର ଅନ୍ତିମ ରୂପ ଭାବରେ ଗଣାଯାଏ । ସବିକଳ୍ପ ସମାଧିରେ ଦ୍ରଷ୍ଟା, ଦୃଶ୍ୟ,ଏବଂ ଦର୍ଶନ ଏହି ତ୍ରିପୁଟୀ ଅର୍ଥାତ୍ "ମୁଁ ଆତ୍ମାକୁ ଅନୁଭବ କରୁଛି" ଏହି ବୁଦ୍ଧିବୃତ୍ତି ରହିଥାଏ । ଏଥିରେ "ମୁଁ" ହେଉଛି ଦ୍ରଷ୍ଟା, "ଆତ୍ମା" ହେଉଛି ଦୃଶ୍ୟ, "ଅନୁଭବ କରୁଛି" ହେଉଛି ଦର୍ଶନର ପ୍ରତିଭାସ । ସବିକଳ୍ପ ସମାଧିର ଉଚ୍ଚ ସ୍ତରରେ ଏହି ତ୍ରିପୁଟୀ ଯେତେବେଳେ ହଟିଯାଏ, କେବଳ ଦୃଶ୍ୟ ଭୁତ ଆତ୍ମା ବୁଦ୍ଧି ବୃତ୍ତିରେ ରହିଯାଏ, ତେବେଯାଇ ତାହାକୁ ନିର୍ବିକଳ୍ପ ସମାଧି କୁହାଯାଏ । ଭଗବାନ ଏହିଠାରେ ଏହି ନିର୍ବିକଳ୍ପ ସମାଧି ପ୍ରାପ୍ତ ପୁରୁଷକୁ ଯୁକ୍ତ ବୋଲି କହି, ସେ ହିଁ ଯୋଗୀ ବୋଲି ଅଭିହିତ କରିଛନ୍ତି। ନିର୍ବିକଳ୍ପ ସମାଧି ହେଉଛି ଧ୍ୟାନଯୋଗ ସାଧନାର ଅନ୍ତିମ ସ୍ଥିତି । ନିର୍ବିକଳ୍ପ ସମାଧିର ସ୍ଥିରତା ଯୋଗୀର ଚିତ୍ତବୃତ୍ତିର ପରିଶୁଦ୍ଧତା ଉପରେ ନିର୍ଭର କରିଥାଏ । ଯୋଗ ଶାସ୍ତ୍ରରେ ଚିତ୍ତ ବୃତ୍ତିର ମୁଢ, କ୍ଷିପ୍ତ, ବିକ୍ଷିପ୍ତ,ଏକାଗ୍ର, ଓ ନିରୁଦ୍ଧ ଏହି ପାଞ୍ଚୋଟି ଅବସ୍ଥା ଉଲ୍ଲେଖ ଅଛି । ମୁଢ, କ୍ଷିପ୍ତ ଚିତ୍ତବୃତ୍ତିଧାରୀ ଯୋଗ ସାଧନାର ଅଧିକାରୀ ନୁହନ୍ତି । ଚିତ୍ତବୃତ୍ତି ଆତ୍ମା ସ୍ୱରୂପରେ କେବେ ଲାଗି ରହିବା, କେବେ ଲାଗି ନ'ରହିବାକୁ ବିକ୍ଷିପ୍ତ ଅବସ୍ଥା କୁହାଯାଏ । ଚିତ୍ତବୃତ୍ତିର ସଂପୂର୍ଣ୍ଣ ଏକାଗ୍ରତା ପ୍ରାପ୍ତ ହେଲେ, ତାହା ସବିକଳ୍ପ ସମାଧି

ଏବଂ ନିରୁଦ୍ଧ ସ୍ଥିତିରେ ଉପନୀତ ହେଲେ ତାହା ନିର୍ବିକଳ୍ପ ସମାଧି କୁହାଯିବ । ଚିତ୍ତବୃତ୍ତିର ବିକ୍ଷିପ୍ତ ରୁ ଏକାଗ୍ରତା ଅବସ୍ଥାକୁ ପ୍ରାପ୍ତ କରିବା ପାଇଁ ସାଧକକୁ ଲୌକିକ ପରଲୌକିକ ଇଚ୍ଛା ଏବଂ ବାସନାର ସ୍ପୃହାରୁ ମୁକ୍ତ ହେବାକୁ ହେବ । ଇହଲୋକ, ପରଲୋକର କୌଣସି ଭୋଗବାସନାର ଶେଷ ଅନ୍ତଃକରଣରେ ରହିଲେ, ଏହା ଅବଶ୍ୟ ଏକାଗ୍ରତା ରୂପ ସମାଧି ସ୍ଥିତିରେ ମନକୁ ବିଚଳିତ କରି ଧ୍ୟାନରେ ବିଘ୍ନଘଟାଏ । ଏହି ଧ୍ୟାନ ଭଙ୍ଗକୁ ଶାସ୍ତ୍ରରେ "ବ୍ୟୁତ୍ଥାନ" ବୋଲି କୁହାଯାଏ । "ନିଃସ୍ପୃହଃ ସର୍ବକାମେଭ୍ୟୋ" କହିବାର ତାତ୍ପର୍ଯ୍ୟ ହେଲା, ଏହି ବ୍ୟୁତ୍ଥାନ ନ'ହେବା ନିମିତ୍ତ ଯୋଗୀର ଚିତ୍ତବୃତ୍ତି ସଂପୂର୍ଣ୍ଣ ଭାବରେ ସ୍ପୃହା ଶୂନ୍ୟତା ହେବା ଆବଶ୍ୟକ । ପଦାର୍ଥ,ବ୍ୟକ୍ତି, ନାମ, ଉପାଧିରୁ ସମ୍ବନ୍ଧ ଛିନ୍ନକରି, ମନ ନିରୁପାଧିକ , ନିର୍ବିଶେଷ ଆତ୍ମା ସ୍ୱରୂପରେ ତଲ୍ଲିନ ହୋଇଗଲେ, ସମସ୍ତ ଦୃଶ୍ୟ, ଅଦୃଶ୍ୟ ଭୋଗ ବସ୍ତୁ ଇଛାର ମୃତ୍ୟୁ ହୁଏ । ଧ୍ୟାନାଭ୍ୟାସରେ ବୁଦ୍ଧି ପରିଶୁଦ୍ଧ ହୋଇ, ପରମାର୍ଥର ବୋଧ ହେଲେ ନିଃସ୍ପୃହତା ସ୍ୱତଃ ଆସିଯାଇଥାଏ । ଭଗବାନଙ୍କୁ ସତତ ସ୍ମରଣକରି, ମନକୁ ତାଙ୍କରି ପାଦପଦ୍ମରେ ସ୍ଥିର ନ'କଲେ ଦିବ୍ୟତାକୁ ପ୍ରାପ୍ତ ସମ୍ଭବପର ହୋଇପାରିବ ନାହିଁ । ତେଣୁ ଏହି ଧ୍ୟାନ ଯୋଗ ଭକ୍ତିଯୋଗର ସାଧନାର ମଧ୍ୟ ଏକ ବିଶିଷ୍ଟ ଅଙ୍ଗ । ନିର୍ବିକଳ୍ପ ସମାଧିରେ ଯୋଗୀକୁ ସର୍ବାତ୍ମାଭାବ ପ୍ରାପ୍ତ ହୋଇଥାଏ। ଅର୍ଥାତ ଯୋଗୀ ନିଜେ ନିଜକୁ ସବୁଠାରେ ବ୍ୟାପ୍ତ ହେବାର ଦେଖେ । ଯେତେବେଳେ ଯୋଗୀ ସର୍ବତ୍ର ନିଜକୁ ବ୍ୟାପ୍ତ ସ୍ଥିତିରେ ଦେଖେ, ତେବେ ଇଚ୍ଛା କେଉଁଠାରେ ଏବଂ କେଉଁଥି ପାଇଁ ରହିବ ? ଇଚ୍ଛା ସେହି ବସ୍ତୁକୁ ହୁଏ ଯାହା ପ୍ରାପ୍ତ ହୋଇ ନ'ଥାଏ । ସର୍ବତ୍ର ଆତ୍ମାର ପ୍ରବେଶ ଯେତେବେଳେ ଅନୁଭବ ହୁଏ, ସେତେବେଳେ ଅପ୍ରାପ୍ତ କିଛି ରହେନାହିଁ । ଏହା ହେଉଛି ଆତ୍ମଜ୍ଞାନ ତତ୍ତ୍ୱ ଯାହା ଧ୍ୟାନ ସମାଧିରେ ପ୍ରାପ୍ତ ହୁଏ । ଅତଏବ ସର୍ବଭୂତଭୂତାତ୍ମା ଭାବ ହେଉଛି ଧ୍ୟାନ ଯୋଗ ଏବଂ ଜ୍ଞାନ ଯୋଗ ଉଭୟର ଅନ୍ତିମ ସ୍ଥିତି ।

ଯଥା ଦୀପୋ ନିବାତସ୍ଥୋ ନେଙ୍ଗତେ ସୋପମା ସ୍ମୃତା ।
ଯୋଗିନୋ ଯତଚିତ୍ତସ୍ୟ ଯୁଞ୍ଜତୋ ଯୋଗମାତ୍ମନଃ ॥ ୧୯॥

*ଅନ୍ୱୟ: ନିବାସ୍ଥଃ (ବାୟୁ ପ୍ରବାହ ହେଉ ନ'ଥିବା ସ୍ଥାନରେ ) ଦୀପ (ପ୍ରଦୀପ) ଯଥା (ଯେପରି) ନ ଇଙ୍ଗତେ (ହଲ ଚଲ ହୁଏନାହିଁ ) ଯତଚିତ୍ତସ୍ୟ (ଚିତ୍ତ ବଶୀଭୂତ) ଯୋଗୀନଃ ( ଯୋଗୀଙ୍କର) ଯୋଗମ୍ ଯୁଞ୍ଜତ୍ (ପରମାତ୍ମାଙ୍କ ଉପରେ ରହିଥିବା ଧ୍ୟାନ )ସା ( ତାର ) ଉପମା ( ଦୃଷ୍ଟାନ୍ତ) ସ୍ମୃତା ( ବୋଲି ଜାଣ) ।*

**ଭାବାର୍ଥ:** ବଶୀଭୂତ ହୋଇଥିବା ଚିତ୍ତବୃତ୍ତି ଧ୍ୟାନକାଳରେ ଏକମାତ୍ର ପରମାତ୍ମାଙ୍କ ସ୍ୱରପରେ ଅଚଳ ସ୍ଥିତ ହୋଇ ରହିଥାଏ । ନିର୍ବିକଳ୍ପ ସମାଧିରେ ଚିତ୍ତବୃତ୍ତି କେଉଁ ପ୍ରକାର ଅବସ୍ଥା ପ୍ରାପ୍ତ ହୋଇଥାଏ, ତାହାକୁ ଭଗବାନ ଜ୍ୱଳନ୍ତ ଦୀପ ଶିଖାର ଦୃଷ୍ଟାନ୍ତ ଦେଇ କହିଛନ୍ତି । ଚିତ୍ତ ମଧ୍ୟ ଦୀପ ଶିଖା ସଦୃଶ ଚଞ୍ଚଳ ଏବଂ ପ୍ରକାଶମାନ । ବାୟୁ ପ୍ରବାହ ନ'ଥିବା ସ୍ଥାନରେ ପ୍ରଜ୍ୱଳିତ ଦୀପ ଶିଖା ଟିକିଏ ସୁଦ୍ଧା ହଲଚଲ ନ'ହୋଇ ରହିଥାଏ । ସମାଧି କାଳରେ ନିରୁଦ୍ଧ ଅବସ୍ଥା ପ୍ରାପ୍ତ ଚିତ୍ତବୃତ୍ତି ଅକମ୍ପିତ ଜ୍ୟୋତି ସମାନ ନିସ୍ପନ୍ଦ ଓ ନିଶ୍ଚଳ ହୋଇ ଆତ୍ମସ୍ୱରୂପରେ ସ୍ଥିତ ରହିଥାଏ । ପୂର୍ଣ୍ଣ ଶାନ୍ତି ହିଁ ଆତ୍ମାର ନିଜ ସ୍ୱରୂପ । ମନ ସେହି ଅବସ୍ଥାରେ ନା'କୌଣସି ବସ୍ତୁର ଇସାରା କରେ, ନା' ବାହାରର ସୁଖକୁ ଅସ୍ୱାଦନ କରେ । ଯୋଗୀର ଚିତ୍ତ ଏପରିଭାବରେ

ସ୍ୱରୂପରେ ସ୍ଥିତ ହୋଇଥାଏ ଯେ' ସେଥିରେ  କେବଳ ସ୍ୱରୂପ ବ୍ୟତୀତ ଅନ୍ୟ କୌଣସି  କ୍ଷୋଭ ବା ଚିନ୍ତନ ଆସେନାହିଁ । ଆତ୍ମାକୁ ଶ୍ରୁତି କୂଟସ୍ଥ, ନିତ୍ୟ କହିଅଛି ।  ଯେ' କୂଟସ୍ଥ, ନିତ୍ୟ ତାହା ବିକାରଗ୍ରସ୍ତ  ବା ସ୍ୱରୂପରୁ କେବେହେଲେ  ବିଚ୍ୟୁତ ହେବାକଥା ନୁହେଁ ।  ତାହାହେଲେ , ଏହି ପଦରେ ଆତ୍ମାର କମ୍ପିତ ନ'ହେବାକୁ ଦୀପଶିଖାର ଉପମା କାହିଁକି ଦିଆଯାଇଛି ? ଏହାର ସମାଧାନ ହେଲା, ଆତ୍ମା  ଯଦିଓ ସ୍ୱରୂପରୁ କେବେ ବିଚ୍ୟୁତ ହୁଏନାହିଁ, କିନ୍ତୁ ମନର ଚଞ୍ଚଳତା କାରଣରୁ ଉତ୍ପନ୍ନ ହେଉଥିବା ବିଭିନ୍ନ ବୃତ୍ତି, ଆତ୍ମା ସ୍ୱରୂପରେ ପ୍ରତିବିମ୍ବିତ ହେଲେ, ମନ ସାଦୃଶ ଆତ୍ମାର ଚଞ୍ଚଳତା ଅନୁଭବ ହୁଏ  । ଯେତେବେଳେ ଚିତ୍ତବୃତ୍ତି ସମ୍ପୂର୍ଣ୍ଣ ନିରୋଧ ହୋଇଯାଏ, ସେତେବେଳେ ଆତ୍ମସ୍ୱରୂପରୁ  ପ୍ରତିବିମ୍ବ ରୂପରେ ପ୍ରାପ୍ତ ହେଉଥିବା ଚଞ୍ଚଳତା ମଧ୍ୟ ହଟିଯାଇଥାଏ ।  ଏଥିରେ ଆତ୍ମା  ନିଶ୍ଚଳ ଶାନ୍ତ ସ୍ୱରୂପରେ ଅନୁଭୂତ ହୁଏ  । ପାଣିର  ଉପର ସ୍ତର ଚହଲିଲେ , ଚନ୍ଦ୍ରଙ୍କ ପ୍ରତିବିମ୍ବ  ପାଣି ଭିତରେ ହଲିଲା ଭଳି ପ୍ରତୀୟମାନ ହୁଏ । ବାସ୍ତବରେ ଚନ୍ଦ୍ର ହଲି ନ'ଥାନ୍ତି ।

**ଯତ୍ରୋପରମତେ ଚିତ୍ତଂ ନିରୁଦ୍ଧଂ ଯୋଗସେବୟା ।**

**ଯତ୍ର ଚୈବାତ୍ମନାତ୍ମାନଂ ପଶ୍ୟନ୍ନାତ୍ମନି ତୁଷ୍ୟତି ॥ ୨୦ ॥**

*ଅନ୍ୱୟ: ଯତ୍ର ( ଯେଉଁ ଅବସ୍ଥାରେ ) ଯୋଗସେବୟା ( ଯୋଗ ଅନୁଷ୍ଠାନ ଦ୍ୱାରା ) ନିରୁଦ୍ଧଂ ( ନିରୁଦ୍ଧ : ସଂକଳ୍ପ- ବିକଳ୍ପ ପ୍ରବାହର  ସଂପୂର୍ଣ୍ଣ ରୋଧ ) ଚିତ୍ତଂ ( ଚିତ୍ତ) ଉପରମତେ (ବୃତ୍ତିଶୂନ୍ୟ – ବିଲୀନ ହୋଇଯାଏ ) ଚ ( ତଥା) ଯତ୍ର ( ଯେଉଁ ଅବସ୍ଥାରେ ) ଆତ୍ମନା (ଆତ୍ମା ଦ୍ୱାରା- ଶୁଦ୍ଧ ମନଦ୍ୱାରା)ଆତ୍ମାନମ୍ ( ଶୁଦ୍ଧ ଚୈତନ୍ୟ ସ୍ୱରୂପକୁ) ପଶ୍ୟନ୍ ( ଦର୍ଶନ କରି ଅର୍ଥାତ୍  ଉପଲବ୍ଧି କରି)ଆତ୍ମନି  (ଆତ୍ମରେ- ଅନ୍ତରରେ ) ତୁଷ୍ୟତି (ତୃପ୍ତ ପ୍ରାପ୍ତ ହୁଏ )[ ସେହି ସ୍ଥିତି ଯୋଗ  ଶବ୍ଦବାଚ୍ୟ ]*

**ଭାବାର୍ଥ:** ଯୋଗ କାହାକୁ କୁହାଯାଏ ଏବଂ ଯୋଗ ଶବ୍ଦର  ମୁଖ୍ୟ ଅର୍ଥ କଣ , ଭଗବାନ  ଆଗକୁ ଏହି  ଚାରୋଟି ଶ୍ଲୋକରେ କହିଛନ୍ତି ।  ପରମାତ୍ମାଙ୍କ ଧ୍ୟାନରେ ନିରୁଦ୍ଧ ଚିତ୍ତର ସଂସାରରୁ ଉପରାମ ହୋଇ, ଯେଉଁ ଅବସ୍ଥାରେ  ଶୁଦ୍ଧ ବୁଦ୍ଧି ଦ୍ୱାରା  ଆତ୍ମା-ପରମାତ୍ମାଙ୍କ ଅଭିନ୍ନ ତତ୍ତ୍ୱକୁ ଉପଲବ୍ଧ କରି,  ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କର ଆନନ୍ଦ ସ୍ୱରୂପରେ  ଯୋଗୀ ନିରନ୍ତର ସନ୍ତୁଷ୍ଟ ରହେ,  ସେହି ସ୍ଥିତି ହେଉଛି ଯୋଗ ପଦ ବାଚ୍ୟ ।  ମନ ଆତ୍ମାରେ ଅବସ୍ଥାନ କରେନାହିଁ ।  ମନ ହେଉଛି ଜଡ , ଆତ୍ମା ହେଉଛି ଚେତନ ।  ସେଥିପାଇଁ ଆତ୍ମା ହିଁ ଆତ୍ମାରେ ଯୁକ୍ତ ହୋଇଥାଏ । ଚିତ୍ତବୃତ୍ତି ସଂସାରରୁ  ଉପରତ ହୋଇଗଲେ , ମନ ସଂକଳ୍ପ-ବିକଳ୍ପର  ପ୍ରବାହରୁ ନିବୃତ୍ତ ହୋଇଯାଏ ।  ମନ ସଂକଳ୍ପ-ବିକଳ୍ପର ସ୍ରୋତରୁ ନିବୃତ୍ତ ହୋଇଗଲେ , ତେବେ ମନ ରହିବା ନ' ରହିବା ସମାନ ହୋଇଯାଏ । ସଂସାରରୁ ଚିତ୍ତର ଉପରାମ ଘଟିଲେ, ଚିତ୍ତବୃତ୍ତି ପଦାର୍ଥ,ପରିସ୍ଥିତି,ବ୍ୟକ୍ତି କୌଣସି ଉପରେ ଅବଲମ୍ବିତ ହୋଇ ରହିନ'ଥାଏ ।  ମନ, ବୁଦ୍ଧି, ଆତ୍ମାର ଜ୍ଞାନ ସ୍ୱରୂପରେ  ଏକାକାର ହୋଇ  ପରମାତ୍ମା ସତ୍ତାକୁ ଉପଲବ୍ଧ ହୋଇଥାଏ । ପରମାତ୍ମା ହେଉଛନ୍ତି  ପରମାନନ୍ଦ  ଓ ପରମ ଶାନ୍ତିର ସାଗର ।  ପରମାତ୍ମାଙ୍କର ସାକ୍ଷାତ୍କାର ହେଲାପରେ ଯୋଗୀ ସଦା ସର୍ବଦା ସେହି  ଆନନ୍ଦରେ ସନ୍ତୁଷ୍ଟ ରହେ ।  ଅନ୍ତରରେ ପୂର୍ଣ୍ଣତଃ ସନ୍ତୋଷ ଲାଭପରେ, ସାଂସାରିକ ସୁଖର ଲେଶମାତ୍ର ଆବଶ୍ୟକତା ନ'ଥିବାରୁ `ସେଥିରୁ ବିଚ୍ୟୁତ ହୋଇନଥାଏ ।  ନିତ୍ୟ ନିୟମିତ  ଧ୍ୟାନକରି ନିଜର ଓ ସଂସାରର ସମସ୍ତ ସତ୍ତା  ବ୍ରହ୍ମଠାରୁ ଅଭିନ୍ନ ଜ୍ଞାନ ହୁଏ ।  ସେତେବେଳେ ସବୁକିଛି ପରମାତ୍ମାଙ୍କ ସ୍ୱରୂପ ଭାବରେ ବୋଧ ହୁଏ । ଚିତ୍ତବୃତ୍ତି ସଂସାର ଅଭିମୁଖୀ ଥିବା ପର୍ଯ୍ୟନ୍ତ ନିଜର ଯଥାବତ୍ ଆତ୍ମସ୍ୱରୂପକୁ ନିଜଦ୍ୱାରା  ଉପଲବ୍ଧ ହୋଇନ'ଥାଏ ।   ଚିତ୍ତବୃତ୍ତିର

ସଂସାରରୁ ପୂର୍ଣ୍ଣରୂପରେ ସମ୍ବନ୍ଧ ଛିନ୍ନ ହୋଇଗଲେ , ଯୋଗୀକୁ ନିଜଠାରେ ଆତ୍ମସ୍ୱରୂପର ଅନୁଭୂତ ହୋଇଥାଏ । ବ୍ରହ୍ମ ଅଜର, ଅମର, ଶାଶ୍ୱତ, ଅବ୍ୟକ୍ତ ଏବଂ ଅମୃତ ସ୍ୱରୂପ । ଆତ୍ମା ମଧ୍ୟ ଅଜର, ଅମର ,ଶାଶ୍ୱତ, ଅବ୍ୟକ୍ତ, ଅମୃତ ସ୍ୱରୂପ ଏବଂ ଅଚିନ୍ତ୍ୟ ମଧ୍ୟ । ଯେ ପର୍ଯ୍ୟନ୍ତ ଚିତ୍ତବୃତ୍ତିରେ ସଂସାରର ଅନାତ୍ମ ତରଙ୍ଗ ରହିଛି, ସେ ପର୍ଯ୍ୟନ୍ତ ଆତ୍ମା, ପାରମାତ୍ମାଙ୍କ ଆନନ୍ଦ ସ୍ୱରୂପକୁ ପ୍ରାପ୍ତ କରି ସନ୍ତୁଷ୍ଟ ଲାଭ କରିବା ସମ୍ଭବ ହୋଇନ'ଥାଏ । ପ୍ରଥମେ ଚିତ୍ତର ନିରୁଦ୍ଧ, ଏବଂ ତା'ପରେ ନିରୁଦ୍ଧ ଚିତ୍ତର ବିଲୟ କାଳରେ ପରମାତ୍ମାଙ୍କ ସାକ୍ଷାତ୍କାର ହୋଇଥାଏ । ସାକ୍ଷାତ୍କାର ହେବାର ପରକ୍ଷଣରେ ସେହି ଈଶ୍ୱରୀୟ ଗୁଣ ଧର୍ମ ଯୁକ୍ତ ଆତ୍ମାର ଆନନ୍ଦ ସ୍ୱରୂପକୁ ପ୍ରାପ୍ତହୁଏ । ତେଣୁ ସେ ନିଜ ଆତ୍ମାରେ ହିଁ ସନ୍ତୁଷ୍ଟ ରହିଥାଏ । ଏହା ଆତ୍ମାର ସ୍ୱରୂପ ଏବଂ ଆତ୍ମାର ପରାକାଷ୍ଠା ।

**ସୁଖମାତ୍ୟନ୍ତିକଂ ଯତ୍ତଦ୍ ବୁଦ୍ଧିଗ୍ରାହ୍ୟମତୀନ୍ଦ୍ରିୟମ୍ ।**

**ବେତ୍ତି ଯତ୍ର ନ ଚୈବାୟଂ ସ୍ଥିତଶ୍ଚଳତି ତତ୍ତ୍ୱତଃ ॥ ୨୧ ॥**

*ଅନ୍ୱୟ : ଅୟଂ ( ଏହି ଧ୍ୟାନଯୋଗୀ) ଅତୀନ୍ଦ୍ରିୟମ୍ ( ଇନ୍ଦ୍ରିୟାତୀତ) ବୁଦ୍ଧିଗ୍ରାହ୍ୟମ୍ ( କେବଳ ଶୁଦ୍ଧ ସୂକ୍ଷ୍ମ ବୁଦ୍ଧିଦ୍ୱାରା ଗ୍ରାହ୍ୟ ) ଅତ୍ୟନ୍ତିକଂ ( ଅତ୍ୟନ୍ତ-ଅନନ୍ତ ) ସୁଖମ୍ ( ଆନନ୍ଦ) ତଦ୍ ( ତାହାକୁ ) ବେତ୍ତି ( ଜାଣି – ଅନୁଭବ କରି) ଯତ୍ର ଚ ସ୍ଥିତଃ ( ଯେଉଁ ଅବସ୍ଥାରେସ୍ଥିତ ରହି ) ତତ୍ତ୍ୱତଃ ( ସ୍ୱରୂପରୁ) ଏବ ( ଆଉ କେବେ) ନ ଚଳତି ( ବିଚଳିତ ହୁଅନ୍ତି ନାହିଁ ) [ ତାହାକୁ ଯୋଗ ବୋଲି ଜାଣିବ ]*

**ଭାବାର୍ଥ :** ସ୍ୱାଭାବିକ ଦିବ୍ୟ ଆନନ୍ଦ ଲାଭ ହିଁ ଯୋଗର ଅନ୍ତିମ ଲକ୍ଷ୍ୟ । ପରମାତ୍ମାତତ୍ତ୍ୱ ପ୍ରାପ୍ତିରେ ଯୋଗୀ ଯେଉଁ ଆନନ୍ଦ ସ୍ଥିତିରେ ରହେ , ତାହା ବିଷୟ କାମନା ଜନିତ ରାଜସିକ ସୁଖ, ନିଦ୍ରା-ଆଳସ୍ୟ ଭଳି ତାମସିକ ସୁଖ, ଏବଂ ଯୋଗଅଭ୍ୟାସ ଜନିତ ସାତ୍ତ୍ୱିକ ସୁଖଠାରୁ ମଧ୍ୟ ବହୁତ ଉର୍ଦ୍ଧ୍ୱରେ ଥାଏ । ଏହି ଦିବ୍ୟ ସୁଖ ସର୍ବକାଳିନ,ସର୍ବ ଦେଶୀୟ, ନିତ୍ୟ,ଇନ୍ଦ୍ରିୟାତୀତ ଏବଂ ଏକରସ । ଏହି ସୁଖକୁ ଭଗବାନ ଅନ୍ୟ ସ୍ଥାନ ମାନଙ୍କରେ ଅକ୍ଷୟ ସୁଖ, ଐକାନ୍ତିକ ସୁଖ ବୋଲି ମଧ୍ୟ କହିଛନ୍ତି । ଧ୍ୟାନଯୋଗୀ ନିର୍ବିକଳ୍ପ ସମାଧିରେ ରହି ଏହି ଗୁଣାତୀତ ଅତ୍ୟନ୍ତ ଅନନ୍ତ ସୁଖକୁ କେବଳ ସାତ୍ତ୍ୱିକ ଶୁଦ୍ଧ ସୂକ୍ଷ୍ମ ବୁଦ୍ଧିରେ ଅନୁଭବ କରିଥାଏ । ପରମାନନ୍ଦ ସ୍ୱରୂପରେ ସ୍ଥିତରହି ,ଅଖଣ୍ଡସୁଖ ଆସ୍ୱାଦନ ପରେ ଯୋଗୀ କୌଣସି କାଳରେ ସେହି ସ୍ୱରୂପରୁ ବିଚଳିତ ହୁଏ ନାହିଁ । ଆନନ୍ଦ ହେଉଛି ଆତ୍ମାର ସ୍ୱରୂପ । ତେଣୁ ସର୍ବଦା ବହିଃମୁଖୀ ହୋଇ ରହୁଥିବା ଇନ୍ଦ୍ରିୟମାନେ ଆତ୍ମାର ନିତ୍ୟ ଆନନ୍ଦ ସ୍ୱରୂପକୁ ଜାଣିପାରିବା ନିମନ୍ତେ ସକ୍ଷମ ହୋଇନଥାନ୍ତି । ବସ୍ତୁ, ପଦାର୍ଥ, ବ୍ୟକ୍ତି, ଘଟଣା, ପରିସ୍ଥିତିରୁ ପ୍ରାପ୍ତ ରାଜସିକ ସୁଖ ମନ ଓ ଇନ୍ଦ୍ରିୟମାନଙ୍କ ଦ୍ୱାରା ଅନୁଭୂତ ହୋଇଥାଏ । ମନ ଅନ୍ୟତ୍ର ରହିଲେ ଇନ୍ଦ୍ରିୟମାନେ ବିଷୟ ସଂଯୋଗରେ ରହି ମଧ୍ୟ, ସୁଖକୁ ଅସ୍ୱାଦନ କରି ପାରିନ'ଥାନ୍ତି । ଧ୍ୟାନଯୋଗରେ ମନର ଅସ୍ଥିତ୍ୱ ସ୍ୱରୂପରେ ତଲ୍ଲିନ ହୋଇ ରହିଥିବା କାରଣରୁ,ସେହି ଦିବ୍ୟସୁଖ ଇନ୍ଦ୍ରିୟମାନଙ୍କୁ ଗୋଚର ହୋଇନ'ଥାଏ । ସ୍ୱତଃସିଦ୍ଧ ଅବିନାଶୀ ସୁଖରେ ବୁଦ୍ଧି ଅବିଦ୍ୟାରେ ଲୀନ ହୋଇନ'ଥାଏ । ବରଂ ବିବେକଶୀଳ ହୋଇ ତାହା ସଂପୂର୍ଣ୍ଣ ଜାଗ୍ରତ ରହେ । ବୁଦ୍ଧିର ଏହି ଜାଗ୍ରତ ସ୍ଥିତିକୁ "ବୁଦ୍ଧିଗ୍ରାହ୍ୟ" କୁହାଯାଇଛି । ଗୁଣ,ପ୍ରକୃତି, ଇନ୍ଦ୍ରିୟ ଆଦିର ଉର୍ଦ୍ଧ୍ୱରେ ସେହି ଆନନ୍ଦ ସ୍ଥିତି ହୋଇଥିବା କାରଣରୁ, ବୁଦ୍ଧି ମଧ୍ୟ ପ୍ରତ୍ୟକ୍ଷ ଭାବରେ ତାହାକୁ ପ୍ରାପ୍ତ କରିବାକୁ ସକ୍ଷମ ହୋଇନ'ଥାଏ । ଦର୍ପଣରେ ମୁକ୍ତଆକାଶର ପ୍ରତିବିମ୍ବ ଯେପରି ପ୍ରତୀୟମାନ ହୁଏ, ସେହିପରି ଭଜନ ,ଧ୍ୟାନ,ବିବେକ ବୈରାଗ୍ୟ ଆଦିର ଅଭ୍ୟାସରୁ ଶୁଦ୍ଧ ଜାଗ୍ରତ ହୋଇ ରହିଥିବା ସୂକ୍ଷ୍ମ ବୁଦ୍ଧିରେ ସେହି ଆନନ୍ଦ ସ୍ୱରୂପର ପ୍ରତିବିମ୍ବ ପ୍ରତିଫଳିତ

ହୋଇଥାଏ । ସୁଷୁପ୍ତି ଅବସ୍ଥାକୁ ମଧ ଶାସ୍ତ୍ର ସୁଖବୋଲି ମାନିଅଛି । ସୁଷୁପ୍ତି କାଳରେ ମନ ଓ ବୁଦ୍ଧିର ନିଷ୍କ୍ରିୟତା ହେତୁ , କୌଣସି ସୁଖ ଅନୁଭୂତ ହୋଇନ'ଥାଏ । ନିଦରୁ ଉଠିଲାପରେ ତାକୁ ସ୍ମରଣ କରି ସୁଖ ମିଳିଲା ବୋଲି କହୁ । ସମାଧିକାଳିନ ସୁଖକୁ ଯୋଗୀ ବୁଦ୍ଧିର ଜାଗ୍ରତ ସ୍ଥିତିରେ ଅନୁଭବ କରିଥାଏ । ତମ ଓ ରଜୋ ଗୁଣକୁ ଦବାଇ ବୁଦ୍ଧିରେ ସତ୍ତ୍ୱଗୁଣ ସଂପୂର୍ଣ୍ଣ ପ୍ରକଟ ହୋଇ ରହିବାବେଳେ , ବୁଦ୍ଧି ଆତ୍ମାର ଚିଦାଭାସରେ ସ୍ୱୟଂ ଜ୍ଞାନରୂପ ହୋଇଯାଏ । ସେହି ଅବସ୍ଥାରେ ଯୋଗୀକୁ ଆତ୍ମାର ଅଖଣ୍ଡ ସୁଖ ବୋଧହୋଇ ଥାଏ । ବିଶୁଦ୍ଧ ବୁଦ୍ଧି ଦ୍ୱାରା ଅନୁଭବଗମ୍ୟ ସୁଖ ହିଁ ନିତ୍ୟ ଜ୍ଞାନ ସ୍ୱରୂପ । ଭଗବାନ ଏହାକୁ ଅତ୍ୟନ୍ତିକ ସୁଖ ବୋଲି ଏଥିପାଇଁ କହିଛନ୍ତି କି' ଯାହା ଯୋଗର ମହାନ୍ ଉପଲବ୍ଧି ,ପରମ ସନ୍ତୋଷ ଏବଂ ଯାହା ବଞ୍ଚିବା ଅବସ୍ଥାରେ ହିଁ ଜୀବକୁ ଜୀବନ ମୁକ୍ତ କରିଥାଏ । ସ୍ୱଚ୍ଛ ପରମାତ୍ମାଙ୍କ ସାକ୍ଷାତ୍କାର ହେଲାପରେ, ଯୋଗୀର ଏହି ଅତ୍ୟନ୍ତ ଅନନ୍ତ ସୁଖରେ ସବୁଦିନ ପାଇଁ ଅଚଳ ସ୍ଥିତି ହୋଇଯାଏ । ଯୋଗୀର ଧ୍ୟାନ କେବେ କୌଣସି ପରିସ୍ଥିତିରେ ,କୌଣସି କାରଣରୁ ସ୍ୱରୂପରୁ ଅଲଗା ହୁଏନାହିଁ । ବିଷୟ ଓ ଇନ୍ଦ୍ରିୟ ସମ୍ବନ୍ଧରେ ଯେଉଁ ସୁଖ ହୁଏ, ତାହା ଖଣ୍ଡ ସୁଖ ଏବଂ ତାହା ସୀମା ଦ୍ୱାରା ଆବଦ୍ଧ । ଗୋଟିଏ ବିଷୟର ଭୋଗରୁ ସୁଖ ମିଳିଲାପରେ, ଅଧିକ ସେହି ପ୍ରକାର ସୁଖର ଇଚ୍ଛାହୁଏ, ଅଥବା ଅନ୍ୟ ବସ୍ତୁରୁ ଭିନ୍ନ ପ୍ରକାର ସୁଖ ପ୍ରାପ୍ତ ପାଇଁ ଇଚ୍ଛା ହୋଇଥାଏ । ନିର୍ବିକଳ୍ପ ସମାଧିରେ ଯେଉଁସୁଖ, ତାହା ଅସୀମ, ପୂର୍ଣ୍ଣ ,ନିତ୍ୟ ଏବଂ ଏକରସ । ଏହା ଥରେ ଅନୁଭବ ହୋଇଗଲେ ଆଉ କୌଣସି ସୁଖର ଇଚ୍ଛା ହୁଏନାହିଁ । ଯୋଗୀ ନିର୍ବିକଳ୍ପ ସମାଧିରୁ ସାମୟିକ ଅଲଗା ରହି ସଂସାର କ୍ରିୟାରେ ପ୍ରବୃତ୍ତ ରହିବାକୁ , ସମାଧି ସ୍ଥିତିର ବ୍ୟୁତ୍ଥାନ ବା ବିଚଳିତ ବୋଲି ଧରାଯିବ କି ? ଏହାର ସମାଧାନ ହେଲା, ଯୋଗୀ ସାଂସାରିକ କ୍ରିୟାର ବ୍ୟବହାରିକ କ୍ଷେତ୍ରରେ ମଧ ସର୍ବତ୍ର ଆତ୍ମାର ବ୍ୟାପକ ସତ୍ତାକୁ ଅନୁଭବ କରି ସର୍ବଥା ଆତ୍ମସ୍ଥ ହୋଇ ରହିଥାଏ । ସଂସାର ବିଷୟପ୍ରତି କିଞ୍ଚିତ୍ ମାତ୍ର ମମତ୍ୱ ରହିଲେ , ପୂର୍ଣ୍ଣକାମ ପ୍ରାପ୍ତ ହୁଏନାହିଁ ଏବଂ ସେଥିରେ ସମାଧିରୁ ବିଚଳିତ ଓ ବ୍ୟୁତ୍ଥିତ ହେବାର ସମ୍ଭାବନା ରହେ । ମୂଳଭୂତ ଅବିଦ୍ୟା ସମୂଳେ ନଷ୍ଟ ନ'ହେବା ପର୍ଯ୍ୟନ୍ତ, ବିଷୟ ଚିନ୍ତନ ସମାଧି ସ୍ଥିତିରୁ ମଧ ସାଧକକୁ ଟାଣି ନେଇ ସଂସାରର ବିକାର ଭିତରକୁ ଠେଲିଦେବାର ସମ୍ଭାବନା ଥାଏ। କାଳକ୍ରମେ ଧ୍ୟାନଭ୍ୟାସ କରୁ କରୁ ଯେବେ ଅବିଦ୍ୟାର ସମ୍ପୂର୍ଣ୍ଣରୂପେ ନାଶ ହୋଇଯିବ, ଅର୍ଥାତ୍ ଆତ୍ମା-ପରମାତ୍ମା ତତ୍ତ୍ୱରେ ଲେଶମାତ୍ର ସଂଶୟ ରହିବନାହିଁ, ତେବେଯାଇ ସର୍ବଥା ଯୋଗୀ ବ୍ରହ୍ମାନନ୍ଦରେ ସ୍ଥିତ ହୋଇ ରହିବ । ସମାଧିରେ ଆତ୍ମାକୁ ବିକାର ପ୍ରାପ୍ତ ହୋଇନ'ଥାଏ । ଅବିଦ୍ୟାର କାରଣରୁ ଅନାତ୍ମାର ଭିନ୍ନ, ଭିନ୍ନ ବ୍ୟାପାର ନିରୁଦ୍ଧ ଚିତ୍ତବୃତ୍ତିରେ ପ୍ରବେଶ କଲେ, ତାହା ବ୍ୟୁତ୍ଥାନ ବା ବିଚଳିତ ହେବାର କାରଣ ହୋଇଥାଏ । ତେଣୁ ଧ୍ୟାନର ଅନ୍ତିମସ୍ଥିତିରେ ପରମାତ୍ମା ପରମାନନ୍ଦ ଜ୍ଞାନସ୍ୱରୂପର ସାକ୍ଷାତ୍କାର ହେଲେ ହିଁ ଯୋଗୀ ସେହି ଆତ୍ୟନ୍ତିକ ସୁଖରୁ ବିଚଳିତ ହୁଏନାହିଁ ।

**ଯଂ ଲବ୍ଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ ।**

**ଯସ୍ମିନ୍ ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ ॥ ୨୨॥**

*ଅନ୍ୱୟ: ଯଂ (ଯେଉଁ ଅବସ୍ଥାକୁ / ଆନନ୍ଦକୁ) ଲବ୍ଧ୍ୱା (ପ୍ରାପ୍ତ ହୋଇ) ଅପରଂ ( ଅନ୍ୟ କୌଣସି ଆନନ୍ଦ) ଲାଭଂ (ପ୍ରାପ୍ତକୁ ) ତତଃ ( ତା'ଠାରୁ ) ଅଧିକମ୍ ( ଯୋଗୀ ଅଧିକ ) ନ ମନ୍ୟତେ ( ମନେ କରି ନ'ଥାଏ) ଚ ( ଏବଂ ) ଯସ୍ମିନ୍ ସ୍ଥିତଃ ( ଯେଉଁ ଆନନ୍ଦରେ ସ୍ଥିତ ରହିଲେ ) ଗୁରୁଣା (ଦୁଃସହ) ଦୁଃଖେନ ଅପି (ଦୁଃଖରେ ମଧ ) ନ ବିଚଲ୍ୟତେ ( ଯୋଗୀ ବିଚଳିତ ହୁଏନାହିଁ) [ତାହା ଯୋଗ ପଦବାଚ୍ୟ ବୋଲି ଜାଣ]*

**ଭାବାର୍ଥ:** ଯେଉଁ ଅବସ୍ଥା ପ୍ରାପ୍ତ କଲାପରେ ଯୋଗୀ ପୁରୁଷ ଇହଲୋକ ପରଲୋକର ଅନ୍ୟ କୌଣସି ପ୍ରାପ୍ତିକୁ ତାହା ଅପେକ୍ଷା ଅଧିକ ସୁଖ ବୋଲି ମନେ କରିନ'ଥାଏ, ଯେଉଁ ଭୂମାନନ୍ଦରେ ପ୍ରତିଷ୍ଠିତ ହେଲେ ମହାନ୍ ଦୁଃଖ ମଧ ଯୋଗୀର ମନକୁ ବିଚଳିତ କରିପାରି ନ'ଥାଏ , ସେହି ଅବସ୍ଥା ହେଉଛି ଯୋଗ ପଦ ବାଚ୍ୟ । ସେହି ଆନନ୍ଦ ହେଉଛି ଭୂମାନନ୍ଦ ଯାହାକି' ଗୁଣାତୀତ,ନିତ୍ୟ, ଏବଂ ଏକରସ । ଏହା ବିଷୟାନନ୍ଦ ଓ ଭଜନାନନ୍ଦ ଠାରୁ ବିଲକ୍ଷଣ ହୋଇଥାଏ । ମନୁଷ୍ୟ ନିଦ୍ରା,ଆଳସ୍ୟ ଭଳି ତାମସିକ ସୁଖଠାରୁ ଟିକିଏ ଅଧିକ ସୁଖ ଇଚ୍ଛାକରି ବିଷୟ ଜନିତ ରାଜସିକ ସୁଖକୁ ପ୍ରାପ୍ତ କରିଥାଏ । ବିଷୟ ସୁଖ ପାଇଲାପରେ, ତାଠାରୁ ଟିକିଏ ଅଧିକ ସୁଖ ଇଚ୍ଛା କରି,ସାତ୍ତ୍ୱିକ ସୁଖକୁ ପ୍ରାପ୍ତ କରିଥାଏ । ସାତ୍ତ୍ୱିକ ସୁଖ ପାଇଲାପରେ, ତାଠାରୁ ଅଧିକ ସୁଖ ଖୋଜି ପରମାତ୍ମା ତତ୍ତ୍ୱପ୍ରାପ୍ତିର ସୁଖରେ ପହଞ୍ଚିଥାଏ । ଏହି ପରମ ଆତ୍ୟନ୍ତିକ ସୁଖ ମିଳିଲାପରେ, ଏଥିରେ ସେ ସ୍ଥିରହୋଇ ରହିଯାଇଥାଏ । ଏହି ସୁଖ ଅନନ୍ତ ଆଉ ନିତ୍ୟ କାରଣରୁ ଏହାଠାରୁ ଆଉ ଅଧିକ ସୁଖ ନାହିଁ । ମାଛ ଗଭୀର ସମୁଦ୍ରରେ ପହଞ୍ଚିଗଲାପରେ, ଆଉ ତା'ଠାରୁ ବଡ ଜଳାଶୟ ନାହିଁ କି' ମାଛକୁ ମଧ ତାର ଆବଶ୍ୟକତା ରହିନ'ଥାଏ । ସେହିପରି ତତ୍ତ୍ୱପ୍ରାପ୍ତ ଆନନ୍ଦର ତୁଳନାରେ ଯେତେବଡ ଭୋଗ, ଐଶ୍ୱର୍ଯ୍ୟ ଯୋଗୀକୁ ରସହୀନ, ତୁଚ୍ଛ, ନଗଣ୍ୟ ବୋଧ ହୋଇଥାଏ । ଆତ୍ମା ଦର୍ଶନ, ଆତ୍ମା କଲ୍ୟାଣ ହିଁ ସବୁଠାରୁ ବଡ ଲାଭ । ପରମାତ୍ମା ତତ୍ତ୍ୱ ପ୍ରାପ୍ତ ହେଉଛି ଯୋଗର ସବୁଠାରୁ ଶ୍ରେଷ୍ଠ ଉପଲବ୍ଧତା । ବ୍ରହ୍ମାନନ୍ଦ ପ୍ରାପ୍ତ ହେଲାପରେ ଚେତନରେ ଶାରୀରିକ ତାଦାତ୍ମ୍ୟ ସଂପୂର୍ଣ୍ଣ ନାଶ ହୋଇଯାଇଥାଏ ଏବଂ ଶରୀର ଯୋଗୀକୁ ଛାଇ ସଦୃଶ ମନେ ହୋଇଥାଏ । ଆନନ୍ଦ ସ୍ୱରୂପ ବ୍ରହ୍ମର ସାକ୍ଷାତ୍କାର ପ୍ରାପ୍ତ ପରେ ଅର୍ଥାତ୍ ଅପରୋକ୍ଷ ଅନୁଭୂତି ହେଲେ ଜୀବ ଭୟ, ଶୋକ, ବିଷାଦରୁ ଚିର ମୁକ୍ତ ହୋଇଯାଏ । ଆକସ୍ମିକ ଦୁର୍ଘଟଣା, ଅତି ପ୍ରିୟବନ୍ଧୁ- କୁଟୁମ୍ବ ଜନଙ୍କ ମୃତ୍ୟୁ, ଉତ୍କଟ ବ୍ୟାଧି, ଦାରିଦ୍ରତା, ଅନାଟନ, ଅକାରଣରେ ନିନ୍ଦା, ତିରସ୍କାର-ଅପମାନ ପ୍ରଭୃତି ଯେତେସବୁ ଆଧିଦୈବିକ, ଆଧିଭୌତିକ ଓ ଆଧାତ୍ମିକ ଦୁଃଖର କାରଣ ରହିଛି, ସେ ସମସ୍ତ ଏକ ସମୟରେ ଉପସ୍ଥିତ ହେବାରେ ମଧ ଯୋଗୀ ଆତ୍ମା ସ୍ୱରୂପରୁ ତିଳେ ମାତ୍ର ବିଚଳିତ ହୋଇନ'ଥାଏ । "ଏ ସବୁ ସଂସାରର ନିତ୍ୟ ଘଟଣା ଏବଂ ଏ ଗୁଡିକ ଆସିବେ ଆଉ ଯିବେ" ଏହି ବିଚାରରେ ଯୋଗୀ ସେଥିପ୍ରତି ବିଶେଷ ଧ୍ୟାନ ଦିଏନାହିଁ । ଯୋଗୀର ଯୋଗ ସାଧନାର ଏହା ହେଉଛି ଅନ୍ତିମ ସ୍ଥିତି । ଏହି ଅବସ୍ଥାପ୍ରାପ୍ତ ହେଉଛି, ଯୋଗ ସାଧନା ପୂର୍ଣ୍ଣତାର ମାନଦଣ୍ଡ ।

**ତଂ ବିଦ୍ୟାତ୍ ଦୁଃଖ ସଂଯୋଗବିୟୋଗଂ ଯୋଗସଂଜ୍ଞିତମ୍ ।**

**ସ ନିଶ୍ଚୟେନ ଯୋକ୍ତବ୍ୟୋ ଯୋଗୋଽନିର୍ବିଣ୍ଣଚେତସା ॥୨୩ ॥**

*ଅନ୍ୱୟ: ଦୁଃଖ ସଂଯୋଗବିୟୋଗଂ ( ଭୌତିକ ଦୁଖର ସଂଯୋଗ ହେବା ସଙ୍ଗେ ସଙ୍ଗେ ତାହାର ବିୟୋଗ) ତଂ (ହେବା ଅବସ୍ଥାକୁ) ଯୋଗସଂଜ୍ଞିତମ୍ ( ଯୋଗ ବା ସମାଧିର ସଜ୍ଞା ) ବିଦ୍ୟାତ୍ ( ବୋଲି ଜାଣ) ସଃ ( ସେହି ) ଯୋଗଃ ( ଯୋଗାଭ୍ୟାସ ବା ସମାଧି ) ଅନିର୍ବିଣ୍ଣଚେତସା (ନିର୍ବେଦ ଶୂନ୍ୟ ଚିତ୍ତରେ ) ନିଶ୍ଚୟେନ ( ଦୃଢ ନିଶ୍ଚୟ ପୂର୍ବକ) ଯୋକ୍ତବ୍ୟୋ ( ଅଭ୍ୟାସ କରିବାକୁ ହେବ )।*

**ଭାବାର୍ଥ:** ଭଗବାନ ଗୀତାରେ ଯୋଗର ଦୁଇଟି ପରିଭାଷା ରଖିଛନ୍ତି । "ସମତ୍ୱଂ ଯୋଗ ଉଚ୍ୟତେ" ଦ୍ୱିତୀୟ ଅଧ୍ୟାୟର ସମତ୍ୱକୁ ଯୋଗ ବୋଲି କହିଛନ୍ତି । "ଦୁଃଖ ସଂଯୋଗବିୟୋଗଂ ଯୋଗସଂଜ୍ଞିତମ୍" ଏହି ଶ୍ଳୋକରେ ଦୁଃଖସ୍ୱରୂପ ସଂସାର

ସଂଯୋଗର ବିୟୋଗକୁ ଯୋଗର ସଜ୍ଞା ବୋଲି କହିଛନ୍ତି । ଅନ୍ତଃକରଣ ସମତା ସ୍ଥିତିରେ ରହିବା, ଏବଂ ସଂସାର ଜନିତ ଦୁଃଖ ଯନ୍ତ୍ରଣାର ସଂଯୋଗ ମାତ୍ରେ ତାହାର ବିୟୋଗ ଘଟିବା, ଦୁଇଟିଯାକ ଏକା କଥା । ସମତା ପ୍ରାପ୍ତ ହେଲେ ସଂଯୋଗ ହୋଇ ରହିଥିବା ସଂସାର ସମ୍ବନ୍ଧର ବିୟୋଗ ଘଟିବ, ଏବଂ ସଂସାର ସଂଯୋଗର ବିୟୋଗ ହୋଇଗଲା ପରେ ଯୋଗୀ ସମତାରେ ସ୍ଥିତ ହୋଇଯିବ । ଯୋଗ ହେଉଛି ସମସ୍ତ ଦୁଃଖ ଯନ୍ତ୍ରଣାର ସମ୍ବନ୍ଧରୁ ମୁକ୍ତ ରହିବା ଅବସ୍ଥା । ସଂସାରର ଦୃଶ୍ୟପ୍ରପଞ୍ଚ ସହିତ ସମ୍ବନ୍ଧକୁ ସ୍ୱୀକାର କରିନେବା ହେଉଛି "ଦୁଃଖ ସଂଯୋଗ"। ଅନାତ୍ମା ସହିତ ଜୀବର ଯେଉଁ ଅଜ୍ଞାନ ଜନିତ ଅନାଦି ସମ୍ବନ୍ଧ ରହିଛି, ତାହା ସ୍ୱାଭାବିକ ନୁହେଁ,ଏହା କେବଳ କଳ୍ପିତ ଏବଂ ଆରୋପିତ । ଏହି ସମ୍ବନ୍ଧ ହିଁ ବାରମ୍ବାର ଜନ୍ମ-ମରଣ ରୂପ ଦୁଃଖପ୍ରାପ୍ତିର ମୂଳ କାରଣ । ଯୋଗର ସିଦ୍ଧତାରେ ଜନ୍ମ ଜନ୍ମ ଧରି ରହିଥିବା ପାପ,ଅବଗୁଣ କର୍ମ ସଂସ୍କାର କେବଳ ନଷ୍ଟ ହୋଇନ'ଥାଏ, ପରମାନନ୍ଦ ପ୍ରାପ୍ତିରେ ପ୍ରାରବ୍ଧ କର୍ମର ଶୁଭ ଅଶୁଭ ଫଳ ସଂଯୋଗର ମଧ୍ୟ ବିୟୋଗ ହୋଇଥାଏ । ସାଂସାରିକ ଦୁଃଖର ଉଭାନ କିମ୍ବା ଅନୁଉତ୍ପାଦ ଯୋଗର ଲକ୍ଷଣ ନୁହେଁ । ଏହା ନୁହେଁ ଯେ' ଯୋଗ ସିଦ୍ଧ ହୋଇଗଲାପରେ ବାର୍ଦ୍ଧକ୍ୟ ଆସିବ ନାହିଁ, ଉତ୍କଟ ବ୍ୟାଧି ହେବନାହିଁ , ଅଭାବ ଅନାଟନ ରହିବ ନାହିଁ, ଅପମାନ-ତିରସ୍କାର ମିଳିବନାହିଁ, କୁଟୁମ୍ବ ବନ୍ଧୁ କାହାର ମୃତ୍ୟୁ ହେବନାହିଁ , ଅଗ୍ନିରେ ଘର ଭସ୍ମ ହେବନାହିଁ । ଏ ସମସ୍ତ ଦୁଖ ପ୍ରାରବ୍ଧ ଅନୁସାରେ ଯେଉଁ ସମୟରେ ଆସି ସଂଯୋଗ ହେବା କଥା , ସେହି ସମୟରେ ଆସିବ । କିନ୍ତୁ ଯୋଗୀ ସମାଧିସ୍ଥ ହୋଇଗଲେ ଏହି ସମସ୍ତ ଦୁଃଖ ସଂଯୋଗର ବିୟୋଗ ଘଟିଥାଏ ଅର୍ଥାତ୍ ଯୋଗୀର ଚିତ୍ତ ବୃତ୍ତିରେ ଏହାର ପ୍ରଭାବ ପ୍ରବେଶ କରି ପାରିନ'ଥାଏ । ସତ୍ୟ ଏହା ଯେ' ଆତ୍ମାରେ ଦୁଃଖ କେବେ ସଂଯୋଗ ହୋଇ ରହିପାରିବ ନାହିଁ । ଅନିତ୍ୟ ସଂସାର ସହିତ ସମ୍ବନ୍ଧ ମାନି ନେବାରେ ଆତ୍ମା ସହିତ ନିତ୍ୟ ସମ୍ବନ୍ଧର ବିସ୍ମୃତ ହୋଇଥାଏ । ସଂସାରର ସମ୍ବନ୍ଧ ବିଚ୍ଛେଦ ହେବାକ୍ଷଣି ନିତ୍ୟ ଯୋଗର ସ୍ମୃତି ଆସିଯାଏ । ସ୍ୱରୂପ ସହିତ ଜୀବର ନିତ୍ୟ ସମ୍ବନ୍ଧ ଅନୁଭୂତ ହୁଏ । ଏହାକୁ ଭଗବାନ ଯୋଗ ବୋଲି କହିଛନ୍ତି । ନିର୍ବେଦ ଶୂନ୍ୟ ଚିତ୍ତରେ ନିଶ୍ଚୟାତ୍ମିକ ବୁଦ୍ଧିର ସହାୟତାରେ ସମାଧି ଯୋଗର ସାଧନ ଫଳପ୍ରଦ ହୋଇଥାଏ । ସାଧନାର ଫଳ ପ୍ରତ୍ୟକ୍ଷ ହେବାର ବିଳମ୍ବ ଦେଖାଯିବାରେ ସାଧକର ମନରେ ଅନେକ ମାନସିକ ଦୁର୍ବଳତା ଆସିଥାଏ । "ଏତେ ଦିନ ସାଧନ କଲାପରେ ମଧ୍ୟ କିଛି ପ୍ରାପ୍ତବୋଧ ହେଉନାହିଁ" , "ସିଦ୍ଧତା କେବେ ପ୍ରାପ୍ତ ହେବ ତାହାର ନିଶ୍ଚିତତା ନାହିଁ" , "ଆତ୍ମା ସାକ୍ଷାତ୍କାର ହୋଇପାରିବ କି' ନାହିଁ" ଏହିପରି ନିରୁତ୍ସାହ ଜନିତ ବିପରୀତ ଭାବ ମନରେ ଜାଗ୍ରତ ହେବାକୁ ନ'ଦେବା ହେଉଛି "ଅନିର୍ବିଣ୍ଣଚେତସା" । ଗଉଡ ପାଦାଚାର୍ଯ୍ୟ କହିଛନ୍ତି , କୁଶର ଅଗ୍ରଭାଗରେ ସମୁଦ୍ରରୁ ଜଳ ବାହାରକୁ ଆଣି ସମୁଦ୍ରକୁ ସୁଖାଇବାର ପ୍ରଚେଷ୍ଟା ସଦୃଶ ଯୋଗୀ ଠାରେ ଧୈର୍ଯ୍ୟ ପରିଲକ୍ଷିତ ହେଲେ, ଚିତ୍ତକୁ ଅନିର୍ବିଣ୍ଣଚେତସ ବୋଲି କୁହାଯିବ । ଚିତ୍ତରେ ନିର୍ବିଣ୍ଣତା ଦୋଷ ଆସିଗଲେ ସାଧକ ଧୈର୍ଯ୍ୟଚ୍ୟୁତ ହୋଇ ଯୋଗମାର୍ଗରୁ ବିଚଳିତ ହୋଇଯାଏ । "ଯେତେ ଜନ୍ମ ଲାଗୁ ପଛେ,ଯେତେ ଅସହ୍ୟ ଦୁଃଖ ଆସୁ ପଛେ ମୋତେ ଭଗବଦ୍ ପ୍ରାପ୍ତ କରିବାକୁ ହେବ" ବୁଦ୍ଧିରେ ଏହି ଦୃଢ ନିଶ୍ଚୟ ରଖି ସାଧକ ଧୈର୍ଯ୍ୟ ଏବଂ ଉତ୍ସାହ ଯୁକ୍ତ ଚିତ୍ତରେ ସାଧନ ଅଭ୍ୟାସ କରିବାକୁ ହେବ । ଆତ୍ମବିଶ୍ୱାସ ,ଶ୍ରଦ୍ଧା ଓ ତତ୍ପରତା ଏହି ତିନୋଟି ଯୋଗ ସିଦ୍ଧତା ପ୍ରାପ୍ତର

ମାନଦଣ୍ଡ । ପରମାତ୍ମା ପ୍ରାପ୍ତିର ଲକ୍ଷକୁ ଦୃଢକରି, ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ସହିତ ଶାସ୍ତ୍ର ବିଧି, ଗୁରୁବାକ୍ୟକୁ ପ୍ରଯତ୍ନଶୀଳ ହୋଇ ଅନୁସରଣ କଲେ, ଭଗବାନଙ୍କର କୃପା ପ୍ରାପ୍ତ ହୋଇ ସାଧକ ସିଦ୍ଧି ଲାଭ କରିବାକୁ ସକ୍ଷମ ହୁଏ ।

**ସଂକଳ୍ପ ପ୍ରଭବାନ୍ କାମାଂସ୍ତ୍ୟକ୍ତ୍ୱା ସର୍ବାନଶେଷତଃ ।**
**ମନସୈବେନ୍ଦ୍ରିୟଗ୍ରାମଂ ବିନିୟମ୍ୟ ସମନ୍ତତଃ ॥ ୨୪ ॥**

**ଶନୈଃ ଶନୈରୁପରମେଦ୍ ବୁଦ୍ଧ୍ୟା ଧୃତିଗୃହୀତୟା ।**
**ଆତ୍ମସଂସ୍ଥଂ ମନଃ କୃତ୍ୱା ନ କିଞ୍ଚିଦପି ଚିନ୍ତୟେତ୍ ॥ ୨୫ ॥**

*ଅନ୍ୱୟ : ସଂକଳ୍ପ ପ୍ରଭବାନ୍ ( ସଙ୍କଳ୍ପରୁ ଜାତ )ସର୍ବାନ୍ କାମାନ୍ (ସମସ୍ତ କାମନା-ବାସନା-ସ୍ପୃହା,ତୃଷ୍ଣା,ଆଶା ପ୍ରଭୃତି) ଅଶେଷତଃ (ଅଣୁ ପ୍ରମାଣେ ଅନ୍ତଃକରଣରେ ନ'ରଖି ସଂପୂର୍ଣ୍ଣ ଭାବରେ) ତ୍ୟକ୍ତ୍ୱା (ପରିତ୍ୟାଗ କରି ) ମନସା ଏବ ( ମନର ସାହାଯ୍ୟରେ ) ଇନ୍ଦ୍ରିୟଗ୍ରାମଂ ( ଇନ୍ଦ୍ରିୟ ସମୂହକୁ ଏକ ସମୟରେ ) ସମନ୍ତତଃ ( ସବୁ ଦିଗରୁ ) ବିନିୟମ୍ୟ ( ନିବୃତ୍ତ ବା ପ୍ରତ୍ୟାହାର କରିନେବାକୁ ହେବ ) ଧୃତିଗୃହୀତୟା (ଧୈର୍ଯ୍ୟଯୁକ୍ତ ) ବୁଦ୍ଧ୍ୟା ( ବୁଦ୍ଧି ଦ୍ୱାରା ) ଶନୈଃ ଶନୈଃ ( ଧୀରେ ଧୀରେ ) ଉପରମେଦ୍ ( ଉପରତ ହୋଇ – ବିରତି ଅଭ୍ୟାସ କରି ) ମନଃ ( ମନକୁ) କୃତ୍ୱା ( କରି ) କିଞ୍ଚିଦ୍-ଅପି ( କିଛି ବି ମଧ ) ନ ଚିନ୍ତୟେତ୍ ( ଚିନ୍ତନ କରିବାକୁ ହେବ ନାହିଁ ) ।*

**ଭାବାର୍ଥ :** ଏହି ଦୁଇଟି ଶ୍ଳୋକରେ ଭଗବାନ ଧାନ ଯୋଗାଭ୍ୟାସରେ ଅନ୍ତଃ ଓ ବହିଃ ଇନ୍ଦ୍ରିୟ ମାନଙ୍କୁ ବଶରେ ରଖିବା ଠାରୁ ଆରମ୍ଭ କରି ନିର୍ବିକଳ୍ପ ସମାଧି ପର୍ଯ୍ୟନ୍ତ, ମନ ଓ ବୁଦ୍ଧିର ସହାୟତାରେ କିପରି ଧାରାରେ ଯୋଗ ସାଧନ କଲେ ଫଳ ପ୍ରାପ୍ତି ହେବ, ତାହା ସମ୍ୟକ ଭାବରେ ଉପଦେଶ ଦେଇଛନ୍ତି । ଯୋଗାଭ୍ୟାସ ପ୍ରାରମ୍ଭରେ ସଂକଳ୍ପ ବିକଳ୍ପରୁ ଜାତ ହେଉଥିବା ସମସ୍ତ କାମନା, ବାସନା, ଇଚ୍ଛା, ସ୍ପୃହା, ତୃଷ୍ଣା, ଓ ଆଶା ପ୍ରଭୃତି କୁ ଅନ୍ତଃକରଣରୁ ସଂପୂର୍ଣ୍ଣ ଭାବରେ ପରିତ୍ୟାଗ କରି , ଦୃଢ ମନରେ ଇନ୍ଦ୍ରିୟ ସମୂହକୁ ବଶୀଭୂତ କରି ରଖିବା ନିତାନ୍ତ ଆବଶ୍ୟକ । ଭୋଗ୍ୟବସ୍ତୁ ପ୍ରତି ଅନାସକ୍ତ ରହି ନିତ୍ୟ ଯୋଗ ସାଧନା କରିବାରେ , ବିଷୟ ଭୋଗ ଚିତ୍ତରୁ ଉପରାମ ହେବାର ଆରମ୍ଭ ହୁଏ । ସଂସାରରେ ଶରୀର ସହିତ ତାଦାତ୍ମ୍ୟ ରଖି ବିଚରଣ କରିବାରେ, ମନରେ ଅନେକ ସ୍ଫୁରଣ ଜାତ ହୁଏ । ନିଜର ଗୁଣ ଓ ସ୍ୱଭାବ କାରଣରୁ ଯେଉଁ ବିଷୟ ପ୍ରତି ରାଗ-ଦ୍ୱେଷ ଓ ମମତ୍ୱ ରହେ, ସେହି ସ୍ଫୁରଣ ଗୁଡିକ ସଂକଳ୍ପରେ ପରିଣତ ହୋଇ ମନରେ ସୂକ୍ଷ୍ମ ରୂପରେ ସଂରକ୍ଷିତ ହୋଇ ରହିଯାଆନ୍ତି । ବାରମ୍ବାର ସେହି ଭୋଗ ବସ୍ତୁର ସ୍ମରଣରେ ସଂକଳ୍ପ-ବିକଳ୍ପରୁ କାମନା ଉତ୍ପନ୍ନ ହୋଇ ଭୋଗ ସେବନ ଅପେକ୍ଷାରେ ମନ ଓ ବୁଦ୍ଧିରେ ବିସ୍ତାରିତ ହୋଇ ରହେ । ତେଣୁ ସଂକଳ୍ପ ହେଉଛି କାମନାର ବୀଜ । "ଅଶେଷତଃ"ପଦରେ ଏହା କୁହାଯାଇଛି କି' ଅଣୁ ପ୍ରମାଣେ ଅନ୍ତଃକରଣରେ କାମନାର ଶେଷ ରହିଲେ, ତାହା ଚିତ୍ତବୃତ୍ତିର ଏକାଗ୍ରତାରେ ପ୍ରତିବନ୍ଧକ ହୁଏ । ଡବାରେ କେସର, କିମ୍ବା କସ୍ତୁରୀ ରଖିଥିଲେ , ତାହା ଖାଲି କରି ଦେଲାପରେ ମଧ, ସେହି ଡବାରେ କସ୍ତୁରୀ କିମ୍ବା କେସରର ସୁଗନ୍ଧ ରହିଯାଇଥାଏ । ସେହିପରି କାମନାକୁ ପରିତ୍ୟାଗ କଲେ ମଧ, ଥରେ ଭୋଗ୍ୟ ହୋଇଥିବା ବସ୍ତୁ,ପଦାର୍ଥ ଆଦିର ଭୋଗ ଲାଳସା ସାଧକର ଜାଣତ କିମ୍ବା ଅଜାଣତରେ ଅତି ସୂକ୍ଷ୍ମ ଭାବରେ ଅନ୍ତଃକରଣରେ ରହିଯାଇ ଥାଏ । ଯୋଗ

ସାଧନାର ପ୍ରାରମ୍ଭରେ ଇନ୍ଦ୍ରିୟମାନଙ୍କୁ  ବିଷୟରୁ ପ୍ରତ୍ୟାହାର ପ୍ରଚେଷ୍ଟାରେ, ମନରେ ସେହି କାମନା ଗୁଡିକ ପ୍ରବଳ ପ୍ରତିରୋଧ ସୃଷ୍ଟି କରିଥାନ୍ତି ।  ଧ୍ୟାନ କାଳରେ ସ୍ମରଣ ହୋଇ ଆତ୍ମାରେ ସ୍ଥିତ ହୋଇଥିବା ମନର ଏକାଗ୍ରତାକୁ ଭଙ୍ଗ କରିବାର କାରଣ ହୁଅନ୍ତି ।  ଯେ ପର୍ଯ୍ୟନ୍ତ ଅନ୍ତଃକରଣ କାମନା ରହିତ ହୋଇନାହିଁ, ସେ ପର୍ଯ୍ୟନ୍ତ ସାଧକ ଠାରେ ଭକ୍ତି ଭାବ ମଧ ଜାଗ୍ରତ ହେବ ନାହିଁ । କାମନା ଓ ଯୋଗ ଏକତ୍ର  ରହି  ସାଧନା ଫଳପ୍ରଦ ହେବା ଅସମ୍ଭବ।  ଏପରିକି' ମୁକ୍ତିର କାମନା ମଧ୍ୟ ସାଧନାର   ପ୍ରତିବନ୍ଧକ ରୂପରେ ଅନ୍ତିମ କ୍ଷଣରେ ଉଭା ହୋଇଥାଏ ।   ତେଣୁ କିଞ୍ଚିତ୍ ମାତ୍ର  ସଙ୍କଳ୍ପର କିମ୍ବା କାମନାର  ଶେଷ ଅନ୍ତଃକରଣରେ ରଖିବାକୁ ହେବନାହିଁ ।  "ଇନ୍ଦ୍ରିୟଗ୍ରାମଂ" ପଦରେ ସମସ୍ତ  ଇନ୍ଦ୍ରିୟକୁ  ଏକ ସମୟରେ ସବୁ ଦିଗରୁ ସଂଯମ କରି ରଖିବାର ଉପଦେଶ ଦିଆଯାଇଛି ।  ଗୋଟିଏ କୌଣସି ଇନ୍ଦ୍ରିୟ ଉଚ୍ଛୃଙ୍ଖଳ ହେବାରେ,  ସମସ୍ତ ସାଧନ ନଷ୍ଟ ହୋଇଯିବାର ସମ୍ଭାବନା ଥାଏ ।  ଇନ୍ଦ୍ରିୟ ମାନଙ୍କର ନିଜ ନିଜ ଭୋଗ୍ୟ ବିଷୟପ୍ରତି ଆବେଗତାକୁ ଦୃଢ ମନରେ ଦମନ କରିବା ହେଉଛି "ଦମ"। ଅନ୍ତଃକରଣକୁ  ଭୋଗର କାମନା, ବାସନା,ଆସକ୍ତିରୁ ମୁକ୍ତ ରଖିବା ହେଉଛି "ଶମ" । ସଂସାର ବିଷୟକୁ ମନ ଓ ବୁଦ୍ଧିରୁ ନିବୃତ୍ତ କରାଇନେବା ହେଉଛି ଉପରାମ ।  ଏହି ଦମ , ଶମ, ଏବଂ  ଉପରତ ହେଉଛି ଯୋଗ ସାଧନାର   ମୁଖ୍ୟ ତିନୋଟି ସ୍ତମ୍ଭ । ସଂଯମିତ ହୋଇଥିବା ମନ ଓ ବିବେକଶୀଳ ନିଶ୍ଚଳ ବୁଦ୍ଧିକୁ ପରମାତ୍ମା ସ୍ୱରୂପରେ ସମ୍ୟକ ଭାବେ ସ୍ଥାପନ କରି ଅନ୍ୟ କିଛି ବି ମଧ ଚିନ୍ତନ କରିବାକୁ ହେବ ନାହିଁ ବୋଲି ଭଗବାନ କହିଛନ୍ତି ।  ସଂସାରରୁ ଉପରତ ହେବା ନିମନ୍ତେ ଅସୀମ ଧୈର୍ଯ୍ୟ ଧାରଣ କରିବାକୁ ହେବ ।  ଏଥିରେ ଆତୁରତା ମନକୁ ଆଣିବା ସାଧକ ପକ୍ଷେ ଶୁଭ ଲକ୍ଷଣ  ନୁହେଁ ।  ବୈରାଗ୍ୟ ଭାବକୁ ଜାଗ୍ରତ କରାଇ ବିଷୟ ପ୍ରତି ଉଦାସୀନ ରହିବାରେ ଚିତ୍ତ ବୃତ୍ତିର ସଂସାରରୁ  ଉପରତ ସ୍ୱତଃ ହେବ ।  ସାତ୍ତ୍ୱିକ ବୁଦ୍ଧିରେ ସାଂସାରିକ ମହତ୍ତ୍ୱ ନ'ରହି ପ୍ରବୃତ୍ତି-ନିବୃତ୍ତି, କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ଭୟ-ଅଭୟ,ମୋକ୍ଷ-ବନ୍ଧନର  ସମ୍ୟକ ବିଚାର ହୋଇଥାଏ ।  ଶୁଦ୍ଧ ଶୁଭ୍ର ବସ୍ତ୍ରରେ  ଯେ' କୌଣସି ରଙ୍ଗ ଯେପରି ଅତି  ଗାଢରେ  ଲାଗିଥାଏ, ସେହିପରି  ବିଶୁଦ୍ଧ ମନ ଓ ବୁଦ୍ଧି ପରମାତ୍ମାଙ୍କ ସ୍ୱରୂପରେ ଅତି ନିବିଡ ହୋଇ ଯୁକ୍ତ ରହିବାକୁ ସକ୍ଷମ ହୁଏ । ଧ୍ୟାନ, ଧ୍ୟାତା, ଧ୍ୟେୟର ଅନୁଭବ  ଥିବା ପର୍ଯ୍ୟନ୍ତ ତାହା ସବିକଳ୍ପ ସମାଧି ହୋଇଥାଏ । ଯେ କୌଣସି ଚିନ୍ତନ କରିବାରେ ତା' ସାଙ୍ଗରେ  ଚିତ୍ତବୃତ୍ତି ଆଧାର ରୂପରେ ରହେ ।   ଚିତ୍ତବୃତ୍ତି ରହିବା ପର୍ଯ୍ୟନ୍ତ ସଂସାର ପରିତ୍ୟକ୍ତ ହୋଇପାରିବ ନାହିଁ ।   କାରଣ ଚିତ୍ତବୃତ୍ତି ହିଁ ସଂସାରର ସତ୍ତା । ଏଥିପାଇଁ ଭଗବାନ "ନ  କିଞ୍ଚିଦପି ଚିନ୍ତୟେତ୍" କହି ଚିତ୍ତବୃତ୍ତିରୁ ସମ୍ବନ୍ଧ ଛିନ୍ନ କରିବାକୁ କହିଛନ୍ତି ।  ସୂକ୍ଷ୍ମାତିସୂକ୍ଷ୍ମ  ଚିନ୍ତନରେ ମଧ ବୃତ୍ତି ସାଙ୍ଗରେ ରହେ ।  ଚିନ୍ତନ କରିବାର ଭାବନା ଆଦୌ ନରଖି, ଚିତ୍ତ ନିରୁଦ୍ଧ ହୋଇଗଲେ, ବୃତ୍ତି ସ୍ୱତଃ ଶାନ୍ତ ହୋଇଯାଏ । ଯେତେବେଳେ ଧ୍ୟାନ, ଧ୍ୟାତା, ଧ୍ୟେୟ ଅଭେଦ ହୋଇ କୌଣସି ଚିନ୍ତନ ରହେନାହିଁ, ତାହା ନିର୍ବିକଳ୍ପ ସମାଧି । ସେତେବେଳେ କେବଳ ନିରୁପାଧିକ  ଚୈତନ୍ୟ ବ୍ରହ୍ମ ହିଁ  ଅଚିନ୍ତ୍ୟ ସ୍ଥିତିରେ ରହିଥାଏ ।  ଧ୍ୟାନ କାଳରେ ସଂସାର ବିଷୟ ସ୍ମରଣ ଆସିଲେ, ତାହାକୁ ବିରୋଧ କରିବାକୁ ହେବନାହିଁ କି' ତା ପ୍ରତି ଆଗ୍ରହ ଦେଖାଇବାକୁ ହେବ ନାହିଁ ।  ବିଷୟ ସ୍ମରଣକୁ ହଟାଇବାକୁ କିମ୍ବା ଧାରଣ କରିବାକୁ ପ୍ରଚେଷ୍ଟା କଲେ, ଚିତ୍ତବୃତ୍ତିର  ସଂସାର ସହିତ ସମ୍ବନ୍ଧ ହୋଇଯାଏ । "ପରିପୂର୍ଣ୍ଣ  ପରମାତ୍ମା ସର୍ବତ୍ର ବିଦ୍ୟମାନ",  "ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କୌଣସିର  ସତ୍ତା ହିଁ ନାହିଁ ", ଏପରି ବିଚାର କରି ତାହାକୁ ଉପେକ୍ଷା କରି ଉଦାସୀନ ଭାବରେ ରହିଗଲେ, ବିଷୟ ସ୍ମରଣ

ଶାନ୍ତ ପଡିଯାଏ । ପ୍ରକୃତରେ ପରମାତ୍ମା ତତ୍ତ୍ୱରେ ସଂସାର, ଆକୃତି, ଉପାଧି, ସଂକଳ୍ପ-ବିକଳ୍ପ ନାହିଁ । ପରମାତ୍ମା ତତ୍ତ୍ୱ ହେଉଛି ପରିପୂର୍ଣ୍ଣ, ସମ, ଶାନ୍ତ, ନିର୍ବିକାର, ଏବଂ ସ୍ୱତଃ ସିଦ୍ଧ । ପରମାତ୍ମା ତତ୍ତ୍ୱର ଚିନ୍ତନ କରିବାକୁ ପଡିନ'ଥାଏ । ସଂସାରର ଉପରାମ ହୋଇଗଲେ ନିତ୍ୟ ସ୍ୱରୂପ ସତ୍ତା ସ୍ୱୟଂ ପ୍ରକାଶମୟ ହୋଇ ଉଠେ । ଏହି ଧ୍ୟାନ ହେଉଛି ଅଚିନ୍ତ୍ୟ ଧ୍ୟାନ ଯାହା ବୃତ୍ତି ରହିତ ଅଟେ । ଦ୍ରଷ୍ଟା, ଦୃଶ୍ୟ ,ଦର୍ଶନ ତ୍ରିକୁଟୀର ଅଭେଦ ସ୍ଥିତି ହେଉଛି ନିର୍ବିକଳ୍ପ ସମାଧି ।

**ଯତୋ ଯତୋ ନିଶ୍ଚରତି ମନଶ୍ଚଞ୍ଚଳମସ୍ଥିରମ୍ ।**

**ତତସ୍ତତୋ ନିୟମ୍ୟୈତଦାତ୍ମନ୍ୟେବ ବଶଂ ନୟେତ୍ ॥ ୨୬ ॥**

*ଅନ୍ୱୟ : ଚଞ୍ଚଳଂ ( ଚଞ୍ଚଳ) ଅସ୍ଥିର ( ଅସ୍ଥିର ଅର୍ଥାତ୍ ଧ୍ୟେୟ ବସ୍ତୁରେ ସ୍ଥିର ହୋଇ ନ'ରହିବା)ମନଃ ( ମନ) ଯତଃ ଯତଃ ( ଯେଉଁ ଯେଉଁ ବିଷୟରେ) ନିଶ୍ଚରତି ( ବିଚରଣ କରେ) ଏତତ୍ ( ଏହି ବିକ୍ଷିପ୍ତ ମନକୁ) ତତଃ ତତଃ ( ସେହି ସେହି ବିଷୟରୁ ) ନିୟମ୍ୟ ( ସଂଯତ କରି/ ନିବୃତ୍ତ କରାଇ ) ଆତ୍ମନି ଏବ ( କେବଳ ପରମାତ୍ମାଙ୍କ ଠାରେ ) ବଶଂ ନୟେତ (ବଶ କରି ସ୍ଥିତ କରିବ ) ।*

**ଭାବାର୍ଥ :** ମନ ସ୍ୱଭାବତଃ ଚଞ୍ଚଳ ଏବଂ ଅସ୍ଥିର । ଏହା ସର୍ବଥା ବାହ୍ୟ ବିଷୟରେ ବିଚରଣ ନିମିତ୍ତ ଧାବମାନ ଅବସ୍ଥାରେ ରହିଥାଏ । ଚଞ୍ଚଳତା ଓ ଅସ୍ଥିରତା , ଏହି ଦୁଇଟି ହେଲା ମନର ଦୋଷ ପ୍ରବୃତ୍ତି । ସବୁ ମୁହୂର୍ତ୍ତରେ ପ୍ରବଳ ଆବେଗତାର ସହିତ ନୂତନ ବସ୍ତୁ ଉପରେ ନିବେଶ କରିବାର ପ୍ରବୃତ୍ତି ହେଉଛି ଚଞ୍ଚଳତା । କୌଣସି ଧ୍ୟେୟ ବସ୍ତୁରେ ଦୀର୍ଘ କ୍ଷଣଧରି ନ' ରହିପାରିବା ହେଉଛି ଅସ୍ଥିରତା । ଯୋଗୀ ପୁରୁଷ ମନର ଗତିବିଧି ଲକ୍ଷକରି ବାହ୍ୟ ବିଷୟରୁ ପ୍ରତ୍ୟାହାର ପୂର୍ବକ ମନକୁ ଅନ୍ତର ଆତ୍ମାରେ ସମାହିତ କରାଇଥାଏ । ମନର ପଶ୍ଚାତଭାଗରେ ରହିଥିବା ଇନ୍ଦ୍ରିୟମାନେ ନିଜ ନିଜ ଭୋଗ୍ୟବସ୍ତୁର ସେବନ ନିମିତ୍ତ ମନ ଉପରେ ପ୍ରବଳ ଚାପ ସୃଷ୍ଟି କରିଥାନ୍ତି । ମନର ବିନା ସହଯୋଗରେ ବିଷୟରୁ ଭୋଗ ସେବନ କରିବାକୁ ଇନ୍ଦ୍ରିୟମାନେ ସମର୍ଥ ହୋଇ ନ'ଥାନ୍ତି । ସାଧକ ଧ୍ୟାନ କରିଲାବେଳେ , ଅନ୍ତଃକରଣରେ ରହିଥିବା ସଂକଳ୍ପ, ବିକଳ୍ପ ଏବଂ ଇନ୍ଦ୍ରିୟମାନଙ୍କ ଭୋଗ ଇଚ୍ଛା ମନକୁ ଆତ୍ମ ଚିନ୍ତନରୁ ନିବୃତ୍ତ କରାଇବାର କାରଣ ହୋଇଥାନ୍ତି । ଅନୁଶାସନ ଦ୍ୱାରା , ବୁଦ୍ଧି ଓ ବିବେକର ବିଚାରରେ ମନକୁ ଆତ୍ମସ୍ୱରୂପରେ ସ୍ଥିତ କରାଇବାର ଅଭ୍ୟାସ କରିବାକୁ ହେବ । ଜାଗ୍ରତ ଅବସ୍ଥାରେ ମନ ହେଉଛି ଏକ କ୍ରମାଗତ ଚିନ୍ତନ ଧାରା ଯେଉଁଥିରେ କୌଣସି ନା' କୌଣସି ଏକ ବସ୍ତୁ ଧ୍ୟେୟ ହୋଇ ରହିଥାଏ । ଏହିଧ୍ୟେୟ ବସ୍ତୁ ଯଦି କାମନା ଜନିତ ବିଷୟ ଭୋଗ ହୋଇଥାଏ, ତାହା ହେଲେ , ସାଧକ ଅନୁସନ୍ଧାନ କରି ତୀବ୍ର ବୈରାଗ୍ୟ ଭାବ ଦ୍ୱାରା ସେହି ବିଷୟ ପ୍ରତି ସୂକ୍ଷ୍ମ ରୂପରେ ରହି ଥିବା ଆସକ୍ତିକୁ ତ୍ୟାଗ କରିବାକୁ ହେବ । ସ୍ତ୍ରୀ , ପୁତ୍ର , ଧନ , ପ୍ରତିଷ୍ଠା ଆଦି ବିଷୟ ଭୋଗର ଚିନ୍ତନ ସୂକ୍ଷ୍ମରୂପରେ ରହି ମନୁଷ୍ୟର ମନକୁ ଅସ୍ଥିର ରଖିବାର ମୁଖ୍ୟ କାରଣ ହୋଇଥାଏ । "ଏ ସବୁ ଚିରନ୍ତନ ନୁହନ୍ତି - ଏହି ସବୁ ଆରମ୍ଭରେ ସୁଖ ବୋଧ ହେଉଥିଲେ ମଧ୍ୟ ପରିଣାମରେ କେବଳ ଦୁଃଖ ହିଁ ଦୁଃଖ" ବୋଲି ବିଚାର କରି ମମତ୍ୱ ସମ୍ବନ୍ଧକୁ ଛିନ୍ନ କରିବାକୁ ହେବ । ପ୍ରାପ୍ତ ବସ୍ତୁକୁ ମୋର ବୋଲି ସ୍ୱୀକାର କଲା ପର୍ଯ୍ୟନ୍ତ , ଅନ୍ତଃକରଣରେ ରାଗ ଦ୍ୱେଷ ରହିବ ।

ରାଗ ଦ୍ୱେଷ ଥିବା ପର୍ଯ୍ୟନ୍ତ ମନ ସଂପୂର୍ଣ୍ଣ ନିର୍ବିଷୟ ହୋଇପାରିବ ନାହିଁ । ନିଜକୁ ପ୍ରାପ୍ତ ହୋଇଥିବା ପଦାର୍ଥ, ବ୍ୟକ୍ତି, ତାଙ୍କରି ଉପାସନା , ସେବା କରିବା ଅର୍ଥରେ ଭଗବାନ ଦେଇଛନ୍ତି ବୋଲି ସ୍ୱୀକାର କଲେ, ଭୋଗ ବୁଦ୍ଧି ଦୂର ହୋଇ ପରମାତ୍ମାଙ୍କ ପ୍ରତି ଭକ୍ତି ଜାଗ୍ରତ ହେବ । ଧ୍ୟାନ କାଳରେ ଯେଉଁ ସବୁ ବିଷୟ ମନକୁ ଆସୁଛି, ତାହା ଅନ୍ତଃକରଣରେ ଥିବା ବର୍ଜ୍ୟ ବସ୍ତୁ ଏବଂ ସେ ସବୁ ପୂର୍ବ ଜନ୍ମ ମାନଙ୍କର ପାପ ସଂସ୍କାର ବୋଲି ଭାବି ତାହାର ବିସ୍ମରଣ ହେବାପାଇଁ ଚେଷ୍ଟା କରିବାକୁ ହେବ । ଶରୀର, ନାମ, ଆକାର,ଉପାଧି, ସହିତ ସଙ୍ଗକରି "ମୁଁ ସଂସାରର"ଏହି ଭାବ ଥିବା ପର୍ଯ୍ୟନ୍ତ , ମନ ସଂସାର ବିଷୟରୁ ନିବୃତ୍ତ ହେବନାହିଁ । "ମୁଁ ଆତ୍ମା ସ୍ୱରୂପ - ମୁଁ ସର୍ବବ୍ୟାପକ " ଏହି ଭାବକୁ ବୁଦ୍ଧିରେ ଦୃଢ ଭାବରେ ଧାରଣ କଲେ, ମନ ସହଜରେ ଆତ୍ମା ସ୍ୱରୂପରେ ଲାଗିରହିବ । ମନକୁ ଇନ୍ଦ୍ରିୟମାନଙ୍କର ଭୋଗ ଇଚ୍ଛା କବଳରୁ ମୁକ୍ତ କରାଇ ବୁଦ୍ଧିର ଅନୁଗମନ କରାଇବାକୁ ହେବ । ମନ ଆତ୍ମାସ୍ୱରୂପରେ ସ୍ଥିତ ହୋଇଗଲେ , ମନରେ କୌଣସି ଧ୍ୟେୟ ବସ୍ତୁ ନ'ରହି ଚିତ୍ତବୃତ୍ତି ନିରୁଦ୍ଧ ହୋଇଯାଏ । ସେହି ସ୍ଥିତିରେ ମନ,ବୁଦ୍ଧି ଆତ୍ମାର ଚିଦାଭାସରେ ଶୁଦ୍ଧ ଚୈତନ୍ୟ ବ୍ରହ୍ମ ସହିତ ଅଭିନ୍ନ ହୋଇ ପରମ ସୁଖ ଅନୁଭବ ହୁଏ । ତାହା ହେଉଛି ଆତ୍ମାନୁଭୂତି ବା ଆତ୍ମସାକ୍ଷାତ୍କାର । ଆତ୍ମାନୁଭୂତି ପ୍ରାପ୍ତ କରିଥିବା ଯୋଗୀ ମନର ଗତି ଓ ଚିନ୍ତନକୁ ସଂପୂର୍ଣ୍ଣ ଭାବରେ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥାଏ । କେବଳ ଶରୀର ନିର୍ବାହ ଏବଂ ସକଳ ପ୍ରାଣୀଙ୍କ ହିତ ଜନିତ କ୍ରିୟାରେ ବିଷୟ ଓ ଇନ୍ଦ୍ରିୟମାନଙ୍କ ସହିତ ସମ୍ବନ୍ଧ ରଖିଲେ ମଧ୍ୟ,ଯୋଗୀର ମନ ସେଥିରେ ନିର୍ଲିପ୍ତ ରହି ଭଗବାନଙ୍କ ଠାରେ ଲୟ ରହିଥାଏ । ଧ୍ୟାନାଭ୍ୟାସ ହେଉଛି ଏକମାତ୍ର ସାଧନ , ଯାହାଦ୍ୱାରା ମନର ଦୋଷ ପ୍ରବୃତ୍ତିରେ ଅଙ୍କୁଶ ଲଗାଇବା ସମ୍ଭବ । ମନର ଅସ୍ଥିରତା ପାଇଁ ସଂସ୍କାର ବା ପ୍ରାରବ୍ଧ ଭୋଗ ମଧ୍ୟ ଅନ୍ୟ ଏକ କାରଣ । ସାଧକ ଯେତେ ଚେଷ୍ଟାକଲେ ମଧ, ପ୍ରାରବ୍ଧ କାରଣରୁ ଅଧିଭୂତ , ଅଧିଦୈବ ଜନିତ ଦୁଃଖ ଯନ୍ତ୍ରଣା, କିମ୍ବା ପ୍ରତିକୂଳ ପରିସ୍ଥିତିରେ ମନ ବିଚଳିତ ହୋଇଥାଏ । ବୁଦ୍ଧିର ବିଚାରରେ ସବୁ ପରମାତ୍ମାଙ୍କ ବିଧାନ ବୋଲି ଗ୍ରହଣ କରିନେଇ, ଧୈର୍ଯ୍ୟର ସହିତ ପ୍ରତିକୂଳ ପରିସ୍ଥିତିକୁ ସାମନା କରିବାକୁ ହେବ । ଅନୁକୂଳ ପରିସ୍ଥିତିରେ ଉଲ୍ଲସିତ ନ'ହୋଇ ପ୍ରାପ୍ତ ସୁଖକୁ ସଂସାର ସେବାରେ ଲଗାଇବାକୁ ହେବ । ଶବ୍ଦ,ସ୍ପର୍ଶ,ଗନ୍ଧ ଆଦିରେ ଦୋଷ ଦୃଷ୍ଟି କରି ସେଥିରୁ ମନର ଆସକ୍ତିକୁ ନିବୃତ୍ତ କରାଇବାକୁ ହେବ । ମନକୁ ବାରମ୍ବାର ବୁଝାଇବାକୁ ହେବ ଯେ' ପରମ ସୁଖ ଆତ୍ମ ଚିନ୍ତନରେ ରହିଛି । ଜୀବର ଆତ୍ମା ସହିତ ହିଁ ନିତ୍ୟ ପ୍ରେମ ହୋଇଥାଏ । ବିଷୟ ଯେ ପର୍ଯ୍ୟନ୍ତ ଅନୁକୂଳ ଥାଏ, ତାହା ପ୍ରିୟ ଲାଗିଥାଏ, କିନ୍ତୁ ଜୀବର ଆତ୍ମା ସହିତ ପ୍ରେମ ନିତ୍ୟ , ଶାଶ୍ୱତ । ଚେତନରୁ ମନର ସୃଷ୍ଟି, ତେଣୁ ମନ ନିମନ୍ତେ ଆତ୍ମା ହିଁ ପ୍ରେମର ମୁଖ୍ୟ ସ୍ଥଳ । ଏହି ବିଚାରରେ ମନକୁ ଆତ୍ମା ସ୍ୱରୂପରେ ନିରନ୍ତର ଲଗାଇରଖି ଧ୍ୟାନ କରିବାକୁ ହେବ ।

ପ୍ରଶାନ୍ତମନସଂ ହ୍ୟେନଂ ଯୋଗିନଂ ସୁଖମୁତ୍ତମମ୍ ।
ଉପୈତି ଶାନ୍ତରଜସଂ ବ୍ରହ୍ମଭୂତମକଲ୍ମଷମ୍ ॥ ୨୭ ॥

*ଅନ୍ୱୟ: ପ୍ରଶାନ୍ତମନସଂ (ପ୍ରଶାନ୍ତ ଚିତ୍ତ ) ଶାନ୍ତରଜସଂ ( ଶାନ୍ତ ରଜୋଗୁଣ – ବିକ୍ଷେପଶୂନ୍ୟ ) ଅକଲ୍ମଷମ୍ ( ସମସ୍ତ ପାପରୁ ମୁକ୍ତ ) ବ୍ରହ୍ମଭୂତ ( ବ୍ରହ୍ମ ଦୃଷ୍ଟି ପ୍ରାପ୍ତ )ଏବଂ (ଏତାଦୃଶ ) ଯୋଗିନଂ (ଯୋଗୀ ପୁରୁଷକୁ ) ଉତ୍ତମମ୍ ( ସର୍ବୋତ୍ତମ )ସୁଖମ୍ ( ସାତ୍ତ୍ୱିକ ସୁଖ ) ହି ( ନିଶ୍ଚିତ ଭାବେ ) ଉପୈତି ( ପ୍ରାପ୍ତ ହୁଏ ) ।*

**ଭାବାର୍ଥ :** ଯାହାର ରଜୋଗୁଣ ଶାନ୍ତ ହୋଇ ଚିତ୍ତବୃତ୍ତି ଶାନ୍ତ ରହିଛି, ଅନ୍ତଃକରଣରୁ ସମସ୍ତ ପାପ ଓ ଅବଗୁଣ ନଷ୍ଟ ହୋଇ ଯେ' ସମସ୍ତ ସଂସାରକୁ ବ୍ରହ୍ମ ଦୃଷ୍ଟିରେ ଦେଖନ୍ତି, ସେହି ଯୋଗୀପୁରୁଷ ନିଶ୍ଚିତ ଭାବରେ ସର୍ବୋତ୍ତମ ସାତ୍ତ୍ୱିକ ସୁଖକୁ ପ୍ରାପ୍ତ କରିଥାନ୍ତି । ମନୁଷ୍ୟର ରଜୋଗୁଣ ଶାନ୍ତହୋଇ ଚିତ୍ତବୃତ୍ତି ଶାନ୍ତ ନ'ରହିବା ପର୍ଯ୍ୟନ୍ତ ମନ ଆତ୍ମସ୍ୱରୂପରେ ସ୍ଥିତହୋଇ ରହିବ ପାରିବ ନାହିଁ । ସକାମ କର୍ମ, ସ୍ପୃହା, କାମନା, ଲୋଭ, ତୃଷ୍ଣା ଏସବୁ ରଜୋଗୁଣରୁ ଉତ୍ପନ୍ନ ହୁଏ । ବିଷୟ ଚିନ୍ତନ ମନରୁ ଉପରତ ହୋଇଗଲେ , ରଜୋଗୁଣ ବୃତ୍ତି ଆପେ ଆପେ ଶାନ୍ତ ହୋଇଯାଏ । "ମୁଁ ଶରୀର ନୁହେଁ- ମୁଁ ସଚ୍ଚିଦାନନ୍ଦଘନ ବ୍ରହ୍ମ" ଏହି ଚିନ୍ତନକୁ , ଧ୍ୟାନରେ ଅଭ୍ୟାସ କରି କରି ସାଧକର ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କଠାରେ ଦୃଢ ସ୍ଥିତି ହୋଇଯାଏ । ସତ୍ତ୍ୱପ୍ରଧାନ ଶୁଦ୍ଧ ମନରେ ବ୍ରହ୍ମର ପୂର୍ଣ୍ଣ ପ୍ରତିବିମ୍ବ ପ୍ରତିଫଳିତ କାରଣରୁ ଯୋଗୀ ସ୍ୱୟଂ ବ୍ରହ୍ମରୂପର ଅନୁଭବ କରିବାକୁଲାଗେ । ଏହିଠାରେ "ବ୍ରହ୍ମଭୂତ" ପଦ ଗୁଣାତୀତ ସିଦ୍ଧ ପ୍ରାପ୍ତ ପୁରୁଷଙ୍କୁ କୁହାଯାଇ ନାହିଁ । ଯାହାର ଅନ୍ତଃକରଣ ସମସ୍ତ ଭୌତିକ ବିକାରରୁ ମୁକ୍ତ ହୋଇ ସର୍ବତ୍ର ବ୍ରହ୍ମଦୃଷ୍ଟି ସମ୍ପନ୍ନ, ସେହି ଯୋଗୀପୁରୁଷଙ୍କ ବ୍ରହ୍ମ ସ୍ୱରୂପ ସହିତ ଅଭିନ୍ନ ସ୍ଥିତିକୁ "ବ୍ରହ୍ମଭୂତ" କୁହାଯାଇଛି । ଏହି ଅବସ୍ଥାରେ ପୂର୍ବଜନ୍ମର ପାପ ସମୂହ ନଷ୍ଟ ହୋଇଯାଇ, ଯୋଗୀ ଉତ୍ତମ ସାତ୍ତ୍ୱିକ ସୁଖକୁ ଅନୁଭବ କରିଥାଏ । ଏହି ସୁଖ ଯୋଗୀଙ୍କ ପାଖକୁ ସ୍ୱୟଂ ଆସିଥାଏ । ଇଚ୍ଛାକରି ଏହି ସୁଖର ପାଖକୁ ଯିବାକୁ ପଡିନ'ଥାଏ । ସେହି ସୁଖ ବ୍ରହ୍ମ ସ୍ୱରୂପ ଭଳି ନିର୍ମଳ ହୋଇଥାଏ । ବିଷୟ ଭୋଗରେ ଯେଉଁ ସୁଖ ମିଳିଥାଏ, ତାହା ନିର୍ମଳ ସୁଖ ନାହିଁ । ବିଷୟ ଜନିତ ସୁଖରେ କିଛି ନା କଛି ପାପ ଜଡିତ ହୋଇ ରହିଥାଏ । ତେଣୁ ତାହା କଳ୍ମଷ ଶୂନ୍ୟ ନୁହେଁ ଆର୍ଥାତ୍ ପାପ ରହିତ ନାହିଁ । ପ୍ରଶାନ୍ତ ଚିତ୍ତରେ, ରଜ, ତମ ଗୁଣର ପ୍ରାଦୁର୍ଭାବରୁ ମୁକ୍ତରହି, ବ୍ରହ୍ମ ସ୍ୱରୂପରେ ସ୍ଥିତ ହେଲାପରେ ଯେଉଁ ସୁଖମିଳେ ତାହା ପ୍ରସନ୍ନ ଚିତ୍ତରୁ ଉତ୍ପନ୍ନ ସାତ୍ତ୍ୱିକ ସୁଖ ହୋଇଥାଏ। ବ୍ରହ୍ମଭୂତ ସୁଖର ତାତ୍ପର୍ଯ୍ୟ ହେଲା, ଯାହା ସବୁ ପରିସ୍ଥିତିରେ, ସବୁ ସ୍ଥାନରେ ,ସବୁ ସମୟରେ ଏବଂ ସବୁ ରୂପରେ ପ୍ରାପ୍ତ ହୋଇଥାଏ, ତାହା ହେଉଛି ଉତ୍ତମ ସୁଖ । ଏହି ସୁଖ ପରର ଅଧିନସ୍ଥ ନ ହୋଇ ସ୍ୱୟଂ ର ଅଧୀନରେ ଥାଏ ।

**ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ବିଗତକଳ୍ମଷଃ ।**
**ସୁଖେନ ବ୍ରହ୍ମସଂସ୍ପର୍ଶମତ୍ୟନ୍ତଂ ସୁଖମଶ୍ନୁତେ ॥ ୨୮ ॥**

*ଅନ୍ୱୟ : ଏବଂ ( ଏହିପରି ଭାବରେ) ଆତ୍ମାନମ୍ ( ନିଜକୁ) ସଦା ( ସର୍ବଦା) ଯୁଞ୍ଜନ୍ ( ପରମାତ୍ମାଙ୍କ ଠାରେ ସଂଯୁକ୍ତ ହୋଇ ରହିଥିବା )ବିଗତ କଳ୍ମଷ ( ସମସ୍ତ ଭୌତିକ ଦୋଷ ରହିତ ହୋଇଥିବା) ଯୋଗୀ ( ଯୋଗୀ ପୁରୁଷ) ସୁଖେନ ( ସହଜରେ) ବ୍ରହ୍ମସଂସ୍ପର୍ଶମ୍ ( ବ୍ରହ୍ମସାକ୍ଷାତକାର ରୂପକ ) ଅତ୍ୟନ୍ତଂ ସୁଖମ୍ (ଅନନ୍ତ ସୁଖ ) ଅଶ୍ନୁତେ (ଅନୁଭବ କରେ ) ।*

**ଭାବାର୍ଥ:** ଇନ୍ଦ୍ରିୟମାନଙ୍କୁ ବିଷୟ ଆସକ୍ତରୁ ପ୍ରତ୍ୟାହାର କରି, ଏକାଗ୍ର ଚିତ୍ତରେ ଧ୍ୟାନଭ୍ୟାସ ଦ୍ୱାରା ସାଧକ ସଂସାରରୁ ସମ୍ବନ୍ଧ ଛିନ୍ନ କରିଥାଏ । ଚିତ୍ତ ବୃତ୍ତିରୁ ସଂସାରର ଉପରାମ ଘଟିଲେ , ଆତ୍ମା ପରମାତ୍ମା ତତ୍ତ୍ୱରେ ସମାହିତ ରହେ । ଏଥିରେ ଶୁଦ୍ଧ ଅନ୍ତଃକରଣରେ ପରମ ଆନନ୍ଦ ଅନୁଭବ ହୋଇଥାଏ । ଦୈହିକ ବିଷୟ ସୁଖ ଅଳ୍ପ ଏବଂ କ୍ଷଣଭଙ୍ଗୁର । ମାତ୍ର ଆତ୍ମାନନ୍ଦ ନିରବିଚ୍ଛନ୍ନ ,ଅକ୍ଷୁର୍ଣ୍ଣ, ଓ ଚିରନ୍ତନ । ସାଧକର ଦେହାଭିମାନ ନଷ୍ଟ ହୋଇଗଲାପରେ, ବ୍ରହ୍ମ ସ୍ୱରୂପରେ ଅଭେଦ ରୂପରେ ସ୍ଥିତି

ହୋଇଯାଏ । ଯୋଗୀ ନିର୍ବିକଳ୍ପ ସମାଧିରେ ଉପନୀତ ହେଲେ, ଚିତ୍ତ ବୃତ୍ତି ଶୂନ୍ୟ ହୋଇ ପରମାତ୍ମା ସହିତ ଏକାକାର ହୋଇଯାଏ । ଯେପରି ପାଣି ଫୋଟକାଟି ବିସ୍ତାରିତ ହୋଇ ଫାଟିଗଲାପରେ ତାରି ଭିତରେ ଆବଦ୍ଧ ହୋଇ ରହିଥିବା ଶୂନ୍ୟ ମହାକାଶ ଶୂନ୍ୟ ସହିତ ଏକାକାର ହୋଇଯାଏ, ଚିତ୍ତବୃତ୍ତିରେ ଅନାତ୍ମା ଚିନ୍ତନର ଅନ୍ତ ହେଲେ , ଶୁଦ୍ଧ ଚୈତନ୍ୟର ପରମବ୍ରହ୍ମ ସହିତ ଅଭିନ୍ନ ସ୍ଥିତି ହୋଇଯାଏ । ଯୋଗୀ ପରମବ୍ରହ୍ମ ପରମାତ୍ମାପ୍ରାପ୍ତି ରୂପ ଅନନ୍ତ ଆନନ୍ଦକୁ ଅନୁଭବ କରେ । ଏହା ମନୁଷ୍ୟ ଜନ୍ମର ମହାନ୍ ଉପଲବ୍ଧତା । ଜଗତରେ ଏପରି କୌଣସି ସୁଖ ନାହିଁ ଯାହା ସର୍ବୋଚ୍ଚ ,ନିତ୍ୟ ଏବଂ ଏକ ରସ । ଛାନ୍ଦୋଗ୍ୟ ଉପନିଷଦରେ ଲେଖା ଅଛି " ଯାହା ଅନ୍ୟକୁ ଦେଖେନାହିଁ, ଅନ୍ୟକୁ ଶୁଣେନାହିଁ, ଅନ୍ୟକୁ ଜାଣେନାହିଁ, ତାହା "ଭୂମା" ଅର୍ଥାତ୍ ମହାନ୍ ଏବଂ ନିରତିଶୟ । ଯାହା ଅନ୍ୟକୁ ଦେଖେ, ଅନ୍ୟକୁ ଶୁଣେ, ଅନ୍ୟକୁ ଜାଣେ , ତାହା ଅଳ୍ପ ଅର୍ଥାତ୍ ଖଣ୍ଡ । ଯାହା ଭୂମା, ତାହା ଅମୃତ ହୋଇଥିଲାବେଳେ , ଯାହା ଅଳ୍ପ ତାହା ନଶ୍ୱର ଏବଂ ମରଣଶୀଳ । ଯେଉଁ ସୁଖ ଏବେଅଛି, ଏବଂ ପର ମୁହୂର୍ତ୍ତରେ ନଷ୍ଟ ହୋଇଯିବ, ତାହା ଯଥାର୍ଥରେ ସୁଖ ନାହିଁ । ସଂସାର ସହିତ ପ୍ରୀତି,ମମତା, ଆସକ୍ତି ରହିଲେ ଏହି ଖଣ୍ଡ ସୁଖ ମିଳିଥାଏ । ଅନ୍ତଃକରଣରୁ ଅବିଦ୍ୟା ଆଦି ସମସ୍ତ ଦୋଷ ଦୂର ହୋଇଗଲେ, ଯୋଗୀ ଅନାୟାସରେ ପରମାତ୍ମା ତତ୍ତ୍ୱରେ ଯୁକ୍ତ ହୋଇରହେ । ଏହି ସ୍ଥିତିରେ ଅତ୍ୟନ୍ତ ସୁଖ ଅର୍ଥାତ୍ ଅନ୍ତକୁ ଅତିକ୍ରମଣ କରି ପରମାନନ୍ଦ ସ୍ୱରୂପକୁ ପ୍ରାପ୍ତକରେ ଯେଉଁଠାରୁ ପୁନଃ ପ୍ରତ୍ୟାବର୍ତ୍ତନ ହୋଇନ'ଥାଏ । ଯୋଗୀର ପାପ, ପୂଣ୍ୟ ସବୁର ଅନ୍ତଘଟିଲେ, ବିନା କ୍ଳେଶରେ ଏହି ଅନନ୍ତ ସୁଖକୁ ପ୍ରାପ୍ତ କରେ । ନିଜଠାରୁ ଭିନ୍ନ ବସ୍ତୁର ପ୍ରାପ୍ତିରେ କ୍ଳେଶ ହୋଇଥାଏ । ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ମତ ଅନୁସାରେ ପାପ ଏବଂ ପୂଣ୍ୟ ଉଭୟ ପରମାତ୍ମା ତତ୍ତ୍ୱ ପ୍ରାପ୍ତି ମାର୍ଗରେ ବନ୍ଧନର କାରଣ । ତେଣୁ ସେହି ଦିବ୍ୟସୁଖ ପ୍ରାପ୍ତି ଲକ୍ଷରେ ଶୁଭ ଅଶୁଭ ଉଭୟକର୍ମର ଆସକ୍ତିକୁ ପରିତ୍ୟାଗ କରିବାକୁ ହେବ । ସଂସାରରୁ ଉପରତ ହୋଇଥିବା ଶୁଦ୍ଧ ଚୈତନ୍ୟର ହିଁ କେବଳ ବ୍ରହ୍ମ ସହିତ ସଂସ୍ପର୍ଶ ଅର୍ଥାତ ଏକାକାର ସ୍ଥିତିରେ ପରମାନନ୍ଦ ସୁଖକୁ ପ୍ରାପ୍ତ ହୁଏ ।

**ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି ।**

**ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ ॥ ୨୯ ॥**

*ଅନ୍ୱୟ: ଯୋଗ-ଯୁକ୍ତ-ଆତ୍ମା( ଧ୍ୟାନଯୋଗରେ ଆରୁଢ ପୁରୁଷ ) ସର୍ବତ୍ର ସମଦର୍ଶନ ( ସର୍ବତ୍ର ସମଦର୍ଶୀ -ସକଳ ଜୀବକୁ ଯେ ବ୍ରହ୍ମ ଦୃଷ୍ଟିରେ ଦେଖନ୍ତି) ଆତ୍ମାନମ୍ (ନିଜ ସ୍ୱରୂପକୁ) ସର୍ବଭୂତସ୍ଥମ୍ ( ସକଳ ପ୍ରାଣୀଙ୍କ ଠାରେ ସ୍ଥିତ) [ ଏବଂ ] ସର୍ବ ଭୂତାନି ( ସକଳ ପ୍ରାଣୀଙ୍କୁ) ଆତ୍ମନି ( ନିଜ ସ୍ୱରୂପରେ ) [ସ୍ଥିତ ଦେଖନ୍ତି ] ।*

**ଭାବାର୍ଥ:** ନିର୍ବିକଳ୍ପ ସମାଧି ଯୋଗରେ ଆତ୍ମା ଓ ପରମାତ୍ମା ଙ୍କ ଅଭେଦ ତତ୍ତ୍ୱ ଅନୁଭବ ହେବାପରେ, ଯୋଗୀ ସଂସାର ସହିତ କି'ପ୍ରକାର ସମ୍ବନ୍ଧରେ ସ୍ଥିତ ହୋଇ ରହେ, ତାହା ଭଗବାନ ଏହି ପଦରେ କହିଛନ୍ତି । ସର୍ବତ୍ର ସମଦୃଷ୍ଟି ସମ୍ପନ୍ନ ଯୋଗୀ ଧ୍ୟାନ ଯୋଗରେ ଆରୁଢହୋଇ ଆତ୍ମାକୁ ସଂପୂର୍ଣ୍ଣ ପ୍ରାଣୀଙ୍କ ମଧ୍ୟରେ ବ୍ୟାପ୍ତ ଦେଖିଥାଏ ଏବଂ ସଂପୂର୍ଣ୍ଣ ଭୂତକୁ ଆତ୍ମରେ ହିଁ ବ୍ୟାପକ ହେବାର ଦେଖିଥାଏ । ଯେ' ସମସ୍ତ ସଂସାରକୁ ବ୍ରହ୍ମଦୃଷ୍ଟିରେ ଦେଖିଥାନ୍ତି, ସେହି ଯୋଗୀ ପୁରୁଷ ନିଜର ଆତ୍ମା ସ୍ୱରୂପକୁ ସକଳ ଜୀବଙ୍କ ପାଖରେ ଏବଂ ସକଳ ଜୀବଙ୍କୁ ନିଜ ଆତ୍ମସ୍ୱରୂପରେ ଦେଖିଥାନ୍ତି । ଆତ୍ମା ପରମାତ୍ମା ଅଭିନ୍ନ ।

ପରମାତ୍ମାଙ୍କ ଅଂଶ ଶରୀର ରୂପରେ ଆବଦ୍ଧ ହୋଇ ରହିଥିବାରୁ, ତାହା ଜୀବାତ୍ମା । ସର୍ବ ଶକ୍ତିମାନ ସଚ୍ଚିଦାନନ୍ଦ ପରଂବ୍ରହ୍ମ ସର୍ବ ବ୍ୟାପ୍ତ ହୋଇ ପରମାତ୍ମା ରୂପରେ ମଧ ସର୍ବତ୍ର ବିଦ୍ୟମାନ । ସିଦ୍ଧପ୍ରାପ୍ତ ଯୋଗୀ ବାହ୍ୟ ଜଗତରେ ଜଡ ହେଉ କି' ଜୀବ ହେଉ ,ସମସ୍ତିଙ୍କ ଠାରେ ସେହି ଅବିନାଶୀ ପରମାତ୍ମା ବ୍ରହ୍ମ ସ୍ୱରୂପକୁ ହିଁ ଦେଖିଥାଏ । ନାମ, ରୂପ, ଉପାଧି ସବୁ ମାୟାର ବିସ୍ତାର ଏବଂ ମିଥ୍ୟା ବିଚାର କରି ତାହାକୁ ଉପେକ୍ଷା କରିଥାଏ । ପଦାର୍ଥର ଭିନ୍ନତାକୁ ବ୍ରହ୍ମର ରୂପାନ୍ତର ବୋଲି ଗ୍ରହଣ କରିଥାଏ । ସମଦର୍ଶୀ ଯୋଗୀ ନିତ୍ୟ ନିରନ୍ତର ସମସ୍ତିଙ୍କ ଠାରେ ନିଜ ସ୍ୱରୂପଭୁତ ଏକ ଅଖଣ୍ଡ ଚେତନ ଆତ୍ମାକୁ ହିଁ ଦେଖିଥାନ୍ତି । ଯେ' ତତ୍ତ୍ୱବିତ୍ , ସେ ଅନେକ ଭିତରେ ଏକ ଏବଂ ଏକ ଭିତରେ ଅନେକକୁ ଦେଖିଥାନ୍ତି । ଯଦିଓ ଜୀବଗଣ ସେମାନଙ୍କ କର୍ମଫଳ କାରଣରୁ ବିଭିନ୍ନ ସ୍ଥିତିରେ ଅଛନ୍ତି, ତଥାପି ପ୍ରତ୍ୟେକ ସ୍ଥିତିରେ ସେମାନେ ଭଗବାନଙ୍କର ଅଂଶ ବିଶେଷ ଅଟନ୍ତି । ଜୀବାତ୍ମା ବସ୍ତୁତଃ ବ୍ରହ୍ମଠାରୁ ଭିନ୍ନ ନୁହେଁ । ଯେଉଁ ପ୍ରକାରେ ସ୍ୱପ୍ନଦ୍ରଷ୍ଟାକୁ ଛାଡିଦେଲେ ଆଉ କିଛି ବି ସ୍ୱପ୍ନର ଦୃଶ୍ୟ ବାସ୍ତବ ହୋଇନ'ଥାଏ, ସେହିପ୍ରକାରେ ନାମ, ରୂପ ,ଉପାଧି ଏ ସମସ୍ତ ଜୀବାତ୍ମାର କଳ୍ପିତ ଅଟେ । ଫଳତଃ ପରମାତ୍ମା ସର୍ବଦା ପ୍ରତ୍ୟେକ ଜୀବ ମଧରେ ଅଛନ୍ତି । ଏକ ଅଦ୍ୱିତୀୟ ସଚ୍ଚିଦାନନ୍ଦଘନ ପରମବ୍ରହ୍ମ ପରମାତ୍ମା ହିଁ ସତ୍ୟ ତତ୍ତ୍ୱ । ଏହାଙ୍କ ଭିନ୍ନ ସଂପୂର୍ଣ୍ଣ ଜଗତ କିଛି ମଧ ନୁହଁ । ବସ୍ତ୍ରର ଉପାଦାନ କାରଣ ହେଉଛି ତନ୍ତୁ । ଆଧାର ଏବଂ ଆଧେୟ ରୂପରେ ବସ୍ତ୍ର ଏବଂ ତନ୍ତୁ ସମ୍ବନ୍ଧିତ । ତନ୍ତୁକୁ ଆଧାର କରି ବସ୍ତ୍ର ନିର୍ମିତ । ଯଦି ତନ୍ତୁ ନ'ଥାନ୍ତା ତା' ହେଲେ ବସ୍ତ୍ର ମଧ ନଥାନ୍ତା । ସେହି ପ୍ରକାରେ ସମସ୍ତ ଜଗତ ର କାରଣ ଉପାଦାନ ହେଉଛି ବ୍ରହ୍ମ । ବସ୍ତ୍ର ଓ ତନ୍ତୁ ଭଳି ଜଗତ ଓ ବ୍ରହ୍ମର ଦ୍ୱିପାକ୍ଷିକ ସମ୍ବନ୍ଧ ହେଲା : "ଜଗତରେ ବ୍ରହ୍ମ ବ୍ୟାପକ ଅଟେ" ଏବଂ "ସମସ୍ତ ଜଗତ ବ୍ରହ୍ମରେ ହିଁ ଅବସ୍ଥିତ" । ଏହି ରହସ୍ୟର ଉତ୍ତମରୂପରେ ଜ୍ଞାନ ହେଲେ, ଯୋଗୀ ପରମାତ୍ମତତ୍ତ୍ୱରେ ଅଭିନ୍ନ ଭାବରେ ସ୍ଥିତ ହୋଇ ସଂପୂର୍ଣ୍ଣ ପ୍ରାଣୀଙ୍କଠାରେ ଏକ ଅଦ୍ୱିତୀୟ ଆତ୍ମାକୁ ହିଁ ଅଧିଷ୍ଠାନ ରୂପରେ ପରିପୂର୍ଣ୍ଣ ଦେଖିଥାଏ । "ସର୍ବତ୍ର ଏକ ସଚ୍ଚିଦାନନ୍ଦଘନ ପରମାତ୍ମା ହିଁ ପରିପୂର୍ଣ୍ଣ" ଏହା ଅନୁଭବ କରିଥାଏ । ଏହି ସାମ୍ୟବୁଦ୍ଧି ହେଉଛି ଜ୍ଞାନର ପରମ ସୀମା । ଗୀତାରେ ଭଗବାନଙ୍କ ଦ୍ୱାରା ଯୋଗର ବିସ୍ତୃତ ବର୍ଣ୍ଣନା ମୁଖ୍ୟତଃ ଏହି ସାମ୍ୟବୁଦ୍ଧି ପ୍ରକରଣରେ ହିଁ କରାଯାଇଅଛି । ଯୋଗ ଓ ଜ୍ଞାନ ର ସିଦ୍ଧତାରେ ହିଁ ମୁକ୍ତି ପ୍ରାପ୍ତ ହୁଏ । କେହି କେହି ବ୍ୟାଖ୍ୟାକାର ସମସ୍ତ ଜୀବଙ୍କଠାରେ ନିଜ ଆତ୍ମସ୍ୱରୂପକୁ ଦର୍ଶନ କରିବାକୁ ନିର୍ବିକଳ୍ପ ସମାଧି ବୋଲି କହିଛନ୍ତି । ଯେପରି ସେହି ଗୋଟିଏ ରଜ୍ଜୁ, କାହାକୁ ସର୍ପ ଭଳି ତ କାହାକୁ ଦଣ୍ଡ କିମ୍ବା ଅନ୍ୟକାହାକୁ ଜଳ ଧାରା ଭଳି ଦେଖାଯାଇଥାଏ। କିନ୍ତୁ ରଜ୍ଜୁର ଯଥାର୍ଥ ଜ୍ଞାନ ହୋଇଗଲା ପରେ ସର୍ପ, ଦଣ୍ଡ, ଜଳ ଧାରା ପରି ସମସ୍ତ ଦୃଶ୍ୟ ରଜ୍ଜୁରେ ଲୀନ ହୋଇଯାଇଥାଏ । ନିର୍ବିକଳ୍ପ ସମାଧିରେ ବ୍ରହ୍ମତତ୍ତ୍ୱର ସାକ୍ଷାତକାର ହେଲାପରେ ଅନେକ ନାମ, ରୂପ ଧାରୀ ଜଗତ ସେଥିରେ ଲୀନ ହୋଇଯାଇଥାଏ ।

**ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି ।**

**ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି ॥ ୩୦ ॥**

*ଅନ୍ୱୟ: ଯଃ ( ଯେଉଁ ଯୋଗୀ ପୁରୁଷ ) ସର୍ବତ୍ର ( ନିଜ ଅନ୍ତର ଭିତରେ ଏବଂ ବାହ୍ୟରେ ସମସ୍ତିଙ୍କ ଠାରେ ) ମାଂ ( ମୋତେ ଅର୍ଥାତ୍ ପରମେଶ୍ୱରଙ୍କୁ) ପଶ୍ୟତି ( ଦେଖନ୍ତି ) ମୟି ଚ ( ଏବଂ ମୋଠିଠାରେ ) ସର୍ବଂ ( ସମସ୍ତ ଭୁତ ସମୂହକୁ ) ପଶ୍ୟତି ( ଦେଖନ୍ତି ) ତସ୍ୟ( ତାହା ପାଇଁ) ଅହଂ ( ମୁଁ ଅର୍ଥାତ୍*

*ପରମେଶ୍ୱର ) ନ ପ୍ରଣଶ୍ୟାମି ( ଅଦୃଶ୍ୟ ରହିନ'ଥାନ୍ତି) ସ ଚ ( ସେ ମଧ ) ମେ ( ମୋର ଅର୍ଥାତ୍ ଭଗବାନଙ୍କର ) ନ ପ୍ରଣଶ୍ୟତି ( ଅଦୃଶ୍ୟ ହୋଇ ରହେନାହିଁ ) ।*

**ଭାବାର୍ଥ ;** ଭଗବାନ ପୂର୍ବ ଶ୍ଳୋକରେ ବ୍ରହ୍ମ ଓ ଜୀବର ସମ୍ବନ୍ଧକୁ ନେଇ ଆତ୍ମଜ୍ଞାନ ବିଷୟ କହିଥିବା ବେଳେ ଏହି ଶ୍ଳୋକରେ ସର୍ବ ବ୍ୟାପକ ନିରାକାର ପରମବ୍ରହ୍ମ ଓ ଜୀବର ସମ୍ବନ୍ଧର ପରମାତ୍ମାତତ୍ତ୍ୱ ଜ୍ଞାନ କହିଛନ୍ତି । ଯୋଗୀ ପୁରୁଷ ସର୍ବତ୍ର ପରମାତ୍ମା ସ୍ୱରୂପକୁ ହିଁ ଦେଖିଥାଏ , ଏବଂ ପରମାତ୍ମାଙ୍କ ଠାରେ ସମସ୍ତ ଭୂତ ଜଗତର ଅବସ୍ଥାନକୁ ଅନୁଭବ କରିଥାଏ । ତା'ପାଇଁ ପରମାତ୍ମା ପରମେଶ୍ୱର କେବେ ଅଦୃଶ୍ୟ ହୋଇ ରହିନ'ଥାନ୍ତି କି' ସେ ମଧ ପରମେଶ୍ୱରଙ୍କର କେବେ ଅଦୃଶ୍ୟହୋଇ ରହି ନ'ଥାଏ । ଏହା କେବଳ ସମ୍ଭବ ଯେତେବେଳେ ଜୀବାତ୍ମା ଓ ପରମାତ୍ମା ଏକ ଓ ଅଭିନ୍ନ ତତ୍ତ୍ୱରେ ସ୍ଥିତ ହୋଇ ରହନ୍ତି । ଶ୍ରୀ ଭଗବାନ କହୁଛନ୍ତି: ଏକାତ୍ମାଦର୍ଶୀ ଯୋଗୀ ମୋତେ ସର୍ବତ୍ର, ସର୍ବକ୍ଷଣ ଦର୍ଶନ କରନ୍ତି । ମୁଁ ମଧ ତତ୍ତ୍ୱବିତ୍ ଯୋଗୀର ପ୍ରତ୍ୟକ୍ଷ ଅନୁଭୂତ ହୋଇ କୃପା ଦୃଷ୍ଟିରେ ତାହାକୁ ଅନୁଗ୍ରହ କରେ । ଏହି ଅବସ୍ଥାରେ ଆତ୍ମା ଓ ପରମାତ୍ମାଙ୍କ ଅଭେଦ ଭାବ ହେତୁ ପରମାତ୍ମାଙ୍କ ସହିତ ଜୀବାତ୍ମାର କୌଣସି ବ୍ୟବଧାନ ରହିନଥାଏ । ନିତ୍ୟ ନିରନ୍ତର ଏକ ରସର ଅନୁଭୂତି ହୁଏ । ସମସ୍ତ ଭୂତ ଜଗତ ଏକ ଆତ୍ମା ସ୍ୱରୂପର ବ୍ୟାପକ ବୋଲି ଜ୍ଞାନ ହେବାପରେ , ଯୋଗୀ "ଅନେକ ରୂପରେ ପରମାତ୍ମା ସର୍ବତ୍ର ବିଦ୍ୟମାନ"ର ଅପରୋକ୍ଷ ଅନୁଭୂତି ପ୍ରାପ୍ତ କରିଥାଏ । "ଏକ ପରମାତ୍ମା ତତ୍ତ୍ୱ ଅନେକ ରୂପରେ ଦୃଶ୍ୟମାନ" ଏହା ଜୀବାତ୍ମାର କଳ୍ପନା ନୁହେଁ, ବରଂ ଏହା ସତ୍ୟ ଏବଂ ଚିରନ୍ତନ । ଭଗବାନ ଓ ତାଙ୍କର ସର୍ଜନା ର ସମ୍ବନ୍ଧ , ସାଗର ଓ ଲହଡି ସଦୃଶ । ସାଗର ଓ ଲହଡି ଯେପରି କେହି କାହାଠାରୁ ଅଲଗା ନୁହନ୍ତି, ସେହିପରି ଭଗବାନ ଓ ତାଙ୍କରି ସୃଷ୍ଟି କେହି କାହାଠାରୁ ଅଲଗା ନୁହଁନ୍ତି । ଏହି ପ୍ରକାରରେ ଯୋଗୀ ପରମାତ୍ମା ତତ୍ତ୍ୱରେ ସ୍ଥିତରହି ମୁହୂର୍ତ୍ତକ ପାଇଁ ମଧ ଭଗବାନଙ୍କୁ ନିଜ ମଧରେ ନ'ଦେଖି ରହି ପାରିନ'ଥାଏ । ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ବ୍ୟାଖ୍ୟାରେ ଜୀବ ଓ ବ୍ରହ୍ମର, ବ୍ରହ୍ମ ଓ ଜଗତର ଅଭେଦ ତତ୍ତ୍ୱକୁ ସ୍ୱୀକୃତି ଦିଆଯାଇ ନାହିଁ । ତାଙ୍କରି ମତ ଅନୁସାରେ ପରମ ସମତା ପ୍ରାପ୍ତ କାରଣରୁ ଯୋଗୀ ପରମାତ୍ମାସ୍ୱରୂପ ସାଦୃଶ ହୋଇ ଯାଇଥାଏ । ଯାହାରି ଫଳରେ ଯୋଗୀକୁ ପରମାତ୍ମା ଅତିରିକ୍ତ ଅନ୍ୟ କୌଣସି ଦୃଶ୍ୟମାନ ହୁଏ ନାହିଁ । ସଦୃଶତା କାରଣରୁ ସର୍ବଥା ଯୋଗୀ ପରମାତ୍ମାଙ୍କ ଅନ୍ତର୍ଗତ ହୋଇ ଭଗବାନଙ୍କର ପରମ ଭକ୍ତ ହୋଇ ଯାଇଥାଏ । ଭକ୍ତ ଭଗବାନକୁ ନିଜ ଭିତରେ, ବାହାରେ ସର୍ବତ୍ର ଅନୁଭବ କରେ । ଭଗବାନଙ୍କ ପରମ କୃପାଦୃଷ୍ଟିରେ ସଦା ସର୍ବଦା ରହି ଭକ୍ତ ଅମରତ୍ୱ ଲାଭକରେ । ଏହି ଶ୍ଳୋକରେ ଭଗବାନ କହିଥିବା ଜୀବ ଓ ପରମାତ୍ମା ସମ୍ବନ୍ଧିୟ ତତ୍ତ୍ୱଜ୍ଞାନର , ଧାନ ଯୋଗ ସାଧନ ନିମନ୍ତେ ବିଶେଷ ଉପାଦେୟତା ରହିଛି । ଏହାକୁ ମହାନ୍ ଟୀକାକାର ଜୟଦୟାଲ ଗୋୟନ୍ଦକା ତାଙ୍କରି ତତ୍ତ୍ୱବିବେଚନିରେ ଅତି ପ୍ରାଞ୍ଜଳ ଭାବରେ ଗୃହସ୍ଥ ଆଶ୍ରମରେ ରହିଥିବା ସାଧକଙ୍କ ସଦଉପଯୋଗ ନିମନ୍ତେ ବ୍ୟାଖ୍ୟା କରିଛନ୍ତି । ତାହାର ମୁଖ୍ୟାଶଂର ଅନୁବାଦ ନିମ୍ନରେ ଉପସ୍ଥାପନ କରାଯାଇଛି ।

[ଯେପରି ମେଘ ଭିତରେ ଆକାଶ ଏବଂ ଆକାଶରେ ମେଘର ଅବସ୍ଥାନ ହୋଇଥାଏ,ସେହିଭଳି ସଂପୂର୍ଣ୍ଣ ଭୂତରେ ଭଗବାନ ବାସୁଦେବ ଏବଂ ବାସୁଦେବଙ୍କ ଠାରେ ସଂପୂର୍ଣ୍ଣ ଭୂତ ସ୍ଥିତ ହୋଇ ରହିଛି । ଭଗବାନ ବାସୁଦେବ ହିଁ ଏହି ସଂପୂର୍ଣ୍ଣ ଚରାଚର ସଂସାରର ମହାକାରଣ । ସେ ହିଁ ସବୁଥିରେ ବ୍ୟାପ୍ତ ଏବଂ ସେ ହିଁ ସମସ୍ତ ବିଶ୍ୱର ଏକମାତ୍ର ପରମାଧାର ପରମେଶ୍ୱର । ସମସ୍ତ ଜଗତରେ ଯେତେ ନାମ ରୂପ ରହିଛି, ସବୁ ଭଗବାନଙ୍କର ସ୍ୱରୂପ ଅନ୍ତର୍ଗତ । ସଂପୂର୍ଣ୍ଣ ଚରାଚର ଜଗତ ତାଙ୍କଠାରୁ ହିଁ

ଉତ୍ପନ୍ନ । ଯେପରି ବ୍ରଜରେ ଗୋପୀମାନେ ତାଙ୍କରି ପ୍ରେମ ଚକ୍ଷୁରେ ସର୍ବତ୍ର କୃଷ୍ଣମୟ ଦେଖୁଥିଲେ, ସେହିଭଳି ସାଧକ ସର୍ବତ୍ର ଭଗବାନ ଶ୍ରୀକୃଷ୍ଣ,ରାମ,ବିଷ୍ଣୁ,ଶଙ୍କର,ଶକ୍ତି ଆଦି ଯେଉଁ ସ୍ୱରୂପ ଯାହାର ଇଷ୍ଟ ସେହି ଭଗବାନଙ୍କର ସାକାର ସ୍ୱରୂପକୁ ଧ୍ୟାନରେ ଦର୍ଶନ କରିବାର ଅଭ୍ୟାସ ଜାରି ରଖିବାକୁ ହେବ । ଭଗବାନଙ୍କର ଯେଉଁ ସ୍ୱରୂପରେ ନିଜର ଇଷ୍ଟ ବୁଦ୍ଧି ଦୃଢ, ମନର ରୁଚି ଅନୁଯାଇ ତାଙ୍କରି ମୂର୍ତ୍ତି କିମ୍ବା ଚିତ୍ରପଟ୍ଟକୁ ସମ୍ମୁଖରେ ରଖି ସେଥିରେ ପ୍ରତ୍ୟକ୍ଷ ଏବଂ ଚେତନା ବୁଦ୍ଧିକରି, ଅତ୍ୟନ୍ତ ଶ୍ରଦ୍ଧା ଓ ପ୍ରେମର ସହିତ ବିଧିବତ୍ ପୂଜା ଅର୍ଚ୍ଚନା କରିବାର ଅଭ୍ୟାସ କରିବାକୁ ହେବ । ଭଜନ,ପ୍ରାର୍ଥନା, ତଥା ଧ୍ୟାନ ଆଦି ଦ୍ୱାରା ଉତ୍ତରୋତ୍ତର ପ୍ରେମ ବଢାଇବାକୁ ହେବ । ପୂଜା,ଭଜନ,ପ୍ରାର୍ଥନା ସମୟରେ ଏହି ଧାରଣା ଦୃଢ କରିବାକୁ ହେବ କି' ଭଗବାନଙ୍କର ମୂର୍ତ୍ତି ଜଡ ନୁହେଁ , ବରଂ ଚେତନଶୀଳ । ସେ ସାକ୍ଷାତ୍ ଦେଖିବା, ଶୁଣିବା, ହସିବା, କହିବା, ଖାଇବା,ପିଇବା,ଏହିପରି ସମସ୍ତ ଜୀବନ୍ତ କ୍ରିୟା କରନ୍ତି । ଏହା ସହିତ ଏକାନ୍ତରେ ପ୍ରତିଦିନ ନିୟମାପୂର୍ବକ ଇଷ୍ଟଙ୍କର ଧ୍ୟାନ ଅଭ୍ୟାସକରି, ଚିତ୍ତରେ ତାଙ୍କରି ସ୍ୱରୂପକୁ ଦୃଢ ଧାରଣା କରିବାକୁ ହେବ । ସ୍ୱରୂପର କିଛି ଧାରଣା ହେଲାପରେ , ଏକାନ୍ତ ସ୍ଥାନରେ ବସି ଏବଂ ଆଖିକୁ ଖୋଲା ରଖି ଆକାଶରେ ଇଷ୍ଟଙ୍କର ମାନସିକ ମୂର୍ତ୍ତିକୁ ରଚନା କରି ତାହାକୁ ଦେଖିବାର ଅଭ୍ୟାସ କରିବାକୁ ହେବ । ସଂସାରରେ ବିଚରଣ କରିବା ସମୟରେ ଆଖିର ସାମନାକୁ ଆସୁଥିବା ବୃକ୍ଷ,ପଶୁ,ପକ୍ଷୀ,ମନୁଷ୍ୟ ,ପଦାର୍ଥ,ବସ୍ତୁ ଉପରୁ ମନଦ୍ୱାରା ଏସବୁର ଆକାର ଓ ନାମ କୁ ହଟାଇ ,ତାରି ସ୍ଥାନରେ ଇଷ୍ଟଙ୍କର ସ୍ୱରୂପକୁ ଆରୋପିତ କରି ଇଷ୍ଟଙ୍କୁ ଦେଖିବାର ଅଭ୍ୟାସ କରିବାକୁ ହେବ । ଏପରି ଅଭ୍ୟାସରେ, ସାଧକ ପ୍ରତ୍ୟେକ ବସ୍ତୁ ,ବ୍ୟକ୍ତି ଓ ପରିସ୍ଥିତିରେ ଇଷ୍ଟଙ୍କ ମୂର୍ତ୍ତିକୁ ଅନାୟାସରେ ଦର୍ଶନ କରିଥାଏ । ତାହା ହେଉଛି ଭଗବାନଙ୍କର ସାକାର-ସଗୁଣ ରୂପରେ ସମସ୍ତ ଜଗତକୁ ଦେଖିବା । ଭଗବତ୍ କୃପାର ଆଶ୍ରୟକାରୀ, ବିଶ୍ୱାସ,ଶ୍ରଦ୍ଧା ଏବଂ ନିଶ୍ଚୟତାର ସହିତ ବାରମ୍ବାର ଏହିପରି ଅଭ୍ୟାସ କରିବାଦ୍ୱାରା ,କିଛିଦିନପରେ ଆକାଶକୁ ଚାହିଁଲେ ଇଷ୍ଟଙ୍କର ସର୍ବାଙ୍ଗପୂର୍ଣ୍ଣ ହସୁଥିବା, କହୁଥିବା ସ୍ୱରୂପକୁ ଦେଖିବାର ଅନୁଭବ ହେବ । ଚିତ୍ତବୃତ୍ତିକୁ ନିଜ ଇଷ୍ଟ ସ୍ୱରୂପର ଆକାରପରି କରିବାର ଅଭ୍ୟାସ ସିଦ୍ଧ ହୋଇଗଲାପରେ, ଭକ୍ତ ସବୁ କ୍ଷଣରେ ସବୁ ସ୍ଥାନରେ ଆଖି ଖୋଲିଲା ମାତ୍ରେ ଇଷ୍ଟଙ୍କ ସ୍ୱରୂପ ପ୍ରକଟିତ ହେବାର ଅନୁଭବ କରିବ । ଯଦି ସାଧକର ଶ୍ରଦ୍ଧା ଓ ଭକ୍ତି ସ୍ୱଚ୍ଛ ହେବ , ତା'ହେଲେ ସେହି ଇଷ୍ଟଙ୍କ ବିଗ୍ରହ ହିଁ ସାଧକ ପାଇଁ ଭଗବାନଙ୍କର ଚେତନା ଅର୍ଚାବତାର ହୋଇଯିବେ । ଭଗବାନ ନାନା ରୂପରେ ନିଜର ଭକ୍ତ ବତ୍ସଳତାର ପ୍ରତ୍ୟକ୍ଷ ପରିଚୟ ଦେଇ ଭକ୍ତକୁ ସଫଳ ଓ ଆନନ୍ଦମୟ କରି ଦେଇଥାନ୍ତି । ଭଗବାନଙ୍କର ପ୍ରତ୍ୟକ୍ଷ ଦର୍ଶନ ଲାଭକରିବା ଲାଗି କୌଣସି ନିଶ୍ଚିତ ସମୟର ଅବଧି ରହି ନ'ଥାଏ । ତାହା ଏହି କ୍ଷଣରେ ହୋଇପାରେ, ଏହି ଜନ୍ମରେ ହୋଇପାରେ ନତୁବା ଅନେକ ଜନ୍ମ ଲାଗିପାରେ । ଭକ୍ତର ଉତ୍କଣ୍ଠା, ବ୍ୟାକୁଳତା ,ଦୃଢତା ଓ ଶ୍ରଦ୍ଧା ଉପରେ ତାହା ନିର୍ଭର କରିଥାଏ । "ସବୁ କିଛି ପରମାତ୍ମା" ଏହି ଜ୍ଞାନ ଦୃଢ ହୋଇଗଲାପରେ ଭକ୍ତ ସ୍ୱୟଂ ଭଗବାନଙ୍କ ସ୍ୱରୂପ ହୋଇଯାଏ । ସର୍ବଦା ଭଗବାନଙ୍କ ସ୍ୱରୂପରେ ଅଭିନ୍ନ ହୋଇ ରହେ । ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ଐଶ୍ୱର୍ଯ୍ୟ, ଔଦାର୍ଯ୍ୟ ଆଦିର ଅନନ୍ତ ସମୁଦ୍ର , ରସମୟ ଏବଂ ଆନନ୍ଦମୟ ଭଗବାନଙ୍କର ଦେବଦୁର୍ଲଭ ସଚ୍ଚିଦାନନ୍ଦ ରୂପର ସାକ୍ଷାତ ଦର୍ଶନ ଲାଭପରେ, ଭକ୍ତ ଏବଂ ଭଗବାନଙ୍କର ସଂଯୋଗ ସବୁଦିନ ପାଇଁ ଅବିଚ୍ଛିନ୍ନ ହୋଇଯାଏ । ସାକ୍ଷାତ ଭଗବାନଙ୍କ ପ୍ରତ୍ୟକ୍ଷ ଦର୍ଶନ ଲାଭପରେ, ଭକ୍ତର ଯେଉଁ ସ୍ଥିତି ହୋଇଥାଏ

,ତାହାକୁ ସେ ହିଁ ଜାଣିପାରିଥାଏ । ଯାହାକୁ ଦର୍ଶନ ହୋଇଛି ସେ ମଧ୍ୟ ତାହାକୁ ଶବ୍ଦରେ ବର୍ଣ୍ଣନା କରିବାକୁ ସମର୍ଥ ହୁଏନାହିଁ । ଏହା ଜାଣିବାର ବସ୍ତୁ ନୁହେଁ , ଏହା ସାଧ୍ୟ ଏବଂ କେବଳ ଅନୁଭବର ବିଷୟ । ]

**ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।**

**ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ॥ ୩୧ ॥**

*ଅନ୍ୱୟ :ଯଃ (ଯେଉଁ ସିଦ୍ଧଯୋଗୀ ନିଜ ଆତ୍ମା ସ୍ୱରୂପକୁ ) ସର୍ବ-ଭୂତ-ସ୍ଥିତଂ ( ସକଳ ପ୍ରାଣୀଙ୍କ ଠାରେ ବିଦ୍ୟମାନ ଥିବା ) ମାଂ ( ମୋତେ ଅର୍ଥାତ୍ ପରମେଶ୍ୱରଙ୍କୁ ) ଏକତ୍ୱମ୍-ଆସ୍ଥିତ ( ଆତ୍ମା-ପରମାତ୍ମା ଐକତ୍ୱରେ ଅର୍ଥାତ୍ ସାମ୍ୟଭାବରେ ଅବସ୍ଥାନ କରି) ଭଜତି ( ଭଜନ କରନ୍ତି) ସଃ ( ସେ ) ସର୍ବଥା (ସକଳ ଅବସ୍ଥାରେ ) ବର୍ତ୍ତମାନ ଅପି (ସମ୍ପ୍ରତି ଯେଉଁ ସ୍ଥିତିରେ ରହିଥିଲେ ମଧ୍ୟ ) ମୟି ( ମୋରିଠାରେ ହିଁ ) ବର୍ତ୍ତତେ ( ଅବସ୍ଥିତ ହୋଇ ରହିଥାନ୍ତି ) ।*

**ଭାବାର୍ଥ :** ପରମାତ୍ମା ହେଉଛନ୍ତି ଏକ , କିନ୍ତୁ ସେ ସର୍ବ ବ୍ୟାପକ । ସକଳ ପ୍ରାଣୀଙ୍କ ହୃଦୟରେ ଯେଉଁ ପରମାତ୍ମା ରହିଛନ୍ତି ତାହା ଭିନ୍ନ ଭିନ୍ନ ହୋଇନ'ଥାନ୍ତି । ଯଦିଓ ସେ ଏକ, ତଥାପି ଅଚିନ୍ତ୍ୟ ଶକ୍ତି ଯୋଗୁଁ ସେ ଅଭିନ୍ନ ଏବଂ ସର୍ବତ୍ର ବିଦ୍ୟମାନ । ସିଦ୍ଧଯୋଗୀ ନିଜ ସ୍ୱରୂପରେ ସର୍ବଭୂତ ସ୍ଥିତ ପରମାତ୍ମାଙ୍କୁ ଅଭେଦ ଜ୍ଞାନରେ ଧ୍ୟାନ କରିଥାନ୍ତି । ସେହି ଯୋଗୀ ଭୌତିକ ଜଗତରେ ବିଭିନ୍ନ ପ୍ରକାର କ୍ରିୟାରେ ନିଯୁକ୍ତ ରହିଥିଲେ ମଧ୍ୟ, ମୋରି ଠାରେ ହିଁ ଅବସ୍ଥାନ କରିଥାନ୍ତି ଅର୍ଥାତ୍ ସେ ପରମାତ୍ମା ଚେତନାରେ ରହି ସମସ୍ତ କ୍ରିୟା କରିଥାନ୍ତି । ଶରୀରାଦି ଅନାତ୍ମା ଜଡ ସହିତ ତାଦାତ୍ମ୍ୟ ନଷ୍ଟ ହେଲେ , ଆତ୍ମା-ପରମାତ୍ମାର ଅଭେଦ ଜ୍ଞାନତତ୍ତ୍ୱରେ ଯୋଗୀ ଅବସ୍ଥାନ କରେ। ସେହି ବ୍ରହ୍ମବେତ୍ତା ସମସ୍ତ ଭୂତ ରୂପରେ କେବଳ ବ୍ରହ୍ମଙ୍କୁ ହିଁ ଦେଖିଥାଏ । ସଂପୂର୍ଣ୍ଣ ଚରାଚର ବିଶ୍ୱରେ ଏକ ଭଗବାନ ହିଁ ପରିପୂର୍ଣ୍ଣ । ଭଗବାନ କେବଳ ପ୍ରାଣୀ ମାନଙ୍କଠାରେ ସ୍ଥିତ ନୁହନ୍ତି, ସେ ସଂସାରର ପ୍ରତିଟି ଅଣୁ ପରମାଣୁ ରେ ପରିପୂର୍ଣ୍ଣରୂପେ ସ୍ଥିତ । ସୃଷ୍ଟି ପୂର୍ବରୁ,ସୃଷ୍ଟି ସମୟରେ ଓ ସୃଷ୍ଟିପରେ ଏକମାତ୍ର ପରମାତ୍ମା ହିଁ ସର୍ବ ଶେଷ ମହାକାରଣ । ଏହି ଜ୍ଞାନ ହେଲାପରେ ଯୋଗୀର ଶରୀର, ବଚନ,ମନରେ, ଯାହା କିଛି କ୍ରିୟା ହୋଇଥାଏ , ତାହାରି ଦୃଷ୍ଟିରେ ସବୁ ଏକମାତ୍ର ଭଗବାନଙ୍କ ସ୍ୱରୂପରେ ହିଁ ହେବାର ଅନୁଭବ କରେ । ଏହା ହେଉଛି ସମସ୍ତ ବନ୍ଧନରୁ ମୁକ୍ତ ଅବସ୍ଥା । ଏହି ବନ୍ଧନ ମୁକ୍ତ ଅବସ୍ଥାକୁ "ସହଜ ନିଷ୍ଠା" ବୋଲି ମଧ୍ୟ କୁହାଯାଇଛି । ଅଦ୍ୱୈତ ସିଦ୍ଧାନ୍ତରେ ସ୍ୱରୂପତଃ ଜୀବାତ୍ମା ଓ ପରମାତ୍ମାଙ୍କର ଏକତା ହୁଏ । ସାଙ୍ଖ୍ୟଯୋଗୀ ପରମାତ୍ମା ହିଁ ସର୍ବଶେଷ ସ୍ୱରୂପ ବୋଲିମାନି ପରମାତ୍ମା ଅତିରିକ୍ତ ଅନ୍ୟକୌଣସି ସତ୍ତାର ସ୍ଥିତିକୁ ସ୍ୱୀକାର କରିନ'ଥାଏ । କିନ୍ତୁ ଦ୍ୱୈତ ସିଦ୍ଧାନ୍ତରେ ବ୍ରହ୍ମ ଓ ଜୀବର ଅଲଗା ସ୍ଥିତି ରହିଛି । ଦ୍ୱୈତବାଦରେ ଭକ୍ତ ଓ ଭଗବାନ ଦୁଇଜଣ ଅଲଗା ରହିଲେ ମଧ୍ୟ ଉଭୟଙ୍କ ମଧ୍ୟରେ ସମତା କାରଣରୁ , ବାସ୍ତବରେ ଏକତ୍ୱରେ ସ୍ଥିତ ହୋଇ ରହିଥାନ୍ତି । ଯେପରି ପତି-ପତ୍ନୀ ଅତ୍ୟନ୍ତ ପ୍ରେମ କାରଣରୁ କିମ୍ବା ଦୁଇ ମିତ୍ର ଅତ୍ୟନ୍ତ ବିଶ୍ୱସ୍ତ ଭାବରେ ଏକତ୍ୱରେ ସ୍ଥିତ ହୋଇ ରହିଥାନ୍ତି । ଭକ୍ତକୁ ଭଗବାନଙ୍କର ଯେଉଁ ଭାବରେ ଆବଶ୍ୟକତା ଥାଏ ସେହିପରି ଭଗବାନଙ୍କୁ ମଧ୍ୟ ଭକ୍ତର ଆବଶ୍ୟକତା ରହିଥାଏ । ଏଠାରେ ପ୍ରଶ୍ନ ଉଠେ ଯେ' ସମସ୍ତ ପ୍ରାଣୀତ' ଭଗବାନଙ୍କ ଠାରେ ଅବସ୍ଥାନ କରିଥାନ୍ତି । ଯୋଗୀ ଭଗବାନଙ୍କ ଠାରେ ସ୍ଥିତ ହୋଇ ରହିବାର ବିଶେଷତା କଣ ଅଛି ? ଏହାର ସମାଧାନ ହେଲା : ଭଗବାନଙ୍କ ସହିତ ସମତା ଭାବ ପ୍ରାପ୍ତ ହେବାରେ ଭକ୍ତ ପ୍ରତିକ୍ଷଣ ଆନନ୍ଦର ଏକ ବିଲକ୍ଷଣ ରସ ଆସ୍ୱାଦନ କରେ । ସାଧାରଣ ମନୁଷ୍ୟର ଅନ୍ତଃକରଣରେ ସଂସାରର

ସତ୍ତା ଓ ମହତ୍ତ୍ୱ ଥିବାରୁ, ସେହିମାନେ ଭଗବାନଙ୍କ ଠାରେ ନିଜର ଅବସ୍ଥାନଙ୍କୁ ଜାଣନ୍ତି ନାହିଁ । ତେଣୁ ସେହିମାନେ ଭଗବାନଙ୍କ ଠାରେ ରହୁଥିଲେ ମଧ୍ୟ, ସେମାନଙ୍କର ସମସ୍ତ କର୍ମ ଦେହାଭିମାନ କାରଣରୁ ଅହଂକାର,ମମତା,ଆସକ୍ତି ପୂର୍ବକ ହୋଇଥାଏ । ଅଜ୍ଞାନ ହେତୁ ସେହି ମନୁଷ୍ୟ ଜଗତକୁ ଭଗବତ୍ ସ୍ୱରୂପ ଦୃଷ୍ଟିରେ ନ'ଦେଖି ଏହା କାମ ଉପୋଭୋଗର ସ୍ଥଳ ବୋଲି ମାନିଥାନ୍ତି ।

**ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ ।**

**ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋ ମତଃ ॥ ୩୨ ॥**

*ଅନ୍ୱୟ:ଅର୍ଜୁନ ( ହେ ଅର୍ଜୁନ !) ଯଃ (ଯେଉଁ ଭକ୍ତ ) ଆତ୍ମା-ଔପମ୍ୟେନ ( ନିଜ ସାଙ୍ଗରେ ତୁଳନା କରି) ସର୍ବତ୍ର ( ସକଳ ପ୍ରାଣୀଙ୍କ ଠାରେ ) ସୁଖଂ ବା ଯଦି ବା ଦୁଃଖଂ ( ସୁଖ ହେଉ ବା ଦୁଃଖ ହେଉ ) ସମଂ ପଶ୍ୟତି ( ସମାନ ଭାବେ ଦେଖେ ) ସଃ ଯୋଗୀ ( ସେହି ଯୋଗୀ ) ପରମ ( ଶ୍ରେଷ୍ଠ ବୋଲି ) ମତଃ ( ମୋର ଅଭିମତ ) ।*

**ଭାବାର୍ଥ:** ପୂର୍ବ ଶ୍ଳୋକରେ ଆତ୍ମାର ନିର୍ଗୁଣ-ନିରାକାର ପରମାତ୍ମା ସ୍ୱରୂପ ସହିତ ଏକତ୍ୱ ସ୍ଥିତି କହିଥିବାବେଳେ, ଏହି ପଦରେ ଭଗବାନ ସର୍ବତ୍ର ବିଦ୍ୟମାନ ପରମାତ୍ମାଙ୍କର ସଗୁଣ-ସାକାର ରୂପରେ ସମସ୍ତ ଭୁତ ସମୂହ ସହିତ ଯୋଗୀର ଏକାତ୍ମାବୋଧ ଅନୁଭବତାକୁ ଉପସ୍ଥାପନ କରିଛନ୍ତି । ଭଗବାନ କହୁଛନ୍ତି :ହେ ଅର୍ଜୁନ ! ଯୋଗୀ ପୁରୁଷ ନିଜ ସହିତ ସମ ଭାବରେ ବିଶ୍ୱର ସମସ୍ତ ଜୀବ ସମୂହକୁ ଏକ ଆତ୍ମା ସ୍ୱରୂପ ଦୃଷ୍ଟିରେ ଦେଖିଥାଏ । ଅନ୍ୟର ଆବଶ୍ୟକତା,ଅନ୍ୟର ପୀଡା ନିଜ ଶରୀରରେ ପ୍ରାପ୍ତ ହେଲାଭଳି ହୃଦୟଙ୍ଗମ କରି ତାହା ପୂରଣ କରିବାକୁ ତତ୍ପର ହୋଇଉଠେ । ସେହିପରି ଅନ୍ୟର ଆନନ୍ଦ ଓ ସୁଖ ଦେଖିଲେ, ନିଜ ଅନ୍ତରରେ ପ୍ରସନ୍ନତା ଅନୁଭବ କରେ । ଯୋଗୀର ଏହା ପରମାତ୍ମା ରୂପରେ ବିଶ୍ୱ ପ୍ରେମର ନିଦର୍ଶନ ଏବଂ ଆତ୍ମା ଜ୍ଞାନରେ ସକଳ ପ୍ରାଣୀଙ୍କ ହିତରେ ବିଶ୍ୱସେବା । ଯୋଗୀର ଏହି ଅନୁଭବତା ହେଉଛି ଆତ୍ମସ୍ୱରୂପ ବ୍ରହ୍ମକୁ ସର୍ବଭୂତରେ ଦର୍ଶନ ରୂପକ ବ୍ରହ୍ମଜ୍ଞାନ ଅର୍ଥାତ୍ " ସର୍ବ ଖଳ୍ୱିଦଂ ବ୍ରହ୍ମ" । ଯେ ପ୍ରକୃତ ଯୋଗୀ ସେ ସମସ୍ତ ଜୀବର ପରମ ବନ୍ଧୁ ଅଟନ୍ତି ଏବଂ ପ୍ରତିକ୍ଷଣ ବିଶ୍ୱର ମଙ୍ଗଳ କାମନା କରିଥାନ୍ତି । ଯୋଗୀ ନିଜର ବ୍ୟକ୍ତିଗତ ସୁଖ ଓ ସମ୍ଭୋଗ ନିମିତ୍ତ ଯୋଗସିଦ୍ଧି କାମନା କରିନ'ଥାନ୍ତି । ଅନ୍ୟମାନକୁ ସଂସାରର ବିଷୟ ଭୋଗରୁ ନିବୃତ୍ତ କରାଇ ଦୁଃଖ ହରଣ ପାଇଁ ଈଶ୍ୱରାଭିମୁଖର ମାର୍ଗ ଦର୍ଶାଇଥାନ୍ତି । ସମଗ୍ର ବିଶ୍ୱ ପରମାତ୍ମାଙ୍କର ସଗୁଣ-ସାକାର ସ୍ୱରୂପ ବୋଲି ଯୋଗୀ ସ୍ୱୀକାର କରି, ଜୀବସମୂହ ଭଗବାନଙ୍କ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ବୋଲି ମାନିଥାଏ । ଶରୀରର ଗୋଟିଏ ଅଙ୍ଗରେ ପୀଡା ହେଲେ ତାହା ସମସ୍ତ ଶରୀରରେ ଅନୁଭବ ହୁଏ ଏବଂ ଶରୀରର ପୀଡା ଲାଘବ ପାଇଁ ସମସ୍ତ ଅଙ୍ଗମାନ ତତ୍ପର ହୋଇ ଉଠନ୍ତି । ସେହିପରି ଯୋଗୀ କୌଣସି ଜୀବର କଷ୍ଟକୁ ଭଗବାନଙ୍କ ଶରୀରର ଗୋଟିଏ ଅଙ୍ଗର ପୀଡା ସମ ଅନୁଭବକରି , ତାହାର ପ୍ରତିକାର ପାଇଁ ପ୍ରଯତ୍ନ କରିଥାଏ । ଯୋଗୀଠାରେ ତୃଣ ଠାରୁ ବ୍ରହ୍ମ ପର୍ଯ୍ୟନ୍ତ ସକଳ ଜୀବମଧ୍ୟରେ ଥିବା ଭେଦଭାବ ସଂପୂର୍ଣ୍ଣ ଭାବରେ ସମାପ୍ତ ହୋଇଥାଏ । ଯୋଗୀ ବା ଭଗବାନଙ୍କର ଯେ ଭକ୍ତ , ତାଙ୍କରି ଦ୍ୱାରା ସମସ୍ତ ପ୍ରାଣୀଙ୍କ ଦୁଃଖ ଦୂର କରିବା ଓ ସୁଖ ପ୍ରଦାନର ଚେଷ୍ଟା ସ୍ୱାଭାବିକ ଭାବରେ ହୋଇଥାଏ । ସେଥିରେ କୌଣସି ଅଭିମାନ ରହିନ'ଥାଏ ଯେ' ମୁଁ ଅନ୍ୟର ଦୁଃଖକୁ ଦୂର

କରିପାରିଲି, ଅନ୍ୟକୁ ସୁଖ ପହଞ୍ଚାଇ ପାରିଲି । ଶ୍ରୀମଦ୍ ଭାଗବତ ରେ ମଧ୍ୟ ଭଗବାନ କହିଛନ୍ତି ଯେ' "ଅନ୍ୟର ଦୁଃଖ ସହିତ ମିଶିଯାଅ, ଅନ୍ୟର ସୁଖ ସହିତ ମିଶିଯାଅ , କେବଳ ନିଜ ଦେହର ସୁଖ-ଦୁଃଖରେ ଆବଦ୍ଧ ହୋଇ ରୁହନାହିଁ "। ଆମ୍ଭକୁ ଅନ୍ୟ କେହି ଉତ୍ତମ ବ୍ୟବହାର ଏବଂ ସମ୍ମାନ ଦେବାରେ ସୁଖ ଅନୁଭବ ହୋଇ ଥାଏ । ଗାଳି କିମ୍ବା ରୁକ୍ଷ ବ୍ୟବହାର କରିବାରେ ଅନ୍ତରରେ କଷ୍ଟ ଅନୁଭବ ହୋଇଥାଏ । ନିଜ ସହିତ ତୁଳନା କରି ଅନ୍ୟମାନଙ୍କୁ ସେହିପରି ଅସମ୍ମାନ କିମ୍ବା ଅନାଦର ନ'କରିବା ହେଉଛି ଯୋଗୀ ପୁରୁଷଙ୍କ ଲକ୍ଷଣ । ଅନ୍ୟର ମନରେ ଆଘାତ ପହଞ୍ଚାଇବା ହିଂସା ଆଚରଣ ବୋଲି ବିଶ୍ୱର ଅନେକ ଧର୍ମର ସାର ତତ୍ତ୍ୱରେ କୁହାଯାଇଛି । ଏହାକୁ କାର୍ଯ୍ୟ କ୍ଷେତ୍ରରେ ଆଚରଣ କରିବା ହେଉଛି ପରମ ଧର୍ମ । ପରମାତ୍ମା ତତ୍ତ୍ୱପ୍ରାପ୍ତ ବିଷୟରେ ଯେଉଁସ୍ଥାନ ମାନଙ୍କରେ ଭଗବାନ କହିଛନ୍ତି , ସେଠାରେ "ସମତା'କୁ ପ୍ରାଧାନ୍ୟତା ଦେଇଛନ୍ତି । ଜଣେ ପୁରୁଷ ଯେତେ ସଦଗୁଣ ସମ୍ପନ୍ନ ହେଲେ ମଧ୍ୟ, ଯଦି ସମତାରେ ସ୍ଥିତ ହୋଇନ'ଥାନ୍ତି, ତା'ହେଲେ ବୁଝିନେବାକୁ ହେବ କି' ତାଙ୍କର ଆତ୍ମଜ୍ଞାନ ହୋଇନାହିଁ । ସମତା ବିନା ରାଗ-ଦ୍ୱେଷ ର ଆତ୍ୟନ୍ତିକ ଅଭାବ ଏବଂ ସଂପୂର୍ଣ୍ଣ ପ୍ରାଣୀଙ୍କଠାରେ ସହଜ ସହୃଦୟତାର ଭାବ ଆସିବ ନାହିଁ । ଯାହାର ସମତା ପ୍ରାପ୍ତ ହୋଇଛି, ସେହି ହିଁ ଶ୍ରେଷ୍ଠ ଯୋଗୀ ।

**ଅର୍ଜୁନ ଉବାଚ**

**ଯୋଽୟଂ ଯୋଗସ୍ତ୍ୱୟା ପ୍ରୋକ୍ତଃ ସାମ୍ୟେନ ମଧୁସୂଦନ ।**

**ଏତସ୍ୟାହଂ ନ ପଶ୍ୟାମି ଚଞ୍ଚଳତ୍ୱାତ୍ ସ୍ଥିତିଂ ସ୍ଥିରାମ୍ ॥ ୩୩ ॥**

*ଅନ୍ୱୟ: ଅର୍ଜୁନ ଉବାଚ ( ଅର୍ଜୁନ କହିଲେ ) ମଧୁସୂଦନ ( ହେ ମଧୁସୂଦନ ! ପ୍ରଭୁ ଶ୍ରୀକୃଷ୍ଣ ମଧୁ ନାମକ ଅସୁରକୁ ବଦ୍ଧକରି ମଧୁସୂଦନ ନାମ ବହିଛନ୍ତି) ତ୍ୱୟା ( ଆପଣଙ୍କ ଦ୍ୱାରା ) ଅୟଂ ( ଏହି ) ଯଃ ( ଯେଉଁ ) ସାମ୍ୟେନ ( ସମତା ପୂର୍ବକ ) ଯୋଗଃ ( ଯୋଗ ) ପ୍ରୋକ୍ତଃ ( କୁହାଗଲା) ଚଞ୍ଚଳତ୍ୱାତ୍ ( ଚିତ୍ତର ଚଞ୍ଚଳତା କାରଣରୁ ) ଅହଂ ( ମୁଁ ) ଏତସ୍ୟ ( ଏହି ଯୋଗର ) ସ୍ଥିରାମ୍ ( ନିତ୍ୟ – ଅଚଳ ) ସ୍ଥିତିଂ ( ଅବସ୍ଥିତି ) ନ ପଶ୍ୟାମି ( ଦେଖୁ ନାହିଁ ) ।*

**ଭାବାର୍ଥ :** ଅର୍ଜୁନ କହିଲେ : ହେ ମଧୁସୂଦନ ! ଆପଣ ମଧୁ ଦୈତ୍ୟକୁ ସଂହାର କରି ମହାନ୍ ବଳବାନ୍ ପୁରୁଷ ଭାବରେ ପ୍ରଖ୍ୟାତ ହୋଇଛନ୍ତି । ଆପଣ ଯେଉଁ ସମତା ପୂର୍ବକ ଯୋଗ କହିଲେ, ଚିତ୍ତର ଅତ୍ୟନ୍ତ ଚଞ୍ଚଳତା କାରଣରୁ ମୁଁ ଏହି ଯୋଗ ସାଧନର ନିତ୍ୟ ଅବସ୍ଥିତି ନେଇ ନିଶ୍ଚିତ ହୋଇପାରୁନାହିଁ । ଏଠାରେ ଅର୍ଜୁନ ସମତା ପ୍ରାପ୍ତ ଲକ୍ଷରେ ଭଗବାନଙ୍କ ଦ୍ୱାରା କୁହାଯାଇଥିବା ଯୋଗ ସାଧନ ବିଧିକୁ ମନର ଚଞ୍ଚଳତା କାରଣରୁ ଅସମ୍ଭବ ବୋଲି ମତ ଦେଇ ପ୍ରତ୍ୟାଖ୍ୟାନ କରିଛନ୍ତି । ଆଜକୁ ପାଞ୍ଚ ହଜାରରୁ ଅଧିକ ବର୍ଷ ପୂର୍ବେ ସେହିକାଳର ଜୀବନ ଶୈଳୀ, ସାମାଜିକ ପ୍ରଥା, ବଞ୍ଚିବାର ସରଳତା, ମନୁଷ୍ୟର ନୈତିକ ମୂଲ୍ୟବୋଧତା , ଏସବୁ ନିଶ୍ଚିତ ଭାବରେ ବର୍ତ୍ତମାନଠାରୁ ପରମାର୍ଜିତ ରହିଥିବ । ଏହା ସତ୍ତ୍ୱେ ଅର୍ଜୁନ ମତ ରଖିଛନ୍ତି କି' ବାସ୍ତବ ଜୀବନରେ ମନକୁ ସଂପୂର୍ଣ୍ଣ ଭାବରେ ନିୟନ୍ତ୍ରଣ କରି ଯୋଗ ସାଧନାର ପୂର୍ଣ୍ଣତାରେ ଯେଉଁ ସମତା ସ୍ଥିତି, ସେଥିରେ ନିତ୍ୟ ଅବସ୍ଥାନ କରିବା ସମ୍ଭବ ନୁହେଁ । ଅର୍ଜୁନ ମହାନ୍ ରାଜବଂଶୀ, ଦ୍ରୋଣାଚାର୍ଯ୍ୟଙ୍କ ଶିଷ୍ୟ ରୂପରେ ସର୍ବଶ୍ରେଷ୍ଠ ଧନୁର୍ଦ୍ଧର, ଏବଂ ସର୍ବୋପରି ଭାବରେ ଶ୍ରୀକୃଷ୍ଣଙ୍କର ସଖା । ଏ ସମସ୍ତ ମହାନତା ସତ୍ତ୍ୱେ, ଅର୍ଜୁନ ଯଦି ଏହି ଯୋଗ ସାଧନକୁ ସାଧ୍ୟରୂପରେ ଗ୍ରହଣ କରୁନାହାନ୍ତି , ତା'ହେଲେ ଆମ ଭଳି ସାଧାରଣ ମନୁଷ୍ୟ କିପରି ଆସ୍ଥା ପ୍ରକଟ କରି ଏହି ଯୋଗ ସାଧନାର

ପ୍ରଯତ୍ନ କରିବ ? କ୍ଷୁଧା, ନିଦ୍ରା, ମୈଥୁନ ଭଳି ସଙ୍ଘାତ ଶରୀରର କେତେକ ଅତ୍ୟାବଶ୍ୟକୀୟ ପ୍ରବୃତ୍ତି ରହିଛି ଯାହାକୁ ଶରୀର ଥିବା ପର୍ଯ୍ୟନ୍ତ ଆଡେଇ ରଖିବା ସମ୍ଭବ ହୋଇନ'ଥାଏ । ଜଣେ ଭୂଭୁକ୍ଷୁକୁ କୁହାଯିବ ଯେ' ମିତାହାର ଭାବରେ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରୁ । ଏକାନ୍ତରେ ଜଣେ ଅଜଣା ସୁନ୍ଦରୀ ନାରୀର ସଂସ୍ପର୍ଶରେ ଥିବା ଜଣେ ବ୍ୟକ୍ତିକୁ କୁହାଯିବ ଯେ' ସେ ତାକୁ ନିଜର "ମାଆ" ତୁଲ୍ୟ ଦୃଷ୍ଟିରେ ଦେଖୁ । ଏସବୁରେ ମନୁଷ୍ୟ ପକ୍ଷେ ମନର ଭୋଗ ଇଛା ଅପେକ୍ଷା ସଙ୍ଘାତ ଶରୀରର ପ୍ରକୃତିଗତ ବିକାରର ପ୍ରାଧାନ୍ୟତା ରହିଥାଏ । ବର୍ତ୍ତମାନ କାଳରେ ଦୈନନ୍ଦିନ ବ୍ୟବହାରିକ କ୍ଷେତ୍ରରେ ଭୌତିକ ବିଜ୍ଞାନର ପ୍ରବେଶ କାରଣରୁ ଜୀବନ ପ୍ରଣାଳୀ ମଧ୍ୟ ଅତିଶୟ ସହଜ ସୁଖମୟ ହୋଇଗଲାଣି । ଜ୍ଞାନଯୋଗ ହେଉ ଅଥବା ଧ୍ୟାନଯୋଗ ମାର୍ଗ ହେଉ, ବଣ ,ଜଙ୍ଗଲ,ପର୍ବତ ଗୁମ୍ଫାରେ ରହି ଯୋଗ ସାଧନ କରିବା ଭଳି ଅନୁକୂଳ ବାତାବରଣ ନାହିଁ କି' କୌଣସି ସାଧକର ମନରେ ତାହାପ୍ରତି ଆଗ୍ରହ ଦେଖାଯିବା କ୍ୱଚିତ । ଆଜିକାର ଯୁଗରେ ଆଶ୍ରମ ମାନଙ୍କରେ ଯୋଗ ସାଧନ ନିମନ୍ତେ ଯୋଗାଇ ଦିଆ ଯାଇଥିବା ପରିବେଶରେ ଅବଶ୍ୟ ଯୋଗବିଧି ପ୍ରକାରେ ଆହାର,ବିହାର,ନିଦ୍ରା ,ସୌଖୀନ ବସ୍ତୁ ବ୍ୟବହାର ଆଦିରୁ ନିବୃତ୍ତ ରହିବା ନେଇ ବିଶେଷ କଟକଣା ଦେଖିବାକୁ ମିଳିନ'ଥାଏ । ମୋଟାମୋଟି ଭାବରେ ଜଣେ ବାସ୍ତବବାଦୀ ମନୁଷ୍ୟ ପକ୍ଷରେ ଏହି ସମତା ଯୋଗସାଧନା ପୂର୍ଣ୍ଣତା ପ୍ରାପ୍ତ ସହଜ ସାପେକ୍ଷ ନୁହେଁ ବୋଲି ଅର୍ଜୁନ ଭାଗବାନଙ୍କ ଆଗରେ ମତ ରଖିଛନ୍ତି ।

**ଚଞ୍ଚଳ ହି ମନଃ କୃଷ୍ଣ ପ୍ରମାଥି ବଳବଦ୍ ଦୃଢମ୍ ।**
**ତସ୍ୟାହଂ ନିଗ୍ରହଂ ମନ୍ୟେ ବାୟୋରିବ ସୁଦୁଷ୍କରମ୍ ॥ ୩୪ ॥**

*ଅନ୍ୱୟ : କୃଷ୍ଣ ( ହେ କୃଷ୍ଣ !) ହି ( ଯେ ହେତୁ ) ମନଃ ( ମନ ) ଚଞ୍ଚଳଂ ( ଅତି ଚଞ୍ଚଳ ) ପ୍ରମାଥି ( ପ୍ରମଥନଶୀଳ –ବିକ୍ଷୋଭକର ) ଦୃଢମ୍ ( ଦୃଢ-ଜିଦ୍ ଖୋର ) ବଳବଦ୍ ( ବଳବାନ୍ ) ଅହଂ (ମୁଁ) ତସ୍ୟ ( ତାହାର ଅର୍ଥାତ୍ ମନର ) ନିଗ୍ରହମ୍ ( ନିରୋଧ କରିବା –ବଶ କରି ରଖିବା )ବାୟୋଃ ଇବ ( ବାୟୁର ପ୍ରତିରୋଧ ଭଳି ) ସୁଦୁଷ୍କର ( ଅତ୍ୟନ୍ତ ଦୁଷ୍କର- କଠିନ ) ମନ୍ୟେ ( ମନେ କରୁଛି ) ।*

**ଭାବାର୍ଥ :** ହେ କୃଷ୍ଣ ! ମନ ଏତେ ଚଞ୍ଚଳ , ପ୍ରମଥନ ଶୀଳ, ଦୃଢ ଏବଂ ବଳବାନ୍ ଯେ' ଏହାକୁ ଆୟତ୍ତକରି ରଖିବା ଦେହଧାରୀ ମନୁଷ୍ୟ ପକ୍ଷରେ ଅସମ୍ଭବ । ଆକାଶରେ ଗତିଶୀଳ ବାୟୁକୁ ଯେପରି ପ୍ରତିରୋଧ କରିବା ଅତ୍ୟନ୍ତ ଦୁଷ୍କର , ମନକୁ ନିୟନ୍ତ୍ରଣରେ ରଖିବା ସେହିଭଳି କଠିନ । ଅର୍ଜୁନ କେବଳ ନିଜପାଇଁ ଏହି ପ୍ରଶ୍ନ ଭଗବାନଙ୍କୁ ପଚାରି ନ'ଥିଲେ । ସମସ୍ତ ସାଧକଙ୍କ ପ୍ରତିନିଧିତ୍ୱ କରି ଭଗବାନଙ୍କ ଠାରୁ ସେ ଏହାର ସମାଧାନ ଚାହିଁ ଛନ୍ତି । କାରଣ ଯୋଗ ସାଧନାର ପ୍ରାରମ୍ଭିକ ଅବସ୍ଥାରେ ସବୁ ସାଧକକୁ ଏହି ଦ୍ୱନ୍ଦର ସମ୍ମୁଖୀନ ହେବାକୁ ପଡିଥାଏ । ମନ ଦୀପଶିଖା ଭଳି ଅତି ଚଞ୍ଚଳ ହୋଇଥାଏ । ଚଞ୍ଚଳତା ସଙ୍ଗେ ସଙ୍ଗେ ମନ "ପ୍ରମାଥି" ସଦୃଶ ପ୍ରମଥନଶୀଳ । ଦୁଧ,ଦହିକୁ ମଥାନୀ ଯେପରି ମନ୍ଥିଥାଏ, କାମନାର ଆବେଗତାରେ ମନ ସେହିପରି ସାଧକର ଅନ୍ତଃକରଣକୁ ମନ୍ଥି କ୍ଷୁବ୍ଧକରିଥାଏ । ସାଧକ ନିଜ ସାଧନ ମାର୍ଗରୁ ବିଚ୍ୟୁତ ହୋଇଥାଏ । ମନ ଦୃଢ ଅର୍ଥାତ୍ ଜିଦ୍ ଖୋର ମଧ୍ୟ । ବିଷୟପ୍ରତି ଆକୃଷ୍ଟ ହୋଇ ଥରେ ଭୋଗ ସେବନରେ ଲାଗିଗଲେ , ସେଥିରୁ କୌଣସି ପ୍ରକାରେ ମନ ବିରତ ହୁଏନାହିଁ । ହଠ କରି ବିଷୟ ଉପସେବନରେ ଲାଗିରହେ । ବାରମ୍ବାର ଅଙ୍କୁଶ ପ୍ରହାର କଲେମଧ୍ୟ ଉନ୍ମତ ହସ୍ତୀ ଉପରେ ଯେପରି କିଛି ପ୍ରଭାବ ପଡିନ'ଥାଏ, ସେହିପରି ବିବେକ ରୂପକ

ଅଙ୍କୁଶ ଦ୍ୱାରା ବାରମ୍ବାର ପ୍ରହାର କଲେ ମଧ ମନ ସହଜରେ ବିଷୟ ଚରାଭୂମିରୁ ପଦାକୁ ବାହାରେ ନାହିଁ । ବାୟୁକୁ ଆକାଶରେ ଆବଦ୍ଧ କରି ରଖିବା ଯେଉଁପରି ଦୁଃସାଧ ବ୍ୟାପାର, ବିଷୟଭୋଗରେ ନିରନ୍ତର ବିଚରଣ କରୁଥିବା ଚଞ୍ଚଳ,ପ୍ରମଥନଶୀଳ,ଦୃଢ ଓ ବଳବାନ୍ ମନକୁ ନିରୁଦ୍ଧ କରିବା ଅତ୍ୟନ୍ତ କଠିନ । ରାମାୟଣ କଥା ବସ୍ତୁରେ ବାଳି ହେଉଛି ମହାନ୍ ବଳଶାଳୀ। ବ୍ରହ୍ମାଙ୍କଠାରୁ ଏପରି ବରପ୍ରାପ୍ତହୋଇଥିଲା ଯାହାରି ଫଳରେ ସାମନାରୁ ଆସୁଥିବା ଶତ୍ରୁର ଅର୍ଦ୍ଧେକ ବଳ ବାଳିକୁ ପ୍ରାପ୍ତ ହେଉଥିଲା । ତେଣୁ ବାଳିକୁ କେହି ସମ୍ମୁଖ ଯୁଦ୍ଧରେ ପରାସ୍ତ କରିପାରୁନ'ଥିଲେ । ସୁଗ୍ରୀବ ସହିତ ସମ୍ମୁଖ ଯୁଦ୍ଧ କରୁଥିଲାବେଳେ ପଛରୁ ବାଣ ଚଳାଇ ପ୍ରଭୁ ଶ୍ରୀ ରାମ ବାଳିକୁ ବଧ କରିଥିଲେ । ମନ ହେଉଛି ବାଳି ସାଦୃଶ । ତାହାକୁ ବଶରେ ରଖିବା ପାଇଁ ଅଙ୍କୁଶ ଲଗାଇଲେ, ସେ ଦ୍ୱିଗୁଣ ଉଚ୍ଛୃଙ୍ଖଳ ହୁଏ । ମନକୁ ପରାଜିତ କରିବାକୁ ହେଲେ, ସମ୍ମୁଖରୁ ସୁଗ୍ରୀବ ରୂପୀ ଅଭ୍ୟାସ ଯୁଦ୍ଧ ଏବଂ ପଶ୍ଚାତରୁ ବୈରାଗ୍ୟ ରୂପକ ରାମ ବାଣର ସହାୟତା ନେବାକୁ ହେବ, ଯାହା ଭଗବାନ ଆଗ ପଦରେ କହିଛନ୍ତି । ଅର୍ଜୁନ ଏହି ଶ୍ଲୋକରେ ଭଗବାନଙ୍କୁ "କୃଷ୍ଣ" ବୋଲି ସମ୍ବୋଧନ କରିବାର ତାତ୍ପର୍ଯ୍ୟ ହେଲା କି' ଭକ୍ତର ଚିତ୍ତକୁ ନିଜ ଆଡକୁ ଆକର୍ଷିତ କରିବାର କାରଣରୁ ଭଗବାନଙ୍କର ନାମ "କୃଷ୍ଣ" । ଅର୍ଜୁନ କୃଷ୍ଣ ବୋଲି ସମ୍ବୋଧନ କରି ପ୍ରାର୍ଥନା କରୁଛନ୍ତି " ହେ ଭଗବାନ ! ମୋର ଏହି ମନ ବଡ ଚଞ୍ଚଳ ଏବଂ ବଳବାନ୍ । ମୁଁ ମୋର ଶକ୍ତି ଲଗାଇ ଏହାକୁ ବଶ କରିବାକୁ ଅସମର୍ଥ ମନେକରୁଛି । ଜୀବର ମନକୁ ନିଜ ଆଡକୁ ମୋହିତ କରିନେବା ଆପଣଙ୍କ ସ୍ୱାଭାବିକ ଗୁଣ । ଅତଏବ ହେ କୃଷ୍ଣ ! କୃପା ପରବଶ ହୋଇ ମୋର ମନକୁ ଆପଣଙ୍କ ଦିଗକୁ ଆକୃଷ୍ଟକରି ନିଅନ୍ତୁ" ।

**ଶ୍ରୀ ଭଗବାନ ଉବାଚ**

**ଅସଂଶୟଂ ମହାବାହୋ ମନୋ ଦୁର୍ନିଗ୍ରହଂ ଚଳମ୍ ।**

**ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେଣ ଚ ଗୃହ୍ୟତେ ॥ ୩୫॥**

*ଅନ୍ୱୟ: ଶ୍ରୀ ଭଗବାନ ଉବାଚ (ଶ୍ରୀ ଭଗବାନ କହୁଛନ୍ତି ) ମହାବାହୁ ( ହେ ମହାବାହୁ !)ମନଃ ( ଏ ମନ) ଅସଂଶୟଂ (ନିଃସନ୍ଦେହ ଭାବରେ) ଚଳମ୍ ( ବଡ ଚଞ୍ଚଳ ) ଦୁର୍ନିଗ୍ରହଂ ( ଦମନ କରିବା ମଧ ଅତିକଷ୍ଟ ସାଧ ) ତୁ ( କିନ୍ତୁ) କୌନ୍ତେୟ (ହେ କୁନ୍ତୀ ନନ୍ଦନ !) ଅଭ୍ୟାସେନ (ଅଭ୍ୟାସ ଦ୍ୱାରା)ଚ ( ଓ) ବୈରାଗ୍ୟେଣ ( ବୈରାଗ୍ୟ ଦ୍ୱାରା ) ଗୃହ୍ୟତେ ( ମନକୁ ସଂଯତ କରାଯାଇ ପାରିବା ସମ୍ଭବ )।*

**ଭାବାର୍ଥ:** ପୂର୍ବ ପଦରେ ଅର୍ଜୁନ କହିଥିବା ଉକ୍ତିକୁ ସ୍ୱୀକାର କରି ଭଗବାନ କହୁଛନ୍ତି, ହେ ମହାବାହୁ ! ଏହି ମନ ନିଃସନ୍ଦେହ ଭାବରେ ବଡ ଚଞ୍ଚଳ ଏବଂ ଏହାକୁ ନିରୁଦ୍ଧ କରିବା ଅତିଶୟ କଷ୍ଟ ସାଧ । କିନ୍ତୁ, ହେ କୁନ୍ତୀ ନନ୍ଦନ ! ଅଭ୍ୟାସ ଦ୍ୱାରା ଏବଂ ବୈରାଗ୍ୟ ଦ୍ୱାରା ମନକୁ ସଂଯତ କରିବା ସମ୍ଭବପର । ଭଗବାନ ଅର୍ଜୁନଙ୍କୁ "ମହାବାହୁ" ବୋଲି ସମ୍ବୋଧନ କରି, ଏହା ସୂଚାଇଛନ୍ତି କି' ସେ ଜଣେ ମହାନ ଯୋଦ୍ଧା ଏବଂ ବାହୁ ଦ୍ୱାରା ବହୁତ ବୀରଙ୍କୁ ପରାଜିତ କରିଛନ୍ତି । ସେହିପରି ଜଣେ ଅତୁଳ ପରାକ୍ରମୀ ବୀର ପକ୍ଷେ ମନ ବଡ ବଳବାନ୍ କହି ତାହାକୁ ବଶ କରିବାର ପ୍ରଚେଷ୍ଟାରେ ନିରୁତ୍ସାହ ହେବା ଉଚିତ ନୁହେଁ । ଭଗବାନ ଏହିଠାରେ ମନ ଅତି ଚଞ୍ଚଳ ଏବଂ ଏହାକୁ ବଶ କରିବା ଦୁର୍ବହ ବୋଲି ଅର୍ଜୁନ କହିଥିବା କଥାକୁ ପ୍ରଥମେ ସ୍ୱୀକାର କରି ତାର ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ନିୟନ୍ତ୍ରଣ କରିହେବ ବୋଲି ସମାଧାନର ମାର୍ଗ ଦେଖାଇଛନ୍ତି । ଅଭ୍ୟାସ ଏକ ଯୋଗ ଅଟେ । ଯୋଗ ସାଧନାରେ ଅଭ୍ୟାସର ବହୁତ ବଡ ମହିମା ରହିଛି । ଆସନ,

ପ୍ରାଣାୟମ,ପ୍ରତ୍ୟାହାର ଆଦି ଯୋଗର ଅଙ୍ଗ ଅଭ୍ୟାସ ଦ୍ୱାରା ସିଦ୍ଧ ପ୍ରାପ୍ତ ହୋଇଥାଏ । ଯୋଗ ଦର୍ଶନ ଅନୁସାରେ ନିଜର ଅଭିଷ୍ଟ ଲକ୍ଷ୍ୟରେ ପହଞ୍ଚିବା ନିମନ୍ତେ ଅହରହ ଉଦ୍ୟମର ନାମ ଅଭ୍ୟାସ । ଅନ୍ୟ ଅର୍ଥରେ କୌଣସି ଇଷ୍ଟ ତତ୍ତ୍ୱକୁ ନିରନ୍ତର ଚିନ୍ତନ କରିବା ମଧ୍ୟ ଅଭ୍ୟାସ ଅଟେ । ସେହିଭଳି ଯାହା ପ୍ରାପ୍ତ ହେବାକୁ ଚାହୁଁନାହଁ ବା ଯାହା ଲକ୍ଷ୍ୟନୁହେଁ, ତାହାକୁ ଉପେକ୍ଷା କର । ସାଧନାର ପ୍ରଥମ ସୋପାନ ହେଉଛି କୁ-ଅଭ୍ୟାସର ପରିତ୍ୟାଗ । କୁ-ଅଭ୍ୟାସ ପରିତ୍ୟାଗ ସହିତ ସୁ-ଅଭ୍ୟାସ ପାଇଁ ଉଦ୍ୟମ ସମାନ୍ତରାଳ ଢଙ୍ଗରେ ହେବା ଜରୁରୀ । ଅଭ୍ୟାସ ଯୋଗଦ୍ୱାରା ସଂସାରର ସହିତ ରହିଥିବା ଆସକ୍ତିକୁ ମନରୁ ହଟାଇବା ସମ୍ଭବ ହୋଇଥାଏ। ବିନା ଅଭ୍ୟାସରେ କୌଣସି ପ୍ରକାର ବିଦ୍ୟା ପ୍ରାପ୍ତ ହେବା ସମ୍ଭବ ହୋଇନ'ଥାଏ । ସେହିପରି ଭଗବାନଙ୍କୁ ପାଇବାକୁ ହେଲେ ଭଗବାନଙ୍କ ଠାରେ ମନକୁ ଲଗାଇ ରଖିବାକୁ ମଧ୍ୟ ଅଭ୍ୟାସ କରିବାକୁ ହେବ । ଶ୍ରଦ୍ଧା ଓ ବିଶ୍ୱାସ ପୂର୍ବକ ବିନା ବିରାମରେ ନିରନ୍ତର ଲମ୍ବା ସମୟ ଯୋଗାଭ୍ୟାସ ଦ୍ୱାରା ସଫଳତା ପ୍ରାପ୍ତ ହୋଇଥାଏ । "ପରମାତ୍ମା ହିଁ ସର୍ବୋପରି, ସର୍ବଶକ୍ତିମାନ୍,ସର୍ବେଶ୍ୱର ଏବଂ ସର୍ବୋଧିକ ପରମ ତତ୍ତ୍ୱ ଏବଂ ଏହାକୁ ପ୍ରାପ୍ତ କରିବା ଜୀବନର ପରମ ଲକ୍ଷ୍ୟ " - ଏହିପରି ନିଶ୍ଚୟାତ୍ମିକ ବୁଦ୍ଧିରେ ପ୍ରାର୍ଥନା, ପୂଜା,ଜପ,ଧ୍ୟାନ ଆଦିର ନିୟମିତ ଅଭ୍ୟାସ ଦ୍ୱାରା ମନରେ ଅସାଧାରଣ ଶକ୍ତି ଜନ୍ମେ । ସେଥିରେ ଇନ୍ଦ୍ରିୟ ସଂଯମ ଓ କାମ-କ୍ରୋଧକୁ ବଶ କରିବା କଷ୍ଟ ହୁଏନାହିଁ । ବୃତ୍ତିଶୂନ୍ୟ ଚିତ୍ତ ହିଁ ସଂଯତ ମନ । ମନକୁ ବିଷୟଶୂନ୍ୟ କଲେ ମନ ପ୍ରଶାନ୍ତ ରହେ । ଇନ୍ଧନର ଅଭାବରେ ଅଗ୍ନି ଯେପରି ନିର୍ବାପିତ ହୋଇଯାଏ,ବିଷୟ ବୃତ୍ତି ଶୂନ୍ୟ ହୋଇଗଲେ ମନ ଶାନ୍ତ ହେବା ପାଇଁ ବାଧ ହୁଏ । ଏହିଲୋକ ଓ ପରଲୋକରେ କୌଣସି ଭୋଗ୍ୟବସ୍ତୁ ପ୍ରତି ଆସକ୍ତି ନ'ରହିବା ହେଉଛି ବୈରାଗ୍ୟ । ଇନ୍ଦ୍ରିୟ ଭୋଗ୍ୟ ବିଷୟରୁ ଦୂରରେ ରହି ଈଶ୍ୱରଙ୍କଠାରେ ମନକୁ ଲଗାଇ ରଖିବାକୁ ବୈରାଗ୍ୟ ବୁଝାଏ । ସାଧକ ଯେତେ ଅଧିକ ଭଗବାନଙ୍କର ଲୀଳା ସମ୍ବନ୍ଧରେ ଶ୍ରବଣ କରିବ ,ଭଗବାନଙ୍କର ନାମ-ଗୁଣ କୀର୍ତ୍ତନ କରିବ, ତୀର୍ଥ ସ୍ଥାନ ଭ୍ରମଣ କରିବ, ସେତିକି ମାତ୍ରାରେ ବିଷୟ ବାସନାରୁ ନିବୃତ୍ତ ରହିପାରିବ । ଯାହା ଆତ୍ମା-ପରମାତ୍ମା ସମ୍ବନ୍ଧୀୟ ନୁହଁ, ସେଥିରୁ ମନକୁ ଦୂରେଇ ରଖିଲେ ବୈରାଗ୍ୟ ଭାବ ଦୃଢ ହୁଏ । ଭକ୍ତି ଯୋଗରେ ଭଗବାନଙ୍କର ସେବାରେ ନିଯୁକ୍ତ ହୋଇଗଲେ , ମନ ଇନ୍ଦ୍ରିୟ ଭୋଗ୍ୟ ବସ୍ତୁରୁ ସ୍ୱତଃ ଦୂରେଇ ଯାଆନ୍ତି । ବୈରାଗ୍ୟମାନ୍ ପୁରୁଷଙ୍କର ଚିତ୍ତରେ ସୁଖ ଏବଂ ଦୁଃଖ ଦୁଇଟିଯାକ ଅବସ୍ଥାରେ କୌଣସି ବିଶେଷ ବିକାର ହୋଇନ'ଥାଏ । ସଂସାରରେ ସ୍ତ୍ରୀ, ପୁତ୍ର, ଧନ ଘର,ମାନ,ପ୍ରତିଷ୍ଠା,ବଡ଼ାଇ ପ୍ରଭୃତି ଏବଂ ପରଲୋକରେ ସ୍ୱର୍ଗାଦି ଭୋଗ ବିଷୟରେ ତୃଷ୍ଣାରହିତ ହୋଇଥିବା ମନର ଯେଉଁ ବଶୀଭୁତ ସ୍ଥିତି , ତାହା ହେଉଛି ପ୍ରକୃତ ବୈରାଗ୍ୟ । ନିଜର ଶକ୍ତି, ସାମର୍ଥ୍ୟ, ଯୋଗ୍ୟତା ଅନୁସାରେ ଅନୁକୂଳତା ଚାହୁଁଥିବା ସ୍ତ୍ରୀ,ପୁତ୍ର, କୁଟୁମ୍ବ ଓ ସ୍ୱଜନଙ୍କର ଯଥୋଚିତ ଇଚ୍ଛା ପୂର୍ଣ୍ଣକରି, ସେମାନଙ୍କଠାରୁ କିଛି ପାଇବାର ଆଶା ନ'ରଖିଲେ, ସଂସାରରୁ ଆପେ ଆପେ ବୈରାଗ୍ୟ ହୋଇଯିବ । ସାଂସାରିକ ଆସକ୍ତି ସମସ୍ତ ଦୁଃଖ କଷ୍ଟ,ପାପର ମୁଖ୍ୟ କାରଣ ବୋଲି ବିଚାର ଆସିଲେ ବୈରାଗ୍ୟ ଜାଗ୍ରତ ହେବ । ପ୍ରକୃତିଠାରୁ ଅତ୍ୟନ୍ତ ବିଲକ୍ଷଣ ପୁରୁଷର ଜ୍ଞାନରେ ସମସ୍ତ ଗୁଣଜନିତ ତୃଷ୍ଣାର ଅଭାବ ହୋଇଯିବା ଅବସ୍ଥା ପରମ ବୈରାଗ୍ୟ ବା ସର୍ବୋତ୍ତମ ବୈରାଗ୍ୟ । ସଂସାର ପ୍ରତିକ୍ଷଣ ବଦଳୁଛି, କିନ୍ତୁ ଆତ୍ମା ଯଥାବତ୍ ରହିଥାଏ । ଆତ୍ମାର ସଂସାର ସହିତ ସମ୍ବନ୍ଧ ନାହିଁ। ଯାହା ସମ୍ବନ୍ଧଭଳି ପ୍ରତୀତ ହେଉଛି , ତାହା ଶରୀର ଓ ସଂସାରର ଭୋଗ ବୁଦ୍ଧିକୁ ନେଇ ମନରେ ଆରୋପିତ

ହୋଇ ରହିଥିବା ପ୍ରତିବିମ୍ବ । ଦର୍ପଣ ଭିତରେ ଦେଖାଯାଉଥିବା ପ୍ରତିବିମ୍ବ ର ବାସ୍ତବତା ନଥାଏ । ସେହିପରି ମନ ସଂପୂର୍ଣ୍ଣ ଶୁଦ୍ଧ ଏବଂ ଜ୍ଞାନ ସ୍ୱରୂପ । ସେଥିରେ ସଂସାରର ପ୍ରତିବିମ୍ବ ଦେଖାଯାଇଥାଏ । ଦର୍ପଣକୁ ହଟାଇଦେଲେ, ଯେପରି ପ୍ରତିବିମ୍ବ ହଟିଯାଏ, ସେହିପରି ସଂସାରକୁ ଉପେକ୍ଷା କଲେ, ଏହାର ପ୍ରତିବିମ୍ବ ମନରେ ରହିବ ନାହିଁ । ଏହି ଉପେକ୍ଷାର ନାମ ବୈରାଗ୍ୟ । ବୈରାଗ୍ୟର ପ୍ରକୃତ ଅର୍ଥ ହେଲା ରାଗ-ଦ୍ୱେଷ ଏହି ଦୁଇଟିର ଉପେକ୍ଷା ଅର୍ଥାତ୍ ବସ୍ତୁ ସହିତ ଏକ ନ'ହୋଇ ଦୂରରେ ରହିବା । ଉପେକ୍ଷାର ଅର୍ଥ ହେଲା ଉପେକ୍ଷଣ – ଏକ ନ'ହେବା-ଦୂରରୁ ଦେଖିବା । ତେଣୁ ଯେଉଁ ବ୍ୟକ୍ତି,ପଦାର୍ଥ,ପରିସ୍ଥିତି ପ୍ରତି ବ୍ୟବହାରରେ ରାଗ-ଦ୍ୱେଷର ଦୃଢତା ହୋଇଯାଏ, ତାହାକୁ ଶିଥିଳ କରିବାକୁ ହେବ । ବୈରାଗ୍ୟର ଅର୍ଥ ରାଗ-ଦ୍ୱେଷ ଏହି ଦୁଇଟିର ଅତ୍ୟନ୍ତ ଅଭାବ ନୁହେଁ। ରାଗ-ଦ୍ୱେଷର ଏହି ଦୁଇର ଅତ୍ୟନ୍ତ ଅଭାବର ଅଧିଷ୍ଠାନ ତ ସ୍ୱପ୍ରକାଶ ବ୍ରହ୍ମ ଅଟେ । ଯେ ପର୍ଯ୍ୟନ୍ତ ଶରୀର ରହିଛି, ରାଗ-ଦ୍ୱେଷ ବହୁତ କମ୍ ଅବଶ୍ୟ ରହିବ । ତାହାକୁ ସଂପୂର୍ଣ୍ଣ ଅଭାବ କରିହେବ ନାହିଁ । ବୈରାଗ୍ୟର ଅର୍ଥ ତ୍ୟାଗ ନୁହେଁ, କି'ଗ୍ଲାନି ନୁହେଁ । ସେହିପରି ବୈରାଗ୍ୟ କହିଲେ ଘୃଣା କି' ବିଦ୍ରୋହ କରିବା ନୁହେଁ । ବୈରାଗ୍ୟ ହେଲା ରାଗ-ଦ୍ୱେଷ ଉଭୟକୁ ଶିଥିଳ କରି ରଖିବା । କୌଣସି ବସ୍ତୁ ପ୍ରତି ପ୍ରୀତି ରଖିଲେ, ତାହା ଚିନ୍ତନର ବସ୍ତୁ ହେବ । ସେହିପରି କୌଣସି ବସ୍ତୁକୁ ଘୃଣାକଲେ ମଧ ତାହା ଚିନ୍ତନର ବସ୍ତୁ ହେବ । ଏହାର ତାତ୍ପର୍ଯ୍ୟ ହେଲା କୌଣସି ବିଷୟପ୍ରତି ଅନୁରାଗ ରଖିବାକୁ ହେବନାହିଁ କି' ବିଦ୍ରୋହ ଭାବ ରଖିବାକୁ ହେବନାହିଁ । ମନକୁ ଆୟତ୍ତ କରିବାକୁ ହେଲେ ଅଭ୍ୟାସ ଓ ବୈରାଗ୍ୟ, ଉଭୟର ଏକ ସମୟରେ ଆବଶ୍ୟକତା ରହିଛି । ବିନା ଅଭ୍ୟାସରେ ବୈରାଗ୍ୟ ଆସିବ ନାହିଁ କି' ବିନା ବୈରାଗ୍ୟରେ ଯୋଗାଭ୍ୟାସ ମଧ ହୋଇପାରିବ ନାହିଁ । ତେଣୁ ଅଭ୍ୟାସ ଓ ବୈରାଗ୍ୟ ଦୀର୍ଘକାଳ ପର୍ଯ୍ୟନ୍ତ ନିରାଶ ନ'ହୋଇ ନିରନ୍ତର ସତ୍କାର ବୁଦ୍ଧିରେ କରିବା ଉଚିତ ।

**ଅସଂଯତାତ୍ମନା ଯୋଗୋ ଦୁଷ୍ପ୍ରାପ ଇତି ମେ ମତିଃ ।**
**ବଶ୍ୟାତ୍ମନା ତୁ ଯତତା ଶକ୍ୟୋଽବାପ୍ତୁମୁପାୟତଃ ॥ ୩୬ ॥**

*ଅନ୍ୱୟ : ଅସଂଯତାତ୍ମନା ( ଯାହାର ମନ ସଂପୂର୍ଣ୍ଣ ବଶୀଭୂତ ନୁହେଁ ) ଯୋଗଃ ( ତାହା ଦ୍ୱାରା ଯୋଗ ସାଧନ ବା ଆତ୍ମାନୁଭୂତି ) ଦୁଷ୍ପ୍ରାପ ( ପ୍ରାପ୍ତ ହେବା କଠିନ ) ତୁ ( କିନ୍ତୁ ) ଉପାୟତଃ ( ବିହିତ ଉପାୟରେ) ଯତତା ( ଯତ୍ନ କରୁଥିବା-ଚେଷ୍ଟା କରୁଥିବା ) ବଶ୍ୟାତ୍ମନା ( ସଂଯତ ଚିତ୍ତ ବ୍ୟକ୍ତି) ଅବାପ୍ତୁମ୍ ( ଯୋଗ ସିଦ୍ଧି ପ୍ରାପ୍ତ କରିବାକୁ)ଶକ୍ୟଃ ( ସକ୍ଷମ ହୁଏ ) ଇତି ମେ ମତିଃ ( ଏହିପରି ମୋର ମତ ) ।*

**ଭାବାର୍ଥ:** ଭଗବାନ କହୁଛନ୍ତି ହେ ଅର୍ଜୁନ ! ମନକୁ ବଶକରି ଯୋଗ ସିଦ୍ଧ ପ୍ରାପ୍ତ କରିବା ତୁମ୍ଭେ ଯେତେ କଠିନ ମନେ କରୁଛ, ତାହା ସେତେ କଷ୍ଟସାଧ ନୁହେଁ । ଏହାକୁ ଦୁର୍ବହ ମନେକରି ଛାଡିଦେବା ଉଚିତ ନୁହେଁ । ପ୍ରଯତ୍ନ ପୂର୍ବକ ସାଧନାରେ ଲାଗିରହିଲେ, ଯୋଗରେ ସିଦ୍ଧ ପ୍ରାପ୍ତ ଅବଶ୍ୟ ସମ୍ଭବ ହୋଇଥାଏ । ଯାହାର ମନ ସଂପୂର୍ଣ୍ଣ ଭାବରେ ବଶୀଭୂତ ହୋଇନାହିଁ, ତାହାପକ୍ଷେ ଯୋଗ ସାଧନା ବା ଆତ୍ମନୁଭୂତି ପ୍ରାପ୍ତହେବା କଠିନ । ସାଧକର ଅନ୍ତଃକରଣରେ ବିଷୟ ଉପଭୋଗ ପ୍ରତି ଟିକିଏ ମଧ ରୁଚି ଥିବା ପର୍ଯ୍ୟନ୍ତ ସେ ସଂଯତାତ୍ମା ହୋଇ ପାରିବନାହିଁ ଏବଂ ଧାନଯୋଗର ସିଦ୍ଧିର କଠିନତା ଅନୁଭବ ହେବ । ମନ ଓ

ଇନ୍ଦ୍ରିୟକୁ ସଂଯମ ନ'କରି ବିଷୟଭୋଗରେ ରହି ଯୋଗସାଧନା କରିବା, କାଠଉପରେ ପାଣି ଢାଳି ଅଗ୍ନି ସଂଯୋଗ କରିବା ସଦୃଶ । କିନ୍ତୁ ଯାହାର ମନ ସଂଯତ , ସେହି ବ୍ୟକ୍ତି ବିହିତ ଉପାୟରେ ପ୍ରଯତ୍ନଶୀଳ ହେଲେ, ଯୋଗ ସିଦ୍ଧି ପ୍ରାପ୍ତ କରିବାକୁ ସମର୍ଥ ହୁଏ । ଏହାକୁ ଭଗବାନ ତାଙ୍କର ନିଶ୍ଚିତ ଅଭିମତ ରୂପରେ ଘୋଷଣା କରିଛନ୍ତି । ଶ୍ରଦ୍ଧା ଓ ବିଶ୍ୱାସର ସହିତ କାୟମନୋବାକ୍ୟରେ ଅଭ୍ୟାସ ଏବଂ ବିବେକପୂର୍ଣ୍ଣ ବୈରାଗ୍ୟ ଦ୍ୱାରା ମନ ଉପରେ ବିଜୟ ପ୍ରାପ୍ତ କରିଲେ, ଜ୍ଞାନ ଯୋଗ ଓ କର୍ମ ଯୋଗ ଉଭୟରେ ସିଦ୍ଧତା ପ୍ରାପ୍ତ ହୁଏ । ଉଭୟ ଯୋଗମାର୍ଗରେ ଚିତ୍ତବୃତ୍ତି ଉପରେ ଅଙ୍କୁଶ ଲଗାଇବାର ଆବଶ୍ୟକତା ରହିଛି । ଆତ୍ମସ୍ୱରୂପ ଚିନ୍ତନର ନିରନ୍ତର ଅଭ୍ୟାସରେ ହିଁ ମନ ଶାନ୍ତ ଓ ନିର୍ବିଷୟ ହୁଏ । ଇନ୍ଦ୍ରିୟ,ମନ,ପ୍ରାଣ,ବୁଦ୍ଧି ବାସ୍ତବରେ ଏ ସବୁ ଅନାତ୍ମା । ଏମାନେ ଅସଂଯମୀ ହେଲେ,ସମତା ରୂପ ଯୋଗ ପ୍ରାପ୍ତ ହୋଇପାରିବ ନାହିଁ । ବଶରେ ରହିଥିବା ମନଠାରେ ହଠ ରହିନ'ଥାଏ। ମନ ବଶରେ ରହିଲେ ଇନ୍ଦ୍ରିୟମାନଙ୍କର ଅନୁଗତ ନ'ହୋଇ ବୁଦ୍ଧିର ଅନୁଗତ ହୋଇଥାଏ । ଏହା ଶାନ୍ତ, ସରଳ , ଅନୁଗତ ଶିଷ୍ୟ ଭଳି ଆଜ୍ଞାକାରୀ ହୋଇ ବୁଦ୍ଧିକୁ ପରମାତ୍ମାମୁଖୀ କରାଇଥାଏ ।

**ଅର୍ଜୁନ ଉବାଚ**

**ଅଯତିଃ ଶ୍ରଦ୍ଧୟୋପେତୋ ଯୋଗାଚ୍ଚଳିତମାନସଃ ।**
**ଅପ୍ରାପ୍ୟ ଯୋଗସଂସିଦ୍ଧିଂ କାଂ ଗତିଂ କୃଷ୍ଣ ଗଚ୍ଛତି ॥ ୩୭ ॥**

*ଅନ୍ୱୟ: ଅର୍ଜୁନ ଉବାଚ ( ଅର୍ଜୁନ କହିଲେ ) କୃଷ୍ଣ ( ହେ କୃଷ୍ଣ !) ଶ୍ରଦ୍ଧୟା (ଶ୍ରଦ୍ଧା ସହକାରେ ) ଉପେତଃ (ଯୋଗ ସାଧନାରେ ପ୍ରବୃତ୍ତ ହୋଇ )[ଅନ୍ତ କାଳରେ ] ଅଯତିଃ ( ଯୋଗଭ୍ରଷ୍ଟ ବା ଯୋଗ ସାଧନାରେ ଅକୃତକାର୍ଯ୍ୟ ହୋଇଥିବା ଯୋଗୀ ) ଯୋଗାତ୍ ( ଯୋଗମାର୍ଗରୁ) ଚଳିତ ମାନସଃ ( ବିଚଳିତ ମନା ହୋଇ ) ଯୋଗ-ସଂସିଦ୍ଧିମ୍-ଅପ୍ରାପ୍ୟ (ଯୋଗ ସିଦ୍ଧି ବା ଯୋଗର ପୂର୍ଣ୍ଣତା ଲାଭ ନ'କରି ) କାଂ ( ଅନ୍ତକାଳରେ କେଉଁ) ଗତିଂ ( ଗତି ) ଗଚ୍ଛତି ( ପ୍ରାପ୍ତ ହୁଅନ୍ତି ) ।*

**ଭାବାର୍ଥ:** ଭଗବାନ ପୂର୍ବ ଶ୍ଳୋକରେ ଯାହାର ମନ ବଶ ହୋଇନାହିଁ ,ସେହି ଅସଂଯମୀ ପୁରୁଷ ପକ୍ଷେ ଯୋଗ ସିଦ୍ଧି ପ୍ରାପ୍ତ ହେବା କଠିନ ବୋଲି କହିଛନ୍ତି । ଏଥିରେ ଅର୍ଜୁନଙ୍କ ମନରେ ପ୍ରଶ୍ନ ଜାଗ୍ରତ ହୋଇଛି ଯେ, ଶାସ୍ତ୍ର, ଗୁରୁବାକ୍ୟ ଓ ଯୋଗସାଧନା ପ୍ରତି ଶ୍ରଦ୍ଧା ଓ ବିଶ୍ୱାସ ସତ୍ତ୍ୱେ , ମନ ବିଚଳିତ କାରଣରୁ ଯାହାର ଭଗବତ୍ ସିଦ୍ଧି ପ୍ରାପ୍ତହୁଏନାହିଁ ,ଦେହ ତ୍ୟାଗ ପରେ ତାହାର କେଉଁ ଗତି ହୋଇଥାଏ ? ଯୋଗର ଅପୂର୍ଣ୍ଣତା ଯୋଗୁଁ ମୋକ୍ଷପ୍ରାପ୍ତ ତ ହୋଇନଥାଏ । ସେହି ଜୀବାତ୍ମାର ଅଧୋଗତି ହୁଏ , ନା' ସ୍ୱର୍ଗ ପ୍ରାପ୍ତ ହୁଏ, ନା' ପୁନର୍ଜନ୍ମ ହୁଏ , ଏହିପରି ଅର୍ଜୁନଙ୍କ ମନରେ ଅନେକ ସଶଂୟ ଜାତ ହୋଇଛି । ଏହି ସମ୍ବନ୍ଧରେ ଭଗବାନ ଦ୍ୱିତୀୟ ଅଧ୍ୟାୟରେ ସମ୍ୟକ ସୂଚନା ଦେଇ କହିଛନ୍ତି କି' ଯୋଗ ଅପୂର୍ଣ୍ଣାଙ୍ଗ ରହିଲେ ମଧ୍ୟ ଏହାର କୌଣସି ବିପରୀତ ଫଳ ପ୍ରାପ୍ତ ହୋଇନଥାଏ । ବରଂ ସ୍ୱଳ୍ପ ମାତ୍ର ସାଧନ ସଂସାରର ମୃତ୍ୟୁ ଭଳି ମହାନ୍ ଭୟରୁ ରକ୍ଷାକରି ମୁକ୍ତିର ମାର୍ଗ ଦେଖାଇଥାଏ । ଜ୍ଞାନଯୋଗ ,ଅଷ୍ଟାଙ୍ଗ ଯୋଗମାର୍ଗ,ଧ୍ୟାନଯୋଗ, କିମ୍ବା ଭକ୍ତି ଯୋଗମାର୍ଗ ଭଳି କୌଣସି ଏକ ମାର୍ଗକୁ ଅବଲମ୍ବନକରି ସାଧକ ଆତ୍ମାନୁଭୂତି ଲାଭକରି ପାରିବ । ଜୀବ ସର୍ବଦା ଭୂତ ପ୍ରକୃତିର ତିନିଗୁଣ ଦ୍ୱାରା ଆବଦ୍ଧହୋଇ ରହିଛି । ଭୂତପ୍ରକୃତିରୁ ମୁକ୍ତ ହୋଇ ମୋକ୍ଷ ଲକ୍ଷ୍ୟର ସାଧନ କାଳରେ ପ୍ରକୃତିର ମାୟା ଶକ୍ତିକୁ ମୁକାବିଲା କରିବା ଅତିଶୟ ଦୁର୍ବହ । ଏହି ମାୟାଶକ୍ତି ସାଧକକୁ ବିଭିନ୍ନ ପ୍ରଲୋଭନ ଦେଖାଇ ପ୍ରକୃତିରେ ବାନ୍ଧି ରଖିଥାଏ । ସଂସାରରେ ରହି ଅଧିଭୂତ, ଅଧିଦୈବ

ଜନିତ ପ୍ରତିକୂଳ ପରିସ୍ଥିତିକୁ ଆଡେଇ ଦେଇହେବ ନାହିଁ । ପ୍ରାରବ୍ଧର କାରଣରୁ ସାଧକକୁ ଏହି ପ୍ରତିକୂଳ ପରିସ୍ଥିତିକୁ ଅବଶ୍ୟ ସାମନା କରିବାକୁ ପଡିଥାଏ । ଏଥିରେ ଯୋଗସାଧନରେ ଅର୍ଥାତ୍ ଜପ,ଧ୍ୟାନ,ସତ୍ ସଙ୍ଗ ,ସ୍ୱାଧ୍ୟାୟ, ଇତ୍ୟାଦିରେ ରୁଚି ଓ ଶ୍ରଦ୍ଧା ଥିଲେ ମଧ୍ୟ ସେଥିରେ ଶିଥିଳତା ଆସିଯାଇଥାଏ । ଏହି ପରିସ୍ଥିତିରେ ସାଧକର ଅନ୍ତଃକରଣ ଓ ବହିଃକରଣ ସଂପୂର୍ଣ୍ଣ ଭାବରେ ବଶୀଭୂତ ହୋଇନ'ଥାନ୍ତି । ଶରୀରରୁ ପ୍ରାଣର ବିୟୋଗ କାଳରେ ସମତା ଭାବରୁ କିମ୍ବା ପରମାତ୍ମାଙ୍କ ସ୍ୱରୂପରୁ ମନର ବିଚଳିତ ଘଟେ । ଏଥିପାଇଁ ମନର ଚଞ୍ଚଳତା,କାମନା,ଆସକ୍ତି, ଶରୀରର ପୀଡା ଆଦି କାରଣ ହୋଇଥାଏ । ଅନ୍ତଃକାଳରେ ପରମାତ୍ମା ଚିନ୍ତନର ବିସ୍ମୃତ ଘଟି ବିଷୟ ଚିନ୍ତନ ହେବାରେ ମୋକ୍ଷପ୍ରାପ୍ତ ହୁଏନାହିଁ । କିନ୍ତୁ ଶ୍ରଦ୍ଧା ଓ ବିଶ୍ୱାସ ଅତୁଟ ଥିବାରୁ ସାଧକ ଭଗବତ୍ କୃପାରୁ ମଧ୍ୟ ବଞ୍ଚିତ ହୋଇନ'ଥାଏ । ସେହି ଜୀବତ୍ମାର କେଉଁ ଗତି ହୋଇଥାଏ ଅର୍ଜୁନ ତାହା ବିସ୍ତୃତ ଭାବରେ ଜାଣିବାକୁ ଇଚ୍ଛା କରିଛନ୍ତି ।

**କଚ୍ଚିନ୍ନୋଭୟବିଭ୍ରଷ୍ଟଶ୍ଛିନ୍ନାଭ୍ରମିବ ନଶ୍ୟତି ।**
**ଅପ୍ରତିଷ୍ଠୋ ମହାବାହୋ ବିମୂଢୋ ବ୍ରହ୍ମଣଃ ପଥି ॥ ୩୮ ॥**

*ଅନ୍ୱୟ : ମହାବାହୋ ( ହେ ମହାବାହୁ କୃଷ୍ଣ !) ଅପ୍ରତିଷ୍ଠ ( ସଂସାରରେ କୌଣସି ସ୍ଥିତି ନ'ରହିଥିବା – ନିରାଶ୍ରୟ ହୋଇଥିବା )ବ୍ରହ୍ମଣଃ-ପଥି-ବିମୁଢଃ ( ପରମାତ୍ମା ପ୍ରାପ୍ତି ମାର୍ଗରେ ବିଚଳିତ ହୋଇ–ବ୍ରହ୍ମ ପ୍ରାପ୍ତି ମାର୍ଗରୁ ବିଚ୍ୟୁତ ହୋଇ ) ଉଭୟ-ବିଭ୍ରଷ୍ଟଃ ( ଭୋଗ ଓ ମୋକ୍ଷ ଏହି ଉଭୟ ଦିଗରୁ ଭ୍ରଷ୍ଟ ହୋଇଥିବା ସାଧକ ) ଛିନ୍ନ-ଅଭ୍ରମ-ଇବ (ଛିନ୍ନ-ବିଚ୍ଛିନ୍ନ ବାଦଲ ଖଣ୍ଡ ଭଳି ) କଚ୍ଚିତ୍ (କଣ ) ନ ନଶ୍ୟତି ( ବିନଷ୍ଟ ହୁଅନ୍ତି ନାହିଁତ ?)*

**ଭାବାର୍ଥ:** ହେ ମହାବାହୁ ଶ୍ରୀ କୃଷ୍ଣ ! ଭଗବତ୍ ପ୍ରାପ୍ତି ମାର୍ଗରୁ ବିଚଳିତ ହୋଇଥିବା ସେହି ମୋହିତ ପୁରୁଷ ଆଧାତ୍ମିକ ମାର୍ଗରେ ପ୍ରତିଷ୍ଠିତ ହୋଇ ପାରିନ'ଥାଏ କି' ଭୌତିକ ବିଷୟ ସୁଖ ମଧ୍ୟ ଲବ୍ଧ କରିନ'ଥାଏ । ଆକାଶରେ ବୃହତ ମେଘଖଣ୍ଡରୁ ବିଚ୍ଛିନ୍ନ ହୋଇଥିବା କ୍ଷୁଦ୍ରମେଘ ଖଣ୍ଡ ନା' ବର୍ଷା କରିପାରେ, ନା' ଲେଉଟି ଯାଇ ପୁନଃ ମେଘ ଖଣ୍ଡରେ ମିଶିପାରେ । ପବନ ଦ୍ୱାରା ଭାସି ଯାଇ ଦେଖୁ ଦେଖୁ ନଷ୍ଟ ହୋଇ ଯାଇଥାଏ । ସେହି ପ୍ରକାର, ଶିଥିଳ ପ୍ରଯତ୍ନଶୀଳ ସାଧକ କିଛି କାଳ ସାଧନ କରି ତା'ପରେ ସାଧନକୁ ସ୍ଥଗିତ କରିଦେଇ ନଷ୍ଟ ହୋଇଯାଏ ନାହିଁ ତ ? ସେହି ଭ୍ରଷ୍ଟ ଯୋଗୀ ପରମାତ୍ମା ସ୍ୱରୂପରେ ପ୍ରବଶ କରିପାରି ନ'ଥାଏ, କି' ଇହଲୋକର ବିଷୟ ସୁଖ କିମ୍ବା ପରଲୋକର ସ୍ୱର୍ଗାଦି ଭୋଗକୁ ପ୍ରାପ୍ତ କରିନ'ଥାଏ । ସାଧକ ପ୍ରାରମ୍ଭରେ ସଂସାର ଆଶ୍ରୟକୁ ପରିତ୍ୟାଗ କରି ଯୋଗମାର୍ଗରେ ଆତ୍ମନୁଭୂତି ଲାଭ ନିମନ୍ତେ ସାଧନାରତ ହୁଏ । ମାତ୍ର ଜୀବିତା ଅବସ୍ଥାରେ ମନର ଚଞ୍ଚଳତା ଯୋଗୁଁ ପରମାତ୍ମାଙ୍କ ଚିନ୍ତନ ନ' ହେବାରୁ ସାଧନାରେ ଶିଥିଳତା ଆସିଯାଇଥାଏ । ଅନ୍ତଃକାଳରେ ବିବେକ ଓ ବୈରାଗ୍ୟ ଅଭାବରୁ ଯୋଗର ଅସମ୍ପନ୍ନରେ ମୁକ୍ତି ମଧ୍ୟ ପ୍ରାପ୍ତ ହୁଏନାହିଁ । ଅନ୍ୟଏକ ଦିଗରେ ଯୋଗ ସାଧନାରେ ଆଗ୍ରହ ରଖି ସକାମ କର୍ମ ଏବଂ ତଥା କଥିତ ଭୌତିକ ସୁଖକୁ ମଧ୍ୟ ତ୍ୟାଗ କରିଥାଏ । ପରିଣାମରେ ଇହଲୋକରେ କର୍ମ ଓ କର୍ମଫଳପ୍ରତି ଅନାସକ୍ତ କାରଣରୁ ବିଷୟଭୋଗ ମିଳିନ'ଥାଏ, କି' ପରଲୋକରେ କାମନା ରହିତ ଯୋଗୁଁ ସ୍ୱର୍ଗାଦି ସୁଖ ମଧ୍ୟ

ପ୍ରାପ୍ତ ହୋଇନ'ଥାଏ । ଜୀବିତାବସ୍ଥାରେ ସଂସାର ଉପରେ ଆଶ୍ରିତ ନରହି , ଅନ୍ତକାଳରେ ସ୍ୱର୍ଗ ଓ ମୁକ୍ତି ଉଭୟ ମାର୍ଗରୁ ଭ୍ରଷ୍ଟ ହୋଇଥିବା ଯୋଗୀର କେଉଁ ଗତି ପ୍ରାପ୍ତ ହୋଇଥାଏ ଅର୍ଜୁନ ତାହା ଭଗବାନଙ୍କଠାରୁ ଜାଣିବାକୁ ଚାହିଁଛନ୍ତି ।

**ଏତନ୍ମେ ସଂଶୟଂ କୃଷ୍ଣ ଛେତ୍ତୁମର୍ହସ୍ୟଶେଷତଃ ।**

**ତ୍ୱଦନ୍ୟଃ ସଂଶୟସ୍ୟାସ୍ୟ ଛେତ୍ତା ନ ହ୍ୟୁପପଦ୍ୟତେ ॥ ୩୯ ॥**

*ଅନ୍ୱୟ: କୃଷ୍ଣ ( ହେ କୃଷ୍ଣ ) ମେ ( ମୋର) ଏତତ୍ ( ଏହି ) ସଂଶୟମ୍ ( ସନ୍ଦେହ) ଅଶେଷତଃ ( ପୂର୍ଣ୍ଣରୂପେ – ନିଃଶେଷରେ)ଛେତ୍ତୁମ୍ (ଛେଦନ କରିବାକୁ ଅର୍ଥାତ୍ ମୋଚନ କରିବାକୁ ) ଅହର୍ସି ( ଆପଣ ହିଁ ସମର୍ଥ ବା ଯୋଗ୍ୟ ଅଟନ୍ତି )ଅସ୍ୟ ( ଏହି) ସଂଶୟସ୍ୟ (ସଂଶୟର) ଛେତ୍ତା ( ଛେଦନକାରୀ ବା ମୋଚନକାରୀ ) ନ ଉପପଦ୍ୟତେ ( ଅନ୍ୟ କେହି ଯୋଗ୍ୟ ରୂପରେ ମନେ ହେଉନାହାନ୍ତି) ।*

**ଭାବାର୍ଥ** : ମନର ଚଞ୍ଚଳତା କାରଣରୁ ଯୋଗସାଧନା ଅସମ୍ଭବ ବୋଲି ଅର୍ଜୁନଙ୍କର ଯେଉଁ ସଂଶୟ ଥିଲା ତାହା ଦୂର ହେଲାପରେ, ପରକ୍ଷଣରେ ତାଙ୍କରି ମନରେ ଦୁଇଟି ପ୍ରଶ୍ନ ଜାଗ୍ରତ ହୋଇଛି । ପ୍ରଥମ ପ୍ରଶ୍ନ ହେଲା, ଯୋଗରେ ଶ୍ରଦ୍ଧାଥିବା ସତ୍ତ୍ୱେ ସିଦ୍ଧି ଲାଭ କରିପାରି ନ'ଥିବା ସାଧକର ଶରୀର ତ୍ୟାଗ ପରେ କେଉଁ ଗତି ପ୍ରାପ୍ତହୁଏ ? ଦ୍ୱିତୀୟ ସନ୍ଦେହ ହେଲା, ଯେ' ଯୋଗଭ୍ରଷ୍ଟା , ସେ ମର୍ତ୍ତ୍ୟଲୋକ କି' ପରଲୋକ ମଧ୍ୟ ପ୍ରାପ୍ତ ନ'କରି ନଷ୍ଟ ଭ୍ରଷ୍ଟ ହୋଇଯାଏ ନାହିଁତ ? "ଅଭ୍ୟାସ ଏବଂ ବୈରାଗ୍ୟର ସାଧନାରେ ଯୋଗସିଦ୍ଧି ପ୍ରାପ୍ତହେବା ସମ୍ଭବ" ଏହି ସମାଧାନ ଭଗବାନଙ୍କ ମୁଖରୁ ଶୁଣିବା ପରେ ଅର୍ଜୁନଙ୍କ ମନରେ ଉପୋରୋକ୍ତ ଦୁଇଟି ସନ୍ଦେହ ସୃଷ୍ଟିହେବା ସ୍ୱାଭାବିକ । ପ୍ରଶ୍ନ ଓ ସମାଧାନ ମାଧ୍ୟମରେ ଭଗବାନଙ୍କର ଦ୍ୱାରା କୁହାଯାଇଥିବା ଯୋଗସାଧନର ଉପଦେଶ ସରଳ, ସହଜ ବୋଧଗମ୍ୟ ଓ ବାସ୍ତବ । ଭଗବାନ ଶ୍ରୀକୃଷ୍ଣଙ୍କ ଭଗବତ୍ତା ପ୍ରତି ଅର୍ଜୁନଙ୍କର ପ୍ରଥମରୁ ହିଁ ବିଶ୍ୱାସ ରହିଥିବାରୁ ସେ ଏକ ଅକ୍ଷୌହିଣୀ ସଶସ୍ତ୍ର ନାରାୟଣୀ ସେନାର ସହାୟତାକୁ ଉପେକ୍ଷା କରି ନିରସ୍ତ୍ର ରହିଥିବା ଶ୍ରୀକୃଷ୍ଣଙ୍କୁ ନିଜ ରଥରେ ସାରଥୀ ରୂପରେ ସ୍ୱୀକାର କରିଥିଲେ । ସେହି ଭଗବତ୍ତା ଉପରେ ଦୃଢ ଆସ୍ଥା ପ୍ରକଟ କରି, ଅର୍ଜୁନ ଭଗବାନଙ୍କୁ ପ୍ରାର୍ଥନା କରୁଛନ୍ତି, " ହେ ଭଗବନ୍ ! ଆପଣ ସର୍ବ ଅନ୍ତର୍ଯ୍ୟାମି,ସମସ୍ତ ମର୍ଯ୍ୟାଦାର ନିର୍ମାତା ଏବଂ ନିୟନ୍ତ୍ରକ , ସାକ୍ଷାତ୍ ପରମେଶ୍ୱର । ଅନନ୍ତକୋଟି ବ୍ରହ୍ମାଣ୍ଡରେ ଅନନ୍ତ ଜୀବାତ୍ମାର ଗତି, ଅଗତିର ରହସ୍ୟ ଆପଣ ହିଁ ଜାଣିଛନ୍ତି । ସମସ୍ତ ଲୋକ , ଲୋକାନ୍ତରରେ ତିନି କାଳରେ ଘଟୁଥିବା ସମସ୍ତ ଘଟଣା ଆପଣଙ୍କ ପାଇଁ ସଦା ପ୍ରତ୍ୟକ୍ଷ ଅଟେ । ତେଣୁ ଆପଣଙ୍କ ବ୍ୟତୀତ ଅନ୍ୟ କେହି ଏହି ରହସ୍ୟକୁ ବୁଝାଇବା ପାଇଁ ସମର୍ଥ ହେବେ ନାହିଁ । ଭାରତୀୟ ଦର୍ଶନ ଶାସ୍ତ୍ର ଏବଂ ସଂସ୍କୃତିରେ ପୁନର୍ଜନ୍ମକୁ ମାନି ନିଆ ଯାଇଅଛି । ଇସଲାମ , ଇସାହି ପରି ଅନ୍ୟ କେତକ ଧର୍ମ ଏବଂ ଧର୍ମ ପ୍ରବର୍ତ୍ତକ ପୁନର୍ଜନ୍ମକୁ ବିଶ୍ୱାସ କରନ୍ତି ନାହିଁ । କର୍ମର ବୈଚିତ୍ର୍ୟ, ସଂସାରର ବିସମତାକୁ ଦେଖିଲେ ପୁନର୍ଜନ୍ମକୁ ସ୍ୱୀକାର କରିବାକୁ ହେବ । କର୍ମର ଯଦି କୌଣସି ଭୂମିକା ନାହିଁ, ତା'ହେଲେ ସଂସାରରେ ପରମେଶ୍ୱର କାହାକୁ ବିଦ୍ୱାନ୍ ତ କାହାକୁ ମୂର୍ଖ, କାହାକୁ ରୋଗଗ୍ରସ୍ତ ତ କାହାକୁ ସ୍ୱସ୍ଥ,କାହାକୁ ଧନଶାଳୀ ତ କାହାକୁ କାଙ୍ଗାଳ କଣ ନିଜ ତରଫରୁ ତିଆରି କରିଥାନ୍ତି ? ଏହାର ସମାଧାନ ହେଉଛି, ଜୀବର ପୂର୍ବ ଜନ୍ମର କର୍ମ ସଂସ୍କାର ହିଁ ସଂସାରର ବିସମତାର କାରଣ । ଇଶ୍ୱର ହିଁ କର୍ମାନୁସାରେ ଜୀବକୁ ଭିନ୍ନ ଭିନ୍ନ ଫଳର ବିଧାନ କରିଥାନ୍ତି । କର୍ମର ଏହି ରହସ୍ୟ ଇହ ଲୋକରେ ସାଧାରଣ ମନୁଷ୍ୟ ପକ୍ଷେ ଜାଣିବା ଦୁର୍ବହ । କିଛି ସିଦ୍ଧ ପୁରୁଷ ବା ତତ୍ତ୍ୱଦର୍ଶୀ ଆଂଶିକ ଭାବରେ ଶାସ୍ତ୍ର ବାକ୍ୟକୁ ଆଧାର କରି ଏହି କର୍ମ ରହସ୍ୟ କୁ ଜାଣିଥାନ୍ତି । କିନ୍ତୁ ତାଙ୍କରି ଜ୍ଞାନ ମଧ୍ୟ ଏହି

ସମ୍ବନ୍ଧରେ ପୂର୍ଣ୍ଣ ନ'ହୋଇ ସୀମିତ ହୋଇଥାଏ । କୌଣସି ଶାସ୍ତ୍ରଜ୍ଞ କିମ୍ବା ବିଦ୍ୱାନ୍ ଶାସ୍ତ୍ରର ଗୂଢ ଓ କଠିନ ତତ୍ତ୍ୱକୁ ବୁଝାଇ ପାରନ୍ତି । କିନ୍ତୁ ସାଧନ ମାର୍ଗରୁ ପଥଭ୍ରଷ୍ଟ ହୋଇଥିବା ଜୀବାତ୍ମାର କେଉଁ ଗତି ହେବ, ତାହାର ସମାଧାନ ନିର୍ଣ୍ଣୟ କରି ପାରିବେ ନାହିଁ । ସଂସାର ସ୍ରଷ୍ଟା, ପାଳକ,ବିଲୟକାରୀ ଭଗବାନ ହିଁ ଏହାର ରହସ୍ୟ ଜାଣିବା ପାଇଁ ସମର୍ଥ । ଅନ୍ତର୍ଯ୍ୟାମି ରୂପରେ ସମସ୍ତଙ୍କ ହୃଦୟରେ ବିରାଜମାନ ହୋଇଥିବା ପରମାତ୍ମା ସାକ୍ଷୀ ରୂପରେ ଏକ ସମୟରେ ସବୁ ଦେଖିଥାନ୍ତି ଓ ଜାଣିଥାନ୍ତି । ତେଣୁ ସେ ହିଁ ସମସ୍ତ ଜୀବର ଗତି, ଆଗତି କୁ ବ୍ୟକ୍ତ କରିପାରିବେ । ଭଗବାନଙ୍କର ବାଣୀ ହିଁ ଏହି ସମ୍ବନ୍ଧରେ ସର୍ବଶେଷ ବାଣୀ ଏବଂ ପରମ ସମାଧାନ । ଅର୍ଜୁନଙ୍କର ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି ଆତ୍ମୀୟବୋଧତା ଆସିଯାଇଥିବା କାରଣରୁ ତାଙ୍କରି ଉପରେ ଅତୁଟ ବିଶ୍ୱାସ ଏବଂ ଆସ୍ଥା ଜାଗ୍ରତ ହୋଇଛି । ଶିଷ୍ୟର ଗୁରୁପ୍ରତି ଆତ୍ମୀୟବୋଧତା ଆସିଗଲେ, ଗୁରୁଙ୍କ ନିକଟରେ ସେ ପିତା ମାତା ତୁଲ୍ୟ ନିର୍ଭୀକ ହୋଇ ସନ୍ଦେହ ମୋଚନ ପାଇଁ ଗୁରୁଙ୍କ ଉପରେ ଆସ୍ଥା ପ୍ରକଟ କରିଥାଏ । ପ୍ରତ୍ୟେକ ଶିଷ୍ୟଙ୍କ ମନରେ ନିଜଗୁରୁଙ୍କ ପ୍ରତି ଏହି ବିଶ୍ୱାସ ଓ ଆସ୍ଥା ରହିବା ବିଧେୟ । ଏହା ହିଁ ହେଉଛି ଗୁରୁନିଷ୍ଠା ବା ଗୁରୁସେବା ।

**ଶ୍ରୀ ଭଗବାନ ଉବାଚ**

**ପାର୍ଥ ନୈବେହ ନାମୁତ୍ର ବିନାଶସ୍ତସ୍ୟ ବିଦ୍ୟତେ ।**
**ନ ହି କଲ୍ୟାଣକୃତ୍ କଶ୍ଚିଦ୍ଦୁର୍ଗତିଂ ତାତ ଗଚ୍ଛତି ॥ ୪୦ ॥**

*ଅନ୍ୱୟ : ଶ୍ରୀ ଭଗବାନ ଉବାଚ ( ଶ୍ରୀ ଭଗବାନ କହିଲେ ) ପାର୍ଥ ( ହେ ପୃଥା ନନ୍ଦନ ! ) ତସ୍ୟ ( ତାହାର) ଇହ ( ଏହି ମର୍ତ୍ତ୍ୟ ଲୋକରେ ) ଅମୁତ୍ର ( ପର ଲୋକରେ ) ଏବ ( ମଧ୍ୟ ) ବିନାଶଃ ( ବିନାଶ ବା ପତନ) ନ ବିଦ୍ୟତେ ( ହୋଇ ନ'ଥାଏ ) ହି ( ଯେ'ହେତୁ ) ତାତ ( ହେ ପୁତ୍ରେ !) କଲ୍ୟାଣ କୃତ୍ ( ମଙ୍ଗଳମୟ – ଶୁଭକର୍ମରେ ନିଯୁକ୍ତ) କଶ୍ଚିତ୍ ( କୌଣସି ବି ମନୁଷ୍ୟ ) ଦୁର୍ଗତିଂ ( ଦୁର୍ଗତି ) ନ ଗଚ୍ଛତି ( କେବେହେଲେ ପ୍ରାପ୍ତ ହୁଅନ୍ତି ନାହିଁ ) ।*

**ଭାବାର୍ଥ:** "ଯୋଗ ସିଦ୍ଧି ପ୍ରାପ୍ତ ହୋଇ ନ'ଥିବା ସାଧକର ଗତି ଇହ ଲୋକ ଏବ ପରଲୋକ ଉଭୟରୁ ବିଭ୍ରଷ୍ଟ ହୋଇ ବିନଷ୍ଟ ହୋଇଯାଏ ନାହିଁ ତ ?" ଅର୍ଜୁନ ପଚାରିଥିବା ଏହି ପ୍ରଶ୍ନର ଉତ୍ତର ଭଗବାନ କହିଛନ୍ତି , "ହେ ମୋର ପ୍ରିୟ ପାର୍ଥ ! ଏହି ଲୋକରେ କିମ୍ବା ଶରୀର ତ୍ୟାଗପରେ ପରଲୋକରେ ମଧ୍ୟ ସେହି ଅପ୍ରତିଷ୍ଠିତ ପୁରୁଷଙ୍କର ବିନାଶ ଅର୍ଥାତ୍ ତାଙ୍କରି ସମ୍ଭାବିତ ଦୁର୍ଗତି କେବେ ହୁଏନାହିଁ । ଏହା ତୁମ୍ଭେ ନିଶ୍ଚୟ ଜାଣିରଖ ଯେ' ଆତ୍ମା ଉଦ୍ଧାର ପରି ମଙ୍ଗଳମୟ କାର୍ଯ୍ୟରେ ପ୍ରବୃତ୍ତ ଥିବା ସାଧକ, କେବେହେଲେ ଦୁର୍ଗତି ଦେଇ ଗତି କରି ନ'ଥାନ୍ତି ।" ସାଧନର ପ୍ରମୁଖ ଦୁଇଟି ଆଭିମୁଖ୍ୟ ହେଲା ଲକ୍ଷ ଏବଂ ମାର୍ଗ । ଲକ୍ଷ ହେଉଛି ପରମାତ୍ମାପ୍ରାପ୍ତି ଏବଂ ମାର୍ଗ ଯାହାକି ଶାସ୍ତ୍ର ସମ୍ମତ ଏବଂ ସଂସାର କଲ୍ୟାଣକର । କୌଣସି ବର୍ଣ୍ଣାଶ୍ରମରେ ରହି ଯୋଗ ସାଧନ କାଳରେ ଏହି ଦୁଇଟି ସର୍ତ୍ତ ପୂରଣ କରୁଥିବା ସାଧକ, ସିଦ୍ଧତା ପ୍ରାପ୍ତ କରିବାକୁ ସକ୍ଷମ ନ'ହେଲେ ମଧ୍ୟ ତାହାର ବର୍ତ୍ତମାନର ସ୍ଥିତିରୁ ଏହି ଲୋକରେ କି' ପରଲୋକରେ ପତନ ଘଟି ନଥାଏ । ସାମର୍ଥ୍ୟ ଅନୁସାରେ ଶ୍ରଦ୍ଧା ପୂର୍ବକ ଆତ୍ମା ଉଦ୍ଧାର ରୂପକ କଲ୍ୟାଣକର ସାଧନରେ କୌଣସି ମଧ୍ୟ କାରଣରୁ ନୀଚ ଯୋନିଜନ୍ମ କିମ୍ବା କୁମ୍ଭୀପାକ ନର୍କଗତି ପ୍ରାପ୍ତ ହୁଏନାହିଁ । ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଟିକିଏ ମାତ୍ର ପ୍ରଚେଷ୍ଟା ବ୍ୟର୍ଥ ଯାଇ ନ'ଥାଏ ,ପରନ୍ତୁ ତାହାର ଅସ୍ତିତ୍ୱ ସଂସ୍କାର ରୂପରେ ଇହଲୋକ କିମ୍ବା ପର ଲୋକରେ ମଧ୍ୟ ଜୀବିତ ହୋଇ ରହିଥାଏ । ଟଙ୍କା କାରବାର କରୁଥିବା ମହାଜନ, ଋଣନେଇ ଥିବା ବ୍ୟକ୍ତିର

ପରିଶୋଧ କରିବାର ପ୍ରକୃତ ମନୋଭାବକୁ ଜାଣି ଗଲାପରେ, ତାର ପରିସ୍ଥିତିକୁ ହୃଦୟଙ୍ଗମ କରି ପରିଶୋଧ କରିବାର ଅବଧିକୁ ବଢ଼ାଇ ଦେଇଥାଏ । ସେହିପରି ପରମ ଦୟାଳୁ ଭଗବାନ , ସାଧକର ଅନ୍ତରରେ ପରମାତ୍ମା ପ୍ରାପ୍ତ ମନୋଭାବକୁ ଜାଣି, ପୂର୍ବ ପାପ କର୍ମର ଫଳକୁ ଅଟକାଇ ,ସମସ୍ତ ଅନୁକୂଳ ସ୍ଥିତି ପ୍ରାପ୍ତ କରାଇ , ଯୋଗ ସାଧନ ନିମନ୍ତେ ବାରମ୍ବାର ସୁଯୋଗ ଦେଇଥାନ୍ତି । ଆମ୍ଭେମାନେ ଦେଖିଥାଉ , ସମାଜରେ ଏପରି ବ୍ୟକ୍ତି ଅଛନ୍ତି, ସେମାନଙ୍କର ସାଧୁ, ସନ୍ଥ, ସତସଙ୍ଗ , ଜପ, ଧ୍ୟାନ ,ପରମାର୍ଥ କାର୍ଯ୍ୟ ପ୍ରତି ଶ୍ରଦ୍ଧା ରହିଥାଏ ଏବଂ କୌଣସି ସଦଗୁରୁଙ୍କ ଆଶ୍ରିତ ହୋଇ ସାଧନ ମଧ କରିଥାନ୍ତି । କିନ୍ତୁ ସଂସାରର ବ୍ୟବହାରିକ କ୍ଷେତ୍ରରେ ସ୍ୱଭାବ ବଶତଃ ହେଉ କିମ୍ବା ବିଷୟାସକ୍ତ କାରଣରୁ ହେଉ , ପାପ କର୍ମ ତଥା ଶାସ୍ତ୍ର ବିରୁଦ୍ଧ କର୍ମରେ ଲିପ୍ତ ଥିବାର ଦେଖିବାକୁ ମିଳିଥାଏ । ସେହିମାନକର ଗତି କଣ ହୁଏ, ଏହା ମଧ ବିଚାର୍ଯ୍ୟ ବିଷୟ । ଅନେକ ବ୍ୟାଖ୍ୟାକାରଙ୍କ ମତ ଅନୁସାରେ ଯେହେତୁ, ପରମାତ୍ମା ପ୍ରାପ୍ତି ଅଭିଳାଷ ବୀଜ ରୂପରେ ସେମାନଙ୍କର ଅନ୍ତଃକରଣରେ ରହିଥାଏ , ତାହାରି ପ୍ରଭାବରେ ସାଧୁ,ସନ୍ଥ , ସତସଙ୍ଗ ପ୍ରତି ଶ୍ରଦ୍ଧା ଭାବ ଜାଗ୍ରତ ହୁଏ । କିନ୍ତୁ ସାଧନାର ଅଭାବରେ ବୈରାଗ୍ୟ ଆସି ନ'ଥାଏ । ଭଗବାନ ସେହି ବ୍ୟକ୍ତି ମାନଙ୍କର ମଧ ସୁରକ୍ଷାକରି, ଜପ, ଧ୍ୟାନ, ସତସଙ୍ଗ ଆଦିର ଅଭ୍ୟାସରେ ଆସ୍ତେ ଆସ୍ତେ ଅନ୍ତଃକରଣ ଶୁଦ୍ଧକରି, ପାପ କର୍ମ ଏବଂ ମନ୍ଦବୁଦ୍ଧିରୁ ନିବୃତ୍ତ କରାଇଥାନ୍ତି । ଡେରିରେ ହେଲେ ମଧ, ଏହି ଜନ୍ମ କିମ୍ବା ପର ଜନ୍ମରେ ସେମାନଙ୍କର କଲ୍ୟାଣ ସୁନିଶ୍ଚିତ ହୋଇଥାଏ । ଭଗବାନ ଶ୍ରୀ କୃଷ୍ଣ ଅର୍ଜୁନଙ୍କୁ ଏହି ପଦରେ"ତାତ" ଅର୍ଥାତ୍ ପୁତ୍ର ବୋଲି ଅତ୍ୟନ୍ତ ସ୍ନେହଭରା ଭାବରେ ସଂପୂର୍ଣ୍ଣ ଗୀତାରେ ଥରେମାତ୍ର ଏହି ଶବ୍ଦ କହି ସମ୍ବୋଧନ କରିଛନ୍ତି । ତାତ୍ପର୍ଯ୍ୟ ହେଲା, ଆମରି ସନାତନ ଧର୍ମରେ ଉପନିଷଦ ବାକ୍ୟ ଅନୁସାରେ ଗୁରୁ ଶିଷ୍ୟର ସମ୍ବନ୍ଧ ହେଉଛି, ପିତା ପୁତ୍ରର ସମ୍ବନ୍ଧ । କୌଣସି ପିତା କେବେହେଲେ ନିଜ ପୁତ୍ରକୁ ମିଥ୍ୟା ପ୍ରତିଶ୍ରୁତି କିମ୍ବା ଅବାଞ୍ଛନୀୟ ଉପଦେଶ ଦେଇନ'ଥାନ୍ତି । ସେହିପରି ଶିଷ୍ୟ ମଧ ପିତୃ ତୁଲ୍ୟ ଗୁରୁଙ୍କ ନିକଟରେ ନିର୍ଭୀକ ଭାବରେ ନିଜର ସଂଶୟ ମୋଚନ ପାଇଁ ପ୍ରାର୍ଥନା କରିଥାଏ । ଭଗବାନ ଏହିଠାରେ ଅର୍ଜୁନଙ୍କ ଉଦ୍ଦେଶ୍ୟରେ "ତାତ" ଶବ୍ଦ ଉଚ୍ଚାରଣ କରି ସମଗ୍ର ମାନବ ସମାଜକୁ ନିଜର ପୁତ୍ର ବୋଲି ସମ୍ବୋଧନ କରି ଏହି ମହାନ୍ ସିଦ୍ଧାନ୍ତକୁ ଉପସ୍ଥାପନ କରିଛନ୍ତି ।

**ପ୍ରାପ୍ୟ ପୁଣ୍ୟକୃତାଂ ଲୋକାନୁଷିତ୍ୱା ଶାଶ୍ୱତାଃ ସମାଃ ।**
**ଶୁଚୀନାଂ ଶ୍ରୀମତାଂ ଗେହେ ଯୋଗଭ୍ରଷ୍ଟୋଽଭିଜାୟତେ ॥ ୪୧ ॥**

*ଅନ୍ୱୟ : ଯୋଗଭ୍ରଷ୍ଟଃ ( ଯାହାର ଯୋଗ ମାର୍ଗରୁ ପତିତ ହୋଇଥାଏ - ଯୋଗରୁ ଭ୍ରଷ୍ଟ ପୁରୁଷ) ପୂଣ୍ୟ-କୃତାନ୍ ( ପୁଣ୍ୟବାନ୍ ପୁରୁଷ ) ଲୋକାନ୍ ( ପ୍ରାପ୍ତବ୍ୟ ଲୋକ ) ପ୍ରାପ୍ୟ ( ଲାଭକରି) ଶାଶ୍ୱତାଃ ସମାଃ ( ଅନେକ ସମ୍ବତ୍ସର - ଅନନ୍ତ କାଳ ପର୍ଯ୍ୟନ୍ତ) ଉଷିତ୍ୱା ( ରହିବା ପରେ ) ଶୁଚୀନାଂ( ସଦାଚାର ସମ୍ପନ୍ନ ) ଶ୍ରୀମତାଂ ( ଶ୍ରୀ ସମ୍ପନ୍ନ ମାନଙ୍କର)ଗେହେ ( ଗୃହରେ ) ଅଭିଯାୟତେ ( ଜନ୍ମ ଲାଭ କରନ୍ତି ) ।*

**ଭାବାର୍ଥ :** ପ୍ରତ୍ୟେକ ଜୀବାତ୍ମା ନିଜର ପୂର୍ବଜନ୍ମ କୃତ କର୍ମଫଳ ଭୋଗ ନିମିତ୍ତ ଅନୁକୂଳ ପରିବେଶରେ ଜନ୍ମ ଗ୍ରହଣ କରନ୍ତି । ଯୋଗ ଓ ଭୋଗ ପରସ୍ପର ବିପରିତମୁଖୀ । କିଞ୍ଚିତ୍ ମାତ୍ର ଭୋଗ ଇଚ୍ଛା ରହିଲେ, ଯୋଗସାଧନରେ ପରମାତ୍ମା ପ୍ରାପ୍ତିରୁ ବଞ୍ଚିତ ହୋଇ ଯୋଗରୁ ପତନ ହୋଇଥାଏ । ସେହିପରି ବିଷୟ ଭୋଗରୁ ନିବୃତ୍ତ ରହି ପରମାତ୍ମାପ୍ରାପ୍ତ ଲକ୍ଷ୍ୟରେ ଅନାସକ୍ତ ଭାବରେ ସାଧନାରତ ହେଲେ ଯୋଗ ପ୍ରାପ୍ତହୁଏ । ମର୍ତ୍ତ୍ୟଲୋକରୁ ବ୍ରହ୍ମଲୋକ ମଧରେ ଜନଲୋକ, ପିତୃଲୋକ, ତପଲୋକ,

ସତ୍ୟଲୋକ, ଦେବଲୋକ, ସ୍ୱର୍ଗାଦି ଦିବ୍ୟଲୋକ ଭଳି ଅନେକ ଲୋକ ରହିଅଛି । ସକାମ ପୁରୁଷ ଭୋଗ-ଉପଭୋଗର ଯାଚନା ରଖି ଯଜ୍ଞ, ତପ, ଦାନ ଆଦି କର୍ମ ଶାସ୍ତ୍ରବିଧିପ୍ରକାରେ ଅନୁଷ୍ଠାନ କରି ସ୍ୱର୍ଗାଦି ଉଚ୍ଚଲୋକକୁ ପ୍ରାପ୍ତ ହୁଅନ୍ତି । ସେମାନଙ୍କ ପାଇଁ ଭୋଗବୁଦ୍ଧିରେ କରିଥିବା ପୁଣ୍ୟକର୍ମ, ଏହି ସ୍ୱର୍ଗଲୋକ ପ୍ରାପ୍ତିର କାରଣ ହୁଏ । ସ୍ୱର୍ଗଲୋକ ପ୍ରାପ୍ତ ହୋଇଥିବା ସକାମୀ ପୁରୁଷ, କର୍ମଫଳର ଭୋଗ କ୍ଷୟ ହେବାପରେ ପୁନଃ ମର୍ତ୍ତ୍ୟଲୋକକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଯୋଗ ସାଧନାରେ ଅନ୍ତଃକାଳରେ ମନର ବିକ୍ଷେପ ଦୋଷରୁ କିମ୍ବା ମାୟାଶକ୍ତିର ପ୍ରଲୋଭନରେ ବିଷୟାସକ୍ତ ହୋଇ ପରମାତ୍ମା ପ୍ରାପ୍ତିରୁ ବଞ୍ଚିତ ହୋଇଥିବା ସାଧକକୁ ଯୋଗଭ୍ରଷ୍ଟ କୁହାଯାଇଛି । ଯୋଗଭ୍ରଷ୍ଟ ପୁରୁଷ ଦେହ ତ୍ୟାଗପରେ, ପୁଣ୍ୟବାନ୍ ଯେଉଁ ଲୋକ ପ୍ରାପ୍ତ ହୋଇଥାନ୍ତି, ସେହି ଲୋକକୁ ପ୍ରାପ୍ତ ହୁଏ । ଯୋଗଭ୍ରଷ୍ଟ ପରମାତ୍ମା ପ୍ରାପ୍ତି ନ'ହୋଇ ଦଣ୍ଡ ସ୍ୱରୂପ ଏହି ସ୍ୱର୍ଗଲୋକକୁ ପ୍ରାପ୍ତ କରିଥାନ୍ତି । ଉଚ୍ଚ ଲୋକପ୍ରାପ୍ତି ନିମନ୍ତେ କର୍ମ କାରଣ ନ'ହୋଇ ପୂର୍ବଜନ୍ମର ଯୋଗରୁ ବିଚଳିତ ସ୍ଥିତି କାରଣ ହୋଇଥାଏ । ଅନ୍ତଃକରଣରେ ପରମାତ୍ମା ପ୍ରାପ୍ତି ଉଦ୍ଦେଶ୍ୟ ରହିଥିବାରୁ, ସ୍ୱର୍ଗୀୟ ଭୋଗକୁ ବିଘ୍ନ ମନେକରିଥାନ୍ତି । ସ୍ୱର୍ଗ ଲୋକରେ ଅନନ୍ତ କାଳ ପର୍ଯ୍ୟନ୍ତ ରହିଲେ ମଧ୍ୟ , ଯୋଗଭ୍ରଷ୍ଟ ଜୀବାତ୍ମାର ସାଧନ ସମ୍ପତ୍ତି କ୍ଷୟ ହୋଇନ'ଥାଏ । ତାଙ୍କରି ସ୍ୱର୍ଗଲୋକରେ ଅବସ୍ଥାନ କରିବାର ଅବଧି ପୂର୍ବ ଜନ୍ମର ଯୋଗ ସାଧନାର ସ୍ଥିତି ଉପରେ ନିର୍ଭର କରେ । ସଂସ୍କାରରେ ଯେତେ ଅଧିକ ଭୋଗାସକ୍ତ ସୂକ୍ଷ୍ମ ଭାବରେ ରହିଥାଏ, ସେତେ ଅଧିକ କାଳ ସେହି ଉଚ୍ଚ ଲୋକରେ ଅବସ୍ଥାନ କରନ୍ତି । ପ୍ରବଳ ପରମାତ୍ମା ପ୍ରାପ୍ତି ଇଚ୍ଛାରେ ପ୍ରେରିତ ହୋଇ ଯୋଗଭ୍ରଷ୍ଟ ପବିତ୍ର, ସମ୍ଭ୍ରାନ୍ତ ସମୃଦ୍ଧିଶାଳୀ ପରିବାରରେ ଜନ୍ମ ଗ୍ରହଣକରେ । "ଶୁଚୀନାଂ ଶ୍ରୀମତାଂ ଗେହେ" ଅର୍ଥ ହେଲା ଯେଉଁ ଘରେ ଭଗବାନଙ୍କର ନାମ ଗୁଣକୀର୍ତ୍ତନ ହେଉଥିବ, ପରିବାରରେ ସମସ୍ତେ ଦୈବି ଗୁଣ ସମ୍ପନ୍ନ ହୋଇ ଭଗବାନଙ୍କର ଆଶ୍ରିତ ହୋଇଥିବେ , ତାହାକୁ ପବିତ୍ର ଗୃହ କୁହାଯିବ । ସେହିପରି ଯେଉଁଘର ନ୍ୟାୟୋପାର୍ଜିତ ଧନ-ଧାନ୍ୟରେ ପରିପୂର୍ଣ୍ଣ ହୋଇଥାଏ , ଅନ୍ୟାୟ ଅଧର୍ମକୁ ପ୍ରଶୟ ନ'ଦେଇ, ସମସ୍ତ ପ୍ରାପ୍ତ ବସ୍ତୁ ଭଗବାନଙ୍କର ମାନି, ସଂସାର କଲ୍ୟାଣରେ ବିନିଯୋଗ ହୋଇଥାଏ, ସେହି ଘର ହେଉଛି ଶ୍ରୀମନ୍ତ ଗୃହ । ସାଧାରଣତଃ ଶ୍ରୀମନ୍ତ ଏବଂ ପବିତ୍ର ଏକ ସ୍ଥାନରେ ରହିବା ଦୁର୍ଲଭ । ଯେଉଁଠାରେ ହରିନାମ ,ଭଗବଦ୍ ବିଚାର ରହିଥାଏ, ସେହିଠାରେ ଭୌତିକ ଧନ ସମ୍ପତ୍ତିର ପ୍ରାଚୁର୍ଯ୍ୟତା ନ'ଥାଏ । ଯେଉଁଠାରେ ଧନ ସମ୍ପତ୍ତିର ପ୍ରାଚୁର୍ଯ୍ୟତା ଥାଏ , ସେହିଠାରେ ଧର୍ମ, ନୀତି, ଈଶ୍ୱର ବିଶ୍ୱାସ ଦେଖିବାକୁ ମିଳି ନ'ଥାଏ । ସଦାଚାର ସମ୍ପନ୍ନ ଓ ଶ୍ରୀ ସମ୍ପନ୍ନ ଏକ ସାଙ୍ଗରେ ଯେଉଁ ସ୍ଥାନରେ ରହିଥାଏ, , ତାହା ବୈକୁଣ୍ଠପୁର ସଦୃଶ । ତେଣୁ ଯୋଗଭ୍ରଷ୍ଟ ନିଜର ସାଧନକୁ ଆଗକୁ ବଢାଇ ନେବାପାଇଁ ସେହି ଶୁଦ୍ଧ ଶ୍ରୀମନ୍ତ ଗୃହରେ ଜନ୍ମ ଗ୍ରହଣ କରିଥାନ୍ତି । ମନର ବିଚଳତା କାରଣରୁ ବୈରାଗ୍ୟବାନ୍ ଯୋଗଭ୍ରଷ୍ଟ ଏହିଲୋକ ପ୍ରାପ୍ତ ନ'ହୋଇ ଯୋଗୀକୂଳରେ ଜନ୍ମ ନେଇଥାନ୍ତି ,ଅର୍ଥାତ୍ ଅତି ଶୀଘ୍ର ସଦ୍ ଗୁରୁଙ୍କୁ ପ୍ରାପ୍ତ କରିଥାନ୍ତି ।

ଅଥବା ଯୋଗିନାମେବ କୁଳେ ଭବତି ଧୀମତାମ୍ ।
ଏତଦ୍ଧି ଦୁର୍ଲଭତରଂ ଲୋକେ ଜନ୍ମ ଯଦୀଦୃଶମ୍ ॥ ୪୨ ॥

*ଅନ୍ୱୟ:ଅଥବା ( ଅଥବା ବୈରାଗ୍ୟବାନ୍ ଯୋଗଭ୍ରଷ୍ଟ ) ଧୀମତାମ୍( ଜ୍ଞାନବାନ୍ ) ଯୋଗିନାମ୍ ଏବ କୁଳେ (ଯୋଗୀ ମାନଙ୍କ କୁଳରେ ହିଁ ଭବତି ( ଜନ୍ମ ଗ୍ରହଣ କରନ୍ତି ) ଇଦୃଶମ୍ (ଏହି ସଦୃଶ) ଯତ୍ ଜନ୍ମ ( ଯେଉଁ ଜନ୍ମ ) ଏତତ୍ ( ଏହି ) ଲୋକେ ( ସଂସାରରେ ) ହି ( ନିଶ୍ଚିତ ଭାବରେ) ଦୁର୍ଲଭତରମ୍ ( ଅତ୍ୟନ୍ତ ଦୁର୍ଲଭ) ।*

**ଭାବାର୍ଥ :** ଯେଉଁ ସାଧକର ଭୋଗରେ ଯଥାର୍ଥ ବୈରାଗ୍ୟ ରହିଥାଏ, ତାଙ୍କ ନିମନ୍ତେ ସ୍ୱର୍ଗାଦି ଲୋକ ପ୍ରାପ୍ତ କରି ବହୁ କାଳପର୍ଯ୍ୟନ୍ତ ଭୋଗ-ପରିବେଶରେ ନିବାସ କରିବା ଦଣ୍ଡ ସାଦୃଶ ମନେ ହୋଇଥାଏ । ଭଗବତ୍ ପ୍ରାପ୍ତିରେ ବିଳମ୍ବ ହେବା, କେବେହେଲେ ଶୁଦ୍ଧ ବୈରାଗ୍ୟର ଫଳ ହୋଇନ'ଥାଏ। ଯୋଗାଭ୍ୟାସରେ ଭୋଗବୁଦ୍ଧି ରଖି ନ'ଥିବା ସାଧକ କୌଣସି ବିଶେଷ କାରଣରୁ ପୂର୍ଣ୍ଣତା ପ୍ରାପ୍ତି ନ'ହେଲେ , ତାହାଙ୍କୁ ସ୍ୱର୍ଗାଦି ଲୋକ ପ୍ରାପ୍ତ କରିବାକୁ ପଡି ନ'ଥାଏ । ସେହି ଜୀବାତ୍ମା ଯୋଗଭ୍ରଷ୍ଟ ରୂପରେ ଗୃହସ୍ଥ ଆଶ୍ରମରେ ରହିଥିବା ଯୋଗସିଦ୍ଧ ତତ୍ତ୍ୱଜ୍ଞଙ୍କ କୁଳରେ ଜନ୍ମ ଗ୍ରହଣ କରିଥାନ୍ତି । ଯାହାର ପୂର୍ବ କଥିତ ପବିତ୍ର ଶ୍ରୀମନ୍ତଙ୍କ ଗୃହରେ ଜନ୍ମ ହୁଏନାହିଁ, ସେହି ଯୋଗଭ୍ରଷ୍ଟ ତତ୍ତ୍ୱଜ୍ଞାନୀ ସିଦ୍ଧଯୋଗୀଙ୍କ କୁଳରେ ଜନ୍ମଲାଭ କରିଥାନ୍ତି । ମହର୍ଷି ବଶିଷ୍ଠ, ଯଜ୍ଞବାଲ୍କ୍ୟ,ବ୍ୟାସ, ଜନକ,ଅଶ୍ୱପତି, ଏବଂ ରୈକ ଆଦି ମହାପୁରୁଷ ଗୃହସ୍ଥାଶ୍ରମରେ ସନ୍ତାନ ସୃଷ୍ଟିର ପରମ୍ପରାରେ ରହି , ପରମାତ୍ମା ତତ୍ତ୍ୱଜ୍ଞାନ ପ୍ରାପ୍ତ କରିଛନ୍ତି । ଏହାକୁ ଶାସ୍ତ୍ର ସମ୍ମତ ମାନି ନିଆଯାଇଛି । ଏହି ସିଦ୍ଧ ମହାପୁରୁଷମାନେ ଗାର୍ହସ୍ଥ୍ୟ ଧର୍ମୋଚିତ କର୍ତ୍ତବ୍ୟ ସମ୍ପାଦନ କରି ରାଜର୍ଷି, ବ୍ରହ୍ମର୍ଷି ରୂପରେ ପ୍ରତିଷ୍ଠିତ ହୋଇଛନ୍ତି । ମହାତ୍ମାଙ୍କ କୁଳରେ ଜନ୍ମଲାଭ କରି ଶୈଶବରୁ ଆଧ୍ୟାତ୍ମିକ ପ୍ରେରଣା ପ୍ରାପ୍ତ ହେବା, ଯୋଗୀମୁନିଙ୍କ ଗହଣରେ ରହି ଉଚିତ ଜ୍ଞାନ ପ୍ରାପ୍ତ ହେବା, କମ୍ ସୌଭାଗ୍ୟର ବିଷୟ ହୋଇନ'ଥାଏ । ଏହାମଧ ଶାସ୍ତ୍ର ପ୍ରମାଣିତ ଯେ, ବ୍ରହ୍ମଜ୍ଞାନୀଙ୍କ କୁଳରେ ଜନ୍ମନେଇଥିବା ବୈରାଗ୍ୟବାନ୍ ଯୋଗଭ୍ରଷ୍ଟ ଅଜ୍ଞାନୀ ଅର୍ଥାତ୍ ବ୍ରହ୍ମଜ୍ଞାନ ରହିତ ହୁଅନ୍ତି ନାହିଁ । ଆମରି ଭାରତ ବର୍ଷରେ ଆଚାର୍ଯ୍ୟ, ଗୋସ୍ୱାମୀ, ଶାସ୍ତ୍ରୀ ଭଳି ଅନେକ କୁଳ ମାନଙ୍କରେ ଏବେ ମଧ ଯୋଗାଭ୍ୟାସ ପରମ୍ପରା ରୂପରେ ପ୍ରଚଳିତ ହୋଇ ଆସୁଛି । ଏହି କୁଳରେ ଜନ୍ମ ଲାଭ କରିଥିବା ବ୍ୟକ୍ତିର ସ୍ଥୂଳ ଶରୀରରେ ଶୁକ୍ର ଶୋଣିତ ଦ୍ୱାରା ଯୋଗାଭ୍ୟାସର ଅଂଶ ରହିଥିବା ହେତୁ ସେହିମାନେ ଜ୍ଞାନୀ ଏବଂ ସଦାଚାରୀ ହୋଇଥାନ୍ତି । ଯୋଗସତ୍ତ୍ୱ ଥିବା ଶରୀରରେ ପୂର୍ବ ଜନ୍ମର ଶୁଦ୍ଧ ସଂସ୍କାର ଯୁକ୍ତ ହେବା ଦ୍ୱାରା , ସିଦ୍ଧପ୍ରାପ୍ତ କରିବାରେ ବିଶେଷ ସୁଗମତା ହୋଇଥାଏ । ଏହିପରି ଶ୍ରେଷ୍ଠ ଜନ୍ମ ପ୍ରାପ୍ତ ହେବା ମର୍ତ୍ତ୍ୟଲୋକରେ ଅତ୍ୟନ୍ତ ଦୁର୍ଲଭ । ସଂସାରରେ ସନ୍ତାନ ଉତ୍ପନ ଦ୍ୱାରା କୁଳର ବିସ୍ତାରକୁ "ବିନ୍ଦୁଜ" କୁହାଯାଏ । ପାରମାର୍ଥିକ ମାର୍ଗରେ କୁଳର ବିସ୍ତାରକୁ "ନାଦଜ" କୁହାଯାଇଛି । ତତ୍ତ୍ୱଜ୍ଞ ଜୀବନାମୁକ୍ତ ମହାପୁରୁଷଙ୍କ ସଙ୍ଗ ପ୍ରାପ୍ତ ସାଧକ "ନାଦଜ" ଅଟନ୍ତି । ଯେଉଁମାନେ ମହାପୁରୁଷଙ୍କ ନାଦ ବା ଉପଦେଶ ଦ୍ୱାରା ପରମାର୍ଥିକ ମାର୍ଗ ଅବଲମ୍ବନ କରିଥାନ୍ତି ,ସେହିମାନଙ୍କୁ "ନାଦଜ" ପ୍ରଜା କୁହାଯିବ । ଶୁଦ୍ଧଶ୍ରୀମନ୍ତ ଗୃହ ପ୍ରାପ୍ତ ପରିବର୍ତ୍ତେ, ସ୍ଥିର ଜ୍ଞାନବାନ୍ ଯୋଗୀ କୁଳରେ ଅର୍ଥାତ୍ ଗୁରୁ-ଶିଷ୍ୟ ପରମ୍ପରାରେ ଯୋଗଭ୍ରଷ୍ଟ ପ୍ରବେଶ ପାଇଥାଏ । କବିର, ତୁଳସୀ, ରୈଦାସ, ବାଲ୍ମୀକି ଆଦି ମହାତ୍ମା ମାନଙ୍କୁ ଶୁଦ୍ଧ ଶ୍ରୀମନ୍ତ ଗୃହ ପ୍ରାପ୍ତ ହୋଇନ'ଥିଲା । ଅନ୍ୟ କେତେକ ବ୍ୟାଖ୍ୟାକାରଙ୍କ ମତରେ, ତତ୍ତ୍ୱଦର୍ଶୀ, ସଦଗୁରୁ ପ୍ରାପ୍ତ ହୋଇ ସଂସ୍କାରର ପରିବର୍ତ୍ତନ ହେବା ମଧ ଏକ ନୂତନ ଜନ୍ମ ପ୍ରାପ୍ତ ସାଦୃଶ ହୋଇଥାଏ । ଗୃହତ୍ୟାଗ ପୂର୍ବରୁ ଇହଲୋକରେ ଜନ୍ମଲାଭ କରିଥିବା ଯୋଗଭ୍ରଷ୍ଟ କୌଣସି ମହାପୁରୁଷ, ମହାତ୍ମାଙ୍କ ଅନ୍ୱେଷଣରେ ରହିଥାଏ । ବୈରାଗ୍ୟରେ ପୂର୍ଣ୍ଣତା ଆସିବା ମାତ୍ରେ, ବିଧିଦ୍ୱାରା ନିର୍ଦ୍ଧାରିତ ହୋଇ ରହିଥିବା

ତତ୍ତ୍ୱଦର୍ଶୀ ମହାପୁରୁଷଙ୍କର ସାକ୍ଷାତ ଘଟିଥାଏ । ତତ୍ତ୍ୱଜ୍ଞାନ ପ୍ରାପ୍ତିର ପ୍ରବଳ ଇଚ୍ଛାରେ ରହିଥିବା ଯୋଗଭ୍ରଷ୍ଟ ସେହି ତତ୍ତ୍ୱଦର୍ଶୀଙ୍କୁ ପିତୃତୁଲ୍ୟ ଗୁରୁରୂପରେ ଗ୍ରହଣ କରି ସାଧନାର ପୂର୍ଣ୍ଣତା ନିମିତ୍ତ ଆଶ୍ରିତ ହୋଇଥାନ୍ତି । ଯେଉଁ ଶିଷ୍ୟ ଗୁରୁଙ୍କର ମର୍ଯ୍ୟାଦାକୁ ଅନୁଷ୍ଠାନ କରିଥାନ୍ତି , ତାଙ୍କରି ମହତ୍ତ୍ୱ ଗୁରୁଙ୍କ ନିକଟରେ ପୁତ୍ରଠାରୁ ଅଧିକ ହୋଇଥାଏ ।

**ତତ୍ର ତଂ ବୁଦ୍ଧି ସଂଯୋଗଂ ଲଭତେ ପୌର୍ବଦେହିକମ୍ ।**

**ଯତତେ ଚ ତତୋ ଭୂୟଃ ସଂସିଦ୍ଧୌ କୁରୁନନ୍ଦନ ॥ ୪୩ ॥**

*ଅନ୍ୱୟ: କୁରୁନନ୍ଦନ ( ହେ କୁରୁନନ୍ଦନ !) ତତ୍ର ( ସେହି ଜନ୍ମରେ ) ପୌର୍ବଦେହିକମ୍ ( ପୂର୍ବଦେହ ଲବ୍ଧ ) ତଂ ବୁଦ୍ଧି ( ସେହି ସାଧନ ସମ୍ପତ୍ତି – ବ୍ରହ୍ମତତ୍ତ୍ୱ ସମ୍ବନ୍ଧୀୟ ବୁଦ୍ଧିର ସଂଯୋଗ ) ଲଭତେ ( ଲାଭ କରନ୍ତି) ଚ ( ଏବଂ ) ତତଃ ( ତାହାପରେ) ଭୂୟଃ ( ପୁନର୍ବାର ) ସଂସିଦ୍ଧୌ ( ମୋକ୍ଷପ୍ରାପ୍ତି ନିମିତ୍ତ ) ଯତତେ ( ପ୍ରଯତ୍ନ କରିଥାନ୍ତି ) ।*

**ଭାବାର୍ଥ:** ହେ କୁରୁନନ୍ଦନ ! ତତ୍ତ୍ୱଜ୍ଞାନୀଙ୍କ କୂଳରେ ଜନ୍ମଲାଭ କରିଥିବା କାରଣରୁ ଯୋଗଭ୍ରଷ୍ଟର ଅନ୍ତଃକରଣରେ ପୂର୍ବଦେହ ଲବ୍ଧ ପରମାତ୍ମା ତତ୍ତ୍ୱ ସମ୍ପନ୍ନ ବୁଦ୍ଧିର ଜାଗ୍ରତ ହୋଇଥାଏ । ସମସ୍ତ ସାଧନ ସାମଗ୍ରୀ ଏବଂ ଅନୁକୂଳ ପରିବେଶ ତାହାକୁ ସେହିଠାରେ ପ୍ରାପ୍ତ ହୋଇଥାଏ । ତାହାପରେ ଯୋଗଭ୍ରଷ୍ଟ ପରମାତ୍ମା ତତ୍ତ୍ୱଜ୍ଞାନ ପ୍ରାପ୍ତ ନିମନ୍ତେ ଅଧିକ ପ୍ରଯତ୍ନଶୀଳ ହୁଏ । ପୂର୍ବଜନ୍ମରେ ହୋଇଥିବା ସାଧନ ବା ଯୋଗାଭ୍ୟାସ କେବେ ବି ବୃଥା ଯାଇନ'ଥାଏ । ପୂର୍ବଜନ୍ମର ଦେହତ୍ୟାଗ ଅବସ୍ଥାରେ ଅନ୍ତଃକରଣରେ ଯେତିକି ଶୁଦ୍ଧ ହୋଇଥାଏ , ତାହା ବର୍ତ୍ତମାନର ଶରୀରରେ ସଂସ୍କାର ରୂପରେ ପ୍ରାପ୍ତ ହୋଇଥାଏ । ସଂସ୍କାରର ପ୍ରଭାବରେ ଯୋଗଭ୍ରଷ୍ଟ ଅଧିକ ପ୍ରଯତ୍ନଶୀଳ ହୋଇ ଅନାୟସରେ ସଫଳତାର ଶୀର୍ଷରେ ପହଞ୍ଚିଥାଏ । ତେଣୁ ଭଗବାନଙ୍କୁ ପ୍ରାପ୍ତ କରିବାକୁ ହେଲେ ବର୍ତ୍ତମାନଠାରୁ ହିଁ ଭଗବାନଙ୍କର ଐଶ୍ୱରିକତା, ପବିତ୍ରତା, ଓ ସମତାକୁ ନିଜର ଚତୁର୍ପାର୍ଶ୍ୱରେ ସ୍ଥାପିତ କରିବାକୁ ହେବ । ଜୀବ ନିଜକୁ ଉଦ୍ଧାର କରିବା ପାଇଁ ଟିକିଏ ମାତ୍ର ଉଦ୍ୟମ ଜାରି ରଖିଲେ ,ଭଗବାନ ମଧ୍ୟ କୃପା ପରବଶ ହୋଇ ନିଜ ପକ୍ଷରୁ ବହୁବାର ସୁଯୋଗ ସୃଷ୍ଟି କରିଥାନ୍ତି । ଭଗବାନ ଏହି ପଦରେ ଅର୍ଜୁନଙ୍କୁ "କୁରୁନନ୍ଦନ" ବୋଲି ସମ୍ବୋଧନ କରି ଏହା ସୂଚାଇଛନ୍ତି କି' ହେ ଅର୍ଜୁନ ! ତୁମ୍ଭେ ମଧ୍ୟ "କୁରୁବଂଶ" ଭଳି ମହାନ୍ ପରମ୍ପରାଯୁକ୍ତ କୂଳରେ ଜନ୍ମ ଲାଭ କରିଅଛ । ତାହାରି କାରଣରୁ ଏହି ଯୋଗ ମାର୍ଗର ସମସ୍ତ ତତ୍ତ୍ୱକୁ ନିଃସନ୍ଦେହ ଭାବରେ ପ୍ରାପ୍ତ କରିବାର ଜିଜ୍ଞାସା ତୁମ୍ଭଠାରେ ଜାଗ୍ରତ ହୋଇଅଛି ।

**ପୂର୍ବାଭ୍ୟାସେନ ତେନୈବ ହ୍ରିୟତେ ହ୍ୟବଶୋଽପି ସଃ ।**

**ଜିଜ୍ଞାସୁରପି ଯୋଗସ୍ୟ ଶବ୍ଦବ୍ରହ୍ମାତିବର୍ତ୍ତତେ ॥ ୪୪ ॥**

*ଅନ୍ୱୟ : ସଃ ( ଶ୍ରୀମନ୍ତ ଗୃହରେ ଜନ୍ମ ଲାଭ କରିଥିବା ମୁମୁକ୍ଷୁ ଯୋଗୀ) ଅବଶଃ ଅପି ( ଭୋଗାଦି ପରବଶ ହୋଇଥିଲେ ମଧ୍ୟ ) ତେନ ( ସେହି) ପୂର୍ବାଭ୍ୟାସେନ ( ପୂର୍ବଜନ୍ମକୃତ ଅଭ୍ୟାସ ବଶତଃ ) ଏବ ( ହିଁ ) ହ୍ରିୟତେ ( ବିଷୟ ଠାରୁ ଦୂରରେ ରହି ପରମାତ୍ମା ପ୍ରତି ଆକୃଷ୍ଟ ହୁଏ) ଯୋଗସ୍ୟ (ଯୋଗର ସ୍ୱରୂପକୁ) ଜିଜ୍ଞାସୁଃ ଅପି ( ଜାଣିବାକୁ ଇଚ୍ଛା କରୁଥିବା ପୁରୁଷ ମଧ୍ୟ ) ଶବ୍ଦବ୍ରହ୍ମ ( ବେଦ ବର୍ଣ୍ଣିତ ସକାମ କର୍ମ ଓ କର୍ମଫଳ ପ୍ରାପ୍ତି ବିଧି ସମୂହକୁ ) ଅତିବର୍ତ୍ତତେ ( ଅତିକ୍ରମଣ କରିଥାଏ ) ।*

**ଭାବାର୍ଥ :** ଶ୍ରୀମନ୍ତ ଗୃହରେ ଜନ୍ମ ଲାଭ କରିଥିବା ମୁମୁକ୍ଷୁ ଯୋଗୀ ଭୋଗାଦି ସାମଗ୍ରୀର ପ୍ରାଚୁର୍ଯ୍ୟ ଭିତରେ ରହିଥିଲେ ମଧ୍ୟ, ପୂର୍ବ ଜନ୍ମର ସଂସ୍କାର ବଳରେ ଏହି ଜନ୍ମରେ ସ୍ୱତଃ ଭଗବତ୍ ମାର୍ଗ ପ୍ରତି ଆକର୍ଷିତ ହୁଏ । ଯଦି ପୂର୍ବ ଜନ୍ମରେ ଯୋଗାଭ୍ୟାସ ପ୍ରାରମ୍ଭ ମାତ୍ର ହୋଇଥାଏ, ତାହେଲେ ସେହି ସଂସ୍କାରରେ ଏତିକି ଶକ୍ତି ନ'ଥାଏ ଯାହା ଏହି ଜନ୍ମରେ ପ୍ରତିବନ୍ଧକକୁ ହଟାଇ ପରମାତ୍ମାଭିମୁଖ କରାଇ ପାରିବ । ଏହାର ସମାଧାନରେ ଭଗବାନ ଏହି ଶ୍ଳୋକରେ ଯୋଗର ମହତ୍ତ୍ୱକୁ ପ୍ରତିପାଦନ କରିଛନ୍ତି । ଯୋଗ ଏପରି ଏକ ଉତ୍ତମ ବସ୍ତୁ, ଏହାର "ଜିଜ୍ଞାସୁ" ଅର୍ଥାତ୍ ଯୋଗତତ୍ତ୍ୱକୁ ଜାଣିବାକୁ ଇଚ୍ଛା କରୁଥିବା ପୁରୁଷ ମଧ୍ୟ ବ୍ରହ୍ମନିଷ୍ଠ ସ୍ଥିତିକୁ ପ୍ରାପ୍ତ କରିବାକୁ ସମର୍ଥ ହୋଇଥାଏ । ପୂର୍ବଜନ୍ମର ସଂସ୍କାର ଯାହାକୁ ଦୈବୀ କୁହାଯାଏ, ତାହା ଯଦି ଦୁର୍ବଳ ଥାଏ, ଏହି ଜନ୍ମରେ ପୁରୁଷାର୍ଥ ପ୍ରବଳ ହେବାଦ୍ୱାରା ଦୈବୀ ହଟି ଯାଇଥାଏ । ପୂର୍ବଜନ୍ମର ସଂସ୍କାର ପ୍ରବଳ ଥାଇ ଏହି ଜନ୍ମର ପୁରୁଷାର୍ଥ ଦୁର୍ବଳ ହେଲେ, ପୁରୁଷାର୍ଥ ବିଫଳ ହୁଏ । ଦୈବୀ ଅନୁସାରେ ହିଁ ସିଦ୍ଧି ବା ଅସିଦ୍ଧି ହୁଏ । ଦୈବୀକୁ ତ ଆମ୍ଭେମାନେ ଜାଣି ପାରୁନାହୁଁ । ତେଣୁ ସର୍ବଦା ପାପ କର୍ମରୁ ନିବୃତ୍ତ ରହିବା ପାଇଁ ଚେଷ୍ଟିତ ରହିବା ଉଚିତ । ପ୍ରବଳ ପ୍ରତିବନ୍ଧକ ରହିଥିଲେ ମଧ୍ୟ ଯୋଗଭ୍ରଷ୍ଟ ପୁରୁଷ ବିବଶ ହୋଇ ପୂର୍ବାଭ୍ୟାସ କାରଣରୁ ଯୋଗ ସାଧନାରେ ଲାଗିରହେ । ଧ୍ରୁବ , ପ୍ରହ୍ଲାଦ ଆଦି ଭକ୍ତମାନେ ପ୍ରବଳ ପ୍ରତିବନ୍ଧକ ସତ୍ତ୍ୱେ ଭକ୍ତିମାର୍ଗରେ ଅଗ୍ରସର ହୋଇ ପରମ ପାଦକୁ ପ୍ରାପ୍ତ ହୋଇଛନ୍ତି । ଯଦି କୌଣସି କାରଣରୁ ଯୋଗଭ୍ରଷ୍ଟ ପୁରୁଷ ସ୍ତ୍ରୀ, ପୁତ୍ର,ଧନ ,ମାନ, ବଡ଼ାଇ ଆଦି ଭୋଗର ବଶ ହୋଇଯାଏ, ତା'ହେଲେ ପୂର୍ବଜନ୍ମର ସଂସ୍କାର ତାହାକୁ ଭଗବତ୍ ମାର୍ଗକୁ ଟାଣି ନେଇଥାଏ । ବେଦର କର୍ମକାଣ୍ଡରେ ବର୍ଣ୍ଣିତ ସକାମ କର୍ମର ବିଧି, ବିଧାନ ମନୁଷ୍ୟକୁ ଇହଲୋକ ଏବଂ ସ୍ୱର୍ଗାଦି ଲୋକ ପ୍ରାପ୍ତ କରାଇବା ପାଇଁ ସମର୍ଥ କରାଇଥାଏ । କିନ୍ତୁ ସେ ସମସ୍ତ ସୁଖ ଇନ୍ଦ୍ରିୟ ଭୋଗ ମଧ୍ୟରେ ସୀମିତ ରହିଥାଏ । ପୁଣ୍ୟକର୍ମ ଫଳର ଅନ୍ତ ଘଟିଲେ ଜୀବ ପୁନଃ ଜନ୍ମ- ମୃତ୍ୟୁ ଚକ୍ରରେ ଅନନ୍ତକାଳ ପର୍ଯ୍ୟନ୍ତ ଘୁରି ବୁଲୁଥାଏ । ପରମାତ୍ମାତତ୍ତ୍ୱ ପ୍ରାପ୍ତି ଇଚ୍ଛା ରହିଥିବା ଉଚ୍ଚସ୍ତରର ଯୋଗୀ ବେଦରେ ବର୍ଣ୍ଣିତ ରହିଥିବା ବିଧି-ନିଷେଧର ଉର୍ଦ୍ଧ୍ୱରେ ରହିଥାନ୍ତି । ପରମାତ୍ମାଭିମୁଖ ହୋଇ ଯୋଗ ସାଧନର ସ୍ୱରୂପକୁ ଜାଣିବାକୁ ଇଚ୍ଛା କରୁଥିବା ପୁରୁଷ ଅନ୍ତଃମୁଖୀ ହୋଇ ଯାଇଥାଏ । ବେଦର କର୍ମକାଣ୍ଡରେ ବର୍ଣ୍ଣିତ ସକାମ କର୍ମର ବିଧି ନିଷେଧ ଆଦିରୁ ମୁକ୍ତହୋଇ ସ୍ୱଚ୍ଛନ୍ଦରେ ବ୍ରହ୍ମନିଷ୍ଠକୁ ପ୍ରାପ୍ତ ହୋଇଥାଏ । ଅତଏବ, ଯୋଗଭ୍ରଷ୍ଟର ପତନର ପ୍ରଶ୍ନ ନାହିଁ । ଯୋଗରେ ପ୍ରବୃତ୍ତ ରହିଥିବାରୁ ତାହାର ଉଦ୍ଧାର ସୁନିଶ୍ଚିତ ।

**ପ୍ରଯତ୍ନାଦ୍ ଯତମାନସ୍ତୁ ଯୋଗୀ ସଂଶୁଦ୍ଧକିଲ୍ ବିଷଃ ।**
**ଅନେକଜନ୍ମସଂସିଦ୍ଧସ୍ତତୋ ଯାତି ପରାଂ ଗତିମ୍ ॥ ୪୫ ॥**

*ଅନ୍ୱୟ : ତୁ ( କିନ୍ତୁ) ପ୍ରଯତ୍ନାତ୍ ( କଠିନ ସାଧନ ପୂର୍ବକ ) ଯତମାନଃ ( ଯୋଗାଭ୍ୟାସ – ପ୍ରଚେଷ୍ଟା ଜାରି ରଖିଥିବା ) ଯୋଗୀ ( ସାଧକ ) ସଂଶୁଦ୍ଧକିଲ୍ ବିଷଃ ( ସମସ୍ତ ପାପ-ପୂଣ୍ୟ କର୍ମରୁ ମୁକ୍ତ ହୋଇ ଅର୍ଥାତ୍ ନିଷ୍ପାପ ହୋଇ ) ଅନେକ-ଜନ୍ମ-ସଂସିଦ୍ଧଃ ( ଏହିପରି ଅନେକ ଜନ୍ମର ପ୍ରଚେଷ୍ଟାରେ ସିଦ୍ଧି ପ୍ରାପ୍ତ ହୋଇ ) ପରାଂ ଗତିମ୍ ( ମୋକ୍ଷ ରୂପକ ଶ୍ରେଷ୍ଠ ଗତିକୁ ପ୍ରାପ୍ତ ହୁଅନ୍ତି )*

**ଭାବାର୍ଥ :** ପବିତ୍ର ଶ୍ରୀମନ୍ତ ଗୃହରେ ଜନ୍ମ ନେଇଥିବା ଯୋଗଭ୍ରଷ୍ଟ କାହାରି ପ୍ରଭାବରେ ଓ କିପରି ଭାବରେ ଯୋଗ ମାର୍ଗରେ ପୁନଃ ଆରୁଢ ହୋଇ ପୂର୍ଣ୍ଣତା ପ୍ରାପ୍ତ କରିଥାଏ, ତାହା ଭଗବାନ ଏହି ଶ୍ଳୋକରେ ବୁଝାଇଛନ୍ତି । ବହୁକାଳ ପର୍ଯ୍ୟନ୍ତ ପୁଣ୍ୟଲୋକରେ ରହିବାପରେ ଯୋଗଭ୍ରଷ୍ଟ ଶ୍ରୀମନ୍ତ ଗୃହରେ ଜନ୍ମଲାଭ କରିଥିଲେ ମଧ୍ୟ ତାହାରି ଭୋଗପ୍ରତି ରୁଚି ନଥାଏ । ପୂର୍ବଜନ୍ମର ସଂସ୍କାର-ବଳ ପ୍ରଭାବରେ ପରମାତ୍ମା ପ୍ରାପ୍ତ ଲକ୍ଷ ତୀବ୍ରତର ହୋଇଥାଏ । ମୋକ୍ଷପ୍ରାପ୍ତି ନିମିତ୍ତ ମନରେ ବ୍ୟାକୁଳତା, ଉତ୍କଣ୍ଠା ଉତ୍ତରୋତ୍ତର ବୃଦ୍ଧିହେଲେ, ଅନେକ ପ୍ରତିବନ୍ଧକକୁ ଅଧିକ ଯତ୍ନର ସହିତ ସାଧକକୁ ସାମନା କରିବାକୁ ପଡେ । ପୂର୍ବକୃତ କୌଣସି ଜନ୍ମର ଯୋଗ ସାଧନ ବ୍ୟର୍ଥ ଯାଇନ'ଥାଏ । ଯୋଗ ଧର୍ମର ସ୍ୱଳ୍ପ ଅଭ୍ୟାସ ମଧ୍ୟ ଜନ୍ମ-ମୃତ୍ୟୁ ଭଳି ମହାନ୍ ଭୟରୁ ଉଦ୍ଧାର କରିଥାଏ । ପ୍ରତ୍ୟେକ ଜନ୍ମର ଅଳ୍ପ ଅଳ୍ପ ଶୁଭକର୍ମ ସଞ୍ଚିତ ହୋଇ, କ୍ରମେ ସମଷ୍ଟିଭୂତ ବୃହତ୍ ଶୁଭ ପ୍ରାରବ୍ଧରେ ପରିଣତ ହୋଇ ମୋକ୍ଷ ମାର୍ଗର ନିୟାମକ ହୁଏ । ଏଠାରେ "ସଂଶୁଦ୍ଧକିଲ୍ ବିଷଃ " ଶବ୍ଦ ଅନ୍ତଃକରଣର ଶୁଦ୍ଧି ଅର୍ଥରେ କୁହାଯାଇଛି । ବିଷୟ ଭୋଗ, ଦ୍ରବ୍ୟସଂଗ୍ରହ , ମାନ, ପ୍ରତିଷ୍ଠା, ଏସବୁ ପ୍ରତି ସାଧକର ଅନ୍ତଃକରଣରେ କିଞ୍ଚିତ୍ ମାତ୍ର ଆସକ୍ତି ଦୋଷ ଓ ପାପ ସଦୃଶ । ଗୋଟିଏ ଜନ୍ମ ହେଉ କି' ହଜାରେ ଜନ୍ମ ହେଉ, ଯେ ପର୍ଯ୍ୟନ୍ତ ଅନ୍ତଃକରଣ ଶୁଦ୍ଧି ହୋଇନାହିଁ ଏବଂ ଚିତ୍ତବୃତ୍ତି ନିରୁଦ୍ଧ ହୋଇନାହିଁ, ସେ ପର୍ଯ୍ୟନ୍ତ ସାଧକ ପୂର୍ଣ୍ଣତା ପ୍ରାପ୍ତକରି ବ୍ରହ୍ମନିଷ୍ଠ ହୋଇପାରିବ ନାହିଁ । ପରମ ଗତିର ଅବ୍ୟବହିତ ପୂର୍ବାବସ୍ଥାର ନାମ "ସଂସିଦ୍ଧ" । ତେଣୁ ସାଧକ କେତେ ଜନ୍ମ ଲାଗିବ, ତାହାରି ଉପରେ ଦୃଷ୍ଟିନ'ରଖି ଅନ୍ତଃକରଣର ପବିତ୍ରତା ପ୍ରାପ୍ତି ଉପରେ ମହତ୍ତ୍ୱ ଦେଇ, ସାଧନ ମାର୍ଗରୁ ପଛକୁ ହଟିବାକୁ ହେବନାହିଁ । ପୂର୍ବ ଜନ୍ମର ସଂସ୍କାର ବଳରେ ବିଶେଷ ପ୍ରଯତ୍ନର ସହିତ ଏହି ଜନ୍ମରେ ସାଧକ ଯୋଗାରୂଢ ହୋଇ ସାଧନାର ପରାକାଷ୍ଠାକୁ ପ୍ରାପ୍ତ କରିଥାଏ । ସାଧନାର ପରାକାଷ୍ଠା ରୂପ ସଂସିଦ୍ଧିକୁ ପ୍ରାପ୍ତ ହେବାର ପଶ୍ଚାତ୍ , ତତ୍କାଳ ହିଁ ପରମାଗତିକୁ ପ୍ରାପ୍ତହୁଏ । ଟିକିଏ ମଧ୍ୟ ବିଳମ୍ବ ହୁଏନାହିଁ । ପରମାଗତି ପ୍ରାପ୍ତକୁ ପରମପାଦ ପ୍ରାପ୍ତି, ବ୍ରହ୍ମ ନିର୍ବାଣ ରୂପ ମୋକ୍ଷ ମଧ୍ୟ କୁହାଯାଇଛି । ମୋକ୍ଷ ପ୍ରାପ୍ତର କ୍ରମ ହେଲା, ପ୍ରଥମେ ଶିଥିଳ ପ୍ରଯତ୍ନରେ ଯୋଗ ଆରମ୍ଭହୁଏ । ତାପରେ ମନ ଚଳାୟମାନ ହେବା କାରଣରୁ ପବିତ୍ର ଓ ଶ୍ରୀମନ୍ତ ଗୃହରେ ଯୋଗଭ୍ରଷ୍ଟ ରୂପରେ ଜନ୍ମ ହୋଇଥାଏ । ତଦନନ୍ତର, କୌଣସି ସଦଗୁରୁଙ୍କ ଶରଣ ନେଇ ବ୍ରହ୍ମଜ୍ଞାନ ପ୍ରାପ୍ତହୋଇ ପରମଧାମକୁ ଗତି ହୋଇଥାଏ । କିମ୍ବା ଅନେକ ଜନ୍ମ ଧରି ବିଶେଷ ଯୋଗ ସାଧନାରେ ଅନ୍ତଃକରଣକୁ ସମସ୍ତ ପାପରୁ ମୁକ୍ତ କରାଇ ଅନ୍ତିମ ଜନ୍ମରେ ବ୍ରହ୍ମ ନିର୍ବାଣ ରୂପ ମୋକ୍ଷକୁ ପ୍ରାପ୍ତ ହୋଇଥାଏ । ପରମାତ୍ମାଙ୍କ ପ୍ରତି ଆକର୍ଷିତ ହୋଇ ମୋକ୍ଷପ୍ରାପ୍ତ ନିମନ୍ତେ ଯେ କୌଣସି ବର୍ଣ୍ଣାଶ୍ରମରେ ରହି ସାଧନ କରିବାର ମାର୍ଗ ଭଗବାନ ଏହି ଅଧ୍ୟାୟରେ ଅତି ପ୍ରାଞ୍ଜଳ ଭାବରେ ବୁଝାଇଛନ୍ତି । ବିଶେଷକରି ଗୃହସ୍ଥ ଆଶ୍ରମରେ ରହିଥିବା କର୍ମଯୋଗୀର ସାଧନା ପ୍ରାରମ୍ଭରେ ଶିଥିଳ ହୋଇଥାଏ । ଭଗବାନ ଅର୍ଜୁନଙ୍କୁ ଲକ୍ଷ୍ୟ କରି ସମସ୍ତ ଗୃହସ୍ଥାଶ୍ରମ ସାଧକକୁ ବ୍ରହ୍ମନିଷ୍ଠ ସ୍ଥିତିରେ ପହଞ୍ଚିବାର ମାର୍ଗଦର୍ଶାଇଛନ୍ତି । ଗୀତା ବାଣୀ ଗୃହସ୍ଥ – ସନ୍ୟାସୀ,ଶିକ୍ଷିତ-ଅଶିକ୍ଷିତ,ସର୍ବ ସାଧାରଣଙ୍କ ପାଇଁ ପରମାତ୍ମା ପ୍ରାପ୍ତିର ମାର୍ଗ ପ୍ରଦର୍ଶକ । ଗୀତା ଜ୍ଞାନ ମନୁଷ୍ୟକୁ ଅଜ୍ଞାନ ଅନ୍ଧକାର ସ୍ତରରୁ ନେଇ ସେହି ପରମ ଜ୍ୟୋତି ପରମାତ୍ମାଙ୍କ ନିକଟରେ ପହଞ୍ଚାଇ ଭବ ସାଗରରୁ ଉଦ୍ଧାର କରିବାରେ ସହାୟକ ହୋଇଥାଏ ।

**ତପସ୍ୱିଭ୍ୟୋଽଧିକୋ ଯୋଗୀ ଜ୍ଞାନିଭ୍ୟୋଽପି ମତୋଽଧିକଃ ।**
**କର୍ମିଭ୍ୟଶ୍ଚାଧିକୋ ଯୋଗୀ ତସ୍ମାଦ୍ ଯୋଗୀ ଭବାର୍ଜୁନ ॥ ୪୬ ॥**

*ଅନ୍ୱୟ:ଯୋଗୀ ( ଯୋଗୀ ପୁରୁଷ) ତପସ୍ୱିଭ୍ୟଃ ( ତପସ୍ୱୀ ମାନଙ୍କ ଅପେକ୍ଷା ) ଅଧିକଃ (ଶ୍ରେଷ୍ଠ) ଜ୍ଞାନିଭ୍ୟଃ ଅପି (ଜ୍ଞାନି ମାନଙ୍କ ଅପେକ୍ଷା ମଧ୍ୟ ) ଅଧିକଃ ( ଶ୍ରେଷ୍ଠ) ଚ ( ଏବଂ ) କର୍ମିଭ୍ୟଃ ( ସକାମ ଭାବ ଯୁକ୍ତ କର୍ମ ମାନଙ୍କ ଅପେକ୍ଷା ) ଯୋଗୀ (ଯୋଗୀ) ଅଧିକଃ (ଶ୍ରେଷ୍ଠ) ତସ୍ମାତ୍ ( ତେଣୁ ) ଅର୍ଜୁନ ( ହେ ଅର୍ଜୁନ !) ଯୋଗୀ ଭବ ( ତୁମ୍ଭେ ଯୋଗୀ ହୁଅ ) ।*

**ଭାବାର୍ଥ:** ଜୀବନର ପରମ ଲକ୍ଷ ହେଉଛି ଭଗବାନ ପ୍ରାପ୍ତି । ଜୀବାତ୍ମାର ଚେତନ ସ୍ୱରୂପକୁ ପରମ ସତ୍ୟ ପରମାତ୍ମା ସହିତ ନିରନ୍ତର ଯୁକ୍ତ କରି ରଖିବାର ପ୍ରଚେଷ୍ଟା ହେଉଛି ଯୋଗ ସାଧନ । ଆତ୍ମା- ପରମାତ୍ମା ଅଭିନ୍ନ ସ୍ଥିତିର ଅପରୋକ୍ଷ ଅନୁଭୂତି ହେଉଛି ଯୋଗ ସାଧନର ପୂର୍ଣ୍ଣତା । ଯାହାକୁ ସେହି ଦିବ୍ୟ ଅନୁଭବତା ପ୍ରାପ୍ତ ହୋଇଛି ସେ ଯୋଗୀ । ଯୋଗୀ ସର୍ବଦା ଅନ୍ତଃମୁଖୀ ହୋଇଥାଏ । ଯିଏ ଯୋଗୀ, ତାହାର ସଂସାରର ବ୍ୟବହାରିକ କ୍ଷେତ୍ରରେ, ସମସ୍ତ ସଂକଳ୍ପ ଓ ଆଚରଣରେ , ଜ୍ଞାନ, ବୁଦ୍ଧି ଓ ବିଚାରରେ ଏକ ପରମାତ୍ମା ତତ୍ତ୍ୱ ଅତିରିକ୍ତ ଅନ୍ୟ କୌଣସି ବସ୍ତୁ ସହିତ ସମ୍ବନ୍ଧ ରହି ନ'ଥାଏ । ଇହଲୋକ, ପରଲୋକରେ ରିଦ୍ଧି,ସିଦ୍ଧି, ଅଲୌକିକ ଶକ୍ତି ଆଦିକୁ ଆୟତ୍ତ କରିବା ଲକ୍ଷରେ ଯେଉଁମାନେ କ୍ଷୁଧା,ତୃଷା,ଶୀତ,ଉଷ୍ମ ପ୍ରଭୃତି ଶାରୀରିକ କଷ୍ଟକୁ ସହନ କରିଥାନ୍ତି, ସେହିମାନଙ୍କୁ ଏହିଠାରେ "ତପସ୍ୱୀ" କୁହାଯାଇଛି । ସ୍ୱର୍ଗାଦି ଭୋଗ ପ୍ରାପ୍ତ ଅଭିଳାଷ ରଖି କୃଚ୍ଛ ଚାନ୍ଦ୍ରାୟଣାଦି ବ୍ରତ-ତପ କରୁଥିବା ସାଧକ ମଧ୍ୟ ତପସ୍ୱୀ । ସର୍ବ ଶ୍ରେଷ୍ଠ ପରମାନନ୍ଦ ଭଳି ଦିବ୍ୟ ଅନୁଭବତାକୁ ପ୍ରାପ୍ତ କରି ସାରିଲାପରେ ଯୋଗୀ ନିମନ୍ତେ ତାହାଠାରୁ ଅଧିକ ଆଉକିଛି ବସ୍ତୁପ୍ରାପ୍ତ କରିବାର ଇଚ୍ଛା ରହିନ'ଥାଏ । ତେଣୁ ଯୋଗୀ ତଥାକଥିତ ତପସ୍ୱୀ ଠାରୁ ବହୁତ ଉର୍ଦ୍ଧ୍ୱରେ । ବେଦ, ଶାସ୍ତ୍ର, ଉପନିଷଦ ଓ ଆଚାର୍ଯ୍ୟ ମାନଙ୍କ ଉପଦେଶ ସମୂହକୁ ବିବେକ ବୁଦ୍ଧିଦ୍ୱାରା ବ୍ୟାଖ୍ୟା ଓ ବିବେଚନା କରି ପାରୁଥିବା ପଣ୍ଡିତ ମାନଙ୍କୁ "ଜ୍ଞାନୀ" ଶବ୍ଦଦ୍ୱାରା ଏହିଠାରେ ସୂଚିତ କରାଯାଇଛି । ଯାହାର ଜୀବନ ପ୍ରଣାଳୀ ଅନାତ୍ମା ବିନାଶଶୀଳ ବସ୍ତୁ ସହିତ ଜଡିତ, ସେ ଅନେକ ଶାସ୍ତ୍ରଜ୍ଞାନର ଅଧିକାରୀ ହୋଇଥିଲେ ମଧ୍ୟ, ସେହିଜ୍ଞାନ ଜୀବନର ଅନ୍ତିମ ଲକ୍ଷ୍ୟରେ ପହଞ୍ଚାଇବା ନିମନ୍ତେ ଉପଯୋଗ ହୋଇନ'ଥାଏ । ଶାସ୍ତ୍ର, ପୂରାଣ, ଭଗବାନଙ୍କର ଲୀଳା କଥାକୁ ସୁମଧୁର ବାଣିରେ କହି ପାରୁଥିଲେ ମଧ୍ୟ, ସେ ନିଜର ଆତ୍ମା ଉଦ୍ଧାର ପ୍ରତି ସାଧନ ପରାୟଣ ହୋଇ ନ'ଥାନ୍ତି । ଆତ୍ମା-ପରମାତ୍ମା ବିଷୟରେ ଶାସ୍ତ୍ର ଓ ଆଚାର୍ଯ୍ୟଙ୍କ ଠାରୁ ପ୍ରାପ୍ତ ହୋଇଥିବା ଜ୍ଞାନ ନିଜଠାରେ ପ୍ରୟୋଗ ହେଲାପରେ ନିଜ ଅନୁଭୂତି ହିଁ ବିଜ୍ଞାନ । ଜ୍ଞାନ –ବିଜ୍ଞାନ ଦ୍ୱାରା ଯାହାର ଆତ୍ମା ସର୍ବଦା ତୃପ୍ତ ହୋଇଥାଏ, ସେ ହେଉଛି ପ୍ରକୃତ ଯୋଗୀ । ଜୀବର ହୃଦୟରେ ନିବାସ କରୁଥିବା ପରମାତ୍ମା ହେଉଛନ୍ତି ସ୍ୱୟଂ ଜ୍ଞାନ ସ୍ୱରୂପ । ଗୁଣ-ବିକାର ସହିତ ଅହଙ୍କାର ଅନ୍ତଃକରଣରୁ ବିନଷ୍ଟ ହେଲେ ଜ୍ଞାନ ସ୍ୱୟଂ ପ୍ରକାଶମୟ ହୋଇଥାଏ । ଯୋଗୀ ନିଜ ହୃଦୟରେ ସେହି ଦିବ୍ୟ ଜ୍ୟୋତିର୍ମୟ ଜ୍ଞାନ ସ୍ୱରୂପକୁ ଅନୁଭବ କରିସାରିବା ପରେ ,ଆଉକିଛି ଜାଣିବାର ଆବଶ୍ୟକତା ରହିନ'ଥାଏ । ତେଣୁ ଭଗବାନ କହୁଛନ୍ତି ଯେ' ତଥା କଥିତ ସେହି ଶାସ୍ତ୍ରଜ୍ଞ, ପଣ୍ଡିତ କିମ୍ବା ପ୍ରବଚକ ଅପେକ୍ଷା ଯୋଗୀ ଶ୍ରେଷ୍ଠ ଅଟନ୍ତି । ସ୍ତ୍ରୀ, ପୁତ୍ର, ଧନ ଏବଂ ସ୍ୱର୍ଗାଦି ସୁଖ ପ୍ରାପ୍ତ ନିମନ୍ତେ ସକାମ ଭାବରେ ଯଜ୍ଞ,ଦାନ, ପୂଜା,ସେବା, ଆଦି ଶାସ୍ତ୍ର ବିହିତ ଶୁଭକର୍ମ କରୁଥିବା

ପୁରୁଷକୁ "କର୍ମୀ" କୁହାଯାଇଛି । କର୍ମ ଓ କର୍ମଫଳ ପ୍ରତି ଆସକ୍ତି ହୋଇ ସେବା, ଦାନ, ଭଳି ପୂଣ୍ୟ କର୍ମ ଅନୁଷ୍ଠାନ କରୁଥିବା ବ୍ୟକ୍ତି କର୍ମୀ ସିନା ହୋଇଥାଏ କିନ୍ତୁ ଯୋଗୀ ହୋଇନ'ଥାଏ । ଯୋଗୀ କର୍ମ ଓ କର୍ମ ଫଳକୁ ପ୍ରାରମ୍ଭରୁ ହିଁ ଭଗବାନଙ୍କୁ ସମର୍ପଣ କରି ଦେଇଥାଏ । ପ୍ରାପ୍ତ ହୋଇଥିବା ସମସ୍ତ ସାମଗ୍ରୀକୁ ,ଏପରିକି ନିଜର ଭୌତିକ ଶରୀରକୁ ଯୋଗୀ ଭଗବାନଙ୍କର ମନେକରି ସଂସାର ସେବାରେ ଉତ୍ସର୍ଗ କରିଦେଇଥାଏ । କର୍ମଯୋଗ ସାଧନାର ଅନ୍ତିମ ସ୍ଥିତି ହେଉଛି "ସମତା'କୁ ପ୍ରାପ୍ତ କରିବା । କର୍ମଯୋଗ ଦ୍ୱାରାସିଦ୍ଧିପ୍ରାପ୍ତ ଯୋଗୀରଏହି ସଂସାରରେ କୌଣସି କର୍ମ କରିବାର ପ୍ରୟୋଜନ ରହି ନଥାଏ କି' ନ କରିବାର ମଧ ପ୍ରୟୋଜନ ନ'ଥାଏ । ବସ୍ତୁ, ପଦାର୍ଥ, ଜୀବ ସହିତ କିଞ୍ଚିତମାତ୍ର ସ୍ୱାର୍ଥଗତ ସମ୍ବନ୍ଧ ନ'ଥାଇ ଯୋଗୀ ଜୀବନାମୁକ୍ତ ସ୍ଥିତିରେ ରହିଥାଏ । ସଂସାର ବିମୁଖ ହୋଇ ପରମାତ୍ମା ପ୍ରାପ୍ତ ଲକ୍ଷ୍ୟରେ ସାଧନାରତ ଯୋଗୀ ତଥା କଥିତ ମହାନ ତପସ୍ୱୀ, ଶାସ୍ତ୍ରଜ୍ଞ , ଓ କର୍ମାଣିଆ ମାନଙ୍କ ଠାରୁ ବହୁତ ଉଚ୍ଚ ଏବଂ ଶ୍ରେଷ୍ଠ ଅଟନ୍ତି । ତପ , ଜ୍ଞାନ , କର୍ମ ଏହି ତିନୋଟି ଯୋଗ ସାଧନାର ଅବିଛେଦ୍ୟ ଅଙ୍ଗ ହୋଇଥିଲେ ମଧ, ଯଦି ଲକ୍ଷ୍ୟପରମାତ୍ମାଭିମୁଖ ନ'ହୋଇ ସଂସାର ଅଭିମୁଖ ହୁଏ, ତାହେଲେ ତାହା ଯୋଗ ନହୋଇ ଭୋଗ ହୋଇଥାଏ । କେହି କେହି ବ୍ୟାଖ୍ୟାକାର, ଜ୍ଞାନୀ ଠାରୁଯୋଗୀ ଶ୍ରେଷ୍ଠ କହିଥିବା ଉକ୍ତିକୁ ଭଗବାନ ପଞ୍ଚମ ଅଧ୍ୟାୟରେ ଜ୍ଞାନଯୋଗ ଅର୍ଥାତ୍ କର୍ମ ସନ୍ୟାସ ଠାରୁ କର୍ମଯୋଗ ଶ୍ରେଷ୍ଠ ବୋଲି କହିଥିବା ମତର ପୁନରାବୃତ୍ତି ବୋଲି କହିଛନ୍ତି । ଅର୍ଜୁନଙ୍କର ବର୍ତ୍ତମାନ ସ୍ଥିତିରେ ସେ ସନ୍ୟାସ ମାର୍ଗର ଅଧିକାରୀ ନୁହନ୍ତି । ତେଣୁ ଭଗବାନ କହୁଛନ୍ତି, ହେ ଅର୍ଜୁନ ! ତୁମ୍ଭେ ସମସ୍ତ ପରିସ୍ଥିତିରେ ନିଜକୁ ସମର୍ପିତ ହୋଇ ସମତାରେ ସ୍ଥିତ ରହି ଥିବା ଯୋଗୀ ହୋଇଯାଅ । ଏହା ନିଶ୍ଚିତ ଭାବରେ ତୁମ୍ଭ ପାଇଁ କଲ୍ୟାଣକର । ଯୋଗ ସିଦ୍ଧି ନିମନ୍ତେ କର୍ମଯୋଗ,କିମ୍ବା ଜ୍ଞାନଯୋଗ କି'ଧ୍ୟାନ ଯୋଗ ହେଉ , ଏହି ସମସ୍ତ ମାର୍ଗର ଅନ୍ତିମ ସ୍ଥିତି ହେଉଛି ଶ୍ରଦ୍ଧା ଓ ବିଶ୍ୱାସର ସହିତ ଭଗବାନଙ୍କୁ ସମର୍ପିତ ହୋଇ ଭଗବାନଙ୍କ ସ୍ୱରୂପ ସହିତ ଯୁକ୍ତ ହୋଇ ରହିବା । ନିଜକୁ ଭଗବାନଙ୍କୁ ସମର୍ପିତ କରିଦେବା ହେଉଛି ଭକ୍ତି ଯାହାକି ସମସ୍ତ ଯୋଗମାର୍ଗର ଅନ୍ତିମ ସ୍ଥଳ ।

**ଯୋଗିନାମପି ସର୍ବେଷାଂ ମଦ୍ ଗତେନାନ୍ତରାତ୍ମନା ।**
**ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ ସ ମେ ଯୁକ୍ତତମୋ ମତଃ ॥ ୪୭॥**

*ଅନ୍ୱୟ: ଯଃ ( ଯେ ) ଶ୍ରଦ୍ଧାବାନ୍ ( ଶ୍ରଦ୍ଧାଯୁକ୍ତ ହୋଇ ) ମଦ୍ ଗତେନାନ୍ତରାତ୍ମା ( ଅନ୍ତରାତ୍ମାକୁ ମୋରିଠାରେ ଅର୍ଥାତ୍ ଭଗବାନଙ୍କ ସହିତ ମିଶାଇ ଦେଇ ) ମାଂ ( ମୋତେ ଅର୍ଥାତ୍ ଭଗବାନଙ୍କୁ ) ଭଜତେ ( ଭଜନା କରେ ) ସଃ ( ସେ ) ସର୍ବେଷାଂ ( ସମସ୍ତ) ଯୋଗିନାମପି ( ଯୋଗୀ ମାନଙ୍କ ମଧରେ ) ଯୁକ୍ତତମଃ ( ଶ୍ରେଷ୍ଠତମ ) ମେ ( ଏହା ମୋର ) ମତଃ ( ଅଭିମତ ) ।*

**ଭାବାର୍ଥ :** ସମାଧିରେ ମନ ଲଗାଇବା ହେଉଛି ଯୋଗ । ଅନାସକ୍ତ ଭାବରେ କର୍ମ କରିବା ହେଉଛି ଯୋଗ । ଆଚାର୍ଯ୍ୟଙ୍କ ନିକଟରୁ ଜ୍ଞାନ ପ୍ରାପ୍ତକରି ଅହଂକାର ରହିତ ହେବାର ପ୍ରଚେଷ୍ଟା ମଧ ହେଉଛି ଯୋଗ । ଭଗବତ୍ ପ୍ରାପ୍ତିନିମନ୍ତେ ହୋମ, ହବନ ଆଦି ଯଜ୍ଞ କ୍ରିୟାନୁଷ୍ଠାନକାରୀ , ରୁଦ୍ର, ଆଦିତ୍ୟ, ବସୁ ଆଦି ଦେବତାଙ୍କ ଉପାସକ ମାନଙ୍କୁ ମଧ ଯୋଗୀ ନାମରେ ଭଗବାନ ଏହି ଶ୍ଳୋକରେ ସୁଚିତ କରିଛନ୍ତି । ଏହି ସମସ୍ତ ଯୋଗ ସାଧନରେ କର୍ମ ହିଁ କାରଣ ହୋଇଥାଏ । ତେଣୁ ଭଗବାନ ଆଗରୁ କହିଛନ୍ତି "ଯୋଗ କର୍ମସୁ କୌଶଳମ୍" । କର୍ମ ଅକର୍ମରେ ପରିଣତ ହୋଇ ଯୋଗ ମାର୍ଗର ଉପାସନା ବା ଭଗବାନଙ୍କର ଭଜନ ରୂପ ନେଇଥାଏ । ଭଗବାନଙ୍କୁ ଭଜନ କରିବା ଅନ୍ତଃନିହିତ ବିଷୟ । ଏହା ବାହାରକୁ ଦେଖାଇବା

କିମ୍ବା ପ୍ରଦର୍ଶନ କରାଇବାର ବସ୍ତୁ ହୋଇ ନ'ଥାଏ । ଯେ ଭଗବାନଙ୍କର ସତ୍ତା , ଗୁଣ, ପ୍ରକାଶ, ଲୀଳାକୁ ବୁଝିପାରି ତାଙ୍କର ନାମ,ମହିମା, ଶକ୍ତି, ପ୍ରଭାବ ଓ ଐଶ୍ୱର୍ଯ୍ୟକୁ ପ୍ରତ୍ୟକ୍ଷ ଦର୍ଶନ କରି, ଭଗବାନଙ୍କ ଉପରେ ପୂର୍ଣ୍ଣ ଏବଂ ଅଟଳ ବିଶ୍ୱାସ ରଖେ, ସେ ପାରମାର୍ଥିକ ମାର୍ଗରେ ଶ୍ରଦ୍ଧାବାନ୍ ପୁରୁଷ । ଯେଉଁ ଶ୍ରଦ୍ଧାବାନ ପୁରୁଷ ଅନ୍ତରାତ୍ମାକୁ ପରମାତ୍ମାଙ୍କ ସହିତ ସଂପୂର୍ଣ୍ଣ ମିଳାଇ ମୋତେ ଅର୍ଥାତ୍ ଭଗବାନଙ୍କୁ ଭଜନ କରେ, ସେ ଉପୋରକ୍ତ ସମସ୍ତ ଯୋଗୀଙ୍କ ମଧ୍ୟରେ ସର୍ବ ଶ୍ରେଷ୍ଠ । ଏହା ଭଗବାନଙ୍କର ଅଭିମତ । ଅନ୍ତରାତ୍ମାକୁ ସେହି ସର୍ବଭୂତାତ୍ମା ପରମାତ୍ମାଙ୍କ ସହିତ ଐକ୍ୟ ସ୍ଥିତିରେ, ନିର୍ବିକାର ଚିତ୍ତରେ ସମସ୍ତ ସଚରାଚରକୁ ସଗୁଣ ସାକାର ପରମାତ୍ମାଙ୍କ ସ୍ୱରୂପ ମନେକରି ସେବାଯୁକ୍ତ ହୋଇ ରହିବା ହେଉଛି "ମଦ୍ଗତେନାନ୍ତରାତ୍ମନା"। ଶ୍ରୀକୃଷ୍ଣ ଯେଉଁ "ମଦ୍ଗତେନାନ୍ତରାତ୍ମନା" ଶବ୍ଦ ବ୍ୟବହାର କରିଛନ୍ତି ତାହା ହିଁ ହେଉଛି ଯୋଗ ସିଦ୍ଧତାର ଚାବିକାଠି । ଶ୍ରଦ୍ଧା ଓ ନିଷ୍ଠାର ସହିତ ଯେ କୌଣସି ଶୁଭ କର୍ମ କିମ୍ବା ଯୋଗ ସାଧନ ରେ ସ୍ୱୟଂକୁ ଏକ ଭିନ୍ନ ଆନନ୍ଦ ଅନୁଭବ ହୁଏ । ବେଦ ମନ୍ତ୍ରରେ ଲେଖା ଅଛି " ଶ୍ରଦ୍ଧାରେ ସତ୍ୟକୁ ପ୍ରାପ୍ତି ହୁଏ " । ଏହି ସତ୍ୟ ପ୍ରାପ୍ତି ଲକ୍ଷରେ ପରମ ଶ୍ରଦ୍ଧା ଆଉ ଦୃଢ ବିଶ୍ୱାସର ସହିତ ପରମାତ୍ମାଙ୍କ ସ୍ୱରୂପରେ ଚିତ୍ତକୁ ତଲ୍ଲିନ କରି ରଖିଲେ, ଅନ୍ତଃକରଣରେ ଯେଉଁ ଆନନ୍ଦ ଯୋଗଧାରାର ପରିଣତ ପ୍ରକାଶ ହୁଏ, ତାହା ଭକ୍ତି ଯୋଗ । ଶ୍ରଦ୍ଧା, ବିଶ୍ୱାସ ଓ ସମର୍ପଣ ହେଉଛି ଭକ୍ତିର ପ୍ରତୀକ । ଭକ୍ତିଭାବ ସମସ୍ତ ଯୋଗ ସାଧନାରେ ଅନିବାର୍ଯ୍ୟ । ଅନ୍ୟ ସମସ୍ତ ଯୋଗ ସାଧକ ଶେଷକୁ ଭକ୍ତିଯୋଗ ସ୍ତରକୁ ଆସିଥାନ୍ତି । ଯୋଗାଭ୍ୟାସ କର୍ମଯୋଗରୁ ଆରମ୍ଭ ହୋଇ ଭକ୍ତି ଯୋଗରେ ଉପନୀତ ହେବା ପର୍ଯ୍ୟନ୍ତ ଆତ୍ମନୁଭୂତି ପ୍ରାପ୍ତର ଏକ ସୁଦୀର୍ଘ ସାଧନ ମାର୍ଗ । ଭକ୍ତି ଭାବ ସାଧକକୁ ଯୋଗ ମାର୍ଗରେ ପ୍ରତି ସ୍ତରରେ ଅଗ୍ରସର ହେବାକୁ ପ୍ରେରଣା ଦେଇଥାଏ । କର୍ମ,କର୍ମଫଳ ଭଗବାନଙ୍କୁ ସମର୍ପଣ କରି ଅନାସକ୍ତ ଭାବରେ କର୍ତ୍ତବ୍ୟ କର୍ମ ଅନୁଷ୍ଠାନ ଦ୍ୱାରା କର୍ମଯୋଗ ଆରମ୍ଭ ହୋଇଥାଏ । କର୍ମଯୋଗ କ୍ରମେ ବୃଦ୍ଧି ହୋଇ ଜ୍ଞାନ ଓ ବୈରାଗ୍ୟରେ ପର୍ଯ୍ୟବସିତ ହେଲେ ତାହା ଜ୍ଞାନଯୋଗ ହୁଏ । ଆସନ ପ୍ରାଣାୟମ ସାହାଯ୍ୟରେ ଶରୀର ଶୁଦ୍ଧକରି, ଗୁରୁଙ୍କ ଆଶ୍ରିତ ହୋଇ ,ଭଗବାନଙ୍କ ସମ୍ବନ୍ଧରେ ସଂଶୟମୁକ୍ତ ହେଲାପରେ, ଧ୍ୟାନରେ ପରମାତ୍ମାଙ୍କ ଲୟରେ ସମାହିତ ହେବା ସମାଧି ଯୋଗ । ଏହିପରି ଅନେକ ଯୋଗସ୍ତର ଅତିକ୍ରମକରି ଯୋଗୀ ପରିଶେଷରେ ଭକ୍ତି ଭାବରେ ହିଁ ଭଗବାନଙ୍କ ସହିତ ଯୁକ୍ତ ହୋଇ ରହିଥାଏ । ଭକ୍ତର ଯେତେବେଳେ ଏହିଭାବ ଆସିଯାଇଥାଏ କି' " ମୁଁ ଭଗବାନଙ୍କର ଓ ଭଗବାନ ମୋର" ସେତେବେଳେ ଭକ୍ତର ମନ ସ୍ୱାଭାବିକ ଭାବରେ ଭଗବାନଙ୍କ ଠାରେ ଯୁକ୍ତ ହୋଇ ରହିଯାଏ । ସଂସାରରେ ଥିବା ପର୍ଯ୍ୟନ୍ତ ସମସ୍ତ ଭୌତିକ ଓ ପାରମାର୍ଥିକ କ୍ରିୟା, ଭଗବାନଙ୍କର ଭଜନ ହୋଇଯାଏ । କେହି କେହି ବ୍ୟାଖ୍ୟାକାର ଭଗବାନ ଗୀତାରେ କହିଥିବା "ଭଜତେ" ଶବ୍ଦର ଅର୍ଥକୁ ଭଗବତ୍ ସେବା ବୋଲି ଦର୍ଶାଇଛନ୍ତି । ପ୍ରତ୍ୟେକ ଜୀବ ନିଜର ସ୍ଥିତି ଅନୁସାରେ ଅନ୍ୟର ସେବାରେ ଯୁକ୍ତ ହୋଇ ରହିବା ହେଉଛି ପରମ ପୁରୁଷ ଭଗବାନଙ୍କର ସେବା । ସଂପୂର୍ଣ୍ଣ ବନ୍ଧନ ମୁକ୍ତ ହୋଇ ସକଳ ପ୍ରାଣୀଙ୍କ ହିତରେ ରତ ହୋଇଥିବା ଯୋଗୀର ଅନ୍ତରରେ ଯେଉଁ ପରମ ଶାନ୍ତି , ପରମାନନ୍ଦର ଭଗବତ୍ ପ୍ରେମ ଉଦ୍ଭାସିତ ହୁଏ , ତାହା ହେଉଛି ଭକ୍ତି ରସ । ତାହାକୁ ପାନ କରି ଯୋଗୀ କୃତ୍ୟ କୃତ୍ୟ ହୋଇଥାଏ । ଗୀତାର ପ୍ରଥମ ଅଧ୍ୟାୟ ଅର୍ଜୁନଙ୍କର ବିଷାଦ ଯୋଗରୁ ଆରମ୍ଭ ହୋଇ ଷଷ୍ଠ ଅଧ୍ୟାୟ ପର୍ଯ୍ୟନ୍ତ କର୍ମ ତତ୍ତ୍ୱ ଉପରେ ଆଧାରିତ । ପରବର୍ତ୍ତୀ ସପ୍ତମ ଅଧ୍ୟାୟ ଠାରୁ ଦ୍ୱାଦଶ ଅଧ୍ୟାୟ ଭକ୍ତି ଓ ଶେଷ

ତ୍ରୟୋଦଶ ଅଧ୍ୟାୟ ଠାରୁ ଅଷ୍ଟାଦଶ ଅଧ୍ୟାୟ ଜ୍ଞାନର ପରାକାଷ୍ଠା ସମ୍ବନ୍ଧରେ ଭଗବାନ କହିଛନ୍ତି । ଏହି ଷଷ୍ଠ ଅଧ୍ୟାୟର ଉପସଂହାର କରି ସପ୍ତମ ଅଧ୍ୟାୟ ଆରମ୍ଭରେ ଭକ୍ତି ପ୍ରସଙ୍ଗକୁ ଉତ୍ଥାପନ କରିବା ନିମନ୍ତେ ଏହି ଶେଷ ଶ୍ଲୋକରେ ଭଗବାନ ଭକ୍ତିର ଶ୍ରେଷ୍ଠତାକୁ ପ୍ରତିପାଦିତ କରିଛନ୍ତି । ପ୍ରତ୍ୟେକ ସାଧନାର ଆରମ୍ଭରେ ଭକ୍ତି ଶ୍ରଦ୍ଧା ଓ ବିଶ୍ୱାସ ରୂପରେ ଥାଏ ଏବଂ ସାଧନାର ପୂର୍ଣ୍ଣତାରେ ତାହା ଯୋଗୀ ନିକଟରେ ସମର୍ପଣଭାବର ରୂପ ନେଇଥାଏ । ସାଧନାର ପରିଶେଷରେ ଭକ୍ତି ପ୍ରତିକ୍ଷଣ ପ୍ରେମ ରୂପରେ ଭକ୍ତଠାରେ ଦେଖିବାକୁମିଳେ । ଆତ୍ମ ସଂଯମ ଅର୍ଥାତ୍ ମନକୁ ସଂଯମ କଲେ ଧ୍ୟାନ ଯୋଗୀକୁ ଯୋଗ ଅର୍ଥାତ୍ ସମତା ପ୍ରାପ୍ତ ହୁଏ । ତେଣୁ ଏହି ଅଧ୍ୟାୟର ନାମ "ଆତ୍ମା ସଂଯମ" କୁହାଯାଇଛି । ଯେ କୌଣସି ସାଧନ ଅବଲମ୍ବନ କଲେ ମଧ୍ୟ ଅନ୍ତଃକରଣରେ ସମତା ଆସିବା ନିତାନ୍ତ ଆବଶ୍ୟକ । ସମତା ନ'ଆସିବା ପର୍ଯ୍ୟନ୍ତ ମନୁଷ୍ୟ ସଂପୂର୍ଣ୍ଣ ନିର୍ବିକାର ହେବା ଅସମ୍ଭବ ।

**ଓଁ ତତ୍ସଦିତି ଶ୍ରୀମଭଗବଦ୍ ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ**
**ଶ୍ରୀକୃଷ୍ଣାର୍ଜୁନସଂବାଦେ ଆତ୍ମସଂଯମଯୋଗୋ ନାମ ଷଷ୍ଠୋଅଧ୍ୟାୟଃ ॥୬ ॥**

ଏହି ପ୍ରକାରେ "ଓଁ,ତତ୍ ,ସତ୍" – ଏହି ଭଗବାନ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗୋଶାସ୍ତ୍ରମୟ ଶ୍ରୀମଭଗବଦ୍ ଗୀତୋପନିଷଦ୍ ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ "ଆତ୍ମସଂଯମଯୋଗୋ" ନାମକ ଷଷ୍ଠ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୬॥

ଓଁ ଓଁ ଓଁ ଓଁ ଓଁ ଓଁ

ବିଶେଷ ଦ୍ରଷ୍ଟବ୍ୟ : ଗୀତାର ଶ୍ଳୋକ ମାନଙ୍କର ଭାବାର୍ଥ ବର୍ଣ୍ଣନରେ କେତେକ ସ୍ଥାନରେ ନିମ୍ନ ସୁଚିତ ମାନ୍ୟସ୍ୱଦ ବ୍ୟାଖ୍ୟାକାରଙ୍କ ଦ୍ୱାରା ସଂକଳିତ ଗୀତା ଗ୍ରନ୍ଥ ଓ ପ୍ରବଚନ ମାଳାରୁ ମାର୍ମିକ ଅର୍ଥବୋଧ ଉକ୍ତି ଓ ଉଦାହରଣକୁ ଓଡିଆ ଭାଷାରେ ଅନୁବାଦ ଓ ସରଳୀକରଣ କରି ସାଧକଙ୍କ ତଥା ଭଗବଦ୍ ପ୍ରେମୀଙ୍କ ଉପଯୋଗ ନିମନ୍ତେ ଉପସ୍ଥାପନ କରାଯାଇଛି । ସେହି ପୂଜ୍ୟ ମହାତ୍ମା ମାନଙ୍କ ପାଦତଳେ କୋଟି କୋଟି ପ୍ରଣାମ କରି ଆଶୀର୍ବାଦ ଭିକ୍ଷା କରୁଛି ।

| କ୍ର ନଂ | ଗ୍ରନ୍ଥର ନାମ | ଟୀକାକାର | ମୂଳ ଭାଷା |
|---|---|---|---|
| ୧ | ଶ୍ରୀମଦ୍ ଭଗବଦ୍ ଗୀତା | ସ୍ୱାମୀ ଅପୂର୍ବାନନ୍ଦ | ହିନ୍ଦୀ (ଓଡିଆ ଅନୁବାଦ ସଂସ୍କରଣ) |
| ୨ | ଶ୍ରୀମଦ୍ ଭଗବଦ୍ ଗୀତା ଅଷ୍ଟାଦଶାହ ପ୍ରବଚନ | ଶ୍ରୀମତ୍ ସ୍ୱାମୀ ବିଦ୍ୟାନନ୍ଦଗିରି , କୈଳାଶ ଆଶ୍ରମ | ହିନ୍ଦୀ |
| ୩ | ଶ୍ରୀମଦ୍ ଭଗବଦ୍ ଗୀତା ସାଧକ ସଞ୍ଜିବନୀ ଟୀକା | ସ୍ୱାମୀ ରାମସୁଖଦାସ | ହିନ୍ଦୀ (ଓଡିଆ ଅନୁବାଦ ସଂସ୍କରଣ ) |
| ୪ | ଶ୍ରୀମଦ୍ ଭଗବଦ୍ ଗୀତା ତତ୍ତ୍ୱ ବିବେଚନୀ | ଜୟଦୟାଲ ଗୋୟାନ୍ଦକା | ହିନ୍ଦୀ |
| ୫ | ଗୀତା ପ୍ରବଚନ (ଗୀତା ବ୍ୟାଖ୍ୟାନ ମାଳା) | ମହାମହୋପାଧ୍ୟାୟ ପଣ୍ଡିତ ଗିରିଧାରୀ ଶର୍ମା | ହିନ୍ଦୀ |
| ୬ | ଗୀତା ଦର୍ଶନ | ସ୍ୱାମୀ ଶ୍ରୀ ଅଖଣ୍ଡାନନ୍ଦ ସରସ୍ୱତୀ | ହିନ୍ଦୀ |
| 7 | ଶ୍ରୀମଦ୍ ଭଗବଦ୍ ଗୀତା (ଯଥାର୍ଥ ଗୀତା) | ସ୍ୱାମୀ ଅଡଗାନନ୍ଦଜୀ ମହାରାଜ | ହିନ୍ଦୀ |
| ୮ | ଶ୍ରୀ ଗୀତା ରସ- ରତ୍ନାକର | ସ୍ୱାମୀ ଶ୍ରୀ ଅଖଣ୍ଡାନନ୍ଦ ସରସ୍ୱତୀ | ହିନ୍ଦୀ |
| ୯ | ଗୀତା ରହସ୍ୟ | ବାଲ୍ ଗଙ୍ଗାଧର ତିଳକ | ମାରାଠି ଭାଷାର ହିନ୍ଦୀ ଅନୁବାଦ |
| ୧୦ | ଶ୍ରୀମଦ୍ ଭଗବଦ୍ ଗୀତା (ମୌଳିକ ରୂପରେ) | କୃଷ୍ଣକୃପା ଶ୍ରୀ ମୂର୍ତ୍ତି ଏ ସି ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦ | ଇଂରାଜୀ ଭାଷାର ଓଡିଆ ଅନୁବାଦ |
| ୧୧ | ହୋଲି ଗୀତା | ସ୍ୱାମୀ ଚିନ୍ମୟାନନ୍ଦ ସରସ୍ୱତୀ | ଇଂରାଜୀ |
| ୧୨ | ଭଗବଦ୍ ଗୀତା | ସ୍ୱାମୀ ଶିବାନନ୍ଦ ମହାରାଜ | ଇଂରାଜୀ |
| ୧୩ | " ଦି ଭଗବଦ୍ ଗୀତା " | ମୋହନଦାସ କରମ ଚାନ୍ଦ ଗାନ୍ଧୀ | ଇଂରାଜୀ |

| | | | |
|---|---|---|---|
| ୧୪ | ଭଗବଦ୍ ଗୀତା (ଶଙ୍କର ଭାଷ୍ୟ) | ସ୍ୱାମୀ ଗମ୍ଭୀରାନନ୍ଦଜୀ | ମୂଳ ସଂସ୍କୃତ ଭାଷାର ଇଁରାଜି ଅନୁବାଦ |
| ୧୫ | ଭଗବଦ୍ ରାମାନୁଚାର୍ଯଙ୍କ ଗୀତା ଭାଷ୍ୟ | ସମ୍ପାଦନା : ଭି ଭେ ଶ୍ରୀ ରାମରାମାନୁଜ ଆଚାର୍ଜ | ମୂଳ ସଂସ୍କୃତ ଭାଷାର ଇଁରାଜି ଅନୁବାଦ |
| ୧୬ | ଭଗବଦ୍ ଗୀତା | ସ୍ୱାମୀ ନିଖିଳାନନ୍ଦ | ମୂଳ ସଂସ୍କୃତ ଭାଷାର ଇଁରାଜି ଅନୁବାଦ |
| ୧୭ | ଶ୍ରୀମଦ୍ ଭଗବଦ୍ଗୀତା | ସ୍ୱାମୀ ଚିଭାବାନନ୍ଦ | ମୁଳଭାଷା : ଇଂରାଜୀ |
| ୧୮ | ଦି ଏସେନ୍ସ ଆଫ୍ ଭଗବଦ୍ ଗୀତା | ପରମହଂସ ଯୋଗନନ୍ଦ ( ସଂଗ୍ରାହକ: ସ୍ୱାମୀ କ୍ରିୟାନନ୍ଦ) | ମୁଳଭାଷା : ଇଂରାଜୀ |
| ୧୯ | ଭଗବଦ୍ ଗୀତା ଭାଷ୍ୟ | ଶ୍ରୀ ମାଧବାର୍ଯ୍ୟ ( ଅନୁବାଦକ : ଡା: ବି ଏନ୍ କେ ଶର୍ମା । | ମୂଳ ଭାଷା: ସଂସ୍କୃତ ଇଂରାଜୀ ଅନୁବାଦ |
| ୨୦ | ଟାକ୍ ଅନ୍ ଗୀତା | ବିନୋବା | ମରାଠି ଭାଷାର ଇଂରାଜୀ ଅନୁବାଦ |


“ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟମ୍” ଦ୍ୱିତୀୟ ଖଣ୍ଡ ( ଭକ୍ତି ତତ୍ତ୍ୱ ) ପ୍ରସ୍ତୁତିର ପ୍ରୟାସ ଜାରି ରହିଛି । ଭଗବାନଙ୍କର ଅପାରକରୁଣା ଏବଂ କୃପା ହେଲେ, ତାହା ପୂର୍ଣ୍ଣାଙ୍ଗ ହୋଇ ସଂସାର କଲ୍ୟାଣରେ ଉପଯୋଗ ହେବ । ଭଗବାନଙ୍କର ଇଚ୍ଛା ପୂରଣ ହେଉ । ସଂସାରର ସର୍ବ ମଙ୍ଗଳ ହେଉ ।

ପୁସ୍ତକଟିର ମୁଦ୍ରଣରେ ବନ୍ଧୁ ଶ୍ରୀ ପ୍ରତାପ ଚନ୍ଦ୍ର ପାତ୍ରଙ୍କ ସହଯୋଗ ନିମନ୍ତେ ଧନ୍ୟବାଦ ସହ ତାଙ୍କରି ଅଭିଷ୍ଟ ପୂର୍ଣ୍ଣ ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା ।

ଓଁ ଓଁ ଓଁ ଓଁ ଓଁ ଓଁ ଓଁ

## GMR CONCEPT GMR

***G –MAX GOLD MAN RESORT*** *(G-MAX GMR) is a finest hassle free retirement Resort having individual Living Units for active and productive luxurious living for SENIOR CITIZENS. It is first in Odisha gives you the right to live for as long as you wish and enjoys all the amenities and special care programmers. Relieve yourself from various compelled pain taking activities like cooking, housekeeping and botheration for medical support at the later part of the life. Loneliness is the biggest problem of life. A life that has been busy in various activities all the time cannot take the pain of becoming idle all of a sudden. Our carefully researched and handpicked activities giveyou an opportunity to reconnect your lost passions and explore new vision to bring value in life.*




## G-MAX GMR ENSURES FIVE COMPONENTS

INDEPENDENT

Be a Residence of GMR one can maintain a Healthy & Lovely Relationship with own kids & kith & keen of your own family. Besides this one can feel proud to be a member of GMR.

PURITY

Purity of Food, water, Air, Thought, Speech & Action enhances Longitivity , Happiness in Life & achieve fulfillment of unfulfilled desires..


INTERACTIVE


Many times team spirit & Interactions of same age group overcomes lethargic & " procrastination is the thief of time" to win over physical , mental & emotional negativity factors.

ACTIVITY

DIGINITY

Be a Residence of GMR there will be no fear of confinement Life of flat urban culture which is full of hussy , dust hurry curry polluted environment.





GMR GMR GMR
G-MAX
GOLDMAN RESORT
( Senior Citizen's Dream Village )
YES DAWN....
Now Hope of Light
Brightens into Reality...
Sri Pratap Ch. Patro (M.B.A) CHAIRMAN.
YOGA TEACHER (AOL) THE ART OF LIVING
City Office :
CONTACT Gandhinagar, Main Road, Gandhi Chowk
GMR Campus :
Main Road , N.H-16,Kanisi, Berhampur Odisha
: WWW.GMRGMAX.COM : gmrgmax@gmail.com
: 8895717009 , 9437065767 , 8763749054
G-MAX
BERHAMPUR CITY
Panchama Temple
Vairabhi Temple
KM from G-MAX
1. From Bam. City - 4 Km
2. Railway Station - 6 Km
3. Konisi Hata - 200 mtr
4. Panchama - 4 km
5. Vairabhi - 16 km
6. Gopalpur Beach - 21 km
7. Sonepur Beach - 16 km
KANISI HATA
Gopalpur Beach
Sonepur Beach
LOCATION MAP
'SHAPE & SAFE LIVING PEACE & HAPPINESS FOLLOWS'